# ସୂଚୀପତ୍ର


ଲେଖକଙ୍କଠାରୁ ଗୋଟିଏ ଶବ୍ଦ : କିପରି ଏହି ଟୀକ୍‌କା ଆପଣଙ୍କୁ ସାହାଯ୍ୟ କରିପାରେ ........................................ I

ଉତ୍ତମ ବାଇବଲ ଅଧ୍ୟୟନ ନିମନ୍ତେ ଏକ ମାର୍ଗଦର୍ଶକ : ପ୍ରମାଣିତ କରୁଥିବା ସତ୍ୟ ନିମନ୍ତେ ଏକ ବ୍ୟକ୍ତିଗତ ଅନୁସନ୍ଧାନ.............. V

ଟୀକ୍‌କା ;

ଯୋହନ ରଚିତ ସୁସମାଚାରର ପ୍ରସ୍ତାବନା........................................ 1

ଯୋହନ. ୧ ........................................ 8

ଯୋହନ. ୨ ........................................ 39

ଯୋହନ. ୩........................................ 52

ଯୋହନ. ୪ ........................................ 73

ଯୋହନ. ୫ ........................................ 93

ଯୋହନ. ୬........................................ 109

ଯୋହନ. ୭ ........................................ 138

ଯୋହନ. ୮ ........................................ 150

ଯୋହନ. ୯ ........................................ 165

ଯୋହନ. ୧୦ ........................................ 173

ଯୋହନ. ୧୧ ........................................ 183

ଯୋହନ. ୧୨ ........................................ 197

ଯୋହନ. ୧୩........................................ 213

ଯୋହନ. ୧୪ ........................................ 224

ଯୋହନ. ୧୫ ........................................ 243

ଯୋହନ. ୧୬........................................ 252

ଯୋହନ. ୧୭ ........................................ 262

ଯୋହନ. ୧୮ ........................................ 275

ଯୋହନ. ୧୯ ........................................ 290

ଯୋହନ. ୨୦ ........................................ 304

ଯୋହନ. ୨୧ ........................................ 315

**ଯୋହଙ୍କ ପ୍ରଥମ ପତ୍ରର ପ୍ରସ୍ତାବନା........................................322**

୧ ଯୋହନ. ୧ ........................................ 327

୧ ଯୋହନ. ୨ ........................................ 338

୧ ଯୋହନ. ୩........................................ 357

୧ ଯୋହନ. ୪ ........................................ 378

୧ ଯୋହନ. ୫ ........................................ 388

ଯୋହନଙ୍କ ଦ୍ୱିତୀୟ ପତ୍ର ........................................ 403

ଯୋହନଙ୍କ ତୃତୀୟ ପତ୍ର ........................................ 410

ପରିଶିଷ୍ଟ ଏକ : ଗ୍ରୀକ୍ ବ୍ୟାକରଣ ଗଠନର ସଂକ୍ଷିପ୍ତ ସଂଜ୍ଞା ........................................ 418

ପରିଶିଷ୍ଟ ଦୁଇ : ପ୍ରାସଙ୍ଗିକ ସମାଲୋଚନା........................................ 426

ପରିଶିଷ୍ଟ ତିନି : ସ୍ୱତନ୍ତ୍ର ଶବ୍ଦାର୍ଥର ତାଲିକା ........................................ 429

ପରିଶିଷ୍ଟ ଚାରି : ମତବାଦ ବିବରଣ ........................................ 438

# ଯୋହନଙ୍କ ଲିଖନି

## ସୂଚୀପତ୍ରର ବିଶେଷ ଶୀର୍ଷ


ଆରମ୍ଭ, ଯୋହନ. ୧:୧ .......... 10
ପ୍ରଭୁଙ୍କର ସ୍ୱର୍ଗଦୂତ, ଯୋହନ. ୧:୫ .......... 12
ବିଶ୍ୱାସ, ଭରସା, ଯୋହନ. ୧:୭ .......... 14
ଯୀଶୁଙ୍କ ପ୍ରତି ସାକ୍ଷ୍ୟ, ଯୋହନ. ୧:୮ .......... 15
ଜାଣିବା ଯୋହନ. ୧:୧୦ .......... 16
ଶରୀର, ଯୋହନ. ୧:୧୪ .......... 17
ମହୀମା, ଯୋହନ. ୧:୧୪ .......... 19
ପ୍ରେମ ଅନୁଗ୍ରହ, ଯୋହନ. ୧:୧୪ .......... 20
ପୁରାତନ ନିୟମରେ ବିଶ୍ୱାସ, ଭରସା, ବିଶ୍ୱାସ ଓ ବିଶ୍ୱସ୍ଥତା, ଯୋହନ. ୧:୧୪ .......... 20
ମୋଶାଙ୍କ ବ୍ୟବସ୍ଥା ପ୍ରତି ପାଉଲଙ୍କ ମତ, ଯୋହନ ୧:୧୭ .......... 24
ଫାରୁଶୀ, ଯୋହନ ୧:୨୪ .......... 28
ପ୍ରେରିତଙ୍କ ନାମ ତାଲିକା, ଯୋହନ ୧:୪୫ .......... 34
ନାଜରିତୀୟ ଯିଶୁ, ଯୋହନ ୧:୪୫ .......... 34
ଆମେନ୍, ଯୋହନ ୧:୫୧ .......... 36
ନୂତନ ସ୍ୱର୍ଗ, ଯୋହନ ୧:୫୧ .......... 37
ଦ୍ରାକ୍ଷାରସ ଏବଂ ଗୁରୁପାନ, ଯୋହନ ୨:୩ .......... 41
ଆନିସେଷ୍ଟ ନିଅର ଇଷ୍ଟର୍ନର ମାପ ଏବଂ ପରିମାଣ, ଯୋହନ ୨:୬ .......... 44
ନିସ୍ତାର ପର୍ବ, ଯୋହନ ୨:୧୩ .......... 47
ଯୋହନଙ୍କ "ବିଶ୍ୱାସ" ଶବ୍ଦର ପ୍ରୟୋଗ, ଯୋହନ ୨:୨୩, ୮:୨୪, ୧୧:୨୭ .......... 50
ମହାସଭା, ଯୋହନ ୩:୧ .......... 53
ଈଶ୍ୱରଙ୍କ ରାଜ୍ୟ, ଯୋହନ ୩:୩ .......... 56
ଶ୍ୱାସ, ବାୟୁ, ଆତ୍ମା, ଯୋହନ ୩:୮ .......... 58
ଈଶ୍ୱରଙ୍କ ବିବରଣ ନିମନ୍ତେ ବ୍ୟବହୃତ ମାନବିୟ ଭାଷା ଯୋହନ ୩:୧୬ .......... 61
ପୂର୍ବ ନିର୍ଦ୍ଦିଷ୍ଟ (କାଲଭିନ୍ ବାଦ) ବନାମ ମାନବ ସ୍ୱତନ୍ତ୍ର (ଆର୍ମିନ୍ବାଦ), ଯୋହନ ୩:୧୬ .......... 62
ମୁଦ୍ରାଙ୍କନ, ଯୋହନ ୩:୩୩ .......... 70
ଜାତିବାଦ, ଯୋହନ ୪:୪ .......... 75
ପୁରାତନ ନିୟମ ଭାବବାଣୀ, ଯୋହନ ୪:୧୯ .......... 80
ନୂତନ ନିୟମ ଭାବବାଣୀ, ଯୋହନ ୪:୧୯ .......... 83
ପିତା, ଯୋହନ ୪:୨୩ .......... 86
ମସୀହ, ଯୋହନ ୪:୨୫ .......... 87
ଈଶ୍ୱରଙ୍କ ଇଚ୍ଛା, ଯୋହନ ୪:୩୪ .......... 88
ସୁସ୍ଥତା, ଯୋହନ ୫:୧୪ .......... 97
କ୍ଷମା ଅଯୋଗ୍ୟ ପାପ, ଯୋହନ ୫:୨୧ .......... 100
ପ୍ରେରଣ, ଯୋହନ ୫:୨୪ .......... 101
ସମୟ, ଯୋହନ ୫:୨୫ .......... 102
ଆଦ୍ୟ ମଣ୍ଡଳୀର ସାକ୍ଷ୍ୟ, ଯୋହନ ୫:୩୯ .......... 106
ଯୀଶୁଙ୍କ ସମୟରେ ପଲେଷ୍ଟିନ୍‌ରେ ବ୍ୟବହୃତ ମୁଦ୍ରା, ଯୋହନ ୬:୭ .......... 112
ବାରର ଗଣନା, ଯୋହନ ୬:୧୩ .......... 114
ଈଶ୍ୱରଙ୍କ ନିମନ୍ତେ ନାମ, ଯୋହନ ୬:୨୦ .......... 115
ଖ୍ରୀଷ୍ଟିୟାନ ନିଶ୍ଚିନ୍ତତା, ଯୋହନ ୬:୩୭ .......... 123

ସତ୍ୟ, ଯୋହନ ୬:୫୫ ........ 128
ଅନନ୍ତ, ଯୋହନ ୬:୫୮ ........ 129
ସ୍ୱର୍ଗାରୋହଣ, ଯୋହନ ୬:୬୩ ........ 132
ଆତ୍ମା, ଯୋହନ ୬:୬୩ ........ 133
ଧର୍ମ ପରିତ୍ୟାଗ, ଯୋହନ ୬:୬୪ ........ 134
ସାହସ, ଯୋହନ ୭:୧୪ ........ 140
ପ୍ରେତ, ଯୋହନ ୭:୨୦ ........ 143
ପରିଶ୍ରମର ଆବଶ୍ୟକ, ଯୋହନ ୮:୩୧ ........ 157
ନୈଷ୍ଠିକବାଦ, ଯୋହନ ୮:୪୦ ........ 160
ଉଦ୍ଧାର ନିମନ୍ତେ ଗ୍ରୀକ୍ କ୍ରିୟାକାଳ, ଯୋହନ ୯:୭ ........ 167
ପାପସ୍ୱୀକାର, ଯୋହନ ୯:୨୨-୨୩ ........ 169
ବିନାଶ, ଯୋହନ ୧୦:୧୦ ........ 175
ବାଇବଲରେ ଅଭିଷେକ, ଯୋହନ ୧୧:୨ ........ 185
ଧର୍ମବିଧିରେ ଦୁଃଖ, ଯୋହନ ୧୧:୨୦ ........ 188
ବାଇବଲରେ ସ୍ତ୍ରୀମାନେ, ଯୋହନ ୧୧:୨୮ ........ 189
ସମାଧି ପାଳନ, ଯୋହନ ୧୧:୪୪ ........ 193
ବ୍ୟକ୍ତିଗତ ମନ୍ଦତା, ଯୋହନ ୧୨:୩୧ ........ 206
ସ୍ୱର୍ଗରେ ଯୁଦ୍ଧ, ଯୋହନ ୧୨:୩୧ ........ 207
ହୃଦୟ, ଯୋହନ ୧୨:୪୦ ........ 210
ଯୋହନଙ୍କ ଲେଖାରେ "ଆଜ୍ଞା"ର ପ୍ରୟୋଗ, ଯୋହନ ୧୨:୫୦ ........ 211
ପ୍ରଥମ ଶତାବ୍ଦି ଯିହୁଦି ଧର୍ମରେ ନିସ୍ତାର ସେବାର ବ୍ୟବସ୍ଥା, ଯୋହନ ୧୩:୨ ........ 216
ଇଷ୍କାରିୟୋତୀୟ, ଯୋହନ ୧୩:୨୬ ........ 220
ମୃତ କେଉଁଠାରେ ? ଯୋହନ ୧୪:୩ ........ 227
ଫଳପ୍ରଦ ପ୍ରାର୍ଥନା, ଯୋହନ ୧୪:୧୩-୧୪ ........ 232
ପ୍ରଭୁଙ୍କର ନାମ, ଯୋହନ ୧୪:୧୪ ........ 233
ଯୀଶୁ ଏବଂ ଆତ୍ମା, ଯୋହନ ୧୪:୧୬ ........ 234
କୋସ୍‌ମୋ (ପୃଥିବୀ), ଯୋହନ ୧୪:୧୭ ........ 235
ସେହିଦିନ, ଯୋହନ ୧୪:୨୦ ........ 237
ତ୍ରିଏକ, ଯୋହନ ୧୪:୨୬ ........ 238
ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱତା, ଯୋହନ ୧୪:୨୬ ........ 240
ଶାନ୍ତି, ଯୋହନ ୧୪:୨୭ ........ 241
ଅଗ୍ନି, ଯୋହନ ୧୫:୬ ........ 246
ଆଲୋକନ, ଯୋହନ ୧୬:୧୩ ........ 256
ନିଯୁକ୍ତି, ଯୋହନ ୧୭:୨ ........ 264
ଯୋହନଙ୍କ ଲେଖାରେ "ସତ୍ୟ", ଯୋହନ ୧୭:୩ ........ 266
ପବିତ୍ର, ଯୋହନ ୧୭:୧୧ ........ 269
ମନୋନୀତ / ପୂର୍ବ ନିର୍ଦ୍ଦିଷ୍ଟ ଏବଂ ଧର୍ମଶାସ୍ତ୍ରୀୟ ସମାନତା ନିମନ୍ତେ ଆବଶ୍ୟକ, ଯୋହନ ୧୮:୨ ........ 278
ନାଜରିତୀୟ ଯୀଶୁ, ଯୋହନ ୧୮:୫ ........ 279
ପ୍ରାସାଦ ରକ୍ଷକ, ଯୋହନ ୧୮:୨୮ ........ 285
ପନ୍ତିଅ ପୀଲାତ, ଯୋହନ ୧୮:୨୯ ........ 286
ସ୍ତ୍ରୀ ଯିଏ ଯୀଶୁଙ୍କର ଅନୁଗମନ କଲା, ଯୋହନ ୧୯:୨୫ ........ 298
ଗନ୍ଧରସ, ଯୋହନ ୧୯:୩୯ ........ 302
ଯୀଶୁଙ୍କ ପୁନରୁଥାନ ପରର ପ୍ରକାଶମାନ, ଯୋହନ ୨୦:୧୬ ........ 308

ଙ୍କଠାରୁ (ତୁପୋ), ଯୋହନ ୨୦:୨୫ ........ 312
ଯୋହନ ୧ପର୍ବ, ୧ ଯୋହନ ୧ ସହିତ ତୁଳନା, ୧ ଯୋହନ ୧:୧ ........ 330
କୋଇନୋନିଆ, ୧ ଯୋହନ ୧:୧୩ ........ 331
ଯୋହନଙ୍କ ଲେଖାରେ "ଲାଗି ରହିବା", ୧ ଯୋହନ ୨:୧୦ ........ 344
ଜାଣିବା, ୧ ଯୋହନ ୨:୧୩ ........ 346
ମଣିଷ ସରକାର, ୧ ଯୋହନ ୨:୧୫ ........ 348
ଏହି ଯୁଗ ଏବଂ ଆଗାମୀ ଯୁଗ, ୧ ଯୋହନ ୨:୧୭ ........ 350
ପବିତ୍ର ବ୍ୟକ୍ତି, ୧ ଯୋହନ ୨:୨୦ ........ 353
ଖ୍ରୀଷ୍ଟଙ୍କ ପୁନରାଗମନରେ ବ୍ୟବହାରିତ ବିଷୟ, ୧ ଯୋହନ ୨:୨୮ ........ 359
ଧାର୍ମିକତା, ୧ ଯୋହନ ୨:୨୯ ........ 361
ପରିତ୍ରାଣ ନିମନ୍ତେ ନୂତନ ନିୟମର ପ୍ରମାଣ, ୧ ଯୋହନ ୩:୧ ........ 364
ସୂଚୀକରଣ, ୧ ଯୋହନ ୩:୫ ........ 368
ଈଶ୍ୱରଙ୍କ ପୁତ୍ର, ୧ ଯୋହନ ୩:୮ ........ 369
ପ୍ରାର୍ଥନା, ଅସୀମିତି ତଥାପି ସୀମିତ, ୧ ଯୋହନ ୩:୨୨ ........ 374
କଣ ଖ୍ରୀଷ୍ଟିଆନମାନେ ପରସ୍ପରକୁ ନ୍ୟାୟ କରିବା ଉଚିତ ? ୧ ଯୋହନ ୪:୧ ........ 380
"ପରୀକ୍ଷା" ନିମନ୍ତେ ଗ୍ରୀକ୍ ଶବ୍ଦ ଏବଂ ସେମାନଙ୍କ ଗୁଣାର୍ଥସୂଚକ, ୧ ଯୋହନ ୪:୧ ........ 380
ବୋବ୍‌ଙ୍କ ସୁସମାଚାରିୟ ପକ୍ଷ, ୧ ଯୋହନ ୪:୧୫ ........ 386
ଦୃଢ଼ ନିଶ୍ଚିନ୍ତତା, ୧ ଯୋହନ ୫:୧୩ ........ 393
ମଧ୍ୟସ୍ଥି ପ୍ରାର୍ଥନା, ୧ ଯୋହନ ୫:୧୪ ........ 395
ମୃତ୍ୟୁଜନକ ପାପ କଣ ? ୧ ଯୋହନ ୫:୧୬ ........ 398
ପ୍ରାଚୀନ, ୨ ଯୋହନ ପଦ ୫ ........ 404
ମଣ୍ଡଳୀ (ଇକ୍ଳେସିଆ), ୩ ଯୋହନ ପଦ ୬ ........ 413

## ଲେଖକଙ୍କଠାରୁ ଗୋଟିଏ ଶବ୍ଦ : ଏହି ଟୀକ୍‌କା କେଉଁ ପ୍ରକାରେ ଆପଣଙ୍କର ସହାୟତା କରିପାରେ ?

ବାଇବଲିୟ ଅନୁବାଦ ଏକ ବୁଦ୍ଧି ସଙ୍ଗତ ଓ ଆତ୍ମୀକ ପ୍ରକ୍ରିୟା ଅଟେ ଯାହା ପ୍ରାଚୀନ ପ୍ରେରଣା ପ୍ରାପ୍ତ ଲେଖକଙ୍କୁ ଏହି ପ୍ରକାରେ ବୁଝିବାରେ ପ୍ରୟାସ କରିଥାଏ । ଯାହା ଈଶ୍ୱରଙ୍କ ସନ୍ଦେସ ଆଜିର ଦିନରେ ବୁଝାଯିବ ଓ ଲାଗୁ କରାଯିବ ।

ଆତ୍ମୀକ ପ୍ରକ୍ରିୟା ବହୁତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏହାକୁ ବର୍ଣ୍ଣନା କରିବା କଠିନ ଅଟେ । ଏଥିରେ ଈଶ୍ୱରଙ୍କ ଶରଣାଗତ ହେବା ଏକ ଈଶ୍ୱରଙ୍କ ପ୍ରତି ଉନ୍ମୁକ୍ତ ହେବା ଆବଶ୍ୟକ ଅଟେ । କ୍ଷୁଦିତ ହେବା ଆବଶ୍ୟକ (୧) ଈଶ୍ୱରଙ୍କ ନିମନ୍ତେ, (୨) ତାହାଙ୍କୁ ଜାଣିବା ନିମନ୍ତେ, (୩) ତାହାଙ୍କ ସେବା କରିବା ନିମନ୍ତେ । ଏହି ପ୍ରକ୍ରିୟାରେ ପ୍ରାର୍ଥନା, ପାପ ସ୍ୱୀକାର କରିବା ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ହେବା ସଂଲଗ୍ନ ଅଟେ । ଅନୁବାଦ ପ୍ରକ୍ରିୟାରେ ପବିତ୍ର ଆତ୍ମା ଗୁରୁତ୍ୱପୂର୍ଣ୍ଣ ଅଟନ୍ତି କିନ୍ତୁ ସଙ୍କୋଚ ଓ ଈଶ୍ୱରୀୟ ଖ୍ରୀଷ୍ଟିୟାନମାନେ କିପରି ବାଇବଲକୁ ଭିନ୍ନ ରୂପରେ ବୁଝୁଛନ୍ତି ଏହା ଏକ ରହସ୍ୟ ଅଟେ ।

ବୁଦ୍ଧି ସଙ୍ଗତ ପ୍ରକ୍ରିୟାର ବର୍ଣ୍ଣନା କରିବା ସହଜ ଅଟେ । ଆମ୍ଭମାନଙ୍କୁ ମୂଳପାଠରେ ହିଁ ସ୍ଥିର ରହିବା ଆବଶ୍ୟକ ଅଟେ ଏବଂ ବିନା ପକ୍ଷପାତରେ ଓ ଆପଣାର ବ୍ୟକ୍ତିଗତ କିମ୍ୱା ମଣ୍ଡଳୀୟ ପୃଷ୍ଠଭୂମିରେ ପ୍ରଭାବିତ ହେବା ଆବଶ୍ୟକ ନୁହେଁ । ଆମେ ସମସ୍ତେ ଐତିହାସିକ ରୂପେ ସସର୍ତ୍ତ ଅଟୁ । ଆମ୍ଭମାନଙ୍କ ମଧ୍ୟରୁ କେହି ହେଲେ ମନରୁ ବାହାର କିମ୍ୱା ସ୍ୱତନ୍ତ୍ର ଅନୁବାଦକ ନହୁଁ । ଏହି ଟୀକ୍‌କା ଅନୁବାଦର ତିନି ସିଦ୍ଧାନ୍ତ ସହିତ ବିଦ୍ଧିସଙ୍ଗତ ପ୍ରକ୍ରିୟାକୁ ସାବଧାନରେ ପ୍ରୟୋଗ କରିବା କାର୍ଯ୍ୟକୁ ପ୍ରସ୍ତୁତ କରେ ଯାହାଦ୍ୱାରା ଆମେ ଆମର ପୃଷ୍ଠଭୂମିରେ ବିଜୟ ପାଇପାରୁ ।

**ପ୍ରଥମ ସିଦ୍ଧାନ୍ତ :**

ପ୍ରଥମ ସିଦ୍ଧାନ୍ତ ବାଇବଲିୟ ପୁସ୍ତକ କେଉଁ ଐତିହାସିକ ଘଟଣା ସମୟରେ ଲେଖାଗଲା ତାହାକୁ ଲେଖନ୍ତୁ ଏବଂ କେଉଁ ଐତିହାସିକ ଘଟଣା ହେତୁ ଏହା ଲେଖାଗଲା । ବାସ୍ତବିକ ଲେଖକଙ୍କର ଏହାକୁ ଲେଖିବାର ଏକ ଉଦ୍ଦେଶ୍ୟ ଥିଲା ଏବଂ ଗୋଟିଏ ସନ୍ଦେସ ଥିଲା ଯେଉଁଥିରେ ସେ ଜଣାଇବାକୁ ଚାହୁଁଥିଲେ । ମୂଳପାଠର ଅର୍ଥ ଆପଣମାନଙ୍କ ନିମନ୍ତେ କେବେହେଲେ ତାହା ହୋଇପାରିବ ନାହିଁ ଯେଉଁ ଅର୍ଥ ତାହାର ବାସ୍ତବିକ, ପ୍ରାଚୀନ ଏବଂ ପ୍ରେରଣା ପ୍ରାପ୍ତ ଲେଖକଙ୍କ ନିମନ୍ତେ ନଥିଲା । ତାହାଙ୍କ ଉଦ୍ଦେଶ୍ୟ ହିଁ ଚାବି ଅଟେ – ଆମ୍ଭମାନଙ୍କର ଐତିହାସିକ, ଭାବନାତ୍ମକ, ସାଂସ୍କୃତିକ, ବ୍ୟକ୍ତିଗତ କିମ୍ୱା ମାଣ୍ଡଳୀକ ଆବଶ୍ୟକତା ନୁହେଁ । ପ୍ରୟୋଗ ଅନୁବାଦ ନିମନ୍ତେ ଏକ ଅବିଚ୍ଛିନ୍ନ ଅଂଶୀଦାର ଅଟେ କିନ୍ତୁ ସଠିକ୍ ଅନୁବାଦ ସର୍ବଦା ଅଗ୍ରବର୍ତ୍ତୀ ପ୍ରୟୋଗ ହେବା ଦରକାର । ଏହା ପୁନରାବୃତ୍ତି ହେବା ଆବଶ୍ୟକ କି ପ୍ରତ୍ୟେକ ବାଇବଲିୟ ମୂଳପାଠର କେବଳ ଏକମାତ୍ର ଅର୍ଥ ରହିଥାଏ । ଏହା ସେହି ଅର୍ଥ ଅଟେ ଯାହାକୁ ଆଜିର ସମୟରେ ପବିତ୍ର ଆତ୍ମାଙ୍କର ଚାଳନାରେ ବାସ୍ତବିକ୍ ଲେଖକ କହିବାକୁ ଚାହୁଁଥିଲେ । ଏହି ଗୋଟିଏ ଅର୍ଥର ବିଭିନ୍ନ ସଂସ୍କୃତି ଏବଂ ପରିସ୍ଥିତିରେ ବିଭିନ୍ନ ପ୍ରୟୋଗ ହୋଇପାରେ । ଏହି ସମସ୍ତ ପ୍ରୟୋଗ ବାସ୍ତବିକ ଲେଖକଙ୍କ କେନ୍ଦ୍ରିୟ ସତ୍ୟରେ ଜୋଡ଼ିତ ହେବା ଆବଶ୍ୟକ । ଏଥିଯୋଗୁଁ ବାଇବଲର ପ୍ରତ୍ୟେକ ପୁସ୍ତକକର ଭୂମିକା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହା ଅଧ୍ୟୟନ କରିବାରେ ମାର୍ଗଦର୍ଶନ କରୁଥିବା ଟୀକ୍‌କା ରୂପେ ନିର୍ମାଣ କରାଗଲା ।

**ଦ୍ୱିତୀୟ ସିଦ୍ଧାନ୍ତ :**

ସାହିତ୍ୟିକ ଅଂଶକୁ ଚିହ୍ନିବା ଦ୍ୱିତୀୟ ସିଦ୍ଧାନ୍ତ ଅଟେ । ବାଇବଲର ସଂପୂର୍ଣ୍ଣ ପୁସ୍ତକ ଗୋଟିଏ ଲିଖନ ଅଟେ । ଅନୁବାଦକଙ୍କ କୌଣସି ଅଧିକାର ନାହିଁ କି ସେ କୌଣସି ଗୋଟିଏ ସତ୍ୟର ପ୍ରୟୋଗ କରି ବଳକା ଅନ୍ୟ ଅଂଶକୁ ଏମିତି ଛାଡ଼ି ଦିଅନ୍ତୁ । ତେଣୁ ଗୋଟିଏ ଅଂଶର ଅନୁବାଦ କରିବା ପୂର୍ବେ ଆମକୁ ବାଇବଲର ସଂପୂର୍ଣ୍ଣ ପୁସ୍ତକର ଉଦ୍ଦେଶ୍ୟକୁ ବୁଝିବା ଆବଶ୍ୟକ । ଗୋଟିଏ ଅଂଶ ଯେପରି – ପର୍ବ ଅବା ଅଧ୍ୟାୟ, ଅନୁଚ୍ଛେଦର ପଦର କେବେହେଲେ ସେହି ଅର୍ଥ ହୋଇ ନ ପାରିଲେ ତେବେ ସଂପୂର୍ଣ୍ଣ ଅଂଶର ହୋଇପାରିବ ନାହିଁ । ଅନୁବାଦ ପୂର୍ଣ୍ଣ ଭାଗର ବିବରଣ ସହିତ ଆରମ୍ଭ ହେବା ଆବଶ୍ୟକ ଓ ପୁଣି ପଦର ଅନୁବାଦରେ ପହଞ୍ଚିବା ଆବଶ୍ୟକ । ଏଇଥିଯୋଗୁଁ ଏହି ଟୀକ୍‌କା ପ୍ରସ୍ତୁତ କରାଗଲା ଯାହାଦ୍ୱାରା ବିଦ୍ୟାର୍ଥୀମାନେ ପ୍ରତ୍ୟେକ ଲିଖିତ ସାହିତ୍ୟ ଅଂଶକୁ ଭଲଭାବେ ବୁଝିପାରନ୍ତି । ଅନୁଚ୍ଛେଦ ଏବଂ ଅଧ୍ୟାୟ ପ୍ରେରଣା ପାଇ ନାହିଁ କିନ୍ତୁ ସେସବୁ ଆମ୍ଭମାନଙ୍କୁ ଗୋଟିଏ ଚିନ୍ତା ଏବଂ ବିଷୟରେ ଅଂଶକୁ ବୁଝିବାରେ ସାହାଯ୍ୟ କରୁଅଛନ୍ତି ।

ଗୋଟିଏ ଶବ୍ଦ, ବାକ୍ୟାଂଶ, ବା ଖଣ୍ଡବାକ୍ୟର ଅନୁବାଦ ହିଁ ନାହିଁ କିନ୍ତୁ ସଂପୂର୍ଣ୍ଣ ଅନୁଚ୍ଛେଦର ଅନୁବାଦ କରିବା ହିଁ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବାର ଚାବି ଅଟେ । ଅନୁଚ୍ଛେଦ ଶୀର୍ଷକ ଉପରେ ଆଧାରିତ ହୋଇଥାଏ । ଅଧିକାଂଶରେ ଏହା ସାମ୍ପ୍ରତିକ ବିଷୟଗତ ବୋଲି କୁହାଯାଇଥାଏ । ପ୍ରତ୍ୟେକ ଅନୁଚ୍ଛେଦର ଶବ୍ଦ, ବାକ୍ୟାଂଶ, ଖଣ୍ଡବାକ୍ୟ ତାହାର ଶୀର୍ଷକ ଉପରେ ଆଧାରିତ ହୋଇଥାଏ । ସେମାନେ ଏହାକୁ ସିମୀତ କରିଥାନ୍ତି, ବୃଦ୍ଧି କରିଥାନ୍ତି, ବ୍ୟାଖ୍ୟା କରିଥାନ୍ତି ଏବଂ / କିମ୍ୱା ପ୍ରଶ୍ନ କରିଥାନ୍ତି । ଉତ୍ତମଭାବେ ବିବରଣ କରିବାର ଚାବି ଏହା ଅଟେ କି ପ୍ରତ୍ୟେକ ଅନୁଚ୍ଛେଦକୁ ଲେଖିବାର ପଛରେ ଲେଖକଙ୍କ ଅଭିପ୍ରାୟକୁ ବୁଝିବା ଯେଉଁମାନଙ୍କର ଯୋଡ଼ିତରେ ବାଇବଲର ନିର୍ମାଣ ହୋଇଅଛି । ଏହି ଅଧ୍ୟୟନ ଟୀକ୍‌କା ଏଥିଯୋଗୁଁ ଲେଖାଗଲା ଯାହାଦ୍ୱାରା ବିଦ୍ୟାର୍ଥୀ ବିଭିନ୍ନ ଇଂରାଜୀ ଅନୁବାଦକୁ ପରସ୍ପରରେ ଅନୁବାଦ କରିପାରିବେ । ଏହି ଅନୁବାଦର ଚୟନ ଏଇଥିଯୋଗୁଁ କରାଗଲା କାରଣ ଏସବୁ ବିଭିନ୍ନ ପ୍ରଣାଳୀମାନଙ୍କଠାରୁ ଲେଖା ଯାଇଅଛି ।

୧. ୟୁନାଇଟେଡ୍ ବାଇବଲ ସୋସାଇଟିର ଗ୍ରୀକ୍ ମୂଳପାଠ ଚତୁର୍ଥ ସଂସ୍କରଣ ଅଟେ ୟୁବିଏସ୍ – ୪ । ଏହି ମୂଳପାଠ ନୂତନ ମୂଳପାଠ ଶାସ୍ତ୍ରଜ୍ଞମାନଙ୍କ ଦ୍ୱାରା ଅନୁଚ୍ଛେଦରେ ବିଭକ୍ତ କରାଗଲା ।

୨. ନ୍ୟୁ କିଙ୍ଗ୍ ଜେମ୍‌ସ ଉରସନ ପ୍ରତ୍ୟେକ ଶବ୍ଦର ସାହିତ୍ୟିକ ଅନୁବାଦରେ ଲେଖାଗଲା ଯାହା ଗ୍ରୀକ୍ ହସ୍ତଲେଖା ପରମ୍ପରା ଅଟେ । ଯାହା ଟେକ୍ସଟସ୍ ରିସେପଟସ୍ କହନ୍ତି ଉପରେ ଆଧାରିତ ଅଟେ । ଏହାର ଅନୁଚ୍ଛେଦ ବିଭାଜନ ଅନ୍ୟ ଅନୁବାଦ ଅପେକ୍ଷା ବଡ଼ ଅଟେ । ଏହି ବଡ଼ ଅନୁଚ୍ଛେଦ ବିଦ୍ୟାର୍ଥୀମାନଙ୍କୁ ସାହାଯ୍ୟ କରିଥାଏ କି ସେମାନେ ଯୋଡ଼ିତ ଥିବା ଶୀର୍ଷକକୁ ଦେଖିପାରନ୍ତି ।

୩. ନ୍ୟୁ ରିଭାଇସ୍ଡ୍ ଷ୍ଟାଣ୍ଡାର୍ଡ୍ ଭରସନ୍ ଗୋଟିଏ ନୂତନ ପ୍ରତ୍ୟେକ ଶବ୍ଦର ଅନୁବାଦ । ଏହା ଦୁଇ ଅନୁବାଦର ମଧ୍ୟବିନ୍ଦୁ ଉପରେ କେନ୍ଦ୍ରିତ ଅଟେ । ବିଷୟକୁ ଚିହ୍ନିବା ନିମନ୍ତେ ଏହାର ଅନୁଚ୍ଛେଦ ଅଧିକ ସହାୟକ ଅଟେ ।

୪. ଟୁଡ଼େସ ଇଂଗଲିସ୍ ଭରସନ୍ ୟୁନାଇଟେଡ଼୍ ବାଇବଲ ସୋସାଇଟିର ଶକ୍ତିଯୁକ୍ତ ସମାନତାର ପ୍ରକାଶନ ଅଟେ । ଏଥିରେ ବାଇବଲ ଏପ୍ରକାରେ ଅନୁବାଦ କରାଯାଇଛି କି ଆଜିର ଦିନର ଇଂରାଜୀ କହୁଥିବା ଲୋକେ ଗ୍ରୀକ୍ ମୂଳପାଠର ଅର୍ଥକୁ ବୁଝିପାରିବେ । ଅଧିକାଂଶ, ବିଶେଷରୂପେ, ସୁସମାଚାରରେ, ଏଠାରେ ଅନୁଚ୍ଛେଦକୁ ବକ୍ତା ଉପରେ ଆଧାରିତ ବିଷୟ ରୂପରେ ଆଧାରିତ ନୁହେଁ, ଠିକ୍ ସେହି ପ୍ରକାରେ ଯେଉଁ ପ୍ରକାରେ ଏନ୍. ଆଇ. ଭି. ରେ ଅଛି । ଅନୁବାଦର ଉଦ୍ଦେଶ୍ୟ ନିମନ୍ତେ ଏହା ସହାୟକ ନୁହେଁ । ଏହା ଆଶ୍ଚର୍ଯ୍ୟ ବିଷୟ କି ଉଭୟ ୟୁବିଏସ୍ ଏବଂ ଟିଇଭିକୁ ଗୋଟିଏ ପ୍ରକାଶନ ହିଁ ପ୍ରକାଶିତ କରିଛନ୍ତି କିନ୍ତୁ ତଥାପି ସେମାନଙ୍କ ଅନୁଚ୍ଛେଦ ବିଭାଜନ ଭିନ୍ନ ଅଟେ ।

୫. ନ୍ୟୁ ଯୀରୁଶାଲମ ବାଇବଲ ଫ୍ରାନ୍ସ କ୍ୟାଥଲିକ୍ ଅନୁବାଦ ଉପରେ ଆଧାରିତ ଗୋଟିଏ ଶକ୍ତିଯୁକ୍ତ ସମାନତାର ଅନୁବାଦ ଅଟେ ।

୬. ଛପା ହୋଇଥିବା ମୂଳପାଠ ୧୯୯୫ର ନ୍ୟୁ ଆମେରିକାନ୍ ଷ୍ଟାଣ୍ଡାର୍ଡ୍ ବାଇବଲର ଉନ୍ନତ ଅନୁବାଦ ଅଟେ । ଯାହା ପ୍ରତ୍ୟେକ ଶବ୍ଦର ଅନୁବାଦ ଅଟେ । ଏହାର ଅନୁଚ୍ଛେଦରେ ପ୍ରତ୍ୟେକ ପଦରେ ଟୀପ୍ପଣୀ କରାଯାଇଛି ।

**ତୃତୀୟ ସିଦ୍ଧାନ୍ତ :**

ତୃତୀୟ ସିଦ୍ଧାନ୍ତ ଏହା ଅଟେ କି ବାଇବଲର ବିଭିନ୍ନ ଅନୁବାଦକୁ ପଢ଼ିବା ଯାହାଦ୍ୱାରା ଏହାର ବିସ୍ତାରିତ ଅର୍ଥକୁ ବୁଝାଯାଇ ପାରିବ । ସାଧାରଣତଃ ଗ୍ରୀକ୍ ବାକ୍ୟାଂଶ ଏବଂ ଶବ୍ଦକୁ ଅନେକ ଅର୍ଥରେ ବୁଝାଯାଇପାରେ । ଆମ୍ଭମାନଙ୍କୁ ଗ୍ରୀକ୍ ହସ୍ତଲେଖାର ସେହି ବିଭିନ୍ନ ଅର୍ଥକୁ ବୁଝିବାରେ ଏହି ଅନୁବାଦ ସାହାଯ୍ୟ କରିଥାଏ । ଏସବୁ ଆମର ସିଦ୍ଧାନ୍ତକୁ ପ୍ରଭାବିତ କରେ ନାହିଁ କିନ୍ତୁ ପ୍ରେରଣା ପାଇଥିବା ବାସ୍ତବିକ ଲେଖକଙ୍କ ଦ୍ୱାରା ଲେଖାଯାଇଥିବା ଶବ୍ଦର ସଠିକ୍ ଅର୍ଥକୁ ବୁଝିବାରେ ଆମର ସହାୟତା କରିଥାଏ ।

ଏହି ଟୀକ୍‌କା ବିଦ୍ୟାର୍ଥୀମାନଙ୍କୁ ଅନୁବାଦକୁ ପରୀକ୍ଷା କରିବା ନିମନ୍ତେ ସାହାଯ୍ୟ କରେ । ଏହା ପୂର୍ଣ୍ଣ ଅନୁବାଦ ଏହା ନୁହେଁ ଏପରି ନୁହେଁ କିନ୍ତୁ ସୂଚିତ କରିବା ଏବଂ ଚିନ୍ତା କରିବାକୁ ପ୍ରେରଣା ଦାୟୀ ଅଟେ । ଅନ୍ୟ ଅନୁବାଦ ସବୁ ଆମ୍ଭମାନଙ୍କ ସାହାଯ୍ୟ କରନ୍ତି ଯାହାଦ୍ୱାରା ଆମେ ସଂକୁଚିତ, ସ୍ୱତଃସିଦ୍ଧ ଏବଂ ଜାତୀୟ ବିଚାରଧାରା ହୋଇ ନ ଯାଉ । ଅନୁବାଦକଙ୍କ ପାଖେ ଅନେକ ପ୍ରକାର ବିକଳ୍ପ ହେବା ଆବଶ୍ୟକ ଯେଉଁଥିରେ ସେ ଜାଣିପାରେ କି ପ୍ରାଚୀନ ଅନୁବାଦ କେତେ ଅନେକାର୍ଥକ ହୋଇପାରେ । ଏହା ଆଶ୍ଚର୍ଯ୍ୟର ବିଷୟକି ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ କେତେ ଅଳ୍ପ ସହମତ ଅଛି ଯିଏ ବାଇବଲକୁ ଆପଣା ସତ୍ୟର ସ୍ରୋତ ମାନନ୍ତି । ପ୍ରାଚୀନ ଅନୁବାଦରେ ସଂଘର୍ଷ କରି ଏବଂ ଆପଣା ଐତିହାସିକ ସର୍ତ୍ତରେ ବିଜୟ ପାଇପାରୁ । ସେଇଥି ନିମନ୍ତେ ଏହି ସିଦ୍ଧାନ୍ତ ମୋର ସହାୟତା କରିଅଛି । ମୁଁ ଆଶା କରେ କି ଏହା ଆପଣଙ୍କ ନିମନ୍ତେ ମଧ୍ୟ ଏକ ଆଶୀର୍ବାଦର କାରଣ ହେବ ।

*ବୋବ୍ ଓଟଲି*
*ଇଷ୍ଟ ଟେକ୍ସାସ୍, ବାପ୍ଟିଷ୍ଟ ୟୁନିଭରସିଟି*
*ଜୁନ୍ ୨୭, ୧୯୯୬*

## ବାଇବଲ ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶନ :
## ପ୍ରମାଣିତ କରୁଥିବା ସତ୍ୟ ନିମନ୍ତେ ଏକ ବ୍ୟକ୍ତିଗତ ଅନୁସନ୍ଧାନ

କଣ ଆମେ ସତ୍ୟକୁ ଜାଣିପାରିବା ? ଏହା କେଉଁଠାରେ ମିଳେ ? କଣ ଏହାକୁ ଆମେ ତର୍କ ଅନୁସାରେ ପ୍ରମାଣିତ କରିପାରିବା ? କଣ କିଛି ଅନନ୍ତ ଶକ୍ତି ଅଛି, କଣ ଏମିତି କିଛି ପରମ ସତ୍ୟ ଅଛି ଯିଏ ଆମ୍ଭମାନଙ୍କ ଜୀବନ ଏବଂ ସଂସାରକୁ ମାର୍ଗଦର୍ଶନ କରିପାରେ ? କଣ ଜୀବନର କିଛି ଅର୍ଥ ଅଛି ? ଆମ୍ଭେ ଏଠାରେ କାହିଁକି ଅଛୁ ? ଆମ୍ଭେମାନେ କେଉଁଠାକୁ ଯାଉଅଛୁ ? ଏହା ବୁଦ୍ଧି ସଂଗତ ଲୋକମାନଙ୍କ ଦ୍ୱାରା ଗୁଣିତ ପ୍ରଶ୍ନ ଅଟେ ଯେଉଁମାନେ ଆରମ୍ଭରୁ ହିଁ ବୁଦ୍ଧିମାନ ଲୋକମାନଙ୍କୁ ଭୟଭୀତ କରିଅଛି (ଉପଦେଶକ - ୧:୧୩-୧୮ ; ୩:୯-୧୧) । ମୁଁ ଜୀବନର ମଧ୍ୟ ଅଂଶର ବ୍ୟକ୍ତିଗତ ସନ୍ଧାନକୁ ସ୍ମରଣ କରିପାରେ । ମୁଁ ଆପଣା ପରିବାରର ମୁଖ୍ୟ ସଦସ୍ୟଙ୍କ ସାକ୍ଷ୍ୟ ହେତୁ ଯୁବା ସମୟରେ ହିଁ ଜଣେ ଖ୍ରୀଷ୍ଟିୟ ବିଶ୍ୱାସୀ ହେଲି । ଯେତେବେଳେ ମୁଁ ବୟସ୍କ ହେଲି ତ ଆପଣା ଓ ସଂସାର ବିଷୟରେ ମଧ୍ୟ ପ୍ରଶ୍ନ ବଢ଼ିବାରେ ଲାଗିଲା । ସାଧାରଣ ସଂସ୍କୃତି ଏବଂ ଧାର୍ମିକ ଅନୁଷ୍ଠାନ ସେହି ଅର୍ଥକୁ ଆଣିପାରି ନାହାନ୍ତି ଯାହା ମୁଁ ପଢ଼ି ଓ ଅନୁଭବ କରିଥିଲି । ଏହା ଏହି ସମ୍ବେଦନହୀନ କୋଠର ସଂସାରରେ ମୋର ଦ୍ୱିଧା, ସନ୍ଧାନ, ଅଭିଳାଷା ଏବଂ ଆଶାହୀନତାର ଅନୁଭବ କରିବାର ସମୟ ଥିଲା ।

ଅନେକେ ଦାବି କରନ୍ତି କି ସେମାନଙ୍କ ପାଖରେ ଏସବୁ ପ୍ରଶ୍ନର ଉତ୍ତର ଅଛି କିନ୍ତୁ ଅନୁସନ୍ଧାନ ଏବଂ ଅଧ୍ୟୟନ ପରେ ମୁଁ ଜାଣିପାରିଲି ଯେ ସେମାନଙ୍କ ଉତ୍ତର ଏହିସବୁ ବିଷୟରେ ଆଧାରିତ ଥିଲା : (୧) ବ୍ୟକ୍ତିଗତ ଦର୍ଶନଶାସ୍ତ୍ର, (୨) ପ୍ରାଚୀନ କାହାଣୀ, (୩) ବ୍ୟକ୍ତିଗତ ଅନୁଭବ କିମ୍ବା (୪) ମନବୈଜ୍ଞାନିକ ପ୍ରବୃତି । ମୋତେ ଆବଶ୍ୟକ ଥିଲା କେତେକ ପ୍ରମାଣ ଓ ଯୁକ୍ତିଯୁକ୍ତତା ବିଷୟ ଯେଉଁଥିରେ ମୁଁ ଆପଣା ସାଂସାରିକ ଦୃଷ୍ଟିକୋଣ, ଅଂଶରେ ନିର୍ମିତ ମୋର ଜୀବନ ଏବଂ ବଞ୍ଚିବାର କାରଣକୁ ଆଧାରିତ କରିପାରନ୍ତି ।

ମୁଁ ଏସବୁକୁ ମୋର ବାଇବଲ ଅଧ୍ୟୟନରେ ପ୍ରାପ୍ତ କଲି । ମୁଁ ଏହି ବିଶ୍ୱସ୍ତତାର ପ୍ରମାଣକୁ ଖୋଜିବାରେ ଲାଗିଲି । ଯାହା ମୋତେ ଏହି ସ୍ଥାନରେ ମିଳିଲା (୧) ବାଇବଲର ଐତିହାସିକ ବିଶ୍ୱସ୍ତତା ପୁରାତତ୍ତ୍ୱ ଦ୍ୱାରା ପ୍ରମାଣ, (୨) ପୁରାତନ ନିୟମର ଭାବବାଣୀର ପୂର୍ଣ୍ଣତା, (୩) ବାଇବଲର ୧୬୦୦ ବର୍ଷର ଲିଖନିରେ ମଧ୍ୟ ବାଇବଲର ସନ୍ଦେସରେ ଏକତା, ଏବଂ (୪) ସେହିମାନଙ୍କର ବ୍ୟକ୍ତିଗତ ଜୀବନର ସାକ୍ଷ୍ୟ ଯାହାଙ୍କ ଜୀବନ ବାଇବଲ ସଂପର୍କରେ ଆସିବାଦ୍ୱାରା ସଂପୂର୍ଣ୍ଣ ରୂପେ ବଦଳିଗଲା । ବିଶ୍ୱାସ ଓ ଭରସାର ମିଶ୍ରଣ ଶକ୍ତି ହେତୁ ଖ୍ରୀଷ୍ଟିୟାନରେ ସେହି ସାମର୍ଥ ଅଛି କି ସେ ମଣିଷ ଜୀବନର ଜଟିଳ ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରେ । କେବଳ ଏହା ଯେ ଏକ ଜ୍ଞାନ ସଂଗତ କାର୍ଯ୍ୟକୁ ପ୍ରଦାନ କଲା ତାହା ନୁହେଁ, ମାତ୍ର ବାଇବଲିୟ ବିଶ୍ୱାସର ଏକ ଅନୁଭୂତି ରୂପ ଯାହା ମୋ ନିମନ୍ତେ ଭାବପ୍ରବଣ ଆନନ୍ଦ ଓ ସ୍ଥିରତାକୁ ଆଣିଦେଲା ।

ମୁଁ ଭାବିଲି ଯେ ମୁଁ ମୋର ଜୀବନର ମଧ୍ୟ ଅଂଶକୁ ପ୍ରାପ୍ତ କଲି - ଖ୍ରୀଷ୍ଟ, ଯେପରି ବାକ୍ୟରୁ ବୁଝାଯାଇପାରେ । ଏହା ଗୋଟିଏ ଚିନ୍ତାଶୀଳ ଅନୁଭୂତି ଏବଂ ଭାବାତ୍ମକ ମୁକ୍ତି । ମୁଁ ଏବେ ମଧ୍ୟ ସେହି ଆଘାତ ଏବଂ ଯନ୍ତ୍ରଣାକୁ ସ୍ମରଣ କରେ ଯେତେବେଳେ ଗୋଟିଏ ମଣ୍ଡଳୀ ଏବଂ ବିଚାର ଥିବା ବିଦ୍ୟାଳୟରୁ ଭିନ୍ନ ଭିନ୍ନ ଅନୁବାଦର ସମର୍ଥନ କରୁଥିଲେ । ବାଇବଲର ପ୍ରେରଣା ଏବଂ ବିଶ୍ୱସ୍ତତାକୁ ପ୍ରମାଣ କରିବା ଶେଷ ନୁହେଁ ମାତ୍ର କେବଳ ଗୋଟିଏ ଆରମ୍ଭ । ମୁଁ କେଉଁପ୍ରକାରେ ବାଇବଲକୁ କ୍ଷମତା ଓ ବିଶ୍ୱସ୍ତତା ବୁଝିବି । ଲୋକମାନଙ୍କ ଦ୍ୱାରା ବାଇବଲର କଠିନ ଅଂଶକୁ ପରସ୍ପରରେ ଲଢୁଥିବା ଅନୁବାଦକୁ ଗ୍ରହଣ କରିପାରେ କିମ୍ବା ସେମାନଙ୍କ ଅଗ୍ରାହ୍ୟ କରିପାରେ ?

ଏହି କାର୍ଯ୍ୟ ମୋ ଜୀବନର ଲକ୍ଷ୍ୟ ଏବଂ ମୋ ବିଶ୍ୱାସର ତୀର୍ଥସ୍ଥାନ ହୋଇଗଲା । ମୁଁ ଜାଣେ କି ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବାର କାରଣ (୧) ମୋ ଜୀବନରେ ଅଗମ୍ୟ ଶାନ୍ତି ଓ ଆନନ୍ଦକୁ ଆଣିଦେଲା । ମୋର ସଂସ୍କୃତି ମଧ୍ୟରେ ମୋର ମନ କୌଣସି ଏକ ପରିପୂରକର ସନ୍ଧାନରେ ଥିଲା । (୨) ବିବାଦସ୍ପଦ ସାଂସାରିକ ଧାର୍ମିକ ପ୍ରଣାଳୀର ସ୍ୱତଃସିଦ୍ଧତା, (୩) ଧର୍ମଗୋଷ୍ଠୀୟ ଗର୍ବ । ପ୍ରାଚୀନ ଲିଖନିର ପ୍ରମାଣିତ ଅନୁବାଦ ବିଧିର ତଲାସ ମୋତେ ଆପଣା ଐତିହାସିକ, ସାଂସ୍କୃତିକ, ଜାତୀୟ ଏବଂ ଅନୁଭୂତିର ପକ୍ଷପାତକୁ ବୁଝିବାରେ ସାହାଯ୍ୟ କଲା । ଅନେକ ଥର ମୁଁ ଆପଣାର ହିଁ ମତକୁ ରଖିବା ନିମନ୍ତେ ବାଇବଲ ଅଧ୍ୟୟନ କରୁଥିଲି । ମୁଁ ଅନ୍ୟମାନଙ୍କୁ ପ୍ରହାର କରିବା ନିମନ୍ତେ ଏହାର ପ୍ରୟୋଗ ସ୍ୱତଃଧର୍ମ ରୂପେ ଓ ତା ସହିତ ଆପଣା ଅସ୍ୱରକ୍ଷା ଓ ଅପର୍ଯ୍ୟାପ୍ତକୁ ପ୍ରମାଣିତ କରୁଥିଲି । ଏହାକୁ ବୁଝିବା ମୋ ନିମନ୍ତେ କେତେ କଷ୍ଟକର ଥିଲା ଯଦ୍ୟପି ମୁଁ କେବେହେଲେ ବାସ୍ତବ ହୋଇପାରିବି ନାହିଁ କିନ୍ତୁ କେବଳ ବାଇବଲର ଜଣେ ଉତ୍ତମ ପାଠକ ହୋଇପାରିବି । ମୁଁ ମୋର ପକ୍ଷପାତକୁ ଚିହ୍ନି ଏବଂ ସେମାନଙ୍କ ଉପସ୍ଥିତିକୁ ବୁଝି ତାହାକୁ ସୀମିତ କରିପାରେ । ମୁଁ ବର୍ତ୍ତମାନ ମଧ୍ୟ ସେମାନଙ୍କ ଠାରୁ ସ୍ୱତନ୍ତ୍ର ନୁହେଁ କିନ୍ତୁ ମୁଁ ମୋର ଦୁର୍ବଳତାର ସମ୍ମୁଖୀନ କରିଅଛି । ଅଧିକାଂଶରେ ଜଣେ ଅନୁବାଦକ ହିଁ ବାଇବଲର ସବୁଠାରୁ ଖରାପ ଶତ୍ରୁ ହୋଇଥାଏ ।

ମୁଁ ଆପଣା ପୂର୍ବଧାରଣାର ସୂଚୀ ଯାହା ବାଇବଲ ପଢ଼ିବା ସମୟରେ ମୋ ମନରେ ଥିଲା ତାହାକୁ ଆଣିବାକୁ ଚାହେଁ ଯାହା ଦ୍ୱାରା ଆପଣ, ପାଠକ, ନିଜକୁ ପରୀକ୍ଷା କରିପାର ।

### I - ପୂର୍ବଧାରଣା

କ. ମୁଁ ବିଶ୍ୱାସ କରେ ବାଇବଲ ଗୋଟିଏ ସତ୍ୟ ଈଶ୍ୱରଙ୍କୁ ନିଜେ ପ୍ରକାଶ କରିବା ନିମନ୍ତେ ସ୍ୱଂୟ ପ୍ରକାଶନ ଅଟେ । ତେଣୁ ଏହାର ଅନୁବାଦ ଏହାର ବାସ୍ତବିକ ଈଶ୍ୱରୀୟ ଲେଖକ (ପବିତ୍ର ଆତ୍ମା) ଙ୍କ ଉଦ୍ଦେଶ୍ୟର ପ୍ରକାଶରେ ତଥା ମଣିଷ ଲେଖକଙ୍କ ଐତିହାସିକ ପରିସ୍ଥିତିରେ ହେବା ଆବଶ୍ୟକ ।

ଖ. ମୁଁ ବିଶ୍ୱାସ କରେ ବାଇବଲ ସାଧାରଣ (ସମସ୍ତ) ଲୋକଙ୍କ ନିମନ୍ତେ ଲେଖାଯାଇଅଛି । ଈଶ୍ୱର ଆମ୍ଭମାନଙ୍କୁ ସ୍ପଷ୍ଟରୂପେ କଥନ କରିବା ନିମନ୍ତେ ନିଜକୁ ଐତିହାସିକ ଏବଂ ସାଂସ୍କୃତିକ ଢାଞ୍ଚାରେ ରଖିଲେ । ଈଶ୍ୱର କେବେହେଲେ ସତ୍ୟକୁ ଲୁଚାନ୍ତି ନାହିଁ କିନ୍ତୁ ସେ ଚାହାନ୍ତି ଯେ ଆମ୍ଭେମାନେ ସେ ସବୁ ବୁଝିବା । ଏଣୁ ତାହାକୁ ତାହାଙ୍କ ଦିବସର ପ୍ରକାଶରେ ହିଁ ଅନୁବାଦ କରାଯାଉଁ କିନ୍ତୁ ଆମ୍ଭର ନୁହେଁ । ବାଇବଲ

ଆମ୍ଭମାନଙ୍କ ନିମନ୍ତେ ସେହି ଅର୍ଥ ହେବା ଉଚିତ୍ ନୁହେଁ ଯାହା ସର୍ବ ପ୍ରଥମେ ପଢ଼ିବା ଏବଂ ଶୁଣିବା ଲୋକମାନଙ୍କ ପାଖେ ନଥିଲା । ଏହା ସାଧାରଣ ଲୋକମାନଙ୍କର ବୁଦ୍ଧିରେ ବୁଝାଯାଇ ପାରିବ କାରଣ ଏହା ସାଧାରଣ ମଣିଷର ଭାଷା ଓ ବିଧିରେ ଲେଖାଯାଇଅଛି ।

ଗ. ମୁଁ ବିଶ୍ୱାସ କରେ ବାଇବଲରେ ଗୋଟିଏ ସନ୍ଦେସ ଏବଂ ଉଦ୍ଦେଶ୍ୟ ରହିଛି । ଯଦ୍ୟପି ଏଠାରେ କଠିନ ଲିଖିତ ଅଂଶ ରହିଛି ତଥାପି ଏହା କେବେହେଲେ ନିଜର ବିରୋଧ କରେ ନାହିଁ । ଏଇଥି ଯୋଗୁଁ ବାଇବଲ ନିଜେ ବାଇବଲର ଉତ୍ତମ ଅନୁବାଦକ ।

ଘ. ମୁଁ ବିଶ୍ୱାସ କେର ଭବିଷ୍ୟତବାଣୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଅଂଶର ଗୋଟିଏ ହିଁ ଅର୍ଥ ରହିଛି ଯାହା ପ୍ରେରଣା ପ୍ରାପ୍ତି ଓ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟରେ ଆଧାରିତ ଅଟେ । ଆମେ କେବେହେଲେ ବାସ୍ତବିକ ଲେଖକଙ୍କ ସଂପୂର୍ଣ୍ଣ ଉଦ୍ଦେଶ୍ୟକୁ ଜାଣିପାରିବା ନାହିଁ, ଜାଣିବା ନିମନ୍ତେ କେତେକ ନିର୍ଦ୍ଦେଶ :

୧. ସଂଦେଶକୁ ପ୍ରକାଶ କରିବାରେ କେଉଁପ୍ରକାର ଲିଖନିର ପ୍ରୟୋଗ କରାଯାଇଛି ।

୨. ଐତିହାସିକ ଘଟଣା ବା ବିଶେଷ ଘଟଣା ଯେଉଁଥିରେ ଲେଖାର ଉତ୍ପନ୍ନ ହୋଇଅଛି ।

୩. ସଂପୂର୍ଣ୍ଣ ପୁସ୍ତକ ଏବଂ ଲିଖିତ ସାହିତ୍ୟିକ ଅଂଶର ସାହିତ୍ୟିକ ସମ୍ବନ୍ଧିୟ ପରିମାପ ।

୪. ସାହିତ୍ୟିକ ଅଂଶର ମୂଳପାଠ ରଚନା ଯାହା ସଂପୂର୍ଣ୍ଣ ସଂନ୍ଦେସକୁ ବର୍ଣ୍ଣନା କରେ ।

୫. ସଂନ୍ଦେଶକୁ ଯୋଗାଯୋଗ କରିବା ନିମନ୍ତେ ବିଶେଷ ବ୍ୟାକରଣର ପ୍ରୟୋଗ କରାଯାଇଅଛି ।

୬. ସଂନ୍ଦେଶକୁ ଉପସ୍ଥିତ କରିବା ନିମନ୍ତେ କେଉଁ ଶବ୍ଦର ପ୍ରୟୋଗ କରାଯାଇଅଛି ।

୭. ସମାନ୍ତର ଅନୁଚ୍ଛେଦ ।

ଏହି ସମସ୍ତ ବିଷୟର ଅଧ୍ୟୟନ କରିବା ଏହି ଲିଖନିର ଅଧ୍ୟୟନର ଉଦ୍ଦେଶ୍ୟ ଅଟେ । ଏଥି ପୂର୍ବେ କି ମୁଁ ବାଇବଲ ପଠନର ଉତ୍ତମ ବିଧିକୁ କହିବି । ମୁଁ ଆଜିକାଲି ପ୍ରୟୋଗରେ ଅଣାଯିବା ଭୁଲ ନିୟମକୁ ଉଲ୍ଲେଖ କରିବାକୁ ଚାହେଁ ଯେଉଁମାନେ ଅନୁବାଦରେ ଭିନ୍ନତାକୁ ଉତ୍ପନ୍ନ କରିଅଛନ୍ତି ଏବଂ ଏହାକୁ ପ୍ରୟୋଗରେ ଆଣିବା ଅନୁଚିତ ଅଟେ ।

**II - ଅନୁପଯୁକ୍ତ ପ୍ରଣାଳୀ**

୧. ବାଇବଲର ସଂପୂର୍ଣ୍ଣ ସାହିତ୍ୟ ପ୍ରସଙ୍ଗକୁ ବାଦ୍‌ଦେଲେ ଗୋଟିଏ ବାକ୍ୟ, ବାକ୍ୟାଂଶ କିମ୍ବା ଶବ୍ଦକୁ ସତ୍ୟ ରୂପରେ ପ୍ରୟୋଗ କରିବା ଯାହା ଲେଖକ ଏବଂ ପୂର୍ଣ୍ଣ ପ୍ରସଙ୍ଗର ଉଦ୍ଦେଶ୍ୟ ନ ହେଉ । ଏହାକୁ "ପ୍ରମାଣିତ-ମୂଳପାଠ" କହନ୍ତି ।

୨. ବାଇବଲର ଐତିହାସିକ ଆଧାରକୁ ଉପେକ୍ଷା କରିବା ଏବଂ କାଳ୍ପନିକ ଇତିହାସ ଯାହାକୁ ମୂଳପାଠ କିମ୍ବା ଅଳ୍ପ ବା ବିଲ୍‌କୁଲ ପ୍ରମାଣିତ କରେ ନାହିଁ ।

୩. ବାଇବଲର ଐତିହାସିକ ଆଧାରକୁ ଅଗ୍ରାହ୍ୟ କରିବା ଏବଂ ତାହାକୁ ସକାଳର ଖବର ସଦୃଶ୍ୟ ପଢ଼ିବା ଯେପରି ତାହା ପ୍ରାଥମିକ ଭାବେ ନୂତନ ଯୁଗର ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଲେଖାଯାଇଅଛି ।

୪. ବାଇବଲର ଐତିହାସିକ ଆଧାରକୁ ଅଗ୍ରାହ୍ୟ କରିବା ଏବଂ ରୂପକ କଥା ଦ୍ୱାରା ମୂଳପାଠକୁ ଦର୍ଶନଶାସ୍ତ୍ରୀୟ / ଧର୍ମଶିକ୍ଷା ରୂପରେ ବାକ୍ୟକୁ ପ୍ରକାଶ କରିବା ଯାହା ପ୍ରଥମ ପାଠକ ଏବଂ ଲେଖକଙ୍କ ଉଦ୍ଦେଶ୍ୟ ସହିତ ମେଳ ହେଉ ନ ଥିବ ।

୫. ବାସ୍ତବିକ ସନ୍ଦେଶକୁ ଅଗ୍ରାହ୍ୟ କରି ନିଜର ହିଁ ଈଶ୍ୱରଶାସ୍ତ୍ର, ସିଦ୍ଧାନ୍ତ, ଏବଂ ବର୍ତ୍ତମାନ ଘଟଣା ବିଷୟରେ ହିଁ ଶିଖିବା ଯାହା ପ୍ରକୃତ ଲେଖକ ଏବଂ ଦିଆଯାଇଥିବା ସନ୍ଦେଶ ରେ ମେଳ ହେଉ ନ ଥିବ । ଏହି ବିଷୟ ସେତେବେଳେ ହୋଇଥାଏ ଯେତେବେଳେ ବକ୍ତା ଆପଣା ଅଧିକାର କୁ ପ୍ରମାଣ କରିବା ନିମନ୍ତେ ବାଇବଲ ପଢ଼େ । ଏହାକୁ "ପାଠକଙ୍କ ପ୍ରତିଉତ୍ତୋର" ରୂପେ ଜଣା ଯାଏ । (ଏହି ମୂଳପାଠ ମୋ ନିମନ୍ତେ କଣ ଅର୍ଥ) ।

ପ୍ରତ୍ୟେକ ମାନବ ରଚିତ ଲେଖାରେ ତିନୋଟି ଅଂଶ ମିଳିଥାଏ ।

**ପ୍ରକୃତ ଲେଖକଙ୍କ ଉଦ୍ଦେଶ୍ୟ** — **ଲିଖିତ ମୂଳପାଠ** — **ବାସ୍ତବିକ ପ୍ରାପ୍ତକର୍ତ୍ତା**

ପୂର୍ବ ଅଧ୍ୟୟନ ପ୍ରଣାଳୀ ତିନୋଟି ମଧ୍ୟରୁ ଗୋଟିଏ ବିଷୟ ଉପରେ କେନ୍ଦ୍ରିତ ଥିଲା । ଯଦି ପ୍ରକୃତରେ ଅତୁଳନୀୟ ପ୍ରେରଣାତ୍ମକ ବାଇବଲକୁ ପ୍ରମାଣିତ କରେ ତେବେ ନୂତନ ନକ୍ସା ଅଧିକ ଠିକ୍ ରହିବ ।

| | | |
|---|---|---|
| **ପବିତ୍ର ଆତ୍ମା** | **ହସ୍ତଲେଖା ଭିନ୍ନତା** | **ପଶ୍ଚାତ ବିଶ୍ୱାସିଗଣ** |
| **ପ୍ରକୃତ ଲେଖକଙ୍କ ଉଦ୍ଦେଶ୍ୟ** | **ଲିଖିତ ମୂଳପାଠ** | **ବାସ୍ତବିକ୍ ପ୍ରାପ୍ତକର୍ତ୍ତା** |

ସତ୍ୟତାରେ ଏହି ତିନି ଅଂଶ ଅନୁବାଦ ପ୍ରଣାଳୀରେ ସମ୍ମିଳିତ ହେବା ଉଚିତ୍ ।

ପ୍ରମାଣିକତାର ଉଦ୍ଦେଶ୍ୟରୁ ମୋର ଅନୁବାଦ ଆରମ୍ଭରେ ଦୁଇ ଅଂଶରେ କେନ୍ଦ୍ରିତ :- ବାସ୍ତବିକ ଲେଖକ ଏବଂ ମୂଳପାଠ । ଯାହା ମୁଁ ଦେଖିଅଛି ସେହି ଅପବ୍ୟବହାର ର ବିରୋଧ କରୁଅଛି । (୧) ମୂଳପାଠକୁ ରୂପକ କାହାଣୀ ଏବଂ ଆତ୍ମିକ କଥାରେ ପରିଣତ କରିବା । (୨) ପାଠକର ପ୍ରତିଉତ୍ତୋର (ଏହି ମୂଳପାଠର ମୋ ହସିତ କଣ ଅର୍ଥ) । ଅପବ୍ୟବହାର ଯେକୌଣସି ସ୍ତରରେ ମଧ ହୋଇପାରେ । ଆମ୍ଭେମାନେ

ସର୍ବଦା ଆପଣାର ଉଦ୍ଦେଶ୍ୟ, ପକ୍ଷ୍ୟ, ପ୍ରଣାଳୀ ଏବଂ ବ୍ୟବହାରିକତାକୁ ପରୀକ୍ଷା କରିବା ଆବଶ୍ୟକ । ଏହାକୁ ଆମେ କେମିତି ପରୀକ୍ଷା କରିବା, ଯଦି ଅନୁବାଦ କରିବାର କୌଣସି ସୀମା ନ ଥାଏ ? ବାସ୍ତବିକ ଲେଖକ ଏବଂ ମୂଳପାଠର ଉଦ୍ଦେଶ୍ୟ ହିଁ ମୋତେ ଅନୁବାଦର ସୀମା ରଖିବାରେ ସାହାଯ୍ୟ କରେ ।

ଏହି ଅନୁପଯୁକ୍ତ ପ୍ରଣାଳୀର ପ୍ରକାଶରେ ଉତ୍ତମ ବାଇବଲ ଅଧ୍ୟୟନ ଏବଂ ଅନୁବାଦର କେଉଁ ପ୍ରଣାଳୀ ହୋଇପାରେ ଯିଏ ପ୍ରମାଣିକତା ଓ ଦୃଢ଼ତାକୁ ଆଣିପାରେ ।

### III ଉତ୍ତମ ବାଇବଲ ଅଧ୍ୟୟନର ସାମ୍ଭାବ୍ୟ ପନ୍ଥା

ଏଠାରେ ମୁଁ ବିଶେଷ ବାଇବଲ ଅନୁବାଦ ବିଷୟରେ ଆଲୋଚନା କରୁ ନାହିଁ କିନ୍ତୁ ସାଧାରଣ ଅନୁବାଦ ସିଦ୍ଧାନ୍ତ ବିଷୟରେ କହୁଅଛି ଯାହା ସବୁପ୍ରକାର ସାହିତ୍ୟ ଅନୁବାଦରେ ସହାୟତା କରିପାରେ । ବିଭିନ୍ନ ପ୍ରକାର ଲେଖାର ଅନୁବାଦ କିପରି କରାଯାଏ ଏ ବିଷୟରେ ଗୋର୍ଡ଼ନ ଫି ଏବଂ ଡୋଗଲାସ୍ ଷ୍ଟୁଆର୍ଟଙ୍କ "ହାଉ ଟୁ ରିଡ୍ ଦା ବାଇବଲ ଫର୍ ଇଟସ୍ ୱ୍ୱର୍ଦ" ପୁସ୍ତକ ଉତ୍ତମ ଅଟେ ।

ମୋ ଆନୁସାରେ ଆରମ୍ଭରେ ଆପଣ ପବିତ୍ର ଆତ୍ମାଙ୍କୁ କାର୍ଯ୍ୟ କରିବାକୁ ଦିଅନ୍ତୁ ଆଉ ସେ ସାହିତ୍ୟର ଚାରି ଅଧ୍ୟୟନ କ୍ରମକୁ ବୁଝିବାରେ ଆପଣଙ୍କ ସାହାଯ୍ୟ କରିବେ । ଏହା ପବିତ୍ର ଆତ୍ମା, ମୂଳପାଠ, ଏବଂ ପାଠକଙ୍କୁ ପ୍ରାଧାନ୍ୟ ଦିଏ, ଅପ୍ରାଧାନ୍ୟ ନୁହେଁ । ଟୀକ୍କା ଉପରେ ପୂର୍ଣ୍ଣ ଆଶ୍ରିତ ନ ହେବା ନିମନ୍ତେ ଏହା ପାଠକଙ୍କୁ ମଧ୍ୟ ସାହାଯ୍ୟ କରିଥାଏ । ମୁଁ ଏହି ପ୍ରକାରେ କୁହାଯିବା ଶୁଣି ଅଛି "ବାଇବଲ ଟୀକ୍କା ଉପରେ ଆଲୋକ ଦେଇଥାଏ" । ଏହାର ଅର୍ଥ ଏହା ନୁହେଁ କି ମୁଁ ଅଧ୍ୟୟନ ସହାୟକ ସାମଗ୍ରିର ସମାଲୋଚନା କରୁଅଛି ମାତ୍ର ମୁଁ ବିନତୀ କରିବାକୁ ଚାହେଁ କି ତାହାର ପ୍ରୟୋଗ ଉଚିତ ସମୟରେ କରନ୍ତୁ ।

ଆମ୍ଭମାନଙ୍କ ପାଖରେ ଆପଣା ଅନୁବାଦକୁ ମୂଳପାଠାରୁ ପ୍ରମାଣିତ କରିବାର କ୍ଷମତା ହେବା ଆବଶ୍ୟକ । ତିନୋଟି କ୍ଷେତ୍ର ଅତିକମ୍‌ରେ ସୀମିତ ପ୍ରମାଣିକତାକୁ ପ୍ରଦାନ କରନ୍ତି ।

୧. ବାସ୍ତବିକ ଲେଖକଙ୍କ

କ. ଐତିହାସିକ ପଟ୍ଟଭୂମି

ଖ. ସାହିତ୍ୟିକ ପ୍ରସଙ୍ଗ

୨. ବାସ୍ତବିକ ଲେଖକଙ୍କ ବିକଳ୍ପ

କ. ବ୍ୟାକରଣ ରଚନା

ଖ. ସମକାଳିନ କାର୍ଯ୍ୟ ପ୍ରୟୋଗ

ଗ. ଲିଖନ ବିଧି

୩. ଉପଯୁକ୍ତରେ ଆମର ଚିହ୍ନଟ ।

କ. ସାଦୃଶ୍ୟ ସାହିତ୍ୟ

ଖ. ସିଦ୍ଧାନ୍ତ ମଧ୍ୟରେ ସଂପର୍କ

ଆମ୍ଭମାନଙ୍କୁ ଆପଣା ଆନୁବାଦର ପଛରେ ଥିବା କାରଣ ଓ ସ୍ୱାଭାବିକତାକୁ ପ୍ରମାଣିତ କରିବାର କ୍ଷମତା ରହିବା ଆବଶ୍ୟକ । ବିଶ୍ୱାସ ଏବଂ ପ୍ରୟୋଗ ନିମନ୍ତେ ବାଇବଲ ହିଁ ଆମ୍ଭମାନଙ୍କର ଏକମାତ୍ର ସ୍ରୋତ ଅଟେ । ଦୁଃଖର ବିଷୟ କି ଖ୍ରୀଷ୍ଟିୟାନ ଲୋକ ଏହାର ଶିକ୍ଷା ଏବଂ ପ୍ରମାଣିକତାର ଅଗ୍ରାହ୍ୟ କରନ୍ତି । ଏହା ନିଜକୁ ହିଁ ହରାଇବା କଥା ଅଟେ । ବିଶ୍ୱାସି ବାଇବଲକୁ ପ୍ରେରଣା ପାଇଥିବା କହନ୍ତି କିନ୍ତୁ ଏହାର ଶିକ୍ଷା ଏବଂ ଆବଶ୍ୟକତାକୁ ଅଗ୍ରାହ୍ୟ କରନ୍ତି ।

ଚାରି ଅଧ୍ୟୟନ ଚକ୍ର ଯାହା ଅନୁବାଦରେ କାର୍ଯ୍ୟରେ ଆଲୋକିତ କରିବାରେ ରଚିତ ହୋଇଛି ।

କ. ପ୍ରଥମ ଅଧ୍ୟୟନ ଚକ୍ର

୧. ଏକା ଥରେ ପୁସ୍ତକକୁ ପଢ଼ିବା । ପୁଣି ତାକୁ ଦ୍ୱିତୀୟ ଅନୁବାଦରେ ପଢ଼ିବା ।

କ. ପ୍ରତ୍ୟେକ ଶବ୍ଦର ଅନୁବାଦ (ନ୍‌କେଜେଭି, ଏନ୍ ଏ ଏସ୍ ବି, ଏମ୍ ଆର୍ ଏସ୍ ଭି)

ଖ. ଶକ୍ତିଯୁକ୍ତ ସମାନତା (ଟିଇବି. ଜେବି),

ଗ. ଭାବାନୁବାଦ (ଲିଭିଙ୍ଗ ବାଇବଲ, ଏମ୍ପ୍ଲିଫାଏଡ୍ ବାଇବଲ)

୨. ସଂପୂର୍ଣ୍ଣ ଲେଖାର କେନ୍ଦ୍ରିୟ ଉଦ୍ଦେଶ୍ୟକୁ ଖୋଜନ୍ତୁ । କେନ୍ଦ୍ରିୟ ବିଷୟକୁ ଚିହ୍ନନ୍ତୁ ।

୩. ସାହିତ୍ୟ ଅଂଶ ପୃଥକ କରନ୍ତୁ ଯେପରି - ଅଧ୍ୟାୟ, ଅନୁଚ୍ଛେଦ, ବାକ୍ୟ ଯାହା ସ୍ପଷ୍ଟ ରୂପେ ଉଦ୍ଦେଶ୍ୟ ବା ବିଷୟକୁ ପ୍ରକାଶ କରିଥାଏ ।

୪. ବିଶିଷ୍ଟ ସାହିତ୍ୟ ଲେଖା ପ୍ରଣାଳୀକୁ ଚିହ୍ନନ୍ତି ।

କ. ପୁରାତନ ନିୟମ

(୧) ଏବ୍ରୀୟ ବୃତାନ୍ତ

(୨) ଏବ୍ରୀୟ କାବ୍ୟ (ବୁଦ୍ଧି ସାହିତ୍ୟ, ଗୀତ ସଂହିତା)

(୩) ଏବ୍ରୀ ଭବିଷ୍ୟତବାଣୀ

(୪) ବ୍ୟବସ୍ଥା ନିୟମ

ଖ. ନୂତନ ନିୟମ

(୧) ବୃତାନ୍ତ (ସୁସମାଚାର, ପ୍ରେରିତ)

(୨) ଦୃଷ୍ଟାନ୍ତ

(୩) ପତ୍ର

(୪) ଭବିଷ୍ୟ ସୂଚକ ସାହିତ୍ୟ

ଖ. ଦ୍ୱିତୀୟ ଅଧ୍ୟୟନ ଚକ୍ର

୧. ମୂଖ୍ୟ ଶୀର୍ଷକ କିମ୍ବା ବିଷୟକୁ ଚିହ୍ନିବା ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ପୁସ୍ତକକୁ ପୁଣି ଥରେ ପଢ଼ନ୍ତୁ ।

୨. ମୂଖ୍ୟ ଶୀର୍ଷକକୁ ଲେଖନ୍ତୁ ଏବଂ ତାହାର ଲିଖିତ ସାମଗ୍ରିକୁ ସାଧାରଣ ବାକ୍ୟରେ ଲେଖନ୍ତୁ ।

୩. ଆପଣା ଉଦ୍ଦେଶ୍ୟ ବାକ୍ୟକୁ ପରୀକ୍ଷା କରନ୍ତୁ ଏବଂ ସଂକ୍ଷିପ୍ତ ବିବରଣୀକୁ ଜାଣନ୍ତୁ ।

ଗ. ତୃତୀୟ ଅଧ୍ୟୟନ ଚକ୍ର

୧. ପୂର୍ଣ୍ଣ ପୁସ୍ତକକୁ ପୁଣି ଥରେ ପଢ଼ନ୍ତୁ ଏବଂ ତାର ଐତିହାସିକ ଗଠନକୁ ଏବଂ ଲେଖାର ପୃଷ୍ଠପଟର ପରିସ୍ଥିତିକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ ।

୨. ଐତିହାସିକ ବସ୍ତୁ ଯାହା ପୁସ୍ତକରେ ଉଲ୍ଲେଖିତ ତାହାକୁ ଚିହ୍ନନ୍ତୁ ଓ ଲେଖନ୍ତୁ

କ. ଲେଖକ

ଖ. ତାରିଖ

ଗ. ପ୍ରାପ୍ତକର୍ତ୍ତା

ଘ. ଲେଖିବାର ଉଦ୍ଦେଶ୍ୟ

ଘ. ଲେଖିବାର ଉଦ୍ଦେଶ୍ୟ

ଙ. ଲେଖିବାର ଉଦ୍ଦେଶ୍ୟର ସାଂସ୍କୃତିକ ଗଠନ

ଚ. ଐତିହାସିକ ଲୋକ ଓ ଘଟଣା ବିଷୟରେ ଲେଖା

୩. ଆପଣ ଯେଉଁ ପୁସ୍ତକର ଅନୁବାଦ କରିବାକୁ ଚାହାନ୍ତି ତାହାର ରୂପ ରେଖାକୁ

ଅନୁଚ୍ଛେଦ ରୂପରେ ବିସ୍ତାର କରନ୍ତୁ । ସାହିତ୍ୟ ଲେଖାକୁ ସର୍ବଦା ଚିହ୍ନନ୍ତୁ । ବୋଧହୁଏ ଏହା ଅନେକ ଅନୁଚ୍ଛେଦ ଏବଂ ଅଧ୍ୟାୟ ହୋଇପାରେ । ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟ ଏବଂ ଲିଖନ ପ୍ରଣାଳୀକୁ ବୁଝିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ।

୪. ଅଧ୍ୟୟନ ସାମଗ୍ରିର ସହାୟତାରେ ଐତିହାସିକ ପଟ୍ଟଭୂମିକୁ ପରୀକ୍ଷା କରନ୍ତୁ ।

ଘ. ଚତୁର୍ଥ ଅଧ୍ୟନ ଚକ୍ର

୧. ବିଭିନ୍ନ ଅନୁବାଦରେ ସାହିତ୍ୟ ଭାଗକୁ ବାରମ୍ବାର ପଢ଼ନ୍ତୁ ।

କ. ପ୍ରତ୍ୟେକ ଶବ୍ଦର ଅନୁବାଦ (ଏନ୍ କେ ଜେ ଭି, ଏନ୍ ଏସ୍ ବି, ଏନ୍ ଆର୍ ଏସ୍ ଭି)

ଖ. ଶକ୍ତିଯୁକ୍ତ ସମାନତା (ଟି ଇ ବି, ଜେ ବି)

ଗ. ଭାବାନୁବାଦ (ଲିଭିଙ୍ଗ ବାଇବଲ, ଏମ୍ପ୍ଲିଫାଏଡ୍ ବାଇବଲ)

୨. ସାହିତ୍ୟ ଏବଂ ବ୍ୟାକରଣର ସଂରଚନା କୁ ଚିହ୍ନନ୍ତୁ ।

କ. ପୁନରାବୃତ୍ତି ବ୍ୟାକ୍ୟାଂଶ, ଏଫିସିୟ, ୧:୬, ୧୨,୧୩

ଖ. ପୁନରାବୃତ୍ତି ବ୍ୟାକରଣ ସଂରଚନା, ରୋମୀୟ ୮:୩୧

ଗ. ସାଧାରଣ ଧାରଣା ବିରୁଦ୍ଧ

୩. ନିମ୍ନଲିଖିତ ବସ୍ତୁର ସୂଚି ନିର୍ମାଣ କରନ୍ତୁ ।

କ. ଅର୍ଥପୂର୍ଣ୍ଣ ବିଷୟ

ଖ. ସାଧାରଣ ବିଷୟ

ଗ. ଗୁରୁତ୍ୱପୂର୍ଣ୍ଣ ବ୍ୟାକରଣ ସଂରଚନା

ଘ. ବିଶେଷ କରି କଠିନ ଶବ୍ଦ, ବ୍ୟାକ୍ୟାଂଶ ଏବଂ ବାକ୍ୟ ।

୪. ସଦୃଶ୍ୟ ଲେଖାର ସନ୍ଧାନ କରନ୍ତୁ ।

କ. ନିମ୍ନଲିଖିତ ଦ୍ୱାରା ଆପଣା ବିଷୟର ସ୍ପଷ୍ଟ ଶିକ୍ଷା ଦେଉଥିବା ଲେଖାର ସନ୍ଧାନ କରନ୍ତୁ ।

୧. "ପଦ୍ଧତିଗତ ଧର୍ମଶାସ୍ତ୍ର" ପୁସ୍ତକ

୨. ପରସ୍ପର ସମ୍ବନ୍ଧ ବାଇବଲ

୩. ଅନୁକ୍ରମଣିକା

ଖ. ଆପଣାର ହିଁ ବିଷୟ ବସ୍ତୁର ବିରୋଧଭାସ ଜୋଡ଼ିକୁ ଖୋଜନ୍ତୁ । ଅନେକ ବାଇବଲିୟ ସତ୍ୟ ଦ୍ୱନ୍ଦାତ୍ମକ ଜୋଡ଼ିରେ ଆସିଥାନ୍ତି । ବିଭିନ୍ନ ମଣ୍ଡଳୀୟ ଜାତୀୟ ବିବାଦ ଅଧା ବାଇବଲିୟ ସମସ୍ୟା ସାହିତ୍ୟକୁ ପ୍ରମାଣ କରିବା ହେତୁ ଆସନ୍ତି । ସଂପୂର୍ଣ୍ଣ ବାଇବଲ ପ୍ରେରଣା ଦ୍ୱାରା ଲେଖାଯାଇଅଛି, ଆମେ ଏହାର ପୂର୍ଣ୍ଣ ସଂଦେଶକୁ ଖୋଜିବା ଆବଶ୍ୟକ ଯାହା ଦ୍ୱାରା ଅନୁବାଦରେ ବାକ୍ୟର ମାପ ସମାନତା ହୋଇପାରେ ।

ଗ. ଏକ ହିଁ ପ୍ରକାର ପୁସ୍ତକ, ଏକ ହିଁ ଲେଖକ, ଏକ ପ୍ରକାର ସାହିତ୍ୟ ଲେଖାରେ ସଦୃଶ୍ୟତାକୁ ଖୋଜନ୍ତୁ, ନିଜେ ବାଇବଲ ହିଁ ଏକ ଉତ୍ତମ ଅନୁବାଦକ ଅଟେ କାରଣ ଏହାର ଗୋଟିଏ ଲେଖକ ଅଟନ୍ତି; ପବିତ୍ରଆତ୍ମା ।

୫. ଆପଣାର ଐତିହାସିକ ଏବଂ ଘଟଣାକ୍ରମକୁ ପରୀକ୍ଷା କରିବା ନିମନ୍ତେ ସହାୟକ ସାମଗ୍ରିକୁ ପ୍ରୟୋଗ କରନ୍ତୁ ।

କ. ଅଧ୍ୟୟନ ସହାୟକ ବାଇବଲ

ଖ. ବାଇବଲ ଶବ୍ଦକୋଶ, ବିଶ୍ୱକୋଶ, ଗୁଟିକା

ଗ. ବାଇବଲ ପ୍ରସ୍ତାବନା

ଘ. ବାଇବଲ ଟୀକ୍‌କା (ଅଧ୍ୟୟନର ଏହି ବିନ୍ଦୁରେ ବିଶ୍ୱାସିମାନଙ୍କ ପୂର୍ବ ଏବଂ ବର୍ତ୍ତମାନ ସମୂହକୁ ଅନୁମତି ଦିଅନ୍ତି ଯାହା ଦ୍ୱାରା ସେ ଆପଣଙ୍କ ବ୍ୟକ୍ତିଗତ ଅଧ୍ୟୟନକୁ ଠିକ୍ କରିପାରନ୍ତି) ।

**IV** - ବାଇବଲ ଅନୁବାଦର ପ୍ରୟୋଗିକରଣ ।

ଏହି ବିନ୍ଦୁରେ ଆମେ ପ୍ରୟୋଗିକରଣ ଆଡ଼କୁ ଫେରୁଛୁ । ସାହିତ୍ୟର ବାସ୍ତବିକ ଗଠନକୁ ବୁଝିବାକୁ ସମୟ ଲାଗେ ଓ ବର୍ତ୍ତମାନ ଏହାକୁ ଆପଣା ଜୀବନ ଏବଂ ସଂସ୍କୃତିରେ ଲାଗୁ କରିବା ଆବଶ୍ୟକ ଅଟେ । ମୁଁ ବାଇବଲର ଅଧିକାରକୁ ଏହି ପ୍ରକାରେ ବର୍ଣ୍ଣନା କରେ । "ବାଇବଲର ବାସ୍ତବିକ ଲେଖକ ସେମାନଙ୍କ ସମୟରେ କଣ କହିବାକୁ ଚାହୁଁଥିଲେ ତାଙ୍କୁ ବୁଝିବା ଏବଂ ସେହି ସତ୍ୟକୁ ଆପଣା ସମୟରେ ଲାଗୁ କରିବା" ।

ସମୟ ଏବଂ ତର୍କ ଆଧାରରେ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବା ପରେ କରାଯାଇଥିବା ଅନୁବାଦ ପଶ୍ଚାତରେ ତାକୁ ବ୍ୟବହାରରେ ଆଣିବା ଅତି ଆବଶ୍ୟକ ଅଟେ । ଆମେ ସେ ପର୍ଯ୍ୟନ୍ତ ବାଇବଲର ଅଂଶ ଆପଣା ସମୟରେ ଲାଗୁ କରି ପାରିବା ନାହିଁ ଯେ ପର୍ଯ୍ୟନ୍ତ ନ ଜାଣିବା କି ତାହାର ବାସ୍ତବିକ ଦିନରେ ତାହର ଅର୍ଥ କଣ ଥିଲା । ବାଇବଲର ଭାଗରୁ କେବେହେଲେ ସେହି ଅର୍ଥକୁ କାଢ଼ିବା ଅନୁଚିତ୍ ଯାହାର ଅର୍ଥ ତାହା ହୋଇ ନ ଥାଏ । ଆପଣଙ୍କ ସବିଶେଷ କ୍ଷୁଦ୍ର ବିବରଣୀରୁ ଅନୁଚ୍ଛେଦ ପର୍ଯ୍ୟନ୍ତର ସ୍ତର (ତୃତୀୟ ଅଧ୍ୟୟନ ଚକ୍ର) ଆପଣଙ୍କୁ ଆଗକୁ କଢ଼ାଇ ନେବ । ପ୍ରୟୋଗିକରଣ ଅନୁଚ୍ଛେଦ ସ୍ତରରେ ହେବା ଆବଶ୍ୟକ ଶବ୍ଦ ସ୍ତରରେ ନୁହେଁ । ଶବ୍ଦ, ବାକ୍ୟ ଏବଂ ବାକ୍ୟାଂଶର ଅର୍ଥ କେବଳ ପ୍ରସଙ୍ଗରେ ହୋଇଥାଏ । ଅନୁବାଦ ପ୍ରକ୍ରିୟାରେ ପ୍ରେରଣା ପାଇଥିବା କେବଳ ଗୋଟିଏ ବ୍ୟକ୍ତି ସାମିଲ ଏବଂ ସେ ହେଉଛନ୍ତି ବାସ୍ତବିକ ଲେଖକ । ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଜ୍ୟୋତିରେ ହିଁ କେବଳ ତାହାଙ୍କର ଅନୁଗମନ କରୁଅଛୁ । ଏହି ଜ୍ୟୋତି ପ୍ରେରଣା ନୁହେଁ । "ଯିହୋବା ଏହି ପ୍ରକାରେ କହନ୍ତି" କହିବାକୁ ଆମ୍ଭମାନଙ୍କୁ ବାସ୍ତବିକତ ଲେଖକଙ୍କ ଉଦ୍ଦେଶ୍ୟ ସହିତ ଜୋଡ଼ିତ ହୋଇ ରହିବାକୁ ପଡ଼ିବ । ବ୍ୟବହାରିକର ପୂର୍ଣ୍ଣ ଲେଖାର ସାଧାରଣ ଉଦ୍ଦେଶ୍ୟ, ବିଶେଷ ଲେଖା ସାହିତ୍ୟ ଭାଗ ଏବଂ ଅନୁଚ୍ଛେଦ ସ୍ତରର ଧାରଣା ଉନ୍ନତୀ ସହିତ ସମ୍ବନ୍ଧ ହେବା ଆବଶ୍ୟକ ।

ଆମ୍ଭମାନଙ୍କ ପ୍ରତିଦିନର ଘଟଣାସବୁ ଅନୁବାଦ କରନ୍ତୁ ନାହିଁ ମାତ୍ର ବାଇବଲକୁ କହିବାକୁ ଦିଅନ୍ତୁ । ଏହା ଆମକୁ ସାହିତ୍ୟରୁ ସିଦ୍ଧାନ୍ତ ବାହର କରିବା ନିମନ୍ତେ ମାଗି ଥାଏ । ଏହା ସେତେବେଳେ ପ୍ରମାଣିତ ହେବ ଯେବେ ସାହିତ୍ୟ ସିଦ୍ଧାନ୍ତର ସମର୍ଥନ କରିବ । ଦୁର୍ଭାଗ୍ୟ ବଶତଃ ଅଧିକାଂଶରେ ଆମ୍ଭମାନଙ୍କର ହିଁ ସିଦ୍ଧାନ୍ତ ହୋଇଥାଏ ସାହିତ୍ୟର ସିଦ୍ଧାନ୍ତ ନୁହେଁ ।

ଯେବେ ଆମ୍ଭେ ବାଇବଲର ବ୍ୟବହାରିକତାରେ ଆସୁ ତେବେ ଏହାକୁ ସ୍ମରଣ ରଖିବା ଉଚିତ୍ କି ଭବିଷ୍ୟତବାଣୀକୁ ବାଦ୍‌ଦେଲେ ବାକି ସମସ୍ତ ଭାଗର କେବଳ ଗୋଟିଏ ଅର୍ଥ ହୋଇଥାଏ । ଏହି ଅର୍ଥ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟ ସହିତ ସମ୍ବନ୍ଧିତ ଅଟେ ଯେତେବେଳେ ସେ ସେହି ସମୟର ଆବଶ୍ୟକତା ଓ ସମସ୍ୟା ଉପରେ ଲେଖିଥିଲେ । ଏହାର ଗୋଟିଏ ଅର୍ଥରେ ଅନେକ ବ୍ୟବହାରିକ ବିଷୟ ବାହାର କରାଯାଇ ପାରିବ । ବ୍ୟବହାରିକତା ଲୋକଙ୍କର ଆବଶ୍ୟକତା ଅନୁସାରେ ହୋଇପାରେ କିନ୍ତୁ ବାସ୍ତବିକ ଲେଖକଙ୍କ ଅର୍ଥରେ ସମ୍ବନ୍ଧିତ ହେବା ଆବଶ୍ୟକ ଅଟେ ।

**V** – ଅନୁବାର ଆତ୍ମିକ ଭାବ

ଏପର୍ଯ୍ୟନ୍ତ ମୁଁ ଅନୁବାଦ ଏବଂ ବ୍ୟବହାରିକତାର ପ୍ରାସଙ୍ଗିକ ଓ ସାହିତ୍ୟିକ ପ୍ରକ୍ରିୟା ବିଷୟରେ ଆଲୋଚନା କରୁଥିଲି । କିନ୍ତୁ ବର୍ତ୍ତମାନ ମୁଁ ଅନୁବାଦର ଆତ୍ମିକ ଭାବକୁ ଅଳ୍ପ ଶବ୍ଦରେ ଆଲୋଚନା କରିବାକୁ ଚାହେଁ ।

ନିମ୍ନଲିଖିତ ପରୀକ୍ଷା ସୂଚୀ ମୋ ନିମନ୍ତେ ସହାୟକ ସିଦ୍ଧ ହୋଇଅଛି :

କ. ପବିତ୍ର ଅତ୍ମାଙ୍କ ସହାୟକ ପାଇବା ନିମନ୍ତେ ପ୍ରାର୍ଥନା କରନ୍ତୁ (୧ କରି . ୧:୨୬-୨:୧୬)

ଖ. ବ୍ୟକ୍ତିଗତ କ୍ଷମା ଏବଂ ଜ୍ଞାତ ପାପ ନିମନ୍ତେ ପ୍ରାର୍ଥନା କରନ୍ତୁ (୧ ଯୋହନ . ୯)

ଗ. ଈଶ୍ୱରଙ୍କୁ ଅଧିକ ଜାଣିବା ନିମନ୍ତେ ପ୍ରାର୍ଥନା କରନ୍ତୁ (ଗୀତ ୧:୭ - ୧୪; ୪୨:୧; ୧୧୯;୧)

ଘ. ଯଦି କୌଣସି ନୂତନ ପ୍ରକାଶନ ମିଳିଛି ତେବେ ଅତିଶୀଘ୍ର ତାକୁ ଆପଣା ଜୀବନରେ ଲାଗୁ କରନ୍ତୁ ।

ଙ. ନମ୍ର ଏବଂ ଶିକ୍ଷା ପାଇବାକୁ ପ୍ରସ୍ତୁତ ରୁହନ୍ତୁ ।

ତର୍କ ପ୍ରକ୍ରିୟା ଏବଂ ପବିତ୍ର ଆତ୍ମା ଙ୍କ ଚାଳନାରେ ସମତୁଲ ରଖିବା ବହୁତ କଠିନ ଅଟେ । ନିମ୍ନଲିଖିତ ଲେଖା ମୋର ବହୁତ ସାହାଯ୍ୟ କରିଅଛି ।

କ. ଜେମ୍ସ ଡବ୍ଲ୍ୟୁ ସାରଙ୍କ, ସ୍କ୍ରିପଚର ଟ୍ୱିଷ୍ଟିଙ୍ଗ ପୃ. ୧୭-୧୮

"କେବଳ ଆତ୍ମିକତାରେ ହିଁ ଉନ୍ନତି ନୁହେଁ କିନ୍ତୁ ଈଶ୍ୱରଙ୍କ ଲୋକଙ୍କ ବୁଦ୍ଧିରୁ ମଧ୍ୟ ଜ୍ୟୋତି ଆସିଥାଏ । ବାଇବଲିୟ ଖ୍ରୀଷ୍ଟିୟାନରେ କୌଣସି ଗୁରୁସ୍ତର କିମ୍ବା ଜ୍ୟୋତି ପାଇଥିବା ଲୋକ ହିଁ ନୁହେଁ ଜାହାଙ୍କ ଠାରୁ ସିଦ୍ଧି ଅନୁବାଦ ମିଳେ । ଯେତେବେଳେ ପବିତ୍ର ଆତ୍ମା ବୁଦ୍ଧି, ଜ୍ଞାନ ଏବଂ ଆତ୍ମା ପରୀକ୍ଷାର ଦାନ ଦିଅନ୍ତି ତେବେ ସେ ଏହି ଦାନ ପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କୁ ହିଁ ବାକ୍ୟର ଅଧିକାର ପ୍ରାପ୍ତ ଅନୁବାଦକ ରୂପେ ହିଁ ରହିବାକୁ ଦିଅନ୍ତି ନାହିଁ । ଏହା ଈଶ୍ୱରଙ୍କ ଲୋକମାନଙ୍କ ଉପରେ ନିର୍ଭର କରେ କି ବାଇବଲ ଯିଏ ସର୍ବଅଧିକାରୀ ତାହା ଠାରୁ ଶିଖନ୍ତୁ । ପରୀକ୍ଷା କରନ୍ତୁ ଏବଂ ତା ସହିତ ସେହିମାନଙ୍କୁ ମଧ୍ୟ ଯେଉଁମାନଙ୍କୁ ବିଶେଷ ଦାନ ମିଳିଅଛି । ପରିକଳ୍ପନାର ପୁର୍ଣ୍ଣ ପୁସ୍ତକର ସାରାଂସ ଉପରେ ମୁଁ ଏହା କହେ "ବାଇବଲ ସଂପୂର୍ଣ୍ଣ ମାନବଜାତି ନିମନ୍ତେ ଈଶ୍ୱରଙ୍କର ସତ୍ୟ ପ୍ରକାଶ ଅଟେ, ଯେକୌଣସି ବିଷୟରେ ଏହା କଥା କହେ ସେ ସମସ୍ତଙ୍କ ଉପରେ ଏହାର ଅଧିକାର ଅଛି, ଏହା ସଂପୂର୍ଣ୍ଣ ରୂପେ ରହସ୍ୟ ନୁହେ, ମାତ୍ର ପ୍ରତ୍ୟେକ ସଂସ୍କୃତିର ସାଧାରଣ ଲୋକେ ଏହାକୁ ବୁଝିପାରିବେ ।"

ଖ. କିରକେଗାର୍ଡ଼ ବେର୍‌ନାର୍ଡ଼ ରାମ୍‌ଙ୍କ, ପ୍ରୋଟେଷ୍ଟାଣ୍ଟ ବିବ୍ଲିକାଲ ଇଣ୍ଟର ପ୍ରିଟେସନ । ପୃ. ୭୫ ।

କିରକେଗାର୍ଡ଼ଙ୍କ ଅନୁସାରେ ବାଇବଲର ବ୍ୟାକରଣ, ଶବ୍ଦ ସଂଗ୍ରହ ଏବଂ ଐତିହାସିକ ଅଧ୍ୟୟନ ଆବଶ୍ୟକ ଅଟେ କିନ୍ତୁ ସର୍ବ ପ୍ରଥମେ ସତ୍ୟ ବାଇବଲ ଅଧ୍ୟୟନ ବହୁତ ଆବଶ୍ୟକ ଅଟେ । "ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ପଢ଼ିବାକୁ ନିମନ୍ତେ ଜଣେ ବ୍ୟକ୍ତିକୁ ଆବଶ୍ୟକ ଅଟେ କି ସେ ଆପଣା ହୃଦୟକୁ ମୁଖରେ ରଖି ପଢ଼ୁ, ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ, ପାଇବାର ଆଶାରେ ଏବଂ ଈଶ୍ୱରଙ୍କୁ କଥା କହିବା ଉଦ୍ଦେଶ୍ୟରେ ପଢ଼ୁ । ବାଇବଲକୁ ବିନା ବିଚାରରେ, ଅସାବଧାନରେ, ପଢ଼ାର ଉଦ୍ଦେଶ୍ୟରେ ବ୍ୟବସାୟିକ ରୂପରେ ପଢ଼ିବା ଏହାକୁ ଈଶ୍ୱରଙ୍କ ବାକ୍ୟ ରୂପରେ ପଢ଼ିବା କୁହାଯାଏ ନାହିଁ । ଯେବେ ଜଣେ ଏହାକୁ ଏକ ପ୍ରେମପତ୍ର ରୂପେ ପଢ଼ିବ ତେବେ ସେ ଏହାକୁ ଈଶ୍ୱରଙ୍କ ବାକ୍ୟ ରୂପେ ପଢ଼ିବ ।

ଗ. ଏଚ୍.ଏଚ୍. ରୋଲୀ, ଦା ରିଲେଭାନ୍ସ ଅଫ ଦି ବାଇବଲ, ପୃଷ୍ଠା ୧୯. "ବାଇବଲକୁ କେବଳ ବୁଦ୍ଧିମତାରେ ବୁଝିବା, ତାହା ପୁରା ହେଉ କି ନ ହେଉ, ମାତ୍ର ଏହାର ସଂପୂର୍ଣ୍ଣ ଧନକୁ ପ୍ରାପ୍ତ କରିପାରେ । ଏହା ଏପରି ଜ୍ଞାନକୁ ଅଗ୍ରାହ୍ୟ କରୁ ନାହିଁ କାରଣ ପୂର୍ଣ୍ଣ ଜ୍ଞାନ ହେବା ଆବଶ୍ୟକ । ଯଦି ଏହା ପୂରା ହେବାକୁ ହେଲେ ଆମ୍ଭମାନଙ୍କୁ ବାଇବଲର ଆତ୍ମିକ ଧନ ନିମନ୍ତେ ଆତ୍ମିକ ଜ୍ଞାନ ଆଡ଼କୁ ଘେନି ଯିବା ଲୋକେ ହେବା ଆବଶ୍ୟକ । ଏଥି ନିମନ୍ତେ ବୁଦ୍ଧିମତାର ତତ୍‌ପର ଠାରୁ ଆତ୍ମିକ ଜ୍ଞାନର ଆବଶ୍ୟକତା ଅଧିକ ଆବଶ୍ୟକ । ଆତ୍ମିକ ବିଷୟକୁ ଆତ୍ମିକ ରୂପରେ ହିଁ ଚିହ୍ନିବା ଆବଶ୍ୟକ; ଏବଂ ବାଇବଲର ବିଦ୍ୟାର୍ଥୀଙ୍କୁ ଆତ୍ମିକ ଗ୍ରହଣୀଶୀଳ ହେବା ଆବଶ୍ୟକ, ଈଶ୍ୱରଙ୍କୁ ପାଇବା ନିମନ୍ତେ ଖୋଜି ହେବା ଦରକାର ଯାହା ଦ୍ୱାରା ସେ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିପାରେ । ଯଦି ସେ ଆପଣା ବୈଜ୍ଞାନିକ ଜ୍ଞାନରୁ ବାହାରେ ଏହି ମହାନ ସର୍ବ ମହାନ ପୁସ୍ତକର ସମୃଦ୍ଧ ଉତ୍ତରାଧିକାରୀକୁ ପାଇବାକୁ ଚାହେଁ ।

**VI** - ଟୀକ୍‌କା ର ବିଧି

ଅଧ୍ୟୟନ ସହାୟକ ଟୀକ୍‌କା ନିମ୍ନଲିଖିତ ରୂପେ ଅନୁବାଦର ପ୍ରକ୍ରିୟାରେ ଆପଣଙ୍କ ସହାୟତା କରିବାକୁ ନିର୍ମାଣ କରାଗଲା ।

କ. ଏକ ସଂକ୍ଷିପ୍ତ ଐତିହାସିକ ବିବରଣୀ ପ୍ରତ୍ୟେକ ପୁସ୍ତକର ପରିଚୟ ଦେଇଥାଏ । "ଅଧ୍ୟୟନ ଚକ୍ର ତିନି" ର ପଠନ ପରେ ଏହି ସୂଚନାକୁ ପରୀକ୍ଷା କରନ୍ତୁ ।

ଖ. ପ୍ରାସଙ୍ଗିକ ଦୃଷ୍ଟିକୋଣ ପ୍ରତ୍ୟେକ ଅଧ୍ୟାୟର ଆରମ୍ଭରେ ମିଳିଥାଏ ।

ସାହିତ୍ୟିକ ଭାଗ କିପରି ଗଠିତ ତାକୁ ବୁଝିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ।

ଗ. ପ୍ରତ୍ୟେକ ଅଧ୍ୟାୟ ଏବଂ ମୁଖ୍ୟ ସାହିତ୍ୟ ଭାଗର ଆରମ୍ଭରେ ଅନୁଚ୍ଛେଦ ବିଭାଜନ ଏବଂ ତାର ବ୍ୟାଖ୍ୟାତ୍ମକ ଶୀର୍ଷକ ବିଭିନ୍ନ ଅନୁବାଦରେ ଦିଆଯାଇଅଛି ।

୧. ବାଇବଲ ସୋସାଇଟିର ଗ୍ରୀକ୍ ମୂଳପାଠ, ଚତୁର୍ଥ ପ୍ରକାଶନର ପୁନଃ ପ୍ରକାଶନ (ୟୁ ବି ଏସ୍)

୨. ଦା ନ୍ୟୁ ଆମେରିକାନ୍ ଷ୍ଟାଣ୍ଡାର୍ଡ଼ ବାଇବଲ, ୧୯୯୫ ରେ ପୁନଃ ଉନ୍ନତ (ଏମ୍ ଏ ଏସ୍ ବି)

୩. ଦି ନ୍ୟୁ କିଙ୍ଗ ଜେମ୍‌ସ୍ ଭରସନ୍ (ଏନ୍ କେ ଜେ ଭି)

୪. ଦି ନ୍ୟୁ ରିଭାରଡ୍ ଷ୍ଟାଣ୍ଡାର୍ଡ଼ ଭରସନ୍ (ଏନ୍ ଆର୍ ଏସ୍ ଭି)

୫. ଟୁଡେସ୍ ଇଂଙ୍ଗଲିସ୍ ଭରସନ୍ (ଟି ଇ ଭି)

୬. ଦି ଜିରୁସାଲମ୍ ବାଇବଲ (ଜେବି)

ଅନୁଚ୍ଛେଦ ବିଭାଜନ ପ୍ରେରଣା ପ୍ରାପ୍ତ ନୁହେଁ । ଏସବୁ ପ୍ରସଙ୍ଗରୁ ନିଶ୍ଚୟ କରିବା ଆବଶ୍ୟକ । ଭିନ୍ନ ଭିନ୍ନ ପ୍ରକାରର ଆନୁବାଦ ପ୍ରଣାଳୀ ଏବଂ ଧାର୍ମୀକ ବିଚାରର ନୂତନ ଅନୁବାଦର ତୁଳନା କରିବା ଦ୍ୱାର ଆମେ ବାସ୍ତବିକ ଲେଖକଙ୍କ ବିଚାରର ଡାଞ୍ଚାକୁ ବୁଝିପାରିବା । ପ୍ରତ୍ୟେକ ଅନୁଚ୍ଛେଦର ଗୋଟିଏ ମୁଖ୍ୟ ସତ୍ୟ ହୋଇଥାଏ । ଏହାକୁ "ଶୀର୍ଷକ ବାକ୍ୟ" କିମ୍ବା "ସାହିତ୍ୟର କେନ୍ଦ୍ରିୟ ବିଚାର" କହନ୍ତି । ଏହି ଏକତା ପୂର୍ଣ୍ଣ ବିଚାର ଐତିହାସିକ, ବ୍ୟାକରାତ୍ମକ ଅନୁବାଦର ଚାବି ଅଟେ । ଅନୁବାଦରୁ କମ୍‌ରେ କାହାକୁ ମଧ୍ୟ ପ୍ରଚାର କିମ୍ବା ଶିକ୍ଷା ନ ଦେବା ଦରକାର । ଏହା ମଧ୍ୟ ମନେ ରଖନ୍ତୁ ପ୍ରତ୍ୟେକ ଅନୁଚ୍ଛେଦ ଆପଣା ଆଖପାଖର ଅନୁଚ୍ଛେଦରେ ଜୋଡ଼ିତ ହୋଇଥାଏ । ଏଥି ଯୋଗୁଁ ସଂପୂର୍ଣ୍ଣ ପୁସ୍ତକର ଅନୁଚ୍ଛେଦ ସ୍ତରର ରୂପରେଖା ଏତିକି ଗୁରୁତ୍ୱ ପୂର୍ଣ୍ଣ ଅଟେ । ଆମ୍ଭମାନଙ୍କୁ ବାସ୍ତବିକ ଲେଖକଙ୍କ ବିଷୟକୁ ଅନୁକରଣ କରିବା ଆବଶ୍ୟକ ଅଟେ ।

ଘ. ବବ୍‌ଙ୍କ ଲେଖା ପ୍ରତ୍ୟେକ ପଦର ଅନୁବାଦ ଅଟେ । ଏହା ଆମକୁ ଚାପ ପକାଏ କି ଆମେ ବାସ୍ତବିକ ଲେଖକଙ୍କ ବିଚାରର ଅନୁକରଣ କରି ପାରୁ । ଏହି ଲେଖା ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରଦାନ କରେ ।

୧. ସାହିତ୍ୟ ପ୍ରସଙ୍ଗ

୨. ଐତିହାସିକ, ସାଂସ୍କୃତିକ ପ୍ରକାଶନ

୩. ବ୍ୟାକରଣର ସୂଚନା

୪. ଶବ୍ଦର ଅଧ୍ୟୟନ

୫. ଶାଦୃଶ୍ୟ ସାହିତ୍ୟ

ଚ. ଟୀକ୍‌କା କିଛି-କିଛି ଅଂଶରେ ନ୍ୟୁ ଆମେରିକନ ଷ୍ଟାଣ୍ଡାର୍ଡ଼ ଭରସନ ର ସ୍ଥାନରେ ଅନ୍ୟ ଅନୁବାଦର ପ୍ରୟୋଗ କରାଯାଇଅଛି ।

୧. ନ୍ୟୁ କିଙ୍ଗ ଜେମ୍‌ସ ଭରସନ୍ (ଏନ୍ କେ ଜେ ଭି), ଯେଉଁଥିରେ "ଟେକ୍ସଟସ ରିସେପ୍‌ଟସ୍"ର ସାହିତ୍ୟିକ ହସ୍ତଲେଖାର ଅନୁକରଣ କରାଯାଇ ଅଛି ।

୨. ନ୍ୟୁ ଇଭାଇଜଡ଼୍ ଷ୍ଟାଣ୍ଡାର୍ଡ଼ ଭରସନ (ଏନ୍ ଆର୍ ଏସ୍ ଭି) ଯିଏ ନେସ୍‌ନାଲ କାଉଁସିଲ ଅଫ୍ ଚର୍ଚ୍ଚ଼ଚେସ୍ ର ରିଭାଇଜଡ଼୍ ଷ୍ଟାଣ୍ଡାର୍ଡ଼ ଭରସନ୍‌ର ଶବ୍ଦ ପ୍ରତି ଶବ୍ଦର ଅନୁବାଦ ଅଟେ ।

୩. ଟୁଡେସ୍ ଇଙ୍ଗଲିସ୍ ଭରସନ୍ (ଟିଇଭି), ଆମେରିକାନ୍ ବାଇବଲ ସୋସାଇଟି ର ଶକ୍ତିଯୁକ୍ତ ସମାନତା ଅଟେ ।

୪. ଯିରୁଶାଲେମ ବାଇବଲ (ଜେ ବି), ଫ୍ରେଞ୍ଚ କ୍ୟାଥୋଲିକ୍ ଶକ୍ତିଯୁକ୍ତ ସମାନତା ଅନୁବାଦର ଇଂରେଜୀ ଅନୁବାଦ ।

ଛ. ଯେଉଁମାନେ ଗ୍ରୀକ୍ ପଢ଼ି ପାରିବେ ନାହିଁ, ଇଂରାଜୀର ବିଭିନ୍ନ ଅନୁବାଦର ତୁଳନା ସେମାନଙ୍କ ସହାୟତା କରିପାରେ ନି ସେମାନେ ସାହିତ୍ୟର ସମସ୍ୟାକୁ ଚିହ୍ନି ପାରିବେ ।

୧. ହସ୍ତଲେଖା ଅନ୍ତର

୨. ବୈକଳ୍ପିକ ଶବ୍ଦଅର୍ଥ

୩. ବ୍ୟାକରଣ ରୂପ କଠିନ ସାହିତ୍ୟ ଏବଂ ଗଠନ

୪. ସନ୍ଦିଗ୍ଧ ସାହିତ୍ୟ

ଏପରିକି ଇଂରାଜୀ ଅନୁବାଦ ଏସବୁ ସମସ୍ୟାର ସମାଧାନ କରିପାରିବ ନାହିଁ, କିନ୍ତୁ ସେମାନେ ସେହି କ୍ଷେତ୍ର ଉପରେ ଲକ୍ଷ୍ୟ ରଖି ଗଭୀର ଏବଂ ଅତି ଧ୍ୟାନରେ ଅଧ୍ୟୟନ କରିବାରେ ସହାୟତା କରନ୍ତି ।

ଜ. ପ୍ରତ୍ୟେକ ଅଧ୍ୟାୟର ଶେଷରେ ଆଲୋଚନା ନିମନ୍ତେ ସମ୍ବନ୍ଧିତ ପ୍ରଶ୍ନ ଦିଆଯାଇଅଛି ଯାହାକି ଅଧ୍ୟାୟର ମୁଖ୍ୟ ଅନୁବାଦର ବିଷୟକୁ ଲକ୍ଷ୍ୟ କରି ପଚାରା ଗଲା ।

# <u>ଯୋହନ ରଚିତ ସୁସମାଚାର ପ୍ରସ୍ତାବନା</u>

**ଆରମ୍ଭିକ ବାକ୍ୟାଂଶ**

କ: ମାଥିଉ ଏବଂ ଲୁକ ଯୀଶୁଙ୍କର ଜନ୍ମର ସହିତ ଆରମ୍ଭ କରୁଛନ୍ତି, ମାର୍କ ତାହାଙ୍କ ବାପ୍ତିସ୍ମ ଠାରୁ ଆରମ୍ଭ କରୁଅଛନ୍ତି ମାତ୍ର ଯୋହନ ସୃଷ୍ଟିର ଅତୀତରୁ ଆରମ୍ଭ କରୁଅଛନ୍ତି।

ଖ: ପ୍ରଥମ ଅଧ୍ୟାୟର ପ୍ରଥମ ପଦରୁ ଯୋହନ ନାଜରିତୀୟ ଯୀଶୁଙ୍କର ପୂର୍ଣ୍ଣ ଈଶ୍ୱରିୟତାକୁ ପ୍ରତିପାଦନ କରୁଅଛନ୍ତି ଏବଂ ସମାନ୍ତର ସୁସମାଚାରରେ ପୁନରାବୃତ୍ତି କରୁଛନ୍ତି। ସମାନ୍ତର ସୁସମାଚାର ଏହି ସତ୍ୟକୁ ଶେଷ ପର୍ଯ୍ୟନ୍ତ ଆବରଣ କରି ରଖିଅଛି ( "ଖ୍ରୀଷ୍ଟିୟ ଗୋପନୀୟତା'' ) ।

ଗ: ସମାନ୍ତର ସୁସମାଚାରର ଦୃଢ଼ ବାକ୍ୟ ଆଧାରର ଜ୍ୟୋତିରେ ଯୋହନ ତାଙ୍କ ସୁସମାଚାରକୁ ସ୍ୱଷ୍ଟରୂପେ ବିକଶିତ କରୁଛନ୍ତି। ସେ ଆରମ୍ଭିକ ମଣ୍ଡଳୀର ଆବଶ୍ୟକତା ଅନୁସାରେ ଯୀଶୁଙ୍କର ଜୀବନ ଏବଂ ଶିକ୍ଷାକୁ ପରିପୂରକ ଓ ବ୍ୟାଖ୍ୟା କରିବାକୁ ଉଦ୍ୟମ କରୁଛନ୍ତି ।

ଘ: ଯୋହନ ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ତୁତି-କରଣକୁ ନିମ୍ନଲିଖିତ ଭାବେ ଗଠନ କରିଥିବା ଅନୁମାନ କରାଯାଏ।

୧. ସାତ ଅଦ୍ଭୁତ /ଚମତ୍କାର ଏବଂ ସେମାନଙ୍କର ବ୍ୟାଖ୍ୟା।

୨. ସତେଇଶି ସାକ୍ଷାତକାର ଏବଂ /ଅବା ବ୍ୟକ୍ତି ବିଶେଷଙ୍କ ସହିତ ବାର୍ତ୍ତାଳାପ ।

୩. ବିଶେଷ ଆରାଧନା ଏବଂ ପର୍ବଦିନ

- କ - ବିଶ୍ରାମ ବାର
- ଖ - ନିସ୍ତାର ପର୍ବ (ସି. ଏଫ୍ ୫-୬ ଅଧ୍ୟାୟ)
- ଗ – ସମାଗମ ତମ୍ବୁ (ସି. ଏଫ୍ ୭-୧୦ ଅଧ୍ୟାୟ)
- ଘ - ପ୍ରତିଷ୍ଠା ପର୍ବ (ସି. ଏଫ୍ ୧୦ : ୨୨-୩୯ ଅଧ୍ୟାୟ)

୪. "ମୁଁ ଅଟେ" ବାକ୍ୟାଂଶ

କ – ଦୈବିକ ଈଶ୍ୱରୀୟ ନାମରେ ସମ୍ବନ୍ଧିତ (ଓ୍ୱାଇ ଏକ୍ଷ୍ଟଡ଼ବଲ୍ୟୁ ଏଚ୍)

- ୧ – ମୁଁ ସେ ଅଟେ । (୪:୨୬; ୮:୨୪,୨୮; ୧୩:୧୯;୧୮:୫,୬)
- ୨ - ଅବ୍ରହାମଙ୍କ ଜନ୍ମ ପୂର୍ବରୁ ମୁଁ ଅଛି ।(୮:୫୪-୫୯)

ଖ – ବିଧେୟାତ୍ମକ କର୍ତ୍ତାକାରକ ସହିତ

- ୧- ମୁଁ ସେହି ଜୀବନଦାୟକ ଆହାର (୬: ୩୫,୪.୪୮,୫୧)
- ୨- ମୁଁ ଜଗତର ଜ୍ୟୋତିଃ (୮:୧୨)
- ୩- ମୁଁ ମେଷଗୁଡିକର ଦ୍ୱାର (୧୦:୭,୯)
- ୪- ମୁଁ ଉତ୍ତମ ମେଷପାଳକ (୧୦:୧୧,୧୪)
- ୫- ମୁଁ ପୁନରୁତ୍‌ଥାନ ଓ ଜୀବନ (୧୧:୨୫)
- ୬- ମୁଁ ପଥ, ସତ୍ୟ ଓ ଜୀବନ(୧୪:୬)
- ୭- ମୁଁ ପ୍ରକୃତ ଦ୍ରାକ୍ଷାଲତା (୧୫: ୧,୫)

ଙ: ଯୋହନ ରଚିତ ସୁସମାଚାର ଏବଂ ଅନ୍ୟ ସୁସମାଚାର ମାନଙ୍କ ମଧ୍ୟରେ ପ୍ରଭେଦ।

୧ - ଯଦ୍ୟପି ଏହା ସତ୍ୟ ଅଟେ କି ଯୋହନଙ୍କ ପ୍ରାଥମିକ ଉଦ୍ଦେଶ୍ୟ ଧର୍ମଶାସ୍ତ୍ରୀୟ ଅଟେ, ତାଙ୍କ ଭୂଗୌଳିକ ଏବଂ ଐତିହାସିକ ବିଷୟରେ ପ୍ରୟୋଗ ନିତ୍ୟାନ୍ତ ଯଥାର୍ଥତା ଏବଂ ବର୍ଣ୍ଣନୀୟ । ଯୋହନ ଏବଂ ସମାନ୍ତର ସୁସମାଚାରର ଆନ୍ତରିକ ଯଥାର୍ଥ କାରଣ ଅଜ୍ଞାତ ଅଟେ ।

୧. କ. ଆରମ୍ଭିକ ଯିହୁଦୀୟ ପ୍ରାନ୍ତରର ସେବାକାର୍ଯ୍ୟ
(ସମୟପୂର୍ବେ ମନ୍ଦିରର ସୂଚି)

ଖ. ଯୀଶୁଙ୍କ ଜୀବନର ଶେଷ ସପ୍ତାହର ଘଟଣାକ୍ରମ ଏବଂ ତିଥି

ଗ. ଏକ ଉଦ୍ଦେଶ୍ୟପୂର୍ଣ୍ଣ ଧର୍ମଶାସ୍ତ୍ରୀୟ ନୂତନଗଠନ।

୨. ଆସନ୍ତୁ ଅଳ୍ପସମୟ ନେଇ ଯୋହନ ଏବଂ ସମାନ୍ତର ସୁସମାଚାରର ସରଳ ପ୍ରଭେଦକୁ ଆଲୋଚନା କରିବା ଯାହା ଲାଭଦାୟୀ ଅଟେ। ଏହି ଅସମାନତାକୁ କେନ୍ଦ୍ରକରି ଏ ଥିଅଲୋଜି ଅଫ୍ ଦି ନିଉ ଟେଷ୍ଟାମେଣ୍ଟରୁ ମୁଁ କିଛି ଉଦ୍ଧୃତ କରେ-

କ – "ଚତୁର୍ଥ ସୁସମାଚାର ସମାନ୍ତର ସୁସମାଚାର ଠାରୁ ଭିନ୍ନ ହେବା ହେତୁ ବାସ୍ତବରେ ଏହାକୁ ପ୍ରଶ୍ନର ସମ୍ମୁଖିନ ହେବାକୁ ପଡ଼ିବ କି ଏହା ଯୀଶୁଙ୍କର ଶିକ୍ଷାକୁ ଠିକ୍ ରୂପେ ସୂଚନା ଦେଉଛି ଅବା ଖ୍ରୀଷ୍ଟୀୟ ବିଶ୍ୱାସ ପରମ୍ପରାକୁ ଏତେ ପରିବର୍ତ୍ତନ କଲା କି ଇତିହାସ ଧର୍ମଶାସ୍ତ୍ରୀୟ ବ୍ୟାଖ୍ୟାକୁ ଗ୍ରାସ କରି ନେଲା ( ପୃଷ୍ଠା - ୨୧୫)।

ଖ – "ଏହାର ସମ୍ଭବତ ସମାଧାନ ଏହା ଅଟେ କି ଯୋହନ ଆପଣା ଶବ୍ଦରେ ଯୀଶୁଙ୍କର ଶିକ୍ଷାକୁ ପ୍ରଦର୍ଶିତ କଲେ। ଯଦି ଏହା ପ୍ରକୃତ ସମାଧାନ ଏବଂ ଯଦି ଆମେ ନିଷ୍କର୍ଷ କରିବା ଯେ ଚତୁର୍ଥ ସୁସମାଚାର ଯୋହନଙ୍କ ବିଚାରଧାରାରେ ପରିପୂର୍ଣ୍ଣ ଅଟେ, ତେବେ ଏଠାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ। କେତେ ପରିମାଣ ଚତୁର୍ଥ ସୁସମାଚାରର ବାକ୍ୟ ଯୀଶୁଙ୍କର ବଦଳରେ ଯୋହନଙ୍କର ଅଟେ ? କେତେ ପରିମାଣ ଯୀଶୁଙ୍କର ଶିକ୍ଷା ଯୋହନଙ୍କର ମସ୍ତିଷ୍କରେ ସମୀକରଣ ହେଲା କି ଯାହା ଆମ ପାଖରେ ଅଛି ତାହା ଯୀଶୁଙ୍କର ନିଜ ଶିକ୍ଷାର ସଠିକ୍ ପ୍ରଦର୍ଶନ ବଦଳରେ ଯୋହନଙ୍କ ଭାଷାନ୍ତରଣ ? (ପୃଷ୍ଠା –୨୧୫)

ଗ – ଡବଲ୍ୟୁ.ଡି, ଡେଭିସ୍ ଏବଂ ଡି ଦୁବେଙ୍କ ଦ୍ୱାରା ସଂପାଦିତ ଦ ବେଗ୍ରାଉଣ୍ଡ ଅଫ୍ ଦ ନିଉ ଟେଷ୍ଟାମେଣ୍ଟ ଏଣ୍ଡ ଏସ୍‌କେଟୋଲୋଜିରୁ ଲେଖକ ଡବ୍‌ଲ୍ୟୁ. ଏଫ୍ ଅଲବ୍ରାଇଟଙ୍କ "ରିସେଣ୍ଟ ଡ଼ିସ୍‌କଭରିସ୍ ଇନ୍ ପାଲେଷ୍ଟାଇନ୍ ଏଣ୍ଡ ଦ ଗୋସପେଲ ଅଫ୍ ଜନ୍" ଠାରୁ ମଧ୍ୟ ଲାଡ୍ ଏହି ପ୍ରକାରେ ଉଦ୍ଧୃତ କରୁଛନ୍ତି।

"ଯୋହନ ଏବଂ ସମାନ୍ତର ସୁସମାଚାର ମଧ୍ୟରେ କୌଣସି ମୌଳିକ ଅନ୍ତର ନାହିଁ ; କେବଳ କେତେକ ସ୍ଥାନରେ ଯୀଶୁଖ୍ରୀଷ୍ଟଙ୍କର ଶିକ୍ଷା ପରମ୍ପରା ଉପରେ ଆଧାରିତ ହେବା ବିଷୟକୁ ବାଦ୍ ଦେଲେ ଆଉ କିଛି ବିରୋଧାଭାଷ ଏଠାରେ ନାହିଁ, ବିଶେଷତଃ ସେସବୁ ଏସେନ୍‌ସ୍ ମାନଙ୍କ ଶିକ୍ଷାର ସମିପ ପ୍ରତିବିମ୍ବ ସ୍ୱରୂପ ଲାଗୁଛି।

ଏଠାରେ ପୂର୍ଣ୍ଣରୂପରେ କିଛି ହେଲେ ନାହିଁ ଯଦ୍ୱାରା ଆମେ କହିପାରିବା କି ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷାକୁ ବିକୃତ କରାଗଲା କିମ୍ବା ଗୋଲମାଳ କରାଗଲା କିମ୍ବା କିଛି ଆବଶ୍ୟକୀୟ ନୂତନ ତତ୍ତ୍ୱ ସେଠାରେ ଯୋଡ଼ାଗଲା ।

ଆମେ ଏହି କଥାରେ ଏକମତ ହୋଇପାରିବା କି ଆଦ୍ୟ ମଣ୍ଡଳୀ ଆବଶ୍ୟକତା ଅନୁସାରେ ସୁସମାଚାରରେ ଶିକ୍ଷାକୁ ସଂଶ୍ଳିଷ୍ଟ କରିବାକୁ ଲେଖକଙ୍କୁ ପ୍ରଭାବିତ କଲା। କିନ୍ତୁ ଏପରି କୌଣସି କାରଣ ନାହିଁ ଯାହା କୁହାଯାଇ ପାରିବକି ଆରମ୍ଭିକ ମଣ୍ଡଳୀର ଆବଶ୍ୟକତା ଧର୍ମଶାସ୍ତ୍ରୀୟ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଅବା ପରିବର୍ତ୍ତନ ନିମନ୍ତେ ଦାୟୀ ଅଟେ।

ନୂତନ ନିୟମ ଏବଂ ଧର୍ମଶାସ୍ତ୍ରୀୟ ଜ୍ଞାନୀ ମାନଙ୍କର ଏକ ଆଶ୍ଚର୍ଯ୍ୟ ଜନକ ପୂର୍ବ ଧାରଣା ଏହା କି ଯୀଶୁଙ୍କର ବୃଦ୍ଧି ଏତେ ସୀମିତ ଥିଲା ଯେ ଆରମ୍ଭିକ ଧର୍ମଶାସ୍ତ୍ରୀୟ ଜ୍ଞାନୀ ମାନଙ୍କ ବିରୋଧାଭାବ ବିଚାର ଯୋହନ ଏବଂ ସମାନ୍ତର ସୁସମାଚାର ମଧ୍ୟରେ ପ୍ରଭେଦ ସୃଷ୍ଟି ହେଲା। ପ୍ରତ୍ୟେକ ମହାନ୍ ଚିନ୍ତକ ଏବଂ ବ୍ୟକ୍ତି ଓ ଭିନ୍ନ ଭିନ୍ନ ବନ୍ଧୁ ଏବଂ ଶ୍ରବଣକାରୀଙ୍କଠାରୁ ଭାଷାନ୍ତରିତ ହେବାକୁ ଯାଉଅଛନ୍ତି ଯାହା ଦେଖିଛନ୍ତି ଓ ଶୁଣିଛନ୍ତି ସେଥିମଧ୍ୟରୁ କିଏ ବାଛିବ ତାହା ଅନୁକୂଳ ଏବଂ ଲାଭଦାୟକ ଦେଖାଯାଉଛି ।

ଘ. ଜର୍ଜ ଇ. ଲାର୍ଡଙ୍କ ଠାରୁ ପୁଣି ଥରେ:

"ସେମାନଙ୍କ ମଧ୍ୟରେ ପ୍ରଭେଦ ଏହା ନୁହେଁ କି ଯୋହନ ଧର୍ମଶାସ୍ତ୍ରୀୟ ଏବଂ ଅନ୍ୟମାନେ ନୁହଁନ୍ତି ମାତ୍ର ସେମାନେ ସମସ୍ତେ ବିଭିନ୍ନ ଶୈଳିରେ ଧର୍ମଶାସ୍ତ୍ରୀୟ ଅଟନ୍ତି । ସାଧାରଣ ଘଟଣାବଳୀଠାରୁ ବ୍ୟାଖ୍ୟା କରାଯାଇଥିବା ଇତିହାସ ପରିସ୍ଥିତିର ପ୍ରକୃତ ବିଷୟ ବସ୍ତୁକୁ ସଠିକ୍ ଭାବେ ପ୍ରତିପାଦନ କରିପାରେ । ଯଦି ଯୋହନ ଧର୍ମଶାସ୍ତ୍ରୀୟ ବ୍ୟାଖ୍ୟା ଅଟେ ତେବେ ଏହା ଇତିହାସରେ ଘଟିଥିବା ବିଷୟର ବ୍ୟାଖ୍ୟା ଯାହା ଯୋହନଙ୍କୁ ବୁଝାଗଲା। ଏହା ସ୍ପଷ୍ଟ ଅଟେ କି ସମାନ୍ତର ସୁସମାଚାରର ଉଦ୍ଦେଶ୍ୟ ଯୀଶୁଙ୍କର ପ୍ରତ୍ୟେକ ଯଥାର୍ଥ ଶବ୍ଦକୁ ଉଲ୍ଲେଖ କରିବ। ଏହା ନୁହେଁ ନା ତାଙ୍କ ଜୀବନୀକୁ କହିବା । ସେ ସବୁ ଯୀଶୁଙ୍କର ଚିତ୍ର ଏବଂ ତାଙ୍କ ଶିକ୍ଷାର ସାରାଂଶ । ମାଥିଉ ଏବଂ ଲୁକ୍ ସ୍ୱତନ୍ତ୍ର ମନେ କରନ୍ତି । ମାର୍କରେ ଲେଖାଥିବା ଲେଖନିକୁ ପୁନଃ ବ୍ୟବସ୍ଥିତ କରିବାକୁ ଏବଂ ପୂର୍ଣ୍ଣ ସ୍ୱତନ୍ତ୍ରତାର ସହିତ ଯୀଶୁଙ୍କର ଶିକ୍ଷ୍ୟାକୁ ଉପସ୍ଥାପନା କରିବାକୁ । ଯଦି ଯୋହନ ଏହି ସ୍ୱତନ୍ତ୍ରାକୁ ମାଥିଉ ଏବଂ ଲୁକ୍‌ଙ୍କ ଠାରୁ ଅଧିକ ବ୍ୟବହାର କଲେ, ତେବେ ଏହାର କାରଣ ସେ ଆଗ୍ରହ କଲେ ଯୀଶୁଙ୍କର ଶିକ୍ଷାକୁ ଅଧିକ ଗଭୀର ରୂପେ ପ୍ରକାଶ କରିବାକୁ" । (ପୃଷ୍ଠା –୨୨୧-୨୨୨)

**ଲେଖକ**

କ – ସୁସମାଚାର ବିନା ନାମର ଅଟେ କିନ୍ତୁ ଯୋହନଙ୍କ ଲିଖିତ କାର୍ଯ୍ୟକୁ ସଂକେତ କରେ ।

୧. ଲେଖକ ଜଣେ ପ୍ରତ୍ୟକ୍ଷଦର୍ଶୀ (CF ୧୯ : ୩୫)

୨. ଶବ୍ଦ ସମୂହ " ପ୍ରିୟ ଶିଷ୍ୟ" (ପୋଲିକ୍ରେଟ୍‌ସ୍ ଏବଂ ଆଇରେନିୟସ୍ ତାଙ୍କୁ ପ୍ରେରିତ ଯୋହନ ଭାବେ ଚିହ୍ନଟ କରୁଛନ୍ତି )

୩. ଯବଦିଙ୍କ ପୁତ୍ର, ଯୋହନଙ୍କ ନାମରେ କେବେହେଲେ ଉଲ୍ଲେଖ କରାଯାଇନାହିଁ।

ଖ – ସ୍ୱୟମ ସୁସମାଚାର ଠାରୁ ଐତିହସିକ ଘଟଣା ବଳି ବାସ୍ତବିକ ଅଟେ। ତେଣୁ ବ୍ୟାଖ୍ୟାରେ ଲେଖକଙ୍କ ତର୍କ ଜଟିଳ ନୁହେଁ। ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ ଲେଖକ ମୁଖ୍ୟ ଅଟନ୍ତି।

ଯୋହନ ସୁସମାଚାରର ଲେଖନି କାର୍ଯ୍ୟ ଏବଂ ତିଥି ଈଶ୍ୱରୀୟ ପ୍ରେରଣାକୁ ପ୍ରଭାବିତ କରେ ନାହିଁ କିନ୍ତୁ ଭାଷାନ୍ତରଣକୁ କରେ। ଟିପ୍ପଣୀକର୍ତ୍ତା ଐତିହାସିକ ଘଟଣାକ୍ରମ, ଲେଖିବାର କାରଣ ଏବଂ ଅବସରକୁ ଖୋଜନ୍ତି। କଣ କେହି ଯୋହନଙ୍କ ଯୁଗ୍ମତାକୁ

୧. ଯିହୁଦିଙ୍କ ଦୁଇ ଯୁଗ
୨. ଧାର୍ମିକତାର କୁମ୍‌ରାନ୍ ଶିକ୍ଷକ
୩. ଜରଦୁସ୍ତ ଧର୍ମ
୪. ନଷ୍ଟିକ ବିଚାର
୫. ଯୀଶୁଙ୍କର ଅଦ୍ୱିତୀୟ ସ୍ୱରୂପ ?

ଗ - ଆରମ୍ଭିକ ପରମ୍ପରାଗତ ବିଚାର ଅଟେ କି ଲେଖକ ପ୍ରେରିତ ଯୋହନ, ଯବଦିଙ୍କ ପୁତ୍ର ପ୍ରତ୍ୟେକଦର୍ଶୀ ସ୍ରୋତ ଅଟନ୍ତି । ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ, କାରଣ ଦ୍ୱିତୀୟ ଶତାବ୍ଦୀରେ କିଛି ଅନ୍ୟ ସ୍ରୋତ ଏହାକୁ ଅନ୍ୟ କାହାରି ନାମରେ ନାମାଙ୍କିତ କରିଥିଲା :

୧. ସହ ବିଶ୍ୱାସୀମାନେ ଏବଂ ଏଫିସୀୟର ପ୍ରାଚୀନମାନେ ଏହା ଲେଖିବାକୁ ପ୍ରେରିତଙ୍କୁ ଉତ୍ସାହିତ କଲେ (ଇଉସେବିଅସ୍‌ଙ୍କ ଅନୁସାରେ ଆଲେକ୍‌ସ୍‌ଜାଣ୍ଡ୍ରିଆର କ୍ଲେମେଣ୍ଟ) ।
୨. ସହ ପ୍ରେରିତ, ଆନ୍ଦ୍ରିୟ (ମୋରେଟୋରିଅନ ଫ୍ରାରାମେଣ୍ଟ, ଖ୍ରୀଷ୍ଟାବ୍ଦ ୧୮୦ –୨୦୦, ରୋମରୁ) ।

ଘ - କେତେକ ଆଧୁନିକ ପଣ୍ଡିତମାନେ ସୁସମାଚାରର ବିଷୟବସ୍ତୁ ଏବଂ ଶୈଳି ଉପରେ ଆଧାରିତ ହୋଇ ଆଉ ଅନ୍ୟ କେହି ଲେଖକ ହୋଇଥିବାର ସଂକେତ ଦେଲେ ମାତ୍ର ଅନେକେ ଦ୍ୱିତିୟ ଶତାବ୍ଦୀ ତାରିଖ ଉପରେ ବିଶ୍ୱାସ କଲେ ( ୧୧୫ ଶତାବ୍ଦି ପୂର୍ବେ ) :

୧. ଯୋହନଙ୍କ ଶିଷ୍ୟଙ୍କ ଦ୍ୱାରା ଲିଖିତ (ଯୋହନ ବୃତର ପ୍ରଭାବ ) ଯିଏ ତାଙ୍କ ଶିକ୍ଷାକୁସ୍ମରଣ କଲେ (ଜେ.ଓ୍ୱଇସ, ବି.ଲିଙ୍ଗଫୁଟ, ସି.ଏଚ୍ .ଡୋଡ୍, ଓ କୁଲ୍‌ମ୍ୟାନ୍, ଆର୍.ଏ.କୁଲପେପେର୍ , ସି.କେ. ବ୍ୟାରେଟ୍ ) ।
୨. "ପ୍ରାଚୀନ ଯୋହନଙ୍କ ଦ୍ୱାରା ଲିଖିତ, (ଏସିଆର କେତେକ ପ୍ରାଚିନ ନେତାମାନେ ଯୋହନକ ବାକ୍ୟ ଏବଂ ଲିଖନ ଶୈଳୀ ପ୍ରଭାବିତ ହେଲେ ) ଯାହା ପାପିଆସ୍ ର କେତେକ ଅସ୍ୱଷ୍ଟ ପୃଷ୍ଟାରୁ ପ୍ରାପ୍ତ କରାଗଲା (ଖ୍ରୀଷ୍ଟାବ୍ଦ ୭୦- ୧୪୬ ) ଇଉସେବିଅସଙ୍କ ଦ୍ୱାରା ଉଦ୍ଧୃତ (୨୮୦-୩୩୯ ଖ୍ରୀଷ୍ଟାବ୍ଦ).

ଙ - ଯୋହନ ନିଜେ ଏହି ସୁସମାଚାରର ସାମଗ୍ରୀ ନିମନ୍ତେ ପ୍ରାଥମିକ ସ୍ରୋତର ପ୍ରମାଣ ଅଟନ୍ତି

**୧ - ଆନ୍ତରିକ ପ୍ରମାଣ**

କ – ଲେଖକ ଯିହୁଦିମାନଙ୍କର ଶିକ୍ଷା ଏବଂ ସଂସ୍କାରକୁ ଜାଣିଥିଲେ ଏବଂ ସେମାନଙ୍କର ପୁରାତନ ନିୟମର ପ୍ରାକୃତିକ ଦୃଶ୍ୟକୁ କହିଲେ ।
ଖ - ଲେଖକ ଖ୍ରୀଷ୍ଟାବ୍ଦ ୭୦ ପୂର୍ବରୁ ପଲେଷ୍ଟିନ୍ ଏବଂ ଯିରୁଶାଲେମ୍‌କୁ ଜାଣିଥିଲେ
ଗ – ଲେଖକ ଜଣେ ପ୍ରତ୍ୟେକ୍ଷଦର୍ଶୀ ହେବାର ଦାବି କରୁଛନ୍ତି ।

୧) - ୧:୧୪
୨) – ୧୯:୩୫
୩) - ୨୧:୨୪

ଘ – ଲେଖକ ପ୍ରେରିତ ମାନଙ୍କ ଦଳର ଜଣେ ସଦସ୍ୟ ଥିଲେ, କାରଣ ସେ ନିମ୍ନଲିଖିତ ବିଷୟ ନିମନ୍ତେ ସୁପରିଚିତ ଥିଲେ;

୧) – ସମୟ ଏବଂ ସ୍ଥାନର ବିବରଣୀ (ରାତ୍ରୀର କଥା) ।
୨) – ଗଣନାର ବିବରଣ ( ୨:୬ ରେ ପାଣିକୁମ୍ଭ,୨୧:୧୧ର ମାଛ)
୩) – ବକ୍ତି ମାନଙ୍କର ବିବରଣ
୪) - ଲେଖକ ଘଟଣା ତଥା ସେମାନଙ୍କର ପ୍ରତିକ୍ରିୟାରେ ସଂପୂର୍ଣ୍ଣ ତଥ୍ୟକୁ ଜାଣିଥିଲେ ।
୫) - ଲେଖକ ନିଜକୁ ନିଜେ "ଶିଷ୍ୟ ଯାହାକୁ ସେ ପ୍ରେମ କରୁଥିଲେ" ପଦବି ଦେଉଛନ୍ତି ।

କ – ୧୩:୨୩,୨୫
ଖ - ୧୯: ୨୬-୨୭,୩୪-୩୫
ଗ – ୨୦:୨-୫,.୨୦-୨୪ ଘ-୨୧:୭, ୨୦-୨୪

୬) – ଲେଖକ ପିତରଙ୍କ ସହିତ ଆନ୍ତରିକ ଅଣ୍ଡଳୀର ଜଣେ ସଦସ୍ୟ ଥିବା ଜଣାପଡୁଛି ।

କ- ୧୩:୨୪
ଖ – ୨୦:୨
ଗ – ୨୧:୭

୭) ଜବଦିଙ୍କ ପୁତ୍ର, ଯୋହନଙ୍କ ନାମ, ଏହି ସୁସମାଚାରରେ କେବେହେଲେ ଉଲ୍ଲେଖ କରାଯାଇ ନାହିଁ, ଯାହା ଅତ୍ୟଧିକ ଅସାଧାରଣ ଲାଗେ କାରଣ ସେ ପ୍ରେରିତିକ ଆନ୍ତରି ମଣ୍ଡଳୀର ଜଣେ ସଦସ୍ୟ ଥିଲେ ।

**୨ – ବାହ୍ୟ ପ୍ରମାଣ**

କ – ସୁସମାଚାର ନିମ୍ନଲିଖିତ ଲୋକଙ୍କ ଦ୍ୱାରା ଜଣାଯାଏ

୧ - ଆଇରେନିଅସ (ଖ୍ରୀଷ୍ଟାବ୍ଦ ୧୨୦-୨୦୨) ଯିଏ ପଲିକାର୍ପଙ୍କ ସହିତ ସମ୍ମିଳିତ ଥିଲେ, ପ୍ରେରିତ ଯୋହନଙ୍କୁ ଜାଣିଥିଲେ (ଇଉସେବିଅସ ହିଷ୍ଟୋରିକଲ ଇକ୍ଲେଷ୍ଟିକେସ୍ ୫:୨୦:୬-୭) "ପ୍ରଭୁଙ୍କର ଶିଷ୍ୟ ଯୋହନ ଯିଏ ତାହାଙ୍କ ଛାତି ଉପରେ ବିଶ୍ରାମ କରିଥିଲେ" – ସେ ନିଜେ ଏହି ସୁସମାଚାରକୁ ଏସିଆର ଏଫିସୁସରେ ଜାରି କଲେ" (ହେଅର , ୩:୧:୧, ଇଉସେବିଅସ ହିଷ୍ଟାରିକଲ ଇକ୍ଲିଷ୍ଟିକେସ ୫:୮:୪ ରୁ ଉଦ୍ଧୃତ)।

୨ - ଆଲେକ୍ଜାଣ୍ଡ୍ରିଆ ର କ୍ଲେମେଣ୍ଟ (ଖ୍ରୀଷ୍ଟାବ୍ଦ୧୫୩ –୨୧୫) – "ଯୋହନ ଯିଏ ମିତ୍ର ମାନଙ୍କ ଦ୍ୱାରା ଅନୁରୋଧ ପ୍ରାପ୍ତ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ ହେଲେ, ସେ ଏହି ଆତ୍ମିକ ସୁସମାଚାରର ଲିଖନ କଲେ" (ଇଉସେବିଅସ' ହିଷ୍ଟୋରିକଲ ଇକ୍ଲେଷ୍ଟିକସ୍ ୬:୧୪:୭)।

୩ – ଜଷ୍ଟିନ ମାର୍ଟାଅର (ଖ୍ରୀଷ୍ଟାବ୍ଦ ୧୧୦-୧୬୫ ) ଟ୍ରାଇଫେ। ୮୧ :୪ ଙ୍କ ସହିତ ବାର୍ତ୍ତାଳାପ ।

୪ – ତେରତୁଲିଅନ୍ (ଖ୍ରୀଷ୍ଟାବ୍ଦ ୧୪୫ –୨୨୦)

ଖ – ଯୋହନ ଲେଖକ ହେବା ଆରମ୍ଭିକ ପତ୍ୟେକ୍ଷଦର୍ଶୀଙ୍କ ଦ୍ୱାରା ଦାବି କରାଗଲା।

୧ - ପଲିକାର୍ପ (ଖ୍ରୀଷ୍ଟାବ୍ଦ ୭୦ –୧୫୬, ଆଇନଇୟସ ଙ୍କ ଦ୍ୱାରା ଲିପିବଦ୍ଧ), ଯିଏ ସ୍ମରନାର ବିସ୍' ଥିଲେ (ଖ୍ରୀଷ୍ଟାବ୍ଦ ୧୫୫)

୨- ପାପିୟସ (ଖ୍ରୀଷ୍ଟାବ୍ଦ ୭୦-୧୪୬ ରୋମ ଏବଂ ଇଉସେବିୟସରୁ ଆଣ୍ଟିମାର୍କୋନାଇଟ ଙ୍କ ଦ୍ୱାରା ଲିପିବଦ୍ଧ, ଯିଏ ଫ୍ରିଜିଆରେ ହେରାପୋଲିସ୍ର ବିସପ ଥିଲେ ଏବଂ ପ୍ରେରିତ ଯୋହନଙ୍କର ଜଣେ ଶିଷ୍ୟ ହେବାର ସୂଚନା ଦେଉଅଛନ୍ତି।

ଚ - ପରମ୍ପରାଗତ ଲେଖକ ପ୍ରତି ସନ୍ଦେହ ହେବାର କାରଣ ।

୧ – ନୋଷ୍ଟିକ୍ ବିଚାରଧାରା ସହିତ ଏହି ସୁସମାଚାରର ସମ୍ବନ୍ଧ ।

୨ – ୨୧ ଅଧ୍ୟାୟର ସ୍ପଷ୍ଟ ପରିଶିଷ୍ଟ ।

୩ – ସମାନ୍ତର ସୁସମାଚାର ସହିତ ଘଟଣାକ୍ରମରେ ପ୍ରଭେଦ ।

୪ – ଯୋହନ ନିଜକୁ ନିଜେ "ଶିଷ୍ୟ ଯାହାକୁ ସେ ପ୍ରେମ କରୁଥିଲେ" ବୋଲି ସମ୍ବୋଧିତ କରି ନ ଥାନ୍ତେ।

୫ – ଯୋହନ ସୁସମାଚାରରେ ଯୀଶୁଙ୍କର ଶବ୍ଦାବଳିର ପ୍ରୟୋଗ ସମାନ୍ତର ସୁସମାଚାରଠାରୁ ଭିନ୍ନ ଅଟେ।

ଛ) ଯଦି ଆମେ ମାନୁ କି ଏହାର ଲେଖକ ପ୍ରେରିତ ଯୋହନ ତେବେ ଆମେ ସେହି ବ୍ୟକ୍ତିଙ୍କ ବିଷୟରେ କଣ ମାନିବା ?

୧ – ସେ ଇଉସେବିଅସ୍ ଲେଖିଲେ (ଆଇରେନିଅସ୍ କହନ୍ତି "ଏହି ସୁସମାଚାର ଏଫିସୁସ୍ରୁ ଜାରି କରାଗଲା")।

୨ – ଯେତେବେଳେ ସେ ବୃଦ୍ଧ ଥିଲେ ସେତେବେଳେ ସେ ଲେଖିଲେ (ଆଇରେନିଅସ୍ କହନ୍ତି ଟ୍ରାଜନ୍ ଙ୍କ ରାଜୁତି ପର୍ଯ୍ୟନ୍ତ ସେ ବଞ୍ଚିଥିଲେ, ଖ୍ରୀଷ୍ଟାବ୍ଦ ୯୮- ୧୧୭) ।

<u>ତାରିଖ</u>

କ - ଯଦି ଆମେ ମାନୁ ଏହାର ଲେଖକ ପ୍ରେରିତ ଯୋହନ

୧ – ଖ୍ରୀଷ୍ଟାବ୍ଦ ୭୦ ପୂର୍ବେ, ଯେତେବେଳେ ରୋମିୟ ଜେନେରାଲ୍ (ପଶ୍ଚାତ୍ ସମ୍ରାଟ ) ତିତସ୍ଙ୍କ ଦ୍ୱାରା ଯିରୁଶାଲେମ୍ ମନ୍ଦିର ନଷ୍ଟ କରାଯାଇଥିଲା।

କ – ଯୋହନ -୫:୨ ରେ, "ଯିରୁଶାଲେମର ମେଷଦ୍ୱାର ନିକଟରେ ଗୋଟିଏ ପୁଷ୍କରିଣୀ ଅଛି ଯାହାକୁ ଏବ୍ରୀ ଭାଷାରେ ବେଥ୍ସେଦା କୁହାଯାଏ। ତାହାର ପାଞ୍ଚୋଟି ମଣ୍ଡପ ଅଛି।

ଖ – ପ୍ରେରିତମାନଙ୍କର ଆରମ୍ଭିକ ଶିର୍ଷକ "ଶିଷ୍ୟ" ଶବ୍ଦର ବାରମ୍ବାର ପୁନରାବୃତି ହେବା

ଗ - ଯଦି ନୋଷ୍ଟିକ୍ ବିଚାରଧାରା ମୃତ ସାଗରର ଚର୍ମଲେଖାର ଆବିଷ୍କାର କରାଗଲା ଯାହା ପ୍ରମାଣ କରେ କି ସେମାନେ ପ୍ରଥମ ଶତାବ୍ଦିର ଧର୍ମଶାସ୍ତ୍ର ବିଷୟର ଅଂଶି ଥିଲେ।

ଘ - ୭୦ ଖ୍ରୀଷ୍ଟାବ୍ଦରେ ବିନାଶ ହୋଇଥିବା ଯିରୁଶାଲେମ୍ ଏବଂ ସହର ବିଷୟରେ କିଛି ଉଲ୍ଲେଖ ନାହିଁ।

ଙ - ଆମେରିକାର ବିଖ୍ୟାତ ପ୍ରାଚୀନ ବସ୍ତୁର ଅଧ୍ୟୟନକର୍ତ୍ତା ଡବ୍ଲୟୁ .ଏଫ୍. ଅଲବ୍ରାଇଟ ସୁସମାଚାରର ତାରିଖ ବିଷୟରେ ଦାବି କରନ୍ତି କି ଏହା ଖ୍ରୀଷ୍ଟାବ୍ଦ ୭୦ ପରେ କିମ୍ବା ୮୦ ପୂର୍ବେ ଲେଖାଯାଇଅଛି ।

୨ - ପ୍ରଥମ ଶତାବ୍ଦି ପରେ

କ – ଯୋହନଙ୍କ ଉନ୍ନତି ଧର୍ମଶାସ୍ତ୍ର।

ଖ - ଯିରୁଶାଲେମ ମନ୍ଦିରର ବିନାଶ ବିଷୟରେ ଉଲ୍ଲେଖ କରାଯାଇ ନାହିଁ କାରଣ ଏହା ପାଖାପାଖି କୋଡ଼ିଏ ବର୍ଷ ପୂର୍ବେ ହୋଇଥିଲା ।

ଗ – ଯୋହନଙ୍କ ଦ୍ୱାରା ନୋଷ୍ଟିକ୍ ସଦୃଶ୍ୟ ଶବ୍ଦାବଳିର ପ୍ରୟୋଗ ।

ଘ- ମଣ୍ଡଳୀର ଆରମ୍ଭିକ ପରମ୍ପରା।

୧) ଆଇରେନିଅସ୍

୨) ଇଉସେବିଅସ୍

ଖ- ଯଦି ଆସେ ମାନିବା କି ଏହାର ଲେଖକ "ପ୍ରାଚୀନ ଯୋହନ" ଅଟନ୍ତି ତେବେ ଏହାର ତାରିଖ ଦ୍ୱିତୀୟ ଶତାବ୍ଦିର ମଧ୍ୟରେ ହୋଇପାରେ। ପ୍ରେରିତ ଯୋହନଙ୍କ ଲେଖାକାର୍ଯ୍ୟର ଅସ୍ୱିକୃତି ର ସିଦ୍ଧାନ୍ତ ଡ଼ାଅନିସିଅସ୍ ସହିତ ଆରମ୍ଭ ହୋଇଥିଲା (ସାହିତ୍ୟିକ କାରଣ ହେତୁ) ଇଉସେବିଅସ୍ ଧର୍ମଶାସ୍ତ୍ରୀୟ କାରଣ ହେତୁ ପ୍ରେରିତ ଯୋହନଙ୍କୁ ପ୍ରକାଶିତ ବାକ୍ୟର ଲେଖକ ରୂପରେ ଖଣ୍ଡନ କଲେ, ଠିକ୍ ସେହି ସମୟରେ ସେ ଅନ୍ୟ ଏକ "ଯୋହନ" ଙ୍କୁ ପାଇଲେ ଏବଂ ଠିକ୍ ସେହି ସ୍ଥାନରେ ସେ ପାପିଆସରୁ ଉଦ୍ଧୃତ କଲେ (ହିଷ୍ଟୋରିକଲ୍ ଇକ୍ଲୋଆଷ୍ଟିକାସ୍ ୩:୩୯:୫, ୬), ଯେଉଁଠାରେ ଦୁଇ "ଯୋହନ" ଙ୍କ ସୂଚି ଅଛି (୧) ପ୍ରେରିତ ଯୋହନ୍ (୨) ପ୍ରାଚୀନ ଯୋହନ୍ (ପ୍ରେସ୍‌ବିଟର)।

## ପ୍ରାପ୍ତକର୍ତ୍ତା

 କ- ମୂଳରୂପରେ ଏହା ଏସିଆ କ୍ଷୁଦ୍ରର ରୋମୀୟ ପ୍ରାନ୍ତରକୁ ଲେଖାଯାଇଥିଲା ବିଶେଷକରି ଏଫିସୁସ୍ କୁ।

ଖ- ସରଳତା ଏବଂ ନାଜରତିୟ ଯୀଶୁ ଖ୍ରୀଷ୍ଟଙ୍କ ଜୀବନର ଗଭୀର ବିବରଣୀ ଥିବା ହେତୁ ଏହା ହେଲେ ନିଷ୍ଠିକ ଅନ୍ୟଜାତି ବିଶ୍ୱାସି ଏବଂ ନୋଷ୍ଟିକ୍ ମାନଙ୍କର ପସନ୍ଦିତା ସୁସମାଚାର ହେଲା।

## ଉଦ୍ଦେଶ୍ୟ:

କ- ନିଜେ ସୁସମାଚାର ତାର ସୁସମାଚାରର ଉଦ୍ଦେଶ୍ୟକୁ ଜୋର ଦେଇ କହେ, ୨୦:୩୦-୩୧

୧-ଯିହୁଦି ପାଠକମାନଙ୍କ ନିମନ୍ତେ।

୨- ଅନ୍ୟଜାତି ପାଠକଙ୍କ ନିମନ୍ତେ।

୩- ଆରମ୍ଭିକ ନୋଷ୍ଟିକ ପାଠକଙ୍କ ନିମନ୍ତେ।

ଖ- ଏମିତି ଲାଗେ କି ଏହାର ଉର୍ଦ୍ଦେଶ୍ୟ ବିଶ୍ୱାସର ରକ୍ଷା ନିମନ୍ତେ।

୧-ବାପ୍ତିଜକ ଯୋହନଙ୍କ କଠୋର ଅନୁଗାମୀ ମାନଙ୍କ ବିରୋଧରେ।

୨- ଆରମ୍ଭିକ ନୋଷ୍ଟିକ ମିଥ୍ୟା ଶିକ୍ଷକଙ୍କ ବିରୋଧରେ (ବିଶେଷକରି ପ୍ରସ୍ତାବନା);

ଏହି ନୋଷ୍ଟିକେ ମିଥ୍ୟା ଶିକ୍ଷା ଅନ୍ୟ ନୂତନ ନିୟମ ର ପୃଷ୍ଠଭୂମିର ମଧ୍ୟ ଅଟେ।

କ - ଏଫିସୀୟ

ଖ - କଲସୀୟ

ଗ - ପାଳକୀୟ ପତ୍ରମାନ (ପ୍ରଥମ ତୀମଥି, ତୀତସ, ଦ୍ୱିତୀୟ ତୀମଥି)

ଘ - ପ୍ରଥମ ଯୋହନ୍ (ପ୍ରଥମ ଯୋହନ୍ ସୁସମାଚାର ନିମନ୍ତେ ଏକ ସହ ପତ୍ର ରୁପେ କାର୍ଯ୍ୟ କରୁଅଛି।)

ଗ- ବୋଧହୁଏ ୨୦:୩୧ ର ଉଦ୍ଦେଶ୍ୟ କଥନ ଯେମିତି ଧୈର୍ଯ୍ୟର ଶିକ୍ଷାତଥା ସୁସମାଚାରକୁ ପ୍ରସ୍ୱାହନ ଦେବା ବୁଝାଯାଏ କାରଣ ବର୍ତ୍ତମାନକାଳ ର ବାରମ୍ବାର ପ୍ରୟୋଗ ଉଦ୍ଧାର ଆଡ଼କୁ ସଂକେତ କରୁଛି। ବୋଧେ ଏହି ପ୍ରକାରେ ଯାକୁବଙ୍କ ସଦୃଶ୍ୟ ଯୋହନ୍ ମଧ ଏସିଆ ମାଇନର୍‌ର କେତେକ ଲୋକଙ୍କ ଦ୍ୱାରା ପାଉଲଙ୍କ ଧର୍ମଶାସ୍ତ୍ର କୁ ଅଧିକ ଗୁରୁତ୍ୱ ଦେବାକୁ (ଦ୍ୱିତୀୟ ପିତର-୩:୧୫, ୧୬) ସନ୍ତୁଳିତ କରୁଛନ୍ତି। ଏହା ଆଶ୍ଚର୍ଯ୍ୟ ବିଷୟ କି ଆରମ୍ଭିକ ମଣ୍ଡଳୀ ପରମ୍ପରା ଏଫିସୁସଙ୍କ ସହିତ ଯୋହନଙ୍କୁ ଚିହ୍ନୁଛନ୍ତି ପାଉଲଙ୍କୁ ନୁହେଁ।( ଏଫ୍. ଏଫ୍. ବୃସ୍ ଙ୍କ ପିତର ଯାକୁବ ଓ ଯୋହନ ଷ୍ଟଡ଼ିସ୍ ଇନ୍ ନନ୍ ପାଉଲାଇନ୍ ଖ୍ରୀଷ୍ଟିଆନିଟି, ପୃଷ୍ଠା-୧୨୦-୧୨୧)।

ଘ- ଉପସଂହାର (୨୧ ଅଧ୍ୟାୟ) ଆରମ୍ଭିକ ମଣ୍ଡଳୀର ବିଶେଷ ପ୍ରଶ୍ନର ଉତ୍ତର ଦେଲା ଭଳି ଦେଖା ଯାଏ।

୧- ଯୋହନ୍ ସମାନ୍ତର ସୁସମାଚାରର ବିବରଣକୁ ପରିପୁର୍ଣ୍ଣ କରୁଛନ୍ତି। ଯଦ୍ୟପି, ସେ ଯିହୁଦିୟ ସେବା କାର୍ଯ୍ୟ କୁ ଧ୍ୟାନ ଦେଉଛନ୍ତି ବିଶେଷତଃ ଯିରୁଶାଲମର।

୨- ୨୧ ଅଧ୍ୟାୟର ଉପସଂହାର ତିନୋଟି ପ୍ରଶ୍ନର ଉତ୍ତର ଦିଏ।

କ- ପିତରଙ୍କ ପୁନଃ ପ୍ରତିଷ୍ଠା

ଖ- ଯୋହନ୍‌ଙ୍କ ଦୀର୍ଘ୍ୟାୟୁ।

ଗ- ଯୀଶୁଙ୍କ ପୁନରାଗମନରେ ବିଳମ୍ବ।

ଙ- କେତେକ କହନ୍ତି ଯୋହନ ଉଦ୍ଦେଶ୍ୟମୂଳକ ଭାବେ ଧାର୍ମିକ ସଂସ୍କାରକୁ ଗୁରୁତ୍ୱ ଦେଉନାହାନ୍ତି ଏବଂ ଅଧ୍ୟାୟ ୩ (ବାପ୍ତିସ୍ମ) ଓ ଅଧ୍ୟାୟ (ପ୍ରଭୁ ଭୋଜ) କୁ ଛାଡ଼ିଦେଲେ ସେ କିଛି ଧର୍ମନିଷ୍ଠା ଉପରେ ଧ୍ୟାନ ଦେଇ ନାହାନ୍ତି ଏବଂ ତାର ଅନ୍ୟ ବିଷୟକୁ ଦୃଷ୍ଟିପାତ କଲେ ନାହିଁ।

**ଯୋହନଙ୍କ ରୂପରେଖାର ଲକ୍ଷଣ**

କ- ଗୋଟିଏ ଦର୍ଶନି ଶାସ୍ତ୍ରିୟ / ଧର୍ମଶାସ୍ତ୍ରୀୟ ପ୍ରସ୍ତାବନା (୧:୧-୧୮) ଏବଂ ଏକ ପ୍ରାୟୋଗିକ ଉପସଂହାର (୨୧ ଅଧ୍ୟାୟ)

ଖ- ଯୀଶୁଙ୍କ ସାର୍ବଜନିକ ସେବା କାର୍ଯ୍ୟ ସମୟର ସାତୋଟି ଆଶ୍ଚର୍ଯ୍ୟ ଚମତ୍କାର (୨-୧୨ ଅଧ୍ୟାୟ) ଏବଂ ସେମାନଙ୍କ ବାଖ୍ୟା:

୧- କାନ୍ନାର ବିବାହରେ ଜଳକୁ ଦ୍ରାକ୍ଷାରସରେ ପରିଣତ କଲେ (୨:୧-୧୧)

୨- କଫରନାହୁମ ରେ ରାଜକର୍ମଚାରୀଙ୍କ ପୁତ୍ର କୁ ସୁସ୍ଥ କରିବା (୪:୪୬-୫୪)

୩- ଯିରୁଶାଲମର ବେଥସଦା ପୁଷ୍କରଣୀ ରେ ଖଞ୍ଜ ବ୍ୟକ୍ତିକୁ ସୁସ୍ଥତା ଦେବା (୫:୧-୧୮)

୪- ଗାଲିଲିରେ ୫୦୦୦ ଲୋକଙ୍କୁ ଖୁଆଇବ। (୬:୧-୧୫)

୫- ଗାଲିଲିର ସମୁଦ୍ର ଉପରେ ଚାଲିବା (୬:୧୬-୨୧)।

୬- ଯିରୁଶାଲମରେ ଜନ୍ମାନ୍ଧକୁ ସୁସ୍ଥତା ଦେବା (୯:୧-୪୧)।

୭- ବେଥାନିରେ ଲାଜାରଙ୍କୁ ପୁନଃଜୀବିତ କରିବା (୧୧:୧-୫୭)

ଗ- ବ୍ୟକ୍ତିମାନଙ୍କ ସହିତ ସାକ୍ଷାତକାର ଏବଂ ବାର୍ତ୍ତାଳାପ।

୧- ବାପ୍ତିଜକ ଯୋହନ୍ (୧:୧୯-୩୪;୩:୨୨-୩୬)

୨- ଶିକ୍ଷ୍ୟମାନେ

କ- ଆନ୍ଦ୍ରିଅ ଏବଂ ପିତର (୧:୩୫-୪୨)

ଖ- ଫିଲିପ ଏବଂ ନାଥନିଏଲ (୧:୪୩-୫୧)

୩- ନିକଦିମ୍ (୩:୧-୨୧)

୪- ଶମିରଣ ର ସ୍ତ୍ରୀ (୪:୧-୪୫)

୫- ଯିରୁଶାଲେମରେ ଯିହୁଦି (୫:୧୦-୪୭)

୬- ଗାଲିଲିରେ ଜନ ସମୂହ (୬:୨୨-୬୬)

୭- ପିତର ଏବଂ ଶିକ୍ଷ୍ୟମାନେ (୬:୬୭-୭୧)

୮- ଯୀଶୁଙ୍କ ଭାଇମାନେ (୭:୧-୧୩)

୯- ଯିରୁଶାଲମରେ ଯିହୁଦି (୭:୧୪:୮:୫୯;୧୦:୧-୪୨)।।

୧୦-ଉପର କୋଠରିରେ ଶିଷ୍ୟମାନେ (୧୩:୧-୧୭:୧୬)।

୧୧-ଯିହୁଦିଙ୍କ ଦ୍ୱାରା ଗିରଫ ହେବା ଏବଂ ବିଚାରିତ ହେବା (୧୮:୧-୨୭)।

୧୨-ରୋମୀୟ ଙ୍କ ଦ୍ୱାରା ବିଚାରିତ ହେବା (୧୮:୨୮-୧୯:୧୬)।

୧୩-ପୁନରୁତ୍ଥାନ ପରର ବାର୍ତ୍ତାଳାପ, ୨୦:୧୧-୨୯।

କ- ମରିୟମଙ୍କ ସହିତ

ଖ- ଦଶ ପ୍ରେରିତ ମାନଙ୍କ ସହିତ

ଗ- ଥୋମା ଙ୍କ ସହିତ

୧୪-ପିତରଙ୍କ ସହିତ ଉପସଂହାର ବାର୍ତ୍ତାଳାପ, ୨୧:୧-୨୫

୧୫- (୭:୫୩-୮:୧୧, ବେଶ୍ୟା ସ୍ତ୍ରୀର କାହାଣୀ ପ୍ରକୃତରେ ଯୋହନ୍ ରଚିତ ସୁସମାଚାରର ଅଂଶ ନଥିଲା।

ଘ- କେତେକ ଉପାସନା /ପର୍ବଦିନ

୧- ବିଶ୍ରାମବାର (୫:୯;୭:୨୨;୯:୧୪;୧୯:୩୧)

୨- ନିସ୍ତାର ପର୍ବ (୨:୧୩;୬:୧୪;୧୧:୫୫;୧୮:୨୮)

୩- ସମାଗମ ତମ୍ବୁର ପର୍ବ (୮-୯ ଅଧ୍ୟୟ)

୪- ପ୍ରତିଷ୍ଠା ପର୍ବ (ଜ୍ୟୋତିର ପର୍ବ ୧୦:୨୨)

ଙ- "ମୁଁ ଅଟେ" କଥନର ପ୍ରୟୋଗ

୧- "ମୁଁ ସେ ଅଟେ" (୪:୨୬;୬:୨୦; ୮:୨୪,୨୮,୫୪-୫୯; ୧୩:୧୯; ୧୮:୫-୬,୫)।

୨- "ମୁଁ ସେହି ଜୀବନଦାୟକ ଆହାର" (୬:୩୫,୪୧,୪୮,୫୧)।

୩- "ମୁଁ ଜଗତର ଜ୍ୟୋତି ଅଟେ" (୮:୧୨;୯:୫)

୪- "ମୁଁ ମେଷଗୁଡ଼ିକର ଦ୍ୱାର" (୧୦:୭,୯)

୫- "ମୁଁ ଉତ୍ତମ ମେଷପାଳକ" (୧୦:୧୧,୧୪)

୬- "ମୁଁ ପୁନରୁତ୍ଥାନ ଓ ଜୀବନ" (୧୧:୨୫)

୭- "ମୁଁ ପଥ, ସତ୍ୟ ଓ ଜୀବନ" (୧୪ : ୬)

୮- "ମୁଁ ପ୍ରକୃତ ଦ୍ରାକ୍ଷାଲତା" (୧୫:୧, ୫)।

## ଅଧ୍ୟୟନ ଘଟଣାଚକ୍ର ଏକ

ଏହା ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶକ ଟିକା, ଯାହାର ଅର୍ଥ ବାଇବଲ ର ଅନୁବାଦ କରିବା ନିମନ୍ତେ ଆପଣ ନିଜେ ଦାୟୀ ଅଟନ୍ତି। ଆମେ ପ୍ରତ୍ୟେକେ ସେହି ଜ୍ୟୋତିରେ ଚାଲିବା ଦରକାର ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦ ନିମନ୍ତେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ମୁଖ୍ୟ ଅଟନ୍ତି। ଆପଣ ଏହାକୁ ଟିପ୍ପଣି କର୍ତ୍ତାଙ୍କ ଉପରେ  ଛାଡ଼ି ପାରିବେ ନାହିଁ।

ବାଇବଲର ସଂପୂର୍ଣ୍ଣ ପୁସ୍ତକକୁ ଏକାଥରେ ପଢନ୍ତୁ। ସଂପୂର୍ଣ୍ଣ ପୁସ୍ତକର ମୁଖ୍ୟ ବିଷୟର ରୂପରେଖା ନିଜ ବାକ୍ୟରେ କରନ୍ତୁ।

୧- ପୂର୍ଣ୍ଣ ପୁସ୍ତକର ବିଷୟ।

୨- ସାହିତ୍ୟର ପ୍ରକାର।

## ଅଧ୍ୟୟନ ଘଟଣାଚକ୍ର ଦୁଇ

ଏହା ଏକ ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶକ ଟିକା, ଯାହାର ଅର୍ଥ ବାଇବଲର ଅନୁବାଦ କରିବା ନିମନ୍ତେ ଆପଣ ନିଜେ ଦାୟୀ ଅଟନ୍ତି। ଆମେ ପ୍ରତ୍ୟେକେ ସେହି ଜ୍ୟୋତିରେ ଚାଲିବା ଦରକାର ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦ ନିମନ୍ତେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ମୁଖ୍ୟ ଅଟନ୍ତି। ଆପଣ ଏହାକୁ ଟିପ୍ପଣିକର୍ତ୍ତାଙ୍କ ଉପରେ ଛାଡ଼ିପାରିବେ ନାହିଁ।

ବାଇବଲର ପୂର୍ଣ୍ଣ ପୁସ୍ତକକୁ ଦ୍ୱିତୀୟଥର ଏକାଥରେ ପଢନ୍ତୁ। ମୁଖ୍ୟ ବିଷୟକୁ ରୂପରେଖା କରନ୍ତୁ ଏବଂ ବିଷୟକୁ ଏକ ବାକ୍ୟରେ ଲେଖନ୍ତୁ।

୧. ପ୍ରଥମ ସାହିତ୍ୟିକ ମାପର ବିଷୟ

୨. ଦ୍ୱିତୀୟ ସାହିତ୍ୟିକ ମାପର ବିଷୟ

୩. ତୃତୀୟ ସାହିତ୍ୟିକ ମାପର ବିଷୟ

୪. ଚତୁର୍ଥ ସାହିତ୍ୟିକ ମାପର ବିଷୟ

୫. ଇତ୍ୟାଦି

# ଯୋହନ - ୧

## ଆଧୁନିକ ବ୍ୟାଖ୍ୟାର ଗଦ୍ୟାଂଶ ବିଭାଜନ

| ୟୁବିଏସ୍ ୪ | ଏନ୍‌କେଜେଭି | ଏନ୍‌ଆରଏସ୍‌ଭି | ଟିଇଭି | ଏନ୍‌ଜେ ବି |
|---|---|---|---|---|
| ବାକ୍ୟ ଦେହବନ୍ତ ହେଲେ | ସନାତନ ବାକ୍ୟ | ବାକ୍ୟର ଭୂମିକା | ଜିବନ୍ତ ବାକ୍ୟ | ବାକ୍ୟର ଭୂମିକା |
| ୧:୧-୫ | ୧:୧-୫ | ୧:୧-୫ | ୧:୧-୫ | ୧:୧-୧୮ |
| | ଯୋହନଙ୍କ ସାକ୍ଷ୍ୟ : | ୧:୬-୯ | ୧:୬-୯ | |
| | ସତ୍ୟ ଜ୍ୟୋତି ୧:୬-୧୩ | ୧:୧୦-୧୩ | ୧:୧୦-୧୩ | |
| ୧:୧୪-୧୮ | ବାକ୍ୟ ଦେହବନ୍ତ ହେଲେ | | ୧:୧୪ | |
| | ୧:୧୪-୧୮ | ୧:୧୪-୧୮ | ୧:୧୫ | |
| | | | ୧:୧୬-୧୮ | |
| ବାପ୍ତିଜକ ଯୋହନଙ୍କ ସାକ୍ଷ୍ୟ | ପ୍ରାନ୍ତରରେ ଉଚ୍ଚ ଶବ୍ଦ, କରିଥିବା | ଯୋହନଙ୍କ ସାକ୍ଷ୍ୟ | ବାପ୍ତିଜକ ଯୋହନଙ୍କ | ଯୋହନଙ୍କ ସାକ୍ଷ୍ୟ |
| ୧:୧୯-୨୮ | ଜଣକର ସ୍ୱର | | ସନ୍ଦେଶ | ୧:୧୯-୨୮ |
| | ୧:୧୯-୨୮ | ୧:୧୯-୨୩ | ୧:୧୯ | |
| | | | ୧:୨୦ | |
| | | | ୧:୨୧ କ | |
| | | | ୧:୨୧ ଖ | |
| | | | ୧:୨୧ ଗ | |
| | | | ୧:୨୨ କ | |
| | | | ୧:୨୨ ଖ | |
| | | | ୧:୨୩ | |
| | | | ୧:୨୪-୨୫ | |
| | | | ୧:୨୬-୨୭ | |
| | | ୧:୨୪-୨୮ | ୧:୨୮ | |
| ଈଶ୍ୱରଙ୍କ ମେଷଶାବକ | ଈଶ୍ୱରଙ୍କ ମେଷଶାବକ | | ଈଶ୍ୱରଙ୍କ ମେଷଶାବକ | |
| ୧:୨୯-୩୪ | ୧:୨୯-୩୪ | ୧:୨୯-୩୪ | ୧:୨୯-୩୧ | |
| | | | ୧:୩୨-୩୪ | ୧:୨୯-୩୪ |
| ପ୍ରଥମ ଶିଷ୍ୟମାନେ | ପ୍ରଥମ ଶିଷ୍ୟମାନ | ଯୀଶୁଙ୍କର ପ୍ରଥମ | ଯୀଶୁଙ୍କର ପ୍ରଥମ | ପ୍ରଥମ ଶିଷ୍ୟମାନ |
| | | ଶିଷ୍ୟମାନଙ୍କର ସାକ୍ଷ୍ୟ | ଶିଷ୍ୟମାନେ | |
| ୧:୩୫-୪୨ | ୧:୩୫-୪୨ | ୧:୩୫-୪୨ | ୧:୩୫-୩୬ | ୧:୩୫-୩୯ |
| | | | ୧:୩୭-୩୮କ | |
| | | | ୧:୩୮ଖ | |
| | | | ୧:୩୯ | |
| | | | ୧:୪୦-୪୨କ | ୧:୪୦-୪୨ |
| | | | ୧:୪୨ଖ | |
| ନିଥନିଏଲ, ଫିଲିପ୍‌ପଙ୍କ | ଫିଲିପ୍‌ପ ଏବଂ ନିଥନିୟଲ, | | ଫିଲିପ୍‌ପ ଏବଂ | |
| ଆହ୍ୱାନ୍ | | | ନିଥନିଏଲଙ୍କୁ ଯୀଶୁଙ୍କର | |
| | | | ଆହ୍ୱାନ୍ | |
| ୧:୪୩-୫୧ | ୧:୪୩-୫୧ | ୧:୪୩-୫୧ | ୧:୪୩-୪୫ | ୧:୪୩-୫୧ |
| | | | ୧:୪୬କ | |
| | | | ୧:୪୬ଖ | |
| | | | ୧:୪୭ | |
| | | | ୧:୪୮କ | |
| | | | ୧:୪୮ଖ | |
| | | | ୧:୪୯ | |
| | | | ୧:୫୦-୫୧ | |

## ଅଧ୍ୟୟନ ଘଟଣାଚକ୍ର ତିନି

ଅନୁଛେଦରେ ବାସ୍ତବିକ ଲେଖକଙ୍କ ଅଭିପ୍ରାୟକୁ ଅନୁସରଣ କରିବା।

ଏହା ଅଧ୍ୟୟନ ନିମନ୍ତେ ଗୋଟିଏ ମାର୍ଗଦର୍ଶକ ଟିକା ଅଟେ, ଯାହାର ଅର୍ଥ ହେଲା ବାଇବଲ୍ ର ଅନୁବାଦ କରିବା ନିମନ୍ତେ ଆପଣ ସ୍ୱୟ ଉତ୍ତରଦାୟୀ ଅଟନ୍ତି। ଆମେ ସମସ୍ତଙ୍କୁ ସେହି ଜ୍ୟୋତିରେ ଚାଲିବାକୁ ହେବ ଯାହା ଆମ୍ଭ ମାନଙ୍କ ପାଖରେ ଅଛି। ଅନୁବାଦରେ ଆପଣ, ବାଇବଲ୍, ଏବଂ ପବିତ୍ର ଆତ୍ମା ପ୍ରମୁଖ ଅଟନ୍ତି। ଏହାକୁ ଆପଣ ଟିକାକର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ।

ସଂପୂର୍ଣ୍ଣ ଅଧ୍ୟାୟକୁ ଏକାଥରେ ପଢନ୍ତୁ। ବିଷୟକୁ ଚିହ୍ନନ୍ତୁ।ଆପଣଙ୍କ ବିଛେଦର ତୁଳନା ନୂଆଁ ପାଞ୍ଚ ଅନୁବାଦର ବିଛେଦ ସହିତ କରନ୍ତୁ। ଅନୁଛେଦର ପ୍ରେରଣା କରାପାଇଁ ନାହିଁ ମାତ୍ର ଏହା ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବା ନିମନ୍ତେ ସହାୟକ ଅଟେ ଯାହାକି ଅନୁବାଦର ହୃଦୟ ଅଟେ। ପ୍ରତ୍ୟେକ ଅନୁଛେଦର କେବଳ ଗୋଟିଏ ହିଁ ଅର୍ଥ ହୋଇଥାଏ।

୧- ପ୍ରଥମ ଅନୁଛେଦ

୨- ଦ୍ୱିତୀୟ ଅନୁଛେଦ

୩- ତୃତୀୟ ଅନୁଛେଦ

୪- ଇତ୍ୟାଦି

### ବାକ୍ୟ ଉପରେ ପ୍ରାସଙ୍ଗିକ ଅନ୍ତଃଦୃଷ୍ଟି ୧:୧-୧୮

କ- କବିତା / ଧାର୍ମିକ ଗୀତ / ମତ ର ଧର୍ମଶାସ୍ତ୍ରୀୟ ରୂପରେଖା

୧- ଅନନ୍ତ, ଦୈବିୟ, ସୃଷ୍ଟିକର୍ତ୍ତା, ରକ୍ଷକ ଖ୍ରୀଷ୍ଟ, ୧:୧-୫ (ଯୀଶୁ ବାକ୍ୟ ରୁପରେ)

୨- ଯୀଶୁଙ୍କ ନିମନ୍ତେ ଭବିଷ୍ୟସୂଚକ ସାକ୍ଷ୍ୟ, ୧:୬-୯, ୧୫ (ଯୀଶୁ ଜ୍ୟୋତି ରୁପରେ)

୩- ଦେହବନ୍ତ ଖ୍ରୀଷ୍ଟ ଈଶ୍ୱରଙ୍କୁ ପ୍ରକାଶ କରନ୍ତି, ୧:୧୦-୧୮ (ଯୀଶୁ ପୁତ୍ର ରୁପରେ)

ଖ. ୧:୧-୧୮ ର ଧର୍ମଶାସ୍ତ୍ରୀୟ ଢ଼ାଞ୍ଚା ଏବଂ ପୁନଃରାବୃତ୍ତି ବିଷୟ ବସ୍ତୁ

୧- ଯୀଶୁ ଆଦ୍ୟରୁ ପିତା ଈଶ୍ୱରଙ୍କ ସହିତ ଥିଲେ (୧କ)

୨- ଯୀଶୁ ପିତା ଈଶ୍ୱରଙ୍କ ସହିତ ଘନିଷ୍ଠ ସହଭାଗିତାରେ ଥିଲେ। (୧ଖ, ୨, ୧୮ଗ)

୩- ଯୀଶୁ ପିତା ଈଶ୍ୱରଙ୍କ ସାରତତ୍ୱରେ ସହଭାଗୀ ଅଟନ୍ତି (୧ଗ, ୧୮ଖ)

୪- ପିତା ଈଶ୍ୱରଙ୍କ ଅର୍ଥ ଉଦ୍ଧାର ଏବଂ ସ୍ୱୀକୃତି (୧:୧୨-୧୩)

୫- ଦେହବନ୍ତ, ଈଶ୍ୱରତ୍ୱ ମନୁଷ୍ୟ ହେଲେ (୧:୯, ୧୪)

୬- ପ୍ରକାଶନ, ଈଶ୍ୱରିୟତା ସଂପୂର୍ଣ୍ଣ ପ୍ରକାଶିତ ଏବଂ ବୁଝାଗଲା (୧:୧୮ଘ)

ଗ. ଲୋଗୋସ୍‌ର ଏବ୍ରି ଏବଂ ଗ୍ରୀକ୍ ପୃଷ୍ଠଭୂମି

୧- ଏବ୍ରି ପୃଷ୍ଠଭୂମି

କ- କୁହାଯାଇଥିବା ବାକ୍ୟର ଶକ୍ତି (ଯିଶାଇୟ-୫୫:୧୧;ଗୀ.ସଂ-୩୩:୬;୧୦୭:୨୦; ୧୪୭:୧୫,୧୮), ଯେମିତି ସୃଷ୍ଟିରେ (ଆଦି – ୧:୩,୬୯,୧୧,୧୪,୨୦,୨୪,୨୫,୨୯) ଏବଂ ପୂର୍ବପୁରୁଷଙ୍କ ଆର୍ଶୀବାଦ (ଆଦି ୨୭:୧ – ୪୯:୧)

ଖ – ହିତପୋଦେଶ – ୮:୧୨-୨୩ "ବୁଦ୍ଧି" ଈଶ୍ୱରଙ୍କ ପ୍ରଥମ ସୃଷ୍ଟି ଏବଂ ସମସ୍ତ ସୃଷ୍ଟିର ଅଭିକର୍ତ୍ତା ଭାବେ ଜୀବଧାରୀ କରେ (ଗୀ.ସଂ – ୩୩:୬ ଏବଂ ନନ୍ କାନୋନିକଲ ୱିଜ୍‌ଡମ୍ ଅଫ୍ ସୋଲୋମନ - ୯:୯)

ଗ – ତାରଗୁମ୍‌ସ୍ (ଆରାମିକ୍ ଅନୁବାଦ ଏବଂ ଟିକା ) "ଈଶ୍ୱରଙ୍କ ବାକ୍ୟ" ସମୁହ ଲୋଗସ୍ ନିମନ୍ତେ ସ୍ଥାନ ନେଇଥାଏ ।

୨ – ଗ୍ରୀକ୍ ପୃଷ୍ଠଭୂମି

କ – ହୀରାକ୍ଲିଟସ୍ – ଏହି ପୃଥିବୀ ନିରନ୍ତର ହେଉଥିବା ପରିବର୍ତ୍ତନ ପ୍ରକ୍ରିୟାରେ ଥିଲା; ଈଶ୍ୱରୀୟ ଏବଂ ଅପରିବର୍ତ୍ତିତ ଲୋଗସ୍ ଏହି ପରିବର୍ତ୍ତନ ପ୍ରକ୍ରିୟାରେ ମାର୍ଗ ଦେଲେ ।

ଖ - ପ୍ଲାଟୋ – ଈଶ୍ୱରୀୟ ଏବଂ ଅପରିବର୍ତ୍ତିତ ଲୋଗସ ଗ୍ରହର ଗତି ଏବଂ ଋତୁର ନିର୍ଦ୍ଧାରିତ କଲେ।

ଗ – ଷ୍ଟୋଇସ୍କ - ଲୋଗୋସ "ପୃଥିବୀ କାରଣ" କିମ୍ବା ପ୍ରବନ୍ଧକ ଥିଲା। ମାତ୍ର ଅର୍ଧ ବ୍ୟକ୍ତି ଥିଲା।

ଘ - ଫିଲୋ – ଙ୍କ ଅନୁସାରେ ଲୋଗସ୍ ଏକ "ମହାଯାଜକ" ଅଟେ । ଯିଏ ମନୁଷ୍ୟର ଆତ୍ମାକୁ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ କଲେ", କିମ୍ବା ଈଶ୍ୱର ଏବଂ ମନୁଷ୍ୟ ମଧ୍ୟର ପୋଲ, କିମ୍ବା "ଏହି ବିଶ୍ୱର ଚାଳକ ଯିଏ ସମସ୍ତ ବିଷୟର ଚାଳନା କରିଥାନ୍ତି" (କୋସ୍ମକ୍ରେଟର)।

ଘ - ଦ୍ୱିତୀୟ ଶତାବ୍ଦିର ଉନ୍ନତ ନୋଷ୍ଟିକ ଧର୍ମଶାସ୍ତ୍ରୀୟ ତତ୍ତ୍ୱ ଦର୍ଶନ ବିଷୟକ ପ୍ରଣାଳୀ ।

୧ - ଆତ୍ମା ଏବଂ ଭୌତିକ ପଦାର୍ଥ ମଧ୍ୟରେ ଅନାଦିକାଳ ବିରୁଧ ଦ୍ୱୈତ ବାଦ।

୨ – ଭୌତିକ ପଦାର୍ଥ ମନ୍ଦ ଏବଂ ଜିଦି ଅଟେ ; ଆତ୍ମା ଉତ୍ତମ ଅଟନ୍ତି।

୩ – ନୋଷ୍ଟିକ୍ ପ୍ରଣାଳୀ କହେ ସ୍ୱର୍ଗଦୂତଙ୍କର ଶୃଙ୍ଖଳା ଅଛି ଯେଉଁଠାରେ ଜଣେ ଉଚ୍ଚ ଉତ୍ତମ ଈଶ୍ୱର ଅଛନ୍ତି ଏବଂ ଜଣେ ଅପେକ୍ଷାକୃତ ଛୋଟ ଈଶ୍ୱର ଅଟନ୍ତି ଯିଏ ଭୌତିକ ପଦାର୍ଥରେ ସୃଷ୍ଟି କରିପାରନ୍ତି। କେତେକ ଏହା କହନ୍ତି କି ଅପେକ୍ଷାକୃତ ଛୋଟ ଈଶ୍ୱର ପୁରାତନ ନିୟମର ଯିହୋବା ଅଟନ୍ତି (ଯେମିତି ମାର୍‌ସିଅନ୍)

୪ – ଉଦ୍ଧାର ଏମାନଙ୍କ ଦ୍ୱାରା ଆସିଲା

କ – ଗୁପ୍ତ ଜ୍ଞାନ ଏବଂ ସଂକେତ ଶବ୍ଦ ଯିଏ ଜଣେ ବ୍ୟକ୍ତିଙ୍କୁ ଅନୁମତି ଦିଏ କି ସେ ସ୍ୱର୍ଗଦୂତଙ୍କର ମଣ୍ଡଳ ଦେଇ ଈଶ୍ୱରଙ୍କ ସହିତ ଏକ ହୁଏ ।

ଖ – ଈଶ୍ୱରୀୟ ଜ୍ୱଳା ଯାହାର ଜ୍ଞାତ ମେକବଳ ଗୁପ୍ତ ଜ୍ଞାନ ପ୍ରାପ୍ତରୁ ହିଁ ହୋଇଥାଏ ।

ଗ - ପ୍ରକାଶନର ବିଶେଷ ବ୍ୟକ୍ତିଗତ ଅଭିକର୍ତ୍ତା ଯିଏ ଗୁପ୍ତ ଜ୍ଞାନକୁ ମନୁଷ୍ୟ ପାଖରେ ପହଞ୍ଚାଇଥାଏ(ଖ୍ରୀଷ୍ଟଙ୍କ ଆତ୍ମା)।

୫ – ଏହି ବିଚାରଧାରା ଯୀଶୁଙ୍କର ଈଶ୍ୱରୀୟତାକୁ ଅର୍ଥାତ୍ ତାଙ୍କ ବାସ୍ତବିକତା ଏବଂ ସ୍ଥାୟୀ ଦେହଧାରଣ ଏବଂ ମୁଖ୍ୟ ଉଦ୍ଧାର କର୍ମକୁ ଅସ୍ୱୀକାର କରିଛି ।

ଙ – ଐତିହାସିକ ପୃଷ୍ଠଭୂମି

୧ – ୧:୧-୧୮ ରେ ଲୋଗୋସ୍‌ର ପ୍ରୟୋଗ ଦ୍ୱାରା ଏବ୍ରି ଏବଂ ଗ୍ରୀକ୍ ଉଭୟଙ୍କୁମନରୁ ସଂପର୍କ କରିବାକୁ ପ୍ରୟାସ କରାଯାଇଛି।

୨ – ଉନ୍ନତ ଧରଣରେ ଗଠିତ ଯୋହନ ସୁସମାଚାରର ପ୍ରସ୍ତାବନାକୁ ନୋଷ୍ଟିଜମ୍‌ର ମିଥ୍ୟା ଶିକ୍ଷା ଦାର୍ଶନିକ ପୃଷ୍ଠଭୂମି ଅଟେ। ପ୍ରଥମ ଯୋହନ ଯୋହନ ରଚିତ ସୁସମାଚାର ନିମନ୍ତେ ମୁଖ ପତ୍ର ରୁପେ କାର୍ଯ୍ୟ କରେ। ଦ୍ୱିତୀୟ ଶତାବ୍ଦି ପର୍ଯ୍ୟନ୍ତ ଧର୍ମଶାସ୍ତ୍ରୀୟ ବିଚାରଧାରା ପ୍ରଣାଳୀ ଯାହାକୁ "ନୋଷ୍ଟିଜମ୍" କୁହାଯାଏ, ଲିଖିତ ରୂପେ ନ ଥିଲା । କିନ୍ତୁ ଆରମ୍ଭିକ ନୋଷ୍ଟିକ୍ ବିଷୟବସ୍ତୁ ମୃତସାଗର ଧର୍ମଲିଖନ ଏବଂ ଫିଲୋରେ ମିଳିଥାଏ। (ବିଶେଷତଃ ମାର୍କ)

୩- ସମାନ୍ତର ସୁସମାଚାର ପୂର୍ଣ୍ଣ (ଖ୍ରୀଷ୍ଟିୟ ଗୋପନୀୟତା)କୁ କାଲ୍‌ବରୀ ପର୍ଯ୍ୟନ୍ତ ଆବରଣ କରି ରଖିଥିଲା। କିନ୍ତୁ ଯୋହନ, ବହୁତ ବିଳମ୍ବରେ ଲେଖି ୧ ଅଧ୍ୟାୟରେ ଯୀଶୁଙ୍କର ଈଶ୍ୱରୀୟତା ଏବଂ ପୂର୍ଣ୍ଣ ମାନବତାର ଜଟିଳ ବିଷୟବସ୍ତୁକୁ ପ୍ରସ୍ତୁତ କଲେ (ମନୁଷ୍ୟ ପୁତ୍ର, ଯିହିଯିକଲ – ୨:୧ ଏବଂ ଦାନିଏଲ୍ –୭:୧୩ ).

ଚ – ଦେଖନ୍ତୁ ବିଶେଷ ଶୀର୍ଷକ : ଯୋହନ ୧ ଅଧ୍ୟାୟର ତୁଳନା ପ୍ରଥମ ଯୋହନ ୧ ଅଧ୍ୟାୟ ସହିତ ପ୍ରଥମ ଯୋହନ -୧:୧ ରେ ।

**ଶବ୍ଦ ଏବଂ ବାକ୍ୟାଂଶର ଅଧ୍ୟୟନ**

**ଏନ୍‌ଏଏସ୍‌ବି (ଅପଡେଟେଡ) ମୂଳପାଠ : ୧:୧-୫**

**୧ ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ। ୨ ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ। ୩ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ। ୪ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତିଃ। ୫ସେହି ଜ୍ୟୋତି ଅନ୍ଧକାରରେ ଜାଜ୍ଜ୍ୱଲ୍ୟମାନ ହୋଇ ଆସୁଅଛି, ଆଉ ଅନ୍ଧକାର ତାହା ଗ୍ରହଣ କରିନାହିଁ।**

**୧.୧** "ଆଦ୍ୟରେ" ଏହା ଆଦିପୁସ୍ତକ – ୧.୧ କୁ ଦର୍ଶାଏ ଏବଂ ପ୍ରଥମ ଯୋହନ ୧:୧ ରେ ଯେମିତି ଦେହଧାରଣର ସଂକେତ ରୂପେ ମଧ୍ୟ ବ୍ୟବହୃତ ହୋଇଅଛି। ଏହା ସମ୍ଭବ ଅଟେ କି ପ୍ରଥମ ଯୋହନ ସୁସମାଚାରର ମୁଖପତ୍ର ଥିଲା। ଉଭୟେ ନୋଷ୍ଟିଜମ୍ ସହିତ ଆଦାନ ପ୍ରଦାନ କରନ୍ତି। ଯୀଶୁଙ୍କର ଅସ୍ତିତ୍ୱ ଯାହା ସୃଷ୍ଟିରେ ଆରମ୍ଭରୁ ଅଛି ତାକୁ ୧-୫ ପଦ ନିଶ୍ଚିତ କରେ (୧:୧୫, ୮:୫୬-୫୯, ୧୬:୨୮, ୧୭:୫; ୨ କରନ୍ଥୀୟ – ୮:୯; ଫିଲିପ୍ପିୟ : ୨:୬-୭; କଲସୀୟ- ୧:୧୭; ଏବ୍ରୀ-୧:୩; ୧୦:୫-୮)।

**ନୂତନ ନିୟମ ଏହି ପ୍ରକାରେ ବର୍ଣ୍ଣନା କରାଗଲା**

୧- ଗୋଟିଏ ନୂତନ ସୃଷ୍ଟି।

୩:୧୫ ମାନବ ଜାତି ନିମନ୍ତେ ପୂର୍ଣ୍ଣ ହେଲା।

୨- ଏକ ନୂତନ ବିଜୟ (ପ୍ରତିଜ୍ଞାର ଦେଶ)

୩- ଏକ ନୂତନ ଯାତ୍ରା (ଭବିଷ୍ୟବାଣି ପୂର୍ଣ୍ଣ ହେଲା)

୪- ଏକ ନୂତନ ମୋଶା (ବ୍ୟବସ୍ଥା ଦେବା ବ୍ୟକ୍ତି)

୫- ଏକ ନୂତନ ଯିହୋସୂୟ (ଏବ୍ରୀ – ୪:୮)

୬- ଏକ ନୂତନ ଜଳ ଆଶ୍ଚର୍ଯ୍ୟ କମି (ଏବ୍ରୀ ୩-୪)

୭- ନୂତନ ମାନ୍ନା (ଯୋହନ ୬)

ଏବଂ ଆହୁରି ଅଧିକ, ବିଶେଷକରି ଏବ୍ରୀ ପୁସ୍ତକ କର।

**ବିଶେଷ ଶୀର୍ଷ : ଏଆର୍‌ସିଏଚ୍‌ଇ**

"ଡ଼ୋମେଇନ୍" ଶବ୍ଦ "ଗ୍ରୀକ୍ ଶବ୍ଦ ଏଆର୍‌ସିଏଚ୍‌ଇ ଅଟେ ଯାହାର ଅର୍ଥ "ଆଦ୍ୟ" କିମ୍ବା କିଛି ବିଷୟର "ଆରମ୍ଭ"।

୧- ସୃଷ୍ଟ ବ୍ୟବସ୍ଥାର ଆରମ୍ଭ (ଯୋହନ-୧:୧; ପ୍ରଥମ ଯୋହନ- ୧:୧, ଏବ୍ରୀ-୧:୧୦)

୨- ସୁସମାଚାରର ଆରମ୍ଭ (ମାର୍କ ୧:୧; ିଲିପ୍‌ପ-୪:୧୫; ଦ୍ୱିତୀୟ ଥେସୋ – ୨:୧୩; ଏବ୍ରୀ-୨:୩)

୩- ପ୍ରଥମ ପ୍ରତକ୍ଷ୍ୟଦର୍ଶୀ (ଲୂକ-୧:୨)

୪- ଆରମ୍ଭ ଆଶ୍ଚର୍ଯ୍ୟକର୍ମ (ଆଶ୍ଚର୍ଯ୍ୟକର୍ମ, ମୋହନ - ୨:୧୧)

୫- ଆରମ୍ଭ ସିଦ୍ଧାନ୍ତ (ଏବ୍ରୀ-୫:୧୨)

୬- ସୁସମାଚାରର ସତ୍ୟତା ଅନୁସାରେ ଆରମ୍ଭ ପ୍ରତିଜ୍ଞା (ଏବ୍ରୀ-୩:୧୪)

୭- ଆଦ୍ୟରେ କଲସିୟ – ୧:୧୮; ପ୍ରକାଶିତବାକ୍ୟ – ୩:୧୪

ଏହା "ନିୟମ" କିମ୍ବା "ଅଧିକାର" ରେ ବ୍ୟବହୃତ ହେଲା।

୧- ମନୁଷ୍ୟ ଶାସନ ଅଧିକୃତ ଅଧିକାରୀ

କ- ଲୂକ – ୧୨:୧୧

ଖ- ଲୂକ - ୨୦:୨୨

ଗ- ରୋମୀୟ – ୧୩:୩; ତୀତସ : ୩:୧

୨- ସ୍ୱର୍ଗଦୂତଙ୍କ ଅଧିକାରୀଗଣ।

**ରୋମୀୟ – ୮:୩୮**

**ପ୍ରଥମ କରନ୍ଥୀୟ – ୧୫:୨୪**

**ଏଫିସିୟ – ୧:୨୧; ୩:୧୦; ୫:୧୨**

**କଲିସୀୟ – ୧:୧୬; ୨:୧୦; ୧୫**

**ଯିବୁଦା ୬ ପଦ।**

ଏହି ମିଥ୍ୟା ଶିକ୍ଷକମାନେ ସମସ୍ତ ସ୍ୱର୍ଗୀୟ ଏବଂ ଜାଗତିକ ଅଧିକାରକୁ ଘୃଣା କଲେ। ସେମାନେ ଆପଣାକୁ ଓ ନିଜ ଇଚ୍ଛାକୁ ଈଶ୍ୱର, ସ୍ୱର୍ଗଦୂତ, ମାନବ ଅଧିକାର, ଏବଂ ମଣ୍ଡଳୀ ନେତୃତ୍ୱଙ୍କ ସମ୍ମୁଖରେ ରଖିଲେ।

- **"ଥିଲା"** (ତିନିଥର), ଏହା ଏକ ଅପୂର୍ଣ୍ଣ କାଳ ଅଟେ (ପଦ - ୧,୨,୪,୧୦) ଯାହା ଅତୀତରେ ନିରନ୍ତର ଥିବା କାର୍ଯ୍ୟକୁ ଦର୍ଶାଏ, ଏହାର ପ୍ରୟୋଗ ଲୋଗୋସର ଅତୀତକୁ କହିବା ନିମନ୍ତେ କରାଗଲା। ଏହା ପଦ ୩, ୬,ଏବଂ ୧୪ର ଅନିଶ୍ଚିତ ଅତିତ କାଳର ବିରୋଧରେ ଅଟେ ।
- **"ବାକ୍ୟ"** – ଗ୍ରୀକ ଶବ୍ଦ ଲୋଗସ ଏକ ସନ୍ଦେଶକୁ ଦର୍ଶାଏ, ଏକ ଶବ୍ଦକୁ ନୁହେଁ। ଏହି ପ୍ରସଙ୍ଗରେ ଏହି ଶୀର୍ଷକ ଗ୍ରୀକ୍ "ବିଶ୍ୱଯୁକ୍ତି" ଏବଂ ଏବ୍ରୀ "ବୁଦ୍ଧି" କୁ କହିବାକୁ ପ୍ରୟୋଗ କରାଗଲା। ଯୋହନ ଏହି ଶବ୍ଦର ପ୍ରୟୋଗ ଉଭୟ ବ୍ୟକ୍ତି ଏବଂ ସନ୍ଦେଶକୁ କହିବା ନିମନ୍ତେ ମନୋନିତ କଲେ। (ଦେଖନ୍ତୁ ପ୍ରାସଙ୍ଗିକ ଅନ୍ତର୍ଦୃଷ୍ଟି ଗ)
- **"ଈଶ୍ୱରଙ୍କ ସହିତ"** – ସହିତ ଶବ୍ଦ ସାମ୍ନା ସାମ୍ନି ଭାବେ ଅନୁବାଦ ହୋଇପାରେ । ଏହା ଘନିଷ୍ଠ ସମ୍ବନ୍ଧକୁ ଦର୍ଶାଏ। ଏହା ଈଶ୍ୱରୀୟ ତତ୍ୱ ଏବଂ ତିନି ଅନନ୍ତ ବ୍ୟକ୍ତିଗତ ପ୍ରକାଶନର ବିଚାରଧାରାକୁ ମଧ୍ୟ ସଂକେତ କରେ। (ବିଶେଷ ଶର୍ଷକ: ତ୍ରୀଏକ ୧୪:୨୬ରେ )। ନୂତନ ନୟମ ଏହି ଅସତ୍ୟାଭାସକୁ ମଧ କହେ କି ଯୀଶୁ ପିତାଙ୍କ ଠାରୁ ଭିନ୍ନ ଅଟନ୍ତି। ମାତ୍ର ସେ ପିତାଙ୍କ ସହିତ ଏକ ମଧ ଅଟନ୍ତି।
- **"ବାକ୍ୟ ଈଶ୍ୱର ଥିଲେ"** - ଏହା ଏକ ଅପୂର୍ଣ୍ଣକାଳ କ୍ରିୟା ଅଟେ । ପଦ ୧.* , "ଥିଅସ" ସହିତ କୌଣସି ଲେଖା ନାହିଁ। ଏହି ବାକ୍ୟ ଏବଂ ପଦ ୧୮ ଲୋଗସ୍‌ର ପୂର୍ବ ଅସ୍ତିତ୍ୱର ପୂର୍ଣ୍ଣ ଈଶ୍ୱରୀୟତାର ଦୃଢ ବିବରଣ ଅଟେ। (୫:୧୮;୮୫୮;୧୦:୩୦;୧୪:୯;୧୭:୧୧; ୨୦:୨୮; ରୋମୀୟ –୯:୫;ଏବ୍ରୀ –୧:୮; ଦ୍ୱିତୀୟ ପିତର –୧:୧) । ଯୀଶୁ ପୂର୍ଣ୍ଣ ଈଶ୍ୱର ଏବଂ ପୂର୍ଣ୍ଣ ମନୁଷ୍ୟ ଅଟନ୍ତି (ପ୍ରଥମ ଯୋହନ ୪:୧ –୩)। ସେ ପିତା ଈଶ୍ୱରଙ୍କ ସମାନ ନୁହଁନ୍ତି ମାତ୍ର ପିତାଙ୍କ ସଦୃଶ୍ୟ ତାଙ୍କର ସମାନ ଈଶ୍ୱରୀୟ ତତ୍ୱ ଅଛି।

ନୂତନ ନିୟମ ନାଜରତୀୟ ଯୀଶୁ ଙ୍କ ସଂପୂର୍ଣ୍ଣ ଈଶ୍ୱରୀୟତାକୁ ପ୍ରକାଶ କରେ , ମାତା ପିତା ଈଶ୍ୱରଙ୍କ ସୁସ୍ପଷ୍ଟ ବ୍ୟକ୍ତିତ୍ୱକୁ ରକ୍ଷା କରେ। ଯୋହନରେ ଏକ ଈଶ୍ୱରୀୟତାକୁ ମହତ୍ୱ ଦିଆଗଲା ୧:୧; ୫:୧୮; ୧୦:୩୦; ୩୪-୩୮; ୧୪:୯-୧୦ ; ଏ ବଂ ୨୦:୨୮, ଯେପରିକି ସେମାନଙ୍କ ଭିନ୍ନତା ଯୋହନରେ ସୁସମାଚାରରେ ଦିଆଗଲା – ୧:୨,୧୪,୧୮; ୫:୧୯ –୨୩ ; ୮:୨୮;୧୦:୨୫,୨୯ ୧୪:୧୧,୧୨,୧୩,୧୬।

**୧:୨** ଏହା ପଦ ୧ର ସଦୃଶ୍ୟ ଅଟେ ଏବଂ ଅଦ୍ୱେତବାଦ ଜ୍ୟୋତିରେ ଏକ ସତ୍ୟତାକୁ ପ୍ରକାଶ କରୁଅଛି କି ଯୀଶୁ ଯାହାର ଜନ୍ମ ଖ୍ରୀଷ୍ଟ ପୂର୍ବ ୫ –୬ ମଧ୍ୟରେ ହୋଇଛି, ସେ ସର୍ବଦା ପିତାଙ୍କ ସହିତ ଥିଲେ ଏଣୁ ସେ ଦୌବିୟ।

**୧:୩ "ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା"** ଲୋଗସ ପିତାଙ୍କର ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ସୃଷ୍ଟିର ଅଭିକର୍ତ୍ତା ଥିଲେ ( ୧୦:୧; ପ୍ରଥମ କରିନ୍ଥୀୟ –୮:୬; କଲସିୟ –୧:୧୬; ଏବ୍ରୀ –୧:୨) । ଏହା ଗୀତସଂହିତା – ୩୩:୬ ଏବଂ ହିତୋପଦେଶ – ୮:୧୨ – ୨୩ ର ବୁଦ୍ଧିର ସଦୃଶ୍ୟ ଅଟେ (ଏବ୍ରୀ ଭାଷାରେ "ବୁଦ୍ଧି" ଗୋଟିଏ ସ୍ତ୍ରୀଲିଙ୍ଗ ସଂଜ୍ଞା ଅଟେ) ।

- " ଆଉ ଯେ ସମସ୍ତ ସୃଷ୍ଟ ହୋଇଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇନାହିଁ' "ଏହି ନୋଷ୍ଟିକ୍ ମିଥ୍ୟା ଶିକ୍ଷା" - ଏକ ଉଚ୍ଚ ଉତ୍ତମ ଈଶ୍ୱର ଏବଂ ଏକ ଅପେକ୍ଷାକୃତ ଛୋଟ ଈଶ୍ୱରଙ୍କୁ ବିଚ୍ଛେଦ କରୁଅଛି ।
- ୧: ୪ "ତାହାଙ୍କଠାରେ ଜୀବନ ଥିଲା" ଏହି ଶବ୍ଦ ସମୁହ ଦୃଢତାର ସହିତ କହେ କି, ପୁତ୍ର ଏବଂ ବାକ୍ୟ ଠାରୁ " ଜୀବନ" ଆସେ, ପୁନଃରୁଥିତ ଜୀବନ, ଅନନ୍ତ ଜୀବନ, ତଥା ଈଶ୍ୱରଙ୍କ ଜୀବନ ନିମନ୍ତେ ଏଠାରେ ଯୋହନ "ଜୋଏ' ଶବ୍ଦର ପ୍ରୟୋଗ କରୁଅଛନ୍ତି । (୧:୪;୩:୧୫;୩୬;୪:୧୪,୩୬;୫:୨୪,୨୬,୨୯,୩୯,୪୦;୬:୨୭,୩୩,୩୫,୪୦,୪୭,୪୮,୫୧,୫୩,୫୪,୬୩,୬୫ ଇତ୍ୟାଦି) । ସାସାଂରିକ ଏବଂ ଭୌତିକ ଜୀବନ ପାଇଁ ଗ୍ରୀକ୍ ଶବ୍ଦ "ଜୀବନ' ନିମନ୍ତେ ବାୟୋସ୍‌ର ପ୍ରୟୋଗ କରାଯାଇଥିଲା (ପ୍ରଥମ ଯୋହନ - ୨:୧୬)
- "ସେହି ଜୀବନ ମନୁଷ୍ୟମାନଙ୍କର ଜ୍ୟୋତି ଥିଲା" ଈଶ୍ୱରଙ୍କସତ୍ୟ ଏବଂ ଜ୍ଞାନ ନିମନ୍ତେ ଯୋହନ ଜ୍ୟୋତିକୁ ଏକ ସାଧାରଣ ରୁପରେ ବ୍ୟବହାର କରୁଛନ୍ତି (୩:୧୯;୮:୧୨,୯:୫,୧୨:୪୬) ଦେଖନ୍ତୁ ଜୀବନ ସମସ୍ତ ନିମନ୍ତେ ଥିଲା (ସମ୍ଭବପର ସଂକେତ-ଗୀତ ସଂହିତା ୩୬:୫-୯ ମାନବ ଜାତିଙ୍କ ଜ୍ୟୋତି ଏବଂ ଅନ୍ଧକାର ମୃତସାଗର ଧର୍ମ ଲିଖନର ସାଧାରଣ ବିଷୟ ବସ୍ତୁ ଥିଲା । ଯୋହନ ଅନେକ ଥର ଆପଣାକୁ ବିରୋଧାଭାଷକ ଶବ୍ଦରେ ଏବଂ ପ୍ରଣାଳୀରେ ପ୍ରକାଶ କରୁଅଛନ୍ତି ।

**୧:୫ "ସେହି ଜ୍ୟୋତି ଜାଜ୍ୱଲ୍ୟମାନ ହେଉଛି"** । ଏହା ବର୍ତ୍ତମାନ କାଳ, ଯାହାର ଅର୍ଥ ନିରନ୍ତର କ୍ରିୟା । ଯୀଶୁ ସର୍ବଦା ଥିଲେ, କିନ୍ତୁ ବର୍ତ୍ତମାନ ସେ ସ୍ପଷ୍ଟରୂପେ ଜଗତରେ ପ୍ରକାଶିତହେଲେ (୮:୧୨; ୯:୫;୧୨:୪୬) ପୁରାତନ ନିୟମରେ ଈଶ୍ୱରଙ୍କ ଶାରିରୀକ ବା ମାନବୀୟ ପ୍ରକାଶନ ଅଧିକାଂଶ ସମୟ ପ୍ରଭୁଙ୍କ ସ୍ୱର୍ଗଦୂତଙ୍କ ରୂପରେ ହୋଇଛି (ଆଦି -୧୬:୭-୧୩: ୨୨: ୧୧-୧୫ ;୩୧:୧୧,୧୩;୪୮: ୧୫-୧୬; ଯାତ୍ରା -୩:୨,୪; ୧୩:୨୧;୧୪:୧୯; ବିଚାରକର୍ତ୍ତା -୨:୧;୬:୨୨-୨୩; ୧୩:୩ -୨୨; ଯିଖରୀୟ -୩:୧-୨) କେତେକ କହନ୍ତି ଏହା ପୂର୍ବ ଦେହଧାରଣ ଲୋଗସ ଥିଲା ।

**ବିଶେଷ ବିଷୟ : ପ୍ରଭୁଙ୍କର ସ୍ୱର୍ଗଦୂତ**

ଏହା ସ୍ପଷ୍ଟ କି ପୂରାତନ ନିୟମରେ ଈଶ୍ୱର ଆପଣାକୁ ଶାରୀରୀକ ଭାବେ ମନୁଷ୍ୟ ରୂପେ ପ୍ରକାଶ କଲେ । ଏଠାରେ ତ୍ରିଏକଙ୍କ ନିମନ୍ତେ ପ୍ରଶ୍ନ ଆସେ ତ୍ରିଏକଙ୍କ ମଧ୍ୟ କେଉଁ ବ୍ୟକ୍ତି ଏହି କାର୍ଯ୍ୟକୁ ପୁରଣ କରୁଛନ୍ତି । ଯେମିତି ପିତା ଈଶ୍ୱର (ୱାଇଏଚ୍‌ଡବ୍‌ଲ୍ୟୁଏଚ୍) ଏବଂ ତାଙ୍କ ଆତ୍ମା ତ ପକାଁଭାବେ ନିରାକାର ଅଟନ୍ତି, ତେବେ ଏହା ପ୍ରସ୍ତାବ ଦେବାରେ ସମ୍ଭବ ଦେଖାଯାଏକି ଏହି ମନୁଷ୍ୟ ପ୍ରକାଶନ ମସୀହଙ୍କର ପୂର୍ବ ମସୀହଙ୍କର ପୂର୍ବ ଦେହଧାରଣ ଅଟେ ।

ସ୍ୱର୍ଗଦୂତଙ୍କ ସୁଖ ଈଶ୍ୱରଙ୍କ ପରିଚୟର କଠିନ ପ୍ରମାଣର ସୂଚିପତ୍ର ର ଦୃଷ୍ଟାନ୍ତ:

୧ - ପ୍ରଭୁଙ୍କର ଦୂତ ଏକ ଦୂତ ରୂପରେ
- କ- ଆଦି – ୨୪:୭,୪୦
- ଖ - ଯାତ୍ରା – ୨୩:୨୦-୨୩; ୩୨ ୩୪
- ଗ – ଗଣନା ୨୨:୨୨
- ଘ – ବିଚାର – ୫:୨୩
- ଙ - ଦ୍ୱିତୀୟ ଶାମୁଏଲ୍ – ୨୪:୧୬
- ଚ - ପ୍ରଥମ ବଂଶାବଳୀ – ୨୧:୧୫ –୩୦
- ଛ - ଯିଖରିୟ –୧:୧୨ –୧୩

୨ - ପ୍ରଭୁଙ୍କର ଦୂତ ଈଶ୍ୱରଙ୍କ ସଦୃଶ୍ୟ
- କ - ଆଦି – ୧୬:୭ –୧୩: ୧୮:୧;୧୯:୧;୨୨:୧୧-୧୫;୩୧:୧୧;୧୩;୪୮:୧୫-୧୬
- ଖ - ଯାତ୍ରା – ୩:୨:୪;୧୪:୧୯(୧୩:୨୧)
- ଗ – ବିଚାର – ୨:୧୫;୬:୨୨-୨୪:୧୩:୩ – ୨୩
- ଘ – ହୋଶେୟ –୧୨:୩-୪
- ଙ - ଯିଖରୀୟ – ୩:୧-୫

**ଏନ୍‌ଏସ୍‌ବି,ଏନ୍‌କେ ଜେଇ "ଅନ୍ଧକାର ତାକୁ ପୂର୍ଣ୍ଣଭାବେ ବୁଝିପାରିଲା ନାହିଁ"**
**ଏନ୍ ଆର୍‌ଏସ୍‌ଭି "ଅନ୍ଧକାର ତା ଉପରେ ଜୟ ପାଇଲା ନାହିଁ",**
**ଟିଇଭି " ଅନ୍ଧକାର ତାକୁ ହରେଇ ପାରିଲା ନାହିଁ",**
**ଏନ୍‌ଜେଭି " ଅନ୍ଧକାର ତା ଉପରେ ପ୍ରବଳ ହେଲା ନାହିଁ।**

ଏହି ଶବ୍ଦ ((କାଟାଲାମ୍ବାନୋ)ର ମୂଳ ଅର୍ଥ ହେଲା "ଧରି ରଖିବା" ଅତଏବ ଏହାର ଅର୍ଥ ଏହା ହୋଇପାରେ (୧) ପ୍ରବଳ ହେବା ନିମନ୍ତେ ଧରି ରଖିବା( ମାଥିଉ –୧୬ :୧୮) କିମ୍ବା (୨) ବୁଝିବା ନିମନ୍ତେ ଧରି ରଖିବା । ଯୋହନ ଏହି ଉଭୟଙ୍କ ବୁଝାଇବା ନିମନ୍ତେ ଅନେକଥରେ ବ୍ୟବହାର କଲେ। ଯୋହନ ରଚିତ ସୁସମାଚାର ଦୁଇ ମତରେ ଚିତ୍ରିତ (ଉଦାହରଣ ସ୍ୱରୂପ - "ପୂର୍ନବାର ଜନ୍ମ ଏବଂ /ଅବା ଉର୍ଦ୍ଧ୍ୱରୁ ଜନ୍ମ", ୩:୩ ଏବଂ : ବାୟୁ" ଏବଂ/ବା "ଆତ୍ମା, ୩:୮) ।

କ୍ରିୟା (କାଟାଲାମ୍ବାନୋ ) ଯୋହନଙ୍କ ଲିଖନରେ କେବଳ ଦୁଇଥର ହିଁ ଆସିଛି (୮:୩,୪ ର ଆହ୍ନିତ ଅସଲି ନୁହେଁ, ୧:୫ ରେ ଅନ୍ଧକାର ବୁଝିପାରେ ନାହିଁ /ଜୟ ପାଇପାରେ ନାହିଁ ଏବଂ ୧୨:୩୫ ରେ ଅନ୍ଧକାର ଯିଏ ଜ୍ୟୋତିକୁ (ଯୀଶୁ /ସୁସମାଚାର ) ଅସ୍ୱୀକାର କରେ ତାକୁ ଜୟ କରାଯାଇ ପାରିବ । ଅସ୍ୱୀକାର କରେ ତାକୁ ଜୟ କରାଯାଇ ପାରିବ। ଅସ୍ୱୀକାର ସନ୍ଦେହରେ ପରିଣତ ହୁଏ ପ୍ରାପ୍ତି ଆରାଧନାରେ ପରିଣତ ହୁଏ।
ମ୍ୟାନ୍‌ଫ୍ରେଡ୍ ଟି. ବ୍ରାଉଚ୍, ଏବ୍ୟୁସିଂଗ୍ ସ୍କ୍ରିପ୍ଟଚର, ପୃଷ୍ଠା –୩୫, ମନୁଷ୍ୟର ସ୍ଥିତିକୁ ବର୍ଣ୍ଣନ କରେ ।

୧ – ହଜିଯିବା –ଲୁକ୍-୧୫
୨ – ଅନ୍ଧକାର- ଯୋହନ -୧:୫
୩ – ଶୁନ୍ୟ – ରୋମୀୟ –୫:୧୦
୪ – ବିଚ୍ଛେଦ - ଏ'ସୀ- ୨:୧୫ –୧୭
୫- ଅଈଶ୍ୱରୀୟତା – ରୋମୀୟ –୧:୮
୬ – ଈଶ୍ୱରଙ୍କ ଜୀବନରୁ ବିରୋଧ – ଏଫିସିୟ –୪:୧୭-୧୮
୭ – ମନୁଷ୍ୟର ପାପର ଉତ୍ତମ ସାରାଂସ ରୋମିୟର ମିଳେ – ୧:୧୮-୩ :୨୩

**ଏନ୍‌ଏଏସ୍‌ବିର ବାକ୍ୟ :୧:୬ –୮**

**୬ ଈଶ୍ୱରଙ୍କ ନିକଟରୁ ପ୍ରେରିତ ଜଣେ ବ୍ୟକ୍ତି ଉପସ୍ଥିତ ହେଲେ; ତାହାଙ୍କ ନାମ ଯୋହନ । ୭ ସେ ଯେପରି ଜ୍ୟୋତି ବିଷୟରେ ସାକ୍ଷ୍ୟ ଦିଅନ୍ତି, ପୁଣି ତାହାଙ୍କ ଦ୍ୱାରା ସମସ୍ତେ ବିଶ୍ୱାସ କରନ୍ତି ଏଥିପାଇଁ ସେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ । ୮ ସେ ନିଜେ ସେହି ଜ୍ୟୋତି ନ ଥିଲେ, କିନ୍ତୁ ଜ୍ୟୋତି ବିଷୟରେ ସାକ୍ଷ୍ୟ ଦେବା ନିମନ୍ତେ ଆସିଲେ।**

**୧:୬-୮** – ଏହି ବାକ୍ୟ ସମୁହ ଏବଂ ପଦ ୧୫ (ଗୋଟିଏ ନିକ୍ଷେପ ବାକ୍ୟ ସଂବନ୍ଧିୟ ) ରେ ଯୀଶୁଙ୍କ ପ୍ରତି ଯୋହନଙ୍କ ସୀକ୍ଷର ଲିଖିତ ସାମଗ୍ରୀ । ସେ ପୂରାତନ ନିୟମର ଶେଷ ଭବିଷ୍ୟବକ୍ତା ଥିଲେ। ଏହି ବାକ୍ୟ ଗୁଡିକୁ କବିତା ରୂପରେ ରଖିବା କଠିନ ଅଟେ। ଏହା ନେଇ ବିଦ୍ୱାନ ମାନଙ୍କ ମଧ୍ୟରେ ଅନେକ ବାଦବିବାଦ ହୁଏ କି କବିତାର ଭୂମିକା ପଦ୍ୟ ବା ଗଦ୍ୟ।

ବାପ୍ତିଜକ ଯୋହନ ପୁରାତନ ନିୟମର ଶେଷ ଭବିଷ୍ୟବକ୍ତା ଥିଲେ (ତାଙ୍କ ବାକ୍ୟ ଏବଂ ସ୍ୱରୂପ ଅନୁସାରେ ) । ସେ ହେଉଛନ୍ତି ଭାବବାଦି ଯାହାଙ୍କ ବିଷୟରେ ମଲାକି-୩:୧ ଏବଂ ୪:୫ରେ ଭାବବାଣି ହେଲା (ଯୋହନ -୧:୨୦-୨୫ ) । ବାପ୍ତବିଜ ଯୋହନଙ୍କ ଚର୍ତୁପାର୍ଶ୍ୱରୁ ଯେଉଁ ପ୍ରଥମ ଭୁଲ୍‌ଧାରଣା ହୋଇଥିଲା ହୋଇପାରେ ସେହି କାରଣ ହେତୁ ପଦ - ୬-୮ କୁ ପ୍ରେରିତ ଯୋହନ ଲେଖିଥାଇ ପାରନ୍ତି (ଲୁକ୍ –୩:୧୫; ପ୍ରେରିତ – ୧୮:୨୫;୧୯:୩)। ଅନ୍ୟ ସୁସମାଚାର ଲେଖକ ଙ୍କ ଠାରୁ ଅଧିକ ଯୋହନ ତାଙ୍କ ଲିଖନିରେ ଏହି ସମସ୍ୟାର ପ୍ରଗତି ଦେଖଉଛନ୍ତି। ଏହା ଜାଣିବାର କୌତୁହଳ କି ଯୀଶୁ ଖ୍ରୀଷ୍ଟ ଅପୂର୍ଣ୍ଣ କାଳରେ କ୍ରିୟାରେ ବିବରଣ କରାଗଲେ (ପୂର୍ବ ଅସ୍ତିତ୍ୱ), ଯାହା ଯୋହନ (ପ୍ରକାଶିତ ସମୟରେ) ବର୍ଣ୍ଣିତ ହେଲେ ଏବଂ ପୂର୍ଣ୍ଣକାଳ (ଅନ୍ତିମ ପରିଣାମ ସହିତ ଏକ ଐତିହାସିକ ଘଟଣା) କ୍ରିୟା (ପଦ -୬) । ଯୀଶୁ ସର୍ବଦା ରହିଥିଲେ ।

**୧:୭ "ତାହାଙ୍କ ଦ୍ୱାରା ସମସ୍ତେ ବିଶ୍ୱାସ କରନ୍ତି"** - ଏହା ଗୋଟିଏ ଉଦ୍ଦେଶ୍ୟ ମୂଳକ ବାକ୍ୟାଂଶ । ଯୋହନଙ୍କ ସୁସମାଚାର ସମସ୍ତ ସୁସମାଚାର ସଦୃଶ୍ୟ (ଏକ ଅଦ୍ୱତୀୟ ଖ୍ରୀଷ୍ଟିୟାନ୍ ପୁସ୍ତକ ), ଏକ ସୁସମାଚାର ପତ୍ରିକା ଅଟେ। ସମସ୍ତଙ୍କ ନିମନ୍ତେ ଏହା ଏକ ଅଦ୍‌ଭୁତମୟ ପ୍ରଦାନ ଯିଏ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ରଖେ, ଯିଏ ଜଗତର ଜ୍ୟୋତି ଅଟନ୍ତି(ପଦ - ୧୨; ଯୋହନ- ୩:୧୬ ; ୪:୪୨;୨୦:୩୧ ପ୍ରଥମ ତିମୋଥୀ –୨:୪;ତିତସ୍ –୨:୧୧; ଦ୍ୱିତୀୟ ପିତର - ୩:୯ ; ପ୍ରଥମ ଯୋହନ ୨:୧, ୪:୧୪)

**୧:୭, ୧୨- "ବିଶ୍ୱାସ"** – ଏହି କ୍ରିୟା ଯୋହନଙ୍କ ସୁସମାଚାରରେ ୭୮ ଥର ଏବଂ ଯୋହନଙ୍କ ପତ୍ରିକାରେ ୨୪ ଥର ପ୍ରୟୋଗ ହୋଇଛି । ଯୋହନ ରଚିତ ସୁସମାଚାରରେ ଏହାକୁ ସଂଖ୍ୟା ରୁପରେ ପ୍ରୟୋଗ କରାଯାଇନାହିଁ। ବିଶ୍ୱାସ ପ୍ରାଥମିକ ରୁପେ ବୁଦ୍ଧି ସଂଗତ ବା ଭାବନାତ୍ମକ ପ୍ରତିଉତ୍ତର ନୁହେଁ କିନ୍ତୁ ମୁଳ ରୂପରେ ଏହା ଏକ ଇଚ୍ଛା ପୂର୍ଣ୍ଣ ପ୍ରତିତ୍ତୋର ଅଟେ, ଗ୍ରୀକ ଶବ୍ଦକୁ ତିନୋଟି ଇଂରାଜୀ ଶବ୍ଦରେ ଅନୁବାଦ କରାଗଲା : ବିଶ୍ୱାସ, ଭରୋସା ଏବଂ ଆସ୍ଥା ଏହା "ତାଙ୍କୁ ସ୍ୱାଗତ କରିବା" (ପଦ -୧୧) ଏବଂ "ଗ୍ରହଣ କରିବା" (ପଦ-୧୨) ର ସଦୃଶ୍ୟ ଅଟେ। ଉଦ୍ଧାର ଈଶ୍ୱରଙ୍କ ଅନୁଗ୍ରହରେ ଏବଂ ଖ୍ରୀଷ୍ଟ ଙ୍କ ପୂର୍ଣ୍ଣ କାର୍ଯ୍ୟରେ ମୁକ୍ତ ଅଟେ, କିନ୍ତୁ ଏହାକୁ ଗ୍ରହଣ କରିବା ଅନିବାର୍ଯ୍ୟ ଅଟେ।

**ବିଶେଷ ଶିର୍ଷକ : ଆସ୍ଥା, ବିଶ୍ୱାସ, କିମ୍ବା ଭରସା** ( ପିସ୍‌ଟିସ୍ ( ସଂଜ୍ଞା ), ପିସ୍ତେଉଅ(କ୍ରିୟା ) , ପିସ୍ତେସ୍( ବିଶେଷଣ) ) ।

କ- ଏହା ବାଇବେଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଅଟେ (ଏବ୍ରୀ – ୧୧:୧,୬) । ଏହା ଯୀଶୁଙ୍କର ଆରମ୍ଭିକ ପ୍ରଚାରର ବିଷୟ ଅଟେ (ମାର୍କ –୧:୧୫)।ଏଠାରେ ଅତିକମ୍‌ରେ ଦୁଇଟି ନୂତନ ନିୟମର ଆବଶ୍ୟକ : ପଶ୍ଚାତାପ ଏବଂ ବିଶ୍ୱାସ (୧:୧୫; ପ୍ରେରିତ –୩:୧୬, ୧୯;୨୦:୨୧)

ଖ – ଏହା ଶବ୍ଦାର୍ଥ

୧ - ପୂରାତନ ନିୟମରେ "ବିଶ୍ୱାସ" ଶବ୍ଦର ଅର୍ଥ ବିଶ୍ୱସ୍ତତା, କିମ୍ବା ଭରୋସା ଯୋଗ୍ୟତା ଏବଂ ଈଶ୍ୱରଙ୍କ ସ୍ୱଭାବର ବିବରଣ ଥିଲ, ଆମ୍ଭ ମାନଙ୍କ ନୁହେଁ।

୨ – ଏହା ଏବ୍ରୀ ଶବ୍ଦ (ଇମୁନ୍, ଇମୁନାହ) ରୁ ଆସିଛି । ଯାହାର ଅର୍ଥ "ନିଶ୍ଚିନ୍ତ କିମ୍ବା ସ୍ଥିର" । ଉଦ୍ଧାର ବିଶ୍ୱାସ ମାନସିକ ସହମତି ଅଟେ (ସତ୍ୟର ଗୁଚ୍ଛ), (ନୈତିକତାରେ ରହିବା (ଏକ ଜୀବନ ଶୈଳ ), ଏବଂ ପ୍ରାଥମିକତାରେ ସଂବନ୍ଧିତ (ଜଣେ ବ୍ୟକ୍ତିଙ୍କୁ ସ୍ୱାଗତ କରିବା।

ଗ – ଏହା ପୂରାତନ ନିୟମର ପ୍ରୟୋଗ ।

ଏହା ଜୋର ଦିଆଯିବା ଉଚିତ୍ କି ଅବ୍ରହମଙ୍କ ବିଶ୍ୱାସ ଭବିଷ୍ୟତର ମସିହାରେ ନ ଥିଲା, ମାତ୍ର ପରମେଶ୍ୱରଙ୍କ ପ୍ରତିଜ୍ଞାରେ କି ତାଙ୍କର ଗୋଟିଏ ସନ୍ତାନ ହେବ ଏବଂ ବଂଶ ( ଆଦି - :୧୨:୨;୧୫:୨,୫; ୧୭ :୪;୮ ;୧୮;୧୪)। ଈଶ୍ୱରଙ୍କ ଉପରେ ଭରୋସା ରଖି ଅବ୍ରାହମ ଏହି ପ୍ରତିଜ୍ଞାର ପ୍ରତିଉତ୍ତର ଦେଲେ। ଏହି ପ୍ରତିଜ୍ଞାକୁ ନେଇ ତାଙ୍କ ପାଖରେ ତଥାପି ସନ୍ଦେହ ଏବଂ ସମସ୍ୟା ଥିଲା, ଯାହା ପୂରଣ ହେବାକୁ ତେତିସି ବର୍ଷ ସମୟ ଲାଗିଲା। ତାଙ୍କର ଅନିଶ୍ଚିତ ବିଶ୍ୱାସ, ଯାହା ଈଶ୍ୱରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା। ଈଶ୍ୱର ଏହି ମନୁଷ୍ୟ ସହିତ କାମ କରିବାକୁ ଚାହାଁନ୍ତି ଯିଏ ତାଙ୍କୁ ଓ ତାଙ୍କ ପ୍ରତିଜ୍ଞାକୁ ବିଶ୍ୱାସରେ ପ୍ରତିଉତ୍ତର ଦେଲେ । ଏହି ପ୍ରତିଜ୍ଞାକୁ ନେଇ ତାଙ୍କ ପାଖରେ ତଥାପି ସନ୍ଦେହ ଏବଂ ସମସ୍ୟା ଥିଲା, ଯାହା ଈଶ୍ୱରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା। ଈଶ୍ୱର ଏହି ମନୁଷ୍ୟ ସହିତ କାମ କରିବାକୁ ଚାହାଁନ୍ତି ଯିଏ ତାଙ୍କୁ ଓ ତାଙ୍କ ପ୍ରତିଜ୍ଞାକୁ ବିଶ୍ୱାସରେ ପ୍ରତିଉତ୍ତର ଦେଲେ, ଯଦିବା ଏହା ଏକ ସୋରିଷ ମଂଜି ଆକୃତିର ଅଟେ।(ମାଥିଉ -୧୭ : ୨୦ )

ଘ – ଏହା ନୁତନ ନିୟମର ପ୍ରୟୋଗ

"ବିଶ୍ୱାସ" ଶବ୍ଦ ଗ୍ରୀକ୍ ଶବ୍ଦ (ପିସ୍ତେଉଅ ) ଠାରୁ ଆହ୍ନିତ ଯାହାକି "ଆସ୍ଥା ବା ଭରସା" ରେ ମଧ୍ୟ ଅନୁବାଦ କରାଯାଇପାରେ, ଉଦାହରଣ ସ୍ୱରୁପ ସଂଜ୍ଞା ଯୋହନ ରଚିତ ସୁସମାଚାରରେ ନାହିଁ, କିନ୍ତୁ ଅଧିକତର କ୍ରୀୟା ବ୍ୟବହୃତ ହୋଇଛି। ଯୋହନ ୨:୨୩ –୨୫ ରେ ମସୀହଙ୍କ ରୁପରେ ନାଜରତୀୟ ଯୀଶୁଙ୍କୁ ଯେମିତି ଜନସମୂହର କାର୍ଯ୍ୟରତ ଅନିଶ୍ଚିତ ଅଟେ। ଏହି ଅଗାଢ ଶବ୍ଦ "ବିଶ୍ୱାସ"ର ଅନ୍ୟ ଉଦାହରଣ, ଯୋହନ - ୮:୩୧:୫୯ ଏବଂ ପେରିତ –୮:୧୩,୧୮-୨୪, ବାଇବେଲ୍‌ର ସତ୍ୟ ବିଶ୍ୱାସ ଆରମ୍ଭିକ ପ୍ରତିଉତ୍ତର ଠାରୁ ମଧ୍ୟ ଅଧିକ ଅଟେ। ଏହା ଶୃଙ୍ଖଳାର ପ୍ରଗତି ଦ୍ୱାରା ଅନୁଗାମୀ ହେବା ଦରକାର(୧୩:୨୦-୨୨,୩୧-୩୨)।

ଙ – ଏହା ସଂବନ୍ଧବାଚକ ଶବ୍ଦ ସହିତ ବ୍ୟବହୃତ ହୁଏ।

୧ – ଇଆଇଏସ ର ଅର୍ଥ "ଭିତର" । ଏହି ଅତୁଳନୀୟ ଗଠନ କହେ ବିଶ୍ୱାସୀମାନେ ସେମାନଙ୍କ ବିଶ୍ୱାସ /ଭରୋସା ଯୀଶୁଙ୍କ ଉପରେ ରଖନ୍ତି।

କ- ତାହାଙ୍କ ନାମରେ (ଯୋହନ ୧-୧୨ ;୨:୨୩;୩:୧୮;ପ୍ରଥମ ଯୋହନ -୫:୧୩

ଖ – ତାହାଙ୍କୁ (ଯୋହନ - ୨:୧୧; ୩:୧୫, ୧୮ ୪: ୩୯;୬:୪୦; ୭:୫, ୩୧; ୩୯, ୪୮:୮:୩୦; ୯:୩୬;୧୦:୪୨;୧୧:୪୫,୪୮;୧୭:୩୭,୪୨; ମାଥିଉ - ୧୮:୬; ପ୍ରେରିତ – ୧୦:୪୩; ଫିଲିପିୟ – ୧:୨୯; ପ୍ରଥମ ପିତର – ୧:୮)

ଗ – ମୋ ନିକଟକୁ (ଯୋହନ -୬:୩୫; ୭:୩୮; ୧୧:୨୫,୨୬; ୧୨:୪୪,୪୬; ୧୪:୧:୧୨; ୧୬:୯;୧୭:୨୦)।

ଘ - ପୁତ୍ରଙ୍କ ଠାରେ (ଯୋହନ -୩:୩୬;୯:୩୫;ପ୍ରଥମ ଯୋହନ- ୫:୧୦)

ଙ - ଯୀଶୁଙ୍କଠାରେ (ଯୋହନ - ୧୨:୧୧; ପ୍ରେରିତ ୧୯:୪; ଗାଲାତିୟ – ୨:୧୬)

ଚ – ଜ୍ୟୋତିରେ (ଯାହନ - ୧୨ :୩୬)।

ଛ – ଈଶ୍ୱରଙ୍କ ଠାରେ (ଯୋହନ - ୧୪:୧)।

୨ – ଇଏନ୍ ର ଅର୍ଥ "ରେ" ଯେମିତି ଯୋହନ - ୩:୧୫; ମାର୍କ –୧-୧୫ ପ୍ରେରିତ – ୫:୧୪;ରେ ଅଛି।

୩– ଇପିଆଇର ଅର୍ଥ "ରେ" ବା "ଉପରେ" ଯେମିତି ମାଥିଉ –୨୭ :୪୨; ପ୍ରେରିତ - ୯:୪୨;୧୧:୧୭; ୧୬:୩୧;୨୨:୧୯ ରୋମୀୟ – ୪:୫,୨୪; ୯:୩୩;୧୦:୧୧; ପ୍ରଥମ ତୀମଥି – ୧:୧୬ ; ପ୍ରଥମ ପିତର – ୨:୬ ରେ ଅଛି।

୪ - କେତକ କ୍ଷେତ୍ରରେ ସଂବନ୍ଧବାଚକ ଶବ୍ଦ ନାହିଁ, ଯେମିତି, ଗାଲାତିୟ – ୩୬, ପ୍ରେରିତ – ୧୮:୮, ୨୭:୨୫, ପ୍ରଥମଯୋହନ ୩:୨୩,୫:୧୦

୫– ହୋତି ଯାହାର ଅର୍ଥ " ବିଶ୍ୱାସ କରକି", କାହା ଉପରେ ବିଶ୍ୱାସ କରାଯାଏ ତାହାରି ବିଷୟରେ କୁହେ।

କ - ଯୀଶୁ ଈଶ୍ୱରଙ୍କ ପବିତ୍ର ବ୍ୟକ୍ତି ଅଟନ୍ତି (ଯୋହନ - ୬:୬୯) ।

ଖ - ଯୀଶୁ 'ମୁଁ ଅଟେ' ଅଟନ୍ତି (ଯୋହନ - ୮:୨୪)

ଗ - ଯୀଶୁ ପିତାଙ୍କଠାରେ ଅଛନ୍ତି ଏବଂ ପିତା ତାଙ୍କ ଠାରେ (ଯୋହନ - ୧୦:୩୮)

ଘ - ଯୀଶୁ ମସୀହ ଅଟନ୍ତି (ଯୋହନ - ୧୧:୨୭:୨୦:୩୧)

ଙ - ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି (ଯୋହନ -୧୧:୨୭;୨୦:୩୧)

ଚ - ଯୀଶୁ ପିତାଙ୍କ ଦ୍ୱାରା ପ୍ରେରିତ (ଯୋହନ -୧୧:୪୨; ୧୭:୮,୨୧)

ଛ - ଯୀଶୁ ପିତାଙ୍କ ସହିତ ଏକ ଅଟନ୍ତି (ଯୋହନ -୧୪ :୧୦-୧୧)

ଜ - ଯୀଶୁ ପିତାଙ୍କ ଠାରୁ ଆସିଲେ।(ଯୋହନ -୧୬:୨୭,୩୦)

ଝ - ଯୀଶୁ ପିତାଙ୍କର ପ୍ରତିଜ୍ଞାର ନାମରେ ଆପଣାକୁ ପରିଚିତ କଲେ, "ମୁଁ ଅଟେ" – (ଯୋହନ - ୮:୨୪;୧୩:୧୯)

ଞ - ଆମ୍ଭେ ତାହାଙ୍କ ସହିତ ବଞ୍ଚିବା (ରୋମୀୟ – ୬:୮)

ଟ - ଯୀଶୁ ମୃତ୍ୟୁବରଣ କଲେ ଏବଂ ପୁନଃରୁତ୍ଥିତ ହେଲେ(ପ୍ରଥମ ଥେସଲୋନି –୪ :୧୪

**୧:୮** ଏହା ସମ୍ଭବ ଅଟେ କି ପେରିତ ଯୋହନଙ୍କ ଲିଖନ ଅନ୍ୟ ସୁସମାଚାର ଲେଖକଙ୍କ ଲେଖାର ପଶ୍ଚାତରେ ଲେଖାହୋଇଛି, ବାପ୍ତିଜକ ଯୋହନଙ୍କ ଅନୁକାରୀ ମାନଙ୍କ ଦ୍ୱାରା ବୃଦ୍ଧି ପାଇଥିବା ସମସ୍ୟାକୁ ଚିହ୍ନୁଅଛନ୍ତି ଯିଏ ଯୀଶୁଙ୍କୁ ଶୁଣିଲେ ନାହିଁ ବା ଗ୍ରହଣ କଲେ ନାହିଁ । (ପ୍ରେରିତ –୧୮ – ୨୫ –୧୯:୭)।

**ବିଶେଷ ଶିର୍ଷ : ଯୀଶୁଙ୍କ ପ୍ରତି ସାକ୍ଷ୍ୟ।**

ସଂଜ୍ଞା (ମାଟୁରିଆ ) ଏବଂ ତାର କ୍ରିୟା (ମାରଟୁରିଆ "ସାକ୍ଷ୍ୟ" ଏସବୁ ଯୋହନର ମୂଖ୍ୟ ଶବ୍ଦ ଅଟନ୍ତି । ଏଠାରେ ଯୀଶୁଙ୍କ ପ୍ରତି ଅନେକ ସାକ୍ଷ୍ୟ ଅଛି।

୧ – ବାପ୍ତିଜକ ଯୋହନ (ଯୋହନ - ୧:୭,୧୫;୩:୨୬,୨୮;୫:୩୩)।

୨ - ନିଜେ ଯୀଶୁ (ଯୋହନ - ୩:୧୧;୫:୩୧:୮:୧୩-୧୪)

୩ – ଶମିରଣୀୟ ସ୍ତ୍ରୀ ( ଯୋହନ - ୪:୩୯)

୪ - ପିତା ଈଶ୍ୱର (ଯୋହନ - ୫:୩୨, ୩୪,୩୭;୮:୧୮; ପ୍ରଥମ ଯୋହନ -୫:୯)

୫– ବାକ୍ୟ - (ଯୋହନ - ୫:୩୯)

୬– ଲାଜାରଙ୍କ ପୁନଃଜୀବିତ ସମୟର ଜନସମୂହ (ଯୋହନ -୧୨:୧୭)

୭– ଆତ୍ମା (ଯୋହନ - ୧୫:୨୬-୨୭; ପ୍ରଥମ ଯୋହନ - ୫:୧୦,୧୧)

୮ –ଶିଷ୍ୟମାନେ (ଯୋହନ - ୧୫ :୨୭; ୨୯:୩୫; ପ୍ରଥମ ଯୋହନ - ୧:୨;୪:୧୪)

୯ – ଲେଖକ ନିଜେ (ଯୋହନ -୨୧:୨୪)।

**ଏନ୍‌ଏସ୍‌ବି ବାକ୍ୟ ୧:୯ – ୧୩**

**୯ଯେଉଁ ସତ୍ୟ ଜ୍ୟୋତି ପ୍ରତ୍ୟେକ ମନୁଷ୍ୟକୁ ଆଲୋକ ପ୍ରଦାନ କରନ୍ତି, ମେ ଜଗତକୁ ଆସୁଥିଲେ। ୧୦- ସେ ଜଗତରେ ଥିଲେ ଓ ଜଗତ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ତଥାପି ଜଗତ ତାହାକୁ ଚିହ୍ନିଲା ନାହିଁ। ୧୧ - ସେ ଆପଣା ରାଜ୍ୟକୁ ଆସିଲେ. ତଥାପି ତାହାଙ୍କର ନିଜ ଲୋକମାନେ ତାହାକୁ ଗ୍ରହଣ କଲେ ନାହିଁ। ୧୨ ମାତ୍ର ଯେତେ ଲୋକ ତାହାକୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ। ୧୩ ସେମାନେ ରକ୍ତରୁ , ଶରୀର ର ଇଚ୍ଛାରୁ ଅବା ମନୁଷ୍ୟର ଇଚ୍ଛାରୁ ଜାତ ହେଲେ ନାହିଁ, ବରଂ ଈଶ୍ୱରଙ୍କ ଠାରୁ ଜାତ ହେଲେ।**

**୧:୯ " ସତ୍ୟ ଜ୍ୟୋତି"** – ବାସ୍ତବିକ ବା ପ୍ରକୃତି ରୂପରେ ଏହା "ସତ୍ୟ" ଅଟେ, କେବଳ ମିଥ୍ୟା ର ଏକ ବିପରୀତ ଶବ୍ଦହିଁ ନୁହେଁ ଏହା ପ୍ରଥମ ଶତାବ୍ଦିର ସମସ୍ତ ମିଥ୍ୟା ଖ୍ରୀଷ୍ଟସ୍ତୋତ୍ରକୁ ସଂବନ୍ଧିତ କରିପାରେ । ଏହା ଯୋହନଙ୍କ ଲେଖାର ଏକ ସାଧାରଣ ବିଶେଷଣ (୩:୩୫;୪:୨୩,୩୭;୬:୩୨;୭:୨୮;୧୫ :୧;୧୭:୩;୧୯:୩୫ ଏବଂ ପ୍ରଥମ ଯୋହନ - ୨:୮;୫:୨୦ ଏବଂ ପ୍ରକାଶିତ ବାକ୍ୟରେ ଦଶଥର)। ବିଶେଷ ଶୀର୍ଷକୁ ଦେଖନ୍ତୁ :ସତ୍ୟ ୬:୫୫ରେ ଏବଂ ଜଗତ ୧୪:୧୭ ରେ ଯୀଶୁ ଜଗତର ଜ୍ୟୋତି ଅଟନ୍ତି (୩:୧୯, ୮-୧୨:୯:୫:୧୨:୪୬ ପ୍ରଥମ ଯୋହନ - ୧:୫,୭,୭୮,୯,୧୦) ବିଶ୍ୱାସୀମାନେ ତାଙ୍କ। ଯୀଶୁ ଜଗତର ଜ୍ୟୋତିକୁ ପ୍ରତିଫଳନ କରିବା ଦରକାର (ଫିଲିପିୟ –୨:୧୫)। ଏହା ପ୍ରକୃତ ଅନ୍ଧକାର ସହିତ ତିକ୍ଷଣ ପ୍ରତିକୂଳତା, ଯାହା ରାଜଦ୍ରୋହର କାରଣ ହେତୁ ସୃଷ୍ଟ କ୍ରମରେ ଅଟେ –

୧ – ମନୁଷ୍ୟ

୨ – ସ୍ୱର୍ଗଦୂତ

❑ **" ଏହି ଜଗତକୁ ଆସିବା"** – ଯୋହନ ସର୍ବଦା ଯୀଶୁଙ୍କର ସ୍ୱର୍ଗ ତ୍ୟାଗିବା ଶବ୍ଦକୁ ଦର୍ଶାଇଥାନ୍ତି। ଆତ୍ମିକ କ୍ଷେତ୍ରରେ , ଏବଂ ସମୟ ଓ ସ୍ଥାନର ଶାରୀରିକ କ୍ଷେତ୍ରରେ ପ୍ରବେଶ କରୁ ଅଛନ୍ତି। (୬:୧୪;୯:୩୯;୧୧:୨୭;୧୨:୪୬;୧୬:୨୮)। ଏହି ବାକ୍ୟାଂଶରେ ଯୀଶୁଙ୍କର ଦେହଧାରଣକୁ ଦର୍ଶାଇଥିବା ଜଣାଯାଏ। ଏହା ଯୋହନଙ୍କ ଲେଖାର ଏକ ସାଧାରଣ ଦ୍ୱୈତବାଦ ଅଟେ। (ଉଦାହରଣ ସ୍ୱରୂପ - ଉପରିସ୍ଥ ସହ ନିମ୍ନଲିଖିତ )।

❑ **ଏନ୍ଏସ୍‌ବି - ପ୍ରତ୍ୟେକ ବ୍ୟକ୍ତିଙ୍କୁଜ୍ୟୋତିଦିଏ।**
**ଏନ୍‌କେଜେଭି - ପ୍ରତ୍ୟେକ ମଣିଷଙ୍କୁ ଜ୍ୟୋତିଦିଏ।**
**ଏନ୍‌ଆର୍ ଏସ୍‌ଭି - ପ୍ରତ୍ୟେକଙ୍କୁ ଜ୍ୟୋତିଦିଏ।**
**ଟିଇଭି – ସମସ୍ତ ଲୋକଙ୍କ ଉପରେ ଚମକିଥାଏ ।**
**ଏନ୍‌ଜେବି – ତାହା ପ୍ରତ୍ୟେକଙ୍କୁ ଜ୍ୟୋତି ଦିଏ।**

ଏହି ଶବ୍ଦ ଦୁଇଟି ମାଧ୍ୟମରେ ବୁଝାଯାଇପାରେ, ପ୍ରଥମେ ଗ୍ରୀକ୍ ସାଂସ୍କୃତିକ ଗଠନକୁ କଳ୍ପନା କରିବା ଦ୍ୱାରା, ଏହା ପ୍ରତ୍ୟେକ ମଣିଷର ଭିତର ପ୍ରକାଶନର ଜ୍ୟୋତିକୁ ଦର୍ଶାଇଥାଏ। ଏହି ପ୍ରକାରେ କ୍ୱାକେରସ୍ ଶବ୍ଦର ଅନୁବାଦ କରିଥାନ୍ତି। ଯାହାବି ହେଉ, ସେହି ପ୍ରକାର ବିଚାରଧାରା ଯୋହନରେ କେବେ ହେଲେ ପ୍ରକାଶିତ ହୋଇନାହିଁ। ଯୋହନଙ୍କ ଅନୁଯାଇ, "ଜ୍ୟୋତି" ମନୁଷ୍ୟର ମନ୍ଦକୁ ପ୍ରକାଶ କରିଥାଏ (୩:୧୯ –୨୧)।

ଦ୍ୱିତୀୟ, ଏହା ପ୍ରାକୃତିକ ପ୍ରକାଶନକୁ ଦର୍ଶାଏ ନାହିଁ। (ତାହା ଈଶ୍ୱର ପ୍ରକୃତିର ଜରିଆରେ ଜାଣିଥାନ୍ତି (୧୯:୧-୫ ; ରୋମୀୟ ୧:୧୯-୨୦) କିମ୍ବା ଗୋଟିଏ ଭିତିରି ନୈତିକ ବିଚାର (ରୋମୀୟ –୨:୧୪,୧୫), ମାତ୍ର ତାବଦଳରେ ଈଶ୍ୱରଙ୍କ ଜ୍ୟୋତିର ପ୍ରଦାନ ଏବଂ ଯୀଶୁ ଙ୍କ ଦ୍ୱାରା ପରିତ୍ରାଣ, କେବଳ ତାହା ସତ୍ୟ ଜ୍ୟୋତି ଅଟେ ।

**୧:୧୦ " ଜଗତ"** - ଯୋହନ କୋସ୍‌ମୋସ ଶବ୍ଦକୁ ତିନୋଟି ସ୍ୱଷ୍ଟ ମାଧ୍ୟମରେ ବ୍ୟବହାର କରୁଅଛନ୍ତି।

୧ – ସାଂସାରିକ ବିଶ୍ୱ (୧:୧୦,୧୧;୧୧:୯;୧୬:୨୧;୧୭:୫,୨୪ ;୨୧:୨୫)

୨ – ସମସ୍ତ ମାନବଜାତି) ୧:୧୦,୨୯;୩:୧୬, ୧୭;୪:୪୨ ୬:୩୩;୧୨:୧୯,୪୨;୧୮:୨୯)

୩ - ପତିତ ମାନବ ସମାଜ ସଂଗଠିତ ହେଲା ଏବଂଈଶ୍ୱରଙ୍କ ଠାରୁ ଦୂର ହୋଇ କାର୍ଯ୍ୟ କରୁଅଛି(୭:୭;୧୫:୧୮ -୧୯;
ପ୍ରଥମ ଯୋହନ - ୨:୧୫:୩:୧, ୧୩)

ଏହି ପ୍ରସଙ୍ଗରେ +୨ ପ୍ରଯୁଜ୍ୟ ଅଟେ। ଦେଖନ୍ତୁ ବିଶେଷ ଶିର୍ଷ ୧୪:୧୭ ରେ ।

❑ **"ଜଗତ ତାଙ୍କୁ ଚିହ୍ନିଲା ନାହିଁ** - ନାହିଁ ପତିତ ବିଜାତି ଦେଶମାନେ ଆଇ ନାହିଁ ମୋନୀତ ଯିହୁଦି ଦେଶ ପ୍ରତିଜ୍ଞାର ମସୀହ ରୂପେଯୀଶୁଙ୍କୁ ଚିହ୍ନି ପାରିଲେ। ଶବ୍ଦ "ଚିହ୍ନିବା" ଏବ୍ରୀ ଭାଷାର ଏକ କଥାର ଶୈଳି କୁ ଦର୍ଶାଏ ଯାହାର ଅର୍ଥ ଏକ ଘନିଷ୍ଠ ସଂବନ୍ଧ (ଆଦି –୪:୧: ଯିଖରୀୟ – ୧:୫)

**ବିଶେଷ ଶୀର୍ଷ :ଚିହ୍ନିବା**

ଏବ୍ରୀ ଶବ୍ଦ "ଚିହ୍ନିବା" (ବିଡିବି ୩୯୩ )ର ଅନେକ ଇନ୍ଦ୍ରିୟ ଜ୍ଞାନ ଅଛି କ୍ୱାଲ୍‌ରେ

୧ – ଭଲ ଏବଂ ମନ୍ଦ ବୁଝିବାରା -ଆଦି - ୩:୨୨; ଦ୍ୱିତୀୟ ବିବରଣ - ୧:୩୯; ଯିଶା - ୭:୧୪ – ୧୫ ;ଯୁନସ୍ –୪:୧୧

୨ - ବୁଝିବାଦ୍ୱାରା ଚିହ୍ନିବା - ଦ୍ୱିତୀୟ ବିବରଣ – ୯:୨,୩,୬;୧୮:୨୧

୩ - ଅନୁଭବ ଦ୍ୱାରା ଚିହ୍ନିବା - ଦ୍ୱିତୀୟ ବିବରଣ –୩:୧୯; ୪:୩୫; ୮:୨, ୩,୫; ୧୧:୨;୨୦:୨୦; ୩୧:୧୩;
ଯିହୋଶୂୟ –୨୩:୧୪

୪ – ବିଚାର କରିବାକୁ-ଦ୍ୱିତୀୟ ବିବରଣ –୪:୩୯;୧୧:୨;୨୯:୧୬

୫ – ବ୍ୟକ୍ତିଗତଭାବେ ଚିହ୍ନିବାକୁ

କ- ଗୋଟିଏ ବ୍ୟକ୍ତି - ଆଦି –୨୯:୫; ଯାତ୍ରା – ୧:୮ ; ଦ୍ୱିତୀୟ ବିବରଣ – ୨୨:୨; ୩୩:୯

ଖ – ଏକ ଈଶ୍ୱର - ଦ୍ୱିତୀୟ ବିବରଣ – ୧୧:୨୮; ୧୩:୨,୬,୧୩; ୨୮:୬୪; ୨୯: ୨୬; ୩୨:୧୭

ଗ – ୱାଇଏଚ୍‌ଡବଲ୍ୟୁଏଚ୍ - ଦ୍ୱିତୀୟ ବିବରଣ – ୪:୩୫,୩୯;୭:୯;୨୯:୬ ୬ଯିଶା:୧:୩; ୫୬:୧୦ – ୧୧

ଘ – ଯୌନସଂବନ୍ଧ - ଆଦି ୪:୧,୧୭,୨୫;୨୪:୧୬;୩୮:୨୬।

୬ – ଗୋଟିଏ ଶିଖିଥିବା ନିପୁଣତା କିମ୍ବା ବୁଦ୍ଧି -ଯିଶା – ୨୯:୧୧,୧୨;ଆମୋଶ –୫:୧୬

୭ – ଜ୍ଞାନୀ ହୁଅ । - ଦ୍ୱିତୀୟ ବିବରଣ – ୨୯:୪ ; ହିତୋପଦେଶ – ୧:୨;୪:୧; ଯିଶା –୨୯:୨୪

୮ – ଈଶ୍ୱରଙ୍କ ଜ୍ଞାନ -

କ – ମୋଶାଙ୍କର - ଦ୍ୱିତୀୟ ବିବରଣ – ୩୪ :୧୦

ଖ – ଇସ୍ରାଏଲଙ୍କର - ଦ୍ୱିତୀୟ ବିବରଣ – ୩୧:୨୧,୨୭,୨୯

**୧:୧୧ – "ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ।** "ତାହାଙ୍କର ନିଜ" ପଦ -୧୧ ରେ ଦୁଇଥର ବ୍ୟବହାର କରାଗଲା। ପ୍ରଥମେ ବ୍ୟାକରଣ ଗଠନ ନପୁଂସକ ବହୁବଚନ ଏବଂ ତାହା (୧) ସମସ୍ତ ସୃଷ୍ଟି ବା (୨) ଯିହୁଦିଅ କିମ୍ବା ଯିରୁଶାଲେମ୍‌ର ଭୌଗଳିକତାକୁ ଦର୍ଶାଏ । ଦ୍ୱିତୀୟରେ ପୁଲିଙ୍ଗ ବହୁବଚନ ଏବଂ ତାହା ଯିହୁଦି ଲୋକମାନଙ୍କୁ ଦର୍ଶାଉଛି।

**୧:୧୨ " ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ"** – ଉଦ୍ଧାରରେ ଏହା ମନୁଷ୍ୟର ଭୂମିକାକୁ ଦର୍ଶାଇଥାଏ। (ପଦ - ୧୬), ମନୁଷ୍ୟକୁ ଅନୁଗ୍ରହ ଯାହା ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କଠାରୁ ପ୍ରାପ୍ତି ହୋଇଛି ତାହାର ପ୍ରତିଉତ୍ତୋର ଦେବା ଆବଶ୍ୟକ। (୩:୧୬; ରୋମୀୟ –୩:୨୪;୪:୪-୫ ; ୬:୨୩; ୧୦ :୯-୧୩ ; ଏଫିସୀୟ – ୨:୮ – ୯ ) । ଈଶ୍ୱର ନିଶ୍ଚିତ ପ୍ରକାରେ ସାର୍ବଭୌମ ଅଟନ୍ତି, ତଥାପି ତାଙ୍କ ସାର୍ବଭୌମତାରେ ସେ ପତିତ ମନୁଷ୍ୟଜାତି ସହିତ ଏକ ସର୍ତ୍ତ ନିୟମର ଆରମ୍ଭ କଲେ। ପତିତ ମାନବଜାତି ନିଶ୍ଚୟ ଅନୁତାପ, ବିଶ୍ୱାସ, ପାଳନ ଏବଂ ଧାର୍ଯ୍ୟ ବିଶ୍ୱାସରେ ରଖିବା ଦରକାର। ଏହି "ଗ୍ରହଣ କରିବା" ର ବିଚାରଧାରା ଧର୍ମଶାସ୍ତ୍ର ଅନୁସାରେ "ସ୍ୱୀକାର କରିବା" ସହିତ ସମାନ, ଯାହା ଯୀଶୁ ଯେ ଖ୍ରୀଷ୍ଟଙ୍କ ବିଶ୍ୱାସର ଏକ ସାର୍ମଜନିକ ପେଶା ରୂପେ ସଂକେତ କରାଗଲା(ମାଥିଉ – ୧୦:୩୨;ଲୁକ୍ –୧୨:୮;ହୋହନ -୯:୨୨; ୧୨:୪୨; ପ୍ରଥମ ତୀମଥି – ୬:୧୨; ପ୍ରଥମ ଯୋହନ - ୨:୨୩;୪:୧୫ )। ଉଦ୍ଧାର ଏକ ବରଦାନ ତାହା ସ୍ୱରକାର ଏବଂ ଗ୍ରହଣ କରିଯିବା ଦରକାର। ଯିଏ ଯୀଶୁଙ୍କୁ "ଗ୍ରହଣ କରେ (୧:୧୨) ସିଏ ପିତା ଯାହାଙ୍କୁ ପ୍ରେରଣ କରିଛନ୍ତି ତାଙ୍କୁ ଗ୍ରହଣ କରେ (୫:୪୩;୧୩:୨୦)। ଉଦ୍ଧାର ତ୍ରିଏକ ଈଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସଂବନ୍ଧ ଅଟେ।

❑ **"ସେ ଅଧିକାର ଦେଲେ"** – ଗ୍ରୀକ୍ ଶବ୍ଦ (ଏକ୍‌ସୋଉସିଆ) ଅର୍ଥ ଏହି ପ୍ରକାର ହୋଇପାରେ (୧) କାନୁନ୍ ଅଧିକାର (୨) ଅଧିକାର କିମ୍ବା ସୌଭାଗ୍ୟ (୫:୨୭;୨୭:୨;୧୯:୧୦,୧୧) । ଯୀଶୁଙ୍କର ପୁତ୍ରତ୍ୱ ଏବଂ ଈଶ୍ୱରୀୟ କାର୍ଯ୍ୟ; ଦ୍ୱାରା, ପତିତ ମନୁଷ୍ୟ ବର୍ତ୍ତମାନ ଈଶ୍ୱରଙ୍କୁ ଜାଣିପାରେ ଏବଂ ତାଙ୍କୁ ପିତା ଏବଂ ଈଶ୍ୱରଙ୍କ ରୂପରେ ସ୍ୱୀକାର କରିପାରେ।

❑ **"ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ "** - ନୂତନ ନିୟମର ଲେଖକମାନେ ଖ୍ରୀଷ୍ଟୀୟ ସମାଜକୁ ଦର୍ଶାଇବା ନିମନ୍ତେ ପରିବାରର ରୂପକ ଶବ୍ଦର ପ୍ରୟୋଗ କଲେ : (୧) ପିତା ; (୨) ପୁତ୍ର ; (୩) ସନ୍ତାନମାନେ ; (୪) ପୁନଃ ଜନ୍ମ ; (୫) ଗ୍ରହଣ କରିବା ।ଖ୍ରୀଷ୍ଟୀୟ ସମାଜ ଏକ ପରିବାର ସହିତ ସମାନ ଅଟେ ,ଏକ ଉପଜ ନୁହେଁ(ସ୍ୱର୍ଗ ନିମନ୍ତେ ଟିକଟ, ଅଗ୍ନିବିମା ନିଗମ ) ଖ୍ରୀଷ୍ଟରେ ବିଶ୍ୱାସୀମାନେ ନୂତନ ସ୍ୱର୍ଗୀୟ "ଈଶ୍ୱରଙ୍କ ଲୋକ" ହେଲେ । ସନ୍ତାନ ରୂପରେ ଆମେ ପିତାଙ୍କର ସ୍ୱଭାବକୁ ପ୍ରତିଫଳନ କରିବା ଦରକାର, ଯେମିତି "ଅଦ୍ୱିତୀୟ" (ପଦ - ୧୪;୩:୧୬)ପୁତ୍ର (ଏଫିସୀୟ – ୫:୧; ପ୍ରଥମ ଯୋହନ - ୨:୨୯;୩:୩) । ପାପିମାନଙ୍କ ନିମନ୍ତେ କେମିତି ଏକ ଆଶ୍ଚର୍ଯ୍ୟାନ୍ୱିତ ଉପାଧି (୧୧:୫୨; ରୋମୀୟ – ୮:୧୪,୧୬,୨୧;୯:୮; ଫିଲିପୀ –୨:୧୫ ; ପ୍ରଥମ ଯୋହନ - ୩:୧ ,୨,୧୦ ;୫:୨; ହୋଶେୟ – ୧:୧୦ ସବୁ ରୋମୀୟ – ୯:୨୬; ଏବଂ ଦ୍ୱିତୀୟ କରିନ୍ଥୀୟ – ୬:୧୮ ରେ ଉଦ୍ଧୃତ କରାଗଲା।,

ଏହା ଆହୁରି ଅଧିକ ମନରୋମ କି ସନ୍ତାନ ନିମନ୍ତେ ଦୁଇଟି ଗ୍ରୀକ୍ ଶବ୍ଦ, ଗୋଟିଏ ସର୍ବଦା ପ୍ରୟୋଗ କରାଗଲା, ଏବଂ ଅନ୍ୟଟି (ଟେକ୍‌ନୋନ୍, ଟେକ୍‌ନା ) ବିଶ୍ୱାସୀ ମାନଙ୍କ ନିମନ୍ତେ ପ୍ରୟୋଗ କରାଗଲା , "ଚର୍ଚ୍ଚ" (ଇକ୍ଲେସିଆ) ଶବ୍ଦ ବିଶ୍ୱାସି ମାନଙ୍କ ନିମନ୍ତେ ପ୍ରୟୋଗ କରାଗଲା। ମାର୍କ, ଲୁକ ଓ ମୋହନ ପୁସ୍ତକରେ ପ୍ରକାଶ ହୋଇନାହିଁ। ସେମାନେ ପ୍ରଗତିଶୀଳ ବ୍ୟକ୍ତିତ୍ୱ ଏବଂ ଆତ୍ମା ସଂଗଠିତ ସହଭାଗିତାର ପାରିବାରିକ ଶବ୍ଦମାନ ପ୍ରଯୋଗ କଲେ।

❑ **"ଯେ କେହି ବିଶ୍ୱାସ କରନ୍ତି"** – ଏହା ଏକ ବର୍ତ୍ତମାନ କ୍ରୀୟାଶୀଳ ଯାହାର ଅର୍ଥ "ଯେ ନିରନ୍ତର ବିଶ୍ୱାସ କରେ" – ଏହି ଶବ୍ଦର ପୃଷ୍ଠ ଭୂମି ଆମକୁ ସମକାଳୀନ ଅର୍ଥକୁ ବୁଝେଇବାରେ ଆମର ସାହାଯ୍ୟ କରିବ। ଏବ୍ରୀ ଭାଷାରେ ଏହା ସ୍ଥିର ରହୁଥିବା ଜଣେ ବ୍ୟକ୍ତିଙ୍କ ଆଡ଼କୁ ଇଙ୍ଗିତ କରେ। ଏହି ଶବ୍ଦର ପ୍ରୟୋଗ ଭରସା ଯୋଗ୍ୟ , ବିଶ୍ୱାସ ଯୋଗ୍ୟ, ବିଶ୍ୱାସ ଯୋଗ୍ୟ କିମ୍ବା ସଗେଟ ଙ୍କ ପାଇଁ ରୂପକାତ୍ମକ ରୂପରେ ପ୍ରୟୋଗ ହେଉଅଛି । ଗ୍ରୀକ୍ ଶବ୍ଦକୁ ଇଂରେଜୀ ଶବ୍ଦ ("ଆସ୍ଥା" , ବିଶ୍ୱାସ ଏବଂ ଭରସା )ରେ ଅନୁବାଦ କରାଗଲା। ବାଇବେଲର ବିଶ୍ୱାସ କିମ୍ବା ଭରୋସା ତାହା ନୁହେଁ ଯାହା ଆମେ ସାଧାରଣତ ! କରିଧାଉ କିନ୍ତୁ ଜଣେ ଯାହାଙ୍କ ଉପରେ ଆମେ ଆମର ଭରସା ରଖିଥାଉ। ଏହା ଈଶ୍ୱରଙ୍କ ଭରୋସାଯୋଗ୍ୟତା ଆମ୍ଭମାନଙ୍କ ନୁହେଁ ଯାହା ଦିଆଯାଇଛି । ପତିତ ମନୁଷ୍ୟ ଈଶ୍ୱରଙ୍କ ଭରୋସା ଯୋଗ୍ୟତାରେ ଭରୋସା ରଖେ, ତାଙ୍କ ବିଶ୍ୱାସ ଯୋଗ୍ୟତାରେ ଆସ୍ଥା ରଖେ ଓ ତାଙ୍କ ପ୍ରିୟପୁତ୍ର ଙ୍କ ଉପରେ ବିଶ୍ୱାସ ରଖେ। ମୂଖ୍ୟ କେନ୍ଦ୍ର ଏଠାରେ ମନୁଷ୍ୟର ବିଶ୍ୱାସର ଚୁରତା ବା ତୀବ୍ରତା ଉପରେ ନୁହେଁ, ମାତ୍ର ସେହି ବିଶ୍ୱାସର ବିଷୟବସ୍ତୁ ଉପରେ । ଦେଖନ୍ତୁ ବିଶେଷ ଶୀର୍ଷ ୧:୭ ଏବଂ ୨:୨୩।

❑ **"ତାହାଙ୍କ ନାମରେ"** - ପୂରତନ ନିୟମରେ ଗୋଟିଏ ବ୍ୟକ୍ତିର ନାମ ବହୁତ ମହତ୍ତ୍ୱପୂର୍ଣ୍ଣ ଥିଲା। ଏହା ସେମାନଙ୍କର ଚରିତ୍ର ବିଷୟରେ ଆଶାପୂର୍ଣ୍ଣ /ଶକ୍ତି ଥିଲା କିମ୍ବା ସେମାନଙ୍କର ଚରିତ୍ରର ବର୍ଣ୍ଣନା ସେହି ନାମରେ ବିଶ୍ୱାସ କରିବା ଅର୍ଥ ସେହି ବ୍ୟକ୍ତିଙ୍କୁ ଗ୍ରହଣ କରିବା ଏବଂ ବିଶ୍ୱାସ କରିବା (୨:୨୩;୩:୧୮;୨୦:୩୧;ପ୍ରଥମ ଯୋହନ - ୫:୧୩) । ଦେଖନ୍ତୁ ବିଶେଷ ଶୀର୍ଷ : ପ୍ରଭୁଙ୍କର ନାମ ୧୫:୧୬ ।

**୧:୧୩**

**ଏନ୍‌ଏସ୍‌ବି, ଏନ୍‌କେଜେଭି, ଏନ୍‌ଆର୍‌ଏସ୍‌ଭି - "ଯେଉଁମାନେ ଜନ୍ମ ହୋଇଥିଲେ, ନା ତ ରକ୍ତରେ ନାହିଁ ଶରୀର ର ଇଚ୍ଛାରୁ**

**ଟିଇଭି – ଦେଶବାସୀ ହୋଇଥିବାରୁ ସେମାନେ ଈଶ୍ୱରଙ୍କ ସନ୍ତାନ ହୋଇ ନାହାନ୍ତି କମ୍ବା ସାଂସାରିକ ପିତା କିମ୍ବା ଜନ୍ମ ହୋଇଥିବାରୁ ନୁହେଁ ।**

**ଏନ୍ ଜେବି – ଯେଉଁମାନେ ଜନ୍ମ ହୋଇଥିଲେ ସେମାନେ ମନୁଷ୍ୟର ପୂର୍ବପୁରୁଷଙ୍କ ଠାରୁ ନୁହେଁ କିମ୍ବା ମନୁଷ୍ୟର ଲାଳସାରୁ ନୁହେଁ କିମ୍ବା ମନୁଷ୍ୟର ଇଚ୍ଛାରୁ ନୁହେଁ।**

ଆରମ୍ଭିକ ମଣ୍ଡଳୀର ପିତାମାନେ ( ଉଦାହରଣ ନିମନ୍ତେ, ଆଇରେ ନିଅସ୍, ଓରିଗେନ୍, ତେରତୁଲିଅନ୍, ଆମ୍ବ୍ରୋତ, ଜେରୋମ୍, ଅଗଷ୍ଟିନ୍ ) ଏହି ଶବ୍ଦକୁ ଯୀଶୁଙ୍କ ଆଡେ ନିର୍ଦ୍ଦେଶ କରିବା ଦେଖୁଛନ୍ତି।(ଉଦାହରଣ ଏକବଚନ ), କିନ୍ତୁ ଗ୍ରୀକ୍ ମୂଳପାଠ ବହୁବଚନରେ ପ୍ରମାଣିତ କରେ । (ଏହି ଶବ୍ଦର ବହୁବଚନ କେବଳ ନୂତନ ନିୟମରେ ହିଁ ଦେଖାଯାଏ; ୟୁବିଏସ୍୪ ଏହାକୁ "ଏକ " ବୋଲି କହେ। ) ଯାହାର ଅର୍ଥ ଏହି ପଦ ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କୁ ଦର୍ଶାଉଛି। (୩:୫; ପ୍ରଥମ ପିତର –୧।:୩:୨୩), ଅତଏକ. ଏହା ଜାତିଗତ ସୌଭାଗ୍ୟକୁ ଦର୍ଶାଏ ନାହିଁ ଆଉ ନାହିଁ ମନୁଷ୍ୟର ଶାରୀରିକ ବଂଶଜ ("ରକ୍ତରୁ") ମାତ୍ର ଈଶ୍ୱରଙ୍କ ପୁତ୍ରଙ୍କ ଉପରେ ଭରୋସା ରଖୁଥିବା ଈଶ୍ୱରଙ୍କ ମୋନନୀତ ଏବଂ ନିକଟବର୍ତ୍ତୀ ମାନଙ୍କ(୬:୪୪,୪୫)। ଈଶ୍ୱରଙ୍କ ସାର୍ବଭୌମତା ଏବଂ ମନୁଷ୍ୟର ସନ୍ତୁଳନ କୁ ପ୍ରଦର୍ଶନ କରେ ।

ଗ୍ରୀକ୍ କ୍ରୀୟା (ଏଓରିଷ୍ଟ ପାସିଭ୍ ଇଣ୍ଡିକେଟସ୍) ଗ୍ରୀକ୍ ବାକ୍ୟରେ ଶେଷରେ କୁହାଗଲା। ଏହା ଦ୍ୱିତୀୟ ଜନ୍ମରେ ଈଶ୍ୱରଙ୍କ ପ୍ରଥମ ଏମଂ ସାର୍ବି ଭୌମକତାକୁ ଜୋର୍ ଦିଏ। (ଉଦାହରଣ – " ଈଶ୍ୱରଙ୍କ ଠାରୁ ଯାହା ଶେଷ ଶବ୍ଦର ଏକ ଅଂଶ ଅଟେ ୬:୪୪,୬୫)।

**ଏନ୍ଏସ୍ବି ବାକ୍ୟ – ୧:୧୪ – ୧୮**

**୧୪ - ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ । ୧୬ ଯୋହନ ତାହାଙ୍କ ବିଷୟରେ ସାକ୍ଷ ଦେଇ ଉଚ୍ଚ ସ୍ୱରରେ କହିଲେ, ଯେ ଉତ୍ତାରେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇଅଛନ୍ତି କାରଣ ସେ ମୋହର ପୂର୍ବରେ ଥିଲେ, ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି। ୧୬ଏଣୁ ତାହାଙ୍କ ପୁର୍ଣ୍ଣତାରୁ ଆମ୍ଭେମାନେ ସମସ୍ତେ ପ୍ରାପ୍ତ ହୋଇଅଛୁ, ହଁ, ଅନୁଗ୍ରହ ଉପରେ ଅନୁଗ୍ରହ ପ୍ରାପ୍ତ ହୋଇଅଛୁ। ୧୭ କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତ ହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରାଉପସ୍ଥିତ ହେଲା। ୧୮ କେହି କେବେ ଈଶ୍ୱରଙ୍କୁ ଦେଖିନାହିଁ, ପିତାଙ୍କ କୋଳସ୍ଥିତ ଅଦ୍ୱିତୀୟ ପୁତ୍ର ତାହାଙ୍କ ପ୍ରକାଶ କଲେ।**

**୧:୧୪ "ସେହି ବାକ୍ୟ ଦେହବନ୍ତ ହେଲେ"** – ଯୋହନ ନୋଷ୍ଟିକର ମିଥ୍ୟା ଶିକ୍ଷାକୁ ଦୋଷାର୍ପଣ କରୁଅଛନ୍ତି, ଯିଏ ଖ୍ରୀଷ୍ଟିଆନ୍ଙ୍କୁ ଗ୍ରୀକ୍ ବିଧର୍ମି ବିଚାରରେ ସମ୍ମିଳିତ କରିବାକୁ ପ୍ରୟାସ କରୁ ଥିଲେ । ଯୀଶୁ ବାସ୍ତବରେ ମାନବ ଏବଂ ବାସ୍ତବରେ ଈଶ୍ୱର ଥିଲେ (ପ୍ରଥମ ଯୋହନ - ୪:୧-୩) ଇମ୍ମାନୁଏଲଙ୍କ ପ୍ରତିଜ୍ଞା କରିବାକୁ ପୁରଣ କରିବାକୁ (ଯିଶା- ୭:୧୪) । ପତିତ ମନୁଷ୍ୟଙ୍କ ମଧ୍ୟରେ ଯୀଶୁ ବାସ କଲେ("ତାଙ୍କ ତମ୍ବୁକୁ ବାନ୍ଧିଲେ" ଆକ୍ଷରିକ ଭାବେ) । ପାପର ସ୍ୱଭାବ ନିମନ୍ତେ ଯୋହନ ପାଉଲଙ୍କ ସଦୃଶ " ଦେହ" କିମ୍ବା " ଶରୀର" ଶବ୍ଦ ବ୍ୟବହାର କରୁନାହାଁନ୍ତି।

**ବିଶେଷ ଶିର୍ଷ : ଦେହ (ସାରକ୍ସ)**

ଏହା ମନୁଷ୍ୟର ଜ୍ଞାନ କିମ୍ବା ସାଂସାରିକ ସ୍ତରକୁ ନିର୍ଦ୍ଦେଶ କରିଥାଏ (ପ୍ରଥମ କରି – ୧:୨ ୨:୬,୮ ;୩:୧୮ । ପାଉଲ ଶବ୍ଦ " ଶରୀର" (ଉଦାହରଣ– ସାରକ୍ସ) କୁ ତାଙ୍କ ଅଧିକାଂଶ ଲେଖାର ପ୍ରଯୋଗ କରୁଅଛନ୍ତି।

୧ – ମନୁଷ୍ୟ ଶରୀର (ରୋମୀୟ – ୨:୨୮; ପ୍ରଥମ କରି – ୫:୫; ୭:୨୮)

୨– ମନୁଷ୍ୟର ବଂଶ (ଉଦାହରଣ - ପିତା-ପୁତ୍ର, ରୋମୀୟ – ୧:୩;୪:୧: ପ୍ରଥମ କରି –୧୦:୧୮)

୩– ମାନବିକତା ଯେମିତି ସମସ୍ତ (ପ୍ରଥମ କରି – ୧:୨୬, ୨୯)

୪ – ଆଦି ପୁସ୍ତକ ୩ ପର୍ବ ଅନୁସାରେ ମନୁଷ୍ୟର ପତିତ ହେତୁ ମନୁଷ୍ୟର ଦୁର୍ବଳତା (ରୋମୀୟ –୬:୧୯;୭:୧୮

❑ **"ଆମ୍ଭମାନଙ୍କ ମଧ୍ୟରେ ଆକ୍ଷରିକ ଭାବେ ଏହା "ବସତି ସ୍ଥାପନ କଲେ"** ଏଥିରେ ଜଙ୍ଗଲର ପରିଭ୍ରମଣର ସମୟ ଏବଂ ବାସକଲେ- ସମାଗମ ତମ୍ବୁର ପୃଷ୍ଠଭୂମି ଥିଲା (ପ୍ରକାଶିତ ବାକ୍ୟ ୭:୧୫;୨୧:୩) ଯିହୁଦି ପତ୍ର ଏହି ମରୁସ୍ଥଳର ଅନୁଭବକୁ ଯିହୋବା ଏବଂ ଇସ୍ରାଏଲ ମଧ୍ୟରେ "ହନିମୁନ୍ ସମୟ" ବୋଲି କହେ। ଏହି ସମୟ ପର ଠାରୁ ଈଶ୍ୱର କେବେହେଲେ ଇସ୍ରାଏଲ୍ର ଏତେ ସମିପ ନ ଥିଲେ। ସେହି ସମୟରେ ଇସ୍ରାଏଲ୍ ମାନଙ୍କୁ ମାର୍ଗଦର୍ଶନ କରିଥିବା ସେହି ବିଶେଷ ଈଶ୍ୱରୀୟ ମେଘ ନିମନ୍ତେ ଶବ୍ଦ "ଶୋଇକ୍ନାହିଁ'' ର ପ୍ରଯୋଗ କରାଯାଇଥିଲା। ଯାହାର ଅର୍ଥ ବାସ କରିବା"।

❑ **"ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ"** - ପୂରାତନ ନିୟମର କାବୋଦ ଶବ୍ଦ (ମହିମା ) ବର୍ତ୍ତମାନ ଜୀବନ ଧାରଣ, ଦେହବନ୍ତ ହେଲେ ଏହା ଏ ପ୍ରକାଶେ ଦର୍ଶାଇଥାଏ। – (୧) – କିଛି ନା କିଛି ଯୀଶୁ ଙ୍କ ଜୀବନ ପ୍ରତି, ଯେମିତି , ରୁପାନ୍ତରଣ କିମ୍ବା ସ୍ୱର୍ଗାରହଣ (ଉଦାହରଣ ପ୍ରେରିତ ଙ୍କ ସାକ୍ଷ୍ୟ- ୨ ପିତର – ୧:୧:୧୬- ୧୭ ) (୨) ଅଦୃଶ୍ୟ ଯିହୋବାଙ୍କୁ ବର୍ତ୍ତମାନ ଦୃଶ୍ୟମାନ ଏବଂ ପୂର୍ଣ୍ଣରୁପେ ଜ୍ଞାତି କରିବା ବିଚାର । ଏହି ବିଷୟର ଉଲ୍ଲେଖ ପ୍ରଥମ ଯୋହନ ୧:୧-୪ ରେ ଯାହା ଯୀଶୁଙ୍କର ମାନବିକତାକଚ ବିରୋଧ କରି ନୋଷ୍ଟିକ୍ର ମିଥ୍ୟା ଶିକ୍ଷା ଆତ୍ମା ଏବଂ ଭୌତିକତାର ବିପକ୍ଷ ସଂବନ୍ଧ ବିଷୟରେ କହେ। ପୁରାତନ ନିୟମରେ "ମହିମା" ନିମନ୍ତେ ଅତି ସାଧାରଣ ଶବ୍ଦ (କାବୋଦ , ବିଡିବି ୪୫୮) ପ୍ରକୃତରେ ଏକ ବ୍ୟବସାୟିକ ଶବ୍ଦ ଥିଲା (ଯାହା ଦୁଇ ତରାଜୁ କୁ ଦର୍ଶାଇଥାଏ।), ଆକ୍ଷରିକ ଭାବେ, "ଭାରି ହେବା" ଯାହା ଭାରି ତାହା ମୂଲ୍ୟବାନ କିମ୍ବା ବାସ୍ତବିକ ମୂଲ୍ୟ। ଅନେକଥର ତେଜମୟ ଶବ୍ଦର ବିଚାର ଈଶ୍ୱରଙ୍କ ବୈଭବ ଶବ୍ଦ ନିମନ୍ତେ ପ୍ରୟୋଗ କରାଯାଇଛି। (ଉଦାହରଣ - ପ୍ରଥମେ ସିୟୋନ ପର୍ବତରେ , ସେକିନାହ ମହିମାର ମେଘ, ଦ୍ୱିତୀୟ ଆଗମନର ଜ୍ୟୋତି, ଯାତ୍ରା – ୧୩:୨୧-୨୨;୨୪ :୧୭ ; ଯିଶା .୪:୫ ; ୬୦:୧-୨ ) । ସେ ହିଁ କେବଳ ଆଦର ଏବଂ ମହିମାର ଯୋଗ୍ୟ । ସେ ଏତେ ବୁଦ୍ଧିମାନ କି ପତିତ ମାନବ ତାଙ୍କୁ ଦେଖୁ (ଯାତ୍ରା – ୩୩:୧୭-୨୩; ଯୀଶା.୬:୫)। କେବଳ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ପ୍ରକୃତରେ ଈଶ୍ୱରଙ୍କୁ ଜାଣି ହୁଏ (ଯିରି .୧:୧୪;ମାଥିଉ – ୧୭:୨;ଏବ୍ରୀ – ୧:୩ ;ଯାକୁବ –୨:୧)

**ବିଶେଷ ଶୀର୍ଷ : ମହିମା (ଡକ୍ସା)**

ବାଇବଲିୟ ବିଚାର "ମହିମା"କୁ ବର୍ଣ୍ଣନା କରିବା କଠିନ ଅଟେ । ବିଶ୍ୱାସୀମାନଙ୍କ ମହିମା ସେମାନେ ସୁସମାଚାରରେ ଓ ଈଶ୍ୱରଙ୍କ ମହିମାରେ ବୁଝିଥାନ୍ତି କିନ୍ତୁ ନିଜ ମଧ୍ୟରେ ନୁହେଁ । (୧ :୨୯-୩୧; ଜିରିମିୟ ୯:୨୩-୨୪)

ପୁରାତନ ନିୟମରେ 'ମହିମା' ନିମନ୍ତେ ଅତି ସାଧାରଣ ଶବ୍ଦଟି ହେଲା ଗୋଟିଏ ବ୍ୟବସାୟିକ ଶବ୍ଦ । ଯାହାର ଓଜନ ଅଧିକ ଏବଂ ମୂଲ୍ୟବାନ କିମ୍ବା ଯୋଗ୍ୟବନ୍ତ । ଈଶ୍ୱରଙ୍କ ମହିମାକୁ ବର୍ଣ୍ଣନା କରିବାକୁ ଅଧିକାଂଶରେ ଜାଜୁଲ୍ୟମାନ ବିଚାର ଶବ୍ଦଟି ବ୍ୟବହୃତ ହୋଇଛି । ଯାତ୍ରା ୧୯:୧୬-୧୮, ୨୪:୧୭, ଯିଶାୟ ୬୦:୧-୨) ସେ ଏକା ହିଁ ଯୋଗ୍ୟ ଏବଂ ଆଦରଣୀୟ । ସେ ପତିତ ମାନବ ଜାତି ନିମନ୍ତେ ଅତ୍ୟଧିକ ଜାଜୁଲ୍ୟମାନ । (ଯାତ୍ରା ୩୩:୧୭-୨୩; ଯିଶାୟ ୬:୫) ବାସ୍ତବରେ ଯିହୋବା ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ଜଣାଯାଇ ପାରନ୍ତି । (ଯିରିମିୟ ୧:୧୪, ମାଥିଉ ୧୭:୨, ଏବ୍ରୀୟ ୧:୩, ଯାକୁବ ୨:୧)

"ମହିମା" ଶବ୍ଦର ଅର୍ଥ ଏହି ପ୍ରକାର ହୋଇପାରେ।

୧ – ଏହା "ଧର୍ମ ଈଶ୍ୱରଙ୍କ" ସଦୃଶ୍ୟ ହୋଇପାରେ ।

୨ – ଏହା ଈଶ୍ୱରଙ୍କ "ପବିତ୍ରତା" ବା "ପୂର୍ଣ୍ଣତା" କୁ ଦର୍ଶାଇପାରେ ।

୩ – ଏହା ଈଶ୍ୱରଙ୍କ ସ୍ୱରୂପକୁ ଦର୍ଶାଇପାରେ ଯହିଁରେ ମନୁଷ୍ୟ ସୃଷ୍ଟହୋଇଛି (ଆଦି – ୧ :୨୬, ୨୭;୫:୧;୯:୬), ମାତ୍ର ଯିଏ ପରେ ବିଦ୍ରୋହ ହେତୁ ବିଗିଡି ଗଲା ।(ଆଦି –୩:୧ – ୨୨) ଏହା ପ୍ରଥମେ ତାଙ୍କ ଲୋକଙ୍କ ସହିତ ଯିହୋବାଙ୍କ ଉପସ୍ଥିତି (ମେଘ ) କୁ ଦର୍ଶାଉଅଛି (ଯାତ୍ରା –୧୬:୭,୧୦;ଲେବିୟ – ୯:୨୩;ଗଣନା –୧୪:୧୦)– ୯:୨୩;ଗଣନା –୧୪:୧୦)।

- **ଏନ୍‌ଏଏସ୍‌ବି, ଏନ୍‌କେଜେଭି- " ଯେମିତି ପିତାଙ୍କର ଅଦ୍ୱିତୀୟଙ୍କ ମହିମା"।**
  **ଏନ୍‌ଆର୍ ଏସ୍‌ଭି –" ଯେମିତି ପିତାଙ୍କର ଏକମାତ୍ର ପୁତ୍ରଙ୍କ ମହିମା"।**
  **ଟିଇଭି – "ମହିମା ଯାହା ସେ ପିତାଙ୍କର ଏକମାତ୍ର ରୂପରେ ଗ୍ରହଣ କଲେ"।**
  **ଏନ୍‌ଜେଭି –"ମହିମା ପାଇଲେ ଯେମିତି ପିତାଙ୍କର ଏକମାତ୍ରର ମହିମା"।**

"କେବଳ" (ମୋନୋଜେନେସ୍ ) ର ଅର୍ଥ "ଅଦ୍ୱିତୀୟ" "ଏକମାତ୍ର" (୩:୧୬,୧୮;୧ ଯୋହନ -୪:୯, ଦେଖନ୍ତୁ –ଏଫ୍ .ଏସ୍.ବ୍ରୁସ୍, ଆନ୍‌ସରଟୁ କୋସ୍କିନ୍ ପୃଷ୍ଠା –୨୪ – ୨୫) । ଭଲଗେଟ ଏହାକୁ "କେବଳ ଏକମାତ୍ର" ରୂପରେ ଅନୁବାଦ କଲା, ଏବଂ ଦୁର୍ଭାଗ୍ୟତଃ ପ୍ରାଚୀନ ଇଂରେଜୀ ଅନୁବାଦ ଏହାର ଅନୁକରଣ କଲା, (ଲୁକ –୭:୧୨;୮:୪୨;୯:୩୮; ଏବ୍ରୀ –୧୧:୧୭) । କେନ୍ଦ୍ରବିନ୍ଦୁ ହେଉଛି ଏକବଚନାତ୍ମକ ଏବଂ ଅଦ୍ୱିତୀୟ ପଣ, ଲୈଙ୍ଗିକ ବଂଶ ନୁହେଁ।

- **"ପିତା"** - ପୁରାତନ ନିୟମ ଈଶ୍ୱର ଯେ ପିତା ଅଟନ୍ତି ତାହାର ପାରିବାରିକ ଘନିଷ୍ଠତା ଶବ୍ଦର ପରିଚୟ ଦେଉଛି।

୧ – ଇସ୍ରାଏଲ୍ ଦେଶ ଅନେକଥର ଯିହୋବାଙ୍କ "ପୁତ୍ର" ରୂପରେ ବିବରଣ କରାଗଲା(ହୋଶୟ –୧୧:୧; ମଲାକି – ୩:୧୭)।

୨ – ଏପରିକି ଦ୍ୱିତୀୟ ବିବରଣରେ ଈଶ୍ୱର ଯେ ପିତା ଅଟନ୍ତି ତାର ଅନୁରୂପ ବ୍ୟବହାର କରାଗଲା (୧:୩୧)।

୩ - ଦ୍ୱିତୀୟ ବିବରଣ ୩୨ ପର୍ବ ରେ ଇସ୍ରାଏଲ୍ "ତାହାଙ୍କ ସନ୍ତାନଗଣ" ରୁପରେ କୁହାଗଲା ଏବଂ ପରମେଶ୍ୱର "ତୁମ୍ଭ ପିତା" ରୂପରେ କୁହାଗଲା।

୪- ଏହା ସମାପ୍ତର ଗୀତସଂହିତା – ୧୦୩:୧୩ରେ ବର୍ଣ୍ଣନା କରାଗଲା ଏବଂ ଗୀତସଂହିତା –୬୮:୫ରେ ବିସ୍ତୃତ ହେଲା(ପିତୃ ହୀନ ମାନଙ୍କର ପିତା ) ।

୫- ଏହା ଭାବବାଦିମାନଙ୍କ ମଧ୍ୟରେ ସାଧାରଣ ଥିଲା(ଯିଶା – ୧:୨;୬୩:୮; ଇସ୍ରାଏଲ୍ ପୁତ୍ର ରୂପରେ, ଈଶ୍ୱର ପିତା ରୁପେ ୬୩:୧୬;୬୪:୮;ଯିରି- ୩:୪,୧୯;୩୧:୯)।

ଯୀଶୁ ଏହି ସମାନ୍ତରକୁ ପୂର୍ଣ୍ଣ ପାରିବାରିକ ସହଭାଗିତାକୁ ଗଭୀରତାରେ ନେଇଯାଉଅଛନ୍ତି। ବିଶେଷତଃ ଯୋହନରେ –୧:୧୪,୧୮;୨:୧୬; ୩:୩୫; ୪:୨୧,୩୩; ୫:୧୭,୧୮,୧୯,୨୦,୨୧, ୨୨,୨୩,୨୬, ୩୬,୩୭, ୪୩,୪୫; ୬:୨୭, ୩୨, ୩୭, ୪୪, ୪୫, ୪୬,୫୭; ୮:୧୬,୧୯,୨୭,୨୮,୩୮, ୪୨, ୪୯,୫୪; ୧୦:୧୫, ୧୭, ୧୮,୨୫, ୨୯,୩୦, ୩୨,୩୬,୩୭,୩୮; ୧୧:୪୧;୧୨:୨୬,୨୭,୨୮,୪୯,୫୦;୧୩:୧;୧୪:୨୪,୭,୮,୯ ,୧୦,୧୧,୧୨,୧୩,୧୬,୨୦,୨୧,୨୩,୨୪ ,୨୬,୨୮,୩୧; ୧୫:୧,୮,୯,୧୦,୧୫, ୧୬,୨୩,୨୪,୨୬; ୧୬:୩, ୧୦,୧୫,୧୭,୨୩, ୨୫,୨୬,୨୭,୨୮,୩୨; ୧୭:୧,୫, ୧୧,୨୧, ୨୪, ୨୫; ୧୮:୧୧;୨୦:୧୭,୨୧ ।

- **"ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣହୋଇ''** – ଏହା ପୁରାତନ ନିୟମର ହେସେଡ୍ ଶବ୍ଦ(ପ୍ରତିଜ୍ଞା ପ୍ରେମ ଏବଂ ସଙ୍କୋଚ ) ଏବଂ ଏମେଥ୍ (ବିଶ୍ୱସ୍ତତା) ଯାହାର ପ୍ରୟୋଗ ଯାତ୍ରା –୩୪:୬,ନିହିମୟ ୯:୧୭; ଗୀତସଂହିତା –୧୦୩:୮ ରେ କରାଗଲା। ଏହା ଯୀଶୁଙ୍କର ଚରିତ୍ର (ପଦ ୧୭)କୁ ପୁରାତନ ନିୟମର ପ୍ରତିଜ୍ଞାର ଶବ୍ଦରେ ବିବରଣ କରାଗଲା, ଦେଖନ୍ତୁ ବିଶେଷ ଶୀର୍ଷ ସତ୍ୟରେ –୬:୫୫ ଏବଂ ୧୭:୩।

## ବିଶେଷ ଶୀର୍ଷ: କରୁଣା (ହୋସେଡ୍)

ଏହି ଶବ୍ଦର ବିସ୍ତୃତ କ୍ଷେତ୍ର ରହିଛି, ବିଡିବି  ଏହି ପ୍ରକରେ ବର୍ଣ୍ଣନା କରେ। (୩୩୮-୩୩୯)

କ – ମାନବ ଜାତିର ସଂବନ୍ଧରେ ବ୍ୟବହାର ।

୧ – ମନୁଷ୍ୟ ଉପରେ ଦୟା (ଉଦାହରଣ – ୧ ଶାମୁଏଲ – ୨୦:୧୪; ୨ ବଂଶାବଳୀ – ୨୪:୨୨)

୨ – ଗରିବ ଏବଂ ଆବଶ୍ୟକତାଗ୍ରସ୍ତ ମାନଙ୍କ ପ୍ରତି ଦୟା (ଉଦାହରଣ -  ମିଖା –୬:୮)

୩ – ପ୍ରେମ (ଯିରି –୨:୨; ହୋଶୟ  -୬:୪)

୪- ଉପସ୍ଥିତି (ଯିଶା – ୪୦:୬)

ଖ – ଈଶ୍ୱରଙ୍କ ସଂବନ୍ଧରେ ବ୍ୟବହାର

୧ - ପ୍ରତିଜ୍ଞାର ବିଶ୍ୱସତା ଏବଂ ପ୍ରେମ

କ – "ଶତ୍ରୁ ଏବଂ ବିପଦରୁ ଉଦ୍ଧାର" (ଉଦାହରଣ - ଯିରି – ୩୧:୩; ଏଜ୍ରା – ୨୬:୨୮;୯:୯)।

ଖ – "ମୃତ୍ୟୁରୁ ଜୀବନକୁ ରକ୍ଷାକରିବ" (ଉଦାହରଣ - ଆୟୁବ – ୧୦୧୨; ଗୀତସଂହିତା ୮୬:୧୩)

ଗ – " ଆତ୍ମିକ ଜୀବନର ସଚେତନ" (ଉଦାହରଣ –୧୧୯:୪୧, ୭୬,୮୮, ୧୨୪, ୧୪୯,୧୫୦)

ଘ – "ପାପରୁ ଉଦ୍ଧାର" (ଗୀତସଂହିତା –୨୫:୭;୫୧:୩)।

ଙ – "ପ୍ରତିଜ୍ଞାର ପାଳନ"  (ଉଦାହରଣ - ଯାତ୍ରା – ୩୪:୬;ମିଖା –୭:୨୦)

୨- ଏକ ଈଶ୍ୱରୀୟ ଗୁଣରେ  ବର୍ଣ୍ଣନ (ଉଦାହରଣ - ଯାତ୍ରା –୩୪:୬;ମିଖା ୭:୨୦)

୩ – ଈଶ୍ୱରଙ୍କ ଦୟା

କ – "ପ୍ରଚୁର" (ଉଦାହରଣ - ନିହିମିୟ – ୯:୧୭; ଗୀତ ସଂହିତା – ୧୦୩:୮)

ଖ – "ସୀମାରେ ମହାନ" (ଉଦାହରଣ- ଯାତ୍ରା  ୨୦:୬; ଦ୍ୱିତୀୟ ବିବରଣ – ୫:୧୦; ୭:୯)

ଗ – "ଚିରସ୍ଥାୟୀ" (ଉଦା – ୧ ବଂଶାବଳୀ  ୧୬:୩୪,୪୧; ୨ ବଂଶାବଳୀ ୫:୧୩;୭:୩,୬;୨୦:୨୧;ଏଜ୍ରା – ୩:୧୧)

ଘ - ଦୟାର କାର୍ଯ୍ୟ (ଉଦାହରଣ – ୨ ବଂଶାବଳୀ – ୬:୪୨; ଗୀତ- ୮୯:୨; ଗୀତ –୮୯:୨
ଯିଶା – ୫୫:୩;୬୩:୭;ବିଳାପ - ୩:୨୨)

## ବିଶେଷ ଶୀର୍ଷ : ପୁରାତନ ନିୟମରେ ବିଶ୍ୱାସ, ଭରୋସା, ଆସ୍ଥା ଏବଂ ବିଶ୍ୱସ୍ତତା।

I. ଆରମ୍ଭିକ ବିବରଣ।

ଏହା ବର୍ଣ୍ଣନା ଯୋଗ୍ୟ କି ଏହି ଧର୍ମଶାସ୍ତ୍ରୀୟ ବିଚାରର ପ୍ରୟୋଗ, ନୂତନ ନିୟମରେ ବହୁତ ମୁଖ୍ୟ ଅଟେ।, ମାତ୍ର ପୁରାତନ ନିୟମରେ ଏତେ ସ୍ପଷ୍ଟଭାବେ ବର୍ଣ୍ଣିତ ନୁହେଁ । ଏହା ନିଶ୍ଚୟ ସେଠାରେ ଅଛି କିନ୍ତୁ ମନୋନୀତ ବାକ୍ୟ  ଓ ବ୍ୟକ୍ତିତ୍ୱରେ ପ୍ରମାଣ କରାଯିବା ମୁଖ୍ୟ ଅଟେ।

ପୁରାତନ ନିୟମର ମିଶ୍ରଣ

୧ – ବ୍ୟକ୍ତି ଏବଂ ସମାଜ

୨ – ବ୍ୟକ୍ତିଗତ ଯୁଦ୍ଧ ଏବଂ ପ୍ରତିଜ୍ଞା ପାଳନ ।

ବିଶ୍ୱାସ ଉଭୟ ବ୍ୟକ୍ତିଗତ ଯୁଦ୍ଧ ଏବଂ ଦୈନନ୍ଦିନ ଜୀବନ ଶୈଳି। ସାମୁହିକ ରୂପ ଠାରୁ ଅଧିକ ବ୍ୟକ୍ତିଗତ ରୂପରେ ବର୍ଣ୍ଣନା କରିବା ସହଜ ସାଧ ଅଟେ(ବାକ୍ୟ ଅଧ୍ୟୟନ ) । ଏହି ବ୍ୟକ୍ତିଗତ ଦୃଷ୍ଟିକୋଣ ଉତ୍ତମ ଭାବେ ଦର୍ଶାଗଲା, ଯେମିତି ଏଠାରେ –

୧- ଅବ୍ରାହମ ଏବଂ ତାଙ୍କ ବଂଶ

୨- ଦାଉଦ ଏବଂ ଇସ୍ରାଏଲ୍

ଏହି ଲୋକମାନେ ଈଶ୍ୱରଙ୍କ ସହିତ ସାକ୍ଷାତ ଯୁଦ୍ଧ କଲେ ଏବଂ ସେମାନଙ୍କ ଜୀବନ ସବୁଦିନ ପାଇଁ ବଦଳି ଗଲା(ପୂର୍ଣ୍ଣ ଜୀବନ ନୁହେଁ, ମାତ୍ର ନିରନ୍ତର ବିଶ୍ୱାସ ), ପରୀକ୍ଷାରେ ଦୁର୍ବଳତା ପ୍ରକାଶିତ ହେଲାଏବଂ ସେମାନଙ୍କର ବିଶ୍ୱାସର ଶକ୍ତି ଈଶ୍ୱରଙ୍କ ସହିତ ଯୁଦ୍ଧ କଲା, କିନ୍ତୁ ଘନିଷ୍ଠତା, ଭରୋସା ରଖିବା ସଂବନ୍ଧ ଅଧିକକାଳ ପର୍ଯ୍ୟନ୍ତ ବଢ଼ି ଚାଲିଲା । ଏହା ପରୀକ୍ଷୀତ ଏବଂ ବିଶୁଦ୍ଧ କରାଗଲା , କିନ୍ତୁ ଏହା ତାଙ୍କ ଉକ୍ତି ଏବଂ ଜୀବନଶୈଳିର ପ୍ରମାଣ ସଦୃଶ ନିରନ୍ତର ହେଲା।

II. • ମୂଖ୍ୟ ମୂଳର ବ୍ୟବହାର

କ – ବିଡିବି ୫୨

୧ – କ୍ରିୟା

କ – କ୍ୟୁଏଲ୍ ର ଅର୍ଥ – ସାହାଯ୍ୟ କରିବା, ଲାଳନ ପାଳନ କରିବା(ଉଦାହରଣ – ୨ ରାଜା –୧୦:୧,୫, ଏଷ୍ଟରେ – ୨:୭ ଅଈଶ୍ୱରୀୟ ଶାସ୍ତ୍ରର ବ୍ୟବହାର )।

ଖ – ନିଫାଲ୍‌ର ଅର୍ଥ– ନିଶ୍ଚିତ କରିବା ବା ଦୃଢ଼ କରିବା ସ୍ଥାପିତ କରିବା, ବିଶ୍ୱସ୍ତତା ବା ଭରସାଯୋଗ୍ୟ।

(୧) ମନୁଷ୍ୟ ମାନଙ୍କର, ଯିଶା, ୮:୨;୫୩:୧; ଯିରି- ୪୦:୧୪

(୨) ବସ୍ତୁର -ଯିଶା୨୨:୨୩।

(୩) ଈଶ୍ୱରଙ୍କର - ଦ୍ୱିତୀୟ ବିବରଣ – ୭:୯,୧୨; ଯିଶା – ୪୯ :୭ ;ଯିରି – ୪୨:୫

ଗ – ହିଫିଲ୍‌ର ଅର୍ଥ - ଦୃଢ଼ରୂପେ ଠିଆ ହେବା, ବିଶ୍ୱାସ କରିବା, ଭରସା କରିବା ।

(୧) ଅବ୍ରାହମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ - ଆଦି – ୧୫:୬

(୨) ଇସ୍ରାଏଲିମାନେ ମିଶରରେ ବିଶ୍ୱାସ କଲେ - ଯାତ୍ରା – ୪:୩୧; ୧୪:୩୧(ଅବିଶ୍ୱାସ କଲେ ଦ୍ୱିତୀୟ ବିବରଣ – ୧:୩୨)

(୩) ଇସ୍ରାଏଲିମାନେ ଯିହୋବାଙ୍କୁ ବିଶ୍ୱାସ କଲେ ଯିଏ ମୋଶାଙ୍କ ଦେଇ କଥା କହିଲେ, ଯାତ୍ରା –୧୯:୯; ଗୀତ ସଂହିତା – ୧୦୬:୧୨:୨୪।

(୪) ଆହାସ ଈଶ୍ୱରଙ୍କ ଉପରେ ଭରସା କଲେ ନାହିଁ, ଯିଶା- ୭:୯।

(୫) ଯେ କେହି ତାକୁ ବା ତାହାଙ୍କୁ ଉପରେ ବିଶ୍ୱାସ କରେ -ଯିଶା ୨୮:୧୬

(୬) ଈଶ୍ୱରଙ୍କ ସତ୍ୟତା ବିଷୟରେ ବିଶ୍ୱାସ ରଖ - ଯିଶା – ୪୩:୧୦ – ୧୨।

୨ – ସଂଜ୍ଞା (ପୁଲିଙ୍ଗ) – ବିଶ୍ୱାସଯୋଗ୍ୟତା(ଦ୍ୱିତୀୟ ବିବରଣ ୩୨:୨୦;ଯିଶା-୨୫: ୧;୨୬:୨)।

୩ – କ୍ରିୟା ବିଶେଷଣା – ସତରେ, ସତ୍ୟତଃ, ମୁଁ ସହମତ, ଏହା ହୋଇପାରେ (ଦ୍ୱିତୀୟ ବିବରଣ – ୨୭:୧୫ – ୨୬ ; ୧ ରାଜା . ୧:୩୬;୧ ବଂଶାବଳୀ – ୧୬:୩୬; ଯିଶା- ୬୫:୧୬;ଯିରି.୧୧:୫; ୨୮:୬) । ପୁରାତନ ଏବଂ ନୂତନ ନିୟମ "ଆମେନ" ଶବ୍ଦର ଏହା ଆକ୍ଷରିକ ପ୍ରୟୋଗ ଅଟେ।

ଖ – ବିଡିବି ୫୪ – ସ୍ତ୍ରୀଲିଙ୍ଗ ସଂଜ୍ଞା, ଦୃଢତା, ବିଶ୍ୱାସଯୋଗ୍ୟତା, ସତ୍ୟ

୧ – ମନୁଷ୍ୟମାନଙ୍କର - ଯିଶା- ୧୦:୨୦;୪୨:୩;୪୮:୧

୨ - ପରମେଶ୍ୱରଙ୍କ - ଯାତ୍ରା - ୩୪:୬; ଗୀତ –୧୧୭:୨; ଯିଶା ୩୮ :୧୮, ୧୯, ୬୧:୮

୩ – ସତ୍ୟର - ଦ୍ୱିତୀୟ ବିବରଣ – ୩୨:୪, ୧ ରାଜା ୨୨:୧୬, ଗୀତ ୩୩:୪, ୯୮ : ୩, ୧୦୦:୫;୧୧୯:୩୦; ଯିରି – ୯:୪;ଯିଖରୀୟ –୮:୧୬

ଗ – ବିଡିବି ୫୩ - ଦୃଢତା , ସ୍ଥିରତା, ବିଶ୍ୱାସଯୋଗ୍ୟତା ।

୧ – ହସ୍ତର - ଯାତ୍ରା – ୧୭:୧୨

୨ – ସମୟର - ଯିଶା- ୩୩:୬

୩ – ମାନବର - ଯିରି – ୫:୩;୭:୨୮;୯:୨

୪ – ଈଶ୍ୱରଙ୍କର – ଗୀତ – ୪୪:୧୧;୮୮:୧୨;୮୯:୨,୩,୬,୯;୧୧୯:୧୩୮

III. •ପାଉଲଙ୍କ ପୁରାତନ ନିୟମ ବିଚାରଧାରାର ପ୍ରୟୋଗ ।

କ - ପାଉଲ ଯିହୋବାଙ୍କୁ ନୂତନ ଭାବେ ବୁଝିବାରେ ଏବଂ ଦମିସକରେ ଯୀଶୁଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଯୁଦ୍ଧ (ପ୍ରେରିତ (ପ୍ରେରିତ – ୯-୨୨,୨୬)।

ଖ – ତାଙ୍କର ନୂତନ ବୁଝାରେ ସେ ପୁରାତନ ନିୟମର ଦୁଇଟି ମୁଖ୍ୟ ଅନୁଚ୍ଛେଦରୁ ସାହାଯ୍ୟ ପାଉଛନ୍ତି ଏବଂ ମୂଳଶବ୍ଦକୁ ପ୍ରୟୋଗ କରୁଛନ୍ତି।

୧ - ଆଦି – ୧୫ :୬ - ଅବ୍ରାହମଙ୍କ ବ୍ୟକ୍ତିଗତ ଯୁଦ୍ଧ ଈଶ୍ୱରଙ୍କ ଦ୍ୱାରା ଆରମ୍ଭ ହେଲା। (ଆଦି ୧୨) ବିଶ୍ୱାସର ଆଜ୍ଞାକାରୀ ରୂପେ ଫଳାଫଳ ହେଲା।

ପାଉଲ ରୋମୀୟ –୪ ଓ ଗାଲିତିୟ –୩ ପର୍ବକୁ ସଂକେତ କରୁଅଛନ୍ତି।

୨ - ଯିଶା – ୨୮:୧୬ – ଯେଉଁମାନେ ତାହାଙ୍କ ଉପରେ ବିଶ୍ୱାସ କରନ୍ତି (ଈଶ୍ୱରଙ୍କ ପରିକ୍ଷୀତ ଓ ଦୃଢ଼ତାରେ ରଖାଯାଇଥିବା କୋଣର ପ୍ରସ୍ତର ) ସେମାନେ କେବେ ହେଲେ

କ – ରୋମୀୟ – ୯:୩୩ – "ଲଜ୍ଜିତ ନୋହିବେ" ଅବା" ନିରାଶ ନୋହିବେ"

ଖ – ରୋମୀୟ – ୧୦:୧୧, ଉର୍ଦ୍ଧରେ ଯେମିତି ସେମିତି

୩ – ଏବ୍ରୀ –୨:୪ - ଯିଏ ବିଶ୍ୱାସଯୋଗ୍ୟ ଈଶ୍ୱରଙ୍କୁ ଜାଣନ୍ତି ସେମାନେ ବିଶ୍ୱସ୍ଥାରେ ରହିବା ଉଚିତ୍ (ଯିରି .୭:୨୮) । ପାଉଲ୍ ଏହି ଶବ୍ଦକୁ ରୋମୀୟ –୧:୧୭ ଏବଂ ଗାଲାତୀୟ ୩:୧୧ ରେ ବ୍ୟବହାର କରୁଛନ୍ତି(ଏବ୍ରୀ - ୧୦:୩୮ରେ ମଧ୍ୟ )

IV • ପିତରଙ୍କ ପୁରାତନ ନିୟମ ଚିନ୍ତାଧାରାର ପ୍ରୟୋଗ ।

କ - ପିତର ସଂଯୋଗ କରୁଅଛନ୍ତି।

୧ - ଯିଶା – ୮:୧୪ – ୧ ପିତର – ୨:୮ ( ବାଧା ଜନକ )

୨ - ଯିଶା – ୨୮:୧୬ – ୧ ପିତର – ୨:୬ (କୋଣର ପ୍ରସ୍ତର )

୩ – ଗୀତ – ୧୧୧:୨୨ – ୧ ପିତର – ୨:୭ (ଅଗ୍ରାହ୍ୟ ପ୍ରସ୍ତର )

ଖ – ଇସ୍ରାଏଲ ନିମନ୍ତେ ବ୍ୟବହୃତ ହୋଇଥିବା ଅତୁଳନୀୟ ଶବ୍ଦକୁ ସେ ପରିବର୍ତ୍ତନ କରୁଅଛନ୍ତି, ଏକ ମନୋନୀତ ବଂଶ, ରାଜକୀୟ ଯାଜକ ବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା" ।

୧ - ଦ୍ୱିତୀୟ ବିବରଣ - ୧୦:୧୫; ଯିଶା – ୪୩:୨୧

୨ - ଯିଶା – ୬୧:୬;୬୬:୨୧

୩ ଯାତ୍ରା – ୧୯:୬; ଦ୍ୱିତୀୟ ବିବରଣ – ୭:୬।

ଏବଂ ବର୍ତ୍ତମାନ ସେ ଖ୍ରୀଷ୍ଟରେ ମଣ୍ଡଳୀର ବିଶ୍ୱାସ ନିମନ୍ତେ ବ୍ୟବହାର କରୁଅଛନ୍ତି।

V • ଚିନ୍ତାଧାରାରେ ଯୋହନଙ୍କ ପ୍ରୟୋଗ ।

କ – ଏହା ନୂତନ ନିୟମର ପ୍ରୟୋଗ ।

ଶବ୍ଦ "ବିଶ୍ୱାସ କରାଗଲା" ଗ୍ରୀକ୍ ଶବ୍ଦ (ପିଷ୍ଟେଉଥ )ରୁ ଆନ୍ନିତ । ଯାହା "ବିଶ୍ୱାସ", "ଆସ୍ଥା" ବା ଭରୋସା" ରୂପେ ମଧ୍ୟ ଅନୁବାଦ କରାଯାଇପାରେ । ଉଦାହରଣ ସ୍ୱରୂପ, ଯୋହନ ରଚିତ ସୁସମାଚାରରେ ସଂଜ୍ଞାର ବ୍ୟବହୃତ ହୋଇ ନାହିଁ, ମାତ୍ର କ୍ରିୟା ଅନେକଥର ବ୍ୟବହୃତ ହୋଇଛି। ଯୋହନ - ୨:୨୩ –୨୫ ରେ ନାଜରିତୀୟ ଯୀଶୁ ଯେ ମସୀହ ଏହା ଜନସମୂହର ସାକ୍ଷ୍ୟର ବାସ୍ତବିକତାର ଅନିଶ୍ଚିନ୍ତ ଅଟେ। ଏହି "ବିଶ୍ୱାସ ଶବ୍ଦର" ର ଅନ୍ୟ ଅଗାଢ଼ ଉଦାହରଣ ଯୋହନ - ୮:୩୧:୫୯ ଏବଂ ପ୍ରେରିତ – ୮:୧୩, ୧୮ – ୨୪ରେ ଦିଆଯାଇଛି। ଆରମ୍ଭିକ ପ୍ରତିଉତ୍ତର ଠାରୁ ସତ୍ୟ ବାଇବଲ ବିଶ୍ୱାସ ଅଧିକ ଅଟେ। ଏହା ଶୃଙ୍ଖଳାର ପ୍ରଗତି ଦ୍ୱାରା ଅନୁଗମନ ହେବା ଆବଶ୍ୟକ (ମାଥିଉ – ୧୩:୨୦ – ୨୨, ୩୧-୩୨ ) ।

ଖ – ସଂବନ୍ଧବାଚକ ଶବ୍ଦ ସହିତ ଏହାର ପ୍ରୟୋଗ ।

୧ – ଇଆଇଏସ୍ ର ଅର୍ଥ "କଠାରେ" । ଏହି ଅତୁଳନୀୟ ଗଠନ ବିଶ୍ୱାସୀମାନେ ତାଙ୍କ ବିଶ୍ୱାସ /ଭରୋସାକୁ ଯୀଶୁଙ୍କ ଉପରେ ରଖିବା ଦର୍ଶାଇଥାଏ।

କ – ତାହାଙ୍କ ନାମରେ ( ଯୋହନ - ୧:୧୨;୨:୨୩;୩:୧୮;୧ ଯୋହନ - ୫:୧୩) ।

ଖ – ତାହାଙ୍କ ଠାରେ (ଯୋହନ ୨:୧୧;୩:୧୫,୧୮:;୪:୩୯;୬:୪୦;୭:୫,୩୧, ୩୯,୪୮; ୮:୩୦; ୯:୩୬; ୧୦:୪୨; ୧୧:୪୫,୪୮;୧୭:୩୭,୪୨: ମାଥିଉ – ୧୮ :୬; ପ୍ରେରିତ ୧୦:୪୩; ଫିଲି – ୧:୨୯; ୧ ପିତର –୧:୮) ।

ଗ – ମୋ ଠାରେ (ଯୋହନ - ୬:୩୫;୭:୩୮;୧୧:୨୫,୨୬;୧୨:୪୪,୪୬; ୧୪:୧: ୧୨,୧୬:୯;୧୭:୨୦)।

ଘ – ପୁତ୍ରଙ୍କ ଠାରେ (ଯୋହନ - ୩:୩୬;୯-୩୫;୧ ଯୋହନ -୫:୧୦)

ଙ - ଯୀଶୁଙ୍କଠାରେ (ଯୋହନ ୧୨:୧୧;ପ୍ରେରିତ –୧୯:୪ ; ଗାଲାତୀୟ – ୨:୧୬)

ଚ – ଜ୍ୟୋତିରେ (ଯୋହନ ୧୨:୩୬)

ଛ – ଈଶ୍ୱରଙ୍କ ଠାରେ (ଯୋହନ - ୧୪:୧)

୨ – ଇଏନ୍‌ର ଅର୍ଥ "ରେ" ଯେପରି ଯୋହନ – ୩ :୧୫ ; ମାର୍କ – ୧:୧୫ ପ୍ରେରିତ ୫:୧୪ ରେ ଦିଆଯାଇଅଛି ।

୩ – ଇପିଆଇ ର ଅର୍ଥ "ରେ" ବା "ଉପରେ" । ଯେପରି ମାଥିଉ – ୨୭ :୪୨; ପ୍ରେରିତ – ୯:୪୨; ୧୧: ୧୭;୧୬; ୩୧, ୨୨:୧୯; ରୋମୀୟ – ୪,୫,୨୪;୯:୩୩;୧୦:୧୧;୧ ତୀମଥି – ୧:୧୬;୧ ପିତର –୨:୬

୪ – ସଂବନ୍ଧବାଚକ ବିନା ଯେପରି ଗାଲାତୀୟ – ୩: ୬ ; ପ୍ରେରିତ – ୧୮:୮ ;୨୭:୨୫; ୧ ଯୋହନ - ୩:୨୩; ୫:୧୦।

୫ – ଏଚ୍‌ଓଟିଆଇ ଯାହାର ଅର୍ଥ "ତାହା ବିଶ୍ୱାସ କର" , କାହାକୁ ବିଶ୍ୱାସ କରିବା ତାହାର ବିଷୟବସ୍ତୁକୁ ଦେଇଥାଏ ।

କ - ଯୀଶୁ ଈଶ୍ୱରଙ୍କର ପବିତ୍ର ପୁରୁଷ (ଯୋହନ - ୬:୬୯)

ଖ - ଯୀଶୁ ମୁଁ ଅଟେ ବ୍ୟକ୍ତି ଅଟନ୍ତି (ଯାହନ - ୮:୨୪)

ଗ - ଯୀଶୁ ପିତାଙ୍କ ଠାରେ ଅଛନ୍ତି ଏବଂ ପିତା ଯୀଶୁ ଙ୍କ ଠାରେ ଅଛନ୍ତି (ଯୋହନ - ୧୦:୩୮।

ଘ - ଯୀଶୁ ମସୀହ ଅଟନ୍ତି (ଯୋହନ - ୧୧:୨୭:୨୦:୩୧)

ଙ - ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି (ଯୋହନ - ୧୧:୨୭; ୨୦:୩୧)

ଚ - ଯୀଶୁ ପିତାଙ୍କ ଦ୍ୱାରା ପ୍ରେରଣ କରାଗଲେ।(ଯୋହନ -୧୧:୪୨:୧୭:୮,୨୧)

ଛ - ଯୀଶୁ ପିତାଙ୍କ ସହିତ ଏକ ଅଟନ୍ତି (ଯୋହନ - ୧୪:୧୦ – ୧୧) ।

ଜ - ଯୀଶୁ ପିତାଙ୍କ ଠାରୁ ଆସିଅଛନ୍ତି । (ଯୋହନ - ୧୬:୨୭,୩୦)

ଝ - ଯୀଶୁ ଆପଣାକୁ ପିତାଙ୍କ ପ୍ରତିଜ୍ଞା ନାମ "ମୁଁ ଅଟେ" ସହିତ ପରିଚିତ କରାଇଲେ (ଯୋହନ - ୮:୨୪;୧୩:୧୯)।

ଞ - ଆମ୍ଭେମାନେ ତାହାଙ୍କ ସହିତ ବଞ୍ଚିବା (ରୋମୀୟ – ୬:୮ )

ଟ - ଯୀଶୁ ମୃତ୍ୟୁବରଣ କଲେ ଓ ପୁର୍ନବାର ଉଠିଲେ (୧ଥେସଲ- ୪ :୧୪) ।

VI • ସାରାଂଶ

ବାଇବଲ ବିଶ୍ୱାସ ଦୈବିୟ ବାକ୍ୟ ବା ପ୍ରତିଜ୍ଞାକୁ ମନୁଷ୍ୟର ପ୍ରତିଉତ୍ତର ଅଟେ , ଈଶ୍ୱର ସର୍ବଦା ଆରମ୍ଭ କରନ୍ତି (ଯୋହନ - ୬:୪୪,୬୫), ଏହି ଈଶ୍ୱରୀୟ ସଂଚାରର ଅଂଶ ପ୍ରତିଉତ୍ତର କରିବାକୁ ମନୁଷ୍ୟ ନିମନ୍ତେ ଆବଶ୍ୟକ ଅଟେ।

କ – ଭରସା

ଖ - ପ୍ରତିଜ୍ଞା ଆଜ୍ଞାପାଳନ

ବାଇବଲର ବିଶ୍ୱାସ ଏହା ଅଟେ –

୧ – ଏକ ବ୍ୟକ୍ତିଗତ ସଂବନ୍ଧ (ଆରମ୍ଭିକ ବିଶ୍ୱାସ )

୨ – ବାଇବଲ୍ ସତ୍ୟତାର ଦୃଢ ନିଶ୍ଚିତ (ଈଶ୍ୱରଙ୍କ ପ୍ରକାଶନରେ ବିଶ୍ୱାସ )

୩ - ଏହାକୁ ଏକ ପ୍ରାଜୁଜ୍ୟ ଆଜ୍ଞାକାରୀ ପ୍ରତିଉତ୍ତର

ବାଇବଲ ବିଶ୍ୱାସ ସ୍ୱର୍ଗକୁ ଯିବା ନିମନ୍ତେ ଟିକଟ ନୁହେଁ ବା କେଉଁ ନିଗମ ବୀମା ନୁହେଁ ଏହାଏକ ବ୍ୟକ୍ତିଗତ ସଂବନ୍ଧ ଅଟେ। ଏହା ସୃଷ୍ଟିର ଏକ ଉଦ୍ଦେଶ୍ୟ ଅଟେ ଏବଂ ମନୁଷ୍ୟ ଜାତି ଈଶ୍ୱରଙ୍କ ସ୍ୱରୁପରେ ନିର୍ମାଣ କରାଗଲେ (ଆଦି – ୧:୨୬- ୨୭ ) । ମୂଖ୍ୟ ବିଷୟ "ଘନିଷ୍ଠତା'' ଅଟେ। ଈଶ୍ୱର ସହଭାଗିତାକୁ ଚାହିଁଥାନ୍ତି । କୌଣସି ଈଶ୍ୱରଶାସ୍ତ୍ର ବିଷୟକୁ ନୁହେଁ। କିନ୍ତୁ ଈଶ୍ୱରଙ୍କ ସହିତ ସହଭାଗିତା ରଖିବା ଆବଶ୍ୟକ କରେ କି ସନ୍ତାନମାନେ "ପାରିବାରିକ" ଚରିତ୍ରକୁ ପ୍ରମାଣ କରନ୍ତୁ (ପବିତ୍ରତା, ଲେବି .୧୯:୨; ମାଥିଉ – ୫:୪୮; ୧ ପିତର –୧ : ୧୫- ୧୬ ) । ପ୍ରାଜୁଜ୍ୟ ରୂପେ ପ୍ରତିଉତ୍ତର କରବାକୁ ପତିତ ଆତ୍ମମାନଙ୍କ ସକ୍ଷମତାକୁ ପ୍ରଭାବିତ କଲା। (ଯିହିଯିକଲ – ୩୬:୨୭ – ୩୮): "ନୂତନ ହୃଦୟ" ଏବଂ "ନୂତନ ଆତ୍ମା" କୁ ଦେଇ, ଯାହା ଆତ୍ମମାନଙ୍କୁ ବିଶ୍ୱାସ ଏବଂ ଅନୁତାପ ଦ୍ୱାରା ତାଙ୍କୁ ମାନିବାରେ ଓ ସହଭାଗିତା ରଖିବାରେ ସକ୍ଷମ କରିଥାଏ। ସମସ୍ତ ତିନି ଜଣ ମୁଖ୍ୟ ଅଟନ୍ତି। ସମସ୍ତ ତିନି ବଜାୟ ରଖାଯିବା ଦରକାର । ଲକ୍ଷ୍ୟ ହେଉଛି ଈଶ୍ୱରଙ୍କୁ ଜାଣିବା ଏବଂ ଆମ ଜୀବନରେ ତାଙ୍କ ଗୁଣକୁ ପତି'ଳନ କରିବା (ଉଭୟ ଏବ୍ରୀ ଏବଂ ଅନୁଯାୟୀ ): ତାଙ୍କ ବିଶ୍ୱାସର ଲକ୍ଷ୍ୟ ସ୍ୱର୍ଗ ନୁହେଁ କେଉଁଦିନ, ମାତ୍ର ଖ୍ରୀଷ୍ଟଙ୍କ ସଦୃଶ ପ୍ରତିଦିନ । ମନୁଷ୍ୟର ବିଶ୍ୱସ୍ତତା ପରିଣାମ ଅଟେ (ନୂତନ ନିୟମ ) ଈଶ୍ୱରଙ୍କ ସହିତ ସମ୍ବନ୍ଧ ନିମନ୍ତେ ଆଧାର ନୁହେଁ (ପୁରାତନ ନିୟମ) : ତାଙ୍କ ବିଶ୍ୱସ୍ତତାରେ ମନୁଷ୍ୟର ବିଶ୍ୱାସ ; ତାହାଙ୍କ ଭରୋସାରେ ମନୁଷ୍ୟର ଭରୋସା । ନୂତନ ନିୟମର ଉଦ୍ଧାର ଦୃଶ୍ୟ ର ହୃଦୟ ତାହା ଅଟେ କି ପ୍ରଥମେ ମନୁଷ୍ୟ ପ୍ରତିଉତ୍ତର ଦେବା ସେହି ଆରମ୍ଭିକ ଅନୁଗ୍ରହ ଏବଂ ଈଶ୍ୱରଙ୍କ କରୁଣାକୁ ଯାହା ଖ୍ରୀଷ୍ଟରେ ପ୍ରମାଣିତ ହେଲେ। ସେ ପ୍ରେମ କରିଅଛନ୍ତି। ସେ ପ୍ରେରଣ କରିଅଛନ୍ତି, ସେ ପ୍ରଦାନ କରିଅଛନ୍ତି; ନିଶ୍ଚୟ ଆମେ ବିଶ୍ୱାସ ଏବଂ ବିଶ୍ୱାସ୍ତତାରେ ପ୍ରତିଉତ୍ତର ଦେବା ଆବଶ୍ୟକ (ଏଫି. ୨:୮-୯ ଏବଂ ୧୦ ) । ବିଶ୍ୱସ୍ତ ଈଶ୍ୱର ବିଶ୍ୱସ୍ତ ଲୋକମାନଙ୍କୁ ଚାହାଁନ୍ତି । ଯେପରି ଆପଣାକୁ ଅବିଶ୍ୱସ୍ତ ଜଗତରେ ପ୍ରକାଶ କରିବାକୁ ଏବଂ ତାହାଙ୍କ ସହିତ ଏକ ବ୍ୟକ୍ତିଗତ ବିଶ୍ୱାସରେ ସେମାନଙ୍କୁ ଆଣିବାକୁ ।

**୧:୧୫ " ସେ ମୋହର ପୂର୍ବରେ ଥିଲେ''**। ଯୀଶୁଙ୍କର ପୂର୍ବ ଅସ୍ତିତ୍ୱ ବିଷୟରେ ଏହା ବାପ୍ତିଜକ ଯୋହନଙ୍କ ଦୃଢ ଶିକ୍ଷା ଅଟେ । (୧:୧;୮:୫୬-୫୯;୧୬:୨୮;୧୭:୫;୨ କରି –୮-୯ ; ଫିଲିପ୍ ୨: ୬ – ୭ ; କଲ – ୧: ୧୭ : ଏବ୍ରୀ ୧:୩;୧୦:୫-୮) ।

ପୂର୍ବ ଅସ୍ତିତ୍ୱ ଏବଂ ଭବିଷ୍ୟବାଣୀର ଶିକ୍ଷା ଏହି ବିଷୟରେ ଦୃଢ଼ କରେ କି ଇତିହାସର କାର୍ଯ୍ୟ କରିଥାନ୍ତି ।ଏହା ବାଇବଲିୟ ଏବଂ ଖ୍ରୀଷ୍ଟିୟ ବିଶ୍ୱଦୃଷ୍ଟିର ଅଭିନ୍ନ ଅଂଶ ଅଟେ।

❑ ପ୍ରସଙ୍ଗକୁ ସ୍ପଷ୍ଟ ଏବଂ ସରଳ କରିବାର ପ୍ରୟାସରେ ଏହି ମାକ୍ୟ ଅଶୋଭନୀୟ ଓ ଅନେକ ଲିଖନୀର କାର୍ଯ୍ୟର ପରିବର୍ତ୍ତନ କରାଗଲା । ଦେଖନ୍ତୁ ବ୍ରୁସ୍ ଏମ୍ , ମେଟଜ୍‌ର, ଏ ଟେକ୍ସଚୁଅଲ୍ କମେଣ୍ଟରି ଅନ୍ ଦି ଗ୍ରୀକ୍ ନିଉ ଟେଷ୍ଟ ମେଣ୍ଟ , ପୃଷ୍ଠା –୧୯୭ – ୧୯୮ ଗ୍ରୀକ୍ କ୍ରିୟା କାଳକୁ ମାପତୁଲ କରାଯାଇ ପାରିବ ନାହିଁ । ତାହା ଉପରେ ଏହା ମଧ୍ୟ ଏକ ଉତ୍ତମ ଉଦାହରଣ ଅଟେ । ପରିଶିଷ୍ଟ ଏକକୁ ଦେଖନ୍ତୁ ।

**୧:୧୬-୧୮** ଯୋହନ ରଚିତ ସୁସମାଚାରର ବିଶେଷତା ଏହା ଅଟେ କି ଯେତେବେଳେ ଲେଖକ ଐତିହାସିକ ଘଟଣା, ବାର୍ତ୍ତାଳାପ ଏବଂ ଶିକ୍ଷାକୁ ସମାପ୍ତ କରିବାକୁ ଇଚ୍ଛା କଲେ ସେତେବେଳେ ସେ ଆପଣା ହିଁ କଥନ ସହିତ କଲେ। ଅନେକ ଥର ଯୀଶୁ, ଯୋହନ ଏବଂ ଅନ୍ୟମାନଙ୍କର ବାକ୍ୟକୁ ଚିହ୍ନିବା ଅସମ୍ଭବ ମନେ ହୁଏ।। ଅଧିକାଂଶ ଜ୍ଞାନୀ ମାନେ କହନ୍ତି ୧:୧୬ –୧୯ ପଦଗୁଡିକ ଲେଖକ ଯୋହନଙ୍କର ହିଁ କଥନ ଅଟେ। (୩:୧୪-୨୧)।

**୧:୬ "ପୂର୍ଣ୍ଣତା"** – ଏହା ଗ୍ରୀକ୍ ଶବ୍ଦ ପ୍ଲେରୋମା ଅଟେ। ନୋଷ୍ଟିକେ ମିଥ୍ୟା ଶିକ୍ଷକମାନେ ଏହାକୁ ଏକ ଉଚ୍ଚ ଉତ୍ତମ ଈଶ୍ୱର ଏବଂ ଅନ୍ୟ ଏକ ଅପେକ୍ଷାକୃତ ଛୋଟ ଈଶ୍ୱରଙ୍କ ବିଷୟରେ କହିବାକୁ ପ୍ରୟୋଗ କରୁଥିଲେ। ଯୀଶୁ ହିଁ କେବଳ ଈଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଟନ୍ତି।

(ସତ୍ୟଙ୍କ ଏକମାତ୍ର ପୂର୍ଣ୍ଣତା) (କଲସିୟ –୧:୧୯ ;୨:୯;ଏଫି – ୧:୨୩;୪:୧୩)। ଏଠାରେ ଏମିତି ଲାଗେ କି ପ୍ରେରିତ ଯୋହନ ବାସ୍ତବିକତା ଉପରେ ଆରମ୍ଭିକ ନୋଷ୍ଟିକର ଚିନ୍ତାଧାରା ଉପରେ ସମାଲୋଚନା କରୁଛନ୍ତି।

- **ଏନ୍ଏଏସ୍ବି, ଏନ୍ଆରଏସ୍ବି – "ଅନୁଗ୍ରହ ନିମନ୍ତେ ଅନୁଗ୍ରହ"**
  **ଏନ୍କେଜେଭି, "ଅନୁଗ୍ରହ ନିମନ୍ତେ ଅନୁଗ୍ରହ"**
  **ଟିଇଭି, "ଆଶୀର୍ବାଦ ପରେ ଅନ୍ୟ ଅନ୍ୟ ଆଶୀର୍ବାଦ ଆମ୍ଭମାନଙ୍କୁ ଦେଉଅଛନ୍ତି"**
  "ଗୋଟିଏ ଦାନ ଅନ୍ୟର ସ୍ଥାନକୁ ଦେଉଅଛି"।
  ଏଠାରେ ପ୍ରଶ୍ନ ଉଠେ କି କେମିତି ଏହି "ଅନୁଗ୍ରହ" କୁ ବୁଝାଯାଇପାରେ ।
  କଣ ଏହା – ୧ – ଉଦ୍ଧାର ନିମନ୍ତେ ଖ୍ରୀଷ୍ଟରେ ଈଶ୍ୱରଙ୍କର କରୁଣା
  ୨ – ଖ୍ରୀଷ୍ଟିଆନ୍ ଜୀବନ ନିମେନ୍ତ ଈଶ୍ୱରଙ୍କ କରୁଣା
  ୩ - ନୂତନ ନିୟମରେ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ କରୁଣା ?
  ମୂଖ୍ୟ ବିଚାରଧାରା ହେଉଛି "ଅନୁଗ୍ରହ" , ଯୀଶୁଙ୍କର ଦେହବନ୍ତ ରେ ଆଶ୍ଚର୍ଯ୍ୟ ରୂପେ ଈଶ୍ୱରଙ୍କ ଅନୁଗ୍ରହ ଦିଆଗଲା। ପତିତମାନେ ଜାତି ନିମନ୍ତେ ଯୀଶୁ ଈଶ୍ୱରଙ୍କର " ହଁ" ଅଟନ୍ତି । (୨ କରି – ୧:୨୦) ।
  ୧:୧୭ – "ବ୍ୟବସ୍ଥା ମୋଶାଙ୍କର ବ୍ୟବସ୍ଥା ମନ୍ଦ ନ ଥିଲା । କିନ୍ତୁ ଏକ ସଂପୂର୍ଣ ଉଦ୍ଧାର ପ୍ରଦାନ କରିବାକୁ ଏହା ଆରମ୍ଭିକ ଏବଂ ଅପୂର୍ଣ୍ଣ ଥିଲା। (୫:୩୯-୪୭, ଗାଲା ୩:୨୩-୨୯; ରୋମୀୟ ୪) ଏବ୍ରୀ ମଧ୍ୟ ମୋଶା ଏବଂ ଯୀଶୁଙ୍କର କାର୍ଯ୍ୟ/ ପ୍ରକାଶନ/ ପ୍ରତିଜ୍ଞାକୁ ତୁଳନା ଏବଂ ଅନ୍ତର କରୁଛନ୍ତି ।

**ବିଶେଷ ଶୀର୍ଷ :**

**ମୋଶାଙ୍କ ବ୍ୟବସ୍ଥା ଉପରେ ପାଉଲଙ୍କ ଚିନ୍ତାଧାରା ଏହା ଉତ୍ତମ ଏବଂ ଈଶ୍ୱରଙ୍କ ଠାରୁ ଅଟେ ।(ରୋମୀୟ – ୭:୧୨,୧୬)**

କ – ଏହା କେବଳ ଧାର୍ମିକତା ଏବଂ ଈଶ୍ୱରଙ୍କ ଦ୍ୱାରା ଗ୍ରାହ୍ୟ ମାର୍ଗ ନୁହେଁ (ଏହା ଏକ ଅଭିଶାପ ମଧ୍ୟ ହୋଇପାରେ । ଗାଲା ..୩)

ଖ – ଏବେ ମଧ୍ୟ ଏହା ବିଶ୍ୱାସୀମାନଙ୍କ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ଅଟେ କାରଣ ଏହା ଈଶ୍ୱରଙ୍କ ଆପଣା ପ୍ରକାଶନ ( ଅନେକଥର ବିଶ୍ୱାସୀମାନଙ୍କୁ ଉତ୍ସାହ କରିବାକୁ ପାଉଲ୍ ପୁରାତନ ନିଯମରୁ ଉଦ୍ଧୃତ କରିଥାନ୍ତି)।

ଗ – ପୁରାତନ ନିୟମରୁ ବିଶ୍ୱାସୀମାନେ ସୂଚିତ (ରୋମୀୟ – ୪:୨୩ – ୨୪;୧୫:୪ ;
୧ କରି – ୧୦:୬,୧୧), କିନ୍ତୁ ପୁରାତନ ନିୟମରୁ ଉଦ୍ଧାର ପ୍ରାପ୍ତ ନୁହଁନ୍ତି (ପ୍ରେରିତ ୧୫ ; ରୋମୀୟ –୪; ଗାଲା – ୩; ଏବ୍ରୀ)

ଘ – ଏହା ନୂତନ ନିୟମରେ କାର୍ଯ୍ୟ କରିଥାଏ।
୧ - ପାପମୟତାକୁ ଦେଖାଏ (ଗାଲା ୩:୧୫-୧୯)
୨ – ସମାଜରେ ଉଦ୍ଧାର ପ୍ରାପ୍ତ ମନୁଷ୍ୟକୁ ମାର୍ଗଦର୍ଶନ କରେ ।
୩ – ଖ୍ରୀଷ୍ଟିୟ ନୀତି ଶାସ୍ତ୍ର ସଂବନ୍ଧ ନିଷ୍ପତ୍ତି ନିମନ୍ତେ। ସୂଚନା ଦିଏ।

ଏହି ଧର୍ମଶାସ୍ତ୍ରୀୟ ବର୍ଣ୍ଣାଳୀ ଅଭିଶାପଠାରୁ ଆଶୀର୍ବାଦ ଏବଂ ସ୍ଥାୟୀତ୍ୱକୁ ଘେନିଯାଏ ଯାହା ପାଉଲଙ୍କ ମତ ମୋଶାଙ୍କ ବ୍ୟବସ୍ଥାକୁ ବୁଝିବାରେ କଷ୍ଟସାଧ ହୋଇଥାଏ । ଏ ମ୍ୟାନ୍ ଇନ୍ ଖ୍ରାଇଷ୍ଟରେ, ଜେମ୍ସ ଷ୍ଟିଉଆର୍ଟ ପାଉଲଙ୍କ ବିରୋଧାଭାଷାର ବିଚାର ଏବଂ ଲେଖନୀକୁ ଦର୍ଶାଉଛନ୍ତି;

"ସାଧାରଣତଃ ଆପଣ ଜଣେ ବ୍ୟକ୍ତିଙ୍କଠାରୁ ଆଶା କରନ୍ତି ଯିଏ ଆପଣାକୁ ବିଚାର ଏବଂ ଶିକ୍ଷାର ଏକ ପ୍ରଣାଳୀର ଗଠନ କରିଥାଏ ଏବଂ ସେ କହିଥିବା ଶବ୍ଦର ଅର୍ଥକୁ ଯଥାସମ୍ଭବ ସଂଲଗ୍ନ କରିଥାଏ । ଆପଣ ତାହାଙ୍କର ବିସ୍ତାର ଜ୍ଞାନର ଶବ୍ଦଶାସ୍ତ୍ରକୁ ସଠିକ ହେବା ଲକ୍ଷ୍ୟ କରିଥାନ୍ତି । ଆପଣଙ୍କ ଲେଖକ ବ୍ୟବହାର କରିଥିବା ସେହି ବାକ୍ୟକୁ ଆପଣ ଦାବି କରିବେ । କିନ୍ତୁ ପାଉଲଙ୍କଠାରୁ ଏହା ନିରାଶଜନକ ଅଟେ । ତାହାଙ୍କର ଅଧିକାଂଶ ଶବ୍ଦ ଶାସ୍ତ୍ର ଅସ୍ଥିର ଏବଂ କଠିନ ନୁହେଁ.... ସେ ଉଲ୍ଲେଖ କରନ୍ତି 'ବ୍ୟବସ୍ଥା ପବିତ୍ର ଅଟେ', 'ମୁଁ ଈଶ୍ୱରଙ୍କ ବ୍ୟବସ୍ଥାରେ ଉଲ୍ଲାସିତ ଅଟେ' (ରୋମୀୟ ୭:୧୨, ୨୨) ମାତ୍ର ଏହା ସ୍ପଷ୍ଟ ରୂପେ ନୋମୋସର ଅନ୍ୟ ବିଚାର ଅଟେ ଯାତ୍ରା ତାହାଙ୍କ ଅନ୍ୟତ୍ର କହିଥାଏ, 'ଖ୍ରୀଷ୍ଟ ଆମ୍ଭମାନଙ୍କୁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ କଲେ' (ଗାଲା. ୩:୧୩)'' ।

- **"ଅନୁଗ୍ରହ"** – ଏହା ପତିତମାନବ ଜାତି ନିମନ୍ତେ ଈଶ୍ୱରଙ୍କ ଅତୁଳନୀୟ ମହାନ ପ୍ରେମ ଅଟେ। (ଏଫ୍- ୨:୮ ) । ଏହି ଶବ୍ଦ ଅନୁଗ୍ରହ (ଚାରିସ୍ ), ପାଉଲଙ୍କ ଲିଖନରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଯୋହନ ରଚିତ ସୁସମାଚାରର (୧:୧୪,୧୬,୧୭) ପରିଚ୍ଛେଦରେ ପ୍ରୟୋଗ କରାଗଲା । ନୂତନ ନିୟମର ଲେଖକ ମାନେ, ପ୍ରେରଣା ଦ୍ୱାରା ଶବ୍ଦ, ସମାନତା ଏବଂ ରୂପକ ଅଳଙ୍କାରକୁ ବ୍ୟବହାର କରିବାରେ ମୁକ୍ତ ଥିଲେ। ଯୀରିମୟ ୩୧:୩୧- ୩୪: ଯିହିଯିକଲ – ୩୬ :୨୨ –୩୮ ଙ୍କର "ନୂତନ ନିୟମ" କୁ ଯୀଶୁ ବାସ୍ତବିକତାକୁ ଆଣିଲେ।
- **"ସତ୍ୟ"** – ଏହା ଏହି ଅର୍ଥରେ ପ୍ରୟୋଗ କରାଗଲା (୧) ବିଶ୍ୱସ୍ତତା କିମ୍ବା (୨) ସତ୍ୟ ସହ ମିଥ୍ୟା (୧:୧୪ ; ୮:୩୨;୧୪:୬ ) । ଦେଖନ୍ତୁ ଉଭୟ ଅନୁଗ୍ରହ ଏବଂ ସତ୍ୟ ଯୀଶୁଙ୍କ ଦ୍ୱାରା ଆସିଲା (ପଦ ୧୪) ବିଶେଷ ଶୀର୍ଷ ୧୭:୩ ରେ ।
- **"ଯୀଶୁ"** – ମରିୟମଙ୍କ ପୁତ୍ର ଯୀଶୁଙ୍କ ମାନବୀୟ ନାମର ଉଲ୍ଲେଖ ପ୍ରସ୍ତାବନାରେ ଏଠାରେ ପ୍ରଥମଥର ହେଉଅଛି।
  ପୂର୍ବ ଅସ୍ତିତ୍ୱ ପୁତ୍ର ବର୍ତ୍ତମାନ ଦେହବନ୍ତ ପୁତ୍ର ହେଲେ।

**୧:୧୮ " କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ"** - କେତେକ କହନ୍ତି ଏହା ବିବାଦ ସ୍ୱଦ ଓ ଯାତ୍ରା - ୩୩:୨୦- ୨୩ ର ବିରୁଦ୍ଧରେ ଅଟେ । ଯଦ୍ୟପି, ଯାତ୍ରା ପୁସ୍ତକର ଏବ୍ରୀ ଶବ୍ଦ "ଚମକ" କୁ ଦର୍ଶାଏ, ଈଶ୍ୱରଙ୍କ ଆପଣାର ଶାରୀରିକ ଦୃଶ୍ୟକୁ ନୁହେଁ । ଏହି ଅନୁଚ୍ଛେଦର ଅର୍ଥ କେବଳ ଯୀଶୁ ପୂର୍ଣ୍ଣ ରୂପେ ଈଶ୍ୱରଙ୍କୁ ପ୍ରକାଶ କରନ୍ତି(୧୪:୮)। କୌଣସି ପାପୀ ମନୁଷ୍ୟ ଈଶ୍ୱରଙ୍କୁ ଦେଖିନାହିଁ (୬:୪୬; ୧ ତିମଥି - ୬:୧୬; ୧ ଯୋହନ ୪:୧୨,୨୦)।

ଏହି ଅନୁଚ୍ଛେଦ ନାଜରତୀୟ ଯୀଶୁରେ ଈଶ୍ୱରଙ୍କୁ ଅତୁଳନୀୟ ପ୍ରକାଶନକୁ ମହତ୍ୱ ଦିଏ। ସେ ଏକମାତ୍ର ଏବଂ ପରିପୂର୍ଣ୍ଣ ସ୍ୱୟଂର ପ୍ରକାଶନ । ଯୀଶୁଙ୍କୁ ଜାଣିବାର ଅର୍ଥ ଈଶ୍ୱରଙ୍କୁ ଜାଣିବା। ଯୀଶୁ ପିତାଙ୍କର ସ୍ୱୟଂ ପରିପୂର୍ଣ୍ଣ ଅଟନ୍ତି। ତାହାଙ୍କ ବିନା ସ୍ପଷ୍ଟ ରୂପେ ଈଶ୍ୱରୀୟତାକୁ ଜାଣିବା ଅସମ୍ଭବ ଅଟେ(କଲସିୟ - ୧:୧୫ -୧୯ ; ଏବ୍ରୀ -୧:୨୩) । ଯୀଶୁ ପିତାଙ୍କୁ "ଦେଖନ୍ତି" ଏବଂ ବିଶ୍ୱାସିମାନେ ତାଙ୍କ ଦେଇ ପିତାଙ୍କୁ " ଦେଖନ୍ତି" (ତାଙ୍କ ଜୀବନ, କଥା, ଏବଂ କାର୍ଯ୍ୟ ) । ସେ ଅଦୃଶ୍ୟ ଈଶ୍ୱରଙ୍କ ପୂର୍ଣ୍ଣ ପ୍ରକାଶନ ଅଟନ୍ତି (କଲସିୟ ୧:୧୫;ଏବ୍ରୀ ୧:୩)।

- **ଏନ୍ଏସ୍‌ବି - "ଈଶ୍ୱରଙ୍କ ଏକମାତ୍ର ପୁତ୍ର"**
  **ଏନ୍‌କେଜେଭି - "ଏକମାତ୍ର ପୁତ୍ର"**
  **ଏନ୍ଆର୍ଏସ୍‌ଭି - "ଏକମାତ୍ର ଈଶ୍ୱରଙ୍କ ପୁତ୍ର"**
  **ଟିଇଭି - "ଏକମାତ୍ର ପୁତ୍ର"**
  **ଏନ୍‌ଜେଭି - " କେବଳ ଏକମାତ୍ର ପୁତ୍ର"**

ଦେଖନ୍ତୁ ମୋନୋଜିନସ୍ ୧:୧୪ । ଯୀଶୁ ପୂର୍ଣ୍ଣ ମନୁଷ୍ୟ ଏବଂ ପୂର୍ଣ୍ଣ ଈଶ୍ୱର ଅଟନ୍ତି ।, ଦେଖନ୍ତୁ ୧:୧ ।

ଏଠାରେ ଗ୍ରୀକ୍ ହସ୍ତଲିଖନରେ ପ୍ରଭେଦ ଦେଖାଯାଏ। ଈଶ୍ୱର ଆରମ୍ଭିକ ହସ୍ତଲିଖନରେ ଅଛନ୍ତି, ପି୬୬, ପି୭୫, ଖ ଏବଂ ଗ ଯେପରି "ପୁତ୍ର" ଏମ୍ଏସ୍ଏସ୍ ଏମଂ ଗ ୩ରେ ଈଶ୍ୱରଙ୍କ ନିମନ୍ତେ ହିଁ ତାଙ୍କ ସ୍ଥାନରେ ଆସିଲେ । ୟୁବିଏସ୍ ୪ ଈଶ୍ୱରଙ୍କୁ ଦିଏ ମୂଲ୍ୟାଙ୍କନ । ଯୋହନ -୩:୧୬, ୧୮ ଏବଂ ୧ ଯୋହନ - ୪:୯ ର ସ୍ମୃତିରୁ ବୋଧ ହୁଏ "ପୁତ୍ର" ଶବ୍ଦ ଆସିଅଛି- (ବ୍ରୁସ୍ଏମ୍ .ମେଟ୍‌ଜେର୍ ଏ ଟେକ୍ସଚୁଅଲ କମେଣ୍ଟରି ଅନ୍ ଦା ଗ୍ରୀକ୍ ନିଉ ଟେଷ୍ଟେମେଣ୍ଟ ପୃଷ୍ଠା - ୧୯୮ ) । ଏହା ଯୀଶୁଙ୍କର ପୂର୍ଣ୍ଣ ଈଶ୍ୱରୀୟତାର ଦୃଢ କଥନ । ଏହା ସମ୍ଭବ ଅଟେ କି ଏହି ବାକ୍ୟରେ ଯୀଶୁଙ୍କ ନିମନ୍ତେ ତିନୋଟି ମୁଖ୍ୟପୃଷ୍ଠ ଅଛି । (୧) ଏକମାତ୍ର ପୁତ୍ର (୨) ଈଶ୍ୱର ଏବଂ (୩) ଯିଏ ପିତାଙ୍କର କୋଳରେ ଅଛି ।

- "କିଏ ପିତାଙ୍କ କୋଳରେ ଅଛନ୍ତି" - ବାକ୍ୟ " ଈଶ୍ୱରଙ୍କ ସହିତ" ପଦ ୧ ଏବଂ ୨ ର ସମାନ୍ତର ଅର୍ଥ ଅଟେ। ଏହା ଘନିଷ୍ଠ ସହଭାଗିତା ବିଷୟରେ କହେ। ଏହା (୧) ତାହାଙ୍କ ପୂର୍ବ ଅସ୍ତିତ୍ୱର ସହଭାଗିତା କିମ୍ବା (୨) ତାହାଙ୍କ ସହଭାଗିତାର ପୁନଃ ପ୍ରତିଷ୍ଠାକୁ ଦର୍ଶାଇପାରେ । (ସ୍ୱର୍ଗାରହଣ )।

**ଏନ୍ଏଏସ୍‌ବି - "ସେ ତାହାଙ୍କର ବିବରଣ କଲେ"**
**ଏନ୍‌କେଜେଭି - "ସେ ତାହାଙ୍କର ଘୋଷଣା କଲେ"**
**ଏନ୍ଆର୍ଏସ୍‌ଭି, ଏନ୍‌ଜେବି - "ଯିଏ ତାହାଙ୍କର ପରିଚୟ କରାଇଲେ"**
**ଟିଇଭି - "ସେ ତାହାଙ୍କର ପରିଚୟ କରାଇଲେ"**

ଯୋହନ - ୧:୧୮ ରେ ଗ୍ରୀକ୍‌ରେ ପ୍ରୟୋଗ କରାଯାଇଥିବା ଶବ୍ଦରୁ ଆମକୁ ଟିକା ଶବ୍ଦ ମିଳିଅଛି, ଯେଉଁଠାରୁ ଆମକୁ ପରିପୂର୍ଣ୍ଣ ପ୍ରକାଶନ ପ୍ରାପ୍ତ ହୋଇଅଛି । ଯୀଶୁଙ୍କର ଏକ ମୁଖ୍ୟ କାର୍ଯ୍ୟ ଥିଲା ପିତାଙ୍କୁ ପ୍ରକାଶ କରିବା (ଯୋହନ ୧୪:୭-୧୦, ଏବ୍ରୀ – ୧:୨-୩)। ଯୀଶୁଙ୍କୁ ଦେକିବାଓ ଜାରିବାର ଅର୍ଥ ହେଉଛି ପିତାଙ୍କୁ ଦେଖିବା ଓ ଜାଣିବା (ପାପୀମାନଙ୍କୁ ପ୍ରେମ କରିବା, ଦୁର୍ବଳ ମାନଙ୍କୁ ସାହାଯ୍ୟ କରିବା, ବହିଷ୍କୃତ ମାନଙ୍କୁ ଗ୍ରହଣ କରିବା ସ୍ତ୍ରୀ ଏବଂ ପିଲାମାନଙ୍କୁ ଗ୍ରହଣ କରିବା) ।

ଯିଏ ସନ୍ଦେଶ, ସ୍ୱପ୍ନ, ଲିଖନର ବିବରଣ ବା ଅନୁବାଦ କରନ୍ତି ସେମାନଙ୍କର ଗ୍ରୀକ୍ ଶବ୍ଦକୁ ପ୍ରୟୋଗ କରାଗଲା। ଏଠାରେ ବୋଧହୁଏ ଯୋହନ ପୁନର୍ବାର ସେହି ଶବ୍ଦକୁ ପ୍ରୟୋଗ କରୁଛନ୍ତି ଯାହାର ବିଶେଷ ଅର୍ଥ ଉଭୟ ଯିହୁଦୀ ଏବଂ ଅନ୍ୟ ଜାତି ନିମନ୍ତେ ଥିଲା (ଯେପରି ଲୋଗସ ପଦ -୧) ଏହି ବାକ୍ୟ ଯୋହନ ଉଭୟ ଯିହୁଦୀ ଗ୍ରୀକ୍‌ଙ୍କୁ ବର୍ଣ୍ଣନା କରିବାକୁ ଚେଷ୍ଟା କରୁଅଛନ୍ତି।

ବାକ୍ୟର ଅର୍ଥ ଏହି ପ୍ରକାର ହୋଇପାରେ ।

(୧) ଯିହୁଦି ମାନଙ୍କୁ ଯିଏ ବ୍ୟବସ୍ଥାକୁ ବିବରଣ ବା ଅନୁବାଦ କଲେ।

(୨) ଗ୍ରୀକ୍‌ମାନଙ୍କୁ ଯିଏ ଈଶ୍ୱରଙ୍କୁ ବିବରଣ ବା ଅନୁବାଦ କଲେ।

ଯୀଶୁରେ, ଏବଂ କେବଳ ଯୀଶୁରେ , ମନୁଷ୍ୟ ପୂର୍ଣ୍ଣତଃ ଦେଖଯାଏ ଏବଂ ପିତା ବୁଝାପଡନ୍ତି।

## ଆଲୋଚନା ପ୍ରଶ୍ନମାଳା -

ଏହା ଏକ ଅଧ୍ୟୟନ ସହାୟକ ଟିକା ଅଟେ। ଯାହାର ଅର୍ଥ ଆପଣ ନିଜେ ବାଇବଲ୍‌ର ଅନୁବାଦ ନିମନ୍ତେ ଉତ୍ତରଦାୟୀ ଅଟନ୍ତି । ଆମେ ସମସ୍ତେ ସେହି ଜ୍ୟୋତିରେ ଚାଲିବା ଦରକାର ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲଏବଂ ପବିତ୍ର ଆତ୍ମା ପ୍ରାଥମିକ ଅଟନ୍ତି। ଆପଣ ଏହାକୁ ଟିପ୍‌ପଣୀ କର୍ତ୍ତା ଉପରେ ଥୋଇ ପାରିବେ ନାହିଁ ।

ଏହି ପ୍ରଶ୍ନ ତର୍କ ନିମନ୍ତେ ଏଇଥି ଯୋଗୁଁ ଦିଆଗଲା କି ଆପଣ ଏହି ଅଂଶର ମୁଖ୍ୟ ବିଷୟ ଉପରେ ବିଚାର କରିପାରିବେ । ଏ ସବୁ ବିଚାରକୁ ଉତ୍ତେଜନା କରିବା ନିମନ୍ତେ, ପରିଭାଷା ପ୍ରସ୍ତୁତ ନିମନ୍ତେ ନୁହେଁ,

୧ - ଲୋଗସ୍ ପରିଭାଷା ଦିଅନ୍ତି, ଏବଂ ଏହାର ପ୍ରାଚୀନ ଧାର୍ମିକ, ଲୌକିକ, ଏବଂ ବାଇବଲିୟ ପ୍ରୟୋଗ ବିଷୟରେ କୁହନ୍ତୁ ।

୨ - କାହିଁକି ଯୀଶୁଙ୍କର ପୂର୍ବ ଅସ୍ତିତ୍ୱର ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଅଟେ ?

୩ – ଉଦ୍ଧାରରେ ମନୁଷ୍ୟର ଭୂମିକା କଣ ଅଟେ ? କେମିତି ଜଣେ ବ୍ୟକ୍ତି ଯୀଶୁଙ୍କୁ ଗ୍ରହଣ କରିଥାଏ ?
୪ – ବାକ୍ୟ ଦେହବନ୍ତ ହେବା ନିମନ୍ତେ ଆବଶ୍ୟକ କଣ ଥିଲା ?
୫ – ଏହି ଅନୁଚ୍ଛେଦର ରୂପରେଖା କରିବା ଏତେ କଠିନ କାହିଁକି ?
୬ – ଯୀଶୁଙ୍କୁ ସୂଚିତ କରିବା ନିମନ୍ତେ ପ୍ରୟୋଗ କରାଯାଇଥିବା ବିଭିନ୍ନ ଧର୍ମଶାସ୍ତ୍ରୀୟ ସତ୍ୟତାର ସୂଚୀ କରନ୍ତୁ । (ଅତିକମ୍‌ରେ ୮ଟି ) ।
୭ – ପଦ ୧୮ କାହିଁକି ଏତେ ମହତ୍ତ୍ୱ ଅଟେ ?

ପଦ ୧୯ -୫୧ ର ପ୍ରାସଙ୍ଗିକ ଅନ୍ତଃଦୃଷ୍ଟି-

କ – ଏହି ଅନୁଚ୍ଛେଦ ବାପ୍ତିଜକ ଯୋହନଙ୍କ ପ୍ରତି ଆରମ୍ଭିକ ମଣ୍ଡଳୀର ଦୁଇ ଭୁଲ୍ ଧାରଣାର ଚର୍ଚ୍ଚା କରୁଅଛି ।

୧ – ପଦ - ୬-୯, ୨୦, ୨୧,୨୫ ; ଏବଂ ୩:୨୨ -୩୬ରେ ଯାହା ବାପ୍ତିଜକ ଯୋହନଙ୍କ ବ୍ୟକ୍ତିତ୍ୱ ଏବଂ ବିବାଦ ବିକାଶିତ ହେଲା।

୨ – ୧:୩୨ -୩୪ ରେ ଚର୍ଚ୍ଚା କରାଯାଇଥିବା ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ପ୍ରତି ଏହି ନୋଷ୍ଟିକ୍ ମିଥ୍ୟା ଶିକ୍ଷାର ଆକ୍ରମଣ ୧ ଯୋହନ ୧ ପର୍ବରେ ମଧ୍ୟ ଅଛି । ୧ ଯୋହନ, ଯୋହନ ରଚିତ ସୁସମାଚାର ନିମନ୍ତେ ମୁଖ୍ୟ ପତ୍ରର କାର୍ଯ୍ୟ କରିଥାଏ।

ଖ- ବାପ୍ତିଜକ ଯୋହନଙ୍କ ଦ୍ୱାରା ଯୀଶୁଙ୍କ ବାପ୍ତିସ୍ମ ବିଷୟରେ ଯୋହନ ରଚିତ ସୁସମାଚାର ଶାନ୍ତ ଅଟେ । ଯୋହନଙ୍କ ଦ୍ୱାରା ଦିଆଯାଇଥିବା ଯୀଶୁଙ୍କ ଜୀବନର ଘଟଣାକ୍ରମରେ ମଣ୍ଡଳୀର ଧର୍ମନିଷ୍ଠା,ବାପ୍ତିସ୍ମ, ପ୍ରଭୁଭୋଜ ଅନୁପସ୍ଥିତ ଅଟେ । ଏହି ତୃଟି ନିମନ୍ତେ ଅତିକମ୍‌ରେ ଦୁଇଟି ସାମ୍ଭାବ୍ୟ କାରଣ ଅଛି ।

୧ – ଆରମ୍ଭିକ ମଣ୍ଡଳୀର ଧର୍ମନିଷ୍ଠାରେ ଅଧିକ ଜୋର ଦେବା ହେତୁ ଯୋହନ ବାଧ ହେଲେ କି ଏହି ବିଷୟର ଉଲ୍ଲେଖ ନ କରାଯାଉ। ତାହାଙ୍କ ସୁସମାଚାର ସଂବନ୍ଧ ଉପରେ ଆଧାରିତ ସାଂସ୍କୃତିକ ଉପରେ ନୁହେଁ । ସେ ବାପ୍ତିସ୍ମ ଏବଂ ପ୍ରଭୁଭୋଜ ଯାହା ଧର୍ମନିଷ୍ଠା ଅଟେ ଏବିଷୟରେ ଉଲ୍ଲେଖ କରିନାହାନ୍ତି ଏହାର ଅନୁପସ୍ଥିତି ଆମର ଧ୍ୟାନକୁ ତାହାଙ୍କ ଆଡକୁ ଆର୍କଷଣ କରୁଅଛି ।

୨ – ଯୋହନ ଅନ୍ୟ ସୁସମାଚାର ମାନଙ୍କଠାରୁ ପରେ ଲେଖିଥିବା ହେତୁ , ସେ ଅନ୍ୟ ସୁସମାଚାର ସବୁ ପରିପୂର୍ଣ୍ଣ କରିବା ନିମନ୍ତେ ସେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନର ବିବରଣକୁ ଦେଇଅଛନ୍ତି । ସମାନ୍ତର ସୁସମାଚାର ଏହି ବିଷୟକୁ ଲେଖିଥିବା ହେତୁ ଯୋହନ କେବଳ ବାକିଥିବା ଘଟଣାବଳିର ଖବରକୁ ସୂଚିତ କରୁଅଛନ୍ତି । ଉଦାହରଣ ନିମନ୍ତେ ଉପର କୋଠରୀରେ ଘଟିଥିବା ଘଟଣା ଏବଂ ବାର୍ତ୍ତାଳାପ (୧୩ – ୧୭ ଅଧ୍ୟାୟ) କିନ୍ତୁ ଏହା ବାସ୍ତବିକ ଭୋଜ ନୁହେଁ ।

ଗ – ଯୀଶୁଙ୍କ ବ୍ୟକ୍ତିତ୍ୱକୁ ନେଇ ବାପ୍ତିଜକ ଯୋହନଙ୍କ ସାକ୍ଷ୍ୟର ବିଶେଷ ମହତ୍ତ୍ୱ। ଯୋହନଙ୍କ ଦ୍ୱାରା ନିମ୍ନଲିଖିତ ଖ୍ରୀଷ୍ଟଶାସ୍ତ୍ରୀୟ ବିବରଣ :

୧ – ଯୀଶୁ ଈଶ୍ୱରଙ୍କ ମେଷଶାବକ (ପଦ – ୨୯), ଯୀଶୁଙ୍କ ନିମନ୍ତେ ପଦ କେବଳ ଏଠାରେ ଏବଂ ପ୍ରଅକାଶିତ ବାକ୍ୟରେ ବ୍ୟବହାର କରାଗଲା।

୨ – ଯୀଶୁ ପୂର୍ବରୁ ଅଛନ୍ତି (ପଦ ୩୦)।
୩ – ଯୀଶୁ ପବିତ୍ର ଆତ୍ମାଙ୍କର ପ୍ରାପ୍ତ କର୍ତ୍ତା ଏବଂ ଦାତା ଅଟନ୍ତି (ପଦ -୩୩) ।
୪ – ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି।(ପଦ-୩୪)

ଘ – ନିମ୍ନଲିଖିତ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ଦ୍ୱାରା ଯୀଶୁଙ୍କର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟର ସତ୍ୟତା ବିକଶିତ ହେଲା।

୧ – ବାପ୍ତିଜକ ଯୋହନ
୨ – ଆନ୍ଦ୍ରିଅ ଏବଂ ଶିମୋନ
୩ – ଫିଲିପିପ୍ ଏବଂ ନିଥନିଏଲ ।

ଏହା ସଂପୂର୍ଣ୍ଣ ସୁସମାଚାରକୁ ଲେଖିବା ନୀମନ୍ତେ ଏକ ସାଧାରଣ ଶୈଳି ହଲା।

**ଶବ୍ଦ ଏବଂ ବାକ୍ୟାଂଶର ଅଧ୍ୟୟନ**

**ଏନ୍‌ଏଏସ୍‌ବି ମୂଳପାଠ : ୧: ୧୯ - ୨୩।**

**୧୯ - " ଆପଣ କିଏ", ଏହା ଯୋହନଙ୍କୁ ପଚାରିବା ନିମନ୍ତେ ଯିହୁଦି ମାନେ ଯେତେବେଳେ ଯିରୁଶାଲମ୍‌ରୁ ଯାଜକ ଓ ଲେବିୟ ମାନଙ୍କୁ ତାହାଙ୍କ ନିକଟକୁ ପଠାଇଲେ, ସେତେବେଳେ ସେ ଏହି ସାକ୍ଷ୍ୟ ଦେଲେ। ୨୦ - ସେ ସ୍ୱୀକାର କଲେ, ଅସ୍ୱୀକାର କଲେ ନାହିଁ; ସେ ସ୍ୱୀକାର କଲେ, " ମୁଁ ଖ୍ରୀଷ୍ଟ ନୁହେଁ , ୨୧ ସେଥିରେ ସେମାନେ ତାହାଙ୍କୁ ପଚାରିଲେ, " ତେବେ କଅଣ ? ଆପଣ କଅଣ ଏଲିୟ ?" ସେ କହିଲେ, "ମୁଁ ନୁହେଁ", "ଆପଣ କ'ଣ ସେହି ଭାବବାଦୀ ?" ସେ ଉତ୍ତର ଦେଲେ "ନା", ୨୨ ସେଥିରେ ସେମାନେ ତାହାଙ୍କୁ କହିଲେ, ଆମ୍ଭମାନଙ୍କୁ ପଠାଇ ଥିବା ଲୋକଙ୍କୁ ଯେପରି ଉତ୍ତର ଦେଇପାର, " ଏଥି ସକାଶେ ଆପଣ କିଏ ? ଆପଣ ନିଜ ବିଷୟରେ କଅଣ କହୁଅଛନ୍ତି ? ୨୩ ସେ କହିଲେ, "ଯିଶାୟୀ ଭାବବାଦୀ ଯେପରି କହିଥିଲେ, ମୁଁ ସେହି ପ୍ରକାର ପ୍ରାନ୍ତରରେ ଉଚ୍ଚ ଶବ୍ଦ କରୁଥିବା ଜଣକର ସ୍ୱର, ପ୍ରଭୁଙ୍କ ପଥ ସଳଖ କର" ।**

**୧:୧୯ "ଯିହୁଦିମାନେ"** - ଯୋହନ ସୁସମାଚାରରେ ଏହା ଦର୍ଶାଯାଏ । ୧) ଯିହୁଦାର ଲୋକମାନେ ଯେଉଁମାନେ ଯୀଶୁଙ୍କ ଠାରୁ ଦୂରରେ ରହୁଥିଲେ କିମ୍ବା ୨) ଯିହୁଦି ଧାର୍ମିକନେତାମାନେ କେବଳ (୨:୧୮; ୫:୧୦; ୭:୧୩; ୯:୨୨; ୧୨:୪୨; ୧୮:୧୨;୧୯:୩୮;୨୦:୧୯) । କେତେକ ପଣ୍ଡିତ କହନ୍ତି ଗୋଟିଏ ଯିହୁଦି ଅନ୍ୟ ଯିହୁଦିକୁ ଏହି ପ୍ରକାରେ ଦର୍ଶାଇ ପାରିବ ନାହିଁ। ଯେପରିକି ୯୦ ଖ୍ରୀଷ୍ଟାବ୍ଦରେ ଜାମିନା ସଭାର ପଶ୍ଚାତରେ ଖ୍ରୀଷ୍ଟିଆନମାନଙ୍କ ପ୍ରତି ଯିହୁଦିଙ୍କର ତାଡ଼ନା ବଢ଼ିବାରେ ଲାଗିଲେ।

"ଯିହୁଦି" ଶବ୍ଦ ସାଧାରଣତଃ ଯିହୁଦା ବଂଶର କାହାରିଠାରୁ ଆସିଅଛି। ଉଭୟେ ଯିହୁଦି ରାଜ୍ୟ, ଇସ୍ରାଏଲ ଏବଂ ଯିହୁଦା ବନ୍ଦିତ୍ୱରେ ନିଆଯାଇଥିଲେ। କିନ୍ତୁ ଖ୍ରୀଷ୍ଟପୂର୍ବ ୫୩୮ରେ ଅଳ୍ପ କେତେକ ବିଶେଷ କରି ଯିହୁଦାର ସାଇରସଙ୍କ ଠାରୁ ଫେରିଆସିଲେ। ସେହି ସମୟଠାରୁ ପଲେଷ୍ଟିୟରେ ଯେଉଁମାନେ ରହୁଥିଲେ ସେମାନଙ୍କୁ ଯାକୁବଙ୍କ ବଂଶ ରୂପେ ନାମାଙ୍କନ କରାଗଲା। ଏବଂ ସମସ୍ତ ଭୂମଧ୍ୟ ଜଗତରେ ଛିନ୍ନଭିନ୍ନ ହେଲେ। ଯୋହନରେ ସମୟକାଳ ଅଧିକାଂଶ ନାକାରାତ୍ମକ କିନ୍ତୁ ଏହାର ସାଧାରଣ ପ୍ରୟୋଗ ୨:୬ ଏବଂ ୪:୨୨ରେ ଦେଖାଯାଇ ପାରିବ।

❑ **"ଯାଜକମାନେ ଏବଂ ଲେବିୟମାନେ"** – ସ୍ବରୂପେ ବାପ୍ତିଜକ ଯୋହନ ମଧ୍ୟ ଯାଜକୀୟ ବଂଶରୁ ଥିଲେ (ଲୁକ-୧:୫..)। "ଲେବୀୟମାନଙ୍କ" ଉଲ୍ଲେଖ ଯୋହନ ମଧ୍ୟ ଯୋହନ ସୁସମାଚାରରେ କେବଳ ଏହିଠାରେ ମିଳେ। ସମ୍ଭବତଃ ସେମାନେ ମନ୍ଦିରର ପୁଲିସ୍ ଥିଲେ। ଏମାନେ ଯୀଶୁଙ୍କ ବିରୁଦ୍ଧରେ ଯିରୁଶାଲୋମରୁ ଧାର୍ମିକ ନେତାମାନଙ୍କ ଦ୍ୱାରା ପ୍ରେରଣ ହୋଇଥିବା "ସତ୍ୟ ସନ୍ଧାନକାରୀ" ଅଫିସ୍‌ର ଦଳ ଥିଲେ (ପଦ ୨୪)। ଯାଜକ ଏବଂ ଲେବୀୟମାନେ ସାଧାରଣତଃ ସଦୁକି ଥିଲେ, ଯେପରି ଶାସ୍ତ୍ରୀମାନେ ସାଧାରଣତଃ ଫାରୁଶୀଥିଲେ। ଉଭୟେ ଏହି ଦଳ ବାପ୍ତିଜକ ଯୋହନଙ୍କ ପ୍ରଶ୍ନ କରିବାରେ ସାମିଲ ଥିଲେ। ଯୀଶୁ ଏବଂ ତାଙ୍କ ଶିଷ୍ୟମାନଙ୍କୁ ବିରୋଧ କରିବାକୁ ରାଜନୈତିକ ଏବଂ ଧାର୍ମିକ ନେତାମାନେ ଏକମତ ଥିଲେ।

❑ **"ତୁମେ କିଏ"** - ଏହି ପ୍ରଶ୍ନ ଯୀଶୁଙ୍କ ଦ୍ୱାରା ୮:୨୫ରେ ପଚରାଗଲା। ବାପ୍ତିଜକ ଯୋହନ ଏବଂ ଯୀଶୁଙ୍କର ଶିକ୍ଷା ଓ କାର୍ଯ୍ୟରେ ଧାର୍ମିକ ନେତାମାନେ ଅସମଂଜସ ଥିଲେ, କାରଣ ସେମାନେ ଜାଣିଥିଲେ ଏହି ଦୁହିଁଙ୍କ ମଧ୍ୟରେ ପୁରାତନ ନିୟମର କିଛି ଭବିଷ୍ୟାତ୍ମକ ବିଷୟ ରହିଅଛି। ଏଇଥିଯୋଗୁଁ, ଏହି ପ୍ରଶ୍ନ ଯିହୁଦିମାନଙ୍କର ଅପେକ୍ଷାର ଶେଷ ସମୟକୁ ସଂବନ୍ଧିତ କରେ, ନୂତନ ଯୁଗର ନେତାମାନେ।

**୧:୨୦** **"ସେ ସ୍ୱୀକାର କଲେ, ଅସ୍ୱୀକାର କଲେ ନାହିଁ, ସେ ସ୍ୱୀକାର କଲେ"** - ଏହା ବହୁତ ଦୃଢ଼ ବିବରଣ, ପ୍ରତିଜ୍ଞାତ ଖ୍ରୀଷ୍ଟଙ୍କ ଆଶାକୃତ ବିଷୟକୁ ତିନିଥର ଖଣ୍ଡନ କଲେ। "ସ୍ୱୀକାର" ନିମନ୍ତେ ଦେଖନ୍ତୁ ବିଶେଷ ଶୀର୍ଷ-୯:୨୨।

❑ **"ଖ୍ରୀଷ୍ଟ"** - "ଖ୍ରୀଷ୍ଟ ଏବ୍ରୀ ଶବ୍ଦ "ମସୀହ" ର ଗ୍ରୀକ୍ ଅନୁବାଦ ଅଟେ, ଯାହାର ଅର୍ଥ "ଏକ ଅଭିଷିକ୍ତ ବ୍ୟକ୍ତି"। ପୁରାତନ ନିୟମରେ ଅଭିଶେଷା ବିଚାରଧାରା ହେଲା ଈଶ୍ୱରଙ୍କ ବିଶେଷ ଆହ୍ୱାନକୁ ମହତ୍ୱ ଦେବା ଏବଂ ବିଶେଷ କାର୍ଯ୍ୟ ନିମନ୍ତେ ଉନ୍ନତ କରାଇବା। ରାଜା, ଯାଜକ ଏବଂ ଭାବବାଦୀମାନେ ଅଭିଷିକ୍ତ ଥିଲେ। ଏହା ସେହି ବିଶେଷବ୍ୟକ୍ତିଙ୍କ ସଂଗେ ଚିହ୍ନଟକୁ ଆସିବ ଯିଏ ନୂତନ ଯୁଗର ଧାର୍ମିକତାକୁ ଆଗେଇ ନେବେ। ଅନେକ ଭାବିଲେ ବାପ୍ତିଜକ ଯୋହନ ସେହି ପ୍ରତିଜ୍ଞାତ ଖ୍ରୀଷ୍ଟ ଥିଲେ (ଲୁକ-୩:୧୫), କାରଣ ସେ ହିଁ ପ୍ରଥମ ପ୍ରେରଣାଦାୟୀ ଯିହୋବାଙ୍କ ସନ୍ଦେଶ ବାହକ ଥିଲେ ଯିଏ ପାଖାପାଖି ୪୦୦ ବର୍ଷ ପରେ ପୁରାତନ ନିୟମର ଲେଖକଙ୍କଠାରୁ ଆସିଲେ।

ଏହି ସମୟରେ "ମସୀହ"ଙ୍କ ବିଷୟ ମୁଁ ମୋର ଟିପ୍‌ପଣିକୁ ଦାନିଏଲ-୯:୨୬ରୁ ଦେବାକୁ ଚାହେଁ।

| | | |
|---|---|---|
| **ଦାନିଏଲ** | - | **୯:୨୬** |
| **ଏନ୍‌ଏଏସ୍‌ବି** | - | **"ସେହି ମସୀହ"** |
| **ଏନ୍‌କେଜେଭି** | - | **"ମସୀହ"** |
| **ଏନ୍‌ଆର୍‌ଏସ୍‌ଭି** | - | **"ଜଣେ ଅଭିଷିକ୍ତ ବ୍ୟକ୍ତି"** |
| **ଟିଇଭି** | - | **"ଈଶ୍ୱରଙ୍କ ମନୋନୀତ ନେତା"** |
| **ଏନ୍‌ଜେବି** | - | **"ଏକ ଅଭିଷିକ୍ତ ପୁରୁଷ"** |

ଏହି ବାକ୍ୟକୁ ଅନୁବାଦ କରିବାର କଠିନ କାରଣ ହେଲା, ଶବ୍ଦ ମସୀହ ବା ଅଭିଷିକ୍ତର ସାମ୍ଭାବ୍ୟ ଅର୍ଥଗୁଡ଼ିକର ସମ୍ମିଳିତ ହେତୁ।

୧- ଯିହୁଦି ରାଜାମାନଙ୍କର ପ୍ରୟୋଗ (୧ ଶାମୁଏଲ - ୨:୧୦;୧୨:୩)

୨- ଯିହୁଦି ଯାଜକମାନଙ୍କର ପ୍ରୟୋଗ (ଲେବି - ୪:୩,୫)

୩- କୋରସର ପ୍ରୟୋଗ (ଯିଶା- ୪୫:୧)

୪- #୧ ଏବଂ #୨ ଗୀତାସଂହିତା ୧୧୦ ଏବଂ ଯିଖରିୟ ୪ରେ ମିଶ୍ରିତ ଅଟନ୍ତି।

୫- ଈଶ୍ୱରଙ୍କ ବିଶେଷ ଆଗମନର ପ୍ରୟୋଗ, ପାଉଦଙ୍କ ରାଜ୍ୟରୁ ନୂତନ ଯୁଗର ଧାର୍ମିକତାକୁ ଆଣିବାକୁ।

  କ- ଯିହୁଦାର ବଂଶ (ଆଦି - ୪୯:୧୦)

  ଖ- ଯିଶୀ ର ଗୃହ (୨ ଶାମୁଏଲ ୭)

  ଗ- ବିଶ୍ୱ କର୍ତ୍ତୃତ୍ୱ (ଗୀତ-୨; ଯିଶା-୯:୬; ୧୧:୧-୫; ମୀଖା-୫:୧-୪)

ମୁଁ ବ୍ୟକ୍ତିଗତ ଭାବେ ନାଜରତିୟ ଯୀଶୁଙ୍କ ସହିତ "ଜଣେ ଅଭିଷିକ୍ତ ବ୍ୟକ୍ତି" ର ପରିଚୟରେ ଆକର୍ଷିତ ହେବାର କାରଣ :

୧- ଚତୁର୍ଥ ସାମ୍ରାଜ୍ୟରେ ୨ ଅଧ୍ୟାୟରେ ଅନନ୍ତ ରାଜ୍ୟର ପ୍ରସ୍ତାବନା।

୨- ୭:୧୩ ରେ "ମନୁଷ୍ୟଙ୍କ ପୁତ୍ର" ର ପ୍ରସ୍ତାବନା ଅନନ୍ତ ରାଜ୍ୟରୂପେ ଦିଆଗଲା।

୩- ୯:୨୪ର ଉଦ୍ଧାର ବାକ୍ୟାଂଶ ଯାହା ପତିତ ଜଗତର ଇତିହାସର ଚରମସୀମା ଆଡ଼କୁ ନିର୍ଦ୍ଦେଶ ଦେଇଥାଏ।

୪- ନୂତନ ନିୟମରେ ଯୀଶୁଙ୍କର ଦାନିଏଲ୍ ପୁସ୍ତକର ବ୍ୟବହାର (ମାଥିଉ-୨୪:୧୫; ମାର୍କ-୧୩:୧୪)

**୧:୨୧** -**"ତେବେ କଅଣ" "ଆପଣ କଅଣ ଏଲିୟ"** - କାରଣ ଏଲିୟ ମୃତ୍ୟୁବରଣ କଲେ ନାହିଁ ମାତ୍ର ଘୂର୍ଣ୍ଣବାୟୁରେ ସ୍ୱର୍ଗକୁ ଘେନି ନିଆଗଲେ। (୨ ରାଜା ୨:୧), ସେ ମସୀହଙ୍କ ପୂର୍ବେ ଆସିବାର ଅପେକ୍ଷା କରାଯାଉଥିଲା (ମଲାଖୀ-୩:୧;୪:୫)। ବାପ୍ତିଜକ ଯୋହନ ଏଲିୟଙ୍କ ସଦୃଶ ଦେଖାଗଲେ ଏବଂ କାର୍ଯ୍ୟକଳାପ କଲେ (ଯିଖରିୟ-୧୩:୪)।

❑ **"ମୁଁ ନୁହେଁ"** - ବାପ୍ତିଜକ ଯୋହନ ଆପଣାକୁ ଏଲିୟଙ୍କ ଭବିଷ୍ୟାତ୍ମକ ଭୂମିକାରେ ଦେଖିନାହାନ୍ତି, କିନ୍ତୁ ଯୀଶୁ ତାଙ୍କୁ ମାଲାଖୀ ଭବିଷ୍ୟ ବାଣୀର ପୂର୍ତ୍ତି କରଣ ରୂପେ ଦେଖୁଅଛନ୍ତି (ମାଥିଉ-୧୧:୧୪;୧୭:୧୨)।

❑ **"ଆପଣ କଅଣ ସେହି ଭାବବାଦୀ"** - ମୋଶା ଭବିଷ୍ୟବାଣୀ କରିଥିଲେ କି ତାହାଙ୍କ ପରେ ତାହାଙ୍କ ସଦୃଶ ଏକ ଭାବବାଦୀ ଆସିବେ (ଯାହାଙ୍କୁ ସେ ଭାବବାଦୀ ବୋଲି କହିଲେ) (ଦ୍ୱିତୀୟ ବିବରଣ-୧୮:୧୫;୭:୧୮; ଯୋହନ- ୧:୨୫;୬:୧୪;୭:୪୦; ପ୍ରେରିତ-୩:୨୨-୨୩;୭:୩୭)।

**ନୂତନନିୟମରେ ଏହି ବିଷୟର ବ୍ୟବହାର ଦୁଇଟି ବିଭିନ୍ନ ପ୍ରଣାଳୀରେ କରାଯାଇଛି :**

୧. ମସୀହଙ୍କ ବ୍ୟତିତ ଆଉ ଜଣେ ଯେମିତି ଏକ ଭବିଷ୍ୟାତ୍ମକ ବ୍ୟକ୍ତି (୭:୪୦-୪୧)।

୨. କିମ୍ବା ଜଣେ ବ୍ୟକ୍ତି ମସୀହଙ୍କ ସହିତ ଚିହ୍ନଟ କରାଗଲେ (ପ୍ରେରିତ-୩:୨୨)

**୧:୨୩ "ମୁଁ ସେହି ପ୍ରକାର ପ୍ରାନ୍ତରରେ ଉଚ୍ଚ ଶବ୍ଦ କରୁଥିବା ଜଣଙ୍କର ସ୍ୱର"**- ଏହା ମଲାଖୀ ୩:୧ ସଦୃଶ ଯିଶାୟ-୪୦:୩ ସହିତ ସେପ୍‌ଟୁଏଜେଣ୍ଟ୍ ଅନୁବାଦ ରୁ ଉଦ୍ଧୃତ।

❑ **"ପ୍ରଭୁଙ୍କର ପଥ ସଳଖକର"** - ଏହା ଯିଶାୟ-୪୦:୩ରୁ ଉଦ୍ଧୃତ, ଯିଶାୟଙ୍କ ଆକ୍ଷରିକ ଅଂଶ (ଯିଶା-୪୦-୫୪) ଯେଉଁଥିରେ ସେବକ ଗୀତ ଦିଆଯାଇ ଅଛି (୪୨:୧-୯ ; ୪୯:୧-୭ ; ୫୦:୪-୧୧ ; ୫୨:୧୩-୫୩:୧୨)। ପ୍ରଥମେ ସେମାନେ ଇସ୍ରାଏଲ କୁ ଇଙ୍ଗିତ କଲେ। ମାତ୍ର ୫୨:୧୩-୫୩:୧୨ରେ ସେହି ବାକ୍ୟ ଏକାକୀ ହୋଇଗଲା। ପଥ ସଳଖ କରିବା ବିଚାର ଏକ ରାଜକିୟ ପରିଦର୍ଶନର ପ୍ରସ୍ତୁତି କରଣ ରୂପେ ବ୍ୟବହୃତ ହେଲା। ଶବ୍ଦ "ସଳଖ" ଟି "ଧାର୍ମିକତା" ଶବ୍ଦ ସହିତ ସଂବନ୍ଧିତ। ଦେଖନ୍ତୁ ବିଶେଷ ଶୀର୍ଷ ୧ ଯୋହନ - ୨:୨୯ରେ। ପ୍ରଥମ ଶତାବ୍ଦିର କେତେକ ମିଥ୍ୟା ଶିକ୍ଷକ ଦଳ ବାପ୍ତିଜକ ଯୋହନ ଙ୍କୁ ନିଜ ନେତା ମାନି ନେଇଥିଲେ ଏଣୁ ପ୍ରେରିତ ଯୋହନ ଧର୍ମଶାସ୍ତ୍ରୀୟ ରିତି ଅନୁସାରେ ବାପ୍ତିଜକ ଯୋହନ୍‌ର ମୁଲ୍ୟ କମ୍ କରି ପ୍ରସ୍ତୁତ କରିଅଛନ୍ତି।

ଏନ୍ ଏସ୍ ବି ବାକ୍ୟ : **୧:୨୪-୨୮**

**୨୪ ପୁଣି, ଫାରୁଶୀ ମାନଙ୍କ ମଧ୍ୟରୁ କେତେକ ଜଣ ପ୍ରେରିତ ହୋଇଥିଲେ ୨୫- ସେମାନେ ତାହାଙ୍କୁ ପଚାରିଲେ, ଆପଣ ଯଦି ଖ୍ରୀଷ୍ଟ ବା ଏଲିୟ ବା ସେହି ଭାବବାଦୀ ନୁହନ୍ତି, "ତାହା ହେଲେ କାହିଁକି ବାପ୍ତିସ୍ମ ଦେଉଛନ୍ତି" ? ୨୬ ଯୋହନ ସେମାନଙ୍କୁ ଉତ୍ତର ଦେଲେ, "ମୁଁ ଜଳରେ ବାପ୍ତିସ୍ମ ଦେଉଅଛି ; ଯାହାଙ୍କୁ ତୁମ୍ଭେମାନେ ଜାଣନାହିଁ, ସେ ତୁମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ", ୨୭ "ସେ ମୋ ଉତ୍ତାରେ ଆସୁଅଛନ୍ତି, ତାହାଙ୍କୁ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ", ୨୮ ଯର୍ଦ୍ଦନର ପରପାରସ୍ଥ ଯେଉଁ ବେଥନିଆରେ ଯୋହନ ବାପ୍ତିସ୍ମ ଦେଉଥିଲେ, ସେହି ସ୍ଥାନରେ ଏହି ସବୁ ଘଟିଲା।**

**୧:୨୪ "ସେମାନେ ଫାରୁସୀମାନଙ୍କ ମଧ୍ୟରୁ ପ୍ରେରିତ ହୋଇଥିଲେ"** – ଏହି ବାକ୍ୟ ଅନିଶ୍ଚିତ ଏବଂ ଏହାର ଅର୍ଥ ଏହା ହୋଇପାରେ-

୧- ଫାରୁସୀମାନେ ଯୋହନଙ୍କୁ ପ୍ରଶ୍ନ ପଚାରିବାକୁ ପ୍ରେରଣ କରିଥିଲେ (ପଦ-୯) କିମ୍ବା (୨) ପ୍ରଶ୍ନ ପଚାରୁଥିବା ଲୋକେ ଫାରୁଶୀ ଥିଲେ ଯାହା ବାସ୍ତବରେ ଏହା ଅସାଧାରଣ ଅଟେ କି ଅଧିକାଂଶ ଯାଜକ ମାନେ ସାଦୁକି ଥିଲେ (ପଦ-୯) ତେବେ ଏହା ଅନ୍ୟ ଏକ ଦଳ ହୋଇଥିବା ଦେଖାଯାଏ ପଦ-୧୯।

**ବିଶେଷ ଶୀର୍ଷ : ଫାରୁସୀ**

୧. ଏହି ଶବ୍ଦର ନିମ୍ନଲିଖିତ ସାମ୍ଭାବ୍ୟ ଆରମ୍ଭ ଥିଲା :

କ- "ଅଲଗା ହେବାକୁ" – ଏହି ଦଳ ମକାବିଅନ୍ ସମୟରେ ଅଗ୍ରସର ହେଲେ (ଏହ ସବୁଠାରୁ ଅଧିକ ଗ୍ରହଣୀୟ ବିଚାର)।

ଖ- "ବିଭାଜନ ହେବାକୁ" – ଏହା ସେହି ସମ୍ମାନ ଏବ୍ରୀ ମୂଳଭାଷାର ଅନ୍ୟ ଅର୍ଥ ଅଟେ। କେତେକ କୁହନ୍ତି ଏହାର ଅର୍ଥ ଏକ ଅନୁବାଦକ (୨ ତୀମୋଥି – ୨:୧୫)।

ଗ- "ପାରସିମାନେ" - ସେହି ଆରାମିକ୍ ଶବ୍ଦର ଏହା ଅନ୍ୟ ଏକ ଅର୍ଥ । ପେରସିଅନ୍ ଜୋରାଷ୍ଟିଆନ୍ ଡୁଆଲିଜମ୍ ସହିତ କେତେକ ଫାରୁଶୀ ମାନଙ୍କର ଶିକ୍ଷା ଅଧିକ ମାତ୍ରାରେ ମିଶିଥାଏ।

୨. ସେମାନଙ୍କ ପ୍ରଗତି ମକାବିଅନ ଙ୍କ ସମୟର ଭକ୍ତଙ୍କ ଠାରୁ ହେଲା। ଆଣ୍ଟିଓକସ୍ ଏପିପାନସ ଙ୍କ ବିରୋଧରେ ଏସେନସ୍ ସଦୃଶ ଅନେକ ଦଳ ଏଣ୍ଟି ହେଲେନିଷ୍ଟକେ ରୁ ଆସିଲେ। ଫାରୁଶୀନାମ ସର୍ବ ପ୍ରଥମେ ଯୋସେଫସ୍ ଏଣ୍ଟିକ୍ୟୁଟିସ୍ ଅଫ ଦି ଜିଉସ୍ ୮.୫.୧-୩ ରେ ଉଲ୍ଲେଖିତ।

୩. ସେମାନଙ୍କ ମୁଖ୍ୟ ଶିକ୍ଷା।

କ- ଆସୁଥିବା ମସୀହଙ୍କ ଉପରେ ବିଶ୍ୱାସ, ଯାହା ଭବିଷ୍ୟାତ୍ମକ ସାହିତ୍ୟ ଯେମିତି ୧ ହନକ ରୁ ପ୍ରଭାବିତ।

ଖ- ପରମେଶ୍ୱର ଦୈନନ୍ଦିନ ଜୀବନରେ କାର୍ଯ୍ୟଶୀଳ ଅଟନ୍ତି, ଏହା ସାଦୁକି ମାନଙ୍କଠାରୁ ବିପକ୍ଷ ଥିଲା। ଧର୍ମଶାସ୍ତ୍ର ଅନୁସାରେ ଫାରୁସୀ ମାନଙ୍କର ଅଧିକାଂଶ ଶିକ୍ଷା ସାଦୁକି ମାନଙ୍କର ଶିକ୍ଷାର ବିପକ୍ଷରେ ଅଟେ।

ଗ- ପୁରାତନ ନିୟମ ଏବଂ ମୌଖିକ ପରମ୍ପରା ର ଅଧିକାର (ତାଲମୁଦ)- ପୁରାତନ ନିୟମରେ ଈଶ୍ୱରଙ୍କ ଆଜ୍ଞାକୁ ପାଳନ କରିବାରେ ସେମାନେ ସଚେତ୍ ଥିଲେ ଯେମିତି ସେମାନେ ରବି ପଣ୍ଡିତ ମାନଙ୍କ ପାଠଶାଳା ଦ୍ୱାରା ବ୍ୟାଖ୍ୟା କରାଗଲେ ଏବଂ ପ୍ରୟୋଗ କରାଗଲେ।

ଏମାନଙ୍କର ଅନୁବାଦ ଦୁଇ ଭିନ୍ନଭିନ୍ନ ଚିନ୍ତାଧାରା ଥିବା ରବିମାନଙ୍କର ତର୍କ ବିତର୍କରୁ ହିଁ ହୋଇଥିଲା। ଏହି ମୌଖିକ ଆଲୋଚନା ବାକ୍ୟର ଅର୍ଥ ଅନୁଯାୟୀ ହେଉଥିଲା। ଯାହା ପରିଶେଷରେ ଅକ୍ଷରରେ ଲିଖିତ ହେଲା। ବାଜିଲୋନିୟାନ ତାଲ୍‌ମୁଦ ଏବଂ ଅପୂର୍ଣ୍ଣ ପଲେଷ୍ଟିୟେ ତାଲ୍‌ମୁଦ। ସେମାନେ ବିଶ୍ୱାସ କରନ୍ତି କି ମୋଶା ମୌଖିକ ଅନୁବାଦକୁ ସିୟୋନ୍ ପର୍ବତରେ ପ୍ରାପ୍ତ କରିଥିଲେ। ଏହି ଆଲୋଚନାର ଐତିହାସିକ ଆରମ୍ଭ ଏଜ୍ରାଙ୍କ ସହିତ ଆରମ୍ଭ ହୋଇଥିଲା। ଏବଂ "ମହାନ୍ ଆରାଧନାଳୟ" ର ଲୋକ ମାନଙ୍କଠାରୁ।

ଘ- ଉଚ୍ଚସ୍ତରୀୟ ସ୍ୱର୍ଗଦୂତଶାସ୍ତ୍ର – ଏଥିରେ ଉଭୟ ଭଲ ଏବଂ ମନ୍ଦ ଆତ୍ମୀକ ପ୍ରାଣୀ ସଂଶ୍ଲିଷ୍ଟ ଅଟନ୍ତି। ଏହା ପ୍ରଗତି ପାରସ ଧର୍ମ ଏବଂ ଯିହୁଦି ଭବିଷ୍ୟାତ୍ମକ ସାହିତ୍ୟରୁ ହୋଇ ଅଛି।

**୧:୨୫ "ତାହା ହେଲେ କାହିଁକି ବାପ୍ତିସ୍ମ ହେଉଅଛନ୍ତି"** - ପୁରାତନ ଯିହୁଦାରେ ମନଫେରଣ ବାପ୍ତିସ୍ମ ସାଧାରଣ ଥିଲା ସେହି ଯିହୁଦି ମାନଙ୍କ ନିମନ୍ତେ ଯେଉଁମାନେ ପରିବର୍ତ୍ତନ ହେବାକୁ ଇଚ୍ଛା କରୁଥିଲେ। କିନ୍ତୁ ସେହି ଯିହୁଦି ମାନଙ୍କୁ ବାପପ୍ତିଜିତ ହେବା ନିମନ୍ତେ ଅଧିକ ଅସାଧାରଣ ଥିଲା (କୁସ୍‌ରାନ୍ ର ସେକ୍‌ଟାରିଅନ ଯିହୁଦିମାନେ ସ୍ୱୟମ୍ ବାପ୍ତିସ୍ମ ଏବଂ ପ୍ରବେଶ କରିବା ପୂର୍ବେ ମନ୍ଦିର ଉପାସକ ସ୍ନାନ ର ଅଭ୍ୟାସ କରୁଥିଲେ)। ଏହି ପାଠ୍ୟ ଯିଶାୟ-୫୨:୧୫; ଯିହିଯିକଲ୍ ୩୬:୨୫; ଯିଖରିୟ ୧୩:୧ ରୁ ମସୀହ ଅଭିପ୍ରାୟକୁ ସଂଯୋଗ କରିପାରେ।

- **"ଯଦି"** - ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଚିନ୍ତାଧାରାରୁ ସତ୍ୟ ରୁପରେ ମାନିନିଆ ଯାଉଛି କିମ୍ୱା ତାଙ୍କ ଆକ୍ଷରିକ ଉଦ୍ଦେଶ ନିମନ୍ତେ।
- **"ଖ୍ରୀଷ୍ଟ ନୁହନ୍ତି, ଏଲିୟ ନୁହନ୍ତି, ବା ସେହି ଭାବବାଦୀ ନୁହନ୍ତି"** – ମୃତସାଗର ଲିଖନ ଦୃଷ୍ଟି କୋଣରେ ଏହା ଅତି ରୋଚକ କି ଏହି ତିନି ବ୍ୟକ୍ତି ଅତି ମହତ ବିଷୟ ପ୍ରତିନିଧିତ୍ୱ କରୁଅଛନ୍ତି ଯାହାକି ତିନୋଟି ଭିନ୍ନ ଭିନ୍ନ ମସୀହଭାବ ଚରିତ୍ର ହୋଇପାରେ। ଏହା ଅଧିକ ରୋଚକ କି କେତେକ ଆରମ୍ଭିକ ମଣ୍ଡଳୀର ନେତାମାନେ ବିଶ୍ୱାସ କଲେ କି ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ପୂର୍ବେ ଏଲିୟ ଶାରୀରିକ ଭାବେ ଆସିବେ (ଖ୍ରୀସୋଷ୍ଟମ୍, ଜେରୋମ୍, ଗ୍ରେଗୋରୀ, ଏବଂ ଅଗଷ୍ଟିନେ୍)।

**୧:୨୬ "ମୁଁ ଜଳରେ ବାପ୍ତିସ୍ମ ଦେଉଅଛି"** – ସଂବନ୍ଧ ବାଚକ ଶବ୍ଦ "ରେ" ର ଅର୍ଥ "ସହିତ" ମଧ୍ୟ ହୋଇପାରେ। ଯେ କୌଣସି ବିକଳ୍ପ ବଛାଯାଉଛି ତାହା ପଦ ୩୩ ର ସମାନ୍ତର "ଆତ୍ମା" ଙ୍କ ବିଷୟରେ ମିଳିତ ହେବା ଦରକାର।

- **"ସେ ତୁମ୍ଭମାନଙ୍କ ମଧ୍ୟରେ ବିଦ୍ୟମାନ"** - ଏଠାରେ ଅନେକ୍ ପ୍ରାସଙ୍ଗିକ ଭିନ୍ନତା କ୍ରିୟା ବିଦ୍ୟମାନ ର କାଳ କୁ ସଂବଦ୍ଧିତ କରେ।

**୧:୨୭ "ତାହାଙ୍କ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ"** – ଏହା ଏପରି ଦର୍ଶାଏ କି ଯେମିତି ଜଣେ ଦାସଙ୍କ କାର୍ଯ୍ୟ ତାଙ୍କ ମାଲିକ ଗୃହରେ ପ୍ରବେଶ କରିବା ପରେ ତାଙ୍କର ପାଦୁକା କୁ ଖୋଲି ଉଚିତ୍ ସ୍ଥାନରେ ରଖିବା। (ନିଚଭାବକୁ ଦର୍ଶାଉଛି, ସବୁଠାରୁ ନିଚ କର୍ମ ଦାସ କରିଥାଏ)। ରବିଆନିକ୍ ଯୁଡ଼ାଏଜସ୍ କହେ କି ରବିଙ୍କର ଶିଷ୍ୟମାନେ ସବୁକିଛି କରିବାର ଇଛା ରଖିବା ଦରକାର ଯେମିତି ଜଣେ କ୍ରିତଦାସ ପାଦୁକା ଖୋଲିବା ଛାଡ଼ିଦେଲେ ସବୁ କିଛି କରିବାକୁ ଇଛାପ୍ରକାଶ କରିଥାଏ। ଏହା ମଧ୍ୟ ପାଦୁକା ଖୋଲିବାର ଏକ ଅବର୍ଣ୍ଣନିୟ ଅଭିପ୍ରାୟ ଏବଂ ତାକୁ ଉଚିତ୍ ସ୍ଥାନରେ ରଖିବା। ଏହା ଅତ୍ୟଧିକ ନମ୍ରତା ର ଶବ୍ଦମାଳା ଅଟେ।

**୧:୨୮ "ବେଥନିଆ"** - କିଙ୍ଗ ଜେସସ୍ ଭାଷାନ୍ତର ଏହାକୁ "ବେଥବାର" ବୋଲି ଲେଖିଅଛି। ଓରେଗେନ୍ ସହରର ସ୍ଥାନକୁ ଭୁଲ ବୁଝିବା ହେତୁ କେଜେଭିର ଅନୁବାଦକ ମାନେ ଏପରି କଲେ। ଏହାର ସଠିକ୍ ଉଚ୍ଚାରଣ ବା ଅଧ୍ୟୟନ ବେଥନିଆ - ଦକ୍ଷିଣପୂର୍ବ ଯିରୁଶାଲମ୍‌ର ନୁହେଁ (୧୧:୧୮), କିନ୍ତୁ ସମୁଦାୟ ଯିରିହୋ ସହରରୁ ସମୁଦାୟ ଯର୍ଦନ ନଦୀରୁ (ପୂର୍ବାଞ୍ଚଳ)।

ଏନ୍‌ଏଏସ୍‌ବି ବାକ୍ୟ : ୧:୨୯-୩୪

**ତହିଁ ଆରଦିନ ସେ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବା ଦେଖି କହିଲେ, "ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯିଏ ଜଗତର ପାପ ବହିନେଇଯାଆନ୍ତି"। ୩୦ "ମୋ ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇଅଛନ୍ତି। କାରଣ ସେ ମୋର ପୂର୍ବରେ ଥିଲେ। ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି" ୩୧ "ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି। କିନ୍ତୁ ସେ ଯେପରି ଇସ୍ରାଏଲ ନିକଟରେ ପ୍ରକାଶିତ ହୁଅନ୍ତି, ଏଥି ସକାଶେ ମୁଁ ଜଳରେ ବାପ୍ତିସ୍ମ ହେବାକୁ ଆସିଅଛି।" ୩୨ ଆଉ, ଯୋହନ୍ ସାକ୍ଷ୍ୟ ଦେଇ କହିଲେ, "ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା ଦେଖିଅଛି, ଆଉ ସେ ତାହାଙ୍କ ଉପରେ ଅବସ୍ଥାନ କଲେ।" ୩୩ "ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନଥିଲି, ମାତ୍ର ଯେ ମୋତେ ଜଳରେ ବାପ୍ତିସ୍ମ ଦେବାକୁ ପଠାଇଲେ, ସେ ମୋତେ କହିଲେ , ଯାହାଙ୍କ ଉପରେ ଆତ୍ମା ଙ୍କୁ ଅବତରଣ ଓ ଅବସ୍ଥାନ କରିବା ଦେଖିବ, ଯେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦିଅନ୍ତି, ସେ ସେହି ବ୍ୟକ୍ତି" ୩୪ ଆଉ, "ମୁଁ ତାହା ଦେଖିଅଛି ଓ ସେ ଈଶ୍ୱରଙ୍କ ପୁତ୍ର ବୋଲି ସାକ୍ଷ୍ୟ ଦେଇଅଛି"।**

**୧-୨୯ "ଆଉ ଦେଖ, ଈଶ୍ୱରଙ୍କ ମେଷଶାବକ"** ନିସ୍ତାର ପର୍ବ ସନ୍ନିକଟ ହୋଇଥିଲା (୨:୧୩), ତେଣୁ, ହୋଇପାରେ ଏହା ସଙ୍କେତ ଦେଉଛନ୍ତି କି ସେ ଏହି ମେଷଶାବକ ଯିଏ ମିଶରରୁ ଉଦ୍ଧାର କରିଅଛନ୍ତି (ଯାତ୍ରା-୧୨)। ଯୋହନ ମଧ୍ୟ ଯୀଶୁଙ୍କର ମୃତ୍ୟୁ କୁ ସେହି ଦିନରେ ହୋଇଥିବା ସ୍ଥାପିତ କରୁଛନ୍ତି ଯେଉଁ ଦିନରେ ନିସ୍ତାର ପର୍ବର ମେଷଶାବକ ବଳିକୃତ ହୋଇଥିଲା (ପ୍ରସ୍ତୁତି ଦିନ)। ଯେପରିକି, ଏଠାରେ ଅନ୍ୟ ଏକ ଭାଷାନ୍ତର ଅଛି :

୧. ଏହା ତାଡ଼ନାପ୍ରାପ୍ତ ମେଷଶାବକକୁ ଦର୍ଶାଇ ପାରେ, ଯିଶା – ୫୩:୭

୨. ହୋଇପାରେ ଏହା ବୁଦାର ଲତାରେ ବନ୍ଧାଯାଇଥିବା ମେଷକୁ ଦର୍ଶାଏ - ଆଦି ୨୨.୮

୩. ହୋଇପାରେ ଏହା "ନିତ୍ୟନିତ୍ୟ" ପ୍ରତିଦିନ ମନ୍ଦିରରେ ବଳି ଉତ୍ସର୍ଗକୁ ଦର୍ଶାଏ -
(ଯାତ୍ରା ୨୯.୩୮-୪୬)

ଯେ କୌଣସି ନିର୍ଦ୍ଧିଷ୍ଟ ସମ୍ମୀଳନ ହେଉନା କାହିଁ କି, ବଳି ଉତ୍ସର୍ଗ ନିମନ୍ତେ ହିଁ ସେହି ମେଷଶାବକ ପ୍ରେରିତ ହୋଇଥିଲେ (ମାର୍କ ୧୦-୪୫) ... ଯୀଶୁଙ୍କର ଏହି ବଳିଯୋଗ୍ୟ ମୃତ୍ୟୁ ନିମନ୍ତେ କେବେ ହେଲେ ଏହି ଶକ୍ତିଶାଳୀ ବାକ୍ୟ ପାଉଲଙ୍କ ଦ୍ୱାରା ବ୍ୟବହାର କରାଯାଇ ଯହିଁ ମାତ୍ର କେବଳ ଥରେ ଆଉ କ୍ୱଚିତ୍ ଯୋହନଙ୍କ ଦ୍ୱାରା ବ୍ୟବହୃତ ହୋଇଛି (୧:୨୯, ୩୬; ପ୍ରେରିତ-୮:୩୨ ଏବଂ ୧ ପିତର-୧:୧୯)। ଛୋଟ ମେଷଶାବକ ନିମନ୍ତେ ଗ୍ରୀକ୍ ଶବ୍ଦ (ଛୋଟ କାରଣ ଏହା କେବଳ ଏକ ବର୍ଷ ବୟସର, ବୋଧଯୋଗ୍ୟ ବଳିର ସ୍ୱାଭାବିକ ବୟସ)। ଯୋହନ୍-୨୧:୧୫ ରେ ଯୋହନ୍‌ଙ୍କ ଦ୍ୱାରା ଏକ ଭିନ୍ନ ପ୍ରକାର ଶବ୍ଦ ପ୍ରୟୋଗ କରାଗଲା ଏବଂ ପ୍ରକାଶିତ ବାକ୍ୟରେ ଅଠେଇଶ ଥର ପ୍ରୟୋଗ କରାଗଲା।

ବାପ୍ତିଜକ ଯୋହନଙ୍କ ଏହି ବାକ୍ୟର କଳ୍ପନା ପଛେରେ ଗୋଟିଏ କାରଣ ହୋଇପାରେ : ପୁରାତନ ଏବଂ ନୂତନ ନିୟମ ମଧ୍ୟରେ ଅନ୍ତରାଳରେ ଯେଉଁ ଭବିଷ୍ୟାତ୍ମକ ସାହିତ୍ୟ ହୋଇଥିଲା। ସେଠାରେ ମେଷଶାବକ ବିଜୟଶୀଳ ଯୋଦ୍ଧା ଅଟନ୍ତି। ବଳିର ବିଚାର ଏବେ ମଧ୍ୟ ସ୍ଥାୟୀ ଅଟେ, କିନ୍ତୁ ମେଷଶାବକ ଭବିଷ୍ୟତରେ ବିଚାରକର୍ତ୍ତା ହେବା ପୂର୍ବରୁ ହିଁ ତୟ ଅଟେ (ପ୍ରକାଶିତ -୫:୫-୬, ୧୨-୧୩)।

❑ "ଯିଏ ଜଗତର ପାପ ବହିନେଇ ଯାଆନ୍ତି" - ଶବ୍ଦ "ବହିନେଇଯାଆନ୍ତି"ର ଅର୍ଥ "ଉଠାଇ ନେବା ବା ନେଇକି ଯିବା।" ଏହି କ୍ରିୟା ଲେବୀୟ ବ୍ୟବସ୍ଥାର ୧୬ ଅଧ୍ୟାୟର ବଳି ଯୋଗ୍ୟ ମେଷର ବିଚାର ସହିତ ସଦୃଶ ଅଟେ। ଏଠାରେ ବାସ୍ତବିକ ବିଷୟ ହେଲା ଦର୍ଶାଯାଇଥିବା ବିଶ୍ୱର ପାପ ମେଷଶାବକଙ୍କ କାର୍ଯ୍ୟର ବିଶ୍ୱସ୍ତରୀୟ ଗୁଣକୁ ଦର୍ଶାଏ। ଦେଖନ୍ତୁ କି ପାପ ଏକ ବଚନ, ବହୁ ବଚନ ନୁହେଁ। ଯୀଶୁ ଜଗତର ପାପ ର ସମସ୍ୟା ସହିତ ବିତରଣ କଲେ।

**୧:୩୦ "କାରଣ ସେ ମୋର ପୂର୍ବରେ ଥିଲେ"** - ଏହାର ମହତ୍ୱ ନିମନ୍ତେ ଏହା ପଦ ୧୫ ର ପୁନରାବୃତ୍ତି। ଏହା ଖ୍ରୀଷ୍ଟଙ୍କ ପୂର୍ବ ଅସ୍ତିତ୍ୱ ଏବଂ ଈଶ୍ୱରୀୟତାର ଅନ୍ୟ ଏକ ମହତ୍ୱ (୧:୧;୧୫;୮:୫୮;୧୬:୨୮:୧୭:୫, ୨୪; ୨ କରନ୍ତିୟ-୮:୯; ଫିଲିପପ୍ -୨:୬-୭; କଲିସିୟ- ୧:୧୭; ଏବ୍ରୀ-୧:୩)।

**୧:୩୧ ସେ ଯେପରି ଇସ୍ରାଏଲ ନିକଟରେ ପ୍ରକାଶିତ ହୁଅନ୍ତି** - ଏହା ଯୋହନଙ୍କର ଏକ ସାଧାରଣ ବାକ୍ୟ ଅଟେ (୨:୧୧ ; ୩:୨୧ ; ୭:୪ ; ୯:୩ ; ୧୭:୬ ; ୨୧:୧୪ ; ୧ ଯୋହନ୍-୧:୨ ; ୨:୯, ୨୮;୩:୨, ୫, ୮;୪:୯), କିନ୍ତୁ ସମାନ୍ତର ସୁସମାଚାର ରେ ଏହା କ୍ୱଚିତ୍ ଓ ମାର୍କ -୪:୨୨ ରେ କେବଳ ଏହାର ଉଲ୍ଲେଖ। ଏବ୍ରୀ ଶବ୍ଦ "ଜାଣିବା" ର ଏହା ଏକ ନାଟକ ଯାହାକି କାହାର ବାସ୍ତବିକତାରୁ ଅଧିକ ବ୍ୟକ୍ତିଗତ ସହଭାଗିତା ବିଷୟରେ କୁହେ। ଯୋହନଙ୍କ ବାପ୍ତିସ୍ମର ଦୁଇଟି ଉଦ୍ଦେଶ୍ୟ (୧) ଲୋକମାନଙ୍କୁ ପ୍ରସ୍ତୁତ କରିବା (୨) ଖ୍ରୀଷ୍ଟ ଙ୍କୁ ପ୍ରକାଶ କରିବା। ଯୋହନଙ୍କ ଲିଖନରେ କ୍ରିୟା "ପ୍ରଗଟ" (ଫାନେରୋ) "ପ୍ରକାଶ"କୁ ପ୍ରତିସ୍ଥାପନ କରିବା ଦେଖାଯାଏ। ଯୀଶୁ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ଏବଂ ବାକ୍ୟକୁ ସ୍ୱଷ୍ଟ ଭାବେ ଜ୍ୟୋତି / ଦୃଷ୍ଟିକୁ ଆଣୁଅଛନ୍ତି।

**୧:୩୨-୩୩-** ଯୋହନ୍ ଯୀଶୁଙ୍କ ଉପରେ ଆତ୍ମା ଅବତରଣ କରିବା ଓ ଅବସ୍ଥାନ କରିବା ଦେଖିବାର ସତ୍ୟତାର ତିନୋଟି ମହତ୍ୱପୂର୍ଣ୍ଣ ବିଷୟ ଅଛି।

**୧:୩୨- "ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା"** - ଏହା ଯିଶାୟଙ୍କ (୪୦-୬୬ ଅଧ୍ୟାୟ) ଖ୍ରୀଷ୍ଟଙ୍କୁ ଚିହ୍ନିବାର ମାଧ୍ୟମ (ଯିଶା ୪୨:୧, ୫୯:୨୧;୬୧:୧)। ଏହାର ଅର୍ଥ ଏହା ନୁହେଁ କି ଏଥି ପୂର୍ବେ ଯୀଶୁଙ୍କ ଉପରେ ଆତ୍ମା ନଥିଲେ। ଏହା ଈଶ୍ୱରଙ୍କ ବିଶେଷ ମତ ଏବଂ ପ୍ରଗତିର ଏକ ଚିହ୍ନ ଥିଲା। ଏହା ପ୍ରାଥମିକ ରୂପେ ଯୀଶୁଙ୍କ ନିମନ୍ତେ ନ ଥିଲା କିନ୍ତୁ ବାପ୍ତିଜକ ଯୋହନଙ୍କ ନିମନ୍ତେ ଥିଲା।
ଯିହୁଦିଙ୍କ ପାଖେ ଦୁଇ ଯୁଗ ବିଷୟରେ ବିଶ୍ୱବିଚାର ଥିଲା। (ବିଶେଷ ଶୀର୍ଘ-୧ ଯୋହନ୍ ୨:୧୭), ବର୍ତ୍ତମାନର ମନ୍ଦ ଯୁଗ ଏବଂ ଭବିଷ୍ୟତର ଧାର୍ମିକ ଯୁଗ। ନୂତନ ଯୁଗ ଆତ୍ମାଙ୍କ ଯୁଗ କୁହାଯାଏ। ଏହି ଦର୍ଶନ ବାପ୍ତିଜକ ଯୋହନଙ୍କୁ କୁହାଯାଇ ଥାଇ ପାରେ। (୧) ଏ ମସୀହ ଅଟନ୍ତି ଏବଂ (୨) ନୂତନ ଯୁଗର ପ୍ରଭାତ ହୋଇଛି।

❑ "କପୋତ" - ଏହା ଏପରି ବ୍ୟବହୃତ ହୋଇଥିଲା-

୧. ଇସ୍ରାଏଲ ମାନଙ୍କ ପାଇ ରବିୟ ସଂକେତ (ହୋଶେୟ- ୭:୧)

୨. ଆତ୍ମାରୂପରେ ଯେମିତି ଗୋଟିଏ ନାରୀ ପକ୍ଷୀ ସୃଷ୍ଟି ଉପରେ "ବ୍ୟାପ୍ତ" ଅଛି।

୩. ଭାଷା ବିଜ୍ଞାନରେ ଜ୍ଞାନର ଏକ ସଂକେତ।

୪. ଆତ୍ମାଙ୍କ ଆବରଣ କରିବାର ଶୈଳିକୁ ଦର୍ଶାଇବା ନିମନ୍ତେ ପ୍ରୟୋଗ କରାଗଲା।

(ଆତ୍ମା ପକ୍ଷୀ ନୁହନ୍ତି)।

❑ **"ଅବସ୍ଥାନ କଲେ"** - ଦେଖନ୍ତୁ ବିଶେଷ ଶୀର୍ଷ : ୧ ଯୋହନ୍-୨:୧୦ ଅନୁସାରେ ;ଯାହନଙ୍କ ଲିଖନ "ସ୍ଥାୟୀ ହୋଇ ରହିବା।"

**୧:୩୩ - "ମୁଁ ତାହାଙ୍କୁ ଚିହ୍ନିଲି ନାହିଁ"** - ଏଠାରେ କୁହାଯାଏ କି ବାପ୍ତିଜକ ଯୋହନ୍ ଯୀଶୁଙ୍କୁ ଖ୍ରୀଷ୍ଟ ରୂପରେ ଜାଣି ପାରିଲେ ନାହିଁ, ଏହାର ଅର୍ଥ ନୁହେଁ କି ସେ ତାଙ୍କୁ କଦାପି ଜାଣି ନାହାନ୍ତି। ସଂପର୍କିୟ ରୂପେ ନିଶ୍ଚୟ ସେମାନେ ଆଗାମି ବର୍ଷ ଗୁଡ଼ିକରେ ପରିବାରରେ ବା ଧାର୍ମିକ ସଭାରେ ମିଶିଥାଇ ପାରନ୍ତି।

❑ **"ଯେ ମୋତେ ଜଳରେ ବାପ୍ତିସ୍ମ ଦେବାକୁ ପଠାଇଲେ, ସେ ମୋତେ କହିଲେ"** - ଯେଉଁ ପ୍ରକାରେ ଈଶ୍ୱର ପୁରାତନ ନିୟମର ଅନ୍ୟ ଭାବବାଦୀ ମାନଙ୍କୁ କହିଲେ ସେହି ପ୍ରକାରେ ଯୋହନ୍ନୁ ଙ୍କୁ କହିଲେ। ଏହି ବାପ୍ତିସ୍ମର ବିଶେଷ କାର୍ଯ୍ୟ ଦ୍ୱାରା ଯୋହନ ଖ୍ରୀଷ୍ଟଙ୍କୁ ଚିହ୍ନିବାର ଥିଲା।

ଯୋହନଙ୍କ ବାପ୍ତିସ୍ମ ଏକ ଧାର୍ମିକ ଅଧିକାର କୁ ପ୍ରତିସ୍ମୃତି ଦେଇଥାଏ। ଯିରୁଶାଲୋମ ର ଅଧିକାରୀ ପ୍ରତିନିଧି ଦଳ (ପଦ-୧୯-୨୮) ଏହି ଅଧିକାର ପ୍ରାପ୍ତର ସ୍ରୋତ ବିଷୟରେ ଜାଣିବାକୁ ଚାହିଁଲେ। ବାପ୍ତିଜିକ ଯୋହନ୍ ଯୀଶୁଙ୍କୁ ସେହି ଅଧିକାରର ବିଶେଷତା ପ୍ରଦାନ କରୁଅଛନ୍ତି। ଯୋହନଙ୍କ ଜଳରେ ବାପ୍ତିସ୍ମ ଠାରୁ ଯୀଶୁଙ୍କର ଆତ୍ମାରେ ବାପ୍ତିସ୍ମ ଉତ୍ତମ ଅଟେ। ଯୀଶୁଙ୍କର ଜଳରେ ନିଜର ବାପ୍ତିସ୍ମ ଆତ୍ମାରେ ବାପ୍ତିସ୍ମର ଏକ ଚିହ୍ନ ହୋଇଥାଏ। ଯାହାକି ନୂତନ ଯୁଗରେ ପ୍ରବେଶ।

❑ "ଯେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦିଅନ୍ତି, ସେ ଏହି ବ୍ୟକ୍ତି" - ଏହି କଥନ -୧କରିନ୍ଥିୟ ୧୨:୧୩ ଅନୁସାରେ ପ୍ରାଥମିକ ରୂପରେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ପରିବାରରେ ସାମିଲ ହେବା ଦର୍ଶାଇ ଥାଏ। ଆତ୍ମା ପାପ ବିଷୟ ଦୋଷି କରିଥାଏ, ଖ୍ରୀଷ୍ଟ ଙ୍କୁ ସ୍ନେହ ମମତା ଦେଇଥାଏ, ଖ୍ରୀଷ୍ଟରେ ବାପ୍ତିସ୍ମ ଦେଇଥାନ୍ତି, ଏବଂ ନୂତନ ବିଶ୍ୱାସୀ ମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କୁ ଉତ୍ପନ କରିଥାନ୍ତି (ଯୋହନ୍ - ୧୬:୮-୧୩) ଦେଖନ୍ତୁ ବିଶେଷ ଶୀର୍ଷ, ପବିତ୍ର ପୁରୁଷ ୧ ଯୋହନ-୨:୨୦ ରେ।

**୧:୩୪ – "ମୁଁ ତାହା ଦେଖିଅଛି ବୋଲି ସାକ୍ଷ୍ୟ ଦେଇଅଛି"** - ଏହା ସେହି କର୍ମ ବିଷୟରେ କହୁଅଛି ଯାହା ଅତିତ କର୍ମ ପୂର୍ଣ୍ଣ ହୋଇ ବର୍ତ୍ତମାନ ତାହା ନିରନ୍ତର ହେଉଅଛି। ଏହା ୧ ଯୋହନ-୧:୧୪ ସହିତ ଅତି ସମଂଜସ ଅଟେ।

❑ **"ସେ ଈଶ୍ୱରଙ୍କ ପୁତ୍ର"** - ଆଶ୍ଚର୍ଯ୍ୟର କଥା ଏହା କି ଯଦି ଗ୍ରୀକ୍ ଶବ୍ଦ ପାଇଅସ୍ ଯାହା ସାଧାରଣତଃ "ଦାସ" ବୋଲି ଅନୁବାଦ କରାଯାଏ, ତାହା LXX ରେ ଏବ୍ରୀ ପ୍ରତିଫଳନ କରୁଅଛି, ଏହା "ପୁତ୍ର" ନିମନ୍ତେ ପୃଷ୍ଠଭୂମି ମଧ୍ୟ ହୋଇପାରେ। ଯଦି ଏହା ସତ, ତେବେ ଯିଶାୟ -୫୩, ଦାନିଏଲ୍ -୭:୧୩ ନିମନ୍ତେ ପୁରାତନ ନିୟମର ଏକ ସଂକେତ। ଯୀଶୁ ଉଭୟ ପୁତ୍ର ଏବଂ ଦାସ ଅଟନ୍ତି । ସେ ବିଶ୍ୱାସୀମାନଙ୍କୁ "ସନ୍ତାନ" ରୂପରେ ବଦଳାଇବେ, ଦାସ ରୂପରେ ନୁହେଁ।

ଯୋହନ୍-୧:୪୯ ରେ ଠିକ୍ ଏହି ପଦ ଶୀର୍ଷ ନିଥନିୟେଲ ଙ୍କ ଦ୍ୱାରା ବ୍ୟବହାର କରାଗଲା। ମାଥିଉ – ୪:୩ରେ ଏହା ଶୟତାନ ଦ୍ୱାରା ମଧ୍ୟ ବ୍ୟବହାର କରାଗଲା।

ଏସ୍ଏସ୍ଏସ୍ପି ୫ ଏବଂ ଏନ୍ ରେ ଏକ ରୋଚକ ଗ୍ରୀକ୍ ହସ୍ତ ଲେଖାର ଭିନ୍ନତା ମିଳୁଅଛି, ଯେଉଁଥିରେ "ଈଶ୍ୱରଙ୍କ ପୁତ୍ର" ବଦଳରେ "ଈଶ୍ୱରଙ୍କ ମନୋନୀତ" କୁହାଯାଏ। "ଈଶ୍ୱରଙ୍କ ପୁତ୍ର" ବାକ୍ୟଟି ଯୋହନଙ୍କ ଲିଖନରେ ସାଧାରଣ ଅଟେ। ଯଦି କେହି ପ୍ରାସଙ୍ଗିକ ସମୀକ୍ଷାର ବିଚାରାଧିନ ସିଦ୍ଧାନ୍ତକୁ ପାଳନ କରେ, ତେବେ ସେହି ଶୈଳିହୀନ ଏବଂ ଅସାଧାରଣ ବାକ୍ୟ ବୋଧହୁଏ ଅସଲି ତାହା ହେଲେ ଯଦିବା ହସ୍ତଲେଖା ସାକ୍ଷ୍ୟ ସୀମିତ ତଥାପି ସେଥିରେ ଏକାନ୍ତର ଅନୁବାଦର ସମ୍ଭାବନା ଅଛି। ଗୋରଡ଼ନ୍ ଫି ତାଙ୍କ ଲିଖନିରେ ଏହି ପ୍ରାସଙ୍ଗିକ ଭିନ୍ନତା କୁ ଆଲୋଚନା କରୁଅଛନ୍ତି। "ଦି ଟେକ୍ସଟୁଅଲ କ୍ରିଟିସିଜସ୍ ଅଫ୍ ଦି ନିଉ ଟେଷ୍ଟାମେଣ୍ଟ" ପୃ-୪୧୯-୪୩୩, ଦି ଏକ୍ସପୋଜିଟୋରସ୍ ବାଇବଲ୍ କମେଣ୍ଟରି ର ପ୍ରସ୍ତାବନା ସଂବନ୍ଧି ପୁସ୍ତକରେ।

ଯୋହନ୍ - ୧:୩୪, ରେ କଣ ବାପ୍ତିଜକ ଯୋହନ୍ ଏହି ପ୍ରକାର କହିଲେ, ସେ ଈଶ୍ୱରଙ୍କ ପୁତ୍ର (କେଜେଭି, ଆର୍ଏସ୍ଭି) କିମ୍ବା "ସେ ଈଶ୍ୱରଙ୍କ ମନୋନିତ" (ଏନ୍ଇବି, ଜେବି) ? ଏମ୍ଏସ୍ ର ପ୍ରମାଣ ବିଭାଜନ କରାଗଲା, ଏପରିକି ପୂର୍ବର ବାକ୍ୟ ନମୁନା ମଧ୍ୟରେ ମଧ୍ୟ।

ପ୍ରଶ୍ନଟି ପରିଶେଷରେ ଆନ୍ତରିକ ପୃଷ୍ଠରେ ନିଷ୍ପତି କରାଯିବା ଉଚିତ୍। ଯେପରି ପ୍ରତିଲିପି ଅଧିକାଂଶରେ, ଗୋଟିଏ କଥା ସ୍ପଷ୍ଟ କି :ଭିନ୍ନତା ଜାଣିବୁଝି କରାଯାଇଛି। ଅକସ୍ମାତ୍ ନୁହେଁ (ବାର୍ଟ ଡ଼ି.ଏରମ୍ୟାନଙ୍କ ନି ଅର୍ଥୋଡ଼ୋକ୍ସ କରପ୍ସନ୍ ଅଫ ସ୍କ୍ରିପରେ, ପୃ-୬୯-୭୦), କଣ ଦ୍ୱିତୀୟ ଶତାଦ୍ଦିର ଲିଖନ ଗ୍ରହଣ କରାଯାଇଥିବ। ଖ୍ରୀଷ୍ଟ ଶାସ୍ତ୍ରକୁ ସାହାଯ୍ୟ କରିବା ନିମନ୍ତେ ବାକ୍ୟକୁ ପରିବର୍ତ୍ତନ କଲା କିମ୍ବା କଣ କଠୋରପନ୍ଥୀ ଲିଖନ କହେ କି "ଏକ ମନୋନିତ" ପଦବିଟି ସ୍ୱିକୃତୀପ୍ରାପ୍ତ କୁ ସହାୟତା କରିବାରେ ବ୍ୟବହାର କରାଯାଇପାରେ, ତେଣୁ ଏହା କଠୋରପନ୍ଥୀ କାରଣରୁ ପରିବର୍ତ୍ତନ କରନ୍ତୁ ? ସାମ୍ଭାବ୍ୟ ଅନୁସାରେ, ପତ୍ରଟି ଅଧିକାଂଶ ଭାବେ ଏପରି ଦେଖାଯାଏ, ବିଶେଷତଃ "ପୁତ୍ରି" ଶବ୍ଦଟି ପୂର୍ଣ୍ଣ ସୁସମାଚାରରେ ସ୍ୱିକୃତୀ ବିଚାରଧାରା କୁ ପ୍ରାପ୍ତ କରିବାରେ ପରିବର୍ତ୍ତନ ହୋଇନାହିଁ।

କିନ୍ତୁ ଶେଷ ନିଷ୍ପତିଟି ଗଦ୍ୟାଂଶ କୁ ସମ୍ମିଳିତ କରିବା ଉଚିତ୍।ବାପ୍ତିଜକ ଯୋହନ୍ ଯାହା କହିଲେ ତାହା ସଂପୂର୍ଣ୍ଣ ନିଶ୍ଚିନ୍ତ ଓ ଖ୍ରୀଷ୍ଟିୟତା ନିମନ୍ତେ ଜାଣିବୁଝି କହିଲେ ଏବଂ ଖ୍ରୀଷ୍ଟିଆନ୍ ଧର୍ମଶାସ୍ତ୍ର ନିମନ୍ତେ ବ୍ୟାଖ୍ୟା ନୁହେଁ। ଏଠାରେ ପ୍ରଶ୍ନ ଉଠେ କି ଏହା ଗୀତ-୨:୭ କିମ୍ବା ଯିଶା- ୪୨:୧ ର ବାକ୍ୟରୁ ଖ୍ରୀଷ୍ଟତ୍ୱକୁ ପ୍ରତିପାଦନ କରୁଛି କି ନାହିଁ। ତାଡ଼ନାର ଦୃଷ୍ଟିକୋଣରେ ବା ଯୋହନ୍ ୧:୨୯ ର ମେଷଶାବକ ଚିନ୍ତାଧାରା ଅନୁସାରେ, ଏହି ନିଶ୍ଚିନ୍ତ ଭାବେ ତର୍କନୀୟ ଅଟେ କି ଏକ ମନୋନିତ ସୁସମାଚାରର ପ୍ରକରଣ ରେ ଅନୁକୂଳ ଅଟେ। (ପୃ - ୪୩୧- ୪୩୨)।

**ଏନ୍ଏଏସ୍ବି ବାକ୍ୟ : ୧:୩୫-୪୨**

**୩୫ ତହିଁ ଆରଦିନ ପୂନର୍ବାର ଯୋହନ ଓ ତାହାଙ୍କ ଶିଷ୍ୟ ମାନଙ୍କ ମଧ୍ୟରୁ ଦୁଇଜଣ ଠିଆ ହୋଇଥିଲେ। ୩୬ ଆଉ, ସେ ଯୀଶୁଙ୍କୁ ସେହି ବାଟ ଦେଇ ଯାଉଥିବା ଦେଖି ତାହାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ। ୩୭ ସେହି ଦୁଇ ଜଣ ଶିଷ୍ୟ ତାହାଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଗଲେ। ୩୮ ଯୀଶୁ ବୁଲିପଡି ସେମାନଙ୍କୁ ପଛେ ପଛେ ଆସୁଥିବା ଦେଖି ପଚାରିଲେ, ତୁମ୍ଭେମାନେ କଣ ଖୋଜୁ ଅଛ ? ସେମାନେ ତାହାଙ୍କୁ ପଚାରିଲେ, ରାବବ୍ୀ (ଅନୁବାଦ କଲେ ଏହାର ଅର୍ଥ ଗୁରୁ), ଆପଣ କେଉଁଠାରେ ରୁହନ୍ତି ? ୩୯ ସେ ସେମାନଙ୍କୁ କହିଲେ, ଆସ, ଦେଖିବ। ସେଥିରେ ସେମାନେ ଯାଇ ତାହାଙ୍କ ବସା ଦେଖିଲେ, ପୁଣି ସେହି ଦିନ ତାହାଙ୍କ ସାଙ୍ଗରେ ରହିଲେ, ସେତେବେଳେ ସକାଳ ପ୍ରାୟ ଦଶ ଘଣ୍ଟା ହୋଇଥିଲା। ୪୦ ଯେଉଁ ଦୁଇଜଣ ଯୋହନଙ୍କ କଥା ଶୁଣି ଯୀଶୁଙ୍କ ପଛେ ପଛେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିମୋନ୍ ପିତରଙ୍କ ଭାଇ ଆନ୍ଦ୍ରିୟ ଥିଲେ। ୪୧ ସେ ପ୍ରଥମେ ଆପଣା ଭାଇ**

**ଶିମୋନ୍‌ଙ୍କ ଦେଖା ପାଇ ତାହାଙ୍କୁ କହିଲେ, ଆମ୍ଭେମାନେ ମଶୀହଙ୍କର (ଅନୁବାଦ କଲେ ଏହି ନାମର ଅର୍ଥ ଖ୍ରୀଷ୍ଟ) ଦେଖା ପାଇଅଛୁ। ୪୨ ସେ ତାଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ। ଯୀଶୁ ତାଙ୍କୁ ଏକ ଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ। ତୁମ୍ଭେ କେ'ା (ଅନୁବାଦ କଲେ ଏହାର ଅର୍ଥ ପିତର) ନାମରେ ଖ୍ୟାତ ହେବ।**

**୧:୩୫ "ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଦୁଇ ଜଣ"** - ଏହି ଦୁଇଜଣ ଶିଷ୍ୟଙ୍କର ଆହ୍ୱାନ ମାର୍କ - ୧:୧୬-୨୦ ରେ ଏକ ଭିନ୍ନ ରୂପରେ ଦେଖାଯାଏ। ଏହା ନିଶ୍ଚିନ୍ତ ଅନୁମାନ ନାହିଁ। ଯୀଶୁ ସେମାନଙ୍କୁ ଆହ୍ୱାନ କରିବା ପୂର୍ବେ ସେ ଦୁହିଁଙ୍କ ସହିତ ତାହାଙ୍କର କେତେ ପୂର୍ବ ଘନିଷ୍ଟତା ଥିଲା। ଯୀଶୁଙ୍କ ସମୟରେ କାହାକୁ ରବ୍‌ବୀଙ୍କ ଶିଷ୍ୟ ହେବା ନିମନ୍ତେ ବିଶେଷ ଶୃଙ୍ଖଳା ର ବୁଭିନ୍ନ ପ୍ରଣାଳୀରେ ହୋଇ ଯିବାକୁ ପଡୁଥିଲା। ଯୀଶୁଙ୍କ ସମୟରେ ରବ୍‌ବୀଙ୍କର ପୂର୍ଣ୍ଣ ସମୟ ଅନୁକାରୀ ହେବା ନିମନ୍ତେ ଏକ ବିଶେଷ ଶୃଙ୍ଖଳାର ସ୍ତରରେ ସାମିଲ ହେବାକୁ ପଡୁଥିଲା। ସେହି ପ୍ରଣାଳୀର ଉଲ୍ଲେଖ ରବ୍‌ବୀ ପୁସ୍ତକରେ ଦିଆଯାଇଅଛି କିନ୍ତୁ ତାହା ସୁସମାଚାରରେ ସଠିକ୍ ରୂପେ ଦିଆ ଯାଇ ନାହିଁ। ଯେଉଁ ଦୁଇ ଶିଷ୍ୟଙ୍କର ନାମ ଦିଆଯାଇଛି ସେମାନେ ହେଲେ ଆନ୍ଦ୍ରୀୟ (ପଦ-୪୦) ଏବଂ ପ୍ରେରିତ ଯୋହନ (ଯିଏ ସୁସମାଚାରରେ ନିଜର ନାମକୁ ଉଲ୍ଲେଖ କରିନାହାନ୍ତି)।

ଶିଷ୍ୟ ଶବ୍ଦର ଅର୍ଥ ଏପରି ହୋଇପାରେ (୧) ଶିଖୁଥିବା କିମ୍ବା (୨) ଅନୁକାରୀ ପ୍ରତିଜ୍ଞାତ ଯିହୁଦୀ ମଶୀହ ରୂପରେ ଯୀଶୁ ଖ୍ରୀଷ୍ଟରେ ଏହା ବିଶ୍ୱାସିମାନଙ୍କ ନିମନ୍ତେ ପୂର୍ବ ନାମ ଥିଲା। ନୂତନ ନିୟମ ଶିଷ୍ୟର କାମନା କରୁଛି, ନା ହିଁ କେବଳ ନିଷ୍ପତି (ମାଥିଉ-୧୩;୨୮:୧୮-୨୦)। ଖ୍ରୀଷ୍ଟିୟତା ଏକ ନିଷ୍ପତି (ଅନୁତାପ ଏବଂ ବିସ୍ୱାସ) ରୁ ଆରମ୍ଭ ହୋଇ ନିରନ୍ତର ରହୁଥିବା ଆଜ୍ଞାକାରୀତା ଏବଂ ଧୈର୍ଯ୍ୟର ନିର୍ଣ୍ଣୟ ଅଟେ। ଖ୍ରୀଷ୍ଟିୟତା ଏକ ଅଗ୍ନି ବିମା ନିଗମ ନୁହେଁ କିମ୍ବା ସ୍ୱର୍ଗକୁ ଯିବାର ଟିକଟ ନୁହେଁ, ମାତ୍ର ଯୀଶୁଙ୍କ ସହିତ ଏକ ପ୍ରତିଦିନର ଦାସ / ମିତ୍ରର ସଂବନ୍ଧ ଅଟେ।

**୧:୩୭ - "ସେହି ଦୁଇଜଣ ଶିଷ୍ୟ ତାହାଙ୍କ କଥା ଶୁଣିଲେ"** - ବାପ୍ତିଜକ ଯୋହନ୍ ଆପଣା ଠାରୁ ଅଧିକ ଯୀଶୁଙ୍କ ଆଡ଼କୁ ନିର୍ଦ୍ଦେଶ କଲେ (୩:୩୦)।

**୧:୩୮ - "ରବ୍‌ବୀ"** (ଅନୁବାଦ କଲେ ଏହାର ଅର୍ଥ ଗୁରୁ) - ଯାହା ମୋଶାଙ୍କ ବ୍ୟବସ୍ଥା ଏବଂ ମୌଖିକ ପରମ୍ପରା (ତାଲମୁଦ୍) ର ପ୍ରଭାବ ଏବଂ ପ୍ରୟୋଗ ବିଷୟରେ ଯେଉଁମାନେ ଜାଣୁଥିଲେ ସେମାନଙ୍କୁ ପ୍ରଥମ ଶତାବ୍ଦିର ଯିହୁଦି ଧର୍ମ ରବ୍‌ବୀ ବୋଲି କହୁଥିଲେ।ଏହା ଆକ୍ଷରିକ ଅର୍ଥ "ମୋର ଗୁରୁ।" ଏହା ପ୍ରେରିତ ଯୋହନଙ୍କ ଦ୍ୱାରା "ଗୁରୁ"ର ସମାନତାରେ ବ୍ୟବହାର କରାଗଲା (୧୧:୮, ୨୮;୧୩:୧୩-୧୪;୨୦:୧୦)। ଯୋହନ୍ ତାଙ୍କ ବାକ୍ୟ (ପଦ-୩୮,୪୧,୪୨) ର ବିବରଣ ର ଅର୍ଥ ଏହା ଅଟେ କି ସେ ଅନ୍ୟଜାତି ମାନଙ୍କୁ ଲେଖୁଥିଲେ।

❑ "ଆପଣ କେଉଁଠାରେ ରୁହନ୍ତି" - ଏହା ଗୁରୁ ଏବଂ ଶିଷ୍ୟର ସଂପର୍କକୁ କହୁଥିବା ଏକ ଅଦ୍ଭୁତ ପ୍ରଣାଳୀ ଅଟେ। ଏହି ପ୍ରଶ୍ନଟି ଏହା କହେ କି ସେହି ଦୁହିଁ ଶିଷ୍ୟ ଯୀଶୁଙ୍କୁ ରାସ୍ତାରେ କେତୋଟି ପ୍ରଶ୍ନ ପଚାରିବା ଅପେକ୍ଷା ଅଧିକ ମାତ୍ରାରେ ସେ ଦୁହେଁ ଯୀଶୁଙ୍କ ସହିତ ସମୟ ବିତାଇବାକୁ ଚାହୁଁଥିଲେ (ପଦ-୩୯)।

ଶବ୍ଦ ମେନୋ (ରହିବା) ପଦ-୩୮,୩୯ ରେ ତିନି ଥର ଉଲ୍ଲେଖ କରାଯାଇଛି। ଏହା ଏକ ସଂସାରିକ ବା ଆତ୍ମୀକ ସ୍ଥାନକୁ ଦର୍ଶାଇପାରେ। ଏହି ତିନୋଟି ଶବ୍ଦର ଅର୍ଥ ଆଉ ଅନ୍ୟ ଶବ୍ଦ ଆଡ଼କୁ ସଂକେତ କରିଥାଏ, ଉଭୟ ବାକ୍ୟକୁ ଏକା ସାଙ୍ଗେ ପ୍ରତିଶୃତି ଦିଏ, ଯାହା ଯୋହନ ରେ ସାଧାରଣ ଅଟେ (୧:୧,୫;୩:୩;୪:୧୦-୧୧;୧୨:୩୨)। ଏହାର ଉଦ୍ଦେଶ୍ୟମୂଳ ଅନେକାର୍ଥ ହେଲା ଯୋହନଙ୍କ ଲିଖନ ପ୍ରକୃତି ସୂଚନା ଦେବା।

**୧:୩୯ "ସେତେବେଳେ ସକାଳ ପ୍ରାୟ ଦଶଘଣ୍ଟା ହୋଇଥିଲା"** - ଏହା କହିବ ଅନିଶ୍ଚିନ୍ତ ଅଟେ ଯୋହନ୍ କେଉଁ ସମୟର ବିବରଣ ଏଠାରେ କରୁଅଛନ୍ତି, ବୋଧେ ରୋମୀୟ ସମୟ ଅଟେ, ଯାହାର ଆରମ୍ଭ (୧)ପ୍ରାତକାଳ ୧୨ ଘଣ୍ଟା ବା (୨) ଦ୍ୱୋପହର ୧୨ ଘଣ୍ଟା କିମ୍ବା ଯିହୁଦି ସମୟ, ଯାହା ସଂନ୍ଧ୍ୟା ୬ ଘଣ୍ଟାରେ ଆରମ୍ଭ ହୋଇଥାଏ। ଯେବେ କେହି ଯୋହନ-୧୯:୧୪ ସହିତ ମାର୍କ-୧୫:୨୫ କୁ ତୁଳନା କରେ, ତେବେ ଏହା ରୋମୀୟ ସମୟ ସଦୃଶ୍ୟ ଦେଖାଯାଏ। ଯେପରିକି, ଯଦି ଆଉ କେହି ଯୋହନ-୧୧:୯କୁ ଦେଖେ ତେବେ ଏହା ଯିହୁଦି ସମୟ ପରି ଦେଖାଯାଏ। ସମ୍ଭବତଃ ଯୋହନ ଏ ଦୁହିଁଙ୍କୁ ବ୍ୟବହାର କରିଅଛନ୍ତି। ଏଠାରେ ରୋମୀୟ ସମୟ #୨, କିମ୍ବା ପାଖାପାଖି କିମ୍ବା ସଂନ୍ଧ୍ୟା ୪ଘଣ୍ଟା।

**୧:୪୦ "ଦୁହିଁଙ୍କ ମଧ୍ୟରେ ଯିଏ ଯୋହନଙ୍କ କଥା ଶୁଣିଲେ"** - ସୁସମାଚାରରେ ଲେଖକ (ପ୍ରେରିତ ଯୋହନ୍) ଆପଣାକୁ କେବେ ହେଲେ ନାମାଙ୍କିତ କରୁନାହାନ୍ତି (୨୧:୨)। ଏହା ନିଶ୍ଚୟ ସମ୍ଭବ ଅଟେ କି ଦୁଇ ଶିଷ୍ୟଙ୍କ ମଧ୍ୟରେ ଯିଏ ବାପ୍ତିଜକ ଯୋହନଙ୍କ କଥାକୁ ଶୁଣିଲେ, ସେ ଏହି ଘୋଷଣା କରୁଛନ୍ତିକି ସେ ଜେବଦିଙ୍କ ପୁତ୍ର, ଯୋହନ ଥିଲେ (ମାଥିଉ - ୪:୨୧;ମାର୍କ - ୧:୧୯)।

**୧:୪୧**

**ଏନ୍‌ଏଏସ୍‌ବି – "ପ୍ରଥମେ ସେ ଆପଣା ଭାଇଙ୍କୁ ଦେଖା ପାଇଲେ"**

**ଏନ୍‌କେଜେଭି, ଏନ୍‌ଆର୍‌ଏସ୍‌ଭି – '"ପ୍ରଥମେ ସେ ଆପଣା ଭାଇଙ୍କୁ ଦେଖା ପାଇଲେ''**

**ଟିଇଭି – '"ଅକସ୍ମାତ ସେ ଦେଖା କଲେ''**

**ଏନ୍‌ଜେବି – '"ସର୍ବ ପ୍ରଥମେ ଆନ୍ଦ୍ରିୟଏହା କଲେ''।**

ହସ୍ତ ଲେଖାର ଭିନ୍ନତା ଅନୁବାଦକୁ ପ୍ରଭାବିତ କରେ। ବିକଳ୍ପଗୁଡିକ ହେଲା-

୧- ପ୍ରଥମ କାର୍ଯ୍ୟ ଆନ୍ଦିୟ ଯାହା କଲେ।

୨- ପ୍ରଥମ ବ୍ୟକ୍ତି ଯାହାଙ୍କୁ ସେ ଦେଖା ପାଇଲେ।

୩- ପ୍ରଥମେ ଯାଇ କହିବା ବ୍ୟକ୍ତି ଆନ୍ଦ୍ରିୟ ହିଁ ଥିଲେ।

❑ "ମଶୀହ (ଅନୁବାଦ କଲେ ଏହି ନାମର ଅର୍ଥ ଖ୍ରୀଷ୍ଟ)" ଦେଖନ୍ତୁ- ୧:୨୦,

**୧:୪୨ "ଯୀଶୁ ତାଙ୍କୁ ଏକ ଦୃଷ୍ଟିରେ ଦେଖିଲେ'** - ଏହି ଶବ୍ଦ "ଇଚ୍ଛାମୂଳକ ଦେଖିବା' କୁ ଦର୍ଶାଇଥାଏ।

❑ **"ଯୋହନଙ୍କ ପୁତ୍ର ଶିମୋନ୍"** - ପିତରଙ୍କ ବାପାଙ୍କ ନାମ ପ୍ରତି ନୂତନନିୟମରେ କେତେକ ଅସମଂଜସ ରହିଛି। ମାଥିଉ - ୧୬:୧୭ ରେ ପିତରଙ୍କୁ "ଯୁନସ୍‌ଙ୍କ ପୁତ୍ର" ବୋଲି କୁହାଗଲା, କିନ୍ତୁ ଏଠାରେ ସେ "ଯୋହନଙ୍କ ପୁତ୍ର ବୋଲି କୁହାଗଲେ। ଯୋହନ ନାମ ଏମ୍ ଏସ୍ ଏସ୍ ପୃ-୬୬, ପୃଷ୍ଠା-୭୫ ଦେଖାଯାଏ ଏବଂ ଏଲ୍ ଏମ୍ ଏସ୍‌ବି ରେ ମଧ୍ୟ ସେହି ନାମ ଅଛି କିନ୍ତୁ କେବଳ ଗୋଟିଏ "ଏନ୍'ସହିତ। ଯୁନସ୍ ନାମ ଏମ୍‌ଏସ୍‌ଏସ୍‌ଏବି ୩ ଏବଂ ଅନ୍ୟ ଗ୍ରୀକ୍ ହସ୍ତଲେଖାରେ ଦେଖାଯାଉଛି। ତେବେ ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ନ ଥିବା ପରି ଦେଖାଯାଏ। ଆରାମିକ୍ ରୁ ଅନୁବାଦିତ ନାମରେ ଅଲଗା ଅଲଗା ଉଚ୍ଚାରଣ ସବୁ ସାଧାରଣ ଅଟେ।

ମିଖାଏଲ୍ ମେକ୍‌ଗିଲ୍, ଦି ନିଉ ଟେଷ୍ଟାମେଣ୍ଟ ଟ୍ରାନ୍ସ୍ ଲାଇନ୍, ପୃ-୩୦୩ ରେ କହନ୍ତି। "ଯୁନସ୍'' ଏବଂ ବୋଧହୁଏ "ଯୋହନ" ସେହି ଏବ୍ରୀ ନାମର ଅନ୍ୟ ଏକ ଗ୍ରୀକ୍ ଉଚ୍ଚାରଣ ଅଟେ, ଯେମିତି "ଶିମୋନ୍' ଏବଂ "ଶିମିଅନ୍'।

❑ **"ତୁମ୍ଭେ କେଫା ନାମରେ ଖ୍ୟାତ ହେବ"** (ଅନୁବାଦ କଲେ ଏହାର ଅର୍ଥ ପିତର) - କେଫା ଶବ୍ଦଟି ଆରାମିକ୍ ଶବ୍ଦରେ ପଥର ଅଟେ। ଯାହା ଗ୍ରୀକ୍‌ରେ କେଫାସ୍ କୁହାଯାଏ। ଏହି ନାମଟି ଜଣଙ୍କର ସ୍ଥାୟୀତ୍ୱ, ବଳ, ଏବଂ ଦୃଢ଼ତାକୁ ସ୍ମରଣ କରାଇଥାଏ। ଅନ୍ୟଜାତିର ପାଠକମାନଙ୍କ ନିମନ୍ତେ ଏହା ସୁସମାଚାର ଲେଖକଙ୍କ ଦ୍ୱାରା ଯୀଶୁ ଖ୍ରୀଷ୍ଟଙ୍କ ଜୀବନି ଏବଂ ଶିକ୍ଷା କୁ ବିବରଣ ଏବଂ ସହାୟତା କରିବାର ଏକ ଟିକା ଅଟେ।ଏହା ଅତି ରୋଚକ କି ବାଇବଲ ର ଅନୁବାଦ ନିମନ୍ତେ ଦୁଇଟି ପରବର୍ତ୍ତି ତକ୍‌ନିକ୍ ଶବ୍ଦ (ବାକ୍ୟ) ଏହି ଅଧ୍ୟାୟରେ ପ୍ରଶାଶିତ ହୋଇଛି।

୧- ଗଦ୍ୟାଂଶ, ଆଗେଇବାକୁ ୧:୧୮ରେ ବ୍ୟବହାର କରାଗଲା।

୨- ବିବରଣ କରିବାକୁ, ଅନୁବାଦ କରିବାକୁ, ୧:୪୨ରେ ବ୍ୟବହାର କରାଗଲା।

**ଏନ୍‌ଏଏସ୍‌ବି ବାକ୍ୟ : ୧:୪୩-୫୧**

**୪୩ ତହିଁ ଆରଦିନ ଯୀଶୁ ଗାଲିଲୀକୁ ବାହାରିଯିବା ପାଇଁ ଇଚ୍ଛା କଲେ। ଆଉ ସେ ଫିଲିପ୍‌ପ ଙ୍କ ଦେଖା ପାଇ ତାଙ୍କୁ କହିଲେ। ମୋହର ଅନୁଗମନ କର। ୪୪ ଫିଲିପ୍‌ପ ବେଥ୍‌ସାଇଦାର ଲୋକ ଥିଲେ, ତାହା ଆନ୍ଦ୍ରିୟ ଓ ପିତରଙ୍କ ନଗର ଥିଲା। ୪୫ ଫିଲିପ୍‌ପ ନିଥନିୟେଲଙ୍କ ଦେଖାପାଇ ତାଙ୍କୁ କହିଲେ, ଯାହାଙ୍କ ବିଷୟରେ ମୋଶା ବ୍ୟବସ୍ଥାରେ ଲେଖିଅଛନ୍ତି, ପୁଣି ଭାବବାଦୀ ମାନେ ମଧ୍ୟ ଲେଖି ଅଛନ୍ତି, ଆମ୍ଭେମାନେ ତାହାଙ୍କର ଦେଖା ପାଇଅଛୁ। ସେ ଯୋସେଫ୍‌ଙ୍କ ପୁତ୍ର ନାଜରିତୀୟ ଯୀଶୁ। ୪୬ ନିଥନିୟେଲ ତାଙ୍କୁ ପଚାରିଲେ, ନାଜରିତରୁ କି କୌଣସି ଉତ୍ତମ ବିଷୟ ଉତ୍ପନ୍ନ ହୋଇପାରେ? ଫିଲପ୍‌ପ ତାଙ୍କୁ କହିଲେ ଆସି ଦେଖ। ୪୭ ଯୀଶୁ ନିଥନିୟେଲ ଙ୍କୁ ଆପଣା ନିକଟକୁ ଆସୁଥିବା ଦେଖି ତାଙ୍କ ବିଷୟରେ କହିଲେ, ଏହି ଦେଖ, ପ୍ରକୃତରେ ଏ ଜଣେ ଇସ୍ରାଏଲୀୟ ଲୋକ, ଏହାଙ୍କ ଠାରେ ଛଳନା ନାହିଁ। ୪୮ ନିଥନିୟେଲ ତାହାଙ୍କୁ ପଚାରିଲେ, ଆପଣ ମୋତେ କିପରି ଚିହ୍ନିଲେ? ଯୀଶୁ ତାଙ୍କୁ ଉତ୍ତର ଦେଲେ, ଫିଲପ୍‌ପ ତୁମ୍ଭକୁ ଡ଼ାକିବା ପୂର୍ବେ ତୁମ୍ଭେ ଯେତେବେଳେ ଡ଼ିମ୍ବିରି ଗଛ ତଳେ ଥିଲ। ସେତେବେଳେ ମୁଁ ତୁମ୍ଭକୁ ଦେଖିଥିଲି। ୪୯ ନିଥନିୟେଲ ତାହାଙ୍କୁ ଉତ୍ତର ଦେଲେ, ହେ ରାବ୍‌ବୀ, ଆପଣ ଈଶ୍ୱରଙ୍କ ପୁତ୍ର, ଆପଣ ଇସ୍ରାଏଲ୍ ର ରାଜା। ୫୦ ଯୀଶୁ ତାଙ୍କୁ ଉତ୍ତର ଦେଲେ, ମୁଁ ତୁମ୍ଭକୁ ଡ଼ିମ୍ବିରି ଗଛ ତଳେ ଦେଖିଥିଲି ବୋଲି କହିବାରୁ କି ତୁମ୍ଭେ ବିଶ୍ୱାସ କରୁଅଛ? ତୁମ୍ଭେ ଏହା ଠାରୁ ଆହୁରି ମହତ ମହତ୍ ବିଷୟ ଦେଖିବ। ୫୧ ପୁଣି ସେ ତାହାଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି। ତୁମ୍ଭେମାନେ ସ୍ୱର୍ଗକୁ ଉନ୍ମୁକ୍ତ ଓ ଈଶ୍ୱରଙ୍କ ଦୂତମାନଙ୍କୁ ମନୁଷ୍ୟ ପୁତ୍ରଙ୍କ ଉପରେ ଆରୋହଣ ଓ ଅବତରଣ କରିବା ଦେଖିବ।**

**୧:୪୩ "ଆରଦିନ'** - ସମସ୍ତ ସୁସମାଚାରରେ ଯୋହନ୍ କାଳକ୍ରମ ଅନୁସାରେ ଶବ୍ଦ ସମୁହ କୁ ସାମିଲ୍ କରୁଅଛନ୍ତି। ସାଧାରଣ ରୂପରେ (୧) ପଦ -୧୯ରେ ଆରମ୍ଭ ହୁଏ, ଯାହା ପ୍ରଥମ ଦିନ ହୋଇପାରେ; (୨) ପଦ-୨୯,୩୫,୪୩ ରେ "ଆରଦିନ' ଏବଂ (୩) ୨:୧ ରେ "ତୃତୀୟ ଦିନ' ବୋଲି ଲେଖା ଯାଏ।

❑ **"ସେ ବାହାରଯିବା ପାଇଁ ଇଚ୍ଛା କଲେ"** - ଯିହୁଦାରେ ଯୀଶୁଙ୍କର ଆରମ୍ଭିକ ସେବାକାର୍ଯ୍ୟକୁ ଯୋହନ୍ ରେଖାଙ୍କିତ କରୁଅଛନ୍ତି, ଯାହା ସମାନ୍ତର ସୁସମାଚାରରେ ନାହିଁ ଯୋହନ୍ ରଚିତ ସୁସମାଚାର ଯିହୁଦାରେ ଯୀଶୁଙ୍କର ସେବାକାର୍ଯ୍ୟକୁ ମହତ୍ୱ ଦେଉଅଛି। ବିଶେଷ କରି ଯିରୁଶାଲେମ ର। ସେ ଗାଲିଲୀକୁ ଯିବାକୁ ଚାହୁଁଛନ୍ତି। ସମ୍ଭବତଃ କାନ୍ନାର ବିବାହ ନିମନ୍ତେ (ଯୋହନ-୨)।

❑ **"ମୋହର ଅନୁଗମନ କର"** - ଏହା ସ୍ଥାୟୀ ଶିଷ୍ୟତା ନିମନ୍ତେ ରାବ୍‌ବୀ ଙ୍କର ଆହ୍ୱାନ। ଏହି ସଂବନ୍ଧ ପ୍ରତି ଯିହୁଦିଙ୍କ ପାଖେ କିଛି ମାର୍ଗଦର୍ଶନ ଥିଲା।

**୧:୪୪ "ଫିଲିପ୍‌ପ ବେଥସାଇଦାର ଲୋକ ଥିଲେ"** - ଏହି ନଗରର ନାମର ଅର୍ଥ "ମାଛ ଧରିବାର ଗୃହ'। ଏହା ଆନ୍ଦ୍ରିୟ ଏବଂ ପିତରଙ୍କ ନଗର ଥିଲା।

**୧:୪୫ "ନିଥନିୟେଲ"** - ଏହା ଏକ ଏବ୍ରୀ ନାମ ଯାହାର ଅର୍ଥ "ଈଶ୍ୱର ଦେଇଛନ୍ତି'। ସମାନ୍ତର ସୁସମାଚାରରେ ଏହି ନାମରେ ଏହାର ଉଲ୍ଲେଖ ନାହିଁ। ଆଧୁନିକ ଜ୍ଞାନୀମାନଙ୍କ ଦ୍ୱାରା ସେ "ବାର୍ଥଲୋମି' କୁହାଗଲେ। କିନ୍ତୁ ଏହା କେବଳ ଗୋଟିଏ ଅନୁମାନରେ ହିଁ ରହିଗଲା।

**ବିଶେଷ ଶୀର୍ଷ : ପ୍ରେରିତଙ୍କ ନାମର ତାଲିକା**

| | ମାଥିଉ-୧୦:୨-୪ | ମାର୍କ-୩:୧୬-୧୯ | ଲୁକ୍-୬:୧୪-୧୬ | ପ୍ରେରି୧:୧୨-୧୮ |
|---|---|---|---|---|
| ପ୍ରଥମ ଦଳ | ଶିମୋନ (ପିତର ଆନ୍ଦ୍ରିୟ (ଆନ୍ଦ୍ରିୟ ପିତରଙ୍କ ଭାଇ),ଯାକୁବ (ଜେବଦୀଙ୍କ ପୁତ୍ର) ଯୋହନ (ଯାକୁବଙ୍କ ଭାଇ) | ଶିମୋନ (ପିତର) ଯାକୁବ (ଜେବଦୀଙ୍କ ପୁତ୍ର), ଯୋହନ୍(ଯାକୁବଙ୍କ ଭାଇ), ଆନ୍ଦ୍ରିୟ | ଶିମୋନ (ପିତର) ଆନ୍ଦ୍ରିୟ (ପିତରଙ୍କ ଭାଇ), ଯାକୁବ ଯୋହନ | ପିତର ଯୋହନ ଯାକୁବ ଆନ୍ଦ୍ରିୟ |
| ଦ୍ୱିତୀୟ ଦଳ | ଫିଲିପ୍ପ ବାର୍ଥଲୋମି ଥୋମା | ଫିଲିପ୍ପ ବାର୍ଥଲୋମି ଥୋମା ମାଥିଉ | ଫିଲିପ୍ପ, ବାର୍ଥଲୋମି ମାଥିଉ ଥୋମା | ଫିଲିପ୍ପ ଥୋମା ବାର୍ଥଲୋମି |
| ତୃତୀୟ ଦଳ | ମାଥିଉ(କର ଆଦାୟ କାରୀ) ଯାକୁବ୍ (ଆଲଫିଙ୍କପୁତ୍ର) ଥଦ୍ଦିୟ ଶିମୋନ (କିଣାନିୟ) ଯିହୁଦା (ଇଷ୍କାରିୟୋତୀୟ) | ଯାକୁବ୍ (ଆଲଫିଙ୍କପୁତ୍ର) ଥଦ୍ଦିୟ ଶିମୋନ (କିଣାନିୟ) ଯିହୁଦା (ଇଷ୍କାରିୟୋତୀୟ) | ଯାକୁବ୍ (ଆଲଫିଙ୍କପୁତ୍ର) ଶିମୋନ (ଉଦ୍‌ଯୋଗୀ) ଯିହୁଦା (ଯାକୁବଙ୍କ ପୁତ୍ର) ଯିହୁଦା (ଇଷ୍କାରିୟୋତୀୟ) | ମାଥିଉ ଯାକୁବ୍ (ଆଲଫିଙ୍କପୁତ୍ର) ଶିମୋନ (ଉଦ୍‌ଯୋଗୀ) ଯିହୁଦା (ଯାକୁବଙ୍କ ପୁତ୍ର) |

- **"ବ୍ୟବସ୍ଥା ଏବଂ ଭାବବାଦୀମାନେ ମଧ୍ୟ"** - ଏହା ଏବ୍ରୀ କେନୋନ୍ ର ତିନୋଟିରୁ ଦୁଇଟି ବିଷୟକୁ ସୂଚିତ କରୁଅଛି। : ବ୍ୟବସ୍ଥା, ଭାବବାଦୀମାନେ, ଏବଂ ଲେଖା (ଯାହା ଖ୍ରୀଷ୍ଟାବ୍ଦ ୯୦ ରେ ଜାମିନାରେ ଆଲୋଚନା କରାଗଲା)। ଏହା ସଂପୂର୍ଣ୍ଣ ପୁରାତନ ନିୟମ କୁ ଦର୍ଶାଇବା ନିମନ୍ତେ ଏକ ପ୍ରଣାଳୀ ଅଟେ।
- **"ଯୋସେଫଙ୍କ ପୁତ୍ର, ନାଜରିତୀୟ ଯୀଶୁ"** - ଏହା ଯିହୁଦିମାନଙ୍କ ଅନୁସାରେ ବୁଝାଯିବା ଦରକାର। ଯୀଶୁ ନାଜରିତରେ ରହୁଥିଲେ ଏବଂ ସେହି ଗୃହର ପିତାଙ୍କ ନାମ ଯୋସେଫ ଥିଲା।ଏହା ଯୀଶୁଙ୍କର ବେଥ୍ଲିହମରେ ଜନ୍ମ ନେବାକୁ ଅସ୍ୱିକାର କରେ ନାହିଁ (ମୀଖା-୫:୨), କୁମାରୀ ଗର୍ଭରୁ ଜାତକୁ ମଧ୍ୟ ନୁହେଁ (ଯିଶା. ୭:୧୪)।

**ବିଶେଷ ଶୀର୍ଷ : ନାଜରିତୀୟ ଯୀଶୁ**

ନୂତନ ନିୟମରେ ଅନେକ ଗ୍ରୀକ୍ ଶବ୍ଦମାନ ରହିଛି ଯିଏ ଯୀଶୁ ବିଷୟରେ କହନ୍ତି,

କ. ନୂତନ ନିୟମଶବ୍ଦ

୧. ନାଜରତ - ଗାଲିଲୀର ଏକ ସହର (ଲୁକ ୧:୨୬; ୨୪, ୩୯, ୫୧; ୪:୧୬; ପ୍ରେରିତ ୧୦:୩୮) । ଏହି ସହରଟି ସେହି ସମୟର ସମକାଳୀନ ସ୍ରୋତରେ ଉଲ୍ଲେଖ କରାଯାଇନାହିଁ, କିନ୍ତୁ ପରବର୍ତ୍ତୀ ସ୍ରୋତରେ ଉଲ୍ଲେଖିତ ।
ଯୀଶୁଙ୍କର ନାଜରତରେ ଜନ୍ମଗ୍ରହଣ କରିବା ଅଭିବାଦନୀୟ ନୁହେଁ (ଯୋହନ ୧:୪୬) । ଯୀଶୁଙ୍କର କ୍ରୁଶର ଚିହ୍ନ ଯାହା ଏହି ସ୍ଥାନରେ ଉଲ୍ଲେଖିତ ତାହା ଯିହୁଦୀ ଅସମ୍ମାନର ଗୋଟିଏ ଚିହ୍ନ ।

୨. ନାଜାରେନୋସ - ଏହା ଭୌଗଳିକ ପରିସରକୁ ଦର୍ଶାଇବା ଜଣାଯାଏ (ଲୁକ ୪:୩୪; ୨୪:୧୯)

୩. ନାଜାରାଇଓସ୍ - ଏହା ସହରକୁ ଦର୍ଶାଇପାରେ, କିନ୍ତୁ ତଥାପି ଏହା ଏବ୍ରୀୟ ମସୀହ ଶବ୍ଦ "ଶାଖା" ମଧ୍ୟ ଦର୍ଶାଇପାରେ (ଯିଶା. ୪:୨; ୧୧:୧; ୫୩:୨; ଯିରି ୩୩:୫; ୩୩:୧୫; ଯିଖ ୩:୮; ୬:୧୨; ନୂତନ ନିୟମରେ, ପ୍ରକାଶିତ ୨୨:୧୬) । ଯୀଶୁଙ୍କ ବିଷୟରେ ଲୁକଙ୍କ ଉଲ୍ଲେଖ - ୧୮:୩୭, ଏବଂ ପ୍ରେରିତ ୨:୨୨; ୩:୬; ୪:୧୦; ୬:୧୪; ୨୨:୮; ୨୪:୫; ୨୬:୯ ।

୪. ନାଜିର ସହିତ ସମ୍ବନ୍ଧିତ, ଯାହାର ଅର୍ଥ "ପ୍ରତିଜ୍ଞା ଅର୍ଥରେ ଜଣେ ପବିତ୍ର ବ୍ୟକ୍ତି"

ଖ. ନୂତନ ନିୟମର ବାହାରେ ଐତିହାସିକ ବ୍ୟବହାର

୧. ଏହା ଯିହୁଦୀ (ପୂର୍ବ ଖ୍ରୀଷ୍ଟିୟାନ) ମିଥ୍ୟା ଦଳକୁ ଦର୍ଶାଏ (ଆରାମିକ ନାସୋରୋୟା)

୨. ଖ୍ରୀଷ୍ଟରେ ବିଶ୍ୱାସୀମାନଙ୍କୁ ବର୍ଣ୍ଣନା କରିବାକୁ ଏହା ଯିହୁଦୀମାନଙ୍କ ମଧ୍ୟରେ ବ୍ୟବହୃତ (ପ୍ରେରିତ ୨୪:୫, ୧୪; ୨୮:୨୨)

୩. ସିରିୟା (ଆରାମିକ) ମଣ୍ଡଳୀରେ ବିଶ୍ୱାସୀମାନଙ୍କୁ ଦର୍ଶାଇବାକୁ ଏହା ନିୟମିତ ଶବ୍ଦ ହେଲା । "ଖ୍ରୀଷ୍ଟିୟାନ" ଶବ୍ଦଟି ବିଶ୍ୱାସୀମାନଙ୍କୁ ଦର୍ଶାଇବାକୁ ମଣ୍ଡଳୀରେ ବ୍ୟବହୃତ ହେଲା ।

୪. ଯିରୁଶାଲମର ପତନ ପରେ, ଫାରୁଶୀମାନେ ଜାମ୍ନିଆରେ ଚିହ୍ନି ପାରିଲେ ଏବଂ ଆରାଧନାଳୟ ଓ ମଣ୍ଡଳୀ ମଧ୍ୟରେ ଅଲଗା କରିବାକୁ ଉତ୍ତେଜନା କରାଗଲା ।

“ନାଜରିତ ଏବଂ ମିଥ୍ୟାଶିକ୍ଷା ଗୋଟିଏ କ୍ଷଣ ପାଇଁ ଅଦୃଶ୍ୟ ହୋଇପାରେ, ସେମାନେ ଜୀବନ ପୁସ୍ତକରୁ ଅଲଗା ହେବେ ଏବଂ ବିଶ୍ୱସ୍ତତାରେ ଲିଖିତ ହେବେ ନାହିଁ ।”

୫. ଏହା ଜଷ୍ଟିସ୍ ମାର୍ଟୀରଙ୍କ ଦ୍ୱାରା ବ୍ୟବହୃତ ଡାଏଲ - ୧୨୬:୧ ଯିଏ ଯିଶାୟରେ ଯୀଶୁ ନାଜରିତରେ ବ୍ୟବହାର କଲେ

ଗ. ଲେଖକଙ୍କ ମତ

ଶବ୍ଦର ଅନେକ ଉଚ୍ଚାରଣରେ ମୁଁ ଆଶ୍ଚର୍ଯ୍ୟାନ୍ୱିତ ଅଟେ, ଯେପରିକି ମୁଁ ଜାଣେ ଏହା ନୂତନ ନିୟମରେ ଅଶୁଣା ନୁହେଁ ଯେମିତି “ଯିହୋଶୂୟ”ର ଏବ୍ରୀୟ ଭାଷାରେ ଅନେକ ଉଚ୍ଚାରଣ ରହିଛି । ନିମ୍ନଲିଖିତ ବିଷୟ ଏହାର ପ୍ରକୃତ ଅର୍ଥ ନିମନ୍ତେ ଅନିଶ୍ଚିତ ରହିବାକୁ ମୋ ନିମନ୍ତେ ଗୋଟିଏ କାରଣ ଅଟେ ।

୧ - ମସୀହ ଶବ୍ଦ “ଶାଖା” ସହିତ ନିକଟ ସମ୍ବନ୍ଧ କିମ୍ବା ସମାନ ଶବ୍ଦ ନାଜର (ପ୍ରତିଜ୍ଞା ଅର୍ଥରେ ଜଣେ ପବିତ୍ର ବ୍ୟକ୍ତି)

୨ - ଗାଲିଲୀର ନାସ୍ତିକ ବିଚାର ।

୩ - ଛୋଟ କିମ୍ବା ଗାଲିଲୀରେ ନାଜରତ ସହରର ସମକାଳୀନ ସାକ୍ଷ୍ୟ ।

୪ - ଅନ୍ତିମ ଶାସ୍ତ୍ରୀୟ କାଳ ଅନୁଯାୟୀ ଏହା ଶୟତାନର ମୁଖରୁ ଆସୁଅଛି (“କ’ଣ ତୁମ୍ଭେ ଆମ୍ଭକୁ ବିନାଶ କରିବାକୁ ଆସିଅଛ ?”)

ଏହି ଶବ୍ଦମାଳାର ଅଧ୍ୟୟନର ପୂର୍ଣ୍ଣ ଗ୍ରନ୍ଥସୂଚୀ ନିମନ୍ତେ ଦେଖନ୍ତୁ କୋଲିନ୍ ବ୍ରାଉନ୍‌ଙ୍କ ନ୍ୟୁ ଇଣ୍ଟର ନେସନାଲ ଡିକ୍ସନେରୀ ଅଫ୍ ନ୍ୟୁ ଟେଷ୍ଟାମେଣ୍ଟ ଥିଅଲୋଜି, ଭଲ୍ୟୁମ ୨, ପୃ. ୩୪୬ କିମ୍ବା ରେମଣ୍ଡ ଇ. ବ୍ରାଉନ୍‌ଙ୍କ ବାର୍ଥ ପୃ. ୨୦୯-୨୧୩, ୨୨୩-୨୨୫ ।

**୧:୪୬ “ନିଥନିୟେଲ ତାଙ୍କୁ ପଚାରିଲେ “ନାଜରିତରୁ କି କୌଣସି ଉତ୍ତମ ବିଷୟ ଉତ୍ପନ୍ନ ହୋଇପାରେ”** - ପ୍ରକୃତରେ ଫିଲପ୍ପ ଏବଂ ନିଥନିୟେଲ ପୁରାତନ ନିୟମର ଭାବବାଣୀକୁ ଜାଣିଥିଲେ; ମଶୀହ ବେଥଲହମରୁ ଆସିବେ (ମୀଖା-୫:୨) ଯାହା ଯିରୁଶାଲମର ନିକଟବର୍ତ୍ତି, ଗାଲିଲୀର ନାଜରିତରୁ ନୁହେଁ ଯାହା ବିଜାତିମାନଙ୍କର । ମାତ୍ର ଯିଶା-୯:୧-୭ ରେ ଏସବୁ ଉଲ୍ଲେଖ କରାଯାଉଅଛି ।

**୧:୪୭**

**ଏନ୍‌ଏଏସ୍‌ବି, ଏନ୍‌କେଜେଭି, ଏନ୍‌ଆର୍‌ଏସ୍‌ଭି – “ଯାହାଙ୍କ ପାଖେ ଛଳନା ନାହିଁ ।”**

**ଟିଇଭି – “ତାହାଙ୍କ ପାଖେ ମିଥ୍ୟା ନାହିଁ ।”**

**ଏନ୍‌ଜେବି – “ଯାହାଙ୍କ ପାଖେ କୌଣସି ଛଳନା ନାହିଁ ।”**

ଏହାର ଅର୍ଥ ଗୋଟିଏ ସିଧାସଳଖ ମନୁଷ୍ୟ ଯାହା ପାଖରେ କୌଣସି ଲୁକାୟତ୍ ବିଚାର ନାହିଁ (ଗୀତ-୩୨:୨), ଇସ୍ରାଏଲ, ମନୋନୀତ ଲୋକମାନଙ୍କର ଏକ ସତ୍ୟ ପ୍ରତିନିଧି ।

**୧:୪୮ “ଯୀଶୁ ତାଙ୍କୁ ଉତ୍ତର ଦେଇ କହିଲେ, “ଫିଲିପ୍ପ ତୁମ୍ଭଙ୍କୁ ଡ଼ାକିବା ପୂର୍ବେ, ତୁମ୍ଭେ ଯେତେବେଳେ ଡ଼ିମ୍ବିରି ଗଛ ତଳେ ଥିଲ । ସେତେବେଳେ ମୁଁ ତୁମ୍ଭକୁ ଦେଖିଲି’** - ବାସ୍ତବରେ ଯୀଶୁ ତାଙ୍କର ଅଲୌକିକ ଜ୍ଞାନର ବ୍ୟବହାର କଲେ (୨:୨୪-୨୫;୪:୧୭-୧୯,୨୯;୬:୬୧,୬୪, ୭୧; ୧୩:୧,୧୧,୨୭;୨୮;୧୬:୧୯, ୩୦; ୧୮:୪) କି ସେ ମଶୀହ ଅଟନ୍ତି ଏହାର ଚିହ୍ନ ନିଥନିୟେଲଙ୍କୁ ଦେବାକୁ । କେଉଁ ପ୍ରକାରେ ଯୀଶୁଙ୍କର ଈଶ୍ୱରୀୟତା ଏବଂ ମାନବିକତା କାର୍ଯ୍ୟ କରିଥାଏ ତାହା ବୁଝିବା କାଠିକର ଅଟେ । କେତେକ ବାକ୍ୟରେ ଏହା ଅନିଶ୍ଚିନ୍ତ କି ଯୀଶୁ “ଅଲୌକିକ’ ଶକ୍ତି କୁ ବା ମନୁଷ୍ୟର କ୍ଷମତା କୁ ବ୍ୟବହାର କରୁଥିଲେ । କିନ୍ତୁ ଏଠାରେ ଯୀଶୁ “ଅଲୌକିକ’ଶକ୍ତିକୁ ବ୍ୟବହାର କରୁଛନ୍ତି ।

**୧:୪୯ – “ନିଥନିୟେଲ ତାହାଙ୍କୁ ଉତ୍ତର ଦେଲେ, ହେ ରାବ୍‌ବୀ, ଆପଣ ଈଶ୍ୱରଙ୍କ ପୁତ୍ର, ଆପଣ ଇସ୍ରାଏଲର ରାଜା”** - ଦୁଇଟି ପଦବିକୁ ଧ୍ୟାନ ଦିଅନ୍ତୁ

ଉଭୟ ସହିତ ରାଷ୍ଟ୍ରବାଦ ଖ୍ରୀଷ୍ଟିୟ ଆଶାୟ ଅଛି (ଗୀତ-୨) । ଆରମ୍ଭିକ ଶିଷ୍ୟମାନେ ପ୍ରଥମ ଶତାବ୍ଦିର ଯିହୁଦିମାନଙ୍କ ଶ୍ରେଣୀରେ ଯୀଶୁଙ୍କୁ ବୁଝିପାରିଲେ । ପୁନଃରୁଥାନ ପର୍ଯ୍ୟନ୍ତ ସେମାନେ ତାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ଯେପରି ଏକ ତାଡ଼ନା ପ୍ରାପ୍ତ ଦାସର (ଯିଶା-୫୩)ତାକୁ ପୂର୍ଣ୍ଣମାତ୍ରାରେ ବୁଝିପାରିଲେ ନାହିଁ ।

**୧:୫୧**

**ଏନ୍‌ଏଏସ୍‌ବି – “ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି”**

**ଏନ୍‌କେଜେଭି – “ବଡ଼ ନିଶ୍ଚିତତାରେ ମୁଁ ତୁମ୍ଭମାନଙ୍କୁ କହୁଅଛି”**

**ଏନ୍‌ଆର୍‌ଏସ୍‌ଭି – “ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି”**

**ଟିଇଭି – “ମୁଁ ତୁମକୁ ସତ୍ୟ କହୁଛି”**

**ଏନ୍‌ଜେବି – “ସଂପୂର୍ଣ୍ଣ ସତ୍ୟତାରେ”**

ଆକ୍ଷରିକ ଭାବେ ଏହା “ଆମେନ୍ ! ଆମେନ୍!’ କେବଳ ଯୋହନ ରଚିତ ସୁସମାଚାରରେ ଯୀଶୁଙ୍କର ଏହି ପୁନରାବୃତ୍ତି ଶବ୍ଦକୁ ଦେଖିବାକୁ ମିଳେ, ଯାହା ୨୫ ଥର ମିଳିଥାଏ । “ଆମେନ୍” ଏବ୍ରି ଶବ୍ଦ ବିଶ୍ୱାସ ନିମନ୍ତେ ଦିଆଯାଇଅଛି ଯାହାର ଅର୍ଥ “ଦୃଢହେବା’ (ଦେଖନ୍ତୁ, ବିଶେଷ ଶୀର୍ଷ ୧:୧୪) । ଏହା ପୁରାତନ ନିୟମରେ ସ୍ଥିରତା ଏବଂ ଭରୋସାଯୋଗ୍ୟ ର ଏକ ଅନ୍ୟ ଶବ୍ଦ ରୁପେ ବ୍ୟବହୃତ ହୁଏ । ପରେ ଏହା “ବିଶ୍ୱାସ” କିମ୍ବା

"ବିଶ୍ୱସ୍ତତା" ରେ ଅନୁବାଦ କରାଗଲା। ଯାହା ହେଉ ନା କାହିଁକି ଏକ ସମୟରେ ଏହା ନିଶ୍ଚିନ୍ତତା ରୂପେ ବ୍ୟବହୃତ ହେଲା। ଆରମ୍ଭରେ ଏହି ବାକ୍ୟ, ଯିହୋବାଙ୍କଠାରୁ ଯୀଶୁଙ୍କର ମହତ୍ୱତା, ଭରୋସାଯୋଗ୍ୟତା ବିବରଣ କିମ୍ବା ପ୍ରକାଶନକୁ ଆକର୍ଷଣ କରିବାର ଏକ ଅଦଭୁତ ଶୈଳି ଥିଲା। (୧:୫୧ ; ୨:୩, ୫, ୧୧; ୫:୧୯, ୨୪,୨୫;୬,୨୬,୩୨,୪୭,୫୩;୮:୩୪, ୫୧, ୫୮; ୧୦:୧,୭;୧୨:୨୪ ; ୧୩:୧୬, ୨୦,୨୧, ୩୮; ୧୪:୧୨; ୧୬:୨୦,୨୩; ୨୧:୧୮)।

ଧ୍ୟାନ ଦିଅନ୍ତୁ ବହୁବଚନକୁ ପରିବର୍ତ୍ତନ (ସର୍ବନାମ, କ୍ରିୟା)। ଏହା ଏଠାରେ ସମସ୍ତଙ୍କୁ କହିବା ଦରକାର।

**ବିଶେଷ ଶୀର୍ଷ : ଆମେନ୍**

୧- ପୁରାତନ ନିୟମ

କ-"ଆମେନ୍" ଶବ୍ଦ ଟି ଏବ୍ରି ଶବ୍ଦରୁ ଆହ୍ଣିତ। ଆଉ ଏହି ଶବ୍ଦଟି ଏମାନଙ୍କ ନିମନ୍ତେ :

୧- "ସତ୍ୟ" (ଏମେଥ୍)

୨- "ସତ୍ୟତା" (ଏମୁନ୍, ଏମୁନାହ)

୩- "ବିଶ୍ୱାସ" କିମ୍ବା "ବିଶ୍ୱସ୍ତତା"

୪- "ଭରୋସା" (ଡ଼ିଏମ୍ଏନ୍)

ଖ- ଏହାର ଅର୍ଥ ଜଣେ ବ୍ୟକ୍ତିର ସ୍ଥିରତା ଶାରିରୀକ ସ୍ତରରୁ ଆସେ। ଏହାର ବିପରିତରେ ହୋଇପାରେ ଅସ୍ଥିରତା, ଖସିବା (ବ୍ୟବସ୍ଥା ବିବରଣ-୨୮:୬୪-୬୮; ୩୮:୧୬;ଗୀତ-୪୦:୨;୩୭:୧୮;ଯିରି-୨୩:୧୨) କିମ୍ବା ବାଧାପ୍ରାପ୍ତ ହେବା (ଗୀତ-୭୩:୨)। ଏହି ଆକ୍ଷରିକ ବାକ୍ୟରୁ ବିଶ୍ୱସ୍ତ, ଭରୋସାଯୋଗ୍ୟ, ବିଶ୍ୱସ୍ତତା, ଭରୋସାପୁର୍ଣ୍ଣ ର ବାକ୍ୟ ସବୁ ଅଗ୍ରସର ହେଲା। (ଆଦି-୧୫:୧୬ ; ହବକ୍ - ୨:୪)।

ଗ- ବିଶେଷ ବାକ୍ୟ

୧- ଏକ ସ୍ତମ୍ଭ, ୨ ରାଜା-୧୮:୧୬ (୧ତୀମଥି -୩:୧୫)।

୨- ନିଶ୍ଚିନ୍ତତା, ଯାତ୍ରା - ୧୭:୧୨

୩- ଦୃଢତା, ଯାତ୍ରା - ୧୭:୧୨

୪- ସ୍ଥିରତା, ଯିଶା-୩୩:୬ ; ୩୪:୫-୭

୫- ସତ୍ୟ, ୧ ରାଜା-୧୦:୬ ; ୧୭:୨୪ ; ୨୨:୧୬ ; ହିତୋପ ୧୨:୨୨

୬- ନିଶ୍ଚୟ -୨ବଂଶାବଳୀ - ୨୦:୨୦ ; ଯିଶା - ୭:୯

୭- ଭରୋସାଯୋଗ୍ୟ (ତୋରାହ), ଗୀତ-୧୧୯:୪୩,୧୪୨,୧୫୧,୧୬୮

ଘ - ପୁରାତନ ନିୟମରେ ଆଉ ଦୁଇ ଏବ୍ରୀ ଶବ୍ଦ କ୍ରିୟାଶୀଳ ବିଶ୍ୱାସ ନିମନ୍ତେ ବ୍ୟବହାର କରାଗଲା।

୧- ବାତାଖ୍, ଭରୋସା

୨- ଓ୍ୱାଇଆର୍ଏ, ଭୟ, ସମାଦର, ଆରାଧନା (ଆଦି-୨୨:୧୨)

ଙ - ଭରୋସା ବା ଭରୋସାଯୋଗ୍ୟତାରୁ ଏହି ଶବ୍ଦର ସାହିତ୍ୟିକ ବାକ୍ୟ ବିକଶିତ ହେଲା ଯାହା ଅନ୍ୟର ଏକ ସତ୍ୟତା ବା ଭରୋସାଯୋଗ୍ୟତା ର ବିବରଣ କୁ ନିଶ୍ଚିତ କରିବାରେ ବ୍ୟବହୃତ ହେଲା।

ଚ- ଏହି ବାକ୍ୟ ନିମନ୍ତେ ଧର୍ମଶାସ୍ତ୍ରୀୟ କୁଂଚି ମନୁଷ୍ୟର ବିଶ୍ୱସ୍ଥତା ନୁହେଁ, ମାତ୍ର ଯିହୋବାଙ୍କର (ଯାତ୍ରା-୩୪:୬ ; ଦ୍ୱତୀୟ ବିବରଣ -୩୨:୪ ; ଗୀତ -୧୦୮:୪; ୧୧୫:୧; ୧୧୭:୨; ୧୩୮:୨)।

ପତିତ ମାନବର କେବଳ ଗୋଟିଏ ଆଶା ତାହା ଯିହୋବାଙ୍କ କରୁଣାପୂର୍ଣ୍ଣ, ବିଶ୍ୱାସପୂର୍ଣ୍ଣ ଏବଂ ଭରୋସାଯୋଗ୍ୟ ନିୟମ ଏବଂ ପ୍ରତିଜ୍ଞା ସକଳ। ଯିଏ ଯିହୋବାଙ୍କୁ ଜାଣିବେ ସେମାନେ ତାହାଙ୍କ ସଦୃଶ୍ୟ ହେବା ଆବଶ୍ୟକ (ହବକକୁକ ୨:୪)। ବାଇବଲ୍ ଏକ ଇତିହାସ ଅଟେ ଏବଂ ଈଶ୍ୱର ତାଙ୍କ ସ୍ୱରୂପକୁ ମନୁଷ୍ୟ ଥିରେ ପୁନଃ ସ୍ଥାପନା କରିବାର ଏକ ଉଲ୍ଲେଖ (ଆଦି-୧:୨୬-୨୭)। ଈଶ୍ୱରଙ୍କ ସହିତ ଘନିଷ୍ଠ ସଂମ୍ପର୍କ ରଖିବାକୁ ଉଦ୍ଧାର ମନୁଷ୍ୟର କ୍ଷମତାକୁ ପୁନଃସ୍ଥାପନା କରେ। ଏହିପରି ଭାବେ ଆମ୍ଭେମାନେ ସୃଷ୍ଟି ହୋଇଥିଲୁ।

୨- ନୂତନ ନିୟମ

କ- "ଆମେନ୍" ଶବ୍ଦର ବ୍ୟବହାର ଯେପରି ଭରୋସାଯୋଗ୍ୟ ବିବରଣ ର ପରିସମାପ୍ତି ନିଶ୍ଚିନ୍ତା ଅଟେ ଯାହା ନୂତନ ନିୟମରେ ସାଧାରଣ ଅଟେ (୧କରି-୧୪:୧୬ ; ୨କରି -୧:୨୦ ; ପ୍ରକାଶିତ ବାକ୍ୟ - ୧:୭ ; ୫:୧୪ ; ୭:୧୨)।

ଖ- ଏହି ଶବ୍ଦର ପ୍ରୟୋଗ ଯେମିତି ପ୍ରାର୍ଥନାର ଏକ ସମାପ୍ତି ଯାହା ନୂତନ ନିୟମରେ ସାଧାରଣ (ରୋମୀୟ-୧:୨୫ ; ୯:୫ ; ୧୧:୩୬; ୧୬:୧୭ ; ଗାଲା- ୧:୫; ୬:୧୮ ; ଏଫି-୩:୨୧ ; ଫିଲି-୪:୨୦ ; ୨ଥେସ୍-୩:୧୮ ; ୧ତୀମ-୧:୧୭; ୬:୧୬; ୨ତୀମ-୪:୧୮)।

ଗ- ଯୀଶୁ ହିଁ କେବଳ ଜଣେ ଯିଏ ଗୁରୁତ୍ୱପୂର୍ଣ୍ଣ ବିବରଣକୁ ପରିଚିତ କରିବାକୁ ଏହି ଶବ୍ଦର ପ୍ରୟୋଗ କଲେ (ଲୁକ୍-୪:୨୪ ; ୧୨:୩୭; ୧୮:୧୭,୨୯ ; ୨୧:୩୨; ୨୩:୪୩।

ଘ- ଏହା ପ୍ରକାଶିତ ବାକ୍ୟ - ୩:୧୪ ରେ ଯୀଶୁଙ୍କ ନିମନ୍ତେ ପଦ ରୂପେ ପ୍ରୟୋଗ କରାଗଲା (ସମ୍ଭବତଃ ଯିଶା-୬୫:୧୬ରୁ ଯିହୋବାଙ୍କ ନାମର ପଦ)।

ଙ- ବିଶ୍ୱସ୍ତତା ବା ବିଶ୍ୱାସ, ଭରୋସାଯୋଗ୍ୟତା ବା ଭରୋସାର ଚିନ୍ତାଧାରା ଗ୍ରୀକ୍ ଶବ୍ଦ ପିସ୍ତୋସ୍ କିମ୍ବା ପିସ୍ତିସ୍ ରେ ବୟାନ କରାଗଲା। ଯାହା ଇଂରାଜୀରେ "ଭରୋସା", "ବିଶ୍ୱାସ", "ଆସ୍ଥା ବା ବିଶ୍ୱାସ" ରେ ଅନୁବାଦ କରାଗଲା।

- **"ତୁମ୍ଭେ, ତୁମ୍ଭେମାନେ"** - ଏହି ଦୁହେଁ ବହୁବଚନ। ସେଠାରେ ଠିଆ ହୋଇଥିବା ସମସ୍ତଙ୍କୁ ସମସ୍ତ ମନୁଷ୍ୟଙ୍କୁ ଯୀଶୁ କହିଲେ।
- **"ସ୍ୱର୍ଗ ଉନ୍ମୁକ୍ତ"** - ଏହି ଶବ୍ଦଟି ପୁରାତନ ନିୟମର ଏକ ଈଶ୍ୱରବାଦ ଶବ୍ଦ ଅଟେ।

୧- ଯିହିଯିକଲ, ଯିହିଯିକଲ- ୧:୧

୨- ଯୀଶୁ, ମାଥିଉ - ୩:୧୬;ମାର୍କ-୧:୧୦;ଲୂକ୍:୩:୨୧।

୩- ଷ୍ଟି'ନ୍, ପ୍ରେରିତ - ୭:୫୬

୪- କର୍ଣ୍ଣେଲିୟ, ପ୍ରେରିତ -୧୦:୧୧

୫- ଦ୍ୱିତୀୟ ଆଗମନ, ପ୍ରକାଶିତବାକ୍ୟ - ୧୯:୧୧।

"ସ୍ୱର୍ଗ" ଶବ୍ଦଟି ବହୁବଚନ ଅଟେ କାରଣ ଏବ୍ରୀ ଭାଷାରେ ଏହା ବହୁବଚନ। ଏହା ମଧ୍ୟ ହୋଇପାରେ (୧) ଆଦି-୧ ଅନୁସାରେ ପୃଥିବୀ ଉପରିସ୍ଥ ବାତାବରଣ କିମ୍ବା (୨) ଈଶ୍ୱରଙ୍କ ସାନିଧ୍ୟ।

**ବିଶେଷ ଶୀର୍ଷ : ନୂତନ ସ୍ୱର୍ଗ**

ପୁରାତନ ନିୟମରେ "ସ୍ୱର୍ଗ" ଶବ୍ଦଟି ସାଧାରଣତଃ ବହୁବଚନ ଅଟେ। ଏବ୍ରୀ ଶବ୍ଦର ଅର୍ଥ ଚରମ ସୀମା ଉଚ୍ଚ। ଈଶ୍ୱର ଉଚ୍ଚସ୍ଥାନରେ ରହିଥାନ୍ତି। ଏହି ବିଚାର ଈଶ୍ୱରଙ୍କ ପବିତ୍ରତା ଏବଂ ଶ୍ରେଷ୍ଠତା କୁ ପ୍ରତିଫଳନ କରେ। ଆଦି -୧:୧ରେ ଈଶ୍ୱରଙ୍କ ସୃଷ୍ଟିରେ "ସ୍ୱର୍ଗ ଏବଂ ପୃଥିବୀ" ର ବହୁବଚନକୁ ଦର୍ଶା ଯାଇଛି (୧) ଗ୍ରହ ଉପରିସ୍ଥ ବାତାବରଣ କିମ୍ବା (୨) ସମସ୍ତଙ୍କୁ ବାସ୍ତବିକତା ର ମାର୍ଗ କୁ ଇଙ୍ଗିତ କରିବା (ଆତ୍ମୀକଣ ଏବଂ ସାଂସରିକତା )। ଏହାର ମୂଳ ଶିକ୍ଷାରୁ ଅନ୍ୟ ବାକ୍ୟ ସବୁ ସ୍ୱର୍ଗର ସ୍ତର ରୁପେ ଉଦ୍ଧୃତ କରୁଅଛନ୍ତି। "ସ୍ୱର୍ଗମାନଙ୍କ ସ୍ୱଗ" (ଗୀତ - ୬୮:୩୩) କିମ୍ବା "ସ୍ୱର୍ଗ ଏବଂ ସ୍ୱର୍ଗମାନଙ୍କ ସ୍ୱର୍ଗ" (ଦ୍ୱିତୀୟ ବିବରଣ-୧୦:୧୪ ; ୧ରାଜା-୮:୨୭, ନିହୁମିୟ -୯:୬;ଗୀତ-୧୪୮:୪)। ରାବ୍ବୀମାନେ ଆଶଙ୍କା କଲେ କି ସେଠାରେ -

୧- ଦୁଇଟି ସ୍ୱର୍ଗ (ଆର, ଯିହୁଦା, ହାଗିଗା ୧୨ଖ)

୨- ତିନୋଟି ସ୍ୱର୍ଗ (ଲେବି-୨-୩ ; ଯିଶା -୬-୭ ; ଗୀତ-୧୧୪:୧)

୩- ପାଞ୍ଚଟି ସ୍ୱର୍ଗ (..........ବାରୁଖ)

୪- ସାତଟି ସ୍ୱର୍ଗ (ଆର୍.ସିମୋବ, ଲାକିସ୍, ୨ଇନୋସ୍ ୮; .........ର ଆସେନ୍-୯-୭)।

୫- ଦଶଟି ସ୍ୱର୍ଗ (୨ ଇନୋସ-୨୦:୩ଖ ; ୨୨:୧)।

ଏହି ସମସ୍ତ ଈଶ୍ୱରଙ୍କ ସାଂସାରିକ ସୃଷ୍ଟିରୁ ବିଛିନତା କୁ ବୁଝାଏ କିମ୍ବା ତାଙ୍କ ଶ୍ରେଷ୍ଠତା କୁ। ରାବ୍ବୀ ଯିହୁଦାରେ ସ୍ୱର୍ଗ ନିମନ୍ତେ ସାଧାରଣ ଗଣନା ସାତ ଥିଲା। ଏ କୋହେନ୍, ଏଭ୍ରିମ୍ୟାନ୍ସ୍ ତାଲମୁଦ (ପୃଷ୍ଠା-୩୦) କହେକି ଏହା ଭୌକିତଶାସ୍ତ୍ର ସହିତ ଯୋଡ଼ିତ ଥିଲା, ମୋହର ଅନୁମାନରେ ଏହା ସାତୋଟି ସଠିକ୍ ଗଣନାକୁ ଦର୍ଶାଏ (ଆଦି ୧ରେ ସପ୍ତମ ଦିନରେ ଈଶ୍ୱରଙ୍କ ବିଶ୍ରାମ ନେବା ସହିତ ସୃଷ୍ଟିର ଦିନ।

୨ କରି ୧୨:୨ ରେ ପାଉଲ "ତୃତୀୟ" ସ୍ୱର୍ଗ ବିଷୟରେ ଉଲ୍ଲେଖ କରିଅଛନ୍ତି (ଗ୍ରୀକ୍‌ରେ ଅଉରାନୋସ୍) ଈଶ୍ୱରଙ୍କ ବ୍ୟକ୍ତିତ୍ୱ, ରାଜକୀୟ ଉପସ୍ଥିତିକୁ ଚିହ୍ନିବାର ମାଧ୍ୟମ। ପାଉଲଙ୍କ ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ଯୁଦ୍ଧ ଥିଲା।

- **"ଈଶ୍ୱରଙ୍କ ଦୁତମାନେ ଆରୋହଣ ଓ ଅବତରଣ କରିବା"** - ଏହା ବେଥେଲ୍‌ରେ ଯାକୁବ୍‌ଙ୍କ ଅନୁଭବକୁ ଇଙ୍ଗିତ କରେ (ଆଦି-୨୮:୧୦)। ଯୀଶୁ ଏଠାରେ ଜୋର୍ ଦେଇ କହୁଛନ୍ତିକି, ଈଶ୍ୱର ଯାକୁବଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରୁଥିଲେ।

- "ମନୁଷ୍ୟଙ୍କ ପୁତ୍ର" - ଏହା ଯୀଶୁଙ୍କର ନିଜେ ବାଛିଥିବା ପଦବି ଅଟେ। ଏହା ଏକ ଏବ୍ରୀୟ ବାକ୍ୟ ଯାହା ମନୁଷ୍ୟମାନଙ୍କୁ ଦର୍ଶାଇ ଥାଏ (ଗୀତ ୮:୪ ; ..........-୨:୧) ମାତ୍ର ଦାନିଏଲ୍-୭:୧୩ ରେ ଏହାର ପ୍ରୟୋଗ ହେତୁ, ଏହା ଈଶ୍ୱରୀୟ ଗୁଣକୁ ନେଲା। ଏହି ଶବ୍ଦର କୌଣସି ରାଷ୍ଟ୍ରବାଦ ବା ସୈନିକବାଦ ଅର୍ଥ ନୁହେଁ କାରଣ ଏହା ରାବ୍ବୀମାନଙ୍କ ଦ୍ୱାରା ପ୍ରୟୋଗ କରାଯାଇ ନାହିଁ। କାରଣ ଏହା ତାହାଙ୍କ ଚରିତ୍ରର ଦୁଇଟି ବିଷୟକୁ ମିଶ୍ରିତ କରେ ତେଣୁ ଯୀଶୁ ଏହାକୁ ବାଛିଲେ (ମାନବ ଏବଂ ଈଶ୍ୱର, ୧ଯୋହନ୍ ୪:୧-୩)। ଯୀଶୁ ଏହାକୁ ନିଜ ନିମନ୍ତେ ୧୩ଥର ବ୍ୟବହାର କରିବା ଯୋହନ୍ ଉଲ୍ଲେଖ କରୁଅଛନ୍ତି।

ପ୍ରଶ୍ନମାଳାର ଆଲୋଚନା

ଏହା ଏକ ଅଧ୍ୟୟନ ସହାୟକ ଟିକା ଅଟେ, ଯାହାର ଅର୍ଥ କି ଆପଣ ନିଜେ ଆପଣଙ୍କ ବାଇବଲ ଅନୁବାଦରେ ଦାୟୀ ଅଟନ୍ତି। ଆମ୍ଭମାନଙ୍କ ମଧ୍ୟରୁ ସମସ୍ତେ ସେହି ଜ୍ୟୋତିରେ ଚାଲିବା ଆବଶ୍ୟକ , ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ରଆତ୍ମା ପ୍ରାଥମିକ ଅଟନ୍ତି। ଆପଣ ଏହି ଟିପ୍ପଣି କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ।

ଏହି ପ୍ରଶ୍ନମାଳା ଆଲୋଚନା ନିମନ୍ତେ ଏଥି ଯୋଗୁଁ ଦିଆଯାଇଛି କି ଆପଣ ଏହି ଅଂଶର ମୁଖ୍ୟ ବିଷୟ ଉପରେ ବିଚାର କରିପାରିବେ। ଏହା ବିଚାରଧାରାକୁ ଉଦ୍‌ଯୋଗୀ କରିବାକୁ ଅଛି ପରିଭାଷା ପ୍ରସ୍ତୁତ କରିବା ନିମନ୍ତେ ନୁହେଁ।

୧- ଯିରୁଶାଲମର ପରିଶଦ ବାପ୍ତିଜକ ଯୋହନଙ୍କୁ କାହିଁକି ଏହା ପଚାରିଲେ କି ସେ ସେହି ପୁରାତନ ନିୟମର ତିନୋଟି ମହତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ?

୨- ପଦ-୧୯-୩୦ ରେ ଯାହା ବାପ୍ତିଜକ ଯୋହନ୍ ଯୀଶୁଙ୍କ ବିଷୟରେ କହୁଅଛନ୍ତି ସେହି ଖ୍ରୀଷ୍ଟଶାସ୍ତ୍ର ବିବରଣ କୁ ଚିହ୍ନନ୍ତୁ।

୩- ଶିଷ୍ୟମାନଙ୍କ ଆହ୍ୱାନରେ ସମାନ୍ତର ସୁସମାଚାର ଏବଂ ଯୋହନ ରଚିତ ସୁସମାଚାର ରେ ଏତେ ଭିନ୍ନତା କାହିଁକି ?

୪- ସେମାନେ ଯୀଶୁଙ୍କ ବିଷୟରେ କଣ ବୁଝିଲେ ? ଯେଉଁ ପଦବି ନେଇ ସେମାନେ ଯୀଶୁଙ୍କୁ ଡ଼ାକିଲେ ତାଉପରେ ଧ୍ୟାନ ଦିଅନ୍ତୁ (ପଦ-୩୮)

୫- ଯୀଶୁ ଆପଣାକୁ କଣ କହି ସଂବଧିତ କଲେ ? କାହିଁକି ?

# ଯୋହନ -୨

## ଆଧୁନିକ ଅନୁବାଦର ଅଂଶ ବିଭାଜନ

| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆର୍‌ଏସ୍‌ଭି | ଟିଇଭି | ଏନ୍‌ଜେଭି |
|---|---|---|---|---|
| କାନ୍ନାରେ ବିବାହ | ଜଳ ଦ୍ରାକ୍ଷରସରେ ବଦଳିବା | କାନ୍ନାରେ ବିବାହ | କାନ୍ନାରେ ବିବାହ | କାନ୍ନାରେ ବିବାହ |
| ୨:୧-୧୧ | ୨:୧-୧୧ | ୨:୧-୧୧ | ୨:୧-୩ | ୨:୧-୧୦ |
| | | | ୨:୪ | |
| | | | ୨:୫ | |
| | | | ୨:୬-୧୦ | |
| | | | ୨:୧୧ | |
| | | | ୨:୧୨ | |
| ୨:୧୨ | | ୨:୧୨ | | ୨:୧୨ |
| ମନ୍ଦିରର ଶୁଚିକରଣ | ଯୀଶୁ ମନ୍ଦିରକୁ ଶୁଚିକରନ୍ତି | ମନ୍ଦିରର ଶୁଚିକରଣ | | ମନ୍ଦିରର ଶୁଚିକରଣ |
| ୨:୧୩-୨୨ | ୨:୧୩-୨୨ | ୨:୧୩-୨୨ | ୨:୧୩-୧୭ | ୨:୧୩-୨୨ |
| | | | ୨:୧୮ | |
| | | | ୨:୧୯ | |
| | | | ୨:୨୦ | |
| | | | ୨:୨୧-୨୨ | |
| ଯୀଶୁ ସମସ୍ତ ମନୁଷ୍ୟଙ୍କୁ | | | ଯୀଶୁଙ୍କର ମନୁଷ୍ୟ | ଯୀଶୁ ଯିରୁସାଲେମ୍‌ରେ |
| ଜାଣନ୍ତି | ହୃଦୟ ର ପରୀକ୍ଷାକାରୀ | | ଗୁଣର ଜ୍ଞାନ | |
| ୨:୨୩-୨୫ | ୨:୨୩-୨୫ | ୨:୨୩-୨୫ | ୨:୨୩-୨୫ | ୨:୨୩-୨୫ |

## ଅଧ୍ୟୟନ ଚକ୍ର ତିନି

ଏହା ଏକ ଅଧ୍ୟୟନ ସହାୟକ ଟିକା ଅଟେ। ଯାହାର ଅର୍ଥ ଆପଣ ନିଜେ ଆପଣଙ୍କ ବାଇବଲ ଅନୁବାଦରେ ଦାୟୀ ଅଟନ୍ତି। ଆମ୍ଭମାନଙ୍କ ମଧ୍ୟରୁ ସମସ୍ତେ ସେହି ଜ୍ୟୋତିରେ ଚାଲିବା ଆବଶ୍ୟକ, ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦରେ ଆପଣ, ବାଇବଲ୍, ଏବଂ ପବିତ୍ର ଆତ୍ମା ପ୍ରାଥମିକ ଅଟନ୍ତି। ଆପଣ ଏହା ଟିପ୍‌ପଣି କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ। ଏକାଥରେ ଅଧ୍ୟାୟକୁ ପଢନ୍ତୁ। ବିଷୟକୁ ଚିହ୍ନନ୍ତୁ। ଆପଣଙ୍କର ବିଷୟର ବିଭାଜନକୁ ପାଞ୍ଚଟି ଆଧୁନିକ ଅନୁବାଦ ସହିତ ତୁଳନା କରନ୍ତୁ। ଅନୁଛେଦ ପ୍ରେରଣା ପାଇନହେଁ, କିନ୍ତୁ ଅସଲି ଲେଖକଙ୍କ ଚିନ୍ତାଧାରାକୁ ଜାଣିବାକୁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ। ଯାହା ଅନୁବାଦର କେନ୍ଦ୍ର ଅଟେ। ପ୍ରତ୍ୟେକ ଅନୁଛେଦର କେବଳ ଏବଂ ଗୋଟିଏ ବିଷୟ ଅଛି।

୧- ପ୍ରଥମ ଅନୁଛେଦ

୨- ଦ୍ୱିତୀୟ ଅନୁଛେଦ

୩- ତୃତିୟ ଅନୁଛେଦ

୪- ଇତ୍ୟାଦି

**ପ୍ରାସଙ୍ଗିକ ଅନ୍ତଃଦୃଷ୍ଟି - ୨:୧-୧୧**

କ- ଯୀଶୁ ତାହାଙ୍କ ସମୟର ଅନ୍ୟ ଧାର୍ମିକ ନେତା ମାନଙ୍କଠାରୁ ଭିନ୍ନ ଥିଲେ। ସେ ସାଧାରଣ ଲୋକମାନଙ୍କ ସହିତ ଭୋଜନ ଏବଂ ପାନ କଲେ। ଯେପରିକି ବାପ୍ତିଜକ ଯୋହନ୍ ଜଙ୍ଗଲରୁ ଆସିଥିବା ଏକାନ୍ତିକ ବ୍ୟକ୍ତି ଥିଲେ, ଯୀଶୁ ସାଧାରଣ ଲୋକଙ୍କ ନିମନ୍ତେ ଜଣେ ସର୍ବସାଧାରଣ ବ୍ୟକ୍ତି ଥିଲେ।

ଖ- ତାହାଙ୍କ ପ୍ରଥମ ଆଶ୍ଚର୍ଯ୍ୟ କର୍ମ ଅତି ଗୃହ ବିଷୟ ଥିଲା। ଅତି ସୁପରିଚିତ। ସାଧାରଣ ଲୋକଙ୍କ ନିମନ୍ତେ ଚିନ୍ତା ଏବଂ ଯତ୍ନ କିନ୍ତୁ ଅନ୍ୟ ଗୁଣରେ ସେ ସ୍ୱଂୟ ଧାର୍ମିକ ଦେଖାଯାଉଥିବା ଲୋକଙ୍କ ଉପରେ ତାହାଙ୍କର କ୍ରୋଧ। ସେ ଲୋକଙ୍କର ପ୍ରାଥମିକତାକୁ ଧ୍ୟାନ ଦେଉଥିଲେ, ପରମ୍ପରାକୁ କିମ୍ବା ଆବଶ୍ୟକ ପରମ୍ପରାକୁ ନୁହେଁ। ଆଉ ଏହା ଯୀଶୁଙ୍କର ସ୍ୱତନ୍ତ୍ରତାକୁ ପ୍ରକାଶ କରିଥାଏ ହଁ ସାଂସ୍କୃତିକ ଆଶାୟକୁ ମଧ୍ୟ ସମ୍ମାନ ଦିଏ।

ଗ- ଏହା ପ୍ରଥମ  ସାତ ଆଶ୍ଚର୍ଯ୍ୟ କର୍ମ ଯାହା ଯୀଶୁଙ୍କର ସ୍ୱଭାବ ଏବଂ ଶକ୍ତିକୁ ପ୍ରଗଟ କରେ। (୨-୧୧)।

୧- ଜଳ ଦ୍ରାକ୍ଷାରସରେ ବଦଳିବା (୨:୧-୧୧)

୨- ବାଳକର ସୁସ୍ଥତା (୪:୪୬-୫୪)

୩- ଖଞ୍ଜ ବ୍ୟକ୍ତିର ସୁସ୍ଥତା (୫:୧-୧୮)

୪- ଜନ ସମୁହଙ୍କୁ ଖୁଆଇବା (୬:୧-୧୫)

୫- ପାଣିରେ ଚାଲିବା (୬:୧୬-୨୧)

୬- ଅନ୍ଧବ୍ୟକ୍ତିର ସୁସ୍ଥତା (୯:୧-୪୧)

୭- ଲାଜାରଙ୍କୁ ଉତ୍ଥାନ କରିବା (୧୧:୧-୫୭)

**ଶବ୍ଦ ଏବଂ ବ୍ୟାକ୍ୟାଂଶ ର ଅଧ୍ୟୟନ**

**ଏନ୍ଏଏସ୍‌ବି ବାକ୍ୟ : ୨:୧-୧୧**

**୧. ତୃତୀୟ ଦିବସରେ ଗାଲିଲୀ କାନ୍ନାରେ ଗୋଟିଏ ବିବାହ ହେଲା । ଆଉ ଯୀଶୁଙ୍କ ମାତା ସେଠାରେ ଥିଲେ । ୨ ଯୀଶୁ ମଧ୍ୟ ଆପଣା ଶିଷ୍ୟମାନଙ୍କ ସହିତ ସେହି ବିବାହକୁ ନିମନ୍ତ୍ରିତ ହେଲେ । ୩ ପରେ ଦ୍ରାକ୍ଷାରସ ସରିଯିବାରୁ ଯୀଶୁଙ୍କ ମାତା ତାହାଙ୍କୁ କହିଲେ, ସେମାନଙ୍କର ଦ୍ରାକ୍ଷାରସ ନାହିଁ । ୪ ସଥିରେ ଯୀଶୁ ତାଙ୍କୁ କହିଲେ, ଗୋ ନାରୀ, ତୁମ୍ଭ ସହିତ ମୋହର କି ସମ୍ପର୍କ ? ମୋହର ସମୟ ଏପର୍ଯ୍ୟନ୍ତ ଉପସ୍ଥିତ ହୋଇନାହିଁ । ୫ ତାହାଙ୍କ ମାତା ପରିଚାରକ ମାନଙ୍କୁ କହିଲେ, ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର । ୬ ଆଉ, ସେଠାରେ ଯିହୁଦି ମାନଙ୍କର ଶୁଚିକରଣରୀତି ଅନୁସାରେ ଦୁଇ ବା ତିନି ମହଣିଆ ଛଅଗୋଟା ପଥର ଜାହାଲା ରଖାଯାଇଥିଲା । ୭ ଯୀଶୁ ସେମାନଙ୍କୁ କହିଲେ, ଜାହାଲାଗୁଡ଼ିକ ପାଣିରେ ଭର୍ତ୍ତି କର । ସେଥିରେ ସେମାନେ ସେହି ସବୁ 'ନ୍ଦ ପଯ୍ୟନ୍ତ ଭର୍ତ୍ତି କଲେ । ୮ ଆଉ, ସେ ସେମାନଙ୍କୁ କହିଲେ, ଏବେ କାଢିନେଇ ଭୋଜର ଅଧ୍ୟକ୍ଷଙ୍କ ନିକଟକୁ ଘେନିଯାଅ । ସେଥିରେ ସେମାନେ ଘେନିଗଲେ । ୯ ଭୋଜର ଅଧ୍ୟକ୍ଷ ଦ୍ରାକ୍ଷାରସ ହୋଇଥିବା ସେହି ପାଣିକି ଚାଖି ତାହା କେଉଁ ଠାରୁ ଆସିଲା, ଏହା ଜାଣି ନଥିବାରୁ (କିନ୍ତୁ ଯେଉଁ ପରିଚାରକମାନେ ପାଣି କାଢ଼ି ଥିଲେ, ସେମାନେ ଜାଣିଥିଲେ) ବରଙ୍କୁ ଡ଼ାକି କହିଲେ, ୧୦ ସମସ୍ତ ପ୍ରଥମରେ ଭଲ ଦ୍ରାକ୍ଷାରସ ଦେଇଥାନ୍ତି । ଆଉ ଲୋକେ ମାତାଲ ହେଲା ଉତ୍ତାରେ ମନ୍ଦ ଦିଅନ୍ତି; ତୁମ୍ଭେ ଏପର୍ଯ୍ୟନ୍ତ ଭଲ ଦ୍ରାକ୍ଷାରସ ରଖିଅଛି । ୧୧ ଯୀଶୁ ଏହି ପ୍ରକାରେ ଗାଲିଲୀର କାନ୍ନାରେ ଆଶ୍ଚର୍ଯ୍ୟ କର୍ମ ଆରମ୍ଭ କରି ଆପଣା ମହିମା ପ୍ରକାଶ କଲେ, ଆଉ ତାହାଙ୍କ ଶିଷ୍ୟମାନେ ତାହାଙ୍କଠାରେ ବିଶ୍ୱାସ କଲେ ।**

**୨:୧ "ସେଠାରେ ଏକ ବିବାହ ଥିଲା"** - ଗ୍ରାମରେ ବିବାହ ଏକ ବଡ଼ ସାମାଜିକ ଘଟଣା ଥିଲା । ଅନେକଥର ସମସ୍ତ ଲୋକ ବିବହରେ ଯୋଗଦାନ ଦେଉଥିଲେ ଏବଂ ତାହା ଅନେକ ଦିନ ପର୍ଯ୍ୟନ୍ତ ଚାଲୁଥିଲା ।

❑ "କାନ୍ନା" - ଏହି ଶବ୍ଦଟି କେବଳ ଯୋହନ ସୁସମାଚାରରେ ହିଁ ଉଲ୍ଲେଖ କରାଯାଇଛି (୨:୧, ୧୧; ୪:୪୬; ୨୧:୨) । ଆମ୍ଭେ ଏ ବିଷୟରେ କିଛି ଜାଣୁ ।

୧- ନିଥନିୟେଲଙ୍କ ନିଜ ସହର ।

୨- ଯୀଶୁଙ୍କ ପ୍ରଥମ ଚମତ୍କାରର ସ୍ଥାନ ।

୩- କ'ରନାହମ ର ନିକଟବର୍ତ୍ତୀ ।

ସେଠାରେ ଚାରୋଟି ବିଶେଷ ଅଞ୍ଚଳ ଥିଲା (ଏବି, ଭୋଲ୍ୟୁମ-୧, ପୃଷ୍ଠା-୮୨୭)

୧- ଏଇନ୍ କାନ୍ନା, ଉତ୍ତର ନାଜରୀତରୁ କେବଳ ଏକ ମାଇଲ୍ ଦୂର ।

୨- କା'ର୍ କାନ୍ନା, ଉତ୍ତର ପୂର୍ବ ନାଜରୀତରୁ ପାଖାପାଖି ତିନି ମାଇଲ୍ ଦୂର ।

୩. ଖିର୍‌ବେତ୍ କାନ୍ନା, ଉତ୍ତର ନାଜରୀତରୁ ସାଢେ ଆଠ ମାଇଲ୍ ଦୂର ବୋଲି କୁହାଯାଏ, ଏକ ପାହାଡ଼ ଉପରେ ।

୪. ଆସଚିର ସମତଳର କାନ୍ନା, ଜୋସେ'ସ୍‌ଙ୍କ ଦ୍ୱାରା ଉଲ୍ଲେଖ (ଜୀବନ, ୮୬, ୨୦୬) ସମତଳ ଅଞ୍ଚଳରେ ଥିବା କାନ୍ନା ସେହି କାନ୍ନା ହୋଇଥିବା ଅନୁମାନ କରାଯାଏ, ଯାହା ଏବ୍ରୀ ଭାଷାରେ "ଦୁର୍ବଳ" ବଦଳରେ ଦିଆଗଲା (କେନ୍)

❑ **"ଯୀଶୁଙ୍କର ମାତା ସେଠାରେ ଥିଲେ"** - ମରୀୟମ ସେଠାକାର ବିବାହର ପ୍ରସ୍ତୁତିରେ ସାହାଯ୍ୟ କରୁଥିଲେ । ଏହାର ପ୍ରମାଣ (୧) ଦାସମାନଙ୍କୁ ତାହାଙ୍କ ଆଦେଶ (ପଦ-୫) ଏବଂ (୨) ଖାଦ୍ୟ ପାନିୟ ଉପରେ ତାହାଙ୍କ ଚିନ୍ତା (ପଦ-୩) । ସେମାନେ ବୋଧହୁଏ ସଂପର୍କିୟ ବା ପାରିବାରିକ ମିତ୍ର ଥିଲେ ।

**୨:୩ "ସେମାନଙ୍କର ଦ୍ରାକ୍ଷାରସ ନାହିଁ"** - ଅତିଥିମାନଙ୍କୁ ଦ୍ରାକ୍ଷାରସ ଦେବା ଏହା ଏବ୍ରୀୟମାନଙ୍କ ବାଧ୍ୟତାମୂଳକ ସଂସ୍କୃତି ଥିଲା । ଏହି ଦ୍ରାକ୍ଷାରସ ଅବଶ୍ୟ ମାତାଲ କରିବା ଥିଲା, ଯେମିତି (୧) ସେହି ଭୋଜର ଅଧ୍ୟକ୍ଷଙ୍କ କଥା ପଦ - ୯-୧୦, (୨) ଯୀଶୁଙ୍କ ସମୟର ସଂସ୍କୃତି; କିମ୍ବା (୩) ସଫାସୁତରା ବାତାବରଣ ପ୍ରକ୍ରିୟାର ଅଭାବ ।

**ବିଶେଷ ଶୀର୍ଷ : ଦ୍ରାକ୍ଷାରସ ଏବଂ ତୀବ୍ର ପାନିୟଜଳ ପ୍ରତି ବାଇବଲର ଦୃଷ୍ଟିକୋଣ।**

I. ବାଇବଲ ଶବ୍ଦ

କ – ପୁରାତନ ନିୟମ

୧. ୟାୟିନ୍ – ଏହା ଦ୍ରାକ୍ଷାରସ ନିମନ୍ତେ ସାଧାରଣ ରୀତିରେ ବ୍ୟବହାର କରାଯାଉଥିବା ଶବ୍ଦ, ଯାହା ୧୪୧ ଥର ଉଲ୍ଲେଖ କରାଯାଇଛି। ବିଶେଷ – ଶବ୍ଦର ଉତ୍ପତି ବିଷୟରେ କୌଣସି ଉଲ୍ଲେଖ ନାହିଁ, କାରଣ ଏହା ଏକ ଏବ୍ରୀୟ ମୂଳ ଶବ୍ଦ ନୁହେଁ। ଏହି ଶବ୍ଦର ଅର୍ଥ ହେଉଛି, ଉତ୍ତେଜିତ 'ଳର ରସ, ବିଶେଷ କରି ଅଙ୍ଗୁର କେତେକ ଅନୁଚ୍ଛେଦ ନିମ୍ନଲିଖିତ ଅଟେ। ଆଦି ୯:୨୧, ଯାତ୍ରା ୨୯:୪୦; ଗଣନା ୧୫:୫,୧୦।

୨. ତୀରୋସ - ଏହା "ନୂତନ ଦ୍ରାକ୍ଷାରସ" ନିମନ୍ତେ। ପୂର୍ବୋତ୍ତର ଦେଶର ବାତାବରଣର ବିଶେଷତା ହେତୁ, ରସ ବାହାର କରିବାର ୬ ଘଣ୍ଟା ଭିତରେ ରସ ଖମୀର ହୋଇଯାଇଥାଏ। ଏହି ଶବ୍ଦ ରସର ଖମୀର ହେବା ପ୍ରକ୍ରିୟାକୁ ଦର୍ଶାଇଥାଏ। କେତେକ ଅନୁଚ୍ଛେଦ ନିମ୍ନଲିଖିତ ଅଟେ। ଦ୍ୱିତୀୟ ବିବରଣ - ୧୨:୧୭, ୧୮:, ୪ ଯିଶା ୬୨:୮-୯, ହୋଶେୟ ୪:୧୧.

୩. ଏସିସ୍ : ଏହା ମଦ ନିମନ୍ତେ ବାସ୍ତବରେ ବ୍ୟବହୃତ ("ମଧୁର ଦ୍ରାକ୍ଷାରସ" ଯୋଏଲ୍ ୧:୫, ଯିଶା - ୪୯, ୨୬)।

୪. ସେକର - ଏହା ତୀବ୍ର ପାନୀୟ ଜଳ ନିମନ୍ତେ ଅଟେ। ଏବ୍ରୀ ମୂଳଶବ୍ଦର ର ବ୍ୟବହାର "ମଦ" କିମ୍ବା "ମଦୁଆ" ଅଟେ। ଏହାକୁ ଅଧିକ ନଶିଲା କରିବା ନିମନ୍ତେ ଏଥିରେ ଅନ୍ୟ କିଛି ମିଶ୍ରଣ କରାଯାଇଥାଏ। ଏହା ୟାନୀନ ସହ ସମାନ୍ତର (ହିତୋପଦେଶ ୨୦:୧; ଯିଶା ୨୮:୭)

ଖ- ନୂତନ ନିୟମ

୧. ଆଇନୋସ୍ - ୟାନୀନର ଗ୍ରୀକ୍ ଶବ୍ଦ।

୨. ନିଓସ୍ ଓଇନୋସ (ନୂତନ ହାକ୍ଷାରସ) - ତୀରୋସ ର ଗ୍ରୀକ ଶବ୍ଦ (ମାର୍କ ୨:୧୩).

୩. ଗ୍ଲୁକୋସ ଓ୍ୱିନୋସ (ମଧୁର ଦ୍ରାକ୍ଷରସ, ଏସିସ) - ଦ୍ରାକ୍ଷାରସ ନିଶାର ଆରମ୍ଭ ଅବସ୍ଥାରେ (ପ୍ରେରିତ - ୨:୧୩)

II. ବାଇବଲର ବ୍ୟବହାର

କ. ପୁରାତନ ନିୟମ

୧. ଦ୍ରାକ୍ଷରସ ଈଶ୍ୱରଙ୍କ ଦାନ ଅଟେ (ଆଦି ୨୭:୨୮, ଗୀତ ୧୦୪:୧୪-୧୫; ଉପଦେଶକ ୯:୭; ହୋଶେୟ ୨:୮,୯ ଜୋଏଲ ୨:୧୯,୧୪: ଆମୋଶ ୯:୧୩ ଯିଖ ୧୦:୭)

୨. ଦ୍ରାକ୍ଷାରସ ବଳିଦାନର ଏକ ଅଂଶ ଅଟେ (ଯାତ୍ରା ୨୯:୪୦; ଲେବି ୨୩:୧୩; ଗଣନା-୧୫:୭,୧୦:୨୮:୧୪; ଦ୍ୱିତୀୟ ବିବରଣ ୧୪:୨୬; ବିଚାର କର୍ତ୍ତା ୯:୧୩)

୩. ଦ୍ରାକ୍ଷାରସ ଔଷଧ ରୁପେ ବ୍ୟବହାର କରାଗଲା (୨ ଶାମୁ ୧୬:୨; ହେତୋପଦେଶ - ୩୧:୬-୩)

୪. ଦ୍ରାକ୍ଷାରସ ଏକ ବାସ୍ତବିକ ସମସ୍ୟା ହୋଇପାରେ (ନୋହ - ଆଦି ୯:୨୧, ଲୋଟ - ଆଦି ୧୯:୩୩,୩୫; ସାମ୍‌ସନ - ବିଚାରକର୍ତ୍ତା - ୧୬ : ୧୯; ନାବଲ - ୧ ଶାମୁ ୨୫:୩୬; ଉରିତ - ୨ ଶାମୁ ୧୧:୧୩: ଆମୋନ - ୨ ଶାମୁ ୧୩ : ୨୮; ଉଲ୍ଲା - ୧ ରାଜା ୧୬:୯; ବେନ୍‌ହେଦ୍‌ଦ - ୧ ରାଜା ୨୦ : ୧୨ ; ଅଧିକାରୀଗଣ ଆମୋଶ - ୬:୬ ଏବଂ ସ୍ତ୍ରୀମାନେ - ଆମୋଶ - ୪)

୫. ଦ୍ରାକ୍ଷାରସ ଦୁର୍ଉପଯୋଗ କରାଯାଇପାରିବ (ହିତୋପଦେଶ-୨୦ : ୧:୨୩ : ୨୯:୩୫ ; ୩୧: ୪,୫; ଯିଶା ୫:୧୧,୨. ୧୯:୧୪; ୨୮:୭-୮, ହୋଶେ ୪:୧୧)

୬. ଦ୍ରାକ୍ଷାରସ କେତେକ ଲୋକ ବା ଦଳ ନିମନ୍ତେ ପ୍ରତିବନ୍ଧକ ଥିଲା (ଯାଜକ ମାନେ ଦାୟୀତ୍ୱରେ, ଲେବି ୧୦:୯: ଯିହିଯିକଲ ୪୪:୨୧; ନାଜରିତୀୟ, ଗଣନା-୬, ଏବଂ ଅଧିକାରୀମାନେ -ହିତୋପଦେଶ- ୩୧:୪-୫; ଯିଶା - ୫୬: ୧୧-୧୨; ହୋଶେୟ ୭:୫)

୭. ଦ୍ରାକ୍ଷାରସ ଶେଷ ସମୟ ଶାସ୍ତ୍ରରେ ବ୍ୟବହାର କରାଗଲା (ଆମୋଶ ୯:୧୩, ଜୋୟେଲ - ୩:୧୮; ଯିଖ - ୯:୧୭)

ଖ- ଆନ୍ତଃବାଇବଲିୟ

୧. ଅଳ୍ପ ଦ୍ରାକ୍ଷରସ ଅଧିକ ସହାୟକ ଅଟେ (ଉପଦେଶକ - ୩୧:୨୭-୩୦)

୨. ରାବ୍‌ବୀମାନଙ୍କ କହିବାନୁସାରେ, "ଦ୍ରାକ୍ଷାରସ ସମସ୍ତ ଔଷଧଠାରୁ ଶ୍ରେଷ୍ଠ ଅଟେ, ଯେଉଁଠାରେ ଏହାର ପରିମାଣ କମ୍ ସେଠାରେ ନଶିଲା ଔଷଧର ଆବଶ୍ୟକତା ଅଛି

ଗ – ନୂତନ ନିୟମ –

୧. ଯୀଶୁ ଅଧିକ ପରିମାଣର ପାଣିକୁ ଦ୍ରାକ୍ଷାରସରେ ପରିବର୍ତ୍ତନକଲେ (ଯୋହନ ୨: ୧-୧୧)

୨. ଯୀଶୁ ଦ୍ରାକ୍ଷାରସ ପାନ କଲେ (ମାର୍ଥିଉ ୧୧:୧୮-୧୯; ଲୁକ ୭:୩୩-୩୪;୨୨:୧୭)

୩. ପେଣ୍ଟିକୋସ୍ତ ଦିନରେ ପିତର "ନୂତନ ଦ୍ରାକ୍ଷାରସ" ପିଇବା ଲୋକମାନେ ଆରୋପ କଲେ (ପ୍ରେରିତ ୨:୧୩)

୪. ଦ୍ରାକ୍ଷାରସ ଔଷଧ ରୂପରେ ବ୍ୟବହାର କରାଯାଇ ପାରିବ (ମାର୍କ ୧୫:୨୩; ଲୁକ ୧୦:୩୪; ୧ ତୀମଥି ୫:୨୩)

୫. ନେତାଗଣ ଏହା ର୍ଦୁବ୍ୟବହାର କରିବା ଲୋକ ନହୁଅନ୍ତ। ଏହାର ଅର୍ଥଏହା ନୁହେଁ କି ସଂପୂର୍ଣ୍ଣ ବହିଷ୍କାର କରନ୍ତ (୧ତୀମଥି ୩:୩,୮; ତୀତସ ୧:୭;୨:୩; ୧ପିତର ୪:୩)।

୬. ଦ୍ରାକ୍ଷାରସ ଶେଷ ସମୟ ଶାସ୍ତ୍ରରେ ବ୍ୟବହାର କରାଗଲା (ମାର୍ଥଉ ୨୨:୧ ପ୍ରକାଶିତ ୧୯:୯)

୭. ମାତାଲ୍ ନିନ୍ଦନିୟ ଅଟେ (ମାଥିଉ ୨୪:୪୯; ଲୁକ - ୧୨:୪୫; ୨୧:୩୪; ୧ କରି ୫: ୧୧-୧୩; ୬:୧୦; ଗାଲା - ୫:୨୧; ୧ ପିତର ୪:୩; ରୋମୀୟ ୧୩:୧୩-୧୪)।

III. ଧର୍ମଶାସ୍ତ୍ରୀୟ ଅନ୍ତଃ ଦୃଷ୍ଟି

କ. ବିବାଦିୟ ସଂଘର୍ଷ

୧. ଦ୍ରକ୍ଷାରସ ଈଶ୍ୱରଙ୍କ ଦାନ

୨. ମାତାଲ୍ ଏକ ବଡ଼ ସମସ୍ୟା ଅଟେ

୩. କେତେକ ସଂସ୍କୃତିର ବିଶ୍ୱାସୀମାନଙ୍କୁ ଆପଣା ସ୍ୱତନ୍ତ୍ରତା ଉପରେ ସୁସମାଚାର ନିମିତ ସିମୀତ କରିବା ଆବଶ୍ୟକ (ମାଥିଉ - ୧୫:୧-୨୦; ମାର୍କ ୭:୧-୨୩; ୧ କରି ୮-୧୦; ରୋମୀୟ - ୧୪)

ଖ- ଦିଆଯାଇଥିବା ସୀମାରୁ ବାହାରେ ଯିବାର ପ୍ରଥା

୧. ଈଶ୍ୱର ସମସ୍ତ ଉତ୍ତମ ବସ୍ତୁର ସ୍ରୋତ ଅଟନ୍ତି

୨. ପତିତ ମାନବଜାତି ଈଶ୍ୱରଙ୍କଠାରୁ ଦିଆଯାଇଥିବା ସମସ୍ତ ଦାନର ର୍ଦୁବ୍ୟବହାର କଲେ, ଈଶ୍ୱର ଦେଇଥିବା ସୀମା ବାହାରେ ଯାଇ।

ଗ- ର୍ଦୁବ୍ୟବହାର ଆମ୍ଭମାନଙ୍କ ମଧ୍ୟରେ ଅଛି, ବସ୍ତୁରେ ନୁହେଁ, ଭୌତିକ ସୃଷ୍ଟିରେ କୌଣସି ମନ୍ଦ ନୁହେଁ (ମାର୍କ-୭:୧୮-୨୩; ରୋମୀୟ - ୧୪:୧୪-୨୦; ୧କରି - ୧୦:୨୫-୨୬; ତୀମୋଥି ୪:୪; ତୀତସ ୧:୧୫)

IV. ପ୍ରଥମ ଶତାବ୍ଦିର ଯିହୁଦି ସଂସ୍କୃତି ଏବଂ ଖମୀର

କ- ରସ ବାହାରିବା ପାଖାପାଖି ୬ ଘଣ୍ଟା ପରେ ଅତିଶିଘ୍ର ଖମୀର ଆରମ୍ଭ ହୁଏ।

ଖ- ଯିହୁଦୀ ସଂସ୍କୃତି ଅନୁସାରେ ଯେତେବେଳେ ରସରୁ ଫେଁଣ ଆସିବା ଆରମ୍ଭ ହୁଏ (ଖମୀରର ସଂକେତ), ସେତେବେଳେ ଏହି ଦ୍ରାକ୍ଷାରସର ଦଶାଂସ ଦେବା ଉଚିତ୍। ଏହା "ନୂତନ ଦ୍ରାକ୍ଷାରସ" ବା "ମଧୁର ଦ୍ରାକ୍ଷାରସ" କୁହାଯାଏ।

ଗ- ଏକ ସପ୍ତାହ ପରେ ଆରମ୍ଭିକ ଖମୀର ପ୍ରକ୍ରିୟା ପୂର୍ଣ୍ଣ ହୋଇଥାଏ।

ଘ- ଖମୀର ପ୍ରକ୍ରିୟାର ଦ୍ୱିତୀୟ ଚରଣ ୪୦ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଏହି ସମୟର ଦ୍ରାକ୍ଷାରସ କୁ "ବୟସ୍କ ଦ୍ରାକ୍ଷାରସ" କୁହାଯାଏ।, ଯାହା ବେଦି ଉପରେ ବଳି ଚଢା ଯାଏ (ଏଦୁୟୋଥ-୬:୧)।

ଙ- ଅଧିକ ସମୟ ପର୍ଯ୍ୟନ୍ତ ରହିଥିବା ଦ୍ରାକ୍ଷାରସକୁ ଉତ୍ତମ ଗଣାଯାଏ, କିନ୍ତୁ ଏହାକୁ ବ୍ୟବହାର କରିବା ପୂର୍ବେ ଭଲଭାବେ ଛାଣିବା ଆବଶ୍ୟକ ଅଟେ।

ଚ- ଖମୀର ପ୍ରକ୍ରିୟାରେ ଏକ ବର୍ଷ ଯାଏ ରହୁଥିବା ଦ୍ରାକ୍ଷାରସକୁ ମାନ୍ୟତା ଦିଆଯାଏ। ଅଧିକରୁ ଅଧିକ ତିନି ବର୍ଷ ପର୍ଯ୍ୟନ୍ତ ଏହା ସାଇତି ରଖାଯାଇପାରେ। ଏହାକୁ ପୁରୁଣା ଦ୍ରାକ୍ଷାରସ କହନ୍ତି। ଏବଂ ଏହା ପାଣିରେ ମିଶ୍ରଣ କରିବା ଆବଶ୍ୟକ ଅଟେ।

ଛ- କେବଳ ବିଗତ ୧୦୦ ବର୍ଷରୁ ଅନୁର୍ବର ବାତାବରଣ ଏବଂ ରସାୟନିକ ମିଶ୍ରଣ ହେତୁ ନିଶାର ସମୟ ବୃଦ୍ଧି କରାଯାଇଅଛି। ପ୍ରାଚୀନ ଯୁଗ ନଶାର ପ୍ରାକୃତିକ ପ୍ରକ୍ରିୟାକୁ ବନ୍ଦ କରିପାରିନାହିଁ।

V. ୫ - ଅନ୍ତିମ କଥନ

କ- ନିଶ୍ଚିନ୍ତ ହୁଅନ୍ତୁ କି ଆପଣଙ୍କର ଅନୁଭବ, ଧର୍ମଶାସ୍ତ୍ର, ବାଇବଲିୟ ଅନୁବାଦ ଯୀଶୁଙ୍କର ମୂଲ୍ୟକୁ କମ୍ ନ କରେ ଏବଂ ପ୍ରଥମ ଶତାବ୍ଦିର ଯିହୁଦି ଏବଂ ଖ୍ରୀଷ୍ଟିଆନ୍ ମାନଙ୍କ ସଂସ୍କୃତିକୁ । ପ୍ରକୃତରେ ସେମାନେ ସଂପୂର୍ଣ୍ଣ ମନା କରିବା ଲୋକେ ନ ଥିଲେ।

ଖ- ମଦ୍ୟ ର ସାମୁହିକ ସେବନକୁ ମୁଁ ଉତ୍ସାହ କରୁନାହିଁ। ଯେପରି କି ଅନେକ ଏହି ବିଷୟରେ ବାଇବଲର କଥନକୁ ଅଧିକ ମାତ୍ରାରେ ବାଖ୍ୟା କରି ଅଛନ୍ତି ଏବଂ ସଂସ୍କୃତି ଓ ସଂସ୍ଥା ଉପରେ ଆଧାର କରି ମହାନ୍ ଧାର୍ମିକ ରୂପରେ ଦାବି କରୁଅଛନ୍ତି।

ଗ- ମୋ ଅନୁସାରେ, ରୋମୀୟ-୧୪ ଏବଂ ୧କରିନ୍ଥୀୟ -୮-୧୦ ଏହି ବିଷୟ ପ୍ରତି ସହ ବିଶ୍ୱାସିମାନଙ୍କୁ ପ୍ରେମ ଏବଂ ସମ୍ମାନ ର ଆଧାରରେ ମାର୍ଗଦର୍ଶନ ଏବଂ ଅନ୍ତଦୃଷ୍ଟି ପ୍ରଦାନ କରିଅଛନ୍ତି।

ଯାହାର ସାହାଯ୍ୟରେ ମୁଁ ପ୍ରତ୍ୟେକ ସଂସ୍କୃତିରେ ସୁସମାଚାର ପହଞ୍ଚାଇ ପାରେ। ଯଦି ବାଇବଲ ହିଁ ବିଶ୍ୱାସ ଏବଂ କର୍ମର ଏକମାତ୍ର ସ୍ରୋତ ଅଟେ ତେବେ ଆମକୁ ଏହି ବିଷୟ ପ୍ରତି ପୁନର୍ବାର ବିଚାର କରିବା ଆବଶ୍ୟକ ଅଟେ।

ଘ- ଯଦି ଆମେ ଏହାକୁ ଈଶ୍ୱରଙ୍କ ଇଛା କହି ପୂର୍ଣ୍ଣ ରୂପେ ମନା କରୁ, ତେବେ ଆମେ ଯୀଶୁଙ୍କ ବିଷୟରେ କଣ କହୁ, ଏବଂ ସେହି ଆଧୁନିକ ସଂସ୍କୃତି ଯିଏ, ନିରନ୍ତର ଦ୍ରାକ୍ଷାରସ ବ୍ୟବହାର କରି ଆସୁଅଛନ୍ତି (ୟୁରୋପ, ଇସ୍ରାଏଲ, ଆର୍ଜେଣ୍ଟିନା)।

**୨:୪** **"ଗୋ ନାରୀ"** - ଇଂରାଜୀରେ ଏହା ଅପମାନ ପରି ଲାଗେ, କିନ୍ତୁ ଏବ୍ରୀୟ ଭାଷାରେ ଏହା ସମ୍ମାନର ଶବ୍ଦ (୪:୨୧; ୮:୧୦; ୧୯:୨୬; ୨୦:୧୫)

- **ଏନ୍ଏଏସ୍ବି - "ତାହା ସହିତ ଆମର କଅଣ କାମ" ?**

**ଏନ୍କେଜେଭି - "ତୁମର ଚିନ୍ତା ସହିତ ମୋହର କଅଣ କାମ" ?**

**ଏନ୍ଆର୍ଏସ୍ଭି - "ମୋ ସହିତ ତୋହର କଅଣ କାମ" ?**

**ଟିଇଭି - "ମୁଁ କଅଣ କରିବି ତାହା ତୁମେ ମୋତେ କୁହ ନାହିଁ" ?**

**ଏନ୍ଜେବି - "ମୋ ଠାରୁ ତୁମକୁ କଅଣ ଦରକାର" ?**

ଏହା ଏକ ଏବ୍ରୀୟ କଥା, ଯାହାର ଅର୍ଥ - "ତୁମର ଓ ମୋହର ଏଥିରେ କଅଣ" (ବିଚାରକର୍ତ୍ତା-୧୧:୧୨; ୨ ଶାମୁ-୧୬:୧୦;୧୯:୨୨; ୧ ରାଜା-୧୭:୧୮; ୨ ରାଜା - ୩:୧୩; ୨ ବଂଶାବଳି - ୩୫:୨୧; ମାଥିଉ- ୮:୨୯; ମାର୍କ-୧:୨୪; ୫:୭; ଲୁକ- ୪:୩୪; ୮:୨୮; ଯୋହନ- ୨:୪)। ସମ୍ଭବତଃ ଏହା ଯୀଶୁଙ୍କର ଆପଣା ପରିବାର ସହିତ ଏକ ନୂତନ ସଂବନ୍ଧର ଆରମ୍ଭ ଥିଲା (ମାର୍ଥଉ-୧୨:୪୬; ଲୁକ - ୧୧:୨୭-୨୮)।

- **"ମୋହର ସମୟ ଏପର୍ଯ୍ୟନ୍ତ ଉପସ୍ଥିତ ହୋଇ ନାହିଁ"** - ଏହା ଯୀଶୁଙ୍କର ସ୍ୱଂୟ ଜ୍ଞାନ ତାହାଙ୍କ ନିରୁପିତ ଉଦ୍ଦେଶ୍ୟ ବିଷୟରେ ଦର୍ଶାଇଥାଏ (ମାର୍କ- ୧୦:୪୫)। ଶବ୍ଦ "ସମୟ" କୁ ଯୋହନ ବିଭିନ୍ନ ମାଧମରେ ବ୍ୟବହାର କରୁଅଛନ୍ତି।

  ୧- ସମୟ ନିମନ୍ତେ (୧:୩୯; ୪:୬, ୫୨, ୫୩; ୧୧:୯; ୧୬:୨୧; ୧୯:୧୪; ୧୯:୨୭)

  ୨- ଅନ୍ତିମ ସମୟ ନିମନ୍ତେ (୪:୨୧, ୨୩; ୫:୨୫, ୨୮)

  ୩- ତାହାଙ୍କର ଶେଷ ସମୟ ନିମନ୍ତେ (ଗିର', ମୁକଦମା, ମୃତ୍ୟୁ - ୨:୪; ୭:୩୦; ୮:୨୦; ୧୨:୨୩; ୨୭; ୧୩:୧; ୧୬:୩୨; ୧୭:୧)।

୨:୫ **"ସେ ତୁମ୍ଭମାନଙ୍କୁ ଯାହାକିଛି କହନ୍ତି, ତାହା କର"** - ଏହି ଅବସରରେ ଆପଣା ତରଫରୁ ମରିୟମ ଯୀଶୁଙ୍କର ଉତ୍ତର ଏବଂ କାର୍ଯ୍ୟକୁ ବୁଝିପାରିଲେ ନାହିଁ।

**୨:୬**

**ଏନ୍ଏଏସ୍ବି - "ଯିହୁଦି ମାନଙ୍କର ଶୁଚିକରଣର ସଂସ୍କୃତି ନିମନ୍ତେ"**

**ଏନ୍କେଜେଭି - "ଶୁଚିକରଣର ନିୟମ ଅନୁସାରେ"**

**ଏନ୍ଆର୍ଏସ୍ଭି - "ଯିହୁଦିମାନଙ୍କ ଶୁଚି କରିବାର ରିତି ଅନୁସାରେ"**

**ଟିଇଭି - "ଯିହୁଦିମାନଙ୍କର ଶୁଚି କରିବାର ରିତୀ ନିୟମ ଅଛି"**

**ଏନ୍ଜେବି - "ଯିହୁଦିମାନଙ୍କ ମଧରେ ସ୍ନାନ କରିବାର ଏକ ସଂସ୍କୃତ ଅଛି"**

ଏହି କୁମ୍ଭର ପାଣିକୁ ହାତ, ଗୋଡ଼, ବାସନ ଇତ୍ୟାଦି ଧୋଇବାରେ ବ୍ୟବହାର କରୁଥିଲେ। ଯୋହନ ଏହି ବିଷୟକୁ ବିଜାତିମାନଙ୍କୁ ବୁଝାଇବା ନିମନ୍ତେ ଲେଖିଅଛନ୍ତି।

**୨:୬-୭ "ଛଅଗୋଟା ପଥର ଜାହାଲା"** - ଯେମିତି ଯୋହନରେ ଅଧିକାଂଶ ଦେଖିବାକୁ ମିଳେ, ଏହି ଚିହ୍ନର ଦୁଇ ଲକ୍ଷ ଅଟେ।

୧- ବିବାହିତ ଦମ୍ପତିଙ୍କୁ ସାହାଯ୍ୟ କରିବା

୨- ଯୀଶୁ ଯେ ଯିହୁଦି ଧର୍ମର ପୂରକ ଏହା ସେ ବିଷୟରେ ଇଙ୍ଗିତ କରେ।

ଏହି ଶେଷ ବିବରଣର କାରଣ ଏହା ହୋଇପାରେ -

  କ- ସଂଖ୍ୟା "୬" ମୁନଷ୍ୟ ପ୍ରୟାସର ଏକ ଚିହ୍ନ।

  ଖ- କୁମ୍ଭର 'ନ୍ଦ ପର୍ଯ୍ୟନ୍ତ ଭର୍ତ୍ତିକରିବା ଯୀଶୁଙ୍କର ଆଜ୍ଞାର ମଧ ଅର୍ଥ ଅଟେ, କେବଳ ଦ୍ରାକ୍ଷାରସ ହିଁ ପ୍ରଦାନ କରିବା ତାହା ନୁହେଁ।

  ଗ- ସ୍ଥାନୀୟ ବିବାହ ଭୋଜରେ ଏତେ ମାତ୍ରାରେ ଦ୍ରାକ୍ଷାରସ ଦେବା ଅତ୍ୟଧିକ ଥିଲା।

  ଘ- ଦ୍ରାକ୍ଷାରସ ନୂତନ ଯୁଗ ପ୍ରଚୁରତାର ଚିହ୍ନ ଥିଲା।

- **"ପ୍ରତ୍ୟେକ ଦୁଇ ବା ତିନି ମହଣିଆ ପାତ୍ର ଥିଲା"** - ମାପ ନିମନ୍ତେ ଏବ୍ରୀ ଶବ୍ଦ ବାଥ୍ ର ବ୍ୟବହାର କରାଗଲା। ଯୀଶୁଙ୍କ ସମୟରେ ତିନି ଭିନ୍ନଭିନ୍ନ ଆକାରର ବାଥ୍ ର ବ୍ୟବହାର କରାଯାଇଥିଲା ତେଣୁ ଠିକ୍ ମାପ ବିଷୟରେ କରିବା ଅସମ୍ଭବ। କିନ୍ତୁ ଏହି ଆଶ୍ଚର୍ଯ୍ୟ କର୍ମରେ ଅତ୍ୟଧିକ ଦ୍ରାକ୍ଷାରସ ହୋଇଛି।

**ବିଷେଷ ଶୀର୍ଷ : ପ୍ରାଚୀନ ପୂର୍ବ ଦେଶର ମାପତୂଲ ଏବଂ ବିସ୍ତାର (ଭୂମିଶାସ୍ତ୍ର)**

ପ୍ରାଚୀନ କୃଷି ଅର୍ଥଶାସ୍ତ୍ରରେ ବାଣିଜ୍ୟ ନିମନ୍ତେ ବ୍ୟବହୃତ ଓଜନ ଏବଂ ମାପଦଣ୍ଡ ଗୁରୁତ୍ୱପୂର୍ଣ୍ଣ ଥିଲା। ବାଇବଲ ଯିହୁଦିମାନଙ୍କୁ ପରସ୍ପରର ଆଦାନ ପ୍ରଦାନରେ ଉତ୍ତମ ହେବାକୁ କହେ (ଲେବି-୧୯:୩୫-୩୬; ଦ୍ୱିତୀୟ ବିବରଣ ୨୫:୧୩-୧୬; ହିତୋପଦେଶ-୧୧:୧; ୧୬:୧୧; ୨୦:୧୦)। କେବଳ ସଚୋଟ ହିଁ ହିଁ ପ୍ରକୃତ ସମସ୍ୟା ନଥିଲା ମାତ୍ର ପଲେଷ୍ଟିୟରେ ଆଦର୍ଶହୀନ ମାପ ତୁଲର ବ୍ୟବହାର ହେଉଥିଲା। ସେଠାରେ ଦୁଇ ପ୍ରକାରର ମାପଦଣ୍ଡ ଥିଲା; ଗୋଟିଏ "ହାଲକା" ଆଉ ଅନ୍ୟ ଏକ "ଭାରୀ", ପ୍ରତି ପରିମାଣ ନିମନ୍ତେ (ଦେଖନ୍ତୁ. ଦି ଇଣ୍ଟେର୍‌ପ୍ରିଟରସ୍ ଡ଼ିକ୍ସନେରୀ ଅଫ ଦି ବାଇବଲ, ଭଲ୍ୟୁମ, ୪, ପୃଷ୍ଠା-୮୩୧)। ମେଶୋପଟାମିଆର ଛଅ ମଳବ ପ୍ରଣାଳୀ ସହିତ ମିଶରର ଦଶମଳବ ପ୍ରଣାଳୀ ମିଶ୍ରିତ କରାଗଲା।

ଅଧିକାଂଶ "ଆକାର" ଏବଂ "ରାଶି" ମନୁଷ୍ୟମାନଙ୍କ ଶରୀରର ଅଙ୍ଗ, ପଶୁ ଉପରେ ଲଦା ଯାଇଥିବା ଭାରୀ, ଏବଂ ଚାଷୀର ପାତ୍ର ଅନୁସାରେ ବ୍ୟବହୃତ ହେଉଥିଲା। ତେଣୁ ତାଲିକା ତ କେବଳ ଏକ ଆକଳନ ଏବଂ ସଂକୋଚପୂର୍ଣ୍ଣ ଥିଲା। ସଂବନ୍ଧିତ ତାଲିକାରେ ମାପଦଣ୍ଡର ମାଧ୍ୟମ ସହଜ ଅଟେ।

ର.୧- ଅଧିକାଂଶ ବ୍ୟବହୃତ ହୋଇଥିବା ପୁସ୍ତକର ଶବ୍ଦ ହେଲା

କ- ଜଳହୀନ ମାପଦଣ୍ଡ

୧- ହୋମର - ଲେବି - ୨୭:୧୬; ହୋଶେୟ- ୩:୨

୨- ଲେତଖ - ହୋଶେୟ - ୩:୨

୩- ଐଫାର - ଯାତ୍ରା - ୧୬:୩୬; ଲେବି - ୧୯:୩୬; ଯିହିଜିକଲ-୪୫:୧୦-୧୧, ୧୩, ୨୪

୪- ମହଣ - ଆଦି - ୧୮:୬; ୧ ଶାମୁ - ୨୫:୧୮; ୧ ରାଜା - ୧୮:୩୨; ୨ ରାଜା- ୭:୧, ୧୬, ୧୮

୫- ଓମର - ଯାତ୍ରା - ୧୬:୧୬, ୨୨, ୩୬; ଲେବି - ୨୩:୧୦-୧୫।

୬- ଐଫାର - ଯାତ୍ରା - ୨୯:୪୦; ଲେବି - ୧୪:୨୧; ଗଣନା-୪୫:୧୦-୧୧, ୧୪

୭- କାବ୍ର - ୨ ରାଜା - ୬:୨୫

ଖ- ତରଳପଦାର୍ଥ ମାପଦଣ୍ଡ

୧- କୋର - ଯିହିଜିକଲ - ୪୫:୧୪ (ଜଳହୀନ ମାପ ମଧ୍ୟ ହୋଇପାରେ-୨ ବଂଶାବଳି - ୨:୧୦; ୨୭:୫)।

୨- ବାତ୍ - ୧ ରାଜା - ୭:୨୬, ୩୮; ୨ ବଂଶାବଳି - ୨:୧୦; ୪:୫; ଯିଶା- ୫:୧୦ ଯିହିଜିକଲ - ୪୫:୧୦-୧୧, ୧୪)।

୩- ହୀନ - ଯାତ୍ରା - ୨୯:୪୦; ଲେବି-୧୯:୩୬; ଯିହିଜିକଲ-୪୫:୨୪।

୪- ଲୋଗ୍ - ଲେବି - ୧୪:୧୦, ୧୨, ୧୫, ୨୧, ୨୪

ଗ- ତାଲିକା

| | | | | | | | | |
|---|---|---|---|---|---|---|---|---|
| ହୋମର (ସୁଷ୍କ) | = | କୋର (ତରଳ ପଦାର୍ଥ) | | | ୧ | | | |
| ଐ'ାର (ସୁଷ୍କ) | = | ବାତ୍ (ତରଳ ପଦାର୍ଥ) | | | ୧୦ | ୧ | | |
| ମହଣ (ସୁଷ୍କ) | = | | | ୩୦ | ୩ | ୧ | | |
| ହୀନ୍ (ତରଳ ପଦାର୍ଥ) | | | | ୬୦ | ୬ | ୨ | ୧ | |
| ଓମର (ସୁଷ୍କ) | - | ୧୦୦ | ୧୦ | - | - | ୧ | | |
| କାବ୍ର୍ (ସୁଷ୍କ) | - | ୧୮୦ | ୧୮ | ୬ | ୩ | - | ୧ | |
| ଲୋଗ୍ (ତରଳ ପଦାର୍ଥ) | - | ୭୨୦ | ୭୨ | ୨୪ | ୧୨ | - | ୪ | ୧ |

II. ଅଧିକାଂଶ ମାପତୂଲର ବ୍ୟବହାର

କ- ତିନୋଟି ଅତି ସାଧାରଣ ମାପତୂଲ ହେଲା ମହଣ, ଶେକଲ ଏବଂ ଗେରା

୧. ପୁରାତନ ନିୟମର ସବୁଠାରୁ ବଡ଼ ମାପ ମହଣ ଥିଲା। ଯାତ୍ରା-୩୮:୨୫-୨୬ ଆମେ ଦେଖୁ କି ଏକ ମହଣ ୩,୦୦୦ ଶେକଲ ସଙ୍ଗେ ସମାନ।

୨. ଶକେଲ ଶବ୍ଦ ଅଧିକାଂଶ ସମୟ ବ୍ୟବହୃତ ହେଲା ଏବଂ ତାହା ଗ୍ରହଣ ମଧ୍ୟ କରାଗଲା, କିନ୍ତୁ ପ୍ରସଙ୍ଗରେ ତାହା ବର୍ଣ୍ଣନା କରାଯାଇ ନାହିଁ। ପୁରାତନ ନିୟମରେ ଶେକଲର ବିଭିନ୍ନ ପ୍ରକାର ମୂଲ୍ୟର ଆକଳନ କରାଗଲା।

କ. "ବାଣିଜ୍ୟ ମୂଲ୍ୟ" (ଆଦି - ୨୩:୧୬)

ଖ. "ପବିତ୍ର ସ୍ଥାନର ଶେକଲ" (ଯାତ୍ରା - ୩:୧୩)

ଗ. "ରାଜାଙ୍କର ମାପ ଦ୍ୱାରା" (୨ ଶାମୁ-୧୪:୨୬), ଏଲିଫାଣ୍ଟାଇନ୍ ପାପ୍‌ରି ରେ ଏହା "ରାଜକୀୟ ମାପ" ବୋଲି ମଧ୍ୟ କୁହାଯାଏ।

୩. କୋଡ଼ିଏ ଗେରାରେ ଏକ ଶେକଲ (ଯାତ୍ରା-୩:୧୩; ଲେବି - ୨୭:୨୫; ଗଣନା - ୩:୪୭; ୧୮:୧୬; ଯିହିଜିକଲ-୪୫:୧୨)।

୪. ମାନି ୫୦ କିମ୍ବା ୬୦ ଶେକଲର ମୂଲ୍ୟ ହେଉଥିଲା। ଏହି ଶବ୍ଦଟି ସାଧାରଣତଃ ପୁରାତନ ନିୟମର ଶେଷ ପୁସ୍ତକରେ ମିଳେ (ଯିହିଜିକଲ-୪୫:୧୨; ଏଜ୍ରା-୨:୬୯; ନିହିମିୟା-୭:୭୦-୭୧)। ଯିହିଜିକଲ ଏକ ଐ'ର ଷଷ୍ଠାଂଶର ବ୍ୟବହାର କଲାବେଳେ କାନ୍ନାରେ ଏକ ଐ'ର ପଚାଂଶ ର ବ୍ୟବହାର ହୋଇଛି।

୫. ବେକା ("ଅର୍ଦ୍ଧ ଶେକଲ" ଆଦି-୨୪:୨୨) ପୁରାତନ ନିୟମରେ କେବଳ ଦୁଇଥର ବ୍ୟବହାର କରାଗଲା (ଆଦି-୨୪:୨୨; ଯାତ୍ରା-୩୮:୨୬) ଏବଂ ଅର୍ଦ୍ଧ ଶେକଲର ମୂଲ୍ୟ ଆକଳନ କରାଗଲା। ଏହି ନାମର ଅର୍ଥ "ବିଭାଜନ କରିବାକୁ"।

ଖ- ତାଲିକା

୧- ପଞ୍ଚଗ୍ରନ୍ଥ ଅନୁସାରେ

| | | | | | |
|---|---|---|---|---|---|
| ମହଣ | ୧ | | | | |
| ମାନି | ୬୦ | ୧ | | | |
| ଶେକଲ | ୩,୦୦୦ | ୫୦ | ୧ | | |
| ବେକା | ୬,୦୦୦ | ୧୦୦ | ୨ | ୧ | |
| ଗେରା | ୬୦,୦୦୦ | ୧୦୦୦ | ୨୦ | ୧୦ | |

୨- ଯିହି ଜିକଲଙ୍କ ଅନୁସାରେ

| | | | | | |
|---|---|---|---|---|---|
| ମହଣ | ୧ | | | | |
| ମାନି | ୬୦ | ୧ | | | |
| ଶେକଲ | ୩,୬୦୦ | ୬୦ | ୧ | | |
| ବେକା | ୭,୨୦୦ | ୧୨୦ | ୨ | ୧ | |
| ଗେରା | ୭୨,୦୦୦ | ୧,୨୦୦ | ୨୦ | ୧୦ | ୧ |

**୨:୮**

**ଏନ୍ଏଏସ୍‌ବି - "ଅଧ୍ୟକ୍ଷ୍ୟ"**
**ଏନ୍‌କେଜେଭି - "ଭୋଜର ଅଧ୍ୟକ୍ଷ୍ୟ"**
**ଏନ୍ଆର୍ଏସ୍‌ଭି - "ପ୍ରଧାନ ଆୟୋଜକ"**
**ଟିଇଭି - "ଭୋଜର ଦାୟୀତ୍ୱରେ ଥିବା"**
**ଏନ୍‌ଜେବି - "ଭୋଜର ସଭାପତି"**

ଏହି ବ୍ୟକ୍ତି (୧) ମାନନୀୟ ଅତୀଥି ଯିଏ ଏହି କାର୍ଯ୍ୟକ୍ରମର ଦାୟୀତ୍ୱରେ ଥିଲେ କିମ୍ବା (୨) ଅତୀଥିମାନଙ୍କୁ ସତ୍କାର କରିବା ନିମନ୍ତେ ଦାସମାନଙ୍କ ଅଧ୍ୟକ୍ଷ ହୋଇପାରେ।

**୨:୧୦** – ଏଠାରେ ବିଷୟ ହେଲା – ସାଧାରଣତଃ ପ୍ରଥମରେ ଉତ୍ତମ ଦ୍ରାକ୍ଷାରସ ପରୋସା ଯାଇଥାଏ। ଅତିଥିମାନେ ମାତାଲ ହେଲାପରେ, ମଧ୍ୟମ ଧରଣର ଦିଆଯାଇଥାଏ। କିନ୍ତୁ ଏଠାରେ ସର୍ବୋତ୍ତମ ଶେଷଯାଏଁ ଥିଲା। ଏହା ଯିହୁଦି ଧର୍ମର ପୁରୁଣା ନିୟମ (ପୁରୁଣା ଦ୍ରାକ୍ଷାରସ) ଏବଂ ଯୀଶୁଙ୍କର ନୂତନ ନିୟମ (ନୂତନ ଦ୍ରାକ୍ଷାରସ)ର ବିରୋଧଭାସ କରିବା ଦେଖାଯାଏ। ଯୀଶୁଙ୍କ ଦ୍ୱାରା ମନ୍ଦିରର ଶୁଚିକରଣ (୨:୧୩-୨୫) ଏହି ସତ୍ୟକୁ ପ୍ରକାଶିତ କରେ।

**୨:୧୧ "ତାହାଙ୍କ ଆଶ୍ଚର୍ଯ୍ୟ କର୍ମର ଆରମ୍ଭ"** – ଯୋହନ ରଚିତ ସୁସମାଚାରରେ ପ୍ରାୟତଃ ସାତୋଟି ଆଶ୍ଚର୍ଯ୍ୟକର୍ମ ଏବଂ ତାର ବାଖ୍ୟା ବିଷୟରେ ଦିଆଗଲା। ଏହା ପ୍ରଥମ ଆଶ୍ଚର୍ଯ୍ୟକର୍ମ ଅଟେ।

- **"ଆପଣ ମହିମା ପ୍ରକାଶ କଲେ, ଆଉ ତାହାଙ୍କ ଶିଷ୍ୟମାନେ ତାହାଙ୍କଠାରେ ବିଶ୍ୱାସ କଲେ"** - ଯୀଶୁଙ୍କର ମହିମାର ପ୍ରକାଶ ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ଥିଲା। ଏହି ଆଶ୍ଚର୍ଯ୍ୟ କର୍ମ, ଅନ୍ୟଙ୍କ ସଦୃଶ୍ୟ, ଶିଷ୍ୟମାନଙ୍କ ଉପରେ ସର୍ବପ୍ରଥମେ ପ୍ରଭାବ ପକାଇଲା। ଏହା ସେମାନଙ୍କର ଆରମ୍ଭିକ ବିଶ୍ୱାସ ଉପରେ ଦର୍ଶାଏ ନାହିଁ। କିନ୍ତୁ ଯୀଶୁଙ୍କର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ପ୍ରତି ସେମାନଙ୍କର ଜ୍ଞାନକୁ ପ୍ରକାଶ କରେ। ଏହି ଆଶ୍ଚର୍ଯ୍ୟ କର୍ମ ଖ୍ରୀଷ୍ଟଙ୍କର ସତ୍ୟ କାର୍ଯ୍ୟ ଏବଂ ବ୍ୟକ୍ତିତ୍ୱକୁ ପ୍ରକାଶ କରେ। ଏହା ଅନିଶ୍ଚିତ କି ଏହି ଆଶ୍ଚର୍ଯ୍ୟକର୍ମ ବିଷୟରେ ଅତିଥିମାନେ ଜାଣିଥିଲେ ନା ନାହିଁ।

ଏନ୍ଏଏସ୍‌ବି ଶବ୍ଦ – **୨:୧୨**

**୧୨ ଏଥି ଉତ୍ତାରେ ସେ ଆପଣା ମାତା, ଭ୍ରାତୃବୃନ୍ଦ ଓ ଶିଷ୍ୟମାନଙ୍କ ସହିତ କ'ର୍ନାହୂମକୁ ଗଲେ, ପୁଣି ସେମାନେ ସେଠାରେ ଅଧିକ ଦିନ ରହିଲେ ନାହିଁ।**

**୨:୧୨ "କଫର୍ନାହୂମ"** - ନାଜରତର ଅବିଶ୍ୱାସ ହେତୁ (ଲୂକ-୪:୧୬-୩୦)

ଏହା ଗାଲିଲୀରେ ଯୀଶୁଙ୍କର ମୂଖ୍ୟସ୍ଥାନ ହେଲା (ମାଥିଉ-୪:୧୩; ମାର୍କ- ୧:୨୧; ୨:୧; ଲୂକ-୪:୨୩, ୩୧; ଯୋହନ-୨:୧୨;୪:୪୬-୪୭)।

- କାନ୍ନାର ଆଶ୍ଚର୍ଯ୍ୟ କର୍ମ ଅନୁସାରେ ଏହା ଯୀଶୁଙ୍କର ଆପଣା ପରିବାରର ସେବାକର୍ଯ୍ୟ ଅଟେ।

**ପ୍ରାସଙ୍ଗିକ ଅନ୍ତଃଦୃଷ୍ଟି – ୨:୧୩-୨୫**

କ- ନୂତନ ନିୟମର ଜ୍ଞାନିମାନଙ୍କ ମଧ୍ୟରେ ଏହା ଅଧିକ ଆଲୋଚନାର ବିଷୟ କି, କେତେଥର ଯୀଶୁ ମନ୍ଦିରର ଶୁଦ୍ଧିକରଣ କଲେ। ଯୋହନ ଶୁଦ୍ଧିକରଣ କୁ, ଯୀଶୁଙ୍କର ସେବାକାର୍ଯ୍ୟର ଆରମ୍ଭରେ ଉଲ୍ଲେଖ କରୁଅଛନ୍ତି, ଯେପରିକି ସମାନ୍ତର ସୁମାଚାରରେ (ମାଥିଉ-୨୧:୧୨;ମାର୍କ-୧୧:୧୫; ଲୂକ-୧୯:୪୫) ଏହାକୁ ଯୀଶୁଙ୍କର ଶେଷ ସପ୍ତାହର କାର୍ଯ୍ୟକ୍ରମରେ ସାମିଲ୍ କରିଅଛନ୍ତି। ଏହି ଦୁହିଁଙ୍କର ଭିନ୍ନତାକୁ ଦେଖିଲେ ମନେହୁଏ କି ମନ୍ଦିରର ଶୁଦ୍ଧିକରଣ ଥରେ ନୁହେଁ ମାତ୍ର ଦୁଇଥର ହୋଇଅଛି।

ଯେମନ୍ତ, ଏହା ନିଶ୍ଚିନ୍ତ କି, ଯୋହନ ଧର୍ମଶାସ୍ତ୍ରୀୟ ଉଦ୍ଦେଶ୍ୟ ନିମନ୍ତେ ଯୀଶୁଙ୍କର କାର୍ଯ୍ୟକୁ ଗଠିତ କରିଅଛନ୍ତି। ପବିତ୍ରଆତ୍ମାଙ୍କର ପ୍ରେରଣାର ଅଧିନରେ ପ୍ରତ୍ୟେକ ଲେଖକଙ୍କୁ ସ୍ୱାଧିନତା ଅଛି କି ସେମାନେ ଯୀଶୁଙ୍କର କାର୍ଯ୍ୟ ଏବଂ ଶିକ୍ଷାକୁ ସଂକ୍ଷିପ୍ତ କରନ୍ତୁ, ବ୍ୟବସ୍ଥିତ କରନ୍ତୁ, ଏବଂ ମନୋନୀତ କରନ୍ତୁ। ମୁଁ ବିଶ୍ୱାସ କରେ ନାହିଁ କି, ସେମାନଙ୍କୁ ଯୀଶୁଙ୍କର ବାକ୍ୟକୁ ଉଙ୍ଗରୁଜା କରିବାର, ଏବଂ ଘଟଣାକୁ ନିର୍ମାଣ କରିବାର ସ୍ୱାଧୀନତା ଥିଲା। ଏହା ସ୍ମରଣ ଯୋଗ୍ୟ କି, ସୁସମାଚାର ଆଧୁନିକ ଜୀବନ ନୁହେଁ, କିନ୍ତୁ ସୁସମାଚାର ପତ୍ରିକା। ସୁମାଚାରର କାଳଅନୁକ୍ରମ ନୁହେଁ, ନାହିଁ ସେମାନେ ଯୀଶୁଙ୍କର ମୂଖ ନିର୍ଗତ ପ୍ରତ୍ୟେକ ବାକ୍ୟକୁ ଲେଖିଲେ। ଏହାର ଅର୍ଥ ଏହା ନୁହେଁ କି ସେମାନେ ସଠିକ୍ ନୁହଁନ୍ତି। ପାଶ୍ଚାତ୍ ପତ୍ରିକାଠାରୁ ପୂର୍ବିୟ ପତ୍ରିକା ବିଭିନ୍ନ ପ୍ରକାର ସାଂସ୍କୃତିକ ଆଶାୟ ଉପରେ ଆଧାରିତ ଥିଲା। ଦେଖନ୍ତୁ, ଗୋରଡନ୍ ଁ, ଏବଂ ଡ଼ୋରାଲାସ୍ ସ୍ଟୁଅର୍ଟ। ହାଉ ଟୁ ରିଡ୍ ଦି ବାଇବଲ 'ର ଅଲ୍ ଇସ୍ ୱ୍ୱର୍ଦ, ପୃ-୧୨୭-୧୪୮.

ଖ- ଯୋହନଙ୍କ ଧର୍ମଶାସ୍ତ୍ରୀୟ ଉଦ୍ଦେଶ୍ୟ ମନ୍ଦିରର ଶୁଚିକରଣ ଯିହୁଦି ଦେଶ ପ୍ରତି ଯୀଶୁଙ୍କର କାର୍ଯ୍ୟକୁ ପ୍ରଥମ ହେବା ଠିକ୍ ଦର୍ଶାଏ। ଏହା ଅଧ୍ୟାୟ ୩ରେ ତାହାଙ୍କର ନିକଦିମଙ୍କ ସହିତ ଆଲୋଚନା ବେଳେ ଦେଖାଯାଏ। (କଠୋର ଯିହୁଦିଧର୍ମ)। ଯେପରିକି, ଅଧ୍ୟାୟ ୪ ରେ, ଯୀଶୁ ଅନ୍ୟ ଦଳ ବା ଲୋକ ସହିତ ସଂପର୍କ ରଖିବା ଆରମ୍ଭ କଲେ, ତାହା ଶମିରଣୀୟ ସ୍ତ୍ରୀରୁ ଆରମ୍ଭ।

**<u>ଶଦ୍ଦ ଏବଂ ବାକ୍ୟର ଅଧ୍ୟୟନ</u>**

ଏନ୍ଏଏସ୍‌ବି ବାକ୍ୟ- **୨:୧୩-୨୨**

**୧୩ ସେତେବେଳେ ଯିହୁଦି ମାନଙ୍କର ନିସ୍ତାର ପର୍ବ ସନ୍ନିକଟ ହୋଇଥିଲା। ଆଉ ଯୀଶୁ ଯିରୁଶାଲମକୁ ଗଲେ। ୧୪ ପୁଣି, ସେ ମନ୍ଦିରରେ ଗୋରୁ, ମେଣ୍ଢା ଓ କାପ୍ତା ବ୍ୟବସାୟୀମାନଙ୍କୁ ଆଉ ମୁଦ୍ରା ବ୍ୟବସାୟୀମାନଙ୍କୁ ବସିଥିବା ଦେଖି ଦଉଡ଼ିରେ ଗୋଟିଏ କୋରଡ଼ା ବନାଇ ମେଣ୍ଢା ଓ ଗୋରୁ ସହିତ ସମସ୍ତଙ୍କୁ ମନ୍ଦିରରୁ ବାହାର କରିଦେଲେ। ୧୫ ପୁଣି, ମୁଦ୍ରା ବ୍ୟବସାୟୀ ମାନଙ୍କର ମୁଦ୍ରାସବୁ ବିଞ୍ଚିଦେଇ ସେମାନଙ୍କର ମେଜଗୁଡ଼ାକ ଓଲଟାଇ ପକାଇଲେ। ୧୬ ଆଉ, ସେ କାପ୍ତା ବ୍ୟବସାୟୀମାନଙ୍କୁ କହିଲେ, ଏଗୁଡ଼ାକ ଏଠାରୁ ଘେନିଯାଅ ମୋହର ପିତାଙ୍କର ଗୃହକୁ ବାଣିଜ୍ୟର ଗୃହ କରନାହିଁ। ୧୭ ତୁମ୍ଭ ଗୃହ ନିମନ୍ତେ ଉଦ୍‌ଯୋଗ ମୋତେ ଗ୍ରାସ କରିବ। ଏହା ଲେଖା ଅଛି ବୋଲି ତାହାଙ୍କର ଶିଷ୍ୟମାନଙ୍କର ମନରେ ପଡ଼ିଲା। ୧୭ ତୁମ୍ଭ ଗୃହ ନିମନ୍ତେ ଉଦ୍‌ଯୋଗ ମୋତେ ଗ୍ରାସ କରିବ, ଏହା ଲେଖା ଅଛି ବୋଲି ତାହାଙ୍କର ଶିଷ୍ୟମାନଙ୍କର ମନରେ ପଡ଼ିଲା। ୧୮ ସେଥିରେ ଯିହୁଦିମାନେ ତାହାଙ୍କୁ ଉତ୍ତର ଦେଲେ। ତୁମ୍ଭେ ଯେ ଏସମସ୍ତ କରିବାକୁ ଅଧିକାର ପାଇଅଛ। ଆମ୍ଭମାନଙ୍କୁ ସେଥିରେ କି ଚିହ୍ନ ଦେଖାଉଅଛ ? ୧୯ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଏହି ମନ୍ଦିରକୁ ବିନାଶ କର, ଆଉ ତିନି ଦିନ ମଧ୍ୟରେ ମୁଁ ତାହା ତୋଳିଦେବି। ୨୦ ସେଥିରେ ଯିହୁଦିମାନେ କହିଲେ, ଏହି ମନ୍ଦିର ନିର୍ମାଣ କରିବା ନିମନ୍ତେ ଛୟାଳିଶ ବର୍ଷ ଲାଗିଅଛି। ଆଉ ତୁମ୍ଭେ କଅଣ ତାହାକୁ ତିନି ଦିନରେ ତୋଳିଦେବ ? ୨୧ କିନ୍ତୁ ସେ ଆପଣା ଶରୀର ରୂପ ମନ୍ଦିର ସମ୍ବନ୍ଧରେ କହୁଥିଲେ। ୨୨ ଏଣୁ ସେ ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହେଲା ଉତ୍ତାରେ ତାହାଙ୍କ ଶିଷ୍ୟମାନେ ସେ ଏହା କହିଥିଲେ ବୋଲି ସ୍ମରଣ କଲେ, ପୁଣି ସେମାନେ ଧର୍ମଶାସ୍ତ୍ର ଓ ଯୀଶୁଙ୍କ କଥିତ ବାକ୍ୟ ବିଶ୍ୱାସ କଲେ।**

**୨:୧୩ "ନସ୍ତାରପର୍ବ"** – ଏହି ବାର୍ଷିକ ପର୍ବର ଉଲ୍ଲେଖ ଯାତ୍ରା – ୧୨ ଏବଂ ଦ୍ୱିତୀୟ ବିବରଣ-୧୬:୧-୬ ରେ ହୋଇଅଛି। ଏହି ପର୍ବ କେବଳ ଏକମାତ୍ର ଯାହା ଦ୍ୱାରା ଆମେ ଯୀଶୁଙ୍କର ସେବାକାର୍ଯ୍ୟର ସମୟକୁ ମାପି ପାରୁ। ଏହାର ଅନୁସାରେ ସମାନ୍ତର ସୁସମାଚାର ଯୀଶୁଙ୍କର ସେବାକାର୍ଯ୍ୟର ସମୟକୁ ଏକ ବର୍ଷ ବୋଲି ଉଲ୍ଲେଖ କରେ। (ଗୋଟିଏ ନିସ୍ତାରପର୍ବ ଦିଆଯାଇଅଛି)। କିନ୍ତୁ ଯୋହନ ତିନୋଟି ନିସ୍ତାରପର୍ବର ଉଲ୍ଲେଖ କରିଅଛନ୍ତି। (୧) ୨ : ୧୩, ୨୩; (୨) ୧୧ : ୫୫; ୧୨ : ୧; ୧୩:୧; ୧୮:୨୮,୩୯;୧୯:୧୪। ୫:୧ ଅନୁସାରେ ଚତୁର୍ଥପର୍ବର ମଧ୍ୟ ସମ୍ଭବତା ଅଛି। ଆମ୍ଭେ ତାହା ଅଜ୍ଞାତ କି କେତେକାଳ ଯୀଶୁଙ୍କର ସେବାକାର୍ଯ୍ୟ ହୋଇଥିଲା। କିନ୍ତୁ ଯୋହନ ରଚିତ ସୁମାଚାର ଅନୁସାରେ ଏହା ଅତିକମ୍‌ରେ ତିନି ବର୍ଷ ବା ଚାରି କିମ୍ବା ପାଞ୍ଚ ବର୍ଷ ହୋଇଥିଲା।

ଯୋହନ ନିଜର ସୁସମାଚାର ଗଠନକୁ ଯିହୁଦିମାନଙ୍କର ପର୍ବକୁ କେନ୍ଦ୍ର କରି ବନାଇଲେ (ନିସ୍ତାରପର୍ବ, ସମାଗମତମ୍ଭୁ, ପ୍ରତିଷ୍ଠା ପର୍ବ)।

**ବିଶେଷ ଶୀର୍ଷ : ନିସ୍ତାର ପର୍ବ**

**I.** ଆରମ୍ଭିକ ବିବରଣ।

କ- ମିଶର ଏହି ଈଶ୍ୱରୀୟ ବିଚାରର କାର୍ଯ୍ୟ ଏବଂ ଇସ୍ରାଏଲ ନିମନ୍ତେ ଉଦ୍ଧାର, ଯିହୋବାଙ୍କ ପ୍ରେମ ଓ ଇସ୍ରାଏଲକୁ ଏକ ଦେଶ ରୁପରେ ସ୍ଥାପନା କରିବା ଏକ ମର୍ମସ୍ପର୍ଷି ଅଟେ।

ଖ- ଯାତ୍ରା ପୁସ୍ତକ ଅବ୍ରାହମଙ୍କୁ ଯିବାହଙ୍କ ପ୍ରତିଜ୍ଞାର ଏକ ବିଶେଷ ପୂରକ ଅଟେ। ଆଦି-୧୫:୧୨-୨୧। ନିସ୍ତାର ପର୍ବ ଇସ୍ରାଏଲର ଜଙ୍ଗଲର ଯାତ୍ରାକୁ ସ୍ମରଣ କରେ।

ଗ- ଯିହୋବାଙ୍କ ଦ୍ୱାରା ମୋଶାଙ୍କ ଦେଇ ମିଶରକୁ ପଠାଇଥିବା ଦଶ ମହାମାରୀ ମଧ୍ୟରୁ ଏହା ଶେଷ ଏବଂ ବ୍ୟାପକ (ଭୌଗଳିକଭାବେ ମିଶର ଏବଂ ଗୋସାନ) ଏବଂ ବିନାଶକାରୀ (ମନୁଷ୍ୟ ଓ ଜିବଜନ୍ତୁଙ୍କ ପ୍ରଥମଜାତ ସନ୍ତାନର ମୃତ୍ୟୁ)।

**II.** ନିଜେ ଶବ୍ଦ

କ- ସଂଜ୍ଞାର ଅର୍ଥ ଅନିଶ୍ଚିନ୍ତ

୧- "ମହାମାରୀ" ସହିତ ସଂମ୍ବନ୍ଧିତ, ଯେପରିକି "କ୍ରୋଧରେ ସଂହାର କରିବା" (ଯାତ୍ରା-୧୧:୧); ଯିହୋବାଙ୍କ ଦୂତ ମନୁଷ୍ୟ ଓ ପଶୁମାନଙ୍କ ପ୍ରଥମ ଜାତ ସନ୍ତାନକୁ ସଂହାର କଲେ।

ଖ- କ୍ରିୟାର ଅର୍ଥ

୧- "ଦୁର୍ବଳ କରିବାକୁ" କିମ୍ୱା "ଖଞ୍ଜି କରିଦେବାକୁ" (୨ ଶାମୁ – ୪:୪),
"ଚିହ୍ନଟ ଗୃହ ଦେଇ ପାର କରିବା" ଏହାର ଅର୍ଥ ବ୍ୟବହୃତ।

୨- "ନୃତ୍ୟ କରିବାକୁ" (୧ ରାଜା-୧୮:୨୧)

୩- ଆକାଦିୟ – "ଶାନ୍ତି କରିବାକୁ"

୪- ମିଶରୀୟ – "ସଂହାର କରିବାକୁ"

୫- ଯିଶା – ୩୧:୫ରେ ସମାନ୍ତର କ୍ରିୟା "ରକ୍ଷକ ହୋଇ ଠିଆ ହେବାକୁ" (ଯାତ୍ରା-୧୨:୧୩)

୬- "ତାଡ଼ନା ପାଇବାକୁ" ଏହି ଶବ୍ଦର ଅର୍ଥ ନିମନ୍ତେ ଆରମ୍ଭିକ ଖ୍ରୀଷ୍ଟିଆନ ଲୋକପ୍ରିୟ ଶବ୍ଦ ଏବ୍ରୀର ପାସା ଏବଂ ଗ୍ରୀକ୍‌ର ପାସ୍କ ମଧ୍ୟରେ ଥିବା ପରି ମନେ ହୁଏ।

ଗ- ସାମ୍ଭାବ୍ୟ ଐତିହାସିକ ପୂର୍ବଦୃଷ୍ଟାନ୍ତମାନ

୧- ମେଷ ପାଳକ ନୂତନ ବର୍ଷ ନିମନ୍ତେ ବଳିଦାନ କରେ।

୨- ମନ୍ଦରୁ ରକ୍ଷା ପାଇବାକୁ ତୃଣମୟ ସ୍ଥାନକୁ ତମ୍ବୁ ଘୁଞ୍ଚାଇବା ସମୟରେ ବଳିଦାନ ଏବଂ ସାମୁହିକ ଭୋଜ।

୩- ଭ୍ରମଣକାରୀ ଲୋକମାନଙ୍କଠାରୁ ମନ୍ଦରୁ ରକ୍ଷା ପାଇବାକୁ ବଳିଦାନ।

ଘ- ଏତେ କଠିନ ହେବାର କାରଣ ଏହା ନୁହେଁ କି ଏହାର ଅର୍ଥର ନିଶ୍ଚିନ୍ତତା ନାହିଁ ମାତ୍ର ଏହା ଆରମ୍ଭ ଏହା କି ଅନେକ ପରିବର୍ତ୍ତିତ ନିସ୍ତାର ପର୍ବର ଲକ୍ଷଣ ଅନ୍ୟ ପୂରାତନ ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳେ।

୧- ବସନ୍ତର ସମୟ

୨- ସଂଜ୍ଞାର ବିଶେଷତା ଅନିଶ୍ଚିନ୍ତ

୩- ରାତ୍ରି ପହରା ସହିତ ସଂବନ୍ଧିତ

୪- ରକ୍ତର ବ୍ୟବହାର

୫- ସ୍ୱର୍ଗଦୂତ / ମନ୍ଦ ଆତ୍ମାମାନଙ୍କର କଳ୍ପନା

୬- ବିଶେଷ ଭୋଜ

୭- କୃଷି ସଂବନ୍ଧି ପ୍ରକରଣ (ଖମୀରଶୂନ୍ୟ ରୋଟି)

୮- କୌଣସି ଯାଗିକ ନୁହଁନ୍ତି, କୌଣସି ବେଦି ନାହିଁ, ସ୍ଥାନୀୟ ଦୃଷ୍ଟି।

**III-** ଘଟଣା

କ- ଯାତ୍ରା –୧୧-୧୨ ଅଧ୍ୟାୟରେ ନିଜେ ଘଟଣା ରେଖାଙ୍କିତ।

ଖ- ଯାତ୍ରା- ୧୨ ଅଧ୍ୟାୟରେ ବାର୍ଷିକ ଭୋଜର ବିବରଣ କରଗଲା ଏବଂ ଖମୀରଶୂନ୍ୟ ପର୍ବ ସହିତ ଆଠଦିନ ପର୍ବର ମିଶ୍ରଣ କରାଗଲା।

୧- ବାସ୍ତବରେ ଏହା ଏକ ସ୍ଥାନୀୟ ଘଟଣା-ଯାତ୍ରା-୧୨:୨୧-୨୩; ଦ୍ୱିତୀୟ ବିବରଣ-୧୬:୫ (ଗଣନା-୯)।

କ- କୌଣସି ଯାଜକ ନୁହନ୍ତି।

ଖ- କୌଣସି ବିଶେଷ ବେଦି ନାହିଁ।

ଗ- ରକ୍ତର ବିଶେଷ ବ୍ୟବହାର।

୨- ମନ୍ଦିରର ମଧ୍ୟରେ ଏହା ଏକ ଘଟଣାରେ ପରିଣତ ହେଲା।

୩- ପବିତ୍ର ସ୍ଥାନର ମଧରେ ସ୍ଥାନୀୟ ବଳିଦାନ ଏବଂ 'ସଲ ପର୍ବର ମିଶ୍ରଣ ଅବିବ କିମ୍ବା ନିଶାନ ୧୪ ଏବଂ ୧୫-୨୧ ସମୟର ସମିପତାର ନିକଟବର୍ତ୍ତୀ ଦ୍ୱାରା ସଂପୂର୍ଣ୍ଣ ହୋଇଥିଲା।

ଗ- ଯାତ୍ରା – ୧୩ ଅଧ୍ୟାୟରେ ମନୁଷ୍ୟର ପ୍ରଥମଜାତ ଏବଂ ପଶୁମାନଙ୍କର ପ୍ରଥମଜାତ ଓ ତାହାଙ୍କ ଉଦ୍ଧାରର ଚିହ୍ନିତ ମାଲିକଷଣ।

**IV-** ଏହି ପାଳନର ଐତିହାସିକ ବିବରଣୀ

କ- ମିଶରରେ ପ୍ରଥମ ନିସ୍ତାର ପର୍ବ ପାଳିତ ହେଲା, ଯାତ୍ରା-୧୨

ଖ- ହୋରେବ/ ସିୟୋନ ପର୍ବତରେ, ଗଣନା-୯

ଗ- କିଣାନ (ଗିଲ୍‌ଗାଲ)ରେ ପ୍ରଥମ ନିସ୍ତାରପର୍ବ ପାଳିତ ହେଲା, ଯିହୋଶୂୟ-୫:୧୦-୧୨।

ଘ- ଶେଲୋମୋନଙ୍କ ମନ୍ଦିର ଉତ୍ସର୍ଗ ସମୟରେ, ୧ ରାଜା-୯:୨୫ ଏବଂ ୧ ବଂଶାବଳି-୮:୧୨ (ବୋଧହୁଏ, କିନ୍ତୁ ବିଶେଷ ଭାବେ ବର୍ଣ୍ଣିତ ନୁହେଁ)।

ଙ- ହିଜକିୟଙ୍କ ରାଜତ୍ୱ ସମୟରେ, ୨ବଂଶାବଳି-୩୦

ଚ- ଯୋଶିୟଙ୍କ ପୁନଃଗଠନ ସମୟରେ-୨ ରାଜା-୨୩:୨୧-୨୩; ୨ ବଂଶାବଳି - ୩୫:୧-୧୮।

ଛ- ଦେଖନ୍ତୁ ୨ ରାଜା-୨୩:୨୨ ଏବଂ ୨ ବଂଶାବଳି- ୩୫:୧୮, ଇସ୍ରାଏଲି ମାନେ ବାର୍ଷିକ ଭୋଜକୁ ବହିଷ୍କାର କରିବା ଉଲ୍ଲେଖ କରେ।

**V-** ଗୁରୁତ୍ୱପୂର୍ଣ୍ଣ

କ- ବାର୍ଷିକ ଭୋଜ ଦିନର ଏହା ତିନି ମଧ୍ୟରୁ ଏକ ଆବଶ୍ୟକତା (ଯାତ୍ରା-୨୩:୧୪-୧୭; ୩୪:୨୨-୨୪; ଦ୍ୱିତୀୟ ବିବରଣ – ୧୬:୧୬୨।

୧- ନିସ୍ତାରପର୍ବ / ଖମୀରଶୂନ୍ୟ ରୋଟି

୨- ସପ୍ତାହର ପର୍ବ

୩- ତମ୍ବୁର ପର୍ବ

ଖ- ପବିତ୍ର ସ୍ଥାନର କେନ୍ଦ୍ରରେ ପାଳନ କରିବାକୁ ମୋଶାଙ୍କର ସଂକେତ (ଅନ୍ୟଦୁଇ ପର୍ବ ସଦୃଶ)।

ଗ- ନୂତନ ନିୟମକୁ ପ୍ରକାଶ କରିବାକୁ, ରୋଟି ଓ ଦ୍ରାକ୍ଷାରସର ସଂକେତ କରି ଯୀଶୁ ବାର୍ଷିକ ନିସ୍ତାର ପର୍ବ ଭୋଜର ସମୟକୁ ବ୍ୟବହାର କଲେ, କିନ୍ତୁ ମେଷ ଶାବକକୁ ବ୍ୟବହାର କରିନାହାନ୍ତି:

୧- ସାମୁହିକ ଭୋଜ

୨- ଉଦ୍ଧାରର ବଳିଦାନ

୩- ପରବର୍ତ୍ତି ବଂଶ ନିମନ୍ତେ ବର୍ତ୍ତମାନ ବଳିଦାନ

- **"ଯୀଶୁ ଯିରୁଶାଲମକୁ ଗଲେ"** – ଭୌଗଳିକ ବା ଭୂତଳ ମାନଚିତ୍ର ଠାରୁ ଅଧିକ ଯିହୁଦିମାନେ ଧର୍ମଶାସ୍ତ୍ର ଅନୁସାରେ ଯିରୁଶାଲୋମ ବିଷୟରେ କହନ୍ତି।

**୨:୨୪ "ମନ୍ଦିରରେ"** – ହେରୋଦ (ଯିଏ ଖ୍ରୀଷ୍ଟପୂର୍ବ ୩୭-୪ ଯାଏଁ ପାଲେଷ୍ଟାଇନ୍ ଉପରେ ରାଜୁତି କଲେ) ର ମନ୍ଦିର ୭ ଭିନ୍ନ ଭିନ୍ନ ପ୍ରାଙ୍ଗଣରେ ବିଭକ୍ତ ହେଲା। ବାହାର ପ୍ରାଙ୍ଗଣ ବିଜାତି ମାନଙ୍କର ପ୍ରାଙ୍ଗଣ ଥିଲା, ଯେଉଁଠାରେ ବେପାରିମାନେ ନିଜର ଦୁକାନ ନିର୍ମାଣ କରିଥିଲେ କି ଯେଉଁମାନେ ବଳି ଦେବାକୁ ଚାହୁଁଥିଲେ ସେମାନେ ନିର୍ମାଣ କରିଥିଲେ କି ଯେଉଁମାନେ ବଳି ଦେବାକୁ ଚାହୁଁଥିଲେ ସେମାନେ ଏମାନଙ୍କଠାରୁ ସମାନ କ୍ରୟ କରନ୍ତୁ।

- **"ଗୋରୁ, ମେଣ୍ଢା ଓ କାପ୍ତା"** – ବହୁତ ଦୂରରୁ ଆସୁଥିବା ଲୋକମାନଙ୍କୁ ବଳିର ଯୋଗ୍ୟ ପଶୁମାନଙ୍କୁ କ୍ରୟ କରିବାକୁ ପଡୁଥିଲା, ମାତ୍ର ମହାଯାଜକଙ୍କ ପରିବାର ଏହି ଦୁକାନମାନଙ୍କର ନିୟନ୍ତ୍ରଣ କରୁଥିଲେ ଏବଂ ପଶୁମାନଙ୍କ ନିମନ୍ତେ ଅତ୍ୟଧିକ ମୂଲ୍ୟ ପକାଉଥିଲେ। ଆମ୍ଭେ ମଧ୍ୟ ଜାଣୁ କି ଯଦି ଲୋକମାନେ ଆପଣା ନିଜର ପଶୁମାନଙ୍କୁ ଆଣନ୍ତି ତେବେ ଯାଜକ କହିବେ ସେହି ପଶୁ ବଳି ନିମନ୍ତେ ଯୋଗ୍ୟ ନୁହେଁ କୌଣସି ଶାରିରୀକ ଦ୍ୱିଧା ହେତୁ। ଅତଏବ୍, ସେମାନଙ୍କୁ ଏହି ବେପାରିମାନଙ୍କଠାରୁ ହିଁ ବଳି ପଶୁକୁ କ୍ରୟ କରିବାକୁ ପଡୁଥିଲା।
- **"ମୁଦ୍ରା ବ୍ୟବସାୟୀ"** – ଏହି ଲୋକମାନଙ୍କର ଆବଶ୍ୟକ ନିମନ୍ତେ ଦୁଇଟି ବିବରଣ ରହିଛି: (୧) ମନ୍ଦିରରେ କେବଳ ଶେକଲର ହିଁ ଗ୍ରହଣ କରାଯାଉଥିଲା। ଯିହୁଦି ଶେକଲ ର ମୁଦ୍ରା ନିର୍ମାଣ କରିବାକୁ ଅନେକ ସମୟ ଲାଗିଯାଉଥିଲା। ମନ୍ଦିର କେବଳ ଯୀଶୁଙ୍କ ସମୟର ତାୟରରୁ ହିଁ ଶେକଲ ଗ୍ରହଣ କରୁଥିଲେ, କିମ୍ବା (୨) ମୁଦ୍ରାରେ ରୋମୀୟ ସମ୍ରାଟଙ୍କର ମୁଖର ଛବିର ଅନୁମତି ନଥିଲା। ଅବଶ୍ୟ ମୂଲ୍ୟ ଲାଗୁଥିଲା।

**୨:୧୫ "ବିଞ୍ଚିଦେଇ ସେମାନଙ୍କର ମେଜଗୁଡ଼ାକ ଓଲଟାଇ ପକାଇଲେ"** – ଏହି ଅବସରରେ ଯୀଶୁଙ୍କର କ୍ରୋଧକୁ ସ୍ପଷ୍ଟଭାବେ ଦେଖାଯାଇପାରେ। ସେହି ସ୍ଥାନ ଯେଉଁଠାରେ ଆଉ ଯିହୋବାଙ୍କ ଆରାଧନା ଓ ପ୍ରକାଶନ ନଥିଲା। କ୍ରୋଧ ନିଜକୁ ନିଜେ ପାପ ନୁହେଁ। ବୋଧହୁଏ, ଏଫିସିୟ-୪ :୨୬ ରେ ପାଉଲଙ୍କ ଏହି ବିବରଣ ଏହି କାର୍ଯ୍ୟ ପ୍ରତି ସଂବନ୍ଧିତ। ଏମିତି କେତେକ ବିଷୟ ଅଛି ଯେଉଁଠାରେ ଆମ୍ଭମାନଙ୍କୁ କ୍ରୋଧ ହୋଇଥାଏ।

୨:୨୬ "ଏଗୁଡ଼ାକ ଏଠାରୁ ଘେନିଯାଅ" – ଏହା ଏକ ଆଜ୍ଞା ଅଟେ ଅର୍ଥାତ୍ ଏଗୁଡ଼ାକ ଏଠାରୁ ଘେନିଯାଅ।

- **"ମୋହର ପିତାଙ୍କର ଗୃହକୁ ବାଣିଜ୍ୟର ଗୃହକର ନାହିଁ"** - ଅର୍ଥାତ୍ ଯେଉଁ କାର୍ଯ୍ୟ ବର୍ତ୍ତମାନ ହେଉଅଛି ତାହାକୁ ବନ୍ଦ କର। ଯାହାର ପ୍ରକୃତ ଅର୍ଥ ଯେଉଁ କାର୍ଯ୍ୟ ଆଗକୁ ବୃଦ୍ଧି ହେଉଅଛି ତାକୁ ବନ୍ଦ କର। ଏହି ବିଷୟରେ ଯିଶା-୫୬:୭ ଏବଂ ଯିରି-୭:୧୧ ରୁ ଅନ୍ୟ ସୁସମାଚାର ଗୁଡ଼ାକ (ମାଥିଉ-୨୧:୧୩; ମାର୍କ-୧୧:୧୭; ଲୁକ-୧୯:୪୬) ଉଦ୍ଧୃତ କଲେ, ଯାହାକି ଯୋହନରେ ଏହି ପୁରାତନ ନିୟମର ଭାବବାଣୀସବୁ ଉଲ୍ଲେଖିତ ନୁହେଁ। ସମ୍ଭବତଃ ଏହା ଯିଖରିୟ-୧୪:୨୧ର ଖ୍ରୀଷ୍ଟିୟ ଭାବବାଣୀର ସଂକେତ ଅଟେ।

**୨:୧୭ - "ତାହାଙ୍କର ଶିଷ୍ୟମାନଙ୍କର ମନେ ପଡ଼ିଲା"**- ଏହି ବାକ୍ୟର ଅର୍ଥ ଯୀଶୁଙ୍କର ସେବାକାର୍ଯ୍ୟ ଏବଂ ପବିତ୍ର ଆତ୍ମାଙ୍କ ସାହାଯ୍ୟ ଦ୍ୱାରା ହିଁ, ପରେ ଏହି ଲୋକମାନେ ଯୀଶୁଙ୍କର କାର୍ଯ୍ୟର ଆତ୍ମୀକ ସତ୍ୟତାକୁ ଦେଖିଲେ (ପଦ-୨୨; ୧୨:୧୬; ୧୪:୨୬)।

- **"ଏହା ଲେଖା ଅଛି"** – ଏହାର ଆକ୍ଷରିକ ଅର୍ଥ "ଏହା ଲିଖନରେ ଦୃଢ଼ ଅଟେ"। ପୁରାତନ ନିୟମର ପ୍ରେରଣାକୁ ନିଶ୍ଚିନ୍ତ କରିବାକୁ ଏହା ଏକ ଗୁଣାତ୍ମକ ମାଧ୍ୟମ (୬:୩୧,୪୫; ୧୦:୩୪; ୧୨:୧୪;୨୦:୩୦)। ଏହା LXXରେ ଗୀତ-୬୯:୯ ଠାରୁ ଆହ୍ନିତ। ଏହି ଗୀତାସଂହିତା, ଗୀତାସଂହିତା ୨୨ ସଦୃଶ ଅଟେ। ଯୀଶୁଙ୍କର କୃଶାର୍ପଣକୁ ସଠିକ୍ କରେ। ଈଶ୍ୱରଙ୍କ ନିମନ୍ତେ ଯୀଶୁଙ୍କର ଉଦ୍‌ଯୋଗ ଏବଂ ତାହାଙ୍କ ସତ୍ୟ ଆରାଧନା ତାହାଙ୍କୁ ମୃତ୍ୟୁ ଆଡ଼କୁ ଘେନିଯିବ, ଯାହାକି ଈଶ୍ୱରଙ୍କର ଇଚ୍ଛା ଥିଲା (ଯିଶା-୫୩:୪,୧୦; ଲୁକ-୨୨:୨୨; ପ୍ରେରିତ-୨:୨୩; ୩:୧୮; ୪:୨୮)।

୨:୧୮ -

| | | |
|---|---|---|
| **ଏନ୍‌ଏଏସ୍‌ବି** | - | **"ତୁମ୍ଭେ ଯେ ଏ ସମସ୍ତ କରିବାକୁ ଅଧିକାର ପାଇଅଛ, ଆମ୍ଭମାନଙ୍କୁ ସେଥିରେ କି ଚିହ୍ନ ଦେଖାଉଅଛ ?** |
| **ଏନ୍‌କେଜେଭି** | - | **"ଏ ସମସ୍ତ ଯେ ତୁମ୍ଭେ କରୁଅଛ, ଆମ୍ଭକୁ କି ଚିହ୍ନ ଦେଖାଉଅଛି ?"** |
| **ଏନ୍‌ଆର୍‌ଏସ୍‌ଭି** | - | **"ଏହା ଯେ କରୁଅଛ, ଆମ୍ଭମାନଙ୍କୁ କି ଚିହ୍ନ ଦେଖାଇପାରିବ ?"** |
| **ଟିଇଭି** | - | **"ତୁମ୍ଭକୁ ସେ ଏ ସମସ୍ତ କରିବାକୁ ଅଧିକାର ଅଛି, ଆମ୍ଭମାନଙ୍କୁ ସେଥିରେ କି ଆଶ୍ଚର୍ଯ୍ୟ କର୍ମ ଦେଖାଉଅଛି ?"** |
| **ଏନ୍‌ଜେଭି** | - | **"ଏ ସବୁ କରିବାକୁ, ଆମ୍ଭମାନଙ୍କୁ କି ଚିହ୍ନ ଦେଖାଉଅଛ ?"** |

ଏହା ଯୀଶୁଙ୍କର ପ୍ରତି ଯିହୁଦିମାନଙ୍କର ମୁଖ୍ୟ ପ୍ରଶ୍ନ ଥିଲା। 'ଈରୁସିମାନେ କହିଲେ କି ତାହାଙ୍କୁ ଶଇତାନଠାରୁ ଶକ୍ତି ପ୍ରାପ୍ତ ହୋଇଛି- (୮:୪୮-୪୯;୫୨; ୧୦:୨୦)। ସେମାନଙ୍କର ଉପେକ୍ଷା ଥିଲା କି ଖ୍ରୀଷ୍ଟ ଅଲଗା ମାଧ୍ୟମରେ ଅଲଗା କାର୍ଯ୍ୟକୁ କରନ୍ତୁ। ଯେବେ ସେ ସେହି ପ୍ରକାରର କାର୍ଯ୍ୟକୁ କଲେ ନାହିଁ, ସେମାନେ ତାହାଙ୍କ ବିଷୟରେ ଆଶ୍ଚର୍ଯ୍ୟ ଜନିତ ହେବାକୁ ଲାଗିଲେ (ମାର୍କ-୧୧:୨୮;ଲୁକ-୨୦:୨), ପୁନର୍ବାର ଯୋହନ ବାକ୍ୟକୁ ଦୁଇ ଅର୍ଥରେ ବ୍ୟବହାର କରୁଅଛନ୍ତି।

**୨:୧୯ - " ଏହି ମନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳି ଦେବି"** – ମନ୍ଦିର ନିମନ୍ତେ ଗ୍ରୀକ୍ ଶବ୍ଦ (ହିଏରୋନ୍), ପଦ ୧୪ ଏବଂ ୧୫ରେ ମନ୍ଦିର ଅଞ୍ଚଳକୁ ଦର୍ଶାଇଥାଏ, ଆଉ ଶବ୍ଦ (ନାଓସ) ପଦ ୧୯, ୨୦ ଏବଂ ୨୧ ରେ ମନ୍ଦିରର ଅତିପବିତ୍ର ସ୍ଥାନକୁ ଦର୍ଶାଏ। ଏହି କଥନ ଉପରେ ଅନେକ ବାଦବିବାଦ ରହିଅଛି। ନିଶ୍ଚିତ ପ୍ରକାରେ ମାଥିଉ-୨୬:୬୦; ମାର୍କ-୧୪:୫୩-୫୯; ପ୍ରେରିତ-୬:୧୪ ଯୀଶୁଙ୍କର କ୍ରୁଶାର୍ପିତ ଏବଂ ପୁନଃରୁଥାନକୁ ଦର୍ଶାଏ। ଯେପରିକି, ଏହି ପରିପ୍ରେକ୍ଷିରେ ଖ୍ରୀଷ୍ଟାବ୍ଦ ୭୦ରେ ତୀତସଙ୍କ ଦ୍ୱାରା ମନ୍ଦିରର ବିନାଶ ହେବା ବିଷୟକୁ ଦର୍ଶାଏ (ମାଥିଉ-୨୪:୧-୨)। ଏହି ଦୁଇବାକ୍ୟ ସେହି ସତ୍ୟକୁ ଇଙ୍ଗିତ କରେ କି ଯୀଶୁ ଆପଣା ଉପରେ କେନ୍ଦ୍ରିତ ଏକ ଆତ୍ମୀକ ଆରାଧନାର ସ୍ଥାପନା କରୁଅଛନ୍ତି। ପ୍ରାଚୀନ ଯିହୁଦି ଧର୍ମ ଉପରେ ଆଧାର କରି ନୁହେଁ (୪:୨୧-୨୪)।

**୨:୨୦ -"ଏହି ମନ୍ଦିର ନିର୍ମାଣ କରିବା ନିମନ୍ତେ ଛୟାଳିଶ ବର୍ଷ ଲାଗିଛି"**- ଦ୍ୱିତୀୟଥର ନିର୍ମାଣାଧିନ ମନ୍ଦିରକୁ ହେରୋଦ ମହାନ ବିସ୍ତାର ଓ ପୁନଃ ଢ଼ାଞ୍ଚା ଦେଲେ (ଜିରୁବାବେଲଙ୍କ ସମୟରେ)। ଯୋସେଫସ ଆମ୍ଭମାନଙ୍କୁ କହନ୍ତି କି, ଏହା ଖ୍ରୀଷ୍ଟପୂର୍ବ ୨୦ କିମ୍ବା ୧୯ରେ ଆରମ୍ଭ ହୋଇଥିଲା। ଯଦି ଏହା ସଠିକ୍, ତେବେ ଏହାର ଅର୍ଥ କି ଏହି ବିଶେଷ ଘଟଣାଟି ଖ୍ରୀଷ୍ଟାବ୍ଦ ୨୭-୨୮ ବର୍ଷରେ ହୋଇଅଛି। ଆମ୍ଭେ ମଧ୍ୟ ଜାଣୁ କି ଖ୍ରୀଷ୍ଟାବ୍ଦ ୬୪ ପର୍ଯ୍ୟନ୍ତ ମନ୍ଦିରର ଏହି କାର୍ଯ୍ୟ ନିରନ୍ତର ଲାଗିରହିଥିଲା। ଏହି ମନ୍ଦିର ଯିହୁଦିମାନଙ୍କର ଏକ ମହାନ ଆଶାରେ ପରିଣତ ହେଲା (ଯିରିମିୟ-୭)। ଏହା ସ୍ୱୟଂ ଯୀଶୁଙ୍କ ଦ୍ୱାରା ହିଁ ପୁନଃସ୍ଥାପନ ହେବ, ନୂତନ ମନ୍ଦିର ! ଯୀଶୁରେ ପରମେଶ୍ୱର ଏବଂ ମନୁଷ୍ୟଜାତି ବର୍ତ୍ତମାନ ମିଶିବେ ଓ ସହଭାଗିତା ରଖିବେ।

**୨:୨୧ - "କିନ୍ତୁ ସେ ଆପଣ ଶରୀର ରୂପ ମନ୍ଦିର ସମ୍ବନ୍ଧରେ କହୁଥିଲେ"** – ଯେତେବେଳ ଯୀଶୁ ଏହି କଥା କହିଲେ, ତାହାଙ୍କ ଶିଷ୍ୟମାନେ ତାହା ବୁଝି ପାରିଲେ ନାହିଁ (ପଦ-୧୭)। ମନେରଖନ୍ତୁ କି ଯୋହନ ଅନେକ ବର୍ଷ ପରେ ଲେଖୁଅଛନ୍ତି।

ଯୀଶୁ ଜାଣନ୍ତି କି, ସେ କାହିଁ ଆସିଅଛନ୍ତି। ଏଠାରେ ତିନୋଟି ବିଷୟ ଥିବା ପରି ମନେହୁଏ।

୧- ପରମେଶ୍ୱରଙ୍କୁ ପ୍ରକାଶ କରିବାକୁ।

୨- ସତ୍ୟ ମନୁଷ୍ୟତ୍ୱକୁ ଦର୍ଶାଇବାକୁ।

୩- ଅନେକଙ୍କ ଉଦ୍ଧାର ନିମନ୍ତେ ନିଜ ପ୍ରାଣ ଦେବାକୁ।

ଏହା ସେହି ଶେଷ ଉଦ୍ଦେଶ୍ୟକୁ ଏହି ବାକ୍ୟ ଇଙ୍ଗିତ କରେ- (ମାର୍କ-୧୦:୪୫; ଯୋହନ-୧୨:୨୩, ୨୭; ୧୩:୧-୩; ୧୭:୧)।

**୨:୨୨ - "ତାହାଙ୍କ ଶିଷ୍ୟମାନେ ସେ ଏହା କହିଥିଲେ ବୋଲି ସ୍ମରଣ କଲେ"**- ଅଧିକାଂଶ ଯୀଶୁଙ୍କର ବାକ୍ୟ ଏବଂ କାର୍ଯ୍ୟ ଯାହାଙ୍କ ନିମନ୍ତେ ସେ କହୁଥିଲେ ସେମାନଙ୍କ ଠାରୁ ଅଧିକ ଶିଷ୍ୟମାନଙ୍କର ହୀତ ନିମନ୍ତେ ଥିଲା। ସେମାନେ ସର୍ବଦା ସେହି ସମୟରେ ବୁଝିପାରୁନଥିଲେ।

- "ସେମାନେ ଧର୍ମଶାସ୍ତ୍ରକୁ ବିଶ୍ୱାସ କଲେ" - ଯଦିବା ନିଜେ ବାକ୍ୟ ତାହା କେଉଁ ବୋଲି କହେ ନାହିଁ, ସମ୍ଭବତଃ ଗୀତ-୧୬:୧୦ ପୁନଃରୁତ୍ଥାନର ବାକ୍ୟ ଅଟେ, ତାହା ଯୀଶୁ ସଂକେତ କରୁଅଛନ୍ତି (ପ୍ରେରିତ-୨:୨୫-୩୨; ୧୩:୩୩-୩୫) ଠିକ୍ ଏହି ବାକ୍ୟ (କିମ୍ବା ଧର୍ମଶାସ୍ତ୍ରୀୟ ବିଚାର-ପୁନଃରୁତ୍ଥାନ) ଯୋହନ-୨୦:୯ ରେ ଉଲ୍ଲେଖିତ।

**ଏନ୍ଏଏସ୍‌ବି ବାକ୍ୟ – ୨:୨୩-୨୫**

**୨୩ ନିସ୍ତାର ପର୍ବର ଉତ୍ସବ ସମୟରେ ସେ ଯିରୂଶାଲମରେ ଥିବା ବେଳେ ଅନେକ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ଦେଖି ତାହାଙ୍କ ନାମରେ ବିଶ୍ୱାସ କଲେ। ୨୪ କିନ୍ତୁ ଯୀଶୁ ସେମାନଙ୍କୁ ବିଶ୍ୱାସ ନକରି ସେମାନଙ୍କ ଠାରୁ ଆପଣାକୁ ପୃଥକ ରଖିଲେ, କାରଣ ସେ ସମସ୍ତଙ୍କୁ ଜାଣୁଥିଲେ। ୨୫ ପୁଣି, କେହି ଯେ ମନୁଷ୍ୟ ବିଷୟରେ ସାକ୍ଷ୍ୟ ଦେବ, ଏହା ତାହାଙ୍କର ପ୍ରୟୋଜନ ନଥିଲା, ଯେଣୁ ମନୁଷ୍ୟ ଅନ୍ତରରେ କଅଣ ଅଛି, ତାହା ସେ ଆପେ ଜାଣୁଥିଲେ।**

**୨:୨୩ - "ଅନେକ ତାହାଙ୍କ ନାମରେ ବିଶ୍ୱାସ କଲେ"** – ଏହି "ବିଶ୍ୱାସକଲେ" ଶବ୍ଦଟି ଗ୍ରୀକ୍ ଶବ୍ଦ (ପିସ୍ତେଅ) ରୁ ଆହ୍ନିତ, ତାହା "ବିଶ୍ୱାସ କରିବା" ମଧ୍ୟ ଅନୁବାଦ ହୋଇପାରେ। "ବିଶ୍ୱାସ", ବା "ଭରୋସା" ମଧ୍ୟ ହୋଇପାରେ। ଯୋହନ ରଚିତ ସୁସମାଚାରରେ ସଂଜ୍ଞା ଆସିନାହିଁ। କିନ୍ତୁ କ୍ରିୟାର ବ୍ୟବହାର ହୋଇଛି। ଏହି ପରିପ୍ରେକ୍ଷିରେ ଜନସମୁହର ସମର୍ପଣର ବାସ୍ତବିକତା ଅନୁସାରେ ନାଜରିତୀୟ ଯୀଶୁ ଯେ ଖ୍ରୀଷ୍ଟ ଅଟନ୍ତି ତାହାର କିଛି ନିଶ୍ଚିନ୍ତତା ନାହିଁ। ଏହି ଶବ୍ଦ "ବିଶ୍ୱାସ"ର ଆଉ ଅନ୍ୟ ଉଦାହରଣ ହେଲା ଯୋହନ- ୮:୩୧-୫୯ ଏବଂ ପ୍ରେରିତ-୮:୧୩, ୧୮-୨୪। ଏକ ଆରମ୍ଭିକ ପ୍ରତିଉତ୍ତର ଠାରୁ ସତ୍ୟ ବାଇବଲିୟ ବିଶ୍ୱାସ ମହାନ ଅଟେ। ଏହା ଶିଷ୍ୟତା ଅନୁଯାୟୀ ଅନୁଗମନ କରାଯିବା ଉଚିତ୍ (ମାଥିଉ-୧୩:୨୦-୨୨, ୩୧-୩୨)।

ଯୀଶୁଙ୍କର ଆଶ୍ଚର୍ଯ୍ୟକର୍ମକୁ ଦେଖି ଉପରେ ବିଶ୍ୱାସ ରଖୁଥିବା ଏହି ବିଶ୍ୱାସୀମାନେ ଆକର୍ଶିତ ହେଲେ (୨:୧୧;୭:୩୧)। ଯୀଶୁଙ୍କର କାର୍ଯ୍ୟ ଏବଂ ବ୍ୟକ୍ତିତ୍ୱକୁ ମାପିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଏହା ଉପରେ ଧ୍ୟାନ ଦିଆଯିବା ଉଚିତ କି ଯୀଶୁଙ୍କର ସାମର୍ଥୀ କାର୍ଯ୍ୟରେ ବିଶ୍ୱାସ କରିବା ପର୍ଯ୍ୟାପ୍ତ ନଥିଲା କିନ୍ତୁ ଦୃଢ଼ ବିଶ୍ୱାସ ଥିଲା (୪:୩୮;୨୦:୨୯)। ବିଶ୍ୱାସର ମୂଳ ଯୀଶୁ ହେବା ଦରକାର (୨୦, ୩୦-୩୧)। ଆଶ୍ଚର୍ଯ୍ୟକର୍ମ ଆପେ ଆପେ ଈଶ୍ୱରଙ୍କର ଚିହ୍ନ ନୁହେଁ- (ମାଥିଉ-୨୪:୨୪; ପ୍ରକାଶିତ- ୧୩:୧୩; ୧୬:୧୪; ୧୯:୨୦)। ଯୀଶୁଙ୍କର କାର୍ଯ୍ୟର ଅର୍ଥ ଲୋକମାନଙ୍କୁ ତାହାଙ୍କ ବିଶ୍ୱାସରେ କଢ଼େଇ ନେବା (୨:୨୩; ୬:୧୪; ୭:୩୧; ୧୦:୪୨); ଅଧିକାଂଶ ଲୋକେ ଆଶ୍ଚର୍ଯ୍ୟକର୍ମ ଦେଖିଲେ କିନ୍ତୁ ବିଶ୍ୱାସ କରିବାକୁ ମନା କଲେ (୬:୨୭; ୧୧:୪୭; ୧୨:୩୭)।

**ବିଶେଷ ଶୀର୍ଷ : ଯୋହନଙ୍କ ଦ୍ୱାରା କ୍ରିୟା "ବିଶ୍ୱାସ" ର ପ୍ରୟୋଗ (ସଂଜ୍ଞା କ୍ୱଚିତ୍) ଯୋହନ ପ୍ରାଥମିକ ରୁପରେ ବିଶ୍ୱାସର ବ୍ୟବହାର ବିଭକ୍ତି ସହିତ କରୁଅଛନ୍ତି।**

୧- ଏବସ ଅର୍ଥ "ଉପରେ", ଏହା ଯୀଶୁଙ୍କ ଉପରେ ବିଶ୍ୱାସ/ଭରୋସା ରଖିବା ଉପରେ ଦର୍ଶାଇଥାଏ।
- କ- ତାହାଙ୍କ ନାମରେ (ଯୋହନ-୧:୧୨; ୨:୩୩; ୩:୧୮; ୧ ଯୋହନ-୫:୧୩)
- ଖ- ତାହାଙ୍କ ନାମରେ (ଯୋହନ-୨:୧୧; ୩:୧୫; ୧୮; ୪:୩୯; ୬:୪୦; ୭:୫; ୩୧, ୩୯, ୪୮; ୮:୩୦;୯:୩୬; ୧୦:୪୨; ୧୧:୪୫; ୪୮; ୧୨:୩୭, ୪୨)
- ଗ- ମୋ ଉପରେ (ଯୋହନ -୬:୩୫; ୭:୩୮; ୧୧:୨୫; ୨୬; ୧୨:୪୪; ୪୬;୧୪:୧, ୧୨; ୧୬:୯; ୧୭:୨୦)।
- ଘ- ତାହାଙ୍କ ଉପରେ, ଯିଏ ତାହାଙ୍କୁ ପ୍ରେରଣ କରିଅଛନ୍ତି (ଯୋହନ- ୬:୨୮-୨୯)।
- ଙ- ପୁତ୍ରଙ୍କ ଉପରେ (ଯୋହନ-୩:୩୬; ୯:୩୫; ୧ ଯୋହନ-୫:୧୦)।
- ଚ- ଯୀଶୁଙ୍କ ଉପରେ (ଯୋହନ-୧୨:୧୧)।
- ଛ- ଜ୍ୟୋତିଙ୍କ ଉପରେ (ଯୋହନ-୧୨:୩୬)।
- ଜ- ଈଶ୍ୱରଙ୍କ ଉପରେ (ଯୋହନ-୧୨:୪୪; ୧୪:୧)।

୨- ଏନ୍ ଅର୍ଥ "ରେ" ଯେମିତି ଯୋହନ-୩:୧୫ (ମାର୍କ-୧:୧୫) ରେ ଅଛି।

୩- ବିନା ବିଭକ୍ତିରେ (ଯୋହନ-୪:୫୦; ୧ ଯୋହନ-୩:୨୩; ୫:୧୦)।

୪- ହୋଟି ଅର୍ଥାତ୍ "ତାହଙ୍କୁ ବିଶ୍ୱାସ କର"। କଣ ବିଶ୍ୱାସ କରିବାକୁ ଉଦାହରଣ ସ୍ୱରୁପ-
- କ- ଯୀଶୁ ଈଶ୍ୱରଙ୍କ ପବିତ୍ର ବ୍ୟକ୍ତି (୬:୬୯)
- ଖ- ଯୀଶୁ "ମୁଁ ଅଟେ" ଅଟନ୍ତି (୮:୨୪)
- ଗ- ଯୀଶୁ ପିତାଙ୍କ ମଧ୍ୟରେ ଓ ପିତା ଯୀଶୁ ମଧ୍ୟରେ ଅଛନ୍ତି (୧୦-୩୮)
- ଘ- ଯୀଶୁ ହିଁ ଖ୍ରୀଷ୍ଟ ଅଟନ୍ତି (୧୧:୨୭; ୨୦:୩୧)
- ଙ- ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି (୧୧:୨୩; ୨୦:୩୧)
- ଚ- ଯୀଶୁ ପିତାଙ୍କ ଦ୍ୱାରା ପ୍ରେରିତ (୧୧:୪୨; ୧୭:୮, ୨୧)

| | | |
|---|---|---|
| ଛ- | ଯୀଶୁ ପିତାଙ୍କ ସହିତ ଏକ ଅଟନ୍ତି (୧୪:୧୦-୧୧)। | |
| ଜ- | ଯୀଶୁ ପିତାଙ୍କଠାରୁ ଆସିଲେ (୧୬:୨୭, ୩୦) | |
| ଝ- | ଯୀଶୁ ପିତାଙ୍କର ସେହି ପ୍ରତିଜ୍ଞାତ ନାମ "ମୁଁ ଅଟେ" ସହିତ ନିଜକୁ ପରିଚିତ କରାଇଲେ (୮:୨୪; ୧୩:୧୯) | |

ବାଇବଲିୟ ବିଶ୍ୱାସ ଉଭୟ ବ୍ୟକ୍ତି ଏବଂ ବାକ୍ୟରେ ଅଛି। ଏହା ଆଜ୍ଞା ମାନିବା, ପ୍ରେମ ଏବଂ ଧର୍ଯ୍ୟ ଦ୍ୱାରା ପ୍ରମାଣିତ।

୨:୨୪-୨୫ – ଏହା ଗ୍ରୀକ୍‌ରେ ଗୋଟିଏ ବାକ୍ୟ ଅଟେ। ଏହି ଗୁରୁତ୍ୱପୂର୍ଣ୍ଣ ବାକ୍ୟ "ଭରୋସା" ଯୀଶୁଙ୍କର କାର୍ଯ୍ୟ ଏବଂ ବିଚାରକୁ ବ୍ୟକ୍ତ କରିବାକୁ ଏହି ପ୍ରସଙ୍ଗରେ ବ୍ୟବହାର କରାଗଲା। ଏହାର ଅର୍ଥ ଯୀଶୁ ମଣିଷର ହୃଦୟର ମନ୍ଦତାକୁ ଜାଣୁଥିଲେ (ଈଶ୍ୱରଙ୍କ ଜ୍ଞାନକୁ ପ୍ରତିଫଳନ କରେ-ଆଦି-୬:୧୧-୧୨, ୧୩; ଗୀତ-୧୪:୧-୩)। ଏହି ଅନୁଚ୍ଛେଦ ଅଧ୍ୟାୟ ୩ରେ ନିକଦିମଙ୍କ ଦ୍ୱାରା ବର୍ଣ୍ଣନା କରାଗଲା। ଏପରିକି, "ଶ୍ରୀମାନ ଧାର୍ମିକ" ନିଜ ପ୍ରୟାସ ଦ୍ୱାରା ସାର୍ଥକ ଥିଲେ। ଜ୍ଞାନ, କିମ୍ବା ବଂଶ ଦେଇ ଈଶ୍ୱରଙ୍କ ଦ୍ୱାରା ଗ୍ରହଣ ଯୋଗ୍ୟ ହେବାକୁ ଧାର୍ମିକତା କେବଳ ଯୀଶୁଙ୍କ ଉପରେ ବିଶ୍ୱାସ/ ଭରୋସା ରଖିବା ଦ୍ୱାରା ହିଁ ଆସିଥାଏ (ରୋମୀୟ-୧:୧୬-୧୭;୪)।

**ତର୍କ ନିମନ୍ତେ ପ୍ରଶ୍ନ**

ଏହା ଏକ ଅଧ୍ୟୟନ ସହାୟକ ଟୀକା, ଯାହାର ଅର୍ଥ ଆପଣ ନିଜେ ବାଇବଲର ଅନୁବାଦ ନିମନ୍ତେ ଉତ୍ତରଦାୟୀ। ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେହି ଜ୍ୟୋତିରେ ଚାଲିବା ଦରକାର, ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରାଥମିକ ଅଟନ୍ତି। ଆପଣ ଏହାକୁ ଟିପ୍‌ପଣିକର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ।

ଏହି ପ୍ରଶ୍ନ ତର୍କ ନିମନ୍ତେ ଏଇଥିଯୋଗୁ ଦିଆଗଲା ଯଦ୍ୱାରା ଆପଣ ଏହି ଅଂଶର ମୁଖ୍ୟ ବିଷୟ ଉପରେ ଚିନ୍ତା କରିପାରିବେ। ଏହା ଚିନ୍ତାଧାରାକୁ ଜାଗ୍ରତ କରିବାକୁ ଅଟେ ପରିଭାଷା ପ୍ରସ୍ତୁତ କରିବାକୁ ନୁହେଁ।

୧- କାହିଁକି ଯୀଶୁ ପାଣିକୁ ଦ୍ରାକ୍ଷାରସରେ ପରିବର୍ତ୍ତନ କଲେ? ଏହାର ଚିହ୍ନ କଣ ଅଟେ?

୨- ଯୀଶୁଙ୍କ ସମୟର ବିବାହ ସଂସ୍କୃତିର ବର୍ଣ୍ଣନା କରନ୍ତୁ।

୩- କଅଣ ଆପଣ ହେରୋଦ ଦ୍ୱାରା ନିର୍ମିତ ମନ୍ଦିରର ମାନଚିତ୍ରକୁ କରିପାରିବେ? କ୍ରୟ ଏବଂ ବିକ୍ରୟକାରୀ ମାନଙ୍କ ସ୍ଥାନର ଚିତ୍ରକୁ ଦର୍ଶାଇ ପାରିବେ କି?

୪- କାହିଁକି ସମାନ୍ତର ସୁସମାଚାର ମନ୍ଦିରର ଏହି ଆରମ୍ଭିକ ଶୁଚିକରଣର ହିସାବ ରଖିନାହିଁ?

୫- କଅଣ ଯୀଶୁ ହେରୋଦର ମନ୍ଦିରର ବିନାଶ ବିଷୟରେ ଭାବବାଣୀ କରିଥିଲେ?

୬- "ବିଶ୍ୱାସ", "ପ୍ରତିତି", ଏବଂ "ଭରୋସା" ନିମନ୍ତେ ବ୍ୟବହାର କରାଯାଇଥିବା ଶବ୍ଦର ପରିଭାଷା ଏବଂ ବିବରଣ କରନ୍ତୁ।

# ଯୋହନ -୩

### ଆଧୁନିକ ଅନୁବାଦର ଅନୁଛେଦ ବିଭାଜନ

| ୟୁବିଏସ୍ ୪ | ଏନ୍‌କେଜେଭି | ଏନ୍‌ଆର୍‌ଏସ୍‌ଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଯୀଶୁ ଏବଂ ନିକଦିମ | ନୂତନ ଜନ୍ମ | ଯୀଶୁ ଏବଂ ଅଧିକୃତ | ଯୀଶୁ ଏବଂ ନିକଦିମ | ନୀକଦିମଙ୍କ ସହିତ ବାର୍ତ୍ତାଳାପ |
| ୩:୧-୧୫ | ୩:୧-୧୦ | ଯିହୁଦି ଧର୍ମ | ୩:୧-୧୨ | ୩:୧-୮ |
| | | | ୩:୩ | |
| | | | ୩:୪ | |
| | | | ୩:୫-୮ | ୩:୯-୧୧ |
| | | | ୩:୯ | |
| | | | ୩:୧୦-୧୩ | |
| | | ୩:୧୧-୧୫ | | |
| ୩:୧୬-୨୧ | | ୩:୧୬ | | |
| | | ୩:୧୭-୨୧ | | |
| ଯୀଶୁ ଏବଂ ବାପ୍ତିଜକ ଯୋହନ | ବାପ୍ତିଜକ ଯୋହନ ଖ୍ରୀଷ୍ଟଙ୍କୁ ଉନ୍ନତ କରୁଛନ୍ତି | ଯୋହନଙ୍କ ସାକ୍ଷ୍ୟ | ଯୀଶୁ ଓ ଯୋହନ | ପ୍ରଥମ ଥର ଯୋହନ ସାକ୍ଷ୍ୟ ଦେଉଅଛନ୍ତି । |
| ୩:୨୨-୩୦ | ୩:୨୨-୩୬ | ୩:୨୨-୨୪ | ୩:୨୨-୨୪ | ୩:୨୨-୨୪ |
| | | ୩:୨୫-୩୦ | | ୩:୨୫-୩୬ |
| | | | ୩:୨୭-୩୦ | |
| ଯିଏ ସ୍ୱର୍ଗରୁ ଆସନ୍ତି | | | ଯିଏ ସ୍ୱର୍ଗରୁ ଆସନ୍ତି | |
| ୩:୩୧-୩୬ | | ୩:୩୧-୩୬ | ୩:୩୧-୩୬ | |

### ଅଧ୍ୟୟନ ଚକ୍ର ତିନି

ଅନୁଛେଦରେ ବାସ୍ତବିକ ଲେଖକଙ୍କର ଉଦ୍ଦେଶ୍ୟର ଅନୁସରଣ କରନ୍ତୁ।

ଏହା ଏକ ଅଧ୍ୟୟନ ସହାୟକ ଟୀକା, ଯାହାର ଅର୍ଥ ଆପଣ ନିଜେ ବାଇବଲର ଅନୁବାଦ ନିମନ୍ତେ ଉତ୍ତରଦାୟୀ। ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେହି ଜ୍ୟୋତିରେ ଚାଲିବା ଦରକାର, ଯାହା ଆମ୍ଭମାନଙ୍କ ପାଖରେ ଅଛି। ଅନୁବାଦରେ ଆପଣ, ବାଇବଲ ଓ ପବିତ୍ର ଆତ୍ମା ପ୍ରାଥମିକ ଅଟନ୍ତି। ଆପଣ ଏହାକୁ ଟୀପ୍ପଣିକର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ।

ଏହି ଅଧ୍ୟାୟକୁ ଏଥର ପଢ଼ନ୍ତୁ। ବିଷୟକୁ ଚିହ୍ନନ୍ତୁ। ଆପଣଙ୍କ ବିଷୟର ବିଭାଜନକୁ ପାଞ୍ଚ ଆଧୁନିକ ଅନୁବାଦ ସହିତ ତୁଳନା କରନ୍ତୁ। ଅନୁଛେଦ ପ୍ରେରଣା ପାଇନାହିଁ, ମାତ୍ର ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ଜାଣିବାକୁ ଏହା ସହାୟକ ଅଟେ ଯାହ ଅନୁବାଦର ହୃଦୟ ଅଟେ। ପ୍ରତ୍ୟେକ ଅନୁଛେଦର ଗୋଟିଏ ଏବଂ କେବଳ ଗୋଟିଏ ବିଷୟ ରହିଛି।

୧- ପ୍ରଥମ ଅନୁଛେଦ
୨- ଦ୍ୱିତୀୟ ଅନୁଛେଦ
୩- ତୃତୀୟ ଅନୁଛେଦ
୪- ଇତ୍ୟାଦି

**ଶବ୍ଦ ଏବଂ ବାକ୍ୟାଂଶ ଅଧ୍ୟୟନ**

**ଏନ୍‌ଏଏସ୍‌ବି ବାକ୍ୟ-୩:୧-୩**

**୧- ଫାରୁଶୀମାନଙ୍କ ମଧ୍ୟରେ ନୀକଦୀମ ନାମକ ଜଣେ ବ୍ୟକ୍ତି ଥିଲେ, ସେ ଯିହୁଦି ମାନଙ୍କର ଜଣେ ନେତା। ୨- ସେ ରାତ୍ରି ସମୟରେ ଯୀଶୁଙ୍କ ନିକଟକୁ ଆସି ତାହାଙ୍କୁ କହିଲେ, ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟ କର୍ମ କରୁଅଛନ୍ତି। ଈଶ୍ୱର ସାଙ୍ଗରେ ନଥିଲେ ସେହିସବୁ କେହି କରିପାରେ ନାହିଁ। ୩- ଯୀଶୁ ତାଙ୍କୁ ଉତ୍ତର ଦେଲେ, ସତ୍ୟସତ୍ୟ ମୁଁ ତୁମ୍ଭକୁ କହୁଅଛି। ପୁନର୍ବାର ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖିପାରେ ନାହିଁ।**

**୩:୧- "ଫାରୁଶୀ"** – ଏହି ରାଜନୈତିକ/ ଧାର୍ମିକ ଦଳର ଆରମ୍ଭ ମକାବିଅନ ସମୟରୁ ରହିଅଛି। ସେମାନଙ୍କ ନାମର ଅର୍ଥ ବୋଧହୁଏ " ପୃଥକିକୃତ"। ସେମାନେ ଈଶ୍ୱରଙ୍କ ବ୍ୟବସ୍ଥାକୁ ପାଳନ କରିବାରେ ସଚ୍ଚୋଟ ଏବଂ ସମର୍ପିତ ଯେମିତି ଯେମିତି ମୌଖିକ-ପରମ୍ପରା (ତାଲମୁଦ୍) ରେ ପରିଭାଷିତ ଏବଂ ବର୍ଣ୍ଣିତ। ଯେମିତି ଆଜିର ଦିନରେ ସେମାନେ କେତେତ ସତରେ ପ୍ରତିଜ୍ଞାତ ଲୋକ (ନୀକଦୀମ, ଆରିମାଥାର ଯୋସେଫ), କିନ୍ତୁ କେତେକ ଦେଖାଣିଆ ଧର୍ମ, ନିୟମ ପାଳକ, ବିଚାର କର୍ତ୍ତା, "ପ୍ରତ୍ୟକ୍ଷ" ଭାବେ ପ୍ରତିଜ୍ଞାତ ଲୋକ (ଯିଶା-୬:୯-୧୦; ୨୯-୧୩)। ହୃଦୟ ମୁଖ୍ୟ ଅଟେ! ନୂତନ ନିୟମ

(ଯିରି-୩୧:୩୧-୩୪) ଆନ୍ତରିକ ପ୍ରସ୍ତାହନ ଉପରେ ଧ୍ୟାନ ଦିଏ (ନୂତନ ହୃଦୟ, ନୂତନ ମନ, ହୃଦୟରେ ବ୍ୟବସ୍ଥା ଲେଖାଥିବା) I ମନୁଷ୍ୟମାନଙ୍କର କାର୍ଯ୍ୟ ଅପର୍ଯ୍ୟାପ୍ତ ଦେଖାଯାଏ, ଯେମିତି ଏହା ସର୍ବଦା ହୋଇଥାଏ। ଦ୍ୱିତୀୟ ବିବରଣ-୧୦:୧୬;୩୦:୬ ର ହୃଦୟ ସୁନ୍ନତ ଏକ ବାକ୍ୟ ଅଟେ ବ୍ୟକ୍ତିଗତ ବିଶ୍ୱାସ / ଭରୋସା ନିମନ୍ତେ ଯାହା ଆଜ୍ଞାକାରି ଏବଂ ଧନ୍ୟବାଦର ଜୀବନରେ ପରିମାଣ ଅଟେ।

ଧାର୍ମିକତା ସୁଧାର ବିରୋଧ ଏବଂ / କିମ୍ବା ଉଦାରବାଦ ଅସୁନ୍ଦର ବିଷୟ ହୋଇପାରେ। ଧର୍ମଶାସ୍ତ୍ର ପ୍ରେମ ଏବଂ ବିଶ୍ୱାସରୁ ଆସିବା ଦରକାର। ଦେଖନ୍ତୁ, ବିଶେଷ ଶୀର୍ଷ ଫାରୁଶୀର ୧:୨୪ ରେ।

- "ନୀଳଦୀମ" - ପଲେଷ୍ଟିନ୍‌ରେ ଜଣେ ଯିହୁଦିଙ୍କ ନାମ ଗ୍ରୀକ୍ ନାମ ହେବା ଆଶ୍ଚର୍ଯ୍ୟର ବିଷୟ (ଯେମିତି ଫିଲିପପ ଏବଂ ଆନ୍ଦ୍ରିୟଙ୍କର, ୧:୪୦, ୪୩), ଯାହାର ଅର୍ଥ "ଲୋକଙ୍କର ବିଜେତା" (୭:୫୦; ୧୯:୩୯)।
- **ଏନ୍‌ଏଏସ୍‌ବି, ଏନ୍‌କେଜେଭି** **"ଜଣେ ଯିହୁଦିମାନ ଶାସକ"**
  **ଏନ୍‌ଆର୍‌ଏସ୍‌ଭି, ଏନ୍‌ଜେବି** **"ଜଣେ ଯିହୁଦିମାନଙ୍କର ନେତା"**
  **ଟିଇଭି** **"ଜଣେ ଯିହୁଦି ନେତା"**

ଏହି ପ୍ରସଙ୍ଗରେ, ଆରାଧନାଳୟର ସଦସ୍ୟ ନିମନ୍ତେ ଏହା ଏକ ଟେକ୍‌ନିକି ବାକ୍ୟ (ଅନ୍ୟ ପ୍ରସଙ୍ଗରେ, ଏହାର ଅର୍ଥ ସ୍ଥାନୀୟ ଆରାଧନାଳୟ ଏକ ନେତା ହୋଇପାରେ) I ଯିରୁଶାଲମରେ ଯିହୁଦିମାନଙ୍କର ସତୁରି ସଦସ୍ୟ ଉଚ୍ଚ ନ୍ୟାୟାଳୟ I ଏହାର ଅଧିକାର ରୋମୀୟମାନଙ୍କ ଦ୍ୱାରା ସିମୀତ କରାଯାଇଥିଲା, ତଥାପି ଯିହୁଦିମାନଙ୍କ ମଧ୍ୟରେ ଏହାର ବଡ଼ ପ୍ରଭାବ ଥିଲା। ପ୍ରଥମ ଶତାବ୍ଦିର କଠୋର ଯିହୁଦି ଧର୍ମର ପ୍ରତିନିଧି ରୂପରେ ବୋଧହୁଏ ଯୋହନ ନୀକଦୀମଙ୍କୁ ଇଙ୍ଗିତ କରୁଅଛନ୍ତି। ଯେଉଁମାନେ ଭାବିଲେ କି ସେମାନେ ଆତ୍ମୀକ ଚରମ ସୀମାରେ ପହଞ୍ଚିଗଲେ, ସେମାନଙ୍କୁ ପୁନର୍ବାର ଆରମ୍ଭ କରିବାକୁ କୁହାଗଲା। ଯୀଶୁଙ୍କ ଉପରେ ବିଶ୍ୱାସ, ନିୟମ ନିମନ୍ତେ ନିଷ୍ଠା ନୁହେଁ (ଏପରିକି ଈଶ୍ୱରୀୟ ନିୟମ, କଲ ୨:୧୬-୨୩), ଜାତୀୟ ପୃଷ୍ଠଭୂମି ନୁହେଁ (୮:୩୧-୫୯), ଈଶ୍ୱରଙ୍କ ରାଜ୍ୟରେ ଜଣକର ନାଗରିକତାକୁ ନିର୍ଦ୍ଧାରିତ କରେ। ଖ୍ରୀଷ୍ଟରେ ଈଶ୍ୱରଙ୍କ ଦାନ, ନା ନିଷ୍କପଟତା, ମାନବର ଧର୍ମର ଆକର୍ମଣତା, ଈଶ୍ୱରୀୟ ସ୍ୱିକୃତିର ଦ୍ୱାର ଅଟେ। ଏହା ନୀକଦୀମଙ୍କ ଜ୍ଞାତ କି ଯୀଶୁ ଈଶ୍ୱରଙ୍କଠାରୁ ପ୍ରେରିତ ଗୁରୁ, ଯଦ୍ୟପି ଖ୍ରୀଷ୍ଟ ରୂପରେ ବ୍ୟକ୍ତିଗତ ଭରୋସା, ପରିପୂର୍ଣ୍ଣ ଭରୋସା, ମହାନତମ ଭରୋସା ହିଁ ପତିତ ମାନବଜାତିର ଏକମାତ୍ର ଭରୋସା ।(୧:୧୨)

**ବିଶେଷ ଶୀର୍ଷ : ମହାସଭା**

**1. ସୂଚନାର ସ୍ରୋତ**

କ- ନିଜେ ନୂତନ ନିୟମ

ଖ- ଫ୍ଲେଭିଅସ ଯୋସେଫସଙ୍କ ଏଣ୍ଟିକ୍ୟୁଟିସ୍ ଅଫ ଦି ଯିଉସ୍

ଗ- ତାଲମୁଦର ଭୂଲ ଅଂଶ

ଦୁର୍ଭାଗ୍ୟବଶତଃ ନୂତନ ନିୟମ ଏବଂ ଯୋସେ'ସ ରବ୍‌ବାଇନିକ୍ ଲେଖାରେ ଏକଗତ ହୋଉନାହାନ୍ତି, ତଦ୍ଦ୍ୱାରା ଯିରୁଶାଲମରେ ଦୁଇଟି ମହାସଭା ଥିବାର ଜଣାଯାଏ, ଗୋଟିଏ ଯାଜକିୟ (ସାଦ୍ଦୁକି), ମହା ଯାଜକଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ନାଗରିକ ସଂବନ୍ଧିତ ଓ ନ୍ୟାୟ ସଂଗତ କାର୍ଯ୍ୟ ବହନ କରୁଥିଲେ, ଏବଂ ଦ୍ୱିତୀୟ ଫାରୁଶି ଓ ଶାସ୍ତୀ ନିୟନ୍ତ୍ରଣ କରୁଥିଲେ। ବାଣିଜ୍ୟ ଓ ଧାର୍ମିକ ବିଷୟ ଉପରେ। ଖ୍ରୀଷ୍ଟାବ୍ଦ ୨୦୦ରେ ରାବ୍‌ବିୟ ଲେଖା ଲେଖାଯିବାର ଅନୁମାନ କରାଯାଏ ଏବଂ ରୋମୀୟ ସର୍ବସାଧାରଣଙ୍କୁ ଯରୁଶାଲମର ପତନ ପରେ ତାର ସାଂସ୍କୃତିକ ପରିସ୍ଥିତିକୁ ପ୍ରତି'ଳନ କରୁଅଛି, ତୀତସ, ୭୦ ଖ୍ରୀଷ୍ଟଦ୍ଦରେ। ଜାମିନା ସହରରେ ଯିହୁଦିମାନେ ସେମାନଙ୍କ ଧାର୍ମିକ ଜୀବନକୁ ପୁନଃପ୍ରତିଷ୍ଠା କଲେ ଓ ତତ୍‌ପରେ (ଖ୍ରୀଷ୍ଟାଦ୍ଦ-୧୧୮) ଗାଲିଲୀ ଆଡ଼କୁ ଗଲେ।

**II-** ଶବ୍ଦ

ବିଚାର କାର୍ଯ୍ୟରେ ଥିବା ଲୋକମାନଙ୍କୁ ଚିହ୍ନିବା ଯିଏ ଭିନ୍ନ ଭିନ୍ନ ନାମରେ ଜଡ଼ିତ ଯେଉଁଥିରେ ଏହା ପରିଚିତ, ଚିହ୍ନିବା କଷ୍ଟକର ଅଟେ। ଯିରୁଶାଲମର ଯିହୁଦି ସମାଜ ମଧ୍ୟରେ ବିଚାରକାରୀମାନଙ୍କ ନିମନ୍ତେ ଅନେକ ଶବ୍ଦର ବର୍ଣ୍ଣନା। କରାଯାଇଛି।

କ- ଗେରୋଭସିଆ - "ସମିତି", "ପରିଷଦ"। ଏହି ପୁରାତନ ଶବ୍ଦଟି ଯାହା ପାରସଙ୍କ ସମୟର ଶେଷରେ ବ୍ୟବହୃତ ହୋଇଥିଲା। (ଯୋସେଫସ ଏଣ୍ଟିକ୍ୟୁଟିସ୍ –୧୨:୩.୩ ଏବଂ ୨ ମକାବିସ-୧୧:୨୭)। ପ୍ରେରିତ – ୫:୨୧ ରେ ଏହା ଲୁକ ଦ୍ୱାରା "ମହାସଭା" ସହିତ ବ୍ୟବହାର କଲେ। ଏହା ଗ୍ରୀକ୍ କହୁଥିବା ଅଧ୍ୟୟନକାରୀ ମାନଙ୍କୁ ଶବ୍ଦର ବିବରଣ କରିବାର ଏକ ମାଧ୍ୟମ ହୋଇପାରେ (୧ ମକ୍କାବିସ୍.୧୨:୩୫)

ଖ- ସିନେଡ୍ରିଅନ - "ମହାସଭା" – ଏହା ସିନ (ଏକା ସାଙ୍ଗରେ) ଏବଂ ହେଡ୍ରା (ବସିବା) ର ଏକ ମିଶ୍ରିତ ବାକ୍ୟ। ଆଶ୍ଚର୍ଯ୍ୟଭାବେ ଏହି ଶବ୍ଦ ଆରାମିକ୍ ଭାଷାରେ ବ୍ୟବହୃତ ହେଲା, କିନ୍ତୁ ଏହା ଏକ ଗ୍ରୀକ୍ ଶବ୍ଦକୁ ପ୍ରତିବିମ୍ବ କରେ। ଯିରୁଶାଲମରେ ଯିହୁଦିମାନଙ୍କର ମୁଖ୍ୟ ନ୍ୟାୟାଳୟକୁ ନାମ ଦେବାକୁ ମକାବିୟଙ୍କ ସମୟର ଶେଷରେ ଏହି ଶବ୍ଦ ଏକ ଗ୍ରହଣଯୋଗ୍ୟ ଶବ୍ଦ ହୋଇଥିଲା (ମାଥିଉ-୨୬:୫୯; ମାର୍କ-୧୫:୧; ଲୁକ-୨୨:୬୬; ଯୋହନ-୧୧:୪୭; ପ୍ରେରିତ-୫:୨୭)। ଯେତେବେଳେ ଏହି ସମାନ ଶବ୍ଦକୁ ଯିରୁଶାଲମ ବାହାରସ୍ଥ ସ୍ଥାନୀୟ ନ୍ୟାୟାଳୟ ସଭାରେ ପ୍ରୟୋଗ କରାଗଲା ସେତେବେଳେ ସମସ୍ୟା ଆସୁଅଛି (ମାଥିଉ-୫:୨୨;୧୦:୧୭)।

ଗ- ପ୍ରେସ୍‌ବିଟେରିଅନ - "ସଭାର ପ୍ରାଚୀନ ବର୍ଗ" (ଲୁକ-୨୨:୬୬)। ଏହା ବଂଶର ନେତାମାନଙ୍କ ନିମନ୍ତେ ପୁରାତନ ନିୟମର ପଦ।

ଯେପରି, ଯିରୁଶାଲମରେ ଏହା ମୁଖ୍ୟ ନ୍ୟାୟାଳୟକୁ ଦର୍ଶାଏ (ପ୍ରେରିତ-୨୨:୫)।

ଘ- ବୋଉଲେ – ଏହି "ସଭା" ଶବ୍ଦ ଯୋସେଫସଙ୍କ ଦ୍ୱାରା ବ୍ୟବହୃତ (ୱାରସ-୨.୧୬.୨;୫,୪୨ କିନ୍ତୁ ନୂତନ ନିୟମ ନୁହେଁ) ଅନେକ ନ୍ୟାୟସଙ୍ଗତି ଲୋକମାନଙ୍କୁ ବିବରଣ କରିବା ନିମନ୍ତେ : (୧) ରୋମରେ ସଭା; (୨) ସ୍ଥାନୀୟ ରୋମୀୟ ନ୍ୟାୟାଳୟ (୩) ଯିରୁଶାଲମରେ ଯିହୁଦିମାନଙ୍କ ମୁଖ୍ୟ ନ୍ୟାୟାଳୟ; ଏବଂ (୪) ସ୍ଥାନୀୟ ଯିହୁଦି ନ୍ୟାୟାଳୟ ଏହି ଶବ୍ଦର ଗଠନ ଦ୍ୱାରା ହାରାମାଥୀୟାର ଯୋସେଫ ମହାସଭାର ଜଣେ ସମ୍ଭ୍ରାନ୍ତ ସଭ୍ୟ ରୂପେ ବର୍ଣ୍ଣିତ ହେଲେ (ବୋଉଲେଉଟିସ୍ ର ଅର୍ଥ "ପରାମର୍ଶଦାତା" ମାର୍କ-୧୫:୪୩; ଲୂକ-୨୩:୫୦)।

**111. ଐତିହାସିକ ବିକାଶ**

ବାସ୍ତବରେ ମହାନ ଆରାଧନାଳୟର ଗଠନ ନିମନ୍ତେ ଏଜ୍ରା କୁହାଯାଇଥିଲେ (ଶ୍ରେଷ୍ଠଗୀତରେ ତାର୍‌ଗୁମ୍ –୬:୧) ବନ୍ଦିତ୍ୱର ପର ସମୟରେ ଯାହା ଯୀଶୁଙ୍କ ସମୟର ମହାସଭା ହୋଇଥିବା ଜଣାପଡ଼େ।

କ- ମିସ୍‌ନାହ (ତ୍ୱାଲମୁଦ୍) ର କହିବା ଅନୁସାରେ ଯିରୁଶାଲମରେ ଦୁଇଟି ମୁଖ୍ୟ ନ୍ୟାୟାଳୟ ଥିଲା (ସାନ୍ – ୭:୧)।

୧- ଗୋଟିଏ ୭୦ (କିମ୍ବା ୭୧) ସଦସ୍ୟରେ ନିର୍ମିତ (ସାଣ୍ଡ –୧:୬ ମଧ୍ୟ କହେ କି ଗଣନା-୧୧:୧୬-୨୫ ରେ ମୋଶା ପ୍ରଥମ ମହାସଭାକୁ ନିର୍ମାଣ କରିଥିଲେ)।

୨- ଗୋଟିଏ ୨୩ ଜଣ ସଦସ୍ୟରେ ନିର୍ମିତ ହୋଇଥିଲା (କିନ୍ତୁ ଏହା ସ୍ଥାନୀୟ ଆରାଧନାଳୟର ସଭାକୁ ଦର୍ଶାଇପାରେ)।

୩- କେତେକ ଯିହୁଦି ପଣ୍ଡିତମା ବିଶ୍ୱାସ କରନ୍ତି କି ଯିରୁଶାଲମରେ ୨୩ ଜଣ ମହାସଭା ସଦସ୍ୟ ଥିଲେ। ଯେତେବେଳେ ତିନିଜଣ ଆଉ ଦୁଇଜଣ ନେତାଙ୍କ ସହିତ ମିଳିତ ହୋଉଥିଲେ ତ ୭୧ ଜଣ ସଦସ୍ୟଙ୍କ "ମହାନ ମହାସଭା" କୁ ସ୍ଥାପନା କରୁଥିଲେ (ନାସି ଏବଂ ଏଭି ବେଟ୍ ଡ଼ିନ୍)।

କ - ଗୋଟିଏ ଯାଜକ (ଶାସ୍ତ୍ରୀମାନେ)

ଖ - ଗୋଟିଏ ନ୍ୟାୟୀ ('ାରୁଶିମାନେ)

ଗ- ଗୋଟିଏ ମହାନ ବ୍ୟକ୍ତି (ପ୍ରାଚୀନମାନେ)

ଖ- ପରବର୍ତ୍ତୀ ବନ୍ଦିତ୍ୱ ସମୟରେ, ଦାଉଦ ବଂଶରୁ ଂ'ରୁଥିବା ବ୍ୟକ୍ତି ଯିରୁବାବେଲ ଥିଲେ ଏବଂ ହାରଣଙ୍କ ବଂଶରୁ ଂ'ରୁଥିବା ବ୍ୟକ୍ତି ଥିଲେ ଯିହଶୁଅ। ଯିରୁବାବେଲଙ୍କ ମୃତ୍ୟୁ ପରେ ଦାଉଦ ବଂଶରୁ କେହି ତାହା ଆଗେଇଲେ ନାହିଁ। ତେଣୁ ସେହି ନ୍ୟାୟ ସଂଗତ କାର୍ଯ୍ୟ କେବଳ ଯାଜକମାନଙ୍କ (୧ମ କର-୧୨:୬) ଏବଂ ସ୍ଥାନୀୟ ପ୍ରାଚୀନମାନଙ୍କ (ନିହିମିୟ ୨:୧୬; ୫:୩) ପାଖକୁ ଗଲା।

ଗ-ହେଲେନେଷ୍ଟିକ୍ ସମୟରେ ଡ଼ିଅଡ଼ୋରସ ୪୦:୩:୪-୫ ଦ୍ୱାରା ଏହି ନ୍ୟାୟ ସଂଗତ ନିଷ୍ପତିରେ ଯାଜକିୟ ଦାୟିତ୍ୱ ଲେଖାଗଲା।

ଘ-ସେଲୁସିଡ଼ଙ୍କ ସମୟରେ ଏହି ଯାଜକିୟ ଦାୟୀତ୍ୱ ସରକାରରେ ଚାଲୁରହିଲା। ଆନ୍ତାକିଆଙ୍କ "ମହାନ" ୩ ରୁ ଉଦ୍ଧୃତ କରୁଅଛନ୍ତି (ଖ୍ରୀଷ୍ଟପୂର୍ବ-୨୨୩-୧୮୭) ଏଣ୍ଟିକ୍ୟୁଟିସ୍-୧୨:୧୩୮-୧୪୨ ରେ।

ଙ-ଯୋସେ'ସଙ୍କ ଏଣ୍ଟିକ୍ୟେଟିସ-୧୩-୧୦.୫-୬; ୧୩.୫.୫ ଅନୁସାରେ ମକ୍କାବିଅନଙ୍କ ସମୟରେ ଏହି ଯାଜକିୟ ଶକ୍ତି ନିରନ୍ତର ଜାରି ରହିଲା।

ଚ-ରୋମୀୟ ସାମ୍ରାଜ୍ୟ ସମୟରେ ସିରିଆର ଗଭର୍ନର (ଗାବିନିଅସ ଖ୍ରୀଷ୍ଟ ପୂର୍ବ ୫୭-୫୫ ରୁ) ପାଞ୍ଚଟି ସ୍ଥାନୀୟ "ମହାସଭା" ସ୍ଥାପନା କଲେ। (ଯୋସେଫଓ ଏଣ୍ଟିକ୍ୟୁଟିସ୍-୧୪.୫.୪; ଓ ୱାରସ୍-୧.୮.୫) କିନ୍ତୁ ପରେ ଏହା ରୋମ ଦ୍ୱାରା ସମାପ୍ତ କରାଗଲା । (ଖ୍ରୀଷ୍ଟପୂର୍ବ-୪୭)।

ଛ-ମହାସଭାର ହେରୋଦ ସହିତ ଏକ ରାଜନିତିକ ବିରୋଧଥିଲା (ଏଣ୍ଟିକ୍ୟୁଟିସ-୧୪-୯.୩) ଯିଏ ଖ୍ରୀଷ୍ଟପୂର୍ବ ୩୭ରେ, ପ୍ରତିଶୋଧ ନେଲେ ଏବଂ ଅନେକ ଉଚ୍ଚ ନ୍ୟାୟାଳୟକୁ ନଷ୍ଟ କଲେ (ଏଣ୍ଟିକ୍ୟୁଟିସ୍-୧୪.୯.୪; ୧୫.୧.୨)।

ଜ-ରୋମୀୟ ନ୍ୟାୟାଳୟ ପ୍ରତିନିଧିଙ୍କ ଅଧିନରେ (ଖ୍ରୀଷ୍ଟାବ୍ଦ-୬:୬୬) ଯୋସେ'ସ୍ ଆମ୍ଭମାନଙ୍କୁ କୁହନ୍ତି (ଏଣ୍ଟିକ୍ୟୁଟିସ୍-୨୦.୨୦୦.୨୫୧) କି ମହାସଭା ପୁନର୍ବାର ମହତ୍ୱପୂର୍ଣ୍ଣ ଶକ୍ତି ଏବଂ ପ୍ରଭାବକୁ ପ୍ରାପ୍ତ କଲା (ମାର୍କ-୧୪:୫୫)। ମହାଯାଜକଙ୍କ ପରିବାର, ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ନୂତନ ନିୟମରେ ମହାସଭାର ତିନୋଟି ମୁକଦ୍ଦମା ଲିପିବଧ ହୋଇଛି।

୧- ଯୀଶୁଙ୍କର ନ୍ୟାୟ (ମାର୍କ-୧୪:୫୩-୧୫:୧; ଯୋହନ-୧୮:୧୨-୨୩;୨୮-୩୨)।

୨- ପିତର ଏବଂ ଯୋହନ (ପ୍ରେରିତ-୪:୩-୬)

୩- ପାଉଲ (ପ୍ରେରିତ-୨୨:୨୫-୩୦)

ଝ-ଯେତେବେଳେ ଖ୍ରୀଷ୍ଟାବ୍ଦ-୬୬ ରେ ଯିହୁଦିମାନେ ବିଦ୍ରୋହ କଲେ, ରୋମୀୟମାନେ ପରେ ଖ୍ରୀଷ୍ଟାବ୍ଦ-୭୦ ରେ ଯିରୁଶାଲମ ଏବଂ ଯିହୁଦି ସମାଜକୁ ବିନାଶ କଲେ। ମହାସଭା ସ୍ଥାୟୀଭାବେ ସମାପ୍ତ ହେଲା, ଯଦ୍ୟପି ଜାମ୍‌ନିଆରେ 'ାରୁଶିମାନେ ମୁଖ୍ୟ ନ୍ୟାୟାଳୟକୁ ଯିହୁଦି ଧର୍ମ ଜୀବନରେ ଂ'ରି ଆଣିବାକୁ ଚେଷ୍ଟା କଲେ।

**1V- ସଦସ୍ୟତା**

କ- ଯିରୁଶାଲମରେ ଉଚ୍ଚନ୍ୟାୟାଳୟର ପ୍ରଥମ ବାଇବଲିୟ ଉଲ୍ଲେଖ ୨ ବଂଶାବଳି-୧୯:୮-୧୧ ରେ ଅଛି। ଏହା (୧) ଲେବି (୨) ଯାଜକ (୩) ପରିବାରର ମୁଖ୍ୟଙ୍କୁ ନେଇ ଗଠିତ (ପ୍ରାଚୀନ, ୧ ମକ୍କା-୧୪:୨୦; ୨ ମକ୍କା-୪:୪୪)

| | |
|---|---|
| ଖ- | ମକ୍କାବିଅନଙ୍କ ସମୟରେ (୧) ସାଦ୍ଧୁକି ଯାଜକୀୟ ପରିବାର ଏବଂ (୨) ସ୍ଥାନୀୟ ଧନୀଶୀଳ (୧-ମକ୍କା-୭:୩୩; ୧୧:୨୩; ୧୪:୨୮)ଙ୍କ ଦ୍ୱାରା କବ୍‌ଜାରେ ରହିଲା। ଏହାର ପରବର୍ତ୍ତୀ ସମୟରେ "ଶାସ୍ତ୍ରୀମାନେ" (ମୋଶେୟ ବ୍ୟବସ୍ଥାକାରୀ, ସାଧାରଣତଃ ଫାରୁଶିମାନେ) ଯୋଡ଼ିତ ହେଲେ, ବିଶେଷତଃ, ଆଲେକ୍‌ଜାଣ୍ଡର ଜନାଇଅସଙ୍କ ସ୍ତ୍ରୀ ଶାଲୋମଙ୍କ ଦ୍ୱାରା (ଖ୍ରୀଷ୍ଟପୂର୍ବ-୭୯-୬୭)। ଏପରିକି ସେ ଫାରୁଶିମାନଙ୍କୁ କବ୍‌ଜାକାରୀ ଦଳ ଭାବେ ଗଠନ କରିବାକୁ ଆଦେଶ ଦେଲେ। |
| ଗ- | ଯୀଶୁଙ୍କ ସମୟରେ ନ୍ୟାୟାଳୟ ଏହିମାନଙ୍କ ଦ୍ୱାରା ଗଠିତ ହୋଇଥିଲା :<br>୧- ମହାଯାଜକଙ୍କ ପରିବାର ଦ୍ୱାରା।<br>୨- ସ୍ଥାନୀୟ ଧନିଲୋକଙ୍କ ପରିବାର ଦ୍ୱାରା।<br>୩- ଶାସ୍ତ୍ରୀମାନଙ୍କ ଦ୍ୱାରା (୧୧:୨୭; ଲୁକ-୧୯:୪୭) |
| **V-** | **ସ୍ରୋତ ଏହିମାନଙ୍କଠାରୁ ପରାମର୍ଶ ନେଲା।** |
| କ- | ଡ଼ିକ୍ସନେରୀ ଅ' ଜିଜସ୍ ଏଣ୍ଡ ଦି ଗୋସପେଲ୍‌ସ ଆଇଭିପି, ପୃ-୭୨୮-୭୩୨। |
| ଖ- | ଦି ଯୋଣ୍ଡେରଭନ ପିକ୍‌ଚୋରାଲ ଏନ୍‌ସାଇକ୍ଲୋପେଡ଼ିଆ ଅ'଼ ଦି ବାଇବଲ, ଭୋଲ୍ୟୁସ୍-୫, ପୃ-୨୬୮-୨୭୩। |
| ଗ- | ଦି ନ୍ୟୁ ସ୍କାଁ-ହେରଯୋଗ ଏନ୍‌ସାଇକ୍ଲୋପେଡ଼ିଆ ଅ' ରିଲିଜିଅସ୍ ନଲେଜ- ଭୋଲ୍ୟୁମ୍-୧୦, ପୃଷ୍ଠା-୨୦୩-୨୦୪। |
| ଘ- | ଦି ଇଣ୍ଟରପ୍ରିଟର୍ସ ଡ଼ିକ୍ସନେରୀ ଅଫ୍ ଦି ବାଇବଲ, ଭୋଲ୍ୟୁମ-୪, ପୃ-୨୧୪-୨୧୮ |
| ଙ- | ଏନ୍‌ସାଇକ୍ଲୋପେଡ଼ିଆ, ଭୋଲ୍ୟୁମ୍-୧୪, ପୃ-୮୩୬-୮୩୯। |

**୩:୨** **"ରାତ୍ରିରେ"** – ରାବବି ମାନଙ୍କ କହିବା ଅନୁଯାୟୀ ବ୍ୟବସ୍ଥା ଅଧ୍ୟୟନର ଉତ୍ତମ ସମୟ ରାତ୍ରି କାରଣ ସେହି ସମୟରେ କିଛି ବାଧା ନାହିଁ। ବୋଧହୁଏ ନୀକଦୀମ ଦିନବେଳା ଯୀଶୁଙ୍କ ସଂଗେ ଦେଖାଯିବାର ଇଚ୍ଛା କଲେ ନାହିଁ ତେଣୁ ସେ ରାତ୍ରିରେ ତାହାଙ୍କ ପାଖକୁ ଆସିଲେ (ହୋଇପାରେ ତାଙ୍କ ସହିତ ଅନେକ ଥିଲେ)। ଯୋହନଙ୍କ ଲେଖାରେ କେହିହେଲେ ଆଶ୍ଚର୍ଯ୍ୟ ହୋଇପାରେ କି କେମିତି ଜଣେ ଲେଖକ ପ୍ରାୟତଃ ଦୁଇପ୍ରକାର ଅର୍ଥକୁ ଧାରଣ କରେ। ଯୋହନ ଜ୍ୟୋତି ଓ ଅନ୍ଧାକାର ମଧ୍ୟର ବିରୋଧ ଦ୍ୱାରା ଚିତ୍ରିତ ହେଲେ।

- **"ରାବ୍‌ବି"** – ଯୋହନରେ ଏହାର ଅର୍ଥ "ଗୁରୁ" (୧:୩୮; ୪:୩୧; ମାର୍କ-୯:୫; ୧୧:୨୧)। ଆଉ ଏକ ବିଷୟ ଯାହା ଯିହୁଦି ନେତାମାନଙ୍କୁ ବିଚଳିତ କଲା ତାହା ହେଲା କି ଯୀଶୁ କେବେହେଲେ ରାବ୍‌ବିୟ ଧର୍ମଶାସ୍ତ୍ର ବିଦ୍ୟାଳୟକୁ ଯାଇ ନାହାନ୍ତି। ତାହାଙ୍କର ନାଜରତରେ ସ୍ଥାନୀୟ ଆରାଧନାଳୟର ଅଧ୍ୟୟନକୁ ବାଦ୍‌ଦେଲେ ତାଲ୍‌ମୁଦିୟ ଅଧ୍ୟୟନ ନଥିଲା।
- **"ଆପଣ ଈଶ୍ୱରଙ୍କଠାରୁ ଆଗତ"** – ଏହି ବାକ୍ୟାଂଶ ଆରମ୍ଭରେ ମହତ୍ୱ ଦେବାକୁ ବ୍ୟବହାର କରାଗଲା। ବୋଧହୁଏ ଏହା ଦ୍ୱିତୀୟ ବିବରଣ- ୧୮:୧୫,୧୮ ର ଭାବବାଣୀ ଆଡ଼କୁ ଇଙ୍ଗିତ କରେ। ନୀକଦୀମ ଯୀଶୁଙ୍କର କାର୍ଯ୍ୟ ଏବଂ ବାକ୍ୟର ଶକ୍ତିକୁ ବୁଝିପାରିଲେ। କିନ୍ତୁ ଏହାର ଅର୍ଥ ଏହା ନୁହେଁ କି ସେ ଆତ୍ମୀକ ଭାବେ ଈଶ୍ୱରଙ୍କ ସହିତ ସମାନ ଥିଲେ।
- **"ଈଶ୍ୱର ସାଙ୍ଗରେ ନଥିଲେ"** – ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତ ବାକ୍ୟ, ଯାହାର ଅର୍ଥ ବାସ୍ତବିକ ଶକ୍ତି।
  ୩:୩,୫,୧୧- "ସତ୍ୟ, ସତ୍ୟ"- ଏହା ଆକ୍ଷରିକ ଭାବେ "ଆମେନ୍, ଆମେନ୍"। ଏହା "ବିଶ୍ୱାସ" ନିମନ୍ତେ ପୁରାତନ ନିୟମର ଶବ୍ଦ। ଏହାର ମୂଳ "ଦୃଢ଼ହେବା" ବା "ନିଶ୍ଚିନ୍ତ ହେବା"। ଯୀଶୁ ଗୁରୁତ୍ୱପୂର୍ଣ୍ଣ ବାକ୍ୟକୁ କହିବାକୁ ଏହି ପ୍ରସ୍ତାବନାକୁ ବ୍ୟବହାର କଲେ। ପରେ ଏହା ସତ୍ୟପୂର୍ଣ୍ଣ ବାକ୍ୟକୁ ନିଶ୍ଚିନ୍ତ କରିବାକୁ ବ୍ୟବହାର କରାଗଲା। ଯୋହନ ସୁସମାଚାରରେ ଏହି ଦୁଇଥର ଆସୁଥିବା ଶବ୍ଦ ଅଦ୍ୱିତୀୟ ଅଟେ। ଏହି "ଆମେନ୍" ଶବ୍ଦର ପୁନରାବୃତ୍ତି ହେବା ଯୀଶୁ ଏବଂ ନୀକଦୀମଙ୍କ ମଧ୍ୟରେ ବାର୍ତ୍ତାଳାପକୁ ପ୍ରକାଶ କରେ।

**୩:୩** **"ଯେପର୍ଯ୍ୟନ୍ତ ଜଣେ"** – ଏହା ମଧ୍ୟ ତୃତୀୟ ଶ୍ରେଣୀ ସର୍ତ୍ତ ବାକ୍ୟ, ନୀକଦୀମଙ୍କ ୩:୨ ର ବାକ୍ୟ ସଦୃଶ।

- **ଏନ୍‌ଏଏସବି, ଏନ୍‌କେଜେଭି, ଟିଇଭି - "ପୁନର୍ବାର ଜନ୍ମ"**
  **ଏନ୍‌ଆର୍‌ଏସ୍‌ଭି, ଏନ୍‌ଜେବି - "ଉର୍ଦ୍ଧରୁ ଜନ୍ମ"**
  ଏହି (ଏନୋଥେନ) ଶବ୍ଦର ଅର୍ଥ ଏହା ହୋଇପାରେ :

(୧) "ଶାରିରୀକ ଭାବେ ଦ୍ୱିତୀୟ ଥର ଜନ୍ମ ନେବା"
(୨) "ଆରମ୍ଭରୁ ଜନ୍ମ ନେବା" (ପ୍ରେରିତ-୨୬:୪)
(୩) "ଉର୍ଦ୍ଧରୁ ଜନ୍ମ ନେବା" ଯାହା ଏହି ପ୍ରସଙ୍ଗରେ ସଠିକ୍ ଅଟେ (୩:୭,୩୧;୧୯:୧୧)।

ବୋଧହୁଏ ଯୋହନଙ୍କ ଦୁଇଟି ଅର୍ଥ ଦେଉଥିବା ଶବ୍ଦର ଏହା ଅନ୍ୟ ଏକ ଉଦାହରଣ, ଯାହା ଉଭୟେ ସତ୍ୟ (ବାଉଏର୍, ଏରିଣ୍ଟ, ଗେଙ୍ଗରିକ୍ ଏଣ୍ଡ ଡାଙ୍କରସ୍ ଏ ଗ୍ରୀକ୍ ଇଂଗ୍ଲିସ୍ ଲେକ୍ସିକନ୍ ଅ' ଦି ନିଉ ଟେଷ୍ଟମେଣ୍ଟ ପୃ-୭୭)। ପଦ ୪ରେ ନୀକଦୀମ ବୁଝିପାରିଲେ କି ଏହା ଏକମାତ୍ର ବିକଳ୍ପ।

୧- ଯେତେବେଳେ ଯୋହନ ଏବଂ ପିତର (୧ ପିତର-୧:୨୩) ପରିତ୍ରାଣ ନିମନ୍ତେ ଏହି ପ୍ରସିଦ୍ଧ ବାକ୍ୟରେ ବ୍ୟବହାର କଲେ ଯେମିତି ପାଉଲ ଗ୍ରହଣ କରାଯିବ। ଶବ୍ଦକୁ ବ୍ୟବହାର କରୁଛନ୍ତି। ଧ୍ୟାନ ଜନ୍ମରେ ପିତାଙ୍କର କାର୍ଯ୍ୟ ଅଟେ। ଉଦ୍ଧାର ଈଶ୍ୱରଙ୍କ ଏକ ଦାନ ଏବଂ କାର୍ଯ୍ୟ (୧:୧୨-୧୩; ରୋମୀୟ ୩:୨୧-୨୪; ୬:୨୩; ଏଫିସିୟ- ୨:୮,୯)

- **"ସେ ଦେଖିପାରେ ନାହିଁ"** – ଏହା ପଦ ୫ ରେ "ପ୍ରବେଶ କରିପାରେ ନାହିଁ" ସହିତ ସଦୃଶ ଶବ୍ଦ ସମାନ୍ତର ହୋଇଛି।
- **"ଈଶ୍ୱରଙ୍କ ରାଜ୍ୟ"** – ଏହି ଶବ୍ଦ ଯୋହନରେ (ପଦ-୫) କେବଳ ଦୁଇଥର ବ୍ୟବହୃତ ହୋଇଛି। ସମାନ୍ତର ସୁସମାଚାରରେ ଏହା ମୂଖ୍ୟ ଶବ୍ଦ ଅଟେ। ଯୀଶୁଙ୍କର ପ୍ରଥମ ଓ ଶେଷ ପ୍ରଚାର ଏବଂ ତାହାଙ୍କ ଅଧିକାଂଶ ଦୃଷ୍ଟାନ୍ତ ଏହି ଶବ୍ଦରେ ବ୍ୟବହୃତ। ବର୍ତ୍ତମାନ ମନୁଷ୍ୟର ହୃଦୟରେ ଈଶ୍ୱରଙ୍କ ରାଜୁତି କୁ ଦର୍ଶାଏ। ଏହା ଆଶ୍ଚର୍ଯ୍ୟର ବିଷୟ କି ଏହି ଶବ୍ଦକୁ ଯୋହନ କେବଳ ଦୁଇଥର ବ୍ୟବହାର କରୁଛନ୍ତି (ଏବଂ ଯୀଶୁଙ୍କର ଦୃଷ୍ଟାନ୍ତରେ କେବେ ମଧ୍ୟ ନୁହେଁ)। ନିମ୍ନରେ ବିଶେଷ ଶୀର୍ଷ ଦେଖନ୍ତୁ। ଯୋହନଙ୍କ ନିମନ୍ତେ "ଅନନ୍ତ ଜୀବନ" ମୂଖ୍ୟ ଶବ୍ଦ ଅଟେ। ଏହି ବାକ୍ୟ ଯୀଶୁଙ୍କର ଅନ୍ତିମ ସମୟକୁ ଜୋର ଦେଇ ସଂବନ୍ଧିତ କରେ। ଏହା ଯିହୁଦିମାନଙ୍କର ଧର୍ମଶାସ୍ତ୍ରୀୟ ଅସତ୍ୟଭ୍ୟାସ "ଅଛି କିନ୍ତୁ ଏପର୍ଯ୍ୟନ୍ତ ନୁହେଁ" ବିଚାରଧାରାରେ ସଂବନ୍ଧ ରଖେ, ଯେଉଁଠି ବର୍ତ୍ତମାନର ମନ୍ଦ ଯୁଗ ଓ ଆସନ୍ତା ଧାର୍ମିକ ଯୁଗ, ଯାହାର ଆରମ୍ଭ ଖ୍ରୀଷ୍ଟ କରିବେ ଏଥିରେ ବର୍ଣ୍ଣିତ। ଯିହୁଦିମାନେ ଏହି ପ୍ରକାର ଅପେକ୍ଷାରେ ଥିଲେ କି ଖ୍ରୀଷ୍ଟ ଏକାଥରେ ଆତ୍ମାରେ ପରପୂର୍ଣ୍ଣ ହୋଇ ଏକ ସେନାମାନଙ୍କର ଅଧିପତି ସମାନ ଆସିବେ (ପୁରାତନ ନିୟମର ବିଚାରକର୍ତ୍ତାଙ୍କ ସମାନ)। ଯୀଶୁଙ୍କର ଦୁଇ ଆଗମନ ଏହି ଦୁଇ ଯୁଗ ମଧ୍ୟର ଆଂଶିକ ଆଚ୍ଛାଦନର କାରଣ। ବେଥଲହମରେ ଯୀଶୁଙ୍କର ଦେହଧାରଣ ହେବା ଦ୍ୱାରା ଈଶ୍ୱରଙ୍କର ରାଜ୍ୟ ମନୁଷ୍ୟ ଇତିହାସରେ ଖଣ୍ଡବିଖଣ୍ଡ ହେଲା। ଅବଶ୍ୟ ଯୀଶୁଙ୍କର ଆଗମନ ପ୍ରକାଶିତ ବାକ୍ୟ ୧୯ର ବିଜୟୀ ସେନାପତି ସମାନ ନାହିଁ, ମାତ୍ର ଦୁଃଖଭୋଗୀ ଦାସ ସଦୃଶ (ଯିଶାଇୟ ୫୩) ଏବଂ ବିନମ୍ର ନେତା (ଯିଖ-୯:୯)। ଏଣୁ ଈଶ୍ୱରଙ୍କ ରାଜ୍ୟର ଆରମ୍ଭ ହେଲା (ମାଥିଉ-୩:୨;୪:୧୭;୧୦:୭;୧୧: ୧୨;୧୨:୨୮; ମାର୍କ-୧:୧୫; ଲୁକ-୯:୯;୧୧:୨୦;୨୧:୩୧-୩୨); କିନ୍ତୁ ପୂର୍ଣ୍ଣ ହୋଇ ନାହିଁ (ମାଥିଉ-୬:୧୦;୧୬:୨୮;୨୬:୬୪)।

ବିଶ୍ୱାସୀମାନେ ଏହି ଦୁଇ ଯୁଗର ସଂଘର୍ଷରେ ରହୁଛନ୍ତି। ସେମାନଙ୍କର ପୁନରୁଥାନତ ଜୀବନ ଅଛି। ତଥାପି ସେମାନେ ଶାରିରୀକ ରୂପେ ମୃତ୍ୟୁବରଣ କରୁଅଛନ୍ତି। ସେମାନେ ପାପରୁ ଶକ୍ତିରୁ ମୁକ୍ତ। ତଥାପି ସେମାନେ ପାପ କରନ୍ତି। ସେମାନେ ଅନ୍ତିମ ସମୟ ଶାସ୍ତ୍ରର ଅଟନ୍ତି ମାତ୍ର ଏବେ ନୁହେଁ। ଏହି ବିଷୟ ଉପରେ ଫ୍ରାଙ୍କଷ୍ଟାରୀଙ୍କ ନ୍ୟୁଟେଷ୍ଟାମେଣ୍ଟ ଥିଅଲୋଜିରେ ଏପ୍ରକାର ଲେଖାଯାଏ।

"ଯୋହନ ରଚିତ ସୁସମାଚାର ଭବିଷ୍ୟତର ଆଗମନ ବିଷୟରେ ଜୋର ଦିଏ (୧୪:୩,୧.୨୮;୧୬:୧୬,୨୨) ଏବଂ ଏହା ଶେଷ ଦିନର ପୁନରୁଥାନ ଏବଂ ଶେଷ ବିଚାର ବିଷୟରେ ସ୍ପଷ୍ଟଭାବେ କହେ (୫:୨୮; ୬:୩୯, ୪୪, ୫୪; ୧୧:୨୪; ୧୨:୪୮) ତଥାପି ଏହି ସଂପୂର୍ଣ୍ଣ ଚତୁର୍ଥ ସୁସମାଚାରରେ ଅନନ୍ତ, ନ୍ୟାୟ ଏବଂ ପୁନରୁଥାନ ସବୁ ବର୍ତ୍ତମାନ, ବାସ୍ତବିକତା ଅଟେ (୩:୧୮; ୪:୨୩, ୫:୨୫, ୬:୫୪, ୧୧:୨୩; ୧୨:୧୮, ୩୧;୧୩:୩୧;୧୪:୧୭;୧୭:୨୬)

**ବିଶେଷ ଶୀର୍ଷ : ଈଶ୍ୱରଙ୍କ ରାଜ୍ୟ**

ପୁରାତନ ନିୟମରେ ଯିହୋବା ଇସ୍ରାଏଲର ରାଜାରୂପେ ବିଚାର କରାଗଲେ (୧ ଶାମୁ-୮:୭; ଗୀତ-୧୦:୧୬;୨୪:୭-୯; ୨୯:୧୦; ୪୪:୪; ୮୯:୧୮; ୯୫:୩; ଯିଶା -୪୩:୧୫; ୪୪:୪, ୬) ଏବଂ ମସୀହ ଏକ ଆଦର୍ଶ ରାଜା ଅଟନ୍ତି (ଗୀତ-୨:୬;ଯିଶା-୯:୬-୭;୧୧:୧-୫)। ବେଥଲହମରେ ଯୀଶୁଙ୍କର ଜନ୍ମ ପରେ ଈଶ୍ୱରଙ୍କ ରାଜ୍ୟ ନୂତନ ଶକ୍ତି ଏବଂ ଉଦ୍ଧାର ସହିତ ମନୁଷ୍ୟ ଇତିହାସରେ ଭଗ୍ନ ହେଲା। (ନୂତନ ନିୟମ-ଯିରି-୩୧:୩୧-୩୪; ଯିହଜିକଲ-୩୬:୨୭-୩୬)। ବାପ୍ତିଜକ ଯୋହନ ରାଜ୍ୟର ସନ୍ନିକଟ ବିଷୟରେ ଘୋଷଣା କଲେ (ମାଥିଉ-୩:୨; ମାର୍କ-୧:୧୫)। ଯୀଶୁ ମଧ୍ୟ ସ୍ପଷ୍ଟ ରୂପେ ଉପଦେଶ ଦେଲେ କି ତାହାଙ୍କ ଓ ତାହାଙ୍କ ଶିକ୍ଷାରେ ଈଶ୍ୱରଙ୍କ ରାଜ୍ୟ ଉପସ୍ଥିତ (ମାଥିଉ ୪:୧୭, ୨୩: ୯:୩୫; ୧୦:୭; ୧୧:୧୧-୧୨; ୧୨:୨୮; ୧୬:୧୯; ମାର୍କ ୧୨:୩୪; ଲୁକ ୧୦:୯,୧୧; ୧୧:୨୦; ୧୨:୩୧-୩୨; ୧୬:୧୬; ୧୭:୨୧) ତଥାପି ଈଶ୍ୱରଙ୍କ ରାଜ୍ୟ ଭବିଷ୍ୟତ ମଧ୍ୟ ଅଟେ (ମାଥିଉ ୧୬:୨୮; ୨୪: ୧୪; ୨୬:୨୯; ମାର୍କ ୯:୧; ଲୁକ ୨୧:୩୧; ୨୨:୧୬, ୧୮) ସମାନ୍ତର ସୁସମାଚାରର ମାର୍କ ଏବଂ ଲୁକରେ ଆମେ ଏହି ଶବ୍ଦ "ଈଶ୍ୱରଙ୍କ ରାଜ୍ୟ" କୁ ଦେଖିପାରୁ। ଯୀଶୁଙ୍କ ଶିକ୍ଷାର ସାଧାରଣ ବିଷୟ ମଣିଷ ହୃଦୟରେ ଈଶ୍ୱରଙ୍କ ବର୍ତ୍ତମାନର ରାଜ୍ୟ ସାମିଲ ଅଟେ, ଯାହା ଗୋଟିଏ ଦିନ ସଂପୂର୍ଣ୍ଣ ପୃଥିବୀରେ ପୂର୍ଣ୍ଣ ହେବ। ଏହା ଯୀଶୁଙ୍କର ପ୍ରାର୍ଥନାରେ ପ୍ରତିବିମ୍ବ କରେ, ମାଥିଉ – ୬:୧୦, ମାଥିଉ, ଯୀହୁଦିମାନଙ୍କୁ ଲେଖୁଅଛନ୍ତି, ପୁଣି ସେହି ବାକ୍ୟକୁ ବାଛୁଚନ୍ତି ଯେଉଁଠି ଈଶ୍ୱରଙ୍କ ନାମର ବ୍ୟବହାର ନାହିଁ (ସ୍ୱର୍ଗ ରାଜ୍ୟ), ଯେପରିକି ମାର୍କ ଏବଂ ଲୁକ, ବିଜାତି ମାନଙ୍କୁ ଲେଖୁଚନ୍ତି ଓ ସାଧାରଣ ପଦବି ବ୍ୟବହାର କରି ଈଶ୍ୱରଙ୍କ ନାମ ବ୍ୟବହାର କରୁଛନ୍ତି।

ସମାନ୍ତର ସୁସମାଚାରରେ ଏହା ଏକ ମୂଖ୍ୟ ବାକ୍ୟ ଅଟେ। ଯୀଶୁଙ୍କ ପ୍ରଥମ ଓ ଶେଷ ପ୍ରଚାର, ଏବଂ ତାହାଙ୍କ ଅଧିକାଂଶ ଦୃଷ୍ଟାନ୍ତ ଏହି ବିଷୟ ବିଷୟରେ କୁହେ, ଏହା ବର୍ତ୍ତମାନ ମଣିଷ ହୃଦୟରେ ଈଶ୍ୱରଙ୍କ ରାଜୁତିକୁ ଦର୍ଶାଏ, ଆଶ୍ଚର୍ଯ୍ୟର ବିଷୟ କି ଯୋହନ ଏହି ବାକ୍ୟକୁ କେବଳ ଦୁଇଥର ବ୍ୟବହାର କରୁଛନ୍ତି (ଏବଂ ଯୀଶୁଙ୍କ ଦୃଷ୍ଟାନ୍ତରେ କେବେହେଲେ ନୁହେଁ) ଯୋହନ ସୁସମାଚାରରେ "ଅନନ୍ତଜୀବନ" ମୁଖ୍ୟ ଶବ୍ଦ ଅଟେ।

ଏହି ବାକ୍ୟ ଯୀଶୁଙ୍କର ଦୁଇ ଆଗମନର ସଂଘର୍ଷର କାରଣ ଅଟେ। ପୁରାତନ ନିୟମ ଈଶ୍ୱରଙ୍କ ଖୀଷ୍ଟଙ୍କ କେବଳ ଗୋଟିଏ ଆଗମନରେ କେନ୍ଦ୍ର କରେ – ଏକ ସେନା, ନ୍ୟାୟୀ, ମହିମାମୟ ଆସୁଅଛନ୍ତି କିନ୍ତୁ ନୂତନ ନିୟମ ଯିଶାଇୟ – ୫୩ ର ଦୁଃଖଭୋଗୀ ଦାସଙ୍କର ପ୍ରଥମ ଆଗମନ ବିଷୟରେ ଦର୍ଶାଏ ଏବଂ ଯୀଖରିୟ – ୯:୯ ର ବିନମ୍ର ରାଜା। ଯିହୁଦିମାନଙ୍କ ଦୁଇ ଯୁଗ, ଦୁଷ୍ଟତାର ଯୁଗ ଏବଂ ଧାର୍ମିକତାର ନୂତନ ଯୁଗ, ଦିଅଗଲା। ବର୍ତ୍ତମାନ ଯୀଶୁ ବିଶ୍ୱାସୀମାନଙ୍କ ହୃଦୟରେ ରାଜୁତି କରନ୍ତି, କିନ୍ତୁ ଗୋଟିଏ ଦିନ ସମସ୍ତ ସୃଷ୍ଟି ଉପରେ କର୍ତ୍ତୃତ୍ୱ କରିବେ। ପୁରାତନ ନିୟମର ଭାବବାଣି ଅନୁସାରେ ସେ ଆସିବେ, ବିଶ୍ୱାସୀମାନେ "ଅଟନ୍ତି" ବାକ୍ୟ "ଏବେ ମଧ୍ୟ ନୁହେଁ" ଈଶ୍ୱରଙ୍କ ରାଜ୍ୟରେ (ଗୋରଡ଼ନ୍ ଡ଼ି.ଫି ଏବଂ ଡ଼ୋଗ୍ଲାସ୍ ସ୍ଟୁଆର୍ଟସ୍ ହାଉ ଟୁ ରିଡ଼ଦି ବାଇବଲ ଫର୍ ଅଲଇଟସ୍ ୱର୍ଦ, ପୃ ୧୩୧-୧୩୪.

| |
|---|
| ଏନ୍‌ଏଏସ୍‌ବି ବାକ୍ୟ ୩:୪-୮<br><br>**୪ ନୀକଦୀମ ତାହାଙ୍କୁ ପଚାରିଲେ, ବୃଦ୍ଧ ହେଲେ ମନୁଷ୍ୟ କିପ୍ରକାର ଜନ୍ମ ହୋଇପାରେ ? ସେ କଅଣ ଦ୍ୱିତୀୟଥର ଆପଣା ମାତାର ଗର୍ଭରେ ପ୍ରବେଶ କରି ଜନ୍ମ ହୋଇପାରେ ? ୫ ଯୀଶୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ। ୬ ମାଂସରୁ ଯାହା ଜାତ, ତାହା ମାଂସ, ପୁଣି ଆତ୍ମାରୁ ଯାହା ଜାତ, ତାହା ଆତ୍ମା। ୭ ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭକୁ କହିଲି, ଏଥିରେ ଚମତ୍କୃତ ହୁଅ ନାହିଁ। ୮ ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, କିନ୍ତୁ ତାହା କେଉଁଠାରୁ ଆସେ ପୁଣି କେଉଁଠାକୁ ଯାଏ ତାହା ଜାଣ ନାହିଁ, ଆତ୍ମାଙ୍କଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହି ପ୍ରକାର।** |

**୩:୫** **"ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ"** ଏହା ଅନ୍ୟ ଏକ ତୃତୀୟ ଶ୍ରେଣୀ ସର୍ତ୍ତ ବାକ୍ୟ, ସେମାନଙ୍କ ମଧ୍ୟରେ ବିରୋଧ ଥାଇପାରେ।

୧. ଶାରିରୀକ ସହ ଆତ୍ମୀକ

୨. ଭୌତିକ ସହ ସ୍ୱର୍ଗୀୟ

ଏହି ବିରୋଧ ବିଷୟକୁ ଆମେ ପଦ ୬ ରେ ପାଉ

"ପାଣି" ର ଅର୍ଥ ନିମନ୍ତେ କେତେକ ବିଚାର ତତ୍ତ୍ୱ ନିମ୍ନଲିଖିତ

୧. ରାବବିମାନେ ଏହାକୁ ପୁରୁଷର ବିର୍ଯ୍ୟ ନିମନ୍ତେ ବ୍ୟବହାର କରିଛନ୍ତି।

୨. ଶିଶୁର ଜନ୍ମ ସମୟର ପାଣି।

୩. ଯୋହନଙ୍କ ବାପ୍ତିସ୍ମ ମନ'ରଣକୁ ଦର୍ଶାଏ (୧:୨୬; ୩:୨୩)

୪. ପୁରାତନ ନିୟମର ପୃଷ୍ଠଭୂମି ଅନୁସାରେ ଏହା ଆତ୍ମାର ଧାର୍ମିର ଛିଞ୍ଚଣ (ଯିହଜିକଲ ୩୬:୨୫-୨୭)

୫. ଖ୍ରୀଷ୍ଟିଆନ ବାପ୍ତିସ୍ମ (ଅବଶ୍ୟ ନୀକଦୀମ ତାକୁ ସେହି ପ୍ରକାରେ ବୁଝିପାରିଲେ ନାହିଁ, ପ୍ରଥମେ ଜଷ୍ଟିନ ଓ ଆଇରେନିଅସଙ୍କ ଦ୍ୱାରା ଉଲ୍ଲେଖ କରାଗଲା) ଏହି ପ୍ରସଙ୍ଗରେ ବିଚାରତତ୍ତ୍ୱ ୩- ଯୋହନଙ୍କ ଜଳରେ ବାପ୍ତିସ୍ମ ଏବଂ ଖ୍ରୀଷ୍ଟଙ୍କ ଦ୍ୱାରା ପବିତ୍ର ଆତ୍ମାରେ ବାପ୍ତିସ୍ମ ବିଷୟରେ ଯୋହନଙ୍କ ବିବରଣ ସଠିକ୍ ଅର୍ଥ ହୁଏ। ଏହି ପ୍ରସଙ୍ଗରେ ଜନ୍ମ ଏକ ଶବ୍ଦ ମାତ୍ର ଅଟେ। ଏଣୁ ବିଚାରତତ୍ତ୍ୱ ୧ ତ୍ରୁଟି ଅଟେ। ଏଣୁ ନୀଳଦୀମ ଖ୍ରୀଷ୍ଟଙ୍କର ଶବ୍ଦ ଯାହା ପଶ୍ଚାତ ଖ୍ରୀଷ୍ଟିୟାନ ବାପ୍ତିସ୍ମକୁ ଦର୍ଶାଏ ବୁଝିପାରିଲେ ନାହିଁ। ଯୀଶୁଙ୍କର ଐତିହାସିକ ଶବ୍ଦରେ ଆପଣା ଧର୍ମଶାସ୍ତ୍ରକୁ ଯୋଡ଼ିବା ପ୍ରେରିତ ଯୋହନଙ୍କ ଶୈଳ ଅଟେ (ପଦ-୧୪-୨୧)। ବିଚାରତତ୍ତ୍ୱ-୨ ଯୋହନଙ୍କ ଉର୍ଦ୍ଧସ୍ତ ଏବଂ ନିମ୍ନସ୍ତର ଦ୍ୱିବାଦ ସହିତ ଠିକ୍, ଈଶ୍ୱରଙ୍କ ରାଜ୍ୟ ଏବଂ ଜାଗତିକ ରାଜ୍ୟ। ପରିଭାଷା ଦେବା ପୂର୍ବେ ଏହା ଜାଣିବା ଆବଶ୍ୟକ ଅଟେ କି ଏହା ପରସ୍ପରରେ ମିଶୁଛନ୍ତି ନା ବିରୋଧ କରୁଛନ୍ତି। ଡ଼ି. ଏ. କାରସନ, ଏକ୍ସେଜିଟିକଲ 'ଲାସିସ୍‌ରେ ଅନ୍ୟ ଏକ ବିକଳ୍ପ ଉଲ୍ଲେଖ କରୁଛନ୍ତି : ଉଭୟ ବାକ୍ୟ ଗୋଟିଏ ଜନ୍ମକୁ ଦର୍ଶାଏ, ଗୋଟିଏ ଅନ୍ତିମ ସମୟର ଜନ୍ମ, ଯିହଜିକଲ-୩୬:୨୫-୨୭, ଯାହା ନୂତନ ନିୟମକୁ ବର୍ଣ୍ଣନା କରେ ଯିରିମିୟ-୩୧:୩୧-୩୪।

**ଏଫ.ଏଫ୍.ବ୍ରୁସ୍, ଆନ୍‌ସରସ୍ ଟୁ କୋସ୍‌ଚିନସ୍,**

- **"ଈଶ୍ୱରଙ୍କ ରାଜ୍ୟ'** - ଗୋଟିଏ ପ୍ରାଚୀନ ଗ୍ରୀକ୍ ହସ୍ତଲେଖା ଏବଂ ଅନେକ ଚର୍ଚ ଫାଦର ମାନଙ୍କ ପାଖରେ ଏହି ଶବ୍ଦ "ସ୍ୱର୍ଗରାଜ୍ୟ' ରହିଅଛି ଯାହା ମାଥିଉ ସୁସମାଚାରରେ ସାଧାରଣ ଅଟେ। ଯେପରିକି, ଶବ୍ଦ "ଈଶ୍ୱରଙ୍କ ରାଜ୍ୟ' ପଦ-୩ରେ ଦେଖାଯାଏ (ପଦ ୩ ଏବଂ ୫ ହିଁ କେବଳ ବାକ୍ୟ ଯାହା ଯୋହନରେ ପ୍ରକାଶିତ ଶବ୍ଦରେ ଦେଖାଯାଏ)। ଯୋହନ, ବିଜାତିମାନଙ୍କୁ ଲେଖୁଅଛନ୍ତି (ମାର୍କ ଓ ଲୁକଙ୍କ ସଦୃଶ୍ୟ)। ଈଶ୍ୱରଙ୍କ ନାମ ସକାଶେ ଉଲଟାସୁଲଟା ଯିହୁଦି ବାକ୍ୟ ବ୍ୟବହାର କରୁନାହାନ୍ତି।

**୩:୬** - ଏହା ପୁଣି ଦ୍ୱିବାଜ ଶବ୍ଦ ଯାହା ଯୋହନରେ ସାଧାରଣ ଅଟେ (ପଦ-୧୧)।

**୩:୭** - **"ତୁମ୍ଭଙ୍କୁ .......... ତୁମ୍ଭମାନଙ୍କୁ'** - ପ୍ରଥମ ବାକ୍ୟ ଏକବଚନ, ନୀକଦୀମଙ୍କୁ ଦର୍ଶାଏ, ମାତ୍ର ଦ୍ୱିତୀୟ ବହୁବଚନ ଅଟେ, ଯାହା ସମସ୍ତ ମାନବଜାତିକୁ ଇଙ୍ଗିତ କରେ (ସେହି ବାକ୍ୟ ପଦ-୧୧ ରେ ଏକବଚନ ଓ ବହୁବଚନର କାର୍ଯ୍ୟ କରେ)। ହୋଇପାରେ କେହି ଏହାକୁ ଯିହୁଦିମାନଙ୍କ ରିତି ରୂପରେ ବିବରଣ କରେ (୪:୧୨; ୮:୫୩), ଯୋହନ, ପ୍ରଥମ ଶତାବ୍ଦିର ଶେଷ ବେଳକୁ ଏହା ଲେଖୁଅଛନ୍ତି, ନିଶ୍ଚୟ ନୋଷ୍ଟିକ୍‌ବାଦକୁ ବିରୋଧ କରୁଛନ୍ତି ଏବଂ ଯିହୁଦିଜାତୀୟ ଗର୍ବର ସମ୍ମୁଖୀନ କରୁଅଛନ୍ତି।

- **"ଅବଶ୍ୟ' ଗ୍ରୀକ୍ କ୍ରିୟା ଦେଇ (ଆକ୍ଷରିକ ଭାବେ - "ଏହା ଆବଶ୍ୟକ')**, ୩ ଅଧ୍ୟାୟରେ ତିନିଥର ବ୍ୟବହୃତ ହୋଇଛି (ପଦ-୭, ୧୪, ୩୦)। ଆଗକୁ ବଢ଼ିବାକୁ ଈଶ୍ୱରଙ୍କ ଯୋଜନା ନିମନ୍ତେ ଏହା ହେବା ଆବଶ୍ୟକ ଥିଲା।

୩:୮ - ଏବ୍ରୀ (ଆରାମିକ୍) ଶବ୍ଦ (ରୁହା) ତଥା ଗ୍ରୀକ୍ ଶବ୍ଦ (ନ୍ୟୁମା) ଯାହାର ଅର୍ଥ "ବାୟୁ', "ଶ୍ୱାସ' ଏବଂ "ଆତ୍ମା'। ମୁଖ୍ୟ ବିଷୟ ଏହା କି ବାୟୁ ସ୍ୱତନ୍ତ୍ର ଅଟେ, ଠିକ୍ ସେହି ପ୍ରକାରେ ଆତ୍ମା ମଧ୍ୟ, କେହିଁ ବାୟୁକୁ ଦେଖିପାରେ ନାହିଁ, ମାତ୍ର ଏହା ପ୍ରଭାବ କରିଥାଏ, ଠିକ୍ ସେମିତି ଆତ୍ମା ମଧ୍ୟ। ମଣିଷର ଉଦ୍ଧାର ତାହାର ବଶରେ ନୁହେଁ, ମାତ୍ର ଆତ୍ମାଙ୍କ ବଶରେ ଅଛି (ଯିହିଜିକଲ-୩୭)। ଏହା ସତ୍ୟ କି ଏହି ସମାନ ସତ୍ୟକୁ ପଦ ୫-୭ ମଧ୍ୟ ଦେଖାଉଅଛି। ଉଦ୍ଧାର ପବିତ୍ରଆତ୍ମାଙ୍କ କାର୍ଯ୍ୟ (୬:୪୪;୬୫) ଏବଂ ମଣିଷର ବିଶ୍ୱାସ / ଅନୁତାପର ମିଶ୍ରଣ ଅଟେ। (୧:୧୨;୩:୧୬,୧୮)।

ଯୋହନ ରଚିତ ସୁସମାଚାର ଅଦ୍‌ଭୁତ ରୂପେ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟକୁ କେନ୍ଦ୍ର କରେ (୧୪:୧୭,୨୫-୨୬; ୧୬:୭-୧୫)। ସେ ନୂତନ ଯୁଗକୁ ପବିତ୍ର ଆତ୍ମାଙ୍କ ଯୁଗ ରୂପେ ଦେଖୁଛନ୍ତି।

ପଦ ୮ ଏକ ଜଟିଳ ପ୍ରଶ୍ନରୁପେ ପଚାରେ କାହିଁକି କେତେକ ଲୋକ ସୁସମାଚାରକୁ ଶୁଣି/ଦେଖି ବିଶ୍ୱାସ କରନ୍ତି ଏବଂ ଅନ୍ୟମାନେ ନୁହଁନ୍ତି। ଯୋହନଙ୍କ ଅନୁସାରେ କେହିଁ ହେଲେ ଆତ୍ମାଙ୍କ ବିନା ସ୍ୱର୍ଷରେ ବିଶ୍ୱାସ କରନ୍ତି ନାହିଁ (୧:୧୩; ୬:୪୪, ୬୫)। ଏହି ବାକ୍ୟ ସେହି ଧର୍ମଶାସ୍ତ୍ରକୁ ଜୋରଦିଏ। ଯେପରିକି, ପ୍ରତିଜ୍ଞା ପ୍ରତି ଉତ୍ତରର ପ୍ରଶ୍ନ (ମଣିଷ ଈଶ୍ୱରୀୟ ଦାନକୁ ଗ୍ରହଣ କରିବା) ତଥାପି କହେ କି ଆତ୍ମା ସମସ୍ତଙ୍କୁ ସ୍ୱର୍ଷକରେ। କାହିଁକି କେତେକ ସେହି ମହାନ ଅଧର୍ମର ରହସ୍ୟକୁ ବିଶ୍ୱାସ କରନ୍ତି ନାହିଁ। (ପତିତର ସ୍ୱୟଂ କେନ୍ଦ୍ରିୟ), ଯେତେ ମୁଁ ବଢ଼ିବି, ସେତେ ମୁଁ ବାଇବଲ ଅଧ୍ୟୟନ କରିବି, ଯେତେ ମୁଁ ଈଶ୍ୱରଙ୍କ ଲୋକମାନଙ୍କ ସେବା କରିବି, ସେତେ ଅଧିକ ମୁଁ ଜୀବନର "ରହସ' ବିଷୟରେ ଲେଖିବି। ଆମେ ସମସ୍ତେ ଅନ୍ଧକାରରେ ରହୁଅଛୁ। (୧ କରି-୧୩:୧୨) ମଣିଷମାନଙ୍କର ବିଦ୍ରୋହରେ। ବର୍ଣ୍ଣନା କରିବାର କ୍ଷମତାରେ କିମ୍ବା ଅନ୍ୟ ଶବ୍ଦରେ କହେ। ବ୍ୟବସ୍ଥିତ ଧର୍ମଶାସ୍ତ୍ରରେ ବିକାଶ କରୁଅଛି। କିନ୍ତୁ ଖ୍ରୀଷ୍ଟରେ ଈଶ୍ୱରଙ୍କ ଉପରେ ଭରୋସା କରିବାଠାରୁ ଅଧିକ ମହତ ନୁହେଁ। ଆୟୁବ କେବେ ହେଲେ "କାହିଁକି' ବୋଲି କୁହାଗଲେ ନାହିଁ।

**ବିଶେଷ ଶୀର୍ଷ : ଶ୍ୱାସ, ବାୟୁ, ଆତ୍ମା**

ଏବ୍ରୀ ଶବ୍ଦ ରୁହା ଏବଂ ଗ୍ରୀକ୍ ଶବ୍ଦ ନ୍ୟୁମା (ଯୋହନ -୩:୫,୮) "ଆତ୍ମା', "ଶ୍ୱାସ', କିମ୍ବା "ବାୟୁ' ର ଅର୍ଥ ହୋଇପାରେ (ଯୋହନ-୩:୫,୮)। ଆତ୍ମା ସର୍ବଦା ସୃଷ୍ଟି ସହିତ ସମ୍ମିଳିତ ଅଟେ। (ଆଦି-୧:୨; ଆୟୁବ-୨୬:୧୩; ଗୀତ- ୧୦୪:୨୯-୩୦; ୧୪୭:୧୪-୧୮)। ପୁରାତନ ନିୟମ ଈଶ୍ୱର ଓ ଆତ୍ମାଙ୍କ ବିଷୟର ସଂବନ୍ଧକୁ ସ୍ପଷ୍ଟଭାବେ କହେ ନାହିଁ। ଆୟୁବ-୨୮:୨୬-୨୮; ଗୀତ-୧୦୪:୨୪; ଏବଂ ହିତଉପଦେଶ-୩:୧୯; ୮:୨୨-୨୩ ରେ ଈଶ୍ୱର ଜ୍ଞାନ (ଏକ୍ ସ୍ତ୍ରୀଲିଙ୍ଗ ସଂଜ୍ଞା) ର ବ୍ୟବହାର କରୁଛନ୍ତି। ସମସ୍ତ ସୃଷ୍ଟିକୁ ନିର୍ମାଣ କରିବା ନିମନ୍ତେ। ନୂତନ ନିୟମରେ ଯୀଶୁ ସୃଷ୍ଟିରେ ଈଶ୍ୱରଙ୍କ ଏକ ପ୍ରତିନିଧି ବୋଲି କହୁଅଛନ୍ତି (ଯୋହନ-୧:୧-୩; ୧ କରି-୮:୬; କଲ-୧:୧୫-୧୭; ଏବ୍ରୀ ୧:୨-୩)। ଯେମିତି ଉଦ୍ଧାରରେ, ସମସ୍ତ ସୃଷ୍ଟିରେ ମଧ୍ୟ, ଈଶ୍ୱରଙ୍କ ସମସ୍ତ ମୂଖ୍ୟ ବ୍ୟକ୍ତିତ୍ୱ ସମ୍ମିଳିତ। ଆଦି ୧ ମଧ୍ୟ କୌଣସି ଦ୍ୱିତୀୟ କାରଣକୁ ଜୋର ଦିଏନାହିଁ।

**ଏନ୍ଏଏସ୍ବି ବାକ୍ୟ : ୩:୯-୧୫**

**୯ ନୀକଦୀମ ତାହାଙ୍କୁ ଉତ୍ତର ଦେଲେ, ଏହିସବୁ କିପରି ହୋଇପାରେ ? ୧୦ ଯୀଶୁ ତାଙ୍କୁ ଉତ୍ତର ଦେଲେ, ତୁମ୍ଭେ ଇସ୍ରାଏଲ୍ର ଜଣେ ଗୁରୁ ହୋଇ ସୁଦ୍ଧା କଅଣ ଏହିସବୁ ବୁଝୁ ନାହଁ ? ୧୧ ମୁଁ ତୁମ୍ଭକୁ ସତ୍ୟସତ୍ୟ କହୁଅଛି, ଆମ୍ଭେମାନେ ଯାହା ଜାଣୁ, ତାହା କହୁ, ପୁଣି ଯାହା ଦେଖିଅଛୁ, ତାହା ବିଷୟରେ ସାକ୍ଷ୍ୟ ଦେଉ, ଆଉ ତୁମ୍ଭେମାନେ ଆମ୍ଭମାନଙ୍କର ସାକ୍ଷ୍ୟ ଗ୍ରହଣ କରୁନାହଁ। ୧୨ ମୁଁ ତୁମ୍ଭମାନଙ୍କୁ ପାର୍ଥିକ ବିଷୟ କହିଲେ, ଯଦି ତୁମ୍ଭେମାନେ ବିଶ୍ୱାସ ନ କର, ତେବେ ତୁମ୍ଭମାନଙ୍କୁ ସ୍ୱର୍ଗୀୟ ବିଷୟ କହିଲେ, କିପରି ବିଶ୍ୱାସ କରିବ ? ୧୩ ଆଉ, ଯେଉଁ ମନୁଷ୍ୟପୁତ୍ର ସ୍ୱର୍ଗରୁ ଅବତରଣ କଲେ, ତାହାଙ୍କ ବିନା ଆଉ କେହି ସ୍ୱାର୍ଗାରୋହଣ କରି ନାହିଁ। ୧୪ ପୁଣି, ମୋଶା ଯେପ୍ରକାର ପ୍ରାନ୍ତରରେ ସର୍ପକୁ ଉର୍ଦ୍ଧ୍ୱକୁ ଉଠାଇଲେ, ମନୁଷ୍ୟପୁତ୍ର ଅବଶ୍ୟ ସେହି ପ୍ରକାରେ ଉର୍ଦ୍ଧ୍ୱକୁ ଉଠାଯିବ। ୧୫ ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ।**

**୩:୧୨-୧୫ : ୧୨ମୁଁ ତୁମ୍ଭମାନଙ୍କୁ ପାର୍ଥିବ ବିଷୟ କହିଲେ ଯଦି ତୁମ୍ଭେମାନେ ବିଶ୍ୱାସ ନ କର, ତେବେ ତୁମ୍ଭମାନଙ୍କୁ ସ୍ୱର୍ଗୀୟ ବିଷୟ କହିଲେ କିପରି ବିଶ୍ୱାସ କରିବ ? ୧୩ଆଉ, ଯେଉଁ ମନୁଷ୍ୟପୁତ୍ର ସ୍ୱର୍ଗରୁ ଅବରଣ କଲେ, ତାହାଙ୍କ ବିନା ଆଉ କେହି ସ୍ୱର୍ଗାରୋହଣ କରିନାହିଁ । ୧୪ ପୁଣି, ମୋଶା ଯେ ପ୍ରକାର ପ୍ରାନ୍ତରରେ ସର୍ପକୁ ଉର୍ଦ୍ଧ୍ୱକୁ ଉଠାଇଥିଲେ, ମନୁଷ୍ୟପୁତ୍ର ଅବଶ୍ୟ ସେହି ପ୍ରକାରେ ଉର୍ଦ୍ଧ୍ୱକୁ ଉଠାଯିବେ । ୧୫ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।**

**୩:୯-୧୦ :** ନୀକଦୀମଯୀଶୁଙ୍କର ପ୍ରତୀକାତ୍ମକ ଶବ୍ଦାବଳୀକୁ (୧) ବିଜାତିମାନଙ୍କ ଯିହୁଦୀ ବାପ୍ତିସ୍ମ ଏବଂ (୨) ବାପ୍ତିଜକ ଯୋହନଙ୍କ ପ୍ରଚାରର ଜ୍ୟୋତିରେ ବୁଝିଥିବେ ।

ଏହା ମାନବୀୟ ଜ୍ଞାନର ମୂର୍ଖତାକୁ ଇଙ୍ଗିତ କରେ; ଏପରିକି ନୀକଦୀମ ସଦୃଶ୍ୟ ଜଣେ ବ୍ୟକ୍ତି, ଯିହଦୀମାନଙ୍କ ନେତା, ଏହି ଆତ୍ମିକ ବିଷୟକୁ ସଂପୂର୍ଣ୍ଣ ଭାବେ ବୁଝିପାରିଲେ ନାହିଁ । ନୋଷ୍ଟିକ ମିଥ୍ୟାଶିକ୍ଷା ଯାହା ଜ୍ଞାନ ଦ୍ୱାରା ଉଦ୍ଧାରପ୍ରାପ୍ତ କରାଯାଇପାରେ ତାହାର ପ୍ରତିବାଦ ନିମନ୍ତେ ଯୋହନ ରଚିତ ସୁସମାଚାରର ଲିଖନ କରାଯାଇଥିଲା । କେବଳ ଯୀଶୁ ହିଁ (ପଦ - ୯) ସମସ୍ତଙ୍କ ନିମନ୍ତେ ପ୍ରକୃତ ଜ୍ୟୋତି, କେବଳ ଗୋଟିଏ ବିଶିଷ୍ଟ ଗୋଷ୍ଠୀର ନୁହଁନ୍ତି ।

**୩:୧୧ - "ଆମ୍ଭେମାନେ ଯାହା ଜାଣୁ, ତାହା କହୁ"** ଏହି ବହୁବଚନ ସର୍ବନାମ ଯୀଶୁ ଏବଂ ପ୍ରେରିତ ଯୋହନଙ୍କୁ ଦର୍ଶାଏ (ପଦ - ୧୧) କିମ୍ବା ଯୀଶୁ ଏବଂ ପିତାଙ୍କୁ ଦର୍ଶାଏ ଯାହା ସଂପୃକ୍ତ ପରିସ୍ଥିତିରେ ଉପଯୁକ୍ତ (ପଦ - ୧୨) ସୁସମାଚାରଟି କାଳ୍ପନିକ ନୁହେଁ ମାତ୍ର ଐଶ୍ୱରିକ ପ୍ରକାଶ ।

❐ **"ତୁମ୍ଭେମାନେ ଆମ୍ଭମାନଙ୍କର ସାକ୍ଷ୍ୟ ଗ୍ରହଣ କରୁ ନାହଁ"** ଯୋହନ ଅନେକ ସମୟରେ ସ୍ୱୀକାର / ଗ୍ରହଣ କରିବା ଶବ୍ଦକୁ ପ୍ରୟୋଗ କରୁଛନ୍ତି - (ଲାମ୍ବାନ) ଏବଂ ଧର୍ମଶାସ୍ତ୍ରୀୟ ପ୍ରଣାଳୀରେ ଅବ୍ୟୟ ପଦର ଯୁଗ୍ମ ବସ୍ତୁକୁ ପ୍ରୟୋଗ କରୁଛନ୍ତି ।

୧ - ଯୀଶୁଙ୍କୁ ଗ୍ରହଣ କରିବାରେ

କ - ନାସ୍ତିକ ଭାବେ (୧:୧୧; ୩:୩୨; ୫:୪୭)

ଖ - ନିଶ୍ଚିତ ରୂପେ (୧:୧୨; ୩:୧୧, ୩୩; ୫:୪୩; ୧୩:୨୦)

୨ – ଆତ୍ମାଙ୍କୁ ଗ୍ରହଣ କରିବାରେ

କ – ନାସ୍ତିକ ଭାବେ (୧୪:୧୭)

ଖ – ନିଶ୍ଚିତ ଭାବେ (୭:୩୯)

୩ – ଯୀଶୁଙ୍କର ବାକ୍ୟକୁ ଗ୍ରହଣ କରିବାରେ

କ – ନାସ୍ତିକ ଭାବେ (୧୨:୪୮)

ଖ – ନିଶ୍ଚିତ ଭାବେ (୧୭:୮)

ଦେଖନ୍ତୁ ବିଶେଷ ଶୀର୍ଷ : ଯୀଶୁଙ୍କର ସାକ୍ଷ୍ୟ – ୧:୮

**୩:୧୨ "ଯଦି....ଯଦି"** ସର୍ବ ପ୍ରଥମେ ଯଦି ପ୍ରଥମ ଶ୍ରେଣୀ ସର୍ତ୍ତ ବାକ୍ୟ ଲେଖକଙ୍କ ଅନୁଯାୟୀ ତାହାଙ୍କ ଲିଖନ ନିମନ୍ତେ କିମ୍ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ନିମନ୍ତେ ସତ୍ୟ ଅଟେ । ଦ୍ୱିତୀୟ ଯଦି ତୃତୀୟ ଶ୍ରେଣୀ ସର୍ତ୍ତ ବାକ୍ୟ ଯାହା ବଳବନ୍ତ କାର୍ଯ୍ୟକୁ ଦର୍ଶାଏ ।

❒ **"ତୁମ୍ଭେମାନେ"** – ସର୍ବନାମ ଏବଂ କ୍ରିୟା ବହୁବଚନ ଅଟେ । ହୋଇପାରେ, ଯେତେବେଳେ ନୀକଦୀମ ଯୀଶୁଙ୍କ ପାଖକୁ ଆସିଲେ ସେତେବେଳେ ତାଙ୍କ ସହିତ ଶିଷ୍ୟମାନେ ଥିଲେ କିମ୍ବା ପଦ ୭ ଏବଂ ୧୧ର ସମସ୍ତ ଅବିଶ୍ୱାସୀ ଯୀହୁଦିମାନଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ଏକ ସାଧାରଣ ଶବ୍ଦ ଅଟେ ।

**୩:୧୩** ଏହି ବାକ୍ୟ ପ୍ରମାଣ କରେ କି ଯୀଶୁଙ୍କ ଦ୍ୱାରା ପିତା ଈଶ୍ୱରଙ୍କ ପ୍ରକାଶ ସତ୍ୟ, ପୂର୍ଣ୍ଣ ଏବଂ ଅସାଧାରଣ (୧:୧-୧୪) । ଏହା ଯୋହନଙ୍କ ଭୂଲମ୍ବ ଦୈତବାଦର ଅନ୍ୟ ଏକ ଉଦାହରଣ : ସ୍ୱର୍ଗ ବନାମ ପୃଥିବୀ । ଶାରୀରିକ ବନାମ ଆତ୍ମୀକ । ନୀକଦୀମଙ୍କ ଉତ୍ସ ବନାମ ଯୀଶୁଙ୍କର ଉତ୍ସ (୧:୫୧; ୬:୩୩, ୩୮, ୪୧, ୫୦, ୫୧, ୫୮, ୬୨) । ଏହି ବାକ୍ୟ (୧) ଈଶ୍ୱରତ୍ୱ (୨) ପୂର୍ବ ବିଦ୍ୟମାନ ଏବଂ (୩) ତ୍ରିଏକ ଅନନ୍ତ ଦ୍ୱିତୀୟ ବ୍ୟକ୍ତିଙ୍କ ଦେହଧାରଣକୁ ସ୍ପଷ୍ଟ କରେ (ତ୍ରିଏକ ନିମନ୍ତେ ଦେଖନ୍ତୁ ବିଶେଷ ଶୀର୍ଷ – ୧୪:୨୬)ରେ ।

❒ **"ମନୁଷ୍ୟପୁତ୍ର"** ଏହା ଯୀଶୁଙ୍କ ସ୍ୱୟଂ ଉପାଧି; ପ୍ରଥମ ଶତାବ୍ଦିର ଯିହୁଦି ଧର୍ମରେ ଏହାର କୌଣସି ରାଷ୍ଟ୍ରୀୟତା, ସାମରିକତା, ଖ୍ରୀଷ୍ଟ ପ୍ରଭାବ ନ ଥିଲା । ଏହି ଶବ୍ଦ ଯିହିଜିକଲ -୨:୧ ଏବଂ ଗୀତ ୮:୪ରୁ ଆସିଅଛି ଯାହାର ଅର୍ଥ "ମନୁଷ୍ୟ" ଏବଂ ଦାନିଏଲ ୭:୧୩ରେ ଯାହାର ଅର୍ଥ "ଈଶ୍ୱର" । ଏହି ବାକ୍ୟ ଯୀଶୁଙ୍କର ପରିପୂର୍ଣ୍ଣ ମନୁଷ୍ୟ ଏବଂ ପରିପୂର୍ଣ୍ଣ ଈଶ୍ୱର ହେବାର ବିରୋଧବଭାବକୁ ପ୍ରକାଶ କରେ (୧ ଯୋହନ – ୪:୧-୩) ।

**୩:୧୪-୨୧** – ଏହା କହିବା କଠିନ ଅଟେ କି ଏଠାରେ ନୀକଦୀମଙ୍କ ସହିତ ଯୀଶୁଙ୍କର ବାର୍ତ୍ତାଳାପ ସମାପ୍ତ ହେଲା ଏବଂ ପ୍ରେରିତ ଯୋହନଙ୍କ କଥା ଆରମ୍ଭ ହେଲା ନା ନାହିଁ । ଏହା ଏହି ପ୍ରକାର ସମ୍ଭବ ହୋଇପାରେ କି ସମାନ୍ତର ସୁସମାଚାର ଯୀଶୁଙ୍କର ସର୍ବସାଧାରଣ ଶିକ୍ଷାର ସେବାକାର୍ଯ୍ୟକୁ ଲେଖି ରଖେ ଯାହା ଯୋହନ ଯୀଶୁଙ୍କର ଶିଷ୍ୟମାନଙ୍କ ସହିତ ବ୍ୟକ୍ତିଗତ ସମୟକାଳକୁ ଲେଖି ରଖେ ।

ବାକ୍ୟ ୧୪-୨୧ର ଏହି ପ୍ରକାର ସଂକ୍ଷିପ୍ତ ବିବରଣୀ ହୋଇପାରେ ।
୧ – ପଦ ୧୪-୧୫ ଯୀଶୁଙ୍କୁ ସଂପୃକ୍ତ କରେ ।
୨ – ପଦ ୧୬-୧୭ ପିତାଙ୍କୁ ସଂପୃକ୍ତ କରେ ।
୩ – ପଦ ୧୮-୨୧ ମନୁଷ୍ୟକୁ ସଂପୃକ୍ତ କରେ ।

ମନେରଖନ୍ତୁ ଏହା ଯୀଶୁ ହୁଅନ୍ତୁ ବା ଯୋହନ ଏହାର ବିବରଣର ସତ୍ୟରେ କୌଣସି ପ୍ରଭାବ ପଡ଼େ ନାହିଁ ।

**୩:୧୪ "ମୋଶା ଯେଉଁ ପ୍ରକାର ସର୍ପକୁ ଉଠାଇଥିଲେ"** – ଏହା ମରୁସ୍ଥଳ ଯାତ୍ରା ସମୟର ଘଟିତ ଏକ ବିଚାର ଆଡ଼କୁ ସଂକେତ କରେ ଯାହା ଗଣନା ୨୧:୪-୯ରେ ଉଲ୍ଲେଖ ଅଟେ । ଏଠାରେ କେନ୍ଦ୍ରୀୟ ସତ୍ୟ ଏହା ଅଟେକି ମନୁଷ୍ୟ ଈଶ୍ୱରଙ୍କ ଉପରେ ଭରସା ଏବଂ ଆଜ୍ଞାକାରୀ ହେବା ଆବଶ୍ୟକ । ଏପରିକି ଯଦିବା ସେମାନେ ଏହାର ପୂର୍ଣ୍ଣ ଅର୍ଥକୁ ବୁଝି ନ ପାରନ୍ତି । ଈଶବର ଇସ୍ରାଏଲୀମାନଙ୍କୁ ଗୋଟିଏ ମାର୍ଗ ଦେଲେ କେବଳ ବିଶ୍ୱାସ ଦ୍ୱାରା ସେମାନେ ସର୍ପ ଦଂଶନରୁ ବଞ୍ଚି ପାରିବେ । ଏହି ବିଶ୍ୱାସର ପ୍ରମାଣ କେବଳ ତାହାଙ୍କ ବାକ୍ୟର ଆଜ୍ଞା ପାଳନ ଦ୍ୱାରା ହିଁ ପ୍ରକାଶ ହୋଇଥାଏ (ଗଣନା – ୨୧:୮) ।

❒ **"ଉଠାଇଲେ"** – ଏହି ଗ୍ରୀକ୍ ଶବ୍ଦ (୮:୨୮; ୧୨:୩୨,୩୪) ଅନେକଥର "ଉଚ୍ଚ ଉଠାଇବା" ଅନୁବାଦ କରାଯାଇଥିଲା (ପ୍ରେରିତ ୨:୩୩; ୫:୩୧; ଫିଲିପ ୨:୯) ଏବଂ ଅନ୍ୟ ଶବ୍ଦରେ ଯୋହନ ଦୁଇଟି ବାକ୍ୟର ପ୍ରୟୋଗ କରୁଛନ୍ତି (ଦୁଇ ଅର୍ଥ ୧:୫; ୩:୩,୮) । ସର୍ପ ଦଂଶନର ମୃତ୍ୟୁରୁ ଉଦ୍ଧାର ପାଇବା ନିମନ୍ତେ ଈଶ୍ୱର ସେହିମାନଙ୍କୁ ପ୍ରତିଜ୍ଞା କଲେ ଯିଏ ଈଶ୍ୱରଙ୍କ ବାକ୍ୟକୁ ମାନି ପିତଳରେ ନିର୍ମିତ ସର୍ପକୁ ଦୃଷ୍ଟିପାତ କରିବେ ସେମାନେ ମୃତ୍ୟୁରୁ ଉଦ୍ଧାର ପାଇବେ । ଠିକ୍ ସେହି ପ୍ରକାରେ ଯେଉଁମାନେ ଈଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବେ (ଖ୍ରୀଷ୍ଟଙ୍କ ବିଷୟରେ ସୁସମାଚାର, ଯିଏ କ୍ରୁଶରେ ଚଢ଼ାଗଲେ) ଏବଂ ଖ୍ରୀଷ୍ଟଙ୍କ ଉପରେ ଭରସା କରିବେ ସେମାନେ ସର୍ପ (ଶଇତାନ- ପାପ)ର ଦଂଶନରୁ ମୁକ୍ତି (ଉଦ୍ଧାର) ପାଇବେ (୧୨:୩୧-୩୨) ।

**୩:୧୫-୧୮ "ଯେପରି ଯେକେହି" (ପଦ ୧୫) "ଯେପରି ଯେକେହି" (ପଦ ୧୬), "ଯେ" (ପଦ ୧୮)** ଈଶ୍ୱରଙ୍କୁ ପ୍ରେମ ସମସ୍ତ ମାନବ ଜାତି ନିମନ୍ତେ ଏକ ନିମନ୍ତ୍ରଣ (ଯିଶା. ୫୫:୧-୩; ଯିହିଜି - ୧୮:୨୩,୩୨; ଯୋହନ ୧:୨୯; ୩:୧୬; ୬:୩୩,୫୧; ୨ କରି ୫:୧୯; ୧ ତିମଥୀ ୨:୪; ୪:୧୦; ତୀତସ ୨:୧୧; ୨ ପିତର - ୩:୯; ୧ ଯୋହନ ୨:୨; ୪:୧୪) । ପରିତ୍ରାଣର ପ୍ରସ୍ତାବ ସାର୍ବଜନୀକ, କିନ୍ତୁ ଏହାର ଅନୁମୋଦନ ନୁହେଁ ।

**୩:୧୫ "ବିଶ୍ୱାସ କରେ"** ଏହା ଏକ ବର୍ତ୍ତମାନ କ୍ରିୟା ବିଶେଷଣ ।

❒ "ତାହାଙ୍କଠାରେ" ଏହା କେବଳ ଯୀଶୁଙ୍କ ବିଷୟରେ ଧର୍ମଶାସ୍ତ୍ରୀୟ ସତ୍ୟତାକୁ ଦର୍ଶାଏ ନାହିଁ କିନ୍ତୁ ତାହାଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କକୁ ଦର୍ଶାଏ । ଉଦ୍ଧାର (୧) ବିଶ୍ୱାସ ଯୋଗ୍ୟ ଏକ ସଂଦେଶ; (୨) ପ୍ରତ୍ୟେକେ ମାନିବା ଏବଂ ସ୍ୱୀକାର କରିବା ଅବଶ୍ୟ ଅଟେ (୩) ଗୋଟିଏ ଜୀବନ ସେହି ବ୍ୟକ୍ତିଙ୍କ ସମାନ ବଞ୍ଚିବା ଆବଶ୍ୟକ ।

ଏଠାକାର ବ୍ୟାକରଣ ଆକୃତି ଅସାଧାରଣ । ଏହା ସମ୍ବନ୍ଧ ସୂଚକ ଅବ୍ୟୟ ପଦ ସହିତ ସର୍ବନାମ ଅଟେ ଏନ୍ ଯାହା କେବଳ ଯୋହନରେ ହିଁ ଦେଖାଯାଏ । ସାଧାରଣତଃ ଏହା ସମ୍ବନ୍ଧସୂଚକ ଅବ୍ୟୟ ପଦ ଇ.ଆଇ.ଏସ୍. । ସମ୍ଭବତଃ ଏହା "ଅନନ୍ତ ଜୀବନ ପ୍ରାପ୍ତ ହୁଏ" ସହିତ ସମ୍ବନ୍ଧିତ ହେବା ଆବଶ୍ୟକ ।

**୩:୧୫,୧୬ "ଅନନ୍ତ ଜୀବନ"** ଏହି ଗ୍ରୀକ୍ ଶବ୍ଦ (ଜେଡ୍‌ଓଇ) ଗୁଣ ଏବଂ ପରିମାଣକୁ ଦର୍ଶାଏ (୫:୨୪) । ମାଥିଉ ୨୫:୪୬ରେ ଅନନ୍ତ ବିଚ୍ଛେଦ ନିମନ୍ତେ ସେହି ସମାନ ବାକ୍ୟର ପ୍ରୟୋଗ କରାଗଲା । ଯୋହନରେ ଜୋଏ ସାଧାରଣ ରୂପରେ ପୁନଃରୁତ୍ଥାନ, ଶେଷ ଦିନ ଶାସ୍ୱ ଜୀବନ, କିମ୍ବା ନୂତନ ଯୁଗର ଜୀବନ, ସ୍ୱୟଂ ପରମେଶ୍ୱରଙ୍କ ଜୀବନକୁ ଦର୍ଶାଏ ।

ଅନନ୍ତ ଜୀବନର ଲେଖା କାର୍ଯ୍ୟରେ ଅନ୍ୟ ସୁସମାଚାରମାନଙ୍କଠାରୁ ଯୋହନ ରଚିତ ସୁସମାଚାର ଅଦ୍ୱିତୀୟ ଅଟେ । ଏହା ଏହି ସୁସମାଚାରର କେନ୍ଦ୍ରୀୟ ବିଷୟ ଏବଂ ଲକ୍ଷ୍ୟ ଅଟେ (୩:୧୫; ୪:୩୬; ୫:୩୯; ୬:୫୪,୬୮; ୧୦:୨୮; ୧୨:୨୫; ୧୭:୨,୩) ।

**ଏନ୍.ଏସ୍‌ବି ମୂଳଲେଖା : ୩:୧୬-୨୧**

**୧୬ କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । ୧୭ ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ । ୧୮ ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ବିଚାରିତ ହୁଏ ନାହିଁ, ଯେ ବିଶ୍ୱାସ କରେ ନାହିଁ, ସେ ବିଚାରିତ ହୋଇ ସାରିଲାଣି, କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରିନାହିଁ । ୧୯ ଆଉ, ସେହି ବିଚାର ଏହି, ଜଗତରେ ଜ୍ୟୋତି ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । ୨୦ କାରଣ ଯେକେହି କୁକର୍ମ କରେ ସେ ଜ୍ୟୋତିକି ଘୃଣା କରେ, ପୁଣି କାଳେ ତାହାର କର୍ମର ଦୋଷ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତି ନିକଟକୁ ଆସେ ନାହିଁ ।୨୧ - କିନ୍ତୁ ଯେକେହି ସତ୍ୟ ଆଚରଣ କରେ, ସେ ଜ୍ୟୋତି ନିକଟକୁ ଆସେ, ଯେପରି ତାହାର କର୍ମସବୁ ଈଶ୍ୱରଙ୍କଠାରେ ସାଧିତ ବୋଲି ପ୍ରକାଶିତ ହୁଏ ।**

**୩:୧୬ "ଈଶ୍ୱର ଏଡ଼େ ପ୍ରେମ କଲେ"** - ପଦ ୧୬-୧୭ ମୁଖ୍ୟତଃ ପିତାଙ୍କର ପ୍ରେମକୁ ଦର୍ଶାଏ (୧ ଯୋହନ ୪:୭-୨୧; ପଦ ୯-୧୦) । "ପ୍ରେମ କଲେ"ର ଗ୍ରୀକ୍ ଶବ୍ଦ ଆଗାପାଓ । ସାଧାରଣତଃ ଏହା ଗ୍ରୀକ୍‌ରେ ଅଧିକ ପ୍ରୟୋଗ କରାଯାଇନାହିଁ ଆଦ୍ୟ ମଣ୍ଡଳୀ ଏହି ଶବ୍ଦକୁ ନେଇ ଏଥିରେ ବିଶେଷ ଅର୍ଥ ଦେଇ ଏହାର ପ୍ରୟୋଗ କଲା । କେତେକ ପରିସ୍ଥିତିରେ ଏହା ପିତା ଏବଂ ପୁତ୍ରଙ୍କୁ ପ୍ରେମ ନିମନ୍ତେ ପ୍ରୟୋଗ କରିଥାନ୍ତି । ଯେପରି ଏହା ମନୁଷ୍ୟ ପ୍ରେମ ନିମନ୍ତେ ନାସ୍ତିବାଚକ ଭାବେ ପ୍ରୟୋଗ କରାଗଲା (୩:୧୯; ୧୨:୪୩; ୧ ଯୋହନ ୨:୧୫) । ଧର୍ମଶାସ୍ତ୍ରୀୟ ରୂପେ ଏହା ପୁରାତନ ନିୟମର ହେସେଡ୍ ସହି ସାମନ ଅଟେ ଯାହାର ଅର୍ଥ ଈଶ୍ୱରଙ୍କ ନିୟମ ବା ପ୍ରତିଜ୍ଞାର ବିଶ୍ୱସ୍ତତା ଏବଂ ପ୍ରେମ । ଯୋହନଙ୍କ ସମୟର ଗ୍ରୀକ୍‌ରେ ଆଗାପାଓ ଏବଂ ଫିଲିଓ ଶବ୍ଦ ସାଧାରଣତଃ ସମାର୍ଥକ (୩:୩୫ ସହିତ ୫:୨୦)

ବ୍ୟାଖ୍ୟା କରୁଥବବା ବ୍ୟକ୍ତିଙ୍କୁ ଏହା ଜାଣିବା ଆବଶ୍ୟକ ଅଟେ ଯେଉଁସବୁ ଶବ୍ଦ ଈଶ୍ୱରଙ୍କ ନିମନ୍ତେ ପ୍ରୟୋଗ କରାଯିଚି ସେତବରେ ମାନ ବ୍ୟକ୍ତିତ୍ୱ ସମ୍ମିଳିତ କରାଯାଇଛି । ଆମେ ସେହି ସବୁ ଶବ୍ଦକୁ ପ୍ରୟୋଗ କରିବା ଆବଶ୍ୟକ ଯାହା ଆମ୍ଭମାନଙ୍କର ଜଗତ, ଭାବନା, ଆମ୍ଭମାନଙ୍କ ଐତିହାସିକ ସମ୍ବନ୍ଧୀୟ ଯାହା ପବିତ୍ର, ଅଦ୍‌ଭୁତ, ଆତ୍ମିକ ବ୍ୟକ୍ତିତ୍ୱକୁ ବିବରଣ କରେ । ସମସ୍ତ ମନୁଷ୍ୟ ଶ୍ଦ କେତେକ ପରିମାଣରେ ଅନୁରୂପ ବା ରୂପକ । ଯାହା କିଛି ପ୍ରକାଶନ କରାଗଲା ସେ ସବୁ ପ୍ରକୃତରେ ସତ୍ୟ, କିନ୍ତୁତ ଶେଷ ନୁହେଁ । ପତିତ, ଅସ୍ଥାୟୀ, ସିମୀତ ମାନବ ବାସ୍ତବିକ ଚରମସୀମାକୁ ବୁଝିପାରେ ନାହିଁ ।

## ବିଶେଷ ଶୀର୍ଷ : ଈଶ୍ୱର ମନୁଷ୍ୟ ରୂପେ ବର୍ଣ୍ଣିତ ହେଲେ (ମାନବ ଆକୃତି ଭାଷାରେ)

I – ଏହି ପ୍ରକାର ଭାଷା ପୁରାତନ ନିୟମରେ ଅତି ସାଧାରଣ ଅଟେ (କେତେକ ଉଦାହରଣ)

କ – ଶାରିରୀକ ଶରୀର ଭାଗ

୧ – ଚକ୍ଷୁ – ଆଦି – ୧:୪, ୩୧; ୬:୮; ଯାତ୍ରା ୩୩:୧୭; ଗଣନା ୧୪:୧୪; ଦ୍ୱିତୀୟ ବିବରଣ ୧୧:୧୨; ଯିଖରିୟ ୪:୧୦

୨ – ହାତ – ଯାତ୍ରା ୧୫:୧୭; ଗଣନା ୧୧:୨୩; ଦ୍ୱିତୀୟ ବିବରଣ ୨:୧୫

୩ – ବାହୁ –ଯାତ୍ରା – ୬:୬; ୧୫:୧୬; ଗଣନା ୧୧:୨୩; ଦ୍ୱିତୀୟ ବିବରଣ ୪:୩୪; ୫:୧୫

୪ – କର୍ଣ୍ଣ – ଗଣନା – ୧୧:୧୮; ୧ ଶାମୁଏଲ ୮:୨୧; ୨ ରାଜା ୧୯:୧୬, ଗୀତ ୫:୧; ୧୦:୧୭; ୧୮:୬ ।

୫ – ମୁଖ – ଯାତ୍ରା ୩୨:୩୦; ୩୩:୧୧; ଗଣନା ୬:୨୫; ଦ୍ୱିତୀୟ ବିବରଣ ୩୪:୧୦; ଗୀତ ୧୧୪:୭ ।

୬ – ଅଙ୍ଗୁଳି – ଯାତ୍ରା ୮:୧୯; ୩୧:୧୮; ଦ୍ୱିତୀୟ ବିବରଣୀ – ୯:୧୦; ଗୀତ ୮:୩

୭ – ରବ – ଆଦି ୩:୮–୧୦; ଯାତ୍ରା ୧୫:୨୬; ୧୯:୧୯; ଦ୍ୱିତୀୟ ବିବରଣ ୨୬:୧୭; ୨୭:୧୦

୮ – ଚରଣ – ଯାତ୍ରା ୨୪:୧୦; ଯିହିଜିକଲ ୪୩:୭

୯ – ମନୁଷ୍ୟ ସଦୃଶ – ଯାତ୍ରା ୨୪:୯–୧୧; ଗୀତ ୪୭; ଯିଶା. ୬:୧; ଯିହିଜି ୧:୨୬

୧୦ – ସଦାପ୍ରଭୁଙ୍କ ଦୂତ – ଆଦି ୧୬:୭–୧୩; ୨୨:୧୧–୧୫; ୩୧:୧୧,୧୩; ୪୮:୧୫–୧୬; ଯାତ୍ରା ୩:୪, ୧୩–୨୧; ୪:୧୯; ବିଚାର – ୨:!; ୬:୨୨–୨୩; ୧୩:୩–୨୨

ଖ – ଶାରିରୀକ କ୍ରିୟା

୧ – ସୃଷ୍ଟିର ଉପଯନ୍ତ୍ର ରୂପେ କୁହାଯାଏ – ଆଦି ୧:୩,୬,୯,୧୧,୧୪,୨୦, ୨୪,୨୬

୨ – ଏଦନରେ ଚାଲିବା (ଶବ୍ଦ) – ଆଦି ୩:୮; ୧୮:୩୩; ହବ – ୩:୧୫

୩ – ନୋହଙ୍କ ଜାହାଜର ଦ୍ୱାରକୁ ବନ୍ଦ କରିବା – ଆଦି ୭:୧୬

୪ – ବଳିର ସୁଗନ୍ଧ – ଆଦି ୮:୨୧; ଲେବୀୟ ପୁସ୍ତକ – ୨୬:୩୧; ଆମୋଶ ୫:୨୧

୫ – ଓହ୍ଲାଇ ଆସିବା – ଆଦି ୧୧:୫; ୧୮:୨୧; ଯାତ୍ରା ୩:୮; ୧୯:୧୧, ୧୮, ୨୦

୬ – ମୋଶାଙ୍କୁ କବର ଦେବା – ଦ୍ୱିତୀୟ ବିବରଣ – ୩୪:୬

ଗ – ମନୁଷ୍ୟର ଭାବପ୍ରବଣ (କେତେକ ଉଦାହରଣ)

୧– ଅନୁତାପ / ଦୁଃଖ ପ୍ରକାଶ କରିବା – ଆଦି ୬:୬,୭; ଯାତ୍ରା ୩୨:୧୪; ବିଚାର ୨:୧୮; ୧ ଶାମୁ ୧୫:୨୯,୩୫; ଆମୋଶ ୭:୩,୬

୨ – କ୍ରୋଧ – ଯାତ୍ରା ୪:୧୪; ୧୫:୭; ଗଣନା ୧୧:୧୦; ୧୨:୨୯, ୨୨:୨୨, ୨୫:୩,୪; ୩୨:୧୦, ୧୩, ୧୪; ଦ୍ୱିତୀୟ ବିବରଣ : ୬:୫; ୭:୧୪, ୨୯:୨୦

୩ – ଈର୍ଷା – ଯାତ୍ରା ୨୦:୫; ୩୪:୧୪; ଦ୍ୱିତୀୟ ବିବରଣ ୪:୨୪, ୫:୯; ୬:୧୫; ୩୨:୧୬,୨୧; ଯିହଶୂୟ – ୨୪:୧୯

୪ – ଘୃଣା – ଲେବିୟ ୨୦:୨୩;୨୬:୩୦; ଦ୍ୱିତୀୟ ବିବରଣ ୩୨:୧୯

ଘ – ପାରିବାରିକ ଶବ୍ଦସମୂହ (କେତେକ ଉଦାହରଣ)

୧ – ପିତା

କ – ଇସ୍ରାଏଲର – ଯାତ୍ରା ୪:୨୨; ଦ୍ୱିତୀୟ ବିବରଣ – ୧୪:୧; ୩୯:୫

ଖ –ରାଜାମାନଙ୍କର – ୨ ଶାମୁଏଲ – ୭:୧୧–୧୬; ଗୀତ ୨:୭

ଗ – ପୈତୃକ କର୍ମର ଉପମା – ଦ୍ୱିତୀୟ ବିବରଣ – ୧:୩୧; ୮:୫; ୩୨:୧; ଗୀତ ୨୭:୧୦; ହିତୋ. ୩:୧୨; ଯିରି ୩:୪,୨୨; ୩୧:୨୦ ହୋଶେ. ୧୧:୧–୪; ମଲାଖି ୩:୧୭ ।

୨ – ପିତାମାତା – ହୋଶେ. ୧୧:୧–୪

୩ – ମାତା – ଗୀତ ୨୭:୧୦ (ସେବିକା ମା' ସଦୃଶ); ୪୯:୧୫; ୬୬:୧–୧୩

୪ – ବିଶ୍ୱସ୍ତ ଯୁବା ପ୍ରେମୀ – ହୋଶେ. ୧–୩

II - ଏହି ପ୍ରକାର ଭାଷାର ପ୍ରୟୋଗର ଅଭିପ୍ରାୟ ।

କ - ମନୁଷ୍ୟମାନଙ୍କ ସମ୍ମୁଖରେ ପ୍ରକାଶ ହେବା ଈଶ୍ୱରଙ୍କ ନିମନ୍ତେ ଆବଶ୍ୟକ ଅଟେ । ଈଶ୍ୱର ନର ରୂପ ହେବାର ବିସ୍ତାରିତ ଧାରଣା ହେଲା, ଈଶ୍ୱର ଆତ୍ମା ଅଟନ୍ତି ।

ଖ - ଈଶ୍ୱର ମଣିଷ ଜୀବନର ଅତି ମୂଲ୍ୟବାନ ରୂପକୁ ଧାରଣ କଲେ ଏବଂ ପତିତ ମାନବର ସମ୍ମୁଖରେ ପ୍ରକାଶିତ ହେବାରେ ସେସବୁ ପ୍ରୟୋଗ କଲେ (ପିତା, ମାତା, ପିତାମାତା, ପ୍ରେମୀ)

ଗ - ଯଦିବା ଆବଶ୍ୟକ ଥିଲା, ତଥାପି ଈଶ୍ୱର କୌଣସି ଶାରିରୀକ ଆକୃତିରେ ସମିତୀତ ହେବାକୁ ଚାହିଁଲେ ନାହିଁ (ଯାତ୍ରା ୨୦; ଦ୍ୱିତୀୟ ବିବରଣ ୫)

ଘ - ଈଶ୍ୱରଙ୍କ ଶେଷ ମାନବ ଆକୃତି ହେଲା ଯୀଶୁଙ୍କର ଶରୀର ଧାରଣ । ଈଶ୍ୱର ମନୁଷ୍ୟ ରୂପ ନେଲେ, ସ୍ପର୍ଶ ଯୋଗ୍ୟ (୧ ଯୋହନ ୧:୧-୩) । ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ସନ୍ଦେଶ ହେଲା (ଯୋହନ ୧:୧-୧୮)

❒ **"ଏଣୁ"** ଏହା ଆକ୍ଷରିକ ଭାବେ "ଏମିତି ଏକ ଶୈଳିରେ" (*୭:୪୬; ୧୧:୪୮; ୧୮:୨୨*) । ଏହା ଏକ ନିୟମିତ ପଦ୍ଧତି ଅଟେ, ଭାବପ୍ରବଣ ନୁହେଁ । ଈଶ୍ୱର ଆପଣା ପ୍ରେମ (ରୋମୀୟ ୫:୮) ଦେବାରେ (ପଦ ୧୬) ଏବଂ ପ୍ରେରଣ (ପଦ ୧୭) କରିବା ଦ୍ୱାରା ପ୍ରକାଶ କଲେ କି ତାହାଙ୍କ ପୁତ୍ର ମଣିଷମାନଙ୍କ ହେତୁ ମୃତ୍ୟୁବରଣ କରିବେ (ଯିଶା ୫୩; ରୋମୀ ୩:୨୫; ୨ କରି ୫:୨୧; ୧ ଯୋହନ ୨:୨)

❒ **"ଜଗତ"** ଯୋହନ ଏହି ଗ୍ରୀକ୍ ଶବ୍ଦ କୋସ୍‌ମୋସ୍‌ର ପ୍ରୟୋଗ ବିଭିନ୍ନ ଅର୍ଥରେ କଲେ (ଦେଖନ୍ତୁ୧ :୧୦ଏବଂ ବିଶେଷ ଶୀର୍ଷ ୩୧:୧) ଏହି ବାକ୍ୟ ନୋଷ୍ଟିକ୍ ମିଥ୍ୟା ଶିକ୍ଷାର ଦ୍ୱେତବାଦ ଆତ୍ମା (ଈଶ୍ୱର) ଏବଂ ପଦାର୍ଥ ମଧ୍ୟରେ ଗ୍ରୀକ୍‌ମାନେ ପଦାର୍ଥକୁ ମନ୍ଦ ବୋଲି ଆରୋପ କରିାକୁ ଇଛା କଲେ, ସେମାନଙ୍କ ପାଇଁ ପଦାର୍ଥ (ଉଦାହରଣ ମଣିଷ ଶରୀର) ସମସ୍ତ ମଣିଷରେ ଈଶ୍ୱରରୀୟ ଅଗ୍ନିକଣାର କାରାଗୃହ ଅଟେ । ଯୋହନ ଏଠାରେ ଶରୀର କିମ୍ବା ପଦାର୍ଥର ମନ୍ଦ କହୁନାହାନ୍ତି । ଈଶ୍ୱର ଜଗତକୁ (ରୋମୀୟ ୮:୧୮-୨୨) ଏବଂ ମଣିଷକୁ (ରୋମୀୟ ୮:୨୩) ପ୍ରେମ କରନ୍ତି । ହୋଇପାରେ ଏହା ଯୋହନଙ୍କ ଅନ୍ୟ ଏକ ଇଛାକୃତ ଅସ୍ପଷ୍ଟତା (ଦ୍ୱୈର୍ଥତା) ଯାହା ଯୋହନ ଲେଖନୀରେ ସାଧାରର ଅଟେ (୧:୫; ୩:୩,୮)

❒ **"ଅଦ୍ୱିତୀୟ ପୁତ୍ର"** ଏହାର ଅର୍ଥ "ଅଦ୍‌ଭୁତ" । ଏହି ଅଦ୍ୱିତୀୟ ଶବ୍ଦକୁ ପ୍ରଥମେ ଯୌନ ସମ୍ବନ୍ଧରେ ବୁଝିବା ଉଚିତ ନୁହେଁ ଏବଂ ଦ୍ୱିତୀୟରେ ସେଠାରେ ଅନ୍ୟ ଆଉ ପିଲାଛୁଆ ନାହାଁନ୍ତି ତାହା ମଧ୍ୟ ବୁଝିବା ଉଚିତ ନୁହେଁ । ଯୀଶୁଙ୍କ ସଦୃଶ୍ୟ ଆଉ କେହି ଛୁଆ ନ ଥିଲେ । ଦେଖନ୍ତୁ ୧:୧୪

❒ **"ଯେକେହି ତାହାଙ୍କଠାରେ ବିଶ୍ୱାସ କରେ"** ଏହା ଏକ ବର୍ତ୍ତମାନ କ୍ରିୟା ବିଶେଷଣ, ଯାହାପ୍ରାରମ୍ଭିକ ଏବଂ କ୍ରମାଗତ ବିଶ୍ୱାସକୁ ଗୁରୁତ୍ୱ ଦିଏ ଦେଖନ୍ତୁ ବିଶେଷ ଶୀର୍ଷ ୧:୧୪ ଏବଂ ୨:୨୩ । ଏହି ସତ୍ୟୋକ୍ତି ଗୁରୁତ୍ୱ ନିମନ୍ତେ ପଦ ୧୫ରେ ପୁନଃରାବୃତ୍ତି କରାଗଲା। ଯେକେହି ଶବ୍ଦ ନିମନ୍ତେ ଈଶବରଙ୍କ ଧନ୍ୟବାଦ ହେଉ । ଏହା କୌଣସି ବିଶେଷ ଜାତିର ଅତି ଗୁରୁତ୍ୱପୂର୍ଣ୍ଣତାକୁ ସନ୍ତୁଳନ କରେ (ଜାତିଗତ, ବୁଦ୍ଧି ସମ୍ବନ୍ଧୀୟ କିମ୍ବା ଧର୍ମତତ୍ତ୍ୱ ସମ୍ବନ୍ଧୀୟ) । ଈଶ୍ୱରଙ୍କ ସାର୍ବଭୌମତ୍ୱ ଏବଂ ମଣିଷର ସ୍ୱାଧୀନ ଇଛା ପରସ୍ପର ଭାବରେ ଉନ୍ମୁକ୍ତ ନୁହେଁ । ସେ ଉଭୟେ ସତ୍ୟ । ଈଶ୍ୱର ସର୍ବଦା ଆରମ୍ଭ କରିଥାନ୍ତି ଏବଂ କାର୍ଯ୍ୟପ୍ରଣାଳୀକୁ ନିର୍ମାଣ କରନ୍ତି (*୬:୪୪,୬୫*) ମାତ୍ର ପ୍ରତିଜ୍ଞା ହେତୁ ଈଶ୍ୱର ମଣିଷ ସହିତ ଏକ ସପର୍କକୁ ରଖିଅଛନ୍ତି । ଲୋକମାନେ ତାହାଙ୍କର ପ୍ରସ୍ତାବକୁ ଏବଂ ସର୍ତ୍ତକୁ ନିରନ୍ତର ପ୍ରତିଉୋର ଦେବା ଆବଶ୍ୟକ ।

**ବିଶେଷ ଶୀର୍ଷ : ପୂର୍ବ ନିର୍ଦ୍ଦିଷ୍ଟ (କାଲ୍‌ଭିନିଜମ୍) ବନାମ ମଣିଷର ସ୍ୱାଧୀନ ଇଛା (ଏର୍‌ମିନିଆନିଜମ୍) ।**

ତୀତସ - ୨:୧ ନିର୍ବାଚନ ପ୍ରକ୍ରିୟାରେ ଅନ୍ୟ ନୂତନ ନିୟମର ଅନୁଛେଦ ସହିତ ସନ୍ତୁଳନ କରେ । ମୁଁ ଭାବିଲି ରୋମୀୟ ୮:୨୯ ଏବଂ ୯ ଏବଂ ଏଫିସୀୟ ୧ ରୁ ଟିକ୍‌କା ନୋଟସ ଦେବାରେ ଏହା ଈଶ୍ୱର ଶାସ୍ତ୍ର ଭାବେ ଲାଭଦାୟୀ ହେବ ।

I - ରୋମୀୟ ୮ :୨୯ - ପାଉଲ ଦୁଇଥର "ପୂର୍ବରୁ ଜାଣିଥିଲେ" ଶବ୍ଦକୁ ବ୍ୟବହାର କରୁଛନ୍ତି (ପ୍ରୋଗିନୋଷ୍କ, ପୂର୍ବରୁ ଜାଣିବା) ୧୧:୨ । ସମୟର ଆରମ୍ଭ ପୂର୍ବେ ଏହା ଈଶ୍ୱରଙ୍କ ପ୍ରତିଜ୍ଞାତ ପ୍ରେମ ଇସ୍ରାଏଲୀମାନଙ୍କୁ ଦର୍ଶାଏ । ମନେରଖନ୍ତୁ "ଜାଣିବା" ଶବ୍ଦ ଏବ୍ରୀ ଭାଷାରେ ଅବଗତ କରିବା ସହିତ ସମ୍ବନ୍ଧିତ, ବ୍ୟକ୍ତିଗତ ସମ୍ପର୍କ, କାହାରି ବିଷୟରେ ସତ୍ୟତା କହିବା ତାହା ନୁହେଁ (ଆଦି ୪:୧; ଯିରି ୧:୫)। ଏଠାରେ ଏହା ଅନନ୍ତ ଘଟଣାର ଶିଙ୍ଖୁଳି ରୂପେ ଅନ୍ତର୍ଭୁକ୍ତ କରାଯାଇଥିଲା । (ରୋମୀୟ ୮:୨୯-୩୦) । ଏହି ଶବ୍ଦ ପୂବ ନିର୍ଦ୍ଦିଷ୍ଟ ସହିତ ଯୋଡ଼ିତ । ଯେପରିକି, ଏହା ବର୍ଣ୍ଣନା କରାଯିବା ଉଚିତ କି ଈଶ୍ୱରଙ୍କ ପୂର୍ବ ଜ୍ଞାନ ନିର୍ବାଚନର ଆଧାରରେ ନୁହେଁ କାରଣ ଯଦି ସେପରି ହୁଏ, ତେବେ ନିର୍ବାଚନ ପତିତମାନବର ଭବିଷ୍ୟ ପ୍ରତିଉୋର ଆଧାର ଅନୁଯାୟୀ ହୋଇ ପାରନ୍ତ, ଯାହା ମଣିଷର କାର୍ଯ୍ୟ ଅନୁସାରେ ହୋଇଥାଆନ୍ତା । ଏହି ଶବ୍ଦ ମଧ୍ୟ ପ୍ରେରିତ *୨୬:୫*; ୧ ପିତର ୧:୨,୨୦ ଏବଂ ୨ ପିତର ୩:୧୭ ଦେଖାଯାଏ ।

କ - "ପୂର୍ବରୁ ଜାଣିଥିଲେ" (ପ୍ରୋଗିନୋଷ୍କେ "ପୂର୍ବରୁ ଜାଣିବା")

ପୂର୍ବରୁ ଜାଣିଥିଲେ ଏବଂ ପୂର୍ବ ନିର୍ଦ୍ଦିଷ୍ଟ ଏହି ଉଭୟ ଶବ୍ଦ ଅବ୍ୟୟ ପଦ ସହିତ ମିଶ୍ରିତ, "ପୂର୍ବ" ଏବଂ ଏଣୁ ପୂର୍ବରୁ ଜାଣିବାରେ ଅନୁବାଦ ହେବା ଆବଶ୍ୟକ, ତାହାକୁ ଚିହ୍ନିବାରେ । ପୂର୍ବ ନିର୍ଦ୍ଦିଷ୍ଟ ନିମନ୍ତେ ନୂତନ ନିୟମ ବିଶ୍ୱାସଯୋଗ୍ୟ ଅନୁଛେଦ ମାନ ହେଉଛି ରୋମୀୟ ୮:୨୮-୩୦;

ଏଫିସୀୟ ୧:୧୩-୧୪; ରୋମୀୟ ୯ । ବାସ୍ତବରେ ଶବ୍ଦ ଗୁଡ଼ାକ ଈଶ୍ୱର ସାର୍ବଭୌମ ବୋଲି ଜୋର ଦିଏ । ସେ ସମସ୍ତ ବିଷୟରେ ପୂର୍ଣ୍ଣ ନିୟନ୍ତ୍ରଣାଧିନ ଅଟନ୍ତି । ପୂର୍ବ ଈଶ୍ୱରୀୟ ଯୋଜନା ସମୟରେ କାର୍ଯ୍ୟକାରୀ ହେଲା ଯେପରିକି ଏହି ଯୋଜନା ଖାମ୍ ଖିଆଲି ବା ଚୟନାତ୍ମକ ନୁହେଁ । ଏହା କେବଳ ଈଶ୍ୱରଙ୍କ ସାର୍ବଭୌମତା କିମ୍ବା ପୂର୍ବଜ୍ଞାନରେ ହିଁ ଆଧାରିତ ନୁହେଁ ମାତ୍ର ତାହାଙ୍କ ଅପରିବର୍ତ୍ତନୀୟ ପ୍ରେମର ଗୁଣ,କରୁଣା ଏବଂ ଅନୁପଯୁକ୍ତ ଅନୁଗ୍ରହ ।

ଆମ୍ଭେ ଆମ୍ଭର ପାଶ୍ଚାତ (ଆମେରିକୀୟ) ବ୍ୟକ୍ତିବାଦରେ ସାବଧାନ ହେବା ଦରକାର କିମ୍ବା ଆମ୍ଭମାନଙ୍କ ସୁସମାଚାରର ପ୍ରଚାରର ଉତ୍ସାହ ଏହି ଅଦ୍‌ଭୁତ ସତ୍ୟକୁ ସୁନ୍ଦର କରୁଅଛି । ଆମ୍ଭେମାନେ ଅଗଷ୍ଟିନ୍ ବନାମ ପେଲେଗିଅସ୍ କିମ୍ବା କାଲ୍‌ଭେନିଜମ୍ ବନାମ ଆର୍‌ମିନିଆନିଜମଙ୍କର ଐତିହାସିକ, ଧର୍ମଶାସ୍ତ୍ରୀୟ ମତଭେଦର କମ୍ପନରେ ନିଜକୁ ନିଜକୁ ଯତ୍ନ ନେବା ଆବଶ୍ୟକ ।

ଖ – ପୂର୍ବ ନିର୍ଦ୍ଦିଷ୍ଟ କରାଗଲା (ପୁରିଜୋ “ପୂର୍ବରୁ ନିର୍ଦ୍ଧାରିତ କରିବା”)

ପୂର୍ବ ନିର୍ଦ୍ଦିଷ୍ଟ ଈଶ୍ୱରଙ୍କ ପ୍ରେମ, ଅନୁଗ୍ରହ ଏବଂ କରୁଣାକୁ ସିମୀତ କରିବା ନିମନ୍ତେ ଏକ ସିଦ୍ଧାନ୍ତ ନୁହେଁ ନାହିଁ କାହାକୁ ସୁସମାଚାରରୁ ବାହ୍ୟ କରିବା । ମାତ୍ର ଏହା ବିଶ୍ୱାସୀମାନଙ୍କୁ ବିଶ୍ୱମତରେ ସୁଦୃଢ଼ କରିବା ଏହାର ଲକ୍ଷ୍ୟ । ଈଶ୍ୱର ସମସ୍ତ ମନୁଷ୍ୟମାନଙ୍କ ନିମନ୍ତେ ଅଟନ୍ତ (୧ ତୀମଥି ୨:୪; ୨ ପିତର ୩:୯) । ଈଶ୍ୱର ସମସ୍ତ ବିଷୟର ନିୟନ୍ତ୍ରଣରେ ଅଛନ୍ତି । କିଏ ବା କଣ ଆମ୍ଭମାନଙ୍କୁ ତାହାଙ୍କଠାରୁ ବିଚ୍ଛିନ୍ନ କରିବ (ରୋମୀୟ ୮:୩୧-୩୯) ? ଆମ୍ଭମାନଙ୍କ ଧାରଣା ଏବଂ ମାନସିକ ସକ୍ଷମତା ସୀମିତ ଅଟେ । ଈଶ୍ୱରଙ୍କ ସାର୍ବଭୌମତା ଏବଂ ମଣିଷର ସ୍ୱାଧୀନ ଇଚ୍ଛା ମଧ୍ୟରେ କୌଣସି ବିବାଦ ନାହିଁ ୧ । ଏହା ଏକ ପ୍ରତିଜ୍ଞାତ ଗଠନ । ଦ୍ୱନ୍ଦ୍ୱାତ୍ମକ ଭାବେ ଦିଆଯାଇଥିବା ଏହା ସତ୍ୟତାର ଅନ୍ୟ ଏକ ଉଦାହାରଣ । ବାଇବଲିୟ ସିଦ୍ଧାନ୍ତ ମାନ ବିଭିନ୍ନ ପ୍ରଣାଳୀରୁ ପରିଚୟ କରାଗଲା । ସେମାନେ ଅଧିକାଂଶ ଦ୍ୱନ୍ଦ୍ୱାତ୍ମକ ଭାବେ ପ୍ରକାଶ ହୁଅନ୍ତି। ସତ୍ୟତା ପ୍ରତୀୟମାନ ବିପରୀତ ଯୁଗଳ ମଧ୍ୟର ଗୋଟିଏ ସନ୍ତୁଳିତ । ଆମ୍ଭେ ଗୋଟିଏ ସତ୍ୟକୁ ବାହାରକରି ତନାବକୁ ବାହାର କରିବା ଉଚିତ୍ ନୁହେଁ । ଆମ୍ଭେ ଆପେ ଆପେ କୌଣସି ବାଇବଲିୟ ସତ୍ୟକୁ ଏକ ସ୍ୱତନ୍ତ୍ର ଭାବେ ବିଚ୍ଛିନ୍ନ କରିବା ଉଚିତ ନୁହେଁ ।

ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ କି, ଆମ୍ଭମାନଙ୍କ ମୃତ୍ୟୁ ପରେ ଆମ୍ଭମାନଙ୍କ ନିର୍ବାଚନର ଲକ୍ଷ୍ୟ କେବଳ ସ୍ୱର୍ଗ ନୁହେଁ ମାତ୍ର ବର୍ତ୍ତମାନ ଖ୍ରୀଷ୍ଟଙ୍କ ସାଦୃଶ୍ୟ (ରୋମୀୟ ୮:୨୯; ଏଫିସୀୟ ୧:୪; ୨:୧୦) । ଆମ୍ଭେମାନେ “ପବିତ୍ର ଏବଂ ଅନିନ୍ଦନୀୟ” ହେବାକୁ ମନୋନୀତ ହୋଇଥିଲୁ । ଈଶ୍ୱର ଆମ୍ଭମାନଙ୍କୁ ପରିବର୍ତ୍ତନ କରିବା ନିମନ୍ତେ ମନୋନୀତ କଲେ ଯଦ୍ୱାରା ଅନ୍ୟମାନେ ଯେ ଆମ୍ଭମାନଙ୍କୁ ଦେଖି ଖ୍ରୀଷ୍ଟ ଯେ ଈଶ୍ୱର ରୂପେ ବିଶ୍ୱାସ କରିବେ । ପୂର୍ବ ନିର୍ଦ୍ଦିଷ୍ଟ ଏକ ବ୍ୟକ୍ତିଗତ ସୌଭାଗ୍ୟ ନୁହେଁ, ମାତ୍ର ଏକ ପ୍ରତିଜ୍ଞାତ କର୍ତ୍ତବ୍ୟ । ଏହା ଅନୁଚ୍ଛେଦର ମୁଖ୍ୟ ସତ୍ୟ ଅଟେ । ଏହା ଖ୍ରୀଷ୍ଟିଆନ୍‌ଟିର ଲକ୍ଷ୍ୟ ଅଟେ । ପବିତ୍ରତା ପ୍ରତ୍ୟେକ ବିଶ୍ୱାସମାନଙ୍କ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ଅଟେ । ଈଶ୍ୱରଙ୍କ ନିର୍ବାଚନ ହେଉଛି ଖ୍ରୀଷ୍ଟଙ୍କ ସାଦୃଶ୍ୟ (ଏଫିସୀୟ ୧:୪) । ବିଶେଷ ଦଣ୍ଡାୟମାନ ନୁହେଁ । ଈଶ୍ୱରଙ୍କ ସ୍ୱରୂପ ଯାହା ମଣିଷକୁ ସୃଷ୍ଟିରେ ଦିଆଗଲା (ଆଦି ୧:୨୬; ୫:୧,୩; ୯:୬), ତାହା ପୁନଃ ପ୍ରତିଷ୍ଠା ହେବା ଆବଶ୍ୟକ ।

ଗ – “ତାହାଙ୍କ ପୁତ୍ରଙ୍କ ସ୍ୱରୂପରେ ଅନୁରୂପ ହେବା । ଈଶ୍ୱର ଶେଷ ଲକ୍ଷ୍ୟ ହେଲା ପତିତରେ ନଷ୍ଟ ହୋଇଥିବା ସ୍ୱରୂପକୁ ପୁନଃ ପ୍ରତିଷ୍ଠା କରିବା । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବାକୁ ବିଧିବଦ୍ଧ କରାଗଲେ (ଏଫିସୀୟ ୧:୪) ।

II - ରୋମୀୟ ୯

କ- ଈଶ୍ୱରଙ୍କ ସାର୍ବଭୌମତା ଉପରେ ରୋମୀୟ ୯ ନୂତନ ନିୟମର ଏକ ଦୃଢ଼ ଅନୁଚ୍ଛେଦ (ଅନ୍ୟମାନେ ଏପି ୧ଞ:୩-୧୪) ଯେଉଁଠି ୧୦ ଅଧ୍ୟାୟ ମଣିଷର ସ୍ୱାଧୀନ ଇଚ୍ଛାକୁ କହିଥାଏ ଏଂ ନିରନ୍ତର ଭାବେ (“ପ୍ରତ୍ୟେକେ” ପଦ ୪, “ଯେକେହି” ପଦ ୧୧,୧୩, “ସମସ୍ତେ” ପଦ-୧୨ (ଦୁଇଥର) । ପାଉଲ ଏହି ଈଶ୍ୱରଶାସ୍ତ୍ର ଦ୍ୱନ୍ଦ୍ୱ ସହିତ ପୁନର୍ମିଳନ ହେବାକୁ କେବେହେଲେ ଚେଷ୍ଟା କରୁନାହାନ୍ତି । ସେ ଦୁହେଁ ସତ୍ୟ ଅଟନ୍ତି । ଅନେକ ବାଇବଲ ସିଦ୍ଧାନ୍ତ ସବୁ ବିରୋଧାଭାସରେ ପରିଚୟ କରାଗଲା । ଅନେକ ଧର୍ମଶାସ୍ତ୍ରର ନିୟମ ସବୁ ଯୁକ୍ତିଯୁକ୍ତ ଅଧା ସତ୍ୟ । ଅଗଟ୍ଟେନିଜ, କାଲଭିନିଜମ୍ ବନାମ ଅର୍ଦ୍ଧ ପେଲେଗିଆନିଜମ, ଆରମିନିଆନିଜମ ମାନଙ୍କର ସତ୍ୟ ଏବଂ ତ୍ରୁଟିର ଅଂଶ ଅଛି ।

ଖ – ଏହି ସମାନ ସତ୍ୟତା (ରୋମୀୟ ୯:୨୩) ରୋମୀୟ ୮:୨୯-୩୦ ଏବଂ ଏଫିସୀୟ - ୧:୪-୧୧ରେ ବର୍ଣ୍ଣିତ କରାଗଲା ।

ଏହି ଅଧ୍ୟାୟଟି ନୂତନ ନିୟମରେ ଈଶ୍ୱରଙ୍କ ସାର୍ବଭୌମତ୍ୱର ଏକ ଶକ୍ତ ପ୍ରକାଶନ ଅଟେ । ଈଶ୍ୱର ଯେ ସମସ୍ତ ସୃଷ୍ଟି ଏବଂ ପରିତ୍ରାଣର ଅଧିକାରୀ ଅଟନ୍ତି ସେଥିରେ କୌଣସି ଯୁକ୍ତି ନାହିଁ । ଏହି ବିରାଟ ସତ୍ୟ କେବେହେଲେ ନମନୀୟ କିମ୍ବା ହ୍ରାସ ପାଇବ ନାହିଁ । ଯେପରି, ଏହା ଈଶ୍ୱରଙ୍କ ପ୍ରତିଜ୍ଞାର ଇଚ୍ଛାରେ ସନ୍ତୁଳିତ ହେବା ଆବଶ୍ୟକ ଯେମିତି ମଣିଷ ସୃଷ୍ଟିରେ ସମ୍ବନ୍ଧିତ ଅର୍ଥରେ, ଯାହାଙ୍କୁ ଈଶ୍ୱର ନିଜ ସ୍ୱରୂପରେ ନିର୍ମାଣ କଲେ । ଏହା ସତ୍ୟ ଅଟେ ଯେ କେତେକ ପୁରାତନ ନିୟମର ପ୍ରତିଜ୍ଞା ଯେମନ୍ତ ଆଦି ୧୫ ଅଧ୍ୟାୟ ମାନ ନିଃସର୍ତ୍ତ ଏବଂ ମଣିଷର ପ୍ରତିତ୍ତୋରକୁ କେବେହେଲେ ସମ୍ବନ୍ଧ କରେ ନାହିଁ, ମାତ୍ର ଅନ୍ୟ ପ୍ରତିଜ୍ଞାମାନେ ମଣିଷର ପ୍ରତିତ୍ତୋରରେ ସର୍ତ୍ତପୂର୍ଣ୍ଣ (ଉଦାହରଣ, ଏଦନ, ନୋହ, ମୋଶା, ଦାଉଦ) । ସୃଷ୍ଟି ନିମନ୍ତେ ଈଶ୍ୱରଙ୍କ ପାଖେ ଏକ ପରିତ୍ରାଣର ଯୋଜନା ଅଛି । କୌଣସି ମଣିଷ ଏହି ଯୋଜନାକୁ ପ୍ରଭାବିତ କରିପାରିବ ନାହିଁ । ଈଶ୍ୱର ଜଣ ଜଣ ବ୍ୟକ୍ତିଙ୍କୁ ତାହାଙ୍କ ଯୋଜନାରେ ଅଂଶଗ୍ରହଣ କରିବାକୁ ମନୋନୀତ କରିଅଛନ୍ତି । ଅଂଶଗ୍ରହଣ ନିମନ୍ତେ ଏହି ସୌଭାଗ୍ୟ ସାର୍ବଭୌମତ୍ୱ

(ରୋମୀୟ - ୯) ଏବଂ ମଣିଷର ମୁକ୍ତ ଇଛା (ରୋମୀୟ ୧୦) ମଧ୍ୟର ଏକ ଧର୍ମଶାସ୍ତ୍ରୀୟ ସମ୍ପ୍ରସାରଣ ।

ଗୋଟିଏ ବାଇବଲିୟ ଗୁରୁତ୍ୱକୁ ମନୋନୀତ କରିବା ଏବଂ ଅନ୍ୟକୁ ଉପେକ୍ଷା କରିବା ଉପଯୁକ୍ତ ନୁହେଁ । ସିଦ୍ଧାନ୍ତ ମଧ୍ୟରେ ତନାବ ରହିଅଛି କାରଣ ପୂର୍ବିୟ ଲୋକମାନେ ବିପରୀତ ଭାବେ କିମ୍ବା ଉଦ୍‌ବେଗ ହୋଇ ସତ୍ୟକୁ ଉପସ୍ଥିତ କରିଥାଆନ୍ତି । ଶିକ୍ଷା ଅନ୍ୟ ଶିକ୍ଷା ସହିତ ସମ୍ବନ୍ଧ ରଖିବା ଅତି ଆବଶ୍ୟକ । ସତ୍ୟ ଏକ ସତ୍ୟମାନଙ୍କର ଢାଞ୍ଚା ।

III - ଏଫିସୀୟ ୧

କ - ନିର୍ବାଚନ ଏକ ଅଦ୍‌ଭୁତ ଶିକ୍ଷା । ଯେପରି, ଏହା ଏକ ପକ୍ଷପାତିତା ଆହ୍ୱାନ ନୁହେଁ, ମାତ୍ର ଗୋଟିଏ ମାଧ୍ୟମ, ହତିଆର, କିମ୍ବା ଅନ୍ୟଙ୍କ ପରିତ୍ରାଣର ଅର୍ଥକୁ ଆହ୍ୱାନ କରେ । ପୁରାତନ ନିୟମରେ ସାଧାରଣତଃ ସେବା ନିମନ୍ତେ ଏହି ଶବ୍ଦଟି ପ୍ରୟୋଗ କରାଯାଇଥିଲା ।ନୂତନ ନିୟମରେ ସାଦାରଣତଃ ଏହା ଉଦ୍ଧାର ନିମନ୍ତେ ପ୍ରୟୋଗ କରାଗଲା । ଯାହା ସେବାର ପ୍ରଚଳନ ଅଟେ । ବାଇବଲ କେବେହେଲେ ଈଶ୍ୱରଙ୍କ ସାର୍ବଭୌମତା ଏବଂ ମଣିଷର ମୁକ୍ତ ଇଛା ମଧ୍ୟର ପ୍ରତୀୟମାନ ବିରୋଧ ଶକ୍ତିରେ ସମ୍ମତ ହୁଏ ନାହିଁ, ମାତ୍ର ସେ ଦୁହିଁକୁ ସେ ସତ୍ୟୋକ୍ତି କରେ । ବାଇବଲ ସମ୍ପ୍ରସାରଣର ଏକ ଉତ୍ତମ ଦୃଷ୍ଟାନ୍ତ ଏହା ଅଟେ, ରୋମୀୟ ୯ ଈଶ୍ୱରଙ୍କ ସାର୍ବଭୌମତ୍ୱ ଇଛା ଏବଂ ରୋମୀୟ ୧୦ରେ ମଣିଷର ଅତ୍ୟାବଶ୍ୟକ ପ୍ରତିଉତ୍ତର (୧୦:୧୧,୧୩)

ଏହି ଈଶ୍ୱରଶାସ୍ତ୍ର ସମ୍ପ୍ରସାରଣର ମୁଖ୍ୟ ବିଷୟ ୧:୪ରେ ଦେଖାଯାଇପାରେ । ଯୀଶୁ ଈଶ୍ୱରଙ୍କ ଜଣେ ମନୋନୀତ ବ୍ୟକ୍ତି ଏବଂ ଅନ୍ୟ ସମସ୍ତେ ତାଙ୍କ ସହିତ ଶକ୍ତିପୂର୍ଣ୍ଣ ଭାବେ ମନୋନୀତ (କାର୍ଲବାର୍ଥ) । ଯୀଶୁ ପତିତ ମାନବର ଆବଶ୍ୟକତାରେ ଈଶ୍ୱରଙ୍କ "ହଁ" ଅଟନ୍ତି (କାର୍ଲବାର୍ଥ) ଏଫିସୀୟ ୧:୪ ମଧ୍ୟ ଏହି ବିଷୟକୁ ସତ ସାବ୍ୟସ୍ତ କରିବାରେ ସ୍ପଷ୍ଟ ସାହାଯ୍ୟ କରେ ଯାହା ପୂର୍ବ ନିର୍ଦ୍ଦିଷ୍ଟର ଲକ୍ଷ୍ୟ ସ୍ୱର୍ଗୀୟ ନୁହେଁ, ମାତ୍ର ପବିତ୍ରତା (ଖ୍ରୀଟେଙ୍କ ସଦୃଶ୍ୟ) । ଆମ୍ଭେମାନେ ସର୍ବଦା ସୁସମାଚାରର ହିତରେ ଆକର୍ଷିତ ଏବଂ ଦାୟିତ୍ୱକୁ ଅବହେଳା କରିଥାଉ । ଈଶ୍ୱରଙ୍କ ଆହ୍ୱାନ (ମନୋନୀତ) ଏକ ସମୟ ନିମନ୍ତେ ତଥା ସଦାକାଳ ନିମନ୍ତେ ।

ଅନ୍ୟ ସତ୍ୟର ସମ୍ବନ୍ଧରେ ସିଦ୍ଧାନ୍ତ ଆସିଥାଏ । ଏକାକୀ ଅସମ୍ବନ୍ଧିତ ସତ୍ୟରେ ନୁହେଁ । ଏକ ଉତ୍ତମ ଅନୁରୂପତା ନକ୍ଷତ୍ର ମଣ୍ଡଳ ବନାମ ଗୋଟିଏ ତାରା ହୋଇପାରିବ । ଈଶ୍ୱର ସତ୍ୟ ସ୍ଥାପନ କରନ୍ତି, ପୂର୍ବିୟ ବା ପାଶ୍ଚାତ୍ୟ ସାହିତ୍ୟରେ ନୁହେଁ । ଶିକ୍ଷାଗତ ସତ୍ୟତାର ବିପରୀତ ପ୍ରକ୍ରିୟା (ଦ୍ୱନ୍ଦ୍ୱାତ୍ମକ) ଦ୍ୱାରା ଆଧାରିତ ତନାବକୁ ଆମେ ଘୁଞ୍ଚାଇବା ଆବଶ୍ୟକ ନୁହେଁ (ଈଶ୍ୱର ସର୍ବୋତ୍କୃଷ୍ଟ ବନାମ ଈଶ୍ୱର ସର୍ବବ୍ୟାପୀ) : ନିରାପତ୍ତା ବନାମ ଅଧ୍ୟବସାୟ; ଯୀଶୁ ପିତାଙ୍କ ସହିତ ଯେପରି ସମାନ ବନାମ ଯୀଶୁ ପିତାଙ୍କର ଦାସସଦୃଶ୍ୟ; ଖ୍ରୀଷ୍ଟିୟ ସ୍ୱତନ୍ତ୍ରତା ବନାମ ପ୍ରତିଜ୍ଞାତ ସହଭାଗୀଙ୍କ ସହ ଖ୍ରୀଷ୍ଟିୟ ଦାୟୀତ୍ୱ, ଇତ୍ୟାଦି)

"ପ୍ରତିଜ୍ଞା"ର ଈଶ୍ୱର ଶାସ୍ତ୍ର ବିଚାର ଈଶ୍ୱରଙ୍କ ସାର୍ବଭୌମତ୍ୱକୁ ଐକ୍ୟ କରେ (ଯିଏ ସର୍ବଦା ପ୍ରାଥମିକ ଉଦ୍ୟମ କରିଥାନ୍ତି ଏବଂ କାର୍ଯ୍ୟସୂଚୀକୁ ରଖିଥାନ୍ତି) ଆରମ୍ଭିକ ବାଧ୍ୟତାମଳକ ସହ ଏବଂ ମନୁଷ୍ୟଠାରୁ ଆହ୍ନିତ ପ୍ରତିଉତ୍ତର ଯାହା ନିରନ୍ତର ଅନୁତପ୍ତ ବିଶ୍ୱାସ । ବିରୋଧାଭାବର ଗୋଟିଏ ପଟ ପ୍ରସଙ୍ଗ ପ୍ରମାଣରେ ସାବଧାନ ହୁଅ ଏବଂ ଅନ୍ୟକୁ ନିନ୍ଦା ମଧ୍ୟ କରିବାରେ କେବଳ ନିଜର ପ୍ରିୟ ସିଦ୍ଧାନ୍ତକୁ ସ୍ପଷ୍ଟ କରିବାରେ ସାବଧାନ ହୁଅ କିମ୍ବା ଈଶ୍ୱର ଶାସ୍ତ୍ରର ପଦ୍ଧିତିକୁ ।

ଖ - "ସେ ଆମ୍ଭମାନଙ୍କୁ ମନୋନୀତ କଲେ" ଏଫିସୀୟ ୧:୪ ଏକ ବୃହତ୍ ମଧ୍ୟସୂଚକ ଯାହା ବିଷୟବସ୍ତୁକୁ ଜୋର ଦିଏ । ସମୟ ପୂର୍ବେ ଏହା ପିତାଙ୍କର ଇଛାକୁ କେନ୍ଦ୍ରିତ କରେ । ଈଶ୍ୱରଙ୍କ ଇଛାକୁ ଇସଲାମ ନିୟତିବାଦ ଦୃଷ୍ଟିକୋଣରେ ବୁଝା ନ ଯିବା ଉଚିତ୍ । ନା ନାହିଁ ହିଂସାବାଦୀ କାଲ୍‌ଭିନ୍ ଦୃଷ୍ଟିକୋଣରେ, ମାତ୍ର ପ୍ରତିଜ୍ଞାର ଦୃଷ୍ଟିକୋଣରେ ବୁଝାଯିବା ଉଚିତ । ଈଶ୍ୱର ପତିତ ମନୁଷ୍ୟକୁ ଉଦ୍ଧାର କରିବା ନିମନ୍ତେ ପ୍ରତିଜ୍ଞା କଲେ (ଆଦି ୩:୧୫) । ସମସ୍ତ ମନୁଷ୍ୟକୁ ମନୋନୀତ କରିବାକୁ ଈଶ୍ୱର ଅବ୍ରହାମଙ୍କୁ ଆହ୍ୱାନ କଲେ ଓ ମନୋନୀତ କଲେ (ଆଦି ୧୨:୩; ଯାତ୍ରା ୧୯:୫,୬)। ନିଜେ ଈଶ୍ୱର ସମସ୍ତ ମଣିଷକୁ ମନୋନୀତ କଲେ ଯିଏ ଖ୍ରୀଷ୍ଟରେ ବିଶ୍ୱାସକୁ ପ୍ରୟୋଗ କରିବେ । ଈଶ୍ୱର ସର୍ବଦା ଉଦ୍ଧାରରେ ନିଜେ ପଦକ୍ଷେପ ନେଇଥାନ୍ତି (ଯୋହନ ୬:୪୪,୬୫) ଅଗଷ୍ଟି ଓ କାଲ୍‌ଭିନ୍‌ଙ୍କ ଦ୍ୱାରା ପ୍ରସ୍ତୁତିକରଣ ଶିକ୍ଷା ନିମନ୍ତେ ଏହି ପ୍ରସଙ୍ଗ ଏବଂ ରୋମୀୟ ୯ ପର୍ବ ବାଇବଲିୟ ଆଧାର ଅଟେ ।

ଈଶ୍ୱର ଯେ କେବଳ ପରିତ୍ରାଣ ନିମନ୍ତେ ବିଶ୍ୱାସୀଙ୍କୁ ମନୋନୀତ କଲେ ତାହା ନୁହେଁ ମାତ୍ର ପବିତ୍ରୀକରଣ ନିମନ୍ତେ ମଧ୍ୟ (କଲ ୧:୧୨) । ଏହା ଏହି ପ୍ରକାର ଦର୍ଶାଏ; (୧) ଖ୍ରୀଷ୍ଟରେ ଆମ୍ଭମାନଙ୍କ ସ୍ଥାନ (୨ କରି ୫:୨୧) କିମ୍ବା (୨) ଈଶ୍ୱରଙ୍କ ଇଛା ତାହାଙ୍କ ସନ୍ତାନମାନଙ୍କ ମଧ୍ୟରେ ତାହାଙ୍କର ଗୁଣ ପୁନଃ ଉତ୍ପନ୍ନ କରିବା (୨:୧୦; ରୋମୀ ୮:୨୮, ୨୯; ଗାଲା ୪:୧୯)। ଈଶ୍ୱରଙ୍କ ଇଛା ତାହାଙ୍କ ସନ୍ତାନମାନଙ୍କ ନିମନ୍ତେ ହେଲା, ଗୋଟିଏ ଦିନ ସ୍ୱର୍ଗ ଏବଂ ବର୍ତ୍ତମାନ ଖ୍ରୀଷ୍ଟଙ୍କ ସଦୃଶ୍ୟ । ଏଫିସୀୟ ୧:୪ର ଗୋଟିଏ ମୁଖ୍ୟ ବିଚାର ହେଲା "ତାହାଙ୍କଠାରେ" । ଖ୍ରୀଷ୍ଟଙ୍କ ଦେଇ ପିତାଙ୍କର ଆଶୀର୍ବାଦ, ଅନୁଗ୍ରହ ଏବଂ ପରିତ୍ରାଣ ପ୍ରବାହିତ ହୁଏ (ଯୋହନ ୧୪:୬) । ଏହି ବ୍ୟାକରଣ ଗଠିତ ପୁନଃରାବୃତ୍ତକୁ ଧ୍ୟାନ ଦିଅନ୍ତି । ପଦ ୩ ରେ "ଖ୍ରୀଷ୍ଟରେ" ପଦ ୪ ରେ "ତାହାଙ୍କଠାରେ" ପଦ ୬ରେ "ତାହାଙ୍କଠାରେ" ପଦ ୯ରେ "ତାହାଙ୍କଠାରେ" ପଦ ୧୦ରେ "ଖ୍ରୀଷ୍ଟଙ୍କଠାରେ", ପଦ ୧୨ ରେ "ଖ୍ରୀଷ୍ଟଙ୍କଠାରେ", ପଦ ୧୩ରେ "ତାହାଙ୍କଠାରେ" (ଦୁଇଥର) । ପତିତମାନବ ନିମନ୍ତେ ଯୀଶୁ ଈଶ୍ୱରଙ୍କ "ହଁ"

ଅଟନ୍ତି (କାର୍ଲବାର୍ଥ) । ଯୀଶୁ ଜଣେ ମନୋନୀତ ବ୍ୟକ୍ତି ଏବଂ ସମସ୍ତେ ତାହାଙ୍କ ଦ୍ୱାରା ଶକ୍ତ ଭାବେ ମନୋନୀତ ଈଶ୍ୱରଙ୍କ ସମସ୍ତ ପିତାଙ୍କର ଆଶିଷ ଖ୍ରୀଷ୍ଟ ଦେଇ ପ୍ରବାହିତ ହୁଏ । ସେହି ବାକ୍ୟାଂଶ "ଜଗତର ଉତ୍ପତି ପୂର୍ବେ" ମାଥିଉ ୨୫:୩୪; ଯୋହନ ୧୭:୨୪; ୧ ପିତର ୧:୧୯-୨୦ ଏବଂ ପ୍ରକାଶିତ ୧୩:୮ରେ ମଧ୍ୟ ପ୍ରୟୋଗ କରାଗଲା । ଏହା ଆଦି ୧:୧ର ପୂର୍ବ ତ୍ରିଏକ ଈଶ୍ୱରଙ୍କ ପରିତ୍ରାଣର କାର୍ଯ୍ୟକୁ ପ୍ରକାଶ କରିଥାଏ । ମଣିଷ ତାହାର ସମୟ କାଳ ଦ୍ୱାରା ସିମୀତ ଥାଏ; ଆମ୍ଭମାନଙ୍କ ନିମନ୍ତେ ସମସ୍ତ ଅତିତ, ବର୍ତ୍ତମାନ ଏବଂ ଭବିଷ୍ୟତ, କିନ୍ତୁ ଈଶ୍ୱରଙ୍କୁ ନୁହେଁ ।

ପୂର୍ବ ନିର୍ଦ୍ଦିଷ୍ଟ ସ୍ଥାନର ଲକ୍ଷ୍ୟ ହେଲା ପବିତ୍ରୀକରଣ, ସୌଭାଗ୍ୟ ନୁହେଁ, ଈଶ୍ୱରଙ୍କ ଆହ୍ୱାନ ଯେ କେବଳ ଆଦମଙ୍କ କେତେକ ମନୋନୀତ ସନ୍ତାନମାନଙ୍କୁ ତାହା ନୁହେଁ, ମାତ୍ର ତାହା ସମସ୍ତଙ୍କୁ । ଯାହା ଈଶ୍ୱର ମନୁଷ୍ୟ ପ୍ରତି ଅଭିପ୍ରେତ ଏହା ସେହି ଆହ୍ୱାନ । ଯେମନ୍ତ ସେ ନିଜେ (୧ଥେସ. ୫:୨୩; ୨ ଥେସ ୨:୧୩) ତାହାଙ୍କ ସାଦୃଶ୍ୟରେ (ଆଦି ୧:୨୬-୨୭) । ଗୋଟିଏ ପବିତ୍ର ଜୀବନ ଦୁର୍ଦ୍ଦଶା ବଦଳରେ ପୂର୍ବ ନିର୍ଦ୍ଦିଷ୍ଟ ସ୍ଥାନକୁ ଧର୍ମଶାସ୍ତ୍ରୀୟ ମତବାଦରେ ବଦଳାଇବ । ଅଧିକାଂଶ ସମୟରେ ଆମ୍ଭମାନଙ୍କ ଈଶ୍ୱର ଶାସ୍ତ୍ର ବାଇବଲିୟ ପ୍ରସଙ୍ଗରୁ ଅଧିକ ସ୍ୱରରେ କହିଥାଏ ।

ଶବ୍ଦ "ନିର୍ଦ୍ଦୋଷ" (ଆମୋମୋଷ) କିମ୍ବା "କଳଙ୍କମୁକ୍ତ" ଏହିମାନଙ୍କ ନିମନ୍ତେ ପ୍ରୟୋଗ ହେଲ (୧) ଯୀଶୁ ଏବ୍ରୀ ୯:୧୪; ୧ ପିତର ୧:୧୯); (୨) ଯିଖରୀୟ ଏବଂ ଏଲିଯାବେଥ (ଲୁକ ୧:୬); (୩) ପାଉଲ (ଫିଲି ୩:୬); ଏବଂ (୪) ସମସ୍ତ ସତ୍ୟ ଖ୍ରୀଷ୍ଟିୟାନେମାନେ (ଫିଲି ୨:୧୫; ୧ ଥେସ ୩:୧୩; ୫:୨୩) । ଈଶ୍ୱରଙ୍କ ଅପରିବର୍ତ୍ତନ ଯୋଗ୍ୟ ଇଚ୍ଛା ଯେ ପ୍ରତ୍ୟେକ ବିଶ୍ୱାସୀମାନଙ୍କ ନିମନ୍ତେ ପରେ ସ୍ୱର୍ଗକୁ ଯିବା କେବଳ ତାହା ନୁହେଁ କିନ୍ତୁ ବର୍ତ୍ତମାନ ଖ୍ରୀଷ୍ଟଙ୍କ ସଦୃଶ (ରୋମୀ ୮:୨୯-୩୦; ଗାଲା ୪:୧୯; ୧ ପିତର ୧:୨) । ସୁସମାଚାରର ଉଦ୍ଦେଶ୍ୟ ନିମନ୍ତେ ବିଶ୍ୱାସୀମାନେ ଈଶ୍ୱରଙ୍କ ଗୁଣକୁ ପତିତ ଜଗତର ସମ୍ମୁଖରେ ପ୍ରତିଫଳନ କରିବା ଆବଶ୍ୟକ । ବ୍ୟାକରଣରେ ଶବ୍ଦ "ପ୍ରେମରେ" ପଦ ୪ ଓ ୫ ସହିତ ମେଳ ହେବା ଉଚିତ । ଯେପରି ଏହି ଶବ୍ଦ ଅନ୍ୟ ସ୍ଥାନରେ, ଏଫିସୀୟରେ ଏହା ସର୍ବଦା ଈଶ୍ୱର ନିମନ୍ତେ ମଣିଷର ପ୍ରେମକୁ ଦର୍ଶାଏ (୩:୧୭; ୪:୨, ୧୫, ୧୬) ।

ଗ - ଏଫିସୀୟ ୧:୫ରେ ଶବ୍ଦ "ସେ ଆମ୍ଭମାନଙ୍କୁ ପୂର୍ବରୁ ନିରୂପଣ କଲେ" ଗୋଟିଏ ବୃହତ୍ ବିଷେଷଣ କର୍ମ ଅଟେ । ଗ୍ରୀକ୍ ଶବ୍ଦଟି "ପୂର୍ବ" ଏବଂ "ନିରୂପଣ କରିବା"ର ଏକ ମିଶ୍ରିତ ଶବ୍ଦ । ଏହା ଈଶ୍ୱରଙ୍କ ଉଦ୍ଧାର କାର୍ଯ୍ୟକୁ ପୂର୍ବ ନିର୍ଦ୍ଧାରଣ କରେ (ଲୁକ ୨୨:୨୨; ପ୍ରେରିତ ୨:୨୩; ୪:୨୮; ୧୭:୩୧; ରୋମୀୟ ୮:୨୯-୩୦) । ପୂର୍ବରୁ ନିରୂପଣ ଶବ୍ଦଟି ମନୁଷ୍ୟର ପରିତ୍ରାଣ ସମ୍ବନ୍ଧୀୟ ଅନେକ ସତ୍ୟତା ମଧ୍ୟରୁ ଗୋଟିଏ ଅଟେ । ଏହା ସତ୍ୟ ସମ୍ବନ୍ଧୀୟ ଧର୍ମଶାସ୍ତ୍ରୀୟ ପ୍ରଣାଳୀର ଏକ ଅଂଶ ଅଟେ । ଏହା କେବେହେଲେ ବିଛିନ୍ନ କରାଯିବାର ଅର୍ଥରେ ଜୋର ଦିଆଯାଇନ ଥିଲା । ବାଇବଲିୟ ସତ୍ୟ ତନାବପୂର୍ଣ୍ଣ ଶୃଙ୍ଖଳାରେ ଦିଆଯାଇଛି, ଦ୍ୱନ୍ଦାତ୍ମକ ଯୁଗଳରେ । ଧାର୍ମିକ ସମ୍ପ୍ରଦାୟ କେବଳ ଗୋଟିଏ ବିପରୀତ ଭାବ ସତ୍ୟକୁ ଜୋର ଦେଇ ବାଇବଲିୟ ତନାବକୁ ବାହାର କରିଦେବାକୁ ଇଚ୍ଛା କଲା । (ପୂର୍ବରୁ ନିରୂପଣ ବନାମ ମଣିରେ ମୁକ୍ତ ଇଚ୍ଛା ବିଶ୍ୱାସୀଙ୍କ ନିରାପତ୍ତା ବନାମ ସାଧୁମାନଙ୍କ ଧୈର୍ଯ୍ୟ; ପ୍ରକୃତ ପାପ ବନାମ ଇଚ୍ଛାକୃତ ପାପ; ଅଧର୍ମତା ବନାମ ପାପହନ, ସେହି ମୁହୂର୍ତ୍ତରେ ଘୋଷଣା କରେ ପବିତ୍ରୀକରଣ ବନାମ ଅଗ୍ରଗାମୀ ପବିତ୍ରୀକରଣ; ବିଶ୍ୱାସ ବନାମ କର୍ମ; ଖ୍ରୀଷ୍ଟିୟାନ ସ୍ୱତନ୍ତ୍ରତା ବନାମ ଖ୍ରୀଷ୍ଟିଆନ ଦାୟିତ୍ୱ, ଉତ୍କୃଷ୍ଟ ବନାମ ସ୍ୱଭାବଗତ)

ଈଶ୍ୱରଙ୍କ ବାଛନ୍ଦ ମଣିରେ କୃତକର୍ମର ଜ୍ଞାନ ଅନୁଯାୟୀ ନୁହେଁ, କିନ୍ତୁ ତାହାଙ୍କ ଅନୁଗ୍ରହର ଗୁଣ ହେତୁ (ପଦ ୯ ଏବଂ ୧୧) । ସେ ଇଚ୍ଛା କରନ୍ତି କି ସମସ୍ତେ ଉଦ୍ଧାର ପାଆନ୍ତୁ (କେବଳ ନୋଷ୍ଟିକ ଲୋକର ଭଳି କେତେକ ବିଶେଷ ଲୋକ ନୁହଁନ୍ତି କିମ୍ବା ଆଧୁନିକ ଯୁଗର ହିଂସାବାଦ କାଲ୍‌ଭିନ୍‌ଙ୍କ ସଦୃଶ ନୁହଁନ୍ତି) (ଯିହିଜି. ୧୮:୨୧-୨୩,୩୨; ଯୋହନ ୩:୧୬, ୧୭; ୧ ତୀମଥି ୨:୪; ୪:୧୦; ତୀତସ ୨:୧୧; ୨ ପିତର ୩:୯) । ଈଶ୍ୱରଙ୍କ ଅନୁଗ୍ରହ (ଈଶ୍ୱରଙ୍କ ଗୁଣ) ଏହି ଅନୁଚ୍ଛେଦର ଈଶ୍ୱରଶାସ୍ତ୍ର ଚାବିକାଠି ଅଟେ (ପଦ ୬କ, ୭ଗ, ୯ଖ) ଯେପରି ଈଶ୍ୱରଙ୍କ ଦୟା ପୂର୍ବ ନିରୂପଣରେ ଅନ୍ୟ ଅନୁଚ୍ଛେଦରେ ଚାବିକାଠି ଅଟେ, ରୋମୀୟ ୯-୧୧ ।

ପତିତ ମାନବର କେବଳ ଗୋଟିଏ ଆଶା ହେଉଛି ଅନୁଗ୍ରହ ଏବଂ ଈଶ୍ୱରଙ୍କ ଦୟା (ଯିଶା. ୫୩:୬ ଏବଂ ରୋମୀ ୩:୯-୧୮ରେ ଅନେକ ପୁରାତନ ନିୟମର ବାକ୍ୟ ଉଦ୍ଧୃତ କରାଗଲା) । ପ୍ରଥମ ଧମଶାସ୍ତ୍ରୀୟ ଅଧ୍ୟାୟ ଅନୁବାଦ କରିବାକୁ ଏହା ଅଧିକ ଗୁରୁତର, ହୃଦୟଙ୍ଗମ କରିବାକୁ କି ପାଉଲ ସେ ସବୁକୁ ବିବରଣ କରନ୍ତି ଯାହାକି ସଂପୂର୍ଣ୍ଣ ରୂପେ ମଣିରେ କୃତକର୍ମ ସହିତ ସମ୍ବନ୍ଧିତ ନୁହେଁ ପୂର୍ବରୁ ନିରୂପଣ (ପ୍ରଥମ ଅଧ୍ୟାୟ), ଅନୁଗ୍ରହ (ଦ୍ୱିତୀୟ ଅଧ୍ୟାୟ) ଏବଂ ଈଶ୍ୱରଙ୍କ ପରିତ୍ରାଣ ନିମନ୍ତେ ସନାତନ ଯୋଜନା (୨:୧୧-୩:୧୩) । ମଣିଷର ଗୁଣ ଏବଂ ଗର୍ବ ଉପରେ ମିଥ୍ୟା ଶିକ୍ଷକଙ୍କର ସତ୍ୟତାକୁ ଏହା ପ୍ରତି ସନ୍ତୁଳନ କରିବାର ଥିଲା ।

❒ "ବିନଷ୍ଟ ହେବ ନାହିଁ" ଏଠାରେ ଇଙ୍ଗିତ କରାଯାଏକି କେତେକ ବିନଷ୍ଟ ହେବେ । ସେମାନଙ୍କର ବିନାଶ ପ୍ରତ୍ୟେକ୍ଷ ଭାବେ ସେମାନଙ୍କର ଅଜ୍ଞ ବିଶ୍ୱାବସ ସହତ ଯୋଡ଼ିତ ଯୀଶୁଙ୍କୁ ପ୍ରତିତ୍ତୋର କରିବାରେ (୧୧:୨୫) । ଈଶ୍ୱର ଏଠାରେ କାରଣ ନୁହଁନ୍ତି, ପ୍ରତ୍ୟେକ୍ଷ ବା ସେମାନଙ୍କ ଅବିଶ୍ୱାସର ମୂଳ ନୁହଁନ୍ତି (ଯିହିଜି ୧୮:୨୩,୩୨; ୧ ତିମଥି ୨:୪; ୨ପିତ ୩:୯)

ଅନେକେ ଏହି ଶବ୍ଦକୁ ଆକ୍ଷରିକ ଭାବେ ନେବାକୁ ପଦକ୍ଷେପ ନେଲେ ଏବଂ ପ୍ରସ୍ତାବ କରାଯାଏ କି ଦୁଷ୍ଟରେ ବିଲୋପ । ଏହା ଦାନିଏଲ ୧୨:୨ ଏବଂ ମାଥିଉ ୨୫:୪୬କୁ ବିରୋଧ କରେ । ଏହା ସଚୋଟ ବିଶ୍ୱାସୀମାନଙ୍କ ନିମନ୍ତେ ଏକ ଉତ୍ତମ ଉଦାହରଣ ଯିଏ ପାଶ୍ଚାତ ବ୍ୟାଖ୍ୟାମୂଳକ ଗଠନକୁ ପୂର୍ବୀୟ ଅତି ପ୍ରତିରୂପ ବାକ୍ୟ ଭାବେ ବଦଳାଇ ଥିଲେ (ଆକ୍ଷରିକ ଏବଂ ଭାବାତ୍ମକ) ।

ପୁନର୍ବାର ଦେଖନ୍ତୁ ଯୋହନ କିପରି ଦ୍ୱେତବାଦ ଢାଞ୍ଚାରେ ଭାବୁଅଛନ୍ତି ଏବଂ ଲେଖୁଅଛନ୍ତି (ଉଦାହରଣ ବିନଷ୍ଟ ବନାମ ଅନନ୍ତ ଜୀବନ) ସମାନ୍ତର ସୁସମାଚାର ଏବଂ ଯୋହନ ମଧ୍ୟରେ ଯୀଶୁଙ୍କର ଶବ୍ଦ ଏବଂ ଈଶ୍ୱର ଶାସ୍ତ୍ରୀୟ ଗଠନ ମାନ ଅତି ଭିନ୍ନ ଅଟେ । କେହି ଆଶ୍ଚର୍ଯ୍ୟ ହୁଅନ୍ତି କି କିପରି ଏହି ସୁସମାଚାର ଲେଖକ ଯୀଶୁଙ୍କର ସୁସମାଚାର ପ୍ରଚାର ପ୍ରସ୍ତୁତିକରଣକୁ ପ୍ରସ୍ତୁତ କରୁଅଛନ୍ତି ସେମାନଙ୍କ ମନୋନୀତ ଶ୍ରବଣକାରୀ ନିମନ୍ତେ, ଦେକନ୍ତୁ ଗୋରଡନ ଫି ଏବଂ ଡୋଗ୍‌ଲାସ ଷ୍ଟୁଆର୍ଟ, ହାଓ ଟୁ ରିଡ୍ ବା ବାଇବଲ ଫର ଅଲ୍ ଇଟସ ୱ୍ୱର୍ଦ, ପୃଷ୍ଠା ୧୨୭-୧୨୮

**୩:୧୭ "ଜଗତକୁ ବିଚାର କରିବା ନିମନ୍ତେ"** ଯୋହନରେ ଏମିତି ଅନେକ ବାକ୍ୟ ଅଛି ଯାହା କୁହାଯାଏ ଯୀଶୁ ଜଣେ ଉଦ୍ଧାରକର୍ତ୍ତା ରୂପରେ ଆସିଲେ, ବିଚାରକର୍ତ୍ତା ରୂପରେ ନୁହେଁ (୩:୧୭-୨୧; ୮:୧୫; ୧୨:୪୭) ଯେପରି ଏମିତି କୌଣସି ବାକ୍ୟ ନାହିଁ ଯେଉଁଠାରେ ଯୀଶୁଙ୍କୁ ବିଚାର କରିବାକୁ ଆସିଥିବା ବିଚାର କର୍ତ୍ତା ରୂପରେ ପ୍ରକାା କରେ (୫:୨୨-୨୩, ୨୭; ୯:୩୯; ଏଂବ ଅନ୍ୟ ନୂତନ ନିୟମର ପୁସ୍ତକରେ ପ୍ରେରିତ ୧୦:୪୨; ୧୭:୩୧; ୨ ତୀମଥି ୪:୧; ୧ ପିତ ୪:୫)

କେତେକ ଧର୍ମଶାସ୍ତ୍ରୀୟ କଥନ ନିମ୍ନଲିଖିତ ଅଟେ

୧) ଆଦରର ଚିହ୍ନ ସ୍ୱରୂପେ ପିତା ବିଚାରର କାର୍ଯ୍ୟକୁ ଯୀଶୁଙ୍କୁ ସମର୍ପଣ କଲେ ଯେଉଁ ପ୍ରକାରେ ସେ ସୃଷ୍ଟି ଏବଂ ଉଦ୍ଧାରର କାର୍ଯ୍ୟକୁ କଲେ (୫:୨୩)

୨) ଯୀଶୁଙ୍କର ପ୍ରଥମ ଆଗମନ ଉଦ୍ଧାର ନିମନ୍ତେ, ବିଚାର ନିମନ୍ତେ ନୁହେଁ (୩:୧୭) କିନ୍ତୁ ଲୋକେ ତାଙ୍କୁ ଅସ୍ୱୀକାର କଲେ ଏବଂ ନିଜ ଉପରେ ଦଣ୍ଡ ଆଣିଲେ ।

୩) ଯୀଶୁ ରାଜାମାଙ୍କର ରାଜା ଏବଂ ବିଚାରକର୍ତ୍ତା ରୂପରେ ପେରି ଆସିବେ (୯:୩୯) ।

**୩:୧୮** ଏହି ବାକ୍ୟ ଖ୍ରୀଷ୍ଟଙ୍କ ଦ୍ୱାରା ମିଳୁଥିବା ମାଗଣା ଉଦ୍ଧାର ତଥା ନିଜ କାରରୁ ମିଳୁଥିବା ଦଣ୍ଡକୁ ପୁନରାବୃତ୍ତି କରେ । ଈଶ୍ୱର କାହାକୁ ନର୍କକୁ ପ୍ରେରଣ କରନ୍ତି ନାହିଁ । ସେମାନେ ନିଜେ ଯାଉଅଛନ୍ତି । ବିଶ୍ୱାସର ଫଳ ଅଛି ତେବେ ଅବିଶ୍ୱାସର ମଧ୍ୟ ଫଳ ରହିଛି । ଦେଖନ୍ତୁ ବିଶେଷ ଶୀର୍ଷ ୨:୨୩ ଏବଂ ୯:୭

**୩:୧୯-୨୧ "ଲୋକମାନେ ଜ୍ୟୋତି ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ"** ଯେଉଁମାନେ ସୁସମାଚାରକୁ ଶୁଣିଲେ ସେମାନେ ଅସ୍ୱୀକାର କଲେ ସଂସ୍କୃତି ନିମନ୍ତେ ନୁହେଁ, ମାତ୍ର ପ୍ରାଥମିକରେ ସେ ନୈତିକ ହେବା ହେତୁ (ଆୟୁବ ୨୪:୧୩) ଜ୍ୟୋତି ଖ୍ରୀଷ୍ଟ ତଥା ଈଶ୍ୱରଙ୍କ ପ୍ରେମର ବାକ୍ୟ, ମଣିଷ ନିମନ୍ତେ ଆବଶ୍ୟକତା, ଖ୍ରୀଷ୍ଟଙ୍କ ପ୍ରବନ୍ଧ, ଆବଶ୍ୟକ ପ୍ରତିତ୍ତୋରକୁ ଦର୍ଶାଏ । ଏହା ୧:୧-୧୮ର ସରସ ଅଟେ ।

**୩:୧୯ "ସେହି ବିଚାର ଏହି"** ବିଚାର ଉଦ୍ଧାର ସମାନ ଅଟେ, ଉଭୟେ ବର୍ତ୍ତମାନ ବାସ୍ତବିକ (୩:୧୯, ୯:୩୯) ଭବିଷ୍ୟତର ଏକ ସମାପନ (୫:୨୭-୨୯; ୧୨:୩୧,୪୮) । ବିଶ୍ୱାସୀମାନେ ଜାଣନ୍ତି କି ସେମାନେ ଶେଷ ଦିନ ଶାସ୍ତ ଏବଂ ସଂପୂର୍ଣ୍ଣ ହେଉଥିବା ଶେଷ ଦିନ ଶାସ୍ତରେ ବଞ୍ଚୁଅଛନ୍ତି । ଖ୍ରୀଷ୍ଟିଆନ ଜୀବନ ଗୋଟିଏ ଆନନ୍ଦ ଏବଂ ଭୟଙ୍କର ସଂଘର୍ଷର ଜୀବନ; ପରାଜୟର ଏକ ଶୃଙ୍ଖଳା ପରେ ଏହାର ବିଜୟ ଅଟେ । ଧୈର୍ଯ୍ୟ ବିଷୟରେ ଚେତାବନିର ଆଉ ଏକ ଶୃଙ୍ଖଳାର ଆତ୍ମବିଶ୍ୱାସ ।

**୩:୨୧ "ସତ୍ୟ ଆଚରଣ କରେ"** "ଜ୍ୟୋତି" (୩:୧୯,୨୧- ଦୁଇଥର) ସ୍ୱଷ୍ଟ ଭାବେ ଯୀଶୁଙ୍କ ଆଡ଼କୁ ସଂକେତ କରେ, ଏହା ସମ୍ଭବ ଅଟେ ଯେ, ସତ୍ୟ ମଧ୍ୟ ଯୀଶୁଙ୍କ ଆଡ଼କୁ ସଂକେତ କରେ ।

ଧର୍ମଶାସ୍ତ୍ରୀୟ ରୂପେ ଏହି ବାକ୍ୟ ଯେମିତି ମାଥିଉ ସାତ ଅଧ୍ୟାୟର ସେହି ସମାନ ସତ୍ୟକୁ ପ୍ରକାଶ କରେ । ଅନନ୍ତ ଜୀବନର ଦୃଶ୍ୟମାନ ଗୁଣ ସବୁ ରହିଛି । ଖ୍ରୀଷ୍ଟରେ ଜଣେ ବ୍ୟକ୍ତି କେବେହେଲେ ବାସ୍ତବରେ ଈଶ୍ୱରଙ୍କ ସମ୍ମୁଖୀନ କରିପାରେ ନାହିଁ, ପବିତ୍ର ଆତ୍ମାରେ ପୂର୍ଣ୍ଣ ହୁଅ ଏବଂ ତଦ୍ରୂପେ ରୁହ । କ୍ଷେତର ଦୃଷ୍ଟାନ୍ତ ଫଳ ଉତ୍ପନ୍ନକୁ କେନ୍ଦ୍ର କରେ, ଅଙ୍କୁରଣକୁ ନୁହେଁ (ମାଥିଉ ୧୩; ମାର୍କ ୪; ଲୁକ ୮ ଏବଂ ଯୋହନ ୧୫:୧-୧୧ର ଆଲୋଚନାରେ) କାର୍ଯ୍ୟ ପରିତ୍ରାଣକୁ ପ୍ରାପ୍ତ କରେ ନାହି, କିନ୍ତୁ ସେସବୁ ଏହାର ପ୍ରମାଣ ଅଟନ୍ତି । (ଏଫି ୨:୮-୯,୧୦)

**ପ୍ରଶ୍ନମାଳାର ଆଲୋଚନା**

ଏହା ଏକ ଅଧ୍ୟୟନ ସହାୟକ ଟୀକା । ଯାହାର ଅର୍ଥ ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ସମସ୍ତେ ସେହି ଜ୍ୟୋତିରେ ଚାଲିବା ଆବଶ୍ୟକ ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରାଧାନ୍ୟ ଅଟନ୍ତି । ଏହାକୁ ଆପଣ ଟୀପ୍ପଣିକର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ଏହି ପ୍ରଶ୍ନ ଆଲୋଚନା ନିମନ୍ତେ ଏଇଥିଯୋଗୁଁ ଦିଆଗଲା କି ଆପଣ ଏହି ଅଂଶର ମୂଖ୍ୟ ବିଷୟ ଉପରେ ଆଲୋଚନା କରିପାର । ଏସବୁ ବିଚାରକୁ ଜନ୍ମାଇବା ନିମନ୍ତେ, ନିଷ୍ପତ୍ତିମୂଳକ ନୁହେଁ ।

୧. "ନୂତନ ଜନ୍ମ" ଶବ୍ଦର ଅର୍ଥ କ'ଣ ଅଟେ ?

୨. ପଦ ୫ ରେ "ଜଳ" କାହା ଆଡ଼କୁ ସଂକେତ କରେ, ଆପଣ କଣ ଭାବୁଛନ୍ତି ?

୩. "ବିଶ୍ୱାସ" (ଉଦ୍ଧାର ବିଶ୍ୱାସ)ରେ କେଉଁ ବିଷୟ ସମ୍ମିଳିତ ଅଟେ ?

୪. ଯୋହନ ୩:୧୬ ରେ ମନୁଷ୍ୟ ପ୍ରତି ଯୀଶୁଙ୍କର ପ୍ରେମକୁ ଦର୍ଶାଏ ବା ପିତାଙ୍କର ?

୫. ଯୋହନ ୩:୧୬ରେ କାଲ୍‌ଭିନ୍‌ବାଦ କେଉଁ ପ୍ରକାରେ ଜଡ଼ିତ ?

୬. କଣ "ବିନଷ୍ଟ"ର ଅର୍ଥ ସଂହାର ହୁଏ ?

୭. "ଜ୍ୟୋତି"ର ସଂଜ୍ଞା ଦିଅନ୍ତୁ ?

**ପଦ ୨୨ - ୩୬ ର ପ୍ରାସଙ୍ଗିକ ଦୃଷ୍ଟିକୋଣ**

କ. ଏହି ସୁସମାଚାରର ଆରମ୍ଭରୁ ହିଁ ଯୋହନ ଯୀଶୁ ଖ୍ରୀଷ୍ଟଙ୍କର ଈଶ୍ୱରିୟତା ବିଷୟରେ ବାର୍ତ୍ତାଳାପ ଏବଂ ବ୍ୟକ୍ତିଗତ ସମ୍ମୁଖୀନ ଦ୍ୱାରା ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ଏହି ଅଧ୍ୟାୟ ସେହି ଢାଞ୍ଚାକୁ ନିରନ୍ତର କରେ ।

ଖ. ସମାନ୍ତର ସୁସମାଚାରର ଲେଖା ପରେ ଯେଉଁ ପ୍ରଶ୍ନ ଉଠିଲା ତାହାକୁ ଏହି ସୁସମାଚାର ପ୍ରଥମ ଶତାବ୍ଦୀର ଶେଷରେ ଲେଖିବା ହେତୁ ସମାପ୍ତ କରିବାକୁ ପ୍ରୟାସ କରୁଅଛି । ସେଥି ମଧ୍ୟରୁ ବାପ୍ତିଜକ ଯୋହନଙ୍କ ବିଷୟରେ ସମ୍ବନ୍ଧିତ ମିଥ୍ୟା ଶିକ୍ଷା ମୁଖ୍ୟ ଅଟେ । ଏହାର ଉଲ୍ଲେଖ ୧:୬-୮, ୧୯-୩୬; ୩:୨୨-୩୬ରେ ଦିଆଯାଇଅଛି । ବାପ୍ତିଜକ ଯୋହନ ନିଶ୍ଚୟ କରନ୍ତି କି ସେ ଯୀଶୁଙ୍କଠାରୁ ନିକୃଷ୍ଟ ଅଟନ୍ତି ଏବଂ ନାଜରିତୀୟ ଯୀଶୁ ହିଁ ଖ୍ରୀଷ୍ଟ ଅଟନ୍ତି (ପ୍ରେରିତ ୧୮:୨୪-୧୯:୭) (ଯୋହନ ୧:୬-୮, ୧୯-୩୬ ଏଂବ ୩:୨୨-୩୬)

**ଶବ୍ଦ ଏବଂ ବ୍ୟାକାଂଶ ଅଧ୍ୟୟନ**

**ଏନ୍.ଏଏସ୍‌ବି. ବାକ୍ୟ : ୩:୨୨-୨୪**

**୨୨ଏଥି ଉତ୍ତାରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିହୁଦା ପ୍ରଦେଶକୁ ଗଲେ । ଆଉ ସେ ସେସ୍ଥାନରେ ସେମାନଙ୍କ ସହିତ ରହି ବାପ୍ତିସ୍ମ ଦେବାକୁ ଲାଗିଲେ । ୨୩ ଯୋହନ ମଧ୍ୟ ଶାଲମ ନିକଟସ୍ଥ ଏନୋନରେ ବାପ୍ତିସ୍ମ ଦେଉଥିଲେ । କାରଣ ସେ ସ୍ଥାନରେ ବହୁତ ଜଳ ଥିଲା । ଆଉ ଲୋକେ ଆସି ବାପ୍ତିସ୍ମ ଗ୍ରହଣ କରୁଥିଲେ । ୨୪ ଯେଣୁ ଯୋହନ ସେ ପର୍ଯ୍ୟନ୍ତ କାରାଗାରରେ ନିକ୍ଷିପ୍ତ ହୋଇନଥିଲେ ।**

**୩:୨୨ "ଯିହୁଦା ପ୍ରଦେଶକୁ ଗଲେ"** ଯିହୁଦା ଏବଂ ଗାଲିଲିର ଏହି ଆରମ୍ଭିକ ସେବାକାର୍ଯ୍ୟ ସମାନ୍ତର ସୁସମାଚାରରେ ଆଲୋଚନା କରାଯାଇ ନାହିଁ । ଏହି ସୁସମାଚାର ସବୁ ଖ୍ରୀଷ୍ଟଙ୍କ କାଳାନୁକ୍ରମିକ ଜୀବନୀ ନୁହେଁ ।

❒ **"ସେ ସେସ୍ଥାନରେ ସେମାନଙ୍କ ସହିତ ସମୟ ଅତିବାହିତ କରୁଥିଲେ"**

ଯୀଶୁ ଲୋକମାନଙ୍କୁ ପ୍ରଚାର କଲେ ମାତ୍ର ଶିଷ୍ୟମାନଙ୍କ ସହିତ ବିଚାରବିମର୍ଷ କଲେ । ଆପଣାକୁ ସେମାନଙ୍କ ସମ୍ମୁଖରେ ରିଲେ । ଏହି ବ୍ୟବସ୍ଥା ଶାସ୍ତ୍ର ରୋବର୍ଟ ଇ କୋଲେମାନଙ୍କ ଦୁଇଟି ପୁସ୍ତକ ଉପରେ କେନ୍ଦ୍ର କରେ । ଦି ମାଷ୍ଟର ପ୍ଲାନ୍ ଅଫ୍ ଇଭାଂଜେଲିଜମ୍ ଏଣ୍ଡ ଦି ମାଷ୍ଟର ପ୍ଲାନ ଅଫ୍ ଡିସାଇପଲ୍‌ସିପ୍ । ଉଭୟେ ଯଂହା ଯୀଶୁଙ୍କର ଗୋଟିଏ ଛୋଟ ଦଳ ସହିତ ଜଡ଼ିତ ଥିବା ବର୍ଣ୍ଣନା କରନ୍ତି ।

❒ **"ଏବଂ ବାପ୍ତିସ୍ମ ଦେଇଥିଲେ"** ୪:୨ରୁ ଆମେ ଶିଖୁ କି ନିଜେ ଯୀଶୁ ବାପ୍ତିସ୍ମ ଦେଇ ନାହାନ୍ତି କିନ୍ତୁ ତାହାଙ୍କ ଶିଷ୍ୟମାନେ ଦେଲେ । ପ୍ରାଥମିକ ଭାବେ ଯୀଶୁଙ୍କର ବାକ୍ୟ ବାପ୍ତିଜକ ଯୋହନଙ୍କର ବାକ୍ୟ ସମାନ ଥିଲା । ଅନୁତାପ ଏବଂ ପ୍ରସ୍ତୁତିକରଣ ଏହା ପୁରାତନ ନିୟମର ବାକ୍ୟ ଥିଲା । ଏଠାର ବାପ୍ତିସ୍ମ ଖ୍ରୀଷ୍ଟିଆନ ବାପ୍ତିସ୍ମ ନୁହେଁ ମାତ୍ର ଅନୁତାପ ଏବଂ ଆତ୍ମୀକ ସ୍ୱୀକୃତିର ବାପ୍ତିସ୍ମ ଅଟେ ।

**୩:୨୩ "ଯୋହନ ମଧ୍ୟ ଶାଲମ ନିକଟସ୍ଥ ଏନୋନରେ ବାପ୍ତିସ୍ମ ଦେଉଥିଲେ"**

ଏହାର ସ୍ଥାନ ଅନିଶ୍ଚିତ ଅଟେ

୧. କେତେକ କହନ୍ତି ଏହା ଜରଦନ ନିକଟସ୍ଥ ପେରିଆ ନାମକ ସ୍ଥାନ ଅଟେ ।
୨. କେତେକ କହନ୍ତି ଏହା ଉତ୍ତର ପଶ୍ଚିମ ସାମରିଆ ଅଟେ ।
୩. କେତେକ କହନ୍ତି ଏହା ଶେଖମରୁ ତିନି ମାଇଲ ଦୂରର ଏକ ସହର ଅଟେ ।

ଏନୋନ ଶବ୍ଦର ଅର୍ଥ ଝରଣା ଏବଂ ତିନି ନମ୍ବରଟି ଉପଯୁକ୍ତ ଅଟେ । ଯାହାବି ସଠିକ୍ ସ୍ଥାନ ହେଉ ନା କାହିଁକି, ଯୀଶୁ ଯିହୁଦାରେ ସେବାକାର୍ଯ୍ୟ କରୁଥିଲେ ଏବଂ ଯୋହନ ତାହାଙ୍କ ଉତ୍ତର ଦିଗର କେଉଁ ଦୂରାନ୍ତରେ ସେବାକାର୍ଯ୍ୟ କରୁଥିଲେ ।

**୩:୨୪ "ଯୋହନ ଯେପର୍ଯ୍ୟନ୍ତ କାରାଗାରରେ ନିକ୍ଷିପ୍ତ ହୋଇ ନ ଥିଲେ" ।**

ଏହା ଅନିଶ୍ଚିତ କାହିଁକି ଏହି କାଳାନୁକ୍ରମିକ କଥାର ବିବରଣ କରାଗଲା । କେତେକ କହନ୍ତି ଏହା ସମାନ୍ତର ସୁସମାଚାର ସହିତ ମିଳନ କରିବାକୁ ଲେଖାଗଲା (ମାଥିଉ ୧୪:୧-୧୨; ମାର୍କ ୬:୧୪-୨୯) । ଏହା ଯୀଶୁ ଖ୍ରୀଷ୍ଟଙ୍କ ଜୀବନ ତିଥିକୁ କହେ ।

**ଏନ୍ଏସଏସ୍ବି ବାକ୍ୟ ୩:୨୫-୩୦**

**୨୫ ସେଥିମଧ୍ୟରେ ଶୌଚକ୍ରିୟା ସମ୍ବନ୍ଧରେ ଯୋହନଙ୍କ ଶିଷ୍ୟମାନଙ୍କ ପକ୍ଷରୁ ଜଣେ ଯିହୁଦୀ ସହିତ ବାଦାନୁବାଦ ଘଟିଲା । ୨୬ ଆଉ, ସେମାନେ ଯୋହନଙ୍କ ନିକଟକୁ ଯାଇ ତାଙ୍କୁ କହିଲେ, ହେ ଗୁରୁ, ଯେ ଯର୍ଦ୍ଦନର ଅପର ପାରିରେ ଆପଣଙ୍କ ସହିତ ଥିଲେ. ଯାହାଙ୍କ ସପକ୍ଷରେ ଆପଣ ସାକ୍ଷ୍ୟ ଦେଇଛନ୍ତି, ଦେଖନ୍ତୁ, ସେ ବାପ୍ତିସ୍ମ ଦେଉଅଛନ୍ତି ଓ ସମସ୍ତେ ତାହାଙ୍କ ନିକଟକୁ ଯାଉଅଛନ୍ତି, ୨୭ ଯୋହନ ଉତ୍ତର ଦେଲେ, ସ୍ୱର୍ଗରୁ ପ୍ରଦତ୍ତ ନ ହେଲେ ମନୁଷ୍ୟ କିଛି ପ୍ରାପ୍ତ ହୋଇପାରେ ନାହିଁ, ୨୮ ମୁଁ ଯେ ଖ୍ରୀଷ୍ଟ ନୁହେଁ, କିନ୍ତୁ ତାହାଙ୍କ ଆଗରେ ପ୍ରେରିତ ହୋଇଅଛି, ଏହା ମୁଁ କହିଥିଲି ବୋଲି ତୁମ୍ଭେମାନେ ନିଜେ ନିଜେ ମୋହର ସାକ୍ଷୀ । ୨୯ ଯେ କନ୍ୟା ଗ୍ରହଣ କରନ୍ତି, ସେ ବର, କିନ୍ତୁ ବରଙ୍କ ଯେଉଁ ବନ୍ଧୁ ଠିଆ ହୋଇ ତାଙ୍କ କଥା ଶୁଣେ, ସେ ବରଙ୍କ ସ୍ୱର ସକାଶେ ଅତ୍ୟନ୍ତ ଆନନ୍ଦିତ ହୁଏ, ଅତଏବ ମୋହର ଏହି ଆନନ୍ଦପୂର୍ଣ୍ଣ ହୋଇଅଛି । ୩୦ ତାହାଙ୍କୁ ଅବଶ୍ୟ ବୃଦ୍ଧି ପାଇବାକୁ ହେବ । କିନ୍ତୁ ମୋତେ ହ୍ରାସ ହେବାକୁ ହେବ ।**

**୩:୨୫** ସେଠାରେ ଯୋହନଙ୍କ ଶିଷ୍ୟମାନଙ୍କର ଯିହୁଦିମାନଙ୍କ ସହିତ ଶୌଚକ୍ରିୟା ସମ୍ବନ୍ଧରେ ବାଦବିବାଦ ହେଲା । ଏହା ସଂଘର୍ଷ ନିମନ୍ତେ ପ୍ରୟୋଗ କରାଯାଇଥିବା ସବୁଠାରୁ ଶକ୍ତିଶାଳୀ ଶବ୍ଦ ଅଟେ । କେତେକେ ଗ୍ରୀକ୍ ହସ୍ତଲେଖାରେ ଯିହୁଦୀ ଶବ୍ଦ ବହୁବଚନ ଅଟେ । ପ୍ରାଚୀନ ହସ୍ତଲିଖନ ସମାନ ଭାବେ ବିଭକ୍ତ କରାଗଲା । କାରଣ ଏକବଚନ ଅଧିକ ବ୍ୟବହାରିକ (ଉଦାହରଣ ଏମ୍,ଏସ୍ଏସ୍ପି ୨୫, ଏନ୍ ୨, ଏ,ବି, ଏଲ୍, ଡବ୍ଲ୍ୟୁ) ଏହା ମୂଳ ପ୍ରତିରୂପ ହୋଇପାରେ । ୟୁଏସ୍ବି.୪ ଏହାକୁ ବି ର ମୂଲ୍ୟ ଦେଇଥାଏ । ପ୍ରାଚୀନ ସାର୍ଦ୍ଧୁକମାନଙ୍କର ପ୍ରଥା ବାକ୍ୟକୁ ସରଳ ଏବଂ ସୁସଙ୍ଗତ କରିବା ଥିଲା । ଏହା ଜାଣିବାକୁ ଆହୁରି ରୋଚକ ଅଟେ କି ବୋଧେ ଯୋହନଙ୍କ ଶିଷ୍ୟମାନେ ଏହି ବିବାଦକୁ ଉତ୍ତେଜିତ କରିଥିବେ ।

❒ **ଏନ୍ଏସ୍ବି, ଏନ୍କେଜେଭି, ଏନ୍ଆର୍,ଏସ୍.ଭି. , ଏନ୍ଜେବି - "ପବିତ୍ରୀକରଣ ବିଷୟରେ"**

**ଟିଇଭି - "ପରମ୍ପରା ଅନୁସାରେ ଧୌତ ବିଷୟରେ"**

ଏହି ବିବାଦ ବିଷୟରେ ଅନେକ ସିଦ୍ଧାନ୍ତ ରହିଅଛି ।

(୧) ସମ୍ଭବତଃ ଯୋହନଙ୍କ ଶିଷ୍ୟମାନେ ଯୀଶୁ ଏବଂ ଯୋହନଙ୍କ ବାପ୍ତିସ୍ମକୁ ମିଳିତ କରି ଯିହୁଦୀଙ୍କ ପରମ୍ପରା ଅନୁସାରେ ପବିତ୍ରୀକରଣ ବିଷୟରେ ବାଦବିବାଦ କରୁଥିଲେ । ଏହି ବିଷୟ ୨:୬ରେ ମଧ୍ୟ ବ୍ୟବହାର କରାଗଲା । କେତେକଙ୍କ ମାନିବା ଏହି ପ୍ରସଙ୍ଗ ୟୁହୁଦୀ ଧର୍ମରେ ପୂର୍ଣ୍ଣ ଯୀଶୁଙ୍କର ଜୀବନ ଓ ସେବାକାର୍ଯ୍ୟ ଅଟେ ।

କ - କାନ୍ନାର ବିବାହ ଉତ୍ସବ - ୨:୧-୧୨
ଖ - ମନ୍ଦିରର ପବିତ୍ରୀକରଣ - ୨:୧୩-୨୨
ଗ - ଯିହୁଦୀମାନଙ୍କର ନେତା, ନୀକଦୀମଙ୍କ ସହିତ ବାର୍ତ୍ତାଳାପ - ୩:୧-୨୧
ଘ - ଯିହୁଦୀମାନଙ୍କ ଶୁଚିକରଣ ଓ ଯୀଶୁ ଏବଂ ବାପ୍ତିଜକ ଯୋହନଙ୍କ ବାପ୍ତିସ୍ମ - ୩:୨୨-୩୬

ଏହି ପ୍ରସଙ୍ଗରେ ଏହା ଜଣାପଡ଼େ କି ନାଜରୀତିୟ ଯୀଶୁଙ୍କ ଶ୍ରେଷ୍ଠତା ଅଧିକ ସାକ୍ଷ୍ୟ ଦେବା ନିମନ୍ତେ ଯୋହନଙ୍କୁ ଅଧିକ ଅବସର ମିଳିନାହିଁ ।

**୩:୨୬ "ଯାହାଙ୍କ ସପକ୍ଷରେ ଆପଣ ସାକ୍ଷ୍ୟ ଦେଇଛନ୍ତି ଦେଖନ୍ତୁ ସେ ବାପ୍ତିସ୍ମ ଦେଉଅଛନ୍ତି ଓ ସମସ୍ତେ ତାହାଙ୍କ ନିକଟକୁ ଯାଉଅଛନ୍ତି' ।**

ଶିଷ୍ୟମାନେ ଈଶ୍ୱରଙ୍କ ମେଷଶାବକ ବିଷୟରେ ଆରମ୍ଭରେ ଯୋହନ କହିଥବବା ସାକ୍ଷ୍ୟକୁ ସ୍ମରଣ କଲେ (୧:୧୯-୩୬) ଏବଂ ସୋମନେ ଯୀଶୁଙ୍କର ସଫଳତାରେ ଈର୍ଷା ହେଉଥିଲେ, ଯୀଶୁ ମଧ୍ୟ କୌଣସି ପ୍ରତିଯୋଗିତାର ଆତ୍ମାରେ ଅଭିମାନୀ ଥିଲେ (୪:୧) ।

**୩:୨୭ "ସ୍ୱର୍ଗରୁ ପ୍ରଦତ୍ତ ନ ହେଲେ ମନୁଷ୍ୟ କିଛି ପ୍ରାପ୍ତ କରିପାରେ ନାହିଁ" ।**

ଏହା ପୁରାପୁରି ସିଧାସଳକ ବିଷୟ କି ଆତ୍ମୀକ ବିଷୟରେ କୌଣସି ପ୍ରତିସ୍ପର୍ଦ୍ଧା ହୁଏ ନାହିଁ । ଯାହା କିଛି ବିଶ୍ୱାସୀମାନଙ୍କ ପାଖେ ଅଛି ସେ ସମସ୍ତ ଈଶ୍ୱରଙ୍କ ଅନୁଗ୍ରହରୁ ସେମାନଙ୍କୁ ଦିଆଗଲା । ଏଠାରେ "ଏହା" ଏବଂ "ତାହାଙ୍କ" ବିଷୟରେ ଅନେକ ବାଦବିବାଦ ରହିଅଛି ।

୧ - କେତେକ କହନ୍ତି "ତାହାଙ୍କ" ବିଶ୍ୱାସୀମାନଙ୍କୁ ଦର୍ଶାଏ ଏବଂ "ଏହା" ପରିତ୍ରାଣ ନିମନ୍ତେ ଯୀଶୁଙ୍କ ପାଖକୁ ଆସୁଥିବା ଲୋକଙ୍କ ଆଗମନକୁ ଦର୍ଶାଏ (ଈଶ୍ୱର ଆରମ୍ଭ କରନ୍ତି, ମନୁଷ୍ୟ କେବଳ ଉତ୍ତର ଦେଇଥାଏ ୬:୪୪, ୬୫)

୨ - ଅନ୍ୟମାନେ ମାନନ୍ତି କି "ତାହାଙ୍କ" ଯୀଶୁଙ୍କୁ ଦର୍ଶାଏ ଏବଂ "ଏହା" ବିଶ୍ୱାସୀମାନଙ୍କୁ ଦର୍ଶାଏ । (୬:୩୯; ୧୦:୨୯; ୧୭:୨, ୯, ୧୧, ୨୪) । ଏହି ଦୁଇ ତଥ୍ୟର ଭିନ୍ନତା କେବଳ ଶବ୍ଦ "ଦିଆଗଲା" ରେ ଅଛି ଅର୍ଥାତ୍ ପରିତ୍ରାଣ ବିଶ୍ୱାସୀକୁ ଦାନ ରୂପରେଦିଆଗଲା କିମ୍ବା ବିଶ୍ୱାସୀ ନିଜେ ଯୀଶୁଙ୍କ ନିମନ୍ତେ ପିତାଙ୍କ ଆଡୁ ଏକ ଦାନ ଅଟେ (୧୭:୨) ।

**୩:୨୮ "ମୁଁ ଯେ ଖ୍ରୀଷ୍ଟ ନୁହେଁ"** ବାପ୍ତିଜକ ଯୋହନ ଦୃଢ଼ ଭାବେ କହନ୍ତି, ବିଶେଷତଃ ଯେପରି ୧:୨୦ ସେ କହିଲେ କି ସେ ଖ୍ରୀଷ୍ଟ ନୁହଁନ୍ତି ମାତ୍ର ପଥ ପ୍ରସ୍ତୁତକାରୀ । ଏହାମଲାଖି ୩:୧; ୪:୫-୬ ଭବିଷ୍ୟ ବାଣୀଙ୍କୁ ପରୋକ୍ଷ ଭାବରେ ଉଲ୍ଲେଖ କରାଯାଇଛି, ଯିଶା. ୪୦ (ଯୋହନ ୧:୨୩) ସହିତ ମିଶ୍ରଣ କରି । ଦେଖନ୍ତୁ "ଖ୍ରୀଷ୍ଟ" ୧:୪୧ରେ ।

**୩:୨୯ "ଯେ କନ୍ୟା ଗ୍ରହଣ କରନ୍ତି, ସେ ବର"** ପୁରାତନ ନିୟମରେ ଅନେକ ବାକ୍ୟ ଈଶ୍ୱର ଏବଂ ଇସ୍ରାଏଲ ମଧ୍ୟର ବୈବାହିକ ଉପମା ସମ୍ବନ୍ଧକୁ ବର୍ଣ୍ଣନା କରନ୍ତି (ଯିଶା ୫୪:୫; ୬୨:୪,୫; ଯିରି ୨:୨; ୩:୨୦; ଯିହି ୧୬:୮; ୨୩:୪; ହୋଶେ. ୨:୨୧) । ପାଉଲ ମଧ୍ୟ ଏଫି ୫:୨୨ ଏହାର ପ୍ରୟୋଗ କରିଅଛନ୍ତି । ଏହି ପ୍ରତିଜ୍ଞା ସମ୍ବନ୍ଧରେ ଖ୍ରୀଷ୍ଟିୟାନ ବିବାହ ଏକ ସର୍ବୋତ୍ତମ ଉଦାହରଣ ଅଟେ ।

❒ **"ମୋହର ଏହି ଆନନ୍ଦ ପୂର୍ଣ୍ଣ ହୋଇଅଛି"**

ସର୍ବନାମ "ଆନନ୍ଦ" ଏବଂ କ୍ରିୟା "ହରଷ" ଏହି ବାକ୍ୟରେ ତିନିଥର ପ୍ରୟୋଗ କରାଯାଇଛି । ବିରୋଧର ଆତ୍ମାରେ ପୂର୍ଣ୍ଣ ହେବା ବଦଳରେ, ବାପ୍ତିଜକ ଯୋହନ ଆପଣା ସ୍ଥାନକୁ ବୁଝିପାରେ ଓ ଖ୍ରୀଷ୍ଟରେ ଆନନ୍ଦିତ ହେଲେ ।

**୩:୩୦ "ତାହାଙ୍କୁ ଅବଶ୍ୟ ବୃଦ୍ଧି ପାଇବାକୁ ହେବ, କିନ୍ତୁ ମୋତେ ହ୍ରାସ ହେବାକୁ ହେବ" ।**

ଶବ୍ଦ "ଅବଶ୍ୟ" (ଦେଇ) ଏଠାରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ୩:୧୪ ଏବଂ ୪:୪ରେ ପ୍ରୟୋଗ କରା ହୋଇସାରିଛି । ଏହା ବାପ୍ତିଜକ ଯୋହନଙ୍କ ଆପଣା ବିଷୟରେ ବୁଝିବାକୁ ପ୍ରଗଯ କରେ ଯେମିତି କି ସେ ଯୀଶୁଙ୍କର ମହାନ ସେବା ଏବଂ ପଥ ପ୍ରସ୍ତୁତ ନିମନ୍ତେ ପ୍ରେରିତ

> **ଏନଏଏସ୍ବି ବାକ୍ୟ ୩:୩୧-୩୬**
>
> **୩୧ ଯେ ଉର୍ଦ୍ଧ୍ୱରୁ ଆଗମନ କରନ୍ତି, ସେ ସମସ୍ତଙ୍କଠାରୁ ଶ୍ରେଷ୍ଠ, ଯେ ପୃଥିବୀରୁ ଉତ୍ପନ୍ନ, ସେ ପାର୍ଥିବ, ଆଉ ସେ ପାର୍ଥିବ କଥା କହେ; ଯେ ସ୍ୱର୍ଗରୁ ଆଗମନ କରନ୍ତି, ସେ ସମସ୍ତଙ୍କଠାରୁ ଶ୍ରେଷ୍ଠ । ୩୨ ସେ ଯାହା ଦେଖିଅଛନ୍ତି ଓ ଶୁଣିଅଛନ୍ତି ତାହା ସମ୍ବନ୍ଧରେ ସେ ସାକ୍ଷ୍ୟ ଦିଅନ୍ତି, କିନ୍ତୁ ତାହାଙ୍କର ସାକ୍ଷ୍ୟ କେହି ଗ୍ରହଣ କରେ ନାହିଁ । ୩୩ ଯେ ତାହାଙ୍କର ସାକ୍ଷ୍ୟ ଗ୍ରହଣ କରିଅଛି, ଈଶ୍ୱର ଯେ ସତ୍ୟ, ଏହା ସେ ମୁଦ୍ରାଙ୍କନ କରିଅଛି । ୩୪ କାରଣ ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ସେ ଈଶ୍ୱରଙ୍କର ବାକ୍ୟ କହନ୍ତି, ଯେଣୁ ସେ ପରିମିତ ଭାବରେ ଆତ୍ମା ପ୍ରଦାନ କରନ୍ତି ନାହିଁ । ୩୫ପିତା ପୁତ୍ରଙ୍କୁ ପ୍ରେମ କରନ୍ତି, ପୁଣି ସମସ୍ତ ବିଷୟ ତାହାଙ୍କ ହସ୍ତରେ ଅର୍ପଣ କରିଅଛନ୍ତି । ୩୬ ଯେ ପୁତ୍ରଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ ।**

**୩:୩୧-୩୬** ଏହି ବାକ୍ୟାଂଶ ବିଷୟରେ ଟିପପଣୀ କର୍ତ୍ତାଙ୍କ ମଧ୍ୟରେ ଅନେକ ଆଲୋଚନା ଚାଲେ ଯେମିତି

୧ - ବାପ୍ତିଜକ ଯୋହନ ଆପଣା କଥନକୁ ଜାରି ରଖନ୍ତି

୨ - ଯୀଶୁଙ୍କର ବାକ୍ୟ ( ୩:୧୧-୧୨)

୩ - ପ୍ରେରିତ ଯୋହନଙ୍କର ବାକ୍ୟ

ଏହି ବାକ୍ୟ ୩:୧୬-୨୧ର ମୁଖ୍ୟ ବିଷୟ ଆଡ଼କୁ ଆମ୍ଭମାନଙ୍କୁ ନେଇଯାଏ ।

**୩: ୩୧ "ଯେ ଉର୍ଦ୍ଧ୍ୱରୁ ଆଗମନ କରନ୍ତି''** ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କି ଖ୍ରୀଷ୍ଟଙ୍କ ପୂର୍ବ ସ୍ଥାୟୀତ୍ୱ ଏବଂ ଈଶ୍ୱରିୟତା (୩:୩୧) ଏବଂ ତାହାଙ୍କ ଶରୀର ଧାରଣ ଏବଂ ଈଶ୍ୱରଙ୍କଠାରୁ ପ୍ରାପ୍ତ ସେବା (୩:୩୪)କୁ କହିବା ନିମନ୍ତେ ଦୁଇ ପ୍ରକାର ଶିର୍ଷକର ପ୍ରୟୋଗ ହୋଇଛି, ଶବ୍ଦ "ଉର୍ଦ୍ଧ୍ୱରୁ" ସେହି ସମାନ ଶବ୍ଦ "ପୁନର୍ଜନ୍ମ" ଏବଂ "ଉର୍ଦ୍ଧ୍ୱରୁ ଜନ୍ମ" ନିମନ୍ତେ ବ୍ୟବହୃତ ହୋଇଛି (ପଦ ୩)ରେ । ଈଶ୍ୱରଙ୍କ ରାଜ୍ୟ ଏବଂ ମଣିଷର ସାଂସାରିକ ରାଜ୍ୟର ଏହି ଉର୍ଦ୍ଧ୍ୱ ଓ ନୀଚ ଦ୍ୱୈତବାଦ ଯୋହନ ରଚିତ ସୁସମାଚାରରେ ବର୍ଣ୍ଣିତ । ଏହା ମୃତସାଗର ହସ୍ତଲେଖାର ଦ୍ୱୈତବାଦ ଏବଂ ଅନ୍ତିମ ଶିକ୍ଷା ଦ୍ୱୈତବାଦଠାରୁ ଭିନ୍ନ ଅଟେ । ଏହା ନୋଷ୍ଟିକ ଦ୍ୱୈତବାଦ ଆତ୍ମା ଓ ବସ୍ତୁଠାରୁ ମଧ୍ୟ ଭିନ୍ନ ଅଟେ । ଯୋହନଙ୍କ ଅନୁସାରେ ସ୍ୱୟଂ ସୃଷ୍ଟି ଓ ମଣିଷ ଶରୀର ନିଜକୁ ନିଜେ ପାପ କିମ୍ବା ମନ୍ଦ ନୁହେଁ ।

❒ **"ସମସ୍ତଙ୍କଠାରୁ ........ ସମସ୍ତଙ୍କଠାରୁ ଶ୍ରେଷ୍ଠ"** ଏହି ବାକ୍ୟର ପ୍ରଥମ ଭାଗ ଯୀଶୁଙ୍କର ପୂର୍ବ ସ୍ଥାୟୀତ୍ୱ ଏବଂ ଈଶ୍ୱରିୟତା ଓ ସ୍ୱର୍ଗରୁ ଆସିବା ବିଷୟକୁ ଇଙ୍ଗିତ କରେ (୧:୧-୧୮; ୩:୧୧-୧୨) । ବାକ୍ୟର ଦ୍ୱିତୀୟ ଭାଗ କହେ କି ସେ ଈଶ୍ୱରଙ୍କ ସୃଷ୍ଟିରେ ସ୍ୱାମୀ । ଗ୍ରୀକ ଶବ୍ଦ "ସମସ୍ତ" ଯେ ପୁଲିଂଗ ବା ନପୁଂସକ ଶବ୍ଦ ଜାଣିବା ସହଜ ନୁହେଁ ପୁଣି ଏହା ମାନବ ଜାତି ବା ସମସ୍ତ ସୃଷ୍ଟି ନିମନ୍ତେ ପ୍ରୟୋଗ ହୋଇଛି ତାହା ମଧ୍ୟ ଜାଣିବା କଷ୍ଟ ଅଟେ । ଦ୍ୱିତୀୟରେ "ସମସ୍ତଙ୍କଠାରୁ" ଶବ୍ଦଟି ଗ୍ରୀକ୍ ପ୍ରସଙ୍ଗରେ ମିଳୁନାହିଁ । ୟୁଏସବି ଏହା ସମ୍ମିଳିତ ଉପରେ ନିଷ୍ପତ୍ତି ନେଇପାରେ ନାହିଁ, କିନ୍ତୁ ପ୍ରାସଙ୍ଗିକ ତ୍ରୁଟି ନିର୍ଦ୍ଦେଶକ ମନ୍ତବ୍ୟ ପୂର୍ବାନୁମାନ ଏହାର ସାମିଲ ଉପର ନଷ୍ପତ୍ତି ନେଇପାରେ ।

**ଏନ୍.ଏସ୍ବି - "ଯେ ପୃଥିବୀରୁ ଆସେ ସେ ପୃଥିବୀର ଏବଂ ସେ ପୃଥିବୀର ହିଁ କଥା କହେ ।"**
**ଏନ୍‌କେଜେଭି- "ଯେ ପଥିବୀରୁ ଉତ୍ପନ୍ନ, ସେ ପାର୍ଥିବ, ଆଉ ସେ ପାର୍ଥିବ କଥା କହେ ।"**
**ଏନ୍ଆରଏସଭି - "ଯେ ପୃଥିବୀରୁ ସେ ପୃଥିବୀରୁ ହିଁ ଅଟେ ଏବଂ ପୃଥିବୀର ହିଁ କଥା କହେ ।"**
**ଟିଇଭି - "ଯେ ପୃଥିବୀଠାରୁ ଆସିଅଛି, ସେ ପୃଥିବୀର ହିଁ ଅଟେ ଏବଂ ପୃଥିବୀ ବିଷୟରେ କହେ ।"**
**ଏନ୍‌ଜେବି - "ଯେ ପୃଥିବୀର ସେ ସ୍ୱୟଂ ସାଂସାରିକ, ଏବଂ ସାଂସାରିକ ଭାବେ କଥା କହେ ।"**

ଏହା ଯୋହନଙ୍କ ବିଷୟରେ ନାସ୍ତିସୂଚକ ବିବରଣ ନୁହେଁ । ଏଠାରେ ପୃଥିବୀ ନିମନ୍ତେ ଶବ୍ଦ (ଗେ - ୧୨:୩୨; ୧୭:୪; ୧ ରୋହନ ୫:୮ କିନ୍ତୁ ପ୍ରକାଶିତ ବାକ୍ୟରେ ୭୬ ଥର) "ଜଗତ" (କୋସମସ୍) ସାମନ ଶବ୍ଦ ନୁହେଁ, ଯାହା ଯୋହନଙ୍କ ଦ୍ୱାରା ଅନେକ ଥର ନାସ୍ତିସୂଚକ ଭାବେ ବ୍ୟବହୃତ

ହୋଇଅଛି, ଏହି ବାକ୍ୟର ପ୍ରୟୋଗ ଏଇଥିପାଇଁ ହୋଇଛି, ଯୀଶୁ ଯେଉଁ ବିଷୟକୁ ଜାଣନ୍ତି, ତାହା ସ୍ୱର୍ଗୀୟ ତାହାକୁ ସେ ଜାଣନ୍ତି ଏବଂ ମଣିଷ ଯେଉଁ ବିଷୟକୁ ଜାଣେ, ତାହା ପୃଥିବୀ, ତାହା ବିଷୟରେ ସେମାନେ କହନ୍ତି, ଏଣୁ ଯୀଶୁଙ୍କ ସାକ୍ଷ୍ୟ ଯେକୌଣସି ଶିକ୍ଷକ ବା ଭାବାବାଦୀଙ୍କଠାରୁ ଉତ୍କୃଷ୍ଟ ଅଟେ (ଏବ୍ରୀ ୧:୧-୪)

**୩:୩୨ ସେ ଯାହା ଦେଖିଅଛନ୍ତି ଓ ଶୁଣିଅଛନ୍ତି ତାହା ସମ୍ବନ୍ଧରେ ସେ ସାକ୍ଷ୍ୟ ଦିଅନ୍ତି"**

ଏହି ବାକ୍ୟରେ କ୍ରିୟାକାଳର କର୍ମ ରହିଛି (୧) "ଦେଖିଅଛନ୍ତି" ନିଶ୍ଚିତ କାଳ (୨) "ଶୁଣିଅଛନ୍ତି" ବୃହତ୍ କାଳ (୩) "ସାକ୍ଷ୍ୟ ଦିଅନ୍ତି" ବର୍ତ୍ତମାନ କାଳ । ଯୀଶୁ ଈଶ୍ୱରଙ୍କର ବାସ୍ତବିକ ପ୍ରକାଶ ଅଟନ୍ତି (୧ କରି ୮:୬; କଲ ୧:୧୩-୨୦; ଏବ୍ରି ୧:୨-୩) । ସେ ଏହାଙ୍କ ବିଷୟରେ କହନ୍ତି (୧) ପିତା ଈଶ୍ୱରଙ୍କ ସହିତ ତାହାଙ୍କ ବ୍ୟକ୍ତିଗତ ଅନୁଭୂତି (୨) ତାହାଙ୍କ ସ୍ୱୟଂ ଈଶ୍ୱରିୟତା ।

❐ **"କିନ୍ତୁ ତାହାଙ୍କର ସାକ୍ଷ୍ୟ କେହି ଗ୍ରହଣ କରେ ନାହିଁ ।"** ଏହା ଏକ ପ୍ରାଚ୍ୟଦେଶବାସୀ ଅତ୍ୟୁକ୍ତି ଅଟେ, କାରଣ ପଦ ୨୩-୨୬ ଇଙ୍ଗିତ କରେ କି ଅନେକ ତାହାଙ୍କ ପାଖକୁ ଆସୁଥିଲେ । ଏହି ବାକ୍ୟ ସମସ୍ତ ଯିହୁଦୀମାନଙ୍କୁ ଦର୍ଶାଏ (୩:୧୧) । ସେହି ସମୟର ସନ୍ଦର୍ଭ କୁ ହିଁ ନୁହେଁ ।

**୩: ୩୩ "ଯେ ତାହାଙ୍କର"** ଏହା ଈଶ୍ୱରଙ୍କ ବିଶ୍ୱସ୍ତର ମଣିଷ ମାନଙ୍କ ନିମନ୍ତେ ଅତୁଳନୀୟ ପ୍ରେମକୁ ଦର୍ଶାଏ । ଈଶ୍ବରଙ୍କ ସୁସମାଚାର ପ୍ରତି କୌଣସି ସୀମା ନାହିଁ, ଜଣକୁ ଆବଶ୍ୟକ କି ସେ ଅନୁତାପ କରି ବିଶ୍ୱାସ କରୁ (ମାର୍କ ୧:୧୫; ପ୍ରେରିତ ୨୦:୨୧) ମାତ୍ର ପ୍ରସ୍ତାବ ସମସ୍ତଙ୍କ ନିମନ୍ତେ (୧:୧୨; ୩:୧୬-୧୮; ଯିହି ୧୮:୨୩,୩୨; ଯୋହନ ୩:୧୬; ୪:୪୨; ୧ ତିମଥୀ ୨:୪;ତୀତସ ୨:୧୧; ୨ ପିତର ୩:୯; ୧ ଯୋହନ ୨:୧, ୪:୧୪)

❐ **"ସାକ୍ଷ୍ୟ ଗ୍ରହଣ କରିଅଛି"** ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଉପରେ ଭରସା ରଖିବା ଏକ ପ୍ରାଥମିକ ନିଷ୍ପତ୍ତି ହିଁ ନୁହେଁ, ମାତ୍ର ଏହା ଏକ ଆଜୀବନ ଶିଷ୍ୟତା ଅଟେ । ସ୍ୱୀକୃତିର ଏହି ଆବଶ୍ୟକତା ବିଷୟରେ ୧:୧୨ ଏବଂ ୩:୧୬-୧୮ରେ କୁହାଗଲା । ସାକ୍ଷ୍ୟକୁ ଗ୍ରହଣ କରିବା (ପଦ ୩୩) ଏବଂ ସେଥିରେ ନିରନ୍ତର ଚାଲିବା (ପଦ ୩୬) ମଧ୍ୟର ଦ୍ୱିବିଭାଜନକୁ ଦେଖନ୍ତୁ । ବିଶ୍ୱାସ ସଦୃଶ୍ୟ ନୂତନ ନିୟମରେ ସ୍ୱୀକୃତିର ମଧ୍ୟ ଦୁଇଟି ଅର୍ଥର ପ୍ରକାଶ ଅଛି (୧) ବ୍ୟକ୍ତିଗତ ଭାବେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଏବଂ ସେଥିରେ ଚାଲିବା । (୨) ସୁସମାଚାରରେ ପ୍ରାପ୍ତ ସତ୍ୟତା ଏବଂ ଶିକ୍ଷାକୁ ଗ୍ରହଣ କରିବା (ଯିହୁଦା ୩,୨୦)

❐ **ଏନ୍‌ଏସ୍.ବି. - "ତାହାଙ୍କର ମୁଦ୍ରାଙ୍କନ କରିଅଛନ୍ତି, କି ଈଶ୍ୱର ସତ୍ୟ ଅଟନ୍ତି"**
**ଏନ୍‌କେଜେଭି, ଏନ୍‌ଆରଏସ୍.ଭି. - "ମାନ୍ୟତା ପତ୍ର ଦିଆଗଲା ଯେ ଈଶ୍ୱର ସତ୍ୟ ଅଟନ୍ତି"**
**ଟିଇଭି - "ଏଥିରୁ ପ୍ରମାଣିତ ହୁଏ କି ଈଶ୍ୱର ସତ୍ୟ ଅଟନ୍ତି"**
**ଏନ୍‌ଜେବି - "ପ୍ରମାଣ ଦିଆଗଲା କି ଈଶ୍ୱର ସତ୍ୟ ଅଟନ୍ତି"**

ଯେତେବେଳେ ବିଶ୍ୱାସୀମାନେ ଈଶ୍ୱରଙ୍କ ଉପରେ ଭରସା ରଖନ୍ତି, ତାହା ଏହି ବିଷୟକୁ ଦର୍ଶାଏ କି ସ୍ୱୟଂ, ସଂସାର, ମଣିଷ ତଥା ତାହାଙ୍କ ପୁତ୍ରଙ୍କ ବିଷୟରେ ଈଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ (ରୋମୀୟ ୩:୪) । ଏହା ଯୋହନ ପୁସ୍ତକରେ ବାରମ୍ବାର ଆସୁଥିବା ମୁଖ୍ୟ ବିଷୟ ଅଟେ (୩:୩୩; ୭:୨୮; ୮:୨୬; ୧୭:୩; ୧ ଯୋହନ ୫:୨୦) । ଯୀଶୁ ସତ୍ୟ ଅଟନ୍ତି କାରଣ ସେ ଜଣେ ଯିଏ ସତ୍ୟ ଅଟନ୍ତି ତାହାଙ୍କୁ ପ୍ରଗଟ କରୁଅଛନ୍ତି (୩:୭, ୧୪; ୧୯:୧୧)

କ୍ରିୟା "ମୁଦ୍ରାଙ୍କନ" ନିମନ୍ତେ ବିଶେଷ ଶୀର୍ଷକୁ ଦେଖନ୍ତୁ।

**ବିଶେଷ ଶୀର୍ଷ : ମୁଦ୍ରାଙ୍କନ**

ମୁଦ୍ରାଙ୍କନ ପ୍ରାଚୀନ ସମୟର ଏକ ଦର୍ଶାଇବା ମାଧ୍ୟମ ହୋଇପାରେ ।

୧ - ସତ୍ୟ (ଯୋହନ ୩:୩୩)

୨ - ମାଲିକାନା (ଯୋହନ ୬:୨୭; ୨ ତିମଥୀ ୨:୧୯; ପ୍ରକାଶିତ ୭:୨-୩)

୩ - ନିରାପତ୍ତା କିମ୍ବା ସୁରକ୍ଷା (ଆଦି ୪:୧୫; ମାଥିଉ ୨୭:୬୬; ରୋମ୍ ୧୫:୨୮; ୨ କରି ୧:୨୨; ଏଫି ୧:୧୩; ୪:୩୦)

୪ - ଏହା ଈଶ୍ୱରଙ୍କ ପ୍ରତିଜ୍ଞାର ଦାନର ଏକ ବାସ୍ତବିକ ସଙ୍କେତ ମଧ୍ୟ ହୋଇପାରେ (ରୋମ ୪:୧୧ ଏବଂ ୧ କରି ୯:୨)

ଏହି ମୁଦ୍ରାଙ୍କନର ଉଦ୍ଦେଶ୍ୟ ହେଲା ଈଶ୍ୱରଙ୍କ ଲୋକମାନଙ୍କୁ ଚିହ୍ନିବା ଯାହା ଦ୍ୱାରା ଈଶ୍ୱରଙ୍କ କ୍ରୋଧ ଯେପରି ସେମାନଙ୍କ ଉପେର ନ ଆସେ, ସଇତାନର ମୁଦ୍ରାଙ୍କନ ତାହାର ଲୋକମାନଙ୍କୁ ଚିହ୍ନଟ କରେ, ଯେଉଁମାନେ ଈଶ୍ୱରଙ୍କ କ୍ରୋଧର ପାତ୍ର ଅଟନ୍ତି । ପ୍ରକାଶିତ ବାକ୍ୟରେ "ଦୁର୍ଦ୍ଦଶା" ସର୍ବଦା ଅବିଶ୍ୱାସୀମାନେ ଅବିଶ୍ୱାସୀମାନଙ୍କୁ ତାଡ଼ନା କରିବା, ଯେମନ୍ତ କ୍ରୋଧ (ଓର୍ଜେ କିମ୍ୱା ଥୁମୋସ) ସର୍ବଦା ଈଶ୍ୱରଙ୍କ ବିଚାର ଅବିଶ୍ୱାସୀମାନଙ୍କ ନିମନ୍ତେ ଯଦ୍ୱାରା ସେମାନେ ମନଫେରଣ କରି ଖ୍ରୀଷ୍ଟିୟ ବିଶ୍ୱାସକୁ ଆସିବେ । ବିଚାରର ଏହି ସୁନିଶ୍ଚିତ ଉଦ୍ଦେଶ୍ୟ ଦ୍ୱିତୀୟ ବିବରଣ ୨୭-୨୮ର ଅଭିଶାପ / ଆଶୀର୍ବାଦର ପ୍ରତିଜ୍ଞାରେ ଦେଖିପାରିବେ ।

ଶବ୍ଦ "ଜୀବନ୍ତ ଈଶ୍ୱର" ଗୋଟିଏ ଯିହୋବା ପଦର ଶବ୍ଦ (ଯାତ୍ରା ୩:୧୪; ଗୀତ ୪୨:୨; ୮୪:୨; ମାଥିଉ ୧୬:୧୬) । ଏହି ସମାନ ଶବ୍ଦ "ପ୍ରଭୁ ଯେ ଜୀବନ୍ତ" ବାକ୍ୟରେ ପ୍ରାୟ ଦେଖିବାକୁ ମିଳେ ।

**୩:୩୪ "କାରଣ ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ସେ ଈଶ୍ୱରଙ୍କ ବାକ୍ୟ କହନ୍ତି"**

ପଦ ୩୪ ଦୁଇଟି ସମାନ୍ତର ବିବରଣ ଅଛି ଯାହା କୁହାଯାଏ ଯୀଶୁଙ୍କର ଅଧିକାର ଈଶ୍ୱରଙ୍କଠାରୁ ଆସେ ।

୧ – ଈଶ୍ୱର ତାହାଙ୍କୁ ପ୍ରେରଣ କରିଅଛନ୍ତି

୨ – ତାହାଙ୍କ ପାଖେ ଆତ୍ମାଙ୍କ ପରିପୂର୍ଣ୍ଣତା ଅଛି

❒ **"ଯେଣୁ ସେ ପରିମିତ ଭାବରେ ଆତ୍ମା ପ୍ରଦାନ କରନ୍ତି ନାହିଁ"**

ଏହି ବିବରଣ ବାସ୍ତବରେ ଏକ ଅସତ୍ୟ ଆକୃତି, ମାତ୍ର ଇଂରେଜି ପାଠକ ନିମନ୍ତେ ନିର୍ଦ୍ଦିଷ୍ଟ ଆକୃତି ଅର୍ଥକୁ ଦଖଲ କରେ । ଆତ୍ମାଙ୍କ ପରିପୂର୍ଣ୍ଣତା ବିଷୟରେ ଦୁଇଟି ବିଚାର ଧାରା ଅଛି, କେତେକ ବିଶ୍ୱାସ କରନ୍ତି –

୧ –ଯୀଶୁ ବିଶ୍ୱାସୀମାନଙ୍କୁ ଆତ୍ମାଙ୍କ ପରିପୂର୍ଣ୍ଣତା ଦିଅନ୍ତି (୪:୧୦-୧୪; ୭:୩୭-୩୯)

୨ – ଆତ୍ମାଙ୍କ ପୂର୍ଣ୍ଣତା ଖ୍ରୀଷ୍ଟ ନିର୍ମିତ ଈଶ୍ୱରଙ୍କ ଦାନକୁ ଦର୍ଶାଏ (ପଦ ୩୫)

ରାବ୍‌ବୀ ମାନେ ଶବ୍ଦ "ମାପ" ଭାବବାଦିଙ୍କୁ ମିଳୁଥିବା ଈଶ୍ୱରୀୟ ପ୍ରେରଣା ନିମନ୍ତେ ପ୍ରୟୋଗ କରନ୍ତି । ରାବ୍‌ବୀମାନଙ୍କ କହିବାନୁସାରେ କୌଣସି ଭାବବାଦିଙ୍କ ପକ୍ଷେ ଆତ୍ମାଙ୍କ ମାପ ପୁରା ନ ଥିଲା । ଏଣୁ ଯୀଶୁ ସମସ୍ତ ଭାବବାଦିମାନଙ୍କଠାରୁ ଶ୍ରେଷ୍ଠ ଅଟନ୍ତି (ଏବ୍ରି ୧:୧-୨) ତେଣୁ ସେ ଈଶ୍ୱରଙ୍କ ପୂର୍ଣ୍ଣ ପ୍ରକାଶନ ଅଟନ୍ତି ।

୩:୩୫ "ପିତା ପୁତ୍ରଙ୍କୁ ପ୍ରେମ କରନ୍ତି" ଏହି ବାକ୍ୟକୁ ୫:୨୦ ଏବଂ ୧୭:୨୩-୨୬ରେ ପୁନରାବୃତ୍ତି କରାଗଲା । ଖ୍ରୀଷ୍ଟଙ୍କ ନିମିତ ଈଶ୍ୱରଙ୍କେ ପ୍ରମରେ ଈଶ୍ୱରଙ୍କ ସହିତ ବିଶ୍ୱାସୀମାନଙ୍କ ସଂପର୍କକୁ ପ୍ରକାଶ କରେ । (ଅତୁଳନୀୟ ପୁତ୍ର. ଏବ୍ରୀ ୧:୨; ୩:୫-୬, ୫:୮; ୭:୨୮)

ଏହି ପ୍ରସଙ୍ଗରେ ମଣିଷ କାହିଁକି ଯୀଶୁଙ୍କୁ ଖ୍ରୀଷ୍ଟଙ୍କ ରୂପେ ଭରସା କରେ, କେତେକ କାରଣ ନିମ୍ନଲିଖିତ ଅଟେ ।

୧. କାରଣ ସେ ଉର୍ଦ୍ଧ୍ୱରୁ ଆସିଅଛନ୍ତି ଏବଂ ସମସ୍ତଙ୍କଠାରୁ ଶ୍ରେଷ୍ଠ ଅଟନ୍ତି (ପଦ୩୧)

୨. କାରଣ ଉଦ୍ଧାରର କାର୍ଯ୍ୟ ନିମନ୍ତେ ତାହାଙ୍କୁ ଈଶ୍ୱର ପ୍ରେରଣ କରିଅଛନ୍ତି (ପଦ ୩୪)

୩. କାରଣ ଈଶ୍ୱର ତାହାଙ୍କୁ ନିରନ୍ତର ଆତ୍ମାଙ୍କ ପୂର୍ଣ୍ଣତା ଦେଉଥିଲେ (ପଦ ୩୪)

୪. କାରଣ ଈଶ୍ୱର ତାହାଙ୍କୁ ପ୍ରେମ କରନ୍ତି (ପଦ ୩୫)

୫. କାରଣ ଈଶ୍ୱର ସବୁକିଛି ତାହାଙ୍କ ହସ୍ତରେ ସମର୍ପଣ କରିଅଛନ୍ତି (ପଦ ୩୫)

ଗ୍ରୀକ୍ ଶବ୍ଦ "ପ୍ରେମ" ନିମନ୍ତେ ଅନେକ ଶବ୍ଦମାନ ରହିଛି ଯାହା ବିଭିନ୍ନ ମଣିଷର ସଂପର୍କକୁ ସଂକେତ କରେ । ଆଗାପଓ ଏବଂ ଫିଲିଓର ଆଂଶିକ ମିଳିତ ଭାବାର୍ଥ ଅଛି । ଉଭୟେ ପୁତ୍ରଙ୍କ ନିମନ୍ତେ ପିତାଙ୍କ ପ୍ରେମକୁ ବିବରଣ କରନ୍ତି

୧. ୩:୩୫; ୧୭:୨୩, ୨୪, ୨୬ – ଆଗାପାଓ

୨. ୫:୨୦ – ଫିଲେଓ

୨୧:୧୫-୧୭ରେ ପିତରଙ୍କ ସହିତ ଯୀଶୁଙ୍କର ବାର୍ତ୍ତାଳାପ ପ୍ରାସଙ୍ଗିକ ପାର୍ଥକ୍ୟ ଥିବା ଭଳି ଜଣାଯା, । ମନେରଖନ୍ତୁ ଅଭିଧାନ / ଶବ୍ଦକୋଷ ନୁହେଁ । ମାତ୍ର "ପ୍ରସଙ୍ଗ, ପ୍ରସଙ୍ଗ, ପ୍ରସଙ୍ଗ" ଶବ୍ଦର ଅର୍ଥକୁ ନିର୍ଣ୍ଣୟ କରେ ।

❒ **"ପୁଣି ସମସ୍ତ ବିଷୟ ତାହାଙ୍କ ହସ୍ତରେ ଅର୍ପଣ କରିଅଛନ୍ତି"**

ଅନ୍ୟଙ୍କ ଉପରେ ଶକ୍ତି କିମ୍ବା ଅଧିକାର ନିମନ୍ତେ ଏହା ଏକ ଏବ୍ରୀ ବାକ୍ୟାଂଶ (୧୦:୨୮; ୧୩:୩; ପ୍ରେରିତ ୪:୨୮; ୧୩:୧୧)

ଏହା ଏକ ଅତ୍ୟଧିକ ମନୋରମ ଏବଂ ଏକ ସମାନ ଅନେକ ବାକ୍ୟାଂଶ ଅଟେ (୧୩:୩; ୧୭:୨; ମାଥିଉ ୧୧:୨୭; ୨୮:୧୮; ଏଫି ୫:୨୦-୨୨; କଲ ୨:୧୦; ୧ ପିତ ୩:୨୨)

୩:୩୬ **ଏନ୍,ଏସ୍‌ବି – "ଯିଏ ପୁତ୍ରଙ୍କ ଉପରେ ବିଶ୍ୱାସ କରେ, ଅନନ୍ତ ଜୀବନ ତାହାର ଅଟେ; ମାତ୍ର ଯିଏ ପୁତ୍ରଙ୍କ ଅମାନ୍ୟ କରେ ସେ ଜୀବନ ଦେଖିବ ନାହିଁ ।''**

**ଏନ୍‌କେଜେଭି – "ଯିଏ ପୁତ୍ରଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି ଏବଂ ଯିଏ ପୁତ୍ରଙ୍କୁ ବିଶ୍ୱାସ କରେ ନାହିଁ, ସେ ଜୀବନ ଦେଖିବ ନାହିଁ ।"**

**ଏନ୍‌ଆରଏସଭି – "ଯେ ପୁତ୍ରଙ୍କଠାରେ ବିଶ୍ୱାସ କରେ ଅନନ୍ତ ଜୀବନ ପ୍ରାପ୍ତ ହେବ, ଯେ କେହି ପୁତ୍ରଙ୍କୁ ଅମାନ୍ୟ କରେ ଜୀବନ ଦେଖିବ ନାହିଁ ।"**

**ଟିଇଭି – "ଯେ କେହି ପୁତ୍ରଙ୍କୁ ବିଶ୍ୱାସ କରେ ଜୀବନ ପ୍ରାପ୍ତ ହେବ, ଯେ କେହି ପୁତ୍ରଙ୍କୁ ଅମାନ୍ୟ କରେ ଜୀବନ ପ୍ରାପ୍ତ କରିବ ନାହିଁ ।''**

**ଏନ୍‌ଜେବି – "ଯିଏ ପୁତ୍ରଙ୍କୁ ବିଶ୍ୱାସ କରେ ଜୀବନ ପ୍ରାପ୍ତ ହେବ, ମାତ୍ର ଯିଏ ପୁତ୍ରଙ୍କୁ ବିଶ୍ୱାସ କରିବାରେ ମନା କରେ, କଦାପି ଜୀବନ ଦେଖିବ ନାହିଁ ।"**

ସମସ୍ତ ମୌଖିକ ବର୍ତ୍ତମାନ ସକ୍ରିୟ ଅଟେ ଯାହା ଚାଲୁଥିବା କ୍ରିୟାକୁ କହନ୍ତି । ବିଶ୍ୱାସ ଗୋଟିଏ ଥରର ନିଷ୍ପତ୍ତିଠାରୁ ଅତି ଅଧିକ ଅଟେ ଯାହା ବି ହେଉ ଯିଏ ଯେତେ ମଧ ଆବେଗ ଏବଂ ସଙ୍କୋଚ ହୁଅନ୍ତୁ ନା କାହିଁକି (ମାଥିଉ ୧୩:୨୦) । ଏହା ପ୍ରମାଣ କରେ କି ଜଣେ ଯୀଶୁଙ୍କୁ ନ ଜାଣିଲେ ସେ ପିତାଙ୍କୁ ଜାଣି ପାରିବ ନାହିଁ (ଯୋହନ ୧୨:୪୪-୫୦ ଏବଂ ୧ ଯୋହନ ୫:୧୦) । ଉଦ୍ଧାର କେବଳ ପୁତ୍ର ଯୀଶୁଙ୍କ ସହିତ ନିରନ୍ତର ସମ୍ବନ୍ଧରୁ ହିଁ ଆସିଥାଏ (୧୦:୧-୧୮; ୧୪:୬)

ବର୍ତ୍ତମାନ କାଳ କେବଳ ଚାଲୁଥିବା କ୍ରିୟାକୁ ହିଁ କହି ନ ଥାଏ ମାତ୍ର ଉଧାରର ବର୍ତ୍ତମାନ ବାସ୍ତବିକତାକୁ କହେ । ଏହା ବିଶ୍ୱାସୀମାନଙ୍କ ସହିତ କିଛି ଥିବା ଭଳି ଦେଖାଯାଏ, କିନ୍ତୁ ସଂପୂର୍ଣ୍ଣ ଭାବେ ପ୍ରାପ୍ତ ନୁହେଁ  ଏହା ଦୁଇ ଯୁଗର "ହୋଇସାରିଛି" ବନାମ "ବାକିଅଛି"ର ଦ୍ୱୈତବାଦ (ଦେଖନ୍ତୁ ବିଶେଷ ଶୀର୍ଷ : ଏହି ଯୁଗ ଏବଂ ଆସନ୍ତା ଯୁଗ, ୧ ଯୋହନ ୨:୧୭)

ଦେଖନ୍ତୁ - ୯:୬ରେ ଉଦ୍ଧାର ନିମନ୍ତେ ବ୍ୟବହୃତ କ୍ରିୟାକାଳ ।

ଏହି ବାକ୍ୟରେ "ବିଶ୍ୱାସ" ଏବଂ "ପାଳନ କରିବା"ର ପାର୍ଥକ୍ୟ ଦେଖାଯାଏ । ସୁସମାଚାର କେବଳ ଜଣେ ବ୍ୟକ୍ତି ହିଁ ନୁହେଁ ଯାହାଙ୍କୁ ଆମେ ଗ୍ରହଣ କରୁଛୁ ଏବଂ ଯାହାଙ୍କୁ ଆମେ ଆପଣାଉଛୁ, କିନ୍ତୁ ଏହା ଗୋଟିଏ ଜୀବନ ମଧ ଅଟେ ଯେଉଁଥିରେ ଆମେ ବଞ୍ଚୁଅଛୁ । ଲୂକ *୬:୪୬*, ଏଫି ୨:୮-୧୦

❒ **"କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହେଶଇ ରହିଥାଏ"**

ଯୋହନଙ୍କ ଲେଖାରେ ଏହା ପ୍ରଥମ ଥର (ପ୍ରକାଶିତ ବାକ୍ୟରେ ୫ ଥର)  ଶବ୍ଦ "କ୍ରୋଧ" (ଓର୍‌ଗେ)ର ପ୍ରୟୋଗ ହୋଇଅଛି । ଏହି ଧାରଣା ସାଧାରର ଏବଂ "ଦଣ୍ଡ" ସହିତ ଜଡ଼ିତ ଅଟେ । 'ବିଶ୍ୱାସ' , "ମାନିବା" ଏବଂ "ଦଣ୍ଡ" ଭବିଷ୍ୟତ ପୂର୍ଣ୍ଣ ହେବା ବାସ୍ତବିକତା ଅଟେ । ଏହା ଈଶ୍ୱରଙ୍କ ରାଜ୍ୟର "ହଁ" ମାତ୍ର "ଏବେ ନୁହେଁ" ତନାବ ଅଟେ । ଈଶ୍ୱରଙ୍କ କ୍ରୋଧ ପୂର୍ଣ୍ଣ ବାଇବଲିୟ ଆଲୋଚନା ନିମନ୍ତେ ପଢ଼ନ୍ତୁ, ରୋମ ୧:୧୮-୩:୨:୨୦

**ଆଲୋଚନା ପ୍ରଶ୍ନମାଳା**

ଏହା ଏକ ଅଧ୍ୟୟନ ସହାୟକ ଟୀକା । ଯାହାର ଅର୍ଥ କି ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଉତ୍ତରଦାୟୀ । ଆମ୍ଭେ ସମସ୍ତଙ୍କୁ ସେହି ଜ୍ୟୋତିରେ ଚାଲିବାକୁ ହେବ, ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରଶଥମିକ ଅଟନ୍ତି । ଆପଣ ଏହାକୁ ଟିପ୍‌ପଣୀ କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ଏହି ପ୍ରଶ୍ନ ଆଲୋଚନା ନିମନ୍ତେ ଏଥିଯୋଗୁଁ ଦିଆଗଲା କି ଆପଣ ଏହି ଅଂଶର ମୁଖ୍ୟ ବିଷୟ ଉପରେ ଭାବି ପାରନ୍ତି । ଏହି ଚିନ୍ତାକୁ ଜାଗ୍ରତ କରିବା ନିମନ୍ତେ, ସଂଜ୍ଞା ପ୍ରସ୍ତୁତ କରିବା ନିମନ୍ତେ ନୁହେଁ ।

୧ - କିପରି ଯୀଶୁଙ୍କର ପ୍ରାରମ୍ଭିକ ସଂଦେଶ ବାପ୍ତିଜକ ଯୋହନଙ୍କ ସାଦୃଶ୍ୟ ଥିଲା ?

୨ - କଣ ଏହି ବାପ୍ତିସ୍ମ ଖ୍ରୀଷ୍ଟିଆନ ବାପ୍ତିସ୍ମ ସହ ସମାନ ଅଟେ ?

୩ - ଯୋହନ ରଚିତ ସୁସମାଚାରରେ ଆରମ୍ଭରେ ବାପ୍ତିଜକ ଯୋହନଙ୍କ ଶବ୍ଦକୁ ଏତେ ଗୁରୁତ୍ୱପୂର୍ଣ୍ଣ  କାହିଁକି ଦିଆଗଲା ?

୪. ବାପ୍ତିଜକ ଯୋହନ ଏବଂ ଯୀଶୁଙ୍କ ମଧ୍ୟର ସମ୍ବନ୍ଧ କହିବାକୁ ପ୍ରୟୋଗ କରାଯାଇଥିବା ପାର୍ଥକ୍ୟ ଏବଂ ତାର ଗଣତି କେତେ ?

୫. ପଦ ୩୩ର "ସ୍ୱୀକୃତି" ପଦ ୩୬ ସହିତ କେଉଁ ପ୍ରକାରେ ସମ୍ବନ୍ଧିତ ?  ଏହି ବାଦବିବାଦରେ ଶବ୍ଦ "ଆଜ୍ଞା ନ ମାନିବା"ର କ'ଣ ସମ୍ବନ୍ଧ ଅଟେ ?

୬ - ଲୋକେ କାହିଁକିଁ ନାଜରୀତିୟ ଯୀଶୁଙ୍କୁ ଉଦ୍ଧାରକର୍ତ୍ତା ରୂପେ ଭରସା କରିବେ ? କାରଣର ସୂଚି ନିର୍ମାଣ କରନ୍ତୁ (ପଦ ୩୧-୩୬) ?

୭ - ପଦ ୩୬ର ଶବ୍ଦ "କ୍ରୋଧ" କାହିଁକି ବର୍ତ୍ତମାନ କାଳ କ୍ରିୟା ଅଟେ ?

| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଯୀଶୁ ଏବଂ | ଜଣେ ଶମୀରୋଣୀୟା ସ୍ତ୍ରୀ | ଯୀଶୁ ଏବଂ | ଯୀଶୁ ଏବଂ | ଶମୀରୋଣୀୟମାନଙ୍କ |
| ଶମୀରୋଣୀୟା ସ୍ତ୍ରୀ | ତାହାର ଖ୍ରୀଷ୍ଟଙ୍କୁ ଭେଟିବା | ଶମୀରୋଣୀୟା | ଶମୀରୋଣୀୟା | ମଧ୍ୟରେ ଯୀଶୁ |
| ୪:୧-୬ | ୪:୧-୨୬ | ୪:୧-୬ | ୪:୧-୪ | ୪:୧-୧୦ |
| | | | ୪:୫-୬ | |
| ୪:୭-୧୫ | | ୪:୭-୧୫ | ୪:୭-୮ | |
| | | | ୪:୯ | |
| | | | ୪:୧୦ | |
| | | | ୪:୧୧-୧୨ | ୪:୧୧-୧୪ |
| | | | ୪:୧୩-୧୪ | |
| | | | ୪:୧୫ | ୪:୧୫-୨୪ |
| ୪:୧୬-୨୬ | | ୪:୧୬-୨୪ | ୪:୧୬ | |
| | | | ୪:୧୭କ | |
| | | | ୪:୧୭ଖ-୧୮ | |
| | | | ୪:୧୯-୨୦ | |
| | | | ୪:୨୧-୨୪ | |
| | | | ୪:୨୫ | ୪:୨୫-୨୬ |
| | ପରିଷ୍କୃତ ଫସଲ | | ୪:୨୬ | |
| ୪:୨୭-୩୦ | ୪:୨୭-୩୮ | ୪:୨୭-୩୦ | ୪:୨୭ | ୪:୨୭-୩୦ |
| | | | ୪:୨୮-୩୦ | |
| ୪:୩୧-୩୮ | | ୪:୩୧-୩୮ | ୪:୩୧ | ୪:୩୧-୩୮ |
| | | | ୪:୩୨ | |
| | | | ୪:୩୩ | |
| | ଜଗତର ଉଦ୍ଧାରକର୍ତ୍ତା | | ୪:୩୪-୩୮ | |
| ୪:୩୯-୪୨ | ୪:୩୯-୪୨ | ୪:୩୯-୪୨ | ୪:୩୯-୪୦ | ୪:୩୯-୪୨ |
| ରାଜକର୍ମଚାରୀଙ୍କ | ଗାଲିଲୀରେ ସ୍ୱାଗତ | ଯୀଶୁ ଏବଂ | | ଯୀଶୁ ରାଜକର୍ମଚାରୀଙ୍କ |
| ଗାଲିଲୀରେ ଯୀଶୁ | | | | |
| ପୁତ୍ରଙ୍କ ସୁସ୍ଥତା | | ବିଜାତିମାନେ | ପୁତ୍ରକୁ ସୁସ୍ଥ କଲେ | |
| ୪:୪୩-୪୫ | ୪:୪୩-୪୫ | ୪:୪୩-୪୫ | ୪:୪୩-୪୫ | ୪:୪୩-୪୫ |
| | ରାଜକର୍ମଚାରୀଙ୍କ | | | ରାଜକର୍ମଚାରୀଙ୍କ |
| | ପୁତ୍ରଙ୍କ ସୁସ୍ଥତା | | | ପୁତ୍ରଙ୍କ ସୁସ୍ଥତା |
| ୪:୪୬-୫୪ | ୪:୪୬-୫୪ | ୪:୪୬-୫୪ | ୪:୪୬-୪୮ | ୪:୪୬-୫୩ |
| | | | ୪:୪୯ | |
| | | | ୪:୫୦-୫୧ | |
| | | | ୪:୫୨-୫୩ | |
| | | | ୪:୫୪ | ୪:୫୪ |

## ଅଧ୍ୟୟନ ଚକ୍ର ତିନି

ଏହା ଅଧ୍ୟୟନ ନିମନ୍ତେ ଏକ ମାର୍ଗଦର୍ଶକ ଟୀକା ଅଟେ । ଯାହାର ଅର୍ଥ ବାଇବଲର ଅନୁବାଦରେ ଆପଣ ସ୍ୱୟଂ ଉତ୍ତରଦାୟୀ ଅଟନ୍ତି । ଆମ୍ଭେମାନେ ସମସ୍ତେ ସେହି ଜ୍ୟୋତିରେ ଚାଲିବା ଆବଶ୍ୟକ ଅଟେ ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ମୁଖ୍ୟ ଅଟନ୍ତି । ଆପଣ ଏହାକୁ ଟିପ୍‌ପଣୀ କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ବାଇବଲର ପୁରା ପୁସ୍ତକକୁ ଏକାଥରେ ପଢ଼ନ୍ତୁ । ବିଷୟକୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ବିଚ୍ଛେଦକୁ ପାଞ୍ଚଟି ଆଧୁନିକ ଅନୁବାଦ ସହିତ ତୁଳନା କରନ୍ତୁ । ଅନୁଚ୍ଛେଦଟି  ପ୍ରେରଣା ପାଇ ନାହିଁ, କିନ୍ତୁ ଏହା ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବାରେ ସହାୟକ ଅଟେ, ଯାହାକି ଅନୁବାଦର ହୃଦୟ ଅଟେ, ପ୍ରତ୍ୟେକ ଅନୁଚ୍ଛେଦର କେବଳ ଗୋଟିଏ ଅର୍ଥ ହୋଇଥାଏ ।

୧ - ପ୍ରଥମ ଅନୁଚ୍ଛେଦ

୨ - ଦ୍ୱିତୀୟ ଅନୁଚ୍ଛେଦ

୩ - ତୃତୀୟ ଅନୁଚ୍ଛେଦ

୪ - ଇତ୍ୟାଦି

**ପଦ ୧-୫୪ର ପ୍ରାସଙ୍ଗିକ ଦୃଷ୍ଟିକୋଣ**

କ. ଅଧ୍ୟାୟ ୩ ଏବଂ ୪ରେ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଢାଞ୍ଚା ଅଟେ ।

୧. ଶ୍ରୀମାନ ଧାର୍ମିକ (ନୀକଦୀମ) ବନାମ କୁମାରୀ ପ୍ରତ୍ୟାଖ୍ୟାତ (କୁଅଁ ନିକଟର ସ୍ତ୍ରୀ)

୨. ଯୀରୁଶାଲମ - କେନ୍ଦ୍ରିତ ଯିହୁଦୀ ଧର୍ମ (ପରଂପରାଗତ) ବନାମ ଶମୀରଣୀୟ

ଯିହୁଦୀ ଧର୍ମ (ବିଧର୍ମୀ)

ଖ. ଯୀଶୁଙ୍କର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟର ସତ୍ୟତାର ବିକାଶ

୧. କୁଅଁ ନିକଟସ୍ଥ ସ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ (ପଦ ୧-୨୬)

୨. ଶିଷ୍ୟଙ୍କ ସହିତ ବାର୍ତ୍ତାଳାପ (ପଦ ୨୭:୩୮)

୩. ଗାଁ ଲୋକଙ୍କର ସାକ୍ଷ୍ୟ (ପଦ ୩୯-୪୨)

୪. ଗାଲିଲୀମାନଙ୍କ ଦ୍ୱାରା ସ୍ୱାଗତ (ପଦ ୪୩-୪୫)

୫. ଲକ୍ଷଣ /ଆଶ୍ଚର୍ଯ୍ୟକର୍ମ, ରୋଗ ଉପରେ ଯୀଶୁଙ୍କର ସାମର୍ଥ୍ୟ (ପଦ ୪୬-୫୪)

**ଶବ୍ଦ ଏବଂ ବାକ୍ୟାଂଶ ଅଧ୍ୟୟନ**

**ଏନ୍.ଏ.ଏସ୍.ବି. ବାକ୍ୟ : ୪ : ୧- ୬**

**୧ -ଯୀଶୁ ଯେ ଯୋହନଙ୍କ ଅପେକ୍ଷା ଅଧିକ ଶିଷ୍ୟ କରୁଅଛନ୍ତି ଓ ବାପ୍ତିସ୍ମ ଦେଉଅଛନ୍ତି ୨ - ଯଦ୍ୟପି ଯୀଶୁ ଆପେ ବାପ୍ତିସ୍ମ ଦେଉ ନ ଥିଲେ, ମାତ୍ର ତାହାଙ୍କର ଶିଷ୍ୟମାନେ ଦେଉଥିଲେ, ଫାରୁଶୀମାନେ ଶୁଣୁଅଛନ୍ତି ବୋଲି ଯେତେବେଳେ ପ୍ରଭୁ ଜାଣିଲେ, ୩ ସେତେବେଳେ ସେ ଯିହୁଦା ପ୍ରଦେଶ ପରିତ୍ୟାଗ କରି ପୁନର୍ବାର ଗାଲିଲୀକି ପ୍ରସ୍ଥାନ କଲେ । ୪ କିନ୍ତୁ ଶମିରଣ ମଧ ଦେଇ ତାହାଙ୍କୁ ଯିବାକୁ ପଡ଼ିଲା । ୫ ତେଣୁ ସେ ଯାଇ ଯାକୁବ ଆପଣା ପୁତ୍ର ଯୋସେଫଙ୍କୁ ଯେଉଁ ଭୂମିଖଣ୍ଡିକ ଦାନ କରିଥିଲେ, ସେଥିର ନିକଟବର୍ତ୍ତୀ ସୁଖାର ନାମକ ଶମିରୋଣର ଗୋଟିଏ ନଗରରେ ପହଞ୍ଚିଲେ; ୬ ସେହି ସ୍ଥାନରେ ଯାକୁବଙ୍କ କୂପ ଥିଲା । ଅତଏବ, ଯୀଶୁ ପରିଶ୍ରାନ୍ତ ହୋଇଥିବାରୁ ସେହି କୂପ ନିକଟରେ ବସିପଡ଼ିଲେ । ସେତେବେଳେ ସନ୍ଧ୍ୟା ପ୍ରାୟ ଛଅ ଘଣ୍ଟା ହୋଇଥିଲା ।**

**୪:୧ "ପ୍ରଭୁ"** ଅନେକ ବର୍ଷ ପରେ ଯୋହନ ସେହି ଘଟଣାକୁ ସ୍ମରଣ କରୁଅଛନ୍ତି (ଆତ୍ମାଙ୍କ ସାହାଯ୍ୟରେ) । ଗୋଟିଏ ବାକ୍ୟରେ ଗୋଟିଏ ବ୍ୟକ୍ତିଙ୍କୁ "ପ୍ରଭୁ" ଏବଂ "ଯୀଶୁ" ବୋଲି ଡାକୁଅଛନ୍ତି ।

ଅନେକ ଗ୍ରୀକ୍ ହସ୍ତଲେଖାରେ ପଦ ୧ରେ "ଯୀଶୁ" ଶବ୍ଦ ଦୁଇଥର ଆସୁଛି କିନ୍ତୁ ଏମ୍,ସଏସପି ୬୬, ୭୫ରେ ପ୍ରଭୁ ଅଛି

❒ **"ଫାରୁଶୀମାନେ"** ଦେଖନ୍ତୁ ବିଶେଷ ଶୀର୍ଷ ୧:୨୪ରେ ।

❒ **"ଯୀଶୁ ଯେ ଯୋହନଙ୍କ ଅପେକ୍ଷା ଅଧିକ ଶିଷ୍ୟ କରୁଅଛନ୍ତି ଓ ବାପ୍ତିସ୍ମ ଦେଉଅଛନ୍ତି"** ଯୀଶୁଙ୍କର ଶିଷ୍ୟମାନେ ଏବଂ ବାପ୍ତିଜକ ଯୋହନଙ୍କ ଶିଷ୍ୟମାନଙ୍କ ତନାବ ହେତୁ ଯୀଶୁ ସେହି ସ୍ଥାନକୁ ପରିତ୍ୟାଗ କଲେ । ସମାନ୍ତର ସୁସମାଚାର ଉଲ୍ଲେଖ କରେ କି ହେରୋଦ ଆନ୍ତିପସ ବାପ୍ତିଜକ ଯୋହନଙ୍କୁ ଗିରଫ କଲେ ବୋଲି ଯୀଶୁ ସେହି ସ୍ଥାନକୁ ପରିତ୍ୟାଗ କଲେ (ମାଥିଉ. ୪:୨ "ଯୀଶୁ ଆପେ ବାପ୍ତିସ୍ମ ଦେଉ ନ ଥିଲେ" ବାପ୍ତିସ୍ମ ନିମନ୍ତେ ଏହା ଅପମାନଜନକ ବିଷୟ ନୁହେଁ କିନ୍ତୁ ମଣିଷର ସ୍ୱୟଂ କେନ୍ଦ୍ରିତ ସ୍ୱଭାବର ପରିଚୟ ଅଟେ (ମାଥିଉ ୨୮:୧୯; ପ୍ରେରିତ ୨:୩୮; ୮:୧୨; ୧୬:୩୩, ୧୨:୧୬); ("ମୁଁ ଯୀଶୁଙ୍କ ଦ୍ୱାରା ବାପ୍ତିସ୍ମ ପାଇଛି" କିମ୍ବା ପାଉଲଙ୍କ ଦ୍ୱାରା, ୧ କରି ୧:୧୭) । ଯୀଶୁ ଆପଣାର ସେବାର ଆରମ୍ଭରେ ବାପ୍ତିସ୍ମ ଦେଉଥିଲେ (୩:୨୨) କିନ୍ତୁ ପରେ ଛାଡ଼ି ଦେଲେ

୪:୩ "ସେତେବେଳେ ସେ ଯିହୁଦା ପ୍ରଦେଶ ପରିତ୍ୟାଗ କରି ପୁନର୍ବାର ଗାଲିଲୀକି ପ୍ରସ୍ଥାନ କଲେ" ଏହା ଯୀଶୁଙ୍କର ଭୌଗୋଳିକ ଭ୍ରମଣକୁ ଦର୍ଶାଉଥିବା କଥନ ଅଟେ ।

୪:୪ "ଶମିରଣ ମଧ୍ୟ ଦେଇ ତାହାଙ୍କୁ ଯିବାକୁ ପଡ଼ିଲା" - "ପଡ଼ିଲା" ନିମନ୍ତେ ଗ୍ରୀକ୍ କ୍ରିୟା "ଦେଇ" ର ବ୍ୟବହାର ହୋଇଛି । ଯାହା ପ୍ରସଙ୍ଗରେ ଅନେକଥର ବ୍ୟବହୃତ ହୋଇଛି (୩:୭, ୧୪,୩୦) । ସାଧାରଣତଃ ଏହା "ନିଶ୍ଚୟ" କିମ୍ବା"ଆବଶ୍ୟକ" ଭାବେ ଅନୁବାଦ କରାଗଲା । ଏହି ମାର୍ଗ ନିମନ୍ତେ ଯୀଶୁଙ୍କ ପାଖେ ଏକ ଯୋଜନା ଅଛି । ଏହା ସଂକ୍ଷିପ୍ତ ମାର୍ଗ; ଯୋସେଫଙ୍କ କହିବାନୁସାରେ ଗାଲିଲୀର ଯିହୁଦିମାନେ ଏହି ମାର୍ଗର ବ୍ୟବହାର କରୁଥିଲେ । ଏକଥା ସତଯେ, ଯିହୁଦାର ଯିହୁଦିମାନେ ଶମିରଣକୁ ମିଶ୍ରିତ ଜାତି କହି ଘୃଣା କରୁଥିଲେ । ଏଣୁ ସେମାନେ ତାହାଙ୍କ ଜମି ଦେଇ ଚାଲୁ ନ ଥିଲେ ।

**ବିଶେଷ ଶୀର୍ଷ : ଜାତିବାଦ**

I. ପ୍ରସ୍ତାବନା :

କ - ଏହା ପତିତ ମାନବ ଜାତିର ଆପଣା ସମାଜରେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ଅଟେ । ଏହା ମାନବ ଜାତିର ଅହଂକାର ଅଟେ, ଅନ୍ୟଙ୍କ ପଛରେ ଲୁଚି ଆପଣାକୁ ସାହାଯ୍ୟ କରିବା । ଅନେକ ରୂପରେ ଜାତିବାଦ ଗୋଟିଏ ନୂତନ ବିଚାର ଅଟେ, ମାତ୍ର ରାଷ୍ଟ୍ରବାଦ ଗୋଟିଏ ପ୍ରାଚୀନତମ ବିଚାର ଅଟେ ।

ଖ - ରାଷ୍ଟ୍ରବାଦ ବାବିଲରୁ ଆରମ୍ଭ ହେଲା (ଆଦି ୧୧) ଏବଂ ଯାହାକି ବାସ୍ତବିକ ଭାବେ ନୋହଙ୍କ ପୁତ୍ରଙ୍କଠାରୁ ସଂପର୍କିତ ଅଟେ, ଯେଉଁଠାରୁ ଜାତିର ଆରମ୍ଭ ହେଲା (ଆଦି ୧୦) । କିନ୍ତୁ ବାକ୍ୟ ଦ୍ୱାରା ଏହା ଅତି ସ୍ପଷ୍ଟ କି ମାନବଜାତିର କେବଳ ଗୋଟିଏ ସ୍ରୋତ ଅଟେ (ଆଦି ୧-୩; ପ୍ରେରିତ ୧୭:୨୪-୨୬)

ଗ - ଜାତିବାଦ ଅନେକ ଭେଦଭାବରୁ ଗୋଟିଏ ଅଟେ । ଆହୁରି କେତେକ ହେଲା - (୧) ଶିକ୍ଷାରେ ଭେଦଭାବ; (୨) ସାମାଜିକ - ଆର୍ଥିକ ଭଦେଭାବ; (୩) ସ୍ୱଧର୍ମୀ ଧାର୍ମିକ ଆଇନ; ଏବଂ (୪) ସୈଦ୍ଧାନ୍ତିକ ରାଜନୀତିକ ଶୋଷଣ ।

II. ବାଇବଲିୟ ସାମଗ୍ରୀ

କ. ପୁରାତନ ନିୟମ

୧ - ଆଦି ୧:୨୭ - ଈଶ୍ୱର ମଣିଷକୁ ନର ଓ ନାରୀ ରୂପରେ ଆପଣା ହିଁ ପ୍ରତିମୂର୍ତ୍ତିରେ ନିର୍ମାଣ କଲେ, ଯାହା ତାହାଙ୍କୁ ଅଦ୍ୱିତୀୟ କରେ । ଏହା ସେମାନଙ୍କର ବ୍ୟକ୍ତିଗତ ମୂଲ୍ୟ ଏବଂ ସ୍ଥାପନାକୁ ମଧ୍ୟ ପ୍ରକାଶ କରେ (ଯୋହନ ୩:୧୬)

୨ - ଆଦି ୧:୧୧-୨୫ ଦଶଥର ଲେଖାଯାଇ ଅଛି "ଜଣ ଜଣକର ଜାତି ଅନୁସାରେ" ଏହା ଜାତିଗତ ପୃଥକୀକରଣର ପକ୍ଷପାତ ନିମନ୍ତେ ବ୍ୟବହାର କରାଗଲା । କିନ୍ତୁ ପ୍ରସଙ୍ଗ ଦ୍ୱାରା ଏହା ବିଲ୍‌କୁଲ୍ ସ୍ପଷ୍ଟ ଅଟେ କି, ଏହା ପଶୁ ଓ ବୃକ୍ଷଲତା ନିମନ୍ତେ ମାତ୍ର ମଣିଷ ନିମନ୍ତେ ନୁହେଁ ।

୩ - ଆଦି ଯ:୧୮-୨୭ ଏହା ଜାତିଗତ ଆଧିପତ୍ୟକୁ ସାହାଯ୍ୟ କରିବାକୁ ପ୍ରୟୋଗ କରାଗଲା । ଏହା ସ୍ମରଣ ରଖିବା ଉଚିତ କି, ଈଶ୍ୱର କିଣାନକୁ ଅଭିଶାପ ଦେଇ ନାହାନ୍ତି । ନିଶାରୁ ଉଠିବା ପରେ ନୋହ ତାଙ୍କ ପିତା ନିଜେ ତାଙ୍କୁ ଅଭିଶାପ ଦେଲେ । ବାଇବଲର କେଉଁ ସ୍ଥାନରେ ଏହା ଲେଖା ଯାଇନାହିଁ କି, ଈଶ୍ୱର ତାକୁ ସମର୍ଥନ କରେ । ଯଦି ସେ ଏପରି କଲେ ମଧ୍ୟ, ଏହା କଳା ଜାତିକୁ ପ୍ରଭାବିତ କରି ନ ଥାନ୍ତା କିଣାନ ସେହିମାନଙ୍କର ପିତା ଥିଲେ ଯିଏ ପଲେଷ୍ଟିନ୍‌ରେ ରହୁଥିଲେ ଏବଂ ମିସରର ଚିତ୍ର କହେ କି ସେମାନେ କଳା ନ ଥିଲେ ।

୪ - ଯିହଶୂୟ ୯:୨୩ - ଏହା ଏଇଥିନିମନ୍ତେ ପ୍ରମାଣ କରିବାକୁ ପ୍ରୟୋଗ କରାଗଲା କି, ଗୋଟିଏ ଜାତି ଅନ୍ୟ ଜାତିର ସେବା କରିବ । ଯେପରିକି ପ୍ରସଙ୍ଗ ଅନୁସାରେ ଗିବନିୟମାନେ ସେହି ଜାତିରୁ ଅଟନ୍ତି, ଯେପରି ଯିହୁଦିମାନେ,

୫ - ଏଜ୍ରା. ୯-୧୦ ଏବଂ ନିହିମିୟ ୧୩ - ଏହା ଅଧିକାଂଶ ରୂପେ ଜାତିବାଦର ବିଚାରରେ ପ୍ରୟୋଗ କରାଗଲା । ମାତ୍ର ପ୍ରସଙ୍ଗ କହେ କି, ବିବାହ ଜାତି ନିମନ୍ତେ ନୁହେଁ କିନ୍ତୁ ଧାର୍ମିକ କାରଣରୁ ନିନ୍ଦା କରାଗଲା (ସେମାନେ ସେହି ନୋହଙ୍କର ପୁତ୍ରମାନେ, ଆଦି - ୧୦)

ଖ. - ନୂତନ ନିୟମ

୧ - ସୁସମାଚାର

କ - ଅନେକ ସ୍ଥାନରେ ଯୀଶୁ ଯିହୁଦି ଏବଂ ଶମିରଣୀୟମାନଙ୍କର ଘୃଣାକୁ ପ୍ରୟୋଗ କରିଅଛନ୍ତି, ଯାହା କୁହାଯାଏ କି ଜାତିବାଦ ଘୃଣା ଅନୁପଯୁକ୍ତ ଅଟେ ।

୧ - ଉତ୍ତମ ଶମିରଣର ଦୃଷ୍ଟାନ୍ତ (ଲୁକ ୧୦:୨୫-୩୭)

୨ - କୂପ ନିକଟରେ ସ୍ତ୍ରୀ (ଯୋହନ ୪)

୩ - ଧନ୍ୟବାଦି କୁଷ୍ଠରୋଗୀ (ଲୁକ ୧୭:୭-୧୯)

ଖ - ସୁସମାଚାର ସମସ୍ତ ମଣିଷ ଜାତି ନିମନ୍ତେ ଅଟେ

୧ - ଯୋହନ ୩:୧୬

୨ - ଲୁକ ୨୪:୪୬-୪୭

୩ - ଏବ୍ରୀ ୨:୯

୪ - ପ୍ରକାଶିତ ବାକ୍ୟ - ୧୪:୬

ଗ - ଈଶ୍ୱରଙ୍କ ରାଜ୍ୟରେ ସମସ୍ତ ମଣିଷ ଜାତିର ଲୋକେ ହେବେ ।

୧ - ଲୁକ ୧୩:୨୯

୨ - ପ୍ରକାଶିତ ବାକ୍ୟ ୫

୨ - ପ୍ରେରିତ ପୁସ୍ତକ

କ. ପ୍ରେରିତ ୧୦ ସମ୍ଭବତଃ ସେହି ମୂଳପାଠ ଅଟେ ଯାହା ଈଶ୍ୱରଙ୍କ ସାର୍ବଭୌମିକ ପ୍ରେମ ଏବଂ ସଂଦେଶକୁ ପ୍ରସ୍ତୁତ କରେ ।

ଖ. ପ୍ରେରିତ ୧୧ ରେ ପିତର ତାହାଙ୍କ କାର୍ଯ୍ୟ ନିମନ୍ତେ ଆକ୍ରମଣ କରାଗଲେ । ଏବଂ ଏହି ସମସ୍ୟାର ସମାଧାନ ପ୍ରେରିତ ୧୫ର ଯିରୁଶାଲମ ସଭା ପର୍ଯ୍ୟନ୍ତ ହୋଇ ନାହିଁ ପ୍ରଥମ ଶତାବ୍ଦିର ଯିହୁଦି ଏବଂ ଅନ୍ୟ ଜାତିଙ୍କ ମଧରେ ଅତ୍ୟଧିକ ଭେଦଭାବ ଥିଲା ।

୩ - ପାଉଲ

କ. ଖ୍ରୀଷ୍ଟରେ କୌଣସି ପ୍ରତିବନ୍ଧ ନାହିଁ

୧ - ଗାଲା ୩:୨୬-୨୮
୨ - ଏଫି ୨:୧୧-୨୨
୩ - କଲ ୩:୧୧

ଖ. ଈଶ୍ୱର କେହି ବ୍ୟକ୍ତିଙ୍କର ମୁଖାପେକ୍ଷା କରନ୍ତି ନାହିଁ

୧ - ରୋମୀୟ ୨:୧୧
୨ - ଏଫି ୬:୯

୪ - ପିତର ଏବଂ ଯାକୁବ

କ - ଈଶ୍ୱର କେହି ବ୍ୟକ୍ତିଙ୍କର ମୁଖାପେକ୍ଷା କରନ୍ତି ନାହିଁ ୧ ପିତର ୧:୧୭

ଖ - ଈଶ୍ୱର କାହାରି ମୁଖାପେକ୍ଷା କରନ୍ତି ନାହିଁ, ତାହାଙ୍କର ଲୋକମାନଙ୍କର ମଧ ନୁହେଁ, ଯାକୁବ ୨:୧

୫ - ବିଶ୍ୱାସୀମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧିତ ଦୃଢ଼ ବାକ୍ୟ ମଧରୁ ଏକ ୧ ଯୋହନ ୪:୨୦

III. ସମାପ୍ତି

କ - ଜାତିବାଦ କିମ୍ବା କୌଣସି ପ୍ରକାର ଭେଦଭାବ ଈଶ୍ୱରଙ୍କ ସନ୍ତାନମାନଙ୍କ ନିମନ୍ତେ ସଂପୂର୍ଣ୍ଣ ଅନୁପଯୁକ୍ତ ଅଟେ । ହେନ୍‌ଲି ବେର୍‌ନେଟେଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟ, ଯାହା ସେ ଗ୍ଲୋରିଟା, ନ୍ୟୁ ମେକ୍‌ସିକୋରେ ଖ୍ରୀଷ୍ଟିଆନ୍ ଲାଇଫ କମିଶନ ୧୯୬୪ରେ କହିଲେ "ଜାତିବାଦ ମିଥ୍ୟା ଅଟେ କାରଣ ଏହା ବାଇବଲିୟ ଓ ଖ୍ରୀଷ୍ଟିୟ ନୁହେଁ, ବିବରଣ କରିବାର ଆବଶ୍ୟକ ନୁହେଁ କି ଏହା ଅବୈଜ୍ଞାନିକ ।

ଖ- ଏହି ସମସ୍ୟା ଖ୍ରୀଷ୍ଟିୟାନ ମାନଙ୍କୁ ଏକ ଅବସର ଦିଏ କି ସେମାନଙ୍କର ଖ୍ରୀଷ୍ଟିୟ ପ୍ରେମ, କ୍ଷମା ଏବଂ ହଜିଯାଇଥବବା ସଂସାର ପ୍ରତି ଜ୍ଞାନ ଦେଖାନ୍ତୁ । ଏହି ଦିଗରେ ସୁଯୋଗକୁ ମନା କରିବା ଖ୍ରୀଷ୍ଟିୟାନମାନଙ୍କର ଅପରିପକ୍ୱତାକୁ ଦର୍ଶାଏ ଏବଂ ଶଇତାନକୁ ସୁଯୋଗ ଦିଏ କି ସେ ବିଶ୍ୱାସୀମାନଙ୍କର ବିଶ୍ୱାସ, ନିଶ୍ଚିତତା, ଏବଂ ଉନ୍ନତିରେ ବାଧା ଆଉ । ଏହା ହଜି ଯାଇଥବବା ଲୋକଙ୍କୁ ଖ୍ରୀଷ୍ଟରେ ଆଣିବାରେ ମଧ ବାଧା ଜନ୍ମାଏ ।

ଗ – ମୁଁ କଣ କରିପାରେ ? (ଏହି ଅଂଶ ଖ୍ରୀଷ୍ଟିଆନ ଲାଇଫ କମିଶନର ପୁସ୍ତିକ "ଜାତି ସମ୍ବନ୍ଧ"ରୁ ଅଣାଗଲା ।

"ବ୍ୟକ୍ତିଗତ ସ୍ତରରୁ

– ଜାତିବାଦ ସମ୍ବନ୍ଧିତ ସମସ୍ୟାର ସମାଧାନ ନିମନ୍ତେ ଆପଣା କର୍ତ୍ତବ୍ୟକୁ ଗ୍ରହଣ କରନ୍ତୁ

– ପ୍ରାର୍ଥନା, ବାଇବଲ ଅଧ୍ୟୟନ ଏବଂ ଅନ୍ୟ ଜାତିର ଲୋକଙ୍କ ସହିତ ସଂପର୍କ ରଖନ୍ତୁ ଏବଂ ଜାତି ଭେଦଭାବରୁ ବାହାରିବାକୁ ଚେଷ୍ଟା କରନ୍ତୁ

ଯେଉଁଠାରେ ଜାତିବାଦର ଘୃଣାକୁ ବିସ୍ତାର କରିବା ଲୋକଙ୍କୁ ବାଦ ଦେବା ଲୋକ ନାହାନ୍ତି ସେଠାରେ ଜାତି ବିଷୟରେ ଆପଣା ବିଚାରକୁ ବ୍ୟକ୍ତ କରନ୍ତୁ ।

"ପାରିବାରିକ ଜୀବନରେ"

– ଅନ୍ୟଜାତିର ବିଚାର ପ୍ରତି ବିକାଶର ପାରିବାରିକ ପ୍ରଭାବର ଗୁରୁତ୍ୱକୁ ଚିହ୍ନନ୍ତୁ

– ପିଲାମାନେ ଏବଂ ମାତା ପିତା ଜାତି ବିଷୟରେ କଣ ଶୁଣୁଛନ୍ତି ସେହି ବିଷୟରେ ବିଚାର କରି ଖ୍ରୀଷ୍ଟିୟ ଭାବନା ଉତ୍ପନ୍ନ କରନ୍ତୁ

– ମାତା ପିତାଙ୍କୁ ଅନ୍ୟ ଜାତି ପ୍ରତି୍ ଉଦାହରଣ ପ୍ରସ୍ତୁତ କରିବା ସମୟରେ ସାବଧାନ ରହିବା ଆବଶ୍ୟକ

ଅନ୍ୟ ଜାତିମାନଙ୍କ ସହିତ ପାରିବାରିକ ସଂପର୍କ ନିର୍ମାଣ କରିବାରେ ସୁଯୋଗକୁ ଖୋଜନ୍ତୁ

"ଆପଣଙ୍କ ମଣ୍ଡଳୀରେ"

– ଜାତି ବିଷୟରେ ବାଇବଲର ସତ୍ୟ ଶିକ୍ଷା ଏବଂ ପ୍ରଚାର କରନ୍ତୁ, ଯାହା ଦ୍ୱାରା ମଣ୍ଡଳୀର ଲୋକେ ଉତ୍ସାହିତ ହୋଇ ସମସ୍ତ ସମାଜ ନିମନ୍ତେ ଗୋଟିଏ ଉଦାହରଣ ହୋଇପାରିବେ ।

– ଯେପରି ନୂତନ ନିୟମର ମଣ୍ଡଳୀ ସମସ୍ତ ଜାତି ନିମନ୍ତେ ଖୋଲା ଥିଲା ସେପରି ମନେରଖନ୍ତୁ କି ଆପଣଙ୍କ ମଣ୍ଡଳୀ ମଧ୍ୟ ସମସ୍ତ ଜାତିର ଲୋକଙ୍କୁ ଆରାଧନା, ସଂଗୀତ ଏବଂ ସେବାରେ ଆସିବାକୁ ଖୋଲା ଥାଉ (ଏଫି ୨:୧୧-୨୨; ଗାଲା ୩:୨୬-୨୯)

"ଦୈନନ୍ଦିନ ଜୀବନରେ"

– କର୍ମର ପୃଥିବୀରେ ପ୍ରତ୍ୟେକ ପ୍ରକାର ଜାତିଭେଦଭାବ ଉପରେ ଜୟ ପାଇବାକୁ ସାହାଯ୍ୟ କରନ୍ତୁ ।

ସାମାଜିକ ସଂସ୍ଥାମାନଙ୍କସହିତ ମିଶି ସମସ୍ତ ଜାତିମାନଙ୍କ ନିମନ୍ତେ ସମାନ ଅଧିକାର ପ୍ରାପ୍ତ କାର୍ଯ୍ୟ କରିବାରେ ସୁଯୋଗ ନିଅନ୍ତୁ, ଏହା ମନରେ ରଖି ଜାତି ସମସ୍ୟା ଉପରେ ଆକ୍ରମଣ କରିବା ନା କୌଣସି ବ୍ୟକ୍ତିଙ୍କ ଉପରେ । ଉଦେଶ୍ୟ ହେଲା ଶିକ୍ଷା ଜନ୍ମାଇବା ତିକ୍ତତା ନୁହେଁ ।

– ଯଦି ଏହା ଉତ୍ତମ ଜଣାପଡ଼େ ତେବେ ସମାଜର ଉତ୍ତମ ଭାବୁଥିବା ଲୋକଙ୍କ ସହିତ ମିଶି ଗୋଟିଏ ସମିତିର ଗଠନ କରନ୍ତୁ ଯାହା ସର୍ବ ଶିକ୍ଷା ବିଷୟରେ ଏବଂ ସମସ୍ତ ଜାତିର ପରସ୍ପରରେ ସମ୍ବନ୍ଧ ସୁଧୁରିବାରେ କାର୍ଯ୍ୟ କରେ ।

– ଜାତିୟ ନ୍ୟାୟ ଏବଂ ଯିଏ ରାଜନୈତିକ ଲାଭ ନିମନ୍ତେ ଜାତିୟ ଶୋଷଣକୁ ପ୍ରସାହିତ କରୁଛନ୍ତି, ସେହିପରି ଲୋକଙ୍କ ବିରୁଦ୍ଧରେ ନିୟମ ଏବଂ ତାକୁ ବିରୋଧ କରୁଥିବା ଲୋକଙ୍କର ପକ୍ଷ ଦିଅନ୍ତୁ ।

ନିୟମ ପ୍ରବର୍ତ୍ତନ କରୁଥିବା ଲୋକଙ୍କୁ ଅନୁରୋଧ କରନ୍ତୁ କି ସେମାନେ ବିନା ଭଦେଭାବରେ ନିୟମକୁ ପ୍ରଚଳନ କରିବେ ।

ହିଂସାକୁ ବନ୍ଦ କରନ୍ତୁ ଏବଂ ନିୟମ ପ୍ରତି ସମ୍ମାନ ବଢ଼ାନ୍ତୁ ଏବଂ ଖ୍ରୀଷ୍ଟିୟାନ ନାଗରିକ ହୋଇଥିବା ହେତୁ ଦେଖନ୍ତୁ ଯିଏ ଭେଦଭାବକୁ ଉତ୍ପନ୍ନ କରୁଛନ୍ତି ସେମାନଙ୍କ ହାତରେ ନିୟମ ବ୍ୟବସ୍ଥା ନ ହୁଏ ।

ମଣିଷ ସମ୍ବନ୍ଧରେ ଖ୍ରୀଷ୍ଟଙ୍କ ଆତ୍ମା ଏବଂ ମନକୁ ଆଦର୍ଶ ରୂପେ ପ୍ରକାଶ କରନ୍ତୁ ।

❐ **"ଶମିରଣ ମଧ୍ୟ ଦେଇ"** ଖ୍ରୀଷ୍ଟପୂର୍ବ ଆଠ ଶହରୁ ଶମିରଣୀୟ ଏବଂ ଯିହୁଦୀମାନଙ୍କ ମଧ୍ୟରେ ବହୁତ ଘୃଣା ଥିଲା । ଖ୍ରୀଷ୍ଟପୂର୍ବ ୭୨୨ରେ ଅଶୁରିୟମାନେ ରାଜଧାନୀ ଶମିରୋଣ ସହିତ ଉତ୍ତର ଦେଶର ଦଶ ବଂଶକୁ କ୍ରୀତଦାସ କରି ମିଦିଆକୁ ଘେନିଗଲେ (୨ ରାଜା ୧୭:୬) କେତେକଙ୍କୁ ଉତ୍ତରରେ ହିଁ ଛାଡ଼ି ଦେଲେ (୨ ରାଜା ୧୭:୨୪) । ସେହି ସମୟରେ ଅନ୍ୟ ଜାତିୟ ଲୋକମାନେ ବାକିଥିବା ଇସ୍ରାଏଲ ଲୋକମାନଙ୍କ ସହିତ ବିବାହ କଲେ । ତେଣୁ ଯିହୁଦିମାନେ ଏହା ବିଚାର କରନ୍ତି କି ଶମିରୋଣୀୟ ମାନେ ସେମାନଙ୍କଠାରୁ ଜନ୍ମିତ ମିଶ୍ରିତ ଜାତି (ଏଜ୍ରା ୪:୧-୪) । ଏହା ଯୋହନ ୪:୯ର ପୃଷ୍ଠଭୂମି ଅଟେ

**୪:୫** "ଯାକୁବ ଆପଣା ପୁତ୍ର ଯୋସେଫଙ୍କୁ ଯେଉଁ ଭୂମିଖଣ୍ଡିକ ଦାନ କରିଥିଲେ ସେଥିର ନିକଟବର୍ତ୍ତୀ ଶୁଖାର ନାମକ ଶମିରଣ ଗୋଟାଏ ନଗର" ଆଦି ୩୩:୧୮,୧୯, ଯିହୋ ୨୪:୩୨) । ଅନେକେ ବିଶ୍ୱାସ କରନ୍ତି ଶୁଖାର ହିଁ ଶେକେମ୍ ଅଟେ, କିନ୍ତୁ ଏହି ବିଷୟରେ ନୂତନ ନିୟମରେ କୌଣସି ଉଲ୍ଲେଖ ନାହିଁ ।

**୪:୬ "ଯାକୁବଙ୍କ କୂପ ସେଠାରେ ଥିଲା"** ବାସ୍ତବରେ ଏହା ୧୦୦ ଫୁଟ ଖୋଳା ଯାଇଥିବ । ଗୋଟିଏ ଜଳାଶୟ ଥିଲା । ଏଠାରେ ବର୍ଷାଜଳ ଏକତ୍ର କରୁଥିଲେ । ଏହି କୂପ ବିଷୟରେ ପୁରାତନ ନିୟମରେ କୌଣସି ଉଲ୍ଲେଖ ନାହିଁ ।

❒ "ଯୀଶୁ ତାହାଙ୍କ ପଥରେ ପରିଶ୍ରାନ୍ତ ହୋଇଥିବାରୁ" ଏଠାରେ ଆମେ ଯୀଶୁଙ୍କର ମାନବୀୟ ଗୁଣକୁ ଦେଖିପାରୁ (ଲୁକ ୨:୫୨) କିନ୍ତୁ ଲୋକମାନଙ୍କୁ ପ୍ରେମ କରିବାରେ ଯୀଶୁ ପରିଶ୍ରାନ୍ତ ନ ଥିଲେ ।

❒ **ଏନ୍‌ଏଏସ୍‌ବି, ଏନ୍‌କେଜେଭଭି, ଜେବି, - "ଏହା ପ୍ରାୟ ଛଅ ଘଣ୍ଟା ହୋଇଥିଲା"**

**ଏନ୍‌ଆରଏସଭି, ଟିଇଭି - " ଏହା ପ୍ରାୟ ମଧ୍ୟାହ୍ନ ସମୟ ଥିଲା"**

ଯୋହନଙ୍କ ସମୟର ପ୍ରୟୋଗ ପ୍ରତି ଅନେକ ତର୍କବିତର୍କ ରହିଛି । ଏମିତି ମନେ ହୁଏ କି ଯୋହନଙ୍କ ଦିନର ଆରମ୍ଭ ସକାଳ ୬ରେ ହୁଏ, ତେଣୁ ଯୀଶୁ ଦିନର ସବୁଠାରୁ ଅଧିକ ଗରମ ସମୟରେ କୂପ ନିକଟରେ ବସିଅଛନ୍ତି ।

**ଏନ୍‌ଏଏସ୍‌ବି ବାକ୍ୟ : ୪:୭-୧୪**

**୭ ଆଉ, ଜଣେ ଶମିରଣୀୟା ସ୍ତ୍ରୀ ପାଣି କାଢ଼ିବା ନିମନ୍ତେ ଆସିଲା । ଯୀଶୁ ତାହାକୁ କହିଲେ, ମୋତେ ପିଇବାକୁ ଦିଅ । ୮ କାରଣ ତାହାଙ୍କର ଶିଷ୍ୟମାନେ ଖାଦ୍ୟ କିଣିବା ନିମନ୍ତେ ନଗରକୁ ଯାଇଥିଲେ । ୯ ସେଥିରେ ଶମିରୋଣୀୟା ସ୍ତ୍ରୀ ତାହାଙ୍କୁ କହିଲା, ଆପଣ ଜଣେ ଯିହୁଦୀ ହୋଇ କିପରି ଶମିରୋଣୀୟ ସ୍ତ୍ରୀ ଯେ ମୁଁ, ମୋ ହାତରୁ ପିଇବାକୁ ମାଗୁଅଛନ୍ତି ? କାରଣ ଶମିରୋଣୟ ମାନଙ୍କ ସହିତ ଯିହୁଦିମାନଙ୍କର ବ୍ୟବହାର ନାହିଁ । ୧୦ ଯୀଶୁ ତାହାକୁ ଉତ୍ତର ଦେଲେ, ଈଶ୍ୱର ଦାନ ଓ ମୋତେ ପିଇବାକୁ ଦିଅ ବୋଲି ଯେ ତୁମ୍ଭକୁ କହୁଅଛନ୍ତି, ସେ କିଏ ଏହା ଯେବେ ଜାଣିଥାଆନ୍ତ, ତାହାହେଲେ ତୁମ୍ଭେ ତାହାକୁ ମାଗିଥାଆନ୍ତ । ଆଉ ସେ ତୁମ୍ଭକୁ ଜୀବନ୍ତ ଜଳ ଦେଇଥାଆନ୍ତେ । ୧୧ ସେହି ସ୍ତ୍ରୀ ଲୋକ ତାହାଙ୍କୁ କହିଲା, ମହାଶୟ, ଜଳ କାଢ଼ିବା ନିମନ୍ତେ ଆପଣଙ୍କ ନିକଟରେ କୌଣସି ପାତ୍ର ନାହିଁ, ପୁଣି କୂଅ ତ ଗହୀର; ତେବେ ଆପଣ କେଉଁଠାରୁ ସେହି ଜୀବନ୍ତ ଜଳ ପାଇଅଛନ୍ତି ? ୧୨ ଆମ୍ଭମାନଙ୍କର ଯେଉଁ ପିତୃପୁରୁଷ ଯାକୁବ ଆମ୍ଭମାନଙ୍କୁ ଏହି କୂଅ ଦେଇଥିଲେ, ଆଉ ଆପେ, ପୁଣି ତାଙ୍କ ପୁତ୍ରମାନେ ଓ ପଶୁପଲ ଏଥିରୁ ପାନ କରିଥିଲେ, ତାହାଙ୍କଠାରୁ କି ଆପଣ ଶ୍ରେଷ୍ଠ ? ୧୩ ଯୀଶୁ ତାହାକୁ ଉତ୍ତର ଦେଲେ, ଯେ କେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେ । ୧୪ କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ, ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଛୁଳି ଉଠୁଥିବ ।**

**୪:୭** "ଆଉ ଜଣେ ଶମିରଣୀୟା ସ୍ତ୍ରୀ ଆସିଲା; ଦିନର ଅସମୟରେ ଏହି ସ୍ତ୍ରୀଟି ଏକ ଦୂର କୂପ ନିକଟକୁ ଆସିଲା, ଗ୍ରାମରେ ତାହାର ସାମାଜିକ ପଦ ହେତୁ ।

❒ **"ମୋତେ ପିଇବାକୁ ଦିଅ"** - ଏହି ଆଦେଶ ଏକ ଅତି ଆବଶ୍ୟକତାକୁ ଦେଖାଏ ।

**୪:୮** ଏହି ବାକ୍ୟ ଯିହୁଦିଙ୍କ ଦ୍ୱାରା ତାଡ଼ନାପ୍ରାପ୍ତ ଜାତିର ସେହି ସ୍ତ୍ରୀ ସହିତ ପରସ୍ପର ବାର୍ତ୍ତାଳାପ ନିମନ୍ତେ ସ୍ତର ନିର୍ମାଣ କରେ । ଏହା ଯୋହନଙ୍କ ଦ୍ୱାରା ଅନ୍ୟ ଏକ ନିକ୍ଷିପ୍ତ ଶବ୍ଦ ।

**୪:୯ "ଆପଣ ଜଣେ ଯିହୁଦୀ ହୋଇ କିପରି ଶମିରୋଣୀୟା ସ୍ତ୍ରୀ ଯେ ମୁଁ, ମୋ ହାତରୁ ପିଇବାକୁ ମାଗୁଅଛନ୍ତି"** - ଶମିରୋଣୀୟା ମାନଙ୍କ ଦ୍ୱାରା ବ୍ୟବହୃତ ବାଲ୍‌ଟିରୁ ମଧ୍ୟ ପାନ କରିବା ନିମନ୍ତେ ଯିହୁଦିମାନେ ଅନୁମତି ପ୍ରାପ୍ତ ନ ଥିଲେ (ଲେବି ୧୫) । ଯୀଶୁ ଦୁଇଟି ସାଂପ୍ରଦାୟକ ବିଷୟକୁ ଅଣଦେଖା କଲେ : (୧) ଶମିରୋଣୀୟଙ୍କ ସହିତ ବାର୍ତ୍ତାଳାପ (୨) ସାର୍ବଜନିକ ଭାବେ ଜଣେ ସ୍ତ୍ରୀ ସହିତ କଥା ହେବା

❒ **"କାରଣ ଶମିରୋଣୀୟମାନଙ୍କ ସହତ ଯିହଦ୍ଦିମାନଙ୍କର ବ୍ୟବହାର ନାହିଁ"** ବାକ୍ୟାଂଶ (ଏନଏଏସବି, ଏନ୍‌ଆରଏସ୍‌ବି) । ଯାହା ଯୋହନଙ୍କର ଅନ୍ୟ ଏକ ବିବରଣୀୟ ଯୁକ୍ତ ।

**୪:୧୦ "ଯଦି"** - ଏହା ଏକ ଦ୍ୱିତୀୟ ଶ୍ରେଣୀୟ ସର୍ତ୍ତୀୟ ବାକ୍ୟ ଯେଉଁଠାରେ "ବାସ୍ତବିକତାର ବିରୁଦ୍ଧ"ରେ କୁହାଯାଏ । ଅଥର୍ଶତ ବିବରଣ ତ୍ରୁଟି ଏବଂ ତାର ସାରାଂଶ ମଧ୍ୟ ତ୍ରୁଟି ଅଟେ ।

ଯୋହନ ସୁସମାଚାରରେ ଏହା ଶବ୍ଦ "ଦାନ" ଏକମାତ୍ର ବ୍ୟବହାରିକ ଶ୍ଦ (୩:୧୬) ଯାହା ଅନନ୍ତ ଜୀବନକୁ ଦିଅ । ଯୋହନ ୭:୩୮-୩୯ ଏବଂ ପ୍ରେରିତ ପୁସ୍ତକରେ ଏହା ପବିତ୍ର ଆତ୍ମାଙ୍କ ଦାନ ରୂପେ ବ୍ୟବହାର କରାଗଲା (ପ୍ରେରିତ ୨:୩୮; ୮:୨୦; ୧୦:୪୫; ୧୧:୧୭) । ଈଶ୍ୱରଙ୍କ ଅନୁଗ୍ରହ, ଅଯୋଗ୍ୟ, ନିର୍ଦ୍ଦୟମାନଙ୍କ ଉପରେ ଯାହା ଯୀଶୁ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରକାଶିତ ହେଲା ।

❒ **"ଜୀବନ୍ତ ଜଳ"** ଏହି ଶବ୍ଦ ନିମନ୍ତେ ପୁରାତନ ନିୟମର ରୂପକାତ୍ମକ ପୃଷ୍ଠଭୂମି ଅଟେ (ଗୀତ ୩୬:୯, ଯିଶା ୧୨:୩; ୪୪:୩; ଯିରି ୨:୧୩; ୧୭:୧୩; ଯିଖ ୧୪:୮) ଯୀଶୁ ଏହି ଶବ୍ଦକୁ "ଆତ୍ମୀକ ଜୀବନ"ର ସମାର୍ଥକ ଶବ୍ଦ ଭାବେ ପ୍ରୟୋଗ କରୁଛନ୍ତି । ଶମିରୋଣୀୟା ସ୍ତ୍ରୀ ଭାବିଲା କୂଅର ପାଣି ବଦଳରେ ଯୀଶୁ ବହୁଥିବା ଜଳ ବିଷୟରେ କହୁଅଛନ୍ତି ।

ଏହା ଯୋହନ ସୁସମାଚାରରର ଲେଖା କି ଯୀଶୁ (ଜଗତର ଜ୍ୟୋତି) ଲଗାତର ଭାବେ ଭୁଲ ବୁଝାଗଲା । (ଉଦାହରଣ ନିକଦୀମ) । ସାଂସାରିକ, ପତିତ ରାଜ୍ୟ ସ୍ୱର୍ଗରାଜ୍ୟ ସହିତ ତୁଳନା ହୋଇ ପାରିବ ନାହିଁ (ଯୀଶୁଙ୍କର ବାକ୍ୟ)

**୪:୧୧ "ମହାଶୟ"** ଏହି ଗ୍ରୀକ୍ ଶବ୍ଦ କୁରିଅସ୍, କୁରିର ସମ୍ବନ୍ଧବାଚକ ଶବ୍ଦ ଅଟେ । ଏହା ନମ୍ର ଭାବେ (ମହାଶୟ) ରୂପେ ସଂବୋଧନ କରାଯାଇପାରେ କିମ୍ବା ଧର୍ମଶାସ୍ତ୍ରୀୟ କଥନ (ପ୍ରଭୁ) ନିମନ୍ତେ ପ୍ରୟେଗ କରାଯିବ, ଏହା ଯୀଶୁଙ୍କର ପୂର୍ଣ୍ଣ ଈଶ୍ୱରରିୟତାକୁ ଦର୍ଶାଏ ଯେମିତି ରୋମୀୟ ୧୦:୧୩ରେ ରହିଛି । ଏଠାରେ ନମ୍ର ସଂବୋଧନ କରାଯାଇଛି ।

**୪:୧୨ "ଆପଣ ଆମ୍ଭମାନଙ୍କର ପିତା ଯାକୁବଙ୍କଠାରୁ ଶ୍ରେଷ୍ଠ ନୁହଁନ୍ତି, କଣ ଶ୍ରେଷ୍ଠ ଅଟନ୍ତି"** ଏହା ଏକ ବ୍ୟାକରଣାତ୍ମକ ଶବ୍ଦ ଅଟେ "ନୁହନ୍ତି" । ଏହା ଏକ ବ୍ୟଙ୍ଗସୂଚକ ବିବରଣ । ଶମିରୋଣୀୟ ସ୍ତ୍ରୀ ଆପଣା ପୂର୍ବ ପୁରୁଷଙ୍କ ମହାନତା ବିଷୟରେ ଗର୍ବ କରୁଅଛି ଯେଉଁଥିରେ ଅଫ୍ରେମ୍ ଏବଂ ମନସେଙ୍କ ଦ୍ୱାରା ଯାକୁବଙ୍କୁ ମିଳିଥିଲା । ଆଶ୍ଚର୍ଯ୍ୟର ବିଷୟ ଯୀଶୁ ମଧ ସେହି କଥା କହୁଥିଲେ । ବାର୍ତ୍ତାଳାପ ଦୁଇଟି ଧର୍ମଶାସ୍ତ୍ରୀୟ ବିଷୟରେ କୁହେ ।

୧ – ବିତାଡ଼ିତ ମାନଙ୍କ ନିମନ୍ତେ ଈଶ୍ୱର / ଯୀଶୁଙ୍କର ପ୍ରେମ (ଶମିରୋଣୀୟ ସ୍ତ୍ରୀମାନେ)

୨ – ଯିହୁଦି ଧର୍ମ ଏବଂ ଜାତିବାଦ ଗର୍ବ ଉପରେ ଯୀଶୁଙ୍କର ପ୍ରଭୁତା ।

**୪:୧୩-୧୪ "କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ"** ବୋଧହୁଏ ଏଠାରେ ଖ୍ରୀଷ୍ଟିୟ ପ୍ରଭାବ ଅଛି (ଯିଶା ୧୨:୩; ୪୮:୨୧; ୪୯:୧୦) । ଏହି ବାକ୍ୟଟି ଦୃଢ଼ ଦୁଇ ନାସ୍ତିସୂଚକ । ପଦ ୧୩ ବାରମ୍ବାର ପିଇବା ବିଷୟରେ କହେ, କିନ୍ତୁ ୧୪ ପଦ ଗୋଟିଏ ଥର ପିଇଥିବା ବିଷୟରେ କହେ ।

**୪:୧୪ "ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ରୂପେ ତାହାଠାରେ ଉଛୁଳି ଉଠୁଥିବ"** ଅର୍ଥାତ୍ ନିରନ୍ତର ଉଛୁଳିବା (ଯିଶା ୫୮:୧୧ ଏବଂ ଯୋହନ ୭:୩୮) ମରୁସ୍ଥଳ ଲୋକମାନଙ୍କ ନିମନ୍ତେ, ଜଳ ଜୀବନର ସଙ୍କେତ ଏବଂ ଈଶ୍ୱରୀୟ ପ୍ରବନ୍ଧ ।

ଏନଏଏସ୍‌ବି ବାକ୍ୟ : ୪:୧୫-୨୬

**୧୫ ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମହାଶୟମୋତେ ଯେପରି ଶୋଷ ନ ଲାଗେ, ପୁଣି ପାଣି କାଢ଼ିବା ନିମନ୍ତେ ଏତେ ବାଟ ଏଠାକୁ ଆସିବାକୁ ନ ପଡ଼େ, ଏଥି ନିମନ୍ତେ ମୋତେ ସେହି ଜଳ ଦିଅନ୍ତୁ । ୧୬ ଯୀଶୁ ତାକୁ କହିଲେ, ଯାଅ, ତୁମ୍ଭ ସ୍ୱାମୀକି ଡାକି ଏଠାକୁ ଆସ । ୧୭ ସ୍ତ୍ରୀଲୋକଟି ତାହାଙ୍କୁ ଉତ୍ତର ଦେଲା, ମୋର ସ୍ୱାମୀ ନାହିଁ । ଯୀଶୁ ତାକୁ କହିଲେ, ମୋହର ସ୍ୱାମୀ ନାହିଁ, ଏହା ତ ଠିକ୍ କହିଲା । ୧୮ କାରଣ ତୁମ୍ଭର ପାଞ୍ଚ ସ୍ୱାମୀ ଥିଲେ, ଆଉ ବର୍ତ୍ତମାନ ତୁମ୍ଭ ପାଖରେ ଯେ ଅଛି, ସେ ତୁମ୍ଭର ସ୍ୱାମୀ ନୁହେଁ, ଏହା ସତ୍ୟ କହିଅଛି । ୧୯ ସ୍ତ୍ରୀ ଲୋକଟି ତାହାଙ୍କୁ କହିଲା, ମହାଶୟ, ଆପଣ ଯେ ଜଣେ ଭାବବାଦୀ, ଏହା ମୁଁ ଜାଣି ପାରୁଅଛି । ୨୦ ଆମ୍ଭମାନଙ୍କ ପିତୃପୁରୁଷମାନେ ଏହି ପର୍ବତରେ ଉପାସନା କଲେ ଆଉ ଆପଣମାନେ କହୁଅଛନ୍ତି, ଯେଉଁ ସ୍ଥାନରେ ଉପାସନା କରିବା ଉଚିତ ତାହା ଯିରୁଶାଲମରେ ଅଛି । ୨୧ ଯୀଶୁ ତାହାକୁ କହିଲେ, ଆଗେ ନାରୀ, ମୋ କଥା ବିଶ୍ୱାସ କର, ଯେଉଁ ସମୟରେ ତୁମ୍ଭେମାନେ ଏହି ପର୍ବତରେ କିମ୍ବା ଯିରୁଶାଲମରେ ପିତାଙ୍କର ଉପସନା କରିବ ନାହିଁ ଏପରି ସମୟ ଆସୁଛି, ୨୨ ଯାହା ତୁମ୍ଭେମାନେ ଜାଣ ନାହିଁ, ତାହା ଉପାସନା କରୁଥାଅ ଯାହାଙ୍କୁ ଆମ୍ଭେମାନେ ଜାଣୁ ,ତାହାଙ୍କୁ ଉପାସନା କରୁଥାଉ, କାରଣ ପରିତ୍ରାଣ ଯିହୁଦୀମାନଙ୍କ ମଧ୍ୟରୁ ଆସେ । ୨୩ କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି, ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ; କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ୨୪ ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ । ୨୫ ସ୍ତ୍ରୀଲୋକଟି ତାହାଙ୍କୁ କହିଲା, ମଶୀହ, ଯାହାଙ୍କୁ ଖ୍ରୀଷ୍ଟ କହନ୍ତି, ସେ ଆସୁଅଛନ୍ତି ବୋଲି ମୁଁ ଜାଣେ; ଯେତେବେଳେ ସେ ଆସିବେ ସେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଜଣାଇବେ । ୨୬ ଯୀଶୁ ତାହାଙ୍କୁ କହିଲେ, ତୁମ୍ଭ ସହିତ କଥା କହୁଅଛି ଯେ ମୁଁ, ମୁଁ ସେହି ଅଟେ ।**

**୪:୧୫** ଏହି ସ୍ତ୍ରୀ ମଧ ଯୀଶୁଙ୍କୁ ନିକଦୀମଙ୍କ ସଦୃଶ ଭୌତିକ ରୂପେ ବୁଝିବାକୁ ଚେଷ୍ଟା କରୁଅଛି । ଶିଷ୍ୟମାନଙ୍କ ନିମନ୍ତେ ମଧ ଏହା ସାଧାରଣ କଥା ନ ଥିଲା । ଅନେକ ଥର ସେମାନେ ଯୀଶୁଙ୍କର ରୂପକାତ୍ମକ ବାକ୍ୟକୁ ଭୁଲ ଅନୁବାଦ କରିଅଛନ୍ତି (ଯୋହନ ୪:୩୧-୩୩; ୧୧:୧୧-୧୩)

**୪:୧୬** – ଏହା ଏକ ବର୍ତ୍ତମାନ କାଳ ଆଜ୍ଞା ଅଟେ ।

❒ "ଯାଅ ଡାକ"

**୪:୧୭ – "ମୋର ସ୍ୱାମୀ ନାହିଁ"** ପାପର ସମ୍ମୁଖୀନ ହେବା ଅବଶ୍ୟ ଅଟେ । ପାପ ବିୟେରେ ଯୀଶୁ କେବେ ଆରୋପ କରିନାହାନ୍ତି ନାହିଁ କେବେ କରିବେ ।

**୪:୧୮ – "ତୁମ୍ଭର ପାଞ୍ଚ ସ୍ୱାମୀ ଥିଲେ"** ଭୌତିକ ସ୍ତରରୁ ଆତ୍ମୀକ ସ୍ତର ଆଡ଼କୁ ସେହି ସ୍ତ୍ରୀକୁ ଆଣିବାକୁ ଯୀଶୁ ଆପଣା ଅଲୌକିକ ଜ୍ଞାନ ପ୍ରୟୋଗ କରୁଅଛନ୍ତି (୧:୪୮)

**୪:୧୯ "ଆପର ଯେ ଜଣେ ଭାବବାଦୀ, ଏହା ମୁଁ ଜାଣି ପାରୁଅଛି"** ସ୍ତ୍ରୀଟି ଏ ପର୍ଯ୍ୟନ୍ତ ଖ୍ରୀଷ୍ଟିୟ ଜ୍ଞାନରେ ପହଞ୍ଚି ପାରି ନାହିଁ । ଏହି ବାକ୍ୟାଂଶର ପ୍ରୟୋଗ ଦ୍ୱାରା ସ୍ତ୍ରୀ ଈଶ୍ୱରଙ୍କ ସହିତ ଆପଣା ସଂପର୍କ ବିଷୟରେ କହିବାକୁ ପ୍ରୟାସ କରୁଅଛି (ନୀକଦୀମଙ୍କ ସାଦୃଶ୍ୟ ୩:୨)

ଅନେକ ଟିପ୍ପଣୀ କତ୍ର୍ତା ଏହାକୁ ଦ୍ୱିତୀୟ ବିବରଣ ୧୮:୧୫-୨୨ ଖ୍ରୀଷ୍ଟିୟ ବ୍ୟାଖ୍ୟା ରୂପେ ଦେଖନ୍ତି ।

**ବିଶେଷ ଶୀର୍ଷ : ଭବିଷ୍ୟତବାଣୀ ଉପରେ**

I. ପ୍ରସ୍ତାବନା

କ - ଆରମ୍ଭିକ ବିବରଣ

୧ - ବିଶ୍ୱାସୀ ସମଜା ଭବିଷ୍ୟତ ବାଣୀକୁ କିପରିଅ ନୁବାଦ କରାଯାଏ ତାହା ଉପରେ ବିଶ୍ୱାସ କରନ୍ତି ନାହିଁ। ସଂପୂର୍ଣ୍ଣ ଶତାବ୍ଦୀରେ ଅନ୍ୟ ସତ୍ୟ ମଧ୍ୟ ପରମ୍ପରାଗତ ପଦ ଭାବେ ପ୍ରତିଷ୍ଠିତ ହେଲା, କିନ୍ତୁ ଏହା ନୁହେଁ ।

୨ - ଅନେକ ଉତ୍ତମ ଭାବେ ପରିଭାଷିତ ପୁରାତନ ନିୟମ ଭାବବାଣୀ

କ. ପୂର୍ବ ରାଜତନ୍ତ୍ର

(୧) ବ୍ୟକ୍ତିଗଣ ଯେ ଭାବବାଦୀ କୁହାଗଲେ

କ- ଅବ୍ରାହମ - ଆଦି ୨୦:୭

ଖ - ମୋଶା - ଗଣନା ୧୨:୬-୮, ଦ୍ୱିତୀୟ ବିବରଣ ୧୮:୧୫; ୩୪:୧୦

ଗ - ହାରୋଣ - ଯାତ୍ରା ୭:୧ (ମୋଶାଙ୍କର ମୁଖପାତ୍ର)

ଘ - ମରିୟମ - ଯାତ୍ରା ୧୫:୨୦

ଙ - ମେଦଦ୍ ଏବଂ ଇଲଦଦ - ଗଣନା ୧୧:୨୪-୩୦

ଚ - ଦବୋରା - ବିଚାରକର୍ତ୍ତା ୪:୪

ଛ - ନାମହୀନ - ବିଚାରକର୍ତ୍ତା ୬:୭-୧୦

ଜ - ଶାମୁଏଲ - ୧ ଶାମୁ ୩:୨୦

(୨) ଦଳ ଭାବେ ଭାବବାଦୀମାନଙ୍କର ସୂଚି - ଦ୍ୱିତୀୟ ବିବରଣ ୧୩:୧-୫; ୧୮:୨୦-୨୨

(୩) ଭାବବାଦୀଦଳ କିମ୍ବା ସମାଜ - ୧ ଶାମୁ ୧୦:୫-୧୩; ୧୯:୨୦; ୧ ରାଜା ୨୦:୩୫,୪୧; ୨୨:୬, ୧୦-୧୩; ୨ ରାଜା ୨:୩,୭; ୪:୧, ୩୮; ୫:୨୨; ୬:୧ ଇତ୍ୟାଦି ।

(୪) ଖ୍ରୀଷ୍ଟ ଭାବବାଦୀ ଡକାଗଲେ - ଦ୍ୱିତୀୟ ବିବରଣ ୧୮:୧୫-୧୮

ଖ - ଲେଖା ନ ଥିବା ରାଜତନ୍ତ୍ର (ସେମାନେ ରାଜା କୁହାଗଲେ)

(୧) ଗାଦ - ୧ ଶାମୁ ୨୨:୫; ୨ ଶାମୁ ୨୪:୧୧; ୧ ବଂଶା ୨୯:୨୯

(୨) ନାଥନ - ୨ ଶାମୁ ୭:୨; ୧୨:୨୫; ୧ ରାଜା ୧:୨୨

(୩) ଅହିୟ - ୧ ରାଜା ୧୧:୨୯

(୪) ଯେହୁ - ୧ ରାଜା ୧୬:୧,୭,୧୨

(୫) ନାମ ନାହିଁ - ୧ ରାଜା ୧୮:୪; ୧୩; ୨୦:୧୩,୨୨

(୬) ଏଲୀୟ -୧ ରାଜା. ୧୮- ୨ ରାଜା ୨

(୭) ମିଲ୍‌କା -୧ ରାଜା ୨୨

(୮) ଏଲିଶାୟ - ୨ ରାଜା ୨:୮, ୧୩

ଗ – ଶାସ୍ତ୍ରୀୟ ଲେଖକ ଭାବବାଦିମାନେ (ସୋମନେ ଦେଶ ଏବଂ ରାଜା ରୂପେ ଜଣାଗଲେ (ଦାନିଏଲଙ୍କ ବ୍ୟତୀତ)

ଖ – ବାଇବଲିୟ ପଦ

୧ – ରୋହେ – "ସିର୍" ୧ ଶାମୁ ୯:୯; ଆପେ ଏହି ପଦଟି ନବି ଶବ୍ଦକୁ ପରିବର୍ତ୍ତନ କରେ । ରୋହେ "ଦେଖିବାକୁ" ପଦରୁ ଆସେ । ଏହି ବ୍ୟକ୍ତି ଜଣକୁ ଈଶ୍ୱରଙ୍କ ମାର୍ଗ ଏବଂ ଯୋଜନାକୁ ବୁଝିପାରିଲେ ଏବଂ ବିଷୟ ପ୍ରତି ଈଶ୍ୱରଙ୍କ ଇଚ୍ଛାକୁ ନିଶ୍ଚିତ ରୂପେ ଯୋଗଯୋଗ କରିଥିଲେ ।

୨ – ହୋଜେ – "ସିର୍" ୨ ଶାମୁ ୨୪:୧୧ । ସାଧାରଣତଃ ରୋହେର ଏକ ସମାର୍ଥକ ଶବ୍ଦ ଅଟେ ଅନେକ ଥର ଏହା ଭାବବାଦିମାନଙ୍କ ନିମନ୍ତେ ବ୍ୟବହୃତ ହୋଇଛି ।

୩ – ନବି – "ଭାବବାଦି", ଆକାଦିୟମାନଙ୍କ ଗୋତ୍ର କିୟା ନବୁ = "ଆହ୍ୱାନ କରିବା" ଏବଂ ଆରବିୟ ନାବ୍ବା = "ଘୋଷଣା କରିବା" ଭାବବାଦୀଙ୍କୁ କହିବା ନିମନ୍ତେ ପୁରାତନ ନିୟମରେ ଏହା ଅତି ସାଧାରଣ ଶବ୍ଦ ଅଟେ । ଏହା ୩୦୦ରୁ ଅଧିକ ଥର ବ୍ୟବହୃତ ହେଶଇଛି । ବାସ୍ତବିକ ସମୀକ୍ଷା ଅନିଶ୍ଚିନ୍ତ ଅଟେ କିନ୍ତୁ "ଡାକିବାକୁ" ବର୍ତ୍ତମାନ ଏହା ଉତ୍ତମ ବାଛନ୍ଦ, ବୋଧହୁଏ ହରୋଣଙ୍କ ଦ୍ୱାରା ଫାରୋ ସହିତ ମୋଶାଙ୍କର ସଂପର୍କ ଯିହୋବାଙ୍କ ବର୍ଣ୍ଣନାରୁ ଉତ୍ତମ ଶିକ୍ଷା ଆସେ (ଯାତ୍ରା ୪:୧୦-୧୬; ୭:୧; ଦ୍ୱିତୀୟ ବିବରଣ ୫:୫, ଭାବବାଦି ସେହି ଅଟେ ଈଶ୍ୱରଙ୍କଠାରୁ ଲୋକମାନଙ୍କୁକଥା କହନ୍ତି (ଆମୋଶ ୩:୮;ଯିରି ୧:୭, ୧୭; ଯିହିଜିକଲ ୩:୪)

(୪) ୧ ବଂଶା ୨୯:୨୯; ରେ ସମସ୍ତ ତିନି ପଦ ଭାବବାଙ୍କ କାର୍ଯ୍ୟାଳୟ ନିମନ୍ତେ ବ୍ୟବହୃତ, ଶାମୁଏଲ – ରୋହେ; ନାଥନ – ନବି ଏବଂ ଗାଦ – ହୋଜେ ।

(୫) ବାକ୍ୟ "ଇଶ୍ହା – ଏଲୋହିମ୍" "ଈଶ୍ୱରଙ୍କ ବ୍ୟକ୍ତି" ମଧ୍ୟ ଈଶ୍ୱରଙ୍କ ବକ୍ତା ନିମନ୍ତେ ବିସ୍ତୃତ ପଦ । "ଭାବବାଦି" ଭାବେ ପୁରାତନ ନିୟମରେ ଏହା ୭୬ ଥର ବ୍ୟବହୃତ ହୋଇଛି ।

(୬) "ଭାବବାଦି" ଶବ୍ଦଟି ଗ୍ରୀକ ଶବ୍ଦର ଆହ୍ନିତ । ଏହା (୧) ସପକ୍ଷରେ = "ପୂର୍ବେ" କିମ୍ବା "ନିମନ୍ତେ" ଏବଂ (୨) ଫେଲି = "କହିବାକୁ"

II. ଭାବବାଣୀର ସଂଜ୍ଞା

କ – ଇଂରେଜୀଠାରୁ ମଧ୍ୟ ଏବ୍ରୀ ଭାଷାରେ "ଭାବବାଣୀ" ଶବ୍ଦର ବିସ୍ତୃତ ଭାଷାର୍ଥ ସମ୍ବନ୍ଧ ରହିଛି ଯିହୋଶୁଅଙ୍କ ଇତିହାସ ପୁସ୍ତକ ରାଜାବଳି ମଧ୍ୟ ଦେଇ (ରୁତ୍ ବ୍ୟତୀତ) ଯିହୁଦିମାନଙ୍କ ଦ୍ୱାରା ଶବ୍ଦଟି ଶ୍ରେଣୀ ବିଭାଗ କରାଗଲା ଯେପରି "ପୂର୍ବ ଭାବବାଦିମାନେ" । ଉଭୟେ ଅବ୍ରହାମ (ଆଦି ୨୦:୭; ଗୀତ ୧୦୫:୫) ଏବଂ ମୋଷା (ଦ୍ୱିତୀୟ ବିବରଣ ୧୮:୧୮) ଭାବବାଦି ରୂପେ ଆଖ୍ୟାଦିତ ହେଲେ । (ମରିୟମ, ଯାତ୍ରା ୧୫:୨୦ ମଧ୍ୟ) । ତେଣୁ ଛଳନା ଇଂରେଜୀ ସଂଜ୍ଞାରେ ସତର୍କ ରୁହନ୍ତୁ ।

ଖ – "ଭବିଷ୍ୟବାଣିବାଦ ଉପଯୁକ୍ତ ଭାବେ ବର୍ଣ୍ଣିତ ହୋଇପାରେ .ଯେମିତି ତାହା ଇତିସହାସର ଏକ ଶିକ୍ଷାଯାହା ଈଶ୍ୱରରୀୟ ବିଚାରଧାରାରେ ହିଁ ଶବ୍ଦର ଅର୍ଥକୁ ଗ୍ରହର କରାଯାଏ ଏବଂ ଈଶ୍ୱରୀୟ ଉଦ୍ଦେଶ୍ୟ ଓ ଈଶ୍ୱରୀୟ ସହେଯୋଗ ଦ୍ୱାରା ଇଣ୍ଟର ପ୍ରିଟରସ ଡିକ୍ସିନେରୀ ଅଫ ଦି ବାଇବଲ, ଭଲ୍ୟୁମ ୩, ପୃଷ୍ଠା ୮୯୬,

ଗ – ଭବିଷ୍ୟବକକ୍ତା ଜଣେ ଦାର୍ଶନିକ ନୁହଁନ୍ତି ନା ହିଁ ଜଣେ ଧର୍ମଶାସ୍ତ୍ରୀୟ, କିନ୍ତୁ ଜଣେ ପ୍ରତିଜ୍ଞା ମଧ୍ୟସ୍ଥ, ଯିଏ ବର୍ତ୍ତମାନକୁ ପୁନଃଗଠନ କରି ଭବିଷ୍ୟତକୁ ଗଠନ କରିବାକୁ ଈଶ୍ୱରଙ୍କ ବାକ୍ୟ କହନ୍ତି । "ଭବିଷ୍ୟତବକ୍ତା ଏବଂ ଭବିୟେତବାଣୀ" ଏନସାଇକ୍ଲପେଡ଼ିଆ ଜୁଡ଼ାଇକା, ଭଲ୍ୟୁମ ୧୩, ପୃଷ୍ଠ ୧୧୫୨

III. ଭବିଷ୍ୟତବାଣୀର ଉଦ୍ଦେଶ୍ୟ

କ – ଭବିଷ୍ୟତବାଣୀ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କଥା କହିବାର ଏକ ମାର୍ଗ, ସେମାନଙ୍କ ବର୍ତ୍ତମାନର ସ୍ଥିତିରେ ମାର୍ଗଦର୍ଶନ ଦିଏ ଏବଂ ଜୀବନ ଶୈଳୀରେ ଓ ଜାଗତିକ କାର୍ଯ୍ୟରେ ଆଶା ଦିଏ । ସେମାନଙ୍କର ବାକ୍ୟ ସାଧାରଣ ଗୋଷ୍ଠୀଗତ । ଏହା ଶାସନ, ପ୍ରସାହନ, ଉଦ୍ରେକ ବିଶ୍ୱାସ ଓ ଅନୁତାପ, ଈଶ୍ୱରଙ୍କ ଲୋକମାନଙ୍କୁ ତାଙ୍କ ଏବଂ ତାହାଙ୍କ ଯୋଜନା ସମ୍ବନ୍ଧରେ ସୂଚନା ଦିଏ । ସେମାନେ ଈଶ୍ୱରଙ୍କ ଲୋକମାନଙ୍କ ବିଶ୍ୱସ୍ତତାରୁ ଈଶ୍ୱରଙ୍କ ପ୍ରତିଜ୍ଞାରେ ଘେନି ଯାଆନ୍ତି । ଏହା ଈଶ୍ୱରଙ୍କ ଇଚ୍ଛା ଗୋଟିଏ ମୁଖପାତ୍ର (ଦ୍ୱିତୀୟ ବିବରଣ ୧୩:୧-୩; ୧୮:୨୦-୨୨) । ଏହା ମୁଖ୍ୟତଃ ମଶୀହଙ୍କୁ ଦର୍ଶାଇବା ନିମନ୍ତେ ନିଆଯାଇଅଛି ।

ଖ – ଅଧିକାଂଶ ସମୟରେ ଭାବବାଦିମାନେ ସେମାନଙ୍କ ସମୟର ଇତିହାସ କିମ୍ବା ଈଶ୍ୱର ଶାସ୍ତ୍ରୀୟ ଅଭାବକୁ ନେଇଅଛନ୍ତି ଏବଂ ତାହାକୁ ଅନ୍ତିମ ସମୟ ଗଠନ ସମ୍ବନ୍ଧରେ ଯୋଜନା କଲେ । ଇତିହାସର ଏହି ଅନ୍ତିମ ସମୟ ଦୃଶ୍ୟ ଇସ୍ରାଏଲରେ ଅଦ୍ୱିତୀୟ ଏବଂ ଏହାର ବିଚାର ଈଶ୍ୱରରୀୟମନୋନୀତ ଏବଂ ନିୟମ ପ୍ରତିଜ୍ଞା ଅଟେ ।

ଗ - ଭାବବାଦିମାନଙ୍କ କାର୍ଯ୍ୟ ସନ୍ତୁଳିତ ଜଣାପଡ଼େ (ଯିରି ୧୮:୧୮) ଏବଂ ଈଶ୍ୱରଙ୍କ ଇଛାକୁ ଜାଣିବାକୁ ମହାଯାଜକଙ୍କ କାର୍ଯ୍ୟକୁ ବଳପୂର୍ବକ ନେଉଥିଲେ ଉରିସ ଏବଂ ତୁମିସ ଈଶ୍ୱରଙ୍କ ମୁଖପାତ୍ରଙ୍କଠାରୁ ମୌଖିକ ବାକ୍ୟରେ ଟପିଯାଇଥିଲେ । ମଲାଖି ପରେ ଏମିତି ଲାଗେ କି ଇସ୍ରାଲଲରେ ଭାବବାଦିଙ୍କ କାର୍ଯ୍ୟ ସମାପ୍ତି ହେଲା । ଏହା ୪୦୦ ବର୍ଷ ବାପ୍ତିଜକ ଯୋହନଙ୍କ ସମୟ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ଏହା ଅନିଶ୍ଚିତ କି କେମିତି ନୂତନ ନିୟମ "ଭବିଷ୍ୟତବାଣୀ" ଦାନ ପୁରାତନ ନିୟମ ସହିତ ସମ୍ବନ୍ଧିତ ହୋଇପାରେ । ନୂତନ ନିୟମ ଭାବବାଦିମାନେ (ପ୍ରେରିତ ୧୧:୨୭-୨୮; ୧୩:୧; ୧୪:୨୯, ୩୨, ୩୭; ୧୫:୩୨; ୧ କରି ୧୨:୧୦, ୨୮-୨୯; ଏଫି ୪:୧୧) ନୂତନ ପ୍ରକାଶନ କିମ୍ବା ବାକ୍ୟର ପ୍ରକାଶକ ନ ଥିଲେ, କିନ୍ତୁ ପ୍ରତିଜ୍ଞାନ ପରିସ୍ଥିତିରେ ସେମାନେ ଈଶ୍ୱରଙ୍କ ଇଛାର ଭବିଷ୍ୟତ କଥା କହୁଥିଲେ।

ଘ - ଭବିଷ୍ୟତବାଣୀ ସ୍ୱଭାବିକ ଭାବେ କେବଳ କିମ୍ବା ମୁଖ୍ୟତଃ ଭାବବାଣୀ କହିବା ନୁହେଁ । ଭାବବାଣୀ ଗୋଟିଏ ମାର୍ଗରେ ତାହାର କାର୍ଯ୍ୟ ଏବଂ ବାକ୍ୟକୁ ପ୍ରମାଣ କରିବା, କିନ୍ତୁ ଏହା ଜାଣିବା ଯୋଗ୍ୟ କି ପୁରାତନ ନିୟମର ୨%ରୁ କମ୍ ଭାବବାଣୀ ଖ୍ରୀଷ୍ଟିୟ ଅଟେ । ୫%ରୁ କମ୍ ନୂତନ ନିୟମ ଯୁଗ ବିଷୟରେ ବର୍ଣ୍ଣନା କରେ । ୧%ରୁ କମ୍ ଆସନ୍ତା ଯୁଗ ବିଷୟରେ କୁହେ (ଫି ଏଣ୍ଡ ଷ୍ଟୁଆର୍ଟ, ହାଉ ଟୁ ରିଡ୍ ଦ ବାଇବଲ ଫର ଅଲ୍ ଇଟସ ୱ୍ୱର୍ଦ ପୃ ୧୬୬)

ଙ. ଭାବବାଦିମାନେ ଲୋକମାନଙ୍କ ସମ୍ମୁଖରେ ଈଶ୍ୱରଙ୍କ ଉପସ୍ଥାପନ କରନ୍ତି, ଯେପରି ଯାଜକମାନେ ଈଶ୍ୱରଙ୍କ ସମ୍ମୁଖରେ ଲୋକମାନଙ୍କୁ ଉପସ୍ଥାପନ କରନ୍ତି । ଏହା ଏକ ସାଧାରଣ ବିବରଣୀ । କେତେକେ ବ୍ୟତିକ୍ରମ ରହିଛି ଯେପରି ହବକୁକ୍, ଯିଏ ଈଶ୍ୱରଙ୍କୁ ପ୍ରଶ୍ନ କରନ୍ତି ।

ଚ -ଭାବବାଦିମାନଙ୍କୁ ବୁଝିବାରେ କଠିନତାର ଗୋଟିଏ କାରଣ ହେଲା, ସେମାନଙ୍କର ପୁସ୍ତକସବୁ କିପରି ଗଠିତ ହେଲା ତାହା ଆମ୍ଭେ ଜାଣୁ ନାହୁଁ । ସେସବୁ କାଳାନୁକ୍ରମିକ ନୁହେଁ । ସେସବୁ ବିଷୟଗତ ପରି ଜଣାପଡ଼େ କିନ୍ତୁ ସର୍ବଦା ଜଣକର ଅପେକ୍ଷାକୃତରେ ନୁହେଁ । ପ୍ରାୟତଃ ସେଠାରେ ଐତିହାସିକ ଢାଞ୍ଚା ନାହିଁ । କିମ୍ବା ସମୟ ଓ ବାର୍ତ୍ତାଳାପ ମଧ୍ୟରେ ସ୍ପଷ୍ଟ ବିଭାଜନ ନାହିଁ ।

ଏହି ପୁସ୍ତକ ସବୁ ଏଇଥି ଯୋଗୁଁ ଜଟିଳ ଅଟେ । (୧) ଏକାଥରେ ପଢ଼ିବା କଷ୍ଟ (୨) ବିଷୟର ସଂକ୍ଷିପ୍ତ ବିବରଣୀ କରିବା କଷ୍ଟ ଏବଂ (୩) ପ୍ରତି ବାକ୍ୟରେ କେନ୍ଦ୍ରିୟ ସତ୍ୟତାକୁ ଖୋଜି ବାହାର କରିବା କିମ୍ବା ଲେଖକଙ୍କ ଇଛାକୁ ଜାଣିବା କଷ୍ଟ ।

IV. ଭବିଷ୍ୟତବାଣୀର ବିଶେଷତ୍ୱ

କ - ପୁରାତନ ନିୟମରେ "ଭାବବାଣୀ" ଏବଂ "ଭାବବାଦି"ର ବିଚାରଧାରାର ବିକାଶ ଥିବା ଜଣାପଡ଼େ । ଆରମ୍ଭିକ ଇସ୍ରାଏଲରେ ଭାବବାଦିମାନଙ୍କ ସହଭାଗିତା ବିକଶିତ ଥିଲା । ଯେପରି ଏଲୀୟ ଏବଂ ଏଲୀଶାୟ ସମାନ ଐଶ୍ୱରିକ ଶକ୍ତି ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ । କେତେକ ସମୟରେ ବାକ୍ୟ "ଭାବବାଦିମାନଙ୍କ ପୁତ୍ରମାନେ" ଏହି ଦଳକୁ ଚିହ୍ନିତ କରିବା ନିମନ୍ତେ ବ୍ୟବହୃତ ହୋଇଥିଲା (୨ ରାଜା ୨) । ଭାବବାଦିମାନେ ଉଲ୍ଲାସର ଗଠନ ଦ୍ୱାରା ଚିତ୍ରିତ ହୋଇଥିଲେ (୧ ଶାମୁ ୧୦:୧୦-୧୩; ୧୯:୧୮-୨୪) ।

ଖ - ମାତ୍ର ଏହି ସମୟ ବ୍ୟତିଗତ ଭାବବାଦିମାନେଙ୍କ ଦ୍ୱାରା ଅତିଶୀଘ୍ର ଅତିବାହିତ ହେଲା ।କେତେକ ଭାବବାଦିମାନେ (ସତ୍ୟ ସ ମିଥ୍ୟା)ଥିଲେ ଯଏ ରାଜାମାନଙ୍କ ସହିତଚିହ୍ନିତ ହୋଇଥିଲେଏବଂ ରାଜପ୍ରସାଦରେ ଜୀବନଯାପନ କଲେ (ଗାଦ, ନାଥନ) । କେତେକ ସ୍ୱାଧୀନ ଭାବବାଦି ମଧ୍ୟ ଥିଲେ, ଅନେକ ଥର ଇସ୍ରାଲଏ ସମାଜରେ ହିଁ ସେମାନଙ୍କର ସମ୍ବନ୍ଧ ନ ଥିଲା (ଆମୋଶ) । ସେମାନେ ଉଭୟ ପୁରୁଷ ଏଂ ସ୍ତ୍ରୀମାନେ (୨ ରାଜା ୨୨:୧୪)

ଗ - ଭାବବାଦି ସର୍ବଦା ଜଣେ ଭବିଷ୍ୟତର ପ୍ରକାଶକ ଥଲେ, ମଣିଷର ଚଞ୍ଚଳ ପ୍ରତିଉତ୍ତୋରର ସର୍ତ୍ତରେ । ସର୍ବଦା ଭାବବାଦିମାନଙ୍କର କାର୍ଯ୍ୟ ଈଶ୍ୱରଙ୍କ ବିଶ୍ୱବ୍ୟାପୀ ଯୋଜନାକୁ ପ୍ରକାଶ କରିବା ହିଁ ଥିଲା ଯାହା ମଣିଷର ପ୍ରତିଉତ୍ତୋରରେ ବାଧା ଯୁକ୍ତ ନ ଥିଲା । ବିଶ୍ୱବ୍ୟାପୀ ଅନ୍ତିମସମୟ ଶାସ୍ତ୍ର ଯୋଜନା ପ୍ରାଚୀନ ସମୟର ଭାବବାଦିମାନଙ୍କ ମଧ୍ୟରେ ଅଦ୍ୱିତୀୟ ଥିଲା । ଭବିଷ୍ୟତ ବାଣି ଏବଂ ପ୍ରତିଜ୍ଞା ବିଶ୍ୱସ୍ତତା ଏ ଦୁହେଁ ଭାବାବାଣୀ ବାକ୍ୟର ମୁଖ୍ୟ ଅଟନ୍ତି (ଫି ଏଣ୍ଡ୍ ଷ୍ଟୁଆର୍ଟ, ପୃ. ୧୫୦) । ଏହାର ଅର୍ଥ ଭାବବାଦିମାନେ ମୁଖ୍ୟତଃ ଧ୍ୟାନରେ ଏକୀଭୂତ ସାଧାରଣତଃ ସେମାନେ ରାଷ୍ଟ୍ର ବିଷୟରେ କହନ୍ତି କିନ୍ତୁ କେବଳ ତାହା ବିଷୟରେ ତାହା ନୁହେଁ ।

ଘ - ଅନେକ ଭବିଷ୍ୟତ ଘଟଣାବସ୍ତୁ ସବୁ ମୌଖିକ ରୂପେ ଉପସ୍ଥାପିତ ହୋଇଛି । କିନ୍ତୁ ପରେ ଏହା ବିଷୟ ଅର୍ଥରେ ଯୋଡ଼ିତ ହେଲା । କାଳାନୁକ୍ରମିକ ଏବଂ ପ୍ରାଚୀନ ସାହିତ୍ୟର ଢାଞ୍ଚା ଯାହା ଆମ୍ଭମାନଙ୍କୁ ଅଜଣା କାରଣ ସେ ସବୁ ମୌଖିକ ଥିଲା । ଲେଖାବଦ୍ଧ ନ ଥିଲା । ତେଣୁ ଏହି ପୁସ୍ତକମାନଙ୍କୁ ସିଧାସଳଖ ପଢ଼ି ଜଟିଳ ଏବଂ ଐତିହାସିକ ଢାଞ୍ଚାର ବିନା ବୁଝିବା ମଧ୍ୟ କଷ୍ଟସାଧ ।

ଙ - ଭାବବାଦିମାନେ ବାକ୍ୟ ପ୍ରେରଣ କରିବାରେ ଅନେକ ମାଧ୍ୟମ ଆପଣାଇଲେ

୧ - ଅଦାଲତ ଦୃଶ୍ୟ - ଈଶ୍ୱର ଆପଣା ଲୋକମାନଙ୍କୁ ବିଚାର ସ୍ଥାନକୁ ନେଉଥିଲେ, ଅଧିକାଂଶଏହା ,କ ଛାଡ଼ପତ୍ର ବିଷୟ ଯାହାଯିହୋବା ଆପଣା ଭାର୍ଯ୍ୟା (ଇସ୍ରାଏଲ)କୁ ତାର ଅବିଶ୍ୱସ୍ତତା ହେତୁ ପରିତ୍ୟାଗ କରନ୍ତି (ହୋଶେ ୪: ମି. ୬)

୨ - ଶବ ସତ୍କାର ବିଳାପ - ଏହି ପ୍ରକାର ସଂଦେଶ ଏବଂ ଚରିତ୍ରର ବିଶେଷ ମାପଯନ୍ତ୍ର "ଦୁଃଖପୂର୍ଣ୍ଣ" ଅଟେ । ଏହା ବିଶେଷ ଢାଞ୍ଚାରେ ବିଭକ୍ତ କରେ ।

୩ - ପ୍ରତିଜ୍ଞା ଆଶିଷର ଘୋଷଣା - ପ୍ରତିଜ୍ଞାର ସର୍ତ୍ତପୂର୍ଣ୍ଣ ପ୍ରକୃତି ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ପରିଣାମ ସାକାରାତ୍ମକ ଓ ନାସ୍ତିସୂଚକ ଏବଂ ଭବିଷ୍ୟତ ନିମନ୍ତେ ବନାନ କରାଗଲା (ଦ୍ୱିତୀୟ ବିବରଣ ୨୭-୨୮)

V. ଅନୁବାଦିତ ଭାବବାଣୀ ନିମନ୍ତେ ସହାୟକ ଟୀକ୍‌କା

କ - ଏତିସହାସିକ ଗଂନର ଚିହ୍ନଟ ଦ୍ୱାରା ବାସ୍ତବିକ ଭାବବାଦିଙ୍କ ଉଦ୍ଦେଶ୍ୟକୁ ଖୋଜନ୍ତୁ ଏବୁ ପ୍ରତ୍ୟେକ ଦୈବବାଣୀର ଆକ୍ଷରିକ ପ୍ରସଙ୍ଗ

ଖ - କେବଳ ଗୋଟିଏ ନୁହେଁ, କିନ୍ତୁ ସଂପୂର୍ଣ୍ଣ ବାଣୀକୁ ପଢ଼ି ଅନୁବାଦ କରନ୍ତୁ । ସୂଚୀପତ୍ରରେ ଏହାକୁ ସଂକ୍ଷିପ୍ତ କରନ୍ତୁ । ଦେଖନ୍ତୁ ଏହା କିପରି ଅନ୍ୟ ବାଣୀ ସହିତ ସମ୍ବନ୍ଧ ରଖେ । ସଂପୂର୍ଣ୍ଣ ବହିକୁ ସଂକ୍ଷିପ୍ତ କରିବାକୁ ଚେଷ୍ଟା କରନ୍ତୁ ।

ଗ - ଐତିହାସିକ ଗଠନରେ ସାଂକେତିକ କ୍ରିୟାକୁ ବିବରଣ କରନ୍ତୁ ଏବଂ ଅନୁଚ୍ଛେଦକୁ ସମାନ୍ତର କରନ୍ତୁ । ପ୍ରାଚୀନ୍ ଆନିସେଣ୍ଟ ଲିଖନ ପାଶ୍ଚାତ କିମ୍ବା ଆଧୁନିକ ଲେଖା ଏହା ମନେ ରଖିବା ଉଚିତ ।

ଘ - ଯତ୍ନର ସହକାରେ ଭାବବାଣୀକୁ ବ୍ୟବହାର କରନ୍ତୁ ।

୧ - କଣ ସେସବୁ କେବଳ ଲେଖକଙ୍କ ଦିନ ନିମନ୍ତେ ହିଁ ଅଟେ ?

୨ - କଣ ସେସବୁ ପରେ ଇସ୍ରାଏଲର ଇତିହାସରେ ପୂର୍ଣ୍ଣ ହେଲା ?

୩ - କଣ ସେସବୁ ଏବେ ମଧ୍ୟ ଭବିଷ୍ୟତର ଘଟଣା ଅଟେ ?

୪ - କଣ ସେସବୁ ଏକ ସମକାଳୀନ ପୂର୍ତ୍ତି ଏବଂ ଏବେ ମଧ୍ୟ ପୁରା ହେବାର ବାକି ?

୫ - ଆପଣଙ୍କ ଉତ୍ତରକୁ ପାଇବାରେ ବାଇବଲର ଲେଖକଙ୍କୁ ଅନୁମତି ଦିଅନ୍ତୁ, ଆଧୁନିକ ଲେଖକଙ୍କୁ ନୁହେଁ ।

ଙ - ବିଶେଷ ବିଚାରଧାରା

୧ - କଣ ସର୍ତ୍ତପୂର୍ଣ୍ଣ ପ୍ରତିତ୍ତୋର ଦ୍ୱାରା ଭାବବାଣୀ ଯୋଗ୍ୟତା ପାଏ ?

୨ - କଣ ଏହା ନିଶ୍ଚିତ ଅଟେ କି କାହାକୁ ଭବିଷ୍ୟତବାଣୀ କୁହାଗଲା (ଏବଂ କାହିଁକି ?)

୩ - ସାମୁହିକ ପୂର୍ଣ୍ଣତା ନିମନ୍ତେ ଉଭୟ ବାଇବଲିୟ ଏବଂ / କିମ୍ବା ଐତିହାସିକର କଣ ସମ୍ଭବତା ରହିଛି ?

୪ - ନୂତନ ନିୟମ ଲୋକମାନେ ପ୍ରେରିତ ହେବା ଦ୍ୱାରା ପୁରାତନ ନିୟମର ଅନେକ ସ୍ଥାନରେ ମଶୀହଙ୍କୁ ଦେଖିଲେ ସେସବୁ ଆମ୍ଭମାନଙ୍କ ନିମନ୍ତେ ସ୍ପଷ୍ଟ ନୁହେଁ । ସେମାନେ ଲେଖାଶାସ୍ତ୍ର କିମ୍ବା ଲିଖନ ପ୍ରକ୍ରିୟାର ବ୍ୟବହାର କରିଥବବା ଜଣାପଡ଼େ । ଆମ୍ଭେମାନେ ପ୍ରେରଣ ହୋଇ ନ ଥିବା ହେତୁ ଭଲ ହେବ କି ସେସବରୁ ଆମେ ଦୂର ରହିବା

VI. ସହାୟକ ପୁସ୍ତକ

କ - ଏ ଗାଇଡ଼୍ ଟୁ ବିବ୍ଲିକାଲ ପ୍ରୋଫେସିତ, କାର୍ଲ ଇ. ଏମେଣ୍ଡିଙ୍ଗ ଏବଂ ଡବ୍ଲୁ ଓ୍ୱାର୍ଡ଼ ବାସ୍କଙ୍କ ଦ୍ୱାରା

ଖ - ଗୋର୍ଡ଼ନ ପି ଏବଂ ଡୋଗ୍‌ଲାସ ଷ୍ଟୁଆର୍ଟ ଦ୍ୱାରା ହାଓ ଟୁ ରିଡ଼୍ ଦ ବାଇବଲ ଫର ଅଲ ଇଟସ ଓ୍ୱର୍ଦ

ଗ - ଏଡ଼୍‌ଓ୍ୱାର୍ଡ଼ ଜେ. ୟୋଙ୍ଗଙ୍କ ଦ୍ୱାରା ମାଇ ସର୍‌ଭେଣ୍ଟସ ଦା ପ୍ରୋଫେଟସେ

ଇ-ନିଉ ଇଣ୍ଟରନେସାଲ ଡିକ୍ସନେରୀ ଅଫ ଓଲ୍‌ଡ଼ ଟେଷ୍ଟାମେଣ୍ଟ ଥିଓଲୋଜି ଏଣ୍ଡ ଏକ୍ସେଜିସ, ଭଲ୍ୟୁମ ୪, ପୃ ୧୦୬୭-୧୦୭୮

**ବିଶେଷ ଶୀର୍ଷ : ନୂତନ ନିୟମ ଭବିଷ୍ୟତବାଣୀ**

I. ଏହା ପୁରାତନ ନିୟମର ଭବିଷ୍ୟତବାଣୀ ସାଦୃଶ୍ୟ ନୁହେଁ। ଯାହା ଯିହୋବାଙ୍କ ଠାରୁ ପ୍ରେରିତ ପ୍ରକାଶିତର ରାବ୍‌ବିୟ ଅର୍ଥ ପ୍ରକାଶ (ପ୍ରେରିତ ୩:୧୮-୨୧; ରୋମ ୧୬:୨୬) । କେବଳ ଭାବବାଦି ମାନେ ହିଁ ବାକ୍ୟ ଲେଖିପାରନ୍ତି ।

କ - ମୋଶା ଜଣେ ଭାବବାଦି କୁହାଯାଇଥିଲେ (ଦ୍ୱିତୀୟ ବିବରଣୀ ୧୮:୧୫-୨୧)

ଖ - ଇତିହାସ ପୁସ୍ତକ (ଯିହୋଶୂଅ - ରାଜାବଳି (ରୁତ୍‌କୁ ବାଦ୍ ଦେଲେ)

"ପୂର୍ବ ଭବିଷ୍ୟତ୍‌ବକ୍ତା' କୁହାଗଲେ (ପ୍ରେରିତ ୩:୨୪)

ଗ - ଈଶ୍ୱରଙ୍କ ସ୍ରୋତ ସୂଚନା ଅନୁଯାୟୀ ଭାବବାଦିମାନେ ମହାଯାଜକଙ୍କ ସ୍ଥାନକୁ ବଳପୂର୍ବକ ଆକ୍ତିଆର କରୁଥିଲେ (ଯିାଇୟ - ମଲାଖି)

ଘ - ଯିହୁଦୀ ମାପଦଣ୍ଡର ଦ୍ୱିତୀୟ ବିଭାଜନ "ଭବିଷ୍ୟତବକ୍ତାମାନେ" ଅଟନ୍ତି (ମାଥିଉ ୫:୧୭; ୨୨:୪୦; ଲୁକ ୧୬:୧୬; ୨୪:୨୫, ୨୭; ରୋମି ୩:୨୧)

II. ନୂତନ ନିୟମର ବିଚାର ଧାରା ବିଭିନ୍ନ ରୂପରେ ବ୍ୟବହୃତ ହେଲା

କ - ପୁରାତନ ନିୟମର ଭାବବାଦି ଏବଂ ସେମାନଙ୍କ ପ୍ରେରିତ ବାକ୍ୟକୁ ଇଙ୍ଗିତ୍ କରେ (ମାଥିଉ ୨:୨୩; ୫:୧୨; ୧୧:୧୩; ୧୩:୧୪, ରୋମି ୧:୨)

ଖ - ଗୋଷ୍ଠୀ ଦଳ ବଦଳରେ ଏକ ବ୍ୟକ୍ତିଙ୍କ ନିମନ୍ତେ ବାକ୍ୟ ଦର୍ଶାଏ (ପୁରାତନ ନିୟମର ଭାବବାଦିମାନେ ମୁଖ୍ୟତଃ ଇସ୍ରାଏଲିମାନଙ୍କୁ କଥା କହିଲେ)

ଗ - ଉଭୟେ ବାପ୍ତିଜକ ଯୋହନ (ମାଥିଉ ୧୧:୯; ୧୪:୫; ୨୧;୨୬; ଲୁକ ୧:୭୬) ଏବଂ ଯୀଶୁଙ୍କୁ ଈଶ୍ୱରଙ୍କ ରାଜ୍ୟର ଘୋଷଣାକାରୀ ରୂପେ ଦର୍ଶାଏ (ମାଥିଉ ୧୩:୫୭; ୨୧:୧୧, ୪୬; ଲୁକ ୨:୨୪; ୭:୧୬; ୧୩:୩୩; ୨୪:୧୯) । ଯୀଶୁ ଭାବବାଦିମାନଙ୍କଠାରୁ ଶ୍ରେଷ୍ଠ ବୋଲି ଘୋଷିତ ହେଲେ । (ମାଥି ୧୧:୯; ୧୨:୪୧; ଲୁକ ୭:୨୬)

ଘ - ନୂତନ ନିୟମର ଅନ୍ୟ ଭାବବାଦିମାନେ

୧ - ଲୁକ ରଚିତ ସୁସମାଚାରରେ ଲିଖିତ ଯୀଶୁଙ୍କର ଆରମ୍ଭିକ ଜୀବନ (ମରିୟମଙ୍କ ସ୍ମୃତି)

କ - ଏଲିଜାବେଥ (ଲୁକ ୧:୪୧-୪୨)

ଖ - ଯିଖରୀୟ (ଲୁକ ୧:୬୭-୭୯)

ଗ - ଶିମୋନ (ଲୁକ ୨:୨୫-୩୫)

ଘ - ହାନ୍ନା (ଲୁକ ୨:୩୬)

୨ - ବ୍ୟଙ୍ଗସୂଚକ ଭାବବାଣୀ (କୈପୀ ଯୋହନ ୧୧:୫୧)

ଙ. ଯିଏ ସୁସମାଚାର ଘୋଷଣା କରେ ତାହାଙ୍କୁ ଦର୍ଶାଏ (୧ କରି ୧୨:୨୮-୨୯; ଏଫି ୪:୧୧ ରେ ଦାନ ବିଷୟରେ ଘୋଷଣା କରୁଥିବା ସୂଚି)

ଚ - ମଣ୍ଡଳୀରେ ଚାଲୁଥିବା ଦାନ ବିଷୟରେ ଦର୍ଶାଏ (ମାଥି ୨୩:୩୪; ପ୍ରେ

ରିତ ୧୩:୧; ୧୫:୫୨; ରୋମୀ ୧୨:୬; ୧ କରି ୧୨:୧୦, ୨୮-୨୯, ୧୩:୨; ଏଫି ୪:୧୧) ବେଳେ ବେଳେ ଏହା ସ୍ତ୍ରୀମାନଙ୍କୁ ଦର୍ଶାଏ (ଲୁକ ୨;୩୬; ପ୍ରେରିତ ୨:୧୭; ୨୧:୯; ୧ କରି ୧୧:୪-୫)

ଛ - ପ୍ରକାଶିତ ବାକ୍ୟ ପୁସ୍ତକର ଜଗତର ସମାପ୍ତିକୁ ଦର୍ଶାଏ (ପ୍ରକା. ୧:୩; ୨୨:୭, ୧୦, ୧୮, ୧୯)

III. ନୂତନ ନିୟମର ଭାବବାଦିମାନେ

କ - ଯେମିତି ପୁରାତନ ନିୟମର ଭାବବାଦିମାନେ ପ୍ରେରଣାଦାୟୀ ପ୍ରକାଶିତ ବ୍ୟାକ ଦେଉଥିଲେ ସେମିତି ଏମାନେ ଦିଅନ୍ତି ନାହିଁ (ବାକ୍ୟ) । ବାକ୍ୟ "ବିଶ୍ୱାସ"ର ପ୍ରୟୋଗ ହେତୁ ଏହି ବ୍ୟାଖ୍ୟା ସମ୍ଭବ ଅଟେ (ଏକ ପୂର୍ଣ୍ଣ ସୁସମାଚାର ବିଚାର) ଯାହା ପ୍ରେରିତ ୬:୭, ୧୩:୮; ୧୪:୨୨; ଗାଲା ୧:୨୩; ୩:୨୩; ୬:୧୦; ଫିଲି ୧:୨୭;ଯିହୁଦା ୩:୨୦ରେ ବ୍ୟବହୃତ । ଏହି ବିଚାରଟି ଯିହୁଦା ୩ ପଦରେ ବ୍ୟବହୃତ ବାକ୍ୟ ଦ୍ୱାରା ସ୍ପଷ୍ଟ ଅଟେ । "ବିଶ୍ୱାସ ଥରେ ଏବଂ ସମସ୍ତଙ୍କ ନିମନ୍ତେ ସାଧୁମାନଙ୍କୁ ଦିଆଗଲା ।" "ସମସ୍ତଙ୍କ ନିମନ୍ତେ ଥରେ" ବିଶ୍ୱାସ ଖ୍ରୀଷ୍ଟିଆନମାନଙ୍କ ସତ୍ୟ, ସିଦ୍ଧାନ୍ତ, ବିଚାର ଓ ବିଶ୍ୱ ଶିକ୍ଷାକୁ ଦର୍ଶାଏ । ନୂତନ ନିୟମର ଲେଖାକୁ ଧର୍ମଶାସ୍ତ୍ରୀୟ ସୀମାର ପ୍ରେରଣା ନିମନ୍ତେ ଥରେ ଦିଆଯାଇଥିବା ଶବ୍ଦଟି ବାଇବଲିୟ ଆଧାର ଅଟେ ଏବଂ ପର କିମ୍ୱା ଅନ୍ୟ ଲେଖାମାନଙ୍କୁ ଈଶ୍ୱର ପ୍ରକାଶନ ରୂପେ ଅନୁମତି ଦିଏ ନାହିଁ । ନୂତନ ନିୟମରେ ଅନେକ ସନ୍ଦେହଜନକ, ଅନିଶ୍ଚିତ ଏବଂ ନୀରସ ବିଷୟ ରହିଛି, କିନ୍ତୁ ବିଶ୍ୱାସୀମାନେ ବିଶ୍ୱାସରେ ଦୃଢ଼ ରୁହନ୍ତି, ବିଶ୍ୱାସରେ ଯାହା କିଛି "ଆବଶ୍ୟକ " ପଡ଼େ । ନୂତନ ନିୟମରେ ବିଶ୍ୱାସ ଓ ମାନିବା ନିମନ୍ତେ ପର୍ଯ୍ୟାପ୍ତ ଭାବେ ସ୍ପଷ୍ଟ କରାଯାଇଛି । ଏହି ବିଚାରଟି ଈଶ୍ୱର ପ୍ରକାଶ ତ୍ରିକୋଣ ରୂପେ ବର୍ଣ୍ଣିତ ହେଲା ।

୧ - ଈଶ୍ୱର ଇତିହାସର ସମୟ-ସ୍ଥାନରେ ଆପଣାକୁ ପ୍ରକାଶ କଲେ (ପ୍ରକାଶିତ ବାକ୍ୟ)

୨ – ସେ ତାହାଙ୍କ ପ୍ରମାଣ ବାକ୍ୟକୁ ଓ କାର୍ଯ୍ୟକୁ ବିବରଣ କରିବା ନିମନ୍ତେ କେତେକ ବିଶେଷ ଲେଖକଙ୍କୁ ମନୋନୀତ କଲେ (ପ୍ରେରଣା)

୩ – ଏହି ବିଷୟକୁ ବୁଝିବା ନିମନ୍ତେ ଓ ମଣିଷର ମନ ଓ ହୃଦୟକୁ ଖୋଲିବା ନିମନ୍ତେ ସେ ତାହାଙ୍କ ଆତ୍ମାଙ୍କୁ ଦେଲେ, ଚୁକ୍ତି ରୂପେ ନୁହେଁ କିନ୍ତୁ ଉଦ୍ଧାର ଓ ପ୍ରଭାବଶୀଳ ଖ୍ରୀଷ୍ଟିଆନ ଜୀବନ ନିମନ୍ତେ ପର୍ଯ୍ୟନ୍ତ ରୂପେ ଦେଲେ (ଆଲୋକନ) । ଏହି ବିଷୟ ଅର୍ଥ ହେଲା ବାକ୍ୟର ଲେଖକଙ୍କୁ ପ୍ରେରଣା ସୀମିତ ଅଟେ । ଆଗକୁ ଅଧିକାର ପ୍ରାପ୍ତ ଲେଖ, ଦର୍ଶନ କିମ୍ବା ପ୍ରକାଶିତ ବାକ୍ୟ ନାହିଁ । ମାପଦଣ୍ଡ ସମାପ୍ତ ହେଲା । ଈଶ୍ୱରଙ୍କୁ ଉପଯୁକ୍ତ ରୂପେ ପ୍ରତିଉତ୍ତର ଦେବାକୁ ଆମ୍ଭମାନଙ୍କ ପାଖେ ଯଥେଷ୍ଟ ସତ୍ୟ ରହିଅଛି । ଏହି ସତ୍ୟ ବାଇବଲ ଲେଖକଙ୍କ ସହମତ ବନାମ ସଚ୍ଚୋଟ, ଈଶ୍ୱରୀୟ ବିଶ୍ୱାସୀମାନଙ୍କ ଅସହମତ ରେ ଉତ୍ତମ ଭାବେ ଦେଖାଯାଏ । ଯେପରି ବାଇବଲର ଲେଖକଙ୍କ ଈଶ୍ୱରୀୟ ନେତୃତ୍ୱ ଓ ସ୍ତର ଥିଲା ସେପରି ଆଧୁନିକ ଲେଖକ ବା ବକ୍ତାମାନଙ୍କର ନାହିଁ ।

ଖ – କେତେକ କ୍ଷେତ୍ରରେ ନୂତନ ନିୟମର ଭାବବାଦିମାନେ ପୁରାତନ ନିୟମର ଭାବବାଦିମାନଙ୍କ ସାଦୃଶ୍ୟ ଅଟନ୍ତି ।

୧ – ଭବିଷ୍ୟତ ଘଟଣାର ଭାବବାଣୀ (ପାଉଲ ପ୍ରେରିତ ୨୭:୨୨; ଆଗାବ ପ୍ରେରିତ ୧୧:୨୭-୨୮; ୨୧:୧୦-୧୧; କେତେକଙ୍କ ନାମ ଲିଖିତ ନାହିଁ, ପ୍ରେରିତ ୨୦:୨୩)

୨ – ବିଚାର ବିଷୟରେ ଘୋଷଣା କଲେ (ପ୍ଲାଲ ପ୍ରେରିତ ୧୩:୧୧; ୨୮:୨୫-୨୮)

୩ – ସାଂକେତିକ କାର୍ଯ୍ୟ ଯାହା ଏକ ଘଟଣାରେ ବିସ୍ତାର ରୂପେ ଦୃଶ୍ୟମାନ (ଆଗାବ ପ୍ରେରିତ ୨୧:୧୧)

ଗ. ସେମାନେ ସୁସମାଚାରର ସତ୍ୟକୁ ଘୋଷଣା କରନ୍ତି ବେଳେ ବେଳେ ଭାବବାଣୀ ରୂପେ (ପ୍ରେରିତ ୧୧:୨୭-୨୮; ୨୦:୨୩; ୨୧:୧୦-୧୧) କିନ୍ତୁ ଏହା ପ୍ରାଥମିକ କେନ୍ଦ୍ରବିନ୍ଦୁ ନୁହେଁ । ୧ କରିନ୍ଥୀରେ ଭାବବାଣୀ କରିବା ସାଧାରଣତଃ ସୁସମାଚାରରେ ଯୋଗାଯୋଗ କରିବା (୧୪:୨୪, ୩୯)

ଘ. ସେମାନଙ୍କର ଆତ୍ମାଙ୍କ ଶୈଳିର ଅର୍ଥ ଥିଲା, ଈଶ୍ୱରଙ୍କ ସତ୍ୟର ଶୈଳି ଓ ପ୍ରୟୋଗିକ ପରିଶ୍ରମକୁ ପ୍ରକାଶ କରିବା, ପ୍ରତ୍ୟେକ ନୂତନ ପରିସ୍ଥିତିରେ ସଂସ୍କୃତିରେ, କିମ୍ବା ସମୟ କାଳରେ (୧ କରି ୧୪:୩)

ଙ. ସେମାନେ ଆରମ୍ଭିକ ପାଉଲ ମଣ୍ଡଳୀରେ ସକ୍ରିୟ ଥିଲେ (୧ କରି ୧୧;୪-୫; ୧୨:୨୮,୨୯) ୧୩:୨୯; ୧୪:୧,୩,୪,୫, ୬. ୨୨, ୨୪, ୨୯, ୩୧, ୩୭, ୩୯; ଏଫି ୨:୨୦; ୩:୫; ୪:୧୧; ୧ ଥେସ ୫:୨୦) ଏବଂ ପାଣ୍ଡିତ୍ୟ ପ୍ରଦର୍ଶନରେ ଉଲ୍ଲେଖ କରାଗଲେ (ପ୍ରଥମ ଶତାବ୍ଦୀର ଶେଷ ଭାଗରେ କିମ୍ବା ଦ୍ୱିତୀୟ ଶତାବ୍ଦିରେ ଲେଖାଯାଇଅଛି, ତିଥି ଅନିଶ୍ଚିତ) ଏବଂ ଦ୍ୱିତୀୟର ମେଣ୍ଟାଇଜମ୍ ଏବଂ ଉତ୍ତରୀ ଆମେରିକାରେ ତୃତୀୟ ଶତାବ୍ଦୀ)

IV. ନୂତନ ନିୟମ ଦାନ କଣ ବନ୍ଦ ହେଲା ?

କ – ଏହି ପ୍ରଶ୍ନର ଉତ୍ତର ଦେବା କଷ୍ଟ ଅଟେ । ଦାନର ଉଦ୍ଦେଶ୍ୟକୁ ବିତରଣ କରିବା ଦ୍ୱାରା ଏହା ବିଷୟକୁ ସ୍ପଷ୍ଟ କରିବାରେ ସାହାଯ୍ୟ କରେ । କଣ ସେମାନଙ୍କର ଅର୍ଥ ସୁସମାଚାରର ଆରମ୍ଭିକ ପ୍ରଚାରକୁ ଦୃଢ଼ିଭୂତ କରିବା କିମ୍ବା ମଣ୍ଡଳୀ ନିମନ୍ତେ ଆପଣାକୁ ସେବା କରିବା ଏବଂ ହଜା ଜଗତକୁ ସେବା କରିବା ଜାରି ମାର୍ଗ ଅଟେ ?

ଖ – କଣ ପ୍ରଶ୍ନର ଉତ୍ତର ଦେବାକୁ ମଣ୍ଡଳୀର ଇତିହାସକୁ ଥରେ ଦେଖିବା ଯଥେଷ୍ଟ ଅଟେ ? ନୂତନ ନିୟମରେ କୌଣସି ସଂକେତ ନାହିଁ କି ଆତ୍ମିକ ଦାନ ସ୍ୱଳ୍ପକାଳସ୍ଥାୟୀ । ଯେଉଁମାନେ ୧ କରିକୁ ପ୍ରୟେଗ କରିବାକୁ ଚେଷ୍ଟା କରନ୍ତି ।

ଗ – ମୁଁ କହିବାକୁ ଚାହେଁ କି, ଚର୍ଚ୍ଚ ଇତିହାସ ନୁହେଁ ମାତ୍ର ନୂତନ ନିୟମ ଅଧିକାର ପ୍ରାପ୍ତ ଅଟେ । ବିଶ୍ୱାସୀମାନେ ସେହି ଦାନକୁ ନିରନ୍ତର ଦୃଢ଼ ଭାବେ ପ୍ରାପ୍ତ କରନ୍ତୁ । ଯେମନ୍ତ, ମୁଁ ବିଶ୍ୱାସ କରେ ସଂସ୍କୃତି ଅନୁବାଦରେ ପ୍ରଭାବ ପକାଏ । କେତେକ ସ୍ପଷ୍ଟ ପ୍ରସଙ୍ଗ ଆଉ ଉପଯୁକ୍ତ ନୁହଁ (ପବିତ୍ର ଚୁମ୍ବନ, ସ୍ତ୍ରୀମାନେ ଓଢଣୀ ପିନ୍ଧିବା, ଗୃହରେ ଗୀର୍ଜା ସଭା, ଇତ୍ୟାଦି) । ଯଦି ସଂସ୍କୃତି ପ୍ରସଙ୍ଗକୁ ପ୍ରଭାବିତ କରେ, ତେବେ ଚର୍ଚ୍ଚ ଇତିହାସ କାହିଁକି ?

ଘ. – ଏହା ଏକ ସାଧାରଣ ପ୍ରଶ୍ନ ଆଉ ଯାହାର ନିଶ୍ଚିତ ଉତ୍ତର ଦିଆଯାଇ ପାରେ ନାହିଁ, କେତେକ ବିଶ୍ୱାସୀଗଣ "ବନ୍ଦ"ର ସମର୍ଥନ କରନ୍ତି ଏବଂ କେତେକ "ବନ୍ଦ ନ ହେବା" ସମର୍ଥନ କରନ୍ତି । ଏହି କ୍ଷେତ୍ରରେ ଯେତେ ହୋଇପାରେ ବ୍ୟାଖ୍ୟାନ ବିଷୟ, ବିଶ୍ୱାସୀମାନଙ୍କ ହୃଦୟ ଚାବି ଆୟ । ନୂତନ ନିୟମ ଏକାଧିକ ଅର୍ଥ ଏବଂ ସାଂସ୍କୃତିକ । ଜଟିଳ ଏହା କି କେଉଁ ବାକ୍ୟ ସଂସ୍କୃତି / ଇତିହାସ ଦ୍ୱାରା ପ୍ରଭାବିତ ଏବଂ କେଉଁ ବାକ୍ୟ ସର୍ବଦା ପାଇଁ, ସମସ୍ତ ସଂସ୍କୃତି ନିମନ୍ତେ (ଫି ଏବଂ ଷ୍ଟୁଆର୍ଟଙ୍କ ହାଓ ଟୁ ରିଡ଼ ଦ ବାଇବଲ ଫର ଅଲ ଇଟସ ଓ୍ୱର୍ଦ୍ଦ ପୃ ୧୪-୧୯) ଏବଂ ୬୯-୭୭) । ଏଠାରେ, ସ୍ୱାଧୀନ ଏବଂ ଦାୟୀତ୍ୱର ଆଲୋଚନା କେଉଁଠାରେ, ଯାହା ରୋମୀୟ ୧୪:୧-୧୫:୧୩ ଏବଂ ୧ କରି ୮-୧୦ ରେ ମିଳେ, ଏବଂ ଅତି ଗୁରୁତ୍ୱପୂର୍ଣ୍ଣ । କେମିତି ଆମ୍ଭେ ସେହି ପ୍ରଶ୍ନର ଉତ୍ତର ଦେଇପାରୁ ଯାହା ଦୁଇ ପଥରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

୧ – ପ୍ରତ୍ୟେକ ବିଶ୍ୱାସୀ ଜ୍ୟୋତିରେ ଚାଲିବା ଆବଶ୍ୟକ ଯାହା ସେମାନଙ୍କ ପାଖରେ ଅଛି । ଈଶ୍ୱର ଆମ୍ଭମାନଙ୍କ ହୃଦୟ ଏବଂ ଗତି ଜାଣନ୍ତି ।

୨-ପ୍ରତ୍ୟେକ ବିଶ୍ୱାସୀ ଅନ୍ୟ ବିଶ୍ୱାସୀଙ୍କୁ ସେମାନଙ୍କ ବିଶ୍ୱାସର ଶିକ୍ଷାରେ ଚାଲିବାକୁ ଅନୁମତି ଦେବା ଉଚିତ୍ । ବାଇବଲର ସୀମା ଭିତରେ ସହନଶୀଳତା ରହିବା ଉଚିତ । ଈଶ୍ୱର ଚାହାନ୍ତି କି ଆମ୍ଭେ ପରସ୍ପରରେ ପ୍ରେମ କରୁ, ଯେପରି ସେ କରନ୍ତି ।

୩ – ବିଷୟକୁ ଯୋଗ କରିବାରେ, ମଶୀହତ ଗୋଟିଏ ବିଶ୍ୱାସ ଏବଂ ପ୍ରେମର ଜୀବନ, ଗୋଟିଏ ସିଦ୍ଧ ଧର୍ମଶାସ୍ତ୍ରୀୟ ନୁହେଁ । ତାହାଙ୍କ ସହିତ ଗୋଟିଏ ସମ୍ପର୍କ ଯାହା ଅନ୍ୟମାନଙ୍କ ସହିତ ଆମ୍ଭମାନଙ୍କ ସମ୍ବନ୍ଧରେ ପ୍ରଭାବକୁ ଆଣେ ଯାହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

**୪:୨୦ – "ଆମ୍ଭମାନଙ୍କ ପିତୃପୁରୁଷମାନେ"** ଏହା ଅବ୍ରାହମ ଏବଂ ଯାକୁବଙ୍କୁ ଦର୍ଶାଏ (ଆଦି ୧୨:୭; ୩୩:୨୦) । ସେ ତାର ପ୍ରତିଜ୍ଞାତ ସଂଲଗ୍ନକୁ ସାବ୍ୟସ୍ତ କରୁଛି (୮:୩୧-୫୯)

❒ "ଏହି ପର୍ବତରେ ଉପାସନା କଲେ" ଏହା ଏକ ଧର୍ମଶାସ୍ତ୍ରୀୟ ବିତର୍କ ଆଡ଼କୁ ଇଙ୍ଗିତ କରେ କି ଈଶ୍ୱର (ଯିହୋବା)ଙ୍କ ଉପାସନା କେଉଁଠାରେ ହେବା ଉଚିତ୍ । ଯିହୁଦୀମାନେ କହନ୍ତି ମୋରିଆ ପାହାଡ଼ରେ ଏବଂ ଶମିରଣୀୟମାନେ କହନ୍ତି ଗେରିଜିମ୍ ପାହାଡ଼ ଉପରେ । ଯେ ପର୍ଯ୍ୟନ୍ତ ଧର୍ମ ଏବଂ ଦର୍ଶନ ଶାସ୍ତ୍ର ଜଣକୁ ବ୍ୟକ୍ତିଗତ ରୀତିରେ ପ୍ରଭାବିତ ନ କରେ ସେ ପର୍ଯ୍ୟନ୍ତ ସେ ତାହାଠାରୁ ଶିଖେ ।

**୪:୨୧ "ଯେଉଁ ସମୟରେ ତୁମ୍ଭେମାନେ ଏହି ପର୍ବତରେ କିମ୍ବା ଯିରୁଶାଲମରେ ପିତାଙ୍କର ଉପାସନା କରିବା ନାହିଁ, ଏପରି ସମୟ ଆସୁଅଛି"** ଏହା ଏକ କଂପନମାନ ବିବରଣୀ ସେହି ସ୍ତ୍ରୀ ନିମନ୍ତେ ଏବଂ ଶିଷ୍ୟମାନଙ୍କ ନିମନ୍ତେ ଯେଉଁଠାରେ ବିଷୟବସ୍ତୁ ନାହିଁ, କିନ୍ତୁ କିଏ ।

**୪:୨୨ "କାରଣ ପରିତ୍ରାଣ ଯିହୁଦୀମାନଙ୍କଠାରୁ ଆସେ"** ଏହା ଖ୍ରୀଷ୍ଟଙ୍କ ଉତ୍ପତ୍ତିକୁ ସାବ୍ୟସ୍ତ କରେ । (ଆଦି ୧୨:୨-୩; ୪୯:୮-୧୨; ଯିଶା ୨:୩; ରୋମୀ ୯:୪-୫)

**୪:୨୩ "ସେପରି ସମୟ ଆସୁଅଛି; ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ"** ବିଶ୍ୱସ୍ତରୀୟ ଉପାସନା ବିଷୟରେ ଏହା ମଲାଖି ୧:୧ ନିମନ୍ତେ ଏକ କାଳ୍ପନିକ ଏହା ସ୍ପଷ୍ଟ ଯେ, ଯୀଶୁ ଆପଣା ଜୀବନ କାଳରେ ଏବଂ ମୃତ୍ୟୁର ପଶ୍ଚାତରେ ଆନନ୍ତ ଜୀବନର ଭେଟି ଆଣିଲେ । ଏହି କଥନ ଖ୍ରୀଷ୍ଟଙ୍କ ଦୁଇ ଆଗମନ ମଧ୍ୟର ସଂଘର୍ଷକୁ କହେ । ଦୁଇ ଯିହୁଦି ଯୁଗର (ଦେଖନ୍ତୁ ବିଶେଷ ଶୀର୍ଷ ୧ ଯୋହନ ୨:୧୭) ଦୂରତା ବଢ଼ିଯାଇଛି । ପବିତ୍ର ଆତ୍ମାଙ୍କ ନୂତନ ଯୁଗ ବର୍ତ୍ତମାନ ଅଟେ, ହେଲେ ମଧ୍ୟ ଆମ୍ଭେମାନେ ପାପ ଏବଂ ମନ୍ଦତାର ସେହି ପ୍ରାଚୀନ ଯୁଗରେ ବଞ୍ଚୁଅଛୁ ।

ଯୀଶୁ ଘୋଷଣା କରୁଅଛନ୍ତି କି ତାହାଙ୍କଠାରେ ନୂତନ ଯୁଗର ଆରମ୍ଭ ହୋଇଛି, ଆତ୍ମାଙ୍କ ଯୁଗ, ଖ୍ରୀଷ୍ଟଙ୍କ ଯୁଗର ଉଦ୍‌ଘାଟନ ହୋଇଛି ।

❒ **"ଆତ୍ମା ଓ ସତ୍ୟରେ ଶବ୍ଦ "ଆତ୍ମା"** (ବିଶେଷ ଶୀଷ ୩:୮) ଏହି କଥାକୁ ସ୍ପଷ୍ଟ କରେ କି ଉପାସନା ପ୍ରଦେଶ ଏବଂ ଶରୀରରେ ଆଧାରିତ ନୁହେଁ । ଶବ୍ଦ "ସତ୍ୟ" ନିମନ୍ତେ ଗ୍ରୀକ୍ ଭାଷା ବ୍ୟବହୃତ ଶବ୍ଦର ଅର୍ଥ "ମାନସିକ ବିଚାର" ଅଟେ କିନ୍ତୁ ଏବ୍ରୀ ଭାଷାରେ ବ୍ୟବହୃତ ଶବ୍ଦର ଅର୍ଥ "ବିଶ୍ୱସ୍ତତା" ବା "ଭରୋସା" ଅଟେ । ସତ୍ୟ ନିମନ୍ତେ ଦେଖନ୍ତୁ ବିଶେଷ ଶୀର୍ଷ – ୬:୫୫ ଏବଂ ୧୭:୩

❒ **"ପିତା"** ଏହି ପ୍ରକାରେ ନୂତନ ନିୟମରେ ଯୀଶୁଙ୍କୁ ଅଦ୍‌ଭୁତ ପୁତ୍ର ନ କହି ଈଶ୍ୱରଙ୍କୁ ପୁତ୍ର କହିବ । ଅସାଧାରଣ ଅଟେ ।

**ବିଶେଷ ଶୀର୍ଷ : ପିତା**

ପୁରାତନ ନିୟମ ଈଶ୍ୱର ଯେ ପିତା ଏହାର ଘନିଷ୍ଠ ପାରିବାରିକ ସମ୍ବନ୍ଧର ପରିଚୟ ଦିଏ

୧ – ଇସ୍ରାଏଲ ଦେଶ ଯିହୋବାଙ୍କ "ପୁତ୍ର" ଭାବେ ସର୍ବଦା ବର୍ଣ୍ଣିତ ହେଲା (ହୋଶେ ୧୧:୧; ମଲା ୩:୧୭)

୨. ଆରମ୍ଭରେ ଦ୍ୱିତୀୟ ବିବରଣରେ ଈଶ୍ୱର ପିତା ରୂପେ ପ୍ରୟୋଗ କରାଗଲା (୧:୩୧)

୩. ଦ୍ୱିତୀୟ ବିବରଣ ୩୨ରେ ଇସ୍ରାଏଲ "ତାହାଙ୍କ ସନ୍ତାନଗଣ" ଏବଂ ଈଶ୍ୱର "ତୁମ୍ଭମାନଙ୍କ ପିତା" ବୋଲି ଡକାଗଲେ ।

୪. ଏହି ବିବରଣୀ ଗୀତ ୧୦୩:୧୩ରେ ବର୍ଣ୍ଣିତ ଏବଂ ଗୀତ ୬୮:୫ ବିକଶିତ ହୋଇଛି (ଅନାଥମାନଙ୍କ ପିତା)

୫ – ଏହା ଭାବବାଦିମାନଙ୍କ ନିମନ୍ତେ ସାଧାରଣ ଥିଲା (ଯିଶା ୧:୨; ୬୩:୮; ଇସ୍ରାଏଲ ପୁତ୍ର ସମାନ, ଈଶ୍ୱର ପିତାଙ୍କ ସମାନ, ୬୩:୧୬; ୬୪:୮; ଯିରି ୩:୪, ୧୯; ୩୧:୯)

ଯୀଶୁ ଆରାମିକ କହୁଥିଲେ, ଯାହାର ଅର୍ଥ ଅନେକ ସ୍ଥାନରେ ଯେ, ଯେମିତି "ପିତା" ଗ୍ରୀକ୍‌ରେ ପାଟେର ସମାନ ଆରାମିକ୍‌ରେ "ଆବ୍‌ବା" ରୂପେ ପ୍ରତିଫଳିତ ହୁଏ (୧୪:୩୬) । ଏହି ପାରିବାରିକ ଶବ୍ଦ "ଡାଡି" କିମ୍ବା "ବାପା" ଯୀଶୁଙ୍କର ପିତାଙ୍କ ସହିତ ଘନିଷ୍ଠତାକୁ ଦର୍ଶାଏ; ଏକଥା ଶିଷ୍ୟମାନଙ୍କୁ ପ୍ରକାଶ କରିବା ମଧ୍ୟ ଆମ୍ଭମାନଙ୍କୁ ପିତାଙ୍କ ସହିତ ଘନିଷ୍ଠତା ନିମନ୍ତେ ଉତ୍ସାହିତ କରେ । ଶବ୍ଦ "ପିତା" ଯିହୋବା ନିମନ୍ତେ ପୁରାତନ ନିୟମରେ ବ୍ୟବହୃତ ହେଲା, କିନ୍ତୁ ଯୀଶୁ ଏହାକୁ ବାରମ୍ବାର ଏବଂ ବିସ୍ତାରିତ ଭାବେ ବ୍ୟବହାର କରୁଛନ୍ତି । ଏହା ବିଶ୍ୱାସୀମାନଙ୍କ ନିମନ୍ତେ ଏକ ମହାନ ପ୍ରକାଶନ, ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଏକ ସମ୍ବନ୍ଧ (ମାଥିଉ ୬:୯) ।

❒ **"କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି"** ଈଶ୍ୱର ପତିତ ମାନବକୁ ଆବେଗ ହୋଇ ଖୋଜୁଅଛନ୍ତି (ଯିଶା ୫୫; ଯିହିଜି ୧୮:୨୩, ୩୨; ଲୂକ ୧୯:୧୦; ଯୋହନ ୧:୧୨; ୩:୧୬)

**୪:୨୪ "ଈଶ୍ୱର ଆତ୍ମା ଅଟନ୍ତି"** ଈଶ୍ୱରଙ୍କ ଚରିତ୍ରକୁ ଦର୍ଶାଉଥିବା ଅନେକ ବାକ୍ୟ ଯୋହନରେ ରହିଛି; (୧) ଈଶ୍ୱର ପ୍ରେମ ଅଟନ୍ତି (୨) ଈଶ୍ୱର ଜ୍ୟୋତି ଅଟନ୍ତି (୩) ଈଶ୍ୱର ଆତ୍ମା ଅଟନ୍ତି । ଅର୍ଥାତ୍ (୧) ଶାରିରୀକ ନୁହେଁ (୨) ଗୋଟିଏ ସ୍ଥାନରେ ସୀମିତ ନୁହେଁ (୩) ସମୟ କିମ୍ୱା ଘଟଣା ସହିତ ନେବା ଆଣିବା ନାହିଁ (୪) ସ୍ୱର୍ଗୀୟ ବନାମ୍ ଭୌତିକ

୪:୨୫ "ମଶୀହ ଆସୁଅଛନ୍ତି" ଶବ୍ଦ ମଶୀହ ନୂତନ ନିୟମରେ କେବଳ ଦୁଇଥର ଆସେ, ଉଭୟେ ଯୋହନ ରଚିତ ସୁସମାଚାରରେ (୧:୪୧; ୪:୨୫) ।

**ବିଶେଷ ଶୀର୍ଷ : ମଶୀହ**

ଏହା ଦାନିଏଲ ୯:୬ ଟିପ୍ପଣୀ ପୁସ୍ତକରୁ ଆହ୍ନିତ । ଏହି ପଦର ତର୍ଜମାର ଜଟିଳତା ହେଲା, ମଶୀହ ଏବଂ ଜଣେ ଅଭିଷିକ୍ତ ଶବ୍ଦର ମିଶ୍ରିତ ଅର୍ଥ ଯୋଗୁଁ ।

୧ - ଯିହୁଦୀ ରାଜାମାନଙ୍କର ପ୍ରୟୋଗ (୧ ଶାମୁ ୨:୧୦; ୧୨:୩)

୨ - ଯିହୁଦୀ ଯାଜକମାନଙ୍କର ପ୍ରୟୋଗ (ଲେବି ୪:୩:୫)

୩ - ସାଇରସର ପ୍ରୟୋଗ (ଯିଶା ୪୫:୧)

୪ - #୧ ଏବଂ #୨ ଗୀତ ୧୧୦ ଏବଂ ଯିଖ ୪ ରେ ମିଶ୍ରିତ

୫ - ଈଶ୍ୱରଙ୍କ ବିଶେଷ ଆଗମନର ପ୍ରୟୋଗ, ଦାଉଦଙ୍କ ରାଜ୍ୟ ଏକ ନୂତନ ଧାର୍ମିକତାର ରାଜ୍ୟକୁ ଆଣେ

କ - ଯିହୁଦା ବଂଶ (ଆଦି ୪୯:୧୦)

ଖ - ଯୀଶିର ଗୃହ (୨ ଶାମୁ ୭)

ଗ. - ବିଶ୍ୱସ୍ତରୀୟ ରାଜତ୍ୱ ୯ଗୀତ ୨; ଯିଶା ୯:୬; ୧୧:୧-୫; ମିକା ୫:୧-୪)

ନାଜରୀତିୟ ଯୀଶୁଙ୍କ ସହତ "ଜଣେ ଅଭିଷିକ୍ତ"ର ପରିଚୟ ହେତୁ ବ୍ୟକ୍ତିଗତ ଭାବେ ମୁଁ ପ୍ରଭାବିତ ଅଟେ କାରଣ

୧- ଦ୍ୱିତୀୟ ଅଧ୍ୟାୟରେ ଚତୁର୍ଥ ସମ୍ରାଟଙ୍କ ଏକ ସନାତନ ରାଜ୍ୟର ପରିଚୟ

୨ - ୭:୧୩ରେ "ଜଣେ ମନୁଷ୍ୟ ପୁତ୍ର"ର ପରିଚୟ ଏକ ସନାତନ ରାଜ୍ୟ ରୂପେ ଦିଆଗଲା ।

୩ - ୯:୨୪ ର ପରିତ୍ରାଣର ବାକ୍ୟାଂଶ ଯାହା ପତିତ ଜଗତର ଇତିହାସର ଶୀର୍ଷତାକୁ ଦର୍ଶାଏ

୪. ନୂତନ ନିୟମରେ ଯୀଶୁଙ୍କର ଦାନିଏଲ ପୁସ୍ତକର ବ୍ୟବହାର (ମାଥିଉ ୨୪:୧୫; ମାର୍କ ୧୩:୧୪)

❒ "ଯେତେବେଳେ ସେ ଆସିବେ ସେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଜଣାଇବେ" ଏହା ସଂକେତ କରେ କି ଶମିରଣୀୟମାନେ ମଧ୍ୟ ଜଣେ ଖ୍ରୀଷ୍ଟଙ୍କର ଅପେକ୍ଷାରେ ଥିଲେ । ତଥା ଏହା ମଧ୍ୟ ଦର୍ଶାଏ କି, ସେମାନେ ଜାଣନ୍ତି ସେ ଈଶ୍ୱରଙ୍କ ପୂର୍ଣ୍ଣତାକୁ ପ୍ରକାଶ କରିବେ ।

୪:୨୬ : "ତୁମ୍ଭ ସହିତ କଥା କହୁଅଛି ଯେ ମୁଁ, ମୁଁ ସେହି ଅଟେ"

ଏହା ଯିଶା. ୫୨:୬ର ସଂକେତ ଅଟେ । ଏହା ତାହାଙ୍କ ଈଶ୍ୱରୀୟତାର ସ୍ପଷ୍ଟ ପ୍ରମାଣ ଅଟେ । ଏ ପୁରାତନ ନିୟମର ଯିହୋବା (ଯାତ୍ରା ୩:୧୨,୧୪)ଙ୍କ ପ୍ରତିଜ୍ଞାର ନାମ, ତାହାଙ୍କ ସ୍ପଷ୍ଟତା ଅଟେ । ଯୀଶୁ ଏହି ପୁରାତନ ନିୟମର ପ୍ରୟୋଗ ଏଇଥିଯୋଗୁଁ କଲେ କି ଲୋକେ ଜାଣନ୍ତି ଯେ ଯୀଶୁଙ୍କଠାରେ ଯିହୋବାଙ୍କ ସ୍ପଷ୍ଟ ସ୍ୱଂୟ ପ୍ରକାଶ ଅଟେ (ଯୋହନ ୮:୨୪, ୨୮, ୫୮, ୧୩:୧୯; ୧୮:୫ ତୁଳନା କରନ୍ତୁ ଯିଶା ୪୧:୪; ୪୩:୧୦; ୪୬:୪) । ଏଥିରେ "ମୁଁ ଅଟେ" ର ପ୍ରୟୋଗ ଯୋହନରେ "ମୁଁ ଅଟେ" ବାକ୍ୟ ଯାହା ୬:୩୫, ୫୧; ୮:୧୨; ୧୦:୭, ୯, ୧୧, ୧୪; ୧୧:୨୫; ୧୪:୬; ୧୫:୧,୫ରୁ ବିଲକୁଲ ଭିନ୍ନ ଅଟେ ।

**ଏନଏଏସ୍‌ବି ବାକ୍ୟ : ୪:୨୭-୩୦**

**୨୭ ଏପରି ସମୟରେ ତାହାଙ୍କର ଶିଷ୍ୟମାନେ ଆସି ତାହାଙ୍କୁ ଜଣେ ସ୍ତ୍ରୀ ଲୋକ ସହିତ କଥାବାର୍ତ୍ତା କରୁଥିବା ଦେଖି ଚମତ୍କୃତ ହେଲେ, ତଥାପି ଆପଣ କଅଣ ଚାହାନ୍ତି, କିମ୍ୱା କାହିଁକି ତାହା ସାଙ୍ଗରେ କଥା କହୁଅଛନ୍ତି, ଏହା କେହି ପଚାରିଲେ ନାହିଁ । ୨୮ ସେଥିରେ ସେହି ସ୍ତ୍ରୀ ଆପଣା ଜଳପାତ୍ର ଥୋଇ ଦେଇ ନଗରକୁ ଯାଇ ଲୋକମାନଙ୍କୁ କହିଲା, ଆସ ଜଣକୁ ଦେଖିବ, ୨୯ ମୁଁ ଯାହା ଯାହା କରିଅଛି, ସେହିସବୁ ସେ ମୋତେ କହିଲେ, ସେ କେଜାଣି ଖ୍ରୀଷ୍ଟ ହେବ ପରା ? ୩୦ ଏଥିରେ ଲୋକେ ନଗରରୁ ବାହାରି ତାହାଙ୍କ ନିକଟକୁ ଯିବାକୁ ଲାଗିଲେ ।**

**୪:୨୭ "ଜଣେ ସ୍ତ୍ରୀ ଲୋକ ସହିତ କଥାବର୍ତ୍ତା କରୁଥିବା ଦେଖି ସେମାନେ ଚମତ୍କୃତ ହେଲେ"** ପରମ୍ପରା ଅନୁସାରେ ଧର୍ମପରାୟଣ ଯିହୁଦୀମାନେ ଏହି ପ୍ରକାର କରୁ ନ ଥିଲେ ।

❒ **"ତଥାପି ଆପଣ କଅଣ ଚାହାନ୍ତି, କିମ୍ବା କାହିଁକି ତାହା ସାଙ୍ଗରେ କଥା କହୁଅଛନ୍ତି ଏହା କେହି ପଚାରିଲେ ନାହିଁ"** ଏହା ଯୋହନଙ୍କର; ଏକ ଅତି ସୁନ୍ଦର ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ । ସେ ଏହି କଂପିତ ଘଟଣା ଭଲ ଭାବେ ସ୍ମରଣ ରଖିଥିବେ ।

**୪:୨୮ "ସ୍ତ୍ରୀଟି ଆପଣା ଜଳପାତ୍ର ଥୋଇଦେଲା ।"** ଏହା ଗ୍ରାମ ଆଡ଼କୁ ସାକ୍ଷ୍ୟ ଦେବା ନିମନ୍ତେ ଅଗ୍ରସର ହେଉଥିବା ସେହି ସ୍ତ୍ରୀର ଉତ୍ସାହପୂର୍ଣ୍ଣକୁ ଦର୍ଶାଉଥିବା ଅତିସୁନ୍ଦର ଐତିହାସିକ ବାକ୍ୟ ଅଟେ । (୪:୨୯-୩୦)

**ଏନଏଏସବି ବାକ୍ୟ ୩୧-୩୮**

**୩୧ ଇତି ମଧ୍ୟରେ ଶିଷ୍ୟମାନେ ତାହାଙ୍କୁ ଅନୁରୋଧ କରି କହିଲେ, ହେ ଗୁରୁ, ଭୋଜନ କରିବା ହେଉନ୍ତୁ । ୩୨ କିନ୍ତୁ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଯେଉଁ ଖାଦ୍ୟ ବିଷୟ ଜାଣ ନାହିଁ, ଭୋଜନ କରିବା ନିମନ୍ତେ ମୋହର ଏପରି ଖାଦ୍ୟ ଅଛି । ୩୩ ତଣୁ ଶିଷ୍ୟମାନେ ପରସ୍ପର କହିବାକୁ ଲାଗିଲେ, କେହି ତାହାଙ୍କୁ ଖାଦ୍ୟ ଆଣି ଦେଇଛି ପରା ? ୩୪ ଯୀଶୁ ସେମାନଙ୍କୁ କହିଲେ, ମୋହର ପ୍ରେରଣକର୍ତ୍ତାଙ୍କ ଇଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା ଏହା ହିଁ ମୋହର ଖାଦ୍ୟ । ୩୫ ଶସ୍ୟ କାଟିବାକୁ ଆହୁରି ଚାରି ମାସ ଅଛି, ଏହା କି ତୁମ୍ଭେମାନେ କହୁନାହଁ ? ଦେଖ, ମୁଁ ତୁମ୍ଭମାନଙ୍କୁ କହୁଅଛ, କ୍ଷେତ୍ରଗୁଡ଼ିକ ପ୍ରତି ଦୃଷ୍ଟିପାତ କର, ସେହିସବୁ କଟାଯିବା ନିମନ୍ତେ ପାଚିଗଲାଣି । ୩୬ ଏବେ ସୁଦ୍ଧା କଟାଳି ମୂଲ ପାଉଅଛି ଓ ଅନନ୍ତ ଜୀବନ ନିମନ୍ତେ ଫଳ ସଂଗ୍ରହ କରୁଅଛି, ଯେପରି ବୁଣାଳି ଓ କଟାଳି ଉଭୟ ମିଳି ଆନନ୍ଦ କରନ୍ତି । ୩୭ କାରଣ ଜଣେ ବୁଣେ ଓ ଅନ୍ୟ ଜଣେ କାଟେ, ଏହି କଥା ଏ ସମ୍ବନ୍ଧରେ ସତ୍ୟ । ୩୮ ତୁମ୍ଭେମାନେ ଯାହା ନିମନ୍ତେ ପରିଶ୍ରମ କରିନାହଁ, ତାହା କାଟିବା ପାଇଁ ମୁଁ ତୁମ୍ଭମାନଙ୍କୁ ପଠାଇଲି, ଅନ୍ୟମାନେ ପରିଶ୍ରମ କରିଅଛନ୍ତି, ଆଉ ତୁମ୍ଭେମାନେ ସେମାନଙ୍କର ପରିଶ୍ରମର ଫଳ ପାଉଅଛ ।**

**୪:୩୨** ସ୍ୱର୍ଗ ବନାମ ପୃଥିବୀର ଦ୍ୱୈତବାଦକୁ ଏହା ଅନ୍ୟ ଏକ କଥନ, ଆତ୍ମିକ ବନାମ ଭୌତିକ । ଯୀଶଉ ପ୍ରକାନ କାର୍ଯ୍ୟର ଜଣେ ସୁସମାଚାର ପ୍ରଚାରକ ଥିଲେ । ଲୋକମାନେ ପ୍ରାଧାନ୍ୟ ଥିଲେ / ଅଛନ୍ତି ।

**୪:୩୪ "ମୋହର ପ୍ରେରଣକର୍ତ୍ତାଙ୍କ ଇଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା ଏହା ହିଁ ମୋହର ଖାଦ୍ୟ ।**

ଯୋହନ ୧୭ ଗୋଟିଏ ସ୍ୱଷ୍ଟ ବିବରଣ କି ଯୀଶୁଙ୍କ ଅନୁସାରେ ପିତା ତାହାଙ୍କଠାରୁ କଣ ଚାହାନ୍ତି (ମାର୍କ ୧୦:୪୫; ଲୂକ ୧୯:୧୦; ଯେରାହନ ୬:୨୯) ଏହାର ଭେଦ ଏହା ଅଟେ କି ଯୀଶୁଙ୍କୁ ଉର୍ଦ୍ଧ୍ୱରୁ ପ୍ରେରଣ କରିବାର ଅଭିପ୍ରାୟ, ପିତାଙ୍କର ଉପସ୍ଥିତିରୁ, ତାହାଙ୍କ ପ୍ରତିନିଧିତ୍ୱ ରୂପେ ତାହାଙ୍କର କର୍ତ୍ତବ୍ୟ ଅଛି, କି ସେ ପିତା ଏବଂ ତାହାଙ୍କ କାର୍ଯ୍ୟକୁ ପ୍ରକାଶ କରନ୍ତୁ । ଏହା ଯୋହନଙ୍କ ଦ୍ୱୈତବାଦ (ଉର୍ଦ୍ଧ୍ୱ ବନାମ ନୀଚ, ଆତ୍ମା ବନାମ ଶରୀର) ଯୀଶୁଙ୍କର ପ୍ରେରଣରେ ଦୁଇଟି ଭିନ୍ନ ଶବ୍ଦର ପ୍ରୟୋଗ କରାଯାଇଛି ।

୧. ପେମୋ (୪:୩୪; ୫:୨୩, ୨୪, ୩୦-, ୩୭, ୩୯, ୪୦, ୪୪; ୬:୧୬, ୧୮, ୨୮, ୩୩; ୮:୧୬, ୧୮, ୨୬, ୨୯; ୯:୪; ୧୨:୪୪,୪୫,୪୯,; ୧୪:୨୪; ୧୫:୨୧; ୧୬:୫)

୨ - ଏପୋଷ୍ଟେଲୋ (୩:୧୭, ୨୪; ୫:୩୬, ୩୮; ୬:୨୯, ୫୭; ୭:୨୯; ୮:୪୨; ୧୦:୩୬; ୧୧:୪୨; ୧୭:୩, ୧୮, ୨୧, ୨୩, ୨୫; ୨୦:୨୧)

୨୦:୨୧ ଅନୁସାରେ ଏ ଦୁହେଁ ପର୍ଯ୍ୟାବାଚି ଶବ୍ଦ ଅଟେ । ଏବଂ ଏହା ସେହି କଥାକୁ ମଧ୍ୟ କହେ କି ବିଶ୍ୱାସୀମାନଙ୍କୁ ପିତାଙ୍କର ପ୍ରତିନିଧିମାନଙ୍କ ସମାନ ମୁକ୍ତିର କାର୍ଯ୍ୟ ନିମନ୍ତେ ଏହି ପତିତ ଜଗତକୁ ପ୍ରେରଣ କରାଗଲା (୨ କରି ୫:୧୩-୨୧)

**ବିଶେଷ ଶୀର୍ଷ : ଈଶ୍ୱରଙ୍କ ଇଛା (ଥେଲେମା)**

ଯୋହନଙ୍କ ସୁସମାଚାର

- ଯୀଶୁ ଈଶ୍ୱରଙ୍କ ଇଛାକୁ ପୂରଣ କରିବା ନିମନ୍ତେ ଆସିଲେ (୪:୩୪; ୫:୩୦; ୬:୩୮)
- ଯେଉଁମାନଙ୍କୁ ପତା ତାହାଙ୍କୁ ଦେଇଅଛନ୍ତି ସେମାନଙ୍କୁ ପୁନଃର୍ଜୀବିତ କରିବା ନିମନ୍ତେ ୬:୩୯)
- ଯଦ୍ୱାରା ସମସ୍ତେ ପୁତ୍ରଙ୍କୁ ବିଶ୍ୱାସ କରନ୍ତି (୬:୨୯,୪୦)
- ଇଛାକୁ ପୂରଣ କରିବା ଦ୍ୱାରା ଉତ୍ତର ମିଳିଥିବା ପ୍ରାର୍ଥନା (୯:୩୧ ଏବଂ ୧ ଯେରାହନ ୫:୧୪)

ସମାନ୍ତର ସୁସମାଚାର

- ଈଶ୍ୱରଙ୍କ ଇଛାକୁ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ (ମାଥିଉ ୭:୨୧)

- ଈଶ୍ୱରଙ୍କ ଇଛାକୁ କରିବା ଜଣକୁ ଯୀଶୁଙ୍କର ଭାଇ ଏବଂ ଭଉଣୀ କରିଦିଏ (ମାଥି ୧୨:୫୦; ମାର୍କ ୩:୩୫)

- କେହି ବିନଷ୍ଟ ହୁଅନ୍ତୁ ଏହା ଈଶ୍ୱରଙ୍କ ଇଛା ନୁହେଁ (ମାଥିଉ ୧୮:୧୪; ୧ ତିମଥି ୨:୪; ୨ ପିତର ୩:୯)

- କାଲବରୀ ଯୀଶୁଙ୍କ ନିମନ୍ତେ ପିତାଙ୍କର ଇଛା ଥିଲା (ମାଥି ୨୬:୪୨; ଲୁକ ୨୨:୪୨)

ପାଉଲଙ୍କ ପତ୍ର

-ସମସ୍ତ ବିଶ୍ୱାସୀମାନଙ୍କ ପରିପକ୍ୱତା ଏବଂ ସେବା (ରୋମୀ ୧୨:୧-୨)

- ବିଶ୍ୱାସୀମାନେ ଏହି ମନ୍ଦ ଯୁଗରୁ ଉଦ୍ଧାର ପ୍ରପାତ କଲେ (ଗାଲା ୧:୪)

- ଈଶ୍ୱରଙ୍କର ଇଛା ଉଦ୍ଧାରର ଯୋଜନା ଥିଲା (ଏଫି ୧:୫; ୯,୧୧)

- ବିଶ୍ୱାସୀମାନେ ଆତ୍ମାର ପରିପୂର୍ଣ୍ଣ ଜୀବନ ଏବଂ ଅନୁଭୂତି କରୁଅଛନ୍ତି (ଏଫି ୫:୧୭-୧୮)

- ବିଶ୍ୱାସୀମାନେ ଈଶ୍ୱରଙ୍କ ଜ୍ଞାନରେ ପୂର୍ଣ୍ଣ ହୁଅନ୍ତୁ (କଲ ୧:୯)

- ବିଶ୍ୱାସୀମାନେ ସିଦ୍ଧ ଏବଂ ସଂପୂର୍ଣ୍ଣ ହୁଅନ୍ତୁ (କଲ ୪:୧୨)

- ବିଶ୍ୱାସୀମାନେ ପବିତ୍ରୀକରଣ ହୁଅନ୍ତୁ (୧ ଥେସ ୪:୩)

- ବିଶ୍ୱାସୀମାନେ ପ୍ରତ୍ୟେକ ବିଷୟରେ ଧନ୍ୟବାଦ ଦିଅନ୍ତୁ (୧ ଥେସ ୫:୧୮)

ପିତରଙ୍କ ପତ୍ର

- ବିଶ୍ୱାସୀମାନେ ଠିକ୍ କରନ୍ତୁ (ଅଧିକାରୀମାନଙ୍କ ଅଧିନ ହେବା ) ଯାହା ଦ୍ୱାରା ଶତ୍ରୁର ମୁଖ ବନ୍ଦ ହେବ (୧ ପିତ ୨:୧୫)

- ବିଶ୍ୱାସୀମାନେ ଦୁଃଖ ଉଠାନ୍ତୁ (୧ ପିତ ୩:୧୭; ୪:୧୯)

- ବିଶ୍ୱାସୀମାନେ ସ୍ୱଂୟ କେନ୍ଦ୍ରିତ ଜୀବନ ନ ବିତାନ୍ତୁ (୧ ପିତ ୪:୨)

ଯୋହନଙ୍କ ପତ୍ର

-ବିଶ୍ୱାସୀମାନେ ସର୍ବଦା ସାଙ୍ଗରେ ରୁହନ୍ତୁ (୧ ଯୋହନ ୨:୧୭)

- ପ୍ରାର୍ଥନା ଶୁଣିବାକୁ ବିଶ୍ୱାସୀମାନଙ୍କ କୁଞ୍ଚି (୧ ଯୋହନ ୫:୧୪)

**୪:୩୫ "ଶସ୍ୟ କାଟିବାକୁ ଆହୁରି ଚାରିମାସ ଅଛି"** - ଆତ୍ମିକ ପ୍ରତିତ୍ତୋରର ସୁଯୋଗକୁ କହିବା ନିମନ୍ତେ ଏହାକୁ ରୂପକ ଭାବେ ଉପଯୋଗ କରିଅଛନ୍ତି । ଯୀଶୁଙ୍କ ଜୀବନ କାଳରେ ତାହାଙ୍କ ଉପରେ ବିଶ୍ୱାସ କରିବା ହେତୁ ଅନକେ ଉଦ୍ଧାର ପ୍ରାପ୍ତ କଲେ ନା କେବଳ ପୁନଃରୁତଥାନ ପରେ ।

**୪:୩୬-୩୮ "ଜଣେ ବୁଣେ ଅନ୍ୟ ଜଣେ କାଟେ"** ବୋଧହୁଏ ଏହା ବାପ୍ତିଜକ ଯୋହନ ଏବଂ ଭାବବାଦିମାନଙ୍କ ସେବାକାର୍ଯ୍ୟକୁ ଦର୍ଶାଏ । ପାଉଲ ଏବଂ ଆପଲୋଙ୍କ ସେବାକାର୍ଯ୍ୟର ସମ୍ବନ୍ଧକୁ କହିବା ନିମନ୍ତେ ଏହକୁ ୧ କରି ୩:୬-୮ରେ ପ୍ରୟୋଗ କରାଗଲା ।

**ଏନଏଏସବି ବାକ୍ୟ : ୪:୩୯-୪୨**

**୩୯ ମୁଁ ଯାହା ଯାହା କରିଅଛି; ସେହିସବୁ ସେ ମୋତେ କହିଲେ ବୋଲି ଯେଉଁ ସ୍ତ୍ରୀ ଲୋକ ସାକ୍ଷ୍ୟ ଦେଇଥିଲା; ତାହାର କଥା ହେତୁ ସେହି ନଗରର ଶମିରୋଣୀୟମାନଙ୍କ ମଧ୍ୟରୁ ଅନେକ ତାହାଙ୍କଠାରେ ବିଶ୍ୱାସ କଲେ । ୪-୦ ଅତଏବ, ସେହି ଶମିରୋଣୀୟମାନେ ତାହାଙ୍କ ନିକଟକୁ ଆସି ସେମାନଙ୍କ ସହିତ ରହିବା ନିମନ୍ତେ ତାହାଙ୍କୁ ଅନୁରୋଧ କଲେ, ଆଉ ସେ ଦୁଇ ଦିନ ସେ ସ୍ଥାନରେ ରହିଲେ । ୪୧ ପୁଣି, ତାହାଙ୍କ ବାକ୍ୟ ହେତୁ ଆହୁରି ଅନେକ ଲୋକ ବିଶ୍ୱାସ କଲେ । ୪୨ ଆଉ, ସେମାନେ ସେହି ସ୍ତ୍ରୀଲୋକକୁ କହିଲେ, ଏବେ ତୁମ୍ଭ କଥା ହେତୁ ଆମ୍ଭେମାନେ ବିଶ୍ୱାସ କରୁନାହୁଁ, କାରଣ ଆମ୍ଭେମାନେ ନିଜେ ନିଜେ ଶୁଣିଅଛୁ, ପୁଣି ଏ ଯେ ପ୍ରକୃତରେ ଜଗତର ତ୍ରାଣକର୍ତ୍ତା ଏହା ଆମ୍ଭେମାନେ ଜାଣିଅଛୁ ।**

**୪:୩୯ "ଶମିରୋଣୀୟମାନଙ୍କ ମଧ୍ୟରୁ ଅନେକ ତାହାଙ୍କଠାରେ ବିଶ୍ୱାସ କଲେ"** ଯୋହନ କ୍ରିୟା "ବିଶ୍ୱାସ"ର ବ୍ୟବହାର ଅନେକ ଶଢ ସହିତ କରିଅଛନ୍ତି "ତାହାଙ୍କଠାରେ ବିଶ୍ୱାସ କର" (ଏନ୍) "ତାହାଙ୍କୁ ବିଶ୍ୱାସ କର" (ହୋୟି) ଆଉ ଅନେକ ଥର "ତାହାଙ୍କଠାରେ ବିଶ୍ୱାସ କର" (ଏଇସ) (୨:୧୧, ୨୩; ୩:୧୬, ୧୮, ୩୬; ୬:୨୯, ୩୫, ୪୦; ୭:୫, ୩୧, ୩୮, ୪୮; ୮:୩୦; ୯:୩୫, ୩୬; ୧୦:୪୨;

୧୧:୨୫, ୨୬, ୪୫, ୪୮; ୧୨: ୧୧, ୩୭, ୪୨, ୪୪, ୪୬; ୧୪:୧,୧୨,; ୧୬:୯, ୧୭:୨୦) । ବାସ୍ତବରେ ଶମିରୋଣୀୟମାନେ ସେହି ସ୍ତ୍ରୀର ସାକ୍ଷ୍ୟ ଦ୍ୱାରା ବିଶ୍ୱାସ କଲେ (ପଦ ୩୯) । କିନ୍ତୁ ପରେ ସେମାନେ ଯୀଶୁଙ୍କୁ ଶୁଣିଲେ ଏବଂ ବ୍ୟକ୍ତିଗତ ଭାବେ ତାହାଙ୍କର ସାକ୍ଷ୍ୟକୁ ଗ୍ରହଣ କଲେ (ପଦ ୪୧-୪୨୦ । ଯୀଶୁ ଇସ୍ରାଏଲର ହଜିଯାଇଥିବା ମେଷ ପ୍ରତି ଆସିଥିଲେ, ମାତ୍ର ତାହାଙ୍କ ସୁସମାଚାର ସମସ୍ତ ମଣିଷଙ୍କ ନିମନ୍ତେ; ଶମିରୋଣୀୟ ସିରଫନି ସ୍ତ୍ରୀ, ଏବଂ ରୋମୀୟ ସୈନ୍ୟମାନେ (ରୋମୀ ୧୦:୧୨; ୧ କରି ୧୨:୧୩; ଗାଲା ୩:୨୮-୨୯; କଲ ୩:୧୧) ବିଶେଷ ଶୀର୍ଷ ୨:୨୩ ଦେଖନ୍ତୁ ।

❒ "ସେହି ସ୍ତ୍ରୀର କଥା ହେତୁ ଯିଏ ସାକ୍ଷ୍ୟ ଦେଲା" ଯଦି ଈଶ୍ୱର ସେହି ମିଥ୍ୟା ଓ ବେଶ୍ୟା ସ୍ତ୍ରୀର ସାକ୍ଷ୍ୟକୁ ବ୍ୟବହାର କରିପାରନ୍ତି, ତେବେ ସେ ମୋର ଏବଂ ଆପଣଙ୍କର ସାକ୍ଷ୍ୟକୁ ମଧ ବ୍ୟବହାର କରିପାରନ୍ତି । ଏହି ବାକ୍ୟ ବ୍ୟକ୍ତିଗତ ସାକ୍ଷ୍ୟର ଗୁରୁତ୍ୱତାକୁ ଦର୍ଶାଏ । ଦେଖନ୍ତୁ ବିଶେଷ ଶୀର୍ଷ : ଯୀଶୁଙ୍କର ସାକ୍ଷ୍ୟ ୧:୮ରେ

**୪:୪୦**

| | |
|---|---|
| **ଏନଏଏସବି ଏନ୍ଆରଏସଭି** | **"ପଚାରିବା"** |
| **ଏନ୍‌କେଜେଭି** | **"ବାଧ କରିବା"** |
| **ଟିଇଭି, ଏନ୍‌ଜେବି** | **"ଭିକ୍ଷା କରିବା"** |

ଏହା ଏକ ଦୃଢ଼ ଗ୍ରୀକ୍ ବାକ୍ୟ ଯାହାର ଅନୁବାଦ "ବାଧ କରିବା" ବା "ଭିକ୍ଷା କରିବା'" ହେବା ଉଚିତ । ଏହି ଶବ୍ଦର ଉଦ୍ଦେଶ୍ୟ ପଦ ୪୭ ଦେଖାଯାଇପାରେ (ଲୁକ ୪:୩୮)

**୪:୪୨ "ଜଗତର ତ୍ରାଣକର୍ତ୍ତା"** ୧ ଯୋହନ ୪:୧୪ରେ ଠିକ୍ ବିଶ୍ୱସ୍ତରୀୟ ପଦଟି ବ୍ୟବହୃତ ହୋଇଛି । ଏହା ବିଶ୍ୱସ୍ତରୀୟ ରୂପେ ମଧ ମନୁଷ୍ୟମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ରୂପେ ବ୍ରବହୃତ ହୋଇଛି (୧ ତୀମଥି ୨:୬; ଏବ୍ରୀ ୨:୯; ୧ ଯୋହନ ୨:୨) ଆଦି ୩:୧୫ରେ ପ୍ରତିଜ୍ଞା ପୂର୍ଣ୍ଣ ହେଲା । ପ୍ରଥମ ଶତାବ୍ଦୀରେ ଏହି ବାକ୍ୟାଂଶ ଅଧିକତର ବ୍ୟବହୃତ ହୋଇଛି କାଇସରଙ୍କ । ରୋମୀୟ ତାଡ଼ନା ହେବାର କାରଣ ଖ୍ରୀଷ୍ଟିୟାନମାନେ ଏହି ପଦକୁ କେବଳ ଖ୍ରୀଷ୍ଟଙ୍କ ନିମନ୍ତେ ବ୍ୟବହାର କରିବା ହେତୁ । କିପରି ନୂତନ ନିୟମର ଲେଖକ ମାନେ ପିତା ଈଶ୍ୱରଙ୍କ ପୁତ୍ରଙ୍କୁ ପଦକୁ ଚିତ୍ରିତ କରେ ଏହି ପଦ ଦର୍ଶାଏ

ତୀତସ ୧:୪, ୨:୧୦; ୨:୧୩; ୩:୪ - ୩:୬

ଯିହୁଦୀମାନେ ଯୀଶୁଙ୍କୁ ବହିଷ୍କାର କଲେ (୧:୧୧); ମାତ୍ର ଶମିରୋଣୀୟମାନେ ଯଥାଶୀଘ୍ର ଓ ସହଜରେ ତାହାଙ୍କୁ ଗ୍ରହଣ କଲେ (୧:୧୨)

**ଏନ୍ଏଏସବି ବାକ୍ୟ : ୪:୪୩-୪୫**

**୪୩ ସେହି ଦୁଇ ଦିନ ପରେ ସେ ସେଠାରୁ ବାହାରି ଗାଲିଲୀକି ଗଲେ । ୪୪ କାରଣ ଭାବବାଦୀ ସ୍ୱଦେଶରେ ଆଦର ପାଆନ୍ତି ନାହିଁ ବୋଲି ଯୀଶୁ ଆପେ ସାକ୍ଷ୍ୟ ଦେଲେ ୪୫ ପୁଣି, ସେ ଗାଲିଲୀକି ଆସନ୍ତେ, ପର୍ବ ସମୟରେ ସେ ଯିରୂଶାଲମରେ ଯାହା ଯାହା କରିଥିଲେ, ସେହି ସବୁ ଦେଖିଥିବାରୁ ଗାଲିଲୀୟମାନେ ତାହାଙ୍କୁ ଗ୍ରହଣ କଲେ, ଯେଣୁ ସେମାନେ ମଧ ପର୍ବକୁ ଯାଇଥିଲେ ।**

**୪:୪୩** ଏହି ବାକ୍ୟରେ ଦେଖାଯାଏ କି ଯୀଶୁ ଯିହୁଦା ଏବଂ ଗାଲିଲୀରେ ମୁକ୍ତ ଭାବେ ବୁଲୁଥିଲେ ଯାହା ଜଣେ ସମାନ୍ତର ସୁସମାଚାରରୁ ଅବଲମ୍ବନ କରିପାରେ ।

**୪:୪୪** ଏହା ଏକ ଉଲ୍ଲେଖଯୋଗ୍ୟ ପଦ ଅଟେ କାରଣ ଏହା ଅଗ୍ରବର୍ତ୍ତୀ ପ୍ରସଙ୍ଗକୁ ଉପଯୁକ୍ତ କରୁନାହିଁ । ଏହା ଗାଲିଲୀୟ ସେବାକାର୍ଯ୍ୟକୁ ନିର୍ଦ୍ଦେଶ କରେ ଯାହା ଆରମ୍ଭ ହେବାକୁ ଥିଲା (ସିଏଫ୍ ୪:୩) । ଏହି ପ୍ରବାଦ ମାଥି ୧୩:ୟ୫୭; ମାର୍କ ୬:୪; ଲୁକ ୪:୨୪ ରେ ମଧ ମିଳିଛି । ସଂକ୍ଷିପ୍ତ ସୁସମାଚାର ସମୂହରେ ଏହା ଗାଲିଲୀକୁ ନିର୍ଦ୍ଦେଶ କରେ, କିନ୍ତୁ ଏଠାରେ ଏହା ଯିହୁଦାକୁ ନିର୍ଦ୍ଦେଶ କରେ ।

ଗାଲିଲୀୟମାନେ ମଧ ଯୀଶୁଙ୍କୁ "ଗ୍ରହଣ କରିଥିବା' କହିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ ସେହି ଗୃହୀତ ହେବା ଦ୍ୱାରା ଅନୁସରଣ କଲେ ନାହିଁ ଓ ପରେ ତାହାଙ୍କୁ ପରିତ୍ୟାଗ କଲେ । "ବିଶ୍ୱାସ କରିବା" ଓ "ଗ୍ରହଣ କରିବା" ଏକ ପ୍ରାଥମିକ ଗୃହୀତ ହେବା ଠାରୁ ଅତ୍ୟଧିକ ଅନ୍ତର୍ଭୁକ୍ତ କରେ (ସିଏଫ ମାଥି ୧୩:୧୮-୨୩; ମାର୍କ ୪:୧୨-୨୦; ଲୁକ ୮:୧୧-୧୫ରେ ମାଟିର ଉପଦେଶାତ୍ମକ କାହାଣୀ) । ବିଶେଷ ଶୀର୍ଷ ଦେଖନ୍ତୁ ୮:୩୧ରେ ଅଧ୍ୟବସାୟରେ ଆବଶ୍ୟକତା ।

**୪:୪୫ "ଗାଲିଲୀୟମାନେ ତାହାଙ୍କୁ ଗ୍ରହଣ କଲେ'** ଏକ ପୂର୍ବ ନିସ୍ତାରପର୍ବରେ ଯିରୂଶାଲମକୁ ପରିଦର୍ଶନ ସମୟରେ ସେମାନେ ଯୀଶୁଙ୍କର ଶିକ୍ଷା ଓ ଅଲୌକିକ କାର୍ଯ୍ୟସମୂହ ପୂର୍ବରୁ ଅନୁଧାନ କରିଥିଲେ । ଏହା ସୂଚିତ କରେ ଯେ କୌଣସି ମତେ କିଛି ମାତ୍ରାରେ (ସିଏଫ୍ ପ.୪୮) ସେମାନେ ଯୀଶୁଙ୍କୁ ଈଶ୍ୱରଙ୍କ ମସୀହ (ସିଏଫ ୧:୧୨) ଭାବେ ବିଶ୍ୱାସ କଲେ ।

❒ "କାରଣ ସେମାନେ ମଧ୍ୟ ଭୋଜକୁ ଯାଇଥିଲେ" ପ ୪୪ (ସିଏଫ.ଏନ୍. ଆରଏସ୍‌ଭି, ଏନ୍‌ଆଇଭି) ଯେପରି ସେମାନେ ସମସ୍ତେ କରନ୍ତି, ସେହିପରି ଏନ୍‌ଇଟି ବାଇବଲ ଏହାକୁ ଲେଖକଙ୍କର ଅନ୍ୟ ଏକ ବନ୍ଧନୀ ସମ୍ବନ୍ଧୀୟ ଟିପ୍ପଣୀ ଭାବେ ଚିହ୍ନଟ କରନ୍ତି ।

**ଏନ୍.ଏଏସ୍‌ବି (ଆଧୁନିକରଣ) ଶାସ୍ତ୍ରାଂଶ : ୪:୪୬:୫୪**

**୪୬ ଏଥି ମଧ୍ୟରେ ଗାଲିଲୀର ଯେଉଁ କାନ୍ନା ନଗରରେ ସେ ଜଳକୁ ଦ୍ରାକ୍ଷାରସ କରିଥିଲେ ସେଠାକୁ ସେ ପୁନର୍ବାର ଗଲେ । ଆଉ ସେଠାରେ ଜଣେ ରାଜକର୍ମଚାରୀ ଥିଲେ ଯାହାର ପୁତ୍ର କଫର୍ନାହୁମରେ ପୀଡ଼ିତ ଥିଲା । ୪୭ ସେ ଯେତେବେଳେ ଶୁଣିଲା ଯେ ଯୀଶୁ ଯିହୁଦା ପ୍ରଦେଶରୁ ଗାଲିଲୀକୁ ବାହାରି ଆସିଛନ୍ତି, ସେ ତାହାଙ୍କ ନିକଟକୁ ଗଲା ପୁଣି ଆସି ତାହାର ପୁତ୍ରକୁ ସୁସ୍ଥ କରିବା ପାଇଁ ଅନୁରୋଧ କଲା; କାରଣ ସେ ମୃତପ୍ରାୟ ହୋଇଥିଲା । ୪୮ ସେଥିରେ ଯୀଶୁ ତାହାକୁ କହିଲେ, "ତୁମ୍ଭେମାନେ ଚିହ୍ନ ଓ ଅଦ୍ଭୁତ କର୍ମମାନ ଯେ ପର୍ଯ୍ୟନ୍ତ ଦେଖିବ ନାହିଁ, ତୁମ୍ଭେମାନେ କୌଣସି ପ୍ରକାରେ ବିଶ୍ୱାସ କରିବ ନାହିଁ" ୪୯ ରାଜକର୍ମଚାରୀ ତାହାଙ୍କୁ କହିଲା, "ହେ ପ୍ରଭୁ, ମୋହର ପିଲାଟି ମରିବା ପୂର୍ବରୁ ଆସନ୍ତୁ ।" ୫୦ ଯୀଶୁ ତାହାକୁ କହିଲେ, "ଯାଅ, ତୁମ୍ଭର ପୁଅ ବଞ୍ଚିଗଲାଣି ।।" ଯୀଶୁ ତାହାକୁ ଯାହା କହିଲେ ସେ ତାହା ବିଶ୍ୱାସ କରି ଚାଲିଗଲେ। ୫୧ ସେ ଯେତେବେଳେ ଯାଉଥିଲେ, ତାହାର ଦାସମାନେ ତାହାକୁ ଭେଟିଲେ, ପୁଣି ତାହାର ପୁତ୍ର ବଞ୍ଚିଲାଣି ବୋଲି କହିଲେ । ୫୨ ତେଣୁ କେଉଁସମୟରେ ତାହାର ଉପଶମ ହେବା ଆରମ୍ଭ ହେଲା ତାହା ସେ ସେମାନଙ୍କୁ ପଚାରିଲେ । ସେଥିରେ ସେମାନେ ତାଙ୍କୁ କହିଲେ, "କାଲି ସାତଟା ବେଳେ ତାହାକୁ ଜ୍ୱର ଛାଡ଼ିଗଲା ।" ୫୩ ଏଥିରେ ପିତା ବୁଝିଲେ ଯେ ଯୀଶୁ ଯେଉଁ ସମୟରେ ତାଙ୍କୁ "ତୁମ୍ଭର ପୁତ୍ର ବଞ୍ଚିଲାଣି କହିଲେ, ତାହା ସେହି ସମୟ ଥିଲା; ଆଉ ସେ ଆପେ ଓ ତାଙ୍କ ସମସ୍ତ ପରିବାର ବିଶ୍ୱାସ କଲେ । ୫୪ ଯୀଶୁ ଯେତେବେଳେ ଯିହୁଦାରୁ ଗାଲିଲୀକୁ ବାହାରି ଆସିଥିଲେ ପୁନର୍ବାର ସେ ଏହି ଦ୍ୱିତୀୟ ଆଶ୍ଚର୍ଯ୍ୟ କର୍ମ ସାଧନ କଲେ ।**

**୪:୪୬**

**ଏନ୍‌ଏଏସ୍.ବି., ଏନ୍‌ଆରଏସଭି, ଏନ୍‌ଜେବି - "ଏକ ରାଜ କର୍ମଚାରୀ**

**ଏନ୍‌କେଜେଭି "ଏକ ନିର୍ଦ୍ଦିଷ୍ଟ ଭଦ୍ରବ୍ୟକ୍ତି"**

**ଟିଇଭି "ଏକ ସରକାରୀ କର୍ମଚାରୀ"**

ଏହି ଜଣକ ହେରୋଦ ରାଜାଙ୍କ ପରିବାରର ସେବାରେ ସରକାରୀ କର୍ମଚାରୀ ଥିଲେ ।

**୪:୪୮ "ତୁମ୍ଭେମାନେ ଚିହ୍ନ ଓ ଅଦ୍ଭୁତ କର୍ମମାନ ନ ଦେଖିବା ପର୍ଯ୍ୟନ୍ତ, ତୁମ୍ଭେମାନେ କୌଣସି ପ୍ରକାରେ ବିଶ୍ୱାସ କରିବ ନାହିଁ"** ଗୋଟିଏ ଦୃଢ଼ ଯୁଗ୍ମ ନାସ୍ତିବାଚକ ସହିତ ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଯୀଶୁ ଏହି ବ୍ୟକ୍ତିକୁ ବହୁବଚନରେ ସମ୍ବୋଧନ କରିଛନ୍ତି । ଯିହୁଦୀ ମାନେ ଚିହ୍ନ ଅନ୍ୱେଷଣ କରୁଥିଲେ (ସିଏପ ୨:୧୮; ୬:୨,୩୦; ମାଥି ୧୨:୮; ୧୬:୧) ମାତ୍ର ହେରୋଦଙ୍କ ଏହି ଦାସ କୌଣସି ଚିହ୍ନ ଦେବା ପୂର୍ବରୁ ବିଶ୍ୱାସ କଲେ ।

**୪:୪୯ "ପିଲା"** ତିନୋଟି ପଦଗୁଡ଼ିକରେ ଯୋହନ ତିନୋଟି ଭିନ୍ନ ଦଗୁଡ଼ିକ ବ୍ୟବହାର କରନ୍ତି

୧. ପ. ୪୯ - ପାଇଡ଼ିଅନ୍ (ଏନ୍‌ଏ,ସ୍ବି, "ପିଲା")
୨. ପ. ୫୦ - ହାଇଅସ୍ (ଏନ୍‌ଏଏସ୍ବି., "ପୁଅ")
୩.ପ. ୫୧ - ପାଇସ (ଏନ୍‌ଏଏସ୍‌ବି, "ପୁଅ")

ସ୍ପଷ୍ଟ ଭାବରେ ଏହି ପଦଗୁଡ଼ିକ ସମାର୍ଥକ ଭାବେ ବ୍ୟବହୃତ ହୋଇଥିଲେ ।

**୪:୫୦** ଏହି ପଦ ଯୋହନଙ୍କ ସୁସମାଚାରର ଅର୍ନ୍ତନିହିତ ଉପାଦାନକୁ ଚିତ୍ରଣ କରେ - ଯୀଶୁଙ୍କୁ ବିଶ୍ୱାସକରିବା, ତାହାଙ୍କ ବାକ୍ୟ ସମୂହ ବିଶ୍ୱାସ କରିବା, ତାହାଙ୍କ କାର୍ଯ୍ୟସମୂହ ବିଶ୍ୱାସ କରିବା, ତାହାଙ୍କ ବ୍ୟକ୍ତିତ୍ୱରେ ବିଶ୍ୱାସ କରିବା । ଏହି ମନୁଷ୍ୟର ବିଶ୍ୱାସ ଯୀଶୁଙ୍କ ପ୍ରତିଜ୍ଞା ସମୂହର ଦୃଶ୍ୟ ବିନା ତାହାଙ୍କ ବିଶ୍ୱାସରେ ଘୋଷିତ ହେଲା ।

**୪:୫୩ "ସେ ଆପେ ଓ ତାଙ୍କ ସମସ୍ତ ପରିବାର ବିଶ୍ୱାସ କଲେ"** ଏହା ଅନେକ ବିବରଣୀସମୂହରୁ ପ୍ରଥମ ଯେଉଁଠାରେ ଜଣେ ବ୍ୟକ୍ତିର ବିଶ୍ୱାସ ସମଗ୍ର ପରିବାରକୁ ପ୍ରଭାବିତ କଲା ।

୧. କର୍ଣ୍ଣେଲିୟ (ପ୍ରେରିତ ୧୦:୪୪-୪୮)
୨. ଲୁଦିୟା (ପ୍ରେରିତ ୧୬:୧୫)
୩. ଫିଲିପିୟ କାରାରକ୍ଷକ (ପ୍ରେରିତ ୧୬:୩୧-୩୪)
୪. କ୍ରିଷ୍ପସ (ପ୍ରେରିତ ୧୮:୮)
୫. ସ୍ତିଫାନ (୧ମ କର. ୧:୧୬)

ଏହି ପାରିବାରିକ ଧର୍ମ ପରିବର୍ତ୍ତନଗୁଡ଼ିକ ସମ୍ପର୍କରେ ଅତ୍ୟଧିକ ଆଲୋଚନା ରହିଛି । କିନ୍ତୁ ଏହା ଘୋଷିତ ହେବା ଆବଶ୍ୟକ ଯେ ସମସ୍ତ ସଦସ୍ୟମାନେ ନିଜ ନିମନ୍ତେ ବ୍ୟକ୍ତିଗତ ଭାବରେ ଯୀଶୁଙ୍କୁ ଗ୍ରହଣ କରିବା ଆବଶ୍ୟକ ରହିଛି ମଧ୍ୟ ପୂର୍ବ ଆଧୁନିକ ସଂସ୍କୃତିଗୁଡ଼ିକଠାରୁ ଅତି ଅଧିକ ଆଦିବାସୀ ଓ ପରିବାର ଅଭ୍ୟସ୍ତ ଅଟେ । ଏହା ମଧ୍ୟ ସତ୍ୟ ଯେ ଆମ୍ଭମାନଙ୍କ ଜୀବନରେ ଅନ୍ୟମାନଙ୍କର ମହତ୍ୱ ଆମ୍ଭମାନଙ୍କର ପସନ୍ଦ ସମୂହକୁ ପ୍ରଭାବିତ କରେ ।

୪:୫୪ କାନ୍ନାରେ ବିବାହ ଭୋଜ ଜନସାଧାରଣ ସମ୍ମୁଖରେ ପ୍ରଥମ ଚିହ୍ନ ଥିଲା । (ସିଏଫ୍ ୨:୧-୧୧)

ପ୍ରଶ୍ନଗୁଡ଼ିକର ଆଲୋଚନା

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣ ଦାୟିତ୍ୱବାନ୍ । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେ ପ୍ରତ୍ୟେକେ ଗମନ କରିବା ଆବଶ୍ୟକ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ତର୍ଜମା କରିବାରେ ଅଧିକତର ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ ନୁହେଁ ।

ଏହି ସମସ୍ତ ପ୍ରଶ୍ନଗୁଡ଼ିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣମାନଙ୍କୁ ପ୍ରଦତ୍ତ ହୋଇଛି । ସେମାନଙ୍କର ଅର୍ଥ ଚିନ୍ତା ପ୍ରରୋଚନା କରିବା, ନିଷ୍ପତ୍ତିମୂଳକ ନୁହେଁ ।

୧. ଯୀଶୁ ଯିହୁଦାର ପରିସୀମା କାହିଁକି ତ୍ୟାଗ କଲେ ?

୨. କ'ଣ ଯୋହନ ରୋମୀୟ ସମୟ ଅବା ଯିହୁଦୀୟ ସମୟ ବ୍ୟବହାର କରନ୍ତି ?

୩. ଶମୀରୋଣୀୟ ସ୍ତ୍ରୀ ସହ ଯୀଶୁଙ୍କର କଥୋପକଥନ କାହିଁକି ଅତି ଗୁରୁତ୍ୱପୂର୍ଣ୍ଣ ?

୪. ୨୦ ପଦ କିପରି ଆଜିରଧାର୍ମିକ ସମ୍ପ୍ରଦାୟମଧ୍ୟରେ ସମ୍ପର୍କକୁ ପ୍ରଭାବିତ କରେ ?

୫. ୨୬ ପଦରେ ଯୀଶୁ କରିବା ବିସ୍ମୟଜନକ ମନ୍ତବ୍ୟର ବ୍ୟାଖ୍ୟା କର ।

୬. ଗାଲିଲୀୟ ମାନେ ପ୍ରକୃତ ବିଶ୍ୱାସ ଅଭ୍ୟାସ କରୁଥିଲେ କି ?

# ଯୋହନ ୫

## ଆଧୁନିକ ଅନୁବାଦଗୁଡ଼ିକର ଅନୁଚ୍ଛେଦ ବିଭାଗସମୂହ

| ୟୁ.ବି.ଏସ୍. | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନଜେବି |
|---|---|---|---|---|
| ପୁଷ୍କରିଣୀରେ ସୁସ୍ଥତା | ବେଥେସ୍‌ଦାର ପୁଷ୍କରିଣୀରେ ଜଣେ ମନୁଷ୍ୟ ସୁସ୍ଥ ହେଲା | ବିଶ୍ରାମବାରରେ ଛୋଟା ମନୁଷ୍ୟର ସୁସ୍ଥତା | ପୁଷ୍କରିଣୀରେ ସୁସ୍ଥତା | ବେଥେସ୍‌ଦାର ପୁଷ୍କରିଣୀରେ ଜଣେ ପୀଡ଼ିତ ମନୁଷ୍ୟର ଆରୋଗ୍ୟତା |
| ୫:୧-୯କ | ୫:୧-୧୫ | ୫:୧ | ୫:୧-୬ | ୫:୧-୯କ |
| | | | ୫:୨-୯କ | |
| | | | ୫:୭ | |
| | | | ୫:୮-୯କ | |
| ୫:୯ଖ-୧୮ | | ୫:୯ଖ-୧୮ | ୫:୯ଖ-୧୦<br>୫:୧୧<br>୫:୧୨<br>୫:୧୪<br>୫:୧୬<br>୫:୧୫-୧୭ | ୫:୯ଖ-୧୮ |
| | ପିତା ଓ ପୁତ୍ରଙ୍କୁ ସମ୍ମାନ କର | | ୫:୧୮ | |
| ପୁତ୍ରଙ୍କ ଅଧିକାର | ୫:୧୬-୨୩ | ଈଶ୍ୱରଙ୍କ ସହିତ ଯୀଶୁଙ୍କ ସମ୍ପର୍କ | ପୁତ୍ରଙ୍କ ଅଧିକାର | |
| ୫:୧୯-୨୯ | | ୫:୧୯-୨୪ | ୫:୧୯-୨୩ | ୫:୧୯-୪୭ |
| | ପୁତ୍ରଙ୍କ ମଧ୍ୟଦେଇ ଜୀବନ ଓ ବିଚାର | | | |
| | ୫:୨୪-୩୦ | | ୫:୨୪-୨୯ | |
| | | ୫:୨୫-୨୯ | | |
| | | ଈଶ୍ୱରଙ୍କ ସହ ଯୀଶୁଙ୍କ ସମ୍ପର୍କର ପ୍ରମାଣ | ଯୀଶୁଙ୍କ ନିମନ୍ତେ ସାକ୍ଷ୍ୟ ସମୂହ | |
| ୫:୩୦ | | ୫:୩୦ | ୫:୩୦ | |
| ଯୀଶୁଙ୍କ ନିମନ୍ତେ ସାକ୍ଷ୍ୟ ସମୂହ | ଚାରିଗୁଣ ସାକ୍ଷ୍ୟ | | | |
| ୫:୩୧-୪୦ | ୫:୩୧-୪୭ | ୫:୩୧-୩୮ | ୫:୩୧-୪୦ | |
| | | ଯେଉଁମାନେ ତାହାଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରନ୍ତି ସେମାନଙ୍କୁ ଯୀଶୁ ଭର୍ତ୍ସନା କରନ୍ତି । | | |
| ୫:୪୧-୪୭ | | ୫:୩୯-୪୭ | ୫:୪୧-୪୭ | |

## ପଠନ ଚକ୍ର ତିନି (ପି. v ଦେଖନ୍ତୁ)

**ଅନୁଚ୍ଛେଦ ସ୍ତରରେ ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କନିଜ ତର୍ଜମା ନିମନ୍ତେ ଆପଣ ଦାୟିତ୍ୱବାନ୍ । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେମାନେ ପ୍ରତ୍ୟେକେ ଗମନ କରିବା ଆବଶ୍ୟକ ।ଆପଣ, ବାଇବଲ ସ ପବିତ୍ର ଆତ୍ମା ତର୍ଜମା କରିବାରେ ଅଧିକତର ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେଚାଡ଼ିଦେବା ଉଚିତ ନୁହେଁ ।

ନିରବଚ୍ଛିନ୍ନ ଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକୁ ପାଞ୍ଚୋଟି ନୂତନ ତର୍ଜମା ସହ ମିଳାନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣାଦାୟ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କ ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ

୨. ଦ୍ୱିତୀୟ ଅନୁଚ୍ଛେଦ

୩. ତୃତୀୟ ଅନୁଚ୍ଛେଦ

୪. ଇତ୍ୟାଦି

**ଶବ୍ଦ ଓ ବାକ୍ୟାଂଶ ପଠନ**

**ଏନ୍ଏଏସବି (ଆଧୁନିକରଣ) ଶାସ୍ତ୍ରାଂଶ ୫:୧-୯କ**

**ଏହି ସବୁ ବିଷୟ ପରେ ଯୀଶୁ । ଗାଲିଲୀ (କିବବ୍ମା ତିବିରିୟା) ସମୁଦ୍ରର ଆରପାରିକି ଗଲେ ।' ଆଉ ବହୁ ସଂଖ୍ୟକ ଲୋକ ତାହାଙ୍କ ପଶ୍ଚାଦ୍‌ଗମନ କରିବାକୁ ଲାଗିଲେ, କାରଣ ରୋଗୀମାନଙ୍କ ପ୍ରତି ସେ ଯେଉଁ ଆଶ୍ଚର୍ଯ୍ୟକର୍ମ କରୁଥିଲେ ସେମାନେ ସେହି ଚିହ୍ନଗୁଡ଼ିକ ଦେଖିଲେ ।୩ ସେଥିରେ ଯୀଶୁ ପର୍ବତ ଉପରକୁ ଗଲେ, ଆ୍ ଆପଣା ଶିଷ୍ୟମାନଙ୍କ ସହିତ ସେଠାରେ ବସିଲେ । ୪ ସେତେବେଳେ ନିସ୍ତାରପର୍ବ, ଯିହୁଦୀମାନଙ୍କର ଭୋଜ, ନିଟକବର୍ତ୍ତୀ ଥିଲା । ୫ ସେଥି ସକାଶେ ଯୀଶୁ, ତାହାଙ୍କ ଚକ୍ଷୁ ଉଠାଇ ବହୁସଂଖ୍ୟକ ଲୋକ ତାହାଙ୍କ ନିକଟକୁ ଆସୁଥିବା ଦେଖି, ଫିଲିପ୍‌ପଙ୍କୁ କହିଲେ, "ଏହି ଲୋକମାନେ ଯେପରି ଭୋଜନ କରିପାରନ୍ତି, ସେଥିପାଇଁ ଆମ୍ଭେମାନେ କେଉଁଠାରୁ ରୋଟୀ କିଣିବା ?" ଏହା ପରୀକ୍ଷା କରିବା ଉଦ୍ଦେଶ୍ୟରେ ସେ ତାହାକୁ କହିଲେ, କାରଣ ସେ କଣ କରିବାକୁ ଯାଉଥିଲେ ତାହା ସେ ନିଜେ ଜାଣିଥିଲେ । ଫିଲିପ୍‌ପ ତାହାଙ୍କୁ ଉତ୍ତର ଦେଲେ, "ଦୁଇଶହ ଦିନାରୀର ରୋଟୀ ଏମାନଙ୍କ ନିମନ୍ତେ ଯଥେଷ୍ଟ ନୁହେଁ, କାରଣ ପ୍ରତ୍ୟେକ ଜଣ ଟିକିଏ ପାଇବାକୁ ଅଛି ।" ୮ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ, ଆନ୍ଦ୍ରିୟ, ଶିମୋନ ପିତରଙ୍କ ଭ୍ରାତା, ତାହାଙ୍କୁ କହିହଲ, "୯ ଏଠାରେ ଜଣେ ବାଳକ ଅଛି ଯାହା ପାଖରେ ଯବର ପାଞ୍ଚୋଟି ରୋଟୀ ଓ ଦୁଇଟି ମାଛ ଅଛି, କିନ୍ତୁ ଏତେ ଲୋକଙ୍କ ପାଇଁ ତାହା କଅଣ ହେବ ?" ୧୦ ଯୀଶୁ କହିଲେ, "ଲୋକମାନଙ୍କୁ ତଳେ ବସାଅ ।" ଆଉ ସେ ସ୍ଥାନରେ ବହୁତ ଘାସ ଥିଲା । ତେଣୁ ସଂଖ୍ୟାରେ ପ୍ରାୟ ପାଞ୍ଚ ହଜାର, ପୁରୁଷ ତଳେ ବସିଲେ । "ସଥିରେ ଯୀଶୁ ରୋଟୀ ନେଲେ, ଆଉ ଧନ୍ୟବାଦ ଦେଇ, ବସିଥିବା ଲୋକମାନଙ୍କୁ ସେ ତାହା ବାଣ୍ଟି ଦେଲେ; ସେହି ପ୍ରକାର ମାଛ ମଧ୍ୟ ସେମାନେ ଯେତେ ଚାହିଁଲେ ସେ ବାଣ୍ଟିଦେଲେ । ୧୨ ଯେତେବେଳେ ସେମାନେ ପରିତୃପ୍ତ ହେଲେ, ସେ ଆପଣା ଶିଷ୍ୟମାନଙ୍କୁ କହିଲେ, "ଯେପରି କିଛି ନଷ୍ଟ ନହୁଏ ଏଥିନିମନ୍ତେ ବଳିଥିବା ଭଙ୍ଗା ଖଣ୍ଡଗୁଡ଼ିକ ଏକାଠି କର ।" ୧୩ ସେଥିରେ ସେମାନେ ସେହିସବୁ ଏକାଠି କଲେ, ପୁଣି ଖାଇଥିବା ଲୋକମାନଙ୍କ ଦ୍ୱାରା ଯବର ସେହି ପାଞ୍ଚ ରୋଟୀର ଯେଉଁ ଭଙ୍ଗାଖଣ୍ଡଗୁଡ଼ିକ ବଳିଥିଲା ସେହି ଭଙ୍ଗାଗୁଡ଼ିକରୁ ବାର ଟୋକାଇ ଭର୍ତ୍ତି କଲେ । ଅତଏବ ଯେତେବେଳେ ଲୋକମାନେ ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ଦେଖିଲେ, ସେମାନେ କହିଲେ । "ଏ ହେଉଛି ପ୍ରକୃତରେ ସେହି ଭାବବାଦୀ ଯେ ଜଗତକୁ ଆସିବାର ଥିଲା ।**

**୬:୧ "ଗାଲିଲୀର (କମ୍ବା ତିବିରିୟା) ସମୁଦ୍ର"** ଜଳର ଏହି ଶରୀର ଅନ୍ୟ କେତେକ ନାମଗୁଡ଼ିକ ଦ୍ୱାରା ଜଣାଯାଉଥିଲା । ପୁରାତନ ନିୟମରେ ଏହାକୁ ଚିନ୍ନେରେଥ୍ କୁହାଯାଉଥିଲା, (ସିଏଫ୍.ଗଡ଼ା. ୨୩:୪୧୧) । ଏହା ମଧ୍ୟ ଲୁକ ୫:୧ରେ ଗେନେସେରେତ୍ ହ୍ରଦ ଭାବେ ଓ ଯୋହନ ୨୧:୧ରେ ରୋମିୟ ନାମ ଦ୍ୱାରା, ତିବିରିୟାର ସମୁଦ୍ର ଭାବେ ଜଣାଯାଉଥିଲା । ଲେଖକଙ୍କ ଦ୍ୱାରା ନିକ୍ଷିପ୍ତ ଶବ୍ଦ ଅନ୍ୟ ଏକ ସମ୍ପାଦକୀୟ ମନ୍ତବ୍ୟ ଅଟେ । ଏହା ଦେଖାଏ ଯେ ଯୋହନଙ୍କ ସୁସମାଚାର ପଲେଷ୍ଟିୟର ବାହାର ଲୋକମାନଙ୍କ ନିମନ୍ତେ ଥିଲା (ସିଏଫ. ୬:, ୪୬, ୬୪, ୭୧) ।

**୬:୨** କାହିଁକି ଲୋକ ସମୂହ ତାହାଙ୍କ ପଶ୍ଚାଦ୍‌ଗମନ କରୁଥିଲେ କାରଣ ଲକ୍ଷ୍ୟ କରନ୍ତୁ ।

**୬:୩** ଯୀଶୁ ତାହାଙ୍କ ସ୍ୱର ଉପସ୍ଥାପନା କରିବାକୁ ଜଳ ଓ ପର୍ବତ ପାର୍ଶ୍ୱର ପ୍ରାକୃତିକ ବିସ୍ତୃତି ବ୍ୟବହାର କଲେ । ସତ୍ୟ ଯେ ସେ "ତଳେ ବସିଲେ" ଦେଖାଏ ଯେ ଆପଣା ଶିଷ୍ୟମାନଙ୍କ ସହ ଏହା ଏକ କାର୍ଯ୍ୟକାଳ ସମ୍ବନ୍ଧୀୟ ଶିକ୍ଷାଦାନର ଅଧିବେଶନ ଥିଲା । ଜଣେ ବିସ୍ମିତ ହୁଏ ଯଦି ପର୍ବତର ଅର୍ଥ ମାଥିଉ ୫-୭ ସଦୃଶ ମୋଶା ସମ୍ବନ୍ଧୀୟ ପରିବେଶର ଗୋଟିଏକୁ ସ୍ମରଣ କରାଇ ଦେବା ଥଲେ ।

ଏହି ସବୁ ବୃହତ ଶିକ୍ଷାଦାନ ଅଧିବେଶନଗୁଡ଼ିକର, ଯୀଶୁ ଅନେକ ସମୟରେ ଜନ ସମାଗମରେ ବିଭିନ୍ନ ଗୋଷ୍ଠୀମାନଙ୍କୁ ସମ୍ବୋଧନ କରୁଥିଲେ । ତାହାଙ୍କ ଚରଣ ପାଖରେ ତାହାଙ୍କୁ ଘେରିରହୁଥିବା ଲୋକମାନେ ତାହାଙ୍କ ନିକଟତର ଶିଷ୍ୟମାନେ ହୋଇଥାଇପାରନ୍ତି; ସେମାନଙ୍କ ପାଖରେ, ବିଚିତ୍ର, "ସେ ସ୍ଥାନର ଲୋକମାନେ" ଧନୀ ଓ ସାଧାରଣ; ବାଉ, ଛୋଟ ଦଳଗୁଡ଼ିକରେ, ଧର୍ମଗତ ନେତାମାନେ (ଫାରୁଶୀ, ନକଲକାରୀ, ସାଦ୍ଦୁକୀ, ସମ୍ଭବତଃ ଏସେନ୍‌ମାନେ ମଧ୍ୟ ) ।

***୬:୫ "ନିସ୍ତାରପର୍ବ, ଯିହୁଦୀମାନଙ୍କର ଭୋଜ"*** ଯୀଶୁଙ୍କ ଜନ ସେବାକାର୍ଯ୍ୟର ବିସ୍ତାର ନିର୍ଦ୍ଧାରଣ କରିବାର ଏକମାତ୍ର ମାର୍ଗ ହେଉଛି ଯୋହନଙ୍କ (ପ୍ରଥମ, ୨:୧୩; ଦ୍ୱିତୀୟ, ୬:୪; ଓ ତୃତୀୟ, ୧୧:୫୫ ଓ ୧୩:୧) ସୁସମାଚାରରେ ଉଲ୍ଲିଖିତ ନିସ୍ତାରପର୍ବ ସମୂହ । ଯଦି ଯୋହନ ୫:୧ ମଧ୍ୟ ଗୋଟିଏ ନିସ୍ତାର ପର୍ବ ବିଷୟ ବ୍ୟକ୍ତ କରେ ତାହା ହେଲେ କୌଣସି ମତେ ଆମ୍ଭମାନଙ୍କ ଠାରେ ତିନି ଓ ଏକ-ଦ୍ୱିତୀୟାଂଶ କିମ୍ବା ଚାରିବର୍ଷ ଜନ ସେବାକାର୍ଯ୍ୟ ରହିଛି । ଯୀଶୁଙ୍କ ଜୀବନ ସମ୍ପର୍କରେ ଅଧିକତମ ବିଷୟ ରହିଛି ଯାହା ଆମ୍ଭେମାନେ ଜାଣିନାହୁଁ (ସିଏଫ୍. ୨୦:୩୦; ୨୧:୨୫) ।

***୬:୬ "ତାହାକୁ ପରୀକ୍ଷା କରିବା ନିମନ୍ତେ ସେ ଏହା କହୁଥିଲେ" "ପରୀକ୍ଷା"*** (ପେଇରାଜୋ) ନିମନ୍ତେ ଏଠାରେ ଏହି ଗ୍ରୀକ୍ ପଦ ସାଧାରଣତଃ ଏକ ମନ୍ଦ ଅର୍ନ୍ତନିହିତ ଅର୍ଥ ବହନ କରେ (୧ମ ଯୋହନ ୪:୧ରେ ବିଶେଷ ଶୀର୍ଷ ଦେଖନ୍ତୁ, ସିଏଫ୍. ମାଥି. ୪.୧) । ଏହା ଏକ ଉତ୍ତମ ଉଦାହରଣ ଦେଖାଉଛି ଯେ ଆଧୁନିକ ତର୍ଜମାକାରୀମାନେ ନୂତନ ନିୟମ ଶବ୍ଦଗୁଡ଼ିକୁ ଗୋଟିଏ ସଂଜ୍ଞା ମଧ୍ୟକୁ ଉପଯୁକ୍ତ କରିବାକୁ ବଳ ପୂର୍ବକ ଚେଷ୍ଟା କରନ୍ତି । କଇନେ ଗ୍ରୀକ୍ ପୁରାତନ ଗ୍ରୀକ୍‌ର ଅନେକ ବ୍ୟାକରଣ ନିୟମ ସମ୍ବନ୍ଧୀୟ ଓ ଭାଷା ସମ୍ବନ୍ଧୀୟ ପ୍ରଭେଦ ହରାଉଥିଲା (ସିଏଫ୍. ୫:୨୦ରେ ଲେଖା) ।

ଯୀଶୁ ଫିଲିପ୍‌ପଙ୍କୁ ପରୀକ୍ଷା କରୁଥିଲେ, କିନ୍ତୁ କିପରି ?

୧. ଯୋଗାଇବାକାରୀ ଭାବେ ଯୀଶୁଙ୍କ ଠାରେ ତାହାଙ୍କ ବିଶ୍ୱାସ ଉପରେ ?

୨. ପୁରାତନ ନିୟମ ବିଷୟରେ ତାହାଙ୍କ ଜ୍ଞାନ ଉପରେ (ସିଏଫ୍. ଗଣ୍ଡ଼ା. ୧୧:୧୩, ଖାଦ୍ୟ ଯୋଗାଇବା ସମ୍ବନ୍ଧରେ ଈଶ୍ୱରଙ୍କୁ ମୋଶାଙ୍କର ପ୍ରଶ୍ନ ଉପରେ) ?

୩. ଲୋକ ସମୂହ ନିମନ୍ତେ ତାହାଙ୍କ ଯତନ୍ତ ଓ ଆଗ୍ରହ ଉପରେ ?

***୬:୭***

| | |
|---|---|
| **ଏନ୍‌ଏସ୍‌ବି, ଏନ୍ କେ ଜେଭି, ଏନ୍ ଜେବି** | **"ଦୁଇ ଶହ ଦିନାଭି ମୂଲ୍ୟ"** |
| **ଏନ୍ ଆର୍ ଏସ୍ ଭି** | **"ଛଅ ମାସର ପାରିଶ୍ରମିକ"** |
| **ଟିଇଭି** | **"ଦୁଇଶହ ରୌପ୍ୟ ମୁଦ୍ରା"** |

ଜଣେ ଶ୍ରମିକ (ସିଏଫ୍. ମାଥି, ୨୦:୨) ଓ ଜଣେ ସୈନ୍ୟ ନିମନ୍ତେ ଗୋଟିଏ ଦିନର ପାରିଶ୍ରମିକ ଗୋଟିଏ ଦିନାରି ଥିଲା । ଏହା ବର୍ଷ ପାରିଶ୍ରମିକର ପ୍ରାୟ ଦୁଇ-ତୃତୀୟାଂଶ ହୋଇଥାଇପାରେ ।

**ବିଶେଷ ଶୀର୍ଷ : ଯୀଶୁଙ୍କ ଦିନଗୁଡ଼ିକରେ ପଲେଷ୍ଟିୟରେ ବ୍ୟବହାର ହେଉଥିବା ମୁଦ୍ରାଗୁଡ଼ିକ ।**

I. ତମ୍ବା ମୁଦ୍ରାଗୁଡ଼ିକ

କ. ଚେରମା - ଅଳ୍ପ ମୂଲ୍ୟ (ସିଏଫ୍. ଯୋହନ ୨:୧୫)

ଖ. ଗଲ୍‌କସ୍ - ଅଳ୍ପ ମୂଲ୍ୟ (ସିଏଫ୍. ମାଥି, ୧୦:୯, ମାର୍କ ୧୨:୪୧)

ଗ. ଅସାରିଅନ୍ - ଏକ ରୋମୀୟ ତମ୍ବାମୁଦ୍ରା ମୂଲ୍ୟ ପ୍ରାୟ ୧/୧୬ ଗୋଟିଏ ଦିନାରିଅସ୍‌ର (ସିଏଫ୍. ମାଥି. ୧୦:୨୯)

ଘ. କଡ୍ରାଣ୍ଟିସ୍ - ଏକ ରୋମୀୟ ତମ୍ବାମୁଦ୍ରା ମୂଲ୍ୟ ଗୋଟିଏ ଦିନାରିଅସ୍‌ର ୧/୬୪ (ସିଏଫ୍.ମାଥି ୫:୨୬)

ଙ. ଲେପ୍ଟନ୍ - ଏକ ଯିହୁଦୀୟ ତମ୍ବାମୁଦ୍ରା ମୂଲ୍ୟ ଗୋଟିଏ ଦିନାରିଅସ୍‌ର ପ୍ରାୟ ୧/୧୨୮ (ସିଏଫ୍. ମାର୍କ ୧୨:୪୨; ଲୂକ ୨୧:୨)

ଚ. କ୍ୱାଡ୍ରାନ୍‌ସ (ଫାରଥିଙ୍ଗ୍ - ଅଳ୍ପ ମୂଲ୍ୟର ଏକ ରୋମୀୟ ତମ୍ବା ମୁଦ୍ରା)

II. ରୌପ୍ୟ ମୁଦ୍ରାସମୂହ

କ. ଆରଗୁରସ୍ ("ରୌପ୍ୟ ମୁଦ୍ରା") - ତମ୍ବା କିମ୍ବା ପିତ୍ତଳ ମୁଦ୍ରାଠାରୁ ଅତି ଅଧିକ ମୂଲ୍ୟବାନ (ସିଏଫ୍. ମାଥି. ୧୦:୯; ୨୬:୧୫)

ଖ. ଦିନାରିଅସ୍ - ଗୋଟିଏ ରୋମୀୟ ରୌପ୍ୟମୁଦ୍ରା ଗୋଟିଏ ଦିନ ପରିଶ୍ରମର ମୂଲ୍ୟ (ସିଏଫ୍. ମାଥି. ୧୮:୨୮; ମାର୍କ ୬:୩୩)

ଗ. ଡ୍ରାକ୍‌ମି - ଗୋଟିଏ ଦିନାରିଅସ୍ ସହ ସମମୂଲ୍ୟର ଏକ ଗ୍ରୀକ୍ ରୌପ୍ୟ ମୁଦ୍ରା (ସିଏଫ୍. ଲୂକ୍ ୧୫:୯)

ଘ. ଡି-ଡ୍ରାକ୍‌ମନ୍ - ଗୋଟିଏ ଯୁଗ୍ମ ଡ୍ରାକ୍‌ମା ଗୋଟିଏ ଯିହୁଦୀୟ ୧/୨ ସେକଲକୁ ସମାନ କରେ (ସିଏଫ୍. ମାଥି. ୧୭:୨୪)

ଙ. ଷ୍ଟାଟିର୍ - ଚାରୋଟି ଦିନାରି ସମ୍ପର୍କିତ ମୂଲ୍ୟର ଏକ ରୌପ୍ୟ ମୁଦ୍ରା (ସିଏଫ୍ ମାଥି ୧୭:୨୭)

III. ସ୍ୱର୍ଣ୍ଣ ମୁଦ୍ରା ସମୂହ - କ୍ରସସ୍ ("ସ୍ୱର୍ଣ୍ଣ ମୁଦ୍ରାସମୂହ") ଅତ୍ୟଧିକ ମୂଲ୍ୟବାନ ମୁଦ୍ରାସମୂହ (ସିଏଫ୍ ମାଥି. ୧୦:୯)

IV. ଧାତୁଗୁଡ଼ିକର ଓଜନ ନିମନ୍ତେ ସାଧାରଣ ପଦସମୂହ

କ. ସାନା - ଲାଟିନ୍ ମିନା, ୧୦୦ ଦିନାରି ସହ ସମତୁଲ୍ୟ ଧାତୁର ଓଜନ (ସିଏଫ୍. ଲୁକ୍ ୧୯:୧୩)

ଖ. ଟାଲେଣ୍ଟାନ୍ - ଓଜନର ଗ୍ରୀକ୍ ଏକକ (ସିଏଫ୍.୧୮:୨୪; ୧୫:୧୫, ୧୬, ୨୦, ୨୪, ୨୫, ୨୮)

୧. ରୌପ୍ୟ ମୂଲ୍ୟ ୬,୦୦୦ ଦିନାରି

୨. ସ୍ୱର୍ଣ୍ଣ ମୂଲ୍ୟ ୧୮୦,୦୦୦ ଦିନାରି

ଗ. ସିକେଲ୍ - ପୁରାତନ ନିୟମ ଯିହୁଦୀୟ ରୌପ୍ୟର ଓଜନ (ସିଏଫ୍ ଆଦି. ୨୩:୧୫; ୩୭:୨୮; ଯାତ୍ରା ୨୧:୩୨)

୧. ପିମ୍ - ୨/୩ ସେକଲ

୨. ବେକା - ୧/୨ ସେକର

୩. ଗେରାହ - ୧/୨୦ ସେକଲ

ବୃହତ୍ ଏକକ ମାନ

୧. ମେନେହ - ୫୦ ସେକଲ

୨. କିକ୍‌କାର - ୩,୦୦୦ ସେକଲ

**୬:୮-୯ "ଆନ୍ଦ୍ରିୟ, ଶିମୋନ ପିତରଙ୍କ ଭ୍ରାତା"** ଏହି ପ୍ରସଙ୍ଗ ଆନ୍ଦ୍ରିୟଙ୍କର ସରଳ ବିଶ୍ୱାସ ପୁଣି ଯୀଶୁଙ୍କ ବ୍ୟକ୍ତିତ୍ୱ ଓ ସାମର୍ଥ୍ୟରେ ବିଶ୍ୱାସର ଏପରି ଏକ ସୁନ୍ଦର ଛବି ଅଟେ ।

**୬:୯ "ଯବ ରୋଟୀ"** ଏହା ଅତିକମ୍ ମୂଲ୍ୟର ଓ ଅତି କମ୍ ବାଞ୍ଛନୀୟ ରୋଟୀ ଭାବେ ବିଚାର କରାଯାଉଥିଲା । ଏହା ଗରୀବର ଖାଦ୍ୟ ଥିଲା । ଯୀଶୁ ମୂଲ୍ୟବାନ ଖାଦ୍ୟ ଯୋଗାଇବା ପାଇଁ ଆପଣା ଶକ୍ତି ବ୍ୟବହାର କଲେ ନାହିଁ !

**୬:୧୦ "ଲୋକମାନଙ୍କୁ ତଳେ ବସାଅ"** ଏହି ସଂସ୍କୃତିର ଲୋକମାନେ ସାଧାରଣତଃ ଚଟାଣରେ ବସିଥିବା ବେଳେ କିଅବା କମ୍ ଉଚ୍ଚରେ . ଆକୃତି ମେଜରେ ଆଉଜି ଭୋଜନ କରୁଥିଲେ ।

❒ **"ସେହି ସ୍ଥାନରେ ପ୍ରଚୁର ଘାସ ଥିଲା"** ଏହା ଏକ ପ୍ରତ୍ୟକ୍ଷ ସାକ୍ଷୀ ପ୍ରେରିତିକ (ସମ୍ପାଦକୀୟ) ମନ୍ତବ୍ୟ ଅଟେ ।

❒ **"ସେଥିରେ ପ୍ରାୟ ପାଞ୍ଚ ହଜାର, ପୁରୁ ତଳେ ବସିଲେ"** ଏହାକୁ "ପାଞ୍ଚ ହଜାରଙ୍କୁ ଭୋଜନ କରାଇବା" ବୋଲି କହିବା ବାସ୍ତବରେ ଏହା ଏକ ଅପ୍ରଯୁଜ୍ୟ ଅଟେ କାରଣ ପ୍ରତୀୟମାନ ଭାବେ ସେହିଦିନ ସେଠାରେ ଅଧିକ ଲୋକ ଥିଲେ । ପାଞ୍ଚ ହଜାର ସଂପୂର୍ଣ୍ଣ ସଂଖ୍ୟା ଅଟେ ଓ ପ୍ରାପ୍ତ ବୟସ ପୁରୁଷଙ୍କୁ ନିର୍ଦ୍ଦେଶ କରେ (ଏହା ହେଉଛି ୧୩ ଓ ଉପର) ପୁଣି ସ୍ତ୍ରୀଲୋକ ଓ ପିଲାମାନଙ୍କୁ ଅର୍ନ୍ତଭୁକ୍ତ କରେ ନାହିଁ (ସିଏଫ୍. ମାଥି. ୧୪:୨୧) । ଯେମିତି ହେଉ ଏହା ଅନିଶ୍ଚିତ ଅଟେ ଯେ କେତେ ଜଣ ସ୍ତ୍ରୀଲୋକ ଓ ପିଲାମାନେ ଯୋଗ ଦେଇଥିବେ କିମ୍ବା ଦେଇ ପାରିଥିବେ (ସିଏଫ୍. ମାଥି. ୧:୨୧)

**୬:୧୧ "ପୁଣି ଧନ୍ୟବାଦ ଦେବା ପରେ, ସେ ବାଣ୍ଟିଦେଲେ"** ବହୁଗୁଣିତ ହେବାର ଆଶ୍ଚର୍ଯ୍ୟ କର୍ମ ନିଶ୍ଚିତ ଭାବେ ଯୀଶୁଙ୍କ ହସ୍ତରେ ଘଟିଥିବ । ଯିହୁଦୀମାନଙ୍କର ମସୀହ ସମ୍ବନ୍ଧୀୟ ପ୍ରତ୍ୟାଶାର ପ୍ରସଙ୍ଗରେ ଏହି ଘଟଣା ପ୍ରତ୍ୟାଶିତ ଚିହ୍ନ ହୋଇଥାଇପାରେ ଯେ ମୋଶା ଯେପରି ମାନ୍ନା ଯୋଗାଇଲେ ସେହିପରି ଯୀଶୁ ଖାଦ୍ୟ ଯୋଗାଉଥିଲେ ।

"ଧନ୍ୟବାଦ ଦେବା" (ୟୁକାରିଷ୍ଟିଓ) ନିମନ୍ତେ ଗ୍ରୀକ୍ ପଦ ପରବର୍ତ୍ତୀ ସମୟରେ ଶେଷ ଭୋଜ ନିମନ୍ତେ ନାମିତ ହେଲା (ସିଏଫ୍. ୧ମ କର ୧୧:୨୩-୨୪) । ଯୋହନ କ'ଣ ଏହା ଭବିଷ୍ୟତ, ମନରେ କାରିଗରୀ ସଂଜ୍ଞା ସହିତ ଏଠାରେ ବ୍ୟବହାର କରିଛନ୍ତି ?

ଯେଉଁ ଅନ୍ୟ ସୁସମାଚାର ସମୂହ ୟୁକାରିଷ୍ଟକୁ ପରୋକ୍ଷଭାବରେ ଉଲ୍ଲେଖ କରିନାହାନ୍ତି ସେମାନେ ଭିନ୍ନ ପଦ (ୟୁଲୋଜିଅ, ସିଏଫ୍ ମାର୍ଥ. ୧୪:୧୯; ମାର୍କ ୬:୪୧) ବ୍ୟବହାର କରନ୍ତି । ସେମାନେ ପଦ ୟୁକାରିଷ୍ଟିଓ ବ୍ୟବହାର କରନ୍ତି (ସିଏଫ୍. ମାର୍ଥ. ୧୫:୩୬; ମାର୍କ ୮:୬; ଲୁକ୍ ୧୭:୧୬; ୧୮:୧୧) କିନ୍ତୁ ସ୍ଥିର ଭାବରେ ଶେଷ ଭୋଜର ପରିବେଶରେ ନୁହେଁ । ସେଥିସକାଶେ ବ୍ୟବହାର ଯେହେତୁ ଅନୁରୂପ ନୁହେଁ, ଯୋହନ ତାହାଙ୍କ ପରୋକ୍ଷ ଭାବେ ଉଲ୍ଲେଖ ଅଧିକ ସ୍ୱତନ୍ତ୍ର କରିବା ଆବଶ୍ୟକ ହୋଇଥା'ନ୍ତି ଯଦି ପରବର୍ତ୍ତୀ ପାଠକମାନେ ଏହାକୁ ଏକ ପ୍ରଭୁଭୋଜ ପରିବେଶର ଅର୍ଥରେ ତର୍ଜମା କଲେ !

**୬:୧୨ "ନଷ୍ଟ"** ବିଶେଷ ଶୀର୍ଷ ଦେଖନ୍ତୁ : ଆପୋଲୁମି ୧୦:୧୦ରେ ।

**୬:୧୩ "ସେଥିରେ ସେମାନଙ୍କ ସେଗୁଡ଼ିକ ଏକାଠି କଲେ ଓ ବାର ଟୋକାଇ ଭର୍ତ୍ତି କଲେ"**

ପଦ "ଟୋକାଇ" ଏଠାରେ ଏକ ବୃହତ କବ୍‌ଜାଲଗା ଢାଙ୍କୁଣିଥିବା ଝୁଡ଼ିକୁ ନିର୍ଦ୍ଦେଶ କରେ । ଏହା ମହତ୍ୱପୂର୍ଣ୍ଣ ଅଟେ ଯେ ଯୀଶୁ ବହୁଗୁଣିତ ହୋଇଥିବା ଖାଦ୍ୟର କିଛି ନଷ୍ଟ କଲେ ନାହିଁ । କିଅବା ରୋଟିର ପ୍ରକୃତି (କିମ୍ୱା ପ୍ରକାର) ମଧ୍ୟ ସେ ପରିବର୍ତ୍ତନ କଲେ ନାହିଁ ।

ପଦ "ବାର" ର କ'ଣ ସାଙ୍କେତିକ ମହତ୍ୱତା ରହିଛି ? ଏହା ନିଶ୍ଚିତ ହେବା କଷ୍ଟସାଧ୍ୟ ଅଟେ । ଏହା ଇସ୍ରାୟେଲ୍ ଗୋଷ୍ଠୀମାନଙ୍କୁ (ଯୀଶୁ ପୁରାତନ ନିୟମକୁ ସନ୍ତୁଷ୍ଟ କରୁଛନ୍ତି) କିମ୍ୱା ପ୍ରତ୍ୟେକ ଶିଷ୍ୟ (ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ସନ୍ତୁଷ୍ଟ କରନ୍ତି ଓ ଯୋଗାଇ ଥା'ନ୍ତି) ନିମନ୍ତେ ଏକ ଟୋକେଇର ନିର୍ଦ୍ଦେଶ ଭାବେ ତର୍ଜମା ହୋଇ ଆସିଛି, କିନ୍ତୁ ଏହା କେବଳ ଏକ ପ୍ରତ୍ୟେକ୍ଷ ସାକ୍ଷୀ ବିବରଣୀ ହୋଇଥାଇପାରେ (ପ. ୧୯ ସଦୃଶ)

**ବିଶେଷ ଶୀର୍ଷ : ସଂଖ୍ୟା ବାର**

ସବୁ ସମୟରେ ବାର ସଂଗଠନର ଏକ ସାଙ୍କେତିକ ସଂଖ୍ୟା ହୋଇ ରହିଛି ।

କ. ବାଇବଲ୍ ବାହାରେ

୧. ରାଶି ଚକ୍ରର ବାରଟି ସଂଖ୍ୟା

୨. ବର୍ଷର ବାର ମାସ

ଖ. ପୁରାତନ ନିୟମରେ (ବିଡ଼ିବି ୧୦୪୦ ମିଶାଣ ୭୯୭)

୧. ଯାକୁବଙ୍କ ପୁତ୍ରମାନେ (ଯିହୁଦୀୟ ଗୋଷ୍ଠୀମାନେ)

୨. ପ୍ରତିଫଳିତ ହୋଇଛି

କ. ଯାତ୍ରା ୨୪:୪ ରେ ଯଜ୍ଞବେଦିର ବାରଟି ସ୍ତମ୍ଭ

ଖ. ଯାତ୍ରା ୨୮:୨୧ ର ମହାଯାଜକଙ୍କ ବୁକୁପଟାରେ (ଯାହା ଗୋଷ୍ଠୀମାନଙ୍କ ନିମନ୍ତେ ପ୍ରତିନିଧିତ୍ୱ କରେ) ବାରଟି ରତ୍ନ

ଗ. ଲେବୀ. ୨୪:୫ରେ ତମ୍ବୁର ପବିତ୍ର ସ୍ଥାନରେ ରୋଟୀର ବାରଟି ପାଉଁରୁଟି

ଘ. ଗଣନା ୧୩ରେ କିଣାନ ଦେଶକୁ ପ୍ରେରିତ ବାର ଜଣ ଅନୁସନ୍ଧାନକାରୀ (ପ୍ରତି ବଂଶରୁ ଜଣେ)

ଙ. ଗଣନା ୧୭:୨ ରେ କୋରହଙ୍କ ବିଦ୍ରୋହ ସମୟରେ ବାରୋଟି ଯଷ୍ଟି (ଗୋଷ୍ଠୀ ଧ୍ୱଜା)

ଚ. ଯିହୋ ୪:୭, ୯, ୨୦ ରେ ଯିହୋଶୂୟଙ୍କର ବାରଟି ପଥର

ଛ. ୧ମ ରାଜା ୪:୩ ରେ ଶଲୋମନଙ୍କ ପ୍ରଶାସନରେ ବାରଟି ପ୍ରଶାସନ ସମ୍ବନ୍ଧୀୟ ରାଜ୍ୟସମୂହ

ଜ. ୧ମ ରାଜା ୧୮:୩୧ ରେ ଏଲିୟଙ୍କ ଯଜ୍ଞ ବେଦିରେ ଯାହୋବେଙ୍କ ଉଦ୍ଦେଶ୍ୟରେ ବାରଟି ପଥର

ଗ. ନୂତନ ନିୟମରେ

୧. ମନୋନୀତ ବାରଜଣ ପ୍ରେରିତ

୨. ମାଥି. ୧୪:୨୦ରେ ରୋଟିର ବାରଟି ଟୋକାଇ (ପ୍ରତି ପ୍ରେରିତ ନିମନ୍ତେ ଗୋଟିଏ)

୩. ମାଥି . ୧୯:୨୮ ରେ ବାରଟି ସିଂହାସନ ଯାହା ଉପରେ ନୂତନ ନିୟମର ଶିଷ୍ୟମାନେ ବସନ୍ତି (ଇସ୍ରାଏଲ୍‌ର ୧୨ ଗୋଷ୍ଠୀକୁ ଦର୍ଶାଉଛି)

୪. ମାଥି. ୨୬:୫୩ ରେ ଯୀଶୁଙ୍କୁ ରକ୍ଷା କରିବାକୁ ଦୂତମାନଙ୍କର ବାରଟି ସେନାବାହିନୀ

୫. ପ୍ରକାଶିତ ବାକ୍ୟର ପ୍ରତୀକବାଦ

କ. ୪:୪ ରେ ୨୪ଟି ସିଂହାସନ ଉପରେ ୨୪ ପ୍ରାଚୀନ

ଖ. ୭:୪; ୧୪:୧, ୩ ରେ ୧୪୪,୦୦୦ (୧୨×୧୨,୦୦୦)

ଗ. ୧୨:୧ ରେ ସ୍ତ୍ରୀର ମୁକୁଟରେ ବାରଟି ତାରା

ଘ. ୨୧:୧୨ ରେ ବାର ଗୋଷ୍ଠୀକୁ ପ୍ରତିଫଳିତ କରୁଥିବା ବାରଟି ଦ୍ୱାର, ବାର ଜଣ ଦୂତ

ଙ. ୨୧:୧୪ ରେ ନୂତନ ଯୁରୁଶାଲମର ବାରଟି ମୂଳଦୁଆ ପ୍ରସ୍ତର ଆଉ ସେଗୁଡ଼ିକ ଉପରେ ବାରଜଣ ପ୍ରେରିତଙ୍କ ନାମ

ଚ. ୨୨:୧୬ ରେ ବାର ସହସ୍ର ତୀର (ନୂତନ ସହର, ନୂତନ ଯିରୁଶାଲମର ଆୟତନ)

ଛ. ୨୧:୧୭ ରେ କାନ୍ଥ ହେଉଛି ୧୪୪ ହାତ

ଜ. ୨୧:୨୧ ରେ ମୁକ୍ତାର ବାରଟି ଦ୍ୱାର

ଝ. ୨୨:୨ ରେ ବାର ପ୍ରକାର ଫଳ (ପ୍ରତି ମାସ ପାଇଁ ଗୋଟିଏ) ସହିତ ନୂତନ ଯିରୁଶାଲମରେ ବୃକ୍ଷ

**୬:୧୪ "ଭାବବାଦି"** ଦ୍ୱି ବିବ, ୧୮:୧୫-୨୨ ର ମସୀହ ସମ୍ବନ୍ଧୀୟ ନିର୍ଦ୍ଦେଶ ନିମନ୍ତେ ଏହା ଏକ ପରୋକ୍ଷ ଉଲ୍ଲେଖ ଅଟେ (ସିଏଫ୍ ପ୍ରେରିତ ୩:୨୨; ୭:୩୭) । ଲୋକସମୂହ ଯୀଶୁଙ୍କ ଶକ୍ତିକୁ ଚିହ୍ନି ପାରିଲେ କିନ୍ତୁ ତାହାଙ୍କ କାର୍ଯ୍ୟ ଓ ଚିହ୍ନ ସମୂହର ପ୍ରକୃତିକୁ ଭୁଲ୍ ବୁଝିଲେ ।

**ଏନ୍ ଏଏସ୍ ବି (ଆଧୁନୀକରଣ) ଶାସ୍ତ୍ରାଂଶ : ୬:୧୫**

**୧୫ ଅତଏବ ଯୀଶୁ, ସେମାନେ ଆସି ତାହାଙ୍କୁ ବଳପୂର୍ବକ ରାଜା କରିବାକୁ ଉଦ୍ୟତ ଥିବା ଜାଣିପାରି, ପୁନର୍ବାର ଅନ୍ତର ହୋଇ ଏକାକୀ ପର୍ବତକୁ ବାହରି ଗଲେ ।**

୬:୧୫ ଲୋକ ସମୂହ ଖାଦ୍ୟ ଯୋଗାଇବାର ଯୀଶୁଙ୍କ ମସୀହ ସମ୍ବନ୍ଧୀୟ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା ଉତ୍ତେଜିତ ହୋଇଥିଲେ । ଏହି ପଦ ମାଥି ୪:୩ର ପାପାତ୍ମାର ପ୍ରଲୋଭନ ସହ ଜଡ଼ିତ କରିପାରେ ।

**ଏନ୍ ଏଏସ୍‌ବି (ଆଧୁନୀକରଣ) ଶାସ୍ତ୍ରାଂଶ : ୬:୧୬-୨୧**

**୧୬ ଯେତେବେଳେ ସନ୍ଧ୍ୟା ହୋଇ ଆସିଲା, ତାହାଙ୍କ ଶିଷ୍ୟମାନେ ସମୁଦ୍ର କୂଳକୁ ଗଲେ, ୧୭ ଓ ନୌକାରେ ଚଢ଼ିବା ପରେ, ସେମାନେ କଫର୍ନାହୂମ୍ ଆଡ଼କୁ ସମୁଦ୍ର ପାର ହେବାକୁ ଆରମ୍ଭ କଲେ । ସେତେବେଳେ ଅନ୍ଧକାର ହୋଇଯାଇଥିଲା, ପୁଣି ଯୀଶୁ ସେପର୍ଯ୍ୟନ୍ତ ସେମାନଙ୍କ ନିକଟକୁ ଆସି ନଥିଲେ । ପ୍ରବଳ ଭାବରେ ପବନ ବହୁଥିବା ଯୋଗୁଁ ସମୁଦ୍ରରେ ଲହଡ଼ି ଉଠିବାକୁ ଲାଗିଲା । ୧୯ ଇତି ମଧ୍ୟରେ ଯେତେବେଳେ ସେମାନେ ପ୍ରାୟ ତିନି ବା ଚାରି କୋଶ ବାହି ଯାଇଥିଲେ, ସେମାନେ ଯୀଶୁଙ୍କୁ ସମୁଦ୍ର ଉପରେ ଚାଲି ନୌକା ନିକଟକୁ ଆସୁଥିବା ଦେଖିଲେ; ପୁଣି ସେମାନେ ଭୀତ ହେଲେ । କିନ୍ତୁ ସେମାନଙ୍କୁ କହିଲେ, "ଏତ ମୁଁ; ଭୟ କରନାହିଁ ।" ତେଣୁ ସେମାନେ ତାହାଙ୍କୁ ନୌକାରେ ନେବାକୁ ଇଚ୍ଛୁକ ହେଲେ, ପୁଣି ସେମାନେ ଯେଉଁ ସ୍ଥାନକୁ ଯାଉଥିଲେ ତତ୍‌କ୍ଷଣାତ୍ ନୌକା ସେ ସ୍ଥାନରେ ପହଞ୍ଚିଲା ।**

**୬:୧୭ "କଫର୍ନାହୂମ"** ନାଜରିତର ଯୀଶୁଙ୍କ ଜନ୍ମସ୍ଥାନରେ ଅବିଶ୍ୱାସ ସକାଶୁ ଏହା ତାହାଙ୍କ ଗାଲିଲୀ ସେବାକାର୍ଯ୍ୟ ସମୟରେ ତାହାଙ୍କ ପ୍ରଶାସନିକ କେନ୍ଦ୍ର ଥିଲା (ସିଏଫ୍. ଲୁକ୍ ୪:୨୮-୨୯)

**୬:୧୯ "ସେମାନେ ପ୍ରାୟ ତିନି ବା ଚାରି କୋଶ ବହିଯାଇଥିଲେ"** ଯେତେବେଳେ ଯୀଶୁ ପାଣି ଉପରେ ଚାଲି ସେମାନଙ୍କ ନିକଟକୁ ଆସିଲେ ସେମାନେ ପ୍ରାୟ ଦେଢ଼ କୋଶ ହ୍ରଦ ଅତିକ୍ରମ କରିଥିଲେ । ପାଣି ଉପରେ ତାହାଙ୍କ ନିକଟକୁ ପିତରଙ୍କ ଚାଲିବା ଅର୍ନ୍ତଭୁକ୍ତ କରିବାକୁ ମାର୍ଥଉ ଏହି ବିବରଣୀକୁ ପ୍ରସାରିତ କରନ୍ତି ।

❒ **"ସେମାନେ ଭୟଭୀତ ହେଲେ"** ଏହି ଶିଷ୍ୟମାନେ ସେ ପର୍ଯ୍ୟନ୍ତ ଯୀଶୁଙ୍କୁ ଜାଗତିକ ମାନ ଦ୍ୱାରା କଳନା କରୁଥିଲେ । ଶିଷ୍ୟମାନଙ୍କର ଭୟ ମାର୍କ ୬:୪୯ ରେ ବ୍ୟକ୍ତ ହୋଇଛି । ଏହି "ଚିହ୍ନ ସମୂହ" ର ସାମୂହିକ ଓଜନ ସେ କିଏ ଥିଲେ ତାହା ପୁନଃ ଆକଳନ କରିବାକୁ ସେମାନଙ୍କୁ ବାଧ୍ୟ କଲା ।

**୬:୨୦ "ଏ ତ ମୁଁ"** ଏହା ସାହିତ୍ୟକ ଭାବରେ (ଇଗୋ ଏଇମି) "ଆମ୍ଭେ" (ସିଏଫ୍ ୪:୨୬; ୮:୨୪,୨୮, ୫୪-୫୯; ୧୩:୧୯; ୧୮:୫-୬) ଯାହା ପୁରାତନ ନିୟମରେ ଇଶ୍ୱରଙ୍କ ଚୁକ୍ତିଗତ ନାମ, ଯାତ୍ରା ୩:୧୨-୧୫ ର ଯାହୋବେଙ୍କୁ ପ୍ରତିଫଳିତ କରେ । ଯୀଶୁ ହେଉଛନ୍ତି ଦୃଶ୍ୟ "ଆମ୍ଭେ", ଇଶ୍ୱରଙ୍କ ସମ୍ପୂର୍ଣ୍ଣ ସ୍ୱପ୍ରକାଶନ, ଇଶ୍ୱରଙ୍କ ବିଲାଗସ୍ (ବାକ୍ୟ)ର ଅବତାର, ସତ୍ୟ ଓ ଏକମାତ୍ର ପୁତ୍ର ।

ନିମ୍ନଲିଖିତ ବିଶେଷ ଶୀର୍ଷରେ ଘ ଦେଖନ୍ତୁ

**ବିଶେଷ ଶୀର୍ଷ: ଇଶ୍ୱରତ୍ୱ ନିମନ୍ତେ ନାମ ସମୂହ**

କ. ଏଲ୍ (ବିଡ଼ିବି ୪୨, କେବି ୪୮)

୧. ଇଶ୍ୱରତ୍ୱ ନିମନ୍ତେ ପୁରାତନ ପ୍ରଜାତି ପଦର ପ୍ରକୃତ ଅର୍ଥ ଅନିର୍ଦ୍ଦିଷ୍ଟ ଅଟେ, ଯଦିଓ ଅନେକ ବିଦ୍ୱାନ ଏହା ଆକାଡ଼ିଆନ୍ ମୂଳ, "ଦୃଢ଼ ହେବାକୁ" କିମ୍ବା "ଶକ୍ତିଯୁକ୍ତ ହେବା"ଠାରୁ ଆସିଥିବା ବିଶ୍ୱାସ କରନ୍ତି (ସିଏଫ୍ ଆଦି ୧୭:୧; ଗଣନା ୨୩:୧୯; ଦ୍ୱି.ବିବ

୭:୨୧; ଗୀତ ୫୦:୧)

୨. କିଣାନୀୟ ଦେବତାମାନଙ୍କ ମଧ୍ୟରେ ବଡ଼ ଦେବତା ଏଲ୍ ଅଟେ (ରାସ୍ ଶର୍ମା ପୁସ୍ତକ)

୩. ବାଇବଲରେ ଏଲ ସାଧାରଣତଃ ଅପ୍ୟ ପଦଗୁଡ଼ିକ ସହିତ ସଂଶ୍ଳିଷ୍ଟ ନୁହେଁ । ଏହି ସଂଯୋଗଗୁଡ଼ିକ ଈଶ୍ୱରଭ୍କ ଚରିତ୍ର ଚିତ୍ରଣ କରିବାର ଗୋଟିଏ ମାର୍ଗ ହେଲା

କ. ଏଲ୍-ଏଲିଅନ୍ (ସର୍ବୋଚ୍ଚ ଈଶ୍ୱର, ବିଡ଼ିବି ୨ ଓ ୭୫୧ II), ଆଦି ୧୪:୧୮-୨୨; ଦ୍ୱି.ବିବ. ୩୨:୮; ଯିଶା. ୧୪:୧୪

ଖ. ଏଲ-ରୋଇ (ଈଶ୍ୱର ଯେ ଦେଖନ୍ତି" କିମ୍ବା "ଈଶ୍ୱର ଯେ ନିଜକୁ ପ୍ରକାଶ କରନ୍ତି ବିଡ଼ିବି ୪୨ ଓ ୯୦୯), ଆଦି. ୧୬:୧୩

ଗ. ଏଲ-ସଜାଇ ("ସର୍ବଶକ୍ତିମାନ ଈଶ୍ୱର" କିମ୍ବା "ସମସ୍ତ କରୁଣାର ଈଶ୍ୱର" କମ୍ବା "ପର୍ବତର ଈଶ୍ୱର", ବିଡ଼ିଜି ୪୨ ଓ ୯୯୪), ଆଦି. ୧୭:୧; ୩୫:୧୧;୪୩:୧୪; ୪୯:୨୫; ଯାତ୍ରା ୬:୩

ଘ. ଏଲ୍-ଅଲାମ (ଅନନ୍ତକାଳୀନ ଈଶ୍ୱର, ବିଡ଼ିବି ୨ ଓ ୭୬୧), ଆଦି. ୨୧:୩୩ । ଏହି ପଦ ଧର୍ମତତ୍ତ୍ୱ ଅନୁସାରେ ଦାଉଦଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞା ସହ ଜଡ଼ିତ, ୨ୟ ଶାମୁ. ୭:୧୩, ୧୬

ଙ. ଏଲ-ବେରିତ୍ ("ଚୁକ୍ତିର ଈଶ୍ୱର", ବିଡ଼ିବି ୪୨ ଓ ୧୩୬), ବିଚା. ୯:୪୬

୪. ଏଲ୍ ସମତୁଲ୍ୟ ଅଟେ ।

କ. ଗୀତ. ୮୫:୮; ଯିଶା. ୨ :୫ ରେ ଯାହୋବେ ସହିତ

ଖ. ଆଦି. ୪୬:୩; ଆୟୁବ ୫:୮ ରେ ଏଲୋହିମ, "ଆମ୍ଭେ ଏଲ, ତୁମ ପିତାର ଏଲୋହିମ" ସହିତ

ଗ. ଆଦି. ୪୯ : ୨୫ରେ ସାଦାଇ ସହିତ

ଘ. ଯାତ୍ରା ୩୪:୧୪; ଦ୍ୱି.ବିବି. ୪:୨୪; ୫:୯; ୬:୧୫ରେ "ଈର୍ଷା" ସହିତ

ଙ. ଦ୍ୱି.ବିବ. ୪:୩୧; ନିହି. ୯:୩୧ ରେ "ଦୟା" ସହିତ

ଚ. ଦ୍ୱି. ବିବ. ୭:୨୧; ୧୦:୧୭; ନିହି. ୧:୫; ୯:୩୨; ଦାନି. ୯:୪ରେ "ମହାନ ଓ ଭୟଙ୍କର" ସହିତ

ଛ. ୧ମ ଶାମୁ ୨:୩ରେ "ଜ୍ଞାନ" ସହିତ

ଜ. ୨ୟ ଶାମୁ. ୨୨:୩୩ ରେ "ମୋହର ଦୃଢ଼ ଆଶ୍ରୟ" ସହିତ

ଝ. ୨ୟ ଶାମୁ. ୨୨:୪୮ରେ "ମୋହର ପ୍ରତିଶୋଧକାରୀ" ସହିତ

ଞ. ଯିଶା. ୫:୧୬ ରେ "ପବିତ୍ର ବ୍ୟକ୍ତି" ସହିତ

ଟ. ଯିଶା. ୧୦:୨୧ ରେ "ବଳ" ସହିତ

ଠ. ଯିଶା. ୧୨:୨ ରେ "ମୋହାର ପିରିତ୍ରାଣ" ସହିତ

ଡ. ଯିରି. ୩୨ : ୧୮ ରେ "ମହାନ ଓ ଶକ୍ତିଶାଳୀ" ସହିତ

ଢ. ଯିରି. ୫୧:୫୬ ରେ "ପ୍ରତିଶୋଧ" ସହିତ

୫. ଈଶ୍ୱରଙ୍କ ନିମନ୍ତେ ପୁରାତନ ନିୟମର ସମସ୍ତ ବୃହତ ନାମଗୁଡ଼ିକର ଏକ ସଂଯୋଗ ଯିହୋଶୂୟ ୨୨:୨୨ ରେ ଦେଖିବାକୁ ମିଳେ (ଏଲ, ଏଲୋହିମ, ଯାହୋବେ, ପୁନରାବୃତ୍ତି)

ଖ. ଏଲିଅନ୍ (ବିଡ଼ିବି ୭୫୧, କେବି ୮୩୨)

୧. ଏହାର ମୌଳିକ ଅର୍ଥ "ଉଚ୍ଚ", "ସଂଭ୍ରାନ୍ତ" କିମ୍ବା "ଉଚ୍ଚୀକୃତ" ଅଟେ (ସିଏଫ୍ ଆଦି ୪୦:୧୭; ୧ମ ରାଜା ୯:୮; ୨ୟ ରାଜା ୧୮:୧୭; ନିହି ୩:୨୫; ଯିରି ୨୦:୨; ୩୬:୧୦; ଗୀତ ୧୮:୧୩) ।

୨. ଈଶ୍ୱରଙ୍କର ଅନ୍ୟ କେତେକ ନାମ / ଆଖ୍ୟା ସମୂହ ନିମନ୍ତେ ସମାନ୍ତର ଅର୍ଥରେ ଏହା ବ୍ୟବହୃତ ହୋଇଛି ।

କ. ଏଲୋହିମ - ଗୀତ ୪୭:୧-୨; ୭୩:୧୧; ୧୦୭:୧୧

ଖ. ଯାହୋବେ - ଆଦି. ୧୪:୨୨; ୨ୟ ଶାମୁ ୨୨:୧୪

ଗ. ଏଲ୍ - ସାଦାଇ - ଗୀତ ୯୧:୧, ୯

ଘ. ଏଲ୍ - ଗଣନା ୨୪:୧୬

ଙ. ଏଲାହ - ଦାନି ୩:୨୬; ୪:୨; ୫:୧୮, ୨୧ ରେ ଇଲାଇର୍ ("ଉଚ୍ଚ ଈଶ୍ୱର" ପାଇଁ ଅରାମୀୟରେ) ସହିତ ଜଡ଼ିତ ଭାବେ, ଅନେକ ସମୟରେ ଦାନିୟେଲ୍ ୨-୬ ଓ ଏଜ୍ରା ୪-୭ ରେ ବ୍ୟବହୃତ ।

୩. ଅନେକ ସମୟରେ ଏହା ଇସ୍ରାଏଲ୍ ହୋଇ ନ ଥିବା ଲୋକଙ୍କ ଦ୍ୱାରା ବ୍ୟବହୃତ

କ. ମଲ୍‌କୀଷେଦକ, ଆଦି ୧୪:୧୮-୨୨

ଖ. ବାଲାମ, ଗଣନା ୨୪:୧୬

ଗ. ମେଶା, ଦ୍ୱି. ବିବ. ୩୨:୮ରେ ଜାତି ସମୂହ ବିଷୟରେ କହୁଥିବ ।

ଘ. ନୂତନ ନିୟମରେ ଲୁକଙ୍କ ସୁସମାଚାର, ବିଜାତୀୟମାନଙ୍କୁ ଲେଖିବାରେ ମଧ୍ୟ ସମତୁଲ୍ୟ ହୁପସିଷ୍ଟସ୍ ଗ୍ରୀକ୍ ବ୍ୟବହାର କରନ୍ତି (ସିଏଫ୍ ୧:୩୨, ୩୫, ୭୬; ୬:୩୫; ୮:୨୮; ପ୍ରେରିତ ୭:୪୮; ୧୬:୧୭)

ଗ. ଏଲୋହିମ (ବହୁବଚନ), ଏଲୋହା (ଏକବଚନ), ସାଧାରଣତଃ କବିତାରେ ବ୍ୟବହୃତ (ବିଡିବି ୪୩, କେବି ୫୨)

୧. ଏହି ପଦ ପୁରାତନ ନିୟମର ବାହାରେ ମିଳେ ନାହିଁ ।

୨. ଏହି ଶବ୍ଦ ଇସ୍ରାଏଲ୍‌ର ଈଶ୍ୱର କିମ୍ବା ଜାତିଗୁଡ଼ିକର ଦେବତାମାନଙ୍କୁ ନିର୍ଦ୍ଦିଷ୍ଟ କରିପାରେ (ସିଏଫ୍. ଯାତ୍ରା ୧୨:୧୨; ୨୦:୩) । ଅବ୍ରାହମ୍‌ଙ୍କ ପରିବାର ବହୁ ଈଶ୍ୱର ବିଶ୍ୱାସୀ ଥିଲେ (ସିଏଫ୍ ଯିହୋ ୨୪:୨)

୩. ଏହା ଇସ୍ରାଏଲ୍‌ର ବିଚାର କର୍ତ୍ତାମାନଙ୍କୁ ନିର୍ଦ୍ଦେଶ କରିପାରେ (ସିଏଫ୍ ଯାତ୍ରା ୨୧:୬; ଗୀତ. ୮୨:୬) ।

୪. ଯେପରି ଦ୍ୱି.ବିବ, ୩୨:୮ (ଏଲ୍ ଏକ୍ସ ଏକ୍ସ); ଗୀତ ୮:୫; ଆୟୁବ ୧:୬; ୩୮:୭ ରେ ସେହିପରି ପଦ ଏଲୋହିମ ଅନ୍ୟ ଆତ୍ମିକ ବ୍ୟକ୍ତିମାନଙ୍କ (ଦୂତଗଣ, ମନ୍ଦଆତ୍ମା) ନିମନ୍ତେ ମଧ୍ୟ ବ୍ୟବହୃତ ଅଟେ ।

୫. ବାଇବଲ୍‌ରେ ଦେବତ୍ୱ ନିମନ୍ତେ ଏହା ହେଉଛି ପ୍ରଥମ ଆଖ୍ୟା / ନାମ (ସିଏଫ୍ ଆଦି ୧:୧) । ଆଦି ୨:୪ ପର୍ଯ୍ୟନ୍ତ ଏହା କେବଳ ଭାବେ ବ୍ୟବହୃତ ହୋଇଛି, ଯେଉଁଠାରେ ଯାହୋବେ ସହିତ ଏହା ସଂଯୋଗିକୃତ ହୋଇଛି । ମୌଳିକ ଭାବରେ (ଧର୍ମତତ୍ତ୍ୱ ଅନୁସାରେ) ଏହା ଈଶ୍ୱରଙ୍କୁ ଏହି ଗ୍ରହରେ ସମସ୍ତ ଜୀବନର ସୃଷ୍ଟିକର୍ତ୍ତା ସମର୍ଥନକାରୀ ଓ ଯୋଗାଇବାକାରୀ ଭାବେ ଚିହ୍ନିତ କରେ (ସିଏଫ୍. ଗୀତସଂହିତା ୧୦୪)

ଏହା ଏଲ୍ ସହିତ ସମାନ୍ତର ଅଟେ (ସିଏଫ୍. ଦ୍ୱି. ବିବ. ୩୨:୧୫-୧୯) । ଦୈବିକ ନାମଗୁଡ଼ିକରେ ପରିବର୍ତ୍ତନ ବ୍ୟତୀତ, ଯେପରି ଗୀତସଂହିତା ୧୪ (ଏଲୋହିମ) ସଠିକ୍ ଭାବେ ଗୀତ ସଂହିତା ୫୩ (ଯାହୋବେ) ସଦୃଶ ଯାହୋବେଙ୍କୁ ମଧ୍ୟ ସମାନ୍ତର କରିପାରେ ।

୬. ଯଦିଓ ବହୁବଚନ ଓ ଅନ୍ୟଦେବତାମାନଙ୍କର ବ୍ୟବହୃତ ହେବା, ଏହି ପଦ ଅନେକ ସମୟରେ ଇସ୍ରାଏଲ୍‌ର ଈଶ୍ୱରଙ୍କୁ ନିର୍ଦ୍ଦିଷ୍ଟ କରେ, କିନ୍ତୁ ସାଧାରଣତଃ ଏକେଶ୍ୱର ବାଦ ବ୍ୟବହାର ସୂଚିତ କରିବାକୁ ଏହାର ଏକବଚନ କ୍ରିୟାପଦ ରହିଛି ।

୭. ଏହି ପଦ ଦେବତା ନିମନ୍ତେ ନାମ ଭାବେ ଇସ୍ରାଏଲିୟ ନଥିବା ଲୋକଙ୍କ ମୁଖରେ ମିଳେ ।

କ. ମଲ୍‌କୀଷେଦକ, ଆଦି. ୧୪:୧୮-୨୨

ଖ. ବାଲାମ, ଗଣନା. ୨୪:୨

ଗ. ମୋଶା, ଯେତେବେଳେ ଦେଶଗୁଡ଼ିକ ବିଷୟ ବ୍ୟକ୍ତ କରୁଥିଲେ, ଦ୍ୱି.ବିବ. ୩୨:୮

୮. ଏହା ଆଶ୍ଚର୍ଯ୍ୟଜନକ ଅଟେ ଯେ ଇସ୍ରାଏଲର ଏକେଶ୍ୱରବାଦ ଈଶ୍ୱର ନିମନ୍ତେ ଏକ ସାର୍ବଜନୀନ ନାମ ବହୁବଚନ ଅଟେ ! ଯଦିଓ ନିଶ୍ଚିତତା ନାହିଁ, ଏଠାରେ ତତ୍ତ୍ୱସମୂହ ରହିଛି ।

କ. ଏବ୍ରୀରେ ଅନେକ ବହୁବଚନ ରହିଛି, ଅନେକ ସମୟରେ ପ୍ରାଧାନ୍ୟତା ଦେବା ପାଇଁ ବ୍ୟବହୃତ ହୋଇଛି । "ସମ୍ଭ୍ରାନ୍ତ ର ବହୁବଚନ" କୁହାଯାଉଥିବା ପରବର୍ତ୍ତୀ ଏବ୍ରୀ ବ୍ୟାକରଣ ସମ୍ବନ୍ଧୀୟ ବୈଶିଷ୍ଟ୍ୟ, ଯେଉଁଠାରେ ଗୋଟିଏ ଧାରଣାକୁ ଅତିରଞ୍ଜିତ କରିବାକୁ ବହୁବଚନ ବ୍ୟବହୃତ ଅଟେ ଏହା ସହିତତତ ଘନିଷ୍ଠ ଭାବେ ଜଡ଼ିତ ।

ଖ. ଏହା ଦୂତ ସମ୍ବନ୍ଧୀୟ ପରିଷଦକୁ ନିର୍ଦ୍ଦେଶ କରିପାରେ, ଯେଉଁମାନଙ୍କ ସହ ଈଶ୍ୱର ସ୍ୱର୍ଗରେ ସାକ୍ଷାତ କରନ୍ତି ଓ ଯେ ତାହାକୁ ଅପେକ୍ଷା କରେ (ସିଏଫ୍. ୧ମ ରାଜା. ୨୨:୧୯-୨୩; ଆୟୁବ ୧:୬; ଗୀତ ୮୨:୧; ୮୯:୫,୭) ।

ଗ. ଏହା ମଧ୍ୟ ସମ୍ଭବ ଯେ ଏହା ତିନିଜଣ ବ୍ୟକ୍ତିତ୍ୱରେ ଏକ ଈଶ୍ୱର ବିଷୟରେ ନୂତନ ନିୟମର ପ୍ରକାଶିତ ବାକ୍ୟ ପ୍ରତି ଫଳିତ କରେ । ଆଦି ୧:୧ରେ ଈଶ୍ୱର ସୃଷ୍ଟି କରନ୍ତି; ଆଦି. ୧:୨ରେ ଆତ୍ମା ବ୍ୟାପ୍ତ ହୁଅନ୍ତି, ଓ ନୂତନ ନିୟମ ଠାରୁ ଯୀଶୁ ସୃଷ୍ଟି ଆରମ୍ଭରେ ପିତା ଈଶ୍ୱରଙ୍କ ପ୍ରତିନିଧିକ ଅଟନ୍ତି (ସିଏଫ୍. ଯୋହନ ୧:୩, ୧୦; ରୋମି. ୧୧:୩୬; ୧ମ କର. ୮:୬; କଲ ୧:୧୫; ଏବ୍ରୀ. ୧:୨; ୨:୧୦) ।

ଘ. ଯାହୋବେ (ବିଡ଼ିବି ୨୧୭, କେବି ୩୯୪)

୧. ଏହା ସେହି ନାମ ଅଟେ ଯାହା ଈଶ୍ୱରତ୍ୱକୁ ଚୁକ୍ତି ଗଠନ କରିବା ଈଶ୍ୱର ଭାବେ ପ୍ରତିଫଳିତ କରେ; ଈଶ୍ୱର ଜଣେ ତ୍ରାଣ କର୍ତ୍ତା, ଉଦ୍ଧାର କର୍ତ୍ତା ! ମନୁଷ୍ୟମାନେ ଚିକ୍ତି ଭଙ୍ଗ କରନ୍ତି, କିନ୍ତୁ ଈଶ୍ୱର ତାହାଙ୍କ ବାକ୍ୟ, ପ୍ରତିଜ୍ଞା ଓ ଚିକ୍ତି ପ୍ରତି ବିଶ୍ୱାସ୍ତ ଅଟନ୍ତି (ସିଏଫ୍ ଗୀତ ସଂହିତା ୧୦୩) ।

ଏହି ନାମ ପ୍ରଥମେ ଆଦି. ୨:୪ ରେ ଏଲୋହିମ ସହିତ ସଂଯୋଗରେ ଉଲ୍ଲିଖିତ ଅଟେ । ଆଦି ପୁସ୍ତକ ୧-୨ରେ ସୃଷ୍ଟିର ଦୁଇଟି ବିବରଣୀ ନାହିଁ, କିନ୍ତୁ ଦୁଇଟି ଗୁରୁତବ:(୧) ଈଶ୍ୱର ବିଶ୍ୱର (ଶାରିରିକ) ସୃଷ୍ଟି କର୍ତ୍ତା ଭାବେ ଓ (୨) ଈଶ୍ୱର ମାନବ ଜାତିର ସ୍ୱତନ୍ତ୍ର ସୃଷ୍ଟିକର୍ତ୍ତା ଭାବେ । ଆଦି ପୁସ୍ତକ ୨:୪-୩:୨ ମାନବ ଜାତିର ବିଶେଷ ଅବସ୍ଥିତି ଓ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱତନ୍ତ୍ର ପ୍ରକାଶନ ଆରମ୍ଭ କରେ, ସେହି ପରି ମଧ୍ୟ ପାପ ଓ ବିଦ୍ରୋହର ସମସ୍ୟା ଅସାଧାରଣ ଅବିସ୍ଥିତି ସହିତ ଏକତ୍ର ହୋଇ ।

୨. ଆଦି ୪:୨୬ ରେ ଏହା କୁହାଯାଇଛି "ମନୁଷ୍ୟମାନେ ସଦାପ୍ରଭୁଙ୍କ ନାମରେ ଡାକିବାକୁ ଆରମ୍ଭ କଲେ" (ଯା ହୋ ବେ) । ଯେମିତି ହେଉ, ଯାତ୍ରା.୬:୩ ସୂଚିତ କରେ ଯେ ପୁରାତନ ଚୁକ୍ତବଦ୍ଧ ଲୋକମାନେ (ଇସ୍ରାଏଲର ପୂର୍ବଜ ଓ ସେମାନଙ୍କର ପରବାର ସମୂହ) ଈଶ୍ୱରଙ୍କୁ କେବଳ ଏଲ୍-ସାଦାଇ ଭାବେ ଜାଣିଥିଲେ । ନାମ ଯାହୋବେ କେବଳ ଗୋଟିଏ ଥର ଯାତ୍ରା. ୩:୧୩-୧୬, ବିଶେଷତଃ ୧୪ପ.ରେ ବର୍ଣ୍ଣିତ ହୋଇଛି । ଯେମିତି ହେଉ, ମୋଶାଙ୍କର ଲେଖାସମୂହ ଅନେକ ସମୟରେ ଜନପ୍ରିୟ ଶବ୍ଦ ଖେଳ ଦ୍ୱାରା ଶବ୍ଦଗୁଡ଼ିକର ତର୍ଜମା କରେ, ଅର୍ଥଗତ

ଉତ୍ପତ୍ତି ସମୂହ ନୁହେଁ (ସିଏଫ୍. ଆଦି. ୧୭:୫; ୨୭:୩୬; ୨୯:୧୩-୩୫) । ଏହି ନାମରେ ଅର୍ଥ ନିମନ୍ତେ ଅନେକ ତତ୍ତ୍ୱସିଦ୍ଧାନ୍ତମାନ ରହିଛି (ଆଇଡିବି ଠାରୁ ମଢହିତ, ଉଲ୍. ୨, ପିପି. ୪୦୯-୧୧) ।

କ. ଏକ ଆରବୀୟ ମୂଳ ଠାରୁ, "ଭାବବିହ୍ୱଳ ପ୍ରେମ ଦେଖାଇବାକୁ"

ଖ. ଏକ ଆରବୀୟ ମୂଳ ଠାରୁ "ପ୍ରକାଶ କରିବାକୁ"

ଗ. ଏକ ୟୁଗାର୍ଟିୟ (କିଣାନୀୟ, ) ମୂଳ ଠାରୁ "ବ୍ୟକ୍ତି କରିବାକୁ"

ଘ. ଏକ ଫୋଏନିସିୟ ଶିଳାଲିପି ଅନୁସରଣରେ, ଏକ କାରଣାତ୍ମକ କୃଦନ୍ତ ବିଶେଷ ତା ଅର୍ଥ "ଯେଉଁ ବ୍ୟକ୍ତି ସମ୍ଭାଳନ୍ତି," କିମ୍ବା "ଯେଉଁ ବ୍ୟକ୍ତି ପ୍ରତିଷ୍ଠା କରନ୍ତି"

ଙ. ଏବ୍ରୀ କୁଆଲ୍ ଠାରୁ ଗଠନ "ଯେଉଁ ବ୍ୟକ୍ତି ଅଛନ୍ତି," କିମ୍ବା "ଯେଉଁ ବ୍ୟକ୍ତି ବିଦ୍ୟମାନ ଅଟନ୍ତି" (ଭବିଷ୍ୟତ୍ ଅର୍ଥରେ, "ଯେଉଁ ବ୍ୟକ୍ତ ରହିଥିବେ")

ଚ. ଏବ୍ରୀ ହାଇଫିଲ୍ ଠାରୁ ଗଠନ "ଯେଉଁ ବ୍ୟକ୍ତି ରହିଥିବା କାରଣ କରନ୍ତି"

ଛ. ଏବ୍ରୀ ମୂଳ "ବଞ୍ଚିବାକୁ' ଠାରୁ (ଉଦାହରଣ, ଆଦି. ୩:୨୦), ଅର୍ଥ "ସବୁବେଳେ ବଞ୍ଚିଥିବା, - ଏକମାତ୍ର ଜୀବିତ ବ୍ୟକ୍ତି"

ଜ. ଯାତ୍ରା ୩:୧୩-୧୬ର ପ୍ରସଙ୍ଗ ଠାରୁ ସମ୍ପନ୍ନ ଅର୍ଥରେ ବ୍ୟବହୃତ ଏକ ଅସମ୍ପନ୍ନ ଆକୃତି ଉପରେ ଅଭିନୟ, "ମୁଁ ଯାହା ଥିଲି, ସେଥିରେ ମୁଁ କ୍ରମାଗତ କରିବା ଆବଶ୍ୟକ" କିମ୍ବା "ମୁଁ ଅବିରତ ସେହି ପରି ହେବା ଉଚିତ ଯାହା ମୁଁ ସବୁ ସବୟରେ ହୋଇଆସୁଥିଲି," (ସିଏଫ୍. ଜେ. ୱାଷ୍ ୱାଟସ୍, ଏ ସର୍ଭେ ଅଫ୍ ସିନ୍‌ଟାକ୍ସ ଇନ୍ ଜି ଅଲ୍ଡଟେଷ୍ଟାମେଣ୍ଟ, ପି.୬୭) । ଯାହୋବେ ଙ୍କ ପୂର୍ଣ୍ଣ ନାମ ଅନେକ ସମୟରେ ସାଙ୍କେତକ ଅକ୍ଷରରେ କିମ୍ବା ସମ୍ଭବତଃ ଏକ ପ୍ରକୃତ ଆକୃତିରେ ଅଭିବ୍ୟକ୍ତ ହୋଇଛି ।

୧. ଯାହ (ଉଦାହରଣ, ହାଲେଲୁ-ଯାହ, ବିଡ଼ିନି ୨୧୯, ସିଏଫ୍.ଯାତ୍ରା. ୧୫:୨; ୧୭:୧୬; ଗୀତ ୮୯:୯; ୧୦୪ : ୩୫)

୨. ଯାହୁ ("ଇୟ" ନାମଗୁଡ଼ିକର ଶେଷରେ, ଉଦାହରଣ, ଯିଶାଇୟ)

୩. ୟ ("ହା" ନାମଗୁଡ଼ିକର ଆରମ୍ଭରେ, ଉଦାହରଣ, ଯିହୋଶୂୟ କିମ୍ବା ଯୋଏଲ)

୩. ପରବର୍ତ୍ତୀ ଯିହୁଦୀ ଧର୍ମରେ ଚୁକ୍ତ ବଦ୍ଧ ନାମ ଏତି ପବିତ୍ର ହେଲା (ଟେଟ୍ରାଗ୍ରାମାଟନ୍) ଯେ ଯିହୁଦୀମାନେ ଏହା କହିବାକୁ ଭୟଭୀତ ହେଲେ କାଳେ ସେମାନେ ଯାତ୍ରା. ୨୦:୭; ଦ୍ୱି.ବିବ. ୫:୧୧; ୬:୧୩ ର ଆଦେଶ କିମ୍ବା ଆଡ଼ୋନୀ (ମୋର ପ୍ରଭୁ) ନିମନ୍ତେ ଏବ୍ରୀ ପଦ ପ୍ରତିବଦଳ

କଲେ । ପୁରାତନ ନିୟମ ପଠନ ସମୟରେ ଯେତେବେଳେ ସେମାନେ ଯାହୋବେ ନାମକୁ ଆସିଲେ, ସେମାନେ "ପ୍ରଭୁ" ଉଚ୍ଚାରଣ କଲେ । ଏହା ସକାଶୁ ଇଂରାଜୀ ଅନୁବାଦଗୁଡ଼ିକରେ ଯାହୋବେ ଜାଗାରେ ପ୍ରଭୁ ଲିଖିତ ହୋଇଛି ।

୪. ଯେପରି ଏଲ୍ ସହିତ, ସେହିପରି, ବେଳେ ବେଳେ ଯାହୋବେ ମଧ୍ଯ ଇସ୍ରାଏଲର ଚୁକ୍ତି ବଦ୍ଧ ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ସମୂହ ଗୁରୁତ୍ୱ ପ୍ରଦାନ କରିବାକୁ ଅନ୍ୟ ପଦଗୁଡ଼ିକ ସହିତ ସଂଯୋଜିତ ହୋଇଛି । ଅନେକ ସମ୍ଭାବ୍ୟ ସଂଯୋଜିତ ପଦଗୁଡ଼ିକ ରହିଛି, ଏଠାରେ କେତେକ ଦିଆଯାଇଛି ।

କ. ଯିହୋବା - ଯିରି (ଯିହୋବା ଯୋଗାଇବେ, ବିଡ଼ିବି ୨୧୭ ଓ ୯୦୬), ଆଦି ୨୨:୧୪

ଖ. ଯିହୋବା - ରାଫା (ଯିହୋବା ତୁମ୍ଭର ଆରୋଗ୍ୟ ଦାତା, ବିଡ଼ିବୀ ୨୧୭ ଓ ୯୫୦, କ୍ବାଲ୍ କୃଦନ୍ତ ବିଶେଷତା), ଯାତ୍ରା. ୧୫:୨

ଗ. ଯିହୋବା - ନିଶି (ଯିହୋବା ମୋହର ଧ୍ୱଜା, ବିଡ଼ିବି ୨୧୭ ଓ ୬୫୧), ଯାତ୍ରା ୧୭:୧୫

ଘ. ଯିହୋବ - ମେକା ଦିସେକମ୍ (ଯିହୋବା ଯେ ତୁମ୍ଭକୁ ପବିତ୍ରିକୃତ କରନ୍ତି, ବିଡ଼ିବି ୨୧୭ ଓ ୮୭୨, ପିଏଲ୍ କୃଦନ୍ତ ବିଶେତୋ), ଯାତ୍ରା ୩୧:୧୩

ଙ. ଯିହୋବା-ସାବାଅଥ୍ (ବହୁ ଲୋକଙ୍କ ଯିହୋବା, ବିଡ଼ିବି ୨୧୭ ଓ ୮୭୮), ୧ମ ଶାମୁ. ୧:୩, ୧୧; ୪:୪; ୧୫:୨; ବେଳେ ବେଳେ ଭାବବାଦୀଙ୍କ ଠାରେ

ଛ. ଯିହୋବା - ରୋହି (ଯିହୋବା ମୋହର ପ୍ରତି ପାଳକ, ବିଡ଼ିବି ୨୧୭ ଓ ୯୪୪ କ୍ବାଲ୍ କୃଦନ୍ତ ବିଶେଷଣ), ଗୀତ ୨୩:୧.

ଜ. ଯିହୋବା-ସିଦ୍‌କେନୁ (ଯିହୋବା ଆମ୍ଭମାନଙ୍କର ଧାର୍ମିକତା, ବିଡ଼ିନି ୨୧୭ ଓ ୮୪୧), ଯିରି. ୨୩:୬

ଝ. ଯିହୋବା - ଶାମା (ଯିହୋବା ରହିଛନ୍ତି, ବିଡ଼ିବି ୨୧୭ ଓ ୧୦୨୭), ଯିହ. ୪୮:୩୫୬:୨୧ "ଆଉ ସେମାନେ ଯେଉଁ ସ୍ଥାନକୁ ଯାଉଥିଲେ ତତ୍‌କ୍ଷଣାତ୍ ନୌକା ସେ ସ୍ଥାନରେ ପହଞ୍ଚିଲା"

**୬:୨୧** ଏହା ପ୍ରତୀୟମାନ ଭାବେ ଅନ୍ୟ ଏକ ଆଶ୍ଚର୍ଯ୍ୟ କର୍ମ ଘଟଣା ଥିଲା (ସିଏଫ୍. ୨୨-୨୫) ଯେହେତୁ ମାର୍କଙ୍କ ସୁସମାଚାର ପ୍ରକାଶ କରେ ଯେ ସେମାନେ ହ୍ରଦ ଆର ପାରିର ପ୍ରାୟ ଅଧା ବାଟ ବାହି ଯାଇଥିଲେ (ସିଏଫ୍. ମାର୍କ ୬:୭) । ଯେମିତି ହେଉ, ଅନ୍ୟ ସୁସମାଚାର ସମୂହରେ ଏ ଉଲ୍ଲିଖିତ ହୋଇ ନାହିଁ (ଏହା ହେଉଛି, ମାର୍ଥ ୧୪:୩୨ ଅବା ମାର୍କ ୬:୫୧) ।

**ଏନ୍‌ଏଏସ୍‌ବି (ଆଧୁନୀକରଣ) ଶାସ୍ତ୍ରାଂଶ : ୬:୨୨-୨୫**

**୨୨ ତହିଁ ଆରଦିନ ସମୁଦ୍ର ଆରପାରିରେ ଠିଆ ହୋଇଥିବା ସେହି ଲୋକମାନେ, ସେଠାରେ ଗୋଟିଏ ନୌକା ବ୍ୟତୀତ ଅନ୍ୟ କୌଣସି ଛୋଟ ନୌକା ଦେଖିଲେ ନାହିଁ; ଆଉ ଯୀଶୁ ଯେ ତାହାଙ୍କ ଶିଷ୍ୟମାନଙ୍କ ସହିତ ନୌକାରେ ପ୍ରବେଶ କରିନଥିଲେ, ମାତ୍ର ତାହାଙ୍କ ଶିଷ୍ୟମାନେ କେବଳ ଯାଇଥିଲେ ତାହା ଦେଖିଲେ । ୨୩ ପ୍ରଭୁ ଧନ୍ୟବାଦ ଦେଲା ଉତ୍ତାରେ ଯେଉଁ ସ୍ଥାନରେ ସେମାନେ ରୋଟି ଭୋଜନ କରିଥିଲେ ସେ ସ୍ଥାନ ନିକଟକୁ ଅନ୍ୟ ଛୋଟ ନୌକାମାନ ତିବିରିଆରୁ ଆସିଲା । ୨୪ ଅତଏବ ଲୋକମାନେ ଯେତେବେଳେ ଯୀଶୁ, କିମ୍ବା ତାହାଙ୍କ ଶିଷ୍ୟମାନେ ସେଠାରେ ନ ଥିବା ଦେଖିଲେ, ସେମାନେ ସମସ୍ତେ ଛୋଟ ନୌକା ମାନଙ୍କରେ ଚଢ଼ିଲେ, ଆଉ ଯୀଶୁଙ୍କୁ ଖୋଜୁ ଖୋଜୁ କଫର୍ନାହୂମକୁ ଆସିଲେ । ଯେତେବେଳେ ସେମାନେ ସମୁଦ୍ର ଆରପାରିରେ ତାହାଙ୍କ ଦେଖା ପାଇଲେ, ସେମାନେ ତାହାଙ୍କୁ ପଚାରିଲେ, "ହେ ଗୁରୁ, ଆପଣ କେତେବେଳେ ଏଠାକୁ ଆସିଲେ ?"**

୬:୨୩ "ତିବିରିଆ" ଏହି ନଗର ଖ୍ରୀଷ୍ଟାବ୍ଦ ୨୨ରେ ହେରୋଦ ଆନ୍ତିପାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ପୁଣି ତାହାଙ୍କ ରାଜଧାନୀ ହେଲା ।

**ଏନ୍‌ଏଏସବି (ଆଧୁନିକରଣ) ଶାସ୍ତ୍ରାଂଶ : ୬:୨୬-୩**

**୨୬ଯୀଶୁ ସେମାନଙ୍କୁ ଉତ୍ତର ଦେଇ କହିଲେ, "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହେ, ଆଶ୍ଚର୍ଯ୍ୟକର୍ମ ଦେଖିବାରୁ ତୁମ୍ଭେମାନେ ମୋହର ଅନ୍ୱେଷଣ କର, ତାହା ନୁହେଁ, ମାତ୍ର ରୋଟି ଖାଇ ପରିତୃପ୍ତ ହୋଇଥିବା କାରଣରୁ । ୨୭ ବିନଷ୍ଟ ହେଉଥିବା ଖାଦ୍ୟ ନିମନ୍ତେ ଶ୍ରମ କର ନାହିଁ, ବରଞ୍ଚ ଯେଉଁ ଖାଦ୍ୟ ଅନନ୍ତ ଜୀବନ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହେ, ଯାହା ମନୁଷ୍ୟପୁତ୍ର ତୁମ୍ଭମାନଙ୍କୁ ଦେବେ, ତାହା ନିମନ୍ତେ ଶ୍ରମ କର କାରଣ ତାହାଙ୍କୁ ପିତା, ଈଶ୍ୱର ମଧ୍ୟ, ତାହାଙ୍କ ମୁଦ୍ରାଙ୍କିତ କରିଛନ୍ତି । ୨୮ ସେଥିରେ ସେମାନେ ତାହାଙ୍କୁ ପଚାରିଲେ, "ଆମ୍ଭେମାନେ କ'ଣ କରିବା, ଯେପରି ଆମ୍ଭେମାନେ ଈଶ୍ୱରଙ୍କ କାର୍ଯ୍ୟ ସବୁ କରି ପାରୁ ? ୨୯ ଯୀଶୁ ସେମାନଙ୍କୁ ଉତ୍ତର ଦେଇ କହିଲେ, "ଏହା ଈଶ୍ୱରଙ୍କ କାର୍ଯ୍ୟ ଅଟେ, ଯେ ସେ ଯାହାଙ୍କୁ ପ୍ରେରଣ କରିଛନ୍ତି ତୁମ୍ଭେମାନେ ତାହାଙ୍କୁ ବିଶ୍ୱାସ କର ।" ୩୦ ସେଥିରେ ସେମାନେ ତାହାଙ୍କୁ କହିଲେ, "ତାହାହେଲେ ଚିହ୍ନ ସ୍ୱରୂପ ଆପଣ କ'ଣ କରିବେ, ଯେପରି ଆମ୍ଭେମାନେ ଦେଖିପାରୁ ଓ ବିଶ୍ୱାସ କରିପାରୁ ? ଆପଣ କେଉଁ କାର୍ଯ୍ୟ କରୁଅଛନ୍ତି ? ୩୧ ଆମ୍ଭମାନଙ୍କ ପିତୃପୁରୁଷ ପ୍ରାନ୍ତରରେ ମାନ୍ନା ଭୋଜନ କଲେ; ଯେପରି ଏହା ଲେଖାଅଛି "ଭୋଜନ କରିବା ନିମନ୍ତେ ସେ**

**ସ୍ୱର୍ଗରୁ ସେମାନଙ୍କୁ ରୋଟି ଦେଲେ ।" ୩୨ ସେଥିରେ ଯୀଶୁ ସେମାନଙ୍କୁ କହିଲେ, "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହେ, ମୋଶା ତୁମ୍ଭମାନଙ୍କୁ ସ୍ୱର୍ଗରୁ ଆହାର ଦେଇ ନାହାଁନ୍ତି, ମାତ୍ର ମୋହର ପିତା ଯେ ତୁମ୍ଭମାନଙ୍କୁ ସ୍ୱର୍ଗରୁ ପ୍ରକୃତ ରୋଟି ଦିଅନ୍ତି । ୩୩ କାରଣ ଈଶ୍ୱରଙ୍କ ରୋଟି ହେଉଛି ତାହା ଯାହା ସ୍ୱର୍ଗରୁ ତଳେ ଅବତରଣ କରେ, ଆଉ ଜଗତକୁ ଜୀବନ ପ୍ରଦାନ କରେ । ୩ ସେଥିରେ ସେମାନେ ତାହାଙ୍କୁ କହିଲେ " ପ୍ରଭୋ, ଆମ୍ଭମାନଙ୍କୁ ସବୁବେଳେ ଏହି ରୋଟି ଦିଅନ୍ତୁ ।"**

***୬:୨୬*, ୩୨, ୫୩ "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହେ" "ଆମେନ୍, ଆମେନ୍ ।"** ଏହା ଏକ ଏବ୍ରୀ ବାକ୍ୟାଂଶ ଅଟେ ଯାହାର ତିନୋଟି ଭିନ୍ନ ବ୍ୟବହାର ସମୂହ ରହିଛି ।

୧. ପୁରାତନ ନିୟମରେ ଶବ୍ଦ "ବିଶ୍ୱାସ କରିବା" ନିମନ୍ତେ ବ୍ୟବହୃତ ହେଉଥିଲା । ଏହାର ଆଳଙ୍କାରିକ ଅର୍ଥର ଉଦ୍ଦେଶ୍ୟ "ଦୃଢ଼ ହେବା" ଓ ଯିହୋବାଙ୍କଠାରେ ଜଣକର ବିଶ୍ୱାସ ବର୍ଣ୍ଣନା କରିବାକୁ ବ୍ୟବହୃତ ହେଉଥିଲା ।

୨. ଯୀଶୁଙ୍କର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକର ପରିଚୟ ପ୍ରଦାନକୁ ପ୍ରତିଫଳିତ କରେ । ଏହି ମାର୍ଗରେ ଆମ୍ଭମାନଙ୍କଠାରେ "ଆମେନ୍'ର ଅନ୍ୟ ଆଧୁନିକ ବ୍ୟବହାର ନାହିଁ ।

"ପ୍ରାଚୀନ ମଣ୍ଡଳୀରେ, ପୁରାତନ ନିୟମ ସଦୃଶ, ଏହା ଘୋଷଣା ଅବା ସମ୍ମତିର ଏକ ପଦ ହେବା ଭାବେ ଆସିଲା ।

ବିଶେଷ ଶୀର୍ଷ ଦେଖନ୍ତୁ : ୧:୫୧ରେ ଆମେନ

❒ **"ମାତ୍ର ତୁମ୍ଭେମାନେ ରୋଟି ଖାଇଥିବାରୁ"** ସେମାନଙ୍କର ଧାରଣାସମୂହ ଶାରିରୀକ ଓ ତତ୍କ୍ଷଣାତ୍ ଥିଲା, ଆତ୍ମିକ ଓ ଅନନ୍ତକାଳ ନ ଥିଲା ।

❒ **"ଆଉ ପରିତୃପ୍ତ ହୋଇଥିଲେ"** ଏହି ପଦର ଉଦ୍ଦେଶ୍ୟ "ଅତ୍ୟଧିକ ଖାଇବାକୁ" ଅନେକ ସମୟରେ ଏହା ପଶୁମାନଙ୍କ ବିଷୟରେ (ବିଶେଷତଃ ଗାଈମାନେ) ବ୍ୟବହୃତ ହେଉଥିଲା ।

*୬;୨୭* "ଶ୍ରମ କର ।ନହିଁ" ନାସ୍ତିବାଚକ କୃଦନ୍ତ ବିଶେଷଣ ସହିତ ଏହା ଏକ ବର୍ତ୍ତମାନ କାଳ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ ଅଟେ ସାଧାରଣତଃ ଯାହାର ଅର୍ଥ ପୂର୍ବରୁ ପ୍ରକ୍ରିୟାରେ ଥିବା ଏକ କାର୍ଯ୍ୟକୁ ବନ୍ଦ କରିବା । ଏହି ଅଧ୍ୟାଂଶ ନିମନ୍ତେ ପୁରାତନି ଯମ ପୃଷ୍ଠଭୂମି ହେଉଛି ଯିଶାଇୟ ୫ । ଏହି କଥୋପକଥନର ଯୋହନ ୪ ରେ କୂପ ନିକଟରେ ସ୍ତ୍ରୀଲୋକ ସହିତ ଅନେକ ସମାନତା ରହିଛି ।

❒ **"ବିନଷ୍ଟ ହୁଏ"** ବିଶେଷ ଶୀର୍ଷ ଦେଖନ୍ତୁ : ୧୦:୧୦ରେ ଆପୋଲୁମି

❒ **"ତାହାଙ୍କ ମୁଦ୍ରାଙ୍କରେ ସ୍ଥାପନ କରିଛନ୍ତି"** ଏହା ସାହିତ୍ୟିକ ଭାବରେ "ମୁଦ୍ରାଙ୍କିତ" ଅଟେ । ଏହା ବିଶ୍ୱାସଯୋଗ୍ୟତା, ମାଲିକାନା, କ୍ଷମତା, ଓ ନିରାପତ୍ତାର ଏକ ଚିହ୍ନ ଥିଲା (ସିଏଫ୍ ଏନ୍ଇବି ଓ ମାଥି ୨୮:୧୮; ଯୋହନ ୧୭:୨) । ଯେହେତୁ ଏହା ଯୀଶୁଙ୍କ ସେବାକାର୍ଯ୍ୟର ପିତା ଈଶ୍ୱରଙ୍କ ଅନୁମୋଦ ବିଷୟ ଘୋଷଣା କରିବାକୁ ବ୍ୟବହୃତ ହୋଇଛି ସେଥିପାଇଁ ଟିଇଭି ଓ ଏନ ଆଇଭି ଏହାକୁ "ଅନୁମୋଦନ କରିବା" ଭାବେ ଅନୁବାଦ କରନ୍ତି । ବିଶେଷ ଶୀର୍ଷ ଦେଖନ୍ତୁ ; ୩:୩୩ରେ ମୁଦ୍ରାଙ୍କ, ଯେଉଁଠାରେ ଏହା ପବିତ୍ର ଆତ୍ମାଙ୍କୁ ନିର୍ଦ୍ଦେଶ କରିପାରେ ।

***୬:୨୮* "ଆମ୍ଭେମାନେ କ'ଣ କରିବା, ଯେ ଆମ୍ଭେମାନେ ଈଶ୍ୱରଙ୍କ କାର୍ଯ୍ୟ ସବୁ କରିପାରୁ"** ପ୍ରଥମ ଶତାବ୍ଦୀ ଯିହୁଦୀ ଧର୍ମର ଏହା କେନ୍ଦ୍ରୀୟ ଧର୍ମଗତ ପ୍ରଶ୍ନ ଥିଲା (ସିଏଫ ଲୁକ ୧୮:୧୮) । ଧର୍ମଗତ ଯିହୁଦୀ (୧) ତାହାର ବଂଶଧର ଓ (୨) ମୌଖିକ ପ୍ରଥା (ତାଲମୁଦ୍) ଦ୍ୱାରା ମୋଶାଙ୍କ ବ୍ୟବସ୍ଥା ଯେପରି ତର୍ଜମା କରାଯାଇଥିଲା ତାହା ପ୍ରତି ତାହାର କାର୍ଯ୍ୟ ସମ୍ପାଦନ ଉପରେ ଆଧାରିତ ଜୀବନ ଈଶ୍ୱରଙ୍କ ସହିତ ଠିକ୍ ହେବା ଭାବେ ଗ୍ରହଣ କରାଯାଉଥିଲା ।

***୬:୨୯* "ସେ ଯାହାଙ୍କୁ ପ୍ରେରଣ କରିଛନ୍ତି ତାହାଙ୍କଠାରେ ବିଶ୍ୱାସ କର"** ଏକ ଆଓରିଷ୍ଟ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଦ୍ୱାରା ଅନୁପ୍ରେରିତ ଏହା ଏକ ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ । ଶବ୍ଦ "ବିଶ୍ୱାସ କରିବା" ପରିତ୍ରାଣ ବିଷୟରେ ନୂତନ ନିୟମର ଶିକ୍ଷା ସମୂହ ବୁଝିବାରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ୨;୨୩ରେ ବିଶେଷ ଶୀର୍ଷ ଦେଖନ୍ତୁ । ଶବ୍ଦର ପ୍ରାଥମିକ ସ୍ଥିତି ଇଛାକୃତ ବିଶ୍ୱାସ ଥିଲା । ଗ୍ରୀକ୍ ଶବ୍ଦ ଗୋଷ୍ଠୀ ପିଷ୍ଟିସ୍ "ଭରସା କରିବା" "ନିର୍ଭର କରିବା" ଅବା "ବିଶ୍ୱାସ କରିବା" ଭାବେ ଅନୁବାଦ କରାଯାଇ ଥାଇ ପାରେ । ମନୁଷ୍ୟ ବିଶ୍ୱାସର ଲକ୍ଷ୍ୟ "ତାହାଙ୍କଠାରେ (ସିଏଫ ୧:୧. ୩:୧୬) ହେବା ଆବଶ୍ୟକ, ମନୁଷ୍ୟର ଅନ୍ତରିକତା, ପ୍ରତିଶ୍ରୁତିରେ ନୁହେଁ କିଅବା ପ୍ରବଳ ଆଗ୍ରହରେ ନୁହେଁ । ଏହି ଅଧ୍ୟାଂର ତତ୍କ୍ଷଣାତ୍ ସ୍ଥିତି ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କକୁ ଅଟେ, ତାହାଙ୍କ ବିଷୟରେ ପରମ୍ପରାଗତ ଧର୍ମତତ୍ୱ ନୁହେଁ, ପ୍ରତ୍ୟାଶିତ ଧର୍ମଗତ ପ୍ରଥା, କିଅବା ନୈତିକ ଜୀବନ ଯାପନ ମଧ୍ୟ ନୁହେଁ । ଏହି ସମସ୍ତ ବିଷୟମାନ ସାହାଯ୍ୟପୂର୍ଣ୍ଣ କିନ୍ତୁ ପ୍ରାଥମିକ ନୁହେଁ । ଲକ୍ଷ୍ୟ କରନ୍ତୁ ଯେ ଯୀଶୁ ସେମାନଙ୍କ ପ୍ରଶ୍ନର ବହୁବଚନ "କାର୍ଯ୍ୟ ସବୁ"କୁ ଏକ ବଚନ "କାର୍ଯ୍ୟ"ରେ ପରିବର୍ତ୍ତନ କରୁଛନ୍ତି ।

"ପ୍ରେରିତ" ନିମନ୍ତେ ବିଶେଷ ଶୀର୍ଷ ଦେଖନ୍ତୁ : ୫:୨ରେ ପ୍ରେରଣ କରିବା (ଆପୋଷ୍ଟେଲୋ) । (ପୃ. ୯୮)

***୬:୩୦-୩୩*** ଏହା ମନେ ରଖିବା ଆବଶ୍ୟକ ଅଟେ ଯେ ଏହି ଗୋଷ୍ଠୀ ପାଞ୍ଚ ହଜାରଙ୍କ ଆଶ୍ଚର୍ଯ୍ୟଜନକ ଭୋଜନ କରାଇବାରେ କେବଳ ସହଯୋଗ କରିଥିଲେ । ସେମାନଙ୍କଠାରେ ସେମାନଙ୍କର ଚିହ୍ନ ପୂର୍ବରୁ ଥିଲା । ଧର୍ମଗୁରୁ ସମ୍ବନ୍ଧୀୟ ଯିହୁଦୀ ଧର୍ମ ଚିନ୍ତାଧାରା ଥିଲା ଯେ ମସୀହ ପୁରାତନ ନିୟମର

ନିର୍ଦ୍ଦିଷ୍ଟ କାର୍ଯସମୂହର ପୁନରାବୃତି କରିବେ, ଯେପରି ମାନାର ପ୍ରେରଣ କରିବା (ସିଏଫ ୧୧ ବାରୁକ୍ ୨୯:୮) ଜଣେ "ଚମତ୍କାରୀ-ମୋଶା" ପ୍ରକାର ମସୀହର ଏହି ଚିନ୍ତାଧାରା ନିମନ୍ତେ ଧର୍ମଗୁରୁମାନେ ଗୀତ ୭୨:୧୬କୁ ଏକ ପ୍ରମାଣିତ ଅଂଶ ଭାବେ ବ୍ୟବହାର କରୁଥିଲେ (ସି.ଏଫ୍. ୧ମ କର. ୧:୨୨) ।

**"ତାହାଙ୍କ ଠାରେ ବିଶ୍ୱାସ କରିବା"** ପ.୨୯ ଓ ପ.୩୦ ର "ତୁମ୍ଭେମାନେ ବିଶ୍ୱାସ କର" ମଧ୍ୟରେ ଏକ ଗୁରତ୍ୱପୂର୍ଣ୍ଣ ବ୍ୟାକରଣ ସମ୍ବନ୍ଧୀୟ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ପ୍ରଥମଟି ଯୀଶୁଙ୍କୁ / ଠାରେ ବିଶ୍ୱାସ କରିବାର ଯୋହନଙ୍କ ସାଧାରଣ ଗଠନ ଉପରେ ଲକ୍ଷ୍ୟ କରେ । ଏହା ଏକ ବ୍ୟକ୍ତିଗତ ଲକ୍ଷ୍ୟ କରିବା । ଦ୍ୱିତୀୟଟି ଯୀଶୁଙ୍କର ବାକ୍ୟ ସମୂହ ଓ ଦାବିଗୁଡ଼ିକ ଯାହା ଏକ ଉପାଦାନ ଲକ୍ଷ୍ୟ ବିଶ୍ୱାସ କରିବା ଉପରେ ଲକ୍ଷ୍ୟ କରେ । ମନେରଖନ୍ତୁ, ସୁସମାଚାର ହେଉଛି ଉଭୟ ଏକ ବ୍ୟକ୍ତିତ୍ୱ ଓ ଏକ ସମ୍ବାଦ । ୨:୨୩ରେ ବିଶେଷ ଶୀର୍ଷ ଦେଖନ୍ତୁ ।

***୬*:୩୧ "ଯେପରି ଏହା ଲେଖା ଅଛି"** ଏହା ଏକ ବାଗ୍ ବାହୁଲ୍ୟ ବ୍ୟବହୃତ ସମ୍ପନ୍ନକାଳ ସୂଚକ କୃଦନ୍ତ ବିଶେଷତା କର୍ମବାଚ୍ୟ ଅଟେ । ଏହା ପୁରାତନ ନିୟମରୁ ଧର୍ମଶାସ୍ତ୍ର ଉଦ୍ଧୃତ ସମୂହର ପରିଚୟ ପ୍ରଦାନ କରିବାର ବ୍ୟାକରଣ ସମ୍ବନ୍ଧୀୟ ଗଠନ ର ମାନ ଥିଲା । ଏହା ପୁରାତନ ନିୟମର ପ୍ରେରଣା ଓ କ୍ଷମତା ଘୋଷଣା କରିବାର ଏକ ରୂଢ଼ୋକ୍ତି ଥିଲା । ଏହି ଉଦ୍ଧୃତ କରିବା କେତେକ ପୁରାତନ ନିୟମ ପୁସ୍ତକରୁ ଗୋଟିଏକୁ କିମ୍ବା ଏକ ସଂଯୋଜିତ କୁ ନିର୍ଦ୍ଦେଶ କରୁଥାଇପାରେ: ଗୀତ ୭୮:୨୪; ୧୦୫:୪୦; ଯାତ୍ରା ୧୬:୪, ୧୫ କିମ୍ବା ନିହି. ୯:୧୫ ।

***୬*:୩୨** ଯୀଶୁ ଯିହୁଦୀମାଙ୍କର ପରମ୍ପରାଗତ ଧର୍ମତତ୍ତ୍ୱକୁ ସମ୍ବୋଧନ କରନ୍ତି । ସେମାନେ ଘୋଷଣା କଲେ ଯେ ଦ୍ୱି.ବିଜ.୧୮:୧୫, ୧୮ ସକାଶୁ ମସୀହ ମୋଶାଙ୍କ ସଦୃଶ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରିବା ଆବଶ୍ୟକ । କେତେକ ସ୍ଥାନରେ ଯୀଶୁ ସେମାନଙ୍କର ଧାରଣା ଠିକ୍ କରୁଛନ୍ତି ।

୧. ଈଶ୍ୱର, ମାନ୍ନା ଦେଲେ, ମୋଶା ନୁହେଁ ।

୨. ମାନ୍ନା ସ୍ୱର୍ଗୀୟ ଠାରୁ ଆରମ୍ଭ ନଥିଲା ଯଦିଓ ଲୋକମାନେ ଏହା ସ୍ୱର୍ଗରୁ ବୋଲି ଭାବିଲେ (ସିଏଫ୍. ଗୀତ ୭୮:୨୩-୨୫) ।

୩. ସ୍ୱର୍ଗର ପ୍ରକୃତ ଭୋଟୀ ଯୀଶୁ ଥିଲେ, ଯେ ଏକ ଅତୀତ କାର୍ଯ୍ୟ ନ ଥିଲେ, ମାତ୍ର ଏକ ବର୍ତ୍ତମାନ ବାସ୍ତବ ।

*୬*:୩୩ "ତାହା ଯାହା ସ୍ୱର୍ଗରୁ ତଳକୁ ଅବତରଣ କରେ" ଯୋହନରେ ଏହା ଏକ ପୌନପୁନିଃକ ବିଷୟ ଅଟେ(ସିଏଫ୍. ୩:୧୩) । ଏହା ଯୋହନଙ୍କର ଲମ୍ବାକୃତି ଦ୍ୱୈତବାଦ ଅଟେ । ଏହି ପ୍ରସଙ୍ଗରେ ଯୀଶୁଙ୍କର ଅବତରଣ ସାତ ଥର ପ୍ରକାଶ ହୋଇଛି (ସିଏଫ୍. *୬*:୩୩; ୩୮, ୧,୨, ୫୦, ୫୧, ୫୮) । ଏହା ଯୀଶୁଙ୍କର ପୂର୍ବ ବିଦ୍ୟମାନତା, ଦୈବିକ ଆରମ୍ଭକୁ ଦେଖାଏ (ସିଏଫ୍. VVMM ୩୩, ୩୮, ୪୧, ୫୦, ୫୧, ୫୮ ଓ ୬୨) । ଯେପରି ଯୀଶୁ ପ୍ରକୃତ ରୋଟୀ, ଜୀବନର ରୋଟୀ ସେହିପରି ଏହା "ମାନ୍ନା" ଯାହା ସ୍ୱର୍ଗରୁ ଆଗତ ଉପରେ ମଧ୍ୟ ଗୋଟିଏ ଅଭିନୟ ଅଟେ ।

ଏହା ସାହିତ୍ୟିକ ଭାବରେ "ଯେଉଁ ବ୍ୟକ୍ତି ସ୍ୱର୍ଗରୁ ଅବତରଣ କରୁଛନ୍ତି ସେ ଈଶ୍ୱରଙ୍କ ରୋଟି ଅଟନ୍ତି ।" ଏଠାରେ ପୁଲଙ୍ଗ ବର୍ତ୍ତମାନକାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ (୧) "ରୋଟୀ" କିମ୍ବା (୨) ଏକ ମନୁଷ୍ୟ, ଯୀଶୁଙ୍କୁ ନିର୍ଦ୍ଦେଶ କରେ । ଅନେକ ସମୟରେ ଯୋହନରେ ଏହି ଅନେକାର୍ଥତାଗୁଡ଼ିକ ଉଦ୍ଦେଶ୍ୟମୂଳକ ଅଟନ୍ତି । (ଯୁଗ୍ମ ଏନ୍‌ଟେନ୍‌ଡ୍ରେସ୍) ।

**"ଜଗତକୁ ଜୀବନ ପ୍ରଦାନ କରନ୍ତି"** ଏହା ହେଉଛି ଉଦ୍ଦେଶ୍ୟ ଯେଉଁଥିପାଇଁ ଯୀଶୁ ଆସିଲେ (ସିଏଫ୍.୩:୧୬; ମାର୍କ ୧୦:୪୫; ୨ୟ କର. ୫:୨୧) । ଲକ୍ଷ୍ୟ ହେଉଛି ଏକ ବିନଷ୍ଟ ଓ ବିଦ୍ରୋହୀ ଜଗତ ପ୍ରତି "ନୂତନ ଜୀବନ', "ଅନନ୍ତଜୀବନ", "ନୂତନ ଯୁଗ ଜୀବନ", "ଈଶ୍ୱରଙ୍କ ଦୟାର ଜୀବନ", କେତେକ ସ୍ୱତନ୍ତ୍ର ଗୋଷ୍ଠୀ ନିମନ୍ତେ ନୁହେଁ (ଯିହୁଦୀ / ବିଜାତୀୟ, ମନୋନୀତ / ଅମନୋନୀତ, ରକ୍ଷଣଶୀଳ / ଉଦାର) । ମାତ୍ର ସମସ୍ତଙ୍କ ନିମନ୍ତେ !

***୬*:୩୪**

**ଏନ୍ ଏ ସସ୍ ବି, ଏନ୍ କେଜେଭି "ପ୍ରଭୋ"**

**ଏନ୍ ଆର୍‌ଏସ୍ ଜି, ଟିଇଭି,**

**ଏନ୍‌ଜେବି, ଏନ୍‌ଇଟି ବାଇବଲ,**

**ଏନ୍‌ଆଇଭି, ଆର୍‌ଇବି "ମହାଶୟ"**

ଏହି ଦୁଇଟି ପଦ ଉଭୟେ କୁରିଅସ୍ ର ଭିନ୍ନ ଭାଷାର୍ଥ ବ୍ୟବହାର କୁ ପ୍ରତିଫଳନ କରେ । ଏହି ପ୍ରସଙ୍ଗରେ ଦ୍ୱିତୀୟ ଚୟନ ଅତି ଉତ୍ତମ ବୋଧ ହୁଏ । ଲୋକମାନେ ଯୀଶୁଙ୍କୁ କିମ୍ବା ତାହାଙ୍କ ବାକ୍ୟକୁ ବୁଝିଲେ ନାହିଁ । ସେମାନେ ତାହାଙ୍କୁ ମସୀହ ଭାବେ ଉପଲବ୍ଧି କଲେ ନାହିଁ (ମଧ୍ୟ ଦେଖନ୍ତୁ ୪:୧୪; ୫:୬) ।

. "ଆମ୍ଭମାନଙ୍କୁ ସବୁବେଳେ ଏହି ରୋଟୀ ଦିଅନ୍ତୁ" ଯୋହନ ୪:୧୪ରେ କୂପ ନିକଟରେ ସ୍ତ୍ରୀ ଲୋକଟିର ମନ୍ତବ୍ୟ ସହିତ ଏହା ସମାନ ଅଟେ । ଯିହୁଦିମାନେ ଯୀଶୁଙ୍କର ଆତ୍ମିକ ଉପମା ମଧ୍ୟ ବୁଝିଲେ ନାହିଁ । ଯୋହନରେ ଏହା ପୌନପୁନିଃକ ବିଷୟ ଅଟେ ।

**ଏନ୍ ଏ ଏସ୍ ବି (ଆଧୁନୀକରଣ) ଶାସ୍ତ୍ରାଂଶ : ୬:୩୫-୪୦**

**୩୫ ଯୀଶୁ ସେମାନଙ୍କୁ କହିଲେ, "ମୁଁ ଜୀବନଦାୟକ ରୋଟୀ; ଯେ ମୋ ନିକଟକୁ ଆସେ ସେ କ୍ଷୁଧିତ ହେବ ନାହିଁ; ଆଉ ଯେ ମୋ'ଠାରେ ବିଶ୍ୱାସ କରେ ସେ କଦାପି ତୃଷିତ ହେବ ନାହିଁ । ୩୬ କିନ୍ତୁ ମୁଁ ତୁମ୍ଭମାନଙ୍କୁ କହିଲି ଯେ ତୁମ୍ଭେମାନେ ମୋତେ ଦେଖିଅଛି, ଆଉ ତଥାପି ବିଶ୍ୱାସ କରୁନାହଁ । ୩୭ ପିତା ଯେ ସମସ୍ତଙ୍କୁ ମୋତେ ଦାନ କରନ୍ତି ସେମାନେ ମୋ ନିକଟକୁ ଆସିବେ, ଆଉ ଯେ ମୋ ନିକଟକୁ ଆସେ ମୁଁ ତାହାକୁ କୌଣସି ପ୍ରକାରେ ବାହାର କରିଦେବି ନାହିଁ । ୩୮ କାରଣ ମୋହର ନିଜ ଇଚ୍ଛା ସାଧନ କରିବା ନିମନ୍ତେ ମୁଁ ସ୍ୱର୍ଗରୁ ଅବତରଣ କରି ନାହିଁ, ମାତ୍ର ଯେ ମୋତେ ପ୍ରେରଣ କଲେ ତାହାଙ୍କ ଇଚ୍ଛା । ୩୯ ଆଉ ଯେ ମୋତେ ପ୍ରେରଣ ତାହାଙ୍କ ଇଚ୍ଛା ଏହି, ଯେ ସେ ମୋତେ ଯେ ସମସ୍ତଙ୍କୁ ଦାନ କରିଛନ୍ତି ସେମାନଙ୍କୁ ମୁଁ ଯେପରି ନ ହରାଏ, ବରଞ୍ଚ ଶେଷ ଦିନରେ ତାହା ଉତ୍‌ଥାନ କରିବି । ୪୦ କାରଣ ଏହା ମୋହର ପିତାଙ୍କ ଇଚ୍ଛା ଅଟେ, ଯେ ପ୍ରତ୍ୟେକ ଯେ ପୁତ୍ରଙ୍କୁ ଦେଖେ ଓ ତାହାଙ୍କୁ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପାଇବ, ଆଉ ଶେଷ ଦିନରେ ମୁଁ ତାହାକୁ ଉତ୍‌ଥାପନ କରିବି ।**

*୬:୩୫* "ମୁଁ ଜୀବନଦାୟକ ରୋଟୀ ଅଟେ" "ଆମ୍ଭେ" ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ଅଟେ ଯାହା ଯୋହନଙ୍କର ଅତି ବିଶେଷତ୍ୱ ଅଟେ (ସିଏଫ୍ *୬*:୩୫, ୧, ୮, ୫୧; ୮:୧୨; ୧୦:୬, ୯, ୧୧, ୧୪; ୧୧:୨୫; ୧୪:*୬*; ୧୫:୧, ୫) । ଯୋହନଙ୍କ ସୁସମାଚାର ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଉପରେ ଲକ୍ଷ୍ୟ କରେ । ଏହା ମାନ୍ନା ଓ ନୂତନ ବ୍ୟବସ୍ଥା ପ୍ରଦାନକାରୀ ଯେ ନୂତନ ଯାତ୍ରା (ପାପ ଠାରୁ) ଆଣିବେ ସେ ବିଷୟରେ ଯିହୁଦୀମାନଙ୍କର ମସୀହ ସମ୍ବନ୍ଧୀୟ ପ୍ରତ୍ୟାଶାଗୁଡ଼ିକ ସହିତ ସମ୍ପର୍କିତ ଅଟେ । ୮:୧୨ ରେ ଲେଖା ଦେଖନ୍ତୁ ।

❒ "ଯେ ମୋ ନିକଟକୁ ଆସେ ସେ କ୍ଷୁଧି ହେବ ନାହିଁ, ଆଉ ଯେ ମୋ ଠାରେ ବିଶ୍ୱାସ କେର ସେ କଦାପି ତୃଷିତ ହେବ ନାହିଁ ଗ୍ରୀକ୍‌ରେ ଏହି ଦୁଇଟି ଦୃଢ଼ ଯୁଗ୍ମ ନାସ୍ତିବାଚକ ଅଟନ୍ତି, "କେବେ ମଧ୍ୟ ନାହିଁ ନା କେବେ ମଧ୍ୟ" (ସିଏଫ୍. V ୩୭) ।

**"ଆସେ"** ଓ **"ବିଶ୍ୱାସ କରେ"** ମଧ୍ୟରେ ସମାନ୍ତର ସମ୍ପର୍କ ରହିଛି (ସିଏଫ୍. *୬*:୩୭-୩୮; "ଦେଖେ" ଓ "ଶୁଣେ" ସହ ସମାନ ) । ସେଗୁଡ଼ିକ ଉଭୟ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ ଅଟନ୍ତି । ବିଶ୍ୱାସୀମାନଙ୍କର ଆସିବା ଓ ବିଶ୍ୱାସ କରିବା ଗୋଟିଏ ଥର ର ନିଷ୍ପତ୍ତି ସମୂହ ନୁହେଁ, କିନ୍ତୁ ସହଭାଗିତାର ଏ ଜୀବନ ଧାରା, ବନ୍ଧୁତ୍ୱ ଓ ସହଭାଗିତାର ଆରମ୍ଭ ।

❒ **"କ୍ଷୁଧିତ... ତୃଷିତ"** କ୍ଷୁଧା ଓ ତୃଷା ଅନେକ ସମୟରେ ଆତ୍ମିକ ବାସ୍ତବତା ବର୍ଣ୍ଣନା କରିବା ନିମନ୍ତେ ବ୍ୟବହୃତ ହେଉଥିଲା (ସିଏଫ୍. ଗୀତ. ୪୨:୧; ଯିଶା. ୫୫:୧; ଆମୋଷ ୮:୧୧-୧୨; ମାଥି. ୫:*୬*)

***୬*:୩୬ "ଯେ ତୁମ୍ଭେମାନେ ମୋତେ ଦେଖିଅଛ"** କେତେକ ପୁରାତନ ସାକ୍ଷୀ ସମୂହ (ଏନ୍ ଏସ୍ ଏସ୍ N, ଏ, ଓ ଅନେକ ପୁରଣା ଲାଟିନ, ଭଲ୍‌ଗେଟ୍ ଓ ସିରିୟା ସଂସ୍କରଣ) ଯୀଶୁଙ୍କ ମନ୍ତବ୍ୟ ତାହାଙ୍କ ଚିହ୍ନକୁ ନିର୍ଦ୍ଦେଶ କରୁଥିବା କହିଁ, "ମୋତେ" ବାଦ୍ ଦେଇଛନ୍ତି (ତାହା ହେଉଛି, ଲୋକମାନଙ୍କୁ ଖୁଆଇବା) ସର୍ବନାମ ଅନେକ ଗ୍ରୀକ୍ ପାଣ୍ଡୁଲିପି ସମୂହ ଓ ସଂସ୍କରଣଗୁଡ଼ିକରେ ଅର୍ନ୍ତଭୁକ୍ତ ଅଟେ ଯେ ୟୁବିଏସ୍ କେଉଁଟା ପ୍ରକୃତ ବୋଲି ନିଷ୍ପନ୍ନ କରିପାରିଲା ନହିଁ ।

*୬*;୩୭ "ଯେସମସ୍ତ ମୋହର ପିତା ମୋତେ ପ୍ରଦାନ କରନ୍ତି ମୋ ନିକଟକୁ ଆସିବେ" ଏହି ଅଂଶ ର ପ୍ରାଥମିକ ଗୁରୁତ୍ୱ ଈଶ୍ୱରଙ୍କ ସାର୍ବଭୌମତ୍ୱ ଉପରେ ରହିଛି । ଏହି ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସତ୍ୟ ଉପରେ ଦୁଇଟି ନିଷ୍ପତ୍ତିମୂଳକ ଅଂଶଗୁଡ଼ିକ ହେଲା ରୋମିୟ ୯ ଓ ଏଫିସ ୧:୩-୧୪ । ଏହା କୌତୁହଳ ଜନକ ଅଟେ ଯେ ଉଭୟ ପ୍ରସଙ୍ଗରେ ମନୁଷ୍ୟ ଜାତିର ଉତ୍ତର ଦେବା ଆବଶ୍ୟକତା ରହିଛି । ରୋମିୟ ୧୦ ରେ ସମସ୍ତ ସାତୋଟି ସମଷ୍ଟିଗତ ବାକ୍ୟାଂଶ ରହିଛି । ଏଫିସିୟ ୨ରେ ମଧ୍ୟ ଏହି ପରିଘଟିଛି, ଯେଉଁଠାରେ vv. ୧-୭ରେ ଈଶ୍ୱରଙ୍କ ଅନୁଗ୍ରହର ଆଲୋଚନା ସମୂହ vv. ୮,୯ରେ ବିଶ୍ୱାସ ନିମନ୍ତେ ଆହ୍ୱାନରେ ଘଟିଛି । ଭାଗ୍ୟ ହେଉଛି ଉଦ୍ଧାରପ୍ରାପ୍ତ ଲୋକ ନିମନ୍ତେ ଏକ ଧର୍ମନୀତି, ପରିତ୍ରାଣ ବିହିନ ନି ଏକମନ୍ତେ ଏକ ପ୍ରତିବନ୍ଧ ନୁହେଁ । ଧର୍ମନୀତିକୁ ଖୋଲିବାର ଚାବି ହେଉଛି ଈଶ୍ୱରଙ୍କ ପ୍ରେମ ଓ ଅନୁଗ୍ରହ, ଅନନ୍ତ କାଳୀନ ନୀତି ନିୟମ ନୁହେଁ । ଲକ୍ଷ୍ୟ କରନ୍ତୁ ଯେ ଈଶ୍ୱର ଯେ ସମସ୍ତ ଯୀଶୁଙ୍କୁ ଦିଅନ୍ତିତ ସେସବୁ ମଧ୍ୟ ତାହାଙ୍କ ନିକଟକୁ "ଆସେ" । ଈଶ୍ୱର ସବୁ ସମୟରେ ପ୍ରାଥମିକ ପଦପେ ନିଅନ୍ତି (ସିଏଫ୍.vv. rr , *୬*୫), ମାତ୍ର ମନୁଷ୍ୟମାନେ ଉତ୍ତର ଦେବା ଆବଶ୍ୟକ (ସିଏଫ୍. ୧:୧୨; ୩:୧*୬*) । ୩:୧*୬* ରେ ବିଶେଷ ଶୀର୍ଷ ଦେଖନ୍ତୁ ।

. "ଯେ ମୋ ନିକଟକୁ ଆସେ ମୁଁ କୌଣସି ପ୍ରକାରେ ତାହାକୁ ବାହାର କରିଦେବି ନାହିଁ" ଏହା ଅନ୍ୟ ଏକ ଦୃଢ଼ ଯୁଗ୍ମ ନାସ୍ତିବାଚକ ଅଟେ । ଏହା ସତ୍ୟକୁ ଗୁରୁତ୍ୱ ପ୍ରଦାନ କରେ ଯେ ଈଶ୍ୱର ଖ୍ରୀଷ୍ଟଙ୍କ ଦେଇ ପ୍ରତ୍ୟେକ ଙ୍କୁ ନିଜନିକଟକୁ ଆହ୍ୱାନ ଓ ସ୍ୱାଗତ କରନ୍ତି (ସିଏଫ୍. ଯିହଜି. ୧୮:୨୧-୨୩; ୩୦-୩୨; ୧ମ ତମ. ୨:୪; ୨ୟ ପିତ.୩:୯) । ଈଶ୍ୱର ସବୁ ସମୟରେ ପ୍ରାଥମିକ ପଦକ୍ଷେପ ନିଅନ୍ତି (ସିଏଫ୍.vv. ୪୪, *୬*୫), କିନ୍ତୁ ମନୁଷ୍ୟମାନେ ଉତ୍ତର ଦେବା ଆବଶ୍ୟକ (ସିଏଫ୍. ମାର୍କ ୧:୧୫; ପ୍ରେରିତ ୨୦:୨୧ ) । ନିରାପତ୍ତା ଉପରେ କି ଉତ୍କୃଷ୍ଟ ଅଂଶ (ସିଏଫ୍. ରୋମି ୮.୩୧-୩୯) !

**ବିଶେଷଶୀର୍ଷ : ଖ୍ରୀଷ୍ଟିୟାନ ପ୍ରତିଶୃତି**

ପ୍ରତିଶୃତି ହେଉଛି (୧) ବାଇବଲ ସମ୍ୱନ୍ଧୀୟ ଏକ ସତ୍ୟ (୨) ଜଣେ ବିଶ୍ୱାସୀର ବଶ୍ୱାସ ଅନୁଭୂତି, ଓ (୩) ଜୀବନ ଧାରା ।

କ. ପ୍ରତିଶୃତ ନିମନ୍ତେ ବାଇବଲ ସମ୍ୱନ୍ଧୀୟ ଆଧାର

୧. ପିତା ଈଶ୍ୱରଙ୍କ ଚରିତ୍ର

କ. ଆଦିପୁସ୍ତକ ୩:୧୫; ୧୨:୩

ଖ.ଗୀତ ସଂହିତ ୪୬:୧୦

ଗ. ଯୋହନ ୩:୧୬; ୧୦; ୨୮-୨୯

ଘ. ରୋମିୟ ୮:୩୮-୩୯

ଙ. ଏଫିସିୟ ୧:୩-୧୪; ୨:୫, ୮-୯

ଚ. ଫଲଇପପିୟ ୧:୬

ଛ. ୨ୟ ତିମଥି ୧:୧୨

ଜ. ୧ମ ପିତର ୧:୩-୫

୨. ପୁତ୍ର ଈଶ୍ୱରଙ୍କ କାର୍ଯ୍ୟ

କ. ତାହାଙ୍କ ଯାଜକ ସ୍ୱରୂପ ପ୍ରାର୍ଥନା, ଯୋହନ ୧୭:୯-୨୪; ବିଶେଷତଃ ପ.୧୨

ଖ. ତାହାଙ୍କ ପ୍ରତିସ୍ଥାପନକାରୀ ବଳିଦାନ

(୧) ରୋମିୟ ୮:୩୧

(୨) ୨ୟ କରିନ୍ଥିୟ ୫:୨୧

(୩) ୧ମ ଯୋହନ ୪:୯-୧୦

ଗ. ତାହାଙ୍କ ଅବିରତ ଥିବା ମଧ୍ୟସ୍ଥତା

(୧) ରୋମିୟ ୮:୩୪

(୨) ଏବ୍ରୀ ୭:୨୫

(୩) ୧ମ ଯୋହନ ୨:୧

୩. ଆତ୍ମାରୂପି ଈଶ୍ୱରଙ୍କ ସାମର୍ଥ୍ୟ ଦେବ ।

କ. ତାହାଙ୍କ ଆହ୍ୱାନ, ଯୋହନ ୬:୪୪, ୬୫

ଖ. ତାହାଙ୍କ ମୁଦ୍ରାଙ୍କନ

(୧) ୨ୟ କରିନ୍ଥିୟ ୧:୨:୫:୫

(୨) ଏଫିସିୟ ୧:୧୩-୧୪; :୩୦

ଗ. ତାହାଙ୍କ ବ୍ୟକ୍ତିଗତ ପ୍ରତିଶ୍ରୁତି

(୧) ରୋମିୟ ୮:୧୬-୧୭

(୨) ୧ମ ଯୋହନ ୫:୭-୧୩

ଖ. ବିଶ୍ୱାସୀମାନଙ୍କର ଆବଶ୍ୟକୀୟ ଚୁକ୍ତିଯୁକ୍ତ ଉତ୍ତର ଦେବା ହେଉଛି

୧. ପ୍ରାଥମିକ ଓ କ୍ରମାଗତ ଅନୁତାପ ଓ ବିଶ୍ୱାସ

କ. ମାର୍କ ୧:୧୫

ଖ. ଯୋହନ ୧:୧୨

ଗ. ପ୍ରେରିତ ୩:୧୬; ୨୦:୨୧

ଘ. ରୋମୀୟ ୧୦:୯-୧୩

୨. ପରିତ୍ରାଣର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ ସଦୃଶତା ତାହା ମନେରଖି

କ. ରୋମିୟ ୮:୨୮-୨୯

ଖ. ଏଫିସିୟ ୧:; ୨:୧୦; ୪:୧୩

୩. ପ୍ରତିଶୃତି ଜୀବନଧାରା ଦ୍ୱାରା ପ୍ରମାଣିତ ହୋଇଛି ତାହା ମନେରଖି

କ. ଯାକୁବ

ଖ. ୧ମ ଯୋହନ

୪. ପ୍ରତିଶ୍ରୁତି ପ୍ରମାଣିତ ହୋଇଛି କର୍ମମୟ ବିଶ୍ୱାସ ଓ ଅଧ୍ୟବସାୟ ଦ୍ୱାରା ତାହା ମନେରଖ୍
କ. ମାର୍କ ୧୩:୧୩
ଖ. ୧ମ କରିନ୍ଥ ୧୫:୨
ଗ. ଏବ୍ରୀ ୩:୧୪; ୪:୧୪
ଘ. ୨ୟ ପିତର ୧:୧୦
ଙ. ଯିହୁଦା w. ୨୦-୨୧

**୬:୩୮ "ମୁଁ ସ୍ୱର୍ଗରୁ ତଳେ ଅବତରଣ କରିଛି"** ଏହା ବର୍ତ୍ତମାନ କାଳ ସୂଚକ ଯାହା ଦେହବନ୍ତ ହେବା (ସିଏଫ୍. ଯୋହନ ୧:୧ff;ଏଫିସ. ୪:୮-୧୦), ଓ ଏହାର ରହିଥିବା ଫଳାଫଳକୁ ନିର୍ଦ୍ଦେଶ କରେ । ଏହା ମଧ୍ୟ ଯୀଶୁଙ୍କର ସ୍ୱର୍ଗୀୟ ପ୍ରାରମ୍ଭକୁ ଦେଖାଉଛି (ସିଏଫ୍.w.୪୧, ୬୨) ।

."ମୋହର ନିଜ ଇଚ୍ଛା କରିବାକୁ ନୁହେଁ, ମାତ୍ର ଯେ ମୋତେ ପ୍ରେରଣ କଲେ ତାହାଙ୍କ ଇଚ୍ଛା" ନୂତନ ନିୟମ ତ୍ରିଏକ ଈଶ୍ୱରଙ୍କ ଏକତା (୧୪:୬ରେ ବିଶେଷ ଶୀର୍ଷ ଦେଖନ୍ତୁ), ଉଦାହରଣ ୧୪:୮-୯ ଓ ତିନିଜଣ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ (ସିଏଫ୍. ୧୪:୮-୯) ଉଭୟକୁ ଘୋଷଣା କରେ । ଏହି ପଦ ପିତାଙ୍କ ଠାରେ ଯୀଶୁଙ୍କର ଆଜ୍ଞାଧିନତା ଉପରେ ଯୋହନଙ୍କ କ୍ରମାଗତ ଭାବେ ଗୁରୁତ୍ୱ ପ୍ରଦାନ କରିବାର ଏକ ଅଂଶ ଅଟେ । ୫:୧୯ ରେ ସମ୍ପୂର୍ଣ୍ଣ ଲେଖା ଦେଖନ୍ତୁ । ବିଶେଷ ଶୀର୍ଷ ଦେଖନ୍ତୁ ୫:୨ ରେ ପ୍ରେରଣ କରିବା (ଆପୋଷ୍ଟେଲୋ) ।

**୬:୩୯ "ସେ ଯାହାସବୁ ମୋତେ ଦେଇ ଅଛନ୍ତି ମୁଁ ଯେପରି ନ ହରାଏ"** ସେଠାରେ ପ.୩୭ର କ୍ଲିବ ଲିଙ୍ଗ ଏକ ବଚନ "ଯାହାସବୁ" ଓ ତା.୩୯ର କ୍ଲିବ ଲିଙ୍ଗ ଏକବଚନ ମଧ୍ୟରେ ଏକ ସୁସ୍ପଷ୍ଟ ସମ୍ପର୍କ ରହିଛି । ଯୋହନ ଏହି ଅସାଧାରଣ ଗଠନ ଅନେକ ଥର ବ୍ୟବହାର କରନ୍ତି (ସିଏଫ୍. ୧୭:୨,୨୪) । ପ୍ରତୀୟମାନ ଭାବେ ଏହା ସଂଘବଦ୍ଧ ସମଗ୍ରକୁ ଗୁରୁତ୍ୱ ପ୍ରଦାନ କରନ୍ତି (ସିଏଫ୍.w.୪୦,୪୫) ।

ଏହା ଈଶ୍ୱରଙ୍କର ଗୃହିତ କରିବାର ଶକ୍ତି, ଖ୍ରୀଷ୍ଟିୟାନ ପ୍ରତିଶ୍ରୁତିର ଏକ ଉତ୍ସର ମହତ୍ ପ୍ରତିଜ୍ଞା ଅଟେ (ସିଏଫ୍. ଯୋହନ ୧୦:୨୮-୨୯; ୧୭:୨,୨୪, ୧ମ ଯୋହନ ୫:୧୩ରେ ବିଶେଷ ଶୀର୍ଷ ଦେଖନ୍ତୁ) । ଲକ୍ଷ୍ୟ କରନ୍ତୁ ଯେ ପ.୩୭ର କ୍ରିୟାପଦ କାଳ ବର୍ତ୍ତମାନ କାଳ ସୂଚକ ଅଟେ, ଯେତେବେଳେ ପ.୩୯ରେ ଏହା ସମ୍ପନ୍ନକାଳ ସୂଚକ ଅଟେ । ଈଶ୍ୱରଙ୍କ ଦାନ ରହିଥାଏ ! v.୩୯ର ଦୁଇଟି ଶେଷ ଘୋଷଣା ସମୂହ ମଧ୍ୟ ଉଭୟ ଆଓରିଷ୍ଟ କର୍ତ୍ତୃବାଚ୍ୟ ଅଟନ୍ତି; ପିତା ଯାହା ଦାନ କରିଅଛନ୍ତି ତାହା ମଧ୍ୟରୁ କିଛି ଯୁଗୁ ହରାନ୍ତି ନାହିଁ (VV ୩୭ ଓ ୩୯) ଆଉ ଯାହା ସବୁ ତାହାଙ୍କୁ ଦିଆଯାଇଛି ଶେଷଦିନରେ ସେ ସେହିସବୁ ଙ୍କୁ ଉତ୍ଥାନପନ କରିବେ (ସିଏଫ୍.v.rr) । ଏଠାରେ (୧) ମନୋନୟନ ଓ ଅଧ୍ୟବସାୟ ର ଦୈବିକ ପ୍ରତିଜ୍ଞା ସମୂହ ରହିଛି !

ସମ୍ପୂର୍ଣ୍ଣ ସମାପନ (ଉଭୟ ଅସ୍ତି ଓ ନାସ୍ତିସୂଚକ) ଦିନର ଏହି ଧାରଣା କେତେକ ଆଖ୍ୟାଗୁଡ଼ିକ ଦ୍ୱାରା କୁହାଯାଇଛି ।

୧. ଶେଷ ଦିନଗୁଡ଼ିକ, ୬:୩୯, ୪୦, ୪୪, ୫୪; ୧୧:୨୪; ୧୨:୪୮; ୨ୟ ତମ. ୩:୧; ୧ମ ପିତ. ୧:୫; ୨ୟ ପିତ. ୩:୩

୨. ଶେଷ ସମୟ, ୧ମ ଯୋହନ ୨:୧୮; ଯିହୁଦା ପ.୧୮

୩. ସେହି ଦିନ, ମାଥି. ୭:୨୨; ୨ୟ ତମ. ୧:୧୨, ୧୮; ୪୮

୪. ଗୋଟିଏ ଦିନ, ପ୍ରେରିତ ୧୭:୩୧

୫. ମହାନ ଦିନ, ଯିହୁଦା ପ.୬

୬. ଦିନ, ଲୁକ୧୭:୩୦; ୧ମକର. ୩:୧୩; ୧ମ ଥେସ. ୫:୪; ଏବ୍ରୀ ୧୦:୨୫

୭. ତାହାଙ୍କ ଦିନ, ଲୁକ ୧୭:୨୪

୮. ପ୍ରଭୁଙ୍କର ଦିନ, ୧ମ ଥେସ. ୫:୨; ୨ୟ ଥେସ ୨:୨

୯. ଖ୍ରୀଷ୍ଟଙ୍କ ଦିନ, ଫିଲିପ ୧:୧୦; ୨:୧୬

୧୦. ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦିନ, ୧ମ କର. ୧:୮; ୫:୫

୧୧. ପ୍ରଭୁଯୀଶୁଙ୍କ ଦିନ, ୨ୟ କର. ୧:୧୪

୧୨. ଖ୍ରୀଷ୍ଟ ଯୀଶୁଙ୍କର ଦିନ, ଫିଲିପ. ୧:୧୬

୧୩. ମନୁଷ୍ୟ ପୁତ୍ରଙ୍କର ଦିନ, ଲୁକ ୧୭:୨୪ (# ୭ ମଧ୍ୟ ଦେଖନ୍ତୁ)

୧୪. ବିଚାରର ଦିନ, ମାଥି. ୧୦:୧୫; ୧୧:୨୨, ୨୪; ୧୨:୩୬; ୨ୟ ପିତ.୨:୯; ୩:୭; ୧ମ ଯୋହନ :୧୭

୧୫. କ୍ରୋଧର ଦିନ ପ୍ରକା ୬:୧୭

୧୬. ଈଶ୍ୱରଙ୍କର ମହାନ ଦିନ-ପ୍ରକା ୧୬:୧୪

**ଯୋହନ ୬:୪୦ "ଏହା ହିଁ ମୋର ପିତାଙ୍କର ଇଚ୍ଛା"** ହିଁ ୬:୨୮ ପଦର ଈଶ୍ୱରଙ୍କ କାର୍ଯ୍ୟ ସବୁ କରିବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ? ପ୍ରଶ୍ନର ଯୀଶୁଙ୍କର ଉତ୍ତର ଅଟେ । ବିଶେଷ ବିଷୟ ଈଶ୍ୱରଙ୍କ ଇଚ୍ଛାର ଯୋହନ ୪:୩୪ ପଦଟିକୁ ଦେଖନ୍ତୁ ।

■ **"କାରଣ ଯେକେହି ପୁତ୍ରଙ୍କୁ ଦର୍ଶନ କରେ"** ବର୍ତ୍ତମାନ କାଳର ଉଭୟ ବିଶେଷଣ ଓ କ୍ରିୟାପଦ "ଦେଖିବା" ଏବଂ "ବିଶ୍ୱାସ କରିବା" ପଦ ଦୁଇଟି ଏକା ପରି ଅଟେ ଯେମିତି ୩୫ ପଦର "ଆସ" ଏବଂ "ବିଶ୍ୱାସ କର" "ଦେଖେ" ଓ "ଶୁଣେ" ପରି ଅଟେ । ଏସବୁ ଏକକାଳୀନ ଘଟଣା ନୁହେଁ । ନିରନ୍ତର ଚାଲୁଥିବା କାର୍ଯ୍ୟଗୁଡ଼ିକ ଅଟେ । "ଦେଖିବା" ଶବ୍ଦର ଅର୍ଥ କୌଣସି ଜିନିଷକୁ ବୁଝିବା ଏବଂ ଜାଣିବା ନିମନ୍ତେ" ନିବିଷ୍ଟ ଚକ୍ଷୁରେ ଦୃଷ୍ଟିପାତ କରିବା" କୁ ବୁଝାଏ । ମୁଁ ନିଶ୍ଚିତ ରୂପେ "ଯେକେହି (କର୍ମବାଚ୍ୟ) । ଶବ୍ଦଟି ପସନ୍ଦ କରେ । ଦେଖନ୍ତୁ

୧. ତାହାଙ୍କ ଦ୍ୱାରା ସମସ୍ତେ ବିଶ୍ୱାସ କରନ୍ତି ୧:୭

୨. ପ୍ରତ୍ୟେକ ମନୁଷ୍ୟକୁ ଆଲୋକ ପ୍ରଦାନ କରନ୍ତି ୧:୯

୩. ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ ୩:୧୫

୪. ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ୩:୧୬

୫. ଯେପରି ସମସ୍ତେ ପୁତ୍ରଙ୍କୁ ସମାଦର କରିବେ ୫:୨୩

୬-୯. ଯୋହନ ୬:୩୭, ୩୯, ୪୦, ୪୫

୧୦. ଯେକେହି ମୋତେ ପ୍ରେମ କରେ ଓ ମୋଠାରେ ବିଶ୍ୱାସ କରେ ସେ କଦାପି ମରିବ ନାହିଁ ୧୧:୨୬

୧୧. ଆଉ, ମୁଁ ଯଦି ପୃଥିବୀରୁ ଊର୍ଦ୍ଧ୍ୱକୁ ଉତ୍‌ଥିତ ହେବି, ତାହା ହେଲେ ସମସ୍ତଙ୍କୁ ଆପଣା ନିକଟକୁ ଆକର୍ଷଣ କରିବି । ୧୨:୩୨

୧୨. ଯେକେହି ମୋଠାରେ ବିଶ୍ୱାସ କରେ, ସେ ଯେପରି ଅନ୍ଧକାରରେ ବାସ ନ କରେ, ୧୨:୪୬

ଏହା ହିଁ ଆଧିପତ୍ୟର ରହସ୍ୟ (ପଦ ୩୮-୩୯; ୧୭:୨,୨୪ ବନାମ ସ୍ୱଇଚ୍ଛା) କୌଣସି ମତେ ଉଭୟ ସତ୍ୟ ଅଟେ । ମୋ ପାଇଁ "ନିୟମ"ର ପାରମାର୍ଥିକ ଚିନ୍ତାଧାରା ଉକ୍ତ ଦୁଇଟି ଶବ୍ଦକୁ ଉତ୍ତମ ରୂପେ ଏକ କରେ ।

■ **"ତାହାଙ୍କଠାରେ ବିଶ୍ୱାସ କରେ"** ମନେରଖନ୍ତୁ ଯେ ମୁଖ୍ୟତଃ ପରିତ୍ରାଣ ଏକ ବ୍ୟକ୍ତିଗତ ସମ୍ପର୍କ ଅଟେ, ଏହା ଏକ ବିଶ୍ୱାସ ମତ, ନିର୍ଭୁଲ ପାରମାର୍ଥିକ ବିଦ୍ୟା କିମ୍ବା ଏକ ନୈତିକ ଜୀବନ ଶୈଳୀ ନୁହେଁ । (ସିଏଫ ଯୋହନ ୩:୧୬; ୧୧:୨୫-୨୬) ଏହା ଜଣେ ବ୍ୟକ୍ତିଙ୍କର ବିଶ୍ୱାସର ଉଦ୍ଦେଶ୍ୟର ଗୁରୁତ୍ୱ ବୁଝାଏ, କିନ୍ତୁ ତାର ତୀବ୍ରତାକୁ ନୁହେଁ । ବିଶେଷ ବିଷୟ ୨:୨୩ରେ ଦେଖନ୍ତୁ ।

୩୭ ପଦର କ-ଅଂଶ, ୩୯, ୪୪, ୬୫ ପଦର ଈଶ୍ୱରଙ୍କ ସର୍ବପ୍ରଧାନ ପସନ୍ଦ ଏବଂ ୩୭ଖ ୪୦ ପଦର ମନୁଷ୍ୟର ବିଶ୍ୱାସର ପ୍ରତିକ୍ରିୟାର ଗୁରୁତ୍ୱର ସନ୍ତୁଳନଟିକୁ ଧ୍ୟାନ ଦିଅନ୍ତୁ । ଉକ୍ତ ବାଇବଲର ସାକ୍ଷ୍ୟଗୁଡିକୁ ଅବଶ୍ୟ ବଜାଇ ରଖିବାକୁ ପଡ଼ିବ । ବାଇବଲ ନିୟମର ଉଭୟ ଦୃଷ୍ଟିକୋଣରୁ ଈଶ୍ୱରଙ୍କର ସାର୍ବଭୌମତ୍ୱ ଓ ମନୁଷ୍ୟ ସ୍ୱେଚ୍ଛାଚାରୀତାକୁ ବଜାଇ ରଖିବାକୁ ପଡ଼ିବ ।

■ **"ତାହାଙ୍କଠାରେ ବିଶ୍ୱାସ କରିବେ"** ଏହା ଏକ ବର୍ତ୍ତମାନ କାଳର ସକ୍ରିୟ ସର୍ତ୍ତମୂଳକ ଅଟେ, ଯାହାର ଗୋଟିଏ ଉତ୍ତର ଆବଶ୍ୟକ (ସିଏପ ୧ ଯୋହନ ୫:୧୧) ଏହା ମଧ୍ୟ ଧ୍ୟାନ ଦେବା ଉଚିତ ଯେ ୩୯ ପଦଟି ସମସ୍ତଙ୍କୁ ବୁଝାଉଛି, କିନ୍ତୁ ୪୦ ପଦଟି ବ୍ୟକ୍ତି ବିଶେଷକୁ ବୁଝାଏ । ଏହା ପରିତ୍ରାଣର ବିରୋଧାଭାସ ଅଟେ ।

ଏନଏଏସ୍‌ବି (ନୂତନ) ଯୋହନ ୬:୪୧-୫୧

**୪୧ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ହୋଇଥିବା ଆହାର ଅଟେ, ସେ ଏହା କହିବାରୁ ଯିହୁଦୀମାନେ ତାହାଙ୍କ ବିରୁଦ୍ଧରେ ବଚସା କରି କହିବାକୁ ଲାଗିଲେ, ୪୨ଏ କଅଣ ଯୋଷେଫର ପୁଅ ଯୀଶୁ ନୁହେଁ, ଆଉ ଆମ୍ଭେମାନେ କଅଣ ଏହାର ବାପାମାଆଙ୍କୁ ଜାଣୁ ନାହୁଁ ? ତେବେ ମୁଁ ସ୍ୱର୍ଗରୁ ଅବତରଣ କରିଅଛି ବୋଲି ସେ ଏବେ କିପରି କହୁଅଛି ? ୪୩ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଆପଣା ଆପଣା ମଧ୍ୟରେ ବଚସା କର ନାହିଁ । ୪୪ମୋହର ପ୍ରେରଣକର୍ତ୍ତା ପିତା ଯାହା ଆକର୍ଷଣ କରନ୍ତି, କେବଳ ସେ ମୋ, ନିକଟକୁ ଆସିପାରେ, ଆଉ ମୁଁ ଶେଷ ତାହାକୁ ଉତ୍‌ଥାପନ କରିବି । ୪୫ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ରରେ ଲିଖିତ ଅଛି ସମସ୍ତେ ଈଶ୍ୱରଙ୍କ କର୍ତ୍ତୃକ ଶିକ୍ଷାପ୍ରାପ୍ତ ହେବେ । ଯେକେହି ପିତାଙ୍କଠାରୁ ଶ୍ରବଣ କରି ଶିକ୍ଷା ଲାଭ କରିଅଛି, ସେ ମୋ ନିକଟକୁ ଆସେ । ୪୬କେହି ଯେ ପିତାଙ୍କୁ ଦେଖିଅଛି ତାହା ନୁହେଁ ଯେ ଈଶ୍ୱରଙ୍କଠାରୁ ଆସିଅଛନ୍ତି, କେବଳ ସେ ପିତାଙ୍କୁ ଦେଖିଅଛନ୍ତି । ୪୭ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି । ୪୮ମୁଁ ଜୀବନ ଦାୟକ ଆହାର । ୪୯ତୁମ୍ଭମାନଙ୍କର ପିତୃପୁରୁଷ ପ୍ରାନ୍ତରରେ ମାନ୍ନା ଭୋଜନ କରି ମୃତ୍ୟୁ ଭୋଗ କଲେ । ୫୦କେହି ଯେପରି ଭୋଜନ କରି ମୃତ୍ୟୁ ଭୋଗ ନ କରେ, ଏଥି ନିମନ୍ତେ ସ୍ୱର୍ଗରୁ ଅବତରଣ କରିବା ଆହାର ଏହି ଅଟେ। ୫୧ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର; କେହି ଯଦି ଏହି ଆହାର ଭୋଜନ କରେ, ସେ ଅନନ୍ତ କାଳ ପର୍ଯ୍ୟନ୍ତ ଜୀବିତ ରହିବ; ହଁ, ମୁଁ ଯେଉଁ ଆହାର ଦେବି ତାହା ମୋହର ମାଂସ ମୁଁ ତାହା ଜଗତ ଜୀବନ ନିମନ୍ତେ ଦେବି ।**

***୬:୪୧*** **"ସେଥିରେ ଯିହୁଦୀମାନେ ବଚସା କରିବାକୁ ଲାଗିଲେ"** ଏହା ଏକ ଅସିଦ୍ଧ କାଳର କାର୍ଯ୍ୟ ଅଟେ, ଯାହାର ଅର୍ଥ ସେମାନେ ବଚସା କରିବାକୁ ଆରମ୍ଭ କଲେ ଅଥବା ବାରମ୍ବାର ବଚସା କଲେ । ଯାହା ପ୍ରାନ୍ତର ଭ୍ରମଣ କାଳର (ଯାତ୍ରା ଓ ଗଣନା ପୁସ୍ତକର ଘଟଣା ଉଲ୍ଲେଖନୀୟ) ଘଟଣା ସଦୃଶ୍ୟ ମର୍ମସ୍ପର୍ଶୀ ଅଟେ । ସେହି କାଳର ଇସ୍ରାଏଲୀୟମାନେ, ପରମେଶ୍ୱରଙ୍କର ପ୍ରତିନିଧି ମଶାଙ୍କୁ ମଧ୍ୟ, ଯେଉଁ ମାଶାକି ସେମାନଙ୍କୁ ଖାଇବାକୁ ସୁଦ୍ଧା ଯୋଗାଇ ଥିଲେ, ତାହାଙ୍କୁ ପ୍ରତ୍ୟାଖ୍ୟାନ କଲେ ।

***୬:୪୨*** ପ୍ରମାଣ କରେ ଯେ ଯୀଶୁ ଆପଣା ବିଷୟରେ କହୁଥିବା କଥା ସେହି ଯୀହୂଦୀମାନେ ବୁଝୁଥିଲେ । ସେ ସ୍ୱଷ୍ଟ ରୂପେ ଯିହୁଦୀମାନଙ୍କର ରୂଢ଼ି ପ୍ରୟୋଗ କରି ପୂର୍ବ-ସ୍ଥିତି ଏବଂ ଐଶ୍ୱରିକତାର ଦାବୀ କରୁଥିଲେ । ତଥାପି ଯୀଶୁଙ୍କର କଥା ଗୁଡ଼ିକ ଯାହାକି ଜଣେ ଗାଲିଲୀୟ ବଢ଼େଇଠାରୁ ନିର୍ଗତ ହେଉଥଲା ଶକ୍ତ ଧକ୍କା ଯୁକ୍ତ ଥିଲା । ଯୀଶୁ ଆପଣା ବିଷୟରେ ସେହିପରି ଦୃଢ଼ୋକ୍ତି କରୁଥିଲେ ।

ତେବେ ସେ -

୧. ଆପଣା ବାକ୍ୟ ଓ କର୍ମ ଦ୍ୱାରା ଅନନ୍ତ ଜୀବନ ପ୍ରଦାନକାରୀ ଦେହବନ୍ତ ହୋଇଥିବା ଈଶ୍ୱରଙ୍କ ପୁତ୍ର ଅଟନ୍ତି

୨. ଜଣେ ପୂର୍ବାଲୋକିତ ଠକ ଅଟନ୍ତି

୩. ଜଣେ ପାଗଳ ଅଟନ୍ତି (ଯୋଶ୍ ମ୍ୟାକଡ଼ାଓ୍ୱେଲଙ୍କ ଏଭିଡ଼େନସ ଦ୍ୟାଟ ଡିମାଣ୍ଡସ୍ ଏ ଭେରିଡିକ୍ଟ ପୁସ୍ତକରୁ ଆନିତ)

ଯୀଶୁଙ୍କ ଦାବୀର ସତ୍ୟାସତ୍ୟ ହିଁ ଖ୍ରୀଷ୍ଟ ଧର୍ମର ଚର୍ଚ୍ଚିତ ବିଷୟ ଅଟେ ।

***୬.୪୩*** **"ଆପଣା ଆପଣା ମଧ୍ୟରେ ବଚସା କର ନାହିଁ"** ଏହା ବର୍ତ୍ତମାନ କାଳ ସମ୍ବନ୍ଧୀୟ ଏକ ନାସ୍ତିବାଚକ ଉପାଦାନଧାରୀ ଆଦେଶ ସୂଚକ ବାକ୍ୟ ସାଧାରଣତଃ ଯାହାର ଅର୍ଥ ଚାଲିଥିବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବନ୍ଦ କରିବାକୁ ବୁଝାଏ ।

***୬:୪୪*** **"ମୋହର ପ୍ରେରଣକର୍ତ୍ତା ପିତା ଯାହାକୁ ଆକର୍ଷଣ କରନ୍ତି, କେବଳ ସେ ମୋ ନିକଟକୁ ଆସିପାରେ"** ଈଶ୍ୱର ସବୁବେଳେ ପ୍ରଥମ ପଦକ୍ଷେପ ନେଇଥାନ୍ତି (ଯୋହନ *୬:୬୫* ଏବଂ ୧୫:୧*୬* ଉଲ୍ଲେଖନୀୟ ଅଟେ) ସକଳ ଆତ୍ମିକ ନିର୍ଣ୍ଣୟଗୁଡ଼ିକ ମନୁଷ୍ୟର ଧର୍ମକର୍ମରୁ ନୁହେଁ କିନ୍ତୁ ପବିତ୍ରାତ୍ମାଙ୍କର ପ୍ରେମର ଫଳ ଅଟେ । (ଯିଶାୟ ୫୩:*୬* ଉଲ୍ଲେଖନୀୟ) ପରମେଶ୍ୱରଙ୍କର ପ୍ରଭୁତ୍ୱ ଏବଂ ଏକ ଆଜ୍ଞାବହତାଯୁକ୍ତ ମନୁଷ୍ୟର ପ୍ରତିକ୍ରିୟା ଈଶ୍ୱରଙ୍କ ଇଚ୍ଛା ଓ ଅନୁଗ୍ରହ ଦ୍ୱାରା ପରସ୍ପର ସହ ଅଭିନ୍ନ ରୂପେ ସଂଯୁକ୍ତ ଅଟେ । ଏହା ହିଁ ପୁରାତନ ନିୟମର "ନିୟମ" ଶବ୍ଦର ଅର୍ଥ ଅଟେ ।

ଏହା "ଈଶ୍ୱରଙ୍କ ଚିତ୍ର"ର ସେହି ସନ୍ତୁଳନ ଅଟେ ଯାହା ଯୋହନ ୧୨:୩୨ ରେ ଦେଖାଯାଏ ଯେଉଁଠାରେ ଯୀଉ "ସମସ୍ତଙ୍କୁ ଆପଣା ନିକଟକୁ ଆକର୍ଷଣ କରିବି" ଏହି ଚିତ୍ର ପୁରାତନ ନିୟମ ଶୈଳୀର ପରମେଶ୍ୱରଙ୍କର ଲୋକମାନଙ୍କର ତାହାଙ୍କର ଭାବବାଣୀଯୁକ୍ତ ବାକ୍ୟକୁ ଅଗ୍ରାହ୍ୟ କରିବାଠାରୁ ଓଲଟା ଅଟେ (ଉଦାହରଣ ଯିଶାୟ *୬*:୯-୧୩, ଯିରିମିୟ ୨୯:୧୩) । ବର୍ତ୍ତମାନ ପରମେଶ୍ୱର ଇସ୍ରାଏଲକୁ ଭବିଷ୍ୟତ୍ ବକ୍ତାମାନଭ୍କ ଦ୍ୱାରା କଥା କହୁ ନାହାନ୍ତି, ମାତ୍ର ତାହଙ୍କର ପୁତ୍ରଙ୍କ ଦ୍ୱାରା ସମଗ୍ର ମାନବ ଜାତିକୁ କଥା କହୁଛନ୍ତି (ଏବ୍ରୀ ୧:୧-୩ ଉଲ୍ଲେଖନୀୟ) (ଏପକ୍ଷେଲୋ ଯୋହନ ୫:୨୪ରେ ଦେଖନ୍ତୁ) । ବିଶେଷ ବିଷୟ ପ୍ରେରିତ *୬*:୪୫ "ଭାବବାଦୀ ମାନଙ୍କ ଧର୍ମାଷ୍ତ୍ରରେ ଲିଖିତ ଅଛି । ଏହି ଶାସ୍ତ୍ରାଠଟି ଯିଶାୟ ୫୪:୧୩ କିମ୍ବା ଯିରିମିୟ ୩୧:୩୪ରୁ ଉଦ୍ଧୃତ କରାଯାଇଛି । ଯାହା ସେହି "ନୂତନ ନିୟମ"ର ଆନ୍ତରିକ (ନୂତନ ହୃଦୟ ନୂତନ ମନ) ଦୃଷ୍ଟିକୋଣଟିକୁ ବର୍ଣ୍ଣନା କରେ ।

■ **"ଯେକେହି ପିତାଙ୍କଠାରୁ ଶ୍ରବଣ କରି ଶିକ୍ଷା ଲାଭ କରିଅଛି, ସେ ମୋ ନିକଟକୁ ଆସେ"** ଈଶ୍ୱରଙ୍କୁ ଜାଣିଛି ବୋଲି ଦାବୀ କରିବା ଏବଂ ଯୀଶୁଙ୍କୁ ଅସ୍ୱୀକାର କରିବା ଅସମ୍ଭବ ଅଟେ । (୧ ଯୋହନ ୫:୧-୧୨ ଉଲ୍ଲେଖନୀୟ)

***୬:୪୬*** **"କେହି ଯେ ପିତାଙ୍କୁ ଦେଖିଅଛି, ତାହା ନୁହେଁ"** ଯୀଶୁଙ୍କର ସ୍ୱୀକାରୋକ୍ତି ଏହା ଅଟେ ଯେ କେବଳ ତାହାଙ୍କ ଦେଇ ହିଁ ମନୁଷ୍ୟ ପ୍ରକୃତରେ ଈଶ୍ୱରଙ୍କୁ ବୁଝି ପାରେ ଓ ଜାଣିପାରେ (ଯୋହନ ୧:୧୮, ୧୪ଝ:*୬*,୯ ଉଲ୍ଲେଖନୀୟ) ଏପରିକି ମୋଶା କେବେ ବି ପ୍ରକୃତରେ ଯିହୋବାଙ୍କୁ ଦେଖି ନ ଥିଲେ (ଯୋହନ ୫:୩୨ ଟିକାରେ ଉଲ୍ଲେଖ ଅଛି)

***୬:୪୭*** ଏହି ପଦଟି ସମଗ୍ର ମାନବ ଜାତିକୁ ଯୀଶୁଙ୍କର ବିନା ମୂଲ୍ୟରେ ଦତ୍ତ ଏକ ପରିତ୍ରାଣ ବିଷୟଯିକୁ ସଂକ୍ଷକ୍ଷପରେ ପ୍ରକାଶ କରେ ("ଯେ ବିଶ୍ୱାସ କରେ" । ବର୍ତ୍ତମାନ କାଳର କୃଦନ୍ତପଦ "ଅନନ୍ତ ଜୀବନ" ଯୋହନ *୬*:୫୧, ୫୮; ୩:୧୫, ୧*୬*:୩*୬*; ୫:୨୪; ୧୧:୨*୬*; ୨୦:୩୧ ଉଲ୍ଲେଖନୀୟ) ପ୍ରଭୁ ଯୀଶୁ ହିଁ କେବଳ ଈଶ୍ୱରଙ୍କର ପ୍ରକୃତ ପ୍ରକାଶନ ଈଶ୍ୱରଙ୍କ ନିକଟକୁ ଯିବାର ଦ୍ୱାର ଅଟନ୍ତି । (ଏହା ସୁସମାଚାରର ବୈଶିଷ୍ଟ୍ୟ ଅଟେ ଯୋହନ ୧୦:୧-*୬*, *୭*-୯, ୧୪:*୬* ଉଲ୍ଲେଖନୀୟ) ମାତ୍ର ଏହା ଆଦମଙ୍କର ସମସ୍ତ ସନ୍ତାନ ଓ ସନ୍ତତିମାନଙ୍କ ପାଇଁ ଉପଲବ୍ଧ ଅଟେ । (ସୁସମାଚାରରେ ସେହି ଅନ୍ତର୍ଭୁକ୍ତିକରଣ ସାର୍ଥକ ହୁଏ ଯୋହନ ୧:୪, *୭*, ୧୨, ୩:୧*୬*, ଆଦି ୩:୧୫; ୧୨:୩)

***୬:୫୦*** ଏହି ବାକ୍ୟ ୩୧-୩୫ ପଦ ପରି ଜୀବନ୍ତ ଆହାରର ଅର୍ଥ ଉପରେ ଆଧାରିତ ଏକ ନାଟକ ଅଟେ, ସାଂସାରିକ ଆହାର (ମାନ୍ନା) ଏବଂ ସ୍ୱର୍ଗୀୟ ଆହାର (ଯୀଶୁ) ଗୋଟିଏ ଶାରିରୀକ ଜୀବନ ଦିଏ ଏବଂ ପ୍ରତିପାଳନ କରେ, ତଥାପି ବାରମ୍ବାର ଖିଆଯାଏ ଓ

ଶେଷରେ ମୃତ୍ୟୁକୁ ରୋକି ପାରେ ନାହିଁ । ଅନ୍ୟଟି ଅନନ୍ତ ଜୀବନ ଦିଏ ଏବଂ ଧରି ରଖେ, କିନ୍ତୁ ଅବଶ୍ୟ ଗ୍ରହଣୀୟ ଓ ପ୍ରତିପାଳକ ଏବଂ ଆତ୍ମିକ ମୃତ୍ୟୁକୁ ତୁରନ୍ତ ଅନ୍ତ କରେ (ଈଶ୍ୱରଙ୍କ ସହିତ ଭଗ୍ନ ସମ୍ପର୍କ, ପାପ ଏବଂସ୍ୱାର୍ଥ ସହ ନିବିଡ଼ ସମ୍ପର୍କ ।

***୬:୫୧* "ମୁଁ ଜୀବନ୍ତ ଆହାର"** ଏହା ଯୋହନଙ୍କ ସୁସମାଚାର ସେହି ପ୍ରସିଦ୍ଧ "ମୁଁ" ଉକ୍ତିଗୁଡ଼ିକରୁ ଗୋଟିଏ ଉକ୍ତି ଅଟେ (ଯୋହନ ୬:୩୫, ୪୮, ୫୧ ଉଲ୍ଲେଖନୀୟ) । ଏହା ତାହାଙ୍କର ବ୍ୟକ୍ତିତ୍ୱ ପ୍ରତି ଧ୍ୟାନାକର୍ଷଣ କରିବାକୁ ଯୀଶୁଙ୍କର ଏକ ସାହିତ୍ୟିକ କୌଶଳ ଅଟେ । ଅନ୍ତତଃ ପରିତ୍ରାଣ, ପ୍ରକାଶନ ପରି, ଜଣେ ବ୍ୟକ୍ତି ଅଟେ ।

■ **"ମୋହର ମାଂସ ଜଗତର ଜୀବନ ଅଟେ"** ଏହା ଗୋଟିଏ ଉପମା ଅଟେ ଯେ ଆମ୍ଭମାନଙ୍କର ମୁଖ୍ୟ ଆବଶ୍ୟକତା ସ୍ୱୟଂ ଯୀଶୁ ଅଟନ୍ତି, କୌଣସି ଖାଦ୍ୟ ଦ୍ରବ୍ୟ ନୁହେଁ । ଏହି ବାକ୍ୟାଂଶଟି ଯୋହନ ୧:୧୪ ସହ ସ୍ୱାଭାବିକ ରୂପେ ସମ୍ପୃକ୍ତ ।

ଏନଏଏସ୍‌ବି (ନୂଆ) ଯୋହନ ୬:୫୨-୫୯

**୫୨ଏଥିରେ ଯିହୁଦୀମାନେ ପରସ୍ପର ବାଗ୍ ଯୁଦ୍ଧ କରି କହିବାକୁ ଲାଗିଲେ, ଏ କିପରି ଆମ୍ଭମାନଙ୍କୁ ଆପଣା ମାଂସ କାଇବାକୁ ଦେଇପାରେ ? ୫୩ସେଥିରେ ଯୀଶୁ ସେମାନଙ୍କୁ କହିଲେ, ସତ୍ୟସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି ମନୁଷ୍ୟ ପୁତ୍ରଙ୍କର ମାଂସ ଭୋଜନ ନ କଲେ, ଓ ତାହାଙ୍କର ରକ୍ତ ପାନ ନ କଲେ ତୁମ୍ଭମାନଙ୍କଠାରେ ଜୀବନ ନାହିଁ । ୫୪ଯେ ମୋହର ମାଂସ ଭୋଜନ କରେ ସ ମୋହର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ, ଆଉ ମୁଁ ଶେଷ ଦିନରେ ତାହାଙ୍କୁ ଉତ୍‌ଥାପନ କରିବି । ୫୫କାରଣ ମୋହର ମାଂସ ପ୍ରକୃତ ଖାଦ୍ୟ ଓ ମୋହର ରକ୍ତ ପ୍ରକୃତ ପେୟ । ୫୬ଯେ ମୋହର ମାଂସ ଭୋଜନ କରେ ଓ ମୋ" ରକ୍ତ ପାନ କରେ, ସେ ମୋଠାରେ ରହେ ଓ ମୁଁ ତାହା ଠାରେ ରହେ । ୫୭ଜୀବନ୍ତ ପିତା ଯେପରି ମୋତେ ପ୍ରେରଣ କଲେ ଓ ମୁଁ ପିତାଙ୍କ ହେତୁରୁ ଜୀବିତ ଥାଏ, ସେହିପରି ଯେ ମୋତେ ଭୋଜନ କରେ, ସେ ମଧ୍ୟ ମୋ ହେତୁ ଜୀବିତ ରହିବ । ୫୮ଯେଉଁ ଆହାର ସ୍ୱର୍ଗରୁ ଅବତରଣ କରି ଅଛି ତାହା ଏହି; ପିତୃ ପୁରୁଷ ଯେପରି ଭୋଜନ କରି ମୃତ୍ୟୁ ଭୋଗ କଲେ, ସେ ପ୍ରକାର ନୁହେଁ, ଯେ ଏହି ଆହାର ଭୋଜନ କରେ, ସେ ଅନନ୍ତ କାଳ ପର୍ଯ୍ୟନ୍ତ ଜୀବିତ ରହିବ । ୫୯ସେ କଫର୍ନାହୂମର ଗୋଟିଏ ସମାଜ ଗୃହରେ ଶିକ୍ଷା ଦେଉଥିବା ସମୟରେ ଏହି ସମସ୍ତ କଥା କହିଲେ ।**

ଯୋହନ ୬:୫୨

ଏନ୍‌ଏଏସ୍‌ବି - "ବାଗ୍ ଯୁଦ୍ଧ"

ଏନ୍‌କେଜେଭି - "କଳହ କଲେ"

ଏନ୍‌ଆର ଏସ୍‌ଭି - "ବିବାଦ କଲେ"

ଟିଇଭି - "ଏକ କ୍ରୋଧପୂର୍ଣ୍ଣ ବାଦାନୁବାଦ"

ଏନ୍‌ଜେବି - "ତର୍କ ବିତର୍କ କରିବା"

ଏହି ଅସିଦ୍ଧ କାଳର ଅର୍ଥ ଅତୀତର କୌଣସି କାର୍ଯ୍ୟକୁ ଆରମ୍ଭ କରିବା ଅଥବା ତାକୁ ଚାଲୁ ରକିବା । ଏହା ଯୁଦ୍ଧାର୍ଥେ ବ୍ୟବହୃତ ଗ୍ରୀକ୍ ଭାଷାର ଏକ କଟୁ ଶବ୍ଦ ଅଟେ (ପ୍ରେରିତ ୭:୨୬; ୨ ତୀମଥି ୨:୨୩-୨୪; ତୀତସ ୩:୯ ଉଲ୍ଲେଖନୀୟ) ପୁଣି ୨ କରିନ୍ଥୀୟ ୭:୫ ଏବଂ ଯାକୁବ ୪:୧-୨ରେ ଉପମା ରୂପରେ ବ୍ୟବହୃତ ହୋଇ ଅଛି ।

■ **"ଏ କିପରି ଆମ୍ଭମାନଙ୍କୁ ଆପଣା ମାଂସ ଖାଇବାକୁ ଦେଇପାରେ"** ଯୋହନ ପୁସ୍ତକରେ ଯୀଶୁ ଉପମା ଦ୍ୱାର ।କଥା କହୁଛନ୍ତି ଯାହାକୁ ସର୍ବଦା ଆକ୍ଷରିକ ଅର୍ଥରେ ଭୁଲ ବୁଝିଛନ୍ତି : (୧) ଯୋହନ ୩:୪, ନୀକଦୀମ; (୨) ଯୋହନ ୪:୧୧, ଶମିରୋଣୀୟ ସ୍ତ୍ରୀ; (୩) ଯୋହନ ୬:୫୨ ଯିହୂଦୀମାନେ.; ଏବଂ (୪) ଯୋହନ ୧୧:୧୧, ଶିଷ୍ୟମାନେ ।

***୬:୫୩-୫୭*** ଯୋହନ ୬:୫୩ ଏବଂ ୫୪ର କ୍ରିୟାପଦ ଗୁଡ଼ିକ ଅତ୍ୟନ୍ତ ଚିତ୍ତାକର୍ଷକ ଅଟେ । ୫୩ ପଦର "ଭୋଜନ କରେ" ଏବଂ "ପାନ କରେ" ପ୍ରଭୃତି ସକ୍ରିୟ ସର୍ତ୍ତସୂଚକ ପଦ ଅଟେ ଯାହା ଗୋଟିଏ ସମ୍ଭାବ୍ୟ ସ୍ୱେଚ୍ଛାକୃତ କାର୍ଯ୍ୟର ଆରମ୍ଭ ଅଟେ । ୫୪ ପଦର "ଭୋଜନ କରେ" ଏବଂ "ପାନକରେ' ଆଦି କ୍ରିୟାପଦ ଗୁଡ଼ିକ ବର୍ତ୍ତମାନ କାଳର ସକ୍ରିୟ କ୍ରିୟା ବିଶେଷଣ ଅଟେ ଯାହା କାର୍ଯ୍ୟଟିକୁ ଜାରି ରଖିବାକୁ ପ୍ରାଧାନ୍ୟ ଦିଏ (ଯୋହନ ୬:୫୬, ୫୭, ୫୮ ଉଲ୍ଲେଖନୀୟ) ବୋଧହୁଏ ଏହା ସେହି ସତ୍ୟକୁ ଅନୁମୋଦନ କରେ ଯେ ଜଣେ ବ୍ୟକ୍ତି ଅବଶ୍ୟ ପ୍ରଥମେ ଯୀଶୁଙ୍କ କଥା ପାଳନ କରିବେ ଏବଂ ନିରନ୍ତର ପାଳନ କରୁଥିବେ (୪୪ ପଦ ଉଲ୍ଲେଖନୀୟ)

ଏହା ଅବଶ୍ୟ ସ୍ମରଣୀୟ ଯେ ଏହି ଶାସ୍ତାଂଶକୁ ଆକ୍ଷରିକ ଭାବେ ଗ୍ରହଣ କଲେ ରକ୍ତପାନ କରିବାରେ ଯିହୂଦୀୟ ବିଭୀଷିକାର ଭ୍ରମ ଜାତ ହେବ (ଲେବୀ ୧୭:୧୦-୧୪ ଉଲ୍ଲେଖନୀୟ) ପ୍ରାନ୍ତରର ମାନ୍ନା ବିଷୟରେ ଯୀଶୁଙ୍କର ସ୍ୱାଭାବିକ ସଂକେତକୁ ନେବା ୯୫୮ ପଦ ଉଲ୍ଲେଖନୀୟ) ଏବଂ ସେଗୁଡ଼ିକୁ ଆକ୍ଷରିକ ଭାବେ ପ୍ରଭୁ ଭୋଜ ସହ ସମ୍ପୃକ୍ତ କରିବା ଐତିହାସିକ ପୃଷ୍ଠଭୂମି ଏବଂ ସାହିତ୍ୟିକ ସନ୍ଦର୍ଭରେ ସ୍ତବଗାନ କରିବା ନିମନ୍ତେ ଏକ କଳା କୌଶଳ ଅଟେ ।

୬:୫୪ "ମାଂସ .... ରକ୍ତ" ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଟିକ ଉଲ୍ଲେଖ କରିବାର ଏକ ଯିହୂଦୀୟ ଉପମାର ରୀତି ଅଟେ, ଯେପରିକି "ହୃଦୟ" ।

୬:୫୫ "ପ୍ରକୃତ ଖାଦ୍ୟ....... ପ୍ରକୃତ ପେୟ" ଏହା ସତ୍ୟ ସତ୍ୟ ଶବ୍ଦଟିକୁ ବ୍ୟବହାର କରିବାରେ ଯୋହନଙ୍କର ବୈଶିଷ୍ଟ୍ୟ ଅଟେ । ନିମ୍ନରେ ପ୍ରଦତ୍ତ ବିଶେଷ ବିଷୟଟିକୁ ଦେଖନ୍ତୁ) ଯୋହନ, ନୂତନ ନିୟମର ଅନ୍ୟ ଲେଖକମାନଙ୍କର ଅପେକ୍ଷା ବିଳମ୍ବରେ ଲେଖୁଛନ୍ତି, ସେ ଅନେକ ଭ୍ରାନ୍ତ ଶିକ୍ଷା ଗଢ଼ି ଉଠିଥିବାର ଦେଖିଛନ୍ତି (ବାପ୍ତିଜକ ଯୋହନଭକ୍ତୁ ଅଧିକ ଗୁରୁତ୍ୱ ଦେବା, ପ୍ରଭୁ ଭୋଜକୁ ଅଧିକ ଜୋର ଦେବା, ମନୁଷ୍ୟର ଜ୍ଞାନକୁ ଅଧିକ ଗୁରୁତ୍ୱ ଦେବା - ଜ୍ଞାନବାଦ)

**ବିଶେଷ ବିଷୟ : ଯୋହନଙ୍କ ଲେଖାଗୁଡ଼ିକରେ "ସତ୍ୟ" (ଭାବାର୍ଥ )**

ଗୋଟିଏ ଅର୍ଥରେ ଯୋହନ ଆଲେଥିଆ "ସତ୍ୟ"ର ଏବ୍ରୀୟ ପୃଷ୍ଠଭୂମିକୁ ଏବଂ ଗ୍ରୀକ୍ ପୃଷ୍ଠଭୂମିକୁ ଲଗସରେ କଲା ପରି ଯୋଡ଼ି ଦେଇଛନ୍ତି (ଯୋହନ ୧:୧-୧୪ ଉଲ୍ଲେଖନୀୟ) ଏବ୍ରୀ ଭାଷାରେ ଇମେଥ୍‌ର ଅର୍ଥ ଯାହା ସତ୍ୟ ଅଥବା ବିଶ୍ୱାସଯୋଗ୍ୟ ଅଟେ (ବେଳେ ବେଳେ ସେପଟୁ ଆଜିଣ୍ଟର ପିଷଟୁଓ ସହ ସଂପୃକ୍ତ) । ଗ୍ରୀକ୍ ଭାଷାରେ ଏହା ପ୍ଲାଟଙ୍କର ବାସ୍ତବ ବନାମ ଅବାସ୍ତବ, ସ୍ୱର୍ଗୀୟ ବନାମ ଜାଗତିକ ସହ ସଂପୃକ୍ତ ଥିଲା । ଏହା ଯୋହନଙ୍କର ଦ୍ୱୈତବାଦ କୁ ଯଥାର୍ଥ କରିପାରିଛି । ପରମେଶ୍ୱର ନିଜକୁ ସ୍ୱଷ୍ଟ ରୂପେ ଆପଣା ପୁତ୍ରଙ୍କ ଠାରେ ପ୍ରକାଶିତ କରିଅଛନ୍ତି (ଆଲେଥିଆ ଶବ୍ଦର ପଦ ପ୍ରକରଣଟି ପ୍ରକାଶ କରିବା, ଅନାବୃତ କରିବା, ସ୍ୱଷ୍ଟ ରୂପେ ପ୍ରକାଶ କରିବା ଅଟେ)। ନିଜକୁ ଆପଣା ପୁତ୍ରଙ୍କଠାରେ । ଏହି ବିଷୟଟିକୁ ବିଭିନ୍ନ ମାଧ୍ୟମରେ ପ୍ରକାଶ କରିବା ।

୧. ବିଶେଷ୍ୟ ପଦ ରୂପେ, ଆଲେଥିଆର, ଅର୍ଥ ସତ୍ୟ

କ. ପ୍ରଭୁ ଯୀଶୁ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ଅଟନ୍ତି (ଯୋହନ ୧:୧୪, ୧୭ - ପୁରାତନ ନିୟମର ନିୟମ ସମ୍ବନ୍ଧୀୟ ଶବ୍ଦ ।

ଖ. ଯୀଶୁ ହିଁ ବାପ୍ତିଜକ ଯୋହନଙ୍କର ସାକ୍ଷ୍ୟର କେନ୍ଦ୍ରବିନ୍ଦୁ ଅଟନ୍ତି (ଯୋହନ ୧:୩୨-୩୪; ୧୮:୩୭ - ପୁରାତନ ନିୟମର ଶେଷ ଭାବବାଦୀ)

ଗ. ଯୀଶୁ ସେହି ସତ୍ୟ କହନ୍ତି (ଯୋହନ ୮:୪, ୪୪, ୪୫, ୪୬ ତୁଳନୀୟ - ପ୍ରକାଶନ ବ୍ୟକ୍ତିଗତ ଓ ଉପସର୍ଗ ଅଟେ)

ଘ. ଯୀଶୁ ପଥ, ସତ୍ୟ ଓ ଜୀବନ ଅଟନ୍ତି (ଯୋହନ ୧୪:୬ ତୁଳନୀୟ)

ଙ. ଯୀଶୁ ସେମାନଙ୍କୁ ସତ୍ୟରେ ପବିତ୍ର କରନ୍ତି

ଚ. ଯୀଶୁ (ସେହି ଲୋଗଶ୍ ଯୋହନ ୧:୧-୩) ସତ୍ୟ ଅଟନ୍ତି (ଯୋହନ ୧୭:୧୭ ତୁଳନୀୟ)

୨. ବିଶେଷଣ ରୂପେ, ଆଲେଥିସ ର ଅର୍ଥ ସତ, ବିଶ୍ୱାସଯୋଗ୍ୟ

କ. ଯୀଶୁଙ୍କର ସାକ୍ଷ୍ୟ (ଯୋହନ ୫:୩୧-୩୨; ୭:୧୮; ୮:୧୩-୧୪ ତୁଳନୀୟ)

ଯୀଶୁଙ୍କ ବିଚାର (ଯୋହନ ୮:୧୬ ତୁଳନୀୟ)

୩. ବିଶେଷଣ ରୂପେ ଆଲେଥିମସ୍ର ଅର୍ଥ , ପ୍ରକୃତ

କ. ଯୀଶୁ ହିଁ ସତ୍ୟ ଜ୍ୟୋତିଃ ଅଟନ୍ତି (ଯୋହନ ୧:୯ ତୁଳନୀୟ)

ଖ. ଯୀଶୁ ହିଁ ପ୍ରକୃତ ଆହାର ଅଟନ୍ତି (ଯୋହନ ୬:୩୨ ତୁଳନୀୟ)

ଗ. ଯୀଶୁହିଁ ପ୍ରକୃତ ଦ୍ରାକ୍ଷାଲତା ଅଟନ୍ତି (ଯୋହନ ୧୫:୧ ତୁଳନୀୟ)

ଘ. ଯୀଶୁ ହିଁ ପ୍ରକୃତ ସାକ୍ଷୀ ଅଟନ୍ତି (ଯୋହନ ୧୯:୩୫ ତୁଳନୀୟ)

୪. କ୍ରିୟା ବିଶେଷଣ ରୂପେ ଆଲଥିଓସର ଅର୍ଥ ପ୍ରକୃତରେ

କ. ଯୀଶୁଙ୍କ ପ୍ରତି ।ମିରୋଣୀୟମାନଙ୍କର ସାକ୍ଷ୍ୟ (ଯୋହନ ୪:୪୨ ତୁଳନୀୟ)

ଖ. ଯୀଶୁ ହିଁ ମୋଶାଙ୍କ ସମୟର ମାନ୍ନା ବିପକ୍ଷରେ ପ୍ରକୃତ ଖାଦ୍ୟ ଓ ପେୟ ଅଟନ୍ତି (ଯୋହନ ୬:୫୫ ତୁଳନୀୟ)

ଉକ୍ତ ଶବ୍ଦ ସତ୍ୟ ଓ ତା'ର ଉତ୍ପତ୍ତି ମଧ୍ୟ ଯୀଶୁଙ୍କ ସପକ୍ଷରେ ଅନ୍ୟମାନଙ୍କର ସାକ୍ଷ୍ୟ ଆଲେଥିସ ଅଟେ

କ. ବାପ୍ତିଜକଯୋହନଙ୍କରସାକ୍ଷ୍ୟ ସତ୍ୟ ଅଟେ (ଯୋହନ ୧୦:୪୧ ତୁଳନୀୟ)

ଖ. (ଯୋହନ ସୁସମାଚାରର ଲେଖକ )ଯୋହନଙ୍କର ସାକ୍ଷ୍ୟ ତ୍ୟ ଅଯେ ଯେହଂନ ୧୯:୩୫; ୨୧:୨୪ ତୁଳନୀୟ)

ଗ. ଯୀଉ ପ୍ରକୃତ ଭାବବାଦୀ ରୂପେ ଦେକାଗଲେ (ଯୋହନ ୬:୧୪; ୭:୪୦ ତୁଳନୀୟ)

ପୁରାତନ ନିୟମ ଓ ନୂତନ ନିୟମର ସତ୍ୟବିଷୟରେ ଅଧିକ ଆଲୋଚତନା ନିମନ୍ତେ ଜର୍ଜ ଇ. ଲ୍ୟାଡ଼ସଙ୍କ ଏ ଥିଓଲଜି ଅଫ ଦି ନିଉ ଟେଷ୍ଟାମେଣ୍ଟର ୨୬୩-୨୬୯ ପୃଷ୍ଠା ଦ୍ରଷ୍ଟବ୍ୟ ।

**୬:୫୬ "ସେ ମୋଠାରେ ରହେ ଓ ମୁଁ ତାହାଠାରେ ରହେ"**

ଠିକ୍ ଏହି ସତ୍ୟଟି ଯୋହନ ୧୫:୪-୭, ୧ ଯୋହନ ୨:୬, ୨୭, ୨୮; ୩:୬,୨୪ରେ ଉଲ୍ଲିଖିତ, ଦେଖନ୍ତୁ ବିଶେଷ ଶୀର୍ଷ "ରହେ" ୮:୩୧ରେ । ସାଧୁମାନଙ୍କ ଧର୍ଯ୍ୟକୁ ନେଇ ଏହା ନୂତନ ନିୟମର ଜାରି ରହିଥିବା ବାକ୍ୟାଂଶ (ଗାଲା ୬:୯; ପ୍ରକାଶିତ ୨:୭, ୧୧, ୧୭, ୨୬; ୩:୫, ୧୨, ୨୧)

ବାସ୍ତବିକ ପ୍ରତିଉତ୍ତର ଏକ ନିରନ୍ତର ପ୍ରତି ଉତ୍ତର ଦ୍ୱାରା ଅନୁମୋଦି ଅଟେ । ଧର୍ଯ୍ୟ ଉପରେ ଏହି ବାକ୍ୟାଂଶ ଆମେରିକା ସୁସମାଚାର ବାଦରେ ଅଦୃଶ୍ୟ ଅଂଶ ଅଟେ । ଜଣେ କେବଳ ବିଶ୍ୱାସରେ ହିଁ ଆରମ୍ଭ କରିବା ଉଚିତ ତାହା ନୁହେଁ, ମାତ୍ର ବିଶ୍ୱାସ ତାହା ସମାପ୍ତ କରିବା ଉଚିତ (ଏବ୍ରୀ ୧୧) ଜୋନାଥନ ଏଡ଼ୱାଡ଼ସଙ୍କ ଅନୁସାରେ, "ମନୋନୀତ ହେବାର ନିଶ୍ଚିତ ପ୍ରମାଣ ତାହା ଅଟେ ଯିଏ ଶେଷ ପର୍ଯ୍ୟନ୍ତ ସ୍ଥିର ରହେ" । ଡବ୍ଲ୍ୟୁଟି କୋନରଙ୍କଅ ନୁସାରେ, "ମଣିଷର ଉଦ୍ଧାର, ଉଦ୍ଧାରକୁ ମନୋନୀତ କରେ ତାହା ଅନନ୍ତତାରୁ ଅନନ୍ତତା ଯାଏଁ ନିଶ୍ଚିୟ ମନରେ ଏବଂ ଈଶ୍ୱରଙ୍କ ଉଦ୍ଦେଶ୍ୟରେ, ତଥାପି ଏହା ବିଶ୍ୱାସ ଉପରେ ନିର୍ଭର କରେ, ଏବଂ ଗୋଟିଏ ବିଶ୍ୱାସ ଯାହା ଦୃଢ଼ କରେ ଓ ବିଜୟ ପ୍ରାପ୍ତ କରେ ।"

**୬:୫୭ "ଜୀବନ୍ତ ପିତା"** ଏହି ବାକ୍ୟ ଅତୁଳନୀୟ ଅଟେ, କିନ୍ତୁତ ସେହି ବିଚାର ଧାରା ବାଇବଲରେ ଅନେକ ସମୟରେ ବ୍ୟବହୃତ ହୋଇଅଛି । ଈଶ୍ୱରଙ୍କ ନିମନ୍ତେ ଏହି ସମ୍ବୋଧନର ଆରମ୍ଭକୁ ଅନୁବାଦ କରିବାକୁ ଅନେକ ଭିନ୍ନଭିନ୍ନ ମାର୍ଗ ରହିଛି ।

୧ - ପ୍ରତିଜ୍ଞା ଈଶ୍ୱରଙ୍କ ସାଧାରଣ ନାମ (ଯାତ୍ରା ୩:୧୨, ୧୪-୧୬; ୬:୨,୩)

୨ - ଈଶ୍ୱରଙ୍କ ଦ୍ୱାରା ଶପଥ, "ଯେମିତି ମୁଁ ଜୀବିତ" କିମ୍ବା ଈଶ୍ୱରଙ୍କ ନାମରେ, "ଯେପରି ଈଶ୍ୱର ଜୀବିତ" (ଗଣନା ୧୪:୨୧, ୨୮; ଯିଶା ୪୯:୧୮; ଯିରିମ ୪:୨),

୩ - ଯେପରି ଈଶ୍ୱରଙ୍କ ଏକ ବିବରଣ (ଗୀତ ୪୨:୨; ୮୪:୨; ଯୋଶୁ ୩:୧୦; ଯିରି ୧୦:୧୦; ଦାନି ୬:୨୦, ୨୬; ହୋଶେ ୧:୧୦; ମାଥି ୧୬:୧୬; ୨୬:୬୩; ପ୍ରେରିତ ୧୪:୧୫; ରୋମୀ ୯:୨୬; ୨ କରି ୩:୩; ୬:୧୬; ୧ ଥେସ ୧:୯; ୧ ତୀମ ୩:୧୫; ୪:୧୯; ଏବ୍ରୀ ୩:୧୨; ୯-୧୪; ୧୦:୨୧; ୧୨:୨୨)

୪ -ଯୋହନ ୫:୨୬ ଅନୁସାରେ ପିତା ଯେପରି ସ୍ୱଂୟଜୀବୀ, ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବୀ ହେବାକୁ ଦେଇଅଛନ୍ତି ଏବଂ ୫:୨୧ରେ ପିତା ଯେ ପ୍ରକାରେ ମୃତମାନଙ୍କୁ ଉତ୍ଥାପନ କରନ୍ତି, ସେହି ପ୍ରକାରେ ପୁତ୍ର ମଧ୍ୟ କରନ୍ତି ।

**୬:୫୮** ଏହା ପୁରାତନ ଓ ନୂତନ ନିୟମର ତୁଳନାତ୍ମକ, ମୋଶା ଏବଂ ଯୀଶୁ (ଦେଖନ୍ତୁ ଏବ୍ରୀ ପୁସ୍ତକ ବିଶେଷ କରି ଅଧାୟ ୩,୪)

■ **"ପିତୃପୁରୁଷମାନେ ଭୋଜନ କରି ମୃତ୍ୟୁଭୋଗ କଲେ"** ଏହା ମଧ୍ୟ ପିତୃପୁରୁଷରୁ ଆସୁଥିବା ଉଦ୍ଧାରକୁ ବହିଷ୍କାର କରିବାର ଧର୍ମଶାସ୍ତ୍ରୀୟ କ୍ରିୟା । (୮:୩୩-୩୯) କିମ୍ବା ମୋଶାଙ୍କ ବ୍ୟବସ୍ଥାରୁ (ତୋରା) ।

■ **"ଅନନ୍ତ"** ନିମ୍ନଲିଖିତ ବିଶେଷ ଶୀର୍ଷକୁ ଦେଖନ୍ତୁ ।

**ବିଶେଷ ଶୀର୍ଷ : ଅନନ୍ତ (ଓଲାମ୍)**

ଏବ୍ରୀ ଶବ୍ଦ ଓଲାମ୍ର ବିକାଶ ଅନିଶ୍ଚିତ ଅଟେ (ନିଡୋଟେ, ଭଲ୍ୟୁମ୍ ୩, ପୃ. ୩୦୫)

ଏହା ଅନେକ ବିଷୟରେ ବ୍ୟବହୃତ ହୋଇଛି (ସାଧାରଣତଃ ପ୍ରସଙ୍ଗ ଦ୍ୱାରା ନିର୍ଦ୍ଧାରିତ) । ନିମ୍ନଲିକିତ ଲେଖା ମନୋନୀତ ଉଦାହରଣ ମାତ୍ର ।

୧ - ପ୍ରାଚୀନ ବିଷୟ

କ- ଲୋକମାନେ, ଆଦି ୬:୪; ୧ ଶାମୁ ୨୭:୮, ଯିରି ୫:୧୫; ୨୮:୮

ଖ - ସ୍ଥାନ - ଯିଶା ୫୮:୧୨; ୬୧:୪

ଗ - ଈଶ୍ୱର, ଗୀତ ୯୩:୨; ହିତୋ ୮:୨୩; ଯିଶା ୬୩:୧୬

ଘ - ବସ୍ତୁ ଆଦି ୪୯:୨୬; ଆୟୁବ ୨୨:୧୫; ଗୀତ ୨୪: ୭,୯; ଯିଶା ୪୬:୯

ଙ - ସମୟ ଦ୍ୱିତୀୟ ବିବରଣ ୩୨:୭; ଯିଶା ୫୧:୯; ୬୩:୯,୧୧

୨. ଭବିଷ୍ୟତ ସମୟ

କ. ଜଣକର ଜୀବନ, ଯାତ୍ରା ୨୧:୬; ଦ୍ୱିତୀୟ ବିବରଣ ୧୫:୧୭; ୧ ଶାମୁ ୧:୨୨; ୨୭:୧୨

ଖ. ରାଜାଙ୍କ ନିମନ୍ତେ ଅତ୍ୟୁକ୍ତି ୧ ରାଜା ୧:୩୧; ଗୀତ ୬୧:୭; ନିହି ୨:୩

ଗ. ନିରନ୍ତର ସ୍ଥାୟୀ

୧ - ପୃଥିବୀ ଗୀତ ୭୮ : ୬୯; ୧୦୪:୫; ଉପ ୧:୪

୨ - ସ୍ୱର୍ଗ ଗୀତ ୧୪୮:୬

ଘ. ଈଶ୍ୱରଙ୍କ ସ୍ଥାୟୀତ୍ୱ

୧ - ଆଦି ୨୧:୩୩

୨ - ଯାତ୍ରା ୧୫:୧୮

୩ - ଦ୍ୱିତୀୟ ବିବରଣ ୩୨:୪୦

୪ - ଗୀତ ୩୨:୪୦

୫ - ଯାଶା ୪୦:୨୮

୬- ଯିରି ୧୦:୧୦

୭ ଦାନି. ୧୨:୭

ଙ - ନିୟମ / ପ୍ରତିଜ୍ଞା

୧ - ଆଦି ୯:୧୨,୧୬; ୧୭:୭, ୧୩, ୧୯

୨ - ଯାତ୍ରା ୩୧:୧୬

୩ - ଲେବି ୨୪:୮

୪ - ଗଣନା ୧୮:୧୯

୫ - ୨ ଶାମୁ ୨୩:୫

୬ - ଗୀତ ୧୦୫:୧୦

୭ - ଯିଶା ୨୪:୫; ୫୫:୩; ୬୧:୮

୮ - ଯିରି ୩୨:୪୦; ୫୦:୫

ଚ - ଦାଉଦଙ୍କ ସହିତ ବିଶେଷ ନିୟମ

୧ -୨ ଶାମୁ ୭:୧୩, ୧୬, ୨୫, ୨୯; ୨୨:୫୧; ୨୩:୫

୨ - ୧ ରାଜା .୨:୩୩, ୪୫; ୯:୫

୩ - ୨ ବଂଶା ୧୩:୫

୪ - ଗୀତ ୧୮:୫୦; ୮୯: ୪, ୨୮, ୩୬, ୩୭

୫ - ଯିଶା ୯:୭; ୧୬:୫; ୩୭:୩୫; ୫୫:୩

ଛ - ଈଶ୍ୱରଙ୍କ ମଶୀହ

୧ - ଗୀତ ୪୫:୨; ୭୨:୧୭; ୮୯:୩୫-୩୬; ୧୧୦:୪

୨ - ଯିଶା ୯:୬

ଜ - ଈଶ୍ୱରଙ୍କ ବ୍ୟବସ୍ଥା

୧ - ଯାତ୍ରା ୨୯:୨୮; ୩୦:୨୧

୨ - ଲେବି ୬:୧୮, ୨୨; ୭:୩୪; ୧୦:୧୫; ୨୪:୯

୩ - ଗଣନା ୧୮:୮, ୧୧, ୧୯

୪ - ଗୀତ ୧୧୯: ୮୯, ୧୬୦

୫ - ଯିଶା ୫୯:୨୧

ଝ - ଈଶ୍ୱରଙ୍କ ପ୍ରତିଜ୍ଞା

୧ - ୨ ଶାମୁ ୭:୧୩, ୧୬, ୨୫; ୨୨:୫୧

୨ - ୧ ରାଜା ୯:୫

୩ - ଗୀତ ୧୮ :୫୦

୪- ଯିଶା ୪୦:୮

ଞ - ଅବ୍ରାହମଙ୍କ ବଂଶ ଏବଂ ପ୍ରତିଜ୍ଞାତ ଦେଶ

୧ - ଆଦି ୧୩:୧୫; ୧୭:୧୮; ୪୮:୪

୨ - ଯାତ୍ରା ୩୨:୧୩

୩ - ୧ ବଂଶା ୧୬:୧୭

ଟ. ନିୟମ ଭୋଜ

୧ - ଯାତ୍ରା ୧୨:୧୪, ୧୭, ୨୪

୨ - ଯାତ୍ରା ୨୩:୧୪, ୨୧, ୪୧

୩ - ଗଣନା ୧୦:୮

୦ - ଅନନ୍ତତା ଚିରସ୍ଥାୟୀ

୧ - ୧ ରାଜା ୮:୧୩

୨ - ଗୀତ ୬୧:୬-୮; ୭୭:୮; ୯୦:୨; ୧୦୩:୧୭; ୧୪୫:୧୩

୩ - ଯିଶା ୨୬:୪; ୪୫:୧୭

୪ - ଦାନି ୯:୨୪

ଡ - ବିଶ୍ୱାସୀମାନେ ସର୍ବଦା କଣ କରିବାକୁ ଗୀତ ସଂହିତା କହେ

୧ - ଧନ୍ୟବାଦ ଦିଅ, ଗୀତ ୩୦:୧୨; ୭୯:୧୩

୨ - ତାହାଙ୍କ ଉପସ୍ଥିତିରେ ରୁହ, ଗୀତ ୪୧:୧୨; ୬୧:୪,୭

୩ - ତାହାଙ୍କ କରୁଣାରେ ନିର୍ଭର ରଖ, ଗୀତ ୫୨:୮

୪ - ସଦାପ୍ରଭୁଙ୍କ ସ୍ତୁତି କର, ଗୀତ ୫୨:୯

୫ - ସ୍ତୁତିର ଗୀତ ଗାନ କର, ଗୀତ ୬୧:୭; ୮୯:୧

୬ - ତାହାଙ୍କ ଧାର୍ମିକତାକୁ ଘୋଷଣା କର, ଗୀତ ୭୫:୯

୭ - ତାହାଙ୍କ ନାମର ମହିମା କର, ଗୀତ ୮୬:୧୨; ୧୪୫: ୨

୮ - ତାହାଙ୍କ ନାମର ଧନ୍ୟବାଦ କର, ଗୀତ ୧୪୫ : ୧

୩ - ଉଭୟ ସମୟରେ ପଛଘୁଞ୍ଚା ଓ ଅଗ୍ରଗାମୀ (ଅନନ୍ତ କାଳରୁ ଅନନ୍ତ କାଳ)

କ- ଗୀତ ୪୧:୧୩ (ଈଶ୍ୱରଙ୍କ ସ୍ଥିତି)

ଖ - ଗୀତ ୯୦:୨୦ (ସ୍ୱୟଂ ଈଶ୍ୱର

ଗ. ଗୀତ ୧୦୩:୧୭ (ସଦାପ୍ରଭୁଙ୍କର ପ୍ରେମ)

ମନେ ରଖନ୍ତୁ ପ୍ରସଙ୍ଗ ଶଢର ଅର୍ଥର ପରିସରକୁ ନିର୍ଦ୍ଧାରଣ କରେ । ଅନନ୍ତ କାଳସ୍ଥାୟ ନିୟମ ଓ ପ୍ରତିଜ୍ଞା ସର୍ତ୍ତପୂର୍ଣ୍ଣ ଅଟେ (ଯିରିମିୟ ୭) । ଆପଣଙ୍କ ସମୟର ଆଧୁନିକ ପଠନରେ ସାବଧାନ କିମ୍ବା ଆପଣଙ୍କ ନୂତନ ନିୟମ ପଦ୍ଧତିଗତ ଧର୍ମଶାସ୍ତ୍ର ପରିବର୍ତ୍ତନୀୟ ବାକ୍ୟର ପ୍ରତ୍ୟେକ ପୁରାତନ ନିୟମ ବାକ୍ୟରେ, ନୂତନ ନିୟମ ପୁରାତନ ନିୟମର ପ୍ରତିଜ୍ଞାକୁ ସାର୍ବଜନିକ କରେ ।

***୬:୫୯*** ଯୀଶୁ ଆପଣର ସମୟରେ ଯିହୁଦୀ ଧର୍ମକୁ ପାଳନ କଲେ । ସେ ଆରାଧନାଳୟ ବିଦ୍ୟାଳୟରେ ଶିଖିଲେ, ସେ ଆରାଧନାଳୟରେ ଉପାସନା କଲେ, ଏବଂ ସେ ଗୋଟିଏ ଆରାଧନାଳୟରେ ଶିକ୍ଷା ଦେଲେ । ସେ ବ୍ୟବସ୍ଥାର ସମସ୍ତ ପ୍ରାଶାକୁ ପୁରଣ କଲେ ।

ଆରାଧନାଳୟ ବାବିଲନ ବନ୍ଧିତ୍ୱ ସମୟରେ ଆରମ୍ଭ ହୋଇଥିଲା । (ଖ୍ରୀଷ୍ଟପୂର୍ବ ୬୦୫ - ୫୩୮) । ଯିହୁଦୀମାନେ ଅରାଧନାର ଏକ ବିଶେଷ ସ୍ଥାନ ଆରମ୍ଭ କଲେ ଏବଂ ଦଶଟି ଯିହୁଦୀ ପ୍ରତ୍ୟେକ ସ୍ଥାନରେ ଶିକ୍ଷା ଦେଉଥିଲେ । ଏମାନେ ଯିହୁଦୀ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବା ଲୋକ ହେଲେ । ଯେତେବେଳେ ଯିହୁଦୀମାନେ ଯିହୁଦାକୁ ପ୍ରତ୍ୟାର୍ତ୍ତନା କଲେ ଏବଂ ସ୍ଥାନୀୟ ଅଞ୍ଚଳରେ ମନ୍ଦିର ସେବା ପୁନଃ ପ୍ରାପ୍ତି କଲେ ଅଧ୍ୟାୟ ୬ରେ ଆମ୍ଭେ ସୂଚୀତ ନୋହୁଁ ଯେତେବେଳେ ଯୀଶୁ କଫରନାହମରେ ଆରାଧନାଳୟକୁ ଗଲେ (ପଦ ୨୪)

ଏନ୍ଏଏସ୍ବି ବାକ୍ୟ : ***୬:୬୦-୬୫***

**୬୦ ଅତଏବ, ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ଏହା ଶୁଣି କହିଲେ, ଏ ଘୃଣା ଜନକ କଥା, କିଏ ଏହା ଶୁଣିପାରେ? ୬୧ କିନ୍ତୁ ଯୀଶୁ, ତାହାଙ୍କ ଶିଷ୍ୟମାନେ ଯେ ସେ ବିଷୟରେ ବଚସା କରୁଅଛନ୍ତି, ତାହା ଅନ୍ତରରେ ଅବଗତ ହୋଇ ସେମାନଙ୍କୁ କହିଲେ ଏହା କଅଣ ତୁମ୍ଭମାନଙ୍କର ବିଘ୍ନର କାରଣ ହେଉଅଛି ? ୬୨ ତାହାହେଲେ ମନୁଷ୍ୟ ପୁତ୍ର ପୂର୍ବରେ ଯେଉଁଠାରେ ସ୍ଥାନରେ ଥିଲେ, ସେ ସ୍ଥାନରେ ଯେବେ ତାହାଙ୍କୁ ଆରୋହଣ କରିବାର ଦେଖିବ, ତେବେ କଅଣ ? ୬୩ ଆତ୍ମା ଜୀବନଦାୟକ, ମାଂସ କୌଣସି ଉପକାରେ କରେ ନାହିଁ । ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆଜ୍ଞା ଓ ଜୀବନ ଅଟେ । ୬୪ କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ବିଶ୍ୱାସ କରୁ ନାହାନ୍ତି । କାରଣ କେଉଁମାନେ ବିଶ୍ୱାସ କରୁ ନ ଥିଲେ ଏବଂ କିଏ ତାହାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବ, ତାହା ଯୀଶୁ ଆଗରୁ ଜାଣିଥିଲେ । ୬୫ ଆଉ ସେ କହିଲେ, ଏହି ହେତୁ ମୁଁ ତୁମ୍ଭମାନଙ୍କୁ କହିଅଛି, ପିତାଙ୍କଠାରୁ ଅନୁଗ୍ରହ ଦତ୍ତ ନ ହେଲେ କେହି ମୋ ନିକଟକୁ ଆସିପାରେ ନାହିଁ ।**

***୬:୬୦* "ଅତଏବ, ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ"** ଶବ୍ଦ "ଶିଷ୍ୟ"ର ପ୍ରୟୋଗର ବିସ୍ତାର ଅର୍ଥ ରହିଛି । ଯୋହନରେ ଏହି ଶବ୍ଦ ଏବଂ "ବିଶ୍ୱାସ" ଉଭୟେ ଏହି ପ୍ରକାରେ ବ୍ୟବହୃତ (୧) ପ୍ରକୃତ ଅନୁକାରୀ (ପଦ ୬୮) ଏବଂ (୨) ଅସ୍ଥାୟୀ ଅନୁକାରୀ (ପଦ ୬୪,୮:୩୧-୪୭)

■ **"ଶୁଣି ... ଶୁଣିପାରେ"** ଏହି ଶବ୍ଦ "ଶୁଣିବା" (ଆକୋଭ) ରେ ଏକ ଖଳ ରହି । ସେମାନେ ଯୀଶୁଙ୍କର କଥାକୁ ଶୁଣିଲେ, କିନ୍ତୁ ସେମାନେ ସେସବୁକୁ ବୁଝିପାରିଲେ ନାହିଁ, ତାହା ଅନୁସାରେ ଚାଲି ପାରିଲେ ।ନହିଁ, ଏହି ପରିପ୍ରେକ୍ଷୀରେ ଏହି ଗ୍ରୀକ୍ ଶବ୍ଦ ଏବ୍ରୀ ଶବ୍ଦ ସୀମା ସଦୃଶ୍ୟ କାର୍ଯ୍ୟ କରେ (ଦ୍ୱିତୀୟ ବିବରଣ ୪:୧; ୫:୧; ୬:୩,୪, ୨୭:୯-୧୦)

***୬:୬୨*** ଏହା ଏକ ଅପୂର୍ଣ୍ଣ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହାର ସମାପ୍ତି ନାହିଁ । ଇଙ୍ଗିତ ହେଲା କି ସେମାନେ ଏହା ଦେଖିପାରନ୍ତି (ପ୍ରେରିତ ୧) । ଯୀଶୁଙ୍କର ମୃତ୍ୟୁ/ ପୁନରୁତ୍ଥାନ / ସ୍ୱର୍ଗାରୋହଣ ଏବଂ ଆତ୍ମାଙ୍କ ଆଗମନ ପରେ, ଯୀଶୁଙ୍କର ଅନେକ ଶିକ୍ଷା ଓ କାର୍ଯ୍ୟ ସେମାନଙ୍କୁ ବୁଝାପଡ଼ିବ ।

■ **"ସେ ପୂର୍ବେ ଯେଉଁ ସ୍ଥାନରେ ଥିଲେ, ସେଠାରେ ଆରୋହଣ କରିବେ"** ଏହା ଯୀଶୁଙ୍କ ବିଷୟରେ ନିରନ୍ତର ଜୋର ଦିଏ ଯେମିତି "ସ୍ୱର୍ଗରୁ ତଳକୁ ଓହ୍ଲାଇ ଆସିବ" । ଏହା ତାହାଙ୍କ ସ୍ୱର୍ଗୀୟ ପିତାଙ୍କ ସହିତ ଥିବା ପୂର୍ବ ଅସ୍ତିତ୍ୱକୁ ଦର୍ଶାଏ ଏବଂ ସ୍ୱର୍ଗୀୟ ପିତାଙ୍କ ସହିତ ଥିବା ତାହାଙ୍କ ଘନିଷ୍ଠ ସହଭାଗିତାକୁ ଦର୍ଶାଏ (୧୭:୫,୨୪)

**ବିଶେଷ ଶୀର୍ଷ : ସ୍ୱର୍ଗାରୋହଣ**

ଯୀଶୁଙ୍କର ସ୍ୱର୍ଗକୁ ଫେରିଯିବା ବିଷୟରେ ଅନେକ ଭିନ୍ନ ଭିନ୍ନ ଗ୍ରୀକ୍ ଶବ୍ଦମାନର ପ୍ରୟୋଗ ହୋଇଛି ।

ପ୍ରେରିତ ୧:୨,୧୧,୨୨; ଆନାଲାମ୍ଭାନୋ, ଉଠାଯିବା (୧ ତୀମଥି ୩:୧୬), ଯାହା ସେପ୍ଟୁଏଜେଣ୍ଟରେ ମଧ୍ୟ ୨ ରାଜା ୨:୯,୧୧ ଏଲୀୟଙ୍କ ନିମନ୍ତେ ସ୍ୱର୍ଗ ଅନୁବାଦ ଏବଂ

୧ - ମକ୍କାବି ୨:୫୮ ମଧ୍ୟ ।

୧ -ପ୍ରେରିତ ୧:୯, ଏପାଇହୋ, ଉପରକୁ ଉଠାଇବା, ଉଠିବା, ଉତ୍ତୋଳନ କରିବା

୨ - ଲୂକ ୯:୫୧, ଏନାଲେପ୍ସିସ୍ (୧ ରୁ)

୩ - ଡିଷ୍ଟେମି, ପୃଥକ ହେବା

୪ - ଯୋହନ ୬:୬୨, ଏନାବାଇନୋ, ଆରୋହଣ କରିବ

ଏହା ଘଟଣା ମାଥିଉ କିମ୍ବା ମାର୍କ ସୁସମାଚାରରେ ଲିଖିତ ହୋଇ ନାହିଁ । ମାର୍କ ସୁସମାଚାର ୧୬:୮ରେ ସମାପ୍ତ ହୁଏ କିନ୍ତୁ ପରେ ସାଦ୍ଦୁକିୟ ଲିଖିତ ୧୬:୧୯ରେ ଏହି ଘଟଣାର ବିବରଣ ଦିଏ (ଆନାଲାମ୍ଭାନୋ)

***୬:୬୩*** ଅଧ୍ୟାୟ ୬ ର ବିସ୍ତାରିତ ପ୍ରସଙ୍ଗ ହେତୁ ଏହି ବାକ୍ୟ ପୁରାତନ ନିୟମ ଓ ନୂତନ ନିୟମକୁ ତୁଳନା କରିବାକୁ ସମ୍ବନ୍ଧ କରିପାରେ, ମୋଶା ବନାମ ଯୀଶୁ (ପଦ ୫୮, ୨ କରି ୩:୬, ଏବ୍ରୀ ପୁସ୍ତକରେ ଦୁଇଟି ନିୟମର ତୁଳନାକୁ ଦେଖନ୍ତୁ ।

■ **"ସେହି ଆତ୍ମା ଯିଏ ଜୀବନ ଦିଅନ୍ତି"** ଏହା ଅନେକ ବାକ୍ୟମାନଙ୍କୁ ମଧ୍ୟରୁ ଗୋଟିଏ ଯାହା ଉଭୟେ ଯୀଶୁ ଓ ଆତ୍ମାଙ୍କ ନିମନ୍ତେ ବ୍ୟବହୃତ ।

୧- ଆତ୍ମା ଜୀବନଦାୟକ ଜଳ ଅଟନ୍ତି (୭:୩୮-୩୯)

୨ - ଯୀଶୁ ଜୀବନ୍ତ ଜଳ ଅଟନ୍ତି (୪:୧୦ - ୧୪)

୩ - ପବିତ୍ର ଆତ୍ମା ସତ୍ୟର ଆତ୍ମା ଅଟନ୍ତ (୧୪:୧୭; ୧୫:୨୬; ୧୬:୧୩)

୪ - ଯୀଶୁ ସତ୍ୟ ଅଟନ୍ତି (୧୪:୬)

୫ - ଆତ୍ମା ସାନ୍ତ୍ୱନାକାରୀ ଅଟନ୍ତି (୧୪:୧୬; ୨୬; ୧୫: ୨୬: ୧୬: ୭)

୬ - ଏବଂ ଯୀଶୁ ସାନ୍ତ୍ୱନାକାରୀ ଅଟନ୍ତି (୧ ଯୋହନ ୩୨:୧)

ଦେଖନ୍ତୁ, ବିଶେଷ ଶୀର୍ଷ ୧୪:୧୬ରେ

ଦେଖନ୍ତୁ, ଏହି ପଦରେ ଆତ୍ମା (ନିଉମା) ଦୁଇଟି ବିଶେଷ ଭାବରେ ବ୍ୟବହୃତ ହୋଇଛି

୧- ପବିତ୍ର ଆତ୍ମା (୧:୩୨, ୩୩; ୩:୩୪; ୭:୩୯; ୧୪:୧୭; ୧୫:୨୬; ୧୬:୧୩)

୨ - ଆତ୍ମିକ (୪:୨୪; ୧୧:୩୩; ୧୩:୨୧)

ଯୋହନ ୩:୫, ୬, ୮ ରେ କଅଣ ପ୍ରକୃତ ଅର୍ଥ ଏହା ଜାଣିବା ଅଧିକ କଷ୍ଟ ଅଟେ ।

ଯୋହନ ହୋଇଥିବା ହେତୁ, ସମ୍ଭବତଃ ଉଭୟେ ।

**ବିଶେଷ ଶୀର୍ଷ : ନୂତନ ନିୟମରେ ଆତ୍ମା (ନିଉମା)**

ନୂତନ ନିୟମରେ "ଆତ୍ମା" ନିମନ୍ତେ ଗ୍ରୀକ୍ ଶବ୍ଦର ବ୍ୟବହାର ବିଭିନ୍ନ ରୂପରେ ହୋଇଅଛି । ଏଠାରେ କେତେକ ପ୍ରତିନିଧିତ୍ୱ ଶ୍ରେଣୀବିଭାଗ ଏବଂ ଉଦାହରଣ ।

କ - ତ୍ରିଏକ ଈଶ୍ୱରଙ୍କ

୧ - ପିତାଙ୍କର (ଯୋହନ ୪:୨୪)

୨ - ପୁତ୍ରଙ୍କର (ରୋମୀ ୮:୯-୧୦; ୨ କରି ୩:୧୭; ଗାଲା ୪:୬; ୧ ପିତ ୧:୧୧)

୩ - ପବିତ୍ର ଆତ୍ମାଙ୍କର (ମାର୍କ ୧:୧୧; ମାଥିଉ ୩:୧୬; ୧୦:୨୦; ଯୋହନ ୩ : ୫, ୬, ୮; ୭:୩୯; ପ୍ରେରିତ ୨:୪; ୫:୯; ୮:୨୯, ୩୫; ରୋମୀ ୧:୪; ୮:୧୧, ୧୬; ୧ କରି ୨:୪, ୧୦, ୧୧, ୧୩, ୧୪; ୧୨: ୭

ଖ - ମଣିଷ ଜୀବନ ଶକ୍ତିର

୧ - ଯୀଶୁଙ୍କର (ମାର୍କ ୮:୧୨; ଯୋହନ ୧୧:୩୩, ୩୮; ୧୩:୨୧)

୨ - ମାନବଜାତିର (ମାଥି ୨୨:୪୩; ପ୍ରେରିତ ୭:୫୯; ୧୭:୧୬; ୨୦ : ୨୨; ରୋମୀ ୧:୯; ୮:୧୬; ୧ କରି ୨:୧୧, ୫:୩-୫; ୭:୩୪; ୧୫:୪୫; ୧୬:୧୮; ୨ କରି ୨:୧୩; ୭:୧୩; ଫିଲି ୪:୨୩; କଲ ୨:୫)

ଗ - ଆତ୍ମିକ ରାଜ୍ୟର

୧ - ଆତ୍ମିକ ପ୍ରାଣୀ

କ - ଉତ୍ତମ (ଦୂତମାନେ, ପ୍ରେରିତ ୨୩:୮-୯, ଏବ୍ର ୧:୧୪)

ଖ- ମନ୍ଦ (ମନ୍ଦତା ମାଥିଉ ୮:୧୬; ୧୦:୧; ୧୨:୪୩, ୪୫; ପ୍ରେରିତ ୫:୧୬; ୮ : ୭, ୧୬:୧୬; ୧୯:୧୨-୨୧; ଏଫି ୬:୧୨)

ଗ - ଆତ୍ମାମାନେ (ଲୂକ ୨୪:୩୭)

୨ - ଆତ୍ମିକ ଅନ୍ତର୍ଦୃଷ୍ଟି (ମାଥି ୫:୩; ୨୬:୪୧; ଯୋହନ ୩:୧୬; ୪:୨୩; ପ୍ରେରିତ ୧୮:୨୫; ୧୯:୨୧; ରୋମୀ ୨:୨୯; ୭:୫; ୮:୪, ୧୦; ୧୨:୧୧; ୧ କରି ୧୪:୩୭)

୩ - ଆତ୍ମିକ ବିଷୟ (ଯୋହନ ୬:୬୩; ରୋମୀ ୨:୨୯; ୮:୨, ୫, ୯, ୧୫; ୧୫:୨୭: ୧ କରି ୯:୧୧; ୧୪:୧୨)

୪ - ଆତ୍ମିକ ଦାନ ( ୧ କରି ୧୨:୧; ୧୪:୧)

୫ - ଆତ୍ମାଙ୍କ ପ୍ରେରଣା (ମାଥି ୨୨:୪୩; ଲୂକ ୨:୨୭; ଏଫି ୧:୧୭)

୬ - ଆତ୍ମିକ ଦେହ (୧ କରି ୧୫:୪୪-୪୫)

ଘ - ଚିତ୍ରିତ କରେ

୧. ଜଗତର ପ୍ରକୃତି (ରୋମୀ ୮:୧୫; ୧୧:୮; ୧ କରି ୨:୧୨)

୨. ମଣିଷର ଚିନ୍ତା ପ୍ରଣାଳୀ (ପ୍ରେରିତ ୬:୧୦; ରୋମୀ ୮:୬; ୧ କରି ୪:୨)

ଙ - ଭୌତିକ ରାଜ୍ୟର

୧ - ବାୟୁ (ମାଥି ୭:୨୫, ୨୭; ଯୋହନ ୩:୮; ପ୍ରେରିତ ୨:୨)

୨ - ଶ୍ୱାସ (ପ୍ରେରିତ ୧୭:୨୫; ୨ ଥେସ ୨:୮)

ଏହା ସତ୍ୟ କି ଏହି ଶବ୍ଦ ତକ୍ଷଣାତ୍ ପ୍ରସଙ୍ଗର ଜ୍ୟୋତିରେ ଅନୁବାଦିତ ହେବା ଉଚିତ । ଶବ୍ଦର ଅନେକ ଚାୟା ରହିଚି ଯାହା ଏପରି ଦର୍ଶାଏ (୧) ଶାରୀରିକ ଦୁନିଆ (୨) ଅଦୃଶ୍ୟ ଜଗତ (୩) ତାହା ସଙ୍ଗେ ସଙ୍ଗେ ଶାରୀରିକ ଜଗତର ବ୍ୟକ୍ତିଗଣ କିମ୍ବା ଆତ୍ମିକ ରାଜ୍ୟର ।

ପବିତ୍ର ଆତ୍ମା ତ୍ରିଏକ ଈଶ୍ୱରଙ୍କ ସେହି ଅଂଶ ଅଟନ୍ତି ଯିଏ ଏହି ଇତିହାସର ସ୍ତରରେ ସର୍ବୋଚ୍ଚ ସକ୍ରିୟ ଅଟନ୍ତି । ଆତ୍ମାଙ୍କର ନୂତନ ଯୁଗ ଆସିଅଛି । ସମସ୍ତ ଉତ୍ତମ, ପବିତ୍ର., ଠିକ୍ ଏବଂ ସତ୍ୟ ତାହାଙ୍କୁ ସମ୍ବନ୍ଧ ରଖେ । ସୁସମାଚାରର ବଢ଼ିବା ନିମନ୍ତେ ତାହାଙ୍କ ସାନିଧ ଦାନ, ଏବଂ ସେବାକାର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଈଶ୍ୱରଙ୍କ ରାଜ୍ୟର ଉନ୍ନତି (ଯୋହନ ୧୪ ଏବଂ ୧୬) । ସେ ସ୍ୱୟଂଙ୍କୁ ଧ୍ୟାନ ଦିଅନ୍ତି ନାହିଁ ମାତ୍ର ଖ୍ରୀଷ୍ଟଙ୍କୁ ଧ୍ୟାନ ଦିଅନ୍ତି (ଯୋହନ ୧୬:୧୩-୧୪) । ସେ ସମସ୍ତ ବିଶ୍ୱାସୀମାନଙ୍କୁ ଦୋଷୀ ସାବ୍ୟସ୍ତ କରନ୍ତି, ବିଶ୍ୱାସ ଜନ୍ମାନ୍ତି, ପ୍ରଲୋଭିତ କରନ୍ତି, ଏବଂ ପରିପକ୍ୱ କରନ୍ତି (ଯୋହନ ୧୬:୧୮-୧୧)

***୬:୬୪*** ଦୃଶ୍ୟମାନର ଦଳ କିନ୍ତୁ ମିଥ୍ୟା ଅନୁକାରୀମାନେ କମ୍ ହେଲେ ଯିହୁଦା (ପଦ ୭୦-୭୧; ୧୩:୧୧) ନିଶ୍ଚୟ ବିଶ୍ୱାସର ସ୍ତରରେ ରହସ୍ୟ ସମ୍ମିଳିତ ଥିବ ।

**ବିଶେଷ ଶୀର୍ଷ : ଧର୍ମ ପରିତ୍ୟାଗ (ଏଫିଷ୍ଟେମି)**

ଗ୍ରୀକ୍ ଶବ୍ଦ ଏପିଷ୍ଟେମିର ଏକ ବିସ୍ତାର ସାମର୍ଥକ ଭାଗ ରହିଛି, ମାତ୍ର ଇଂରେଜୀ ଶବ୍ଦ "ଏପୋଷ୍ଟସି" ଏହି ଶବ୍ଦରୁ ହିଁ ଆହ୍ନିତ ଏବଂ ଆଧୁନିକ ପାଠକମାନଙ୍କୁ ପୂର୍ବ ଧାରଣାଗତ ମତ ଦିଏ । ପ୍ରସଙ୍ଗ, ସର୍ବଦା ମୁଖ୍ୟ ଅଟେ । ଏକ୍ ବର୍ତ୍ତମାନ ସଂଜ୍ଞା ନୁହେଁ, ଏହା ଅବ୍ୟୟ ପଦ ଆପୋରୁ ଯୁଗ୍ମ ଶବ୍ଦ ଅଟେ, ଯାହାର ଅର୍ଥ "ଠାରୁ" କିମ୍ବା "ଦୂରରୁ" ଏବଂ ହିସ୍ତେମି, "ବସିବାକୁ" "ଠିଆ ହେବାକୁ" କିମ୍ବା "ଦୃଢ଼ କରିବାକୁ" ନିମ୍ନଲିଖିତ ବାକ୍ୟକୁ ଧ୍ୟାନ ଦିଅନ୍ତୁ (ବିନା : ଧର୍ମଶାସ୍ତ୍ରୀୟ)

୧ - ଶାରୀରିକ ଭାବେ ବିଚ୍ଛେଦ କରିବା

  କ - ମନ୍ଦିରରୁ , ଲୂକ ୨:୩୭

 ଖ - ଗୃହରୁ, ମାର୍କ ୧୩:୩୪

 ଗ - ବ୍ୟକ୍ତିଙ୍କଠାରୁ, ମାର୍କ ୧୨:୧୨; ୧୪:୫୦; ପ୍ରେରିତ ୫:୩୮

 ଘ - ସମସ୍ତ ବିଷୟଠାରୁ, ମାଥିଉ ୧୯:୨୭, ୨୯

୨ - ରାଜନୈତିକରୁ ବିଚ୍ଛେଦ କରିବା

୩ - ସଂସାରରୁ ବିଚ୍ଛେଦ କରିବା, ପ୍ରେରିତ ୫:୩୮; ୧୫: ୩୮; ୧୯:୯; ୨୨:୨୯

୪ - ନିୟମରୁ ବିଚ୍ଛେଦ କରିବା (ଛାଡ଼ପତ୍ର) ଦ୍ୱିତୀୟ ବିବରଣ ୨୪:୧,୩ (LXX) ଏବଂ ନୂତନ ନିୟମ ମାଥିଉ ୫:୩୧; ୧୯:୭; ମାର୍କ ୧୦:୪, ୧ କରି ୭:୧୧

୫ - ଋଣ ବିଚ୍ଛେଦ କରିବା - ମାଥିଉ ୧୮:୨୪

୬ - ପରିତ୍ୟାଗ ଦ୍ୱାରା ଚିନ୍ତା ନ ଦେଖେଇବା - ମାଥିଉ ୪:୨୦, ୨୨:୨୭; ଯୋହନ ୪:୨୮; ୧୬:୩୨

୭ - ଅନୁମତି ଦେବା, ମାଥିଉ ୧୩:୩୦; ୧୯:୧୪; ମାର୍କ ୧୪:୬; ଲୂକ ୧୩:୮

୮ - ପରିତ୍ୟାଗ ନ କରି ଚିନ୍ତା ଦେଖାଇବା - ଯୋହନ ୮:୨୯; ୧୪:୧୮

ଧର୍ମଶାସ୍ତ୍ର ଅନୁସାରେ କ୍ରିୟାର ମଧ୍ୟ ଏକ ବିସ୍ତାର ବାକ୍ୟ ରହିଛି ।

୧. ପ୍ରତ୍ୟାହାର କରିବାକୁ, କ୍ଷମା କରିବାକୁ, ପାପର ଦୋଷକୁ ମୁକ୍ତ କରିବା, ଯାତ୍ରା ୩୨:୩୨(LXX) ; ଗଣନା ୧୪:୧୯; ଆୟୁବ ୪୨:୧୦ ଏବଂ ନୂତନ ନିୟମ ,ମାଥିଉ ୬:୧୨,୧୪-୧୫; ମାର୍କ ୧୧:୨୫-୨୬

୨ - ପାପରୁ କ୍ଷାନ୍ତ ରହିବାକୁ, ୨ ତୀମଥି ୨:୧୯

୩ - ଏମାନଙ୍କଠାରୁ ଦୂରେଇବାରେ ଅବହେଳା କରିବା

 କ - ବ୍ୟବସ୍ଥା, ମାଥିଉ ୨୩:୨୩; ପ୍ରେରିତ ୨୧:୨୧

 ଖ - ବିଶ୍ୱାସ, ଯିହିଜି ୨୦:୮ (LXX); ଲୂକ ୮:୧୩; ୨ ଥେସ ୨:୩ ୧ ତୀମ ୪:୧; ଏବ୍ରୀ ୨:୧୩

ଆଧୁନିକ ବିଶ୍ୱାସୀମାନେ ଅନେକ ଧର୍ମାସ୍ତ୍ରୀୟ ପ୍ରଶ୍ନ ପଚାରନ୍ତି ଯାହା ନୂତନ ନିୟମର ଲେଖକମାନେ କେବେ ଚିନ୍ତା ମଧ୍ୟ କରି ନ ଥିବେ ଏ ବିଷୟରେ ଏମାନଙ୍କ ମଧ୍ୟରୁ ଗୋଟିଏ ଆଧୁନିକ ପରମ୍ପରାକୁ ମଧ୍ୟ ସମ୍ବନ୍ଧ କରେ, ବିଶ୍ୱସ୍ତତାରୁ ବିଶ୍ୱାସକୁ ପୃଥକ କରିବାକୁ ।

ବାଇବଲରେ ଏମିତି ବ୍ୟକ୍ତିଗଣ ଅଛନ୍ତି ଯିଏ ଈଶ୍ୱରଙ୍କଲୋକମାନଙ୍କ ମଧ୍ୟରେ ଏବଂ କିଛି ଘଟିବାରେ ସଂଶ୍ଳିଷ୍ଟ ଅଟନ୍ତି ।

୧ - ପୁରାତନ ନିୟମ

କ - ଯିଏ ବାର (ଦଶ) ଜଣ ଅନୁସନ୍ଧାନକାରୀଙ୍କ ସୂଚନା, ଗଣନା ୧୪ (ଏବ୍ରୀ ୩:୧୬-୧୯)

ଖ - କୋରା, ଗଣନା - ୧୬

ଗ - ଏଲୀଙ୍କର ପୁତ୍ରମାନେ, ୧ ଶାମୁ ୨,୪

ଘ - ଶାଉଲ, ୧ ଶାମୁ ୧୧-୩୧

ଙ - ମିଥ୍ୟା ଭାବବାଦୀଗଣ (ଉଦାହରଣ)

୧ - ଦ୍ୱିତୀୟ ବିବରଣ ୧୩:୧-୫; ୧୮:୧୯-୨୨ (ମିଥ୍ୟା ଭାବବାଦୀଙ୍କୁ ଜାଣିବାର ପଥ)

୨ - ଯିରିମିୟ ୨୮

୩ - ଯିହିଜିକଲ ୧୩:୧-୭

ଚ - ମିଥ୍ୟା ସ୍ତ୍ରୀ ଭାବବାଦୀଗଣ

୧ - ଯିହିଜିକଲ ୧୩:୧୭

୨ - ନିହିମିୟ ୬:୧୪

ଛ - ଇସ୍ରାଏଲର ମନ୍ଦ ନେତାମାନେ (ଉଦାହରଣ)

୧- ଯିରି ୫.୩୦-୩୧; ୮:୧-୨: ୨୩: ୧- ୪

୨ - ଯିହିଜି ୨୨:୨୩-୩୧

୩ - ମିଖା ୩:୫ - ୧୨

୨ - ନୂତନ ନିୟମ

କ - ଏହି ଗ୍ରୀକ୍ ବାକ୍ୟ ପ୍ରକୃତରେ ଏପୋଷ୍ଟାସାଇଜ୍ । ଉଭୟେ ଦ୍ୱିତୀୟ ଆଗମନ ପୂର୍ବେ ପୁରାତନ ଓ ନୂତନ ନିୟମ ମନ୍ଦତା ଏବଂ ମିଥ୍ୟା ଶିକ୍ଷାର ଏକ ତୀବ୍ରତକା ଦୃଢ଼ କରେ ସୂଚଇେ ଦିଅନ୍ତି (ମାଥୁ ୨୪:୨୪; ମାର୍କ ୧୩:୨୨; ପ୍ରେରିତ ୨୦:୨୯, ୩୦; ୨ ଥେସ ୨:୯-୧୨; ୨ ତୀମ ୪:୪) ଏହି ଗ୍ରୀକ୍ ଶବ୍ଦ ଯୀଶୁଙ୍କର ଜମିର ଦୃଷ୍ଟାନ୍ତକୁ ପ୍ରତିପଳନ କରେ ଯାହା ମାଥୁ ୧୩; ମାର୍କ ୪; ଲୁକ - ୮ ରେ ମିଳେ ଏହି ମିଥ୍ୟା ଶିକ୍ଷକମାନେ ନିଶ୍ଚିତ ରୂପେ ଖ୍ରୀଷ୍ଟିୟାନ ନୁହଁନ୍ତି, କିନ୍ତୁ ସେମାନେ ସେଥି ମଧ୍ୟରୁ ଆସିଲେ (ପ୍ରେରିତ ୨୦:୨୯,୩୦; ୧ ଯୋହନ ୨:୧୯) ଯେପରିକି, ସେମାନେ ତତ୍କ୍ଷଣାତ୍ ବିଶ୍ୱାସୀମାନଙ୍କୁ ପ୍ରଲୋଭନ ଏବଂ ଧରିବାରେ ସକ୍ଷମ ଅଟନ୍ତି (ଏବ୍ରୀ ୩:୧୨)

ଏଠାରେ ଈଶ୍ୱର ଶାସ୍ତ୍ର ପ୍ରଶ୍ନ ଉଠେ ଯେ, କଣ ସେହି ମିଥ୍ୟା ଶିକ୍ଷକମାନେ କେବେ ବିଶ୍ୱାସୀ ଥିଲେ ? କାରଣ ସେମାନେ ସ୍ଥାନୀୟ ଗୀର୍ଜାରେ ମିଥ୍ୟା ଶିକ୍ଷକ ଥିଲେ, ଏଣୁ ଏହା ଉତ୍ତର ଦେବା କଠିନ ଅଟେ (୧ ଯୋହନ ୨:୧୮-୧୯)

ଅଧିକାଂଶତ ଆମ୍ଭମାନଙ୍କର ଧର୍ମଶାସ୍ତ୍ରୀୟ ବା ସଂସ୍ଥା ପରମ୍ପରା ବାଇବଲର ବିଶେଷ ପ୍ରସଙ୍ଗ ବିନା ଏହି ପ୍ରଶ୍ନର ଉତ୍ତର ଦେଇଥାଏ ।

ଖ - ଦୃଶ୍ୟମାନ ବିଶ୍ୱାସ

୧ - ଯିହୁଦା, ଯୋହନ ୧୭:୧୨

୨ - ଶୀମୋନ ମଣନା ପ୍ରେରିତ ୮

୩ - ଯେଉଁମାନେ ଏ ବିଷୟରେ କହିଲେ, ମାଥିଉ ୬:୧୩-୨୩

୪ - ଯେଉଁମାନେ ଏ ବିଷୟରେ କହିଲେ, ମାଥିଉ ୧୩; ମାର୍କ ୪; ଲୁକ ୮

୫ - ଯୋହନର ଯିହୁଦୀମାନେ - ଯୋହନ ୮:୩୧-୫୯

୬ - ଆଲେକ୍ଜାଣ୍ଡର ଏବଂ ହୁମନାୟ, ୧ ତୀମ - ୧:୧୯-୨୦

୭ - ସେମାନଙ୍କ ମଧ୍ୟରୁ ୧ ତୀମ ୨:୧୬-୧୮

୮ - ହୁମନାୟ ଏବଂ ଫିଲୀତ - ୨ ତୀମ ୨:୧୬-୧୮

୯ - ଦୀମା - ୨ ତୀମ ୪:୧୦

୧୦ - ମିଥ୍ୟା ଶିକ୍ଷକମାନେ ୨ ପିତର ୨:୧୯-୨୨; ଯିହୁଦା ପଦ ୧୨ -୧୯

୧୧ - ଭଣ୍ଡ ଖ୍ରୀଷ୍ଟ, ୧ ଯୋହନ ୨:୧୮-୧୯

ଗ. ଫଳହୀନ ବିଶ୍ୱାସ

୧. ୧ କରି. ୩:୧୦-୧୫

୨. ୨ ପିତର ୧:୮-୧୧

ଆମ୍ଭେ କ୍ୱଚିତ୍ ଏହି ପ୍ରସଙ୍ଗ ବିଷୟରେ ଚିନ୍ତା କରିଥାଉ କାରଣ ଆମ୍ଭମାନଙ୍କ ପଦ୍ଧତିମୂଳକ ଧର୍ମଶାସ୍ତ୍ର ଉତ୍ତରାଦେଶକୁ ନିର୍ଦ୍ଦେଶ ଦିଏ । ଦୟାକରି ମୋତେ ପୂର୍ବ ବିଚାର କରନ୍ତୁ ନାହିଁ କାରଣ ମୁଁ ଏହି ବିଷୟକୁ ଆଣୁଅଛି । ପ୍ରକୃତ ବାକ୍ୟ ଅର୍ଥ ଆଣିବା ମୋର ଉଦ୍ଦେଶ୍ୟ । ବାଇବଲ ଆମ୍ଭମାନଙ୍କୁ କଥା କହିବାକୁ ଦେବା ଆମ୍ଭମାନଙ୍କ ଉଚିତ ଏବଂ ଆଉ ଅନ୍ୟ ଏକ ଈଶ୍ୱର ଶାସ୍ତ୍ରରେ ପରିଣତ ହେବାକୁ ନ ଦେବା ଉଚିତ । ଏହା ଅତି ଦାରୁଣ ଦୁଃଖ, ଯନ୍ତ୍ରଣାଦାୟୀ କାରଣ ଆମ୍ଭମାନଙ୍କ ଅଧିକାଂଶ ଈଶ୍ୱର ଶାସ୍ତ୍ର ଧାର୍ମିକ ସମ୍ପ୍ରଦାୟ, ସାଂସ୍କୃତିକ କିମ୍ବା ସଂପର୍କୀୟ ବାଇବଲୀୟ ନୁହେଁ । କେତେକ ଈଶ୍ୱରଙ୍କ ଲୋକମାନେ, ଈଶ୍ୱରଙ୍କ ଲୋକେ ନ ହେବାକୁ ବଦଳିଗଲେ (ରୋମୀ ୯:୬)

***୬:୬୫*** ଏହା ପଦ ୪୪ ଥିବା ସମାନ ସତ୍ୟତାକୁ ବିବରଣ କରେ, ପତିତ ମାନବ ଆପଣା ପକ୍ଷରୁ ଈଶ୍ୱରଙ୍କୁ ଖୋଜେନାହିଁ (ରୋମୀ ୩:୯-୧୮ ପୁରାତନ ନିୟମର ଏକ ଉଦ୍ଧୃତ ବାକ୍ୟ ଯାହା ମଣିଷର ପାପପୂର୍ଣ୍ଣ, ବିଦ୍ରୋହାଚରଣକୁ ବର୍ଣ୍ଣନା କରେ ।)

**ଏନଏଏସବି ବାକ୍ୟ: *୬:୬୬-୭:୧***

***୬୬* ସେହି ସମୟଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖହୋଇ ବାହାରିଗଲେ ପୁଣି ତାହାଙ୍କ ସାଙ୍ଗରେ ଆଉ ଗମନାଗମନ କଲେ ନାହିଁ । *୬୭* ସେଥିରେ ଯୀଶୁ ଦ୍ୱାଦଶଙ୍କୁ ପଚାରିଲେ, ତୁମ୍ଭେମାନେ ମଧ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ? *୬୮* ଶିମୋନ ପିତର ତାହାଙ୍କୁ ଉତ୍ତର ଦେଲେ, ପ୍ରଭୋ କାହା ପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି । *୬୯* ଆଉ, ଆପଣ ଯେ ଈଶ୍ୱରଙ୍କର ସେହି ପବିତ୍ର ପୁରୁଷ, ଏହା ଆମ୍ଭେମାନେ ବିଶ୍ୱାସ କରୁଅଛୁ ଓ ଜାଣିଅଛୁ । ୭୦ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୁଁ କଅଣ ତୁମ୍ଭ ଦ୍ୱାଦଶଙ୍କୁ ମନୋନୀତ କରିନାହିଁ ? ଆଉ, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ଶୟତାନ । ୭୧ ସେ ଇଷ୍କାରିୟୋଥ ଶିମୋନର ପୁତ୍ର ଯିହୁଦାଙ୍କୁ ଲକ୍ଷ୍ୟ କରି ଏହା କହିଲେ, କାରଣ ସେ ଦ୍ୱାଦଶଙ୍କ ମଧ୍ୟରେ ଜଣେ, ଆଉ ସେ ତାହାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବାକୁ ଯାଉଥିଲା ।**

**୭:୧ ଏଥି ଉତ୍ତାରେ ଯୀଶୁ ଗାଲିଲୀରେ ଭ୍ରମଣ କରିବାକୁ ଲାଗିଲେ, କାରଣ ଯିହୁଦୀମାନେ ତାହାଙ୍କୁ ବଧ କରିବା ନିମନ୍ତେ ଚେଷ୍ଟା କରୁଥିବାରୁ ସେ ଯିହୁଦା ପ୍ରଦେଶରେ ଭ୍ରମଣ କରିବାକୁ ଇଚ୍ଛା କରୁ ନ ଥିଲେ ।**

***୬:୬୭* "ଦ୍ୱାଦଶ"** ପ୍ରେରିତମାନଙ୍କ ନିମନ୍ତେ ଯୋହନରେ ଏହା ପ୍ରଥମ ଗୋଷ୍ଠୀଗତ ଶବ୍ଦର ପ୍ରୟୋଗ ହୋଇଛି (୬:୭୦,୭୧; ୨୦:୨୪) । ଦେଖନ୍ତୁ ବିଶେଷ ଶୀର୍ଷ ୬:୧୩ରେ ।

***୬:୬୮* "ଶିମୋନ ପିତର ଉତ୍ତର ଦେଲେ"** ଦ୍ୱାଦଶଙ୍କ ନିମନ୍ତେ ପିତର ମୁଖପାତ୍ର ଥିଲେ (ମାଥିଉ ୧୬:୧୬) । ସେମାନେ ଯେ ତାହାଙ୍କୁ ନେତା ରୂପେ ଦେଖନ୍ତି ଏହା ତାହା ନୁହେଁ (ମାର୍କ ୯:୩୪; ଲୁକ ୯:୪୬; ୨୨:୨୪)

■ **"ଆପଣ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି"** ମଶୀହତ ଉଭୟ (୧) ବାକ୍ୟରେ ସତ୍ୟତା ଧାରଣ କରେ, "ଅନନ୍ତ ଜୀବନର ବାକ୍ୟ", ଏବଂ (୨) ସତ୍ୟ ଜଣେ ବ୍ୟକ୍ତି,ଯୀଶୁଙ୍କ ଦ୍ୱାରା ପ୍ରକାଶ କରାଗଲା । ସୁସମାଚାର, ପରେ, ଉଭୟେ ଗୋଟିଏ ସନ୍ଦେଶ ଏବଂ ଜଣେ ବ୍ୟକ୍ତି, ଶବ୍ଦ ପିସ୍‌ଟିସ୍ ଏ ଦୁହିଁଙ୍କୁ ସମ୍ବନ୍ଧ କରିବାରେ (୧) ଗୋଟିଏ ସନ୍ଦେଶ (ଯିହୁଦା ୩,୨୦) ଏବଂ (୨) ଜଣେ ବ୍ୟକ୍ତି (ଯୋହନ ୧:୧୨; ୩:୧୫, ୧୬) ଦେଖନ୍ତୁ ବିଶେଷ ଶୀର୍ଷ ୨:୨୩ରେ

***୬:୬୯* "ଏହା ଆମ୍ଭେମାନେ ବିଶ୍ୱାସ କରିଅଛୁ ଓ ଜାଣିଅଛୁ"** ପଦ ୫୩ରେଉଦ୍ଧାର ଏକ ଅତିତ ପୂର୍ଣ୍ଣ ହୋଇଥିବା କାର୍ଯ୍ୟ । ପଦ ୪୦, ୫୩, ୫୪, ୫୬ ଏବଂ ୫୭ରେ ଉଦ୍ଧାର ବର୍ତ୍ତମାନ କାଳରେ ଅଚି, ଜାରି ରୂପରେ । ଏଠାରେ ଉଦ୍ଧାର ଏକ ପୂର୍ଣ୍ଣକାଳ ଅଟେ ଯାହର ଅର୍ଥ ଅତିତ, ଶେଷ ସୀମାର କାର୍ଯ୍ୟ ସ୍ଥାୟୀ ପ୍ରାଣୀ ରୂପେ ପରିଣତ ହେଲା । ପ୍ରକୃତ ଉଦ୍ଧାର ସମସ୍ତ ଗ୍ରୀକ୍ କ୍ରିୟାକାଳକୁ ସଂଯୋଗ କରେ । ଦେଖନ୍ତୁ ବିଶେଷ ଶୀର୍ଷ : ଉଦ୍ଧାର ନିମନ୍ତେ ବ୍ୟବହୃତ ଗ୍ରୀକ୍ କ୍ରିୟା କାଳ ୯:୭

■ **ଏନ୍.ଏସ୍.ଏସ୍ବି ଏନ୍ଆର.ଏସ୍‌ଭି, ଏନ୍‌ଜେବି "ଆପଣ ଯେ ଈଶ୍ୱରଙ୍କ ସେହି ପବିତ୍ର ପୁରୁଷ"**

**ଏନ୍‌କେଜେଭି - "ତୁମ୍ଭେ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର"**

**ଟିଇଭି - "ଆପଣ ଜଣେ ପବିତ୍ର ପୁରୁଷ, ଯିଏ ଈଶ୍ୱରଙ୍କଠାରୁ ଆସିଅଛନ୍ତି"**

ଏଥିରେ ଏକ ହସ୍ତଲିଖନ ସମସ୍ୟା ରହିଛି । ସ୍ୱଚ୍ଛ ଲେଖା ବାକ୍ୟ ପ୍ରାଚୀନ ଗ୍ରୀକ୍ ହସ୍ତଲେଖା ଦ୍ୱାରା ସାହାଯ୍ୟପ୍ରାପ୍ତ କରେ ।

ଶବ୍ଦ "ଈଶ୍ୱରଙ୍କ ପବିତ୍ର ପୁରୁଷ" ଗୋଟିଏ ପୁରାତନ ନିୟମର ଆଖ୍ୟା ଅଟେ । ଏହା ଲୁକ ୧:୩୫ ଏବଂ ପ୍ରେରିତ ୩:୧୪ରେ ଉଲ୍ଲେଖ ଅଟେ । ଏହା ସେହି ଆଖ୍ୟା ଯାହା ଶୟତାନ / ଭୂତ ଆତ୍ମା ଦ୍ୱାରା ଯୀଶୁଙ୍କୁ କୁହାଗଲା । ମାର୍କ ୧:୨୪; ଲୁକ ୪:୩୪, ଦେଖନ୍ତୁ ବିଶେଷ ଶୀର୍ଷ : ୧ ଯୋହନ ୨:୨୦ । ଏହା ଦ୍ୱାଦଶଙ୍କ ଦ୍ୱାରା ଅନ୍ୟ ଏକ ସ୍ୱୀକାର । ମାଥିୁ ୧୬ ସଙ୍ଗେ ସମାନ ।

***୬:୭୦* "ମୁଁ କଅଣ ତୁମ୍ଭ ଦ୍ୱାଦଶଙ୍କୁ ମନୋନୀତ କରିନାହିଁ ?"** ଶିଷ୍ୟମାନଙ୍କ ଦୈବିକ ମନୋନୀତରେ ଏହା ଅନ୍ୟ ଏକ ବିବରଣ ଅଟେ (ପଦ ୪୪ ଏବଂ ୬୫) । ପଦ - ୬୭ରେ ଯୀଶୁଙ୍କର ପ୍ରଶ୍ନ । ଦୈବିକ ମନୋନୀତ ଏବଂ ମଣିଷର ଇଛା ବାଇବଲିୟ ତନାବରେ ରହିବା ଉଚିତ । ସେମାନେ ନିୟମ ସମ୍ବନ୍ଧର ଦୁଇଟି ପାର୍ଶ୍ୱ ଅଟନ୍ତି ।

■ **"ଆଉ,ତୁମ୍ଭମାନଙ୍କ ମଧ୍ୟରୁ ଜଣେ ଶୟତାନ"** କେମିତି ଗୋଟିଏ ବିସ୍ମୟଜନକ ବିବରଣ । ଏହା ଶେଷରେ ଥିବା ଶିଷ୍ୟକୁ ଦର୍ଶାଏ ନାହିଁ ଯିଏ ପଛକୁ ମୁଖ କରିଥିଲା (ପଦ ୬୬) କିନ୍ତୁ ଦ୍ୱାଦଶମନୋନୀତ ପ୍ରେରିତ ମାନଙ୍କ ମଧ୍ୟରୁ ଜଣଙ୍କୁ ଯିଏ ତାହାଙ୍କ ଉପରେ ବିଶ୍ୱାସ ଥିବା ଦାବି କରେ । ଅନେକେ ଏହାକୁ ୧୩:୨ କିମ୍ବା ୨୭ରେ ସଂଯୋଗ କରନ୍ତି । ଏହି ପଦକୁ ବୁଝିବାରେ ଅନେକ ପ୍ରଶ୍ନ ରହିଛି । (୧) ଯୀଶୁ କାହିଁକି ଶଇତାନକୁ ମନୋନୀତ କଲେ ? ଏବଂ (୨) ଏହି ପ୍ରସଙ୍ଗରେ ସେହି ଶବ୍ଦର ଅର୍ଥ କଅଣ ?

ପ୍ରଥମ ପ୍ରଶ୍ନ ଭାବବାଣୀ ସହିତ ସମ୍ବନ୍ଧ (୧୭:୨୨; ଗୀତ ୪୧:୯) । ଯିହୁଦା କଅଣ କରବ ତାହା ଯୀଶୁ ଜାଣିଥିଲେ । ଯିହୁଦା ହେଉଛି କ୍ଷମାବିହୀନ ପାପର ପ୍ରକୃତ ଉଦାହରଣ ଅଟେ । ସେ ଅନେକ ବର୍ଷ ଯାଏ ଯୀଶୁଙ୍କୁ ଶୁଣିଲା, ଦେକିଲା ଓ ତାଙ୍କ ସହିତ ରହିଲା ପରେ ମଧ୍ୟ ପରିତ୍ୟାଗ କଲା ।

ଦ୍ୱିତୀୟ ପ୍ରଶ୍ନର ଦୁଇଟି ସମ୍ଭାବ୍ୟ ଉତ୍ତର ରହିଛି ।

(୧) କେତେକ ଏହାକୁ ଶିଇତାନ (ଶଇତାନ ସଙ୍ଗେ କୌଣସି ବାକ୍ୟ ବ୍ୟବହୃତ ନାହିଁ, ପ୍ରେରିତ ୧୩:୧୦; ପ୍ରକାଶିତ ୨୦:୨) ଯିହୁଦା ମଧ୍ୟ ଦେଇ ପ୍ରବେଶ କଲା କହନ୍ତି (୧୩:୨, ୨୭)

(୨) ହୋଇପାରେ ଶବ୍ଦଟି ସାଧାରଣ ଭାବେ ବବହୃତ ହୋଇଛି (କୌଣସି ବାକ୍ୟ ନାହିଁ, ଯେମିତି, ୧ ତୀମ ୩:୧୧; ୨ ତୀମ ୩:୩; ତୀତସ ୨:୩)

ପୁରାତନ ନମ ଅନୁଯୀ ଯିହୁଦା ଜଣେ ଦୋଷୀ, ଯେମିତି ଶଇତାନ (ଦେଖନ୍ତୁ ବିଶେଷ ଶୀର୍ଷ ୧୨:୩୧ରେ) । ଗ୍ରୀକ୍ ଶବ୍ଦ କହେ ଜଣେ ଦୁର୍ନାମି, ଗୁମର ଖୋଲିବା ବ୍ୟକ୍ତି ।

***୬:୭୧* "ଇଷ୍କୋରିୟୋଥ ଶିମୋନ"** ଏହି ବାକ୍ୟକୁ ନେଇ ଅନେକ ସିଦ୍ଧାନ୍ତ ରହିଛି (ବିଭିନ୍ନ ଗ୍ରୀକ୍ ଲେଖାରେ ଏହି ଶବ୍ଦଟି ବିଭିନ୍ନ ପ୍ରକାରରେ କୁହାଯାଇଛି)

ଏହା ଏପରି ହୋଇପାରେ

୧ - କେରିୟୋଥର ଜଣେ ବ୍ୟକ୍ତି, ଯିହୁଦା ନଗରର ।

୨ - କରତାନର ବ୍ୟକ୍ତି, ଗାଲିଲୀ ନଗରର

୩ - ଚମଡ଼ା ଥଳିଟି ଟଙ୍କା ବହିବାରେ ବ୍ୟବହୃତ ହେଉଥିଲା ।

୪ - "ମାରିବା" ନିମନ୍ତେ ଏବ୍ରୀ ଶବ୍ଦ

୫ - ଗୁପ୍ତହନ୍ତାର ଛୁରି ନିମନ୍ତେ ଗ୍ରୀକ୍ ଶବ୍ଦ

ଯଦି ୧ ସତ୍ୟ ଅଟେ ତେବେ ଦ୍ୱାଦଶ ମଧ୍ୟରେ କେବଳ ସେ ଯିହୁଦିୟା । ଯଦି ୫ ସତ୍ୟ ଅଟେ ତେବେ ସେ ଶିମୋନ ସଦୃଶ ଉଦ୍‌ଯୋଗୀ ଥିଲେ ।

ଏବେ ଏବେ ଗୋଟିଏ ପୁସ୍ତକ ଲେଖାଯାଇଛି ଯାହା ଯିହୁଦାକୁ ସକାରାତ୍ମକ ଭାବେ ଅନୁବାଦ କରେ । ପୁସ୍ତକଟି ଜୁଡ଼ାସ, ବିଟ୍ରେୟର ଅର ଫ୍ରେଣ୍ଡ ଅଫ ଜିଜସ ? ଭାବେ ନାମାଙ୍କନ କରାଯାଇଛି । ଲେଖକ ୱିଲୟମ କ୍ଲାସେନ୍, ଫଂରଟ୍ରେସ ପ୍ରେସ ୧୯୯୬, ଏହା ସହିତ ମୋର ସମସ୍ୟା ହେଲା ଏହା ଯୋହନ ସୁସମାଚାରର ଟୀକାକୁ ଗମ୍ଭୀରତାର ସହ ନିଏ ନାହିଁ ।

■ **"ବିଶ୍ୱାସଘାତ"** ଏହି ଶବ୍ଦଟି ବିସ୍ତାରରୂପେ ଅନୁବାଦ କରାଗଲା ଏବଂ ଅନେକ ପ୍ରସଙ୍ଗରେ ବହୁ ବଚନ ଭାବେ । ଯେପରିକି ଯିହୁଦା ଯୀଶୁଙ୍କୁ ପ୍ରଧାନମାନଙ୍କ ହସ୍ତରେ ସମର୍ପଣ କରିବା ବିଷୟରେ, ଏହା ମନ୍ଦ ଅର୍ଥକୁ ପ୍ରକାଶ କରେ ।

**ଆଲୋଚନା ପ୍ରଶ୍ନମାଳା**

ଏହା ଏକ ଅଧ୍ୟୟନ ମାର୍ଗଦର୍ଶନ ଟୀକ୍କା ଯାହାର ଅର୍ଥ ବାଇବଲ ଅନୁବାଦରେ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ସମସ୍ତେ ଜ୍ୟୋତିରେ ଚାଲିବା ଉଚିତ ଯାହାଆମ୍ଭମାନଙ୍କ ପାଖେଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ମୁଖ୍ୟ ଅଟନ୍ତି । ଆପର ଟୀପ୍‌ପଣୀ କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ଏହି ପ୍ରଶ୍ନମାଳା ଆପଣଙ୍କୁ ଏହି ପୁସ୍ତକର ମୁଖ୍ୟ ବିଷୟ ଉପରେ ଚିନ୍ତା କରିବାରେ ସାହାଯ୍ୟ କରେ । ସେମାନେ ବିଚାର ଜନ୍ମାଇବାରେ ଅଟନ୍ତି, ନିଶ୍ଚିତ ରୂପେ ନୁହେଁ ।

୧ - କଣ ଯୋହନ - ୬ ପ୍ରଭୁଭୋଜର ଆଲୋଚନା ଅଟେ ? କାହିଁକି ବା କାହିଁକି ନୁହେଁ ?

୨ - ଯୀଶୁଙ୍କର ଦାବି କଣ ଥିଲା, ଯେତେବେଳେ ସେ କହିଲେ, "ମୁଁ ଜୀବନ୍ତ ରୋଟି ଅଟେ "

୩ - ଯୀଶୁ କାହିଁକି ଏ ପ୍ରକାର ବିସ୍ମୟଜନିତ ବିବରଣ ଏହି ଜଗତରେ ଦେଲେ ?

# ଯୋହନ -୭

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଯୀଶୁଙ୍କର ଭାଇମାନଙ୍କ ଅବିଶ୍ୱାସ | ଯୀଶୁଙ୍କ ଭାଇମାନେ ଅବିଶ୍ୱାସ କଲେ | ଯୀଶୁ ଜୀବନ୍ତ ଜଳ | ଯୀଶୁ ଏବଂ ତାହାଙ୍କ ଭାଇମାନେ | ଯୀଶୁ ଯିରୁଶାଲମକୁ ଭୋଜ ଏବଂ ଶିକ୍ଷା ନିମନ୍ତେ ଗଲେ |
| ୭:୧-୯ | ୭:୧-୯ | ୭:୧-୯ | ୭:୧-୯ | ୭:୧ |
| ଯୀଶୁ ସମାଗମ ତମ୍ବୁର ଭୋଜରେ | ସ୍ୱର୍ଗୀୟ ବିଦ୍ୱାନ | | ଯୀଶୁ ପର୍ବରେ କୁଟୀରବାସ | ୭:୨-୯ |
| ୭:୧୦-୧୩ | ୭:୧୦-୨୪ | ୭:୧୦-୧୩ | ୭:୧୦-୧୧ | ୭:୧୦-୧୩ |
| | | | ୭:୧୨-୧୩ | |
| ୭:୧୪-୨୪ | | ୭:୧୪-୧୮ | ୭:୧୪-୧୫ | ୭:୧୪-୨୪ |
| | | | ୭:୧୬-୧୯ | |
| | | ୭:୧୯-୨୪ | | |
| | | | ୭:୨୦ | |
| | | | ୭:୨୧-୨୪ | |
| କଣ ଏ ଖ୍ରୀଷ୍ଟ ଅଟନ୍ତି ? | କ'ଣ ଏ ଖ୍ରୀଷ୍ଟ ହୋଇପାରନ୍ତି ? | | କଣ ସେ ମଶୀହ ଅଟନ୍ତି ? | ଲୋକମାନେ ମଶୀହଙ୍କ ଉତ୍ପତ୍ତି ବିଷୟରେ କଥାବାର୍ତ୍ତା ହେଲେ |
| ୭:୨୫-୩୧ | ୭:୨୫-୩୧ | ୭:୨୫-୩୧ | ୭:୨୫-୨୭ | ୭:୨୫-୨୭ |
| | | | ୭:୨୮-୨୯ | ୭:୨୮-୨୯ |
| | | | ୭:୩୦-୩୧ | ୭:୩୦ |
| ନେତାମାନେ ଯୀଶୁଙ୍କୁ ଧରିବାକୁ ପଠେଇଲେ | ଯୀଶୁ ଏବଂ ଧାର୍ମିକ ନେତାମାନେ | | ପଦାତିକମାନଙ୍କୁ ପଠାଗଲା ଯୀଶୁଙ୍କୁ ଧରିବାକୁ | ଯୀଶୁ ଆପଣା ବିଚ୍ଛେଦର ସନ୍ନିକଟକୁ ଭାବବାଣୀକୁ କଲେ |
| | | | | ୭:୩୧-୩୪ |
| ୭:୩୨-୩୬ | ୭:୩୨-୩୬ | ୭:୩୨-୩୬ | ୭:୩୨-୩୪ | |
| | | | ୭:୩୫-୩୬ | ୭:୩୫-୩୬ |
| ଜୀବନ୍ତ ଜଳର ନଦୀ | ପବିତ୍ର ଆତ୍ମାଙ୍କ ପ୍ରତିଜ୍ଞା | ଜୀବନ ଦତ୍ତ ଜଳର ଝରଣା | | ଜୀବନ୍ତ ଜଳର ପ୍ରତିଜ୍ଞା |
| ୭:୩୭-୩୯ | ୭:୩୭-୩୯ | ୭:୩୭-୩୯ | ୭:୩୭-୩୯ | ୭:୩୭-୩୮ ୭:୩୯ |
| ଲୋକମାନଙ୍କ ମଧ୍ୟରେ ବିଭାଜନ | ସେ କିଏ ଅଟନ୍ତି ? | ଲୋକମାନଙ୍କ ମଧ୍ୟରେ ବିଭାଜନ | ମହୀଶଙ୍କ ଉତ୍ପତ୍ତି ଉପରେ ତାଜା ଆବିଷ୍କାର | |
| ୭:୪୦-୪୪ | ୭:୪୦-୪୪ | ୭:୪୦-୪୪ | ୭:୪୦-୪୪ | ୭:୪୦-୪୪ |
| ଅଧିକାରୀମାନଙ୍କ ଅବିଶ୍ୱାସ | ଅଧିକାରୀମାନଙ୍କ ଦ୍ୱାରା ବହିଷ୍କାର | ଯୀହୁଦି ଅଧିକାରୀମାନଙ୍କ ଅବିଶ୍ୱାସ | | |
| ୭:୪୫-୫୨ | ୭:୪୫-୫୨ | ୭:୪୫-୫୨ | ୭:୪୫ | ୭:୪୫-୫୨ |
| | | | ୭:୪୬ | |
| | | | ୭:୪୭-୪୯ | |
| | | | ୭:୪୫୦-୫୧ | |
| | | | ୭:୫୨ | |

# ଅଧ୍ୟୟନ ଚକ୍ର ତିନି

ଅନୁଛେଦ ସ୍ତରରେ ବାସ୍ତବିକ୍ ଲେଖକଙ୍କ ଉଦ୍ଦେଶ୍ୟକୁ ଅନୁସରଣ କରିବା

ଏହା ଏକ ଅଧ୍ୟୟନ ମାର୍ଗଦର୍ଶନ ଟୀକ୍କା, ଯାହାର ଅର୍ଥ ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ସମସ୍ତେ ଜ୍ୟୋତିରେ ଚାଲିବା ଉଚିତ୍ ଯାହା ଆମ୍ଭମାନଙ୍କ ପାଖେ ଅଛି । ଅନୁବାଦରେ ଆପଣ, ବାଇବଲ୍ ଏବଂ ପବିତ୍ରଆତ୍ମା ମୁଖ୍ୟ ଅଟନ୍ତି । ଆପଣ ଏହାକୁ ଟିପ୍ପଣୀ କର୍ତ୍ତାଙ୍କ ଉପରେ ଥୋଇପାରିବେ ନାହିଁ । ଅଧ୍ୟାୟକୁ ଏକାଥରେ ପଢ଼ନ୍ତୁ । ବିଷୟକୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ବିଭାଜନକୁ ଅନ୍ୟ ପାଞ୍ଚ ଆଧୁନିକ ଅନୁବାଦ ସହିତ ମେଳ କରନ୍ତୁ । ଅନୁଛେଦ ପ୍ରେରିତ ନୁହେଁ । ମାତ୍ର ପ୍ରକୃତ ଲେଖକଙ୍କ ଉଦ୍ଦେଶ୍ୟକୁ ଅନୁକରଣ କରିବା ମୁଖ୍ୟ ଅଟେ, ଯାହା ଅନୁବାଦର ହୃଦୟ ଅଟେ । ପ୍ରତ୍ୟେକ ଅନୁଛେଦର ଗୋଟିଏ ଆଉ କେବଳ ଗୋଟିଏ ବିଷୟ ରହିଛି ।

୧ - ପ୍ରଥମ ଅନୁଛେଦ

୨ - ଦ୍ୱିତୀୟ ଅନୁଛେଦ

୩ - ତୃତୀୟ ଅନୁଛେଦ

୪ - ଇତ୍ୟାଦି

**ପଦ ୧-୫୨କୁ ପ୍ରାସଙ୍ଗିକ ଦୃଷ୍ଟିକୋଣ**

କ. ଅଧ୍ୟାୟ ୫ ଏବଂ ୬ ର ଗଠନ ନିସ୍ତାରପର୍ବ ଅଟେ । ୭:୧ ରୁ ୧୦:୨୧ ର ଗଠନ ସମାଗମ ତମ୍ବୁର ଭୋଜ ଅଟେ (୭:୨)

ଖ. ସମାଗତ ତମ୍ବୁ ଭୋଜ ସାଧରଣ ଫସଲ ନିମନ୍ତେ ଧନ୍ୟବାଦ ଅଟେ (ଫଳ ସଞ୍ଚୟର ଭୋଜ କୁହାଯାଏ । ଯାତ୍ରା ୨୩:୧୬; ୩୪:୨୨) । ଏହା ଯାତ୍ରାକୁ ସ୍ମରଣ କରିବାର ଏକ ସମୟ ମଧ୍ୟ ଥିଲା । (ଗୃହପର୍ବ କୁହାଯାଏ . ଲେବି. ୨୩:୨୯-୪୪ ଏବଂ ଦ୍ୱିତୀୟ ବିବରଣ ୧୬:୧୩-୧୫) । ଏହା ତ୍ରିସ୍ରି ୧୫ରେ ହୋଇଥାଏ, ଯାହା ଆମ୍ଭମାନଙ୍କ ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବରର ଆରମ୍ଭକୁ ବୁଝାଏ ।

ଗ. ଅଧ୍ୟାୟ ୭ ଏବଂ ୮ ଯୀଶୁ ବିଶ୍ରାମବାରକୁ ଉଲଂଘନ କରିବା ବିରୋଧରେ ଯିହୁଦୀମାନଙ୍କ ସ୍ଥାପନାର ଶତ୍ରୁତାକୁ ଦର୍ଶାଏ (୫:୧୬) ଏବଂ ଯୀଶୁଙ୍କର ଯିହୋବାଙ୍କ ସହିତ ଏକ ହେବା (୫:୧୮) । ଦେଖନ୍ତୁ କେତେଥର ସେମାନେ ନେଇଥିବା ପଦକ୍ଷେପକୁ ବାକ୍ୟ ଉଲ୍ଲେଖ କରିଛି ।

୧. ତାହାଙ୍କୁ ଗିରଫ କର, ୭:୩୦, ୩୨, ୪୪ ; ୧୦:୩୯

୨. ତାହାଙ୍କୁ ବଧ କର, ୭:୧, ୧୯, ୨୫ ; ୮:୩୭, ୪୦ (୧୧:୫୩ ମଧ୍ଯ)

ବାକ୍ୟ ଏବଂ ବାକ୍ୟାଂଶ ଅଧ୍ୟୟନ

ଏନ୍ଏଏସ୍ବି ବାକ୍ୟ : **୭:୧-୯**

**୧ ଏଥିଉତ୍ତାରେ ଯୀଶୁ ଗାଲିଲୀରେ ଭ୍ରମଣ କରିବାକୁ ଲାଗିଲେ, କାରଣ ଯିହୁଦୀମାନେ ତାହାଙ୍କୁ ବଧ କରିବା ନିମନ୍ତେ ଚେଷ୍ଟା କରୁଥିବାରୁ ସେ ଯିହୁଦା ପ୍ରଦେଶରେ ଭ୍ରମଣ କରିବାକୁ ଇଚ୍ଛା କରୁ ନଥିଲେ । ୨ କିନ୍ତୁ ଯିହୁଦୀମାନଙ୍କର କୁଟୀରବାସ ପର୍ବ ସନ୍ନିକଟ ହୁଅନ୍ତେ । ୩ ତାହାଙ୍କ ଭାଇମାନେ ତାହାଙ୍କୁ କହିଲେ, ତୁମ୍ଭେ ଯେ ଯେ କର୍ମ କରୁଅଛ ସେହିସବୁ ଯେପରି ତୁମ୍ଭର ଶିଷ୍ୟମାନେ ମଧ୍ୟ ଦେଖିବେ । ଏନିମନ୍ତେ ଏଠାରୁ ବାହାରିଯାଇ ଯିହୁଦା ପ୍ରଦେଶକୁ ଯାଅ । ୪ କାରଣ କେହି ପ୍ରକାଶିତ ହେବାକୁ ଇଚ୍ଛାକଲେ ଗୋପନରେ କିଛି କରେ ନାହିଁ । ତୁମ୍ଭେ ଯଦି ଏ ସମସ୍ତ କରୁଅଛ, ତେବେ ଆପଣାକୁ ଜଗତ ନିକଟରେ ପ୍ରକାଶ କର । ୫ କାରଣ ତାହାଙ୍କ ଭାଇମାନେ ସୁଦ୍ଧା ତାହାଙ୍କଠାରେ ବିଶ୍ୱାସ କରୁ ନଥିଲେ । ୬ ସେଥିରୁ ଯୀଶୁ ସେମାନଙ୍କୁ କହିଲେ, ମୋହର ସମୟ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହିଁ, ମାତ୍ର ତୁମ୍ଭମାନଙ୍କର ସମୟ ସର୍ବଦା ଉପସ୍ଥିତ । ୭ ଜଗତ ତୁମ୍ଭମାନଙ୍କୁ ଘୃଣା କରିପାରେ ନାହିଁ, କିନ୍ତୁ ମୋତେ ଘୃଣା କରେ, କାରଣ ତାହାର କର୍ମ ଯେ ମନ୍ଦ, ମୁଁ ତାହା ବିଷୟରେ ଏହି ସାକ୍ଷ୍ୟ ଦେଉଅଛି । ୮ତୁମ୍ଭେମାନେ ଏହି ପର୍ବକୁ ଯାଅ, ମୁଁ ଏବେ ଏହି ପର୍ବକୁ ଯାଉନାହିଁ, କାରଣ ମୋହର ସମୟ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନାହିଁ । ୯ସେ ସେମାନଙ୍କୁ ଏ ସମସ୍ତ କଥା କହି ଗାଲିଲୀରେ ରହିଲେ ।**

**୭:୧ "ଏଥିଉତ୍ତାରେ"** ଏହା ହିସାବ ବାହାର କରିବାର ଆକ୍ଷରିକ ଜରିଆ ଗୋଟିଏ ଅସ୍ଥାୟୀ ଚିହ୍ନଟ ନୁହେଁ (୫:୧, ୬:୧, ୭:୧, ୨୧:୧)

■ **"ଯିହୁଦୀମାନେ ତାହାଙ୍କୁ ବଧ କରିବାକୁ ଖୋଜୁଥିଲେ"** ଯୋହନରେ "ଯିହୁଦୀମାନଙ୍କର ସର୍ବଦା ଏକ ଅପରାଧ ଅର୍ଥ ରହିଛି (୧:୧୯; ୨:୧୮, ୨୦ ; ୫:୧୦, ୧୫, ୧୬ ; ୬: ୪୧, ୫୨ ; ୭:୧, ୧୧, ୧୩, ୩୫ ; ୮:୨୨, ୫୨, ୫୭ ; ୯:୧୮, ୨୨ ; ୧୦:୨୪, ୩୧, ୩୩; ୧୧:୮ ; ୧୯:୭, ୧୨ ; ୨୦:୧୯) । ଅନେକଥର ସେମାନଙ୍କ ଘୃଣା ଏବଂ ହତ୍ୟା ଉଦ୍ଦେଶ୍ୟ ଉଲ୍ଲେଖିତ ହୋଇଛି (୫:୧୬-୧୮; ୭:୧୯, ୩୦, ୪୪; ୮:୩୭, ୪୦, ୫୯; ୧୦:୩୧, ୩୩, ୩୯) ।

**୭:୨ "ଯିହୁଦୀମାନଙ୍କ ପର୍ବ, କୁଟୀରବାସ ପର୍ବ"** ଏହା ନିସ୍ତାରପର୍ବ ରୂପେ ମଧ୍ୟ କୁହାଯାଏ (ଲେବି. ୨୩:୩୪-୪୪; ଦ୍ୱିତୀୟ ବିବରଣ. ୧୬:୧୩-୧୭) କାରଣ ଫସଲ ସମୟରେ ଗ୍ରାମବାସୀମାନେ କ୍ଷେତର ଗୋଟିଏ ଛୋଟ କୁଟୀରରେ ବାସ କରୁଥିଲେ, ଯାହା ଯିହୁଦୀମାନଙ୍କୁ ଯାତ୍ରାର ଅନୁଭୂତି ସ୍ମରଣ କରାଏ । ଏହି ପର୍ବର ପରମ୍ପରା ଓ ଉପସନା ପଦ୍ଧତି ଯୀଶୁଙ୍କ ଶିକ୍ଷା ନିମନ୍ତେ ପୃଷ୍ଠଭୂମିକୁ ଦିଏ, ୭:୧-୧୦:୨୧, ଯେମିତି ଅଧ୍ୟାୟ ୫-୬ ରେ ନିସ୍ତାର ପର୍ବ କରେ ।

**୭:୩ "ତାହାଙ୍କ ଭାଇମାନେ"** ୨:୧୨ ପରଠାରୁ ଏହା ଯୀଶୁଙ୍କ ପରିବାରର ପ୍ରଥମ ଉଲ୍ଲେଖ ଅଟେ । ଏହା ନିଶ୍ଚିତ କି ସେମାନେ ତାହାଙ୍କ ଉଦ୍ଦେଶ୍ୟ, ପ୍ରଣାଳୀ ଓ ଚିନ୍ତାକୁ ବୁଝିପାରିଲେ ନାହିଁ ।

■ **"ଏଠାରୁ ବାହାରିଯାଇ ଯିହୁଦା ପ୍ରଦେଶକୁ ଯାଅ"** ଏହା ବାର୍ଷିକ ତୀର୍ଥଯାତ୍ରାର ଦଳକୁ ଦର୍ଶାଏ (ଲୁକ. ୨:୪୧-୪୪) ଯିଏ ଗାଲିଲୀ ପରିତ୍ୟାଗ କରି ଯିରୁଶାଲମ ଅଭିମୁଖେ ଚାଲିଲେ । ମନେରଖନ୍ତୁ ଯୋହନ ସୁସମାଚାର ଯିରୁଶାଲମରେ ଯୀଶୁଙ୍କର ସେବାକାର୍ଯ୍ୟ ମୁଖ୍ୟତା ଦିଅନ୍ତି ।

**୭:୪ "ସର୍ବସାଧାରଣଭାବେ"** ଦେଖନ୍ତୁ ବିଶେଷ ଶୀର୍ଷ ଅନୁକରଣ କରିବା ।

**ବିଶେଷ ଶୀର୍ଷ : ସାହସ (ପେରେସିଆ)**

ଏହା "ସମସ୍ତ" (ପାନ) ଏବଂ "ଭାଷଣ" (ରେସିସ୍) ର ଗ୍ରୀକ୍ ମିଶ୍ରଣ ଶବ୍ଦ । ଭାଷଣରେ ସ୍ୱାଧୀନତା ବା ସାହସ ବିହଷ୍କାର ଏବଂ ବିରୋଧ ମଧ୍ୟରେ ସାହସକୁ ଦର୍ଶାଏ । (୭:୧୩; ୧ତୀମ ୨:୨)

ଯୋହନଙ୍କ ଲିଖନିରେ (୧୩ଥର) ଏହା ସର୍ବସାଧାରଣ ଘୋଷଣାକୁ ଦେଖାଏ । (୭:୪; କଲ. ୨:୧୫) । ଅବଶ୍ୟ ଅନେକଥର ଏହା ସାଧାରଣ ରୂପେ ମଧ୍ୟ ପ୍ରୟୋଗ କରାଗଲା (୧୦:୨୪; ୧୧:୧୪; ୧୬:୨୫, ୨୯) । ପ୍ରେରିତ ପୁସ୍ତକରେ ଯୀଶୁଙ୍କର କାର୍ଯ୍ୟକୁ ଅତି ସାହସର ସହିତ ପ୍ରଚାର କରାଗଲା ଯେମିତି ଯୀଶୁ ପିତା ଏବଂ ଆପଣା ଯୋଜନା ବିଷୟରେ କହିଥିଲେ (ପ୍ରେରିତ . ୨:୨୯; ୪:୧୩, ୨୯, ୩୧; ୧୩:୪୬; ୧୪:୩; ୧୮:୨୬; ୧୯:୮; ୨୬:୨୬; ୨୮:୩୧) । ସୁସମାଚର ପ୍ରଚାରକୁ ସାହସର ସହିତ କରିବାକୁ ପାଉଲ ମଧ୍ୟ ମାଗିଛନ୍ତି (ଏଫି ୬:୧୯; ୧ଥେସ. ୨:୨; ଫିଲି ୧:୨୦) ।

ଖ୍ରୀଷ୍ଟରେ ଶେଷଦିନ ଶାସ୍ତ୍ର ଆଶା ଏହି ମନ୍ଦ ସଂସାରରେ (୨କରି . ୩:୧୧-୧୨) ପାଉଲଙ୍କୁ ସାହସର ସହିତ ଖ୍ରୀଷ୍ଟଙ୍କ ବାକ୍ୟକୁ ପ୍ରସାର କରିବାକୁ ସାହାଯ୍ୟ କରେ । ତାହାଙ୍କୁ ବିଶ୍ୱାସ ଥିଲା କି ଯୀଶୁଙ୍କ ପଛେ ହେବାଲୋକେ ଠିକ୍ ପ୍ରତିକ୍ରିୟା ଆପଣାଇବେ (୨କରି ୭:୪) ଏହି ଶବ୍ଦରେ ଆଉ ଗୋଟିଏ ଦୃଷ୍ଟିକୋଣ ରହିଛି । ଏବ୍ରୀପୁସ୍ତକ ଖ୍ରୀଷ୍ଟରେ ଏହି ସାହସକୁ ପିତାଙ୍କ ପାଖକୁ ପହଞ୍ଚିବା ଯାଏ ଏବଂ ତାହାଙ୍କ ସଙ୍ଗେ କଥା ହେବାକୁ ଆମ୍ଭମାନଙ୍କୁ ସାହାଯ୍ୟ କରେ (ଏବ୍ରୀ ୩:୬; ୪:୧୬; ୧୦:୧, ୧. ୩୫) । ପୁତ୍ରଙ୍କ ଦ୍ୱାରା ପିତାଙ୍କ ସହିତ ଘନିଷ୍ଠ ସଂପର୍କ ରଖିବା ପାଇଁ ବିଶ୍ୱାସୀମାନଙ୍କୁ ଆମନ୍ତ୍ରଣ କରେ ।

ଏହା ନୂତନ ନିୟମରେ ବିଭିନ୍ନ ମାଧ୍ୟମରେ ବ୍ୟବହୃତ କରାଗଲା।

୧. ଏକ ଆତ୍ମବିଶ୍ୱାସ, ସାହସ କିମ୍ବା ନିଶ୍ଚିନ୍ତତାକୁ ଦର୍ଶାଏ ।

କ. ମଣିଷ (ପ୍ରେରିତ ୨:୨୯; ୪:୧୩,୩୧; ୨ୟ କରନ୍ଥୀ ୩:୧୨; ଏଫିସୀୟ ୬:୧୯)

ଖ. ଈଶ୍ୱର (୧ ଯୋହନ ୨:୨୮; ୩:୨୧; ୪:୧୨; ୫:୧୪; ଏବ୍ରୀୟ ୩:୬; ୪:୧୬; ୧୦:୧୯)

୨. ମୁକ୍ତ ଭାବେ କହିବାକୁ (ମାର୍କ ୮:୩୨; ଯୋହନ ୭:୪,୧୩; ୧୦:୨୪; ୧୧:୧୪; ୧୬:୨୫; ପ୍ରେରିତ ୨୮:୩୧)

୩. ସର୍ବସାଧାରଣଙ୍କ ପାଖରେ କହିବାକୁ (ଯୋହନ ୭:୨୬; ୧୧:୫୪; ୧୮:୨୦)

୪. ସାମଞ୍ଜସ୍ୟ ଶବ୍ଦ (ପାରାସିୟାଜମାଇ)ଜଟିଳ ପରିସ୍ଥିତିରେ ସାହସର ସହିତ ପ୍ରଚାର କରିବା ନିମନ୍ତେ ବ୍ୟବହୃତ କରାଗଲା (ପ୍ରେରିତ ୧୮:୨୬; ୧୯:୮; ଏଫିସୀୟ ୬:୨୦; ୧ ଥେସଲନୀକୀୟ ୨:୨)

ଏହି ପ୍ରସଙ୍ଗରେ ଏହା ଅନ୍ତିମ ଶାସ୍ତ୍ରୀୟ ବିଷୟକୁ ଦର୍ଶାଏ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନରେ ଭୀତ ହୁଅନ୍ତୁ ନାହିଁ । ସେମାନେ ଏହାକୁ ଆତ୍ମବିଶ୍ୱାସର ସହିତ ଆଲିଙ୍ଗନ କରନ୍ତି । କାରଣ ସେମାନେ ଖ୍ରୀଷ୍ଟରେ ଲାଗି ରହନ୍ତି ଏବଂ ଖ୍ରୀଷ୍ଟଙ୍କ ସାଦୃଶ ଜୀବନ ଅତିବାହିତ କରନ୍ତୁ ।

■ **"ଯଦି"** ଏହା ପ୍ରଥମ ଶ୍ରେଣୀ ସର୍ତ୍ତବାକ୍ୟ ଅଟେ, ଯାହା ଲେଖକଙ୍କ ଦୃଷ୍ଟିରେ ତାହାଙ୍କ ଲେଖା ସତ୍ୟ ଅଟେ ।

■ **"ଆପଣାକୁ ଜଗତ ନିକଟରେ ପ୍ରକାଶ କର"** ପଦ ୪ରେ ଯୀଶୁ ସେମାନଙ୍କର ଶବ୍ଦ "ଜଗତ"କୁ ବ୍ୟବହାର କଲେ ଏବଂ ପଦ ୭ରେ ଏହାର ବିବରଣ କଲେ । ଜଗତ ତାହାଙ୍କୁ ଗ୍ରହଣ କରୁ ନଥିଲା ଏବଂ ସହାନୁଭୂତି ନଥିଲା । କିନ୍ତୁ ଘୃଣା କରୁଥିଲା (୧୫:୧୮-୧୯; ୧୭:୧୪; ୧ଯୋହନ ୩:୧୩) କାରଣ ସେ ଜଗତର ପାପ ଏବଂ ମନ୍ଦକୁ ପ୍ରକାଶ କଲେ (୩:୧୯-୨୦)

ଯୀଶୁଙ୍କ ନିମନ୍ତେ ଯୀଶୁଙ୍କର ଭାଇମାନଙ୍କ ପଥ ତାହାଙ୍କୁ ପ୍ରକାଶ କରିବାରେ (ଆଶ୍ଚର୍ଯ୍ୟକର୍ମ) ଯୀଶୁଙ୍କର ପଥଠାରୁ ଭିନ୍ନ ଥିଲା (କ୍ରୁଶ) । ଏହି ପ୍ରକାରେ ଯିଶା ୫୫:୮-୧୧ର ଭାବବାଣୀ ସ୍ପଷ୍ଟରୂପେ ପ୍ରକାଶ ହେଲା ।

**୭:୫ "ତାହାଙ୍କ ଭାଇମାନେ ସୁଦ୍ଧା ତାହାଙ୍କଠାରେ ବିଶ୍ୱାସ କରୁ ନଥିଲେ"**

ଏହା ଲେଖକଙ୍କ ଦ୍ୱାରା ଅନ୍ୟ ଏକ ସଂପାଦକୀୟ ଟୀକା । ଗୋଟିଏ ଗୃହରେ ପାଳନ ଘୋଷଣା ହୋଇଥିବା ହେତୁ ତାହାଙ୍କୁ ଖ୍ରୀଷ୍ଟଙ୍କ ରୂପେ ଗ୍ରହଣ କରିବା ବହୁତ କଠିନ ଥିଲା । (ମାର୍କ. ୩:୨୦-୨୧) । ଯୀଶୁ ତାହାଙ୍କ ଭାଇ ଏବଂ ଭଉଣୀମାନଙ୍କ ଯତ୍ନ ନେଲେ । ପୁନରୁତ୍ଥାନ ପରେ ପ୍ରକାଶ ହେବାର ପଛେ ତାହାଙ୍କ ଏହି ଲକ୍ଷ୍ୟ ମଧ୍ୟ ଥିଲା କି ଆପଣାକୁ ତାହାଙ୍କ ସମ୍ମୁଖରେ ପ୍ରକାଶ କରିବା । ସେମାନେ ବିଶ୍ୱାସରେ ଆସିଲେ (ପ୍ରେରିତ. ୧:୧୪) । ଯାକୁବ ଯିରୁଶାଲମ ମଣ୍ଡଳୀର ନେତା ଥିଲେ । ଯାକୁବ ଏବଂ ଯିହୁଦାଙ୍କ ଦ୍ୱାରା ଲିଖିତ ପୁସ୍ତକ ନୂତନ ନିୟମରେ ସାମିଲ ଅଟେ ।

**୭:୬ "ମୋହର ସମୟ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହିଁ"** ଶବ୍ଦ "ସମୟ" (କେଇରସ) କେବଳ ଏଠାରେ ହିଁ ଦେଖିବାକୁ ମିଳେ (ଦି ଥର) ଏବଂ ଯୋହନ ସୁସମାଚାର ପଦ ୮ରେ ଓ ପତ୍ରିରେ । ବିଏଜିଡ଼ି ତିନୋଟି ସାଧାରଣ ଅର୍ଥକୁ ପ୍ରକାଶ କରେ ।

୧- ଗୋଟିଏ ସ୍ୱାଗତ ସମୟ (୨ କରି ୬:୨)

ଗୋଟିଏ ସୁଯୋଗ ସମୟ (ଲୁକ - ୪:୧୩)

ଗୋଟିଏ ନିଯୁକ୍ତି ସମୟ (ମାର୍କ - ୧୩:୩୩; ପ୍ରେରିତ ୩:୨୦; ୧ପିତ. ୧:୧୧)

୨. ଗୋଟିଏ ଉପଯୁକ୍ତ ବା ଅନୁଗ୍ରହ ସମୟ

ଉପଯୁକ୍ତ ସମୟ (ମାଥିଉ. ୨୪:୪୫; ଲୁକ. ୧:୨୦)

ନିରୁପିତ ସମୟ (ଯୋହନ. ୭:୮; ୨ତୀମ ୪:)

୩. ଗୋଟିଏ ଅନ୍ତିମଶାସ୍ତ୍ର ସମୟ (ମାଥି. ୮:୯; ଲୁକ୍ ୨୧:୮; ରୋମୀ. ୧୩:୧୧; ୧ଥେସ : ୫:୧୦; ୨ଥେସ. ୨:୬) ।

ଗଣନା ୨ ଓ ୩ ରେ ସମାର୍ଥକ ମେଳ ରହିଛି ।

ଯୀଶୁ ଆପଣା କାର୍ଯ୍ୟ ବୁଝିପାରିଲେ (୧୨:୨୩; ୧୩:୧; ୧୭:୧-୫) ଏହି ସୁସମାଚାର ଘଟଣା ପ୍ରଦର୍ଶିତ ହେବା ପର୍ଯ୍ୟନ୍ତ ଇଶ୍ୱରୀୟ ସମୟ ସାରଣୀ ଥିଲା (ଲୁକ. ୨୨:୨୨; ଯୋହନ ୭:୩୦; ୮:୨୦; ପ୍ରେରିତ. ୨:୨୩; ୩:୧୮; ୪:୨୮) ।

**୭:୭ "ଜଗତ"** ଦେଖନ୍ତୁ ବିଶେଷ ଶୀର୍ଷ : କୋସମସ୍ ୧୪:୧୭ରେ ।

**୭:୮ ଏନ୍ଏସ୍‌ବି "ତୁମ୍ଭେମାନେ ନିଜେ ଏହି ପର୍ବକୁ ଯାଅ; ମୁଁ ପର୍ବକୁ ଯିବି ନାହିଁ"**

**ଏନ୍‌କେଜେଭି "ତୁମ୍ଭେମାନେ ପର୍ବକୁ ଯାଅ । ମୁଁ ଏବେ ପର୍ବକୁ ଯାଉ ନାହିଁ"**

**ଏନ୍ଆର୍‌ଏସ୍‌ଭି, ଏନ୍‌ଜେବି "ତୁମ୍ଭେମାନେ ନିଜେ ପର୍ବକୁ ଯାଅ । ମୁଁ ଏହି ପର୍ବକୁ ଯାଉ ନାହିଁ"**

**ଟିଇବି "ତୁମ୍ଭେମାନେ ପର୍ବକୁ ଯାଅ । ମୁଁ ଏହି ପର୍ବକୁ ଯାଉ ନାହିଁ"**

ପଦ ୮ ଓ ୧୦ ମଧ୍ୟରେ ସ୍ପଷ୍ଟ ଭେଦକୁ ବାହାର କରିବା ନିମନ୍ତେ ଏହା ଆରମ୍ଭିକ ସାଦ୍ଧୁକି ପଦକ୍ଷେପ ଭଳି ଜଣାପଡ଼େ ।

ଏହି ସଂକ୍ଷିପ୍ତ ବିବରଣୀର ଅର୍ଥ ଏହି ପ୍ରକାର ହୋଇପାରେ ।

୧- ମୁଁ ତୁମ୍ଭମାନଙ୍କ ସଙ୍ଗେ ଯାଉନାହିଁ (ତୁମ୍ଭମାନଙ୍କ ଉଦ୍ଦେଶ୍ୟ ନିମନ୍ତେ ନୁହେଁ)

୨- ମୁଁ ଅଷ୍ଟମ ଦିନ ପର୍ବରେ ଯାଉଛି (ପର୍ବ ସଂକେତ ଦ୍ୱାରା ପ୍ରକାଶ କରିବାକୁ)

**ଏନ୍ଏଏସ୍‌ବି ବାକ୍ୟ : ୭:୧୦-୧୩**

**୧୦ କିନ୍ତୁ ତାହାଙ୍କ ଭାଇମାନେ ପର୍ବକୁ ଗଲା ଉତ୍ତାରେ ସେ ମଧ୍ୟ ଗଲେ, ପ୍ରକାଶରେ ନୁହେଁ, ମାତ୍ର ଏକପ୍ରକାର ଗୋପନରେ । ୧୧ ଏଣୁ ଯିହୁଦୀମାନେ ପର୍ବରେ ତାହାଙ୍କୁ ଖୋଜୁ ଖୋଜୁ ପଚାରିଲେ । ସେ କାହିଁ ? ୧୨ ଆଉ ତାହାଙ୍କ ବିଷୟରେ ଲୋକସମୂହ ମଧ୍ୟରେ ବହୁତ ଆନ୍ଦୋଳନ ହେବାକୁ ଲାଗିଲା ; କେହି କେହି କହିଲେ, ସେ ଜଣେ ଉତ୍ତମ ଲୋକ, ଆଉ କେହି କେହି କହିଲେ, ନା ସେ ଲୋକମାନଙ୍କୁ ଭ୍ରାନ୍ତ କରୁଅଛି । ୧୩. ତଥାପି ଯିହୁଦୀମାନଙ୍କ ଭୟରେ ତାହାଙ୍କ ବିଷୟରେ ପ୍ରକାଶରେ କେହି କିଛି କହୁ ନଥିଲେ ।**

**୭:୧୧ "ଯିହୁଦୀମାନେ"** ଏହି ଅଧ୍ୟାୟରେ ଯୀଶୁଙ୍କ ସହିତ କଥା ହେଉଥିବ । ୪ ପ୍ରକାର ଦଳ ଅଟନ୍ତି ।

୧. ତାହାଙ୍କ ଭାଇମାନେ

୨. "ଯିହୁଦୀମାନେ" ଯିଏ ଧାର୍ମିକ ନେତାମାନେ

୩. "ଲୋକସମୂହ" ଯିଏ ସମାଗମତମ୍ବୁର ପର୍ବରେ ସାମିଲ ହେବା ନିମନ୍ତେ ଆସୁଥିବା ତୀର୍ଥଯାତ୍ରୀ

୪. "ଯିରୁଶାଲମର ଲୋକମାନେ" ଯିଏ ଯୀଶୁଙ୍କ ନିମିତ ନିର୍ମିତ ମୃତ୍ୟୁର ଯୋଜନାକୁ ଜାଣନ୍ତି

**୭:୧୨ "ତାହାଙ୍କ ବିଷୟରେ ଲୋକସମୂହ ମଧ୍ୟରେ ବହୁତ ଆନ୍ଦୋଳନ ହେବାକୁ ଲାଗିଲା"**

ସୁସମାଚାର ଏହି କାର୍ଯ୍ୟକୁ ପ୍ରତ୍ୟେକ ଲୋକସମୂହରେ କରେ । ଏହା ମଣିଷ ଭିତରର ଆତ୍ମିକ ସ୍ତରର ଭିନ୍ନତାକୁ ଦର୍ଶାଏ (୭:୪୦-୪୪) ।

■ **"ସେ ଲୋକମାନଙ୍କୁ ଭ୍ରାନ୍ତ କରୁଅଛି"** କ୍ରିୟା ପ୍ଲାନାଓ ଏହି ପ୍ରକାରେ ବ୍ୟବହୃତ

୧. ମିଥ୍ୟା ଶିକ୍ଷକମାନେ (ମାଥି. ୨୪:୧୧; ୨ତୀମ. ୩:୧୩; ୧ଯୋହନ ୧:୮; ୨:୬୬; ୩:୭) ।

୨. ଭଣ୍ଡ ଖ୍ରୀଷ୍ଟ (ମାଥି ୨୪:୪, ୫, ୨୪; ଯୋହନରେ ଯିହୁଦୀମାନେ ଯୀଶୁଙ୍କ ବିଷୟରେ କଣ ବିଚାର କରନ୍ତି (ଯୋହନ ୭:୧୨, ୪୭; ମାଥି. ୨୭:୬୩)

୩. ଲୋକମାନେ ସ୍ୱୟଂକୁ ଧୋଖା ଦେଉଅଛନ୍ତି (୧କରି. ୩:୧୮; ୧ଯୋହନ. ୧:୮) କିମ୍ବା

୪. ଧୋଖା ଖାଇବା ଦ୍ୱାରା (୧କରି ୬:୯; ୧୫:୩୩; ଗାଲା ୬:୭; ଯାକୁବ ୧:୧)

**୭:୧୩ "ଯିହୁଦୀମାନେ"** ସଂପୂର୍ଣ୍ଣ ଲୋକସମୂହ ଯିହୁଦୀ ଥିଲା । କିନ୍ତୁ ବିଶେଷ କରି ଏହି ଶବ୍ଦ ଯିରୁଶାଲମର ଧାର୍ମିକଗୁରୁମାନଙ୍କୁ ଦର୍ଶାଏ । ଦେଖନ୍ତୁ ୭:୧ରେ ।

**ଏନ୍‌ଏଏସ୍‌ବି ବାକ୍ୟ : ୭:୧୪-୧୮**

**୧୪ କିନ୍ତୁ ପର୍ବର ଅର୍ଦ୍ଧେକ ସମୟ ଗତ ହୁଅନ୍ତେ, ଯୀଶୁ ମନ୍ଦିରକୁ ଯାଇ ଶିକ୍ଷା ଦେବାକୁ ଲାଗିଲେ । ୧୫ ଏଥିରେ ଯିହୁଦୀମାନେ ଚମତ୍କୃତ ହୋଇ କହିଲେ, ଏ ପାଠ ନ ପଢ଼ି କିପରି ପଣ୍ଡିତ ହେଲା । ୧୬ ତେଣୁ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୋହର ଶିକ୍ଷା ମୋ ନିଜର ନୁହେଁ, କିନ୍ତୁ ମୋ ପ୍ରେରଣକର୍ତ୍ତାଙ୍କର । ୧୭ କେହି ଯଦି ତାହାଙ୍କର ଇଚ୍ଛା ସାଧନ କିରବାକୁ ଇଚ୍ଛୁକ ହୁଏ, ତାହାହେଲେ ଏହି ଶିକ୍ଷା ଈଶ୍ୱରଙ୍କଠାରୁ ଉତ୍ପନ୍ନ । ନା ମୁଁ ଆପଣଙ୍କଠାରୁ କହୁଅଛି, ତାହା ସେ ଜାଣିବ । ୧୮ ଯେ ଆପଣଙ୍କୁ କହେ, ସେ ନିଜ ଗୌରବ ଅନ୍ୱେଷଣ କରେ, କିନ୍ତୁ ସେ ଆପଣା ପ୍ରେରଣକର୍ତ୍ତାଙ୍କ ଗୌରବ ଅନ୍ୱେଷଣ କରେ, ସେ ସତ୍‌, ଆଉ ତାହାଠାରେ କୌଣସି ଅଧର୍ମ ନାହିଁ ।**

**୭:୧୪ "କିନ୍ତୁ ପର୍ବର ଅର୍ଦ୍ଧେକ ସମୟ ଗତ ହୁଅନ୍ତେ"** ଯୀଶୁ ଅପେକ୍ଷା କାହିଁକି କଲେ ଏହାର ପ୍ରକୃତ ଉତ୍ତର ଆମ୍ଭମାନଙ୍କ ପାଖରେ ନାହିଁ, କିନ୍ତୁ ଏହା ତୀର୍ଥଯାତ୍ରୀ ଏବଂ ସେହି ସହରର ଲୋକମାନଙ୍କୁ ଦିଆଗଲା କି ସେମାନେ ଯୀଶୁ ଏବଂ ତାହାଙ୍କ ସେବା ବିଷୟରେ ଚର୍ଚ୍ଚା କରନ୍ତି । ଏବଂ ଏହା ଧାର୍ମିକ ଗୁରୁମାନଙ୍କୁ ମଧ୍ୟ ମିଳିଥିବା ସମୟ କି ସେମାନେ ମଧ୍ୟ ଆପଣା ଶତ୍ରୁତାକୁ ପ୍ରକାଶ କରନ୍ତି ।

■ **"ଶିକ୍ଷା ଦେବାକୁ"** ଯୀଶୁଙ୍କ ଭାଷଣ ଘଟଣା ଏହି ପ୍ରକାରେ ଚିତ୍ରିତ

୧. ଶିକ୍ଷା ଦେବା, ମାଥି ୪:୨୩; ୫:୨, ୧୯; ୭:୨୯ ଇତ୍ୟାଦି; ଯୋହନ ୬:୫୯; ୭:୧୪, ୨୮, ୩୫

୨. ପ୍ରଚାର କରିବା, ଲୂକ. ୪:୧୮; ୭:୨୨; ୯:୬; ୨୦:୧

ଏହା ତାହାଙ୍କ ମଣିଷ ସୃଷ୍ଟିକୁ ଈଶ୍ୱରଙ୍କ ସତ୍ୟତା ପ୍ରକାଶ କରିବା ନିମନ୍ତେ ଯୀଶୁଙ୍କର ବାକ୍ୟ ସମାର୍ଥକଭାବେ ବ୍ୟବହୃତ । ପ୍ରକାଶିତ ବାକ୍ୟ ସର୍ବଦା ସୂଚନା ଓ ଗଠନ ନିମନ୍ତେ ଅର୍ଥ ଅଟେ । ଉପଯୁକ୍ତ ଜୀବନଯାପନର ଗୋଟିଏ ପରିବର୍ତ୍ତନ ଦ୍ୱାରା ଏକ ନିଷ୍ପତ୍ତିକୁ ମାଗେ । ସତ୍ୟ ସବୁକିଛି ବଦଳାଏ ।

**୭:୧୫ "ଏବ୍ୟକ୍ତି ପାଠ ନ ପଢ଼ି କିପରି ପଣ୍ଡିତ ହେଲା"**

ଏହାର ତାତ୍ପର୍ଯ୍ୟ ସେ କୌଣସି ଅଧିକାରୀୟ ରାବ୍‌ବୀ ବିଦ୍ୟାଳୟରେ ବା କୌଣସି ପ୍ରସିଦ୍ଧ ରାବ୍‌ବୀଙ୍କଠାରୁ ଶିକ୍ଷା ପ୍ରାପ୍ତ କରି ନାହାନ୍ତି । ଶବ୍ଦ "ଏବ୍ୟକ୍ତି" ର ଅନାଦର ସାଙ୍କେତିକ ଅର୍ଥ ମିଳେ (୧୮:୧୭,୧୯)

ଯୀଶୁଙ୍କର ଶିକ୍ଷା ଶ୍ରବଣକାରୀ ସର୍ବଦା ଚକିତ କରେ (ମାର୍କ ୧:୨୧-୨୨; ଲୂକ ୪:୨୨) କାରଣ (୧) ବିଷୟ ସୂଚୀ ୯୨) ତାଙ୍କାର ହେତୁ ଅନ୍ୟ ରାବ୍‌ବୀମାନେ ପରସ୍ପରକୁ ଉଦ୍ଧୃତ କଲେ । ଯୀଶୁ ଈଶ୍ୱର ଠାରୁ ଉଦ୍ଧୃତ ବୋଲି ଘୋଷିତ ହେଲେ ।

**୭:୧୬** ଯୀଶୁ ପିତାଙ୍କୁ ଆପଣା ସମର୍ପଣ ହେତୁ ହିଁ ପୁନର୍ବାର ଧ୍ୟାନ ଆକର୍ଷଣ କରିନାହାନ୍ତି କିନ୍ତୁ ତାହାଙ୍କ ପିତାଙ୍କର ଅତୁଳନୀୟ ଜ୍ଞାନ ହେତୁ । ସେମାନଙ୍କ ଜାଗତିକ ଶିକ୍ଷକମାନେ ଥିଲେ । କିନ୍ତୁ ଯୀଶୁଙ୍କର ସ୍ୱର୍ଗୀୟ ପିତା ଥିଲେ ।

**୭:୧୭ "ଯଦି"** ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତୟ ବାକ୍ୟ ଯାହାର ଅର୍ଥ ଶକ୍ତି ବା ସମ୍ଭାବିତ କାର୍ଯ୍ୟ । ଏହା ସୁସମାଚାରର ବିଶ୍ୱସ୍ତରୀୟ ପ୍ରସ୍ତାବ (୧:୧୨; ୩:୧) ଏବଂ ଈଶ୍ୱରଙ୍କ ସାର୍ବଭୌମତା (୬:୪୪, ୪୫) । ପବିତ୍ର ଆତ୍ମା ହୃଦୟକୁ ଖୋଲିବା ଉଚିତ (୧୬:୮, ୧୩) ।

**୭:୧୮** ଯୀଶୁ ପତିତ ମଣିଷ ଜାତି ନିମନ୍ତେ ଆପଣା ଅଦ୍ୱିତୀୟ ଆଗ୍ରହ ପ୍ରକାଶ କରନ୍ତି :

(୧) ସେ ନିଜର ମହିମା ଚାହାନ୍ତି ନାହିଁ (୨) ସେ ପିତାଙ୍କର ମହୀମା ଚାହାନ୍ତି (୩) ସେ ସତ୍ୟ ଅଟନ୍ତି ଏବଂ (୪) ସେ ପାପ ବିହିନ ଅଟନ୍ତି ।

■ **"ତାହାଙ୍କର ମହୀମା"** ଦେଖନ୍ତୁ ୧:୧୪ରେ

■ **"ତାହାଙ୍କଠାରେ କୌଣସି ଅଧର୍ମ ନାହିଁ"** ଯୀଶୁ ଆମ୍ଭମାନଙ୍କ ନିମନ୍ତେ ହତ ହେଲେ, କାରଣ ସେ ନିଜର ପାପ ନିମନ୍ତେ ମୃତ୍ୟୁବରଣ କରିବା ଆବଶ୍ୟକ ନୁହେଁ (୨କରି ୫:୨୧) । ଯୀଶୁଙ୍କର ପାପହୀନତା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଧର୍ମଶାସ୍ତ୍ରୀୟ ବିଷୟ । ବିଷୟଟି ସର୍ବଦା ଭିନ୍ନ ଭିନ୍ନ ରୂପେ ବର୍ଣ୍ଣିତ ହେଲା ।

୧. ଲୂକ. ୨୩:୪୧

୨. ଯୋହନ :୬୯; ୭:୧୮; ୮:୪୬; ୧୪:୩୦

୩. ଫିଲି ୨:୭-୮

୪. ଏବ୍ରୀ ୪:୧୫; ୭:୨୬; ୯:୧୪

୫. ୧ ପିତର ୧:୧୯; ୨:୨୨ (ଯିଶା ୫୩:୯)

୬. ୧ଯୋହନ ୨:୧୭; ୩:୫, ୭

**ଏନ୍‌ଏଏସ୍‌ବବି ବାକ୍ୟ : ୭:୧୯-୨୪**

୧୯. ମୋଶା କଅଣ ତୁମ୍ଭମାନଙ୍କୁ ବ୍ୟବସ୍ଥା ଦେଇ ନାହାନ୍ତି ? ତଥାପି ତୁମ୍ଭମାନଙ୍କ ମଧ୍ୟରୁ କେହି ବ୍ୟବସ୍ଥା ପାଳନ କରୁ ନାହିଁ । ତୁମ୍ଭେମାନେ କାହିଁକି ମୋତେ ବଧ କରିବାକୁ ଚେଷ୍ଟା କରୁଅଛ ? ୨୦ ଲୋକସମୂହ ଉତ୍ତର ଦେଲେ, ତୁମକୁ ଭୂତ ଲାଗିଅଛି, କିଏ ତୁମକୁ ବଧ କରିବାକୁ ଚେଷ୍ଟା କରୁଅଛି ? ୨୧ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୁଁ ଗୋଟିଏ କର୍ମ କଲି, ଆଉ ତୁମ୍ଭେମାନେ ସମସ୍ତେ ଚମତ୍କୃତ ହୋଇଅଛ । ୨୨ ଏହି ହେତୁରୁ ମୋଶା ତୁମ୍ଭମାନଙ୍କୁ ସ୍ୱତନ୍ତ୍ର ବିଧି ଦେଇଅଛନ୍ତି (ଏହା ଯେ ମୋଶାଙ୍କଠାରୁ ହୋଇଅଛି ତାହା

ନୁହେଁ, ମାତ୍ର ପିତୃପୁରୁଷଙ୍କଠାରୁ) ଆଉ ତୁମ୍ଭେମାନେ ବିଶ୍ରାମବାରରେ ମନୁଷ୍ୟର ସୁନ୍ନତ କରୁଅଛ । ୨୩ ମୋଶାଙ୍କର ବ୍ୟବସ୍ଥା ଲଂଘନ ନହେବା ପର୍ଯ୍ୟନ୍ତ ଯଦି ବିଶ୍ରାମବରରେ ମନୁଷ୍ୟ ସୁନ୍ନତ୍ ପ୍ରାପ୍ତ ହୁଏ, ତାହାହେଲେ ମୁଁ ବିଶ୍ରାମବାରରେ ଜଣେ ମନୁଷ୍ୟକୁ ସର୍ବାଙ୍ଗ ସୁସ୍ଥ କରିବାରୁ ତୁମ୍ଭେମାନେ କାହିଁକି ମୋ ଉପରେ କ୍ରୋଧ କରୁଅଛ ? ୨୪ ବାହ୍ୟ ବିଷୟ ଦେଖି ବିଚାର ନକରି ନ୍ୟାୟବିଚାର କର ।

**୭:୧୯** ବ୍ୟାକରଣାତ୍ମକ ଢାଞ୍ଚା "ହଁ"ରେ ଉତ୍ତର ଚାହାନ୍ତି ।

■ **"ତଥାପି ତୁମ୍ଭମାନଙ୍କ ମଧ୍ୟରୁ କେହି ବ୍ୟବସ୍ଥା ପାଳନ କରୁନାହିଁ"** ସେଇ ପର୍ବରେ ସାମିଲ ହୋଇଥିବା ଯିହୁଦୀମାନଙ୍କ ନିମନ୍ତେ ଏହା ଚମତ୍କୃତ କଥନ ଥିଲା । ଜାଣିବୁଝି ହତ୍ୟା କରିବା ମୋଶାଙ୍କ ବ୍ୟବସ୍ଥାର ବିରୋଧ ଅଟେ କିନ୍ତୁ ନେତାମାନେ ସେହି କାର୍ଯ୍ୟକୁ କରିବାକୁ ଯୋଜନା କରୁଅଛନ୍ତି । ସ୍ଥାନୀୟ ଲୋକମାନେ ଏକଥାକୁ ଜାଣିପାରିଲେ ମାତ୍ର ସେମାନଙ୍କ ଯୋଜନାକୁ ବନ୍ଦ କରିବାକୁ ଇଚ୍ଛା କଲେ ନାହିଁ ।

■ **"ତୁମ୍ଭେମାନେ କାହିଁକି ମୋତେ ବଧ କରିବାକୁ ଚେଷ୍ଟା କରୁଅଛ"** ପଦ ୨୦ର ପ୍ରଶ୍ନ ତୀର୍ଥଯାତ୍ରୀମାନଙ୍କଠାରୁ ଆସେ ଯିଏ ଏହି ବଧ ବିଷୟ କଥାରୁ ଅଜ୍ଞାତ ଅଟନ୍ତି । ପରେ ପଦ ୨୫ରେ ଯିରୁଶାଲମର ଲୋକମାନଙ୍କୁ ଏହି ବଧ ବିଷୟରେ ଜଣାପଡ଼େ । ଧାର୍ମିକ ଗୁରୁମାନେ ଯୀଶୁଙ୍କୁ ଭୂତଆତ୍ମାରେ ଗ୍ରସିତ କହିଲେ ଯାହାଦ୍ୱାରା ତାହାଙ୍କର ଶକ୍ତି ଏବଂ ଜ୍ଞାନକୁ ଦୂରୀକୃତ କରାଯାଇପାରେ (ମାଥି ୯:୩୪; ୧୧:୧୮; ୧୨:୨୪; ମାର୍କ ୩:୨୨-୩୦; ଯୋହନ ୮:୪୮-୫୨; ୧୦:୨୦-୨୧)

**୭:୨୦ "ତୁମକୁ ଭୂତ ଲାଗିଅଛି"** ଏହା ସତ୍ୟ ଯେ ଯେତେ ଲୋକ ଯୀଶୁଙ୍କୁ ଭେଟିଲେ ସେମାନେ ଜାଣିପାରିଲେ ଯେ ତାହାଙ୍କ ପାଖେ ଆତ୍ମିକ ଶକ୍ତି ଅଛି । ପ୍ରଶ୍ନ ଉଠେ କି, କେଉଁଠାରୁ ଏ ଶକ୍ତି ଆସିଲା ? ଯିହୁଦୀ ନେତାମାନେ ଯୀଶୁଙ୍କର "ଆଶ୍ଚର୍ଯ୍ୟକର୍ମ"କୁ ଏଡ଼ାଇ ପାରିଲେ ନାହିଁ, ତେଣୁ ସେମାନେ ସେହି ଶକ୍ତିକୁ ଶଇତାନ କିମ୍ବା ଭୂତର ଶକ୍ତି କହିଲେ (୮:୪୮-୪୯, ୫୨; ୧୦:୨୦) ।

ଏହି ପ୍ରସଙ୍ଗରେ ସମାଗମତମ୍ବୁର ପର୍ବରେ ଶାମିଲ ହେବା ନିମନ୍ତେ ଆସିଥିବା ତୀର୍ଥଯାତ୍ରୀ ସେହି ଶବ୍ଦସମୂହର ପ୍ରୟୋଗ କରୁଅଛନ୍ତି କିନ୍ତୁ ଅନ୍ୟ ଅର୍ଥରେ ସେମାନେ କହନ୍ତି ଯୀଶୁ ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବାକୁ ବିନା ବିବେକରେ କାର୍ଯ୍ୟ କରୁଅଛନ୍ତି ।

**ବିଶେଷ ଶୀର୍ଷ : ପ୍ରେତ (ଅଶୁଚି ଆତ୍ମା)**

କ. ପ୍ରାଚୀନ ଯୁଗର ଲୋକମାନେ ଆତ୍ମା ବିଶ୍ୱାସୀ । ସେମାନେ ମଣିଷର ବ୍ୟକ୍ତିତ୍ୱକୁ ପ୍ରକୃତି, ପଶୁ, ପ୍ରାକୃତିକ ବସ୍ତୁର ବଳ ରୂପେ ଚିତ୍ରିତ କରନ୍ତି । ଜୀବନଟି ମଣିଷ ସହିତ ଏହି ଆତ୍ମା ବିଦ୍ୟମାନତାର ବାର୍ତ୍ତାଳାପ ଦ୍ୱାରା ବର୍ଣ୍ଣିତ ।

ଖ. ଏହି ବ୍ୟକ୍ତିତ୍ୱଆରୋପ ବହୁଇଶ୍ୱର (ଅନେକ ଇଶ୍ୱର)ରେ ବଦଳିଗଲା । ସାଧାରଣତଃ ଭୂତମାନେ ଛୋଟ ଇଶ୍ୱର ଥିଲେ (ଭଲ କିମ୍ବା ମନ୍ଦ) ତାହା ବ୍ୟକ୍ତିଗତ ମଣିଷ ଜୀବନକୁ ପ୍ରଭାବିତ କରେ ।

୧- ମେସୋପଟାମିଆ, ବିଶୃଙ୍ଖଳା ଏବଂ ମତଭେଦ

୨- ମିଶର, ବ୍ୟବସ୍ଥିତ, କାର୍ଯ୍ୟ କରିବା

୩- କିଣାନ, ଦେଖନ୍ତୁ, ଡବ୍ଲୁଏଫ୍, ଅଲବ୍ରାଇଟ୍ସ ଏଣ୍ଡ୍ ରିଲିଜିଅନ ଅଫ ଦି ଇସ୍ରାଏଲ, ପଞ୍ଚମ ପ୍ରକାଶନ. ପୃ. ୬୭-୯୨ ।

ଗ. ପୁରାତନ ନିୟମ ବିଷୟ ଛୋଟ ଇଶ୍ୱର, ଦୂତ, କିମ୍ବା ଭୂତ ଉପରେ ନିର୍ଭର କରେନାହିଁ କିମ୍ବା ଏହା ଉପରେ ବିକାଶ କରେ ନାହିଁ ବୋଧହୁଏ ଏହାର ଦୃଢ଼ ଏକଇଶ୍ୱରବାଦ ହେତୁ (ଯାତ୍ରା ୮:୧୦; ୯:୧୪; ୧୫:୧୧; ଦ୍ୱିତୀୟ ବିବରଣ ୪:୩୫, ୩୯; ୬:୪; ୩୩:୨୬; ଗୀତ. ୩୫:୧୦; ୭୧:୧୯; ୮୬:୬; ଯିଶା ୪୬:୯; ଯିରି ୧୦:୬,୭; ମିକା. ୭:୧୮) । ଏହା ବି ଜାତି ଦେଶର ମିଥ୍ୟା ଦେବତାମାନଙ୍କୁ ଉଲ୍ଲେଖ କରେ (ଶେଦିମ୍, ଦ୍ୱିତୀୟ ବିବରଣ. ୩୨:୧୭; ଗୀତ. ୧୦୬:୩୭) ଏବଂ ଏହା ସେମାନଙ୍କର କେତେ ନାମ ମଧ୍ୟ ଲେଖେ ।

୧. ସେଇମ୍ (ଛାଗ ଦେବତା) (ଲେବି. ୧୭:୭; ୨ବଂଶା ୧୧:୧୫)

୨. ଲିଲିଥ (ସ୍ତ୍ରୀଜାତୀୟ, ଛାଗ ଦେବତା, ଯିଶା ୩୪:୧୪) ।

୩. ମାଓ୍ୱେତ୍ (ପାତାଳର କିଣାନୀୟ ଦେବତାଙ୍କ ନିମନ୍ତେ ମୃତ୍ୟୁ ଶବ୍ଦ ନିମନ୍ତେ ଏବ୍ରୀ ଶବ୍ଦର ବ୍ୟବହାର ହୋଇଛି) (ଯିଶା. ୨୮:୧୫, ୧୮; ଯିରି ୯:୨୧ ଏବଂ ସମ୍ଭବତଃ ଦ୍ୱିତୀୟ ବିବରଣ ୨୮:୨୨)

୪. ରେସେଫ୍ (ମହାମାରୀ ଦ୍ୱିତୀୟ ବିବରଣ. ୩୩:୨୯; ଗୀତ ୭୮:୪୮; ହବ ୩:୫)

୫. ଦେଭେର୍ (ସଂକ୍ରାମକରୋଗ, ଗୀତ. ୯୧:୫-୬; ହବ ୩:୫)

୬. ଆଜାଜେଲ୍ (ନାମର ସ୍ପଷ୍ଟତା ନାହିଁ, କିନ୍ତୁ ସମ୍ଭବତଃ ଗୋଟିଏ ଜଙ୍ଗଲ ଦେବତା କିମ୍ବା ସ୍ଥାନର ନାମ, ଲେବି. ୧୬:୮, ୧୦, ୨୬) ।

(ଏହି ଉଦାହରଣ ସବୁ ଏନ୍ସାଇକ୍ଲୋପେଡ଼ିଆ ଜୁଡ଼ାଇକା, ଭଲ୍ୟୁମ ୫, ପୃ. ୧୫୨୩ ରୁ ଆହ୍ରିତ)

ଅତଏବ ପୁରାତନ ନିୟମରେ ଯିହୋବାଙ୍କଠାରୁ କୌଣସି ଦ୍ୱୈତବାଦ କିମ୍ବା ଦୂତସାଦୃଶ୍ୟ ସ୍ୱାଧୀନତା ନାହିଁ । ଶଇତାନ ଯିହୋବାଙ୍କ ଦାସ ଅଟେ (ଆୟୁବ. ୧-୩; ଯିଖ ୩) ଜଣେ ସ୍ୱତନ୍ତ୍ର ନୁହେଁ, ସ୍ୱୟଂ ନିର୍ଦ୍ଦେଶିତ ଶତ୍ରୁ ।

ଘ. ଯିହୁଦୀବାଦ ବାବିଲୋନିୟ ବନ୍ଦିତ୍ୱ ସମୟରେ ବିକାଶ କଲା (ଖ୍ରୀଷ୍ଟପୂର୍ବ ୫୮୬-୫୩୮) । ଏହା ଧର୍ମଶାସ୍ତ୍ରୀୟ ଭାବେ ଜୋରାଷ୍ଟ୍ରିଅନବାଦର ପେରିସିୟ ମାନବାକୃତି ଦ୍ୱୈତବାଦ ଦ୍ୱାରା ପ୍ରଭାବିତ ହୋଇଥିଲା, ଗୋଟିଏ ଉତ୍ତମ ଉଚ୍ଚଦେବତା ଯିଏ ମାଜ୍ଦା

କିମ୍ବା ଓରମାଜ୍‌ଦ କୁହାଯାଏ ଏବଂ ଜଣେ ଦୁଷ୍ଟ ପ୍ରତିଦ୍ୱନ୍ଦି ନାମ ଅହରିମ୍ୟାନ୍ । ଏହା ଯିହାବା ଏବଂ ତାଙ୍କ ଦୂତ ଓ ଶଇତାନ ଏବଂ ତାର ଦୂତ ମାନଙ୍କ ମଧ୍ୟରେ ପୂର୍ବ ବନ୍ଧିତ୍ୱ ଦ୍ୱେତବାଦ ଅନୁମତି ପ୍ରଦାନ କରେ ।

ଯିହୁଦୀବାଦ ବ୍ୟକ୍ତିତ୍ୱଆରୋପ ମନ୍ଦର ତିନୋଟି ବିଷୟରେ

୧. ଶଇତାନ କିମ୍ବା ଶମାଏଲ୍

୨. ମଣିଷମାନଙ୍କ ମଧ୍ୟରେ ମନ୍ଦ ବିଚାର (ୟେତ୍‌ଜେର୍ ହାରା)

୩. ମୃତ ଦୂତ

ଇଦେରଶେଇସ୍ ଏହି ପ୍ରକାରେ ଚିତ୍ରିତ ହୁଏ । (୧) ନିନ୍ଦକ (୨) ପ୍ରଲୋଭନକାରୀ (୩) ଦଣ୍ଡକାରୀ (ଉଲ୍ୟସ. ୨. ପୃ. ୭୫୬) । ପୂର୍ବ ବିଛିତ୍ୱ ଦ୍ୱେତବାଦ ଏବଂ ନୂତନ ନିୟମ ପ୍ରସ୍ତୁତି ଏବଂ ମନ୍ଦର ବିବରଣ ମଧ୍ୟରେ ଈଶ୍ୱରଶାସ୍ତ୍ର ଭିନ୍ନତାର ଚିହ୍ନଟ କରାଯାଇଛି ।

ଙ - ନୂତନ ନିୟମ, ବିଶେଷ କରି ସୁସମାଚାର ପୁସ୍ତକ ଗୁଡ଼ିକ ଦାବି କରେ କି ମନୁଷ୍ୟମାନଙ୍କ ପ୍ରତିଥିବା ମନ୍ଦ ଅଦୃଶ୍ୟ ପ୍ରାଣୀ ଏବଂ ସେମାନଙ୍କ ସ୍ଥାୟୀତ୍ୱ (ଯିହୁଦୀ ଧର୍ମରେ ଶଇତାନ ମନୁଷ୍ୟର ଶତ୍ରୁଥିଲା, କିନ୍ତୁ ଈଶ୍ୱରଙ୍କର ନୁହେଁ) । ସେମାନେ ଈଶ୍ୱରଙ୍କ ଇଚ୍ଛା, ରାଜୁତି, ଏବଂ ରାଜ୍ୟର ବିରୋଧ କରନ୍ତି ।

ଯୀଶୁ ଏହି ଭୂତଆତ୍ମାମାନଙ୍କର ସମ୍ମୁଖିନ କଲେ ଓ ସେମାନଙ୍କୁ, ବିତାଡ଼ିତ କଲେ ଯାହାଙ୍କୁ କୁହାଯାଏ । (୧) ଅଶୁଚି ଆତ୍ମା (ଲୁକ. ୪ : ୩୬; ୬:୧୮) କିମ୍ବା (୨) ମନ୍ଦଆତ୍ମା (ଲୁକ. ୭:୨୧; ୮:୨) ମନୁଷ୍ୟମାନଙ୍କ ଠାରୁ ବାହାର କରାଗଲେ । ଯୀଶୁ ସ୍ପଷ୍ଟ ରୁପେ ରୋଗ ଏବଂ ଭୂତଆତ୍ମାମାନଙ୍କ ମଧ୍ୟରେ ଭିନ୍ନତାକୁ କହିଲେ (ଶାରିରୀକ ଓ ମାନସିକ ରୋଗ) । ସେ ଏହି ମନ୍ଦଆତ୍ମାମାନଙ୍କୁ ଚହ୍ନି ଓ ବାହାର କରି ଆପଣା ଶକ୍ତି ଓ ଆତ୍ମିକ ଦୃଷ୍ଟିକୋଣ ପରିଚୟ ଦେଲେ । ଭୂତଆତ୍ମାମାନେ ସର୍ବଦା ଯୀଶୁଙ୍କୁ ଚିହ୍ନିଲେ ଏବଂ ତାହାଙ୍କ ବିଷୟ କହିଲେ, କିନ୍ତୁ ଯୀଶୁ ସେମାନଙ୍କର ସାକ୍ଷ୍ୟକୁ ଏଡ଼ାଇ ଦେଲେ, ସେମାନଙ୍କୁ ଚୁପ୍ ରହି ବାହାରି ଯିବାକୁ ଧମକ ଦେଲେ । ଭୂତମାନଙ୍କୁ ବାହାର କରିବା ଶଇତାନର ରାଜ୍ୟର ପରାଜୟକୁ ଦର୍ଶାଏ । ଆଶ୍ଚର୍ଯ୍ୟର କଥା କି ଏହି ବିଷୟ ଉପରେ ନୂତନ ନିୟମର ପ୍ରେରିତି ପତ୍ର ଗୁଡ଼ାକରେ ଅଧିକ ସୂଚନା ନାହିଁ । ମନ୍ଦ ଆତ୍ମାଙ୍କୁ ବାହାର କରିବା ଏକ ଆତ୍ମିକ ଦାନ ଭାବେ ସୂଚି ହୋଇ ନାହିଁ ।

ଚ - ମନ୍ଦ ବାସ୍ତବିକ ଅଟେ; ମନ୍ଦ ବ୍ୟକ୍ତିଗତ ଅଟେ; ମନ୍ଦ ବର୍ତ୍ତମାନ ଅଟେ । ଏହାର ଆରମ୍ଭ କି ଏହାର ଉଦ୍ଦେଶ୍ୟ ପ୍ରକାଶ ହୋଇ ନାହିଁ । ବାଇବଲ ଏହାର ବାସ୍ତବିକତା କୁ ଜୋର ଦିଏ ଏବଂ ଏହାର ପ୍ରଭାବକୁ ଦୃଢ଼ଭାବେ ବିରୋଧ କରେ । ବାସ୍ତବିକତାରେ ଅନ୍ତିମ ଦ୍ୱେତବାଦ ନାହିଁ । ଈଶ୍ୱର ସଂପୂର୍ଣ୍ଣ ନିୟନ୍ତ୍ରଣାଧିନ; ମନ୍ଦ ପରାଜିତ ଅଟେ, ବିଚାରିତ ଅଟେ ଏବଂ ସୃଷ୍ଟିରୁ ମଧ୍ୟ ବିତାଡ଼ିତ ହେବ ।

ଛ - ଈଶ୍ୱରଙ୍କ ଲୋକମାନେ ମନ୍ଦକୁ ବିରୋଧ କରିବା ଉଚିତ୍ (ଯାକୁବ. ୪ : ୭) । ସେମାନେ ଏହା ଦ୍ୱାରା ନିୟନ୍ତ୍ରିତ ହୋଇ ପାରନ୍ତି ନାହିଁ (୧ ଯୋହ. ୪ : ୭) । ସେମାନେ ଏହା ଦ୍ୱାରା ନିୟନ୍ତ୍ରିତ ହୋଇ ପାରନ୍ତି ନାହିଁ (୧ ଯୋହନ,୫ : ୧୮); ମାତ୍ର ସେମାନେ ପରୀକ୍ଷିତ ହୋଇପାରନ୍ତି ଓ ସେମାନଙ୍କ ସାକ୍ଷ୍ୟ ଓ କର୍ତ୍ତୃତ୍ୱ ନଷ୍ଟ ହୋଇପାରେ (ଏଫ ୬ : ୧୦ - ୧୮) । ମନ୍ଦ ଖ୍ରୀଷ୍ଟିଆନ ବିଶ୍ୱମତର ଗୋଟିଏ ପ୍ରକାଶିତ ଅଂଶ । ଆଧୁନିକ ଖ୍ରୀଷ୍ଟିଆନ ବିଶ୍ୱମତର ଗୋଟିଏ ପ୍ରକାଶିତ ଅଂଶ । ଆଧୁନିକ ଖ୍ରୀଷ୍ଟିଆନମାନଙ୍କର ମନ୍ଦକୁ ପୁନଃ ସଂଜ୍ଞା ଦେବା କୌଣସି ଅଧିକାର ନାହିଁ (ରୁଡୋଲ୍ଫ ବଲ୍ଟମ୍ୟାନଙ୍କ ଡିମିଥୋଲୋଜାଇଜିଙ୍ଗ); ମନ୍ଦକୁ ଚିହ୍ନଟ କରିବା । ଏହାକୁ ମନବୈଜ୍ଞାନିକ ରୂପେ ଏହା ସଂପୂର୍ଣ୍ଣ ବିବରଣ କରିବାକୁ ପଦକ୍ଷେପ ନେବା କଥା ନୁହଁ (ସରାମୁଣ୍ଡ ଫ୍ରିଉଦ) । ଏହାର ପ୍ରଭାବ ବିସ୍ତାର ଅଟେ, ମାତ୍ର ଏ ପରାଜିତ, ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ଜୟରେ ଚାଲିବା ଉଚିତ୍ ।

**୭ : ୨୨**

**ଏନ୍ ଏ ଏସ୍ ବି, ଏନ୍ କେଜେଭି - "ଏହା ଯେ ମୋଶାଙ୍କ ଠାରୁ ହୋଇଛି ତାହା ନୁହେଁ ମାତ୍ର ପିତୃପୁରୁଷଙ୍କ ଠାରୁ**

**ଏନ୍‌ଆର୍‌ଏସ୍‌ଭି - "ଏହା, ଅବଶ୍ୟ, ମୋଶାଙ୍କ ଠାରୁ ନୁହେଁ, କିନ୍ତୁ ପିତୃପୁରୁଷଙ୍କ ଠାରୁ ।**

**ଟଇଭି - "ଅବଶ୍ୟ ଏହା ମୋଶାଙ୍କ ଠାରୁ ନୁହେଁ, ମାତ୍ର ତୁମ୍ଭମାନଙ୍କ ପିତୃପୁରୁଷମାନେ ଯିଏ ଆରମ୍ଭ କଲେ"**

**ଏରିଜେବି - "ଏହା ମୋଶାଙ୍କ ଠାରୁ ଆରମ୍ଭ ହେଇନାହିଁ, ଏହା ପିତୃପୁରୁଷଙ୍କ ଠାରୁ ହୋଇ ଆସୁଛି" ।**

ସୁନ୍ନତ୍ ନିୟମ ମୋଶାଙ୍କ ଠାରୁ ଆରମ୍ଭ ହୋଇନାହିଁ (ଯାତ୍ରା - ୧୨ : ୪୮, ଲେବି. ୧୨ : ୩) ।

କିନ୍ତୁ ଅବ୍ରାହାଙ୍କ ସହିତ ଯିହୋବାଙ୍କ ବିଶେଷ ନିୟମର ଚିହ୍ନ ରୁପେ ତାହାଙ୍କୁ ଦିଆଗଲା (ଆଦି. ୭:୯, ୧୪; ୨୧:୪; ୩୪: ୨୨) ।

■ **"ଆଉତୁମ୍ଭେ ବିଶ୍ରାମବାରରେ ମଣିଷର ସୁନ୍ନତ୍ କରୁଅଛ"** ଯୀଶୁଙ୍କର ତର୍କବିତର୍କର ତାତ୍ପର୍ଯ୍ୟ ହେଲା ତୁମ୍ଭେ ଗୋଟିଏ ଛୁଆର ସୁନ୍ନତ୍ ନିମନ୍ତେ ବିଶ୍ରାମବାରକୁ ଗୋଟିଏ ପାଖରେ ରଖି ଦେଉଛ ଆଉ ଜଣେ ମନୁଷ୍ୟକୁ ଠିକ୍ କରିବାରେ ବିଶ୍ରାମବାରର ନିୟମକୁ ଅନ୍ୟ ପାଖ କାହିଁକି କରୁଛ ? (ସାବ.୧୩୨କ. ୧୮:୩; ୧୯:୧-୬) । ଯୀଶୁ ରାବ୍‌ବୀମାନଙ୍କ ଯିହୁଦୀ ଧର୍ମର ହିଁ ବିଚାରଧାରାକୁ ଉପଯୋଗ କରୁଥିଲେ ।

୭:୨୩ "ଯଦି" ଏହା ପ୍ରଥମ ଶ୍ରେଣୀ ସର୍ତ୍ତ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିରେ ସତ୍ୟ କିମ୍ବା ତାହାଙ୍କ ଲେଖାର ଉଦ୍ଦେଶ୍ୟ ସତ୍ୟ ।

■ **"ମୁଁ ବିଶ୍ରାମବାରରେ ଜଣେ ମନୁଷ୍ୟକୁ ସର୍ବାଙ୍ଗ ସୁସ୍ଥ କରିବାରୁ ତୁମ୍ଭେମାନେ କାହିଁକି ମୋ ଉପରେ କ୍ରୋଧ କରୁଅଛ ?"**

ଏହା ୫ : ୧ - ୯ ରେ ଉଲ୍ଲେଖିତ ସ୍ୱସ୍ଥତାର ଘଟଣାକୁ ଇଙ୍ଗିତ କରେ ନଚେତ୍ ଉଲ୍ଲେଖ ନଥିବା ପର୍ବ ସମୟର ଅନ୍ୟ କେଉଁ ସୁସ୍ଥତାକୁ ଇଙ୍ଗିତ କରେ ।

ଗ୍ରୀକ୍ ଶବ୍ଦ "କ୍ରୋଧ' (ଚାଲାଓ) ଗୋଟିଏ ବିରଳ ଶବ୍ଦ ଯାହା ନୂତନନିୟମରେ ମିଳେ ।

ଏହା ଗ୍ରୀକ୍ ପତ୍ରିକାରେ ବିସ୍ତୃତ ରୁପେ ମିଳେ (ବିଏଜିଡ଼ି. ପୃ. ୮୮୩ ଏବଂ ଏମ୍ ଏସ, ପୃ. ୬୮୯) ।

ଏହା "ଗାଲ୍" ଶବ୍ଦ ସହିତ ସମ୍ବନ୍ଧିତ ଅଟେ (ଗେଲେ, ମାଥିଉ, ୨୭:୩୪) । ଯୀଶୁ ଏହି ଶବ୍ଦକୁ ପ୍ରୟୋଗ କରିବା ଅଜଣାତ ଅଟେ (ଏହାର ଅର୍ଥ) । ଏହା "ଇଶ୍ୱରିୟ କ୍ରୋଧ" ହୋଇପାରେ କି ସେମାନେ ଇଶ୍ୱରଙ୍କ ଇଚ୍ଛା ଓ ବ୍ୟବସ୍ଥାକୁ ରକ୍ଷା କରୁଥିଲେ, ଯାହା ଯୀଶୁ ତାକୁ ଭଙ୍ଗ କରୁଅଛନ୍ତି ।

**୭ : ୨୪ "ବାହ୍ୟ ବିଷୟ ଦେଖି ବିଚାର ନକରି ନ୍ୟାୟ ବିଚାର କର"** ଏହା ଏକ ଆଦେଶାତ୍ମକ କଥନ ଅର୍ଥାତ୍ ଯେଉଁ କର୍ମ ପ୍ରଗତିରେ ଅଛି ତାହାକୁ ବନ୍ଦ କର । ବୋଧେ ଏହା ଯିଶା. ୧୧ : ୩ କୁ ସଙ୍କେତ କରୁଥାଇପାରେ ।

**ଏନ୍ ଏ ଏସ୍ ବି ବାକ୍ୟ : ୭ : ୨୫ - ୩୧**

୨୫ ଏଥିରେ ଯିରୁଶାଲମ ନିବାସୀମାନଙ୍କ ମଧ୍ୟରୁ କେହି କେହି କହିବାକୁ ଲାଗିଲେ, ସେମାନେ ଯାହାକୁ ବଧ କରିବା ନିମନ୍ତେ ଚେଷ୍ଟା କରୁଅଛନ୍ତି, ଏ କଅଣ ସେ ନୁହେଁ ? ୨୬ ପୁଣି, ଦେଖ, ସେ ପ୍ରକାଶରେ କଥା କରୁଅଛି, ଆଉ ସେମାନେ ତାହାକୁ କିଛି କରୁନାହାନ୍ତି । ଏ ଯେ ଖ୍ରୀଷ୍ଟ, ଏହା କଅଣ ନେତାମାନେ ସତେ ଜାଣିସାରିଲେଣି ? ୨୭ ଯାହାହେଉ, ଏହାର ଉତ୍ପତି ଆମ୍ଭେମାନେ ଜାଣୁ, କିନ୍ତୁ ଖ୍ରୀଷ୍ଟ ଯେତେବେଳେ ଆସିବେ, ସେତେବେଳେ ତାହାଙ୍କ ଉତ୍ପତ୍ତି କେହି ଜାଣିବ ନାହିଁ। । ୨୮ ସେଥିରେ ଯୀଶୁ ମନ୍ଦିରରେ ଶିକ୍ଷା ଦେଉ ଦେଉ ଉଚ୍ଚ ସ୍ୱରରେ କହିଲେ, ତୁମ୍ଭେମାନେ ମୋତେ ଓ ମୋହର ଉତ୍ପତ୍ତି ଉଭୟେ ଜାଣି, ମୁଁ ନିଜଠାରୁ ଆସି ନାହିଁ, କିନ୍ତୁ ମୋହର ପ୍ରେରଣକର୍ତ୍ତା ସତ୍, ତାହାଙ୍କୁ ତୁମ୍ଭେମାନେ ଜାଣି ନାହଁ । ୨୯ ମୁଁ ତାହାଙ୍କୁ ଜାଣେ । କାରଣ ମୁଁ ତାହାଙ୍କଠାରୁ ଉତ୍ପନ୍ନ, ଆଉ ସେ ମୋତେ ପ୍ରେରଣ କଲେ । ୩୦ ସେଥିରେ ସେମାନେ ତାହାଙ୍କୁ ଧରିବାକୁ ଚେଷ୍ଟା କଲେ, କିନ୍ତୁ କେହି ତାହାଙ୍କ ଉପରେ ହାତ ଦେଲେ ନାହିଁ । କାରଣ ତାହାଙ୍କ ସମୟ ସେ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନ ଥିଲା ।

**୭:୨୫ "ସେମାନେ ଯାହାକୁ ବଧ କରିବା ନିମନ୍ତେ ଚେଷ୍ଟା କରିଅଛନ୍ତି, ଏ କଅଣ ସେ ନୁହେଁ"**

ବ୍ୟାକରଣାତ୍ମକ ଢାଞ୍ଚାରେ ଏହି ପ୍ରଶ୍ନର ଉତ୍ତର "ହଁ" ଚାହେଁ (୫:୧୭; ୭:୧୯) । ଏହା ପଦ ୩୬ରୁ ଆରମ୍ଭ ହେଉଥିବା ପ୍ରଶ୍ନ ପ୍ରଣାଳୀମାନଙ୍କ ମଧ୍ୟରୁ ପ୍ରଥମ ପ୍ରଶ୍ନ ଅଟେ ।

**୭:୨୬ ଏନ୍ଏଏସ୍ବି, ଆରଇଭି, ଏନ୍ଇଟି - "ସେ ପ୍ରକାଶରେ କଥା କହୁଅଛି"**

**ଏନ୍କେଜେଭି - "ସେ ସାହସରେ କଥା କହୁଅଛି"**

**ଏନ୍ଆର୍ଏସ୍ଭି, ଏନ୍ଜେବି - ସେ ମୁକ୍ତରେ କଥା କହୁଛନ୍ତି"**

ଦେଖନ୍ତୁ ବିଶେଷ ଶୀର୍ଷ : ସାହସ (ପାରହେସିଆ) ୭:୪ରେ

*** ଏନ୍ଏଏସ୍ବି - "ଏ ଯେ ଖ୍ରୀଷ୍ଟ ଏହା କଣ ନେତାମାନେ ସତରେ ଜାଣିନାହାନ୍ତି ?"**

**ଏନ୍କେଜେଭି - "ଏ ଯେ ପ୍ରକୃତରେ ଖ୍ରୀଷ୍ଟ ଏହା କଅଣ ନେତାମାନେ ସତେ ଜାଣିସାରିଲେଣି"**

**ଏନ୍ଆର୍ଏସ୍ଭି - "କଣ ନେତାମାନେ ପ୍ରକୃତରେ ଜାଣିପାରିବେ କି, ଏ ମଶୀହ ଅଟନ୍ତି"**

**ଏନ୍ଜେବି - "କଣ ଏହା ସତ୍ୟ ହୋଇପାରେ କି ନେତାମାନେ ତାହାଙ୍କୁ ଖ୍ରୀଷ୍ଟ ବୋଲି ଚିହ୍ନିପାରିଲେ"**

ଏହା ବ୍ୟାକରଣତ୍ମକ ଶୈଳିର ଉତ୍ତର "ନା"ରେ ଆଶା କରେ । ଅବଶ୍ୟ ଏହା ସମ୍ଭବତଃ କୁ ବିବରଣ କରେ (୧:୩୧; ୪:୨୯)

**୭:୨୭ "ଏହାର ଉତ୍ପତ୍ତି ଆମ୍ଭେମାନେ ଜାଣୁ, କିନ୍ତୁ ଖ୍ରୀଷ୍ଟ ଯେତେବେଳେ ଆସିବେ, ସେତେବେଳେ ତାହାଙ୍କ ଉତ୍ପତ୍ତି କେହି ଜାଣିବ ନାହିଁ"** ଏହା ମାଲାଖୀ ୩:୧ ଉପରେ ଗୋଟିଏ ରାବ୍ବୀୟ ମଶିହତ ପରମ୍ପରାକୁ ବୁଝାଏ କି ମଶୀହ ଅକସ୍ମାତ ରୁପେ ମନ୍ଦିରରେ ପ୍ରକାଶିତ ହେବେ । ଏହା ଇନୋଖ ୪୮:୬; ଏବଂ ୪ ଏଜ୍ରା ୧୩:୫୧ରେ ମିଳେ ।

**୭:୨୮** ଏହି ବାକ୍ୟରେ ଯୀଶୁ ଦୁଇଟି ବିବରଣ ଦିଅନ୍ତି ।

୧. ଇଶ୍ୱର ତାହାଙ୍କୁ ପ୍ରେରଣ କଲେ (୩:୧୭, ୩୪; ୫:୩୬, ୩୮; ୬:୨୯; ୮:୪୨; ୧୦:୩୬; ୧୧:୪୨; ୧୭:୩, ୧୮, ୨୧, ୨୩, ୨୫; ୨୦:୨୧)

୨. କି ସେମାନେ ଇଶ୍ୱରଙ୍କୁ ଜାଣନ୍ତି ନାହିଁ (୫:୩୭, ୪୨; ୮:୧୯, ୨୭, ୫୪-୫୫; ୧୬:୩) ଯୋହନ ଉଲ୍ଲେଖ କରନ୍ତି କି ଯୀଶୁ "ଉଚ୍ଚ ସ୍ୱରରେ କହିଲେ" (୭:୩୭; ୧୨:୪୪; ମାଥିଉ ୮:୨୯) । ଶୁଣାଯିବାକୁ ଯୀଶୁ ଆପଣା ସ୍ୱରକୁ ବଢ଼ାଇଲେ । ଗୋଟିଏ ପକ୍ଷରେ ଏହା ଆକ୍ଷରିକ ରୂପେ କାର୍ଯ୍ୟ କରେ, ଯେମିତି ଆରମ୍ଭରେ ଯୀଶୁଙ୍କର "ଆମେନ" କିମ୍ବା "ଆମେନ୍, ଆମେନ୍" ର ବ୍ୟବହାର । ସେ ଇଚ୍ଛା କଲେ କି ଏହି ଦୃଢ଼ ବିବରଣର ମହତ୍ୱ ଦିଆଯାଉ । ପଦ ୨୯ ସମସ୍ୟାକୁ ଦର୍ଶାଏ । ସେମାନେ ଭାବିଲେ କି ସେ ଗାଲିଲୀର ଅଟନ୍ତି (ପଦ ୪୧) ମାତ୍ର ବାସ୍ତବରେ ସେ ସ୍ୱର୍ଗର ଅଟନ୍ତି ।

■ **"ଆଉ ସେ ମୋତେ ପ୍ରେରଣ କଲେ"** ପିତା ସତ୍ୟ ଅଟନ୍ତି (୩:୩୩; ୮:୨୬; ୧ଯୋହନ ୫:୨୦) ଏଣୁ ପୁତ୍ର ମଧ୍ୟ ସତ୍ୟ ଅଟନ୍ତି (୭:୧୮; ୮:୧୬) ଦେଖନ୍ତୁ ବିଶେଷ ଶୀର୍ଷ ୬:୫୫ରେ ।

**୭:୨୯ "ମୁଁ ତାହାଙ୍କୁ ଜାଣେ, କାରଣ ମୁଁ ତାହାଙ୍କଠାରୁ ଉତ୍ପନ୍ନ, ଆଉ ସେ ମୋତେ ପ୍ରେରଣ କଲେ"**

ଯୋହନରେ ଏହା ଅନ୍ୟ ଏକ ଭୂଲମ୍ବ ଦେବତବାଦ । ଏହି ବିବରଣଟି ଯିହୁଦୀ ନେତାମାନଙ୍କ ଦ୍ୱାରା ନିନ୍ଦିତ ହେଲା ଏବଂ ଯୀଶୁଙ୍କୁ ବଧ କରିବାରେ ଦୃଢ଼ ନିଷ୍ପତି ନେଲେ । ଦେଖନ୍ତୁ ବିଶେଷ ଶୀର୍ଷ ପ୍ରେରଣ (ଏପୋଷ୍ଟେଲୋ) ୫:୨୪ରେ ।

**୭:୩୦ "ସେମାନେ ତାହାଙ୍କୁ ଧରିବାକୁ ଚେଷ୍ଟା କରୁଥିଲେ"** ଏହା ଏକ ଅପୂର୍ଣ୍ଣକାଳ କ୍ରିୟା ଯାହାର ଅର୍ଥ (୧) ସେମାନେ ତାହାଙ୍କୁ ଧରିବାକୁ ଚେଷ୍ଟା କରୁଥିଲେ କିମ୍ବା (୨) ସେମାନେ ତାହାଙ୍କୁ ଗିରଫ କରିବାକୁ ବାରମ୍ବାର ଚେଷ୍ଟା କରୁଥିଲେ କିନ୍ତୁ ସେମାନେ ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ କଳହ ଉତ୍ପନ୍ନ କରିବା ଚାହିଁଲେ ନାହିଁ ଯେଉଁମାନେ ତାହାଙ୍କୁ ଖ୍ରୀଷ୍ଟ ରୂପେ ବିଶ୍ୱାସ କରୁଥିଲେ ।

■ **"କାରଣ ତାହାଙ୍କ ସମୟ ସେ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନଥିଲା"** ଏହା ଈଶ୍ୱରୀୟ ସମୟ ସାରଣୀକୁ କହୁଥିବା ଭବିଷ୍ୟତବାଣୀ ଶବ୍ଦସମୂହ ଅଟେ (୨:୪; ୭:୬, ୩୦; ୮:୨୦; ୧୨:୨୩, ୨୭; ୧୩:୧; ୧୭:୧)

**୭:୩୧ "କିନ୍ତୁ ଅନେକ ଲୋକ ସମୂହ ତାହାଙ୍କୁ ବିଶ୍ୱାସ କଲେ"**

ଏହା ଏକ ସତ୍ୟ ବିଶ୍ୱାସ ଥିଲା, ଅବଶ୍ୟ ସେମାନଙ୍କ ଭିତରେ ଖ୍ରୀଷ୍ଟଙ୍କେ କାର୍ଯ୍ୟ ଆଡ଼କୁ କିଛି ଭୁଲ୍ ଧାରଣା ନିଶ୍ଚୟ ଥିଲା । କାହାରି ପାଖରେ ମଧ୍ୟ ସିଦ୍ଧ ବିଶ୍ୱାସ ନଥିଲା (ନହ, ଆବ୍ରାହମ, ମୋଶା, ଦାଉଦ, ଦ୍ୱାଦଶ) । ଦେଖନ୍ତୁ ବିଶେଷ ଶୀର୍ଷ ୨:୩୧ରେ । ଯେତେବେଳେ ସୁସମାଚାର କୁହାଯାଏ ଏହା ସର୍ବଦା ଘଟେ । କେତେକ ବିଶ୍ୱାସ କରନ୍ତି, କେତେକ ସନ୍ଦେହ କରନ୍ତି, କେତେକ କ୍ରୋଧ କରନ୍ତି । ଏଠାରେ ରହସ୍ୟର କେତେକ ଛେଦନ

୧. ଈଶ୍ୱରୀୟ ମନୋନୀତ

୨. ମଣିଷର ପାପମୟତ

ଏଠାରେ ଏହା ରହସ୍ୟ ଅଟେ । ଏତେଗୁଡ଼ାଏ କାର୍ଯ୍ୟର ଉପସ୍ଥିତିରେ ମଧ୍ୟ ଅବିଶ୍ୱାସ କରିବା ମୁଁ ତ ଆଶ୍ଚର୍ଯ୍ୟ ହୁଏ । ହୋଇପାରେ ଏହା ପରିବାରର ସଦସ୍ୟମାନଙ୍କୁ ପରସ୍ପରରେ ଗଠନ କରିବାରେ ଯୀଶୁଙ୍କ ବାକ୍ୟର ଆରମ୍ଭ ଅଟେ । ସୁସମାଚାର କେତେକଙ୍କ ନିମନ୍ତେ ଶାନ୍ତି ଆଣେ ଏବଂ କେତେକଙ୍କ ନିମନ୍ତେ ମତଭେଦକୁ ଆଣେ ।

■ **"ଖ୍ରୀଷ୍ଟ ଆସି ତାହାଙ୍କଠାରୁ କଅଣ ଅଧିକ କରିବେ"** ଗ୍ରୀକ୍ ବ୍ୟାକରଣାତ୍ମକ ଆଶାକରେ "ମା" ଉତ୍ତର । ଯୀଶୁରେ ବିଶ୍ୱାସକୁ ଉତ୍ସାହ କରିବାକୁ ଲକ୍ଷଣର ପ୍ରୟୋଗ ବିଷୟରେ ଏଥିଅଲୋଜି ଅଫ ଦି ନିଉ ଟେଷ୍ଟାମେଣ୍ଟରେ ଜର୍ଜଇ ଲାଡ଼ ଏହି ପ୍ରକାର କହନ୍ତି ।

> "ବିଶ୍ୱାସ ସହିତ ଲକ୍ଷଣର ସମ୍ବନ୍ଧ ବିଷୟରେ ସ୍ପଷ୍ଟ ଉତ୍ତର ଦେବା ସହଜ ନୁହେ, କାରଣ ଏହାର ବିବରଣ ଦୁଇଟି ଦିଗକୁ ଯିବା ଦେଖାଯାଏ । ଅନେକଥର ଲକ୍ଷଣ ଯୀଶୁଙ୍କ ଉପରେ ବିଶ୍ୱାସ କରିବା ଆଡ଼କୁ ନେଇ ଆସେ (୨:୨୩; ୬:୧୪; ୭:୩୧; ୧୦:୪୨) । ଦ୍ୱିତୀୟରେ ଯେଉଁମାନେ ଆଶ୍ଚର୍ଯ୍ୟକର୍ମ ଦେଖିଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ବିଶ୍ୱାସ କରି ନାହାନ୍ତି (୬:୨୭; ୧୧:୪୭; ୧୨:୩୭) । ଥରେ ଯୀଶୁ ଯିହୁଦୀମାନଙ୍କୁ ଧମକ ଦେଲେ କାରଣ ସେମାନେ ଆଶ୍ଚର୍ଯ୍ୟ କର୍ମକୁ ନ ଦେଖି ବିଶ୍ୱାସ କରିବାକୁ ତତ୍ପର ନଥିଲେ (୪:୪୮; ୬:୩୦) । ବିଶ୍ୱାସ ଏବଂ ଆଶ୍ଚର୍ଯ୍ୟ କର୍ମର ସଂଘର୍ଷ ମଧ୍ୟରେ ଆମକୁ ଉତ୍ତର ବାହାର କରିବାକୁ ପଡ଼ିବ । ଆଶ୍ଚର୍ଯ୍ୟ କର୍ମର ଅର୍ଥ ଏବଂ ଯୀଶୁଙ୍କ ପ୍ରତି ସେମାନଙ୍କ ସାକ୍ଷ୍ୟକୁ ବୁଝିବାରେ ଆମ୍ଭମାନଙ୍କୁ ବିଶ୍ୱାସର ଆବଶ୍ୟକ ଅଟେ । ଯେଉଁମାନଙ୍କ ପାଖେ ବିଶ୍ୱାସ ନଥିଲା ସେମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟ କର୍ମ ଅର୍ଥହୀନ ଅଟେ । ଯେଉଁମାନେ ପ୍ରତିତ୍ତୋର ଦେବା ଲୋକ ଥିଲେ ସେମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟ କର୍ମ ବିଶ୍ୱାସକୁ ସାବ୍ୟସ୍ତ କରିବା ଏବଂ ଗଭୀର ବିଶ୍ୱାସ ଥିଲା । ଏହା ସ୍ପଷ୍ଟ ଥିଲା ଯେ ଯୀଶୁଙ୍କର ଆଶ୍ଚର୍ଯ୍ୟ କର୍ମ ବିଶ୍ୱାସ ନିମନ୍ତେ ବାଧ କରିବା ନଥିଲା । ଅନ୍ୟ ପକ୍ଷେ ଯୀଶୁଙ୍କର କାର୍ଯ୍ୟ ସେମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଅଟେ । ଯିଏ ଦେଖୁଅଛନ୍ତି ସେବାରେ କଣ ହେଉଅଛି । ଯୀଶୁଙ୍କର କାର୍ଯ୍ୟ ଅସ୍ତ୍ର ରୂପେ ପାପମୟ ଜୀବନ ବିତାଉଥିବା ଲୋକଙ୍କ ନିମନ୍ତେ ଦଣ୍ଡକୁ ଆଣିଥାଏ (ପୃ. ୨୭୪)

ଏନ୍ଏଏସ୍ବି ବାକ୍ୟ : ୭:୩୨-୩୬

**୩୨ ଫାରୁଶୀମାନେ ଲୋକସମୂହକୁ ତାହାଙ୍କ ବିଷୟରେ ଆନ୍ଦୋଳନ କରିବା ଶୁଣିଲେ ଏବଂ ଯାଜକ ଓ ଫାରୁଶୀମାନେ ତାହାଙ୍କୁ ଧରିବା ନିମନ୍ତେ ପଦାତିକମାନଙ୍କୁ ପଠାଇଲେ । ୩୩ ସେଥିରେ ଯୀଶୁ କହିଲେ ମୁଁ ଆଉ ଅଳ୍ପ ସମୟ ତୁମ୍ଭମାନଙ୍କ ସହିତ ରହି ମୋର ପ୍ରେରଣକର୍ତ୍ତାଙ୍କ ନିକଟକୁ ଯାଉଅଛି । ୩୪ ତୁମ୍ଭେମାନେ ମୋତେ ଖୋଜିବ । ମାତ୍ର ପାଇବ ନାହିଁ, ଆଉ ମୁଁ ଯେଉଁଠାରେ ଥିବି, ତୁମ୍ଭେମାନେ ସେଠାକୁ ଯାଇ ପାରିବ ନାହିଁ । ୩୫ ଏଥିରେ ଯିହୁଦୀମାନେ ପରସ୍ପର କହିଲେ, ଏ କେଉଁଠାକୁ ଯିବା ପାଇଁ ବାହାରିଛି ଯେ, ଆମ୍ଭେମାନେ ତାହାକୁ ପାଇବା ନାହିଁ ? ଏ କଅଣ ଗ୍ରୀକ୍‌ମାନଙ୍କ ମଧ୍ୟରେ ଛିନ୍ନଭିନ୍ନ ଯିହୁଦୀମାନଙ୍କ ନିକଟକୁ ଯାଇ ଗ୍ରୀକ୍‌ମାନଙ୍କୁ ଶିକ୍ଷା ଦେବାକୁ ବାହାରିଛି । ୩୬ ତୁମ୍ଭେମାନେ ମୋତେ ଖୋଜିବ, ମାତ୍ର ପାଇବ ନାହିଁ, ଆଉ ମୁଁ ଯେଉଁଠାରେ ଥିବି, ତୁମ୍ଭେମାନେ ସେଠାକୁ ଯାଇପାରିବ ନାହିଁ, ସେ ଏହି ଯେଉଁ କଥା କହିଲେ ସେ କଅଣ ?**

**୭:୩୨ "ଯାଜକ ଓ ଫାରୁଶୀମାନେ"** ଏହା ସନ୍‌ହେଡ୍ରିନର ସଦସ୍ୟମାନଙ୍କୁ ଦର୍ଶାଏ (ଦେଖନ୍ତୁ ବିଶେଷ ଶୀର୍ଷକ ୩:୧ରେ) ସେଠାରେ କେବଳ ଜଣା ମହା ଯାଜକ ଥିଲେ, କିନ୍ତୁ ରୋମୀୟ ଶାସନକାଳରୁ ଏହି ପଦ ରାଜନୈତିକ ବସ୍ତୁ ହେଲା ଯେଉଁକାରଣରୁ ଧନୀ ପରିବାରର ଲୋକେ ଏହାକୁ ଗ୍ରହଣ କରିବା ଇଚ୍ଛା ପ୍ରକାଶ କଲେ ଏବଂ ଜଣେ ବ୍ୟକ୍ତିଙ୍କଠାରୁ ସେହି ପରିବାରର ଅନ୍ୟ ସଦସ୍ୟଙ୍କୁ ଦିଆଗଲା ।

■ **"ତାହାଙ୍କୁ ଧରିବା ନିମନ୍ତେ ପଦାତିକମାନଙ୍କୁ ପଠାଇଲେ"** ଏହା ମନ୍ଦିରର ପୋଲିସ ଆଡ଼କୁ ଇଙ୍ଗିତ କରେ ଯେଉଁମାନେ ଲେବିୟ ବଂଶର ଅଟନ୍ତି । ସେମାନଙ୍କ ଅଧିକାର ମନ୍ଦିରର ସୀମା ପର୍ଯ୍ୟନ୍ତ ହିଁ ଥିଲା (୭:୪୫, ୪୬; ୧୮:୩, ୧୨, ୧୮, ୨୨)

**୭:୩୩ "ମୁଁ ଆଉ ଅଳ୍ପ ସମୟ ତୁମ୍ଭମାନଙ୍କ ସହିତ ରହିବି"** ଏହା ଯୋହନ ସୁସମାଚାରରେ ସାଧାରଣ ଶବ୍ଦ ଅଟେ (୧୨:୩୫; ୧୩:୩୩; ୧୪:୧୯; ୧୬:୧୬-୧୯) । ଯୀଶୁ ସ୍ୱଂୟକୁ ଜାଣୁଥିଲେ, ଏବଂ କେବେ ତାହାଙ୍କୁ କଣ ହେବ ସେ କଥା ମଧ୍ୟ ସେ ଜାଣୁଥିଲେ (୧୨:୨୩; ୧୩:୧; ୧୭:୧-୫) ।

■ **"ମୋର ପ୍ରେରଣକର୍ତ୍ତାଙ୍କ ନିକଟକୁ ଯାଉଅଛି"** ଏହା ଯୀଶୁଙ୍କର ଉଦ୍ଧାରର ସେବାକାର୍ଯ୍ୟର ସମାପ୍ତି ଘଟଣାକୁ ଦର୍ଶାଏ; କ୍ରୁଶାର୍ପଣ, ପୁନରୁଥାନ, ସ୍ୱର୍ଗାରୋହଣ ଏବଂ ପୁର୍ବମହୀମାର ପୁନଃସ୍ଥାପନ । (୧୭:୧-୫; ପ୍ରେରିତ ୧)

**୭:୩୪** ଏହା ଉପର କୋଠରିରେ ଶିଷ୍ୟମାନଙ୍କ ସହିତ ଯୀଶୁଙ୍କର ବାର୍ତ୍ତାଳାପର ସଦୃଶ୍ୟ ଅଟେ (୧୩:୩୩; ୭:୩୬ ଏବଂ ୮:୨୧) । କିନ୍ତୁ ଏଠାରେ ଏହା ଅବିଶ୍ୱାସୀମାନଙ୍କୁ ଦର୍ଶାଏ (ଲୋକସମୂହ, ଯିରୁଶାଲମ ନିବାସୀ ଏବଂ ଯିହୁଦୀ ନେତାମାନେ)

**୭:୩୫-୩୬ "ଏ କଅଣ ଗ୍ରୀକ୍‌ମାନଙ୍କ ମଧ୍ୟରେ ଛିନ୍ନଭିନ୍ନ ଯିହୁଦୀମାନଙ୍କ ନିକଟକୁ ଯାଇ ଗ୍ରୀକ୍‌ମାନଙ୍କୁ ଶିକ୍ଷା ଦେବାକୁ ବାହାରିଛ"** ଗ୍ରୀକ୍ ବ୍ୟାକରଣାତ୍ମକ ଆକୃତି "ନା" ଉତ୍ତରକୁ ଆଶା କରେ । ଏହା ଅନ୍ୟ ବ୍ୟଙ୍ଗର ବ୍ୟବହାର । ଏହା ସର୍ବଦା ଇଶ୍ୱରଙ୍କର ଇଚ୍ଛା ଥିଲା (ଆଦି. ୩:୧୫; ୧୨:୩; ଯିଶା. ୨:୨-୪) ।ସମାଗମତମ୍ବୁର ପର୍ବ ସମୟରେ ୭୦ଟି ବଳଦର ବଳି ସଂପୂର୍ଣ୍ଣ ଜଗତର ରାଜ୍ୟ ନିମନ୍ତେ ଚଢ଼ା ଯାଇଥିଲା । ଯିହୁଦୀମାନଙ୍କର କର୍ତ୍ତବ୍ୟ ଥିଲା କି ବିଜାତିମାନଙ୍କ ମଧ୍ୟରେ ଜ୍ୟୋତି ଆସିବା ନିମନ୍ତେ ପ୍ରାର୍ଥନା କରିବା । ଏହା ବିବରଣର ସାଂସ୍କୃତି ଢାଞ୍ଚାକୁ ପ୍ରତିଫଳନ କରିପାରେ । ବିଜାତିମାନଙ୍କ ନିମନ୍ତେ "ଗ୍ରୀକ୍" ଶବ୍ଦର ପ୍ରୟୋଗ କରାଯାଇଛି । ଶବ୍ଦ ଡିସପେରିଆ ଯିହୁଦୀମାନେ ବିଜାତିମାନଙ୍କ ସ୍ଥାନରେ ବସତି କରିବାକୁ ଦର୍ଶାଏ (ଯାକୁବ ୧:୧; ୧ପିତର ୧:୧) । ଏହା ଅନ୍ୟ ଏକ ଉଦାହରଣ କି ଲୋକେ ଯୀଶୁଙ୍କର ରୂପକାତ୍ମକ କଥାକୁ ଭୁଲ ବୁଝୁଥିଲେ । ଏହା ଶୀର୍ଷବିନ୍ଦୁ ଦ୍ୱୈତବାଦର ଅନ୍ୟ ଏକ ଉଦାହରଣ ଅଟେ । ଲୋକମାନେ ଯୀଶୁଙ୍କର କଥାକୁ ଏଇଥି ଯୋଗୁଁ ଭୁଲ୍ ବୁଝୁଥିଲେ କି ସେମାନେ ଯୀଶୁ କହିଥିବା ବାକ୍ୟର "ସ୍ୱର୍ଗୀୟ" ଏବଂ "ଭୌମିକ" ଅର୍ଥର ବଦଳରେ ଆକ୍ଷରିକ ଅର୍ଥକୁ ବୁଝିଲେ । ସେ ପିତାଙ୍କର ଏବଂ ସେ ପିତାଙ୍କ ନିକଟକୁ ଫେରିଯିବେ ।

**ଏନ୍ଏଏସ୍‌ବି ବାକ୍ୟ : ୭:୩୭-୩୯**

**୩୭ ଶେଷ ଦିନ ଅର୍ଥାତ୍ ପର୍ବର ପ୍ରଧାନ ଦିନ, ଯୀଶୁ ଠିଆ ହୋଇ ଉଚ୍ଚ ସ୍ୱରରେ କହିଲେ, କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ । ୩୮ ଯେ ମୋଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ । ୩୯ ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ, କାରଣ ଯୀଶୁ ସେ ପର୍ଯ୍ୟନ୍ତ ମହୀମାପ୍ରାପ୍ତ ହୋଇ ନଥିବାରୁ ଆତ୍ମା ପ୍ରଦତ୍ତ ହୋଇ ନଥିଲା ।**

**୭:୩୭ "ଶେଷ ଦିନ ଅର୍ଥାତ୍ ପର୍ବର ପ୍ରଧାନ ଦିନ"** ଏଠାରେ ପ୍ରଶ୍ନ ଉଠେ ଯେ ଏହି ପର୍ବ ସପ୍ତମ ଦିନ ପର୍ବ (ଦ୍ୱିତୀୟ ବିବରଣ ୧୬:୩) କିମ୍ବା ଅଷ୍ଟମ ଦିନ ପର୍ବ (ଲେବି ୨୩:୩୬; ନିହି. ୮:୧୭; ୨ମକ୍କାବି ୧୦:୬୦ ଏବଂ ଯୋଶେଫ) । ଯୀଶୁଙ୍କ ଦିନରେ ଏହା ୮ ଦିନର ପର୍ବ ଥିଲା ଭଳି ଲାଗେ, ଯେପରିକି ୭ ଦିନ ସମାନ ୮ ଦିନରେ ଶିଲୋମ କୁଣ୍ଡରୁ ପାଣି ବାହର କରି ବଳିବେଦିର ତଳେ ଛିଞ୍ଚୁ ନଥିଲେ । ଆମେ ଏହା ତାଲମୁଦର ଟ୍ରାକ୍‌ଟେ ସୁକାହାରୁ ଶିଖୁ, ଯାହା ଯିଶା ୧୨:୩ରୁ ଉଦ୍ଧୃତ । ଏହି ଫସଲ ନିମନ୍ତେ ଏକ ଦୃଶ୍ୟମାନ ପ୍ରାର୍ଥନା ହୋଇପାରେ ।

■ **"ଯଦି"** ଏହା ତୃତୀୟ ଶ୍ରେଣୀ ସର୍ତ୍ତୟ ବାକ୍ୟ ଯାହାର ଅର୍ଥ ଶକ୍ତିଶାଳୀ କାର୍ଯ୍ୟ ।

■ **"କେହି ଯଦି ତୃଷିତ ହୁଏ"** ଯୀଶୁଙ୍କ ଉପରେ ବିଶ୍ୱାସ କରିବାକୁ ବିଶ୍ୱସ୍ତରୀୟ ନିମନ୍ତ୍ରଣ । ଦେଖନ୍ତୁ ୭:୧୭ରେ ।

■ **"ତେବେ ସେ ମୋ ନିକଟକୁ ଆସି ପାନ କରୁ"** ଯୀଶୁ ସେହି ସମାନ ଶବ୍ଦର ପ୍ରୟୋଗ କରୁଛନ୍ତି । ୪:୧୩-୧୫ । ଏହା ସେହି ବିଷୟ ଆଡ଼କୁ ଇଙ୍ଗିତ କରେ କି, ଯୀଶୁ ଜୀବନ୍ତ ଜଳ ଦେଉଥିବା ମଶୀହ ପାଷାଣ ଅଟନ୍ତି (୧କରି. ୧୦:୪) । ଏହା ସ୍ପଷ୍ଟଭାବେ ପୁରାତନ ନିୟମର ଯିଶା ୫୫:୧-୩ ସହିତ ସମ୍ବନ୍ଧିତ ଅଟେ ଏବଂ ପର୍ବ ସମୟରେ ଜଳ ଢାଳିବାର ସାଂକେତିକ ସାଂସ୍କୃତି ସୁଯୋଗ ଅଟେ ।

କେତେକ ପ୍ରାଚୀନ ହସ୍ତଲେଖାରେ "ମୋ ପାଖକୁ"ର ଉଲ୍ଲେଖ ନାହିଁ, ଯୋହନ ସୁସମାଚାରରେ ଲୋକମାନଙ୍କୁ ଯୀଶୁଙ୍କ ଉପରେ ବିଶ୍ୱାସ କରିବା ନିମନ୍ତେ ଅନୁରୋଧ କରାଗଲା । ଏହି ସୁସମାଚାରରେ ବ୍ୟକ୍ତିଗତ ଧ୍ୟାନ ରହିଛି ।

**୭:୩୮ "ଯେ ମୋଠାରେ ବିଶ୍ୱାସ କରେ"** ଧ୍ୟାନ ଦିଅନ୍ତୁ, ଏହା ଏକ ବର୍ତ୍ତମାନ କାଳ । ଏହା ସଂପର୍କରେ ହେଉଥିବ । ଗୋଟିଏ ନିରନ୍ତର ବ୍ୟକ୍ତିଗତ ସଂପର୍କକୁ କହେ ଯେମିତି କି ଯୋହନ ୧୫ର "ରୁହ" । ଦେଖନ୍ତୁ ବିଶେଷ ଶୀର୍ଷ : ଉଦ୍ଧାର ନିମନ୍ତେ ବ୍ୟବହୃତ ଗ୍ରୀକ୍ କ୍ରିୟା କାଳ ୯:୭ରେ ।

■ **"ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ"** ଏଥି ନିମନ୍ତେ ବିଶେଷ ବାକ୍ୟ ଚିହ୍ନିବା କଷ୍ଟ ଅଟେ । ଏହା ଯିଶା ୧୨:୩; ୪୩:୧୯-୨୦; ୪୪:୩; ୫୮:୧୧; ଯିହିଜି ୪୭:୧; ଯୋଏଲ ୩:୧୮; ଯିଖ ୧୩:୧; ୧୪:୮, ଯାହା ରୂପକାତ୍ମକ ଭାବେ ଅନ୍ତିମଶାସ୍ତ୍ର ଜଳକୁ ବୁଝାଏ । ଇଶ୍ୱରୀୟ ସାନ୍ନିଧ୍ୟରେ ଗୋଟିଏ ସଂକେତ । ଏହି କ୍ଷେତ୍ରରେ କୃଷି ଆଶିର୍ବାଦର ନୂତନ ଯଗୁ ପ୍ରତିଜ୍ଞା ଜଳ ନୂତନ ନିୟମର ଆନ୍ତରିକ ପ୍ରକୃତିର ରୂପକକୁ ବଦଳାଗଲା । ଏହା ଆତ୍ମା ମନ ଓ ହୃଦୟରେ ସକ୍ରିୟ ହେବେ (ଯିହିଜି ୩୬:୨୭-୩୮) ।

■ **"ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ"** ଏଠାରେ ପ୍ରୟୋଗ କରାଯାଇଥିବା ସର୍ବନାମ ପ୍ରତି ଅନେକ ସିଦ୍ଧାନ୍ତ ରହିଛି ।

୧- ସ୍ୱଂୟ ଯୀଶୁ (ଆରମ୍ଭିକ ମଣ୍ଡଳୀର ପିତାମାନେ)

୨- ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ବ୍ୟକ୍ତିଗତ ବିଶ୍ୱାସୀମାନେ

୩- ଯିରୁଶାଲମ, ଆରାମିକରେ "ତାହାଙ୍କ" ପୁଂଲିଙ୍ଗ "ତାହାଙ୍କ" ସ୍ତ୍ରୀଲିଙ୍ଗର ଅର୍ଥ ହୋଇପାରେ ଏବଂ ନଗରକୁ ମଧ ଦର୍ଶାଇପାରେ (ଏହା ରାବ୍‌ବୀମାନଙ୍କ ପଦ, ଯିହିଜି ୪୭:୧-୧୨ ଏବଂ ଯିଖ ୧୪:୮) । ଏଠାରେ କେମିତି ଜଣେ ଚିହ୍ନିତ ହେବ ସେ ବିଷୟରେ ଦୁଇଟି ସିଦ୍ଧାନ୍ତର ଏକ ଉତ୍ତମ ସରଳ ଆଲୋଚନା ଅଛି, ପଦ ୩୭ ଏବଂ ୩୮ ।

ଯୀଶୁ ସ୍ୱଂୟକୁ ଜୀବନ୍ତ ଜଳ କହି ଡାକିଲେ (୪:୧୦) ବର୍ତ୍ତମାନ ଏହି ପ୍ରସଙ୍ଗରେ ପବିତ୍ର ଆତ୍ମା ଅଟନ୍ତି (ପଦ ୩୯) ଯିଏ ଯୀଶୁଙ୍କର ଅନୁକାରୀମାନଙ୍କଠାରେ ଜୀବନ୍ତ ଜଳ ପ୍ରଦାନ ଏବଂ ପ୍ରବାହିତ କରିଥାନ୍ତି । ଏହା ବିଶ୍ୱାସୀମାନଙ୍କ ଭିତରେ ପବିତ୍ର ଆତ୍ମାଙ୍କର ଯୀଶୁଙ୍କ ରୁପିକୃତ କରିବାର କାର୍ଯ୍ୟର ସଦୃଶ୍ୟ ଅଟେ (ଲୋମୀ ୮:୨୯; ଗାଲା. ୪:୧୯; ଏଫି. ୪:୧୩) ।

**୭:୩୯ "କାରଣ ଯୀଶୁ ସେପର୍ଯ୍ୟନ୍ତ ମହୀମାପ୍ରାପ୍ତ ହୋଇ ନଥିବାରୁ ଆତ୍ମା ପ୍ରଦତ୍ତ ହୋଇ ନଥିଲା" ।**

ଏହି ବିଷୟ ଉପରେ ଯୋହନଙ୍କ ଅନେକ ସମୟ ପରର ଚିନ୍ତାକୁ ପ୍ରକାଶ କରେ (୧୬:୭) । ଏହା କାଲବରୀ ଏବଂ ପେଣ୍ଟିକୋଷ୍ଟର ବିଶେଷତାକୁ ମଧ ଦର୍ଶାଏ ଏବଂ ଦେଖାଗଲା କି ସେ ସବୁ "ମହୀମାର" ବିଷୟ ଅଟେ (ଯୋହନ ୩:୧୪; ୧୨:୧୬, ୨୩; ୧୭:୧, ୫) ।

**ଏନ୍‌ଏଏସ୍‌ବି ବାକ୍ୟ : ୭:୪୦-୪୪**

**୪୦ ଅତଏବ ଲୋକସମୂହ ମଧ୍ୟରୁ କେହି କେହି ଏହି କଥା ଶୁଣି କହିବାକୁ ଲାଗିଲେ, ଏ ପ୍ରକୃତିରେ ସେହି ଭାବବାଦୀ । ୪୧ଅନ୍ୟମାନେ କହିବାକୁ ଲାଗିଲେ, ଏ ଖ୍ରୀଷ୍ଟ, କିନ୍ତୁ କେହି କେହି କହିବାକୁ ଲାଗିଲେ, କଅଣ ଖ୍ରୀଷ୍ଟ କଅଣ ଗାଲିଲୀରୁ ଆସିବେ ? ୪୨ ଖ୍ରୀଷ୍ଟ ଯେ ଦାଉଦଙ୍କ ବଂଶରୁ ଓ ଦାଉଦ ଯେଉଁଠାରେ ଥିଲେ, ସେହି ବେଥ୍‌ଲିହିମ ଗ୍ରାମରୁ ଆସିବେ, ଏହା କଅଣ ଧର୍ମଶାସ୍ତ୍ରର ବାକ୍ୟ କହି ନାହିଁ ? ୪୩ ତେଣୁ ଲୋକସମୂହ ମଧ୍ୟରେ ତାହାଙ୍କ ହେତୁ ମତଭେଦ ଘଟିଲା । ୪୪ ଆଉ, ସେମାନଙ୍କ ମଧ୍ୟରୁ କେହି କେହି ତାହାଙ୍କୁ ଧରିବାକୁ ଇଚ୍ଛା କରୁଥିଲେ, କିନ୍ତୁ କେହି ତାହାଙ୍କ ଉପରେ ହାତ ଦେଲେ ନାହିଁ ।**

**୭:୪୦ "ଏ ପ୍ରକୃତରେ ସେହି ଭାବବାଦୀ"** ଏହା ଦ୍ୱିତୀୟ ବିବରଣ ୧୮:୧୫, ୧୮ରେ ମୋଶାଙ୍କ ଦ୍ୱାରା ଦିଆଯାଇଥିବା ଖ୍ରୀଷ୍ଟଙ୍କ ପ୍ରତିଜ୍ଞାର ସଂକେତ ଅଟେ । ଅନେକେ ଖ୍ରୀଷ୍ଟଙ୍କୁ ଏକ ଭାବବାଦୀ ରୁପେ ଚିହ୍ନିଲେ (୪:୧୯; ୬:୧୪; ୯:୧୭; ମାଥିଉ୨୧:୧୧) । ସେମାନେ ଯୀଶୁଙ୍କ ସାମର୍ଥ୍ୟକୁ ଚିହ୍ନିଲେ, ମାତ୍ର ତାହାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟକୁ ଭୁଲ୍ ବୁଝିଲେ । ଇସ୍‌ଲାମ ମଧ ଯୀଶୁଙ୍କ ନିମନ୍ତେ ଏହି ଶବ୍ଦ ପ୍ରୟୋଗ କରେ, କିନ୍ତୁ ତାହାଙ୍କ ସଂଦେଶକୁ ଭୁଲ ବୁଝେ ।

**୭:୪୧ "ଅନ୍ୟମାନେ କହିବାକୁ ଲାଗିଲେ ଏ ଖ୍ରୀଷ୍ଟ"** ଏହା ଏହି କଥାକୁ ଦର୍ଶାଏ କି ଶବ୍ଦ "ଖ୍ରୀଷ୍ଟ" ଏବ୍ରୀ ଶବ୍ଦ "ମଶୀହ" ର ସମାନ ଅଟେ, ଯାହାର ଅର୍ଥ "ଅଭିଷିକ୍ତ" । ଇଶ୍ୱରଙ୍କ ଆହ୍ୱାନ ଏବଂ ପ୍ରସ୍ତୁତିର ଚିହ୍ନ ରୂପେ ପୁରାତନ ନିୟମର ରାଜା, ଯାଜକ ଏବଂ ଭାବବାଦୀମାନେ ଅଭିଷେକ କରାଯାଉଥିଲେ । ଦେଖନ୍ତୁ ବିଶେଷ ଶୀର୍ଷ : ବାଇବଲରେ ଅଭିଷେକ, ୧୧:୨ରେ ।

■ **"କିନ୍ତୁ କେହି କେହି କହିବାକୁ ଲାଗିଲେ, କଅଣ ଖ୍ରୀଷ୍ଟ କଅଣ ଗାଲିଲୀରୁ ଆସିବେ ?"** ଏହି ପ୍ରଶ୍ନ ନିମନ୍ତେ ଗ୍ରୀକ୍ ବ୍ୟାକରଣ "ନା" ଉତ୍ତରକୁ ଆଶା କରେ । କିନ୍ତୁ ଯିଶା ୯:୧ ବିଷୟରେ କଅଣ ?

୭:୪୨ ଏହି ପ୍ରଶ୍ନର ବ୍ୟାକରଣାତ୍ମକ ଗଠନ "ହଁ" ଉତ୍ତରକୁ ଆଶା କରେ ।

■ **"ଦାଉଦଙ୍କ ବଂଶରୁ"** (୨ ଶାମୁ ୭; ମାଥିଉ ୨୧:୯; ୨୨:୪୨) ।

■ **"ଦାଉଦ ଯେଉଁଠାରେ ଥିଲେ ସେହି ବେଥ୍‌ଲିହିମ୍ ଗ୍ରାମରୁ"** ଏହା ଅନ୍ୟ ଏକ ବ୍ୟଙ୍ଗାତ୍ମକ ଶବ୍ଦ (ମିଖା. ୫:୨-୩ ଏବଂ ମାଥିଉ ୨:୫-୬)

୭:୪୩ ଯୀଶୁ ଏବଂ ତାହାଙ୍କ ବାକ୍ୟରେ ସର୍ବଦା ଏକ ବିଭାଜନ କାରଣ ଆସେ (୭:୪୮-୫୨; ୯:୧୬; ୧୦:୧୯; ମାଥିଉ ୧୦:୩୪-୩୯); ଲୁକ ୧୨:୫୧-୫୩) ।

ଏହା ଜମି ଦୃଷ୍ଟାନ୍ତର ରହସ୍ୟ ଅଟେ (ମାଥିଉ ୧୩) । କେତେକଙ୍କ ଆତ୍ମିକ କାନ ଅଛି ଏବଂ କେତେକଙ୍କ ନାହିଁ (ମାଥିଉ ୧୦:୨୭; ୧୧:୧୫; ୧୩:୯, ୧୫; ୧୬:୪୩; ମାର୍କ. ୪:୯, ୨୩; ୭:୧୬; ୮:୧୮; ଲୁକ. ୮:୮; ୧୪:୩୫) ।

**ଏନ୍‌ଏଏସ୍‌ବି ବାକ୍ୟ : ୭:୪୫-୫୨**

**୪୫ ଇତିମଧ୍ୟରେ ପଦାତିକମାନେ ପ୍ରଧାନ ଯାଜକ ଓ ଫାରୁଶୀମାନଙ୍କ ନିକଟକୁ ବାହୁଡ଼ି ଆସିଲେ ଆଉ ସେମାନେ ସେମାନଙ୍କୁ ପଚାରିଲେ, ତୁମ୍ଭେମାନେ କାହିଁକି ତାହାକୁ ଆଣିଲ ନାହିଁ ? ୪୬ ପଦାତିକମାନେ ଉତ୍ତର ଦେଲେ, ଏହି ବ୍ୟକ୍ତି ଯେ ପ୍ରକାର କଥା କହନ୍ତି, କୌଣସି ମନୁଷ୍ୟ କେବେ ସେ ପ୍ରକାର କହି ନାହିଁ । ୪୭ ସେଥିରେ ଫାରୁଶୀମାନେ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ମଧ କଅଣ ଭ୍ରାନ୍ତ ହୋଇଅଛ ? ୪୮ନେତାମାନଙ୍କ ମଧ୍ୟରୁ କିମ୍ବା ଫାରୁଶୀମାନଙ୍କ ମଧ୍ୟରୁ କଅଣ କେହି ତାହାଙ୍କଠାରେ ବିଶ୍ୱାସ କରିଅଛନ୍ତି ? ୪୯କିନ୍ତୁ ଏହି ଯେଉଁ ଲୋକଗୁଡ଼ାକ ବ୍ୟବସ୍ଥା ଜାଣି ନାହିଁ, ସେମାନେ ଶାପଗ୍ରସ୍ତ । ୫୦ ଯେଉଁ ନୀକଦୀମ ଏଥିପୂର୍ବେ ତାହାଙ୍କ ନିକଟକୁ ଆସିଥିଲେ ଓ ଯେ ସେମାନଙ୍କ ମଧ୍ୟରେ ଜଣେ, ସେ ସେମାନଙ୍କୁ ପଚାରିଲେ । ୫୧ ଜଣେ ଲୋକଠାରୁ ପ୍ରଥମେ ନ ଶୁଣି ଓ ତାହାର ଆଚରଣ ବିଷୟ ନ ଜାଣି ଆମ୍ଭମାନଙ୍କର ବ୍ୟବସ୍ଥା କଅଣ ତାହାକୁ ଦୋଷୀ କରେ । ୫୨ ସେମାନେ ତାହାକୁ ଉତ୍ତର ଦେଲେ, ତୁମ୍ଭେ ମଧ କଅଣ ଜଣେ ଗାଲିଲୀୟ ଲୋକ ? ଗାଲିଲୀରୁ କୌଣସି ଭାବବାଦୀ ଉତ୍ପନ୍ନ ହୁଅନ୍ତି ନାହିଁ, ଏହା ଅନୁସନ୍ଧାନ କରିଦେଖ ।**

**୭:୪୬ "ପଦାତିକମାନେ ଉତ୍ତର ଦେଲେ, ଏହି ବ୍ୟକ୍ତି ଯେ ପ୍ରକାର କଥା କହନ୍ତି, କୌଣସି ମନୁଷ୍ୟ କେବେ ସେ ପ୍ରକାର କହି ନାହିଁ"** ପୁଣି ଥରେ ଯୋହନଙ୍କ ବ୍ୟଙ୍ଗାତ୍ମକ । ଏହା ଗୋଟିଏ ଆଶ୍ଚର୍ଯ୍ୟର ସାକ୍ଷ୍ୟ

୧- ସେମାନେ ଜଳସମୂହକୁ ଡରିବା ବାହାନା କରିନାହାନ୍ତି ।

୨- ଯୀଶୁଙ୍କ ବିଷୟରେ ଏହି ମନ୍ଦିରର ନିତି ଅଜ୍ଞାତ ଥିବାରୁ ଜନତା ବିରକ୍ତ ହେଲେ ।

୩- ଏହି ଲୋକମାନେ ନିଜି ନିୟମ ପାଳନରେ ଅଭ୍ୟସ୍ତ ଥିବାରୁ ସେମାନେ କୌଣସି ମତ ଦେଲେ ନାହିଁ ।

୭:୪୮ - କୌଣସି ନେତା କିମ୍ବା ଫାରୁଶିଗଣ ତାହାଙ୍କଠାରେ ବିଶ୍ୱାସ କଲେ ନାହିଁ ।

ଗ୍ରୀକ୍ ଭାଷାର ବ୍ୟାକରଣ ଅନୁସାରେ ଏହି ୪୭ ଏବଂ ୪୮ ପଦ କୌଣସି ଉତ୍ତର ଆଶା କରେ ନାହିଁ । କିନ୍ତୁ ଏହି ଶବ୍ଦ "ଶାସନ କର୍ତ୍ତା" ସାଧାରଣତଃ ଯିହୁଦୀୟ ବିଚାରଳୟକୁ ବ୍ୟାଖ୍ୟା କରିଥାଏ । କେଉଁଠାରେ ସାଧାରଣତଃ ଶାଦୁସି ଓ ଫାରୁସିମାନଙ୍କ ବିଚାରଳୟକୁ ବୁଝାଇଥାଏ । ଯେଉଁମାନେ ସାଧାରଣ ଭାବରେ ପରସ୍ପର ବିରୋଧ ମନୋଭାବ ପୋଷଣ କରଥାନ୍ତି । ଯେଉଁମାନେ ଏହି ସ୍ଥାନରେ ଯୀଶୁଙ୍କ ବିରୋଧରେ ଏକତ୍ରିତ ଓ ସମ୍ମିଳିତ ହୁଅନ୍ତି । (ସିଏଫ୍ ୧୧:୪୭-୫୭, ୧୮:୩)

**୭:୪୯** - କିନ୍ତୁ ଏହି ଜନତା ଯେଉଁମାନେ ବ୍ୟବସ୍ଥା ଜାଣନ୍ତି ନାହିଁ ଶାପଗ୍ରସ୍ତ ଅଟନ୍ତି ।

ଏହି ଅଂଶରେ ସେହି ସ୍ଥାନର ଅଧିବାସୀଙ୍କୁ ସୂଚାଏ (ଆମ୍ ହାରେସ୍) ଯେଉଁମାନେ ଧାର୍ମିକ ଜନତାମାନଙ୍କୁ ଚକ୍ଷ୍ୟୁରେ ଅବଜ୍ଞାତ କାରଣ ସେମାନେ ସମସ୍ତ ଯିହୁଦୀୟ ମୌଖିକ ପରମ୍ପରା ପାଳନ କରିପାରୁ ନଥିଲେ (ସିଏଫ୍ ୨୭:୪୬) । ୫୧ ପଦରେ ଯୋହନଙ୍କର ବ୍ୟଙ୍ଗକ୍ତ ପରିଲକ୍ଷିତ ହୁଏ । ମିକଦମ ମାନଙ୍କୁ ଲକ୍ଷ୍ୟକରି ବ୍ୟାଖ୍ୟା କରନ୍ତି ଯେ, ଯୀଶୁଙ୍କ ବ୍ୟବହାରରେ ସେମାନେ ବ୍ୟବସ୍ଥା ଭଙ୍ଗ କରୁଛନ୍ତି । ଓ କି ଦୁର୍ଦ୍ଦଶା ସେମାନଙ୍କର ଧର୍ମପରାୟଣତା । ଯେଉଁମାନେ ସାଧାରଣ ଜନତାଙ୍କୁ ଅଭିଶାପ ଦିଅନ୍ତି, ସେମାନେ ଆପେ ଶାପଗ୍ରସ୍ତ (ଇପାରାଟସ୍ କେବଳ ଏହି ସ୍ଥାନରେ ଉଲ୍ଲେଖ କରାଯାଇଅଛି) ଯଦି ଆଲୋକ ଅନ୍ଧକାରମୟ ହୁଏ ତେବେ କେତେ ଗୁରୁତର ସେ ଅନ୍ଧକାର । ସତର୍କ ହୁଅ, ଆଧୁନିକ ଶିକ୍ଷିତ ଧର୍ମପରାୟଣ ଲୋକମାନେ ଯେଉଁସ୍ଥାନରେ ବାସ୍ତବ ଧର୍ମ ନାହିଁ ।

**୭:୫୧** ଆମ୍ଭର ବ୍ୟବସ୍ଥା ଜଣେ ଲୋକଙ୍କୁ ତତ୍‌କ୍ଷଣାତ୍ ଦୋଷି ସାବସ୍ତକରେ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ସେ ସେହି ବ୍ୟକ୍ତିଙ୍କର କାର୍ଯ୍ୟକୁ ମୂଲ୍ୟାଙ୍କନ ନ କରିଥାଏ । ଗ୍ରୀକ ଗ୍ରାମର ଅନୁସାରେ ଏହି ଅଂଶ ଆମକୁ କୌଣସି ଉତ୍ତର ପ୍ରଦାନ କରେ ନାହିଁ (ସିଏଫ୍ ଏକ୍ସ ୨୩:୧, ଡିଉଟ୍ ୧:୧୬)

**୭:୫୨** ଆପଣ ମଧ୍ୟ ଗାଲିଲିୟ ଲୋକ ନୁହନ୍ତି, କଣ ଆପଣ ଗାଲିଲିୟ ଲୋକ ଅଟନ୍ତି କି ?

ଏହା ଯିହୁଦୀୟ ବିଚାରଳୟରେ ଯୀଶୁଙ୍କର ମାନସିକ ଅତ୍ୟାଚାର ଅଟେ ।

**■ ଅନ୍ୱେଷଣ କର ଏବଂ ଦୃଷ୍ଟିପାତ କର ।**

ଯିହୁଦିଅ ଧର୍ମଶାସ୍ତ୍ର ଅଧ୍ୟୟନ ସହିତ ଏହି ଅନ୍ୱେଷଣର ସାମଞ୍ଜସ ରହିଛି । (ସିଏଫ୍ ୫:୩୯) ଏହା ମଧ୍ୟ ଆମ୍ଭକୁ ଯୋହନଙ୍କର ଲେଖାର ଶୈଳକୁ ବୁଝାଏ । ଏଲିୟଙ୍କ ବିଷୟରେ କ'ଣ ? (୧ ରାଜା ୧୭:୧) ଏବଂ ଯୁନଷଙ୍କ ବିଷୟ (୨ ରାଜା.୧୪:୨୫) ହୋଶେୟ ଏବଂ ମାହୁମଙ୍କ ବିଷୟରେ କଣ ? ସେମାନେ ବୋଧହୁଏ ଦ୍ୱିତୀୟ ବିବରଣର ଭବିଷ୍ୟତ ବକ୍ତାଗଣ ଅଟନ୍ତି । Deut ୧୮:୧୫, ୧୯, ବଂଶା ୪୯:୧୦, ୨ ଶାମୁ. ୭.

୭:୫୩-୮:୧୧ ଅଷ୍ଟମ ଅଧ୍ୟାୟର ପ୍ରାରମ୍ଭିକ ବିଷୟ ଦେଖନ୍ତି ।

**ଆଲୋଚ୍ୟ ପ୍ରଶ୍ନାବଳୀ :**

ଏହା ଅଧ୍ୟୟନ ମୂଳକ ବାଇବଲ ଟିକା, ଯାହା ଆପଣଙ୍କୁ ଆପଣଙ୍କର ବାଇବଲ ବ୍ୟାଖ୍ୟାର ଭାର ଦେଇଥାଏ । ଆମେ ପ୍ରତ୍ୟେକ ଯେଉଁମାନେ ଆଲୋକ ମଧ୍ୟରୁ ଅଛି, ସେହି ଆଲୋକରେ ଗମନ କରିବା ଆବଶ୍ୟକ ଅଛି । ଆପଣ ପବିତ୍ର ବାଇବଲ ଏବଂ ପବିତ୍ର ଆତ୍ମା ଆପଣଙ୍କର ବାଇବଲ ବ୍ୟାଖ୍ୟାର ପ୍ରଥମ ସ୍ଥାନ ହେବା ଆବଶ୍ୟକ । ଆପଣ ବାଇବଲ ଟୀକାକାରମାନଙ୍କ ଉପରେ ନିର୍ଭର କରିବା ଦରକାର ନାହିଁ ।

ଏହି ଆଲୋଚ୍ୟ ପ୍ରଶ୍ନାବଳୀ ଆପଣଙ୍କୁ ଚିନ୍ତା କରିବାକୁ ସାହାଯ୍ୟ କରି ବାଇବଲର ଯେଉଁ ମୁଖ୍ୟ ବସ୍ତୁ ଏହି ଭାଗରେ ଅଛି ତାହା ଆବିଷ୍କାର କରିବାକୁ ସାହାଯ୍ୟ କରିବ । ଏହା ଆପଣଙ୍କୁ ଚିନ୍ତାଶୀଳ କରିଥାଏ ଏବଂ ସେହି ଚିନ୍ତା ଆବିଷ୍କାର ମୂଳକ ଅଟେ ।

୧. ପୂର୍ବରେ ଯୀଶୁଙ୍କ ପାଇଁ ପର୍ବର ପୃଷ୍ଠଭୂମି କ'ଣ ?

୨. ସମାଗମ ତମ୍ବୁର ପର୍ବକୁ ବୁଝାଇ ବ୍ୟାଖ୍ୟା କର ।

୩. କାହିଁକି ଧାର୍ମିକ ନେତାମାନେ ଯୀଶୁଙ୍କ ବିରୋଧି ଥିଲେ ?

୪. ଏହି ପର୍ବରେ ଯେଉଁମାନେ ଯୀଶୁଙ୍କୁ ସମାଲୋଚନା କରୁଥିଲେ ସେହି ଦଳମାନଙ୍କ ବିଷୟରେ ଉଲ୍ଲେଖ କର ?

# ଯୋହନ -୮

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ବ୍ୟଭିଚାରରେ ଧୃତ ସ୍ତ୍ରୀଲୋକ ୭:୫୩-୮:୧୧ | ଜଣେ ବ୍ୟଭିଚାରିକେ ଜଗତର ଜ୍ୟୋତି ସହିତ ସାକ୍ଷାତ କରନ୍ତି ୭:୫୩-୮:୧୨ | ବ୍ୟଭିଚାରରେ ଧୃତ ସ୍ତ୍ରୀଲୋକ ୭:୫୩-୮:୧୧ | ବ୍ୟଭିଚାରରେ ଧୃତ ସ୍ତ୍ରୀଲୋକ ୭:୫୩-୮:୧୧ | ବ୍ୟଭିଚାରିଣୀ ସ୍ତ୍ରୀ ୭:୫୩-୮:୧୧ |
| ଯୀଶୁ ଜଗତର ଜ୍ୟୋତି ୮:୧୨-୨୦ | ଯୀଶୁ ଆପଣାକୁ ପ୍ରତିରୋଧ କରନ୍ତି | ଯୀଶୁ ଜଗତର ଜ୍ୟୋତି ୮:୧୨-୨୦ | ଯୀଶୁ ଜଗତର ଜ୍ୟୋତି ୮:୧୨ | ଯୀଶୁ ଜଗତର ଜ୍ୟୋତି ୮:୧୨ |
| | | | | ଯୀଶୁ ନିଜେ ଆପଣା ସାକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରନ୍ତି । |
| | ୮:୧୩-୨୦ | ୮:୧୩ | ୮:୧୩ | ୮:୧୩-୧୮ |
| | | ୮:୧୪-୧୮ | | |
| | | ୮:୧୯a | ୮:୧୯a | |
| | | ୮:୧୯a | ୮:୧୯a | |
| | | ୮:୨୦ | ୮:୨୦ | |
| ମୁଁ କେଉଁଆଡ଼େ ଯାଉଅଛି ତାହା ତୁମେ ଜାଣନାହିଁ ୮:୨୧ - ୩୦ | ଯୀଶୁ ଆପଣା ପ୍ରସ୍ଥାନ ପ୍ରକାଶ କରନ୍ତି ୮:୨୧ - ୨୯ | ୮:୨୧-୩୦ | ମୁଁ ଯେଉଁଆଡ଼େ ଯାଉଅଛି, ତୁମେ ଯାଇ ନ ପାର | |
| | | | ୮:୨୧ | ୮:୨୧ |
| | | | ୮:୨୨ | ୮:୨୨-୨୪ |
| | | | ୮:୨୩-୨୪ | |
| | | | ୮:୨୫a | ୮:୨୫a |
| | | | ୮:୨୫b-୨୬ | ୮:୨୫b-୨୬ |
| | | | ୮:୨୭-୨୯ | ୮:୨୭-୨୯ |
| | ସତ୍ୟ ତୁମକୁ ମୁକ୍ତ କରିବ ୮:୩୦-୩୬ | | ୮:୩୦ | ୮:୩୦ |
| ସତ୍ୟ ତୁମକୁ ମୁକ୍ତ କରିବ ୮:୩୧-୩୮ | | | ସତ୍ୟ ତୁମକୁ ମୁକ୍ତ କରିବ ୮:୩୧-୩୨ | ଯୀଶୁ ଏବଂ ଆବ୍ରାହାମ ୮:୩୧-୩୨ |
| | ଆବ୍ରାହାମଙ୍କର ସନ୍ତାନ ଏବଂ ଶୟତାନ | ୮:୩୧-୩୨ | ୮:୩୩ | ୮:୩୩-୩୮ |
| ତୁମର ପିତା ଶୟତାନ | ୮:୩୭:୪୭ | ୮:୩୪-୩୮ | ୮:୩୪-୩୮ | |
| ୮:୩୯-୪୭ | | ୮:୩୯-୪୭ | ୮:୩୯ | ୮:୩୯-୪୧କ |
| | | | ୮:୩୯b-୪୧କ | |
| | | | ୮:୪୧ଖ | ୮:୪୧ ଖ-୪୭ |
| | | | ୮:୪୨-୪୭ | |
| ଆବ୍ରାହାମଙ୍କ ପୂର୍ବରୁ ମୁଁ ଅଛି ୮:୪୮-୫୯ | ଆବ୍ରାହାମଙ୍କ ପୂର୍ବରୁ ମୁଁ ଅଛି ୮:୪୮-୫୯ | ୮:୪୮-୫୯ | ୮:୪୮ | ୮:୪୮-୫୧ |
| | | | ୮:୪୯-୫୧ | |
| | | | ୮:୫୨-୫୩ | ୮:୫୨-୫୬ |
| | | | ୮:୫୪ : ୫୬ | |
| | | | ୮:୫୭ | ୮:୫୭-୫୮ |
| | | | ୮:୫୮ | |
| | | | ୮:୫୯ | ୮:୫୯ |

## ତୃତୀୟ ଅଧ୍ୟୟନ ବୃତ୍ତ

ଏହା ସାହାଯ୍ୟକାରି ଅଧ୍ୟୟନ ମୂଳକ ବାଇବଲ ଟିକା । ଯାହା ଆପଣଙ୍କୁ ବାଇବଲ ବ୍ୟାଖ୍ୟା କରିବାକୁ ସାହାଯ୍ୟ କରିଥାଏ ଏବଂ ଆପଣଙ୍କର ଏହି ବ୍ୟାଖ୍ୟା ଓ ପ୍ରୟୋଗ କେବଳ ଆପଣଙ୍କୁ ଦାୟି କରିଥାଏ । ଆମେ ପ୍ରତ୍ୟେକ ଆଲୋକ ପାଖରେ ଥିବାରୁ ଆଲୋକତନ୍ତୁ ଗମନ କରିବା । ଆମ ପାଖରେ ଆମେ, ପବିତ୍ର ବାଇବଲ ଓ ପବିତ୍ର ଆତ୍ମା ଥିବାରୁ ଏହି ସମସ୍ତ ହିଁ ଏହି ବାଇବଲକୁ ବ୍ୟାଖ୍ୟାର ପ୍ରଥମ ସ୍ଥାନ ଅଟେ ।

ଗୋଟିଏ ପର୍ବକୁ ଆପଣ ଏକାଥରେ ଅଧ୍ୟୟନ କରନ୍ତୁ । ବିଷୟକୁ ଆଜି ବାହାର କରନ୍ତୁ (ଚିହ୍ନଟ କରନ୍ତୁ) ଆପଣଙ୍କର ବିଷୟ ବସ୍ତୁର ଭାଗ ବିଭାଗକୁ ଏହି ୫ଟି ଆଧୁନିକ ଭାଷାନ୍ତର ସହିତ ତୁଳନା କରନ୍ତୁ ।

ବାଇବଲର ପଦ, ପର୍ବ ଇଶ୍ୱର ନିଶ୍ୱେସିକ ନୁହେଁ ବରଂ ଏହା ଲେଖକଙ୍କର ଉଦେମ୍ୟ ଜାଣିବା ପାଇଁ ଏକ ସୂତ୍ର ଅଟେ । ଏବଂ ଏହା ବାଇବଲ ବ୍ୟାଖ୍ୟାର ମୂଳ ଆଧାର ଅଟେ । ପ୍ରତ୍ୟେକ ପର୍ବ ବା ପରିଛେଦରେ କେବଳ ଗୋଟିଏ ବିଷୟ ବସ୍ତୁ ଥାଏ ।

୧. ପରିଛେଦ

୨. ପରିଛେଦ

୩. ପରିଛେଦ

୪. ଇତ୍ୟାଦି

### ଶାସ୍ତ୍ରାଂଶର ପୃଷ୍ଠଭୂମି - ୭:୫୩ - ୮:୧୧

କ - ଯୋହନ ୭:୫୩-୮:୧୧ ଏହି ଶାସ୍ତ୍ରାଂଶ ମୂଳ ଯୋହନଙ୍କର ସୁସମାଚାରରେ ନଥିଲା ।

ଖ.- ଏହି ପରିଛେଦ ମୂଳ ଯୋହନଙ୍କ ସୁସମାଚାରରେ ନଥିବାର ପ୍ରମାଣ

୧- ବାହ୍ୟିକ ପ୍ରମାଣ -

(କ) ପୁରୁଣା ପାଣ୍ଡୁଲିପିରେ ଏହା ଦେଖାଯାଏ ନାହିଁ ।

୧. ପାପିରସ୍ ପି- ୬୫ ଆଦ୍ୟ (୩ୟ ଶତାଢି) p-୭୫ (୩ୟ ଶତାଢି)

୨. ଭନ୍‌ସିଏଲ ଏନ୍. (୪ର୍ଥ ଶତାଢି) ବି. ୪ର୍ଥ ସି.ଏ. ଆଉ ମଧ୍ୟ ସାଧାରଣ ଭାବରେ ଏହା ଏ.ସି. ରେ ଅନୁପସ୍ଥିତ ।

(ଖ) ଅନେକ ଗୁଡ଼ିଏ ଆଧୁନିକ ଗ୍ରୀକ୍ ପାଣ୍ଡୁଲିପି ଏହାକୁ ଗ୍ରହଣ କରିଛନ୍ତି, ମାତ୍ର ଚିହ୍ନଟ କରିବା ପାଇଁ ବିଭିନ୍ନ ଚିହ୍ନ ମାନ ଦେଇଛନ୍ତି, ଯାହା ଫଳରେ ଏହା ନୂତନ ଓ ପୁରାତନ ପାଣ୍ଡୁଲିପି ବୋଲି ଜଣାଯାଏ ।

(ଗ) ଏହା ବିଭିନ୍ନ ଆଧୁନିକ ପାଣ୍ଡୁଲିପିରେ ଦେଖାଯାଏ ।

୧) ଯୋହନ ୭:୩୬ ପରେ

୨) ଯୋହନ ୭:୪୪ ପରେ

୩) ଯୋହନ ୭:୨୫ ପରେ

୪) ଲୁକ ରେ ୨୧:୩୮

୫) ଲୁକ ରେ ୨୪:୫୩

(ଘ) ଏହା ପୁରୁଣା ଅନୁବାଦରେ ଦେଖାଯାଏ ନାହିଁ ।

୧) ପୁରୁଣା ଲାଟିନ୍ ଅନୁବାଦ

୨) ପୁରୁଣା ସାଇରିକ୍ ଅନୁବାଦ

୩) ପୁରୁଣା ପେଶିଟା (ଯାହା ପରର ସିରିୟାକ ଅନୁବାଦ)

(ଙ) ବାର ଶତାଢି ପର୍ଯ୍ୟନ୍ତ ଏହି ଶାସାସଂକୁ ଗ୍ରୀକ୍ ଫାଦର ମାନେ କୌଣସି ମତ ଦେଇ ନ ଥିବାର ଜଣାଯାଏ ।

(ଚ) ଏହା କୋଡ଼େକ୍ସ ଡି (ବିଜାଇ) ରେ ଅବସ୍ଥିତ । ଯାହା ୬ଷ୍ଠ ଶତାଢୀର ପାଶ୍ଚାତ୍ ପାଣ୍ଡୁଲିପି, ଲାଟିନ୍ ଭୋଲଗେଟ୍ ପରର ପେସିତ ଅନୁବାଦର ସଂଶୋଧନ ।

୨. ଆଭ୍ୟନ୍ତରିଣ ପ୍ରମାଣ

କ. ଯୋହନ ଓ ଲୁକ ପରି ଏହାର ଶବ୍ଦ ଓ ଲେଖା ପ୍ରଣାଳୀ ଏହା କେତେକ ଗ୍ରୀକ୍ ପାଣ୍ଡୁଲିପିରେ ଲୁକ ୨୧:୩୮ ଏବଂ ଆଉ କେତେକ ୨୪:୫୩ ରେ ମିଳେ ।

ଖ. ଏହା ଯିହୁଦୀଅ ନିସ୍ତାର ପର୍ବ ପରେ ଯୀଶୁଙ୍କର ଆଲୋଚନାର ପରିସ୍ଥିତିକୁ ସଂପୂର୍ଣ୍ଣ ଭଙ୍ଗ କରେ । ୭:୧-୫୨, ୮:୧୨-୫୯

ଗ. ଏହା ୩ ମଙ୍ଗଳ ସୁସମାଚାର ସହିତ ସମାନ ନୁହେଁ ।

୩. ଏହାର ସଂପୂର୍ଣ୍ଣ ଯାନ୍ତ୍ରିକ ଆଲୋଚନକୁ ଜାଣିବା ପାଇଁ ଏମ୍. ବ୍ରୁସି ମେଟାଜରଙ୍କର ପୁସ୍ତକ - ଏ ଟେକ୍ସୁଡ କମେଣ୍ଟ୍ରି ଅନ୍ ଗ୍ରୀକ୍ ନିଉ ଟେଷ୍ଟୁଆଲ୍ କୁ ଦେଖନ୍ତୁ । ପ- ୨୧୯-୨୨୧

ଗ. ମୌଖିକ ପରମ୍ପରା ଅନୁସାରେ ଯୀଶୁଙ୍କର ଜୀବନର ଏହି ଘଟଣା ବୋଧହୁଏ ପ୍ରକୃତ ଅଟେ । ଆହୁରି ମଧ୍ୟ ସୁସମାଚାର ଲେଖକମାନେ ଯୀଶୁଙ୍କର ଜୀବନର ଅନେକ ଘଟଣା ତାହାଙ୍କ ସୁସମାଚାରରେ ଲିପିବଦ୍ଧ କରି ନାହାନ୍ତି । (ଯୋହନ ୨୦:୩୦-୩୧) ଏହା ସୁସମାଚାର ଲେଖକଗଣ ଆତ୍ମାରେ ଚାଳିତ ହୋଇଥିଲେ । ଏଣୁ ପରେ ସାସ୍ତ୍ରୀମାନଙ୍କ କୌଣସି ଅଧିକାର ନାହିଁ ଯେ, ସେମାନେ ଯୀଶୁଙ୍କ ଜୀବନର ଘଟଣାକୁ ପରିବର୍ତ୍ତନ କରିବେ, ଯଦିଓ ସେହି ଘଟଣା ସତ୍ୟ ଓ ବାସ୍ତବ, ମାତ୍ର ତାହା ଈଶ୍ୱର ନିଶ୍ୱେସିତ ନୁହେଁ । ପ୍ରକୃତ ବାଇବଲ ଲେଖକଗଣ ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କ ତାହା ନିର୍ଦ୍ଦେଶିତ ହୋଇ ଯୀଶୁଙ୍କର ଶିକ୍ଷା ଜୀବନକୁ ଘଟଣା ଓ କାର୍ଯ୍ୟକୁ ମନନୟନ କରି ଠିକ୍ ଭାବରେ ଖଞ୍ଜି ଦେଇଛନ୍ତି । ଏହି ପର୍ବଟି ମୂଳଲେଖା ହୋଇ ନଥିବାରୁ ଏହା ମଧ୍ୟ ଈଶ୍ୱର ନିଶ୍ୱେସିତ ନୁହେଁ ଏଣୁ ବାଇବଲରେ ଏହାର ସ୍ଥାନ ନାହିଁ ।

. ଯଦିଓ ଏହା ବା ଏହି ପର୍ବ ଏକ ଐତିହାସିକତାକୁ ସୂଚାଏ ମାତ୍ର ଏହା ଯୋହନଙ୍କ ଦ୍ୱାରା ଲେଖା ହୋଇ ନଥିବାରୁ ମୁଁ ଏହି ପର୍ବକୁ କୌଣସି ମତ ଦେବାକୁ ଚାହେଁ ନାହିଁ ।

**ଶବ୍ଦ ଏବଂ ଖଣ୍ଡବାକ୍ୟ ଅଧ୍ୟୟନ : ଶାସ୍ତାଂଶ : ୮:୧୨-୨୦**

**"ଯୀଶୁ ପୁନର୍ବାର ସେମାନଙ୍କୁ କହିଲେ"**

**"ମୁଁ ଜଗତର ଜ୍ୟୋତି ଅଟେ; ଯିଏ ମୋହର ଅନୁଗମନ କରେ ସେ ଅନ୍ଧକାରରେ ଗମନ କରିବ ନାହିଁ, ମାତ୍ର ଜୀବନର ଜ୍ୟୋତି ପାଇବ । ଏଣୁ ଫାରୁଶି ତାହାଙ୍କୁ କହିଲେ ତୁମେ ନିଜ ବିଷୟରେ ସାକ୍ଷ୍ୟ ଦେଉଅଛ, ତୁମର ସାକ୍ଷ୍ୟ ସତ୍ୟ ନୁହେଁ । ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୁଁ ନିଜ ନିଜ ବିଷୟରେ ସାକ୍ଷ୍ୟ ଦେଉଥାଏ । ତେବେ ସୁଦ୍ଧା ମୋହର ସାକ୍ଷ୍ୟ ସତ୍ୟ, କାରଣ ମୁଁ କେଉଁ ସ୍ଥାନରୁ ଆସିଅଛି ଓ କେଉଁ ସ୍ଥାନକୁ ଯାଉଅଛି, ତାହା ଜାଣେ,କିନ୍ତୁ ମୁଁ କେଉଁ ସ୍ଥାନରୁ ଆସେ କିମ୍ବା କେଉଁ ସ୍ଥାନକୁ ଯାଏ ତାହା ତୁମ୍ଭେମାନେ ଜାଣନାହିଁ । ୧୫ ତୁମ୍ଭେମାନେ ମନୁଷ୍ୟ ଭାବରେ ବିଚାର କରିଥାଅ, ମୁଁ କାହାରି ବିଚାର କରେ ନାହିଁ । ୧୬ କିନ୍ତୁ ମୁଁ ଯଦି ବିଚାର କରେ, ତେବେ ସୁଦ୍ଧା ମୋର ବିଚାର ଯଥାର୍ଥ; କାରଣ ମୁଁ ଏକୀ ନୁହେଁ, କିନ୍ତୁ ମୋର ପ୍ରେରଣ କର୍ତ୍ତା ମୋ ସାଙ୍ଗରେ ଅଛନ୍ତି । ୧୭ ପୁଣି ଦୁଇ ଜଣଙ୍କର ସାକ୍ଷ୍ୟ ଯେ ସତ୍ୟ ଏହା ତୁମ୍ଭମାନଙ୍କର ବ୍ୟବସ୍ଥାରେ ମଧ୍ୟ ଲେଖା ଅଛି । ୧୮ ମୁଁ ନିଜେ ନିଜର ସାକ୍ଷୀ, ପୁଣି ଦୁଇ ଜଣଙ୍କର ସାକ୍ଷ୍ୟ ଯେ, ସତ୍ୟ ଏହା ତୁମ୍ଭମାନଙ୍କର ବ୍ୟବସ୍ଥାରେ ମଧ୍ୟ ଲେଖା ଅଛି । ୧୮ ମୁଁ ନିଜେ ନିଜର ସାକ୍ଷୀ ପୁଣି ମୋହର ପ୍ରେରଣକର୍ତ୍ତା ପିତା ମୋ ବିଷୟରେ ସାକ୍ଷ୍ୟ ଦେଉଅଛନ୍ତି । ୧୯ ସେଥିରେ ସେମାନେ ତାହାଙ୍କୁ ପଚାରିବାକୁ ଲାଗିଲେ, ତୁମର ପିତା କାହାନ୍ତି ? ଯୀଶୁ ଉତ୍ତର ଦେଲେ, ତୁମ୍ଭେମାନେ ମୋତେ ଜାଣ ନାହିଁ କିମ୍ବା ମୋହର ପିତାଙ୍କୁ ମଧ୍ୟ ଜାଣନାହିଁ; ଯଦି ମୋତେ ଜାଣନ୍ତି ତେବେ ମୋହର ପିତାଙ୍କୁ ମଧ୍ୟ ଜାଣନ୍ତି । ୨୦ ସେ ମନ୍ଦିର ମଧ୍ୟରେ ଶିକ୍ଷା ଦେଉଥିବା ସମୟରେ ଭଣ୍ଡାର ନିକଟରେ ଏହି ସମସ୍ତ କଥା କହିଲେ ; କିନ୍ତୁ କେହି ତାହାଙ୍କୁ ଧରିଲେ ନାହିଁ କାରଣ ତାହାଙ୍କର ସମୟ ସେ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନଥିଲା ।**

**୮:୧୨ "ପରେ ଯୀଶୁ ପୁନର୍ବାର ସେମାନଙ୍କୁ କହିଲେ"** ଏହି ପର୍ବରେ ଜନତା ବିଷୟରେ ଲେଖା ନାହିଁ । ଏହା ହୋଇପାରେ ଯୀଶୁ ନିସ୍ତାର ପର୍ବର ପରେ ମନ୍ଦିର ପରିସର ମଧ୍ୟରେଥିବା ସମୟରେ ଯିହୁଦୀଅ ନେତାମାନଙ୍କ ସହିତ ତାହାଙ୍କ ସାକ୍ଷ୍ୟ ବିଷୟରେ ଆଲୋଚନା କରୁଥିଲେ ।

ସେ ଯାହା ହେଉନା କାହିଁକି, ଯୀଶୁ ଆପଣାକୁ ଏହି ଜଳ ପ୍ରକ୍ଷାଳୟ ପର୍ବ ଦ୍ୱାରା ପ୍ରକାଶ କରନ୍ତି । ଏହି ଅଂଶରେ ସେ ଆପଣାକୁ ଏହି ଆଲୋକ ପ୍ରକାଶ ପର୍ବରେ ପ୍ରକାଶିତ କରନ୍ତି । ଏହା ନିଶ୍ଚିତ ଯେ ୮:୧୨ - ୧୦:୨୧ ପଦ ଏହି ନିସ୍ତାର ପର୍ବର ଶେଷ ଦିନ ଆଡ଼ର ଘଟଣା ।

■ **"ମୁଁ ଜ୍ୟୋତି"** ଯିହୁଦୀଅ ଇତିହାସରେ ଇଶ୍ରାଏଲିୟମାନେ ପ୍ରାନ୍ତର ମଧ୍ୟକୁ ଭ୍ରମଣ କଲେ, ବୋଧହୁଏ ଏହି ୬, ୭ ଏବଂ ୮ ପର୍ବ ଏହି ପ୍ରାନ୍ତର ମଧ୍ୟରେ ଭ୍ରମଣ ସହିତ ସମାନ ଅଟେ ଏବଂ ଯୀଶୁ ଏହାକୁ ଉପମା ମାଧ୍ୟମରେ ବ୍ୟବହାର କରୁଛନ୍ତି ।

୧. ୬ ଅଧ୍ୟାୟ ମାନ୍ନା ଓ ଜୀବନର ଆହାରକୁ ବ୍ୟବହାର କରେ ।

୨. ୭ ଅଧ୍ୟାୟ "ଜଳ" ଏବଂ "ଜୀବନ୍ତ ଜଳ"

୩. ୮ ଅଧ୍ୟାୟ "ଆଲୋକ" ଏବଂ ଗୌରବକୁ ବ୍ୟବହାର କରେ ।

ଏହି ଉପମା ଯୋହନ ପୁସ୍ତକରେ ପୁନରାବୃତ୍ତି କରାଯାଇ ବ୍ୟବହାର କରାଯାଇଅଛି । (ସିଏଫ୍ ୧:୪-୫, ୮-୯; ୩:୧୯-୨୦; ୯:୫; ୧୨:୪୬)

ଏହା କଣ କହି କେତେକ ଯୁକ୍ତି କରନ୍ତି ।

୧- ଅନ୍ଧକାରକୁ ଆଦିମମାନେ ଭୟ କରୁଥିଲେ ।

୨- ପୁରାତନ ନିୟମରେ ଈଶ୍ୱରଙ୍କର ଶୀର୍ଷକ (ସିଏଫ୍ ଗୀତ ୨୭:୧; ଆଇଏସ୍ ୬୨:୨୦; ୧ ଯୋହନ ୧:୧୫)

୩- ଏହା ନିସ୍ତାର ପର୍ବର ପୃଷ୍ଠଭୂମି ଏବଂ ମହିଳାମାନଙ୍କ ସମାଗମରେ ଆଲୋକର ପ୍ରଜ୍ୱଳନ ।

୪- ପ୍ରାନ୍ତରରେ ଏହି ମେଘ ଯାହା ଈଶ୍ୱରଙ୍କର ଉପସ୍ଥିତିକୁ ପ୍ରତିରୂପ ଦିଏ ।

୫- ପୁରାତନ ନିୟମରେ ମଶିହଙ୍କର ଶିର୍ଷକ (ସିଏଫ୍ ଯିଶାୟ ୪୨:୬; ୪୯:୬; ଲୁକ ୨:୩୨)

ନୂତନ ନିୟମମର ଗୁରୁ ମଧ୍ୟ ଏହି ଆଲୋକ ବା ଜ୍ୟୋତି କୁ ମଶିହଙ୍କ ଶିର୍ଷକ ରୂପରେ ବ୍ୟବହାର କରିଥିଲେ । ନିସ୍ତାର ପର୍ବ ସମୟରେ ଯେଉଁ ବୃହତ୍ ଜ୍ୟୋତି ମହିଳାମାନଙ୍କ ପ୍ରାଙ୍ଗଣରେ ପ୍ରଜ୍ୱଳନକୁ ଯୀଶୁ ଶ୍ରୀମୁଖରେ ମନ୍ତବ୍ୟ ବାସ୍ତବ ଅଟେ । ଏହି ଜ୍ୟୋତିକୁ ମଶିହଙ୍କର ପ୍ରୟୋଗାତ୍ମକ ବ୍ୟାଖ୍ୟା ଯାହା ଯୋହନ ୧:୪, ୮ ସହିତ ପରିପୂରକ ଏବଂ ମନ୍ଦିର ପର୍ବରେ ଯୀଶୁଙ୍କର ବାସ୍ତବତା, ଜ୍ୟୋତିରେ ପ୍ରକାଶିତ ଅଟେ ।

ଯୋହନରେ ଯୀଶୁଙ୍କର ୩ଟି "ମୁଁ" ମନ୍ତବ୍ୟ ।

୧- ମୁଁ ଜୀବନର ଆହାର ଅଟେ । (୬:୩୫, ୪୧, ୪୬, ୫୧)

୨- ମୁଁ ଜଗତର ଜ୍ୟୋତି (୮:୧୨, ୯:୫, ସିଏଫ୍ ୧:୪, ୯, ୧୨:୪୬)

୩- ମୁଁ ରୋଷଶାଳାର ଦ୍ୱାର ଅଟେ । (୧୦:୭, ୯)

୪- ମୁଁ ଉତ୍ତମ ମେଷ ପାଳକ ଅଟେ । (୧୦:୧୧, ୧୪)

୫- ମୁଁ ପୁନରୁତ୍ଥାନ ଓ ଜୀବନ ଅଟେ । (୧୧:୨୫)

୬- ମୁଁ ପଥ, ସତ୍ୟ ଓ ଜୀବନ ଅଟେ । (୧୪:୬)

୭: ମୁଁ ପ୍ରକୃତ ଦ୍ରାକ୍ଷାଲତା ଅଟେ । (୧୫:୧, ୫)

ଏହି ସ୍ୱତନ୍ତ୍ର ମନ୍ତବ୍ୟ କେବଳ ଯୋହନ ସୁସମାଚାର ଦେଖିବାକୁ ମିଳେ । ଯାହା ଯୀଶୁଙ୍କ ବ୍ୟକ୍ତିତ୍ୱକୁ ସୂଚାଏ । ଯୋହନ ଏହାକୁ ପରିତ୍ରାଣର ଉତ୍ସ ଭାବରେ ବର୍ଣ୍ଣନା କରି ତାହାଙ୍କଠାରେ ବିଶ୍ୱାସ କରିବାକୁ ଆହ୍ୱାନ ଦିଅନ୍ତି ।

■ **ଜଗତ ମଧ୍ୟରୁ ଏହି ଶବ୍ଦ ଯାହା ଯୀଶୁଙ୍କ ସୁସମାଚାରର ବିଶ୍ୱବ୍ୟାପି ପରିସରକୁ ଦର୍ଶାଏ ।** (ଯୋହନ ୩:୧୬)

■ **ଯିଏ ମୋହର ଅନୁଗମନ କରେ -** ଏହା ବର୍ତ୍ତମାନ କୃଦନ୍ତ ବିଶେଷଣ । ଏହା ସ୍ମରଣ କରିବା ଆବଶ୍ୟକ ଯେ, ଖ୍ରୀଷ୍ଟିୟାନିଟି ବା ଖ୍ରୀଷ୍ଟିୟାନ ଧର୍ମ ତତ୍ୱ ସାଧାରଣତଃ ଏକ ପ୍ରାଥମିକ ଧର୍ମନୀତି ନୁହେଁ । କିନ୍ତୁ ଏହା ଗୁରୁଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଗଠନମୂଳକ ଜୀବନ ଶୈଳୀ ଅଟେ । (ସଏଫ୍ ୨୮:୧୮-୨୦, ଯୋହନ ୧:୭)

■ **ସେ ଅନ୍ଧକାରରେ ଗମନ କରିବ ନାହିଁ -** ଏହା ଶୟତାନଙ୍କ ପ୍ରତାରିତ ଧର୍ମଶିକ୍ଷା ଯିଏ ଉଦ୍ଧାର ନ ପାଇ ଥିବା ଲୋକମାନଙ୍କର ଜ୍ଞାନ ଚକ୍ଷୁ ବନ୍ଦ କରିଅଛି । (ସିଏଫ୍୨ କରନ୍ଥୀ ୪:୪) । ଆହୁରି ମଧ୍ୟ ପୁରାତନ ନିୟମରେ ପରୋକ୍ଷ ଭାବରେ ଉଲ୍ଲେଖ ଅଛି ଯେ, ଇଶ୍ୱରଙ୍କର ବାକ୍ୟ ଚରଣ ପାଇଁ ପ୍ରଦୀପ ଓ ପଥ ପାଇଁ ଆଲୋକ ଅଟେ । (ସିଏଫ୍ ପିଏସ୍ ୧୧୯:୧୦୫)

ଯେଉଁମାନେ ଜ୍ୟୋତିକୁ ଗ୍ରହଣ କରନ୍ତି ସେମାନଙ୍କର ଜୀବନଶୈଳୀ ଭିନ୍ନ ଅଟେ । (ସିଏଫ୍ ଆଇ ଯୋହନ ୧:୭)

■ **ଜୀବନର ଜ୍ୟୋତି -** ଯୀଶୁଙ୍କଠାରେ ଇଶ୍ୱରଙ୍କର ଜୀବନ ଅଛି ଏବଂ ସେ ତାହାଙ୍କ ଅନୁଗମନକାରୀଙ୍କୁ ତାହା ଦିଅନ୍ତି । (ସିଏଫ୍ ମାଥିଉ ୫:୪) ଯାହାକୁ ଇଶ୍ୱର ଦେଇଛନ୍ତି ।

୮:୧୩ - ଫାରୁଶି, ସ୍ୱତନ୍ତ୍ର ଟିକା ୧:୨୪ରେ ଦେଖନ୍ତୁ ।

■ **ଆପଣଙ୍କର ସାକ୍ଷ୍ୟ ସତ୍ୟ ନୁହେଁ -** ଯିହୁଦୀୟ ମାନେ ଯୀଶୁଙ୍କୁ ପ୍ରୟୋଗାତ୍ମକ ନିୟମାନୁସାରେ ପ୍ରମାଣ ଦାବି କଲେ । (ଦୁଇଜଣଙ୍କର ସାକ୍ଷୀର ଆବଶ୍ୟକତା (ସିଏଫ୍ ନମ୍ବର ୩୫:୩୦, ଡିଉଟ୍ ୧୭:୬; ୧୯:୧୫-୨୧) ଯୀଶୁ ପୂର୍ବରୁ ଏହାର ପ୍ରତିରୋଧ କରି କହିଥିଲେ (ସିଏଫ୍ ଯୋହନ ୫:୩୧ ଏଫ୍ ଏଫ୍) ଏବଂ ଅଳକ ଗୁଡ଼ିଏ ସାକ୍ଷୀ ପ୍ରମାଣ ମଧ୍ୟ ଦେଇଥିଲେ । ଏହି ଅଂଶରେ ପିତା ଇଶ୍ୱର ତାହାଙ୍କ ସାକ୍ଷୀ ଅଟନ୍ତି ।

୮:୧୪, ୧୬ ଯଦି ...... ଯଦି ଏହା ତୃତୀୟ ସର୍ତ୍ତ ମୂଳକ ବାକ୍ୟ, ଯାହା କାର୍ଯ୍ୟରେ ନିପୁଣ । ୮ମ ଅଧ୍ୟାୟରେ ପ୍ରାୟ ସମସ୍ତ ବାକ୍ୟ ଏହି ପ୍ରକାର ସର୍ତ୍ତମୂଳକ ଅଟେ ।

■ **"ମୁଁ ଜାଣେ କେଉଁଠାରୁ ଆସିଅଛି ଏବଂ କେଉଁଠାକୁ ଯାଉଅଛି ।"** ଏହା ପୁନର୍ବାର ଉର୍ଦ୍ଧ୍ୱସ୍ଥ ଏବଂ ନୀଚସ୍ଥ ବିଷୟ ଦୈତବାଦକୁ ସୂଚାଏ । ଯୀଶୁଙ୍କ ଜ୍ଞାତ ସାରରେ ପୂର୍ବରୁ ପିତାଙ୍କ ସହିତ ସୃଷ୍ଟିରେ ଥାଇ ତାହାଙ୍କ କାର୍ଯ୍ୟକୁ ଜାଣନ୍ତି । ଏବଂ ଭବିଷ୍ୟତ ସମୟର ଘଟଣାବଳୀକୁ ଅନୁଭବ କରନ୍ତି । (ସିଏଫ୍ ଯୋହନ ୧:୧-୪, ୧୪-୮, ୭:୨୮-୨୯, ୧୩:୧, ୧୭:୫)

**୮:୧୫ "ଆପଣ ଜାଗତିକ ଅନୁସାରେ ବିଚାର କରୁଅଛ"** ଏହା ମଧ୍ୟ ୩ ଅଧ୍ୟାୟର ପରିଭାଷା (ସିଏଫ୍ ଭି ୨୪) ସ୍ୱତନ୍ତ୍ର ଶୀର୍ଷ ଦେଖନ୍ତୁ । ମାଂସ (ସାର୍କ) ୧:୧୪

■ **ମୁଁ କାହାର ବିଚାର କରୁନାହିଁ ।** ଏଠାରେ ଆପଣ ଯୋହନ ୩:୧୭ ଓ ୯:୩୯ ମଧ୍ୟରୁ ପାର୍ଥକ୍ୟ ଅନୁଧ୍ୟାନ କରନ୍ତୁ । ଯୀଶୁ ବିଚାର କରିବାକୁ ନ ଆସି ବରଂ ଜୀବନ ଦେବାପାଇଁ ଆସିଛନ୍ତି । ତାହାଙ୍କ ଆସିବାର ପ୍ରତ୍ୟେକ ଘଟଣା ଯେଉଁମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ବିଚାରିତ ହୋଇଥାନ୍ତି । (ସିଏଫ୍ ୩:୧୮-୨୧) ୮:୧୬-୧୮ - ପୁନର୍ବାର ଏଠାରେ ଦୁଇ ଜଣଙ୍କର ସାକ୍ଷୀ ବିଚାରାଳୟରେ ଆବଶ୍ୟକତା ଦର୍ଶାଏ । (ସିଏଫ୍ ନଂ ୩୫:୩୦, ଡିଉଟ୍ ୧୭:୬, ୧୯:୧୫) ଯୀଶୁ ପିତାଙ୍କ ସହିତ ନିଶ୍ଚିତ ଏକତାର ଦୃଢ଼ୋକ୍ତି । (ସିଏଫ୍ ୭:୨୯, ୧୪:୯) ସ୍ୱତନ୍ତ୍ର ଶୀର୍ଷକ ଯୀଶୁଙ୍କର ସାକ୍ଷ୍ୟ ୧:୮ ରେ ଦେଖନ୍ତୁ ।

**୮:୧୬ ଏନ୍.ଏ.ଏସ୍.ବି. (୧୯୭୦)**

**ଏନ୍.ଜେ.ବି., ଆର୍.ଇ.ବି."ଯେ ମୋତେ ପ୍ରେରଣ କରିଛନ୍ତି"**

**ଏନ୍.ଏ.ଏସ୍.ବି. (୧୯୯୫) ଏନ୍.କେ.ଜେ.ବି.,ଏନ୍.ଆର୍.ଏସ୍.ଭି., ଏନ୍.ଆଇ.ଭି. "ପିତା ମୋତେ ପ୍ରେରଣ କରିଛନ୍ତି ।"**

ଏହିପରି ଭାବରେ ଏନ୍.ଏ.ଏସ୍.ବି. ର ଦୁଇଟି ପ୍ରକାଶନ ପରସ୍ପର ମଧ୍ୟରେ ଏକମତ ନୁହନ୍ତି । ସେହିପରି ଭାବରେ ୟୁବିଏସ୍ ରେ ମଧ୍ୟ ବିପରିତ ମତ ଜଣାଯାଏ ।

୧. ୟୁବିଏସ୍[୩] ଏହିପରି କୁହେ "ପିତା" ଏ. "ସି' ଅନୁପାତ

(ଏମ୍ ଏସ୍ [୩୯, ୬୫, ୭୫], ଡିସି[୨], ବି. ଏଲ୍. ଟି. ଡବ୍ଲୁ)

୨. ୟୁବିଏସ୍[୪] ଏହିପରି କୁହେ "ପିତା" 'କ' ଅନୁପାତ (ଏମ୍ ଏସ୍ ଏସ୍ ଏନ୍ : ଡି ଏବଂ କେତେକ ପୁରାତନ ସିରିୟାବ ଭାଷାନ୍ତରରେ ଏହା ବାଦ୍ ଦିଆଯାଇଅଛି)

ଯୀଶୁ କେବେ ଏକାକୀ ନୁହନ୍ତି । ପିତା ତାହାଙ୍କ ସହିତ ସର୍ବଦା ଥାନ୍ତି । (୧୬:୨୯, ୧୬:୩୨) କେବଳ କ୍ରୁଶ ଉପରେ ଛାଡ଼ି ଦେଲେ (ମାର୍କ ୧୫:୩୪) ଆନନ୍ଦ ଓ ସହଭାଗିତାର ପୂର୍ଣ୍ଣତା ପରିତ୍ରାଣର ସାରତତ୍ୱ ଅଟେ । ଈଶ୍ୱରଙ୍କର ସୃଷ୍ଟିରେ ଉଦ୍ଦେଶ୍ୟ ମନୁଷ୍ୟମାନଙ୍କ ସହିତ ସହଭାଗିତା, ତେଣୁ ସେ (ଖ୍ରୀଷ୍ଟ ଯୋହନ ୧:୩, ୧ କରନ୍ଥୀ ୮:୬, କଲସୀ ୧:୧୬, ହୋଶ.୧:୨) ) ଈଶ୍ୱରଙ୍କର ସାଦୃଶ୍ୟ ଓ ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ । (ବଂଶା.୧:୨୬, ୨୭) ଏହି ସହଭାଗିତାର ବିଫଳତା, ପାପର ଦଣ୍ଡ ଅଟେ । ଏହାର ପୁନଃ ଗଠନ ଯୀଶୁଙ୍କର କାର୍ଯ୍ୟର ଲକ୍ଷ୍ୟ ।

**୮:୧୯ "ଆପଣଙ୍କ ପିତା କେଉଁଠାରେ"** ସେମାନେ ଯୀଶୁଙ୍କୁ ଶାରୀରିକ ଭାବରେ ବୁଝୁଥିଲେ । ଆକ୍ଷରିକ ସ୍ତର, ସେମାନଙ୍କର ପୂର୍ବଜ୍ଞାତ ଗର୍ବ ସେମାନଙ୍କର ଜ୍ଞାନକୁ ସତ୍ୟ ଜାଣିବାରେ ଅନ୍ଧ କରିଥିଲା । (୨୭ ଏହି ଭୁଲ ବୁଝାମଣା ଯୋହନ ସୁସମାଚାର ଲେଖାର ବୈଶିଷ୍ଟ୍ୟ ଅଟେ ।

■ **"ଯଦି ତୁମେ ମୋତେ ଜାଣିଥାନ୍ତ, ତେବେ ମୋହର ପିତାଙ୍କୁ ମଧ୍ୟ ଜାଣିଥାନ୍ତ"**, ଏହା ଦ୍ୱିତୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଏହା ସାଧାରଣତଃ ଘଟଣାର ବାସ୍ତବତା କୁହାଯାଏ । "ଯଦି ତୁମେ ମୋତେ ଜାଣିଥାନ୍ତ, ଯାହା ତୁମେ ଜାଣିନାହଁ, ମୋର ପିତାଙ୍କୁ ମଧ୍ୟ ଜାଣିଥାନ୍ତ, ଯାହା ତୁମେ ଜାଣିନାହଁ" ଏହି ପ୍ରସଙ୍ଗ ଯୋହନ ୫:୩୭ରେ ବାରମ୍ବାର ପୁନରାବୃତ୍ତି ହୋଇଛି । ଏହାକୁ ସଂପୂର୍ଣ୍ଣ ବ୍ୟାଖ୍ୟା ୭:୨୮ ଦେଖନ୍ତୁ । ଯୋହନ ସୁସମାଚାରକୁ ଭାଗ ବିଭାଗ କରିବା କଷ୍ଟକର କାରଣ ଏହା କାରୁକାର୍ଯ୍ୟ ପରି ଚିତ୍ର ବିଚିତ୍ର ଭାବରେ ବ୍ୟାଖ୍ୟା କରାଯାଇଅଛି ।

**୮:୨୦ "ସେ ଭଣ୍ଡାର ନିକଟରୁ କହିଲେ"** ଏହି ଶାସ୍ତ୍ରାଂଶ ବା ପଦ ଆଉ ଗୋଟିଏ ପ୍ରତ୍ୟକ୍ଷଦର୍ଶୀର ସାକ୍ଷ୍ୟ । ଏହି ଭଣ୍ଡାର ଗୋଟିଏ ଭିନ୍ନ ଗୃହ ନଥିଲା । ରାବିନିକାଲ ପରମ୍ପରା କୁହେ ଯେ, ମନ୍ଦୀରରେ ତୁରୀ ଆକାରର ତେର ଗୋଟି ପାତ୍ର ଥିଲା । ପ୍ରତ୍ୟେକର ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ଚିହ୍ନଟ କରାଯାଉଥିଲା । ଯାହା ମହିଳା ପ୍ରାଙ୍ଗଣ ମଧ୍ୟରେ ଅବସ୍ଥିତ ( ମାର୍କ ୧୨:୪୧ ଯେଉଁ ସ୍ଥାନରେ ନିସ୍ତାର ପର୍ବ ସମୟରେ ଗୋଟିଏ ବୃହତ୍ ଦୀପ ରଖାଯାଉଥିଲା ।

■ **"ତାହାଙ୍କ ସମୟ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନାହିଁ** ୨:୪ ଟିକା ଦେଖନ୍ତୁ ।

**ଏନ୍.ଏ.ଏସ୍.ବି. ସଂଶୋଧିତ ଶାସ୍ତ୍ରାଂଶ ୮:୨୧-୩୦**

**୨୧ ସେଥିରେ ସେ ପୁନର୍ବାର ସେମାନଙ୍କୁ କହିଲେ ମୁଁ ଯାଉଅଛି, ଆଉ ତୁମ୍ଭେମାନେ ମୋତେ ଖୋଜିବ ଓ ଆପଣା ଆପଣା ପାପରେ ମରିବ, ମୁଁ ଯେଉଁଠାକୁ ଯାଉଅଛି ତୁମ୍ଭେମାନେ ସେଠାକୁ ଯାଇପାରନାହିଁ । ୨୨ ତେଣୁ ଯିହୁଦୀମାନେ କହିବାକୁ ଲାଗିଲେ, ଏ କଣ ଆତ୍ମହତ୍ୟା କରିବ ବୋଲି କହୁଅଛ, ମୁଁ ଯେଉଁଠାକୁ ଯାଉଅଛି ତୁମ୍ଭେମାନେ ସେଠାକୁ ଯାଇ ପାରିବ ନାହିଁ ? ୨୩ ସେଥିରେ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଅଧଃସ୍ଥାନରୁ ଉତ୍ପନ୍ନ, ମୁଁ ଉର୍ଦ୍ଧ୍ୱସ୍ଥାନରୁ ଉତ୍ପନ୍ନ; ତୁମ୍ଭେମାନେ ଜଗତରୁ ଉତ୍ପନ୍ନ, ମୁଁ ଏ ଜଗତରୁ ଉତ୍ପନ୍ନ ନୁହେଁ । ୨୪ ତେଣୁ ତୁମ୍ଭେମାନେ ମଧ୍ୟ ଯେ ଆପଣା ଆପଣା ପାପରେ ମରିବ । ମୁଁ ତୁମ୍ଭମାନଙ୍କୁ ଏହା କହିଲି; କାରଣ ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ଆପଣା ପାପରେ ମରିବ । ୨୫ ସେଥିରେ ସେମାନେ ତାହାଙ୍କୁ ପଚାରିଲେ, ତୁମ୍ଭେ କିଏ ? ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ସଙ୍ଗରେ କଥା କହିଲେ ଲାଭ କଅଣ ? ୨୬ ତୁମ୍ଭମାନଙ୍କ ସମ୍ବନ୍ଧରେ କଥା କହିବାକୁ ଓ ବିଚାର କରିବାକୁ ମୋର ଅନେକ ବିଷୟ ଅଛି; ଯାହାହେଉ, ମୋହର ପ୍ରେରଣ କର୍ତ୍ତା ସତ୍ୟ, ଆଉ ମୁଁ ତାହାଙ୍କଠାରୁ ଯାହା ଯାହା ଶ୍ରବଣ କଲି, ସେହିସବୁ ଜଗତକୁ ଜଣାଉଅଛି । ୨୭ ସେ ଯେ ପିତାଙ୍କ ସମ୍ବନ୍ଧରେ ସେମାନଙ୍କୁ କହୁଥିଲେ ଏହା ସେମାନେ ବୁଝିଲେ ନାହିଁ । ୨୮ ଅତଏବ, ଯୀଶୁ କହିଲେ ଯେତେବେଳେ ତୁମ୍ଭେମାନେ ମନୁଷ୍ୟ ପୁତ୍ରଙ୍କୁ ଉର୍ଦ୍ଧ୍ୱକୁ ଉଠାଇଥିବ ସେତେବେଳେ ମୁଁ ଯେ ସେହିବ୍ୟକ୍ତି ଓ ମୁଁ ନିଜରୁ କିଛି ନ କରି ବରଂ ପିତା ମୋତେ ଯେ ପ୍ରକାର ଶିକ୍ଷା ଦେଲେ, ସେହି ପ୍ରକାର ଏ ସମସ୍ତ କଥା ଯେ କହୁଅଛି, ଏହା ତୁମ୍ଭେମାନେ ବୁଝିବ । ୨୯ ମୋହର ପ୍ରେରଣକର୍ତ୍ତା ମୋ ସାଙ୍ଗରେ ଅଛନ୍ତି, ସେ ମୋତେ ଏକାକୀ ପରିତ୍ୟାଗ କଲେ ନାହିଁ, କାରଣ ମୁଁ ସର୍ବଦା ତାହାଙ୍କର ସନ୍ତୋଷ ଜନକ କାର୍ଯ୍ୟ କରେ । ୩୦ ସେ ଏହି ସମସ୍ତ କଥା କହନ୍ତେ, ଅନେକ ତାହାଙ୍କଠାରେ ବିଶ୍ୱାସ କଲେ ।**

**୮:୨୧-୨୨ "ମୁଁ ଯେଉଁଠାକୁ ଯାଉଅଛି, ତୁମ୍ଭେ ସେହିଠାକୁ ଆସି ନ ପାର"** ନିଶ୍ଚିତରେ ସେ ଆତ୍ମହତ୍ୟା କରିବ ନାହିଁ, କରିବ କି ? ୨୨ ପଦର ପ୍ରଶ୍ନର ଉତ୍ତରରେ କୌଣସି ଉତ୍ତର ନାହିଁ । ଏହା ସ୍ୱାଭାବିକ ଯେ ଏହି ପରିଚ୍ଛେଦରେ ସେମାନେ ଯୀଶୁଙ୍କ ଉକ୍ତିକୁ ଭୁଲ ବୁଝିଥିଲେ । (ସିଏଫ୍ ୭:୩୪-୩୬) ସେମାନେ ଏହାକୁ ତାହାଙ୍କ ପୁଅ ବୋଲି ଭାବିନେଇ ଥିଲେ । ଐତିହାସିକ ଯୋଶେଫଙ୍କଠାରୁ ଆମେ ଜ୍ଞାତ ହେଉ ଯେ, ଯିଏ ଆତ୍ମହତ୍ୟା କରେ ସେ ପାତାଳ କୁଣ୍ଡକୁ ଦଣ୍ଡିତ ହୁଏ । ସେମାନଙ୍କର ପ୍ରଶ୍ନ ଏହିପରି ରୂପରେ ସୂଚାଏ ଯେ, ଯୀଶୁ ଆତ୍ମହତ୍ୟା କରିବେ କି ?

**୮:୨୧ "ଏବଂ ଆପଣା ଆପଣା ପାପରେ ମରିବ"** ଏହା ଆକ୍ଷରିକ "ଆପଣା ପାପରେ ମରିବ" ଏହି "ପାପ" ଶବ୍ଦ, ଏକ ବଚନ ଅଟେ ଏବଂ ୨୪ ପଦର ଏହା ୨୧ ପଦରେ ବହୁବଚନ ଅଟେ । ଏହା ପ୍ରଥମତଃ ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ପ୍ରତ୍ୟାଖ୍ୟାନ କରିବା । (ସିଏଫ୍ ୨୪) ଏହା ୩ ମଙ୍ଗଳ ସୁସମାଚାରରେ ଏକ ଅକ୍ଷମଣୀୟ ପାପ ଅଟେ । ଯୀଶୁଙ୍କୁ ନେତାମାନେ ଏକ ମହାନ୍ ଜ୍ୟୋତିର ସମ୍ମୁଖରେ ତାହାଙ୍କ ବାକ୍ୟ ଓ ଚିହ୍ନକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ।

ନିମ୍ନଲିଖିତ ବିଷୟକୁ ଅନୁଧ୍ୟାନ କରନ୍ତୁ, ଯାହା ମାର୍କ ସୁସମାଚାରର ଏକ ଟିକାରୁ ଉଦ୍ଧୃତ ।

ମାର୍କ ୩:୩୯ "ଯିଏ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ବଚସା କରେ" । ଏହା ପୂର୍ବ-ପେଷ୍ଟିକଷ୍ଟ ଐତିହାସିକ ଘଟଣାର ଆଲୋଚନାକୁ ଜାଣିବା ଆବଶ୍ୟକ । ଏହା ଇଶ୍ୱରଙ୍କ ସତ୍ୟକୁ ପ୍ରତ୍ୟାଖ୍ୟାନ ଅର୍ଥରେ ବ୍ୟବହୃତ । ଏହି ପର୍ବର ଶିକ୍ଷା ସାଧାରଣତଃ ଅକ୍ଷମଣୀୟ ଅଟେ । ଏହା ନିମ୍ନଲିଖିତ ପରିମାପକ ଅନୁସାରେ ଭାଷାନ୍ତର କରିବା ଆବଶ୍ୟକ ।

୧. ପୁରାତନ ନିୟମରେ ଜ୍ଞାତ ଓ ଅଜ୍ଞାତ ଜନକ ପାପର ପାର୍ଥକ୍ୟତା (୧୫:୨୭-୩୧)

୨. ଯୀଶୁଙ୍କ ପରିବାରର ଅବିଶ୍ୱାସ ସହିତ ଫାରୁସିମାନଙ୍କ ଅବିଶ୍ୱାସ ଏହି ସ୍ଥିତିରେ ପାର୍ଥକ୍ୟ ଅଟେ ।

୩. ପାପ କ୍ଷମାର ମନ୍ତବ୍ୟ - ୨୮.

୪. ସୁସମାଚାରର (ସାମନ୍ତରାଳ) ସମାନତାରେ ପାର୍ଥକ୍ୟ, ବିଶେଷରେ "ମନୁଷ୍ୟ ପୁତ୍ରର" ପରିବର୍ତ୍ତନ (ମାର୍କ ୧୨:୩୨, ଲୁକ ୧୨:୧୦) ରେ ମନୁଷ୍ୟ ସନ୍ତାନ (ମାର୍କ ୧୨:୩୧, ୩:୨୮) ରେ ଦେଖାଯାଏ ।

ଏହି ଉର୍ଦ୍ଧସ୍ଥ ଆଲୋକରେ ଆମେ ଜାଣିପାରୁ ଯେ, ଯିଏ ମହା ଜ୍ୟୋତି ସମ୍ମୁଖରେ ପାପ କରେ ସେ ଜାଣି ଇଶ୍ୱରଙ୍କର ପରିତ୍ରାଣର ପ୍ରକାଶ ଯାହା ଯୀଶୁଙ୍କ ମାଧ୍ୟମରେ ହୋଇଛି ପ୍ରତ୍ୟାଖ୍ୟାନ କରିଥାଏ । ସେମାନେ ଇଶ୍ୱରଙ୍କର ପରିତ୍ରାଣ ଜନକ ସୁସମାଚାରର ଆଲୋକକୁ ଶୟତାନର ଅନ୍ଧକାରରେ ପରିବର୍ତ୍ତନ କରିଥାନ୍ତି । (ମାର୍କ ୩:୩୦) ସେମାନେ ଆତ୍ମାଙ୍କ ଆକର୍ଷଣ ଓ ଦୃତବୋଧକୁ ପ୍ରତ୍ୟାଖ୍ୟାନ କରିଥାନ୍ତି । (ଯୋହନ ୬:୪୪-୬୫) ଏହି ଅକ୍ଷମଣୀୟ ପାପ ଯାହା ସେମାନେ କ୍ରମାଗତ ଭାବରେ ଓ ସ୍ୱଇଛାରେ ଯୀଶୁଙ୍କଠାରେ ଇଶ୍ୱରଙ୍କୁ ଅବିଶ୍ୱାସ କରିବା ଦ୍ୱାରା କରିଥାନ୍ତି ତା ଅର୍ଥ ସାଦୁଶି ଓ ଫାରୁସି ପଣ)

ଏହି ପ୍ରକାର ପାପ କେବଳ ଯେଉଁମାନେ ସୁସମାଚାର ଜାଣି ଅବିଶ୍ୱାସ କରନ୍ତି ସେମାନେ ହିଁ ତାହା କରିଥାନ୍ତି । ଯେଉଁମାନେ ସୁସମାଚାର ସ୍ପଷ୍ଟ ଭାବରେ ଶୁଣି, ଜାଣି ଯୀଶୁଙ୍କୁ ବିଶ୍ୱାସ କରନ୍ତି ନାହିଁ, ସେମାନେ ଏହାର ଉତ୍ତରଦାୟୀ ଅଟନ୍ତି । ଏହା ସ୍ୱତନ୍ତ୍ର ଭାବରେ ଆଜିର ଆଧୁନିକ ସଂସ୍କୃତି ଜଗତରେ ଯୀଶୁଙ୍କୁ ଜାଣି, ସୁସମାଚାର ଶୁଣି ପ୍ରତ୍ୟାଖ୍ୟାନ କରିଥାନ୍ତି । (ଆମେରିକା ଏବଂ ପାଶ୍ଚାତ୍ ସଂସ୍କୃତି) ।

**୮:୨୩ ତୁମ୍ଭେମାନେ ଅଧଃସ୍ଥାନରୁ, ମୁଁ ଉର୍ଦ୍ଧସ୍ଥାନରୁ ଉତ୍ପନ୍ନ :** ଏହା ଯୋହନଙ୍କର ଆଉ ଗୋଟିଏ ଉଲମ୍ବ ଦ୍ୱୈତବାଦ । (ଅଧଃସ୍ଥାନ - ଉର୍ଦ୍ଧସ୍ଥାନ, ୭:୩୫-୩୬; ୧୮:୩୬) ଯୋହନଙ୍କର ପାର୍ଥକ୍ୟ ଏହି ସ୍ଥାନରେ, ଯୀଶୁ ଉର୍ଦ୍ଧସ୍ଥାନରୁ ଆସିଛନ୍ତି ଓ ଯିହୁଦୀମାନେ ଅଧଃସ୍ଥାନରୁ ଆସିଛନ୍ତି । ଏହି ପ୍ରକାର ଦ୍ୱୈତବାଦ ସୁସମାଚାରରେ ଅପୂର୍ବ । ତିନି ମଇଳ ସୁସମାଚାର (ମାଥିଉ, ମାର୍କ ଓ ଲୁକ)ରେ ଦୁଇଟି ଯିହୁଦୀୟ ଯୁଗ ମଧ୍ୟରେ ପାର୍ଥକ୍ୟ ଦର୍ଶାଏ ଯଥା – ବର୍ତ୍ତମାନର ମନ୍ଦ ଯୁଗ ଏବଂ ଭବିଷ୍ୟତର ଧାର୍ମିକ ଯୁଗ । ଏହି ପାର୍ଥକ୍ୟତା ଦ୍ୱୈତ୍ୟବାଦର ଅନୁପ୍ରସ୍ଥ ସହିତ ଉଲମ୍ବ ଦ୍ୱୈତ୍ୟବାଦର ଶବ୍ଦରେ ବ୍ୟାଖ୍ୟା କରାଯାଏ । ଯୀଶୁ କଣ ଏହି ପାର୍ଥକ୍ୟତାର ଶିକ୍ଷା ପ୍ରଦାନ କରିଥିଲେ କି ? ସମ୍ଭବତଃ ଯୀଶୁଙ୍କ ଶିକ୍ଷାକୁ ୩ ମଙ୍ଗଳ ସୁସମାଚାର ତାହାଙ୍କ ଜନସାଧାରଣ ଶିକ୍ଷାରୁ ଲିପିବଦ୍ଧ କରିଥାନ୍ତି, ଅପରପକ୍ଷେ ଯୋହନ ଯୀଶୁଙ୍କ ବ୍ୟକ୍ତିଗତ ଶିକ୍ଷାକୁ ଲିପିବଦ୍ଧ କରିଥାନ୍ତି ।

■ **"ତୁମ୍ଭେମାନେ ଏହି ଜଗତର"** - ଜଗତ ମନ୍ଦ ଶକ୍ତିରେ ଅବସ୍ଥିତ । (୨ୟ ୪:୪, ଏଫିସୀୟ ୨:୨ ଏବଂ ୧ ଯୋହ ୫:୧୯) ଜଗତ ଯାହାଙ୍କୁ ଗ୍ରୀକ୍ ଭାଷାରେ କସମସ୍ କୁହାଯାଏ । ୧୪:୧୭ ର ସ୍ୱତନ୍ତ୍ର ଶୀର୍ଷକ ଦେଖନ୍ତୁ ।

**୮:୨୪ "ଯଦି ନୁହେଁ" ଏହା ୩ୟ ସର୍ତ୍ତମୂଳକ ବାକ୍ୟ ଅଟେ । ଯାହାର ଅର୍ଥ ଫଳ ଉତ୍ପାଦକ କାର୍ଯ୍ୟ ।**

**ଏନ୍.ଏ.ଏସ୍.ବି., ଏନ୍.କେ.ଜେ.ବି. - "ତୁମ୍ଭେ ବିଶ୍ୱାସ କର ଯେ, ମୁଁ ସେ ଅଟେ" ।**

**ଏନ୍.ଆର୍.ଏସ୍.ଭି., ଜେ.ବି. - "ବିଶ୍ୱାସ କର ଯେ, ମୁଁ ସେ ଅଟେ" ।**

**ଟି.ଇ.ଭି. - "ବିଶ୍ୱାସ କର ଯେ, ଆମ୍ଭେ ଯେ ଅଛୁ, ସେ ଅଛୁ"**

**ଏନ୍.ଜେ.ବି. - ବିଶ୍ୱାସ କର ଯେ, ଆମ୍ଭେ ସେ ଅଟୁ" ।**

ଏହା ଯୀଶୁଙ୍କର ଏକ ଦୃଢ଼ ମନ୍ତବ୍ୟ, ଯେ ତାହାଙ୍କଠାରେ ଇଶ୍ୱରୀୟ ପ୍ରକୃତି ଅଛି । (ଆଉ ମଧ୍ୟ ଏହି ସ୍ଥିତିର ସମ୍ଭବପର ଯେ ଯୀଶୁ ମଶିହ ଅଟନ୍ତି) ସେ ପୁରାତନ ନିୟମର ଯିହୋବା ଶୀର୍ଷକ ବ୍ୟବହାର କରନ୍ତି । (ଆମ୍ଭେ ସେ ଯାତ୍ରା ୩:୧୧)

ଯୋହନ ପୁସ୍ତକରେ ଏହା ଏକ ଅତୁଳନୀୟ ଯୀଶୁଙ୍କର ଆମ୍ଭେ ମନ୍ତବ୍ୟ । ଏହି ବାକ୍ୟରେ କର୍ତ୍ତାକୁ ବୁଝାଉଥିବା ଉଦ୍ଦେଶ୍ୟ ନାହିଁ । (୪:୨୬, ୬:୨୦, ୮:୨୪, ୨୫, ୫୮; ୧୩:୧୯; ୧୮:୫, ୬, ୮) ସ୍ୱତନ୍ତ୍ର ଶୀର୍ଷକ ଯୋହନଙ୍କର ବିଶ୍ୱାସର ବ୍ୟବହାର ଦେଖନ୍ତୁ ୨:୨୩ ପଦ ।

**୮:୨୫ "ଆପଣ କିଏ ଅଟନ୍ତି"** ? ଯିହୁଦୀୟ ଅଧିକାର ପ୍ରାପ୍ତ ନେତାମାନେ ନିୟମାନୁସାରେ ଏହି ଇଶ୍ୱର ନିନ୍ଦାକୁ ଅନ୍ୱେଷଣ କରୁଥିଲେ । ( ମାର୍କ ୨୬:୫୭-୬୮, ୧୪:୫୩-୬୫)

ସେମାନେ ତାହାକୁ ବଧ କରିବାକୁ ଚାହୁଁଥିଲେ । ସେମାନେ ତାହାଙ୍କ ବିଷୟରେ ଜାଣିବାକୁ ଚାହୁଁ ନଥିଲେ ବରଂ ତାହାଙ୍କୁ ଦୋଷାରୋପ କରି ଦଣ୍ଡ ଦେବାକୁ ଚାହୁଁ ଥିଲେ ।

ଯୀଶୁ ସ୍ପଷ୍ଟ ଭାବରେ ଯୋହନ ପୁସ୍ତକରେ ଆପଣାକୁ ପ୍ରକାଶ କଲେ, ଯଥା - ତାହାଙ୍କ ବାକ୍ୟ ଭି୨୪, ତାହାଙ୍କ କାର୍ଯ୍ୟ (ସୁସ୍ଥ କରିବା, ବିଶ୍ରାମ ବା ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କରିବା । ଯାହା ଆମକୁ ସ୍ପଷ୍ଟ କରିଦିଏ ଯୀଶୁ ତାହାଙ୍କ ଅଧିକାରକୁ ପ୍ରକାଶ କଲେ ।

**ଏନ୍.ଏ.ଏସ୍.ବି. - "ମୁଁ ଯାହା ଆରମ୍ଭରୁ କହି ଆସୁଅଛି"**

**ଏନ୍.କେ.ଜେ.ବି. - "ଯାହା ମୁଁ ତୁମକୁ ଆରମ୍ଭରୁ କହି ଆସୁଛି"**

**ଏନ୍.ଆର୍.ଏସ୍.ଭି., - "ମୁଁ ଏ ସମସ୍ତ କଥା କାହିଁକି କହିବି ?**

**ଟି.ଇ.ଭି. - "ଯାହା ମୁଁ ଆରମ୍ଭରୁ ତୁମକୁ କହି ଆସୁଥିଲି"**

**ଏନ୍.ଜେ.ବି. - "ଯାହା ମୁଁ ତୁମକୁ ଆଦ୍ୟକୁ କହିଅଛି"**

ଗ୍ରୀକ୍ ପାଣ୍ଡୁଲିପିରେ କୌଣସି ଶବ୍ଦ ମଧ୍ୟରେ କୌଣସି ଖାଲି ସ୍ଥାନ ନଥାଏ । ଏଣୁ ଗ୍ରୀକ୍ ଶବ୍ଦରେ ଅର୍ଥ ପ୍ରକାଶ କରିବାକୁ ଯେ କୌଣସି ଶବ୍ଦକୁ ବିଭକ୍ତ କରି ଯୋଡ଼ା ଯାଇପାରେ । ବିଭିନ୍ନ ଅନୁବାଦ ପାଣ୍ଡୁଲିପିର ବିଭିନ୍ନତା ପାଇଁ ହୋଇ ନ ଥାଏ । ଏବଂ ଏହାର ଅନ୍ତର ବା ଭେଦ ମଧ୍ୟ ପାଣ୍ଡୁଲିପିର ବିଭିନ୍ନତା ପାର ନ ହୋଇ ଶବ୍ଦ ଗୁଡ଼ିକର ଭାଗ ବିଭାଗ ଓ ଗ୍ରହଣ ଦ୍ୱାରା ହୋଇଥାଏ ।

୧. ହୋଟେ - ମୁଁ ପ୍ରାରମ୍ଭରୁ ତୁମକୁ କହିଅଛି । **(ଏନ୍.ଏ.ଏସ୍.ବି. , ଏନ୍.କେ.ଜେ.ବି., ଟି.ଇ.ଭି. , ଏନ୍.ଜେ.ବି., ଏନ୍.ଆଇ.ଭି.)**

୨. ହୋଟି - ଏହା ପ୍ରାଚୀନ ଆଶ୍ଚର୍ଯ୍ୟମୟ, ପ୍ରହେଳବା - ଯାହା ମୁଁ ସମସ୍ତ କହିଲି ..

ବୋଧହୁଏ ଏହା ଯୋହନଙ୍କର ଶବ୍ଦମାନଙ୍କ ମଧ୍ୟରେ ବ୍ୟବହାର ଯେଉଁଠାରେ ସେ "ଆରମ୍ଭରୁ" ବ୍ୟବହାର କରିଛନ୍ତି । ଏବଂ ଏହା ମଧ୍ୟ ସେପ୍ଟୁଗେଟ୍ ଅନୁବାଦର ମଧ୍ୟ ବ୍ୟବହାର କରାଯାଇ ଅଛି । (ଆଦି ୧:୧) ସୃଷ୍ଟି ଏବଂ ଯୋହନ ୧:୧ ରେ (ତାହାଙ୍କ ସେବା କାର୍ଯ୍ୟ) ଯୀଶୁ ଖ୍ରୀଷ୍ଟ ଆରମ୍ଭରୁ କହି ଆସୁଛନ୍ତି ତାହାଙ୍କ ଶବ୍ଦ, ବାକ୍ୟ ଏବଂ କାର୍ଯ୍ୟ ବା ସେବାକାର୍ଯ୍ୟ ।

୮:୨୬-୨୭ - ଏହି ସମସ୍ତ ପ୍ରସଙ୍ଗ ଯୋହନ ପୁସ୍ତକରେ ବାରମ୍ବାର ପୁନରାବୃତ୍ତି କରାଯାଇ ଗୁରୁତ୍ୱ ଦିଆଯାଇ ଅଛି ।

୧. ପିତା ମୋତେ ପ୍ରେରଣ କରିଛନ୍ତି । (୩:୧୭, ୩୪, ୪:୩୪, ୫:୩୬, ୩୮, ୬:୨୯, ୪୪, ୪୭, ୭:୨୮-୨୯, ୮:୧୬, ୨୬, ୪୨, ୧୦:୩୬, ୧୧:୪୨, ୧୨:୪୯, ୧୪:୨୪, ୧୫:୨୧, ୧୭:୩, ୧୮, ୨୧, ୨୩, ୨୫, ୨୦:୨୧)

୨. ପିତା ସତ୍ୟ ଅଟନ୍ତି (୩:୩୩, ୭:୨୮)

୩. ଯୀଶୁଙ୍କ ଶିକ୍ଷା ସମୂହ ପିତାଙ୍କ ଦ୍ୱାରା ଆନିତ । (୩:୧୧, ୭:୧୬-୧୭, ୮:୨୬, ୨୮, ୪୦, ୧୨:୪୯, ୧୪:୨୪, ୧୫:୧୫)

୪. ଯୀଶୁ ପିତାଙ୍କୁ ପ୍ରକାଶ କରନ୍ତି । (୧:୧୮, ୮:୨୬-୨୯, ୧୨:୪୯-୫୦, ୧୪:୭, ୯)

■ **"ଜଗତ"** ୧:୧୦ ଦେଖନ୍ତୁ ।

୮:୨୭ ଆଉ ଗୋଟିଏ ଲେଖକଙ୍କ ସଂପାଦକୀୟ ମନ୍ତବ୍ୟ । ଯଦି ସେମାନେ ତାହାଙ୍କ ଅଳଙ୍କାରିକ ଓ ସଂକେତ ଭାଷାକୁ ସ୍ପଷ୍ଟ ଭାବରେ ଜାଣିପାରିଥାନ୍ତି । ସେମାନେ ଅନ୍ୟ ଯିହୁଦୀମାନଙ୍କ ପରି ତାହାକୁ ବୋଧହୁଏ ବନ୍ଧ କରିବାକୁ ଚେଷ୍ଟା କରିଥିଲେ । ୫:୧୮, ୮:୫୯, ୧୦:୩୩ ତାହାଙ୍କ ଦାବି ଅଜ୍ଞାତ ନ ଥିଲା ।

**୮:୨୮ "ଯେତେବେଳେ ତୁମ୍ଭେ ମନୁଷ୍ୟ ପୁତ୍ରଙ୍କୁ ଉର୍ଦ୍ଧକୁ ଉଠାଇବ"** ଏହା ପୁରାତନ ନିୟମର ଏକ ବ୍ୟାଖ୍ୟା ଯାହା ଗଣନା ୨୧:୪-୯ ପଦରୁ ନିଆ ଯାଇ ଯୋହନ ୩:୧୪ ରେ ଆଲୋଚନା କରାଯାଇଅଛି । ଏହି ଶବ୍ଦ ଯୋହନ ପୁସ୍ତକରେ ଅନେକଗୁଡ଼ିଏ ଅର୍ଥ ପ୍ରକାଶ କରିଥାଏ । ଏହା ମଧ୍ୟ ଏପରି ବୁଝଯାଏ ଯେ କ୍ରୁଶାର୍ପିତ କରିବା । (୩:୧୪, ୧୨:୩୨, ୩୪) କିନ୍ତୁ ଏହା ସାଧାରଣ ଭାବରେ ମହମାନ୍ୱିତ ହେବାକୁ ବୁଝାଇଥାଏ । ଏବଂ ତାହା ପ୍ରେରିତ ୨:୩୩, ୫:୩୧, ଫିଲିପିୟ ୨:୯ ପଦରେ ଦିଆଯାଏ । ଯୀଶୁ ଜାଣିଥିଲେ ଯେ ସେ ମୃତ୍ୟୁ ବରଣ କରିବାକୁ ଆସିଥିଲେ । (ମାର୍କ ୧୦:୪୫)

■ **"ମନୁଷ୍ୟ ପୁତ୍ର"** ଏହା ଯୀଶୁ ନିଜେ ମନୋନୟନ କରିଥିବା ଶୀର୍ଷକ ଯେଉଁଥିରେ କୌଣସି ସାମରିକ ଓ ଜାତୀୟ ପ୍ରୟୋଗ । ଯିହୁଦୀୟ ଗୁରୁକୂଳରେ ପ୍ରାପ୍ତ ହୁଏ ନାହିଁ । ଯୀଶୁ ଏହି ଶୀର୍ଷକକୁ ମନୋନୟନ କଲେ କାରଣ ଏହିଠାରେ ମାନବତା ମିଳିଥାଏ ।

(ଯିହିଜିକଲ. ୨:୧, ଗୀତ. ୮:୪) ଏବଂ ଈଶ୍ୱରତ୍ (ଦାନିଏଲ୍. ୭:୧୩)

■ **"ତେବେ ତୁମ୍ଭେମାନେ ଜାଣିବ ମୁଁ ସେ ଅଟେ ।"**

ଏପରିକି ତାହାଙ୍କ ଶିଷ୍ୟମାନେ (ତାହାଙ୍କ ପରିବାର) ପେଣ୍ଟିକଷ୍ଟ ପୂର୍ବରୁ ତାହାଙ୍କୁ ସ୍ପଷ୍ଟ ଭାବରେ ଜାଣିପାରି ନଥିଲେ । (୭:୩୯) ପବିତ୍ର ଆତ୍ମା ଆସି ଯେଉଁମାନଙ୍କଠାରେ ଆତ୍ମିକ ଚକ୍ଷୁ ଓ ଆତ୍ମିକ କିଛି ଥିଲା ସେମାନଙ୍କର ଚକ୍ଷୁ ଖୋଲିବା ପାଇଁ ଶକ୍ତି ଯୋଗାଇଲା ।

ଅତୁଳ ବ୍ୟାକରଣର ଦୃଢ଼ୋକ୍ତି "ମୁଁ ସେ ଅଟେ"

୨୪ ପଦ ଦେଖନ୍ତୁ । ସେମାନେ ଜ୍ଞାତ ହେବେ ।

୧. ସେ କିଏ ଅଟନ୍ତି (ମସୀହ)

୨. ସେ ପିତାଙ୍କୁ ପ୍ରକାଶ କରନ୍ତି (୫:୧୯-୨୦)

୩. ସେ ଏବଂ ପିତା ଏକ ଅଟନ୍ତି (୨୯)

**୮:୨୯ "ସେ ମୋତେ ଏକୁଟିଆ କରି ଛାଡ଼ି ଯାଇ ନାହାନ୍ତି"**

ଯୀଶୁ ପିତାଙ୍କ ସହିତ ସହଭାଗିତା ନିରବଚ୍ଛିନ୍ନ ଅଟେ ।

(୮:୧୬, ୧୬:୩୨) ଏଣୁ କ୍ରୁଶ ଘେରେ ଯୀଶୁଙ୍କ ପିତାଙ୍କ ସହିତ ଭଗ୍ନ ସଂପର୍କ କଷ୍ଟକର ଥିଲା । (ମାର୍କ ୧୫:୩୪)

**୮:୩୦ - ଅନେକ ତାହାଙ୍କଠାରେ ବିଶ୍ୱାସ "କଲେ"**

ଏହି ଅଂଶରେ ବିଶ୍ୱାସର ବ୍ୟବହାର ଗୋଟିଏ ମହାନ ଉଦାରତା ଅଟେ । ଏହା ମଧ୍ୟ କିଛି ଶ୍ରୋତାଙ୍କର ଅଳ୍ପ ବିଶ୍ୱାସକୁ ପ୍ରକାଶ କରେ । (ମାଥିଉ. ୧୩, ମାର୍କ. ୪) ସେମାନେ ସେମାନଙ୍କର ବୁଝିବାରେ ମଶିହ କିଏ ତଦ୍ ଅନୁସାରେ ତାହାଙ୍କୁ ସ୍ୱୀକାର କରିବାକୁ ଇଚ୍ଛୁକ ଥିଲେ । ୮:୩୦-୫୮ ର ସ୍ଥିତି ଆମ୍ଭମାନଙ୍କୁ ସ୍ପଷ୍ଟଭାବରେ ଦେଖାଏ ଯେ, ସେମାନେ ତାକୁତ ବିଶ୍ୱାସୀ ନଥିଲେ । (୨:୨୩-୨୫ ଯୋହନ ପୁସ୍ତକରେ ବିଶ୍ୱାସର ସ୍ତର ଅନେକ । ଏଣୁ ସମସ୍ତ ବିଶ୍ୱାସ ପରିତ୍ରାଣ ଦିଏ ନାହିଁ । ୨:୨୩ର ଶୀର୍ଷକ ଦେଖନ୍ତୁ ।

**ଏନ୍.ଏ.ଏସ୍.ବି. ଶାସ୍ତ୍ରାଂଶ : ୮:୩୧-୩୩**

**୩୧ ଅତଏବ, ଯୀଶୁ ତାହାଙ୍କୁ ବିଶ୍ୱାସ କରିଥିବା ଯିହୁଦିମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ ତେବେ ତୁମ୍ଭେମାନେ ପକୃତରେ ମୋହର ଶିଷ୍ୟ, ୩୨ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ତୁମ୍ଭମାନଙ୍କୁ ମୁକ୍ତ କରିବ । ୩୩ସେମାନେ ତାହାଙ୍କୁ ଉତ୍ତର ଦେଲେ, ଆମ୍ଭେମାନେ ଅବ୍ରାହାମଙ୍କର ବଂଶ, ଆଉ କେବେ ହେଁ କାହାରି ଦାସ ହୋଇ ନାହୁଁ, ତେବେ ତୁମ୍ଭେମାନେ ମୁକ୍ତ ହେବ ବୋଲି ତୁମ୍ଭେ କିପରି କହୁଅଛ ?**

**୮ : ୩୧ "ଯଦି ତୁମ୍ଭେ ସ୍ଥିର ହୋଇ ରହିବ"** । ଏହା ତୃତିୟ ସର୍ତ ମୂଳକ ବାକ୍ୟ, ଯାହାର ଅର୍ଥ ଏହା କାର୍ଯ୍ୟକାରି ଅଟେ । ଯୋହନ ୧୫ ଅଧ୍ୟାୟକୁ କ୍ରମାଗତ ବିଶ୍ୱାସର ଗୁରୁତ୍ୱ ଦେଖାଯାଏ । ସୁସମାଚାର ବିତରଣରେ ଏହି ଆବଶ୍ୟକିୟ ବିଷୟ ଦେଖାଯାଏ ନାହିଁ । ବାକ୍ୟ ବିଶ୍ୱାସ କରିବା, ବାଧ୍ୟ ହେବା, ଆବଶ୍ୟକ (୫:୨୪)

୧ ଯୋହନ ୨: ୧୦ ପଦର ଶିର୍ଷକ ସ୍ଥିର ହୋଇ ରହିବା, ଦେଖନ୍ତୁ ।

**ବିଶେଷ ଶୀର୍ଷ : ସାଇତି ରଖିବା ଦରକାର**

ବାଇବଲ ସମନ୍ଧିୟ ଶିକ୍ଷ୍ୟା ଓ ତତ୍ୱକୁ ବ୍ୟାଖ୍ୟା କରିବା କଷ୍ଟକର କାରଣ ତାହା ତୁଳନାତ୍ମକ ଆଞ୍ଚଳିକ ଭାଷାର ମିଳନ ଅଟେ । ଏହି ଯୁଗଳ ପରସ୍ପର ବିରୋଧି ଦେଖାଯାଏ । ତଥାପି ମଧ୍ୟ ବାଇବଲ ସମ୍ବନ୍ଧିୟ । ପାଶ୍ଚାତ୍ ଖ୍ରୀଷ୍ଟିୟାନମାନେ ଗୋଟିଏ ସତ୍ୟକୁ ଅସ୍ୱୀକାର କରି ବିପରିତ ସତ୍ୟର ମୁଲ୍ୟ ହ୍ରାସ କରିଥାନ୍ତି ।

ଏହାକୁ ବୁଝାଇବାକୁ ସୁଯୋଗ ଦିଅନ୍ତୁ ।

କ - ପରିତ୍ରାଣ କ'ଣ, ଖ୍ରୀଷ୍ଟଙ୍କୁ ଭରସା କରିବାରେ ପ୍ରାଥମିକ ନିଷ୍ପତି ନା ଶିଶ୍ୟ ହେବା ପାଇଁ ଆଜିବନ ସମର୍ପଣ ?

ଖ - ପରିତ୍ରାଣ କ'ଣ ଈଶ୍ୱରଙ୍କର ମନୁଷ୍ୟ ପ୍ରତି ସାର୍ବଭୌମ୍ୟ ଅନୁଗ୍ରହର ମନୋନୟନ, ନା ମନୁଷ୍ୟର ମନ ପରିବର୍ତ୍ତନ ର ପ୍ରତୋତ୍ତର ?

ଗ - ପରିତ୍ରାଣ କ'ଣ ଥରେ ଗ୍ରହଣିୟ, ଏବଂ ବିନଷ୍ଟ ହେବାର ସମ୍ଭାବନା ନାହିଁ । କିମ୍ବା ଏହାର କ୍ରମାଗତ ଆବଶ୍ୟକତା ?

ଏହି "ସାଇତି" କ୍ରମାନୁଯାୟି ଦେଖାଯାଇ ଅଛି,

ଏପରିକି ମଣ୍ଡଳୀ ଇତିହାସରେ ମଧ୍ୟ ଆମେ ପାଉ ।

ଏହାର ସମସ୍ୟା ସ୍ପଷ୍ଟ ଭାବରେ ବିରୁଦ୍ଧାତ୍ମକ ନୂତନ ନିୟମର ପଦରେ ଦେଖାଯାଏ ।

କ - ନିଶ୍ଚୟତାର ଶାସ୍ତ୍ରାଂଶ :

୧. ଯୀଶୁଙ୍କ ମନ୍ତବ୍ୟ (ଯୋହନ ୬ : ୩୭, ୧୦ : ୨୮ - ୨୯)

୨. ପାଉଲଙ୍କର ମନ୍ତବ୍ୟ (ରୋମୀୟ ୮ : ୩୫ - ୩୯; ଫିଲିପୀୟ ୧ : ୧୩; ୨ : ୫, ୮ - ୯ ଫିଲିପୀୟ ୧ : ୬, ୨ : ୧୩, ଥେସୋଲୋନୀୟ ୩ : ୩; ଦ୍ୱିତୀୟ ତିମଥି ୧ : ୧୨, ୪ : ୧୮

୩. ପିତରଙ୍କର ମନ୍ତବ୍ୟ ( ୧ ପିତର ୧ : ୪ - ୫)

ଖ. ସାଇତିର ଆବଶ୍ୟକତା ର ଶାସ୍ତ୍ରାଶଂ

୧. ଯୀଶୁଙ୍କ ମନ୍ତବ୍ୟ (ମାଥିଉ ୧୦ : ୨୨, ୧୩ : ୧ - ୯, ୨୪ - ୩୦, ୨୪ : ୧୩, ମାର୍କ ୧୩ : ୧୩, ଯୋହନ ୮ : ୩୧, ୧୫ : ୪ - ୧୦, ପ୍ରକାଶିତ ୨ : ୭, ୧୭, ୨୦; ୩ : ୫, ୧୨, ୨୧)

୨. ପାଉଲଙ୍କ ମନ୍ତବ୍ୟ (ରୋମୀୟ ୧୧ : ୨୨, ୧ କରନ୍ଥୀୟ ୧୫ : ୨, ୨ୟ କରନ୍ଥୀୟ ୧୩ : ୫, ଗାଲାତୀୟ ୧ : ୬, ୩ : ୪, ୫ : ୪, ୬ : ୯, ଫିଲିପୀୟ ୨ : ୧୨ ୩: ୧୮, - ୨୦, କଲସୀୟ ୧ : ୨୩)

୩. ଏବ୍ରି ପୁସ୍ତକର ଲେଖକଙ୍କର ମନ୍ତବ୍ୟ (୨ : ୧, ୩ : ୬, ୧୪, ୪ : ୧୪, ୬ : ୧୧)

୪. ଯୋହନଙ୍କର ମନ୍ତବ୍ୟ (୧ମ ଯୋହନ ୨ : ୬, ୨ୟ ଯୋହନ ୯)

୫. ପିତାଙ୍କ ମନ୍ତବ୍ୟ (ପ୍ରକାଶିତ ୨୧ : ୭).

ବାଇବଲ ସମନ୍ଧିୟ ପରିତ୍ରାଣ ପ୍ରେମରେ, ଦୟାରେ, ଏବଂ ତ୍ରିତ୍ୱ ସାର୍ବଭୌମ୍ୟ ପରମେଶ୍ୱର ଦ୍ୱାରା ପ୍ରକାଶିତ । ଆତ୍ମାଙ୍କ ପ୍ରାର୍ଥମିକତା ବହୁଳ କୌଣସି ମନୁଷ୍ୟ ପରିତ୍ରାଣ ପାଇ ନ ଥାଏ । (ଯୋହନ ୫ : ୪୪, ୬୫), ଈଶ୍ୱରତ୍ୱ ପ୍ରଥମରେ ଆସି କାର୍ଯ୍ୟ ସୁଚୀ ଉପସ୍ଥାପନା କରିଥାଏ, ଆହୁରି ମଧ୍ୟ ଏହା ମନୁଷ୍ୟର ବିଶ୍ୱାସକୁ ଦାବି କରିଥାଏ । ଯାହା ମନ ପରିବର୍ତ୍ତନ ଦ୍ୱାରା ଆସିଥାଏ ।

ଈଶ୍ୱର ନିୟମର ସଂପର୍କରେ ମନୁଷ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ କରିଥାନ୍ତି । ଯେଉଁଠାରେ ସୁଯୋଗ ଏବଂ ଦାୟିତ୍ୱ ଥାଏ । ପରିତ୍ରାଣ ସମସ୍ତ ମନୁଷ୍ୟମାନଙ୍କୁ ଦିଆଯାଏ । ଯୀଶୁଙ୍କ ମୃତ୍ୟୁ ପତିତ (ମାନବ) ସୃଷ୍ଟିର ପାପ ସମସ୍ୟାକୁ ସମାଧାନ କରିଅଛି । ଈଶ୍ୱର ଏକ ପଥ ଦିଅନ୍ତି, ଏବଂ ଚାହାନ୍ତି ଯେ, ଯେଉଁମାନେ ତାହାଙ୍କ ପ୍ରତିମୁର୍ତ୍ତୀ କୁ ପ୍ରେମକୁ ପ୍ରତିଭୋର ଦେଇ ଯୀଶୁଙ୍କୁ ଗ୍ରହଣ କରିଥାନ୍ତି । ଯଦି ଆପଣ ଏହି ବିଷୟ ଘେରି ବିନା - କାଲଭିନ୍ଙ୍କ ଶିକ୍ଷାରୁ ଅଧିକ ଜାଣିବାକୁ ଚାହାନ୍ତି ତେବେ, ଦେଖନ୍ତୁ ।

୧. ଡେଲ୍ ମୁଡ଼ି, ଦ ୱାର୍ଡ଼ ଅଫ୍ ଟ୍ରୁଥ୍, ଇଏସ୍ଆରଡି ମ୍ୟାନ୍ସ ୧୯୮୧. (ପୃଷ୍ଠା ୩୪୮ - ୩୬୫).

୨. ହାଉଡ୍ ମର୍ସଲ, କେପ୍ଟ ବାଏ ଦ ପୋଲ୍ସ ଅଫ୍ ଗଡ଼, ବେଥାନି ଫେଲୋସିପ୍ ୧୯୬୯.

୩. ରୋବର୍ଟ୍ ସାଙ୍କ, ଲାଇଫ୍ ଇନ୍ ଦ ସନ୍, ୱେଷ୍ଟକୋଲ୍ଟ ୧୯୬୧.

ଏହି କ୍ଷେତ୍ରରେ ବାଇବଲ ୨ଗୋଟି ବିଭିନ୍ନ ସମସ୍ୟାକୁ ସୁଚାଏ, (୧) ଫଳହୀନ, ସ୍ୱାର୍ଥପର ଜୀବନ କାଟି, ପରିତ୍ରାଣ ର ନିଶ୍ଚୟତା କୁ ବିଶ୍ୱାସ କରିବା । (୨) ଯେଉଁମାନେ ସେବାକାର୍ଯ୍ୟରେ ଆପଣା ବ୍ୟକ୍ତିଗତ ପାପରେ କଷ୍ଟପାଉଛନ୍ତି ସେମାନଙ୍କୁ ମୋହିତ କରିବା । ଏହି ସ୍ଥାନରେ ସମସ୍ୟା ହେଉଛି, ଭୁଲ ଲୋକଦଳ, ଭୁଲ ସଂବାଦ ନେଇ ଆପଣା ଈଶ୍ୱର ତତ୍ୱ ବାଇବଲର ଅଳ୍ପ ପଦ ନେଇ ଗଠନ କରିଥାନ୍ତି । କେତେ ଖ୍ରୀଷ୍ଟିୟାନ ବାସ୍ତବରେ ଈଶ୍ୱରଙ୍କର ଆତ୍ମାସନା ଜନକ ପରିତ୍ରାଣର ସଂବାଦ, ଅପେକ୍ଷା କରିଥାନ୍ତି, ଏବଂ ଅନ୍ୟ କେତେକଙ୍କ ପାଇଁ ସିଧା ସଳଖ ସତର୍କ ବାଣୀର ଆବଶ୍ୟକ ଅଛି । ସିଧା ସଳଖ ସତର୍କ ବାଣୀର ଆବଶ୍ୟକ ଅଛି । ଆପଣ କେଉଁ ଦଳର ଅଟନ୍ତି ?

■ **"ମୋର ବାକ୍ୟରେ ସ୍ଥିର ହୋଇ ରହିଲେ ପ୍ରକୃତରେ ତୁମ୍ଭେ ମୋର ଶିଷ୍ୟ"** । ଯୀଶୁ ଆଜୀବନ ବାଧିତ, ଦାବି କରନ୍ତି । (ତାଙ୍କ ଆଜ୍ଞା, ପଦ ୫୧, ୫୨, ୫୫, ୧୪ : ୧୫, ୨୧, ୨୩, ୨୪, ୧୫ : ୧୦, ୨୦, ୧୭ : ୬, ଲୁକ ୬ : ୪୬, ୨ୟ ଯୋହନ ୯). ଏହା ଶେମ୍ମା (ଶେମ୍ମା) କୁ ପ୍ରକାଶ କରିଥାଏ, ଏହା ଗୋଟିଏ ଏବ୍ରୀ ଶବ୍ଦ (ଶେମ୍ମା) ଅର୍ଥ ଶୁଣିବା, ଓ କରିବା, (ଦ୍ୱିତୀୟ ବିବରଣ ୬ : ୪ - ୬).

**୮.୩୨. "ତୁମ୍ଭେ ଜାଣିବ"** ଏହା ପୁରାତନ ନିୟମର ଭାବ ଅନୁସାରେ ବ୍ୟବହାର କରାଯାଇ, କୁହେ ଯେ, ତୁମ୍ଭେ ଜଣିବ । ଯାହାର ଅର୍ଥ ବ୍ୟକ୍ତିଗତ ସଂପର୍କ, ଏବଂ ଏହା ଅନୁଭୂତିର (ସତ୍ୟ) ଭାବରେ କୁହେ ନାହିଁ ।

(ଆଦି ୪ : ୧; ଯିରିମିୟ ୧ : ୫,) ସତ୍ୟ ଏକ ବ୍ୟକ୍ତି ଅଟନ୍ତି । ଏହି ପଦ ଯାହା ବେଳେବେଳେ ଶିକ୍ଷାର ଅନୁଷ୍ଠାନ ବୋଲି ଜଣାଯାଏ । ଯାହା ମନୁଷ୍ୟର ଜ୍ଞାନ ସଂଗ୍ରହ କୁ ବ୍ୟକ୍ତ କରେ ନାହିଁ, ଯାହା ମନୁଷ୍ୟକୁ ସ୍ୱାଧିନତା, ନ ଦେଇ, ବିଭକ୍ତ ଓ ବନ୍ଧନକୁ ରଖିଥାଏ । ମାତ୍ର "ସତ୍ୟ" ଯାହା ଏହି ଅଂଗରେ କୁହାଯାଏ ତାହା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର "ଜଣେ ବ୍ୟକ୍ତି" ତାହାଙ୍କ ବିହୁନେ ସତ୍ୟ, ଶାନ୍ତି ଓ ଆଶା ନାହିଁ ।

**୮:୩୨, ୪୪, ୪୫, ୪୬ "ସତ୍ୟ"** ଏହି ପ୍ରସଙ୍ଗରେ ସତ୍ୟ ମୁଖ୍ୟ ଅଟେ । ଏହି ଶବ୍ଦର ୨ ଟି ମୂଳ ତାତ୍ପର୍ଯ୍ୟ ଅଛି ।

୧ - ଭରସାଯୋଗ୍ୟ

୨ - ସତ୍ୟ ବିରୋଧ ମିଥ୍ୟା

ଯୀଶୁଙ୍କ ଜୀବନ ଓ ସେବା କାର୍ଯ୍ୟରେ ଏହି ୨ ଟି ମୂଳତାତ୍ପର୍ଯ୍ୟ ସତ୍ୟ । ସେ ସୁସମାଚାର ଲକ୍ଷ୍ୟ ଓ ବିଷୟ ବସ୍ତୁ ଅଟନ୍ତି । ସତ୍ୟ ସର୍ବ ପ୍ରଥମେ ଜଣେ ବ୍ୟକ୍ତି ଅଟନ୍ତି । ବ୍ୟକ୍ତିଗତ ପିତା ଯୀଶୁଙ୍କ ମାଧ୍ୟମରେ ପ୍ରକାଶିତ ହେଲେ । ଏହି ପଦକୁ ବେଳେ ବେଳେ ପ୍ରସଙ୍ଗ ମଧ୍ୟରୁ ବାହାର କରି, ଶିକ୍ଷା ଦେବାକୁ ବ୍ୟବହାର କରାଯାଏ । ଯାହା ବାସ୍ତବ ବିଷୟ ଅଛି ଯାହା ସ୍ୱାଧିନତା ଆଣୀ ନ ଥାଏ । (ଉପଦେଶକ ୧ : ୧୮). ୬ : ୫୫ ଏବଂ ୧୭ : ୩ ର ସ୍ୱତନ୍ତ୍ର ଶିକ୍ଷକ "ସତ୍ୟ" ଦେଖଇ ।

**୮ : ୩୨. "ସ୍ୱାଧିନତା ଦେବ"**

ବିଶ୍ୱାସିମାନେ, ବ୍ୟବସ୍ଥା, ରିତିନିତି, ଓ ସମସ୍ତ ଧର୍ମକର୍ମ ଓ ମାନବ ଧର୍ମ ପରାୟଣତା ରୁ ସ୍ୱାଧିନ ଅଟନ୍ତି । ଏବଂ ସୁସମାଚାର ପାଇଁ ଆପଣାମାନଙ୍କୁ ବନ୍ଧନ କରିଥାନ୍ତି । (ଖ୍ରୀଷ୍ଟଙ୍କ ଠାରେ)

(ରୋମୀୟ ୧୪ : ୧ - ୧୫ : ୬, ୧ମ କରନ୍ଥୀୟ ୮ - ୧୦)

**୮ : ୩୩ - "ଆମ୍ଭେମାନେ ଅବ୍ରାହାମଙ୍କର ବଂଶ ଆଉ କେବେ ହେଁ କାହାରି ଦାସ ହୋଇ ନାହୁଁ ।"** ସେମାନଙ୍କର ବଂଶର ଗର୍ବ କେଡ଼େ ବଡ଼ ଅନ୍ଧତା । ମିଶର, ସିରିଆ, ବାବିଲ, ପାରସ, ଗ୍ରୀକ, ସିରିଆ ଓ ରୋମ ବିଷୟରେ କ'ଣ ?

**ଏନ୍.ଏ.ଏସ୍.ବି. ଶାସ୍ତ୍ରାଂଶ : ୮:୩୪-୩୮**

**ଆଧୁନିକ ସଂସ୍କରଣ**

**୩୪ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ କେହି ପାପ କରେ, ସେ ପାପର ଦାସ । ୩୫ ଦାସ ଚିରକାଳ ଗୃହରେ ରହେନାହିଁ, ପୁତ୍ର ଚିରକାଳ ରହେ । ୩୬ ଅତଏବ, ପୁତ୍ର ନାତି ତୁମ୍ଭମାନଙ୍କୁ ସବୁ ମୁକ୍ତ କରିବେ ତାହା ହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ । ୩୭ ତୁମ୍ଭେମାନେ ଯେ ଆବ୍ରାହମ୍ଙ୍କର ବଂଶ, ତାହା ମୁଁ ଜାଣେ; କିନ୍ତୁ ମୋହର ବାକ୍ୟ ତୁମ୍ଭମାନଙ୍କ ଅନ୍ତରରେ ସ୍ଥାନ ନ ପାଇବାରୁ ତୁମ୍ଭେମାନେ ମୋତେ ବଧ କରିବାକୁ ଚେଷ୍ଟା କରୁଅଛ । ୩୮ ମୁଁ ପିତାଙ୍କ ନିକଟରେ ଯାହା ଯାହା ଦେଖିଅଛି ସେହିସବୁ କହୁଅଛି । ତେବେ ତୁମ୍ଭେମାନେ ମଧ୍ୟ ତୁମ୍ଭମାନଙ୍କ ପିତା ନିକଟରୁ ଯାହା ଯାହା ଶୁଣିଅଛ ସେହିସବୁ କର ।**

**୮:୩୪ "ଯିଏ ପାପ କରେ ସେ ପାପର ଦାସ ଅଟେ" ।**

ଯୀଶୁ ସେମାନଙ୍କୁ ଆତ୍ମିକ ବାସ୍ତବ ଆଡ଼କୁ କଢ଼ାଇ ଦେବାକୁ ଚେଷ୍ଟା କରନ୍ତି । ୩୨ ପଦର ମନ୍ତବ୍ୟ ସେମାନେ ଭୁଲ ବୁଝିଥିଲେ । ୨୧ ପଦ ଓ ୨୪ରେ ଯୀଶୁଙ୍କ ଦୋଷାରୋପ ସହିତ ଏହି ମନ୍ତବ୍ୟର ସାମଞ୍ଜସ୍ୟ ଅଛି । ୪୪-୪୭ ପଦରେ ତାହାଙ୍କ ଦଣ୍ଡ ସିମିତ ରେଖା ମଧ୍ୟରେ ସଂପୂର୍ଣ୍ଣ ଅଟେ । ନିଉ ଟେଷ୍ଟାମେଣ୍ଟ ଥିଓଲୋଜି ରେ ଫ୍ରାନକ୍ ଷ୍ଟେଗ୍ ଏପରି କହନ୍ତି, ମନୁଷ୍ୟର ବନ୍ଧର ଯାତ୍ରା ଯେତେବେଳେ ସେ ନିଜକୁ ମୁକ୍ତ କରିବାର ପ୍ରଚେଷ୍ଟା କରିଥାଏ ।

ଏହି ଅଂଶରେ କର୍ମ ବିଶେଷ୍ୟ, ବର୍ତ୍ତମାନ କାଳ, କରୁଅଛି । ଯାହା କ୍ରମାଗତ ପାପ । କ୍ରମାଗତ ପାପରେ ଥିଲେ ସତ୍ୟ (ଯୀଶୁଙ୍କୁ) ଜାଣିବା କଷ୍ଟକର ଅଟେ । ଏହି ପାପକୁ ବର୍ତ୍ତମାନ କାଳରେ କର୍ମ ବିଶେଷ୍ୟରେ ବ୍ୟବହାର କରାଯାଇ ଅଛି । ପାପ କରିବା – । ଯୋହନ ୩:୯, ୯ ; ଏହି ସ୍ଥାନର ପ୍ରଶ୍ନ ହେଉଛି ବିଶ୍ୱାସୀମାନେ ପାପରେ ଅଛନ୍ତି କି ? ଏବଂ ଏହାର ଉତ୍ତର ଏହିପରି ହୋଇପାରେ "ହଁ" (ରୋମୀୟ ୭:୧ ଯୋହନ) ଖ୍ରୀଷ୍ଟିୟାନମାନେ ପାପର ଯୁଦ୍ଧରେ ଥାନ୍ତି । ଏବଂ ଏହାର ବିନଷ୍ଟକର ପରିଣତି ଜାଣିପାରନ୍ତି ନାହିଁ । ନେଟ୍ ଭାଷାନ୍ତର ବାଇବଲ (ପି ୧୯୨୧ # ୨୧) ଗୋଟିଏ ଉତ୍ତମ ପୂର୍ବପଦ ପ୍ରସଙ୍ଗର ମନ୍ତବ୍ୟ ଦେଇ କହନ୍ତି ଯେ, ଏହି ଅଂଶର ପାପ ହେଉଛି "ଅବିଶ୍ୱାସ" (ଯାହା ଅକ୍ଷମଣୀୟ ଅଟେ) ।

ଏହା କୌଣସି ନୈତିକ ପ୍ରସଙ୍ଗ ନୁହେଁ ମାତ୍ର ଏହା ପରିତ୍ରାଣ ନିମନ୍ତେ ବିଶ୍ୱାସର ପ୍ରସଙ୍ଗ ଅଟେ । ୧ମ ଯୋହନର ପାପ ହେଉଛି ଅବିଶ୍ୱାସର ପାପ (ଯାହା ସୁଖ ଆଣିଥାଏ) ।

**୮:୩୫** ଏହି ପଦ ସିଧାସଳଖ ୩୪ ପଦ ଓ ୩୬ ପଦକୁ ଯୋଗ କରେ ନାହିଁ । ଯୀଶୁ, ମୋଶାଙ୍କ ସମୟର ଗୁରୁକୁଳ ଯିହୁଦୀୟ ନେତା ନଥିଲେ । କିନ୍ତୁ ପ୍ରକୃତ ପୁତ୍ର (ଏବ୍ରୀ ୧:୨, ୩:୬, ୫:୮, ୭:୮) କେବଳ ତାହାଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ମୁକ୍ତି ମିଳିଥାଏ, ଏବଂ ଅନାବଶ୍ୟକରେ ରିତିନିତି ପାଳନ ମୁକ୍ତ କରି ନଥାଏ । (ପଦ ୩୨)

■ **"ଚିରକାଳ"** ୬:୫୮ ର ସ୍ୱତନ୍ତ୍ର ଶୀର୍ଷକ ଦେଖନ୍ତୁ ।

**୮:୩୬ "ଯଦି"** ଏହା ତୃତୀୟ ସର୍ତ୍ତମୂଳକ ବାକ୍ୟ ଯାହା ବକ୍ତା କାର୍ଯ୍ୟରେ ସକ୍ଷମ ବା ସାମର୍ଥ୍ୟ ଅଟନ୍ତି ।

**୮:୩୭ "ତୁମେ ମୋତେ ବଧ କରିବାକୁ ଅନ୍ୱେଷଣ କରିବ"**

(୫:୧୮, ୭:୧, ୧୯; ୮:୩୭, ୪୦; ୧୧:୫୩)

■ **"କାରଣ ମୋହର ବାକ୍ୟ ତୁମ୍ଭଠାରେ ନାହିଁ ।"**

ଏହି ଖଣ୍ଡବାକ୍ୟ ବିଭିନ୍ନ ଭାବ ପ୍ରକାଶ କରିଥାଏ । ଗୋଟିଏ ସାହାଯ୍ୟ ପୂର୍ଣ୍ଣ ବାଇବଲ ଅଧ୍ୟୟନ ୨୬ ଟି ଭାଷାନ୍ତରରେ ମିଳେ ।

୧- କାରଣ ମୋହର ବାକ୍ୟ ତୁମ ମଧ୍ୟରେ ମୁକ୍ତ ନୁହଁ । (ଏ.ଏସ୍.ଭି)

୨- ତୁମ ମଧ୍ୟରେ ସ୍ଥାନ ପାଇ ନାହିଁ । ଏନ୍. ଟି. ବାଏ ହେରି ଆଲୋ

୩- ତୁମ ମଧ୍ୟରେ ପ୍ରଧାନ ପଥ ହୋଇ ନାହିଁ ।

ଯୋହନ ମୋଫତଙ୍କ ଦ୍ୱାରା ଦ ନିଉ ଟେଷ୍ଟାମେଣ୍ଟ ଏ ନିଉ ଟ୍ରାନ୍ସଲେସନ

୪- ତୁମ ମଧ୍ୟରେ ସ୍ଥାନ ପାଇ ନାହିଁ ।

୫- କାରଣ ମୋହର ବାକ୍ୟ ତୁମ ହୃଦୟରେ ସ୍ଥାନ ପାଇ ନାହିଁ । ଚାରି ମଙ୍ଗଳ ସମାଚାର । ଇ. ଭି. ରିଭଙ୍କ ଦ୍ୱାରା

ପୁନର୍ବାର ଯେଉଁ ସମସ୍ୟା ସୁସମାଚାର ଗ୍ରହଣ କରିବା ବା ନ କରିବା ନୁହଁ । କାରଣ ଏହା ପରିତ୍ରାଣର ବିଷୟ ଯେଉଁଠାରେ ନୈତିକ ବିଷୟ ଆପେ ଆପେ ଆସିଥାଏ ।

**୮:୩୮ - "ଯାହା ମୁଁ ଦେଖିଅଛି"** । ଏହା ସଂପୂର୍ଣ୍ଣ କାଳ ଅଟେ । ଯାହା ସୂଚନା ଦେଇ ଯୋଗ କରେ ଯୀଶୁଙ୍କର ସୃଷ୍ଟି ଆଦ୍ୟର ଅଛି ଏବଂ ବର୍ତ୍ତମାନ ପିତାଙ୍କ ସହିତ ମଧ୍ୟ ସହଭାଗିତା ଅଛି । (ପଦ ୪୦, ୪୨).

■ **"ତୁମ ପିତାଙ୍କଠାରୁ ଯାହା ଶୁଣିଥାଉ ତାହା ତୁମେ ମଧ୍ୟ କରିଥାଅ" ।**

ଏହି ପଦରେ "ପିତା" ସମ୍ବନ୍ଧରେ ଯିହୁଦୀୟ ପରମ୍ପରାକୁ ବୁଝାଏ । (ଯିଶାଇୟ ୨୯:୧୩) ଆହୁରି ମଧ୍ୟ ୪୧ - ୪୪ ର ବିଷୟବସ୍ତୁ ଶୟତାନ ବା ଦ୍ୱାବଳକୁ ସୂଚିତ କରେ । ସେମାନଙ୍କର କାର୍ଯ୍ୟ, ଚିନ୍ତାଧାରା ଓ ଶବ୍ଦ ବୋଧହୁଏ ଯୋଶାଙ୍କ ବୋଲି ଜଣା ପଡୁଥିଲା । ଏହା ସ୍ପଷ୍ଟ ଭାବରେ ଜଣାପଡ଼େ ସେମାନଙ୍କର ଆତ୍ମିକ ଅବସ୍ଥା କ'ଣ ? ମନୁଷ୍ୟ ଆତ୍ମିକ ପରିସରକୁ ପ୍ରବେଶ କରିବା ପାଇଁ ନିଜେ ପ୍ରଥମରେ ଇଚ୍ଛା କରି ନଥାଏ । ଏହାକୁ ପ୍ରଭାବିତ କରିବା ପାଇଁ ୨ ଗୋଟି ଉତ୍ସ ଅଛି । (ଏଠାରେ ଦ୍ୱୈତ୍ୟବାଦ ନୁହେଁ) ଇଶ୍ୱରଙ୍କୁ ନା ଶୟତାନଙ୍କୁ ?

ମାତ୍ର ଜଣେ ସୁସମାଚାରଙ୍କୁ କି ପ୍ରକାରେ ପ୍ରତ୍ୟୁତ୍ତର ଦେଉ ଥାଏ ? (୧ : ୧୨, ୩ : ୧୬, ୧୦ : ୧ - ୧୮, ୧୪ : ୬) ଏହି ଅଂଶରେ ମଧ୍ୟ ସେମାନଙ୍କର ଆତ୍ମିକ ଅବସ୍ଥା ପ୍ରକାଶିତ ହୁଏ ।

ଏହି ଅଂଶରେ ମଧ୍ୟ କେତେକ ଖଣ୍ଡବାକ୍ୟ ସାସ୍ତ୍ର ଜଡ଼ିତ ଅଟେ ।

୧. ଦୁଇଟିଯାକ "ପିତା" ସଂବୋଧନ, ସାଧାରଣତଃ ଯିହୋବାଙ୍କୁ ଦିଆଯାଏ ।

୨. କ୍ରିୟା, ବିଶ୍ଲେଷଣ ଏକ ଆଦେଶ ସୁଚକ ଅଟେ ।

ଏନ୍.ଏ.ଏସ୍.ବି. ଶାସ୍ତ୍ରାଂଶ : ୮:୩୯-୪୭

ଆଧୁନିକ ସଂସ୍କରଣ

**୩୯. ସେମାନେ ତାହାଙ୍କୁ ଉତ୍ତର ଦେଲେ, ଅବ୍ରାହମ ଆମ୍ଭମାନଙ୍କ ପିତା । ଯୀଶୁ ସେମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ଅବ୍ରହାମଙ୍କ ସନ୍ତାନ, ତେବେ ଅବ୍ରହାମଙ୍କ କର୍ମ କର । ୪୦, କିନ୍ତୁ ଯେ ଈଶ୍ୱରଙ୍କ ଠାରୁ ଶୁଣିଥିବା ସତ୍ୟ ତୁମ୍ଭମାଙ୍କୁ କହୁଅଛି, ଏପରି ଲୋକ ଯେ ମୁଁ ମୋତେ ତୁମ୍ଭେମାନେ ଏବେ ବଧ କରିବାକୁ ଚେଷ୍ଟା କରୁଅଛ, ଅବ୍ରହାମ୍ ଏପରି କର୍ମ କଲେ ନାହିଁ । ୪୧. ତୁମ୍ଭେମାନେ ତୁମ୍ଭମାନଙ୍କ ପିତାର କର୍ମସବୁ କରୁଅଛ । ସେମାନେ ତାହାଙ୍କୁ କହିଲେ, ଆମ୍ଭେମାନେ ବ୍ୟଭିଚାରରୁ ଜାତ ହୋଇ ନାହୁଁ; ଆମ୍ଭମାନଙ୍କର ଏକମାତ୍ର ପିତା, ସେ ଈଶ୍ୱର । ୪୨. ଯୀଶୁ ସେମାନଙ୍କୁ କହିଲେ, ଈଶ୍ୱର ଯଦି ତୁମ୍ଭମାନଙ୍କର ପିତା ହୋଇ ଥାଆନ୍ତେ, ତାହେଲେ ତୁମ୍ଭେମାନେ ମୋତେ ପ୍ରେମ କରନ୍ତି; କାରଣ ମୁଁ ଈଶ୍ୱରଙ୍କ ଠାରୁ ଆସିଅଛି । ମୁଁ ନିଜ ଠାରୁ ଆସି ନାହିଁ; କିନ୍ତୁ ସେ ମୋତେ ପ୍ରେରଣ କଲେ । ୪୩. ତୁମ୍ଭେମାନେ କାହିଁକି ମୋହର କଥା ବୁଝୁ ନାହଁ ? ତୁମ୍ଭେମାନେ ଓ ମୋହର ବାକ୍ୟ ଶୁଣି ପାରୁ ନାହଁ । ୪୪. ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନ ଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କ ପିତାର କାମନା ସାଧନା କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ । କାରଣ ତାହା ଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜଠାରୁ କହେ; କାରଣ ସେ ମିଥ୍ୟାବାଜୀ ଓ ମିଥ୍ୟାବାଦୀର ପିତା । ୪୫. କିନ୍ତୁ ମୁଁ ସତ୍ୟ କହିଥିବାରୁ ତୁମ୍ଭେମାନେ ମୋତେ ବିଶ୍ୱାସ କରୁ ନାହଁ । ୪୬. ମୋ ଠାରେ ପାପ ଅଛି ବୋଲି ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରମାଣ ଦେଇ ଅଛି ? ମୁଁ ଯେବେ ସତ୍ୟ କହେ, ତେବେ ତୁମ୍ଭେମାନେ କାହିଁକି ମୋତେ ବିଶ୍ୱାସ କରୁ ନାହଁ ? ୪୭. ଯେ ଈଶ୍ୱରଙ୍କ ଠାରୁ ଉତ୍ପନ୍ନ, ସେ ଈଶ୍ୱରଙ୍କ ବାକ୍ୟ ଶୁଣେ ଏହି ହେତୁରୁ ତୁମ୍ଭେମାନେ ଶୁଣୁ ନାହଁ, କାରଣ ତୁମ୍ଭମାନେ ଈଶ୍ୱରଙ୍କ ଠାରୁ ଉତ୍ପନ୍ନ ନୁହଁ ।**

**୮ : ୩୯ - "ଅବ୍ରହାମ ଆମ୍ଭର ପିତା ।"** ଯୀଶୁ ସେମାନଙ୍କ ସେମାନଙ୍କ ଶାରିରିକ ବଂଶ ଅବ୍ରାହାମଙ୍କ ଠାରୁ ଆସିଥିବା କହି ସ-ପ୍ରମାଣ କରୁଛନ୍ତି । କିନ୍ତୁ ସେ ସେମାନଙ୍କୁ ଚରିତ୍ର ଦେଖାଇ ଶୟତାନର ବଂଶ ଧର ବୋଲି ଆକ୍ଷେପ କରନ୍ତି । (ପଦ ୩୮, ୪୪) ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିଗତ ବିଶ୍ୱାସର ସଂପର୍କ, ତାର ଜାତିୟ କିମ୍ବା ବଂଶଗତ ପରିଚୟ ସେମାନଙ୍କୁ ଈଶ୍ୱରଙ୍କ ଠାରେ ଉପଯୁକ୍ତ ସଂପର୍କ ସ୍ଥାପନ କରି ନ ଥାଏ । (ଦ୍ୱିତୀୟ ବିବରଣ ୬ : ୫, ୧୩, ପ୍ରକାଶିତ. ୨ : ୨୮ - ୨୯, ୯ : ୬).

■ **"ଯଦି"** ଏହା ପ୍ରଥମ ଶ୍ରେଣି ସ୍ୱର୍ତ ମୂଳକ ବାକ୍ୟ । କିନ୍ତୁ ଏହା ମଧ ୨ୟ ଶ୍ରେଣି ସ୍ୱର୍ତ ମୂଳକ ବାକ୍ୟ ହୋଇପାରେ - ପଦ ୧୯ - ୪୨. ଗ୍ରୀକ୍ ପାଣ୍ଡୁଲିପି ଏହାର ସର୍ତ ମୂଳକ ଆକାରକୁ ପରବର୍ତ୍ତନ କରି ଏହାକୁ କ୍ରିୟାରେ ପରିଣତ କରିବାକୁ ଚେଷ୍ଟା କରିଛ । ଯଦି ହୁଏ, ଏପରି ଭାବରେ ପଢ଼ାଯାଏ, "ଯଦି ତୁମ୍ଭେମାନେ ଅବ୍ରାହାମଙ୍କର ସନ୍ତାନ, ଯାହା ତୁମେ ନୁହଁ, ତେବେ ଅବ୍ରାହାମ ଯାହା କରିଥିଲେ ତୁମେ କରିଥାନ୍ତ, ଯାହା ତୁମ୍ଭେମାନେ କରୁ ନାହଁ । ୟୁବିଏସ୍ ଏହାର ମିଶ୍ରଣ ସର୍ତକୁ "ଖ" ଶ୍ରେଣୀରେ ମାପ କରିଥାଏ ।

**୮ : ୪୦** ଜଣେ ବ୍ୟକ୍ତି, ଯୀଶୁ ନିଜକୁ ଜଣେ ଈଶ୍ୱରଙ୍କର ପ୍ରତିନିଧି ରୂପରେ ନ ଜାଣି ଈଶ୍ୱରଙ୍କ ସହିତ ସମାନ ଓ ବାସ୍ତବ ଜଣେ ମାନବ ଭାବରେ ମଧ ଜାଣିଥିଲେ । ଏହି ବିଷୟକୁ ଦ୍ୱୈତ୍ୟବାଦ ଖଣ୍ଡନ କରିଥାଏ, କାରଣ ଗ୍ରୀକ୍ ଦ୍ୱୈତ୍ୱ ବାଦରେ ଆତ୍ମା ଯିଏ ଅଦୃଶ୍ୟ ଓ ଶରିର ଯାହା ଦୃଶ୍ୟ, ଏକାବେଳେ ମିଳିତ ନ ଥାନ୍ତି । (ପ୍ରଥମ ଯୋହନ ୧ : ୧ - ୪, ୪ : ୧ - ୪).

## ବିଶେଷ ଶୀର୍ଷ : ନୋଷ୍ଟିକ୍‌ବାଦ,

**କ.** ଅଧିକାଂଶ ଆମର ଏହି ଭ୍ରାନ୍ତ ଜ୍ଞାନ ୨ୟ ଶତାବ୍ଦିର ଲେଖା ଯାହାକୁ ନୋଷ୍ଟିକବାଦ କୁହାଯାଏ । ଆହୁରି ମଧ ଏହାର ଚିନ୍ତା ପ୍ରେରିତ ଯୋହନଙ୍କର ଲେଖାର ଥିବାର ଜଣାପଡ଼େ ଯାହା ପ୍ରଥମ ଶତାବ୍ଦିର (ମୃତ୍ୟୁ ସାଗର ପୁସ୍ତକର ଆସିଛି)

**ଖ.** ଏଫିସିୟରେ ସମସ୍ୟା (୧ମ ତିମଥି) କ୍ରିଟ୍‌ରେ (ତିତସ). ଏବଂ କଲସିୟରେ ସମସ୍ୟା, ଯାହା ଦିହୁଦିଅ ଯୁଦାଇସମ୍ (ଯିହୁଦିଆ ଧର୍ମ) ର ପ୍ରାଥମିକ କାରଣ ।

**ଗ.** ନୋଷ୍ଟିକବାଦ ଓ ଭାଲେରସନ୍ ର କେତେକ ୨ୟ ଶତାବ୍ଦିର ମୌଳିକ ଶିକ୍ଷା ବା ଚିନ୍ତାଧାରା ।

୧. ଜଡ଼ ପଦାର୍ଥ ଓ ଆତ୍ମା, ଅକ୍ଷୟ ଅଟନ୍ତି । (ଦ୍ୱୈତ୍ୟବାଦ) ଜଡ଼ ପଦାର୍ଥ ମନ୍ଦ ଅଟ । ଏବଂ ଆତ୍ମା ଉତ୍ତମ, ଈଶ୍ୱର ଯିଏ ଆତ୍ମା ଅଟନ୍ତି ସେ କେବେ ମଧ ଏହି ଜଡ଼ ପଦାର୍ଥରେ ସିଧାସଳଖ ମିଶି ନ ପାରେ ।

୨. ଈଶ୍ୱର ଓ ଜଡ଼ ପଦାର୍ଥ ମଧରେ ପ୍ରବାହ ଅଛି । ପୁରାତନ ନିୟମର ଯିହୋବା, ଈଶ୍ୱରଙ୍କ ସବୁଠାରୁ ନ୍ୟୁନତମ ଗୋଟିକ ଏହି ଧରାକୁ (କୋସମସ୍) ତିଆରି କରିଛନତି ।

୩. ଯୀଶୁ ଯିହୋବ ପରି ଉର୍ଦ୍ଧରୁ ଆସିଅଛନ୍ତି, ଯିଏ ବାସ୍ତବକୁ ସତ୍ୟ ଈଶ୍ୱର । କେତେ ଜଣ ତାହାଙ୍କୁ ଉର୍ଦ୍ଧରେ ସ୍ଥାପନ କରନ୍ତି । ଏବଂ ଆହୁରି କହନ୍ତି ସେ ଈଶ୍ୱରଙ୍କ ଠାରୁ ନ୍ୟୁନ ଅଟନ୍ତି ସେ ପ୍ରକୃତରେ ଈଶ୍ୱରଙ୍କର ଅବତାର ନୁହନ୍ତି (ଯୋହନ ୧ : ୧୪) କାରଣ ଜଡ଼ ପଦାର୍ଥ ମନ୍ଦ ଅଟେ । ଯୀଶୁଙ୍କର ଏହି ମନୁଷ୍ୟ ଶରିର ଥାଇ କେବେ ମଧ ଦିବ୍ୟ ହୋଇ ନ ପାରନ୍ତି । ସେ ମନୁଷ୍ୟ ପରି ଦେଖାଯାଆନ୍ତି, କିନ୍ତୁ ବାସ୍ତବରେ ସେ ଗୋଟିଏ ଆତ୍ମା (୧ମ ଯୋହନ ୧ : ୧ - ୩; ୪ : ୧ - ୬)

୪. ଯୀଶୁଙ୍କୁ ପରିତ୍ରାଣ ଯୀଶୁଙ୍କୁ ବିଶ୍ୱାସ ଓ ସ୍ୱତନ୍ତ୍ର ଜ୍ଞାନ ଦ୍ୱାରା ଲାଭ କରାଯାଇ ପାରେ । ଯାହା ଜଣେ ସ୍ୱତନ୍ତ୍ର ବ୍ୟକ୍ତି ଜାଣନ୍ତି । ଜ୍ଞାନ ଜଣେ ସ୍ୱର୍ଗୀୟ ବ୍ୟକ୍ତିଙ୍କ ଦ୍ୱାରା ଆସିବା ଆବଶ୍ୟକ । ଯିହୁଦିଅ ଧର୍ମ ରିତିନିତି ମଧ୍ୟ ଈଶ୍ୱରଙ୍କୁ ପହଞ୍ଚାଇବା ପାଇଁ ଆବଶ୍ୟକ କରିଥାଏ ।

**ଘ.** ନୋଷ୍ଟିକ ଭ୍ରାନ୍ତ ଶିକ୍ଷ୍ୟକଗଣ ଦୁଇଗୋଟି ନୈତିକ ଶିକ୍ଷାର ବିରୋଧରେ ଶିକ୍ଷା ଦିଅନ୍ତି ।

୧. କେତେକଙ୍କ ପାଇଁ ଜୀବନ ଶୈଳୀରେ ପରିତ୍ରାଣର କୌଣସି ସାମଞ୍ଜସ୍ୟ ନାହିଁ । ତାଙ୍କ ପାଇଁ ପରିତ୍ରାଣ ଓ ଆତ୍ମିକତା ରହସ୍ୟ ଜ୍ଞାନ ଲାଭ ଦ୍ୱାରା ହୋଇ ଥାଏ, ଯାହା ଦୂତମାନଙ୍କ ସ୍ୱର୍ଗିୟ ପରିସର ଭୁକ୍ତ ।

୨. ଅନ୍ୟମାନଙ୍କ ପାଇଁ, ପରିତ୍ରାଣ ଦୁଃଖ ଦାୟିକ ଜୀବନ କାଟିବା, ଏହି ପୁସ୍ତକର ଭ୍ରାନ୍ତ ଶିକ୍ଷକଗଣ, ସନ୍ୟାସି ଜୀବନକୁ ଉତ୍ସାହିତ କରିଥାନ୍ତି, ବା ଜୀବନକୁ କଷ୍ଟ ଦେଇ ପରିତ୍ରାଣ ଲାଭ କରାଯାଇପାରେ ।

**ଙ.** ଜନ୍ ଏମ୍ ରବିନ୍‌ସନ ଏବଂ ରିଚେଡ୍ ଏସ୍ ସ୍ମିଥଙ୍କ ଦ୍ୱାରା ଉତ୍ତମ ପୁସ୍ତକ ହିଁ ଉଦ୍ଦେଶ୍ୟ ।

**୮ : ୪୧**

**ଏନ୍‌ଏଏସଭି : ଏନ୍‌କେଜେଭି "ଆମେ ବ୍ୟଭ୍ୟଚାର ରୁ ଜାତ ନହୁଁ" ।**

**ଏନଆରଏସ୍‌ଭି "ଆମେ ଜାରଜ ସନ୍ତାନ ନହୁଁ" ।**

**ଟିଇଭି - "ଆମେ ପକୃତ ସନ୍ତାନ ଅଟୁ" ।**

ଏନଜେବି - **"ଆମେ ଜାରଜରେ ଜନ୍ତୁ ନହୁଁ" ।**

ଏହାକୁ ୪୮ ପଦର ଦୋଷାରୋପ ସହିତ ଯୋଗ କରାଯାଇ ପାରେ । (ତୁମ୍ଭେମାନେ ସମିରୋଣିୟ) ଯିହୁଦିମାନେ ଏତଦ୍ୱାରା ଯୀଶୁଙ୍କୁ ଜାରଜ ସନ୍ତାନ ବୋଲି କହୁଥିଲେ । ଜଣେ ରକ୍ତର ଯିହୁଦି ନୁହଁ । ପରେ ଯିହୁଦିଅ ଗୁରୁକୁଳର ଉପରେ ଯୀଶୁଙ୍କୁ ରୋମିୟ ସୈନିକର ପୁତ୍ର ବୋଲି କୁହାଯାଏ ।

■ **ଆମ୍ଭମାନଙ୍କର ଏକମାତ୍ର ପିତା, ସେ ଈଶ୍ୱର :**

ଏହି ମନ୍ତବ୍ୟ ଦୃଢ଼ୋକ୍ତି ଦିଏ ଏକ ଈଶ୍ୱର ବାଦ । ଦ୍ୱିତୀୟ ବିବରଣ - ୪:୩୫, ୩୯ ୬:୪-୫) ଏହା ପୈତୃକ ଶବ୍ଦର ପ୍ରକାଶ ଅଟେ । (ଦ୍ୱିତୀୟ ବିବରଣ ୩୨ : ୬, Isa ୧ : ୨, ୬୩ : ୧୬, ୬୪ : ୮) ଏଠାରେ ସମସ୍ୟା ଦେଖାଯାଏ, କାରଣ ଯିହୁଦି ନେତାମାନେ ଈଶ୍ୱରଙ୍କ ସହିତ ଏକ ହେବା ବିଷୟ ଦୃଢ଼ୋକ୍ତି ଦିଅନ୍ତି (ଦ୍ୱିତୀୟ ବିବରଣ ୬ : ୪ - ୫). ଓ ମୋଶାଙ୍କର ବ୍ୟବସ୍ଥା ପାଳନ ସହିତ ଈଶ୍ୱରଙ୍କ ସହିତ ଭଲ ସଂମ୍ପର୍କ ସ୍ଥାପନକୁ ଦାବି କରନ୍ତି । (ଦ୍ୱିତୀୟ ବିବରଣ ୬ : ୧ - ୩, ୧୭, ୨୪ - ୨୫) ଯୀଶୁ ଈଶ୍ୱରଙ୍କ ସହିତ ଏକ ତାହା ଦାବି କରନ୍ତି । ଯୀଶୁ ଈଶ୍ୱରଙ୍କ ସହିତ ଭଲ ସଂପର୍କକୁ ସ୍ଥାପନ କରନ୍ତି ମୋଷାଙ୍କ ବ୍ୟବସ୍ଥା ପାଳନ ଦ୍ୱାରା କିମ୍ବା ଧାର୍ମିକ ରିତିନିତି ପାଳନ ଦ୍ୱାରା ନୁହେଁ ବରଂ ବ୍ୟକ୍ତିଗତ ବିଶ୍ୱାସ ଦ୍ୱାରା ଏହା ହୋଇ ଅଛି । ସେମାନଙ୍କର ଦ୍ୱନ୍ଦ ଓ ଅନିଛା ଜଣାଯାଏ, କାରଣ ଏହି ସ୍ଥାନରେ ଆତ୍ମାଙ୍କର ଉପସ୍ଥିତି ଓ ଯୀଶୁଙ୍କ ମହାନ କାର୍ଯ୍ୟ ବିଶ୍ୱାସ ଆମେ ।

**୮ : ୪୨ - "ଯଦି"** ଏହା ଦ୍ୱିତିୟ ଶ୍ରେଣି ସର୍ତମୁଳକ ବାକ୍ୟ ଅଟେ । "ବାସ୍ତବର ବିପରିତ" ।

"ଯଦି ଈଶ୍ୱର ତୁମର ପିତା ହୋଇ ଥାନ୍ତେ, ସେ ତୁମର ପିତା ନୁହଁନ୍ତି, ତେବେ ତୁମେ ମୋତେ ପ୍ରେମ କରିଥାନ୍ତି, କିନ୍ତୁ ତୁମେ ମୋତେ ପ୍ରେମ କରୁନାହଁ" । (ପଦ୪୭).

**୮ : ୪୩ - "କାରଣ ତୁମେ ମୋର ବାକ୍ୟ ଶୁଣି ପାର ନାହିଁ ।"** ଏହା ଆତ୍ମିକ ବିଷୟକୁ ଗ୍ରହଣ ଓ ଜାଣିବା ବୁଝାଏ ।

ସେମାନଙ୍କର ଆତ୍ମିକ କର୍ଣ୍ଣ ନାହିଁ (ଯିଶାୟ ୬ : ୯ - ୧୦, ମାଥିଉ ୧୧ : ୧୫, ୧୩ : ୯, ୧୫ - ୧୬, ୪୩; ମାର୍କ ୪ : ୯, ୨୩, ୭ : ୧୬, ୮ : ୧୮, ଲୁକ ୮ : ୮, ୧୪ : ୩୫, ପ୍ରେରିତ ୭ : ୫`, ୨୮ : ୨୬ - ୨୭)

**୮ : ୪୪ - "ତୁମେ ତୁମର ପିତା ଶୟତାନର ଅଟ ।"** ସେହି ସମୟର ଧାର୍ମିକ ନେତାମାଙ୍କୁ ... ଏହି ମନ୍ତବ୍ୟ କେତେବଡ଼ ଆଶ୍ଚର୍ଯ୍ୟ କରୁ ଥିଲା । (ପଦ ୪୭). ଏହି ଅଂଶରେ ଏବ୍ରିଲେଖା "ପୁତ୍ରଗଣ" ଯାହା ପରିବାରର ବର୍ଣ୍ଣନ କୁ ବ୍ୟାଖ୍ୟା କରିଥାଏ । (ମାଥିଉ ୧୩ : ୩୮, ପ୍ରେରିତ ୧୩ : ୧୦, ୧ ଯୋହନ ୩ : ୮, ୧୦)

ଶୟତାନ ସ୍ୱତନ୍ତ୍ର ଶିର୍ଷକ ଦେଖନ୍ତୁ, ୧୨ : ୩୧

"ଆଦ୍ୟରୁ ନରଘାତକ"

ଏହା ଶୟତାନର ଅନନ୍ତ କାଳ ବକ୍ଷରେ ଜଣାଏ ନାହିଁ, (ଦୈତ୍ୱବାଦ, ଜୋରାଷ୍ଟ୍ରିଆନ୍‌ରେ) ଅଛି, ଏହା ଆଦମ ଓ ହବାଙ୍କର ଆତ୍ମିକ ପରିକ୍ଷା, ଯାହା ସେମାନେ ପ୍ରତାରକ ଆତ୍ମା ଦ୍ୱାରା ପ୍ରତାରିତ ହୋଇଥିଲେ, ଯିଏ ତାହାଙ୍କ ମଧ୍ୟରେ ଥିଲେ । (ଆଦି ୩). ଲକ୍ଷ୍ୟ କରନ୍ତୁ, ଈଶ୍ୱର ଯିଏ ସତ୍ୟ ସୟତାନ ମଧ୍ୟ ବାସ୍ତବ ।

**୮ : ୪୬ - "ମୋ ଠାରେ ପାପ ଅଛିବୋଲି କିଏ କହିପାରେ"** ଏହି ସନ୍ଦର୍ଭରେ ଭୂଲ ସାକ୍ଷ୍ୟ ଦର୍ଶାଯାଏ । ଶୟତାନ ମିଥ୍ୟା କୁହେ । କିନ୍ତୁ ଯୀଶୁ ସତ୍ୟ କୁହନ୍ତି ।

ଯୀଶୁ ଯିହୁଦିଅ ନେତାମାନଙ୍କୁ ଏହି ପ୍ରସଙ୍ଗ ଉପରେ ଆଲୋଚନା ଓ ପ୍ରମାଣ କରି ମିଥ୍ୟା ପ୍ରମାଣ କରିବାକୁ ଆହ୍ୱାନ କରନ୍ତି । ଏହି ପ୍ରସଙ୍ଗରେ ଯୀଶୁ ଯେ ପାପ ରହିତ ତାହା ଧନତତ୍ୱ ଷିକ୍ଷାରୁ ଜଣାଯାଏ ନାହିଁ ।

ଯୋହନକୁ "ପାପ' ଗୋଟିଏ ନିତି, ଯାହା ଈଶ୍ୱରଙ୍କ ବିରୋଧରେ କାର୍ଯ୍ୟ, ଯେପରି ପତିତ ଜଗତ ଈଶ୍ୱରଙ୍କର ବିରୋଧ କାର୍ଯ୍ୟ କରିଥିଲେ । ପାପ ସବୁ ଯୀଶୁ ତାହା ନୁହନ୍ତି । ସର୍ବ ବୃହତ ପାପ ହେଉଛି "ଅବିଶ୍ୱାସ" (୧୬ : ୧୯).

**ଏନ୍.ଏ.ଏସ୍.ବି. ଶାସ୍ତ୍ରାଂଶ : ୮:୪୮-୫୯**

**୪୮, ଯିହୁଦିମାନେ ତାହାଙ୍କୁ ଉତ୍ତର ଦେଲେ, ତୁ ଯେ ଜଣେ ଶମିରୋଣିୟ ଓ ତୋତେ ଯେ ଭୂତ ଲାଗିଅଛି, ଏହା କଣ ଆମ୍ଭେମାନେ ଠିକ କହୁନାହୁଁ ? ୪୯ ଯୀଶୁ ଉତ୍ତର ଦେଲେ ମୋତେ ଭୂତ ଲାଗି ନାହିଁ, କିନ୍ତୁ ମୁଁ ମୋହର ପିତାଙ୍କୁ ସମାଦର କରୁଛି, ଆଉ ତୁମ୍ଭେମାନେ ମୋତେ ଅନାଦର କରୁଅଛ । ୫୦ କିନ୍ତୁ ମୁଁ ନିଜର ଗୌରବ ଅନ୍ୱେଷଣ କରି ନାହିଁ, ଯେ ଅନ୍ୱେଷଣ କରନ୍ତି ଓ ବିଚାର କରନ୍ତି, ଏପରି ଜଣେ ଅଛନ୍ତି । ୫୧ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯଦି କେହି ମୋହର ବାକ୍ୟ ପାଳନ କରେ, ତାହା ହେଲେ ସେ କଦାପି କେବେ ହେଁ ମୃତ୍ୟୁ ଦର୍ଶନ କରିବ ନାହିଁ । ୫୨ ଯୀହୁଦିମାନେ ତାହଙ୍କୁ କହିଲେ, ଏବେ ଆମ୍ଭେମାନେ ଜାଣିଲୁ ଯେ, ତୋତେ ଭୂତ ଲାଗିଅଛି, ଅବ୍ରାହାମ ଓ ଭାବବାଦୀମାନେ ମତ୍ୟୁଭୋଗ କରିଅଛନ୍ତି, ଅଭତୁ କହୁଅଛି, ଯଦି କେହି ମୋହର ବାକ୍ୟ ପାଳନ କରେ ତାହା ହେଲେ ସେ କଦାପି କେବେ ହେଁ ମୃତ୍ୟୁର ଆସ୍ୱାଦ ପାଇବ ନାହିଁ । ୫୩ ତୁ କଅଣ ଆମ୍ଭମାନଙ୍କ ପିତା ଅବ୍ରାହାମଙ୍କ ଅପେକ୍ଷା ଶ୍ରେଷ୍ଠ ? ସେ ତ ମୃତ୍ୟୁଭୋଗ କରିଅଛନ୍ତି, ଭାବବାଦୀମାନେ ମଧ୍ୟ ମୃତ୍ୟୁଭୋଗ କରିଅଛନ୍ତି, ତୁ ନିଜକୁ କିଏ ବୋଲି କହୁଅଛୁ ? ୫୪ ଯୀଶୁ ଉତ୍ତର ଦେଲେ, ମୁଁ ଯଦି ନିଜର ଗୌରବ କିଛି ଥାଏ, ତେବେ ମୋହର ଗୌରବ କିଛି ନୁହଁ । ମୋହର ଯେଉଁ ପିତାଙ୍କୁ ତୁମ୍ଭେମାନେ ତୁମ୍ଭମାନଙ୍କ ଈଶ୍ୱର ବୋଲି ହକୁଅଛ, ସେ ମୋହର ଗୌରବ କରୁଅଛନ୍ତି । ୫୫ ଆଉ ତୁମ୍ଭେମାନେ ତାହାକୁ ଜାଣି ନାହଁ, କିନ୍ତୁ ମୁଁ ତାହାଙ୍କୁ ଜାଣେ । ପୁଣି ମୁଁ ତାହାଙ୍କୁ ଜାଣେ ନାହିଁ ବୋଲି ଯଦି କହିବି, ତାହେଲେ ମୁଁ ତୁମ୍ଭମାନଙ୍କ ପରି ମିଥ୍ୟାବାଦୀ ହେବି, କିନ୍ତୁ ମୁଁ ତାହାଙ୍କୁ ଜାଣେ ଓ ତାହାଙ୍କର ବାକ୍ୟ ପାଳନ କରେ । ୫୬ ତୁମ୍ଭମାନଙ୍କର ପିତା ଅବ୍ରାହାମ ମୋହର ଦିନ ଦେଖିବା ଆଶାରେ ଉଲ୍ଲାସ କଲେ, ଆଉ ସେ ତାହା ଦେଖି ଆନନ୍ଦ କଲେ । ୫୭ ସେଥିରେ ଯିହୁଦୀମାନେ ତାହାଙ୍କୁ କହିଲେ ତୁମ୍ଭକୁ ତ ଏ ଯାଏ ପଚାଶ ବର୍ଷ ବୟସ ହୋଇ ନାହିଁ, ତୁମ୍ଭେ କ'ଣ ଅବ୍ରାହାମଙ୍କୁ ଦେଖିଅଛ ? ୫୮ ଯୀଶୁ ସେମାନଙ୍କୁ କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଅବ୍ରାହାମଙ୍କ ଜନ୍ମ ପୂର୍ବରୁ ମୁଁ ଅଛି । ୫୯ ସେଥିରେ ସେମାନେ ତାହାଙ୍କ ଉପରକୁ ଫୋପାଡ଼ିବା ନିମନ୍ତେ ପଥର ଉଠାଇଲେ, କିନ୍ତୁ ଯୀଶୁ ଗୋପନରେ ମନ୍ଦିରରୁ ବାହାରିଗଲେ ।**

**୮ : ୪୮ "ତୁମେ ଜଣେ ସମିରୋଣୀୟ ଏବଂ ତୁମକୁ ଭୂତ ଲାଗିଅଛି"**

ବାସ୍ତବ ପୂର୍ବପର ସଙ୍ଗତି ଦେଖିଲେ ଏହି ଶବ୍ଦ ସମିରୋଣୀୟ ଯାହା ଅରାମିୟର ଗ୍ରୀକ୍ ଅନୁବାଦ ଯାହାର ଅର୍ଥ ଭୂତମାନଙ୍କର ମୁଖ୍ୟ । ଯୀଶୁ ଅରାମୀୟ କହୁଥିଲେ । ଯଦି ଏହା ସତ୍ୟ ହୋଇଥାନ୍ତା ତେବେ ଯୀଶୁ ଯୀହଦିୟ ଧର୍ମନେତାମାନଙ୍କ ଆରୋପ ଠିକ୍ ଓ ଯୀଶୁ ଉର୍ଦ୍ଧ୍ୱରୁ ଶକ୍ତି ପାଇ କରୁଥିଲେ । ଏହା ଆହୁରି ମଧ୍ୟ ସମ୍ଭବପର ଯେ ଶୟତାନ, ଭୂତ ମିଥ୍ୟା କୁହେ (ପଦ୫୨) ଯଦି କହିବା ଯୀଶୁ ଜଣେ ସମୀରୋଣୀୟ (୪:୯) ବା କହିବା ତାହାଙ୍କୁ ଭୂତ ଲାଗିଅଛି, (୭:୨୦, ୮:୪୮, ୪୯, ୫୨, ୧୦:୨୦,୨୧) ୧୨:୩୧ ର ସ୍ୱତନ୍ତ୍ର ଶୀର୍ଷକ ଦେଖନ୍ତୁ। ତାହେଲେ ତାହାଙ୍କ କଥା ଶ୍ରବଣ କରିବା ଓ ତାହାଙ୍କ ବାକ୍ୟର ପ୍ରତ୍ୟୁତ୍ତର ଦେବା ୁଚିତ ହେବନାହିଁ। ଏହା ବୋଧହୁଏ ଯୀହୁଦୀୟ ମାନେ ବାହାନା କରିଥିଲେ ଓ ତାହାଙ୍କ ବାକ୍ୟକୁ ଗ୍ରହଣ କରି ନ ଥିଲେ ।

୮:୪୯ ଜଣେ ପୁତ୍ରଙ୍କୁ ବିଶ୍ୱାସ ନ କରି ପିତାଙ୍କୁ ବିଶ୍ୱାସ କରି ପାରେ ନାହିଁ (ପ୍ରଥମ ଯୋହନ ୫:୯-୧୨) ଜଣେ ପିତାଙ୍କୁ ଜାଣି ପୁତ୍ରଙ୍କୁ ସମ୍ମାନ ନ ଦେଇ ରହି ନ ପାରେ । (୫:୨୩) ଯଦିଓ ସେମାନେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି, ମାତ୍ର ସେମାନେ ଏକ (୧୦:୩୦, ୧୭:୨୧-୨୩)

**୮:୫୦ "ମୋହର ଗୌରବ"** ୧:୧୪ ଦେଖନ୍ତୁ ।

**୮:୫୧,୫୨ "ଯଦି ... ଯଦି"** ଏହି ସମସ୍ତ ୩ୟ ସର୍ତମୂଳକ ବାକ୍ୟ ଅଟେ । ଯାହାର କାର୍ଯ୍ୟ କରିବାର ଦକ୍ଷତା ଅଛି ।

ଅନୁଧ୍ୟାନ କରନ୍ତୁ ବାଧ୍ୟତା ବିଶ୍ୱାସକୁ ଯୋଗ କର ।

■ **"ସେ ମୃତ୍ୟୁ ଦେଖିବ ନାହିଁ"** ଏହା ଦୃଢ଼ ଦ୍ୱିଗୁଣ ନକାରାତ୍ମକ ଅଟେ । ଏହା ସାଧାରଣତଃ ଆତ୍ମିକ ମୃତ୍ୟୁକୁ ବୁଝାଏ । (ପଦ ୨୧,୨୪) ଶାରିରିକ ମୃତ୍ୟୁ ନୁହେଁ । (୫:୨୪, ୬:୪୦, ୪୭, ୧୧:୨୫-୨୬) ଏହା ଆହୁରି ମଧ୍ୟ ମୁଖର ଭୟକୁ ସୂଚାଏ (୧୫:୫୪-୫୭)

୩ ସୋପାନରେ ମୃତ୍ୟୁକୁ ବାଇବଲ ବୁଝାଏ ।

୧ - ଆତ୍ମିକ ମୃତ୍ୟୁ - ଆଦି ୨:୧୭, ୩:୧-୨୪, ଯୀଶାୟ ୫୯:୨, ରୋମୀୟ ୭:୧୦-୧୧, ଯାକୁବ ୧:୧୫ (ଈଶ୍ୱରଙ୍କ ସହିତ ସଂପର୍କ ଭଗ୍ନ ହୁଏ)

୨ - ଶାରୀରିକ ମୃତ୍ୟୁ - ଆଦି ୩:୪-୫, (ଏହି ଜଗତରେ ସଂପର୍କ ଭଗ୍ନ ହୁଏ)

୩ - ଅନନ୍ତ କାଳୀନ ମୃତ୍ୟୁ "ଦ୍ୱିତୀୟ ମୃତ୍ୟୁ, ପ୍ରକାଶିତ ୨:୧୧, ୨୦:୬, ୧୪, ୨୧:୮, ଈଶ୍ୱରଙ୍କ ସହିତ ଚିରକାଳ ପାଇଁ ଭଗ୍ନ ସଂପର୍କ

ମୃତ୍ୟୁ ଈଶ୍ୱରଙ୍କର ଇଚ୍ଛାର ବିପରୀତ ଅଟେ । ଆଦି ୧:୨୬-୨୭

୮:୫୨ - ଏପରି ଦର୍ଶାଏ ଯେ ସେମାନେ ଯୀଶୁଙ୍କର ମନ୍ତବ୍ୟକୁ ଭୁଲ ବୁଝିଥିଲେ (ପଦ ୫୧) ସୋମନେ ଶାରିରୀକ ଅବ୍ରାମଙ୍କ ଓ ଭବିଷ୍ୟତ ବକ୍ତା ମୃତ୍ୟୁ ସହିତ ସମାନ କଲେ ।

୮:୫୩ - ଏହି ପ୍ରଶ୍ନ ନାହିଁ ଉତ୍ତର ଆଶା କରେ କି ବିସ୍ମୟକର ମନ୍ତବ୍ୟ, କିନ୍ତୁ ଏହା ଯୀଶୁ ଦାବୀ କରିଥିଲେ ।

୧- ସେ ଅବ୍ରାହାମଙ୍କଠାରୁ ଶ୍ରେଷ୍ଠ ପଦ ୫୩

୨ - ସେ ଯାକୁବଙ୍କଠାରୁ ଶ୍ରେଷ୍ଠ ମାଥିଉ ୪:୧୨

୩ - ସେ ଯୁନଷଙ୍କଠାରୁ ଶ୍ରେଷ୍ଠ ପଦ ୧୨:୪୧, ଲୁକ. ୧୧:୩୨

୪ - ସେ ଡୁବକ ଯୋହନଙ୍କଠାରୁ ମଧ୍ୟ ଶ୍ରେଷ୍ଠ - ୫:୩୬ ଲୁକ ୭:୨୮

୫ - ସେ ଶୋଲମନଙ୍କଂାରୁ ଶ୍ରେଷ୍ଠ ମାଥିଉ ୧୨:୪୨, ଲୁକ ୧୧:୩୧

ଏବ୍ରୀ ପୁସ୍ତକ ଯୀଶୁ ମୋଶାଙ୍କଠାରୁ ଶ୍ୟେଷ୍ଠ ବୋଲି ହକିଥାଏ । ନୂତନ ନିୟମ ଓ ପୁରାତନ ନିୟମ ମୋର ବାଇବଲ ଟୀକା ଦେଖନ୍ତୁ ଯାହା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଫ୍ରି-ବାଇବଲକମେନ୍‌ଟେରୀ.ଓଆରଜି

* "ତୁମ୍ଭେ କାହାଠରୁ ଆସିଅଛ" । ଏହା ସଠିକ୍, ଯୀଶୁ ଶେଷ ବିଷୟ ସ୍ୱଷ୍ଟ ରୂପରେ କହଲେ ପଦ ୫୪-୫୮, ଏବଂ ସେମାନେ ତାହାଙ୍କୁ ଈଶ୍ୱର ନିନ୍ଦା କହି ପଥର ଫୋପାଡ଼ିବାକୁ ଲାଗିଲେ (ପଦ୫୯)

୮ :୫୪ "ଯଦି" ଆଉ ଗୋଟିଏ ୩ୟ ସର୍ତମୂଳକ ବାକ୍ୟ ଯାହାଙ୍କଠାରେ କାର୍ଯ୍ୟ କରିବାର ସାମର୍ଥ୍ୟ ଅଛି ।

"ଗୌରବାନ୍ୱିତ" ଏହା ସମ୍ମାନ ଦେବା ପାଇଁ ବ୍ୟବହାର କରାଯାଏ (ରୋମୀୟ ୧:୨୧, ୧ କରନ୍ଥୀୟ. ୧୨:୨୬)

୮:୫୫ "ଜ୍ଞାତ... ଜ୍ଞାତ" ଏହି ଇଂରାଜୀ ଶବ୍ଦ ଗ୍ରୀକ୍‌ର ଦୁଇଟି ଶବ୍ଦରେ ଭାଷାନ୍ତର କରାଯାଏ ଯଥା - ନିଓସ୍କୋ ଏବଂ ଓଇଦା ଯାହା ପୂର୍ବାପର ପ୍ରସଙ୍ଗରେ ଏକାଭଳିଆ । (୭:୨୮-୨୯) ଯୀଶୁ ପିତାଙ୍କୁ ଜାଣି ଆପଣା ଅନୁଗମନକାରୀଙ୍କ ମଧ୍ୟରେ ପ୍ରକାଶିତ ହେଲେ। ଜଗତ ପିତାଙ୍କୁ ଜାଣେ ନାହିଁ କହିଲେ (ଯିହୁଦୀମାନେ ପିତାଙ୍କୁ (ଈଶ୍ୱରଙ୍କୁ) ଜାଣନ୍ତି ନାହିଁ, (୧:୧୦, ୮:୫୧, ୧୦:୩୧, ୧୭:୧୭-୨୫)

୮:୫୬ - "ତୁମ୍ଭର ପିତା ଅବ୍ରାହାମ" ଏହା ବିସ୍ମୟଜନକ ମନ୍ତବ୍ୟ ଯୀଶୁ ନିଜକୁ ଯିହୁଦୀମାନଙ୍କଠାରୁ ପୃଥକ ରଖିଲେ, ସେ ଆହୁରି ମଧ୍ୟ "ବ୍ୟବସ୍ଥା"ରୁ ମନ୍ଦିର ଏପରିକି ପୂର୍ବ ପୁରୁଷ ଅବ୍ରାହାମଙ୍କ ଠାରୁ ପୃଥକ ରଖିଲେ ଏବଂ ଏହା ପୁରାତନ ନିୟମରୁ ସ୍ୱଷ୍ଟ ଦେଖାଯାଏ ।

* "ମୋହର ଦିନ ଦେଖିବା ପାଁଇ ଉଲ୍ଲସିତ ହୁଅ" ଏହା ଗ୍ରୀକ୍‌ର ଏଓରିଷ୍ଟ ମିଡ଼ିଲ୍ ଇନଡିକେଟିଭ୍ ମଶୀହଙ୍କୁ ଅବ୍ରାହାମ କେତେ ଜାଣି ପାରିଥିଲେ ? ବିଭିନ୍ନ ଅନୁବାଦ (ଭାଷାନ୍ତର ଏହି ଭବିଷ୍ୟତର ଜ୍ଞାନକୁ ଉଲ୍ଲେଖ କରନ୍ତି ଏବଂ ନିମ୍ନଲିଖିତ ବିଷୟ ୨୬ ଟି ଭାଷାନ୍ତରର ସାରାଂଶରୁ ଆନିତ ।)

୧ - ସେ ଦେଖିବା ପାଇଁ ଉଲ୍ଲସିତ ହେଲେ - ପ୍ରଭାବିତ ନୂତନ ନିୟମ - ନୂତନ ଭାଷାନ୍ତର ଜେ. ବି. ରଦରହାନ୍‌ଙ୍କ ଦ୍ୱାରା

୨ - ଆନନ୍ଦିତ ହେଲେ ସେପରି ସେ ମୋହର ଦିନ ଦେଖିବେ - ଆର୍ ଏସ୍ ଭି

୩ - ଦେଖିବା ପାଇଁ ଅତିଶୟ ଆନନ୍ଦିତ - ଜେରି ଭେନକଁଲଙ୍କ ଦ୍ୱାରା ବାରକିଲ୍ ଭାଷାନ୍ତର ନୂତନ ନିୟମ ।

୪ - ମୋହର ଆଗମନକୁ ଦେଖୁଅଛନ୍ତି - ନାଟ୍

୫ - ମୋହର ଦିନ ପାଇଁ ଆହ୍ଲାଦିତ - ଉଇଲିୟମ୍ ଏଫ୍ ବେକ୍‌ଙ୍କ ଦ୍ୱାରା ଦ ନିଉ ଟେଷ୍ଟାମେଣ୍ଟ ଇନ୍ ଦ ଲାଙ୍ଗୁଏଜ୍ ଅଫ୍ ଟୁଡ଼େ

ଆହୁରି ମଧ୍ୟ ଗ୍ରୀକ୍ ବିଶ୍ଳେଷଣାତ୍ମକ ଶବ୍ଦକୋଷରୁ ସଙ୍କଳିତ ।

* "ସେ ଏହା ଦେଖି ଆନନ୍ଦିତ ହେଲେ" ଏହା ୨ଟି ବିଷୟର ଗୋଟିଏ । ୧ - ଅବ୍ରାହମ ତାହାଙ୍କ ଜୀବନରେ ମଶୀହଙ୍କର ଦର୍ଶନ ପାଇ ଥିଲେ । (୩:୧୪)

୨ - ଅବ୍ରାହାମ (ସ୍ୱର୍ଗ) ବଞ୍ଚି ଜଗତରେ ମଶୀହଙ୍କର କାର୍ଯ୍ୟ ଦେଖି ପାରୁଛନ୍ତି (ଏବ୍ରୀ ୧୧:୧୩)

ଏହି ଅଂଶରେ ଯୀଶୁଙ୍କ ମନ୍ତବ୍ୟ ଯେ ଯୀହୁଦି ଜାତି ମଶୀହ ଜଗତକୁ ଅପେକ୍ଷାରେ ଥିଷଲ । ଯାହା ତାହାକୁ ଆନନ୍ଦ ଦେବ । କିନ୍ତୁ ବର୍ତ୍ତମାନର ବଂଶ ସେମାନେ ଯୀଶୁଙ୍କୁ ବିଶ୍ୱାସ କରୁ ନ ଥିଲେ । ଅବ୍ରାମ ବିଶ୍ୱାସୀମାନଙ୍କ ପିତା ଅବିଶ୍ୱାସୀମାନଙ୍କର ପିତା ନୁହଁନ୍ତି । (ରୋମୀୟ ୨:୨୮-୨୯)

୮:୫୭ - ପୁନର୍ବାର ଯୀଶୁ ଶୁଣିବାକୁ ପାଇଲେ ଯେ, ତାହାଙ୍କ ବାକ୍ୟ ଭଲ ଭାବରେ ଗ୍ରହଣ କରାଯିବା ଯୋଗୁଁ କାରଣ ସେମାନେ ରୀତିନୀତି ଧରି ବସିଥିଲେ । ଏହି ଦ୍ୱନ୍ଦ ବୋଧ୍ହୁଏ ଉଦ୍ଦେଶ୍ୟପୂର୍ଣ୍ଣ ଥିଲା । କାରଣ ସେମାନେ ଦେଖିବାକୁ ଚାହୁଁ ନ ଥିଲେ ଏଣୁ ସେମାନେ ଦେଖି ପାରୁ ନ ଥିଲେ ।

**୮:୫୮ - "ଅବ୍ରାହାମଙ୍କ ପୂର୍ବରୁ ମୋହର ଜନ୍ମ ହୋଇଥିଲା ।"** ଏହା ଯୀହୁଦୀମାନଙ୍କ ପାଇଁ ଗୋଟିଏ ଈଶ୍ୱର ନିନ୍ଦା, ଏଣୁ ସେମାନେ ତାହାଙ୍କୁ ପଥର ଫୋପାଡ଼ିବାକୁ ଚାହୁଁଥିଲେ (ଯାତ୍ରା. ୩:୧୨, ୧୪) ସେମାନେ ସ୍ୱଷ୍ଟ ଭାବରେ ବୁଝି ପାରିଲେ ଯେ ସେ ଈଶ୍ୱର (୪:୨୬, ୬:୨୦, ୮:୨୪, ୨୮, ୫୪-୫୯, ୧୩:୧୯) ୧୮:୫,୬,୮

୮:୫୯ - ସେମାନେ ତାହାଙ୍କ ଉପରେ ଫୋପାଡ଼ିବାକୁ ପଥର ଉଠାଇଲେ ।" ଯୀଶୁଙ୍କର ବାକ୍ୟ ପ୍ରାଞ୍ଜଳ ଥିଲା । ସେ ମଶୀହ ଅଟନ୍ତି ଓ ପିତାଙ୍କ ସହିତ ଥିଲେ । ୩୧ ପଦର ବିଶ୍ୱାସ କରୁଥିବା ଯିହୁଦୀମାନେ ତାହାଙ୍କୁ ଈଶ୍ୱରନିନ୍ଦା କହି ପଥର ଫୋପାଡ଼ିବାକୁ ପ୍ରସ୍ତୁତ ଥିଲେ । (ଲେବୀୟ. ୨୪:୧୬)

ଏହି ଯିହୁଦୀମାନଙ୍କ ପାଁଇ ଏହି ଶିକ୍ଷା ବିଶ୍ୱାସ କରିବା କଷ୍ଟକର ଥିଲା ।

୧ - ସେମାନେ ଯେଉଁପରି ଭାବରେ ମଶୀହ ବ୍ୟବହାର କରିବାକୁ ଆଶା କରୁଥିଲେ ଯୀଶୁ ସେହିପରି ବ୍ୟବହାର କରୁ ନ ଥିଲେ ।

୨ - ସେ ସେମାନଙ୍କର ପବିତ୍ର ମୌଖିକ ପରମ୍ପରାର ଆହ୍ୱାନ ଦେଲେ ।

୩ - ସେ ସେମାନଙ୍କର ନୈଷ୍ଠିକ ଏକ ଈଶ୍ୱରତାକୁ ଦ୍ୱନ୍ଦ୍ୱରେ ପକାଇଲେ।

୪ - ସେ ନିଶ୍ଚିତ କରିଦେଲେ ଯେ, ଶୟତାନ ସେମାନଙ୍କର ପିତା ଅଟନ୍ତି, ଈଶ୍ୱର ନୁହଁନ୍ତି ।

ଏହି ଅଂଶରେ ଜଣେ ତାହାଙ୍କୁ ଗ୍ରହଣ କରିବ ଅବା ପଥର ପକାଇ ମାରିବ (ପ୍ରତ୍ୟାଖ୍ୟାନ କରିବ)

- "ଯୀଶୁ ଆପଣାକୁ ଲୁଚାଇ ମନ୍ଦିର ମଧ୍ୟରୁ ଖସି ପଳାଇଲେ" - ଏହି ପଦ ବାଇବଲ ତର୍ଜମାକାରିକୁ ଭାବିବାକୁ ସୁଯୋଗ ଦିଏ ଯେ ଏହା ଗ୍ରୀକ୍ ଟେକ୍ସରେ ସ୍ଥାନ ପାଇଛି କି ନାହିଁ।

୧ - ଏହା ଗୋଟିଏ ଆଶ୍ଚର୍ଯ୍ୟ କାର୍ଯ୍ୟ ଥିଲା (୪:୩୦, ପ୍ରସଙ୍ଗ ଯୋଗ କରାଯାଇଛି)

୨ - ଯୀଶୁ ଲୋକଗହଳି ଭିତରେ ମିଶିଗଲେ, କାରଣ ସେ ଜଣେ ସାଧାରଣ ଯୀହୁଦି ପରି ଦେଖାଯାଉଥିଲେ ।

ଈଶ୍ୱରଙ୍କର ସମୟ ଅଛି ଏବଂ ଯୀଶୁ ଜାଣିଥିଲେ ଯେ ସେ ମୃତ୍ୟୁବରଣ କରିବାକୁ ଆସିଛନ୍ତି, କେଉଁଠି ଏବଂ କେବେ ? ଏବଂ ତାର ସମୟ ଆସି ନ ଥିଲା ।

**ଆଲୋଚ୍ୟ ପ୍ରଶ୍ନାବଳୀ :**

ଏହା ଅଧ୍ୟୟନ ମୂଳକ ବାଇବଲ ଟୀକ୍କା, ଯାହାର ଅର୍ଥ ଆପଣ ଆଣଙ୍କର ବ୍ୟାଖ୍ୟାର ବା ତର୍ଜମାର ଦାୟୀ ଅଟନ୍ତି । ଆମ୍ଭ ପାଖରେ ଯେଉଁ ଆଲୋକ ଅଛି ସେହି ଆଲୋକରେ ଆମ ସମସ୍ତ ଗମନ କରିବା ଆବଶ୍ୟକ, ଆପଣ, ପବିତ୍ର ବାଇବଲ ଏବଂ ପବିତ୍ର ଆତ୍ମା ଟିକ୍କାର ମାନଙ୍କ ଉପରେ ଦାୟୀ କରନ୍ତି ନାହିଁ ।

ଏହି ଆଲୋଚ୍ୟ ପ୍ରଶ୍ନାବଳୀ ଆପଣଙ୍କୁ ଏହି ପୁସ୍ତକର ପରିଚ୍ଛେଦରେ ଦିଆଯାଉଥିବା ବିଷୟ ଗବେଷଣା କରିବାକୁ ସାହାଯ୍ୟ କରିବ । ତାହା ଆପଣଙ୍କର ଚିନ୍ତାକୁ ବଢ଼ାଇ, ସତ୍ୟ ଆଡ଼କୁ ନେଇ ଯିବ ।

୧- ଯୋହନ ୭:୫୩-୮:୧୧ ରେ ଯୋହନ ସୁସମାଚାରର ମୂଳ ଅଂଶ ଅଟେ କି ? ଯଦି ହୁଏ କାହିଁକି ? ଯଦି ନୁହେଁ କାହିଁକି ?

୨ - ଯୀଶୁଙ୍କ ମନ୍ତବ୍ୟର ପୃଷ୍ଠଭୂମି କ'ଣ, ମୁଁ ଏହି ଜଗତର ଜ୍ୟୋତି ?

୩ - କାହିଁକି ଫାରୁଶୀମାନେ ଯୀଶୁଙ୍କ ପ୍ରତି ବିରୋଧୀ ଥିଲେ ?

୪ - ୩୦ ପଦର "ବିଶ୍ୱାସ" ଶବ୍ଦକୁ ପୂର୍ବ ପ୍ରସଙ୍ଗର ଆଲୋକରେ ବ୍ୟାଖ୍ୟା କର ।

# ଯୋହନ - ୯

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଜନ୍ମରୁ ଅନ୍ଧ | ଜନ୍ମରୁ ଅନ୍ଧ | ଯୀଶୁ ଆପଣାକୁ | ଯୀଶୁ ଜନ୍ମର | ଜନ୍ମରୁ ଅନ୍ଧ ବ୍ୟକ୍ତି |
| ବ୍ୟକ୍ତି ସୁସ୍ଥ | ବ୍ୟକ୍ତି ଦୃଷ୍ଟି ପାଇଲା | ଜୀବନର ଜ୍ୟୋତି | ଅନ୍ଧବ୍ୟକ୍ତିକୁଭଲ ହେଲେ | |
| ୯:୧-୧୨ | ୯:୧-୧୨ | ଭାବରେ ପ୍ରକାଶିତ | ସୁସ୍ଥ କଲେ | ୯:୧-୩ |
| | | ହେଲେ ୧୯-୧-୨ | ୯:୧-୨ | |
| | | | ୯:୩-୫ | |
| | | | ୯:୬-୭ | ୯:୬-୭ |
| | | | ୯:୮ | ୯:୮-୧୨ |
| | | | ୯:୯b | |
| ଫାରୁଶୀମାନେ | ଫାରୁଶୀମାନେ | | ୯:୧୦, | |
| | | | ୯:୧୧a | |
| | | | ୯:୧୨a | |
| | | | ୯:୧୨b | |
| ଏହି ସୁସ୍ଥକୁ | ଏହି ସୁସ୍ଥ ଲୋକକୁ | | ଫାରୁଶୀମାନେ ସୁସ୍ଥ | ୯:୧୩-୧୭ |
| ତଦନ୍ତ କଲେ | ବାହାର କଲେ | ୯:୧୩-୧୭ | ବ୍ୟକ୍ତିଙ୍କୁ ତଦନ୍ତକଲେ | |
| ୯:୧୩-୧୭ | ୯:୧୩-୨୪ | | ୯:୧୩-୧୫ | |
| | | | ୯:୧୬କ | |
| | | | ୯:୧୬ଖ | |
| | | | ୯:୧୭କ,ଖ | |
| ୯:୧୮-୨୩ | | ୯:୧୮-୨୩ | ୯:୧୮-୧୯ | ୯:୧୮-୨୩ |
| | | | ୯:୨୦-୨୩ | |
| ୯:୪-୩୪ | | ୯:୨୪-୩୪ | ୯:୨୪ | ୯:୨୪-୩୪ |
| | | | ୯:୨୫,୨୬,୨୭ | |
| | | | ୯:୨୭ | |
| | | | ୯:୨୮-୨୯ | |
| | | | ୯:୩୦-୩୩ | |
| | | | ୯:୩୪ | |
| ଆତ୍ମିକ ଅନ୍ଧତା | ବାସ୍ତବ ଦୃଷ୍ଟି ଏବଂ | ୯:୩୫-୪୧ | ଆତ୍ମିକ ଅନ୍ଧତା | ୯:୩୫-୩୯ |
| ୯:୩୫-୩୯ | ବାସ୍ତବ ଅନ୍ଧତା | | ୯:୩୫ | |
| | ୯:୩୫-୪୧ | | ୯:୩୬ | |
| ୯:୪୦-୪୧ | | | ୯:୩୭ | ୯:୪୦:୪୧ |
| | | | ୯:୩୭ | |
| | | | ୯:୩୯ | |
| | | | ୯:୩୯ | |
| | | | ୯:୪୦ | |
| | | | ୯:୪୧ | |

## ପଠନ ବୃତ୍ତ ୩

ନିମ୍ନରେ ଲେଖକଙ୍କର ମୂଳ ଉଦ୍ଦେଶ୍ୟ ପରିଚ୍ଛେଦ ସ୍ତରରେ ଦିଆଗଲା ।

ଏହା ଏକ ଅଧ୍ୟୟନ ମୂଳକ ବାଇବଲ ଟୀକା । ଯାହାର ଅର୍ଥ ଆପଣ, ଆପଣଙ୍କର ବ୍ୟାଖ୍ୟାରେ ବା ତର୍ଜମାରେ ଦାୟୀ ଅଟନ୍ତି, ଆମ ପାଖରେ ଯେଉଁ ଜ୍ୟୋତ ଅଛି ସେହି ଜ୍ୟୋତିରେ ଆମର ଗବମନ କରିବା ଉଚିତ ତାହା ଆପଣ ପବିତ୍ର ବାଇବଲ ଏବଂ ପବିତ୍ର ଆତ୍ମା । ଆପଣ ଟୀକାକାର ମାନ୍ନା ଭାବରେ ଦାୟୀ କରନ୍ତୁ ।ନହିଁ ।

ଗୋଟିଏ ପର୍ବକୁ ଏକାବେଳେ ଅଧ୍ୟୟନ କରନ୍ତି । ବିଷୟବସ୍ତୁ ନିର୍ଣ୍ଣୟ କରନ୍ତୁ। ଏହି ବିଷୟ ସହିତ ଆଧୁନିକ ଭାଷାନ୍ତରର ଭାଗ ବିଭାବ ସହିତ ତୁଳନା କରନ୍ତୁ । ବାଇବଲର ପରିଚ୍ଛେଦ ଈଶ୍ୱର ନିଶ୍ୱଶିତ ନହେଁ ବରଂ ଏହା ଲେଖକଙ୍କର ମୂଳ ଉଦ୍ଦେଶ୍ୟ ଜାଣିବା ପାଇଁ ଏକ ସୂତ୍ର । ପ୍ରତ୍ୟେ ପରିଚ୍ଛେଦର ଗୋଟିଏ ମୂଳ ବିଷୟ ଥାଏ ।

୧ - ପ୍ରଥମ ପରିଚ୍ଛେଦ

୨ - ଦ୍ୱିତୀୟ ପରିଚ୍ଛେଦ

୩ -ତୃତୀୟ ପରିଚ୍ଛେଦ

୪- ଇତ୍ୟାଦି...

**ବାକ୍ୟ ପ୍ରସଙ୍ଗ ଆଧାରିତ ଅନ୍ତଦୃଷ୍ଟି (୧ - ୪୧ ପଦ) -**

(କ) ଅନ୍ଧମାନଙ୍କର ସୁସ୍ଥତା, ଯୀଶୁଙ୍କ ସେବାକାର୍ଯ୍ୟରେ ଏକ ସାଧାରଣ ଆଶ୍ଚର୍ଯ୍ୟ କର୍ମ ଥିଲା ଓ ତାହା ଆଶ୍ଚର୍ଯ୍ୟ ଭାବରେ ଭିନ୍ନ ଭିନ୍ନ ମାଧ୍ୟମରେ କରାଯାଇଥିଲା ।

(ଖ) ଅନ୍ଧର ସୁସ୍ଥତା ମଶୀହଙ୍କର ଏକ ଚିହ୍ନ ଥିଲା (ସି.ଏଫ୍. ଯୀଶାୟ ୨୯ : ୧୮, ୩୫ : ୫, ୪୨ : ୭; ମାଥିଉ ୧୧:୬) । ଏହି ସୁସ୍ଥତାର ଗୁରୁତ୍ୱ ଯୀଶୁଙ୍କ ପାଖରେ ଦେଖାଯାଏ ଯାହା କି ସେ ନିଜକୁ ଜଗତର ଜ୍ୟୋତିଃ ବୋଲି କହିଲେ (ସି.ଏଫକ. ୮ : ୧୨, ୯ : ୫) । ଯୀହୁଦୀମାନେ ଅନେକ ଚିହ୍ନ ଅପେକ୍ଷା କରୁଥିଲେ । କେବଳ ଵ୍ୱାଇ.ଏଚ.ଡବ୍ଲୁ.ଏଚ. ଉନ୍ମୁକ୍ତ କରେ ।

(ଗ) ଏହି ଅଧ୍ୟାୟ ଏକ ଲୋକର ଶାରିରିକ ଅନ୍ଧତା ଓ ଫାରୁସିମାନଙ୍କର ଆତ୍ମୀକ ଅନ୍ଧତା କୁ ଉଦାହରଣ ସ୍ୱରୁପେ ବୁଝାଏ (ସି.ଏଫ.- ପଦ ୩୯ : ୪୧, ମାଥି ୬ : ୨୩)

**ବାକ୍ୟ ଓ ବାକ୍ୟାଂଶ ଅଧ୍ୟୟନ :-**

**ଏନ୍. ଏ. ଏସ. ବି (ଉନ୍ନତିକୃତ) ମୁଳବଚନ - ୯ : ୧-୧୨**

**୧. ସେ ଯାଉଥିବା ସମୟରେ ଜଣେ ଜନ୍ମାନ୍ଧକୁ ଦେଖିଲେ । ୨. ଆଉ, ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ପଚାରିଲେ, ହେ ଗୁରୁ, କିଏ ପାପ କରିବାରୁ ଏ ଅନ୍ଧ ହୋଇ ଜନ୍ମ ହେଲା ? ନିଜେ ନା ଏହାର ବାପ ମା ? ୩. ଯୀଶୁ ଉତ୍ତର ଦେଲେ, ଏ କିମ୍ବା ଏହାର ବାପମା ପାପ କଲେ ନାହିଁ, କିନ୍ତୁ ଈଶ୍ୱରଙ୍କ କର୍ମ ଯେପରି ଏହା ଠାରେ ପ୍ରକାଶିତ ହୁଏ, ଏ ନିମନ୍ତେ ଏହା ଘଟିଅଛି । ୪. ଦିନ ଥାଉ ଥାଉ ମୋହର ପ୍ରେରଣ କର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ, ଯେଉଁ ସମୟରେ କେହି କର୍ମ କରି ପାରେ ନାହିଁ, ଏପରି ରାତ୍ରି ଆସୁଅଛି । ୫. ମୁଁ ଯେପର୍ଯ୍ୟନ୍ତ ଜଗତରେ ଅଛି, ସେପର୍ଯ୍ୟନ୍ତ ମୁଁ ଜଗତର ଜ୍ୟୋତିଃ । ୬. ଏହା କହି ସେ ମାଟିରେ ଛେପ ପକାଇ ସେହି ଛେପରେ କାଦୁଅ କଲେ, ଆଉ ତାହାର ଦୁଇ ଆଖିରେ କାଦୁଅ ଲଗାଇ ଦେଇ ତାହାକୁ କହିଲେ, ଯାଅ । ୭. ଶିଲୋହ ଅନୁବାଦ କଲେ ଏହାର ଅର୍ଥ ପ୍ରେରିତ ପୋଖରୀରେ ଧୋଇ ହୁଅ । ସେଥିରେ ସେ ବାହାରି ଯାଇ ଧୋଇ ହେଲା ଓ ଦୃଷ୍ଟି ପ୍ରୀ ଚାଲିଗଲା । ୮. ତେଣୁ ପ୍ରତିବାସୀମାନେ, ପୁଣି ଯେଉଁମାନେ ତାହାକୁ ପୂର୍ବେ ଭିକାରୀ ବୋଲି ଦେଖିଥିଲେ, ସେମାନେ ପଚାରିଲେ, ଯେ ବସି ଭିକ ମାଗୁଥିଲା, ଏ କ'ଣ ସେହି ନୁହେଁ ? ୯. କେହି କେହି କହିଲେ, ଏ ସେ, ଆଉ କେହି କେହି କହିଲେ, ନା, ଏ ତାହା ପରି, ସେ କହିଲା ମୁଁ ସେହି । ୧୦. ସେଥିରେ ସେମାନେ ତାହାକୁ କହିଲେ ତାହା ହେଲେ ତୋର ଆଖି କିପରି ଫିଟିଗଲା ? ୧୧. ସେ ଉତ୍ତର ଦେଲା, ଯାହାଙ୍କୁ ଯୀଶୁ ବୋଲି କହନ୍ତି ସେହି ବ୍ୟକ୍ତି କାଦୁଅ କରି ମୋହର ଦୁଇ ଆଖିରେ ଲେପି ଦେଲେ ଆଉ ମୋତେ କହିଲେ ଶିଲୋହକୁ ଯାଇ ଧୋଇ ହୁଅ; ତେଣୁ ମୁଁ ବାହାରି ଯାଇ ଧୋଇ ହେଲି ଓ ଦୃଷ୍ଟି ପାଇଲି । ୧୨. ସେମାନେ ତାହାକୁ ପଚାରିଲେ ସେ କାହିଁ ? ସେ କହିଲା, ମୁଁ ଜାଣେ ନାହିଁ ।**

**୯:୧ 'ଜନ୍ମରୁ ଅନ୍ଧ'** - ଏହା ଏକମାତ୍ର ଏ ପ୍ରକାର ସୁସ୍ଥତାର ଉଦାହରଣ । ତେଣୁ କୌଣସି ଠକାମୀର ସମ୍ଭାବନା ନାହିଁ ।

**୯:୨ 'ତାଙ୍କ ଶିଷ୍ୟମାନେ** - ଏହା ସେମାନଙ୍କର ପ୍ରଥମ ବର୍ଣ୍ଣନା, ୬ ଅଧ୍ୟାୟ ପରେ ଏମାନେ (୧) ଯୀହୁଦି ଶିଷ୍ୟମାନେ ବା (୨) ଦ୍ୱାଦଶ ଶିଷ୍ୟମାନେ ହୋଇପାରନ୍ତି

■ **'କିଏ ପାପ କଲା ଏ ନା ଏହାର ବାପା ମା, ଯେ ଏ ଅନ୍ଧ ହୋଇ ଜନ୍ମ ହେଲା** - ଏହି ପ୍ରଶ୍ନ ବହୁ ଆଲୋଚନାର ବିଷୟ । ଆମେ ଏହାକୁ ଆଦ୍ୟ ଯୀହୁଦି ଭାବରେ ଜର୍ତମା କରିବା କିନ୍ତୁ ପାଶ୍ଚାତ୍ୟ ଧର୍ମ ଭାବରେ ନୁହେଁ । ଏହାର ଅନେକ ସମ୍ଭାବନା ରହିଛି

୧. ଏହା ପିତାମାତଙ୍କ ପାପକୁ ବୁଝାଏ ତାହା ଗୁରୁମାନେ ଆଦି ୨୫:୨୨ରୁ କହନ୍ତି ।

୨. ଏହା ପରିଜନମାନଙ୍କର ପାପ ବା ନିକଟ ବଂଶର ପାପକୁ ବୁଝାଏ ଯାହା ଜନ୍ମ ନ ହୋଇ ଥିବା ଶିଶୁକୁ ପ୍ରବାଭିତ କରେ (ସି.ଏଫ୍. ଯାତ୍ରା ୨୦:୫, ଦ୍ୱିତିବିବ. ୫:୯)

୩. ଏହା ପାପ ଓ ରୋଗର ସମ୍ପର୍କକୁ ବୁଝାଏ ଯାହା ରାବିନିକାଳ ଧର୍ମତତ୍ତ୍ୱ ବୁଝାଏ (ସି.ଏଫ୍. ଯାକୁବ ୫:୧୫-୧୬) ଯୋହନ ୫:୧୪)

ଏହା ପାଶ୍ଚାତ୍ୟ ଧର୍ମତତତ୍ୱର ଚକ୍ର ଯାହାକି କର୍ମର ପୁନର୍ଜନ୍ମ କୁ ବୁଝାଏ ସଙ୍ଗରେ କୌଣସି ସମ୍ପର୍କ ନାହିଁ ଏହା ଯୀହୁଦୀ ରୀତି । ଏକ ଭଲ ଆଲୋଚନା ପାଇଁ ଦେଖନ୍ତୁ ଜେମସ ଡବ୍ଲ୍ୟୁ ସାଏର ସ୍କ୍ରିପଚର ଟ୍ୱିଷ୍ଟିଙ୍ଗ ପି ୧୨୭-୧୪୪

**୯:୩ - ଏହା ଯୀଶୁଙ୍କ ଶିଷ୍ୟମାନଙ୍କ ଉତ୍ତର ।** ଅନେକ ସତ୍ୟ ଦେଖାଯାଏ

୧ - ପାପ ଓ ଅସୁସ୍ଥତା ବାସ୍ତବରେ ଯୋଡ଼ି ନ ହୋଇ ପାରନ୍ତି

୨ - ସମସ୍ୟା ଈଶ୍ୱରଙ୍କ ଆଶୀର୍ବାଦକୁ ଆଣିବାକୁ ସୁଯୋଗ ଦିଏ

**୯:୪ : 'ଆମେ ... ମୁଁ'** ଏହି ଦୁଇ ଏକ ମତ ନୁହଁନ୍ତି ଅନେକ ଗ୍ରୀକ୍ ତଥ୍ୟ ଗୋଟିଏ ବା ଆଉ ଗୋଟିଏକୁ ପରିବର୍ତ୍ତିତ କରିଛନ୍ତି । ସେମାନେ ଯେପରି ଯୀଶୁଙ୍କୁ ଜଗତର ଜ୍ୟୋତି ବୋଲି ମାନୁଥିଲେ ଠିକ ସେହିପରି ଆମକୁ ମଧ୍ୟ ଆମ ଜୀବନରେ ଜ୍ୟୋତିଃ ପ୍ରକାଶ କରିବାକୁ ଚାହୁଁଥିଲେ (ମାଥିଉ ୫:୧୪)

■ 'ରାତ୍ର ଆସୁଅଛି" ପଦ ୫ ସହିତ ତୁଳନା ଏକ ଭିନ୍ନ ଭାବରେ ତୁଳନା ଅଟେ । ରାତ୍ର ବୁଝାଇଥାଏ

୧. ଆସନ୍ତା ବିଚାରକୁ

୨. ସୁଯୋଗର ସମୟ ବନ୍ଦ ହୋଇଯିବା

୩. ପ୍ରଭୁ ଯୀଶୁଙ୍କ ପରିତ୍ୟାଗ ଓ କ୍ରୁଶାର୍ପିତ / କ୍ରୁଶାର୍ପଣ

**୯:୫-୧୧ 'ଯେ ପର୍ଯ୍ୟନ୍ତ ଜଗତରେ ମୁଁ ଅଛି** - ଯୋହନ **'ଦୀପ୍ତି'** ଓ ଅନ୍ଧକାରକୁ ଆତ୍ମିକ ଜୀବନରେ ବ୍ୟବହାର କରନ୍ତି ଯୀଶୁଙ୍କୁ "ଜଗତର ଜ୍ୟୋତିଃ" (ସି.ଏଫ୍. ୧:୪-୫, ୮,୯, ୩:୧୭-୨୧, ୮:୧୨, ୯:୫, ୧୨:୪୬) ଭାବରେ ପୁରାତନ ନିୟମ ମଶୀହଙ୍କ ବିଷୟରେ ପ୍ରକାଶ କରେ ।

**୯:୬ 'ଛେପରେ କାଦୁଅ କଲେ'** - ଛେପ ଯିହୁଦୀମାନଙ୍କର ଘରେଇ ଔଷଧ ଥିଲା । କିନ୍ତୁ ତାହା ବିଶ୍ରାମ ବାରରେ ବ୍ୟବହାର କରା ଯାଉ ନ ଥିଲା (ସି.ଏଫ୍. ମାର୍କ ୭:୩୩, ୮:୨୩) ଏହାକୁ ବ୍ୟବହାର କରି ଯୀଶୁ ସେ ବ୍ୟକ୍ତିର ବିଶ୍ୱାସକୁ ବୃଦ୍ଧି କଲେ ଓ ଫାରୁଶୀମାନଙ୍କର ରୀତିନୀତିକୁ ଭଗ୍ନ କଲେ ।

**୯:୭ 'ଶିଲୋହର ପୋଖରୀ** - ଶିଲୋହମାନେ ଯାହାକୁ ପଠାଯାଇଛି । ଏହି ପୋଖରୀ ଅନେକ ଭେଜର ଓ ପର୍ବପର୍ବାଣୀରେ ବ୍ୟବହାର ହେଉଥିଲା ।

■ **ଯୌପା କଲେ "ପ୍ରେରିତ"** - ପ୍ରେରିତ ଶବ୍ଦ ସେ ପୋଖରୀର ଜଳକୁ ବୁଝାଏ । ଯାହା ଗିହୋନ ଝରଣାରୁ ପ୍ରବାହିତ । ଯାହାକି ଯୀରୁଶାଲମ ପ୍ରାଚୀର ବାହାରେ ଥିଲା । ଗୁରୁମାନେ ଏହାଙ୍କୁ ମଶୀହଙ୍କ ଆଗମନ ସହିତ ତୁଳନା କରନ୍ତି । ଏହାଲେଖକର ଆଉ ଗୋଟିଏ ବ୍ୟାଖ୍ୟା ।

■ **'ଧୋଇ ହୁଅ'** ଏହା ବିଶ୍ୱାସ ଏକ କାର୍ଯ୍ୟ । ସେ ଯୀଶୁଙ୍କ ବାକ୍ୟ ମାନିଲା, ତଥାପି ତାହା ରକ୍ଷା ବିଶ୍ୱାସ ନ ଥିଲା । (ସି.ଏଫ୍. ୧୧, ୧୭, ୩୬, ୩୮) ଏହା ବିଶ୍ୱାସର ପ୍ରକ୍ରିୟା ସମସ୍ତ ସୁସମାଚାର ପ୍ରେରଣ ବିଶ୍ୱାସର ସ୍ତମ୍ଭକୁ ବୁଝାଏ । ୮ ଅଧ୍ୟାୟରେ ଏକ ଦଳଙ୍କୁ ଦେଖାଏ ଯେଉଁମାନେ ବିଶ୍ୱାସ କଲେ କିନ୍ତୁ ପରିତ୍ରାଣ ନିମନ୍ତେ ନୁହେଁ । (ସି.ଏଫ୍. ମାଥିଉ ୪, ମାର୍କ ୧୩, ଭୂମିର ଉଦାହରଣ)

**ବିଶେଷ ବିଷୟ : ଉଦ୍ଧାର ନିମନ୍ତେ ଗ୍ରୀକ୍ କ୍ରିୟାକାଳ**

ପରିତ୍ରାଣ ନିମନ୍ତେ ଗ୍ରୀକ୍ ବହୁ ଶବ୍ଦ ବ୍ୟାକାରଣ ବ୍ୟବହାର କରାଯାଇଛି । ପରିତ୍ରାଣ ଏକ ବସ୍ତୁ ନୁହେଁ । କିନ୍ତୁ ଏକ ସମ୍ପର୍କ ଯୀଶୁଙ୍କୁ ବିଶ୍ୱାସ କରିବା ଦ୍ୱାରା ଏହା ସମାପ୍ତ ହୁଏ ନାହିଁ, ବରଂ ଆରମ୍ଭ ହୁଏ । ଏହା ଏକ ଅଗ୍ନିବିମା ଯୋଜନା ବା ସ୍ୱର୍ଗକୁ ଟିକେଟ ନୁହେଁ କିନ୍ତୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିରେ ବୃଦ୍ଧିପ୍ରାପ୍ତର ଜୀବନ ଅଟେ । ଆମେରିକାରେ କୁହାଯାଏ ଯେତେ ବେଶି ସମୟ ପର୍ଯ୍ୟନ୍ତ ଏକ ଦମ୍ପତି ଏକାଠି ରୁହନ୍ତି, ସେମାନେ ଏକା ଭଳି ଦେଖାଯାଆନ୍ତି । ଏହା ପରିତ୍ରାଣ ମୂଳ ଲକ୍ଷ୍ୟ ଅଟେ ।

ପରିତ୍ରାଣ ଏକ ସମ୍ପୂର୍ଣ୍ଣ କାର୍ଯ୍ୟ । (ଆ ଓ ରି ଶଟ୍)

- ପ୍ରେରିତ ୧୫ . ୧୧ - ତିତସ୍ ୩ : ୫
- ରୋମି ୮ . ୨୪ - ରୋମି. ୧୩ : ୧୧
- ଦ୍ୱିତୀୟ ତିମଥୀ - ୧ . ୯

ପରିତ୍ରାଣ ଏକ ଉପସ୍ଥିତି ର ସ୍ତର (ନୁପୁଣତା) -
- ଏଫିସି ୨ : ୫, ୮

ପରିତ୍ରାଣ ଏକ କ୍ରମାଗତ ପ୍ରକ୍ରିୟା (ବର୍ତ୍ତମାନ)
- ୧ କରନ୍ତି ୧ : ୧୮, ୧୫ : ୨
- ୨ କରନ୍ତି ୨ : ୧୫
- ୧ ପିତର ୩ : ୨୧

ପରିତ୍ରାଣ ଏକ ଭବିଷ୍ୟତ୍ ଆଗ୍ରାହଣ (ଭବିଷ୍ୟତ୍)
- ରୋମି ୫ :୯, ୧୦, ୧୦ : ୯, ୧୩
- ୧ କରନ୍ତି ୩ : ୧୫, ୫ : ୫
- ଫିଲିପି ୧ : ୨୮
- ୧ ଥେସି ୫ : ୮ - ୯
- ଏବ୍ରୀ ୧ : ୧୪, ୯ : ୨୮
- ୧ ପିତର ୧ : ୫, ୯

ଏଥିପାଇଁ ପରିତ୍ରାଣ ଏକ ବିଶ୍ୱାସର ନିଷ୍ପତ୍ତି ସହିତ ଆରମ୍ଭ ହୋଇଥାଏ । (ସି.ଏଫ୍. ଯୋହନ ୧ : ୧୨, ୩ : ୧୬, ରୋମି ୧୦ : ୯ - ୧୩) କିନ୍ତୁ ଏହି ଜୀବନର ପ୍ରକ୍ରିୟାରେ ହେବା ଉଚିତ (ସି.ଏଫ୍. ରୋମୀ ୮:୨୯, ଗାଲାତୀ ୩:୧୯, ଏଫି ୧ : ୪, ୨ : ୧୦) ଯାହା କି ଦିନେ ଦୃଷ୍ଟିଗୋଚର ହେବ (ସି.ଏଫ୍. ୧ ଯୋହନ ୩:୨) ଏହି ଅନ୍ତିମ ସ୍ତରକୁ ମହିମାଯୁକ୍ତ ସ୍ତର କୁହାଯାଏ । ତାହା ଏ ପ୍ରକାର -

(୧) ପ୍ରାରମ୍ଭିକ ମହିମାଯୁକ୍ତ - ଦୋଷ ଖଣ୍ଡନ (ପାପର ବେତନ ରୁ ରକ୍ଷାପ୍ରାପ୍ତି)

(୨) ଉନ୍ନତିଶୀଳ ପରିତ୍ରାଣ - ଶୁଚିକୃତ (ପାପର ବଳ ରୁ ରକ୍ଷାପ୍ରାପ୍ତି)

(୩) ଅନ୍ତିମ ପ୍ରରିତ୍ରାଣ - ମହିମାଯୁକ୍ତ (ପାପର ଉପସ୍ଥିତି ର ରକ୍ଷାପ୍ରାପ୍ତି)

**୯ : ୮ - ''ପ୍ରତିବାସୀମାନେ''** - ଏହି ଆଶଚାକ୍ଷକାୟ ର ସାକ୍ଷୀ ଭାବରେ ତିନୋଟି ଦଳ ବିଦ୍ୟମାନ (୧) ତାହାର ପ୍ରତିବାସୀମାନେ (୫ ପଦ) (୨) ସେ ଲୋକ ନିଜେ (୧୧ ପଦ) ଓ (୩) ତାହାର ପିତାମାତା (୧୮ ପଦ) ଏହି ସୁସ୍ଥତାକୁ ନେଇ ପ୍ରତିବାସୀମାନଙ୍କ ମଧ୍ୟରେ ଓ ଫାରୋସୀ ମାନଙ୍କ ମଧ୍ୟରେ ଏକମତ ନଥିଲା ।

■ **''ଯେ ବସି ଭିକ ମାଗୁଥିଲା ଏ କ'ଣ ସେହି ନୁହେଁ** - ଗ୍ରୀକ୍‌ରେ ଏହାର ଉତ୍ତର 'ହଁ' ହେବା ଦରକାର ।

**୯:୯ 'ମୁଁ ସେହି'**- ଏହା ଗ୍ରୀକ୍ ବାକ୍ୟ ବ୍ୟବହାରର ପଦ୍ଧତି ଯାହା ଯୀଶୁ ବ୍ୟବହାର କରନ୍ତି ୪:୨୬, ୬:୨୦, ୮:୨୪, ୨୮, ୫୮ ୧୩:୧୯, ୧୮:୫,୬,୮ ଏହା ଦେଖାଏ ଯେ ଏହାର କୌଣସି ଅଲୌକିକ ଦଣ୍ଡୟମାନ ନ ଥାଏ କିଭରିଓସ ଶବ୍ଦର ସାମନ୍ତରତ ଆମେ ୩୬ ପଦରେ (ମହାଶୟ ଓ ୩୮ ପଦରେ (ପ୍ରଭୁ) ପାଇଥାଉ । ୯:୧୧-୧୨ - ଏହି ଆଲୋଚନା ଦେଖାଇ ଯେ ଏ ଲୋକର ସୁସ୍ଥତା ତତ୍‌କ୍ଷଣାତ୍ ତାହାର ଆତ୍ମିକ ପରିତ୍ରାଣ ସାଧନ କରି ନ ଥିଲା । ଏହି ବ୍ୟକ୍ତିର ବିଶ୍ୱାସ ଯୀଶୁଙ୍କ ସହିତ ତାହାର ସାକ୍ଷାତରେ ବଢ଼ିଥାଏ । (ସି.ଏଫ୍. ୩୫ ପଦ)

**ଏନ୍‌ଏସବି (ଉନ୍ନତିକୃତ) ମୂଳବଚନ : ୯:୧୩-୧୭**

**୧୩ ଯେ ପୂର୍ବରେ ଅନ୍ଧ ଥିଲା, ସେମାନେ ତାହାକୁ ଫାରୁଶୀମାନଙ୍କ ନିକଟକୁ ଆଣିଲେ । ୧୪ଯୀଶୁ ଯେଉଁ ଦିନ କାଦୁଅ କରି ତାହାର ଆଖି ଫିଟାଇ ଦେଇଥିଲେ, ସେହିଦିନ ବିଶ୍ରାମବାର । ୧୫ ଅତଏବ, ସେ କିପରି ଦୃଷ୍ଟି ପାଇଲା, ଏହା ଫାରୁଶୀମାନେ ମଧ୍ୟ ତାହାକୁ ଆଉ ଥରେ ପଚାରିବାକୁ ଲାଗିଲେ । ସେଥିରେ ସେ ସେମାନଙ୍କୁ କହିଲା ସେ ମୋହର ଆଖିରେ କାଦୁଅ ଲଗାଇଦେଲେ ପରେ ମୁଁ ଧୋଇ ହେଲି ଓ ଦେଖି ପାରୁଅଛି । ତହୁଁ ଫାରୁଶୀମାନଙ୍କ ମଧ୍ୟରୁ କେହି କେହି କହିଲେ ସେ ଲୋକଟା ଈଶ୍ୱରଙ୍କ ନିକଯରୁ ଆସି ନାହିଁ କାରଣ ସେ ବିଶ୍ରାମ ବାର ପାଳନ କରୁ ନାହିଁ । ଆଉ କେହି କେହି କହିଲେ, ପାପୀ ଲୋକ କିପରି ଆଶ୍ଚର୍ଯ୍ୟ କର୍ମ ସବୁ କରିପାରେ ? ଏହିପରି ଭାବରେ ସେମାନଙ୍କ ମଧ୍ୟରେ ମତଭେଦ ହେଲା । ୧୭. ତେଣୁ ସେମାନେ ଆହୁରି ଥରେ ସେହି ଅନ୍ଧ ଲୋକଟିକି ପଚାରିଲେ, ସେ ଯେ ତୋହର ଆଖି ଫିଟାଇଲେ, ଏଥିରେ ତୁ ତା ବିଷୟରେ କଅଣ କହୁଛୁ ? ସେ କହିଲା, ସେ ଜଣେ ଭାବବାଦୀ ।**

**୯:୧୩ - ସେମାନେ** ଏହି ପ୍ରତିବାସୀମାନଙ୍କୁ ବୁଝାଏ ।

■ **'ଫାରୁଶୀମାନେ'** - ଯୀହୁଦୀ ନେତାମାନଙ୍କର ଦୁଇଟି ଭିନ୍ନ ନାମାଙ୍କନ ଯୋହନର ମିଳେ । ସେମାନଙ୍କୁ 'ଯୀହୁଦି' ବୋଲି କୁହାଯାଏ (ସି.ଏଫ୍. ୧୮, ୨୨ପଦ) କିନ୍ତୁ ଏହି ଅଧ୍ୟାୟରେ 'ଫାରୁଶୀ' ବୋଲି କୁହାଯାଇଛି ।

ପଦ ୧୩,୧୫, ୧୬, ୪୦ ଦେଖନ୍ତୁ ବିଶେଷ ବିଷୟ ୧:୨୪

**୯:୧୪ - 'ଯୀଶୁ ଯେଉଁ ଦିନ କାଦୁଅ କରି ତାହାର ଆଖି ଫିଟାଇ ଦେଲେ ସେହିଦିନ ବିଶ୍ରାମବାର ଥିଲା -** ଯୀହୁଦି ନେତାମାନଙ୍କର ରୀତିନିତି ଯାହାକି ତାଲମୁଡ୍ରେ ଦେଖାଯାଏ) ଏହି ବ୍ୟକ୍ତିର ଆବଶ୍ୟକତା ଉପରେ ପ୍ରଭାବିତ ଥିଲା (ସି.ଏଫ୍. ୫:୯, ୯:୧୬) ମାଥିଉ ୨୩:୨୪) ଏହା ଏ ପ୍ରକାର ଦେଖାଯାଏ ଯେ ଯଶୁ ଜାଣିଶୁଣି ଏହି ନେତାମାନଙ୍କ ଧର୍ମ ଆଲୋଚନା ମଧ୍ୟକୁ ପ୍ରବେଶ କଲେ, ସେ ବ୍ୟକ୍ତିକୁ ସୁସ୍ଥ କରିବା ଦ୍ୱାରା ଦେଖନ୍ତୁ ନେଟ ୫:୯)

**୯:୧୬ - ଫାରୁଶୀମାନେ ଯୀଶୁଙ୍କ ଉପରେ ବିଚାର ଆଣିବାକୁ ଚାହୁଁଥିଲେ** ଦ୍ୱିତୀୟ ବିବବ. ୧୩:୧-୫ କୁ ନେଇ ।

■ **'ସେମାନଙ୍କ ମଧ୍ୟରେ ମତଭେଦ ହେଲା'** - ସବୁବେଳେ ଯୀଶୁ ଏଥିପାଇଁ କାରଣ ଅଟନ୍ତି (ସି.ଏଫ୍. ୬:୫୨, ୭:୪୩, ୧୦:୧୯, ମାଥିଉ ୧୦:୩୪-୩୯)

**୯:୧୭ - 'ସେ ଜଣେ ଭାବବାଦୀ'** ଏହି ଅଧ୍ୟାୟ ସେ ଲୋକର ଯୀଶୁଙ୍କ ଉପରେ ବଢୁଥିବା ବିଶ୍ୱାସକୁ ଦେଖାଏ (ସି.ଏଫ୍. ପଦ ୩୬, ୩୮) ଭାବବାଦୀ ପାଇଁ ଦେଖନ୍ତୁ ବିଶେଷ ବିଷୟ ୪:୧୯ରେ ।

**ଏନ୍.ଏସ.ଏସ୍.ବି. (ଉନ୍ନତିକୃତ) ମୂଳ ବଚନ ୯:୧୮-୨୩**

**୧୮ସେ ଯେ ଅନ୍ଧ ଥିଲା ଆଉ ଦୃଷ୍ଟି ପାଇଅଛି, ସେ ଦୃଷ୍ଟି ପାଇଥିବା ଲୋକର ପିତାମାତାଙ୍କୁ ଡାକି କି ପଚାରିବା ପର୍ଯ୍ୟନ୍ତ ଯିହୂଦୀମାନେ ତାହା ସୟନ୍ଧରେ ଏହା ବିଶ୍ୱାସ କଲେ ନାହିଁ । ୧୯ସେମାନେ ସେମାନଙ୍କୁ ପଚାରିଲେ, ତୁମ୍ଭମାନଙ୍କର ଯେଉଁ ପୁଅ ଅନ୍ଧ ହୋଇ ଜନ୍ମ ହୋଇଥିଲା ବୋଲି କହିଥାଅ ଏ କଅଣ ତୁମ୍ଭମାନଙ୍କର ସେହି ପୁଅ ? ତାହା ହେଲେ ସେ କିପରି ଏବେ ଦେଖୁଅଛି? ୨୦ସେଥିରେ ତାହାର ପିତାମାତା ଉତ୍ତର ଦେଲେ, ଏ ଯେ ଆମ୍ଭମାନଙ୍କର ପୁଅ ଓ ଏଯେ ଅନ୍ଧ ହୋଇ ଜନ୍ମ ହୋଇଥିଲା, ଏହା ଆମ୍ଭେମାନେ ଜାଣୁ, ୨୧କିନ୍ତୁ ସେ କିପରି ଏବେ ଦେଖୁଅଛି, ତାହା ଜାଣୁ ନାହୁଁ, କିମ୍ବା କିଏ ତାହାର ଆଖି ଫିଟାଇ ଦେଲେ, ତାହା ମଧ୍ୟ ଆମ୍ଭେମାନେ ଜାଣୁ ନାହୁଁ । ତାକୁ ପଚାରନ୍ତୁ, ସେ ତ ବୟସପ୍ରାପ୍ତ, ସେ ଆପଣା କଥା ଆପେ କହିବ । ତାହାର ପିତାମାତ ଯିହୂଦୀମାନଙ୍କୁ ଭୟ କରୁଥିବାର ଏହି ସମସ୍ତ କଥା କହିଲେ, କାରଣ ଯଦି କେହି ତାହାକୁ ଖ୍ରୀଷ୍ଟ ବୋଲି ସ୍ୱୀକାର କରେ, ତାହାହେଲେ ସେ ସମାଜଚ୍ୟୁତ କରାଯିବ ବୋଲି ସେଥି ପୂର୍ବେ ଯିହୁଦୀମାନେ ଏକମତ ହୋଇଥିଲେ । ୨୩ ଅତଏବ, ତାହାର ପିତାମାତା କହିଲେ, ସେ ବୟସପ୍ରାପ୍ତ, ତାହାକୁ ପଚାରନ୍ତୁ ।**

**୯:୨୨-୨୩ ''ଯଦି କେହି ତାହାଙ୍କୁ ଖ୍ରୀଷ୍ଟ ବୋଲି ସ୍ୱୀକାର କରେ''-**

ଏହା ଏକ ତୃତୀୟ ଶ୍ରେଣୀର ସର୍ତପଣବାକ୍ୟ ଯାହାକି ଏକ ଶକ୍ତିପୂର୍ଣ୍ଣ ପଦକ୍ଷେପ ଅଟେ । ତାହାର ପିତାମାତା ମଧ୍ୟ ଯିହୂଦୀ ନେତାମାନଙ୍କଂାରୁ ଭୟଭୀତ ଥିଲେ । ଏହି ସୁସ୍ଥତାର ଅନେକ ସାକ୍ଷୀମାନେ ଥିଲେ ୯୧) ପ୍ରତିବାସୀମାନେ (୮-୧୦ ପଦ) (୨) ସେ ବ୍ୟକ୍ତି ନିଜେ ୯୧୧-୧୭, ୨୪-୩୩ ପଦ) ଓ (୩) ତାହାର ପିତାମାତା (୧୮ - ୨୩ ପଦ)

(୨) ସେ ବ୍ୟକ୍ତି ନିଜେ (୧୧ - ୧୭, ୨୪ - ୩୩ ପଦ) ଓ

(୩) ତାହାର ପିତାମାତା (୧୮ - ୨୩ ପଦ)

**ବିଶେଷ ଶୀର୍ଷ : ପାପ ସ୍ୱୀକାର**

କ. ଗ୍ରୀକ ଭାଷାରେ ସ୍ୱୀକାର ଓ ସ୍ୱମତ ପ୍ରକାଶ ର ଦୁଇଟି ଭାବ ରହିଛି ଯାହାକି 'ହୋମୋଲେଜିଓ' ଓ 'ଏକ୍ଷ୍ୟମୋଲୋଜି' । ଯାକୁବ ଏଇ ହୋମା ରୁ ଶବ୍ଦ ବ୍ୟବହାର କରନ୍ତି, ଯାହା ସମ୍ମାନତାକୁ ବୁଝାଏ, ଲୋକୋମାନେ କହିବା, ଓ ତାର ବାହାରକୁ । ମୂଳ ବିଷୟ ହେଲା ଏକ ସମାନ ବାକ୍ୟ କହିବା ବା ତାଠାରେ ଏକମତ ହେବା । ଏହି ଏକ୍ସ ଏକ ସାଧାରଣ ଘୋଷଣା ।

ଖ. ଏହାର ଇଂରାଜି ତର୍ଜମା ଏ ପ୍ରକାର -

୧. ପ୍ରଶଂସା

୨. ଏକମତ ହେବା

୩. ଘୋଷଣା

୪. ସ୍ୱମତି ବ୍ୟକ୍ତ

୫. ସ୍ୱୀକାର କରିବା

ଗ. ଏହି ବାକ୍ୟ ର ଦୁଇଟି ବିପରିତ ବ୍ୟବହାର ରହିଛି -

୧. ପ୍ରଶଂସା କରିବା (ଈଶ୍ୱରଙ୍କର)

୨. ପାପ ସ୍ୱୀକାର

ଏହା ମନୁଷ୍ୟର ଈଶ୍ୱରଙ୍କ ପବିତ୍ରତା ଓ ନିଜ ପାପ ବୋଧ ର ଜ୍ଞାନରୁ ଉତ୍ପନ୍ନ । ଏକ ସତ୍ୟକୁ ମାନିବାମାନେ ଦୁଇଟି ସତ୍ୟକୁ ସ୍ୱୀକାର କରିବା ଅଟେ ।

ଘ. ନୂତନ ନିୟମରେ ଏହି ବାକ୍ୟଗୁଡ଼ିକ ବ୍ୟବହାର ହୁଏ -

୧. ପ୍ରତିଜ୍ଞା କରିବା (ସି.ଏଫ୍. ମାଥିଉ ୧୪ : ୭, ପ୍ରେରିତ ୭ : ୧୭)

୨. ଏକମତା ହେବା ବା ମାନିବା (ସି.ଏଫ୍. ଯୋହନ ୧ : ୨୦, ଲୁକ ୨୨ : ୬, ପ୍ରେରିତ ୨୪ : ୧୪,

୩. ପ୍ରଶଂସା କରିବା (ସି.ଏଫ୍. ମାଥିଉ ୧୧ : ୨୫, ଲୁକ ୧୦ : ୨୧, ରୋମୀ ୧୪ : ୧୧, ୧୫ : ୯)

୪. ସମ୍ମତ ହେବ -

(କ) ବ୍ୟକ୍ତି (ସି.ଏଫ. ମାଥି ୧୦ : ୩୨, ଲୁକ ୧୨ : ୮, ଯୋହନ  ୯ : ୨୨, ୧୨:୪୨, ରୋମି ୧୦:୯ ଫିଲିପ. ୨:୧୧, ୧ ଯୋହନ ୨:୨୩, ପ୍_କା. ୩:୫)

(ଖ) ଏକ ସତ୍ୟ (ସି.ଏଫ. ପ୍ରେରିତ ୨୩ : ୮, ୨ କରନ୍ତି ୧୧ : ୧୩, ୧ ଯୋହନ ୪ : ୨)

୫. ଏକ ସାଧାରଣ ଘୋଷଣା କରିବା (ଏକ ଧାର୍ମିକ ସ୍ୱୀକାରଭକ୍ତି ସି.ଏଫ. ପ୍ରେରି. ୨୪ : ୧୪, ୧ ତିଥମ୍ ୬ : ୧୩)

(କ) ଦୋଷଭାବ ନ ହବା (ସି.ଏଫ. ୧ ତିମଥି ୬:୧୨, ଏବ୍ରୀ୧୦ : ୨୩)

(ଖ) ଦୋଷଭାବ ହେବା (ସି.ଏଫ. ମାଥି ୩:୬, ପ୍ରେରି ୧୯:୧୮, ଏବ୍ରୀ ୪:୧୪, ଯାକୁବ ୫:୧୬, ୧ ଯୋହନ ୧ : ୯)

**୯ : ୨୨ - 'ସେ ସମାଜଚ୍ୟୁତ କରାଯିବ ବୋଲି ଏକମତ ।**

ତାହାର ପିତାମାତା ସମାଜଚ୍ୟୁତ ହେବାରୁ ଭୟପ୍ରାପ୍ତ ଥିଲେ (ସି.ଏଫ. ୧୨ : ୪୨, ୧୬ : ୨)

ଏହା ଏହାକୁ ସ୍ମରଣ କରାଏ (ସି.ଏଫ. ୧୦ : ୮) । ଆମେ ଜାଣୁ ଏହା ତିନି ପ୍ରକାର (୧) ଏକ ସପ୍ତାହ ପାଇଁ (୨) ଏକ ମାସ ପାଇଁ (୩) ସାରା ଜୀବନ ପାଇଁ ।

ଯୋହନ, ପ୍ରଥମ ଶତାବ୍ଦୀର ଶେଷକୁ ଏହି ଲେଖା ଲେଖିଲାବେଳେ ସେ ସମାଜଚ୍ୟୁତ ହେବାର ଅର୍ଥ ଯାହାକି ଯୀଶୁଙ୍କୁ ସ୍ୱୀକାର କରିବାର ପରିଣାମ ଥିଲା ଜାଣିଥିଲେ । ଏହି ଐତିହାସିକ 'ଅଭିଶାପ ପ୍ରକ୍ରିୟା' ଫାରୁଶୀମାନଙ୍କ ଦ୍ୱାରା ଖ୍ରୀ.ପୂର୍ବ ଯିହୁଦୀ ଜାମିନିଆରେ ଉତ୍ପତ୍ତି ହୋଇଥିଲା ।

- 'ସେ ସମାଜଚ୍ୟୁତ ହେବା ଆବଶ୍ୟକ' - ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯାହାକି ସହଭାଗିତା ଠାରୁ ଭିନ୍ନ କରିଥାଏ (ସି.ଏଫ. ୧୨ : ୪୨, ୧୬ : ୨)

**ଏନ.ଏ.ଏସ.ବି (ଉନ୍ନତିକୃତ) ମୂଳବଚନ : ୯ : ୨୪ - ୩୪**

**୨୪ ସେଥିରେ ପୂର୍ବରେ ଅନ୍ଧ ଥିବା ଲୋକକୁ ସେମାନେ ଦ୍ୱିତୀୟ ଥର ଡାକି କହିଲେ, ଈଶ୍ୱରଙ୍କୁ ଗୌରବ ଦିଅ, ସେ ଲୋକଟା ଯେ ପାପୀ, ଏହା ଆମ୍ଭେମାନେ ଜାଣୁ । ୨୫ ସେଥିରେ ସେ ଉତ୍ତର ଦେଲା, ସେ ପାପୀ କି ନୁହେଁ, ମୁଁ ତାହା ଜାଣେ ନାହିଁ ; ମୁଁ ଗୋଟିଏ ବିଷୟ ଜାଣେ, ମୁଁ ଅନ୍ଧ ଥିଲି, ଏବେ ଦେଖି ପାରୁଅଛି । ତେଣୁ ସେମାନେ ତାକୁ କହିଲେ, ସେ ତୋତେ କଅଣ କଲା ? ସେ କି ପ୍ରକାରେ ତୋର ଆଖି ଫିଟାଇଦେଲା ? ୨୭ ସେ ସେମାନଙ୍କୁ ଉତ୍ତର ଦେଲା, ମୁଁ କହିସାରିଲିଣି ଆଉ ଆପଣମାନେ ଶୁଣିଲେ ନାହିଁ; କାହିଁକି ଆଉଥରେ ଶୁଣିବାକୁ ଇଚ୍ଛା କରୁଅଛନ୍ତି ? ଆପଣମାନେ ମଧ୍ୟ କଅଣ ତାହାଙ୍କର ଶିଷ୍ୟ ହେବାକୁ ଇଚ୍ଛା କରୁଅଛନ୍ତି ? ୨୮ ସେଥିରେ ସେମାନେ ତାଙ୍କୁ ଗାଳି ଦେଇ କହିଲେ, ତୁ ସେଇଟାର ଶିଷ୍ୟ, କିନ୍ତୁ ଆମ୍ଭେମାନେ ମୋଶାଙ୍କର ଶିଷ୍ୟ । ୨୯ ଆମ୍ଭେମାନେ ଜାଣୁ ଯେ, ଈଶ୍ୱର ମୋଶାଙ୍କୁ କହିଅଛନ୍ତି, କିନ୍ତୁ ଏ ଲୋକଟା କେଉଁଠାରୁ ଆସିଅଛି, ତାହା ଆମ୍ଭେମାନେ ଜାଣୁନାହିଁ । ୩୦ ସେହି ଲୋକଟି ସେମାନଙ୍କୁ ଉତ୍ତର ଦେଲା, ସେ ମୋହର ଆଖି ଫିଟାଇଦେଲେ, ଆଉ ସେ କେଉଁଠାରୁ ଆସିଅଛନ୍ତି, ତାହା ଆପଣମାନେ ଜାଣନ୍ତି ନାହିଁ, ଏ ତ ଆଶ୍ଚର୍ଯ୍ୟ କଥା । ୩୧ ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱରଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହାହେଲେ ସେ ତା'ର କଥା ଶୁଣନ୍ତି । ୩୨ କେହି ଯେ ଜନ୍ମାନ୍ଧର ଚକ୍ଷୁ ଫିଟାଇଦେଲା । ଏହାତ କେବେହେଲେ ଶୁଣାଯାଇ ନ ଥିଲା । ୩୩ ଈଶ୍ୱରଙ୍କଠାରୁ ଆସି ନଥିଲେ କିଛି କରିପାରନ୍ତେ ନାହିଁ । ୩୪ ସେମାନେ ତାକୁ ଉତ୍ତର ଦେଲେ ତୁଉଟା ତ ପୁରା ପାପରେ ଜନ୍ମ ହେଲୁ, ଆଉ ତୁ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛୁ ? ସେଥିରେ ସେମାନେ ତାକୁ ବାହାର କରିଦେଲେ ।**

**୯:୨୪- 'ଇଶ୍ୱରଙ୍କୁ ମହିମା ଦିଅ'** -ଏହା ଏକ ପ୍ରକ୍ରିୟା, ପ୍ରତିଜ୍ଞା ନେଇ ସତ୍ୟତା ସୁଦୃଢ଼ କରିବାର । (ସି.ଏଫ. ଯିହୋସିୟ ୭:୧୯)

**୯ : ୨୫** - ଏହା ୧୬ ପଦର ଉତ୍ତର ଅଟେ ।

ସେ ବ୍ୟକ୍ତି କୌଣସି ଯୁକ୍ତିତର୍କ କରବାକୁ ଚାହୁଁନଥିଲା । କିନ୍ତୁ ଯୀଶୁଙ୍କ ସହିତ ତାର ଦେଖାର ଫଳାଫଳକୁ ସ୍ୱୀକାର କରୁଥିଲା ।

**୯ : ୨୭** - 'ଆପଣମାନେ କଅଣ ତାହାଙ୍କର ଶିଷ୍ୟ ହେବାକୁ ଇଚ୍ଛା କରୁଛନ୍ତି ?' ଗ୍ରୀକ୍‌ରେ ଏହାର ଉତ୍ତର 'ନା' ହେବା ଦରକାର; କିନ୍ତୁ ଏହି ପ୍ରଶ୍ନ ସେହି ଭିକାରିର ଧୃତତା ଓ ଏକ ବିଶେଷ ମାନେ ରଖି ପଚାରିବାକୁ ଦେଖାଏ ।

**୯ : ୨୮ (କ) - 'ତୁମେ ତାଙ୍କର ଶିଷ୍ୟ'** - ଏହା ଏକ ପ୍ରଶ୍ନ ଯେ ସେ କ'ଣ ପାଇଁ ବିଶ୍ୱାସୀ ହେଲା । ପ୍ରଥମରେ ଦେଖାଯାଏ ଯେ ସେ ଯୀଶୁଙ୍କ ସୁସ୍ଥତାରୁ ତାଙ୍କ ଉପରେ ବିଶ୍ୱାସ କଲାନାହିଁ । ଯେ ସେ ସେହି ମସୀହା, କେବଳ ଶେଷରେ ହିଁ ଯୀଶୁ ତାହା କଲେ (ସି.ଏଫ. ୩୬ : ୩୮ ପଦ) ଏହି ଘଟଣାବଳୀ ଦେଖାଏ ଯେ ଶାରିରିକ ସୁସ୍ଥତା ଆମ ପରିତ୍ରାଣ ସାଧନ ନ କରିପାରେ ।

**୯: ୨୮ (ଖ)** - ୨୯ - ଏହା ଧର୍ମଗୁରୁମାନଙ୍କର ସମସ୍ୟାକୁ ଦେଖାଉଥିଲେ ସେମାନେ ଏହି କଥିତ ବାକ୍ୟକୁ ମୋଶାଙ୍କ ପ୍ରକାଶନ ସହିତ ତୁଳନା କଲେ । ସେମାନଙ୍କର ଚକ୍ଷୁ ଧର୍ମତତ୍ତ୍ୱରେ ଅନ୍ଧ ଥିଲା । (ସି.ଏଫ. ମାଥି ୬ : ୨୩) ସେମାନେ ମାନବିକ ରିତିନୀତିର ଶିଷ୍ୟ ଥିଲେ (ସି.ଏଫ. ଯିଶାୟ ୨୯ : ୧୩)

**୯:୨୯ - 'ଆମେ ଜାଣିନୁ ଏ ଲୋକଟା କେଉଁଠି ଆସିଛି'** - ଏହା ଯୋହନଙ୍କର ବ୍ୟଙ୍ଗ କରିବାର ଏକ ଉଦାହରଣ ଅଟେ (ସି.ଏଫ. ୭ : ୨୭ - ୨୮, ୮ : ୧୪) କିନ୍ତୁ ପିତାଙ୍କ ନିକଟରୁ ଆସିଥିଲା (ସି.ଏଫ. ୮: ୪୨, ୧୫ : ୩, ୧୬ : ୨୮) କିନ୍ତୁ ତାଙ୍କ ଅନ୍ଧତାରେ ଶିଷ୍ୟମାନେ ଜାଣିନଥିଲେ -

(୧) ଯୀଶୁଙ୍କ ଉତ୍ପନ୍ନ

(୨) ଯୀଶୁଙ୍କ ଜନ୍ମ ସ୍ଥାନ

**୯ : ୩୦ - 'ସେ ମୋର ଆଖି ଫିଟାଇଲେ,** ଆପଣମାନେ ଜାଣନ୍ତି ନାହିଁ ଯେ ସେ କେଉଁସ୍ଥାନରୁ ଆସିଲା । ଏ ତ ଆଶ୍ଚର୍ଯ୍ୟ କଥା' - ଏହା ଏକ ବ୍ୟଙ୍ଗର ଆଉ ଗୋଟିଏ ଉଦାହରଣ ଯାହାକି ଅନ୍ଧ ଭିକାରିର ଫାରୁଶୀମାନଙ୍କର ଆଧାରକୁ ନମାନିବା ଦେଖାଏ ।

୯ : ୩୧ - ୩୩ - ଏହି ଅଶିକ୍ଷିତ ଅନ୍ଧର ଅଧିକ ଉତ୍ତମ ଜ୍ଞାନ ଥିଲା । ଯାହା ଫାରୁଶୀମାନଙ୍କ ଶିକ୍ଷାରୁ ଅଧିକ ଭଲ ଥିଲା ।

୯ : ୩୩ - ଏହା ଦ୍ୱିତୀୟ ଶ୍ରେଣୀର ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହାକି ବାସ୍ତବର ଭିନ୍ନ । ଏହା ଏକପ୍ରକାର ବୁଝାଏ 'ଯଦି ସେ ଈଶ୍ୱରଙ୍କଠୁ ଆସି ନଥାନ୍ତେ, ଯାହାକି ଆସିଥିଲେ ତେବେ ଏ ପ୍ରକାର କରିପାରି ନଥାନ୍ତେ, ତାହା ସେ କଲେ ।

**୯ : ୩୪ - 'ତୁମେ ପାପରେ ଜନ୍ମ'** - ଏହା ଆଶ୍ଚର୍ଯ୍ୟ ଯେ ଯିହୁଦୀମାନଙ୍କର 'ଅସଲି ପାପ' ର କୌଣସି ଭାବ ନଥାଏ (ସି.ଏଫ ଆୟୁବ ୧୪ : ୧, ୪, ଗୀତ ୫୧ : ୫) ଆଦି ୩ ପର୍ବର ପତନ କୌଣସି ଭାବ ରଖେନାହିଁ । ଯିହୁଦୀମାନେ କହନ୍ତି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏକ ଉତ୍ତମ ଓ ମନ୍ଦ ଇଚ୍ଛା (ଏଟଜେର୍) ଥାଏ । ସେଥିପାଇଁ ଫାରୁଶୀମାନେ ସେ ବ୍ୟକ୍ତିର ସାକ୍ଷ୍ୟକୁ ଗ୍ରହଣ କରୁନଥିଲେ । କାରଣ ସେମାନେ ତାର ଜନ୍ମର ଅନ୍ଧଥିବାକୁ ତାର ପାପି ହବାର ପ୍ରମାଣ ବୋଲି ମାନୁଥିଲେ ।

■ **'ସେମାନେ ତାକୁ ବାହାର କରିଦେଲେ'** - ଏହା ଅଟେ 'ତାହାକୁ ବାହାରକୁ ତଡ଼ିଦେଲେ' ଏହା ବୁଝାଏ (୧) ତାର ସଦସ୍ୟତା ଓ ଉପସ୍ଥିତି ମନ୍ଦିରରେ (୨) ସଭାରୁ ତାର ବହିଷ୍କାର ଏଥିରେ .. ୨ ସର୍ବଉତ୍ତମ ଏନ.ଏ.ଏସ.ବି (ଉନ୍ନତିକୃତ) ମୂଳବଚନ ୯ : ୩୫ - ୪୧

ସେମାନେ ଯେ ତାକୁ ବାହାର କରିଦେଇ ଅଛନ୍ତି, ଯୀଶୁ ଏହା ଶୁଣି ତା'ର ଦେଖା ପାଇ କହିଲେ, ତୁମ୍ଭେ କଅଣ ମନୁଷ୍ୟ ପୁତ୍ରଙ୍କଠାରେ ବିଶ୍ୱାସ କରୁଅଛ ? ସେ ଉତ୍ତର ଦେଲା, ହେ ପ୍ରଭୁ, ସେ କିଏ କହନ୍ତୁ, ଯେପରି ମୁଁ ତାହାଙ୍କଠାରେ ବିଶ୍ୱାସ କରିବି । ୩୭ ଯୀଶୁ ତାକୁ କହିଲେ, ତୁମ୍ଭେ ତାହାଙ୍କୁ ଦେଖିଅଛ, ଆଉ ଯେ ତୁମ୍ଭ ସାଙ୍ଗରେ କଥା କହୁଅଛନ୍ତି, ସେ ସେହି । ୩୮ ସେଥିରେ ସେ କହିଲା, ପ୍ରଭୋ, ମୁଁ ବିଶ୍ୱାସ କରୁଅଛି, ଆଉ ସେ ତାହାଙ୍କୁ ପ୍ରଣାମ କଲା । ୩୯ ପୁଣି ଯୀଶୁ କହିଲେ, ଦେଖୁ ନଥିବା ଲୋକ ଯେପରି ଦେଖନ୍ତି ଓ ଦେଖୁଥିବା ଲୋକେ ଯେପରି ଅନ୍ଧ ହୁଅନ୍ତି, ଏହି ବିଚାର ନିମନ୍ତେ ମୁଁ ଜଗତକୁ ଆସିଅଛି । ୪୦ ଫାରୁଶୀମାନଙ୍କ ମଧ୍ୟରୁ ଯେଉଁମାନେ ତାହାଙ୍କ ସାଙ୍ଗରେ ଥିଲେ, ସେମାନେ ଏହା ଶୁଣି ତାହାଙ୍କୁ କହିଲେ, ଆମ୍ଭେମାନେ ମଧ୍ୟ କଅଣ ଅନ୍ଧ ? ୪୧ ଯୀଶୁ ସେମାନଙ୍କୁ କହିଲେ, ଯଦି ଅନ୍ଧ ହୋଇଥା'ନ୍ତ, ତାହାହେଲେ ତୁମ୍ଭମାନଙ୍କର ପାପ ନଥାଆନ୍ତା, କିନ୍ତୁ ଆମ୍ଭେମାନେ ଦେଖିଅଛୁ, ଏହା ଏବେ କହୁଅଛ, ତୁମ୍ଭମାନଙ୍କର ପାପ ରହୁଅଛି ।

**୯ : ୩୫**

**ଏନ.ଏ.ଏସ.ବି, ଏନ.ଆର.ଏସ.ଭି**

**ଟି.ଇ.ଭି, ଏନ.ଜେ.ବି 'ତୁମ୍ଭେ କଣ ମନୁଷ୍ୟ ପୁତ୍ରଙ୍କଠାରେ ବିଶ୍ୱାସ କରୁଅଛ ?'**

**ଏନ.କେ.ଜେ.ଭି 'ତୁମ୍ଭେ କଅଣ ଈଶ୍ୱରଙ୍କ ପୁତ୍ରଠାରେ ବିଶ୍ୱାସ କରୁଅଛ ?'**

ଆଦ୍ୟ ଗ୍ରୀକ୍ ପାଣ୍ଡୁଲିପିରେ 'ଏ' ଓ 'ଏଲ'ରେ 'ଇଶ୍ୱରଙ୍କ ପୁତ୍ର' କିନ୍ତୁ ପି ୬୬, ପି ୭୫, ୯ ବି.ଡ଼ି. ଓ ଡବ୍ଲୁରେ 'ମନୁଷ୍ୟପୁତ୍ର'ଅଛି । ଯୋହନଙ୍କର ପାଣ୍ଡୁଲିପିରେ 'ମନୁଷ୍ୟପୁତ୍ର' ବେଶି ଅଧିକ ବ୍ୟବହାର ହୋଇଛି । ଉବିଏସରେ 'ମନୁଷ୍ୟ' ଓ 'କ' ଗ୍ରେଡ଼ । ଏହି ପ୍ରଶ୍ନ ଏକ 'ହଁ' ଉତ୍ତର ଆଶା କରେ ।

୯ : ୩୬

ଏନ.ଏ.ଏସ.ବି, ଏନ.କେ.ଜେ.ଭି ''ପ୍ରଭୁ''

ଏନ.ଆର.ଏସ.ଭି, ଟି.ଇ.ଭି

ଏନ.ଜେ.ବି ''ମହାଶୟ''

ଏହି ଲୋକର ଧାର୍ମିକ ଉନ୍ନତି ତା ବିଶ୍ୱାସର ଉନ୍ନତି ଦେଖାଏ ଏହି ଅଧ୍ୟାୟରେ ସେ ଯୀଶୁଙ୍କୁ ବିଭିନ୍ନ ନାମରେ ଡାକୁଛି ।

୧ - ହେ ମନୁଷ୍ୟ (୧୧ ପଦ)

୨ - ଭାବବାଦି (୧୭ ପଦ)

୩ - ସମାନ୍ୟ ''ମହାଶୟ'' (୩୬ ପଦ)

୪ - 'ପ୍ରଭୁ' (୩୮ ପଦ)

ଗ୍ରୀକ୍‌ରେ ସମାନ ଶବ୍ଦ ଅଟେ ୩୬ ପଦ ଏବଂ ୩୮ ପଦରେ । କେବଳ ବାକ୍ୟ ପ୍ରସଙ୍ଗରେ ହିଁ ଏସ୍ ସମାନତାର ଦେଖାଯାଇପାରେ ।

ଦେଖନ୍ତୁ ବିଶେଷ ବିଷୟ : ଦେବତାଙ୍କ ନାମ ୬ : ୨୦ରେ । ଗ୍ରୀକ୍ କଉରିଓସ୍ ଏବ୍ରୀ ଏଡ଼ୋନ୍‌ର ପ୍ରତିକଳ୍ପ, ଯାହା ବ୍ୱାଇ.ଏଚ.ଡବ୍ଲୁ.ର ସ୍ଥାନ ନେଲା ।

**୯ : ୩୮** - ଏହା ସାରାଂଶ ଅଟେ, ଯେହେତୁ ପରିତ୍ରାଣ ଜଡ଼ିତ । ଏହା ଆଶ୍ଚର୍ଯ୍ୟ ଯେ ଅନେକ ଗ୍ରୀକ୍ ପାଣ୍ଡୁଲିପିରେ ଏହା ନଥାଏ (ପି ୭୫, ୯ ଡବ୍ଲୁ) ଓ ଡିଆଟେସାରୋନ (ତାରି ସୁସମାଚାରର ଆଦ୍ୟ ସମ୍ମିଳିତ) ଏହା ଦୁଇଟି ଭାଗ (୧) 'ସେ କହିଲେ' ଏହି ବାକ୍ୟାଂଶ କେବଳ ଏଇଠି ମିଳେ ଓ ୧ : ୨୩ (୨) 'ସେ ଉପାସନା କଲେ' ଏହା ମଧ୍ୟ ଏହିଠାରେ ମିଳେ, ଯୋହନରେ । ଏହା ଆଜିର ଆଧୁନିକ ତର୍ଜମାରେ ବ୍ୟବହାର ହେଉଛି ।

**୯ : ୩୯ - ''ବିଚାରନିମନ୍ତେ ମୁଁ ଏହି ଜଗତକୁ ଆସିଛି''** - ଏହା ୫ : ୨୨, ୨୭ରେ ଲେଖା ଯାହା ଶେଷ ସମୟର ବିଚାର ବିଷୟରେ କହେ । ତଥାପି ଏହା ୩ : ୧୭ - ୨୧, ୧୨ : ୪୭ - ୪୮ର ବିପରୀତ । ଏହ ଏ ପ୍ରକାର ବୁଝାଯାଇପାରେ ଯେ ଯୀଶୁ ଉଦ୍ଧାର ପାଇଁ ଆସିଲେ, କିନ୍ତୁ ଯେଉଁମାନେ ତାଙ୍କୁ ପରିତ୍ୟାଗ କରନ୍ତି ସେମାନେ ନିଜକୁ ବିଚାର କରାନ୍ତି ।

. 'ଯେଉଁମାନେ ନ ଦେଖନ୍ତି, ଦେଖନ୍ତି ଓ ଯେଉଁମାନେ ଦେଖନ୍ତି ଅନ୍ଧ ହେବେ'' ଏହା ଏକ ଯୀଶାୟଙ୍କ ଦୁଇଭାଗ ଭବିଷ୍ୟବାଣୀର ପରିପୂର୍ଣ୍ଣତା ଅଟେ ।

(୧) ଗ୍ରବି ଇସ୍ରାଏଲ ଇଶ୍ୱରଙ୍କ ସମ୍ବାଦ ବୁଝିବେ ନାହିଁ (ସି.ଏଫ. ଯୀଶାୟ ୬ : ୧୦, ୪୨ : ୧୮-୧୯, ୪୩ : ୮, ଜିରି ୫ : ୨୧, ଯିହି ୧୨ : ୨)

(୨) ଗରିବ, ବିତାଡ଼ିତ, ଶାରିରିକ ଅକ୍ଷମ ଅନୁତାପ ଓ ନମ୍ର ହୋଇ ବୁଝିବେ (ସି.ଏଫ. ଯୀଶ ୨୯ : ୧୮, ୩୨ : ୩-୪, ୩୫ : ୫, ୪୨ : ୭, ୧୬)

ଯୀଶୁ ଜଗତରେ ଜ୍ୟାତି ଅଟନ୍ତି ସେମାନଙ୍କ ପାଇଁ ଯେଉଁମାନେ ତାଙ୍କୁ ବାଛନ୍ତି । (ସି.ଏଫ. ୧ : ୪-୫, ୮-୯)

**୯ : ୪୦ - 'ଆମ୍ଭେମାନେ କଣ ଅନ୍ଧ'** - ଗ୍ରୀକ୍‌ରେ ଉତ୍ତର 'ନା' ହେବ (ସି.ଏଫ. ମାଥି ୧୫ : ୧୪, ୨୩-୨୪) ଏହି ଶେଷ ପଦଗୁଡ଼ିକ ଦେଖାଏ ଯେ ଅତ୍ମିକ ଅନ୍ଧତା ସୁସ୍ଥ କରାଯାଇ ପାରିବ ନାହିଁ (ଅବିଶ୍ୱାସର ନକ୍ଷମା ହେବା ପାପ, ଦେଖନ୍ତୁ ବିଶେଷ ବିଷୟ ୫ : ୨୧) ଓ ଶାରିରୀକ ଅନ୍ଧତା, ଯାହା ସୁସ୍ଥ ହେଇପାରେ ।

**୯ : ୪୧** - ଏହି ପଦ ଏକ ସାଧାରଣ ସତ୍ୟତା ଦେଖାଏ (ସି.ଏଫ. ୧୫:୨୨, ୨୪, ରୋମୀ ୩ : ୨୦, ୪ : ୧୫, ୫ : ୧୩, ୭ : ୭, ୯) ମନୁଷ୍ୟମାନେ ନିଜେଯାଇ ଯେଉଁ ଆଲୋକ ପ୍ରକାଶିତ ହେଲା ବା ସେମାନେ ଜାଣିଲେ ।

**ଆଲୋଚନା ପାଇଁ ପ୍ରଶ୍ନ :-**

ଏହା ଏକ ଅଧ୍ୟୟନ ମୂଳକ ବ୍ୟାଖ୍ୟା, ଯାହାକି ବୁଝାଇଥାଏ ଆମେ ବାଇବଲ ତର୍ଜମାର ନିଜେ ଦାୟୀ ଅଟୁ । ଯେଉଁ ଆଲୋକ ଆମ ପାଖରେ ଅଛି ସେଥିରେ ଚାଲିବା ଆବଶ୍ୟକ । ତୁମ୍ଭେ ବାଇବଲ ଏବଂ ପବିତ୍ର ଆତ୍ମା ବାଇବଲ ତର୍ଜମାରେ ଗୁରୁତ୍ୱପୂର୍ଣ୍ଣ ଅଟ । ଆମେ ତାକୁ ତର୍ଜମାକାରୀ ଉପରେ ଛାଡ଼ି ନ ଦେଉ ।

ଏହି ଆଲୋଚନା ପ୍ରଶ୍ନ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଦିଆଯାଇଛି । ଏହା ଭାବନା ଜଡ଼ିତ ହେବା ଦରକାର କିନ୍ତୁ ବର୍ଣ୍ଣନାକୃତ ନୁହେଁ । ୧ - ଏହି ଅଧ୍ୟାୟ ଶାରିରୀକ ବା ଆତ୍ମିକ ସୁସ୍ଥତାକୁ ବୁଝାଏ ? ଶାରିରୀକ ଅନ୍ଧତା ବା ଆତ୍ମିକ ଅନ୍ଧତା ।

୨ - ଏହି ବ୍ୟକ୍ତି ଜନ୍ମ ହେବା ପୂର୍ବରୁ କିପରି ପାପ କରିପାରେ ?

୩ - କେଉଁ ସ୍ଥାନରେ ଏହି ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହୋଇଛି ?

୪ - ଯୀଶୁ ଜଗତର ବିଚାର କରିବାକୁ ନା ଜଗତକୁ ଉଦ୍ଧାର କରିବାକୁ ଆସିଥିଲେ ?

୫ - 'ମନୁଷ୍ୟପୁତ୍ର'ର ପୃଷ୍ଠଭୂମି ବର୍ଣ୍ଣନା କର ।

୬ - ଅନ୍ଧ ବ୍ୟକ୍ତିର ଫାରୁଶୀମାନଙ୍କ ପ୍ରତି ପ୍ରତିକ୍ରିୟାରେ କେଉଁ ସବୁ ବ୍ୟଙ୍ଗ ରହିଅଛି ?

# ଯୋହନ - ୧୦

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| **ୟୁବିଏସ** | **ଏନ.କେ.ଜେ.ଭି** | **ଏନ.ଆର.ଏସ.ଭି** | **ଟିଇଭି** | **ଜେବି** |
| ମେଷମାନଙ୍କର ଉଦ୍ଧାରଣ | ଯୀଶୁ ଉତ୍ତମ ମେଷପାଳକ | ଯୀଶୁ ଉତ୍ତମ ମେଷପାଳକ ଯେ ଆମପାଇଁ ଜୀବନ ଦିଅନ୍ତି | ମେଷପାଳକଙ୍କର ଉଦ୍ଧାରଣ | ଉତ୍ତମ ମେଷପାଳକ |
| ୧୦:୧-୬ | ୧୦:୧-୬ | ୧୦ : ୧-୬ | ୧୦:୧-୫ | ୧୦:୧-୫ |
| ଯୀଶୁ ଉତ୍ତମ ମେଷପାଳକ | ଯୀଶୁ ଉତ୍ତମ ମେଷପାଳକ | | ଯୀଶୁ ଉତ୍ତମ ମେଷପାଳକ | |
| ୧୦:୭-୧୮ | ୧୦:୭-୨୧ | ୧୦:୭-୧୦<br>୧୦:୧୧-୧୮ | ୧୦:୭-୧୦<br>୧୦:୧୧-୧୬<br>୧୦:୧୭-୧୮ | ୧୦:୭-୧୮ |
| ୧୦:୧୯-୨୧ | | ୧୦:୧୯-୨୧<br>୧୦ : ୨୧ | ୧୦:୧୯-୨୦ | ୧୦:୧୯-୨୦ |
| ଯୀଶୁ ଯିହୁଦୀଙ୍କୁ ଆଗ୍ରାହ୍ୟ କଲେ | ମେଷପାଳକ ତାଙ୍କ ମେଷମାନଙ୍କୁ ଜାଣନ୍ତି | | ଯୀଶୁ ଆଗ୍ରାହ୍ୟ କରାଗଲେ | ଯୀଶୁ ଇଶ୍ୱରଙ୍କ ପୁତ୍ର ବୋଲି ଦାବୀ |
| ୧୦ : ୨୨-୩୦ | ୧୦ : ୨୨-୩୦ | ୧୦:୨୨-୩୦ | ୧୦:୨୨-୨୪ | ୧୦:୨୨-୩୦ |
| | ଯୀଶୁଙ୍କୁ ପଥର ମାରିବାକୁ ଚେଷ୍ଟା | | | |
| ୧୦ : ୩୧-୩୯ | ୧୦ : ୩୧-୩୯ | ୧୦ : ୩୧-୩୯ | ୧୦:୩୧-୩୨<br>୧୦ : ୩୩<br>୧୦ : ୩୪ - ୩୮<br>୧୦ : ୩୯ | ୧୦:୩୧-୩୮<br>୧୦ : ୩୯ |
| | ଯରଦନର ଆରପାରିରେ ବିଶ୍ୱାସୀ | | | ଯୀଶୁ ଜରଦନର ଆରପାରିକି ଚାଲିଗଲେ |
| ୧୦:୪୦-୪୨ | ୧୦:୪୦-୪୨ | ୧୦:୪୦-୪୨ | ୧୦:୪୦-୪୨ | ୧୦:୪୦-୪୨ |

### ପଠନ ଚକ୍ର ତିନି

(ଲେଖକଙ୍କର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଧାରିତ)

ଏହା ଏକ ଅଧ୍ୟୟନ ମୂଳକ ବ୍ୟାଖ୍ୟା, ଯାହାକି ବୁଝାଇଥାଏ ଆମେ ବାଇବଲ ତର୍ଜମାର ନିଜେ ଦାୟୀ ଅଟୁ । ଯେଉଁ ଆଲୋକ ଆମ ପାଖରେ ଅଛି ସେଥିରେ ଚାଲିବା ଆବଶ୍ୟକ । ତୁମ୍ଭେ ବାଇବଲ ଏବଂ ପବିତ୍ର ଆତ୍ମା ବାଇବଲ ତର୍ଜମାରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ତାକୁ ତର୍ଜମାକାରୀ ଉପରେ ଛାଡ଼ି ନ ଦେଉ ।

'ସତ୍ୟ ସତ୍ୟ' ଦେଖନ୍ତୁ ନୋଟ ୧ : ୪୯

ଯେ ଅନ୍ୟ କୌଣସି ସ୍ଥାନରେ ଚଢ଼ି ପ୍ରବେଶ କରେ, ସେ ଚୋର ଓ ଡକାଇତ' କିଛି ମେଷ ଅଛନ୍ତି ଯେଉଁମାନେ ମେଷପାଳକଙ୍କର ନୁହନ୍ତି (ସି.ଏଫ ୭ : ୨୧-୨୩ ଓ ଗହମ ଓ ଗୋଡ଼ି' ମାଥିଉ ୧୨ : ୨୪-୩୦) ସମସ୍ୟା ଏହି ଯେ ଇଶ୍ୱର ଖ୍ରୀଷ୍ଟଙ୍କ ଦ୍ୱାରା ଯାହା ମୁକ୍ତରେ ଦିଅନ୍ତି ତାହା କିଛି ଲୋକ ନିଜ ବ୍ୟକ୍ତିଗତ ଚେଷ୍ଟା ଦ୍ୱାରା ପାଇବାକୁ ଇଚ୍ଛୁକ । (ସି.ଏଫ ୩ : ୧୪-୧୬) ଏହାର ଏକ ଉତ୍ତମ ଉଦାହରଣ ହେଲା ଅଧ୍ୟାୟ ୯ ର ଫାରୁଷୀମାନେ ।

**୧୦ : ୨ ''କିନ୍ତୁ ଯେ ଦ୍ୱାର ଦେଇ ପ୍ରବେଶ କରେ ସେ ମେଷପାଳକ''** - ଏହି ଅଧ୍ୟାୟରେ ଏକ ବିଶେଷ ବାକ୍ୟାଂଶର ମିଳନ ରହିଅଛି । ଯୀଶୁ ଦ୍ୱାର ଅଟନ୍ତି ୭ ପଦ ଓ ମେଷପାଳକ ମଧ୍ୟ (୧୧ ପଦ ଓ ୧୪ ପଦ) ତଥାପି ଏହି ପ୍ରକାର ମିଳାପ ଯୋହନ ଓ ନୂତନ ନିୟମରେ ଅସାଧାରଣ ନୁହେଁ ।

୧ – ଯୀଶୁ ରୋଟି ଓ ରୋଟି ଦାନକାରି ଅଟନ୍ତି (ସି.ଏଫ. ପଦ ୬ – ୩୫, ୫୧)

୨ – ଯୀଶୁ ସତ୍ୟ ଓ ସତ୍ୟ କହିବାକାରି ଅଟନ୍ତି (ସି.ଏଫ. ପଦ ୮ : ୪୫ – ୪୬ ଓ ୧୪ : ୬)

୩ – ଯୀଶୁ ପଥ ଓ ସିଏ ଏକ ପଥ ଦେଖାନ୍ତି (୧୪ : ୬)

୪ – ଯୀଶୁ ନିଜେ ବଳିଦାନ ଓ ନିଜେ ବଳିଦାନକାରୀ ଅଟନ୍ତି (ସି.ଏଫ. ଏବ୍ରୀ ପୁସ୍ତକ)

'ମେଷପାଳକ' ଉକ୍ତି ଇଶ୍ୱର ଓ ମସୀହ ଉଭୟଙ୍କ ପାଇଁ ପୁରାତନ ନିୟମରେ ବ୍ୟବହାର ହେଉଥିଲା । (ସି.ଏଫ ଗୀତ ୨୩, ଗୀତ ୮୦ : ୧, ଯିହି ୩୪, ଯାଶା ୫୬ : ୯-୧୨)

ଯାଶାୟ ୪୦ : ୧୦ -୧୧, ୧ ପିତର ୫ : ୧ -୪) ଯିରିମିୟ ୨୩ରେ ଯିହୁଦୀ ନେତାମାନଙ୍କୁ 'ମିଥ୍ୟା ମେଷପାଳକ' କୁହାଯାଇଛି । 'ମେଷପାଳକ' ଓ 'ପାସ୍ଟର' ଦୁଇଟି ଜଡ଼ିତ । (ସି.ଏଫ. ଏଫି ୪ : ୧୧, ତିତସ୍ ୧ : ୫, ୭) ୧୦ : ୩ – 'ମେଷମାନେ ତାଙ୍କ ରବ ଶୁଣନ୍ତି' – ଜାଣିବା ଓ ବାଧ୍ୟତା ସ୍ପର୍ଶକ ଉପରେ ଆଧାରିତ । ଯୋହନରେ 'ଶୁଣିବା' (ସି.ଏଫ. ୪ : ୪୨, ୫ : ୨୪, ୨୫, ୨୮-୨୯, ୮ : ୪୭, ୧୦ : ୧୬, ୨୭, ୧୮ : ୩୭) ଓ 'ଦେଖିବା' (ସି.ଏଫ. ୩ : ୩, ୧୨ : ୪୦, ୨୦ : ୮) କୁ ଯୀଶୁଙ୍କ ଉପରେ ବିଶ୍ୱାସ/ଭରସା ପାଇ ବ୍ୟବହାର କରାଯାଇଛି ।

. 'ସେ ମେଷମାନଙ୍କୁ ନାମ ଧରି ଡାକନ୍ତି' – ଯୀଶୁ ବ୍ୟକ୍ତିଗତ ଓ ଜଣେ ଜଣେ କରି ଜାଣନ୍ତି (ଯେପରି ଦ୍ୱାଇ.ଏଚ.ଡବ୍ଲୁ.ଏଚ ଜାଣେ, ଦେଖନ୍ତୁ ସି.ଏଫ. ୧୦ : ୨୯ – ୩୧) ମେଷପାଳକ ମେଷମାନଙ୍କ ଡାକନାମ ରଖୁଥିଲେ ।

ସଂମ୍ପୂର୍ଣ୍ଣ ଅଧାୟକୁ ପଢ଼ନ୍ତୁ, ବିଷୟବସ୍ତୁକୁ ଚିହ୍ନଟ କରନ୍ତୁ, ପାଞ୍ଚଟି ଆଧୁନିକ ଭାଷାନ୍ତର ସହିତ ବିଷୟକୁ ତୁଳନା କରନ୍ତୁ । ପରିଛେଦ ଉଚିତ୍ ନୁହେଁ ତାହା ତର୍ଜମା କରିବାର ମୂଳବିଷୟ । ପ୍ରତ୍ୟେକ ପରିଛେଦର କେବଳ ଗୋଟିଏ ବିଷୟବସ୍ତୁ ଥାଏ ।

୧ – ପ୍ରଥମ ପରିଛେଦ ।

୨ – ଦ୍ୱିତୀୟ ପରିଛେଦ ।

୩ – ତୃତୀୟ ପରିଛେଦ ।

୪ – ଇତ୍ୟାଦି ।

**ବାକ୍ୟ ଓ ବାକ୍ୟାଂଶ ଅଧ୍ୟୟନ –**

**ଏନ.ଏ.ଏସ.ବି (ଉନ୍ନତିକୃତ) ମୂଳବଚନ : ୧୦ : ୧-୬**

**୧ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ଦ୍ୱାର ଦେଇ ମେଷଶାଳାରେ ପ୍ରବେଶ ନକରେ ମାତ୍ର ଅନ୍ୟ କୌଣସି ସ୍ଥାନରେ ଚଢ଼ି ପ୍ରବେଶ କରେ ସେ ଚୋର ଓ ଡକାଇତ । ୨ କିନ୍ତୁ ଯେ ଦ୍ୱାର ଦେଇ ପ୍ରବେଶ କରେ, ସେ ମେଷପାଳକ । ୩ ଦ୍ୱାରୀ ତାହା ନିମନ୍ତେ ଦ୍ୱାର ଫିଟାଇଦିଏ, ପୁଣି ମେଷଗୁଡ଼ିକ ତା'ର ସ୍ୱର ଶୁଣନ୍ତି, ଆଉ ସେ ନିଜର ମେଷଗୁଡ଼ିକୁ ନାମ ଧରି ଡାକି ବାହାର କରି ଘେନିଯାଏ । ୪ ସେ ନିଜର ମେଷସବୁକୁ ବାହାର କଲା ଉତ୍ତାରେ ସେମାନଙ୍କ ଆଗେ ଆଗେ ଚାଲେ ଓ ମେଷଗୁଡ଼ିକ ତାହାର ପଛେ ପଛେ ଚାଲନ୍ତି, କାରଣ ସେମାନେ ତାହାର ସ୍ୱର ଚିହ୍ନନ୍ତି । ୫ କିନ୍ତୁ ସେମାନେ ଅଚିହ୍ନା ଲୋକର ପଛେ ପଛେ କେବେ ହେଁ ଚାଲିବେ ନାହିଁ, ମାତ୍ର ତାହା ପାଖରୁ ପଳାଇ ଯିବେ, କାରଣ ସେମାନେ ଅଚିହ୍ନା ଲୋକମାନଙ୍କର ସ୍ୱର ଚିହ୍ନନ୍ତି ନାହିଁ । ୬ ଯୀଶୁ ସେମାନଙ୍କୁ ଏହି ଉପମା କହିଲେ, କିନ୍ତୁ ସେ ସେମାନଙ୍କୁ ଯାହା ଯାହା କହୁଥିଲେ, ସେହିସବୁ କଅଣ ବୋଲି ସେମାନେ ବୁଝିବେ ନାହିଁ ।**

ଏହା ଆଶ୍ଚର୍ଯ୍ୟ ଯେ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ନାମ ଧରି ଯୀହୁଦା ଦେଶରୁ ଡାକନ୍ତି । ବ୍ୟବସ୍ଥାର ଲୋକ ଈଶ୍ୱରଙ୍କ ସତ୍ୟ ଲୋକ ନଥିଲେ । ଏହା ନୂତନ ନିୟମର ଉନ୍ନତି ଅଟେ । ଜଣେ ଲୋକର ବିଶ୍ୱାସ, ଦେଶର ନୁହେଁ ତାର ଭବିଷ୍ୟତ ଚୟନ କରେ ! ବିଶ୍ୱାସ ବ୍ୟକ୍ତିଗତ, ରାଷ୍ଟ୍ରୀୟ ନୁହେଁ ।

ଯେଉଁ ଯୀହୁଦି ଲୋକେ ଯୀଶୁଙ୍କୁ ବିରେଧ କଲେ ସେମାନେ ଈଶ୍ୱରଙ୍କ ଲୋକ ନ ଥିଲେ (ସି.ଏଫ. ୨୬ ପଦ)

. 'ବାହାରକୁ ଘେନିଯାଏ' – ଏହା କେବଳ ପରିତ୍ରାଣକୁ ବୁଝାଏ ନାହିଁ ବରଂ ଦୈନିକ ଚାଳନା କୁ ବୁଝାଏ ।(ସି.ଏଫ୍. ୪ ଓ ୯ ପଦ)

**୧୦:୪** – ଏହା ସେ ରାତି କୁ ବୁଝାଏ ଯାହାକି ବିଭିନ୍ନ ମେଷମାନଙ୍କୁ ରାତ୍ରରେ ଏକାଠି ରଖିବା ବୁଝାଏ । ପ୍ରାତକାଳରେ ସେ ଡାକିଲା କ୍ଷ୍ୟଣି ମେଷମାନେ ପାଖକୁ ଆସିଯିବେ ।

**୧୦:୫ – ମଣ୍ଡଳିକୁ ସବୁବେଳେ ମିଥ୍ୟା ଭବିଷ୍ୟତବକ୍ତାଙ୍କ ସହିତ ଚଳିବାକୁ ପଡ଼େ ।** (ସି.ଏଫ. ୧ ତିମଥି ୪ : ୧ – ୩, ୨ ତିମଥି ୪ : ୩ – ୪ । ୧ ଯୋହନ ୪ : ୫ – ୬, ୨ ପିତର ୨)

**୧୦ : ୬ – 'କେଉଁ ଭାଷାର ମାଧମରେ ଯୀଶୁ କଥା କହିଲେ'** – ଏହା ସାଧାରଣ ତର୍ଜମାକାରି ଉଦାହରଣ ନୁହେଁ କିନ୍ତୁ ଏହା ସମ୍ମାନ ଭୂମି (ପାରୋମିଆନ) ରୁ ଆସିଅଛି । ଏହା ଏହି ସ୍ଥାନରେ ଏବଂ ୧୬:୨୫,୨୯ ୨ ପିତର ୨:୨୨ରେ ମିଳେ । ତାହା ଭିନ୍ନ

ଧରଣର କିନ୍ତୁ ତାହା ଅନେକ ସମ୍ମାନ ଉଦାହରଣ ଅଟେ । ଦୃଷ୍ଟାନ୍ତ ର ଅର୍ଥ ଏକ ସାଧାରଣ ବିଷୟକୁ ଅତ୍ମିକ ମୁଳଦେଇ ଉପସ୍ଥାପନା କରିବା । ତାହା ଆତ୍ମିକ ଅନ୍ଧ ଚକ୍ଷ୍ୟୁରୁ ସତ୍ୟତା ଲୁଚାଇବା ହୋଇପାରେ (ସି.ଏଫ୍. ୧୬ : ୨୯, ମାର୍କ ୪ : ୧୧ - ୧୨)

. 'କିନ୍ତୁ ସେମାନେ ବୁଝନ୍ତି ନାହିଁ - ଯଦି ୧୦ ଓ ୯ ଅଧ୍ୟାୟ ତୁଳନା କରାଯାଏ 'ସେମାନେ' ଫାରୂଶୀମାନଙ୍କୁ ବୁଝାଏ । ସେ ଦେଖୁଥିଲେ (ସି.ଏଫ. ୯ : ୪୧) କିନ୍ତୁ ଦେଖନ୍ତି ନାହିଁ (ସି.ଏଫ. ୧୦ : ୨୦) ଧର୍ମ ଏକ ବାଧ ହୋଇପାରେ, ଏକ ମାଧମ ନୁହେଁ ।

**ଏନ.ଏ.ଏସ୍.ବି (ଉନ୍ନତିକୃତ) ମୁଳବଚନ : ୧୦ : ୭ - ୧୦**

**୭ତେଣୁ ଯୀଶୁ ପୁନର୍ବାର କହିଲେ, ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ  କହୁ ମୁଁ ମେଷଗୁଡ଼ିକର ଦ୍ୱାର  । ୮ଯେତେ ଜଣ ମୋ ପୂର୍ବରେ ଆସିଅଛନ୍ତି, ସେମାନେ ସମସ୍ତେ ଚୋର ସ ଡକାଇତ, କିନ୍ତୁ ମେଷସବୁ ସେମାନଙ୍କ କଥା ଶୁଣିଲେ ନାହିଁ । ୯ ମୁଁ ଦ୍ୱାର ଯଦି କେହି ମୋଓ ଦେଇ ପ୍ରବେଶ କରେ, ତାହାହେଲେ ସେ ରକ୍ଷା ପାଇବ ଏବଂ ଭିତରକୁ ଆସି ଓ ବାହାରକୁ ଯାଇ ଚରାଇପାରିବ । ୧୦ ଚୋର କେବଳ ଚୋରି, ବଧ ଓ ବିନାଶ କିରବା ନିମନ୍ତେ ଆସେ, ସେମାନେ ଯେପରି ଜୀବ ପାଆନ୍ତି ଓ  ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି ।**

**୧୦ : ୭ - 'ମୁଁ ମେଷମାନଙ୍କର ଦ୍ୱାର'** - ଏହା ଯୋହନଙ୍କର ଅତି ପ୍ରସିଦ୍ଧ 'ମୁଁ' ବାକ୍ୟ  ଅଟେ । ଏହା ଦେଖାଏ ଯେ ଯୀଶୁ ହିଁ ଏକମାତ୍ର ସତ୍ୟ ପଥ (ସି.ଏଫ. ୮, ୧୦ ; ୧୪ : ୬) ଏହାକୁ ସୁସମାଚାରର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ କୁହାଯାଏ । ଯଦି ବାଇବଲ ଈଶ୍ୱରଙ୍କ ସ୍ୱ-ପ୍ରକାଶିତ ବାକ୍ୟ, ତେବେ କେବଳ ଏକ ମାଧମ ତାଙ୍କ ସହିତ ଠିକ ହେବା ପାଇଁ - ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ  (ସି.ଏଫ. ପ୍ରେରିତ ୪ : ୧୨, ୧ ତିମଥି ୨ : ୫) ଦେଖନ୍ତୁ ନୋଟ୍ ୮ : ୧୨ ।

**୧୦ : ୮ - 'ଯେତେ ଜଣ ମୋ ପୂର୍ବରେ ଆସିଅଛନ୍ତି, ସେମାନେ ଚୋର ଓ ଡକାଇତ'** - ୯ ଓ ୧୦ ଅଧ୍ୟାୟର ବାକ୍ୟ ପ୍ରସଙ୍ଗ ପାଇଁ ଉତ୍ସର୍ଗିକଅତ ପର୍ବ, ହାନୁଖା  (ସି.ଏଫ.  ୧୦ : ୨୨) ଏହା ମସୀହଙ୍କର ଆଗମନର ବିଷୟ ଇଂଟର-ଟେସଟାମେନଟାଲ ଯୁଗରେ ଦେଖାଯାଏ । ତଥାପି ଏହା ପୁରାତନ ନିୟମର ମିଥ୍ୟା ମେଷପାଳକଙ୍କ କଥା କୁହେ  (ସି.ଏଫ.  ଯୀଶା ୫୯ : ୯ - ୧୨; ଯୀର ୨୩, ଯୀହି ୩୪, ଯୀଖରୀୟ ୧୧)

ଏହି ଉଚ୍ଚ ଓ ଗଭିର ବାକ୍ୟ, ପୂର୍ବ ଲେଖକମାନଙ୍କ ଏହି ପ୍ରକାର ବାକ୍ୟ ପ୍ରସଙ୍ଗକୁ ପ୍ରଶାରିତ କରିବାକୁ ସାହାଯ୍ୟ କଲେ । ଏକ ପାଣ୍ଡୁଲିପି (ଏମ୍.ଏସ.ଡ଼.) 'ସମସ୍ତ' କୁ ଓ ଅନେକ ପାଣ୍ଡୁଲିପି ''ମୋ ପୂର୍ବେ'' କୁ ଛାଡ଼ି ଦେଇଥିଲେ ।

**୧୦ : ୯ - ''ଯଦି କେହି ମୋ ଦେଇ ପ୍ରବେଶ କରେ, ସେ ରକ୍ଷା ପାଇବ''** ଏହା ଏକ ତୃତିୟ ଶ୍ରେଣୀର ସତ୍‌ପୂର୍ଣ୍ଣ ବାକ୍ୟ, ଏକ ଭବିଷ୍ୟତ ବାକ୍ୟବାଦି । ଯୀଶୁ ଈଶ୍ୱରଙ୍କ ନିକଟକୁ ଏକ ମାତ୍ର ପଥ  (ସି.ଏଫ. ୧୪:୬) ''ରକ୍ଷାପ୍ରାପ୍ତ'' ଶବ୍ଦ ପୁରାତନ ନିୟମ ସହିତ ସଂଯୁକ୍ତ ଯାହା ଶାରିରିକ ମୁକ୍ତିକୁ ବୁଝାଏ (ମେଷମାନେ ସୁରକ୍ଷୀତ) କିନ୍ତୁ ଯୋହନ ଦୁଇ ମତଲବ ଶବ୍ଦ ବ୍ୟବହାର କରନ୍ତି । ଏହି ବାକ୍ୟାଂଶ ମଧ୍ୟ ଅତ୍ମୀକ ପ୍ରରିତ୍ରାଣ ବିଷୟରେ ବୁଝାଏ ।  (ସି.ଏଫ.  ୪୨ ପଦ)

**୧୦ : ୧୦ - ''ସେ ଚୋର''** - ଏହା ମିଥ୍ୟା ସେମେଷପାଳକମାନଙ୍କର ଉଦ୍ଦେଶ୍ୟ ଦେଖାଯାଏ । ଏହା ମନ୍ଦ ବ୍ୟକ୍ତିର ଉଦ୍ଦେଶ୍ୟ ମଧ୍ୟ ଦେଖାଯାଏ । ଏହି ପ୍ରକାର  ଅଜାଗ୍ରତ ମନୋଭାବ ୧୨ - ୧୩ ପଦରେ ଦେଖାଯାଏ ।

. ''ବିନାଶ'' - ଦେଖନ୍ତୁ ବିଶେଷ ବିଷୟ -

**ବିଶେଷ ଶୀର୍ଷ : ''ବିନାଶ'' (ଓପୋଲିଇମୀ) -**

ଏହା ଏକ ବିରାଟ ବିଷୟ, ଯାହା କି ବୃହତ ସଂନ୍ଦେହ ଜାତ କରେ, ଅନନ୍ତ ବିଚାର ନିମନ୍ତେ । ଆକ୍ଷ୍ୟାରିକ ଶବ୍ଦ ଆପୋ ପ୍ଲସ ଓଲିଇମୀମାନେ ପ୍ଲସ ଓଲିଇମୀମାନେ ହେଲା, ଧ୍ୱଂସ ବା ବିନାଶ ।

ଏହା ଏହି ପ୍ରକାର ଶବ୍ଦରେ ସମସ୍ୟା ଦେଖାଯାଏ । ଏହା ଲୋଉଡବ୍ଲୁ ଓ ନିଡ଼ା ଗ୍ରୀକ ଇଂରାଜୀ ଲେକ୍ସୀକୋନ, ନୂତନ ନିୟମରେ ଦେଖାଯାଏ, ଯାହା ସେମାନଙ୍କ ଡୋମେନସ, ଭଲି. ୨, ପୃ ୩୦ । ଏହା ଭିନ୍ନ ମାନେ ଦିଏ

୧. ବିନାଶ (ମାଥିଉ ୧୦ : ୨୮, ଲୁକ ୫ : ୩୭, ଯୋହନ ୧୦ : ୧୦, ୧୭ : ୧୨, ପ୍ରେରିତ ୫ : ୩)

୨. ପାଇବାରେ ବିଫଳ (ମାଥିଉ ୧୦ : ୪୨, ଭଲି. ୧ ପୃ ୫୬୬) ରୋମୀ ୯ : ୨୨, ଭଲି . ୧ ପୃ ୨୩୨)

୩. ହାରିବା (ଲୁକ ୧୫ : ୮, ଭଲି ୧, ପୃ. ୫୬୬)

୪. ସ୍ଥାନ ବିଷୟରେ ଅଜାଣତ (ଲୁକ ୧୫ : ୪, ଭଲି ୧ ପୃ. ୩୩୦)

୫. ମରିଜିବା (ମାଥି ୧୦ : ୩୯, ଭଲି ୧, ପୃ ୨୬୬)

ଗେରହାରଡ଼ା କିଟେଲ୍, ଥିଉଲୋଜିକାଲ ଡିକ୍ସନାରୀ, ନୂତନ ନିୟମ, ଭଲି, ୧.ପୃ ୩୯୪, ତାରଟିମାନେ ଦେଇଥାଏ ।

୧. ବିନାଶ ବା ମାରିବା (ମାଥି ୨ : ୧୩, ୨୭ : ୨୦, ମାର୍କ ୩ : ୬, ୯ : ୨୨ ଲୂକ୍ ୬ : ୯ ୧ କରନ୍ତି ୧ : ୧୯)

୨. ହାରବା ବା ହାରିବା ଭୋଗ କରିବା (ମାର୍କ ୯ : ୪୧, ଲୂକ ୧୫ ; ୪, ୮)

୩. ବିନଷ୍ଟ ହେବା (ମାଥି ୨୬ : ୫୨, ମାର୍କ ୪ : ୩୮, ଲୂକ ୧୧ : ୫୧, ୧୩ : ୩, ୧ କର ୧୦ : ୯ - ୧୦)

୪. ହଜିଜିବା (ମାଥି ୫ : ୨୯ - ୩୦, ମାର୍କ ୨ : ୨୨, ଲୂକ ୧୫ : ୪, ୬, ୨୪, ୩୨, ୨୧, ୧୮ ପ୍ରେରିତ ୨୭ : ୩୪)

କିଟେଲ କହନ୍ତି, ସାଧାରଣ ରେ ଆମେ କହିପାରୁ .. ୨ ଓ .. ୪ ବାକ୍ୟ ଏହି ଜଗତକୁ ସଂମ୍ପର୍କ କରେ, କିନ୍ତୁ .. ୧ ଓ .. ୩ ଆସନ୍ତା ଜଗତକୁ ବୁଝାଏ, ଯେପରି ପାଉଲ ଓ ଯୋହନ (ପୃ ୩୯୪)

ଏହିଠାରେ ବିବାଦ ରହିଛି । ଏହି ବାକ୍ୟର ଅତ୍ୟଧିକ ବ୍ୟବହାର ରହିଅଛି, ଯେ ନୂତନ ନିୟମର ଭିନ୍ନ ଭିନ୍ନ ଲେଖକ ଭିନ୍ନ ଭିନ୍ନ ମାଧମରେ ବ୍ୟବହାର କରନ୍ତି । ମୁଁ ରୋବର୍ଟ ବି. ଗୀରଲଡଷ୍ଟୋନଙ୍କର ପୁରାତନ ନିୟମର ପ୍ରତିଶବ୍ଦକୁ ଭଲପାଏ; ପୃ ୨୭୫ - ୨୭୭ ସେ ଏହି ଶବ୍ଦକୁ ସେମାନଙ୍କ ପାଇଁ ବ୍ୟବହାର କରନ୍ତି ଯେଉଁମାନେ ଆତ୍ମୀକ ଭାବରେ ମୃତ, ଅପେକ୍ଷା କରନ୍ତି ଈଶ୍ୱରଙ୍କ ଠାରୁ ଅନନ୍ତ ପୃଥକ ହେବା ଓ ସେମାନେ ଯେଉଁମାନେ ଖ୍ରୀଷ୍ଟଙ୍କୁ ଜାଣନ୍ତି ଓ ଅନନ୍ତ ଜୀବନର ଅଧିକାରୀ । ପ୍ରଥମ ଦଳ 'ବିନଷ୍ଟ' ଓ ଦ୍ୱିତୀୟ ଦଳ 'ରକ୍ଷାପ୍ରାପ୍ତ' ।

ମୁଁ ବ୍ୟକ୍ତିଗତ ଭାବରେ ଏହି ଶବ୍ଦକୁ ସ୍ମ୍ପୂର୍ଣ୍ଣ ବିନାଶ ଭାବେ ନାହିଁ (ସି.ଏଫ. ଫିଉଡଜ, ଅଗ୍ନି ଯାହା ଗ୍ରାସକାରୀ ଅଟେ)

'ଅନନ୍ତ' ଶବ୍ଦ ଅନନ୍ତ ମୃତ୍ୟୁ ଓ ଅନନ୍ତ ଜୀବନ ଉଭୟ ପାଇଁ ବ୍ୟବହାର ହୁଏ, ମାଥିଉ ୨୫ : ୪୬ । ଏକ ର ମୁଲ୍ୟ ହ୍ରାସ କରିବାମାନେ ଆର୍ଟର ହ୍ରାସ କରିବା ।

. ''ମୁଁ ଆସିଛି, ଯେପରି ସେମାନେ ଜୀବନ ପାଆନ୍ତି, ପ୍ରଚୁର ଜୀବନ'' ଏହି ଶବ୍ଦକୁ ବାହିକ ବସ୍ତୁ ପାଇଁ ବ୍ୟବହାର କରାଯାଏ, କିନ୍ତୁ ପ୍ରକୃତରେ ଏହା ଯୀଶୁଙ୍କୁ ଜାଣିବା ଓ ଆତ୍ମୀକ ଆର୍ଶୀବାଦ ଅଟେ, ଜଗତର ସ୍ମବୃଧୀ ନୁହେଁ, ଯାହା ସେ ଅଟନ୍ତି (ଏହା ସମ୍ମାନ ଅଟେ ୪ : ୧୪, ୭ : ୩୮) ଏହା ତାଙ୍କୁ ଜାଣିବା ଓ ପ୍ରକୃତ ଜୀବନକୁ ଧରି ରଖିବା ଅଟେ । ଯେପରି ଲେଖାଯାଏ ଯୀଶୁ ଈଶ୍ୱରଙ୍କ ରାଜ୍ୟକୁ ଗୁରୁତ୍ୱ ଦିଅନ୍ତି । ଯୋହନ ତାହା ଲିପିବଦ୍ଧ କରନ୍ତି ଯୀଶୁଙ୍କ, ଅନନ୍ତ ଜୀବନ । କେହିବି ଏବେ ତାହା ପାଇ ପାରେ ! ରାଜ୍ୟ ଉନ୍ମୁକ୍ତ କରାଯାଇଅଛି ।

**ଏନ୍.ଏ.ଏସ୍.ବି. (ଉନ୍ନତିକୃତ) ମୁଳବଚନ : ୧୦ : ୧୧ - ୧୮ -**

**୧୧ ମୁଁ ଉତ୍ତମ ମେଷପାଳକ; ଉତ୍ତମ ମେଷଗୁଡ଼ିକ ନିମନ୍ତେ ଆପଣା ପ୍ରାଣ ଦିଏ । ୧୨ ଯେ ମେଷପାଳକ ନୁହେଁ, ମାତ୍ର ବର୍ତ୍ତମାନ ଗ୍ରାହକ, ମେଷଗୁଡ଼ିକ ଯାହାର ନିଜର ନୁହଁନ୍ତି, ସେ ବାଘ ଆସିବା ଦେଖି ମେଷଗୁଡ଼ିକୁ ଛାଡ଼ି ପକାଏ (ଆଉ ବାଘ ସେମାନଙ୍କୁ ଧରି ଛିନ୍ନଭିନ୍ନ କରେ) ୧୩ କାରଣ ସେ ବର୍ତ୍ତନ ଗ୍ରାହକ ଓ ମେଷଗୁଡ଼ିକ ନିମନ୍ତେ ଚିନ୍ତା କରେ ନାହିଁ । ୧୪ ମୁଁ ଉତ୍ତମ ମେଷପାଳକ । ପିତା ଯେପରି ମୋତେ ଜାଣନ୍ତି ଓ ମୁଁ ପିତାଙ୍କୁ ଜାଣେ । ୧୫ ସେହିପରି ମୁଁ ମୋ'ନିଜର ମେଷଗୁଡ଼ିକୁ ଜାଣେ, ଆଉ ମୋ' ନିଜର ମେଷଗୁଡ଼ିକ ମୋତେ ଜାଣନ୍ତି, ପୁଣି ମେଷଗୁଡ଼ିକ ନିମନ୍ତେ ମୁଁ ମୋର ପ୍ରାଣ ଦିଏ । ୧୬ ଯେଉଁ ମେଷଗୁଡ଼ିକ ଏହି ମେଷଶାଳାର ନୁହଁନ୍ତି, ମୋହର ଏପରି ଅନ୍ୟ ମେଷଗୁଡ଼ିକ ଅଛନ୍ତି, ସେମାନଙ୍କୁ ମଧ ମୋତେ ଆଣିବାକୁ ହେବ, ପୁଣି ସେମାନେ ମୋହର ସ୍ୱର ଶୁଣିବେ, ସେଥିରେ ଗୋଟିଏ ପଲ ଓ ଗୋଟିଏ ପାଳକ ହେବ । ୧୭ ମୁଁ ମୋହର ପ୍ରାଣ ଦାନ କରିବାରୁ ପିତା ମୋତେ ପ୍ରେମ କରନ୍ତି । ଆଉ ମୁଁ ମୋହର ପ୍ରାଣ ପୁନର୍ବାର ଗ୍ରହଣ କରିବା ନିମନ୍ତେ ତାହା ଦାନ କରେ । ୧୮ କେହି ମୋ' ଠାରୁ ତାହା ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ । ତାହା ଦାନ କରିବାକୁ ମୋହର ଅଧିକାର ଅଛି ଓ ତାହା ପୁନର୍ବାର ଗ୍ରହଣ କରିବାକୁ ମୋହର ଅଧିକାର ଅଛି । ମୁଁ ମୋହର ପିତାଙ୍କ ଠାରୁ ଏହି ଆଜ୍ଞା ପାଇଅଛି ।**

**୧୦:୧୧,୧୪ "ମୁଁ ଉତ୍ତମ ମେଷପାଳକ"** ଏହା ମସୀହ (ଖ୍ରୀଷ୍ଟ)ଙ୍କ ପାଇଁ ପୁରାତନ ନିୟମର ଏକ ନାମ ବା ଉପାଧି (ଯିହିଜିକଲ ୩୪:୨୩ ଯିଖରିୟ ୧୧, ୧ ପିତର ୫:୪) ଏବଂ ୟାୱେ (ଯିହେବା) ଗୀତ ୨୩:୧, ୨୮:୯, ୭୮:୫୨, ୮୦:୧, ୯୫:୭, ୧୦୦:୩, ଯିଶାଇୟ ୪୦:୧୧ ଯିରିମିୟ ୨୩:୧, ୩୧:୧୦ । ଯିହିଜିକଲ ୩୪:୧୧-୧୬)

ଦୁଇଟି ଗ୍ରୀକ୍ ଶବ୍ଦ ଅଛି, ଯାହା "ଉତ୍ତମ" ବୋଲି ଅନୁବାଦିତ ହୋଇଛି (୧) ଆଗାଥୋସ୍, ଯାହା ଯୋହନ ସୁସମାଚାରରେ ସାଧାରଣତଃ ବିଷୟଗୁଡ଼ିକ ପାଇଁ ବ୍ୟବହୃତ ହୋଇଛି ଏବଂ (୨) କାଲୋସ, ଯାହା ହିବ୍ରୁ ପୁରାତନ ନିୟମ ଯାହା ଗ୍ରୀକ୍‌ରେ ଅନୁବାଦିତ (ସେପ୍ଟୁଆଜିଣ୍ଟ) ସେଥିରେ ଏହା ମନ୍ଦକୁ ବିରୋଧ କରୁଥିବା ଉତ୍ତମ ବିଷୟକୁ ବୁଝାଏ । ନୂତନ ନିୟମରେ ଏହାର ଅର୍ଥ "ସୌନ୍ଦର୍ଯ୍ୟପୂର୍ଣ୍ଣ" "ଉତ୍କୃଷ୍ଟ" "ନୈତିକ" ଓ "ଯୋଗ୍ୟ" । ଏହି ଦୁଇ ଶବ୍ଦ ଲୁକ ୮;୧୫ରେ ଏକତ୍ର ବ୍ୟବହୃତ ହୋଇଛି । ୮:୧୨ର ଟିପ୍‌ପଣୀ ଦେଖନ୍ତୁ ।

**୧୦;୧୧ "ଉତ୍ତମ ମେଷପାଳକ ମେଷଗୁଡ଼ିକ ନିମନ୍ତେ ଆପଣା ପ୍ରାଣ ଦିଏ"** ଏହା ଖ୍ରୀଷ୍ଟଙ୍କର ଅନ୍ୟମାନଙ୍କ ନିମନ୍ତେ ପ୍ରତିବଦଳର ପ୍ରାୟଶ୍ଚିତ ବଳିକୁ ବୁଝାଏ (୧୧, ୧୫, ୧୭, ୧୮ ପଦ) ସେ ପାପପୂର୍ଣ୍ଣ ମାନବ ଜାତି ସକାଶେ ସ୍ୱେଚ୍ଛାକୃତ ଭାବେ ତାହାଙ୍କ ଜୀବନ ବା

ପ୍ରାଣ ଦାନ କଲେ (ଯିଶାଇୟ ୫୨:୧୩-୫୩:୧୨, ମାର୍କ ୧୦:୪୫, ୨ କରନ୍ଥୀ ୫:୨୧) । ପ୍ରକୃତ ଜୀବନ, ପ୍ରଚୁର ଜୀବନ କେବଳ ତାହାଙ୍କ ମୃତ୍ୟୁ ମାଧ୍ୟମରେ ଆସେ ।

ବ୍ରୁଶ ଏମମେଟଜରଙ୍କ ଗ୍ରୀକ୍ ନୂତନ ନିୟମର ଉପରେ ଏକ ପ୍ରାସଙ୍ଗିକ କମେଣ୍ଟେରୀରେ ଏହି ପଦ ଉପରେ ଏକ ଆକର୍ଷଣୀୟ ବିଷୟଯି ଅଛି (୧୦:୧୫,୧୭, ୧୩:୩୭, ୩୮, ୧୫:୧୩, ୧ ଯୋହନ ୩:୧୬) ଜଣେ ବ୍ୟକ୍ତିର ପ୍ରାଣଦାନ ପ୍ରକାଶ ପରିବର୍ତ୍ତେ ଯାହା ଯୋହନ ଲିଖିତ ବିଭିନ୍ନ ସାକ୍ଷ୍ୟମାନ ଏହିପରି ପ୍ରକାଶ କରିବା ପ୍ରତିବଦଳ ପରିପ୍ରକାଶ "ଜଣକର ପ୍ରାଣଦାନ" ଯାହା ସିନୋପ୍ଟିକ୍ ସୁସମାଚାରରେ ଅଛି (ମାଥିଉ ୨୦:୨୮, ମାର୍କ ୧୦:୪୫)

**୧୦-୧୪ "ପିତା ଯେପରି ମୋତେ ଜାଣନ୍ତି ଓ ମୁଁ ପିତାଙ୍କୁ ଜାଣେ"** ଏହା ଯୋହନରେ ଏକ ପୁନଃ ପୁନ। ସଂଗଟିତ ପ୍ରସଙ୍ଗ । ଯୀଶୁ ତାହାଙ୍କ ପିତାଙ୍କ ସହିତ ଘନିଷ୍ଠ ସମ୍ପର୍କ ମଧ୍ୟରୁ କାର୍ଯ୍ୟ କରୁଛନ୍ତି ଓ କଥା କହୁଛନ୍ତି ।

ଚମତ୍କୃତ କରୁଥିବା ଦୃଷ୍ଟାନ୍ତ ୧୪-୧୫ରେ ଅଛି ଯାହା ପିତା ଓ ପୁତ୍ରଙ୍କ ମଧ୍ୟରେ ଥିବା ଘନିଷ୍ଠତାକୁ ପୁତ୍ର ଓ ତାହାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ଥିବା ଘନିଷ୍ଠତା ସହିତ ତୁଳନା କରାଯାଇଛି (୧୪:୨୩ ପଦ) ଯୋହନ "ଜାଣିବା" ଶବ୍ଦର ହିବ୍ରୁ ଅନ୍ତର୍ନିହିତ ଅର୍ଥ ପ୍ରକାଶ କରନ୍ତି ଘନିଷ୍ଠ ସହଭାଗିତା ରୂପେ, ରକ୍ତ ସମ୍ପର୍କୀୟ ସହଜାତ ଘଟଣା ନୁହେଁ । ଯୀଶୁ ପିତାଙ୍କୁ ଜାଣନ୍ତି । ଯେଉଁମାନେ ଯୀଶୁଙ୍କୁ ଜାଣନ୍ତି, ସେମାନେ ଈଶ୍ୱରଙ୍କୁ ଜାଣନ୍ତି ।

**୧୦;୧୫ "ମୁଁ ମୋ ନିଜର ମେଷଗୁଡ଼ିକୁ ଜାଣେ ଆଉ ମୋ ନିଜର ମେଷଗୁଡ଼ିକ ମୋତେ ଜାଣନ୍ତି ।** ଏହି ହିବ୍ରୁଚିନ୍ତାର ଏକ ଶବଦ "ଜାଣିବା" (ବିଶେଷ ପ୍ରସଙ୍ଗ ୧;୧୦ରେ ଦେଖନ୍ତୁ) । ଯେପରି ପୁତ୍ର ପିତାଙ୍କୁ ଜାଣନ୍ତି ଓ ପିତା ପୁତ୍ରଙ୍କୁ ଜାଣନ୍ତି, ସେହିପରି ମଧ୍ୟ ଯୀଶୁ ତାହାଙ୍କଠାରେ ବିଶ୍ୱାସ କରିଥିବା ଲୋକମାନଙ୍କୁ ଜାଣନ୍ତି ଓ ସେମାନେ ତାହାଙ୍କୁ ଜାଣନ୍ତି । ସେମାନେ "ଦେଖିଛନ୍ତି" "ଶୁଣିଛନ୍ତି" (୪ ପଦ) ଏବଂ ପ୍ରତ୍ୟୁତ୍ତର ଦେଇଅଛନ୍ତି (୧:୧୨, ୩:୧୬ ପଦ) । ଖ୍ରୀଷ୍ଟ ଧର୍ମ ଏକ ବ୍ୟକ୍ତିଗତ ସମ୍ପର୍କ ଅଟେ (୧୭;୨୦-୨୬)

**୧୦:୧୬** ଯେଉଁ ମେଷଗୁଡ଼ିକ ଏହି ମେଷଶାଳାର ନୁହଁନ୍ତି, ମୋହର ଏପରି ଅନ୍ୟ ମେଷଗୁଡ଼ିକ ଅଛନ୍ତି । ଏହା ଯିଶା ୫୬:୬-୮ର ଏକ ପରୋକ୍ଷ ଉଲ୍ଲେଖ ଅଟେ । ପୂର୍ବାପର ସମ୍ପର୍କ ଦାବୀ କଲା ପରି ଦେଖାଯାଏ ଯେ ଏହା (୧) ଶମିରୋଣୀୟମାନଙ୍କୁ ୯୪:୧-୪୨) ଓ ବିଜାତିମାନଙ୍କୁ (୪:୪୪୩-୫୪ ପଦ) ବୁଝାଏ । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସକୁ କାର୍ଯ୍ୟକାରୀ କରୁଥିବା ସମସ୍ତଙ୍କ ଏକତା ବିଷୟ କହେ । ନୂତନ ଚୁକ୍ତି ବା ପ୍ରତିଜ୍ଞାଯୁକ୍ତ ନିୟମ ଯିହୁଦୀ ଓ ବିଜାତି ସମସ୍ତଙ୍କୁ ଏକତ୍ର କରେ (ଏଫିସୀ୨:୧୧-୩-୧୩ ପଦ) ଓ ଲକ୍ଷ୍ୟ କରନ୍ତୁ (୧ କରନ୍ଥୀ ୧୨:୧୩, ଗାଲାତୀୟ ୩:୧୧) । ଆଦି ୩:୧୫ ଓ ଯୋହନ ୩;୧୬ ଏହା ସହିତ ମିଶିଯା, ।

■ ଏବଂ ସେମାନେ ଗୋଟିଏ ପଲ ଓ ସେମାନଙ୍କର ଗୋଟିଏ ପାଳକ ହେବେ । ଏହା ଈଶ୍ୱରଙ୍କ ଲକ୍ଷ୍ୟ ସ୍ଥଳ ହୋଇ ଆସିଅଛି (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬) ଏହି ଏକତାର ପରାମାର୍ଥ (ଈଶ୍ୱର ବିଷୟକ ଶିକ୍ଷା) ଏଫିସୀ ୨:୧୧-୩:୧୩ ଓ ୪:୧-୬ ରେ ଆଲୋଚିତ ହୋଇଛି ।

**୧୦:୧୭ ମୁଁ ମୋହର ପ୍ରାଣ ଦାନ କରିବାରୁ, ପିତା ମୋତେ ପ୍ରେମ କରନ୍ତି'** ଯେପରି ପୁତ୍ରଙ୍କୁ ତାହାଙ୍କ ପ୍ରାଣ ଦାନ କରିବାକୁ ବଳାତ୍କାର କରାଯାଇ ନାହିଁ, ପିତା ଆପଣା ପୁତ୍ରଙ୍କୁ ଦାନ କରିବା ପାଇଁ ବାଧ୍ୟ କରାଯାଇ ନାହିଁ । ଏହା ଏ ପ୍ରକାର ଅନୁବାଦିତ ହେବା ଉଚିତ ନୁହେଁ ଯେ ଈଶ୍ୱର, ମନୁଷ୍ୟ ଯୀଶୁଙ୍କୁ ତାହାଙ୍କ ଆଜ୍ଞାବହତା ବା ବାଧ୍ୟତା ହେତୁ ପୁରସ୍କୃତ କଲେ (ଏହି ଭ୍ରାନ୍ତ ଶିକ୍ଷା ଅନେକ ସମୟରେ ପୋଷ୍ୟପୁତ୍ର ସମ୍ବନ୍ଧୀୟ ମତ ନାମରେ ନାମିତ, ଗ୍ଲୋଷରୀ ଦେଖନ୍ତୁ)

■ **"ଆଉ ମୁଁ ମୋହର ପ୍ରାଣ ପୁନର୍ବାର ଗ୍ରହଣ କରିବା ନିମନ୍ତେ ତାହା ଦାନ କରେ"** ଏହା ପୁନରୁତ୍ଥାନକୁ ସୂଚାଏ । ସାଧାରଣ ଭାବରେ ନୂତନ ନିୟମରେ ପିତା ଯେ କି ପୁତ୍ରଙ୍କୁ ଉଠାଇଲେ (୧୮ଖ) ତାହାଙ୍କ ବଳିଦାନ ଗୃହୀତ ହେଲା ବୋଲି ପ୍ରଦର୍ଶନ କରିବାକୁ । ମାତ୍ର ଏଠାରେ ଯୀଶୁଙ୍କର ନିଜର ଶକ୍ତି ପୁନରୁତ୍ଥାନରେ ତାହାଙ୍କୁ ଉଠାଇଥିବା ଦାବି କରେ । ଏହି ଶାସ୍ତ୍ରାଂଶ ତ୍ରିବିଧ ଈଶ୍ୱରଙ୍କ ମୁକ୍ତି କାର୍ଯ୍ୟରେ ଏକତ୍ର ଗୁଣାବଳୀକୁ ନୂତନ ନିୟମ ଅଧିକାଂଶ ସମୟରେ ପ୍ରକାଶ କରିବା ନିମନ୍ତେ ଏକ ଅତ୍ୟୁତ୍ତମ ସୁଯୋଗ ରୂପେ ପ୍ରଦର୍ଶିତ କରେ ।

୧. ପିତା ଈଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ଉଠାଇଲେ (ପ୍ରେରିତ ୨;୨୪, ୩;୧୫ ୪:୧୦, ୫:୩୦, ୧୦:୪୦, ୧୩:୩୦,୩୩, ୩୪, ୩୭, ୧୭:୩୧, ରୋମୀ ୬:୪-୯, ୧୦:୯, ୧ କରନ୍ଥୀ ୬:୧୪, ୨ କରନ୍ଥୀ ୪:୧୪, ଗାଲାତୀ ୧:୧; ଏଫିସୀ ୧:୨୦, କଲସୀ ୨:୧୨, ୧ ଥେସଲ ୧:୧୦)

୨. ପୁତ୍ର ଈଶ୍ୱର ଆପଣାକୁ ମୃତ୍ୟୁରୁ ଉଠାଇଲେ (ଯୋହନ ୨:୧୯-୨୨, ୧୦:୧୭-୧୮)

୩. ପବିତ୍ର ଆତ୍ମା ଈଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ଉଠାଇଲେ (ରୋମୀ ୮:୧୧)

**୧୦:୧୮ "ମୋହର ଅଧିକାର ଅଛି ।"** ସମାନ ଶବ୍ଦ ୧:୧୨ରେ ବ୍ୟବହାର କରାଯାଇଅଛି । ଏହା "ଅଧିକାର" "ନ୍ୟାୟ ଦାବୀ" ଓ "ଶକ୍ତି ବା କ୍ଷମତା" ରୂପେ ଅନୁବାଦ କରାଯାଇପାରେ । ଏହି ପଦଟି ଦର୍ଶାଏ ଯୀଶୁଙ୍କର କ୍ଷମତା ଓ ଅଧିକାରକୁ ।

**ଏନ୍.ଏସ୍.ବି. (ଆଧୁନିକିକରଣ) ପାଠ୍ୟାଂଶ : ୧୦:୧୯-୨୧**

**୧୯ ଏହି ସମସ୍ତ କଥା ହେତୁ ଯିହୁଦୀମାନଙ୍କ ମଧ୍ୟରେ ପୁନର୍ବାର ମତଭେଦ ଘଟିଲା ୨୦ ସେମାନଙ୍କ ମଧ୍ୟରୁ ଅନେକେ କହିବାକୁ ଲାଗିଲେ, ତାହାକୁ ଭୂତ ଲାଗିଅଛି, ସେ ପାଗଳ କାହିଁକି ତାହା କଥା ଶୁଣୁଅଛ / ଅନ୍ୟମାନେ କହିଲେ, ଏହି ସବୁ କଥା ତ ଭୂତ ଲାଗିଥିବା ଲୋକର ନୁହେଁ, ଭୂତ କଅଣ ଅନ୍ଧର ଆଖି ଫିଟାଇ ପାରେ ?**

**୧୦:୧୯ ଯୀଶୁଙ୍କ ବିଷୟରେ** ୬:୫୨, ୭:୧୬, ୨୫, ୪୩, ୯:୮-୯, ୧୬, ୧୦;୧୯-୨୧, ୧୧;୩୬-୩୭ରେ ବିଭିନ୍ନ ମତାମତ ଥିବାରୁ ଏହି ପ୍ରସଙ୍ଗରେ ଯୋହନ ଲେଖିବାରେ ଲାଗି ରହିଲେ କେତେକ ଏହି ସୁସମାଚାର ଗ୍ରହଣ ଓ ଅନ୍ୟମାନେ ଅଗ୍ରାହ୍ୟ କରିବାର ରହସ୍ୟ, ପୂର୍ବରୁ ନିରୂପିତ ଓ ମାନବିକ ସ୍ୱଇଚ୍ଛା ମଧରେ ବିଜାତୀୟ ଚିନ୍ତା ଆଣିଲା ।

**୧୦:୨୦ "ତାହାଙ୍କୁ ଭୂତ ଲାଗିଅଛି, ସେ ପାଗଳ"** ଯୀଶୁଙ୍କ ବିରୁଦ୍ଧରେ ଦୁଇଟି ଦୃଷ୍ଟିକୋଣରୁ ଏକ ସାଧାରଣ ଦୋଷାରୋପ କରାଗଲା ।

୧. ୭:୨୦ ପରି ଏହି ପଦରେ ଏହା କୁହାଯାଉଥିଲା ଯେ ଯୀଶୁଙ୍କର ମାନସିକ ଭାବେ ଅସୁସ୍ଥତା ଥିଲା ।

୨. ଫାରୁଶୀମାନଙ୍କ ଦ୍ୱାରା ସମାନ ଦୋଷାରୋପ କରାଯାଉଥିଲା ଯୀଶୁଙ୍କ କ୍ଷମତାର ଉତ୍ପତ୍ତିସ୍ଥଳ ବିଷୟରେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରି (୮:୪୮, ୫୨ ପଦ)

୧୦:୨୧ ଦୁଇଟି ପ୍ରଶ୍ନ ୨୧ ପଦରେ ଅଛି ।

୧. ୨୧ ପଦର କ ଅଂଶରେ "ଓଉକ" ଯାହା ଏକ ହଁ ଉତ୍ତର ଆଶା କରେ ।

୨. ୨୧ ପଦର ଖ ଅଂଶରେ "ମି" ଯାହା ଏକ ନାଁ ଉତ୍ତର ଅପେକ୍ଷା କରେ ।ଜେମସହିୱେଟଙ୍କ ଗ୍ରୀକ୍ ନୂତନ ନିୟମ ୧୭୧ ପୃଷ୍ଠା ଦେଖ । ଏହି ପଦ ଦର୍ଶାଏ ଯେ, କୋଇନ ଗ୍ରୀକ୍‌ରେ କେତେକ କଠିନ, ବଳବତ୍ତର ନିୟମକାନୁନ୍ ଅଛି । ପୂର୍ବାପର ସମ୍ପର୍କ, ବ୍ୟାକରଣ ଆକୃତିବିହୀନ ହେଉଛି ଶେଷ ମନସ୍ଥକାରୀ ।

ଅନ୍ଧର ସୁସ୍ଥତା ହେଉଛି ଏକ ମସୀହଙ୍କ ଚିହ୍ନ (ଯାତ୍ରା ୪:୧୧, ଗୀତ ୧୪୬:୮, ଯିଶାୟ ୨୯:୧୮, ୩୫;୫, ୪୨;୭)

ଏଠାରେ ଏକବୁଝାମଣା ଅଛି ଯେଉଁଥିରେ ଇସ୍ରାଏଲର ଯିଶାୟ ୪୨:୧୯ ପରିଲକ୍ଷିତ, ଯେପରି ୯ ଅଧ୍ୟାୟରେ ଏହା ଥିଲା

ଏନ୍‌ଏଏସ୍‌ବି (ଆଧୁନିକିକରଣ ) ପାଠ୍ୟାଂଶ : ୧୦:୨୨-୩୦

**୨୨ସେତେବେଳେ ଯିରୁଶାଲମରେ ମନ୍ଦିର ପ୍ରତିଷ୍ଠା ପର୍ବ ପଡ଼ିଲା; ୨୩ ସେ ସମୟ ଶୀତକାଳ, ଆଉ ଯୀଶୁ ମନ୍ଦିରରେ ଶଲୋମନଙ୍କ ମଣ୍ଡପରେ ବୁଲୁଥିଲେ । ୨୪ ସେଥିରେ ଯିହୁଦୀମାନେ ତାହାଙ୍କୁ ଚାରିଆଡ଼େ ଘେରି ପଚାରିବାକୁ ଲାଗିଲେ ଆଉ କେତେକାଳ ଆମ୍ଭମାନଙ୍କୁ ସନ୍ଦେହରେ ରଖିବ ? ଯଦି ତୁମେ ଖ୍ରୀଷ୍ଟ, ତାହା ହେଲେ ଆମ୍ଭମାନଙ୍କୁ ସ୍ପଷ୍ଟ ରୂପେ କୁହ । ୨୫ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୁଁ ତୁମ୍ଭମାନଙ୍କୁ କହିଅଛି, କିନ୍ତୁ ତୁମ୍ଭେମାନେ ବିଶ୍ୱାସ କରୁନାହଁ, ମୋହର ପିତାଙ୍କ ନାମରେ ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେହି ସବୁ ମୋ ବିଷୟ ସାକ୍ଷ୍ୟ ଦେଉଅଛି । ୨୬ କିନ୍ତୁ ତୁମ୍ଭେମାନେ ବିଶ୍ୱାସ କରୁନାହଁ, କାରଣ ତୁମ୍ଭେମାନେ ମୋହର ପଲର ମେଷ ନୁହଁ । ୨୭ ମୋ ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି ପୁଣି ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ । ୨୮ ଆଉ ସେମାନେ କଦାପି କେବେ ହେଁ ବିନଷ୍ଟ ହେବେ ନାହିଁ, ପୁଣି କେହି ମୋ ହସ୍ତରୁ ସେମାନଙ୍କୁ ହରଣ କରିବ ନାହିଁ । ୨୯ ମୋହର ପିତା ମୋତେ ଯାହା ଦେଇଅଛନ୍ତି, ତାହା ସବୁଠାରୁ ବହୁମୂଲ୍ୟ, ଆଉ ପିତାଙ୍କ ହସ୍ତରୁ କେହି ତାହା ହରଣ କରି ପାରେ ନାହିଁ । ୩୦ ମୁଁ ଓ ପିତା ଏକ ।**

**୧୦:୨୨** ମନ୍ଦିର ପ୍ରତିଷ୍ଠା ପର୍ବ ଯୋସେଫସ (ଐତିହାସିକ) ଏହାକୁ "ଆଲୋକମାନର ଉତ୍ସବ ବା ପର୍ବ" କହିଲେ । ଆମ୍ଭମାନଙ୍କ ଦିନରେ ଏହା ହାନୁକ୍କା ରୂପେ ପରିଚିତ। ଏହା ଏକ ଆଠିନିଆ ଭୋଜି ଯାହା ଡିସେମ୍ବର ମଧ ଭାଗରେ ପ୍ରାୟ ପଡ଼େ । ଏହା ଦ୍ୱାରା ଖ୍ରୀଷ୍ଟପୂର୍ବ ୧୬୪ରେ ଯୁଡ଼ାସ ମେକାବିଅସ୍‌ର ସୈନ୍ୟ ଶ୍ରେଣୀର ବିଜୟ ପରେ, ଯିରୁଶାଲମରେ ମନ୍ଦିରର ପୁନ ଉତ୍ସର୍ଗୀକରଣ ଉତ୍ସବ ପାଳନ କରାଯାଏ । ଖ୍ରୀ.ପୂ. ୧୬୮ରେ ୪ର୍ଥ ଆଣ୍ଟିଓଖସ୍ ଏପିଫେନିସ ଯେ ଜଣେ ସେଲୁସିଡ୍ ନେତା ଥିଲେ ସେ ଯିହୁଦୀମାନଙ୍କୁ ବିଜାତୀୟ ଅଭ୍ୟାସ ମଧକୁ ବଳପୂର୍ବକ ଆଣିବାକୁ ଚେଷ୍ଟା କଲେ (ଦାନିଏଲ ୮:୯-୧୪) । ସେ ଯିରୁଶାଲମ ମନ୍ଦିରକୁ ଦେବ ମନ୍ଦିରରେ ପରିବର୍ତ୍ତିତ କଲେ ପବିତ୍ର ସ୍ଥାନରେ ଯେଅସ ବେଦିକୁ ପ୍ରତିବଦଳ କରିବା ଦ୍ୱାରା ମାଦିନ ଯାଜକଙ୍କ ବିଭିନ୍ନ ପୁତ୍ରମାନଙ୍କ ମଧରୁ ଜଣେ ଯୁଡ଼ାସ ମେକାବିଅସ ଏହି ସିରିଆର ରାଜାମାନଙ୍କୁ ପରାସ୍ତ କରି ମନ୍ଦିର ପରିଷ୍କାର ଓ ପୁନଃ ଉତ୍ସର୍ଗୀକରଣ କରିଥିଲେ (୧ ମେକାବିଆନ୍ ୪:୩୬-୫୯, ୨ ମେକା ୧:୧୮)

■ ଶଲୋମନଙ୍କ ରାଜପ୍ରସାଦ ସମ୍ମୁଖସ୍ଥ ପୋଟିକୋ ଏହା ମହିଳାମାନଙ୍କ ସମାବେଶ ପ୍ରାଙ୍ଗଣ ପୂର୍ବ ପାର୍ଶ୍ୱ ସହିତ ଏକ ଆଚ୍ଛାଦିତ ଅଞ୍ଚଳ। ଯେସେଫେସ କହିଲେ ଏହି ଖ୍ରୀ.ପୂ. ୫୮୬ର ବାବିଲୀୟ ଧ୍ୱଂସରୁ ତିଷ୍ଠି ରହିଥିଲା ।

**୧୦:୨୩ "ଏହା ଶୀତ କାଳ ଥିଲା"** ଏହା ଏକ ଚାକ୍ଷୁସ ସାକ୍ଷ୍ୟ ପ୍ରମାଣର ବ୍ୟାଖ୍ୟା ।

**୧୦:୨୪ "ଯଦି"** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଅଟେ : ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାହାଙ୍କ ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲ ଧରି ନିଆଯାଇଅଛି । ଏହାର ପୂର୍ବାପର ସ୍ଥାନରେ, ଅନେକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଏଠାରେ ଅଛି (୨୪,୩୫, ୩୭ ଓ ୩୮ ପଦ) ୨୪ ପଦରେ ଏହାର ବ୍ୟବହାର ଦର୍ଶାଏ, ଏହିବାକ୍ୟଗଠନ ଏକ ସାହିତ୍ୟିକ ଅର୍ଥରେ ବ୍ୟବହୃତ ହୋଇ ପାରିବ । ଏହି ଫାରୁଶୀମାନେ ଯୀଶୁଙ୍କୁ ମଶୀହ (ଖ୍ରୀଷ୍ଟ) ବୋଲି ପ୍ରକୃତରେ ବିଶ୍ୱାସ କରି ନ ଥିଲେ । ସେମାନେ ତାହାଙ୍କୁ ଧରିବା ଉପାୟ କରୁଥିଲେ ।

■ **"ଆମ୍ଭମାନଙ୍କୁ ସ୍ପଷ୍ଟ ରୂପେ କୁହ"** ଏହି ପଦରେ ବିଭିନ୍ନ ବିଷୟ ଆଲୋଚନା କରିବାକୁ ଅଛି । ପ୍ରଥମ, ଯୀଶୁ ଦୃଷ୍ଟାନ୍ତରେ ଉପମା ଦେବା ଭାଷାରେ ଓ ଏକାଧିକ ଅର୍ଥ ଥିବା ଦ୍ୱିଅର୍ଥ ବିଶିଷ୍ଟ ମନ୍ତବ୍ୟମାନ ଦ୍ୱାରା ଶିକ୍ଷା ଦେଉଥିଲେ । ମନ୍ଦିରରେ ଏହି ଜନତା, ତାହାଙ୍କୁ ସ୍ପଷ୍ଟ

ରୂପେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାହିଁଥିଲେ । ବିଶେଷ ପ୍ରସଙ୍ଗ ଫାରେସିଆ ୭:୪ ପଦରେ ଦେଖନ୍ତୁ ।

ଦ୍ୱିତୀୟ, ଯୀଶୁଙ୍କ ସମୟର ଯିହୁଦୀମାନେ ଅପେକ୍ଷା କରି ନ ଥିଲେ ଯେ ମଶୀହ (ଖ୍ରୀଷ୍ଟ), ଈଶ୍ୱର ଦେହବନ୍ତ (ଅବତାର) ହେବେ । ଯୀଶୁ ବିଭିନ୍ନ ସମୟରେ ଈଶ୍ୱରଙ୍କ ସହିତ ତାଙ୍କର ସମାନତା ପରୋକ୍ଷ ଭାବେ ଉଲ୍ଲେଖ କରିବା ଦେଖାଯାଏ (୮:୫୬-୫୯) । ମାତ୍ର ଏହି ପରିପ୍ରେକ୍ଷୀରେ ସେମାନେ ନିର୍ଦ୍ଦିଷ୍ଟ ଭାବେ ମଶୀହ (ଖ୍ରୀଷ୍ଟଙ୍କ ବିଷୟ ପଚାରୁଛନ୍ତି । ଯିହୁଦୀମାନେ ଅପେକ୍ଷା କରିଥିଲେ, ଏହି ଅଭିଷିକ୍ତ ବ୍ୟକ୍ତି ମୋଶାଙ୍କ ପରି କାର୍ଯ୍ୟ କରିବେ । (୨ୟ ବିବରଣୀ ୧୮:୧୫-୧୯) ଯୀଶୁ ଠିକ୍ ତାହା ହିଁ କରିଥିଲେ ୬ଷ୍ଠ ଅଧ୍ୟାୟରେ, ତାହାଙ୍କ କାର୍ଯ୍ୟଗୁଡ଼ିକ ପୁରାତନ ନିୟମର ଭବିଷ୍ୟତ୍ ବାଣୀ ମାନ ସଫଳ କଲା, ବିଶେଷତଃ ଅନ୍ଧ ଲୋକର ସୁସ୍ଥତା (୯ ଅଧ୍ୟାୟ) ସେମାନଙ୍କର ସମସ୍ତ ଅବାଶ୍ୟକୀୟ ଚିହ୍ନ ଥିଲା । ସମସ୍ୟା ଥିଲା ଯେ, ଯୀଶୁ ସେମାନଙ୍କର ପାରମ୍ପାରିକ ସୈନ୍ୟଦଳ ପ୍ରସ୍ତୁତ କରି ନ ଥିଲେ, ମଶୀହଙ୍କ ଜାତିଗତ ଅପେକ୍ଷା କରାଯାଇଥିବା ମାନ ପୂରଣ କରି ନ ଥିଲେ ।

**୧୦:୨୫ :** "ମୋହର ପିତାଙ୍କ ନାମରେ ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେହି ସବୁ ମୋ ବିଷୟରେ ସାକ୍ଷ୍ୟ ଦେଉଅଛି, ଯୀଶୁ ତାହାଙ୍କ କାର୍ଯ୍ୟକଳାପ ଗୁଡ଼ିକୁ ତାଙ୍କ ଦାବିଗୁଡ଼ିକର ସତ୍ୟତାର ପ୍ରମାଣ ବୋଲି ସାବ୍ୟସ୍ତ କଲେ (୨;୨୩, ୫:୩୬, ୧୦:୨୫, ୩୮, ୧୪:୧୧, ୧୫:୨୪)

**୧୦:୨୬ କେଡ଼େ ଆଘାତ ଜନକ ଏକ ମନ୍ତବ୍ୟ**

**୧୦:୨୭ "ପୁଣି ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ "** ଅନନତ ଜୀବନ, ଉଭୟ ପରିମାଣ ଓ ଗୁଣାତ୍ମକ ଚାରିତ୍ରିକଗୁଣ ଅଟେ । ଏହା ନୂତନ ଯୁଗର ଜୀବନ । ଏହା ବର୍ତ୍ତମାନ ଖ୍ରୀଷ୍ଟଙ୍କଠାର ବିଶ୍ୱାସ ଦ୍ୱାରା ମିଳେ । (୩:୩୬, ୧୧:୨୪-୨୬)

■ "ସେମାନେ କଦାପି କେବେ ହେଁ ବିନଷ୍ଟ ହେବେ ନାହିଁ ପୁଣି କେହି ମୋ ହସ୍ତରୁ ସେମାନଙ୍କୁ ହରଣ କରିବ ନାହିଁ ।" ଏହା ହେଉଛି ଏକ ଆଓରିଷ୍ଟ ମାଧମିକ ସମ୍ଭାବନା ପ୍ରକାଶ ସହ ଦୁଇଟି ନାସ୍ତିବାଚକ ବିଷୟ । ଏହା ନୂତନ ନିୟମରେ ଯେକୌଣସିଠାରେ ବିଶ୍ୱାସୀର ନିରାପତ୍ତା ଉପରେ ଥିବା ଶାସ୍ତ୍ରାଂଶଗୁଡ଼ିକ ମଧ୍ୟରୁ ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରାଂଶ । (୬:୩୯ ପଦ) । ଏହା ସ୍ୱଷ୍ଟ ଦୃଶ୍ୟମାନ ଯେ ଗୋଟିଏ ମାତ୍ର ବ୍ୟକ୍ତି ଯେ ଆମକୁ ଈଶ୍ୱରଙ୍କ ପ୍ରେମରୁ ବିଛିନ୍ନ କରିପାରେ ସେ ହେଉଛି, ଆମ୍ଭେମାନେ ନିଜେ ବା (ସ୍ୱୟଂ ମୁଁ) (ରୋମୀ ୮:୩୮-୩୯, ଗାଲାତୀୟ ୫:୨-୪) ନିଶ୍ଚୟତା (୧ ଯୋହ ୫:୧୩ରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ) ବାରମ୍ବାର ଉଦ୍ୟମ ସହିତ ଭାରସାମ୍ୟ ରକ୍ଷା କରିବା ଉଚିତ । (୮:୩୧ ପଦରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ) ନିଶ୍ଚୟତା, ତ୍ରିବିଧ ଈଶ୍ୱରଙ୍କ ଗୁଣ ଓ କାର୍ଯ୍ୟକାଳପମାନ ଉପରେ ନିର୍ଭର କରିବା ଉଚିତ ।

ଯୋହନଙ୍କ ସୁସମାଚାର, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ରଖିଥିବା ବ୍ୟକ୍ତିମାନଙ୍କର ନିଶ୍ଚୟତା ସାବ୍ୟସ୍ତ କରୁଛି । ଏହା ପ୍ରଥମଅନୁତାପ (ମନ ପରିବର୍ତ୍ତନ) ଓ ବିଶ୍ୱାସର ଦ୍ୱାରା ଆରମ୍ଭ ହୁଏ ଓ ଜୀବନଶୈଳୀ ବିଶ୍ୱାସରେ ଫଳ ଉତ୍ପନ୍ନ କରେ । ଏହି ପାରମାର୍ଥିକ ସମସ୍ୟା ଆସେ, ଯେତେବେଳେ ଏହି ବ୍ୟକ୍ତିଗତ ସମ୍ପର୍କ ଆମେ ଧାରଣ କରିଥିବା ଏକ ଉତ୍ପନ୍ନ ବିଶ୍ୱାସ (ଥରେ ପରିତ୍ରାଣ ପ୍ରାପ୍ତ, ଅତଏବ ସର୍ବଦା ପରିତ୍ରାଣ ପ୍ରାପ୍ତ) ମଧ୍ୟକୁ ଆସି ଦୂଷିତ (ଅପବ୍ୟବହୃତ) ହୋଇଯାଏ । ଏକ ପ୍ରକୃତ ପରିତ୍ରାଣର ଚିହ୍ନ ହେଉଛି ବିଶ୍ୱାସରେ ଲାଗି ରହିବା (ଏବ୍ରୀ ଯାକୁବ ଓ ୧ ଯୋହନରେ ଦେଖିପାରିବା)

**୧୦:୨୯**

**ଏମ୍.,ଏସ୍.ବି. ଏନ୍‌କେଜେଭି "ମୋହର ପିତା, ଯେ କି ସେମାନଙ୍କୁ ମୋତେ ଦେଇଅଛନ୍ତି ସେ ସମସ୍ତଙ୍କଠାରୁ ମହାନ"**

**ଏନ୍‌ଆରଏସ୍‌ଭି "ମୋହର ପିତା ମୋତେ ଯାହା ଦେଇଅଛନ୍ତି ତାହା ସବୁଠାରୁ ମହାନ**

**ଟିଇଭି "ମୋହର ପିତା ମୋତେ ଯାହା ଦେଇଅଛନ୍ତି, ପ୍ରତ୍ୟେକଙ୍କଠାରୁମହାନ୍**

**ଏନ୍‌ଜେଭି "ମୋହର ପିତା ମୋତେ ଯାହା ସକାଶେ ଦେଇଅଛନ୍ତି, ସେ ଯେକୌଣସି ବ୍ୟକ୍ତିଠାରୁ ମହାନ୍ ।**

ପ୍ରଶ୍ନ ହେଉଛି ଏହି ବାକ୍ୟର କର୍ମ କ'ଣ "ଅନ୍ୟଠାରୁ ମହାନ୍"(୧) ଯେଉଁ ଲୋକମାନଙ୍କୁ ଈଶ୍ୱର ଯୀଶୁଙ୍କୁ ଦେଇଅଛନ୍ତି (ଏନଆରଏସଭି, ଟିଭଇଭି) ବା (୨) ଈଶ୍ୱର ନିଜେ (ସ୍ୱୟଂ) ଏନ୍‌ଏଏସ୍‌ବି, ଏନ୍‌କେଜେଭି) । ଏହି ପଦର ଦ୍ୱିତୀୟାଂଶ ବୁଝାଏ, କେହି ଯୀଶୁଙ୍କ ଅନୁଗାମୀ ମାନଙ୍କୁ ତାହାଙ୍କଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରିପାରେ । ପାରମାର୍ଥିକ ଭାବେ ଦ୍ୱିତୀୟାଂଶ ସର୍ବୋତ୍ତମ ଦେଖାଯାଏ । ୬;୩୭ରେ ନିଶ୍ଚୟତା ଉପରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ)

ଏହା ବିଶ୍ୱାସୀମାନଙ୍କର ନିଶ୍ଚୟତା ଉପରେ ଏକ ଚମତ୍କାର ଶାସ୍ତ୍ରାଂଶ, ପିତାଙ୍କ ପରାକ୍ରମ ବା ଶକ୍ତି ଉପରେ ପର୍ଯ୍ୟବେସିତ । ଅନ୍ୟ ବାଇବଲ ସମ୍ବନ୍ଧୀୟ ସତ୍ୟଗୁଡ଼ିକ ପରି ବିଶ୍ୱାସୀର ନିରାପତ୍ତା ଏକ ଚିନ୍ତାଶୀଳ ପ୍ରତିଜ୍ଞାବଦ୍ଧ ପଦ୍ଧତିରେ ଉପସ୍ଥାପିତ କରାଯାଇଛି । ବିଶ୍ୱାସୀର ପରିତ୍ରାଣ ସମ୍ବନ୍ଧୀୟ ଆଶା ଓ ନିଶ୍ଚୟତା, ତ୍ରିବିଧ ଈଶ୍ୱରଙ୍କ ଚରିତ୍ର, ତାହାଙ୍କ ଦୟା ଓ ଅନୁଗ୍ରହ ଠାରେ ନିହିତ । ଯାହା ବି ହେଉ, ବିଶ୍ୱାସୀ, ତାହାର ବିଶ୍ୱାସରେ ଲାଗି ରହିବା ଉଚିତ । ପରିତ୍ରାଣ, ଅନୁତାପ ଓ ବିଶ୍ୱାସର ଆତ୍ମାଙ୍କ ଚାଳିତ ସିଦ୍ଧାନ୍ତ ସହିତ ଆରମ୍ଭ ହୁଏ । ଏହା ମଧ୍ୟ ଅନୁତାପ,ବିଶ୍ୱାସ, ବାଧ୍ୟତା ଓ ଅନବରତ ଚେଷ୍ଟାରେ ଲାଗି ରହିବା ଫଳ ଲାଭ କରିବା ଉଚିତ । ପରିତ୍ରାର ଏକ ଉତ୍ପନ୍ନ ଦ୍ରବ୍ୟ ନୁହେଁ (ଜୀବନ-ବୀମା, ସ୍ୱର୍ଗକୁ ଟିକଟ ନୁହେଁ) । ମାତ୍ର ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ସହିତ ଏକ ବୃଦ୍ଧି ପାଉଥିବା ବ୍ୟକ୍ତିଗତ ସମ୍ପର୍କ ।

ଈଶ୍ୱରଙ୍କ ସହିତ ଏକ ଯଥାର୍ଥ ସମ୍ପର୍କର ଶେଷ ଚିହ୍ନ ହେଉଛି, ଏକ ପରିବର୍ତ୍ତିତ ଓ ଜୀବନ ପରିବର୍ତ୍ତନକାରୀ ବିଶ୍ୱାସ ଓ ସେବା (ମାଥିଉ ୭) । ସାଂସାରିକ ମନା ଖ୍ରୀଷ୍ଟିୟାନ ମାନଙ୍କ ପାଇଁ ଏପରି କମ୍ ବାଇବଲ ସମ୍ବନ୍ଧୀୟ ଚିହ୍ନ ବା ସୂଚନା ରହିଅଛି (କରନ୍ଥୀ ୨-୩) । ଖ୍ରୀଷ୍ଟ-

ସାଦୃଶ୍ୟତା ବର୍ତ୍ତମାନ ହେଉଛି ଆଦର୍ଶ, କେବଳ ସ୍ୱର୍ଗ ନୁହେଁ ଯେତେବେଳେ ଆମେ ମୃତ୍ୟୁଭୋଗ କରୁ, ଯେଉଁମାନେ ପାପ ସହିତ ବୃଦ୍ଧି ପାଉଛନ୍ତି, ସେବା କରୁଛନ୍ତି, ଏପରିକି ସଂଘର୍ଷ କରୁଛନ୍ତି, ସେମାନଙ୍କ ପାଇଁ ବାଇବଲ ଅନୁମୋଦିତ ନିରାପତ୍ତା ଓ ନିଶ୍ଚୟତାର ଅଭାବ ନାହିଁ । ମାତ୍ର ଫଳହୀନ ଓ ମୂଳହୀନ । ପରିତ୍ରାଣ କେବଳ ଅନୁଗ୍ରହ ଦ୍ୱାରା, କେବଳ ବିଶ୍ୱାସ ମାଧ୍ୟମରେ ଲାଭ ହୁଏ ମାତ୍ର ପ୍ରକୃତ ପରିତ୍ରାଣ "ଉତ୍ତମ କାର୍ଯ୍ୟ"ରେ ଫଳ ଉତ୍ପନ୍ନ କରିବ (ଏଫିସୀ ୨:୧୦, ଯାକୁବ ୨:୧୪-୨୬)

**୧୦:୩୦-୩୩ "ମୁଁ ଓ ପିତା ଏକ...** ଯିହୁଦୀମାନେ ଫୋପାଡ଼ିବା ପାଇଁ ତାହାଙ୍କ ନିମନ୍ତେ ଆଉ ଥରେ ପଥର ଆଣିଲେ" ଯୀଶୁଙ୍କର ମଶୀହତ୍ୱ ଓ ଈଶ୍ୱରତ୍ୱ ବିଷୟକ ବଳିଷ୍ଠ ମନ୍ତବ୍ୟ ଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ମାତ୍ର ଅଟେ (୧;୧-୧୪, ୮:୫୮, ୧୪:୮-୧୦) ବିଶେଷତଃ ୧୭:୨୧-୨୬ ଯାହା "ଗୋଟିଏ" ଶବ୍ଦ ମଧ୍ୟ ବ୍ୟବହାର କରେ । ଯିହୁଦୀମାନେ ସମ୍ପୂର୍ଣ୍ଣ ଭାବେ ବୁଝି ପାରିଲେ , ସେ କ'ଣ କହୁଥିଲେ ଓ ଏହା ଈଶ୍ୱର ନିନ୍ଦା ରୂପେ ଗଣନା କଲେ (୩୩ ପଦ ଓ ୮:୫୯) ସେମାନେ ଲେବୀୟ ୨୪:୬ ଉପରେ ନିର୍ଭର କରି ତାହାଙ୍କୁ ପଥର ଫୋପାଡ଼ିବାକୁ ଯାଉଥିଲେ ।

ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଉପରେ ଆଦ୍ୟ ବିବାଦରେ (ଯଥା : ଆରିଅସ - ପ୍ରଥମ ଜାତ; ଆଥେନେସିଅସ୍ - ସମ୍ପୂର୍ଣ୍ଣ ଈଶ୍ୱର) ୩୦ ପଦ ଏବଂ ୧୪:୯ ଆଥେନେସିଅସ ମତାବଲମ୍ବୀମାନଙ୍କ ଦ୍ୱାରା ଅନେକ ସମୟରେ ବ୍ୟବହୃତ ହେଉଥିଲା (ବାଇବଲର କେମ୍ବ୍ରିଜହିଷ୍ଟୋରି (ଇତିହାସ) ୧ ଭାଗ ୧୪୪ ପୃଷ୍ଠା ଦେଖନ୍ତୁ) ଅରିଅନ୍ ମତବାଦ ପାଇଁ ଗ୍ଲୋସାରୀ ।

**ଏନ୍.ଏ.ଏସ୍.ବି. (ଆଧୁନିକିକରଣ) ପାଠ୍ୟାଂଶ : ୧୦:୩୧-୩୯**

**୩୧ ଯିହୁଦୀମାନେ ତାହାଙ୍କୁ ଫୋପାଡ଼ିବା ନିମନ୍ତେ ଆଉ ଥରେ ପଥର ଆଣିଲେ ୩୨ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମୁଁ ପିତାଙ୍କଠାରୁ ଅନେକ ଉତ୍ତମକର୍ମ ତୁମ୍ଭମାନଙ୍କୁ ଦେଖାଇଅଛି, ସେହିସବୁ କର୍ମ ମଧ୍ୟରୁ କେଉଁ କର୍ମ ନିମନ୍ତେ ମୋତେ ପଥର ଫୋପାଡୁଅଛ ? ୩୩ ଯିହୁଦୀମାନେ ତାହାଙ୍କୁ ଉତ୍ତର ଦେଲେ, ଉତ୍ତମ କର୍ମ ନିମନ୍ତେ ଆମ୍ଭେମାନେ ତୋତେ ପଥର ଫୋପାଡୁ ନାହୁଁ, କିନ୍ତୁ ଈଶ୍ୱର ନିନ୍ଦା ନିମନ୍ତେ, ପୁଣି ତୁ ମନୁଷ୍ୟ ହୋଇ ଆପଣାକୁ ଈଶ୍ୱର ବୋଲାଉଥିବାରୁ । ୩୪ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭମାନଙ୍କ ବ୍ୟବସ୍ଥାରେ ଏହା କଅଣ ଲେଖାନାହିଁ, ଆମ୍ଭେ କହିଲୁ, ତୁମ୍ଭେମାନେ ଈଶ୍ୱରଗଣ । ୩୫ଯେଉଁମାନଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ ଉପସ୍ଥିତ ହେଲା ସେମାନଙ୍କୁ ଯଦି ସେ ଈଶ୍ୱରଗଣ ବୋଲି କହିଲେ (ଆଉ ଧର୍ମଶାସ୍ତ୍ର ଖଣ୍ଡନ କରାଯାଇ ପାରେ ନାହିଁ) ୩୬ ତାହାହେଲେ ଯାହାଙ୍କୁ ଈଶ୍ୱର, ପବିତ୍ର କରି ଜଗତକୁ ପ୍ରେରଣ କଲେ ତାହାଙ୍କୁ କଅଣ ତୁମ୍ଭେମାନେ, ମୁଁ ଈଶ୍ୱରଙ୍କ ପୁତ୍ର, ଏହା ମୁଁ କହିବାରୁ ତୁ ଈଶ୍ୱର ନିନ୍ଦା କରୁଅଛୁ ବୋଲି କହୁଅଛ ? ୩୭ଯଦି ମୁଁ ମୋହର ପିତାଙ୍କ କର୍ମ ସବୁ କରେ ନାହିଁ, ତାହା ହେଲେ ମୋତେ ବିଶ୍ୱାସ କର ନାହିଁ କିନ୍ତୁ ୩୮ଯଦି ମୁଁ କରେ ତାହା ହେଲେ ଯଦ୍ୟପି ତୁମ୍ଭେମାନେ ମୋତେ ବିଶ୍ୱାସ ନ କର, ତଥାପି ପିତା ଯେ ମୋଠାରେ ଅଛନ୍ତି ଓ ମୁଁ ପିତାଙ୍କଠାରେ ଅଛି ଏହା ଯେପରି ତୁମ୍ଭେମାନେ ଜାଣ ଓ ବୁଝ, ଏଥି ନିମନ୍ତେ କର୍ମସବୁବିଶ୍ୱାସ କର । ୩୯ ସେଥିରେ ସେମାନେ ତାହାଙ୍କୁ ଧରିବା ପାଇଁ ପୁନର୍ବାର ଚେଷ୍ଟା କରିବାକୁ ଲାଗିଲେ । କିନ୍ତୁ ସେ ସେମାନଙ୍କ ହସ୍ତରେ ନ ପଡ଼ି ବାହାରିଗଲେ ।**

**୧୦:୩୧** ଏହି ପଦ ୩୦ ପଦରେ ଥିବା ଯୀଶୁଙ୍କ ମନ୍ତବ୍ୟ ସହିତ ସମ୍ପୃକ୍ତ । ଯୀଶୁ ସେମାନଙ୍କ ଦୋଷାରୋପଗୁଡ଼ିକର ଏକ ବଡ଼ ଅସାଧାରଣ ଗୁରୁମାନଙ୍କ ଯୁକ୍ତି ଦ୍ୱାରା ଉତ୍ତର ଦିଅନ୍ତି । ଏହ ମୂଳତଃ ଏଲୋହିମ୍ ଶବ୍ଦ ଉପରେ ଗତି କରେ । ଯାହାକି ଈଶ୍ୱରଙ୍କ ପାଇଁ ଏକ ପୁରାତନ ନିୟମର ଶବ୍ଦ (ଆଦି ୧), ମାତ୍ର ଏହାର ଆକୃତି ବହୁବଚନ ଏବଂ ଅନେକ ସମୟରେ ଉଭୟ ଦୂତଗଣ ଓ ମାନବ ନେତାମାନଙ୍କ (ବିଚାର କର୍ତ୍ତାଗଣ) ପାଇଁ ବ୍ୟବହୃତ ହେଉଥିଲା । ବିଶେଷ ପ୍ରସଙ୍ଗ ଦେଖନ୍ତୁ ୬:୨୦ରେ ଈଶ୍ୱରଙ୍କ ନିମନ୍ତେ ନାମସବୁ

**୧୦:୩୨** ଉତ୍ତମ (କାଲୋସ୍) ମେଷପାଳକ ଉତ୍ତମ (କାଲୋସ୍) କାର୍ଯ୍ୟ ପିତାଙ୍କଠାରୁ କରେ

**୧୦:୩୩ "ଈଶ୍ୱର ନିନ୍ଦା ନିମନ୍ତେ"** ଯୀଶୁ ଜାଣିଥିଲେ ଯେ ସେମାନେ ଠିକ୍ ରୂପେ ତାହାଙ୍କ ଦାବୀ, ପିତାଙ୍କ ସହିତ ସମାନ ହେବା ବିଷୟ ବୁଝିଥିଲେ

**୧୦:୩୪ "ତୁମ୍ଭମାନଙ୍କ ବ୍ୟବସ୍ଥାରେ"** ଯୀଶୁ ଗୀତସଂହିତାରୁ ଉଦ୍ଧୃତ କରନ୍ତି ମାତ୍ର ଏହା "ବ୍ୟବସ୍ଥା" ବୋଲି କହନ୍ତି (ତୋରା, ଶିକ୍ଷାଦାନକୁ ବୁଝାଏ" ୧୨:୩୪, ୧୫;୨୫, ରୋମୀ ୩:୯-୧୯) ବ୍ୟବସ୍ତା ଶବ୍ଦ ସାଧାରଣତଃ ମୋଶାଙ୍କ ଲେଖାଗୁଡ଼ିକୁ ବୁଝାଏ (ତୋରା) ଆଦିପୁସ୍ତକ - ଦ୍ୱିତୀୟ ବିବରଣୀ । ଏହା ଦର୍ଶାଏ ଯେ ଏହି ଶବ୍ଦ ସମ୍ପୂର୍ଣ୍ଣ ପୁରାତନ ନିୟମରେ ବ୍ୟବହୃତ ହୋଇଛି ବିସ୍ତାରିତ ଭାବରେ)

. "ତୁମ୍ଭେମାନେ ଈଶ୍ୱରଗଣ" ଯୀଶୁ ଗୀତ ୮୨:୬ରୁ ଏକ ଉଦ୍ଧୃତାଂଶ ବ୍ୟବହାର କଲେ । ଏହା "ଏଲୋହିମ" ଶବ୍ଦ ବ୍ୟବହାରକଲା ମାନବ ବିଚାର କର୍ତ୍ତାଗଣଙ୍କୁ ବୁଝାଇବା ଦ୍ୱାରା (୬:୨୦ରେ ବିଶେଷ ପ୍ରସଙ୍ଗରେ ଏଲୋହିମ ଦେଖନ୍ତୁ) । ଏହି ବିଚାରକର୍ତ୍ତାଗଣ (ଯଦ୍ୟପି ଦୁଷ୍ଟ) "ଉଚ୍ଚସ୍ଥ ପରମେଶ୍ୱରଙ୍କ ପୁତ୍ରଗଣ" ନାମରେ ନାମିତ । ଏହି ଯିହୁଦୀମାନେ ଯୀଶୁଙ୍କୁ ଆକ୍ରମଣ କରୁଛନ୍ତି କାରଣ ଯଦ୍ୟପି ସେ ଜଣେ ମନୁଷ୍ୟ ଥିଲେ ସେ ଈଶ୍ୱରବୋଲି ଦାବୀ କଲେ (୧) ଈଶ୍ୱରଙ୍କପୁତ୍ର (୨) ଈଶ୍ୱରଙ୍କ ସହିତ ଏକ ବା ସମାନ । ତଥାପି ଅନ୍ୟ ଲୋକମାନେ (ଯାତ୍ରା ୪:୧୬, ୭:୧, ୨୨:୮,୯, ଗୀତ ୮୨:୬, ୧୩୮:୧) ଈଶ୍ୱର ବା ଦେବତାଗଣ ରୂପେ ନାମିତ ହୋଇଥିଲେ ।

ଯୀଶୁଙ୍କ ଗୁରୁ ପରି (ଅଧିକାରପ୍ରାପ୍ତ ପରି ) ଯୁକ୍ତି ଏହି ରେଖା ଅନୁସରଣ କରିବା ପରି ଦେଖାଯାଏ ; ଶାସ୍ତ୍ରମାନ ସତ୍ୟ, ମନୁଷ୍ୟମାନଙ୍କୁ ଏଲୋହିମ ନାମ ଦିଆଗଲା, ତେବେ ମୁଁ ଈଶ୍ୱରଙ୍କ ପୁତ୍ର ବୋଲି ଦାବୀ କରିବାରୁ ମୋତେ ତୁମ୍ଭେମାନେ କାହିଁକି ଜଣେ ଈଶ୍ୱର ନିନ୍ଦାକାରୀକହୁଛ ? ଏଲୋହିମ ଶବ୍ଦ ହିବ୍ରୁ ଭାଷାରେ ବହୁବଚନ ମାତ୍ର ଏକବନ ବୋଲି ଅନୁବାଦିତ ଏବଂ ଏକ ଏକବଚନ କ୍ରିୟାପଦ ବ୍ୟବହାର କର।ଯାଇଛି ପୁରାତନ ନିୟମର ଈଶ୍ୱରଙ୍କ ବିଷୟ କହିବା ବେଳେ । ବିଶେଷ ପ୍ରସଙ୍ଗ ଦେଖନ୍ତୁ : ୬;୨୦ରେ ଈଶ୍ୱରଙ୍କ ପାଇଁ ନାମଗୁଡ଼ିକ୍ । ଏହା ଯୋହନଙ୍କର ଏକ ସ୍ୱତନ୍ତ୍ର ଶବ୍ଦ ଖେଳ ହୋଇପାରେ : (୧) ଗୋଟିଏ ଶବ୍ଦ ଦୁଇଟିର ଅର୍ନ୍ତନିହିତ ଅର୍ଥ ଅଛି ଏବଂ (୨) ଏକ ଗ୍ରୀକ୍ ପ୍ରଶ୍ନ ଯାହା ଏକ "ହଁ" ଉତ୍ତର ଅପେକ୍ଷା କରେ ।

**୧୦:୩୫ "ଧର୍ମଶାସ୍ତ୍ର ଖଣ୍ଡନ କରାଯାଇ ନ ପାରେ"** ଯୋହନ ଅନେକ ସମୟରେ ଯୀଶୁଙ୍କ ସଂଳାପମାନ ଉପରେ ମନ୍ତବ୍ୟମାନ ଦିଅନ୍ତି । ଏହା ଯୀଶୁଙ୍କର କିଅବା ଯୋହନଙ୍କ ଏକ ମନ୍ତବ୍ୟ ତାହା ଜାଣିବା ଅନିଶ୍ଚିତ । ଯାହା ବି ହେଉ ଉଭୟ ଯେହେତୁ ସମାନ ଭାବେ ପ୍ରେରଣା ପ୍ରାପ୍ତ ଏଥିରେ କିଛି ଯାଏ ଆସେ ନାହିଁ । ଉଦ୍ଧୃତାଂଶର ଚାପ ଶାସ୍ତ୍ରର ବିଶ୍ୱାସଯୋଗ୍ୟ ପ୍ରମାଣ ଅଟେ । ଯୀଶୁ ଓ ପ୍ରେରିତଗଣ ପୁରାତନ ନିୟମ ଦର୍ଶନ କଲେ ଓ ସେମାନଙ୍କର ଏହାକୁ ଅନୁବାଦଗୁଡ଼ିକ ହେଉଛି ଈଶ୍ୱରଙ୍କ ମୁଖ ନିସୃତ ବାକ୍ୟ ଅଟେ । (ମାଥିଉ ୫:୧୭-୧୯, ୧ କରନ୍ଥୀ ୨:୯-୧୩, ୧ ଥେସଲ ୨:୧୩, ୨ ତୀମଥି ୩:୧୬, ୧ ପିତର ୧:୨୩-୨୫, ୨ ପିତର ୧;୨୦-୨୧, ୩:୧୫-୧୬)

ବିଶପ ଏଚ୍.ସି.ଜି. ମେଉଲ ତାଙ୍କର ବିଶପ ମୋଇଲଙ୍କ ଜୀବନୀରେ କହନ୍ତି, ୧୩୮ ପୃଷ୍ଠାରେ, ସେ (ଖ୍ରୀଷ୍ଟ) ସମ୍ପୂର୍ଣ୍ଣ ରୂପେ ବାଇବଲକୁ ବିଶ୍ୱାସ କଲେ ଏବଂ ଯଦ୍ୟପି ଏଥିରେ ଥିବା କେତେକ ବିଷୟ ଅବର୍ଣ୍ଣନୀୟ ବା ବ୍ୟାଖ୍ୟା କରା ଯାଇ  ନ ପାରେ ଓ ଜଟିଳ, ଯାହା ମୋତେ ବଡ଼ ଧନ୍ଦାଯୁକ୍ତ କରିଦେଲା, ମାତ୍ର ତାହାଙ୍କ ହେତୁ ମୁଁ ଗମନ କରୁଅଛି ଏକ ଅନ୍ଧବିଶ୍ୱାସରେ ନୁହେଁ ମାତ୍ର ଭକ୍ତିର ସହିତ ଏହି ପୁସ୍ତକକୁ ବିଶ୍ୱାସ କରି ।

**୧୦:୩୬** ଏହି ପଦରେ ଯୀଶୁ ଦାବୀ କଲେ ଯେ ପିତା, ତାହାଙ୍କୁ ମନୋନୀତ କଲେ (ବା ଉତ୍ସର୍ଗ କଲେ) ବା "ପବିତ୍ର କଲେ" ଏବଂ ପ୍ରେରଣ କଲେ (ମଶୀହ ରୂପେ) । ତେବେ ତାହାଙ୍କର ନିଶ୍ଚୟ "ଈଶ୍ୱରଙ୍କ ପୁତ୍ର" ଡକାଯିବାର ଅଧିକାର ଅଛି । ଇସ୍ରାଏଲର ବିଚାରକର୍ତ୍ତାଗଣ ଯେପରି ଈଶ୍ୱରଙ୍କ ପ୍ରତିନିଧିତ୍ୱ କଲେ (ଗୀତ ୮୨:୬) ସେପରି ସେ ବାକ୍ୟ ଓ କାର୍ଯ୍ୟରେ ଈଶ୍ୱରଙ୍କ ପ୍ରତିନିଧିତ୍ୱ କଲେ । ବିଶେଷ ପ୍ରସଙ୍ଗ ଦେଖନ୍ତୁ (୫;୨୪ରେ (ଆପୋଷ୍ଟେଲୋ) ପ୍ରେରିତ ।

**୧୦:୩୭** ଏହା ପ୍ରକୃତରେ ଯାହା ୧୯-୨୧ ପଦ କହୁଅଛି ତାହା ଅଟେ। ଯୀଶୁଙ୍କ ଆଶ୍ଚର୍ଯ୍ୟକର୍ମମାନ ଈଶ୍ୱରଙ୍କ କାର୍ଯ୍ୟକଳାପ ପ୍ରତିଫଳିତ କଲା ।

**୧୦:୩୭, ୩୮ : "ଯଦି ... ଯଦି"** ଏଗୁଡ଼ିକ ପ୍ରଥମ ଶ୍ରେଣୀ ସର୍ତ୍ତଜନକ ବାକ୍ୟ ସବୁ । ଯୀଶୁ, ତାଙ୍କ କାର୍ଯ୍ୟଗୁଡ଼ିକ କଲେ । ଯଦି ତାହା, ତେବେ ସେମାନେ ତାହାଙ୍କୁ ବିଶ୍ୱାସ କରିବା ଉଚିତ, ସେ ଓ ପିତା ଏକ ବୋଲି ବୋଧଗମ୍ୟ ହୋଇ ଦୃଢ଼ ବିଶ୍ୱାସ କରିବା ହେତୁ (୩୦,୩୮ ପଦ) ବିଶେଷ ପ୍ରସଙ୍ଗ ଦେଖନ୍ତୁ : ଯୋହନ ୨;୧୦ରେ ବେଷ୍ଟିତ ହୋଇ ।

**୧୦:୩୯** ଯୀଶୁଙ୍କୁ ଯେଉଁମାନେ ଆଘାତ ଦେବାକୁ ଚେଷ୍ଟା କରୁଥିଲେ ସେମାନଙ୍କୁ ସେ ହତବୁଦ୍ଧି କରିଥିବା ଅନେକ ସମୟରେ ଦେଖାଯାଇଛି, ସେହ ଘଟଣାଗୁଡ଼ିକ ମଧ୍ୟରୁ ଏହା ଗୋଟିଏ । (ଲୂକ ୪:୨୯-୩୦, ଯୋହନ ୮:୫୯) । ଏହା ଅନିଶ୍ଚିତ ଯେ ଏହି କାର ବର୍ଣ୍ଣିଯିବା ବା ରକ୍ଷା ପାିବଯିବା (୧) ଆଶ୍ଚର୍ଯ୍ୟ ଘଟଣା ଗୁଡ଼ିକ ହେତୁ (୨) କିଅବା ସମସ୍ତେ ତାଙ୍କୁ ଭଲ ପାଉଥିବା ହେତୁ ଯାହାତାଙ୍କୁ ଅନୁମତି ଦେଲା ଜନତା ମଧ୍ୟକୁ ତାହାଙ୍କୁ ମିଶିଯିବାକୁ ଦେଲା ।

**ଏନ୍.ଏସ୍.ବି (ଆଧୁନିକୀକରଣ) ପାଠ୍ୟାଂଶ : ୧୦:୪୦-୪୨**

**ଏଥି ଉତ୍ତାରେ ସେ ପୁନର୍ବାର ଯର୍ଦ୍ଦନର ପରପାରିକି ଚାଲିଯାଇ, ଯୋହନ ଯେଉଁ ସ୍ଥାନରେ ପୂର୍ବେ ବାପ୍ତିସ୍ମ ଦେଉଥିଲେ ସେହି ସ୍ଥଶନକୁ ଆସି ସେଠାରେ ରହିଲେ । ୪୧ଆଉ ଅନେକେ ତାହାଙ୍କ ନିକଟକୁ ଆସି କହିଲେ ଯୋହନ  ସିନା କୌଣସି ଆଶ୍ଚର୍ଯ୍ୟ କର୍ମ କଲେ ନାହିଁ, କିନ୍ତୁ ଏହି ବ୍ୟକ୍ତିଙ୍କ ବିଷୟରେ ଯୋହନ ଯେ ସମସ୍ତ କଥା କହିଥିଲେ ସେହିସବୁ ସତ୍ୟ, ଆଉ ସେ ସ୍ଥାନରେ ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ**

୧୦:୪୦ ଯର୍ଦ୍ଦନ - ଅପରପାର୍ଶ୍ୱ ଅଞ୍ଚଳ ଯିରିହୋଠାରୁ ନିକଟବର୍ତ୍ତୀ ଏକ ନଗର ବେଥାନୀକୁ ଏହା ବୁଝାଏ

୧୦:୪୧ ପୁନର୍ବାର ଯୋହନ, ବାପ୍ତିଜକ ଯୋହନଙ୍କ ଯୀଶୁଙ୍କ ବିଷୟରେ ଦୃଢ଼ ଘୋଷଣା ପ୍ରକାଶ କରନ୍ତି (୧:୬-୮ ୧୯-୪୨, ୩:୨୨-୩୦, ୫:୩୩) ବାପ୍ତିଜକ ଯୋହନଙ୍କ ବିଷୟରେ ମିଥ୍ୟା ଧାରଣା ଯାହା ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇଥିଲା, ଏହା ସେପରି କେତେକ ମିଥ୍ୟାମତର ବିରୋଧ କରିଥାଇପାରେ ।

୧୦:୪୨ ଯିହୁଦୀ ନେତାମାନେ ଯୀଶୁଙ୍କୁ ଅଗ୍ରାହ୍ୟ କଲେ ହେଁ, ଅନେକ ସାଧାରଣ ଲୋକ (ଦେଶୀୟ ଲୋକାମନେ) ତାଙ୍କଠାରେ ବିଶ୍ୱାସରେ ପ୍ରତ୍ୟୁତ୍ତର ଦେଲେ (୨;୨୩, ୭:୩, ୮:୩୦) ୨:୨୩ରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ ।

**ଆଲୋଚନା ପ୍ରଶ୍ନମାନ :**  ଏହା ଏକ ଅଧ୍ୟୟନ ନିମନ୍ତେଚାଳନା ଦେବା ବାଖ୍ୟାକାର ପୁସ୍ତକ ଯାହା ବୁଝାଏ ଯେ ତୁମେ ତୁମ ନିଜ ବାଇବଲର ଅନୁବାଦ ପାଇଁ ଦାୟୀ ଅଟ । ଆମେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ

ପବିତ୍ର ଆତ୍ମା, ଅନୁବାଦରେ ପ୍ରଥମ ସ୍ଥାନରେ ରହିଥାଅ । ତୁମେ ଏକ ବ୍ୟାଖ୍ୟାକାରଙ୍କ ହସ୍ତରେ ଏହା ପରିତ୍ୟାଗ କରିବା ଅନୁଚିତ ।

ଏହି ଆଲୋଚନା ପ୍ରଶ୍ନମାନ, ପୁସ୍ତକର ଏହିଭାଗର ମୁଖ୍ୟ ବିଷୟମାନର ମାଧ୍ୟମରେ ତୁମକୁ ଚିନ୍ତା କରିବା ଲାଗି ସାହାଯ୍ୟ କରିବାକୁ ଯାଗାଇ ଦିଆଯାଇଅଛି ।ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ ହେବାକୁ ଉଦ୍ଦିଷ୍ଟ । ନିର୍ଦ୍ଦିଷ୍ଟ ନିଷ୍ପତ୍ତିମୂଳକ ନୁହେଁ ।

୧. ଯୋହନ କାହିଁକି ଏତେ ଥର ରୂପକ ବା ଉଦାହରଣ ବା ଦୃଷ୍ଟାନ୍ତ ସମୂହ ମିଶାଇ ଥାଆନ୍ତି (ଉଦାହରଣ "ଯୀଶୁ ଉଭୟ ମେଷଶାଳାର ଦ୍ୱାର ଓ ଉତ୍ତମ ମେଷପାଳକ ଅଟନ୍ତି ?"

୨. ଯୋହନ ୧୦ ପ୍ରତି ପୁରାତନ ନିୟମ ପରିବେଷ କ'ଣ ଅଟେ ?

୩. "ଯୀଶୁ ତାହାଙ୍କ ପ୍ରାଣଦାନ କରୁଛନ୍ତି" ଏହାର ତାତ୍ପର୍ଯ୍ୟ କ'ଣ ?

୪. ଯିହୁଦୀମାନେ ଯୀଶୁଙ୍କୁ ଭୂତଗ୍ରସ୍ତ ବୋଲି ଦୋଷାରୋପ କରିବାକୁ କାହିଁକି ଲାଗି ରହିଲେ ?

୫. ଯୀଶୁଙ୍କ କାର୍ଯ୍ୟ ଗୁଡ଼ିକ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?

୬. ଆମ୍ଭେମାନେ କିପରି ବିଶ୍ୱାସୀମାନଙ୍କ ନିରାପତ୍ତା ସହିତ ସାଧୁମାନଙ୍କ ସଞ୍ଚିତ (ସଂରକ୍ଷିତ) ହେବା ବିଷୟ ସମ୍ପୃକ୍ତ କରୁ ?

# ଯୋହନ - ୧୧

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଲାଜାରଙ୍କ ମୃତ୍ୟୁ | ଲାଜାରଙ୍କ ମୃତ୍ୟୁ | ଲାଜାରଙ୍କୁ ମୃତ୍ୟୁରୁ ଉଠାଇବା | ଲାଜାରଙ୍କ ମୃତ୍ୟୁ | ଲାଜାରଙ୍କ ପୁନରୁତ୍ଥାନ |
| ୧୧:୧-୧୬ | ୧୧:୧-୧୬ | ୧୧:୧-୬ | ୧୧:୪ | ୧୧:୪ |
| | | | ୧୧:୫-୭ | ୧୧:୫-୧୦ |
| | | ୧୧:୭-୧୬ | | |
| | | | ୧୧:୮ | |
| | | | ୧୧:୯-୧୧ | |
| | | | | ୧୧:୧୧-୧୬ |
| | | | ୧୧:୧୨ | |
| | | | ୧୧:୧୩-୧୫ | |
| | | | ୧୧:୧୬ | |
| ଯୀଶୁ ପୁନରୁତ୍ଥାନ ଓ ଜୀବନ | ମୁଁ ପୁନରୁତ୍ଥାନ ଓ ଜୀବନ | | ଯୀଶୁ ପୁନରୁତ୍ଥାନ ଓ ଜୀବନ | |
| ୧୧:୧୭-୨୭ | ୧୧:୧୭-୨୭ | ୧୧:୧୭-୨୭ | ୧୧:୧୭-୧୯ | ୧୧:୧୭-୨୭ |
| | | | ୧୧:୨୦-୨୨ | |
| | | | ୧୧:୨୩ | |
| | | | ୧୧:୨୪ | |
| | | | ୧୧:୨୫-୨୬ | |
| | | | ୧୧:୨୭ | |
| ଯୀଶୁ କାନ୍ଦନ୍ତି | ଯୀଶୁ ଓ ମୃତ୍ୟୁ ଶେଷଶତ୍ରୁ | | ଯୀଶୁ କାନ୍ଦନ୍ତି | |
| ୧୧:୨୮-୩୭ | ୧୧:୨୮-୩୭ | ୧୧:୨୮-୩୭ | ୧୧:୨୮-୩୧ | ୧୧:୨୮-୩୧ |
| | | | ୧୧:୩୨ | |
| | | | ୧୧:୩୩-୩୪କ | |
| | | | ୧୧:୩୪ଖ | |
| | | | ୧୧:୩୫-୩୬ | |
| | | | ୧୧:୩୭ | |
| ଲାଜାରଙ୍କୁ ଜୀବିତାବସ୍ଥାକୁ ଅଣାଗଲା | ଲାଜାରଙ୍କୁ ମୃତ୍ୟୁରୁ ଉଠାଗଲା | | ଲାଜାରଙ୍କୁ ଜୀବିତାବସ୍ଥାକୁ ଅଣାଗଲା | |
| ୧୧:୩୮-୪୪ | ୧୧:୩୮-୪୪ | ୧୧:୩୮-୪୪ | ୧୧:୩୮-୩୯କ | |
| | | | ୧୧:୩୯ଖ | |
| | | | ୧୧:୪୦-୪୪ | ୧୧:୪୩-୪୪ |
| ଯୀଶୁଙ୍କୁ ହତ୍ୟା କରିବାକୁଚକ୍ରାନ୍ତ | ଯୀଶୁଙ୍କୁ ହତ୍ୟା କରିବାକୁ ଚକ୍ରାନ୍ତ | | ଯୀଶୁଙ୍କ ବିରୁଦ୍ଧରେ ଚକ୍ରାନ୍ତ | ଯୀଶୁଙ୍କ ମୃତ୍ୟୁ ବିଷୟ ଯିହୁଦୀନେତାଗଣ ମନସ୍ଥ କରିବା |
| ୧୧:୪୫-୫୩ | ୧୧:୪୫-୫୭ | ୧୧:୪୫-୫୩ | ୧୧:୪୫-୪୮ | ୧୧:୪୫-୫୪ |
| | | | ୧୧:୪୯-୫୨ | |
| | | | ୧୧:୫୩-୫୪ | |
| ୧୧:୫୪ | | ୧୧:୫୪ | | ନିସ୍ତାରପର୍ବ ନିକଟବର୍ତ୍ତୀ |
| ୧୧:୫୫-୫୭ | | ୧୧:୫୫-୫୭ | ୧୧:୫୫-୫୭ | ୧୧:୫୫-୫୭ |

## ପାଠ କରିବା ଚକ୍ର ତିନି

ପାରାଗ୍ରାଫ ସ୍ତରରେ ମୂଳ ଲେକକଙ୍କ ଉଦ୍ଦେଶ୍ୟର ଅନୁଗମନ କରିବା

ଏହା ଏକ ଅଧ୍ୟୟନ ଚାଳନା ବାଖ୍ୟା ପୁସ୍ତକ । ଯାହାବୁଝାଏ ଯେ ତୁମେ ତୁମ ନିଜ ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ଅନୁବାଦରେ ପ୍ରଥମ ସ୍ଥାନରେ ରହିଥାଅ । ତୁମେ ଏହା ଏକ ବ୍ୟାଖ୍ୟାକାରଠାରେ ସମର୍ପଣ କରିବା ଅନୁଚିତ । ଏକାଥରକେ ବସି ଅଧ୍ୟାୟଟି ପାଠ କର । ପ୍ରସଙ୍ଗ ସବୁ ଚିହ୍ନି ରଖ । ତୁମର ପ୍ରସଙ୍ଗ ଭାଗବିଭାଗ ଗୁଡ଼ିକ ପାଞ୍ଚଟି ଆଧୁନିକ ଅନୁବାଦ ସହିତ ତୁଳନା କର । ପାରାଗ୍ରାଫ୍ କରିବା ପ୍ରେରଣା ଦାୟକ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ ଚାବି ସଦୃଶ । ପ୍ରତ୍ୟେକ ପାରାଗ୍ରାଫ୍‌ର ଏକମାତ୍ର ଓ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

**ପାରମାର୍ଥିକ ସାରାଂଶ**

**୧୧ ଅଧ୍ୟାୟର ପରମାର୍ଥ ବିଶେଷତ୍ୱ :**

୧. ଯୀଶୁଙ୍କ କ୍ଷମତା ଓ ଅଧିକାରର ପ୍ରଦର୍ଶନ ଚାଲୁ ରହେ

୨. ଲାଜାରଙ୍କ ମୃତ୍ୟୁ ଈଶ୍ୱର ଯୋଜନା ଭୁକ୍ତ ଥିଲା । ଯୀଶୁଙ୍କୁ ଗୌରବ ଦେବାକୁ ଏକ ସୁଯୋଗ ଯୋଗାଇ ଦେବା ପାଇଁ

୩. ମାର୍ଥାଙ୍କର ଯୀଶୁଙ୍କ ସହିତ ସଂଳାପ (କାଥାବାର୍ତ୍ତା) ତାହାର ମହାନ ସ୍ୱୀକାରୋକ୍ତି ଓ ଯୀଶୁଙ୍କ ପରବର୍ତ୍ତୀ ପ୍ରକାଶ ନିମନ୍ତେ ସୁଯୋଗ ଯୋଗାଇ ଦିଏ (୨୫ ପଦ)

୪. ଯୀଶୁ ବର୍ତ୍ତମାନ ଅନନ୍ତ ଜୀବନ ଦିଅନ୍ତି (ଯୀଶୁଙ୍କ ଦ୍ୱିତୀୟ ଆଗମନ ସମୟ) ଏହା ଲାଜାରଙ୍କୁ ଉଠାଇବାରେ ଚିହ୍ନିତ ବା ସୂଚିତ ହେଲା । ମୃତ୍ୟୁ ଉପରେ ଯୀଶୁଙ୍କ ଅଧିକାର ଥିଲା ।

୫. ଏହି ଶକ୍ତିଶାଳୀ ଆଶ୍ଚର୍ଯ୍ୟକ୍ରମ ରସମ୍ମୁଖରେ ସୁଦ୍ଧା, ଅବିଶ୍ୱାସ ଲାଗି ରହିଥାଏ (ଅକ୍ଷମଣୀୟ ପାପ, ୫:୧ରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ)

ଶବ୍ଦ ଓ ବାକ୍ୟାଂଶ ଅଧ୍ୟୟନ

**ଏନ୍.ଏ.ଏସ୍.ବି. (ଆଧୁନିକିକରଣ) ପାଠ୍ୟାଂଶ ୧୧:୧-୧୬**

**୧ବେଥନିଆ ନିବାସୀ ଲାଜର ନାମକ ଜଣେ ଲୋକ ପୀଡ଼ିତ ଥିଷଲ, ମରିୟମ ଓ ତାହାଙ୍କ ଭଉଣୀ ମାର୍ଥା ସେହି ଗ୍ରାମର ଲୋକ । ୨ ଯେଉଁ ସ୍ତ୍ରୀ ଲୋକ ପ୍ରଭୁଙ୍କୁ ତୈଳରେ ଅଭିଷିକ୍ତ କରି ଆପଣା କେଶରେ ତାହାଙ୍କ ପାଦ ପୋଛି ଦେଲେ, ଏ ସେହି ମରିୟମ୍ ।ତାହାଙ୍କ ଭାଇ ଲାଜାର ପିଡ଼ିତ ଥିଲେ । ୩ ତେଣୁ ସେହି ଭଉଣୀମାନେ ତାହାଙ୍କ ନିକଟକୁ କହି ପଠାଇଲେ, ପ୍ରଭୋ ଦେଖନ୍ତୁ, ଯାହାକୁ ଆପଣ ସ୍ନେହ କରନ୍ତି ସେ ପୀଡ଼ିତ ଅଛି । ୪ କିନ୍ତୁ ଯୀଶୁ ତାହା ଶୁଣି କହିଲେ, ଏହି ପୀଡ଼ା ମୃତ୍ୟୁ ନିମନ୍ତେ ନୁହେଁ । ମାତ୍ର ଈଶ୍ୱରଙ୍କ ଗୌରବ ନିମନ୍ତେ । ଯେପରି ତଦ୍ୱାରା ଈଶ୍ୱରଙ୍କ ପୁତ୍ର ଗୌରବ ପ୍ରାପ୍ତ ହୁଅନ୍ତି । ୫ ଯୀଶୁ ମାର୍ଥା ତାହାଙ୍କ ଭଉଣୀ ଓ ଲାଜାରକୁ ସ୍ନେହ କରୁଥିଲେ । ୬ ଅତଏବ ସେ ପୀଡ଼ିତ ଅଛନ୍ତି ବୋଲି ଯେତେବେଳେ ସେଶୁଣିଲେ, ସେତେବେଳେ ସେ ଯେଉଁ ସ୍ଥାନରେ ଥିଲେ, ସେହି ସ୍ଥାନରେ ଦୁଇ ଦିନ ରହିଗଲେ । ତତ୍ପରେ ସେ ଶିଷ୍ୟମାନଙ୍କୁ କହିଲେ, ଚାଲ ଆମ୍ଭେମାନେ ପୁନର୍ବାର ଯିହୁଦା ପ୍ରଦେଶକୁ ଯିବା ।ଶିଷ୍ୟମାନେ ତାହାଙ୍କୁ କହିଲେ ହେ ଗୁରୁ, ଯିହୁଦୀମାନେ ଏବେ ଆପଣଙ୍କୁ ପଥର ଫୋପାଡ଼ିବାକୁ ଚେଷ୍ଟା କରୁଥିଲେ । ପୁଣି ଆଉଥରେ ସେଠାକୁ ଯାଉଅଛନ୍ତି ? ୯ ଯୀଶୁ ଉତ୍ତର ଦେଲେ, ଦିନରେ କ'ର ବାର ଘଣ୍ଟା ନାହିଁ ? କେହି ଦିନରେ ଚାଲିଲେ ଝୁଣ୍ଟେ ନାହିଁ । କାରଣ ସେ ଏହି ଜଗତର ଜ୍ୟୋତିଃ ଦେଖେ । ୧୦ କିନ୍ତୁ ରାତିରେ ଚାଲିଲେ ଝୁଣ୍ଟେ କାରଣ ତାହା ଅନ୍ତରେ ଜ୍ୟୋତିଃ ନାହିଁ । ୧୧ ସେ ସମସ୍ତ କହିଲା ଉତ୍ତାରେ ସେମାନଙ୍କୁ ଆହୁରି କହିଲେ ଆମ୍ଭମାନଙ୍କ ବନ୍ଧୁ ଲାଜାର ନିଦ୍ରା ଯାଇଅଛନ୍ତି । ୧୦ କିନ୍ତୁ ତାହାଙ୍କୁ ନିଦ୍ରାରୁ ଉଠାଇବା ନିମନ୍ତେ ମୁଁ ଯାଉଅଛି । ୧୨ ସେଥିରେ ଶିଷ୍ୟମାନେ ତାହାଙ୍କୁ କହିଲେ, ପ୍ରଭୋ ଯଦି ସେ ନିଦ୍ରା ଯାଇଅଛନ୍ତି, ତାହା ହେଲେ ସେ ସୁସ୍ଥ ହେବେ । ୧୩ ଯୀଶୁ ତାହାଙ୍କର ମୃତ୍ୟୁ ବିଷୟରେ କହିଥିଲେ, କିନ୍ତୁ ସେ ଯେ ନିଦ୍ରାରେ ଶୋଇ ପଡ଼ିବା ବିଷୟରେ କହିଲେ ବୋଲି ସେମାନେ ମନେ କଲେ । ୧୪ ଅତଏବ ଯୀଶୁ ସେତେବେଳେ ସେମାନଙ୍କୁ ସ୍ପଷ୍ଟ ରୂପେ କହିଲେ ଲାଜର ମରି ଯାଇଅଛନ୍ତି । ୧୫ ଆଉ ମୁଁ ଯେ ସେ ସ୍ଥାନରେ ନ ଥିଲି, ଏଥି ସକାଶେ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଅଛି, ଯେପରି ତୁମ୍ଭେମାନେ ବିଶ୍ୱାସ କରିବ, କିନ୍ତୁ ଚାଲ, ଆମ୍ଭେମାନେ ତାହାଙ୍କ ନିକଟକୁ ଯିବା । ୧୬ ସେଥିରେ ଥୋମା, ଯାହାଙ୍କୁ ଦିଦୁମ ବୋଲି କହନ୍ତି, ସେ ଆପଣା ସଙ୍ଗୀ ଶିଷ୍ୟମାନଙ୍କୁ କହିଲେ, ଚାଲ ଆମ୍ଭେମାନେ ମଧ୍ୟ ଯାଇ ତାହାଙ୍କ ସଙ୍ଗରେ ମରିବା ।**

**୧୧:୧ "ଜଣେ ଲୋକ ପୀଡ଼ିତ ଥିଲେ"** ଏହା ଅସିଦ୍ଧ ସମୟ । ସେ ବହୁଦିନ ଧରି ଅସୁସ୍ଥ ଥିବା ଏହା ବୁଝାଏ । ଯାହା ବି ହେଉ, ଅସିଦ୍ଧ ସମୟ, "ଅସୁସ୍ଥ ହେବାକୁ ଆରମ୍ଭ କଲେ" ବୋଲି ଅନୁବାଦ କରାଯାଇପାରେ ।

. "ଲାଜାର" ଏହା ହିବ୍ରୁ ନାମରେ "ଏଲିଏଜର" ଯାହା ବୁଝାଏ "ଈଶ୍ୱର ସାହାଯ୍ୟ କରନ୍ତି" ବା "ଈଶ୍ୱର ସାହାଯ୍ୟକାରୀ" ଯୋହନ ଅନୁମାନ କଲେ ଯେ ପାଠକଗଣ ଜାଣିଥିଲେ ମରିୟମ, ମାର୍ଥା ଓ ଲାଜାରଙ୍କ ସହିତ ଯୀଶୁଙ୍କ ବନ୍ଧୁତା ବିଷୟରେ (ଲୁକ ୧୦:୩୮-୪୨, ତିନ ମଙ୍ଗଳ ସମାଚାର (ସିନୋପ୍ଟିକ୍ ସୁମାଚାର)ରେ ଯେଉଁମାନଙ୍କ ବିଷୟରେ କେବଳ ଉଲ୍ଲେଖ କରାଯାଇଅଛି ।

■ "ବେଥନୀ" ୧:୨୮ ୧୦:୪୦ ପଦରେ ଲେଖାଯାଇଥିବା ବେଥନୀଠାରୁ ଏହା ଏକ ଭିନ୍ନ ସ୍ଥାନ, ଯାହା ଯିରିହୋ ନିକଟବର୍ତ୍ତୀ ଜର୍ଦ୍ଦନ ନଦୀ ପାର୍ଶ୍ୱରେ ଥିଲା । ବେଥନୀ ଜିତ ପର୍ବତର ସମାନ ଉଚ୍ଚତାରେ ଯିରୁଶାଲମର ଦକ୍ଷିଣ ପୂର୍ବରେ ଦୁଇ ମାଇଲ ଦୂରତାରେ ଥିଲା । ଯିରୁଶାଲମରେ ଯୀଶୁ ଥିବା ବେଳେ ଏହା ଥିଲା ତାହାଙ୍କ ଅତି ପ୍ରିୟ ବାସସ୍ଥାନ ।. "ମରିୟମ" ଏହାର ହିବ୍ରୁ ନାମ ହେଉଛି ମରିୟମ

■ "ମାର୍ଥା" ଏହା ହେଉଛି "କର୍ତ୍ତୀ" ଶବ୍ଦ ପାଇଁ ଆରମିକ ଭାଷା । ଏହା ଅସାଧାରଣ ଯେ, ମାର୍ଥା ଜ୍ୟେଷ୍ଠ ବୋଲି ପ୍ରଥମ ପ୍ରକାଶ କରାଯାଇ ନାହିଁ । ଲୁକ ୧୦:୩୮-୪୨ରେ ଅନୁସନ୍ଧାନ କରାଯାଇପାରେ ।

**୧୧:୨ "ଯେଉଁ ସ୍ତ୍ରୀ ଲୋକ ପ୍ରଭୁଙ୍କୁ ତୈଳରେ ଅଭିଷେକ କରି ଆପଣା କେଶରେ ତାହାଙ୍କ ପାଦ ପୋଛି ଦେଲେ । ଏ ସେହି ମରିୟମ"** । ୨ ପଦ ଯୋହନଙ୍କ ଦ୍ୱାରା ଅନ୍ୟ ଏକ ସମ୍ପାଦକୀୟ ଯୋଗ ଅଟେ (ଯଥା ଟିଇଭି, ଏନ୍‌ଇଟି) । ମରିୟମଙ୍କ ଭକ୍ତିରି ଉପାସନା ବିଷୟ ମାଥିଉ (୨୬:୬-୧୩) ଓ ମାର୍କ (୧୪:୩-୯) ଉଭୟରେ ସମାନ୍ତର ଭାବେ ଅଛି । ଲୁକ ୭:୩୬ ରେ ସମାନ ପ୍ରକାରେ ଅଭିଷେକ କରିଥିବା ନାରୀ(ସ୍ତ୍ରୀ ଲୋକ) ଭିନ୍ନ ଅଟେ ।

ଏହି ପଦ ଏକ ଘଟଣା ବର୍ଣ୍ଣନା କରେ ଯାହା ଏ ପର୍ଯ୍ୟନ୍ତ ସୁସମାଚାରରେ ଲିପିବଦ୍ଧ କରାଯାଇ ନ ଥିଲା । ଏହା ୧୨ ଅଧ୍ୟାୟରେ ଲିପିବଦ୍ଧ ହୋଇଛି । ଅନେକେ ଅନୁମାନ କରନ୍ତି, ଏହା ବୁଝାଏ ଯେ ଯୋହନ ଅପେକ୍ଷା କରିଥିଲେ ତାଙ୍କ ପାଠକଗଣ ଏହି ପରିବାର ବିଷୟ ଅନ୍ୟ ଆଡୁ ଜାଣିବେ ।

**ବିଶେଷ ପ୍ରସଙ୍ଗ : ବାଇବଲରେ ଅଭିଷେକ (ବିଡ଼ିବି ୬୦୩)**

କ. ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ବ୍ୟବହୃତ (ଦ୍ୱିତୀୟ ବିବରଣ ୨୮:୪୦, ରୁତ ୩:୩, ୨ ଶାମୁଏଲ ୧୨:୨୦, ୧୪:୨, ୨ ବଂଶା ୨୮:୧୫, ଦାନିଏଲ ୧୦:୩, ଆମୋଷ ୬:୬, ମିଖା ୬:୧୫)

ଖ. ଅତିଥିମାନଙ୍କ ପାଇଁ ବ୍ୟବହୃତ (ଗୀତ ୨୩:୫, ଲୁକ ୭;୩୮, ଯୋହନ ୧୧:୨)

ଗ. ଅସୁସ୍ଥତା ପାଇଁ ବ୍ୟବହୃତ (ଯିଶାଇୟ ୬:୧, ଯିରିମିୟ ୫୧:୮, ମାର୍କ ୬:୧୩, ଲୁକ ୧୦:୩୪, ଯାକୁବ ୫:୧୪) (ଯିହିଜିକଲ ୧୬:୯ ରେ ସ୍ୱାସ୍ଥ୍ୟକର ଅର୍ଥରେ ବ୍ୟବହୃତ)

ଘ. ସମାଧି ପାଇଁ ପ୍ରସ୍ତୁତିକରଣରେ ବ୍ୟବହୃତ (ଆଦି ୫୦:୨, ୨ ବଂଶାବଳୀ ୧୬:୧୪, ମାର୍କ ୧୬:୧, ଯୋହନ ୧୨:୩,୭, ୧୯:୩୯-୪୦)

ଙ. ଧର୍ମକାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ (ଏକ ପଦାର୍ଥର ଆଦି ୨୮:୧୮, ୨୦, ୩୧:୧୩ (ଏକ ସ୍ତମ୍ଭ) ଯାତ୍ରା ୨୯:୩୬, (ବେଦି) ଯାତ୍ରା ୩୦:୨୬, ୪୦:୯-୧୬, ଲେବୀ ୮:୧୦-୧୩, ଗଣନା ୭:୧ (ଆବାସତମ୍ବୁ)

ଚ. ନେତାମାନଙ୍କୁ ଉତ୍ସର୍ଗୀକରଣ କରିବା ପାଇଁ ବ୍ୟବହୃତ

୧. ଯାଜକମାନେ

କ. ହାରୋଣ (ଯାତ୍ରା ୨୮:୪୧, ୨୯:୭, ୩୦:୩୦

ଖ. ହାରୋଣଙ୍କ ପୁତ୍ରଗଣ (ଯାତ୍ରା ୪୦:୧୫, ଲେବୀ୭:୩୬)

ଗ. ଉଚ୍ଚସ୍ତରର ଖଣ୍ଡବାକ୍ୟ (ବା) ଉପନାମ (ଗଣନା ୩:୩, ଲେବୀ ୧୬:୩୨)

୨. ରାଜାଗଣ

କ. ଈଶ୍ୱରଙ୍କ ଦ୍ୱାରା (୧ ଶାମୁଏଲ ୨:୧୦,୧୧, ୨ ଶାମୁ. ୧୨:୭, ୨ ରାଜା. ୯:୩,୬,୧୨, ଗୀତ ୪୫:୭, ୮୯:୨୦)

ଖ. ଭବିଷ୍ୟତ୍‌ବକ୍ତାମାନଙ୍କ ଦ୍ୱାରା (୧ ଶାମୁ ୯:୧୬, ୧୦:୧, ୧୫:୧, ୧୬:୩, ୧୨-୧୩, ୧ ରାଜା ୧:୪୫, ୧୯:୧୫-୧୬)

ଗ. ଯାଜକମାନଙ୍କ ଦ୍ୱାରା (୧ ରାଜାବଳୀ ୧:ରାଜାବଳୀ ୧:୩୪,୩୯, ୨ ରାଜା ୧୧:୧୨)

ଘ. ପ୍ରାଚୀନମାନଙ୍କ ଦ୍ୱାରା (ବିଚାରକର୍ତ୍ତା ୯:୮,୧୫, ୨ ଶାମୁ. ୨:୭,୫:୩, ୨ ରାଜା ୨୩:୩୦)

ଙ. ମସୀହ ରାଜା ରୂପେ ଯୀଶୁ (ଗୀତ ୨:୨, ଲୁକ ୪;୧୮, (ଯିଶାୟ ୬୧:୧), ପ୍ରେରିତ ୪;୨୭, ୧୦:୩୮, ଏବ୍ରୀ୧:୯ (ଗୀତ ୪୫:୭)

ଚ. ଯୀଶୁଙ୍କ ଅନୁଗାମୀମାନେ (୨ କରନ୍ଥୀ ୧:୨୧, ୧ ଯୋହନ ୨:୨୦, ୨୭ (ଖ୍ରୀଷ୍ମା)

୩. ସମ୍ଭବତଃ ଭବିଷ୍ୟତ୍‌ବକ୍ତାଗଣ (ଯିଶାଇୟ ୬୧:୧)

୪. ସ୍ୱର୍ଗୀୟ ଉଦ୍ଧାରରେ ଅବିଶ୍ୱାସୀ ଅସ୍ତ୍ରମାନ

କ. କୋରସ ରାଜା (ଯିଶାଇୟ ୪୫:୧

ଖ. ସୋରର ରାଜା (ଯିହିଜିକଲ ୨୮:୧୪, ଯେଉଁଠି ସେ ଇଦୋମ ଦୃଷ୍ଟାନ୍ତ ବ୍ୟବହାର କରନ୍ତି)

୫. ଶବ୍ଦ ବା ଉପନାମ "ମସୀହ" ବୁଝାଏ "ଅଭିଷିକ୍ତ ବ୍ୟକ୍ତି" (ବିଡ଼ିବି ୬୦୩)

**୧୧:୩ "ଭଉଣୀମାନେ ତାହାଙ୍କ ନିକଟକୁ କହି ପଠାଇଲେ"** ସେମାନେ ଯୀଶୁଙ୍କ ପାଖକୁ ଏକସମ୍ବାଦ ପଠାଇଲେ, ଯେ ଜର୍ଦ୍ଦନର ଆର ପାର୍ଶ୍ୱରେ ପେରିଆରେ ଥିଲେ

. "ଯାହାକୁ ଆପଣ ସ୍ନେହ କରନ୍ତି, ସେ ପୀଡ଼ିତ ଅଛି" ଏହା ଯୀଶୁଙ୍କର ଅତୁଳନୀୟ ସମ୍ପର୍କ ସେହି ପରିବାର ସହିତ ଦର୍ଶାଏ, ଏହା ଗ୍ରୀକ୍ ଶବ୍ଦ "ଫିଲିଓ" ଯାହା ବି ହେଉ, କୋଇନେ ଗ୍ରୀକ୍‌ରେ "ଫିଲିଓ" ଓ "ଆଗାପେ" ଶବ୍ଦ ପରସ୍ପର ଅଦଳବଦଳହୋଇପାରେ (୫ ପଦ, ୩:୩୫, ୫:୨୦ ପଦ)

**୧୧:୪ "ଏହି ପୀଡ଼ା ମୃତ୍ୟୁ ନିମନ୍ତେ ନୁହେଁ, ମାତ୍ର ଈଶ୍ୱରଙ୍କ ଗୌରବ ନିମନ୍ତେ"** ଏହା ବୁଝାଏ ଯେ ଲାଜାର ପୀଡ଼ିତ ଥିଲେ ବୋଲି ଯୀଶୁ ଜାଣିଥିଲେ । ସେ ତାଙ୍କୁ ମୃତ୍ୁ ଭୋଗ କରିବାକୁ ଅନୁମତି ଦେଲେ ତେବେ ଯାଇ ତାଙ୍କୁ ମୃତ୍ୟୁରୁ ଉଠାଇବା ଦ୍ୱାରା ତାହାଙ୍କ ମାଧମରେ ପିତା ତାହାଙ୍କ ମହିମାମୟ ଶକ୍ତି ପ୍ରଦର୍ଶନ କରି ପାରିବେ । ଅସୁସ୍ଥତା ଓ ରୋଗ ସମୟ ସମୟରେ ଈଶ୍ୱରଙ୍କ ଇଛାରେ ହୋଇଥାଏ । (୯:୩ ଆୟୁବ ପୁସ୍ତକ, ୨ କରନ୍ଥୀ ୧୨:୭-୧୦)

■ **"ଈଶ୍ୱରଙ୍କ ଗୌରବ ନିମନ୍ତେ"** ଯୀଶୁଙ୍କ କାର୍ଯ୍ୟସମୁହ "ଈଶ୍ୱରଙ୍କ ଗୌରବ" ପ୍ରକାଶ କରେ । ୧ : ୧୪ ଟିପ୍ପଣୀ ଦେଖ ।

■ **"ଯେପରି ତଦ୍ୱାରା ଈଶ୍ୱରଙ୍କ ପୁତ୍ର ଗୌରବପ୍ରାପ୍ତ ହୁଅନ୍ତି"** । ଉତ୍ପତ୍ତି ବା ପ୍ରାରମ୍ଭ ଖଣ୍ଡବାକ୍ୟ "ଈଶ୍ୱରଙ୍କ" ପୁରାତନ ଗ୍ରୀକ୍ ପାପିରି ପାଣ୍ଡୁଲିପି ପି୪୫ ବା ପି୬୬ ନୁହେଁ । ଅସୁସ୍ଥତା ଉଭୟ ପିତା ଓ ପୁତ୍ରଙ୍କ ନିମନ୍ତେ ଗୌରବ ଆଣିବ । ଏଥିରେ ଯୀଶୁଙ୍କ ଗୌରବ, ଜଣେ ଅପେକ୍ଷା କରିବା ଠାରୁ ବହୁତ ଭିନ୍ନ । ଯୋହନ ସୁସମାଚାର ସାରା ଏହି ଶବ୍ଦ ଯୀଶୁଙ୍କ କୃଶାର୍ପଣ ଓ ତାହାଙ୍କ ଗୌରବାନ୍ୱୀତ ହେବାକୁ ବୁଝାଇଅଛି । ଲାଜାଙ୍କ ମୃତ୍ୟୁରୁ ଉଠିବା, ଯିହୁଦୀ ନେତୃତ୍ୱର ଯୀଶୁଙ୍କ ମୃତ୍ୟୁକୁ ଆହ୍ୱାନ କରିବାର କାରଣ ହେବ ।

**୧୧ : ୫** ଯୋହନଙ୍କ ଦ୍ୱାରା ଅନ୍ୟଏକ ସମ୍ପାଦକୀୟ ମନ୍ତବ୍ୟ (୩୬ ପଦ)

**୧୧ : ୬** "ସେ ଯେଉଁସ୍ଥାନରେ ଥିଲେ, ସେହି ସ୍ଥାନରେ ଦୁଇଦିନ ରହିଗଲେ" ଯୀଶୁ ବିଳମ୍ବ କଲେ ଲାଜାର ଙ୍କ ମୃତ୍ୟୁ ପର୍ଯ୍ୟନ୍ତ ! ଯୀଶୁ ତାହାଙ୍କ ସ୍ନେହ ପ୍ରକାଶ କଲେ ନାହିଁ । ଏହି ପୀଡ଼ା ବା ଅସୁସ୍ଥତାରେ ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟ ଥିଲା (୧୫, ୯ : ୩ ପଦ)

**୧୧ : ୭** "ତତ୍‌ପରେ ସେ ଶିଷ୍ୟମାନଙ୍କୁ କହିଲେ, ଚାଲ ଆମ୍ଭେମାନେ ପୁନର୍ବାର ଯିହୁଦା ପ୍ରଦେଶକୁ ଯିବା" ପରବର୍ତ୍ତୀ ଆଲୋଚନା ଦର୍ଶାଏ ଯେ ଶିଷ୍ୟମାନେ ଭଲରେ ଜାଣି ସଜାଗ ଥିଲେ ଯେ ଯିହୁଦୀମାନେ ଯୀଶୁଙ୍କୁ ପଥର ଫୋପାଡ଼ିବାକୁ ଚାହୁଁଥିଲେ (୮ ପଦ, ୮ : ୫୪, ୧୦ : ୩୧, ୩୯) । ଶିଷ୍ୟମାନେ ଏକ ଅଦ୍ଭୁତ ମିଶ୍ରଣ, ଉଭୟ ବିଶ୍ୱାସ ଓ ଭୟର ପ୍ରଦର୍ଶନ କହୁଥିଲେ । (୧୬ ପଦ) ଥୋମା ଅନେକ ସମୟରେ ଏକ ସନ୍ଦେହୀ ଶିଷ୍ୟ ରୂପେ ଚିନ୍ତା କରାଯାଉଥିଲେ, ମାତ୍ର ଏଠାରେ ସେ ମୃତ୍ୟୁବରଣ କରିବାକୁ ଯୀଶୁଙ୍କ ସହିତ ଇଚ୍ଛୁକ ହୋଇଥିଲେ (୧୬ ପଦ)

ମାଇକେଲ ମାଗିଲଙ୍କ ନୂତନନିୟମ ଟ୍ରାନ୍ସଲାଇନ୍ (୩୪୫ # ୪୩) ଏକ ଉତ୍ତମ ପର୍ଯ୍ୟବେକ୍ଷଣ କରେ ଯେ, ୭ପଦର "ଚାଲ" ଆମ୍ଭେମାନେ "ଯିବା"କୁ ଆଂଶିକ ପରିବର୍ତ୍ତନ କରି "ମାତ୍ର ମୁଁ ଯାଉଛି" ୧୧ ପଦରେ ଲେଖାଗଲା । ଶିଷ୍ୟମାନେ ଭୟଭୀତ ଥିଲେ ଓ ସନ୍ଦେହ ପୂର୍ଣ୍ଣ ମଧ ଥିଲେ ମାତ୍ର ଯୀଶୁ ଦୃଢ଼ ଥିଲେ । ଥୋମା ଯୀଶୁଙ୍କ ସହିତ (ଆସ ଆମ୍ଭେମାନେ ଯିବାରେ ଯୋଗ ଦେଇଥିଲେ ୧୬ ପଦରେ ।

୧୧ : ୯ - ୧୦, ଏହା ୮ : ୧୨ ଓ ୯ : ୪ - ୫ ପଶ୍ଚାତ ଛାଡ଼ି ଥିବା ଅଧାୟ ସହିତ ସମ୍ପର୍କ ରଖିବାର ଏକ ପଥ ହୋଇପାରେ । ୯ପଦ ଏକ 'ହଁ' ଉତ୍ତର ଅପେକ୍ଷା କରେ ।

ସେଥିରେ ଏକ ସ୍ପଷ୍ଟ ଦୃଶ୍ୟ ହେଉଥିବା ବିପରିତ ବିଭିନ୍ନତା, ଈଶ୍ୱରଙ୍କ (ଯଥା : ଯୀଶୁ ଅନୁଗାମୀ ଓ ଅନୁଗାମୀ ନ ହୋଇଥିବା ଲୋକମାନଙ୍କ ମଧରେ ଅଛି (୧୦ ପଦ, ଯିହୁଦୀମାନେ) । ଯୀଶୁଙ୍କୁ ଈଶ୍ୱର ଚାଳନା ଦେଉଥିବା ସ୍ଥାନକୁ ସେ ଯିବାରେ କୌଣସି ଏକ ଭୁଲ କରୁନାହାନ୍ତି କାରଣ ସେ ଜଗତର ଜ୍ୟୋତିଃ ଅଟନ୍ତି ! ଆଲୋକ ଓ ଅନ୍ଧକାର ମଧରେ ବିପରିତ ବିଭିନ୍ନତା, ଯିହୁଦୀ ଜ୍ଞାନ ଶାସ୍ତ୍ର (ସାହିତ୍ୟ) ଓ କ୍ୟୁମ୍ରାନ୍‌ଙ୍କ ଲେଖାମାନର ଚାରିତ୍ରିକ ଗୁଣ ଥିଲା (ଯଥା : ଆଲୋକର ସନ୍ତାନମାନଙ୍କର ଲେଖା ଅନ୍ଧକାରର ସନ୍ତାନମାନଙ୍କ ବିରୁଦ୍ଧରେ ବା "ଆଲୋକ (ଜ୍ୟୋତିଃ) ର ସନ୍ତାନମାନଙ୍କର ଅନ୍ଧକାରର ସନ୍ତାନମାନଙ୍କ ବିରୁଦ୍ଧରେ ଯୁଦ୍ଧ")

■ **"ଯଦି" ... "ଯଦି"** ଏହି ଉଭୟ ତୃତୀୟଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଯାହା ଅର୍ନ୍ତନିହିତ କାର୍ଯ୍ୟକଳାପକୁ ବୁଝା ୧୧ : ୧୧ "ଆମ୍ଭମାନଙ୍କର ବନ୍ଧୁ ଲାଜାର ନିଦ୍ରାଯାଇ ଅଛନ୍ତି" କ୍ରିୟାପଦ ହେଉଛି ସମ୍ପୂର୍ଣ୍ଣ ନିର୍ବିକାର ସୂଚନା ଦାନକାରୀ । ଶିଷ୍ୟମାନେ ପ୍ରାୟ ଯୀଶୁଙ୍କୁ ଭୁଲ ବୁଝୁଥିଲେ କାରଣ ସେମାନେ ଅତି ଆକ୍ଷରିକ ଭାବେ ତାଙ୍କ ବାକ୍ୟକୁ ଗ୍ରହଣ କରୁଥିଲେ (୧୩ ପଦ) ଯୀଶୁଙ୍କ ଏହି ମୃତ୍ୟୁ ସକାଶେ ଉପମା, ପୁରାତନ ନିୟମର ବ୍ୟବହାରିକ କଥାକୁ ପ୍ରତିଫଳିତ କରେ । (ଦ୍ୱିତୀୟ ବିବରଣୀ ୩୧ :୧୬, ୨ ଶାମୁ ୭ : ୧୨, ୧ ରାଜାବଳୀ ୧ : ୨୧, ୨ : ୧୦, ୧୧ : ୨୧, ୪୩, ୧୪ : ୨୦ ଇତ୍ୟାଦି) ଇଂରାଜୀ ଶବ୍ଦ ସମାଧି କ୍ଷେତ୍ର (କବରସ୍ଥଳ) ସମାନ୍ ଗ୍ରୀକ୍ ମୂଳ ଶବ୍ଦ "ନିଦ୍ରିତ" ରୁ ଆସିଅଛି ।

**୧୧:୧୨ "ଯଦି"** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଲେଖକଙ୍କ ଦୃଷ୍ଟିକୋଣ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ଗୁଡ଼ିକ ସକାଶେ ଉପଯୁକ୍ତ, ତଦନୁସାରେ ସତ୍ୟ ଜଣାପଡ଼ିଅଛି ।

■ **"ସେ ସୁସ୍ଥ ହେବେ"** ଏହା ଆକ୍ଷରିକ ଭାବେ "ଉଦ୍ଧାର ପ୍ରାପ୍ତ" ଶବ୍ଦ ତାହା ପୁରାତନନିୟମରେ "ଶାରୀରିକ ମୁକ୍ତି" (ଯାକୁବ ୫ : ୧୫) ରୂପେ ବ୍ୟବହୃତ । ପୁନର୍ବାର ଶିଷ୍ୟମାନେ ଯୀଶୁଙ୍କୁ ଭୁଲ ବୁଝିଲେ କାରଣ ସେମାନେ ଦୃଷ୍ଟାନ୍ତର ଭାଷା (ଯଥା- ନିଦ୍ରିତ) ଆକ୍ଷରିକ ଭାବରେ ଗ୍ରହଣ କଲେ। ଯୀଶୁଙ୍କ ଶ୍ରୋତାମାନଙ୍କ ଭୁଲ ବୁଝାମଣା ଯୋହନ ସୁସମାଚାରର ଚାରିତ୍ରିକ ଗୁଣ (୨୩ - ୨୪ ପଦ) । ସେ ଉର୍ଦ୍ଧ୍ୱରୁ ଓ ସେମାନେ ନିମ୍ନରୁ ଆଗତ । ଆତ୍ମାଙ୍କ ସାହାଯ୍ୟ ବ୍ୟତୀତ (ପେଣ୍ଟେକଷ୍ଟ), ସେମାନେ ବୁଝିପାରନ୍ତି ନାହିଁ ।

**୧୧ : ୧୩ "ଯୀଶୁ ସେମାନଙ୍କୁ ସ୍ପଷ୍ଟରୂପେ କହିଲେ''** ବିଶେଷ ପ୍ରସଙ୍ଗ : ୭ : ୪ ରେ ପାରେସିଆ ଦେଖ ।

**୧୧ : ୧୫ "ମୁଁ ଯେ ସେ ସ୍ଥାନରେ ନଥିଲି, ଏଥି ସକାଶେ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଅଛି, ଯେପରି ତୁମ୍ଭେମାନେ ବିଶ୍ୱାସ କରିବ ।"** ଯୀଶୁ ସ୍ପଷ୍ଟ ଦୃଢ଼ ଭାବେ କହନ୍ତି ଯେ ଲାଜାରଙ୍କୁ ମୃତ୍ୟୁରୁ ଉଠାଇବାର କାରଣ ଲାଜାରଙ୍କ ସହିତ ତାହାଙ୍କ ବନ୍ଧୁତା ନୁହେଁ କିଅବା ମରିୟମ ଓ ମାର୍ଥାଙ୍କ ଗଭୀର ଦୁଃଖ ହେତୁ ନୁହେଁ, ମାତ୍ର (୧) ଉଭୟ ଶିଷ୍ୟମାନଙ୍କ ବିଶ୍ୱାସର ବୃଦ୍ଧି ସାଧନ କରିବା (୧୪ ପଦ) ଏବଂ (୨) ଯିହୁଦୀ ଜନତାଙ୍କ ବିଶ୍ୱାସକୁ ଉତ୍ସାହିତ କରିବା (୪୨ ପଦ) । ଯୋହନ ସୁସମାଚାରରେ ବିଶ୍ୱାସ ହେଉଛି ଏକ ପ୍ରଣାଳୀ । କେତେକ ସମୟରେ ଏହା ବୃଦ୍ଧି ଲାଭ କରେ (ଯଥା : ଶିଷ୍ୟମାନେ ୨ : ୧୧) । କେତେ ସମୟରେ ନୁହେଁ (ଯଥା : ପାର୍ଶ୍ୱରେ ଠିଆହେବା ଲୋକମାନେ ୮ : ୩୧ - ୫୯)

୧୧:୧୬ ଏହି ପଦ ସ୍ପଷ୍ଟରୂପେ ଦର୍ଶାଏ ଥୋମାଙ୍କ ବିଶ୍ୱାସ । ସେ ଯୀଶୁଙ୍କ ସହିତ ମୃତ୍ୟୁ ଭୋଗ କରିବାକୁ ଇଚ୍ଛୁକ ଥିଲେ । ମୃତ୍ୟୁ ଉପରେ ଯୀଶୁଙ୍କ କ୍ଷମତା ଶିଷ୍ୟମାନଙ୍କୁ ଦେଖାଇବା ଆବଶ୍ୟକ ଥିଲା, ଯେଉଁ ମୃତ୍ୟୁ ହେଉଛି ମାନବ ଜାତିର ଭୟର କାରଣ ।

ଥୋମା ନାମ, ଆରମିକ୍ ଶବ୍ଦ "ଟ୍ୱିନ୍" କୁ ପ୍ରତିଫଳିତ କରେ (ଆଉ ଏକ ସମ୍ପାଦକୀୟ ମନ୍ତବ୍ୟ), ଯେପରି ଗ୍ରୀକ୍‌ରେ "ଡ଼ିଡ୍ୟାମସ୍" କରେ । ସିନୋପ୍ଟିକ୍ (ମାଥିଉ, ମାର୍କ, ଲୂକସୁସମାଚାର) ତାଙ୍କୁ ପ୍ରେରିତମାନଙ୍କ ନାମ ତାଲିକାରେ ଜଣେ ପ୍ରେରିତରୂପେ ତାଲିକା ଭୁକ୍ତ କରେ (ମାଥିଉ ୧୦: ୩, ମାର୍କ ୩ : ୧୮, ଲୂକ୍ ୬ : ୧୫), ଅନେକ ସମୟରେ ଯୋହନ ସୁସମାଚାର ତାଙ୍କ ବିଷୟରେ କହେ (୧୧ : ୧୬, ୧୪:୫, ୨୦:୨୪-୨୯,୨୧:୨) ବିଶେଷ ପ୍ରସଙ୍ଗ ଦେଖନ୍ତୁ ! ପ୍ରେରିତମାନଙ୍କ ନାମର ଚାର୍ଟ ୧ : ୪୫ ରେ ।

ଏନ୍ ଏ ଏସ୍ ବି (ଆଧୁନିକିକରଣ) ପାଠ୍ୟାଂଶ **୧୧ : ୧୭ - ୨୭**

**୧୭ "ଯୀଶୁ ପହଞ୍ଚି ଶୁଣିଲେ ଯେ, ସେ ଚାରିଦିନ ହେଲା ସମାଧିରେ ରଖାଗଲେଣି । ୧୮. ବେଥନିଆ ଯିରୁଶାଲମ ନିକଟରେ ଥିଲା, ପ୍ରାୟ ଏକ କ୍ରୋଶ ଦୂର । ୧୯. ଆଉ ଯିହୁଦୀମାନଙ୍କ ମଧ୍ୟରୁ ଅନେକେ ମାର୍ଥା । ଓ ମରିୟମଙ୍କୁ ସେମାନଙ୍କ ଭାଇ ବିଷୟରେ ସାନ୍ତ୍ୱନା ଦେବା ନିମନ୍ତେ ସେମାନଙ୍କ ନିକଟକୁ ଆସିଥିଲେ । ୨୦ ସେଥିରେ ଯୀଶୁ ଆସିଛନ୍ତି ବୋଲି ଯେତେବେଳେ ମାର୍ଥା ଶୁଣିଲେ, ସେତେବେଳେ ସେ ତାହାଙ୍କୁ ଭେଟିବାକୁ ଗଲେ । କିନ୍ତୁ ମରିୟମ ଗୃହରେ ବସି ରହିଲେ । ୨୧. ମାର୍ଥା ! ଯୀଶୁଙ୍କୁ କହିଲେ, ପ୍ରଭୋ ଯଦି ଆପଣ ଏଠାରେ ଉପସ୍ଥିତ ହୋଇଥାଆନ୍ତେ ତାହା ହେଲେ ମୋହର ଭାଇ ମରି ନ ଥାଆନ୍ତା । ୨୨. କିନ୍ତୁ ଆପଣ ଈଶ୍ୱରଙ୍କୁ ଯାହା କିଛି ମାଗିବେ, ଈଶ୍ୱର ଯେ ତାହା ଆପଣଙ୍କୁ ଦେବେ । ଏହା ଏବେ ସୁଦ୍ଧା ମୁଁ ଜାଣେ । ୨୩ ଯୀଶୁ ତାହାଙ୍କୁ କହିଲେ, ତୁମ୍ଭ ଭାଇ ଉଠିବ। । ୨୪. ମାର୍ଥା ତାହାଙ୍କୁ କହିଲେ, ସେ ଯେ ଶେଷଦିନରେ ଉଠିବ । ଏହା ମୁଁ ଜାଣେ । ୨୫. ଯୀଶୁ ତାହାଙ୍କୁ କହିଲେ, ମୁଁ ପୁନରୁତ୍ଥାନ ଓ ଜୀବନ ଯେ ମୋଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ । ୨୬. ପୁଣି ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସ କରେ, ସେ କଦାପି କେବେ ହେଁ ମରିବ ନାହିଁ । ଏହା କ'ଣ ବିଶ୍ୱସ କରୁଅଛ ? ୨୭. ସେ ତାହାଙ୍କୁ କହିଲେ, ହଁ ପ୍ରଭୋ, ଯାହାଙ୍କର ଜଗତକୁ ଆଗମନ କରିବାର ଥିଲା, ଆପଣ ଯେ ଈଶ୍ୱରଙ୍କ ପୁତ୍ର ସେହି ଖ୍ରୀଷ୍ଟ । ଏହା ମୋହର ବିଶ୍ୱାସ ।"**

**୧୧ : ୧୭ "ସେ ଚାରିଦିନ ହେଲା ସମାଧିରେ ରଖାଗଲେଣି"** ଗୁରୁମାନେ କହିଲେ ଯେ, ମାନବ ଆତ୍ମା ଶାରୀରିକ ଶରୀରର ନିକଟରେ ତିନିଦିନ ପର୍ଯ୍ୟନ୍ତ ରହେ । ଯୀଶୁ ଚାରିଦିନ ପର ପର୍ଯ୍ୟନ୍ତ ବିଳମ୍ବ କଲେ, ନିଶ୍ଚୟତା ଦେବାକୁ ଯେ ଲାଜାର ପ୍ରକୃତରେ ମୃତ ଥିଲେ ଏବଂ ଗୁରୁମାନଙ୍କର ଆଶାସମସ୍ତ ଅତିକ୍ରମ କରିଥିଲା ।

**୧୧ : ୧୮ ପ୍ରାୟ ଦୁଇ ମାଇଲ"** ୧୮ ପଦ ଆଉ ଏକ ସମ୍ପାଦକୀୟ ମନ୍ତବ୍ୟ ଯୋହନଙ୍କ ଦ୍ୱାରା ଥିଲା । ଆକ୍ଷରିକ ଭାବେ ଏହା ୧୫ ଲିଙ୍ଗ ବା ୨୨୦ ଗଜ । ୧ / ୮ ମାଇଲ ।

**୧୦ : ୧୯ "ଯୀହୁଦୀମାନଙ୍କ ମଧ୍ୟରୁ ଅନେକେ ମାର୍ଥା ଓ ମରିୟମଙ୍କ ନକକଟକୁ ଆସିଥିଲେ"** । ଏହା "ଯିହୁଦୀମାନଙ୍କ" ଶବ୍ଦର ଏକ ଚାରିତ୍ରିକଗୁଣ ବିହୀନ ନିରପେକ୍ଷ ବ୍ୟବହାର, ଯାହା ସାଧାରଣତଃ ଯୋହନ, ଯୀଶୁଙ୍କ ଶତ୍ରୁମାନଙ୍କ ପାଇଁ ବ୍ୟବହାର କରନ୍ତି। ଯାହାବି ହେଉ, ଏହି ପରିପ୍ରେକ୍ଷୀରେ, ଏହା ଯିରୁଶାଲମର ଗୃହକୁ ସ୍ପଷ୍ଟ ବୁଝାଏ ଯେଉଁମାନେ ଏହି ପରିବାରକୁ ଜାଣିଥିଲେ (୩୧, ୩୩, ୪୫ ପଦମାନ)

**୧୧ : ୨୦ "ମରିୟମ ଗୃହରେ ବସିରହିଲେ'** ଯିହୁଦୀ ରୋଦନର ସାଧାରଣ ସ୍ଥାନଥିଲା, ଭୂମି ବା (ଚଟାଣ)ରେ ବସିବା ।

**ବିଶେଷ ପ୍ରସଙ୍ଗ : ଧର୍ମବିଧିରେ ଦୁଃଖ**

ଇସ୍ରାୟେଲୀୟମାନେ ଏକ ପ୍ରିୟଜନଙ୍କ ମୃତ୍ୟୁ ପାଇଁ (ସକାଶେ) ଦୁଃଖ ପ୍ରକାଶ କରୁଥିଲେ ଓ ବ୍ୟକ୍ତି ଗତ ଅନୁତାପ, ଆହୁରି ମଧ ସାମୁହିକ ଅପରାଧମାନ ବିଭିନ୍ନ ଉପାୟରେ କରିବା ହେତୁ ଗଭୀର ଦୁଃଖ ପରିପ୍ରକାଶ କରୁଥିଲେ :

୧. ବାହାରେ ପିନ୍ଧିଥିବା ବସ୍ତ୍ର ଚିରିଦେଉଥିଲେ, ଆଦି ୩୭ : ୨୯, ୩୪, ୪୪ : ୧୩, ବିଚାର କର୍ତ୍ତା ୧୫ : ୩୫ ୨ ଶାମୁଏଲ ୧ : ୧୧, ୩ : ୩୧, ୧ ରାଜାବଳୀ ୨୧ : ୨୭, ଆୟୁବ ୧ : ୨୦

୨. ଅଖା ପିନ୍ଧୁଥିଲେ ଆଦି ୩୭ : ୩୪, ୨ ଶାମୁ ୩ : ୩୧, ୧ ରାଜାବଳୀ ୨୧ : ୨୭, ଯିରିମିୟ ୪୮ : ୩୭

୩. ପାଦୁକା କାଢ଼ିଦେଉଥିଲେ, ୨ ଶାମୁ ୧୫ : ୩୦, ଯିଶାୟ ୨୦ : ୩

୪. ମୁଣ୍ଡରେ ହସ୍ତ ପ୍ରଦାନ କରୁଥିଲେ, ୨ ଶାମୁ ୧୩ : ୯, ଯିରରିମିୟ ୨ : ୩୭

୫. ମୁଣ୍ଡରେ ଧୂଳି ପକାଉଥିଲେ । ଯିହୋଶୂୟ ୭ : ୬, ୧ ଶାମୁ ୪ : ୧୨, ନେହେମିୟ ୯ : ୧

୬. ଭୂମିରେ ବସୁଥିଲେ । ବିଳାପ ୨ : ୧୦, ଯିହିଜିକଲ ୨୬ : ୧୬ (ଭୂମିରେ ଶୟନ କରୁଥିଲେ ୨ ଶାମୁ ୧୨ : ୧୬ ଯିଶାଇଲ ୪୭ : ୧

୭. ବକ୍ଷାଘାତ କରୁଥିଲେ ୧ ଶାମ ୨୫ : ୧, ୨ ଶାମୁ ୧୧ : ୨୬, ନାହୂମ ୨ : ୭

୮. ଶରୀରକୁ କ୍ଷତଯୁକ୍ତ କରୁଥିଲେ ଦ୍ୱିତୀୟ ବିବରଣୀ ୧୪ : ୧, ଯିରିମିୟ ୧୬ : ୬, ୪୮ : ୩୭

୯. ଉପବାସ ରହୁଥିଲେ, ୨ ଶାମୁ ୧ : ୧୬, ୨୨, ୧ ରାଜାବଳୀ ୨୧ : ୨୭

୧୦. ଏକ ବିଳାପ ଉଚ୍ଚାରଣ କରିଗାନ କରୁଥିଲେ । ୨ ଶାମୁ ୧ : ୧୭, ୩ : ୩୧, ୨ ବଂଶାବଳୀ ୩୫ : ୨୫

୧୧. ମସ୍ତକର କେଶ ମୁଣ୍ଡନ (ଲଣ୍ଡା) କରୁଥିଲେ ଯିରିମିୟ ୪୮ : ୩୭

୧୨. ଦାଢ଼ି ଛୋଟ କରି କାଟି ଦେଉଥିଲେ ଯିରିମିୟ ୪୮ : ୩୭

୧୩. ମସ୍ତକ ଓ ମୁଖ ଆଚ୍ଛାଦନ କରୁଥିଲେ . ୨ ଶାମୁ ୧୫ : ୩୦, ୧୯ : ୪

**୧୧ : ୨୧, ୩୨ "ମାର୍ଥା କହିଲେ, ଯଦି ଆପଣ ଏଠାରେ ଉପସ୍ଥିତ ହୋଇଥାଆନ୍ତେ ତାହା ହେଲେ ମୋହର ଭାଇ ମରି ନଥାଆନ୍ତି ।"** ଏହା ହେଉଛି ଏକ ଦ୍ୱିତୀୟ ଶ୍ରେଣୀ ସହିପୂର୍ଣ୍ଣ ବାକ୍ୟ, ଯାହା ଘଟଣାର ବିପରିତ ବୋଲି ନାମିତ ହୋଇଥିଲା । ସେଥିପାଇଁ ଏହା ଏହି ପରି ବୁଝାଯିବ, "ଯଦି ଆପଣ ଏଠାରେ ଆମ ସହିତ ଥାଆନ୍ତେ, ଯେଉଁ ସମୟରେ ଆପଣ ନ ଥିଲେ, ମୋହର ଭାଇ ମରି ନଥାଆନ୍ତା, ସେ ଯେପରି ମରିଗଲା" ମାର୍ଥା ଓ ମରିୟମଙ୍କ ମନ୍ତବ୍ୟ (୩୨ ପଦ) ଯୀଶୁଙ୍କ ନିକଟରେ ସମ୍ପୂର୍ଣ୍ଣ ସମାନ । ସେମାନେ ଏହି ଚାରିଦିନର ଶୋକ ସମୟରେ ନିଶ୍ଚୟ ଆଲୋଚନା କରୁଥିଲେ । ଏହି ଦୁଇ ଜଣ ସ୍ତ୍ରୀ ସେମାନଙ୍କର ପୂର୍ବର ନୈରାଶ ଯାହା ଯୀଶୁ ପୂର୍ବରୁ ନ ଆସିବାରୁ ଆଚ୍ଛାଦିତ ହୋଇ ରହିଥିଲା ତାହା  ତାହାଙ୍କ ସମ୍ମୁଖରେ ପ୍ରକାଶରେ ଯଥେଷ୍ଟ ସାନ୍ତ୍ୱନା ଅନୁଭବ କଲେ ।

**୧୧ : ୨୨ କିନ୍ତୁ ଆପଣ ଈଶ୍ୱରଙ୍କୁ ଯାହା କିଛି ମାଗିବେ, ଈଶ୍ୱର ଯେ ତାହା ଆପଣଙ୍କୁ ଦେବେ ।** ଏହା ଏବେ ସୁଦ୍ଧା ମୁଁ ଜାଣେ ।' ମାର୍ଥା ଯାହା ଯୀଶୁଙ୍କୁ ସଠିକ୍ ଭାବେ କରିବାକୁ ମାଗୁଥିଲା, ଏହା ଅନିଶ୍ଚିତ ଅଟେ । କାରଣ ଲାଜାରଙ୍କ ମୃତ୍ୟୁରୁ ଉଠିବାରେ ସେ ଆଚମ୍ବିତ ହୋଇଯାଇଥିଲେ ୩୯ ପଦରେ ।

**୧୧ : ୨୩ - ୨୪ "ତୁମ୍ଭର ଭାଇ ପୁନର୍ବାର ଉଠିବ"** ମାର୍ଥାଙ୍କର ଫାରୁଶୀମାନଙ୍କ ପରି ଜୀବନର ପରବର୍ତ୍ତୀ ସମୟ ଏକସମାନ ପରମାର୍ଥ ବିଷୟକ ଜ୍ଞାନ (ମତ) ଥିଲା । ସେ ବିଶ୍ୱାସ କରିଥିଲେ ଶେଷ ଦିନର ଶାରୀରିକ ପୁନରୁତ୍ଥାନକୁ । ଏହି ମତ ପାଇଁ ପୁରାତନ ନିୟମ ଶାସ୍ତ୍ରାନୁମୋଦିତ କେତେକ ଚିହ୍ନ ମାତ୍ର ଅଛି । (ଦାନିଏଲ ୧୨ : ୨, ଆୟୁବ ୧୪ : ୧୪, ୧୯ : ୨୫ - ୨୭) ଯୀଶୁ ଏହି ଯିହୁଦୀ ବୁଝାମଣାକୁ ତାହାଙ୍କ ଶକ୍ତି ଓ ଅଧିକାର ଏକ ଦୃଢ଼ ସତ୍ୟତା ମଧକୁ ପରିବର୍ତ୍ତିତ କରନ୍ତି (୨୫ : ୨୪ : ୬)

**୧୪ : ୨୪ 'ଶେଷ ଦିନରେ'** ଯଦ୍ୟପି ଏହା ସତ୍ୟ ଯେ ଯୋହନ ପରିତ୍ରାଣ (ଶେଷ କାଳର ଶିକ୍ଷା ଉପଲବ୍ଧି କଲେ) ର ସେହିକ୍ଷଣି ଗୁରୁତ୍ୱ ଆରୋପ କରନ୍ତି, ସେ ତଥାପି ଏକ ଶେଷ - ସମୟ ପରାମର୍ଶ କରିବା ପ୍ରକ୍ରିୟା ଅପେକ୍ଷା କରନ୍ତି । ଏହା ବିଭିନ୍ନ ଉପାୟରେ ପ୍ରକାଶିତ ହୋଇ ଅଛି ।

୧. ଏକ ବିଚାର / ପୁନ୍ନରୁତ୍ଥାନ ଦିବସ (୫ : ୨୮, ୨୯, ୬ : ୩୯ - ୪୦, ୪୪, ୫୪, ୧୧ : ୨୪, ୧୨ : ୪୮)

୨. "ଘଣ୍ଟା" (୪ : ୨୩, ୫ : ୨୫, ୨୮, ୧୬ : ୩୨)

୩. ଖ୍ରୀଷ୍ଟଙ୍କ ଏକ ଦ୍ୱିତୀୟ ଆଗମନ (୧୪ : ୩ ଏହା ସମ୍ଭବଯେ ୧୪ : ୧୮ - ୧୯, ୨୮ ଏବଂ ୧୬:୧୬,୨୨ ଯୀଶୁଙ୍କ ପୁନରୁତ୍ଥାନ ପରବର୍ତ୍ତୀ ଦର୍ଶନକୁବୁଝାଏ ଓ ଏକ ଶେଷ ।ଳର ଆଗମନକୁ ନୁହେଁ)

୧୧:୨୫ ଯୀଶୁ ତାହାଙ୍କୁ କହିଲେ, ମୁଁ ପୁନରୁତ୍ଥାନ ଓ ଜୀବନ" ଏହା ଯୀଶୁଙ୍କ ସାତଟି "ମୁଁ ଅଟେ"ର ଅନ୍ୟତମ ମନ୍ତବ୍ୟ । ଲାଜାରଙ୍କ ମୃତ୍ୟୁ ସମ୍ମୁଖରେ, ମାର୍ଥା ବଞ୍ଚିବେ ବୋଲି ବିଶ୍ୱାସ କରିବାକୁ ଉତ୍ସାହିତ ହୋଇଥିଲେ । ଏହି ଆଶା ପିତା ଓ ଯୀଶୁଙ୍କ ବ୍ୟକ୍ତିତ୍ୱ ଓ ଶକ୍ତି (କ୍ଷମତା)ରେ ଚେର ମାଡ଼ିଥିଲା ୫;୨୧ । ୮:୧୨ରେ ଲକ୍ଷ୍ୟ କର ।

ଆଶ୍ଚର୍ଯ୍ୟ ରୂପେ ଏକ ପୁରାତନ (ଆଦ୍ୟ) ପାପିରସ ପାଣ୍ଡୁଲିପି (ଯଥା ପି) ଏବଂ କେତେକ ଲାଟିନ୍ ସିରିଆନ୍‌ମାନଙ୍କ ଦର୍ଶନ ଏବଂ ଡାୟୋଟେସାରନ୍ ଶବ୍ଦଗୁଡ଼ିକୁ ଏବଂ ଜୀବନକୁ ଅପଭ୍ରଂଶ ବା ଲିଭାଇ ଦିଅନ୍ତି । ୟୁବି.ଏସ ସେମାନଙ୍କ ଅନ୍ତର୍ଭୁକ୍ତ ଏକ ବି ମୂଲ୍ୟ ଦିଅନ୍ତି, ମାତ୍ର ୟୁବିଏସ ସେମାନଙ୍କ ଅର୍ନ୍ତଭୁକ୍ତିକୁ ଏକ "ଏ" ମୁଲ୍ୟ ଦେଇଛନ୍ତି (ନିଶ୍ଚିତ)

**୧୧:୨୬ ଯେ କେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସ କରେ, ସେ କଦାପି କେବେ ହେଁ ମରିବ ନାହିଁ"** ଏହି ପାଠ୍ୟାଂଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ବିନ୍ୟାସ ସମ୍ବନ୍ଧୀୟ ଛବିମାନ ଅଛି ।

୧. ସାର୍ବଜନିନ ସର୍ବନାମ "ସମସ୍ତ"

୨. ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ, ଯାହା ଚାଲୁ ରହିଥିବା ବିଶ୍ୱାସ ସକାଶେ ପ୍ରଦର୍ଶିତ କରିବା ଆବଶ୍ୟକ (୨୫ ଓ ୨୬)

୩. ବଳିଷ୍ଠ ଦୁଇଗୁଣିତ ନାସ୍ତିବାଚକ ବିଷୟ ମୃତ୍ୟୁ ସହିତ ସଂଯୁକ୍ତ । 'କଦାପି' କେବେହେଲେ ମରିବ ନାହିଁ" ଯାହା ସ୍ପଷ୍ଟ ରୂପେ ଆତ୍ମିକ ମୃତ୍ୟୁକୁ ବୁଝାଏ

ଯୋହନରେ ଅନନ୍ତ ଜୀବନ, ବିଶ୍ୱାସୀମାନଙ୍କ ପାଇଁ ଏକ ବର୍ତ୍ତମାନର ବାସ୍ତବତା ଅଟେ । କେବଳ କିଛି ଭବିଷ୍ୟତ୍ ଘଟଣା ନୁହେଁ । ଲାଜାର ଯୀଶୁଙ୍କ ବାକ୍ୟ ପ୍ରକାଶ କରିବାକୁ ଉଦ୍ଦିଷ୍ଟ । ଯୋହନଙ୍କ ପାଇଁ ଅନନ୍ତ ଜୀବନ ଏକ ବର୍ତ୍ତମାନର ବାସ୍ତବତା ଅଟେ ।

୧୧:୨୭ : ହଁ ପ୍ରଭୁ, ଯାହାଙ୍କର ଜଗତକୁ ଆଗମନ କରିବାର ଥିଲା, ଆପଣ ଯେ ଈଶ୍ୱରଙ୍କପୁତ୍ର ସେହି ଖ୍ରୀଷ୍ଟ, ଏହା ମୋହର ବିଶ୍ୱାସ । ଏହା ସିଦ୍ଧ କାଳରେ ପ୍ରକାଶ କରାଯାଇଅଛି । ପ୍ରତିଜ୍ଞାତ ମଶୀହ ଭାବରେ, ଏହା ତାଙ୍କର ବ୍ୟକ୍ତିଗତ ବିଶ୍ୱାସ ଯୀଶୁଙ୍କଠାରେ ଥିବାର ଏକ ଶକ୍ତିଶାଳୀ ସ୍ୱୀକାରୋକ୍ତି । ଏହା କାଇସରିଆରେ ପିତରଙ୍କ ସ୍ୱୀକାରୋକ୍ତି ସହିତ ପାରମାର୍ଥିକ ଭାବେ ସମତୁଲ । (ମାଥିଉ ୬)

ସେ ତାଙ୍କର ବିଶ୍ୱାସ ପ୍ରକା। କରିବାକୁ ଅନେକ ବିଭିନ୍ନ ଉପନାମ ବ୍ୟବହାର କରନ୍ତି

୧. ଖ୍ରୀଷ୍ଟ (ଯାହା ମଶୀହଙ୍କ ଗ୍ରୀକ୍ ଅନୁବାଦ, ଅଭିଷିକ୍ତ ବ୍ୟକ୍ତି)

୨. ଈଶ୍ୱରଙ୍କ ପୁତ୍ର (ମଶୀହଙ୍କ ପୁରାତନ ନିୟମର ଏକ ଉପନାମ)

୩. ଯାହାଙ୍କର ଆଗମନ କରିବାର ଥିଲା (ଈଶ୍ୱରଙ୍କ ପ୍ରତିଜ୍ଞାତ ବ୍ୟକ୍ତି ଯେ କି ଧାର୍ମିକତାର ନୂତନ ଯୁଗ ଆଣିବେ ତାହାଙ୍କ ନିମନ୍ତେ ଅନ୍ୟ ଏକ ପୁରାତନ ନିୟମର ଉପନାମ ୬:୧୪)

ଯୋହନ ସତ୍ୟ ପ୍ରକାଶ କରିବାକୁ ଏକ ସାହିତ୍ୟିକ ପ୍ରଣାଳୀରେ ସଂଳାପ ବ୍ୟବହାର କରନ୍ତି । ଯୋହନ ସୁସମାଚାରରେ ଯୀଶୁଙ୍କଠାରେ ବିଶ୍ୱାସର ବିଭିନ୍ନ ସ୍ୱୀକାରୋକ୍ତି ଅଛି (୧;୨୯, ୩୪, ୪୧, ୪୯, ୪:୪୨, ୬:୪୪, ୬୯, ୯:୩୫-୩୮ ୧୧:୨୭)

ବିଶେଷ ପ୍ରସଙ୍ଗ ଦେଖନ୍ତୁ : ୨;୨୩ରେ ଯୋହନଙ୍କ ବିଶ୍ୱାସର ବ୍ୟବହାର

**ଏନଏଏସବି (ଆଧୁନିକିକରଣ) ପାଠ୍ୟାଂଶ ୧୧:୨୮-୨୯**

**ଏହା କହିବା ଉତ୍ତାରେ ସେ ଯାଇ ଆପଣା ଭଉଣୀ ମରିୟମଙ୍କୁ ଗୋପନରେ ଡାକି କହିଲେ ଗୁରୁ ଆସିଲେଣି ଆଉ ତୋତେ ଡାକୁଅଛନ୍ତି ସେ ଏହା ଶୁଣି ଶୀଘ୍ର ଉଠି ତାହାଙ୍କ ନିକଟକୁ ଗଲେ ।**

**୧୧:୨୮ "ଗୁରୁ"** ଏନଏଏସବି ଅଧ୍ୟୟନ ବାଇବଲ (୧୫୪୦ ପୃଷ୍ଠାରେ ଏକ ମହାନ୍ ମନ୍ତବ୍ୟ ଅଛି, ଜଣେ ସ୍ତ୍ରୀ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଣ୍ଣନା ଦିଆଯିବ । ଗୁରୁମାନେ ସ୍ତ୍ରୀଲୋକମାନଙ୍କୁ ଶିକ୍ଷା ଦିଅନ୍ତି ନାହିଁ (୪:୨୭) କିନ୍ତୁ ଯୀଶୁ ସେମାନଙ୍କୁ ଥରକୁ ଥର ଶିକ୍ଷା ଦେଉଥିଲେ ।

**ବିଶେଷ ପ୍ରସଙ୍ଗ : ବାଇବଲରେ ସ୍ତ୍ରୀଲୋକମାନେ**

୧. ପୁରାତନ ନିୟମ

କ. ସଂସ୍କୃତିଗତ ଭାବେ ସ୍ତ୍ରୀ ।ମନେ ସମ୍ପତ୍ତି ରୂପେ ବିବେଚିତ ହେଉଥିଲେ

୧. ସମ୍ପତ୍ତିର ତାଲିକାରେ ଅନ୍ତର୍ଭୁକ୍ତ (ଯାତ୍ରା ୨୦:୧୭)

୨. କ୍ରୀତଦାସୀମାନଙ୍କ ପ୍ରତି ବ୍ୟବହାର (ଯାତ୍ରା ୨୧:୭-୧୧)

୩. ସ୍ତ୍ରୀ ଲୋକମାନଙ୍କ ଶପଥ, ସାମାଜିକ ଦାୟିତ୍ୱପୂର୍ଣ୍ଣ ପୁରୁଷମାନଙ୍କ ଦ୍ୱାରା ବାତିଲ କରିବା ଯୋଗ୍ୟ ରୂପେ ବିବେଚିତ ହେଉଥିଲା (ଗଣନା ୩୦)

୪. ସ୍ତ୍ରୀ ମାନେ, ଯୁଦ୍ଧର ଲୁଟଦ୍ରବ୍ୟ ସଦୃଶ (ଦ୍ୱିତୀୟ ବିବରଣ ୨୦-:୧୦-୧୪, ୨୧:୧୦-୧୪)

ଖ. ବ୍ୟବହାରିକ ଭାବେ ଏକ ପାରସ୍ପରିକ ସମ୍ବନ୍ଧ ଥିଲା

୧. ପୁରୁଷ ଓ ସ୍ତ୍ରୀ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ (ଆଦି ୧:୨୬, ୨୭)

୨. ପିତା ଓ ମାତାଙ୍କୁ ସମ୍ଭ୍ରମ କର (ଯାତ୍ରା ୨୦:୧୨, (ଦ୍ୱିତୀୟ ବିବରଣ ୫:୧୬)

୩. ମାତା ଓ ପିତାଙ୍କୁ ସମାଦର କର (ଲେବୀ ୧୯:୩, ୨୦:୯)

୪. ପୁରୁଷ ଓ ସ୍ତ୍ରୀ ନାସରିୟ ହୋଇ ପାରିବେ ୯ଗଣନ ୬;୧-୨)

୫. ଝିଅମାନଙ୍କର ଉତ୍ତରାଧିକାରର ଦାବି ଅଛି (ଗଣନା ୨୭:୧-୧୧)

୬. ଚୁକ୍ତିବଦ୍ଧ ଲୋକମାନଙ୍କ ଅଂଶ (ଦ୍ୱିତୀୟ ବିବରଣ ୨୯:୧୦-୧୨)
୭. ପିତା ଓ ମାତାଙ୍କ ଶିକ୍ଷା ପର୍ଯ୍ୟବେକ୍ଷଣ କର (ହିତୋପଦେଶ ୧;୮; ୬:୨୦)
୮. ହେମନଙ୍କ ପୁତ୍ର ଓ କନ୍ୟାମାନେ (ଲେବୀୟ ପରିବାର) ମନ୍ଦିରରେ ସଙ୍ଗୀତ ପରିଚାଳନା କରୁଥିଲେ (୧ ବଂଶା ୨୫:୫-୬)
୯. ନୂତନ ଯୁଗରେ ପୁତ୍ର ଓ କନ୍ୟାମାନେ ଭାବବାଣୀ କହିବେ (ଯୋୟେଲ ୨:୨୮, ୨୯)

ଗ. ସ୍ତ୍ରୀମାନେ ନେତୃତ୍ୱ ଭୂମିକାଗୁଡ଼ିକରେ
୧. ମୋଶାଙ୍କ ଭଗିନୀ, ମରିୟମ, ଭବିଷ୍ୟତ୍‌ବକ୍ତ୍ରୀ ରୂପେ ପରିଚିତ (ଯାତ୍ରା ୧୫:୨୦-୨୧ ମଧ୍ୟ ଲକ୍ଷ୍ୟ କର ମୀଖା ୬;୪)
୨. ଆବାସ ତମ୍ବୁ ନିମନ୍ତେ ଜିନିଷ ସବୁ ବୟନ କରିବାକୁ ଈଶ୍ୱରଙ୍କ ଦ୍ୱାରା ବୁଣାକର୍ମ ଦକ୍ଷତାର ଦାନପ୍ରାପ୍ତ ଯାତ୍ରା ୩୫:୨୫,୨୬)
୩. ଜଣେ ସ୍ତ୍ରୀ ଦବୋରା ମଧ୍ୟ ଜଣେ ଭବିଷ୍ୟତ ବକ୍ତ୍ରୀ (ବିଚାର କର୍ତ୍ତ)୪:୪) ସମସ୍ତ ଗୋଷ୍ଠୀମାନଙ୍କୁ ନେତୃତ୍ୱ ଦେଲେ ବିଚାରକର୍ତ୍ତ୍ରୀ ରୂପେ । ବିଚାରକର୍ତ୍ତା ୪:୪-୫, ୫:୭)
୪. ହଲ୍‌ଦା ଏକ ଭବିଷ୍ୟତ୍ ବକ୍ତ୍ରୀ ଥିଲେ ଯାହାଙ୍କୁ ରାଜା ଯୋଶିୟ ନୂତନ ଭାବେ ମିଳିଥିବା "ନିୟମ ପୁସ୍ତକ" ପାଠ କରି ଅନୁବାଦ କରିବାକୁ ଆହ୍ୱାନ କରିଥିଲେ (୨ ରାଜାବଳୀ ୨୨:୧୪, ୨ ବଂଶାବଳୀ ୩୪;୨୨-୭)
୫. ଏଷ୍ଟର ରାଣୀ ଜଣେ ଈଶ୍ୱର ପରାୟଣା ସ୍ତ୍ରୀ । ପାରସ୍ୟରେ ଯିହୁଦୀମାନଙ୍କୁ ଉଦ୍ଧାର କଲେ

୨. ନୂତନ ନିୟମ
କ. ସଂସ୍କୃତିଗତ ଭାବେ ସ୍ତ୍ରୀମାନେ ଯିହୁଦୀ ଧର୍ମ ଓ ଗ୍ରୋସୋ - ରୋମୀୟ ଜଗତ ଉଭୟରେ ଥିଲେ ଦ୍ୱିତୀୟ ଶ୍ରେଣୀ ନାଗରିକ ଅଧିକାର ଓ ସୁଯୋଗମାନର ସହିତ (ମାକିଦିନିଆ ଏଥିରେ ବ୍ୟତିରେକ ଥିଲା)
ଖ. ନେତୃତ୍ୱ ଭୂମିକାରେ ସ୍ତ୍ରୀମାନେ
୧. ଏଲିଜାବେଥ ଓ ମରିୟମ, ଈଶ୍ୱରପରାୟଣା ସ୍ତ୍ରୀ, ଈଶ୍ୱରଙ୍କ ପାଇଁ ବ୍ୟବହାର ଯୋଗ୍ୟା (ଲୁକ ୧-୨)
୨. ହାନ୍ନା ଈଶ୍ୱର ପରାୟଣା ସ୍ତ୍ରୀ ମନ୍ଦିରରେ ସେବା କରୁଥିଲେ (ଲୁକ ୨;୩୬)
୩. ଲୁଦିଆ, ବିଶ୍ୱାସୀ ଓ ଏକ ଗୃହ ମଣ୍ଡଳୀର ନେତ୍ରୀ (ପ୍ରେରିତ ୧୬:୧୪,୪୦)
୪. ଫିଲିପଙ୍କ ଚାରି କୁମାରୀ କନ୍ୟାଭବିଷ୍ୟତ୍ ବକ୍ତ୍ରୀ ଥିଲେ (ପ୍ରେରିତ ୨୧:୮-୯)
୫. ଫୈବି, କଞ୍ଚେରିଆଠାରେ ମଣ୍ଡଳୀର ଦିକନ (ରୋମୀ ୧୬:୧)
୬. ପ୍ରିସ୍କା (ପ୍ରିସ୍କିଲା) ପାଉଲଙ୍କ ସହକର୍ମୀ ଓ ଆପୋଲୋଙ୍କ ଶିକ୍ଷୟିତ୍ରୀ (ପ୍ରେରିତ ୧୮:୨୬, ରୋମୀ ୧୬:୩)
୭. ମରିୟମ, ତ୍ରିଫାଏନା, ତ୍ରିଫୋସା, ପେର୍ସିସ୍, ଜୁଲିଆ, ନେରିଅସଙ୍କ ଭଗିନୀ, ପାଉଲଙ୍କର ବିଭିନ୍ନ ମହିଳା ସହକର୍ମୀମାନେ (ରୋମୀ ୧୬:୬-୧୬)
୮. ଜୁନିଆ (କେଜେଭି) ସମ୍ଭବତଃ ଜଣେ ମହିଳା ପ୍ରେରିତ (ରୋମୀ ୧୬:୭)
୯.ଏଉଦ୍ଦିଆ ଓସନ୍ତୁଖି, ପାଉଲଙ୍କ ସହକର୍ମୀମାନେ (ଫିଲି ୪:୨-୩)

୩. ଏକ ଆଧୁନିକ ବିଶ୍ୱାସୀ କିପରି ବିକ୍ଷିପ୍ତ ବାଇବଲ ସମ୍ବନ୍ଧୀୟ ଉଦାହରଣ ବା ଆଦର୍ଶମାନ ମଧ୍ୟରେ ଭାରସାମ୍ୟ ରକ୍ଷା କରିବ ?
କ. ଅନନ୍ତକାଳୀନ ସତ୍ୟତା ମଧ୍ୟରୁ କିପରି ଜଣେ ଐତିହାସିକ, ସଂସ୍କୃତିଗତ ସତ୍ୟତାମାନ ସ୍ଥିର କରେ, ଯାହା କେବଳ ସର୍ବପ୍ରଥମ ବା ଆଦ୍ୟ ପରିବେଶରେ ପ୍ରୟୋଗ କରାଯିବ, ଯାହା ସମସ୍ତ ମଣ୍ଡଳୀଗଣ ନିମନ୍ତେ ଓ ସବୁ ଯୁଗର ସମସ୍ତ ବିଶ୍ୱାସୀଙ୍କ ପାଇଁ ପ୍ରଯୁଜ୍ୟ?
୧. ଆମ୍ଭେମାନେ ଆଦ୍ୟ ପ୍ରେରଣାପ୍ରାପ୍ତ ଲେଖକଙ୍କ ଉଦ୍ଦେଶ୍ୟକୁ ଅତି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବେ ଗ୍ରହଣ କରିବା ଉଚିତ । ବାଇବଲ ହେଉଛି ଈଶ୍ୱରଙ୍କ ବାକ୍ୟ ଓ ବିଶ୍ୱାସ ଓ ଅଭ୍ୟାସ ପାଇଁ ଏକମାତ୍ର ଉତ୍ପତ୍ତି ସ୍ଥଳ ।
୨. ଆମ୍ଭେମାନେ ସ୍ପଷ୍ଟ ଐତିହାସିକ - ସର୍ତ୍ତପୂର୍ଣ୍ଣ ଭାବେ ଈଶ୍ୱର ନିଶ୍ୱସିତ ପାଠ୍ୟାଂଶଗୁଡ଼ିକ ସହିତ ବ୍ୟବହାର କରିବା ଉଚିତ ।
କ- ଇସ୍ରାଏଲର ଭୌତିକ ବିଶ୍ୱାସ (ଯଥା- ରୀତିନୀତି ଓ ବିଧିବିଧାନ) ପ୍ରେରିତ ୧୫, ଗାଲାତୀୟ ୩
ଖ- ପ୍ରଥମ ଶତାବ୍ଦୀ ଯିହୁଦୀ ଧର୍ମ
ଗ- ପାଉଲଙ୍କ ସ୍ପଷ୍ଟଭାବରେ ଐତିହାସିକ ସର୍ତ୍ତପୂର୍ଣ୍ଣ ମନ୍ତବ୍ୟମାନ କରନ୍ଥୀରେ
୧ - ରୋମ ବିଜାତୀୟ ମାନଙ୍କ ନ୍ୟାୟ ବା ଆଇନ ପଦ୍ଧତି (୧ କରନ୍ଥୀ ୬)
୨ - ଏକ କ୍ରୀତଦାସ ହୋଇ ରହିବା (୧ କରନ୍ଥୀ ୭:୨୦-୨୪)
୩ - ବିବାହ ବିରୋଧୀ (୧ କରନ୍ଥୀ ୭:୧-୩୫)
୪ - କୁମାରୀଗଣ (୧ କରନ୍ଥୀ ୭: ୩୬-୩୮)
୫ - ଦେବତା ବା ପ୍ରତିମା ନିକଟରେ ଖାଦ୍ୟ ଉତ୍ସର୍ଗ (୧ କରନ୍ଥୀ ୮:୧୦ : ୨୩ - ୩୩)
୬ - ପ୍ରଭୁ ଭୋଜରେ ଅଯୋଗ୍ୟ କାର୍ଯ୍ୟକଳାପମାନ ( ୧ କରନ୍ଥୀ ୧୧)

୩. ଈଶ୍ୱର ସମ୍ପୂର୍ଣ୍ଣଭାବେ ଓ ପରିଷ୍କାରଭାବେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତ ସକାଶେ ଓ ନିର୍ଦ୍ଦିଷ୍ଟ ଦିନରେ ଆପଣାକୁ ପ୍ରକାଶ କରିଥିଲେ । ଆମ୍ଭେମାନେ ସେହି ପ୍ରକାଶକୁ ଗୁରୁତର ଭାବେ ଗ୍ରହଣ କରିବା ଉଚିତ ମାତ୍ର ଏହାର ପ୍ରତ୍ୟେକ ଐତିହାସିକ ପରିବେଶକୁ ନୁହେଁ । ଈଶ୍ୱରଙ୍କ ବାକ୍ୟ ମାନବୀୟ ଭାଷାରେ ଲେଖା ଯାଇଥିଲା, ଏକ ନିର୍ଦ୍ଦିଷ୍ଟ ସଂସ୍କୃତିକୁ ପ୍ରଦାନ କରାଯାଇଥିଲା ଏକ ନିର୍ଦ୍ଦିଷ୍ଟ ସମୟରେ ।

ଖ. ବାଇବଲ ସମ୍ବନ୍ଧୀୟ ଅନୁବାଦରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟ ଅନ୍ୱେଷଣ କରିବା ଉଚିତ । ସେ ତାଙ୍କର ଦିନକୁ କ'ଣ କହୁଥିଲେ ? ଯଥାର୍ଥ ଅନୁବାଦ ପାଇଁ ଏହା ମୂଳଭିତ୍ତିମୂଳକ ଓ କଷ୍ଟକର । ମାତ୍ର ତେବେ ବା ତାହାପରେ ଆମର ଦିନ ବା ସମୟ ନିମନ୍ତେ ଏହା ପ୍ରୟୋଗ କରିବା ଉଚିତ । ବର୍ତ୍ତମାନ ମହିଳାମାନଙ୍କ ନେତୃତ୍ୱ ସକାଶେ ସମସ୍ୟା ଏଠାରେ ଅଛି (ପ୍ରକୃତ ଅନୁବାଦକାରୀ ସମସ୍ୟା ଏହି ଭାଷା ବୁଝାଇପାରେ । ସେଠାରେ ଅଧିକ ସେବାକାର୍ଯ୍ୟ ପାଳକମାନଙ୍କ ସଂଖ୍ୟା ଅପେକ୍ଷା ଅଧିକ ଥିଲା କି ? ଯେଉଁ ପାଳକମାନେ ନେତୃତ୍ୱରେ ଦେଖା ପାଇଥିଲେ ? ନାରୀ ଡିକନମାନେ ଓ ଭବିଷ୍ୟତ ବକ୍ତ୍ରୀମାନେ ନେତା ଭାବରେ ଥିଲେ କି ? ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯେ ପାଉଲ ୧ କରନ୍ଥୀ ୧୪ : ୩୪-୩୫ ଓ ୧ ତୀମଥି ୨:୯-୧୫ରେ ଜୋର ଦେଇ କହୁଛନ୍ତି ଯେ ସ୍ତ୍ରୀଲୋକମାନେ ଜନସାଧାରଣ ଉପାସନାରେ ଚାଳିକା ଭାବରେ ନେତୃତ୍ୱ ନେବା ଉଚିତ୍ ନୁହେଁ । ମାତ୍ର ମୁଁ ଆଜି ତାହା ପ୍ରୟୋଗ କରିବ କି ? ଈଶ୍ୱରଙ୍କ ବାକ୍ୟ ଓ ଇଚ୍ଛାକୁ ନୀରବ କରିବାକୁ ମୁଁ ପାଉଲଙ୍କ ସଂସ୍କୃତି ବା ମୋ ସଂସ୍କୃତି ଚାହେଁ ନାହିଁ । ସମ୍ଭବତଃ ପାଉଲଙ୍କ ଦିନ ଅତି ସୀମାବଦ୍ଧ ମାତ୍ର ମୋର ଦିନ ବହୁତ ମୁକ୍ତ ହୋଇପାରେ । ମୁଁ ତାହା କହି ଏତେ ଅସ୍ୱସ୍ତି ବୋଧ କରେ ଯେ ପାଉଲଙ୍କ ବାକ୍ୟଗୁଡ଼ିକ ଓ ଶିକ୍ଷାମାନ ସର୍ବତ୍ତପୂର୍ଣ୍ଣ । ପ୍ରଥମ ଶତାବ୍ଦୀର ସ୍ଥାନୀୟ ପରିସ୍ଥିତିଭିତ୍ତିକ ସତ୍ୟମାନ । ମୁଁ କିଏ ଯେ ମୋର ମନ ବା ମୋର ସଂସ୍କୃତି ଈଶ୍ୱର ନିଶ୍ୱସିତ ବାକ୍ୟ ଦ୍ୱାରା ପ୍ରେରଣାପ୍ରାପ୍ତ ଲେଖକଙ୍କୁ ବିରୋଧ କରିବି ?

ଯାହାବି ହେଉ ମୁଁ କ'ଣ କରିବି, ଯେତେବେଳେ ମହିଳା ନେତାମାନଙ୍କର ଉଦାହରଣ ବାଇବଲ ଅନୁମୋଦିତ (ଏପରିକି ପାଉଲଙ୍କ ଲେଖା ରୋମୀୟ ୧୬ରେ) ? ଏହାର ଏକ ଉତ୍ତମ ଉଦାହରଣ, ହେଉଛି ଜନସାଧାରଣ ଉପାସନାରେ ମହିଳା ନେତୃତ୍ୱ ଉପରେ ୧ କରନ୍ଥୀ ୧୧ - ୧୪ରେ ପାଉଲଙ୍କ ଆଲୋଚନା । ୧୧:୫ରେ ସେ ମହିଳାମାନଙ୍କ ପ୍ରଚାର ଓ ଜନସାଧାରଣ ଉପାସନାରେ ସେମାନଙ୍କ ମସ୍ତକ ଆଚ୍ଛାଦନକରି ପ୍ରାର୍ଥନା କରିବାକୁ ଅନୁମତି ଦେଇଥିବା ଦେଖାଯାଏ । ତଥାପି ୧୪:୩୪-୩୫ରେ ସେ ଦାବି କରନ୍ତି । ସେମାନେ ନୀରବ ରହନ୍ତୁ ! ସେଠାରେ ଡିକନମାନେ (ରୋମୀ ୧୬:୧ରେ) ଭବିଷ୍ୟତବକ୍ତାମାନେ (ପ୍ରେରିତ ୨୧:୯ରେ) ଥିଲେ । ଏହି ବିଭିନ୍ନତାର ମତ, ଯାହା ମୋତେ ପାଉଲଙ୍କ ମନ୍ତବ୍ୟଗୁଡ଼ିକୁ (ମହିଳା ମାନଙ୍କ ଉପରେ କଟକଣା) ଚିହ୍ନିବା ଲାଗି ସ୍ୱାଧିନତା ଲାଭ କରିବାକୁ ଅନୁମତି ଦିଏ ଯେ ତାହା ପ୍ରଥମ ଶତାବ୍ଦୀ କରିନ୍ଥୀୟ ଓ ଏଫିସୀୟମାନଙ୍କ ପାଇଁ ସୀମାବଦ୍ଧ । ଉଭୟ ମଣ୍ଡଳୀରେ ମହିଳାମାନେ ସେମାନଙ୍କର ନୂତନଭାବେ ଲାଭ କରିଥିବା ସ୍ୱାଧୀନତାକୁ କାର୍ଯ୍ୟକାରୀ କରିବାରେ ସମସ୍ୟା ଥିଲା । (ବ୍ରସ୍ ଉଇଣ୍ଟରଙ୍କ "ପାଉଲ କରନ୍ଥୀ ତ୍ୟାଗ କରିବାପରେ", ପାଠକରିବାକୁ ଅନୁରୋଧ) ଯାହା ଖ୍ରୀଷ୍ଟଙ୍କ ସକାଶେ ସେମାନଙ୍କ ସମାଜ ମଧ୍ୟରେ ପହଞ୍ଚିବାକୁ ମଣ୍ଡଳୀ ପାଇଁ କଷ୍ଟର କାରଣ ହୋଇ ଥାଆନ୍ତା । ସେମାନଙ୍କ ସ୍ୱାଧୀନତା ସୀମାବଦ୍ଧ ହେବା ଉଚିତ ଥିଲା ତେବେ ପାଇ ସୁସମାଚାର ଅଧିକ ହୋଇ ପାରିବ ।

ମୋର ଦିନ ପାଉଲଙ୍କର ଠିକ୍ ବିପରୀତ ଅଟେ । ମୋ ଦିନମାନଙ୍କରେ ସୁସାମଚାର ସୀମିତ ହୋଇଯାଇ ପାରେ ଯଦି ବକ୍ତବ୍ୟରେ ଦକ୍ଷ, ତାଲିମପ୍ରାପ୍ତ ସ୍ତ୍ରୀଲୋକମାନଙ୍କୁ ସୁସମଚାର କହିବାକୁ ଓ ନେତୃତ୍ୱ ନେବାକୁ ଅନୁମତି ଦିଆ ନ ଯାଏ । ଜନସାଧାରଣ ଉପାସନାର ଚୂଡ଼ାନ୍ତ ଲକ୍ଷ୍ୟ କ'ଣ ? ଏହା କ'ଣ ସୁସମାଚାରର ପ୍ରଚାର ଓ ଶିଷ୍ୟତ୍ୱ ନୁହେଁ କି ? ବାଇବଲ ଏକ ସମଷ୍ଟିଗତ ଭାବେ "ହଁ" କହିବା ଦେଖାଯାଏ ।

ମୁଁ ପାଉଲଙ୍କ ପ୍ରତି ଅନୁରକ୍ତି ଦେଖାଇବାକୁ ଚାହେଁ ; ମୋର ପରମାର୍ଥ ଶିକ୍ଷା ବିଶେଷତଃ ପାଉଲଙ୍କ ମତାନୁଯାୟୀ ଅଟେ । ମୁଁ ଆଧୁନିକ ନାରୀ ମତବାଦ ଦ୍ୱାରା ଅଧିକ ପ୍ରଭାବିତ ବା ପ୍ରରୋଚିତ ହେବାକୁ ଚାହେଁ ନାହିଁ । ଯାହାବି ହେଉ, ମୁଁ ଅନୁଭବ କରେ, ମଣ୍ଡଳୀ ସ୍ପଷ୍ଟ ପ୍ରତୀୟମାନ ବାଇବଲ ଅନୁମୋଦିତ ସତ୍ୟଗୁଡ଼ିକ ଯଥା : କ୍ରିତଦାସତ୍ୱର ଅଯଥାର୍ଥତା, ଜାତିପ୍ରଥା, ଧର୍ମାନ୍ଧତା ଏବଂ ଲିଙ୍ଗଭିତ୍ତିକ ପକ୍ଷପାତିତା ପ୍ରତି ମନଯୋଗୀ ହେବାରେ ଧୀର ହୋଇ ଆସିଅଛି । ଏହା ମଧ୍ୟ ଆଧୁନିକ ଜଗତରେ ମହିଳାମାନଙ୍କ ପ୍ରତି ଅନ୍ୟାୟ ବ୍ୟବହାର ବା ଦୁର୍ବ୍ୟବହାର ଆଡ଼କୁ ଯଥାର୍ଥ ପ୍ରତ୍ୟୁତ୍ତର ଦେବାରେ ବିଳମ୍ବକରି ଆସିଅଛି । ଈଶ୍ୱର ଖ୍ରୀଷ୍ଟଙ୍କଠାରେ କ୍ରିତଦାସ ଓ ମହିଳାମାନଙ୍କୁ ମୁକ୍ତ କରିଦେଇ ଅଛନ୍ତି । ଏକ ସଂସ୍କୃତ ଦ୍ୱାରା ବନ୍ଧନଗ୍ରସ୍ତ ଶାସ୍ତ୍ରାଂଶ ସେମାନଙ୍କୁ ତଳିତଳାନ୍ତ କରିବାକୁ ଦେବା ନିମନ୍ତେ ମୁଁ ସାହସ କରେ ନାହିଁ ।

ଆଉ ଏକ ବିଷୟ : ଅନୁବାଦକ ରୂପେ ମୁଁ ଜାଣେ ଯେ କରନ୍ଥୀ ଏକ ବଡ଼ ବାଧାପ୍ରାପ୍ତ ବା ବିଶୃଙ୍ଖଳିତ ମଣ୍ଡଳୀ ଥିଲା । ପବିତ୍ର ଆତ୍ମାଙ୍କ ଦାନପ୍ରାପ୍ତ ହେବା ହେତୁ ସେମାନେ ଯେପରି ପୁରସ୍କୃତ ଓ ଗର୍ବିତ ଅନୁଭବ କରୁଥିଲେ । ମହିଳାମାନେ ଏଥିରେ ଧରାପଡ଼ିଥାଇ ପାରନ୍ତି । ମୁଁ ମଧ୍ୟ ବିଶ୍ୱାସ କରେ ଯେ ଏଫିସୀ ମିଥ୍ୟା ଶିକ୍ଷକମାନଙ୍କ ଦ୍ୱାରା ପ୍ରଭାବିତ ଯେଉଁମାନେ ମହିଳାମାନଙ୍କଠାରୁ ଲାଭ ଉଠାଉଥିଲେ ସେମାନଙ୍କୁ ଏଫିସୀ ଗୃହମଣ୍ଡଳୀ ଗୁଡ଼ିକରେ ବକ୍ତାମାନଙ୍କ ପ୍ରତିନିଧି ରୂପେ ବ୍ୟବହାର କରୁଥିଲେ ।

ଗ. ପାଠ କରିବାରେ ସମ୍ମୁଖକୁ ଅଗ୍ରସର ହେବା ପାଇଁ ପରାମର୍ଶମାନ

ଗର୍ଡ଼ନ ଫିଙ୍କ ଦ୍ୱାରା ଓ ଡୋଲଗ ଷ୍ଟୁଆର୍ଟଙ୍କ ଦ୍ୱାରା ଲିଖିତ "ବାଇବଲକୁ ତାହାର ସମସ୍ତ ମୂଲ୍ୟ ପ୍ରଦାନ ପୂର୍ବକ କିପରି ପାଠ କରିବ" ।

ଗର୍ଡ଼ନଫିଙ୍କ ଦ୍ୱାରା ଲିଖିତ "ସୁସମାଚାର ଓ ଆତ୍ମା" ନୂତନ ନିୟମ ହରମେଣ୍ଟିକ୍‌ରେ ବାହାରିଛି ୱାଲଟର ସି କାଲସର ପିଟରଏଡ଼ ଡେଭିଡସ୍ ଏଫଏଫ ବ୍ରୁସ ଓ ମାନଫ୍ରେଡ଼ ଟି ବ୍ରାଞ୍ଚଙ୍କ ଦ୍ୱାରା ଲିଖିତ ବାଇବଲର କଷ୍ଟସାଧ କଥାଗୁଡ଼ିକ "୬୧୩ - ୬୧୬, ୬୨୫ - ୬୬୭ ପୃଷ୍ଠା ।

**ଏନ.ଏ.ଏସ୍.ବି (ଆଧୁନିକିକରଣ) ପାଠ୍ୟାଂଶ ୧୧ : ୩୦ - ୩୭**

**୩୦ ଯୀଶୁ ସେତେବେଳେ ଗ୍ରାମ ଭିତରକୁ ଆସି ନଥିଲେ । କିନ୍ତୁ ମାର୍ଥା ତାହାଙ୍କୁ ଯେଉଁ ସ୍ଥାନରେ ଭେଟିଥିଲେ, ସେ ପର୍ଯ୍ୟନ୍ତ ସେ ସେହି ସ୍ଥାନରେ ଥିଲେ । ୩୧ ଅତଏବ ଯେଉଁ ଯିହୁଦୀମାନେ ତାଙ୍କ ସହିତ ଗୃହରେ ଥାଇ ତାଙ୍କୁ ସାନ୍ତ୍ୱନା ଦେଉଥିଲେ, ସେମାନେ ମରିୟମଙ୍କୁ ଶୀଘ୍ର ଉଠି ବାହାରିଯିବା ଦେଖି ସେ ସମାଧି ନିକଟରେ ରୋଦନ କରିବା ନିମନ୍ତେ ଯାଉଅଛନ୍ତି, ଏହା ମନେକରି ତାଙ୍କ ପଛେ ପଛେ ଗଲେ । ୩୨ ସେଥିରେ ଯୀଶୁ ଯେଉଁ ସ୍ଥାନରେ ଥିଲେ, ମରିୟମ ସେହି ସ୍ଥାନରେ ଉପସ୍ଥିତ ହୋଇ ତାହାଙ୍କୁ ଦେଖି ତାହାଙ୍କ ଚରଣ ତଳେ ପଡ଼ି କହିଲେ । ପ୍ରଭୋ, ଯଦି ଆପଣ ଏଠାରେ ଉପସ୍ଥିତ ହୋଇଥାଆନ୍ତେ, ତାହା ହେଲେ ମୋ ଭାଇ ମରି ନ ଥାଆନ୍ତା । ୩୩ ଅତଏବ ଯୀଶୁ ତାଙ୍କୁ ଓ ତାଙ୍କ ସହିତ ଆସିଥିବା ଯିହୁଦୀମାନଙ୍କୁ ରୋଦନ କରୁଥିବା ଦେଖି ଆତ୍ମାରେ ଉତ୍ତେଜିତ ହେଲେ । ପୁଣି କର୍ତ୍ତବ୍ୟ ସାଧନ ନିମନ୍ତେ ଦୃଢ଼ ସଂକଳ୍ପରେ ପଚାରିଲେ, ତାଙ୍କୁ କେଉଁଠାରେ ରଖିଅଛ ? ସେମାନେ ତାହାଙ୍କୁ କହିଲେ, ପ୍ରଭୋ ଆସି ଦେଖନ୍ତୁ । ୩୫ ଯୀଶୁ କାନ୍ଦିଲେ, ୩୬ ସେଥିରେ ଯିହୁଦୀମାନେ କହିଲେ , ଦେଖ ସେ ତାଙ୍କୁ କିପରି ସ୍ନେହ କରୁଥିଲେ । ୩୭ କିନ୍ତୁ ସେମାନଙ୍କ ମଧ୍ୟରେ କେହି କେହି କହିଲେ ଏହି ଯେଉଁ ବ୍ୟକ୍ତି ସେହି ଅନ୍ଧର ଆଖି ଫିଟାଇଥିଲେ ସେ କଅଣ ଏହାର ମୃତ୍ୟୁ ମଧ୍ୟ ନିବାରଣ କରି ପାରି ନଥାଆନ୍ତେ ?**

୧୧ : ୩୦ ପ୍ରେରିତିକ ଲେଖକଙ୍କର ଏହା ଆଉ ଏକ ଚାକ୍ଷୁସ ପ୍ରମାଣର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା

**୧୧:୩୩**

| | |
|---|---|
| **ଏନ ଏ ଏସ ବି** | **"ସେ ଆତ୍ମାରେ ଗଭୀରଭାବେ ଚାଳିତ ହେଲେ ଓ ବ୍ୟଥିତ ହେଲେ"** |
| **ଏନ୍ କେ ଜେଭି** | **"ସେ ଆତ୍ମାରେ ଯନ୍ତ୍ରଣାର ବିଳାପ କଲେ ଓ ବ୍ୟଥିତ ହେଲେ"** |
| **ଏନ୍ ଆର୍ ଏସ୍ ଭି** | **"ସେ ଆତ୍ମାରେ ଅତିଶୟ ବାଧାପ୍ରାପ୍ତ ହେଲେ ଓ ଗଭୀରଭାବେ ବିହ୍ୱଳିତ ହେଲେ"** |
| **ଟି ଇ ଭି** | **"ତାହାଙ୍କ ହୃଦୟ ସ୍ପର୍ଶ ଅନୁଭବ କଲା ଓ ସେ ଗଭୀର ଭାବେ ବିହ୍ୱଳିତ ହେଲେ"** |
| **ଏନ୍ ଜେ ବି** | **"ଯୀଶୁ ବହୁତ ହତାଶ ହୋଇଗଲେ ଓ ଏକ ଦୃଢ଼ ଦୀର୍ଘନିଶ୍ୱାସ ପକାଇଲେ"** |

ଏହା ଆକ୍ଷରିକଭାବେ "ଆତ୍ମାରେ ବିରକ୍ତ ହେଲେ" । ଏହି ଗୁଢ଼ୋକ୍ତି ସାଧାରଣତଃ କ୍ରୋଧରେ ବ୍ୟବହୃତ ହେଉଥିଲା (ଦାନିଏଲ ୧୧:୩୦, ମାର୍କ ୧:୪୩, ୧୪:୫ । ମାତ୍ର ଏହି ପରିପ୍ରେକ୍ଷୀରେ ଏକ ଅନୁବାଦ ଆଶା କରାଯାଉଥିବା ଗଭୀର ଭାବାବେଗ ପ୍ରଦର୍ଶନ କରୁଅଛି । (୩୮ ପଦ) । ଯଦ୍ୟପି କେତେକ ବାଖ୍ୟାକାରୀ ଏହି ବଳିଷ୍ଠ ଭାବାବେଗକୁ ସମ୍ଭବତଃ କ୍ରୋଧ ରୂପେ ଦେଖନ୍ତି, ମୃତ୍ୟୁ ଆଡ଼େ ଚାଳିତ, ଯୀଶୁଙ୍କର ପ୍ରକୃତରେ ମାନବୀୟ ଭାବାବେଗ ଥିଲା (୩୩, ୩୫, ୩୬, ୩୮ ପଦ) ଏବଂ ଏଠାରେ ସେମାନଙ୍କୁ ଯାହାଙ୍କ ବନ୍ଧୁମାନଙ୍କ ପାଇଁ ଦର୍ଶାଏ ।

୧୧:୩୫ "ଯୀଶୁ କାନ୍ଦିଲେ" ଏହା ବାଇବଲରେ କ୍ଷୁଦ୍ରତମ ପଦ ଅଟେ । ଏହି ଗ୍ରହ ନିମନ୍ତେ ମୃତ୍ୟୁ ଈଶ୍ୱରଙ୍କ ଇଚ୍ଛା ନଥିଲା । ଏହା ମାନବ ବିଦ୍ରୋହର ଫଳ ଅଟେ । ଯୀଶୁ ଏକ ପ୍ରିୟଜନକୁ ହରାଇବାରେ ବେଦନା ଅନୁଭବ କରନ୍ତି । ସେ ତାହାଙ୍କ ଅନୁଗାମୀମାନଙ୍କର ଜୀବନ ଅନୁଭୂତି ପାଇଁ ବା ସକାଶେ ନିଜେ ତାହା ଅନୁଭବ କରନ୍ତି ।

ଯୀଶୁଙ୍କ କ୍ରନ୍ଦନ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଜନସାଧାରଣ ବିଳାପ ବିଷୟ କୁହାଯାଇନାହିଁ ୩୩ ପଦର ୧୧ : ୩୭ ଏହି ପ୍ରଶ୍ନ ହିଁ ଉତ୍ତର ଅପେକ୍ଷା କରେ । ଏହା ୨୧ ପଦରେ ମାର୍ଥାଙ୍କ ମତ ଓ ୩୭ ପଦରେ ମରିୟମଙ୍କ ମତ ଥିଲା ।

**ଏନ୍ ଏସ୍ ଏବି (ଆଧୁନିକିକରଣ) ପାଠ୍ୟାଂଶ ୧୧ : ୩୮ - ୪୪**

**"ସେଥିରେ ଯୀଶୁ ପୁନର୍ବାର ଅନ୍ତରରେ ବିରକ୍ତ ହୋଇ ସମାଧି ନିକଟକୁ ଆସିଲେ, ତାହା ଗୋଟିଏ ଗୁହା । ପୁଣି ତା'ମୁହଁରେ ଗୋଟାଏ ପଥର ଥିଲା । ୩୯ ଯୀଶୁ କହିଲେ ଏହି ପଥର ଘୁଞ୍ଚାଇଦିଅ । ମୃତ ବ୍ୟକ୍ତିଙ୍କ ଭଗିନୀ ମାର୍ଥା ତାହାଙ୍କୁ କହିଲେ, ପ୍ରଭୋ ସେ ବାସିଗଲାଣି କାରଣ ସେ ଚାରିଦିନ ହେଲା ମଲାଣି । ୪୦ ଯୀଶୁ ତାଙ୍କୁ କହିଲେ, ଯଦି ତୁମ୍ଭେ ବିଶ୍ୱାସ କର ତାହା ହେଲେ ଈଶ୍ୱରଙ୍କ ମହିମା ଦେଖିବ "ଏହା କଅଣ ମୁଁ ତୁମ୍ଭକୁ କହିଲି ନାହିଁ ? ସେଥିରେ ସେମାନେ ପଥର ଘୁଞ୍ଚାଇଦେଲେ । ୪୧ ଆଉ ଯୀଶୁ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ ପିତଃ, ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ ବୋଲି ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି । ୪୨ ତୁମ୍ଭେ ଯେ ସର୍ବଦା ମୋହର ପ୍ରାର୍ଥନା ଶୁଣିଥାଅ ଏହା ମୁଁ ଜାଣିଥିଲି, କିନ୍ତୁ ଯେଉଁ ଲୋକ ସମୂହ ଚତୁର୍ଦ୍ଦିଗରେ ଠିଆ ହୋଇ ଅଛନ୍ତି । ତୁମ୍ଭେ ମୋତେ ପ୍ରେରଣ କରିଅଛ ବୋଲି ସେମାନେ ଯେପରି ବିଶ୍ୱାସ କରିବେ । ଏଥିପାଇଁ ସେମାନଙ୍କ ହେତୁ ମୁଁ ଏହା କହିଲି । ୪୩ ସେ ଏହା କହି ଉଚ୍ଚ ସ୍ୱରରେ ଡାକିଲେ, ଲାଜାର ବାହାରି ଆସ । ୪୪ ମୃତ ଲୋକଟି ବାହାରି ଆସିଲେ । ତାଙ୍କ ହାତ ଓ ପାଦ ସମାଧି ବସ୍ତ୍ରରେ ଗୁଡ଼ା ହୋଇଥିଲା । ପୁଣି ତାଙ୍କ ମୁଖରେ ଖଣ୍ଡେ ଗାମୁଛା ଗୁଡ଼ା ହୋଇଥିଲା । ଯୀଶୁ ସେମାନଙ୍କୁ କହିଲେ, ଏହାଙ୍କ ବନ୍ଧନ ଫିଟାଇ ଚାଲିଯିବାକୁ ଦିଅ" ।**

**୧୧ : ୩୮ "ଏକଗୁହା"** ଏହି ସମୟରେ ପାଲେଷ୍ଟାଇନ୍‌ରେ ସମାଧିଗୁଡ଼ିକ ହୁଏତ

୧. ପ୍ରାକୃତିକ ଗୁମ୍ଫା (ବାବା ବାଥ୍ରା ୬ : ୮)

୨. ପର୍ବତର ଶୀର୍ଷଧାର ମଧ୍ୟକୁ ବା ଭିତରକୁ ଖୋଳା ଯାଇଥିବା ଗୁମ୍ଫା ଏବଂ ଗୋଲାକାର ପ୍ରସ୍ତର ତାହାର ସମ୍ମୁଖକୁ ଗଡ଼ାଇ ଦିଆଯାଇ ମୁଖ ବନ୍ଦ କରାଯାଉଥିଲା ।

୩. ଭୂମିରେ ଗର୍ତ୍ତ ଖୋଳି ତାହାକୁ ଏକ ବୃହତ ପ୍ରସ୍ତରରେ ଆଚ୍ଛାଦନ କରାଯାଉଥିଲା ।

ପ୍ରତ୍ନତତ୍ତ୍ୱବିତ୍ ଅଧ୍ୟୟନଗୁଡ଼ିକରୁ ଯିରୁଶାଲମ ଅଞ୍ଚଳରେ ୧ ଫୁଟ ସର୍ବୋତ୍ତମ ମନୋନୟନ ।

**୧୧:୩୯ "ଏହି ପଥର ଘୁଞ୍ଚାଇଦିଅ'** ଏକ ବୃହତ୍ ପ୍ରସ୍ତର ସମାଧି ଭିତରକୁ ପ୍ରବେଶ କରାଇ ଡକାୟତ ଓ ପଶୁମାନଙ୍କଠାରୁ ଶବକୁ ରକ୍ଷା କରିବାକୁ ସାମଧିକୁ ମୁଦ୍ରାଙ୍କ ଦିଆଯାଉଥିବା ପ୍ରଣାଳୀ ବ୍ୟବହୃତ ହେଉଥିଲା ।

. "ସେ ଚାରିଦିନ ହେଲା ମଲାଣି' ଏହା ଏକ ଗ୍ରୀକ୍ ପ୍ରଥାରେ କଥା କହିବା ଢଙ୍ଗ "ଚାରିଦିନର ମନୁଷ୍ୟ"

**୧୧:୪୦ "ଯଦି"** ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ବୁଝାଏ, "କାର୍ଯ୍ୟ କରିବା ସମ୍ଭବ" ।

ଏହି ପଦ ଏକ ପ୍ରଶ୍ନ ଯାହା "ହଁ" ଉତ୍ତର ଅପେକ୍ଷା କରେ ।

. "ଈଶ୍ୱରଙ୍କ ମହିମା" ଯୀଶୁଙ୍କ କାର୍ଯ୍ୟକଳାପଗୁଡ଼ିକ ଦ୍ୱାରା ଈଶ୍ୱରଙ୍କ ମହିମା ପ୍ରକାଶିତ ହେଲା (୪ ପଦ)

୧୪ ପଦରେ ଅଧିକ ସମ୍ପୂର୍ଣ୍ଣ ଟିପ୍ପଣୀ ଦେଖନ୍ତୁ ।

**୧୧ : ୪୧ "ଆଉ ଯୀଶୁ ଉର୍ଦ୍ଧ୍ୱ ଦୃଷ୍ଟି କଲେ"** ଯିହୁଦୀ ପ୍ରାର୍ଥନାର ସାଧାରଣ ଢ଼ଙ୍ଗ ଥିଲା, ସ୍ୱର୍ଗକୁ ହସ୍ତ ଓ ଚକ୍ଷୁ ଟେକିବା ବା ମୁକ୍ତ କରିବା । ଏହା ପ୍ରାର୍ଥନାର ଏକ ପ୍ରଥା (୧୭:୧ ପଦ)

. "ତୁମ୍ଭେ ମୋହର ପ୍ରାର୍ଥନା ଶୁଣିଲ" ଯୀଶୁ, ପିତାଙ୍କୁ "ଶୁଣନ୍ତି" (୮:୨୦, ୪୦, ୧୫:୧୫) ଏବଂ ପିତା ତାହାଙ୍କୁ "ଶୁଣନ୍ତି" ଯେଉଁମାନେ ଯୀଶୁଙ୍କୁ ଶୁଣନ୍ତି । ସେମାନଙ୍କର ଅନନ୍ତ ଜୀବନ ଅଛି । ଏହା ହେଉଛି ଗତିକରି ଚାଲିଥିବା ଶବ୍ଦ "ଦେଖିବା" ଓ "ଶୁଣିବା", "ଗ୍ରହଣ କରିବା" ଓ "ବିଶ୍ୱାସ କରିବା" (୩:୧୬) ପରି ସମାନ୍ତର ଭାବେ ଗତିକରେ (୧:୧୨) । ଲାଜାର ଯୀଶୁଙ୍କ ସ୍ୱର "ଶୁଣିଲା" ଏବଂ ଜୀବନକୁ ଫେରିଆସିଲା ।

**୧୧:୪୨** ଏହା ଯୀଶୁଙ୍କ ପ୍ରାର୍ଥନା ଓ ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ପ୍ରକାଶ କରେ । ଯୀଶୁ ଅନେକ ସମୟରେ ଆଶ୍ଚର୍ଯ୍ୟକର୍ମସବୁ ଶିଷ୍ୟମାନଙ୍କ ବିଶ୍ୱାସକୁ ଉତ୍ସାହିତ କରିବା ପାଇଁ ସମ୍ପନ୍ନ କରୁଥିଲେ ଏବଂ ଏହି ଘଟଣାରେ ଯିରୁଶାଲମର ଯିହୁଦୀମାନଙ୍କଠାରେ ବିଶ୍ୱାସ ଆରମ୍ଭ କରିଛନ୍ତି ।

ପରମାର୍ଥିକ ଭାବେ ଯୀଶୁ ପୁନର୍ବାର ପିତାଙ୍କ ଅଧିକାରକୁ ଉଚ୍ଚୀକୃତ କରନ୍ତି ଓ ତାହାଙ୍କ କାର୍ଯ୍ୟରେ ଅଗ୍ରାଧିକାର ଦିଅନ୍ତି (୫:୧୯, ୩୦, ୮:୨୮, ୧୨:୪୯, ୧୪:୧୦) । ଏହି ଆଶ୍ଚର୍ଯ୍ୟକ୍ରିୟା ପିତାଙ୍କ ସହିତ ଯୀଶୁଙ୍କ ଘନିଷ୍ଠ ସମ୍ପର୍କ ପ୍ରକାଶ କରେ । ବିଶେଷ ପ୍ରସଙ୍ଗ ଦେଖନ୍ତୁ ୫:୨୪ରେ ପ୍ରେରଣକର (ଆପୋଷ୍ଟେଲୋ)

**୧୧:୪୩** ସେ ଉଚ୍ଚ ସ୍ୱରରେ ଡାକିଲେ "ଲାଜାର ବାହାରିଆସ" ଏହା କୁହାଯାଏ ଯଦି ଯୀଶୁ ନିର୍ଦ୍ଦିଷ୍ଟ ଭାବେ ଲାଜାର କହି ନଥାଆନ୍ତେ, ତେବେ ସମୁଦାୟ ସମାଧିସ୍ଥ ଲୋକମାନେ ବାହାରି ଆସିଥାଆନ୍ତେ ।

**୧୧:୪୪** ସମାଧି ପାଇଁ ଶରୀର ଗୁଡ଼ିକୁ ପ୍ରସ୍ତୁତ କରାଯାଉଥିଲା । ଜଳରେ ଧୌତ କରି ସୂକ୍ଷ୍ମ ବସ୍ତ୍ରରେ ଗୁଡ଼ାଇ ବିଭିନ୍ନ ସୁବାସିତ ସାମଗ୍ରୀ ଦୁର୍ଗନ୍ଧ ନାଶ କରିବାକୁ ମଖାଇ ଦିଆଯାଉଥିଲା । ଚବିଶ ଘଣ୍ଟା ମଧ୍ୟରେ ଶବକୁ ସମାଧିସ୍ଥ କରିବାକୁ ହେଉଥିଲା କାରଣ ଯିହୁଦୀମାନେ ସେମାନଙ୍କ ମୃତମାନଙ୍କୁ ସୁବାସିତ ସାମଗ୍ରୀ ମଖାଉ ନଥିଲେ ।

**ବିଶେଷ ପ୍ରସଙ୍ଗ : ସମାଧିସ୍ଥ କରିବା ଅଭ୍ୟାସମାନ**

୧. ମେସପୋଟେମିଆ

କ. ଏକ ସୁଖୀ ପରବର୍ତ୍ତୀ ଜୀବନ ପାଇଁ ଉପଯୁକ୍ତ ସମାଧି ଦେବା ବଡ଼ ଗୁରୁତ୍ୱପୂର୍ଣ୍ଣ ଥିଲା

ଖ. ଏକ ମେସପୋଟାମିଆ ଅଭିଶାପର ଏକ ଉଦାହରଣ ହେଉଛି "ତୁମର ଶବକୁ ପୃଥିବୀ ଗ୍ରହଣ କରି ନ ପାରୁ"

୨. ପୁରାତନ ନିୟମ

କ. ଉପଯୁକ୍ତ ସମାଧିସ୍ଥ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ (ଉପଦେଶ କ ୬:୩)

ଖ. ଏହା ଖୁବ୍ ଶୀଘ୍ର କରାଯାଉଥିଲା (ଆଦି ୨୩ ରେ ସାରା ଓ ଆଦି ୩୫ : ୧୯ରେ ରାହେଲ ଏଂବ ୨ ବିବରଣୀ ୨୧ ; ୨୩)

ଗ. ଅନୁପଯୁକ୍ତ ସମାଧି ଅଗ୍ରାହ୍ୟ କରାଯିବ ଓ ପାପର ଏହା ଏକ ଚିହ୍ନ ଥିଲା ।

୧. ଦ୍ୱିତୀୟ ବିବରଣ ୨୮ : ୨୬

୨. ଯିଶାଇୟ ୧୪ : ୨୦

୩. ଯିରିମିୟ ୮:୨, ୨୨ : ୧୯

ଘ. ଯଦି ସମ୍ଭବ ପରିବାର ପାଇଁ ନିର୍ମିତ ସମାଧି ପ୍ରକୋଷ୍ଠ, ପରିବାରର ଗୃହ ଅଞ୍ଚଳ ଭିତରେ ସମାଧି ଦିଆଯାଉଥିଲା ।

ଙ. କୌଣସି ଚିହ୍ନ ବା ପ୍ରତୀକ ମିଶର ପରି ନଥିଲା । ମାନବ ଜାତି ଧୂଳିରୁ ଉତ୍ପନ୍ନ ଓ ଧୂଳିକୁ ଫେରିଯିବା ଉଚିତ୍ । ଆଦି ୩:୧୯, ଗୀତ ୧୦୩:୧୪, ୧୦୪:୨୯ ।

ଚ. ଗୁରୁମାନଙ୍କୁ ସମ୍ମାନ ଦିଆଯାଉଥିବା ଯିହୁଦୀଧର୍ମରେ ମୃତଶରୀର ବିଷୟକ ଅଶୁଚି ହେବାର ରୀତି ଅନୁସାରେ ଶବକୁ ଏକ ଉପଯୁକ୍ତ ସମ୍ମାନ ଦେଇ ହସ୍ତକ୍ଷେପ କରିବା ମଧ୍ୟରେ ଭାରସାମ୍ୟ ରକ୍ଷାକରିବା କଷ୍ଟକର ଥିଲା ।

୩. ନୂତନ ନିୟମ

କ. ମୃତ୍ୟୁର ଅନୁଗମନ କରୁଥିଲା ଚବିଶ ଘଣ୍ଟା ମଧ୍ୟରେ ଶୀଘ୍ର ସମାଧିସ୍ଥ କରିବା । ଯିହୁଦୀମାନେ ଅନେକ ସମୟରେ ତିନିଦିନ ପର୍ଯ୍ୟନ୍ତ ସମାଧି ଜଗୁଥିଲେ । ଏହି ବିଶ୍ୱାସ ରଖି ଯେ, ସେହି ସମୟ ମଧ୍ୟରେ ଆତ୍ମା ବା ପ୍ରାଣ ତାହାର ଶରୀରାକୃତି ମଧ୍ୟକୁ ଫେରି ଆସିପାରେ । (ଯୋହନ ୧୧:୩୯)

ଖ. ସମାଧି କାର୍ଯ୍ୟରେ ଶବର ପରିଷ୍କୃତ ଓ ଗୁଡ଼ାଯିବା ଓ ସୁଗନ୍ଧି ଦ୍ରବ୍ୟ ଶରୀରରେ ମଖାଇବା କାର୍ଯ୍ୟ ଅନ୍ତର୍ଗତ ଥିଲା ।

ଗ. ପ୍ରଥମ ଶତାବ୍ଦୀରେ ପାଲେଷ୍ଟାଇନ୍ ଦେଶରେ ସମାଧି ପାଇଁ ଯିହୁଦୀ ବା ଖ୍ରୀଷ୍ଟିୟାନ ଶବସତ୍କାରରେ କିଛି ଉନ୍ନତ ବା ବିଭିନ୍ନ ପଦ୍ଧତି ନଥିଲା ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ପାଠ୍ୟାଂଶ ୧୧:୪୫-୪୬**

**"ଅତଏବ ଯିହୁଦୀମାନଙ୍କ ମଧ୍ୟରୁ ଅନେକେ ଅର୍ଥାତ୍ ଯେଉଁମାନେ ମରିୟମଙ୍କ ନିକଟକୁ ଆସିଥିଲେ ଓ ଯୀଶୁଙ୍କ କର୍ମ ଦେଖିଥିଲେ ସେମାନେ ତାହାଙ୍କଠାରେ ବିଶ୍ୱାସ କଲେ । ୪୬ ପୁଣି ସେମାନଙ୍କ ମଧ୍ୟରୁ କେହି କେହି ଫାରୁଶୀମାନଙ୍କ ନିକଟକୁ ଯାଇ ଯୀଶୁ ଯାହା ଯାହା କରିଥିଲେ ସେହିସବୁ ସେମାନଙ୍କୁ ଜଣାଇଲେ ।**

**୧୧:୪୫ "ଯିହୁଦୀମାନଙ୍କ ମଧ୍ୟରୁ ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ"** ଏହା ସୁସମାଚାର ଦିଆଯାଇଥିବା ପ୍ରସଙ୍ଗ (୨୦:୩୦-୩୧) । ଏହି ବାକ୍ୟାଂଶ ଏକ ନମୁନା ହୋଇଯାଏ (୨:୨୩, ୭:୩୧, ୮:୩୦, ୧୦:୪୨, ୧୧:୪୫, ୧୨:୧୧,୪୨) ଯାହା ବି ହେଉ, ଏହା ପୁନର୍ବାର ପ୍ରକାଶ କରିବ ଯେ ଯୋହନଙ୍କ ସୁସମାଚାରରେ ବିଶ୍ୱାସର ବିଭିନ୍ନ ସ୍ତରମାନ ରହିଛି ଏବଂ ଏହା ସବୁବେଳେ ପରିତ୍ରାଣକାରୀ ବିଶ୍ୱାସ ନୁହେଁ (୨:୨୩-୨୫, ୮:୩୦) ୨:୨୩ରେ ବିଶେଷ ପ୍ରସଙ୍ଗ ଦେଖନ୍ତୁ।

**୧୧:୪୬** "ସେମାନଙ୍କ ମଧ୍ୟରୁ କେହି କେହି ଫାରୁଶୀମାନଙ୍କ ନିକଟକୁ ଯାଇ, ଯୀଶୁ ଯାହା ଯାହା କରିଥିଲେ, ସେହି ସବୁ ଜଣାଇଲେ । ଏହା ଆଶ୍ଚର୍ଯ୍ୟ ବିଷୟ ଯେ, ଏପରି ଉତ୍କୃଷ୍ଟ ଶିକ୍ଷା ଓ ଶକ୍ତିଶାଳୀ ଆଶ୍ଚର୍ଯ୍ୟ କ୍ରିୟା ସମ୍ମୁଖରେ ଆତ୍ମିକ ଅନ୍ଧତାର ପରିମାଣ ଏତେ ବେଶୀ । ଯାହା ବି ହେଉ, ଯୀଶୁ ସମସ୍ତ ଦଳଗୁଡ଼ିକୁ, ଯେଉଁମାନେ ତାହାଙ୍କୁ ବିଶ୍ୱାସ କରିବାକୁ ଆସନ୍ତି ଓ ଯେଉଁମାନେ ତାହାଙ୍କ ବିଷୟକ ସତ୍ୟତା ଅଗ୍ରାହ୍ୟ କରନ୍ତି ଏହି ଦୁଇ ଭାଗରେ ବିଭକ୍ତ କଲେ । ଏପରିକି ଏପରି ଏକ ଶକ୍ତିଶାଳୀ ଆଶ୍ଚର୍ଯ୍ୟ କର୍ମ ସୁଦ୍ଧା ବିଶ୍ୱାସ ଆଣେ ନାହିଁ (ଲୂକ ୧୦:୩୦-୩୦ ପଦ)

**ଏନ୍ଏଏସବି (ଆଧୁନିକିକରଣ) ପାଠ୍ୟାଂଶ : ୧୧:୪୭-୫୩**

**"ସେଥିରେ ପ୍ରଧାନ ଯାଜକ ଓ ଫାରୁଶୀମାନେ ମହାସଭା ଆହ୍ୱାନ କରି କହିଲେ, ଆମ୍ଭେମାନେ କଅଣ କରୁଅଛୁ ? ଏଲୋକ ତ ଆନେକ ଆଶ୍ଚର୍ଯ୍ୟ କର୍ମକରୁଅଛି ୪୮ ଯଦି ଆମ୍ଭେମାନେ ତାହାକୁ ଏପରି ଛାଡ଼ି ଦେବା ତାହା ହେଲେ ସମସ୍ତେ ତାହାଠାରେ ବିଶ୍ୱାସ କରିବେ ଆଉ ରୋମୀୟମାନେ ଆସି ଆମ୍ଭମାନଙ୍କର ଏହି ସ୍ଥାନ ଓ ଜାତି ଉଭୟଙ୍କୁ ନଷ୍ଟ କରିଦେବେ । ୪୯ କିନ୍ତୁ ସେମାନଙ୍କ ମମଧ୍ୟରୁ ଜଣେ ଅର୍ଥାତ୍ କୟଫା ନାମକ ସେହି ବର୍ଷର ମହାଯାଜକ ସେମାନଙ୍କୁ କହିଲେ ତୁମ୍ଭେମାନେ କିଛି ଜାଣ ନାହିଁ । ୫୦ ସମୁଦାୟ ଜାତି ବିନଷ୍ଟ ନ ହୋଇ ଲୋକ ସାଧାରଣଙ୍କ ନିମନ୍ତେ ଜଣେ ଯେ ମରିବା ତୁମ୍ଭମାନଙ୍କ ପକ୍ଷରେ ମଙ୍ଗଳଜନକ ଏହା ମଧ୍ୟ ତୁମ୍ଭେମାନେ ବିଚାର କରୁନାହଁ ୧ । ୫୧ ସେ ଆପଣାଠାରୁ ଏହାକହିଲେ ନାହିଁ କିନ୍ତୁ ସେ ସେହି ବର୍ଷର ମହାଯାଜକ ଥିବାରୁ ଯୀଶୁ ଯେ ଜାତି ନିମନ୍ତେ ୫୨ ଆଉ କେବେଳ ସେହି ଜାତି ନିମନ୍ତେ ନୁହେଁ ମାତ୍ର ଈଶ୍ୱରଙ୍କ ଛିନ୍ନ ଭିନ୍ନ ସନ୍ତାନମାନଙ୍କୁ ମଧ୍ୟ ସଂଗ୍ରହ କରି ଏକ କରିବା ନିମନ୍ତେ ମୃତ୍ୟୁ ଭୋଗ କରିବାକୁ ଯାଉଅଛନ୍ତି, ଏଥି ସକାଶେ ଏହି ଭାବବାଣୀ କହିଲେ, ୫୩ ତେଣୁ ସେହି ଦିନଠାରୁ ସେମାନେ ତାହାଙ୍କୁ ବଧ କରିବା ନିମନ୍ତେ ମନ୍ତ୍ରଣା କଲେ ।**

୧୧:୪୭ ପ୍ରଧାନ ଯାଜକ ଓ ଫାରୁଶୀମାନେ ମହାସଭା ଆହ୍ୱାନ କଲେ" ଏହା ସାନହେଡ୍ରିନ୍ (ବ୍ୟବସ୍ଥାପକ ସଭା) ଯିରୁଶାଲମରେ ଏହା ଯିହୁଦୀମାନଙ୍କ ସୁପ୍ରିମ କୋର୍ଟକୁ ବୁଝାଏ । ଏହାର ୭୦ ଜଣ ସ୍ଥାନୀୟ ସଭ୍ୟ ଥିଲା । ପ୍ରଧାନ ମହାଯାଜକଙ୍କର ରାଜନୈତିକ ଧର୍ମର ପଶ୍ଚାତଗମନ ଥିଲା ଯାହା ସୁଦ୍ଦୁକି ରୂପେ ପରିଚିତ, ଯେଉଁମାନେ ମୋଶାଙ୍କ ଲେଖାଗୁଡ଼ିକ କେବଳ ଗ୍ରହଣ କଲେ ଓ ପୁନରୁତ୍ଥାନ ନାସ୍ତି କଲେ । ଫାରୁଶୀମାନେ ଅଧିକଲୋକପ୍ରିୟ ଥିଲେ । ନ୍ୟାୟଧାରଣକାରୀ ଧାର୍ମିକ ଦଳ ଦୃଢ଼ ରୂପେ (୧) ପୁରାତନ ନିୟମକୁ (୨) ଦୂତମାନଙ୍କ ସେବାକାର୍ଯ୍ୟ (୩) ଏବଂ ପରକାଳର ଜୀବନ ବିଶ୍ୱାସ କରୁଥିଲେ । ଏହା ଆଶ୍ଚର୍ଯ୍ୟଜନକ ବିଷୟ ଯେ ଏହି ଦୁଇ ପରସ୍ପରର ବିପରୀତ (ବିରୁଦ୍ଧ) ଦଳ କୌଣସି ଉଦ୍ଦେଶ୍ୟ ସାଧନ କରିବାକୁ ଏକତ୍ର ହୋଇ ଯାଉଥିଲେ । ବିଶେଷ ପ୍ରସଙ୍ଗ ଦେଖ : ଫାରୁଶୀମାନେ ୧:୨୪ରେ । ବିଶେଷ ପ୍ରସଙ୍ଗ ଦେଖ - ସାନହେଡ୍ରିନ୍ ୩:୧ରେ

■ **"ଏ ଲୋକ ତ ଅନେକ ଆଶ୍ଚର୍ଯ୍ୟକର୍ମ କରୁଅଛି"** ଯୀଶୁଙ୍କୁ "ଏଲୋକ" କହି ଏକ ଘୃଣା ବା ଅପମାନସୂଚକ ପଥରେ ତାହାଙ୍କ ନାମ ଉଚ୍ଚାରଣ କରୁନାହାନ୍ତି । ଏହା ମଧ୍ୟ ଆଶ୍ଚର୍ଯ୍ୟ ବିଷୟ ଯେ ଏପରି ମହାନ ଆଶ୍ଚର୍ଯ୍ୟ କର୍ମର ଉପସ୍ଥିତିରେ ଯଥା : ଲାଜାରଙ୍କୁ ଉଠାଇବାକାର୍ଯ୍ୟ, ସେମାନଙ୍କର ପୂର୍ବରୁ ଧାରଣ କରିଥିବା ମତ ସେମାନଙ୍କ ଚକ୍ଷୁକୁ ସମ୍ପୂର୍ଣ୍ଣ ଅନ୍ଧ କରିଦେଲା । (୨ କରନ୍ଥୀ ୪:୪)

୧୧:୪୮ "ଯଦି" ଏହା ହେଉଛି ତୃତୀୟ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଯାହା ଅର୍ନ୍ତନିହିତ କାର୍ଯ୍ୟକୁ ବୁଝାଏ ।

■ **"ସମସ୍ତେ ତାହାଠାରେ ବିଶ୍ୱାସ କରିବେ"** ଈର୍ଷା ତାହା ସହିତ ପାରମାର୍ଥିକ ଅସମ୍ମତତା, ସେମାନଙ୍କର ଅବିଶ୍ୱାସ ଓ ଯୀଶୁଙ୍କ ପ୍ରତି ଭୟର କାରଣ ଥିଲା । "ସମସ୍ତେ" ଏପରିକି ଶମିରୋଣୀୟ ଓ ଦେବପୂଜକମାନଙ୍କୁ ବୁଝାଇ ପାରେ (୧୦:୧୬) ।। ଆହୁରି ମଧ୍ୟ ଏକ ରାଜନୈତିକ ବିଷୟରେ ସେମାନଙ୍କର ଭୟ ଥିଲା (ରୋମୀୟ ଅଧୀନ)

■ **"ରୋମୀୟମାନେ ଆସି ଆମ୍ଭମାନଙ୍କର ଏହି ସ୍ଥାନ ଓ ଜାତି ଉଭୟଙ୍କୁ ନଷ୍ଟ କରିଦେବେ"** ଯୋହନଙ୍କ ସୁସମାଚାରର ଏହାବ୍ୟଙ୍ଗ ଭାବବାଣୀଗୁଡ଼ିକ ମଧ୍ୟରୁ ଗୋଟିଏ କାରଣ ଆକ୍ଷରିକ ଭାବେ ଏହା ୭୦ ଖ୍ରୀଷ୍ଟାବ୍ଦରେ ସଫଳ ହେଲା ରୋମୀୟ ମୁଖ୍ୟ ସେନାଧକ୍ଷ (ପରେ ସମ୍ରାଟ) ଟାଇଟସଙ୍କ ଅଧୀନରେ । ରାଜନୈତିକ ବାସ୍ତବତା, ରୋମ ରାଜତ୍ୱର ଥିଲା, ଯିହୁଦୀ ଶେଷ ସମୟ (ଯୁଗ ଶେଷ ସମୟ) ଆଶାର ଆଭ୍ୟନ୍ତରୀଣ ଅଂଶ । ସେମାନେ ବିଶ୍ୱାସ କଲେ ଯେ, ଈଶ୍ୱର ଏକ ଆତ୍ମିକ / ସୈନିକ ବ୍ୟକ୍ତିଙ୍କୁ ପଠାଇଲେ । ପୁରାତନ ନିୟମର ବିଚାରକର୍ତ୍ତାମାନଙ୍କ ପରି ଯେ କି ସେମାନଙ୍କୁ ଶାରୀରିକ ଭାବେ ରୋମଠାରୁ ଉଦ୍ଧାର କରିବ । ଏହି ନିର୍ଦ୍ଦିଷ୍ଟ ଆଶା ପୂରଣ କରିବାକୁ ପାଲେଷ୍ଟାଇନ୍‌ରେ ବିଭିନ୍ନ ମଶୀହଙ୍କ ଛଳନାକାରୀମାନେ ବିଦ୍ରୋହ ଆରମ୍ଭ କଲେ ।

ଯୀଶୁ ଦାବୀ କଲେ ଯେ ତାହାଙ୍କ ରାଜ୍ୟ ଏକ ସାମୟିକ ପାର୍ଥିବ ରାଜନୈତିକ ନ ଥିଲା (୧୮:୩୬) ମାତ୍ର ଏକ ଆଧାତ୍ମିକ ରାଜତ୍ୱ ଯାହା ଭବିଷ୍ୟତ୍‌ରେ (ପ୍ରକାଶିତ) ଭୂମଣ୍ଡଳ ଭାବରେ ଧ୍ୱଂସିତ ହେବ । ସେ ଦାବୀ କଲେ ପୁରାତନ ନିୟମର ଭବିଷ୍ୟତ୍‌ବାଣୀର ସଫଳତା, ଆକ୍ଷରିକ ଭାବେ, ଯିହୁଦୀ ଜାତିୟତାର ଅର୍ଥରେ ନୁହେଁ । ଏଥିପାଇଁ ସେ ତାହାଙ୍କ ସମୟର ଅଧିକାଂଶ ଯିହୁଦୀମାନଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିଲେ ।

**୧୧:୪୯ "କୟଫା ନାମକ ସେହି ବର୍ଷ ମହାଯାଜକ"** ମହାଯାଜକୀୟ ପଦ ଏକ ସାରା ଜୀବନ କାଳୀନ ପଦ ଯାହା ଜଣକର ସନ୍ତାନମାନଙ୍କ ପାଖକୁ ବଢ଼ାଇ ଦିଆଯାଇଥିଲା (ଯାତ୍ରା ୨୮ ପର୍ବ) ମାତ୍ର ରୋମୀୟମାନେ ବିଜୟୀ ହେବା ପରେ ଏହା ସବୁଠାରୁ ଉଚ୍ଚ ଦରରେ ବିକ୍ରୟ ହେଲା ଉଚ୍ଚ ମୂଲ୍ୟ ନିଲାମ ଡାକିବାକୁ ଲୋକକୁ, କାରଣ ଜିତ ପର୍ବତ ଉପର ଓ ମନ୍ଦିର ପ୍ରାଙ୍ଗଣରେ ଏହା ଲାଭଜନକ ବାଣିଜ୍ୟ ଥିଲା । କୟଫା ୧୮-୩୬ ଖ୍ରୀଷ୍ଟାବ୍ଦରୁ ମହାଯାଜକ ଥିଲେ (ମହାଯାଜକ ଆନ୍ନା (୬-୧୫ ଖ୍ରୀଷ୍ଟାବ୍ଦରେ)ଙ୍କ ଜ୍ୱାଇଁ ।

**୧୧:୫୦-୫୨** ଯୋହନଙ୍କ ବ୍ୟଙ୍ଗର ଏହା ଅନ୍ୟ ଏକ ଉଦାହରଣ କୟଫା ସୁସମାଚାର ପ୍ରଚାର କଲେ ।

**୧୧:୫୦ "ଜନ ସାଧାରଣଙ୍କ ନିମନ୍ତେ ଜଣେ ମରିବା ଉଚିତ"** ଏହା ନିମନ୍ତେ ପୁରାତନ ନିୟମ ପୃଷ୍ଠଭୂମି ଯୀହୁଦି "କାୟିକ" ବା ଦୈହିକ (ଶାରୀରିକ) ଭାବର ଦୃଶ୍ୟ । ଜଣେ ବ୍ୟକ୍ତି (ଉତ୍ତମ ବା ମନ୍ଦ) ସମୁଦାୟ ବିଷୟକୁ ପ୍ରଭାବିତ କରିପାରିବ (ଯଥା : ଆଦମ / ହବା, ଆଖନ) ଏହି ବିଶ୍ୱାସ ବଳିଦାନ ରୀତିକୁ ଏକପରବର୍ତ୍ତୀ ସମୟରେ ସଂଯୁକ୍ତ କରିବାକୁ ଆସିଲା, ବିଶେଷତଃ ପ୍ରାୟଶ୍ଚିତ ଦିନ (ଲେବୀ ୧୬), ଯେଉଁଠାରେ ଏକ ନିର୍ଦ୍ଦୋଷ ପଶୁ, ଜାତିର ପାପ ବହନ କଲା । ଏହା ପଶ୍ଚାତା ଭାଗରେ ମଶୀହଙ୍କ ସମ୍ବନ୍ଧୀୟ ବିଶ୍ୱାସରେ ପରିଣତ ହେଲା ଯିଶାଇୟ ୫୩ । ନୂତନ ନିୟମରେ ରୋମୀ ୫:୧୨-୨୧ର ଆଦମ / ଖ୍ରୀଷ୍ଟଙ୍କ ପ୍ରତିରୂପ ଶିକ୍ଷା ଏହି ବିଶ୍ୱାସକୁ ପ୍ରତିବିମ୍ବିତ କରେ,

**୧୧:୫୧**

| | |
|---|---|
| **ଏନ୍.ଏ.ଏସ୍‌ବି., ଆର୍‌ଇଭି, ଏନ୍‌ଇଟି** | **"ଯୀଶୁ ମୃତ୍ୟୁଭୋଗ କରିବାକୁ ଯାଇଥିଲେ"** |
| **ଏନ୍‌କେଜେଭି ଏନ୍‌ଆଇଭି, ଆରଇଭି,** | **"ଯୀଶୁ ମୃତ୍ୟୁଭୋଗ କରିବେ"** |
| **ଏନ୍‌ଆର ଏସଭି** | **"ଯୀଶୁ ମୃତ୍ୟୁଭୋଗ କରିବାକୁ ଠିକ୍ ଯାଉଥିଲେ ।** |
| **ଏନ୍ ଜେମି** | **"ଯୀଶୁଙ୍କୁ ମୃତ୍ୟୁଭୋଗ କରିବାକୁ ଥିଲା ।** |

ଏନ୍‌ଆଇଡ଼ିଓଟିଟିଇ, ପ୍ରଥମ ଭାଗର ୧୨୬ ପୃଷ୍ଟାରେ ଏକ ଉତ୍ତମ ମନ୍ତବ୍ୟ କ୍ରିୟାପଦ (ନିଶ୍ଚୟ କରିବାକୁ ପଡ଼ିବ, "ନିଶ୍ଚିତ ହେବ")ର ପାରମାର୍ଥ ଶିକ୍ଷା ବିଷୟରେ ଅଛି, ଯତେବେଳେ ଖ୍ରୀଷ୍ଟଙ୍କ ମୁକ୍ତି କାର୍ଯ୍ୟ ପାଇଁ ଈଶ୍ୱରଙ୍କ ଇଚ୍ଛା ବ୍ୟବହୃତ ହେଲା ।

୧. ମାର୍କ ୧୦:୩୨

୨. ମାଥିଉ ୧୬:୨୨

୩. ଲୁକ ୯:୩୧, ୪୪, ୨୪:୨୧ ପ୍ରେରିତ ୨୦:୨୩

୪. ଯୋହନ ୭:୩୯, ୧୧:୫୧, ୧୨:୩୩, ୧୪:୨୨, ୧୮:୧୨

ଏହା ମଧ୍ୟ ଯିହୁଦାର ପ୍ରତାରଣାର ଆବଶ୍ୟକତାରେ ବ୍ୟବହାର କରାଗଲା

୧. ଲୁକ ୨୨:୨୧

୨. ଯୋହନ ୬:୩୧, ୧୨:୪

ଲୁକ ଏହା ପ୍ରେରିତ ପୁସ୍ତକରେଭବିଷ୍ୟତ୍‌ବାଣୀର ସଫଳତା ପାଇଁ ବ୍ୟବହାର କଲେ । (ଯଥା : ପ୍ରେରିତ ୧୧:୨୮, ୨୪:୧୫,୨୬:୨୨) । ସମସ୍ତ ମୁକ୍ତିର କାର୍ଯ୍ୟ ସବୁ ଈଶ୍ୱରଙ୍କ ହସ୍ତଗତ ଥିଲା (ପ୍ରେରିତ ୨:୨୩, ୩:୧୮, ୪:୨୮, ୧୩;୨୯)

୧୧;୫୨ "ଈଶ୍ୱରଙ୍କ ଛିନ୍ନ ଭିନ୍ନ ସନ୍ତାନମାନଙ୍କୁ ମଧ୍ୟ ସଂଗ୍ରହ କରି ଏକ କରିବା ନିମନ୍ତେ "ଏହା ଯୋହନଙ୍କ ଦ୍ୱାରା ଏକ ସମ୍ପାଦକୀୟ ମନ୍ତବ୍ୟ ହେବା ପରି ଦେଖାଯାଏ । ଯାହା ୧୦;୬ ସହିତ ସମାନ୍ତର ହୋଇ ପାରିବ । ଏହା ବୁଝାଏ

୧. ପାଲେଷ୍ଟାଇନ ବାହାରେ ବାସ କରୁଥିବା ଯିହୁଦୀମାନଙ୍କୁ

୨. ଅର୍ଦ୍ଧ-ଯିହୁଦୀ, ଶମିରୋଣୀୟମାନଙ୍କ ପରି

୩. ବିଜାତିମାନଙ୍କୁ (ଅଣଯିହୁଦୀ)

# ବ୍ୟତିରେକ, ସର୍ବୋତ୍ତମ ପରି ଦେଖାଯାଏ, ଏହା ଯାହା ବି ହେଉ, ଯୀଶୁଙ୍କ ମୃତ୍ୟୁ "ବିଶ୍ୱାସୀ" ମାନବଜାତିଙ୍କୁ ଏକତା ମଧ୍ୟକୁ ଆଣିବ (୧:୨୯, ୩;୧୬, ୪:୪୨, ୧୦:୧୬)

୧୧;୫୩ "ତେଣୁ ସେହି ଦିନଠାରୁ ସେମାନେ ତାହାଙ୍କୁ ବଧ କରିବା ନିମନ୍ତେ ମନ୍ତ୍ରଣା କଲେ" (୫:୧୮, ୭:୧୯, ୮:୫୯, ୧୦:୩୯, ୧୧:୮)

**ଏନଏଏସବି (ଆଧୁନିକିକରଣ) ପାଠ୍ୟାଂଶ ୧୧:୫୪**

**"ଅତଏବ, ଯୀଶୁ ଯିହୁଦୀମାନଙ୍କ ମଧ୍ୟରେ ଆଉ ପ୍ରକାଶରେ ଗମନାଗମନ କଲେ ନାହିଁ, କିନ୍ତୁ ସେ ସେ ସ୍ଥାନରୁ ବାହାରି ଯାଇ ପ୍ରାନ୍ତର ନିକଟରେ ଥିବା ଅଞ୍ଚଳର ଏଫ୍ରୟିମ ନାମକ ଗୋଟିଏ ନଗରକୁ ପ୍ରସ୍ଥାନ କଲେ ଆଉ ସେ ଶିଷ୍ୟମାନଙ୍କ ସହିତ ସେଠାରେ ରହିଲେ ।"**

୧୧:୫୪ "ଯୀଶୁ ଯିହୁଦୀମାନଙ୍କ ମଧ୍ୟରେ ଆଉ ପ୍ରକାଶରେ ଗମନାଗମନ କଲେ ନାହିଁ" ଯୋହନ ୧୨ ହେଉଛି ଧର୍ମନେତାମାନଙ୍କ ସହିତ ବ୍ୟବହାର କରିବାରେ ଯୀଶୁଙ୍କ ଶେଷ ଉଦ୍ୟମ ।

ପ୍ରକାଶରେ ଶବ୍ଦ ଯୋହନ ସୁସମାଚାରରେ ଅନୁବାଦ କରାଗଲା (୭:୨୬, ୧୧:୫୪, ୧୮-୨୦) ସାଧାରଣ ଭାବରେ ବୁଝାଏ "ସାହସର ସହିତ" ବିଶେଷ ପ୍ରସଙ୍ଗ ୭:୪ ଦେଖନ୍ତୁ

. "ଏପ୍ରୟିମ ନାମକ ଗୋଟିଏ ନଗର" ଏହି ନଗର ଶମିରୋଣରେ ବେଥେଲ ନିକଟବର୍ତ୍ତୀ ଅବସ୍ଥିତ ଥିବା ଏକ ନଗର ହୋଇ ଥାଇ ପାରେ (୨ ବଂଶାବଳୀ ୧୩:୧୯)

**ଏନଏଏସବି (ଆଧୁନିକିକରଣ) ପାଠ୍ୟାଂଶ ୧୧:୫୫-୫୭**

**ଯିହୁଦୀମାନଙ୍କର ନିସ୍ତାର ପର୍ବ ସନ୍ନିକଟ ଥିଲା, ପୁଣି ପଲ୍ଲୀଗ୍ରାମଗୁଡ଼ିକରୁ ଅନେକେ ଆପଣା ଆପଣାକୁ ଶୁଚି କରିବା ନିମନ୍ତେ ନିସ୍ତାର ପର୍ବ ପୂର୍ବେ ଯିରୁଶାଲମକୁ ଯାତ୍ରା କଲେ । ୫୬ ସେଥିରେ ସେମାନେ ଯୀଶୁଙ୍କର ଅନ୍ୱେଷଣ କରୁ କରୁ ମନ୍ଦିରରେ ଠିଆ ହୋଇଥିବା ସମୟରେ ପରସ୍ପର କହିବାକୁ ଲାଗିଲେ, ତୁମ୍ଭେମାନେ କଅଣ ମନେ କରୁଅଛ ? ସେ କି ପର୍ବକୁ ଆସିବେ ନାହିଁ ? ୫୭ ପ୍ରଧାନ ଯାଜକ ଓ ଫାରୁଶୀମାନେ ତାହାଙ୍କୁ ଧରିବା ଉଦ୍ଦେଶ୍ୟରେ ସେ କେଉଁଠାରେ ଅଛନ୍ତି, ଏହା ଯଦି କେହି ଜାଣେ ତାହା ପ୍ରକାଶ କରିବାକୁ ଆଜ୍ଞା ଦେଇଥିଲେ ।**

୧୧:୫୫-୫୭ ଏହି ପଦଗୁଡ଼ିକ ୧୧ ଓ ୧୨ ଅଧ୍ୟାୟ ସହିତ ସମ୍ପୃକ୍ତ

୧୧:୫୫ "ଆପଣା ଆପଣାକୁ ଶୁଚି କରିବା ନିମନ୍ତେ" ଏହା ନିସ୍ତାର ପର୍ବ ପାଇଁ ପ୍ରସ୍ତୁତିକରଣରେ ଶୁଚିକରଣ ରୀତିନୀତିକୁ ସୂଚାଏ । ଯୀଶୁ ପାଲେଷ୍ଟାଇନ୍‌ରେ କେତେକ ସମୟ ଶିକ୍ଷା ଦେଲେ, ପ୍ରଚାର କଲେ ଓ ସେବାକାର୍ଯ୍ୟ କଲେ ତାହା ଉପରେ ଏବେ ସୁଦ୍ଧା ଯୁକ୍ତି ରହିଛି । ପ୍ରଥମ ତିନି ସମସମାଚାର (ସିନୋପ୍ଟିକ) ମାନ ଏପରି ଭାବରେ ଗଠନ କରାଯାଇଅଛି ଯେ ଗୋଟିଏ ବା ଦୁଇ ବର୍ଷ ସମ୍ଭବପର ଅଟେ । ଯାହା ବି ହେଉ, ଯୋହନ ସୁସମାଚାରରେ କେତେଗୁଡ଼ିଏ ନିସ୍ତାର ପର୍ବ (ବାର୍ଷିକ ଭୋଜ) ବିଷୟ ଅଛି । ନିଶ୍ଚିତ ଭାବେ ତିନୋଟି ପ୍ରକାଶ କରାଯାଇଅଛି (୨:୧୩, ୬:୪ ଓ ୧୧:୫୫ ପଦରେ) ଅନ୍ତତଃ ଚତୁର୍ଥଟି ସହିତ, ଯାହା ୫:୧ରେ "ଏକ ଭୋଜ" ବୋଲି ଉଲ୍ଲେଖିତ ।

୧୧:୫୭ ଏହା ଯୋହନଙ୍କ ଠାରୁ ଅନ୍ୟ ଏକ ସମ୍ପାଦକୀୟ ମନ୍ତବ୍ୟ

**ଆଲୋଚନା ପ୍ରଶ୍ନମାନ**

ଏହା ଏକ ଅଧ୍ୟୟନ ପାଇଁ ଚାଳନା ଦେବାର ବ୍ୟାଖ୍ୟା ପୁସ୍ତକ, ଯାହା ବୁଝାଏ ଯେ ବାଇବଲର ତୁମ ନିଜ ଅନୁବାଦ ପାଇଁ ତୁମେ ଦାୟୀ ଅଟ ।

ଆମ୍ଭେମାନେ ପ୍ରତ୍ୟେକ ଆମର ଥିବା ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଏବଂ ପବିତ୍ର ଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ତୁମେ ଏକ ବ୍ୟାଖ୍ୟାକାରୀଙ୍କୁ ଏହା ପ୍ରଦାନ କରିବା ଉଚିତ ନୁହେଁ ।

ଏହି ପ୍ରଶ୍ନଗୁଡ଼ିକ ଏହି ପୁସ୍ତକର ଏହି ଅଂଶର ମୁଖ୍ୟ ବିଷୟ ମାଧ୍ୟମରେ ତୁମକୁ ଚିନ୍ତାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ଏଗୁଡ଼ିକ ଚିନ୍ତା ଉଦ୍ରେକ କରିବାକୁ ଉଦ୍ଦିଷ୍ଟ ମାତ୍ର ନିର୍ଦ୍ଦିଷ୍ଟ ବିଷୟ ନୁହେଁ ।

୧. ଯୀଶୁ କାହିଁକି ଲାଜାରଙ୍କୁ ମୃତ୍ୟୁ ଭୋଗ କରିବାକୁ ଅନୁମତି ଦେଲେ ?

୨. ଆଶ୍ଚର୍ଯ୍ୟ କାର୍ଯ୍ୟ କେଉଁ ଆଡ଼କୁ ନିର୍ଦ୍ଦେଶ ଦିଏ ?

୩. ପୁନରୁତ୍ଥାନ ଓ ପୁନରୁଦ୍ଧାର ପ୍ରକ୍ରିୟା (ପୁର୍ନଜୀବନ ପ୍ରାପ୍ତି) ମଧ୍ୟରେ କ'ଣ ପ୍ରଭେଦ ଅଛି ?

୪. ଲାଜାରଙ୍କୁ ଉଠାଇବା ଦ୍ୱାରା ଯିହୁଦୀ ନେତାମାନେ କାହିଁକି ଏତେ ଆତଙ୍କିତ ହେଲେ ?

# ଯୋହନ - ୧୨

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ୟୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ବେଥନିରେ<br>ଅଭିଷିକ୍ତ ହେବା | ବେଥନିରେ<br>ଅଭିଷିକ୍ତ ହେବା | ବେଥନିରେ<br>ଅଭିଷିକ୍ତ ହେବା | ଯୀଶୁ ବେଥନିରେ ଅଭିଷିକ୍ତହେଲେ | ବେଥନିରେ ଅଭିଷିକ୍ତ ହେବା |
| ୧୨:୧-୮ | ୧୨:୧-୮ | ୧୨:୧-୮ | ୧୨:୧-୬<br>୧୨ : ୭ - ୮ | ୧୨:୧-୮ |
| ଲାଜାରଙ୍କ ବିରୁଦ୍ଧରେ<br>(ଚକ୍ରାନ୍ତ) ଷଡ଼ଯନ୍ତ୍ର | ଲାଜରଙ୍କୁ ହତ୍ୟା<br>କରିବାକୁ ଷଡ଼ଯନ୍ତ୍ର | | ଲାଜାରଙ୍କ ବିରୁଦ୍ଧରେ<br>ଷଡ଼ଯନ୍ତ୍ର | |
| ୧୨:୯-୧୧ | ୧୨:୯-୧୧ | ୧୨:୯-୧୧ | ୧୨:୯-୧୧ | ୧୨:୯-୧୧ |
| ଯିରୁଶାଲମକୁ<br>ବିଜୟଯାତ୍ରା | ବିଜୟଯାତ୍ରା | ଖର୍ଜ୍ଜୁର ରବିବାର | ଯିରୁଶାଲମକୁ ବିଜୟଯାତ୍ରା | ମଶୀହଙ୍କର<br>ଯିରୁଶାଲମରେ ପ୍ରବେଶ |
| ୧୨:୧୨-୧୯ | ୧୨:୧୨-୧୯ | ୧୨ : ୧୨ - ୧୯ | ୧୨ : ୧୨ - ୧୩<br>୧୨ : ୧୪<br>୧୨ : ୧୫<br>୧୨ : ୧୬<br>୧୨ : ୧୭<br>୧୨ : ୧୮ - ୧୯ | ୧୨ : ୧୨ - ୧୯ |
| କେତେକ ଗ୍ରୀକ୍<br>ଯୀଶୁଙ୍କୁ ଖୋଜନ୍ତି | ଫଳପୂର୍ଣ୍ଣ<br>ଗହମବୀଜ | ଯୀଶୁଙ୍କ ଜନସାଧାରଣ<br>ସେବାକାର୍ଯ୍ୟର ଶେଷ | କେତେକ ଗ୍ରୀକ୍<br>ଯୀଶୁଙ୍କୁ ଖୋଜନ୍ତି | ଯୀଶୁ ତାହାଙ୍କ ମୃତ୍ୟୁ ଓ<br>ପରବର୍ତ୍ତୀ ଗୌରବାନ୍ୱିତ ହେବାର<br>ଭାବବାଣୀ କହନ୍ତି |
| ୧୨:୨୦-୨୬ | ୧୨:୨୦-୨୬ | ୧୨:୨୦-୨୬ | ୧୨:୨୦-୨୧ | ୧୨ : ୨୦ - ୨୮ କ<br>୧୨ : ୨୨ - ୨୬ |
| ମନୁଷ୍ୟ ପୁତ୍ରଙ୍କୁ<br>ଊର୍ଦ୍ଧ୍ୱକୁ ଉଚ୍ଚୀକୃତ<br>ହେବାକୁ ହେବ | ଯୀଶୁ ତାହାଙ୍କ<br>କୃଶୀୟ ମୃତ୍ୟୁର<br>ଭବିଷ୍ୟତବାଣୀ<br>କହନ୍ତି | | ଯୀଶୁ ତାହାଙ୍କ<br>ମୃତ୍ୟୁ ବିଷୟ କହନ୍ତି | |
| ୧୨:୨୭-୩୬କ | ୧୨:୨୭-୩୬ | ୧୨ : ୨୭ - ୩୬ | ୧୨:୨୭-୩୬କ<br>୧୨ : ୨୮ ଖ<br>୧୨ : ୨୯<br>୧୨ : ୩୦ - ୩୩<br>୧୨ : ୩୩ - ୩୬ ଖ<br>୧୨ : ୩୪<br>୧୨ : ୩୫ - ୩୬ କ | ୧୨ : ୨୮ ଖ<br>୧୨ : ୨୯ - ୩୨ |
| ଯିହୁଦୀମାନଙ୍କର<br>ଅବିଶ୍ୱାସ | କିଏ ଆମ୍ଭମାନଙ୍କର<br>ବିବରଣୀ ବିଶ୍ୱାସ<br>କରିବ ? | | ଲୋକମାନଙ୍କର ଅବିଶ୍ୱାସ | |
| ୧୨:୩୬ଖ-୪୩ | | ୧୨:୩୬ଖ-୪୩ | ୧୨:୩୬ଖ-୩୮ | ୧୨ : ୩୬ଖ<br>ଉପସଂହାର ଯୀହୁଦୀମାନଙ୍କର ଅବିଶ୍ୱାସ<br>୧୨ : ୩୭ - ୩୮ |
| | ୧୨ : ୩୭ - ୪୧ | | ୧୨ : ୩୯ - ୪୦<br>୧୨ : ୪୧ | ୧୨ : ୩୯ - ୪୦<br>୧୨ : ୪୧ |
| | ଜ୍ୟୋତିରେ ଗମନ କରିବା | | ୧୨ : ୪୨ - ୪୩ | ୧୨ : ୪୨ - ୫୦ |
| ଯୀଶୁଙ୍କ ବାକ୍ୟସବୁ<br>ଦ୍ୱାରା ବିଚାର | ୧୨ : ୪୨ - ୫୦ | | ଯୀଶୁଙ୍କ ବାକ୍ୟସମୂହ<br>ଦ୍ୱାରା ବିଚାର | |
| ୧୨:୪୪-୫୦ | ୧୨ : ୪୪ - ୫୦ | | ୧୨ : ୪୪ - ୫୦ | |

## ଅଧ୍ୟୟନ ଚକ୍ର ତିନି

ପାରାଗ୍ରାଫ୍ ସ୍ତର ନିମନ୍ତେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ

ଏହା ହେଉଛି ଅଧ୍ୟୟନ ଚାଳକ ବାଖ୍ୟାପୁସ୍ତକ । ଯାହା ବୁଝାଏ ଯେ ତୁମ ନିଜ ବାଇବଲ ଅନୁବାଦ ପାଇଁ ତୁମେ ଦାୟୀ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଜ୍ୟୋତିରେ ଗମନ କରିବା ଉଚିତ୍ । ତୁମେ, ତୁମର ବାଇବଲ୍ ଓ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହା ବାଖ୍ୟାକାର ହସ୍ତରେ ତୁମେ ଛାଡ଼ିଦେବା ଅନୁଚିତ୍ ।

ଅଧ୍ୟାୟଟି ଏକାଥରକେ ବସି ପାଠକର । ପ୍ରସଙ୍ଗମାନ ଚିହ୍ନ । ପାଞ୍ଚଟି ଆଧୁନିକ ଅନୁବାଦଗୁଡ଼କ ସହିତ ତୁମର ପ୍ରସଙ୍ଗ ଭାଗବିଭାଗକୁ ତୁଳନା କର । ପାରାଗ୍ରାଫ୍ ଭାଗବିଭାଗ ଈଶ୍ୱରଙ୍କ ପ୍ରେରଣା ନୁହେଁ । ମାତ୍ର ମୂଳ ଲେଖକଙ୍କ ଉଦ୍ଦେଶ୍ୟ ଯାହାକି ଅନୁବାଦର କେନ୍ଦ୍ର (ହୃଦୟ) ତାହାର ଅନୁଗମନ କରିବା ନିମନ୍ତେ ଏହା ଚାବି ବା କଞ୍ଚି ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର କେବଳ ଗୋଟିଏ ଓ ଏକମାତ୍ର ପ୍ରସଙ୍ଗ ଅଛି ।

୧ – ପ୍ରଥମ ପାରାଗ୍ରାଫ୍

୨ – ଦ୍ୱିତୀୟ ପାରାଗ୍ରାଫ୍

୩ – ତୃତୀୟ ପାରାଗ୍ରାଫ୍

୪ – ଇତ୍ୟାଦି

ପୂର୍ବପର ପୃଷ୍ଠଭୂମି ଥିବା ପାଠ୍ୟାଂଶର ଅର୍ନ୍ତଦୃଷ୍ଟି ୧ – ୫୦ ପଦ ନିମନ୍ତେ

କ. ଚାରୋଟି ସୁସମାଚାର ପୁସ୍ତକ ସମସ୍ତ ଏକ ନାରୀ ଦ୍ୱାରା ଯୀଶୁଙ୍କ ଅଭିଷେକ ଲିପିବଦ୍ଧ କରେ । ସେଥିପାଇଁ ଏହି ଘଟଣା ପ୍ରତି ସୁସମାଚାର ଲେଖକଙ୍କ ଗୁରୁତ୍ୱ ଆରୋପ କରିବା ନିଶ୍ଚିତ । ଯାହା ବି ହେଉ । ମାର୍କ ୧୪ : ୩ – ୯, ମାଥିଉ ୨୬ : ୬ – ୧୩ ଓ ଯୋହନ ୧୨ : ୨ – ୮ ସେ ବେଥନୀର ମରିୟମ ଲାଜାରଙ୍କ ଭଗିନୀ ବୋଲି ଚିହ୍ନିତ କରନ୍ତି ଯେତେବେଳେ ଲୁକ ୭ : ୩୬ – ୫୦ ତାହାକୁ ଗାଲ୍ଲିଲୀରେ ପାପିନୀ ସ୍ତ୍ରୀ ବୋଲି ଚିହ୍ନିତ କରେ ।

ଖ. ୧୨ ଅଧ୍ୟାୟ ଯୀଶୁଙ୍କ ଜନସାଧାରଣ ସେବାକାର୍ଯ୍ୟର ଶେଷ ବା ସମାପ୍ତି କରେ (୨୯ ପଦ) । ସେ ଥରକୁ ଥର ଯିହୁଦୀ ନେତାମାନଙ୍କୁ ବିଶ୍ୱାସକୁ ଆଣିବା ପାଇଁ ଚେଷ୍ଟା କରିଥିଲେ । ୧୧ ଅଧ୍ୟାୟରେ ଯିରୁଶାଲମର ସହରବାସୀମାନଙ୍କୁ ବିଶ୍ୱାସ ମଧ୍ୟକୁ ଆଣିବାକୁ ଚେଷ୍ଟା କରିଥିଲେ ।

ଏହି ଅଧ୍ୟାୟରେ ପାଞ୍ଚଟି ଦଳର ଲୋକଙ୍କ ବିଷୟ ଉଲ୍ଲେଖ କରାଯାଇଅଛି ।

୧. ଲାଜାରଙ୍କ ମୃତ୍ୟୁରୁ ଉଠିବା ସ୍ୱଚକ୍ଷୁରେ ଦେଖିଥିବା ଜନତା ୧୭ ପଦ

୨. ଯିରୁଶାଲମରୁ ଆସିଥିବା ଜନତା

୩. ନିସ୍ତାର ପର୍ବକୁ ଆସିଥିବା ତୀର୍ଥଯାତ୍ରୀଙ୍କ ଜନତା

୪. ସମ୍ଭବତଃ ଅଣଯିହୁଦୀମାନଙ୍କର ଏକ ଜନତା (ବା) ଦଳ

୫. ସମ୍ଭବତଃ ଯେଉଁ ଯିହୁଦୀ ନେତାମାନେ ତାହାଙ୍କଠାରେ ବିଶ୍ୱାସ କରିଥିଲେ ସେମାନଙ୍କର ଏକ ଦଳ

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍.ଏ.ଏସ.ବି (ଆଧୁନିକିକରଣ) ପାଠ୍ୟାଂଶ ୧୨ : ୧ – ୮**

**୧ ''ଇତି ମଧ୍ୟରେ ଯୀଶୁ ନିସ୍ତାର ପର୍ବର ଛଅଦିନ ପୂର୍ବରୁ ବେଥନୀୟାକୁ ଆସିଲେ, ଯେଉଁ ଲାଜାରଙ୍କୁ ସେ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ ସେ ସେହିଠାରେ ଥିଲେ । ୨ ତେଣୁ ସେମାନେ ତାହାଙ୍କ ନିମନ୍ତେ ସେହି ସ୍ଥାନରେ ଗୋଟିଏ ରାତ୍ରି ଭୋଜନ ପ୍ରସ୍ତୁତ କଲେ । ମାର୍ଥା ପରିଚର୍ଯ୍ୟା କରୁଥିଲେ । ଆଉ ଯେଉଁମାନେ ତାହାଙ୍କ ସହିତ ଭୋଜନରେ ବସିଲେ ଲାଜାର ସେମାନଙ୍କ ମଧ୍ୟରୁ ଜଣେ ଥିଲେ । ୩ ସେତେବେଳେ ମରିୟମ ଅଧସେର ଅତିବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀ ତୈଳ ଘେନି ଯୀଶୁଙ୍କ ପାଦରେ ତାହା ଲଗାଇ ଆପଣା କେଶରେ ତାହାଙ୍କ ପାଦ ପୋଛିଦେଲେ । ଆଉ ତୈଳର ସୁବାସରେ ଘରଟି ମହକି ଗଲା । ୪ କିନ୍ତୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଇଷ୍କାରିୟୋତୀୟ ଯିହୁଦା ନାମକ ଯେଉଁ ଶିଷ୍ୟ ତାହାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବାକୁ ଯାଉଥିଲା, ସେ କହିଲା, ଏହି ତୈଳ ଦେଢ଼ଶ ଟଙ୍କାରେ ବିକ୍ରୟ କରାଯାଇ କାହିଁକି ଦରିଦ୍ରମାନଙ୍କୁ ଦିଆ ନଗଲା ? ୫ ସେ ଯେ ଦରିଦ୍ରମାନଙ୍କ ନିମନ୍ତେ ଚିନ୍ତା କରୁଥିଲା ବୋଲି ଏହା କହିଲା, ତାହା ନୁହେଁ, କିନ୍ତୁ ସେ ଜଣେ ଚୋର ଆଉ ତାହା ନିକଟରେ ଟଙ୍କା ଥଳୀ ଥିବାରୁ ସେଥିରେ ଯାହାଯାହା ରଖାଯାଉଥିଲା, ତାହା ସେ ଚୋରିକରି ନେଇଯାଉଥିଲା । ୭ ସେଥିରେ ଯୀଶୁ କହିଲେ, ଏହାକୁ ଛାଡ଼ିଦିଅ । ଯେପରି ମୋର ସମାଧି ଦିନ ନିମନ୍ତେ ସେ ଏହା ରଖିପାରେ । ୮ ଦରିଦ୍ରମାନେ ତ ସର୍ବଦା ତୁମ୍ଭମାନଙ୍କ ନିକଟରେ ଅଛନ୍ତି, ମାତ୍ର ମୁଁ ସର୍ବଦା ତୁମ୍ଭମାନଙ୍କ ନିକଟରେ ନ ଥିବି ।''**

୧୨ : ୧ ''ନିସ୍ତାର ପର୍ବର ଛଅଦିନ ପୂର୍ବରୁ'' ଏହା ମାଥିଉ ୨୬ : ୨ରୁ ଏକ ଭିନ୍ନ କାଳାନୁକ୍ରମିକ ପରବର୍ତ୍ତୀ କ୍ରମବିକାଶ । ଏହା ସ୍ମରଣରେ ରହିବା ଉଚିତ ଯେ ସୁସମାଚାର ଗୁଡ଼ିକର ମୁଖ୍ୟ ଲକ୍ଷ୍ୟ କାଳକ୍ରମିକ ନୁହେଁ ମାତ୍ର ଯୀଶୁଙ୍କ ପ୍ରତିନିଧିତ୍ୱ କାର୍ଯ୍ୟସମୂହ ଯାହା ତାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟ ବିଷୟ ପ୍ରତିଫଳିତ କରେ । ସୁସମାଚାରଗୁଡ଼ିକ ଜୀବନୀଗୁଡ଼ିକ ନୁହେଁ ମାତ୍ର ଲକ୍ଷ୍ୟଭୁକ୍ତ ଦଳମାନଙ୍କ ନିକଟକୁ ସମ୍ବାଦ ପତ୍ରିକାମାନ ଅଟେ ।

୧୨ : ୨ ''ସେମାନେ'' ଏହା ବେଥନୀର ସହରବାସୀ ମାନଙ୍କୁ ବୁଝାଏ । ଯେଉଁମାନେ ଲାଜାରଙ୍କୁ ମୃତ୍ୟୁରୁ ଉଠାଇବା ଘଟଣା ନିମନ୍ତେ ସମ୍ମାନ ଦେଖାଇ ଯୀଶୁ ଓ ତାହାଙ୍କ ଶିଷ୍ୟମାନଙ୍କୁ ରାତ୍ରଭୋଜନ ଦେଇଥିଲେ । ଯାହାବି ହେଉ ମାଥିଉ ୨୬ : ୬ରେ ଏହା ଶିମୋନ କୁଷ୍ଠୀଙ୍କ ଗୃହରେ ଆୟୋଜିତ ହୋଇଥିଲା ।

୧୨ : ୩ ଅଧସେର ''ପାଉଣ୍ଡ'' ଶବ୍ଦ ବ୍ୟବହାର କରାଯାଇଛି । ଏହା ଲାଟିନ୍ ଶବ୍ଦ, ରୋମୀୟ ପାଉଣ୍ଡ ବିଷୟ କୁହାଯାଇଅଛି । ଯାହା ୧୨ ଓଜନ୍ ସହିତ ସମାନ । ଏହି ବହୁମୂଲ୍ୟ ତୈଳ ମରିୟମଙ୍କ ବିବାହ ଯୌତୁକ ହୋଇଥାଇପାରେ । ଅନେକ ଅବିବାହିତ କୁମାରୀ ସେମାନଙ୍କ ଗଳା ଚତୁଃପାର୍ଶ୍ୱରେ ଏପ୍ରକାର ଅତର ବୋତଲ ପିନ୍ଧିଥାଆନ୍ତି ।

■ **ଏନ.ଏ.ଏସ.ବି ''ଏକ ପାଉଣ୍ଡର ବହୁମୂଲ୍ୟ ବିଶୁଦ୍ଧ ସୁବାସିତ ଅତର''**

**ଏନ.କେ.ଜେଭି ''ଏକ ପାଉଣ୍ଡର ବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀ ତୈଳ''**

**ଏନ.ଆର.ଏସ.ଭି ''ଏକ ପାଉଣ୍ଡର ବହୁମୂଲ୍ୟ ଅତର, ବିଶୁଦ୍ଧ ସୁବାସିତ ବୃକ୍ଷରୁ ନିର୍ଗତ''**

**ଟି ଇ ଭି ''ଏକ ଫୁରୁଆରେ ପରିପୂର୍ଣ୍ଣ ବିଶୁଦ୍ଧ ସୁବାସିତ ନାର୍ଡ଼ ବୃକ୍ଷରୁ ନିର୍ଗତ ବହୁମୂଲ୍ୟ ଅତର ।**

**ଏନ.ଜେଭି ''ଏକ ପାଉଣ୍ଡର ଅତି ବହୁମୂଲ୍ୟ ନାର୍ଡ ବୃକ୍ଷରୁ ନିର୍ଗତ ପ୍ରଲେପ ବା ମଲମ''**

ବିଶେଷଣ ଅର୍ଥ ଉପରେ ଅଧିକ ଆନୁମାନିକ ବିଷୟ ବୁଝାଯାଏ (୧) ବିଶୁଦ୍ଧ (୨) ତରଳ ପଦାର୍ଥ (୩) ଏକ ସ୍ଥାନର ନାମ ।

ଅତର ଏକ ସୁରଭିତ ହିମାଳୟ ମୂଳରୁ ଆସିଛି ଯାହାର ମୂଲ୍ୟ ବହୁତ ଅଧିକ । ଜେମ୍ସ ଏମ୍ ଫ୍ରିମାନ୍ଙ୍କ ''ବାଇବଲର ବ୍ୟବହାରିକ ଆବଭାବ ଓ ରୀତିମାନ'' ପୁସ୍ତକର ୩୭୯ - ୩୮୦ ପୃଷ୍ଠା ଦେଖ ।

■ **''ଯୀଶୁଙ୍କ ପାଦରେ ତାହା ଲଗାଇ ଦେଲେ''** ଅନ୍ୟ ସୁସମାଚାର ପୁସ୍ତକରେ ଏହି ସମାନ ଘଟଣା (ସମ୍ଭବତଃ ଲାଜାର ମୃତ୍ୟୁରୁ ଉଠିଥିବାରୁ ମରିୟମଙ୍କ ଧନ୍ୟବାଦଜ୍ଞାପନ ୨ ପଦ) ନାରୀଟି ତାହାଙ୍କ ମସ୍ତକରେ ଲଗାଇବା କହେ । ଦୃଶ୍ୟମାନଭାବେ ମରିୟମ ତାହାଙ୍କ ସମ୍ପୂର୍ଣ୍ଣ ଶରୀରକୁ ଅଭିଷିକ୍ତ କଲେ, ମସ୍ତକରୁ ଆରମ୍ଭକରି ପାଦ ପର୍ଯ୍ୟନ୍ତ ଯାଇଅଛନ୍ତି । କାରଣ ହେଉଛି ଯୀଶୁଙ୍କ ପାଦ ଖୋଲାଥିଲା । ହୋଇଥାଇପାରେ ସେ ବାମ କହୁଣୀରେ ଭରାଦେଇ ନୀଚା ବା କମ୍‌ଉଚ୍ଚ ମେଜ ନିକଟରେ ଢଳିକି ଆଉଜି ବସିଥିଲେ ।

ଯୋହନଙ୍କ ଦୁଇଟି ଉଦ୍ଦେଶ୍ୟ ସଫଳକାରୀ ମଧ୍ୟରୁ ଏହା ଗୋଟିଏ । ଏହି ସୁବାସିତ ମସଲା ବା ତୈଳ ସମାଧିସ୍ଥ କରିବାକୁ ଏକ ମୃତଶରୀରକୁ ପ୍ରସ୍ତୁତ କରିବାଲାଗି ବ୍ୟବହୃତ ହେଉଥିଲା । (୧୯ : ୪୦ ପଦ) । ମରିୟମ ହୁଏତ ଶିଷ୍ୟମାନଙ୍କଠାରୁ ଅଧିକ ଯୀଶୁଙ୍କ ଆସନ୍ନ ମୃତ୍ୟୁ ସମ୍ବାଦକୁ ବୁଝିପାରିଥିଲା । (୭ ପଦ) ବିଶେଷ ପ୍ରସଙ୍ଗ ଦେଖନ୍ତୁ ! ୧୧ : ୨ ରେ ତୈଳ ଅଭିଷେକ ।

. ''ଆଉ ତୈଳର ସୁବାସରେ ଘରଟି ମହକିଗଲା'' କେତେ ଅଙ୍କିତ କରିବାପରେ ଚାକ୍ଷୁସ ସାକ୍ଷ୍ୟ (ସମ୍ପାଦକୀୟ) ର ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟା । ଯୋହନ ସ୍ପଷ୍ଟଭାବରେ ମୁହୂର୍ତ୍ତଟି ସ୍ମରଣ କରନ୍ତି !

**୧୨ : ୧୪ ''ଇଷ୍କାରିୟୋତୀୟ ଯିହୁଦା''** ଇଷ୍କାରିୟୋତ ଶବ୍ଦର ଦୁଇଟି ସମ୍ଭାବ୍ୟ ବା ଉତ୍ପତ୍ତି ବିଷୟକ ଅର୍ଥ ଅଛି (୧) ଯିହୁଦାର ଏକ ନଗର (କେରିଓଥ୍ ଯିହୋଶୂୟ ୧୫ : ୨୫ ପଦ) ବା (୨) ଶବ୍ଦ ''ହତ୍ୟାକାରୀର ଛୁରୀ'' ପାଇଁ ବ୍ୟବହୃତ । ସମସ୍ତ ସୁସମାଚାର ଲେଖକଙ୍କ ମଧ୍ୟରୁ ଯୋହନଙ୍କର ଯିହୁଦା ବିଷୟରେ ସବୁଠାରୁ ତୀବ୍ରକଠିନ ମନ୍ତବ୍ୟମାନ ଅଛି (୬ ପଦ)

୬ : ୭୦ - ୭୧ ରେ ସମ୍ପୂର୍ଣ୍ଣ ଟିପ୍‌ପଣୀ ଦେଖ)

■ ଶତ୍ରୁ ହସ୍ତରେ ସମର୍ପଣ ଏହା ଅନ୍ୟ ଏକ ସମ୍ପାଦକୀୟ ମନ୍ତବ୍ୟ । ଏହି ଶବ୍ଦର ସାଧାରଣଭାବେ ଏହି ଅର୍ନ୍ତନିହିତ ଅର୍ଥ ନାହିଁ । ଏହା ଆକ୍ଷରିକ ଭାବେ ''ହସ୍ତାନ୍ତର'' ବା ''କାଢ଼ି ଦେଇଦେବା'' ବୁଝାଏ ଏକ ଆଇନସଙ୍ଗତ ବିଚାରନୁଯାୟୀ ଅବା ଅନ୍ୟକୁ କିଛି ବିଷୟ ବିଶ୍ୱାସରେ ସମର୍ପଣ କରିବାକୁ ବୁଝାଏ । ୧୮ : ୨ରେ ଟିପ୍‌ପଣୀ ଦେଖ ।

**୧୨ : ୫** ତିନିଶହ ଡେନାରୀ = ଦେଢ଼ ଶହ ଟଙ୍କା । ଗୋଟିଏ ଡେନାରୀ ସେ ସମୟରେ ଜଣେ ସୈନିକ ଓ ଜଣେ ଶ୍ରମିକର ଗୋଟିଏ ଦିନର ମଜୁରୀ ଥିଲା । ତେଣୁ ଏହା ପ୍ରାୟ ଏକବର୍ଷର ମଜୁରୀ ବା ବେତନ ଥିଲା ।

**୧୨:୬** ଏହି ପଦ ଆଉ ଏକ ସମ୍ପାଦକୀୟ ମନ୍ତବ୍ୟ ଅଟେ । ଅନ୍ୟ ସୁସମାଚାର ଅପେକ୍ଷା ଯୋହନ ଯିହୁଦାକୁ ଅଧିକ ଦୋଷାରୋପ କରେ ।

■ ଏନ. ଏ.ଏସ.ବି ''ଟଙ୍କାଥଳୀ''

ଏନ.ଆର.ଏସ.ଭି ''ସାଧାରଣ ଅର୍ଥ ରଖିବାମୁଣା''

ଟି ଇ ଭି ''ଅର୍ଥମୁଣା''

ଏନ.ଜେ.ବି ''ସାଧାରଣ ପାଣ୍ଠି''

ଏହି ଶବ୍ଦ ''କ୍ଷୁଦ୍ର ବାକ୍ସ''କୁ ବୁଝାଏ । ଏହା ଆଦ୍ୟରୁ ସଙ୍ଗୀତ ଗାୟକ ଓ ବାଦକମାନେ ସେମାନଙ୍କ ମୁଖର ଶଙ୍ଖବାଦ୍ୟ ବହିବା ପାଇଁ ବ୍ୟବହାର କରି ଆସୁଥିଲେ ।

■ **''ସେଥିରେ ଯାହା ଯାହା ରଖାଯାଉଥିଲା ତାହା ସେ ଚୋରିକରି ନେଉଥିଲା''** । ଗ୍ରୀକ୍ ଶବ୍ଦ 'ବହିବା' ଏହା ଦୁଇଟି ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଛି । (୧) ସେ ବାକ୍ସ ବହନ କଲା (୨) ମଧ ସେ ବାକ୍ସରେ ଥିବା ସମସ୍ତ ନେଇ ଯାଉଥିଲା । ଏହି ମନ୍ତବ୍ୟ ଯିହୁଦାର ଚିନ୍ତା ଦରିଦ୍ରମାନଙ୍କ ପାଇଁ ୫ପଦରେ ଦେଖାଇବାକୁ ଅନ୍ତର୍ଗତ କରାଯାଇଅଛି । ମାତ୍ର ପ୍ରକୃତରେ ଆପଣା ପାଇଁ ଚୋରି କରିବାକୁ ଏହା ଏକ ବାହାନା ଥିଲା ।

୧୨ : ୭ ଏହା ଏକ ଅଜଣା ବା ଅଚିହ୍ନା ପଦ । ଏହା, ବଦାନ୍ୟତାର ଏହି କାର୍ଯ୍ୟ ଓ ଭକ୍ତି (ଉପାସନା) କୁ ଜଣକ ସମାଧିରେ ଏକ ସମାନ ରୀତି ସହିତ ଦୃଶ୍ୟମାନ ଭାବେ ସମ୍ପୃକ୍ତ କରେ । ଏହା ଯୋହନଙ୍କର ଅନ୍ୟ ଭବିଷ୍ୟତ ବିଷୟକ ମନ୍ତବ୍ୟମାନ ଅଟେ ।

୧୨ : ୮ ''ଦରିଦ୍ରମାନେ ତ ସର୍ବଦା ତୁମ୍ଭମାନଙ୍କ ନିକଟରେ ଅଛନ୍ତି'' । ଏହା ଦ୍ୱିତୀୟ ବିବରଣ ୧୫ : ୪, ୧୧ ସହିତ ସମ୍ପୃକ୍ତ । ଏହା ଦରିଦ୍ରମାନଙ୍କ ବିଷୟରେ ଅବହେଳା ବା ନ୍ୟୁନ କରିବା ମନ୍ତବ୍ୟ ନୁହେଁ, ମାତ୍ର ଯୀଶୁଙ୍କର ମଶୀହ ରୂପେ ଉପସ୍ଥିତ ଥିବା ଉପରେ ଏକ ଗୁରୁତ୍ୱ ଆରୋପ କରାଯାଇ ଅଛି (୩୫, ୭ : ୩୩, ୯ : ୪) । ଦରିଦ୍ରମାନଙ୍କ ଅଧିକାର ଓ ଉଚିତ ଯତ୍ନ ଉପରେ ପୁରାତନ ମଧ୍ୟପ୍ରାଚ୍ୟ ନିକଟବର୍ତ୍ତୀ ଦେଶଗୁଡ଼ିକର ସାହିତ୍ୟ ମଧ୍ୟରେ ପୁରାତନ ନିୟମ ହେଉଛି ଅତୁଳନୀୟ ବା ଅନନ୍ୟ ।

**ଏନ. ଏ. ଏସ. ବି (ଆଧୁନିକିକରଣ) ପାଠ୍ୟକ୍ରମ : ୧୨ : ୯ - ୧୧**

**୯ ଇତି ମଧ୍ୟରେ ବହୁ ସଂଖ୍ୟକ ଯିହୁଦୀଲୋକ ସେ ସେଠାରେ ଅଛନ୍ତି ବୋଲି ଜାଣିପାରି କେବଳ ଯୀଶୁଙ୍କ ସକାଶେ ନୁହେଁ ମାତ୍ର ଯେଉଁ ଲାଜାରଙ୍କୁ ସେ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ ତାଙ୍କୁ ଦେଖିବା ନିମନ୍ତେ ମଧ୍ୟ ଆସିଲେ । ୧୦ କିନ୍ତୁ ଲାଜାରଙ୍କୁ ମଧ୍ୟ ବଧ କରିବା ନିମନ୍ତେ ପ୍ରଧାନ ଯାଜକମାନେ ମନ୍ତ୍ରଣା କଲେ, ୧୧ କାରଣ ତାଙ୍କ ଯୋଗୁ ଯିହୁଦୀମାନଙ୍କ ମଧ୍ୟରୁ ଅନେକେ ଯାଇ ଯୀଶୁଙ୍କଠାରେ ବିଶ୍ୱାସ କରୁଥିଲେ ।**

୧୨:୯ ବହୁସଂଖ୍ୟକ ଯିହୁଦୀଲୋକ ସେ ସେଠାରେ ଅଛନ୍ତି ବୋଲି ଜାଣିଲେ ''ଏହା ଏକ ଅସାଧାରଣ ''ଯିହୁଦୀ'' ଶବ୍ଦର ବ୍ୟବହାର ଯୋହନ ସୁସମାଚାର ଅଛି । ସାଧାରଣତଃ ଏହା ଯୀଶୁଙ୍କ ବିପକ୍ଷରେ ଥିବା ଧର୍ମନେତାମାନଙ୍କୁ ସୂଚାଏ । ଯାହା ବି ହେଉ ୧୧ : ୧୯, ୪୫, ୧୨ : ୧୭ରେ ଏହା ଯିରୁଶାଲମର ସହରବାସୀ ମାନଙ୍କୁ ସୂଚାଇଥିବା ପରି ଦେଖାଯାଏ, ଯେଉଁମାନେ ଲାଜାରଙ୍କ ବନ୍ଧୁଗଣ ଥିଲେ ଓ ତାଙ୍କ ସମାଧିକ୍ରିୟାକୁ ଆସିଥିଲେ ।

୧୨:୧୦ କିନ୍ତୁ ଲାଜାରଙ୍କୁ ବଧ ମଧ୍ୟ କରିବା ନିମନ୍ତେ ପ୍ରଧାନ ଯାଜକମାନେ ମନ୍ତ୍ରଣା କଲେ' ସେମାନେ ଘଟଣାର ଚିହ୍ନକୁ ଘୁଞ୍ଚାଇ ଦେବାକୁ ବା ଅପସାରିତ କରିବାକୁ ଚାହୁଁଥିଲେ! ସେମାନଙ୍କ ଅଭିପ୍ରାୟ ମାନ ଥିଲା ଭୟ (୧୧:୪୮) ଓ ଈର୍ଷା (୧୧:୪୮, ୧୨: ୧୧) ।

ସେମାନେ ନିଶ୍ଚୟ ଚିନ୍ତାକଲେ ଯୀଶୁଙ୍କର ମୃତ୍ୟୁରୁ ଉଠାଇବା କାର୍ଯ୍ୟ ଏକ ଅତୁଳନୀୟ ଅନନ୍ୟ କାର୍ଯ୍ୟ । କୃତୀତ୍ୱ ହୋଇଥିବା ଘଟଣା । ଏହି ଯିହୁଦୀ ନେତାମାନଙ୍କ ଅନ୍ଧତା ଓ ପକ୍ଷପାତତା ପତିତ ମାନବଜାତିର ଅନ୍ଧକାରଗ୍ରସ୍ତ ମନକୁ ପ୍ରତିଫଳିତ କଲା ।

୧୨:୧୧ ଏହା ୧୧ : ୪୫ ସହିତ ପଶ୍ଚାତରେ ସମ୍ପୃକ୍ତ ଅଟେ । ବିଶେଷ ପ୍ରସଙ୍ଗ ଦେଖନ୍ତୁ ! ଯୋହନଙ୍କ ''ବିଶ୍ୱାସକର'' କ୍ରିୟାପଦର ବ୍ୟବହାର ୨ : ୨୩ରେ ଅଛି ।

**ଏନ.ଏ.ଏସ.ବି (ଆଧୁନିକିକରଣ) ପାଠ୍ୟାଂଶ ୧୨ : ୧୨ - ୧୯**

**୧୨ ''ତହିଁ ଆରଦିନ ପର୍ବକୁ ଆସିଥିବା ବହୁ ସଂଖ୍ୟକ ଲୋକ ଯୀଶୁ ଯିରୁଶାଲମକୁ ଆସୁଅଛନ୍ତି ବୋଲି ଶୁଣି ୧୩ ଖଜୁରୀ ବାହୁଙ୍ଗା ଘେନି ତାହାଙ୍କୁ ଭେଟିବା ନିମନ୍ତେ ବାହାରିଗଲେ ଓ ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ ହୋ ଶାନ୍ନା । ପ୍ରଭୁଙ୍କ ନାମରେ ଯେ ଆସୁଅଛନ୍ତି ସେ ଧନ୍ୟ । ଧନ୍ୟ ଇସ୍ରାଏଲର ରାଜା । ୧୪ ଆଉ ଯୀଶୁ ଗୋଟିଏ ଗର୍ଦ୍ଦଭ ଶାବକ ପାଇ ତାହା ଉପରେ ଆରୋହଣ କଲେ, ଯେପରି ଲେଖାଅଛି । ୧୫ ଆଗୋ ସିୟୋନର କନ୍ୟେ, ଭୟକର ନାହିଁ, ଦେଖ ତୋର ରାଜା ଆସୁଅଛନ୍ତି । ସେ ଗର୍ଦ୍ଦଭଶାବକ ଉପରେ ଆରୋହଣ କରି ଆସୁଅଛନ୍ତି । ୧୬ ତାହାଙ୍କ ଶିଷ୍ୟମାନେ ପ୍ରଥମେ ଏହି ସମସ୍ତ ବିଷୟ ବୁଝିଲେ ନାହିଁ, କିନ୍ତୁ ଯୀଶୁ ମହିମାନ୍ୱିତ ହେଲା ଉତ୍ତାରେ ଏ ସମସ୍ତ ବିଷୟ ଯେ ତାହାଙ୍କ ସମ୍ବନ୍ଧରେ ଲେଖାଯାଇଥିଲା । ପୁଣି ତାହାଙ୍କ ପ୍ରତି ସେମାନେ ଯେ ଏହିସବୁ କରିଥିଲେ ତାହା ସେମାନଙ୍କ ମନରେ ପଡ଼ିଲା । ୧୭ ଆଉ ସେ ଲାଜାରଙ୍କୁ ସମାଧିରୁ ଡାକି ମୃତମାନଙ୍କ ମଧ୍ୟରୁ ଉଠାଇବା ସମୟରେ ଯେଉଁ ଲୋକ ସମୂହ ତାହାଙ୍କ ସହିତ ଥିଲେ, ସେମାନେ ସାକ୍ଷ୍ୟ ଦେବାକୁ ଲାଗିଲେ । ୧୮ ଏହି କାରଣରୁ ମଧ୍ୟ ଲୋକସମୂହ ତାହାଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ । ଯେଣୁ ସେ ଏହି ଆଶ୍ଚର୍ଯ୍ୟକର୍ମ କରିଅଛନ୍ତି ବୋଲି ସେମାନେ ଶୁଣିଥିଲେ । ୧୯ ସେଥିରେ ଫାରୁଶୀମାନେ ପରସ୍ପର କୁହାକୁହି ହେଲେ ଦେଖୁଛ ତ ତୁମ୍ଭମାନଙ୍କ ସମସ୍ତ ଚେଷ୍ଟା ବିଫଳ ହେଉଅଛି । ଦେଖ ଜଗତଟା ଯାକ ତାହାର ପଛରେ ଗଲେଣି ।''**

**୧୨:୧୯ - ୧୯ ଏହା ହେଉଛି ଯିରୁଶାଲମକୁ ଯୀଶୁଙ୍କ ବିଜୟଯାତ୍ରାର ଯୋହନଙ୍କ ଲେଖା** (ମାଥିଉ ୨୧ : ୧ - ୧୧, ମାର୍କ ୧୧ : ୧ - ୧୧, ଲୂକ ୧୯ : ୨୯ - ୩୮)

**୧୨ : ୧୨ ''ବହୁସଂଖ୍ୟକ ଲୋକ ଯେଉଁମାନେ ଭୋଜକୁ ଆସିଥିଲେ''** ଯିହୁଦୀ ପୁରୁଷମାନଙ୍କ ପାଇଁ ତିନୋଟି ଭୋଜ ପାଳନୀୟ ଥିଲା । (ଯାତ୍ରା ୨୩ : ୧୪ - ୧୭ । ଲେବୀୟ ୨୩ ଦ୍ୱିତୀୟ ବିବରଣୀ ୧୬ : ୧୬) ଯିହୁଦୀମାନେ ଯେଉଁମାନେ ପାଲେଷ୍ଟାଇନ୍ର ବାହାରେ (ବିକ୍ଷିପ୍ତ ଭାବେ) ବାସ କରିଥିଲେ । ସେମାନଙ୍କର ଜୀବନ ବ୍ୟାପୀ ଆକାଂକ୍ଷା ଥିଲା ଯିରୁଶାଲମରେ ଏକ ଭୋଜରେ ଯୋଗଦେବା । ଏହି ଭୋଜଗୁଡ଼ିକର ସମୟରେ ଯିରୁଶାଲମରେ ତାହାର ସାଧାରଣ ଲୋକସଂଖ୍ୟା ତିନିରୁ ପାଞ୍ଚଗୁଣ ବୃଦ୍ଧି ପ୍ରାପ୍ତ ହେଲା । ଏହି କ୍ଷୁଦ୍ରବାକ୍ୟ ଏହି ବହୁସଂଖ୍ୟକ କୌତୁହଳପୂର୍ଣ୍ଣ ତୀର୍ଥଯାତ୍ରୀ ଯେଉଁମାନେ ଯୀଶୁଙ୍କ ବିଷୟ ଶୁଣିଲେ ଓ ତାହାଙ୍କୁ ଦେଖିବାକୁ ଆକାଂକ୍ଷିତ ଥିଲେ (୧୧ : ୫୬ ପଦ) ସେମାନଙ୍କୁ ସୂଚାଏ ।

**୧୨ : ୧୩ ''ଖଜୁରୀ ବାହୁଙ୍ଗାମାନ''** ଖଜୁରୀ ବାହୁଙ୍ଗାମାନର ଏହା ଏକ ଅସାଧାରଣ ଗ୍ରୀକ୍ ଖଣ୍ଡବାକ୍ୟ ଅଟେ । କେତେକ ବିଶ୍ୱାସ କରନ୍ତି ଯେ ଦିନେ ଖଜୁରୀ ବୃକ୍ଷମାନ ଜୀତ ପର୍ବତରେ ଗଡ଼ାଣି ସ୍ଥାନରେ ବୃଦ୍ଧି ପାଉଥିଲା । (ଯଥା : ଜୋସେଫ୍‌ସ) । ଯେତେବେଳେ ଅନ୍ୟମାନେ ବିଶ୍ୱାସ କରନ୍ତି, ସେଗୁଡ଼ିକ ଯିରିହୋରୁ ଆମଦାନି କରାଯାଇଥିଲା । ସେଗୁଡ଼ିକ ଜୟଲାଭ ବା ବିଜୟର ଏକ ପ୍ରତୀକ ରୂପେ ଦେଖାଯାଉଥିଲା । (ପ୍ରକାଶିତ ୭ : ୯) । ସେଗୁଡ଼ିକ ଆବାସତମ୍ବୁର ଭୋଜ ଓ ନିସ୍ତାର ପର୍ବର ବିଧିରେ ପ୍ରତିବର୍ଷ ବ୍ୟବହୃତ ହେଉଥିଲା (ଲେବୀ ୨୩ : ୪୦) (ମେକବୀୟ ସମୟରୁ ପରମ୍ପରା)

■ **''ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ''** ଏହା ଏକ ଅଶିଦ୍ଧ କାଳ ଯାହା ପ୍ରତିନିଧିତ୍ୱ କରେ (୧) ଅତୀତ ସମୟରେ ବାରମ୍ବାର କାର୍ଯ୍ୟ ବା (୨) ଅତୀତ ସମୟରେ ଏକ କାର୍ଯ୍ୟ ଆରମ୍ଭ ହେବା ।

■ **''ହୋ ଶାନ୍ନା''** ଏହି ଶବ୍ଦକୁ ବୁଝାଏ ବର୍ତ୍ତମାନ ଉଦ୍ଧାରକର ବା ଦୟାକରି ଉଦ୍ଧାର କର (ଗୀତ ୧୧୮ : ୨୫ – ୨୬) । ନିସ୍ତାର ପର୍ବ ବିଧି ସମୟରେ ହିଲେଲ୍ ଗୀତି ସଂହିତା ମାନ (୧୧୩ – ୧୧୮ ଗୀତ) ମନରୁ ଉଚ୍ଚାରଣ କରାଯିବ । ଯେତେବେଳେ ମନ୍ଦିରକୁ ତୀର୍ଥଯାତ୍ରୀମାନେ ଅଗ୍ରସର ହେଉଥିବେ ଏହା ଉଚ୍ଚାରଣ କରାଯିବ । ନିସ୍ତାର ପର୍ବର ଭୋଜ ସମୟରେ ପ୍ରତିବର୍ଷ ବାରମ୍ବାର ଏହି କାର୍ଯ୍ୟକଳାପଗୁଡ଼ିକ କରାଗଲା ଓ ବାକ୍ୟାଂଶ ଉଚ୍ଚାରିତ ହେଲା । ମାତ୍ର ଏହି ନିର୍ଦ୍ଦିଷ୍ଟ ବର୍ଷ ସେମାନେ ଯୀଶୁଙ୍କଠାରେ ସେସବୁର ଚୂଡାନ୍ତ ଅର୍ଥ ପାଇପାରିଲେ । ଜନତା ଏହା ଜାଣିଲେ, ଫାରୁଶୀମାନେ ଏହା ଚିହ୍ନି ସ୍ୱୀକାର କଲେ ।

. ''ପ୍ରଭୁଙ୍କ ନାମରେ ଯେ ଆସୁଅଛନ୍ତି ସେ ଧନ୍ୟ'' ଯୀଶୁ ଯାହା ଦାବି କରି ଆସିଥିଲେ ଏହା ଠିକ୍ ତାହା ହିଁ ଥିଲା । ସେ ପ୍ରେରିତ ବ୍ୟକ୍ତି ଥିଲେ । ସେ ଯିହୋବାଙ୍କୁ ପ୍ରତିନିଧିତ୍ୱ କଲେ ।

■ **ଏନ.ଏ.ଏସ.ବି ''ଏପରିକି ଇସ୍ରାଏଲର ରାଜା''**
**ଏନ୍.କେ.ଜେଭି., ଏନ୍. ଆର୍. ଏସ୍.ଭି**
**ଟି ଇ ଭି, ଏନଜେଭି ''ଇସ୍ରାଏଲର ରାଜା''**

ଏହି କ୍ଷୁଦ୍ରବାକ୍ୟ ଗୀତସଂହିତାର ଅଂଶ ନଥିଲା । ମାତ୍ର ଜନତାଙ୍କ ଦ୍ୱାରା ସଂଯୁକ୍ତ ହୋଇଥିଲା । ଏହା ଦେଖାଯାଏ ଶାମୁଏଲ ୭ (୧ : ୪୬, ୧୯ : ୧୯)ରେ ମଶୀହ ରାଜା ରୂପେ ଏହା ସିଧାସଳଖ ଯୀଶୁଙ୍କୁ ବୁଝାଉଛି ।

**୧୨ : ୧୪ ''ଗର୍ଦ୍ଦଭଶାବକ''** ଇସ୍ରାୟେଲିୟ ରାଜାମାନଙ୍କ ରାଜକୀୟ ସୈନ୍ୟମାନେ ଗର୍ଦ୍ଦଭ ଆରୋହଣ କରୁଥିଲେ (୧ ରାଜାବଳୀ ୧ : ୩୩, ୩୮ : ୪୪) । କେବଳ ରାଜା ତାଙ୍କ ଗର୍ଦ୍ଦଭ ଉପରେ ବସୁଥିବାରୁ ଯୀଶୁ ଏକ ଗର୍ଦ୍ଦଭ ଉପରେ ଆରୋହଣ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯାହାଉପରେ କେହି ପୂର୍ବେ କେବେ ଆରୋହଣ କରି ନଥିଲେ । ମାର୍କ ୧୧ : ୨ ପଦ)

**୧୨ : ୧୪ -୧୫ ''ଯେପରି ଏହା ଲେଖାଅଛି''** ଏହା ଏକ ଯିଖରୀୟ ୯ : ୯ ଉଦ୍ଧୃତାଂଶ । ଗର୍ଦ୍ଦଭ ଶାବକ କେବଳ ମଶୀହ ରାଜାଙ୍କ ରାଜକୀୟତା ନୁହେଁ ମାତ୍ର ନମ୍ରତା ବିଷୟ ମଧ୍ୟ କହେ । ଯୀଶୁ ଯିହୁଦୀ ଅପେକ୍ଷା ବା ଆଶା ଅନୁଯାୟୀ ବିଜୟୀ ସୈନିକ ରୂପେ ଆସି ନଥିଲେ । ମାତ୍ର ଯିଶାଇୟ ୫୩ ଅନୁଯାୟୀ କ୍ଳେଶଭୋଗୀ ଦାସ ରୂପେ ଗର୍ଦ୍ଦଭ ଶାବକାରୋହୀ ହୋଇ ଆସିଲେ ।

**୧୧ : ୧୬ ''ତାହାଙ୍କ ଶିଷ୍ୟମାନେ ପ୍ରଥମେ ଏହି ସମସ୍ତ ବିଷୟ ବୁଝିଲେ ନାହିଁ ''**ଏହା ଯୋହନଙ୍କ ଅନ୍ୟ ଏକ ଚାକ୍ଷୁସ ସାକ୍ଷ୍ୟ ଓ ବେଦନାପୂର୍ଣ୍ଣ ସ୍ମୃତି । ଏହା ପୁନଃ ସତେଜ ଘଟଣାର ପ୍ରସଙ୍ଗ ଅଟେ (୨ : ୨୨, ୧୦ : ୬, ୧୬ ; ୧୮, ମାର୍କ ୯ : ୩୨, ଲୂକ ୨ : ୫୦, ୯ : ୪୫, ୧୮ : ୩୪) । କେବଳ ସ୍ୱର୍ଗାରୋହଣ ଓ ପେଣ୍ଟିକଷ୍ଟ ପରେ ସେମାନଙ୍କ ଆତ୍ମିକ ଚକ୍ଷୁ ସମ୍ପୂର୍ଣ୍ଣ ମୁକ୍ତ ହେଲା ।

■ **''ମାତ୍ର ଯୀଶୁ ଯେତେବେଳେ ମହିମାନ୍ୱୀତ ହେଲେ, ସେତେବେଳେ ସେମାନେ ସ୍ମରଣ କଲେ''** ଏହା ପବିତ୍ର ଆତ୍ମାଙ୍କ ସେବାକାର୍ଯ୍ୟମାନଙ୍କ ମଧ୍ୟରେ ଗୋଟିଏ ଥିଲା (୧୪ : ୨୬ ଓ ୨ : ୨୨)

ଏହି ପଦ ମଧ୍ୟ ଦର୍ଶାଏ ଯେ ସୁସମାଚାର ଲେଖକଗଣ ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ସହିତ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତିରୁ ସେମାନଙ୍କ ସୁସମାଚାରଗୁଡ଼ିକୁ ଆକାର ପ୍ରଦାନ କରିଅଛନ୍ତି । ପ୍ରଥମ ତିନି ସୁସମାଚାର (ସିନୋପ୍ଟିକ) ଲେଖକଗଣ ଐତିହାସିକ ଉନ୍ନତିରେ ଯୀଶୁଙ୍କୁ ଉପସ୍ଥାପିତ କରନ୍ତି ଏବଂ ସେମାନଙ୍କ ଲେଖାର ଚୂଡ଼ାନ୍ତରେ ପହଞ୍ଚିବା ପର୍ଯ୍ୟନ୍ତ ତାହାଙ୍କ ମହିମାକୁ ଲୁଚାଇ ଥାଆନ୍ତି । ମାତ୍ର ଯୋହନ ମହିମାମୟ ମଶୀହଙ୍କ ଆଲୋକ ବା ଜ୍ୟୋତିଃରେ ସମ୍ପୂର୍ଣ୍ଣ ସୁସମାଚାର ଲେଖନ୍ତି । ପରବର୍ତ୍ତୀ ସ୍ମୃତି ଓ ବିଶ୍ୱାସ, ସୁସମାଚାର ଗୁଡ଼ିକ ପ୍ରତିଫଳିତ କରନ୍ତି, ଏହି ପ୍ରେରଣାପ୍ରାପ୍ତ ଲୋକମାନଙ୍କୁ ସମାଜ (ସମ୍ପ୍ରଦାୟ) ଆବଶ୍ୟକ କରେ । ସେଥିପାଇଁ ଦୁଇଟି ଐତିହାସିକ ପ୍ରସ୍ତୁତିମାନ ଅଛି (ଯୀଶୁ ଓ ସୁସମାଚାରର ଲେଖକଗଣ) ଉଭୟ ଇଶ୍ୱରଙ୍କ ପ୍ରେରଣାପ୍ରାପ୍ତ ।

■ ମହିମାନ୍ୱୀତ ୧ : ୧୪ରେ ଟିପ୍‌ପଣୀ ଦେଖ ।

୧୨ : ୧୭ ବିଶେଷ ପ୍ରସଙ୍ଗ ଦେଖ : ୧ : ୮ରେ ଯୀଶୁଙ୍କ ସାକ୍ଷ୍ୟମାନ । ପୂର୍ବପରି ସମ୍ପର୍କର ପାଠ୍ୟାଂଶରେ ଅର୍ନ୍ତଦୃଷ୍ଟି ସହ ଦେଖ ।

୧୨ : ୧୯ ''ଫାରୁଶୀମାନେ ପରସ୍ପର କୁହାକୁହି ହେଲେ'' ଏହା ଆଉ ଏକ ଭବିଷ୍ୟତ୍ ବିଷୟକ ପୂର୍ବଛାୟା ପ୍ରଦାନ ।

ଏହା (୧) ଯିହୁଦୀମାନଙ୍କୁ ୧୧ : ୪୮, ୧୨ : ୧୧ ଓ (୨) ଅଣଯିହୁଦୀ (ବିଜାତୀୟ) ୨୦ – ୨୩ ପଦକୁ ସମ୍ପୂର୍ଣ୍ଣ କରେ ।

ଏହା ଦୁଇଟି ଐତିହାସିକ ପରିବେଶକୁ ପ୍ରତିଫଳିତ କରେ; ଯୀଶୁଙ୍କ ଜୀବନ ଓ ଆଦ୍ୟ ମଣ୍ଡଳୀ ।

**ଏନ୍.ଏ.ଏସ.ବି (ଆଧୁନିକରଣ) ପାଠ୍ୟାଂଶ ୧୨ : ୨୦ - ୨୬**

**ପର୍ବ ସମୟରେ ଉପାସନା କରିବା ନିମନ୍ତେ ଆସିଥିବା ଯାତ୍ରୀମାନଙ୍କ ମଧ୍ୟରେ କେତେକ ଗ୍ରୀକ୍ ଲୋକ ଥିଲେ । ୨୧ ସେମାନେ ଗାଲିଲୀରେ ବେଥସାଇଦା ନିବାସୀ ଫିଲିପ୍‌ପଙ୍କ ନିକଟକୁ ଆସି ତାହାଙ୍କୁ ଅନୁରୋଧ କରି କହିଲେ, ମହାଶୟ, ଯୀଶୁଙ୍କୁ ଦର୍ଶନ କରିବା ନିମନ୍ତେ ଆମ୍ଭମାନଙ୍କର ଇଚ୍ଛା । ୨୨ ଫିଲିପପ ଯାଇ ଆନ୍ଦ୍ରିୟଙ୍କୁ କହିଲେ । ପୁଣି ଆନ୍ଦ୍ରିୟ ଓ ଫିଲିପପ ଯାଇ ଯୀଶୁଙ୍କ କହିଲେ ୨୩ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ମନୁଷ୍ୟପୁତ୍ର ମହିମାନ୍ୱିତ ହେବା ନିମନ୍ତେ ସମୟ ଉପସ୍ଥିତ । ୨୪ ମୁଁ ତୁମ୍ଭମାନଙ୍କୁ କହୁଅଛି । ଗହମବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ, ତାହାହେଲେ ବହୁତ ଫଳ ଫଳେ । ୨୫ ଯେ ଆପଣା ପ୍ରାଣକୁ ପ୍ରିୟଜ୍ଞାନ କରେ, ସେ ତାହା ହରାଇବ ଆଉ ଯେ ଆପଣା ପ୍ରାଣକୁ ଇହଜଗତରେ ଘୃଣା କରେ ସେ ତାହା ଅନନ୍ତ ଜୀବନ ନିମନ୍ତେ ରକ୍ଷା କରିବ । ୨୬ କେହି ଯେବେ ମୋହର ସେବକ, ତେବେ ସେ ମୋହର ଅନୁଗମନ କରୁ । ଆଉ ମୁଁ ଯେଉଁଠାରେ ଥାଏ ମୋହର ସେବକ ମଧ୍ୟ ସେହିଠାରେ ରହିବ । କେହି ଯେବେ ମୋହର ସେବା କରେ, ତେବେ ପିତା ତାହାଙ୍କୁ ସମ୍ମାନ ଦେବେ ।**

**୧୨ : ୨୦ ''କେତେକ ଗ୍ରୀକ୍ ଲୋକ''** ଏହା ଅଣଯିହୁଦୀ (ବିଜାତି) ଅର୍ଥରେ ବ୍ୟବହୃତ ହୋଇଛି । ନିର୍ଦ୍ଦିଷ୍ଟ ଭାବେ ସ୍ୱତନ୍ତ୍ର ଗ୍ରୀକ୍ ଗୋଷ୍ଠୀଗତ ଭାବରେ ନୁହଁନ୍ତି ।

. ''ପର୍ବ ସମୟରେ ଉପାସନା କରିବା ନିମନ୍ତେ ଆସିଥିବା ଯାତ୍ରୀମାନଙ୍କ ମଧ୍ୟରେ'' ବର୍ତ୍ତମାନ କାଳ ବୁଝାଏ ଯେ ସେମାନେ ପର୍ବକୁ ଯିବାରେ ଅଭ୍ୟସ୍ତ ହୋଇ ଆସିଥିଲେ । ସେମାନେ ହୁଏତ (୧) ଈଶ୍ୱରଭୟକାରୀ ବା (୨) ଦ୍ୱାରପାଖର ଯିହୁଦୀ ଧର୍ମ ଗ୍ରହଣ କରିଥିବା ଅଣଯିହୁଦୀ । ପ୍ରଥମ ହେଲେ ସମାଜ ଗୃହରେ ନିୟମିତ ଉପାସନାକାରୀ ଓ ଦ୍ୱିତୀୟ, ଯିହୁଦୀ ବିଶ୍ୱାସକୁ ବିଧିମତେ ପରିବର୍ତ୍ତିତ ହୋଇଥିବା ଲୋକମାନେ ।

**୧୨ : ୨୧ ଏବଂ ତାଙ୍କୁ ଅନୁରୋଧ କରିବାକୁ ଆରମ୍ଭ କଲେ''** ଏହା ଅଶିଦ୍ଧ କାଳ ଯାହା ବୁଝାଏ (୧) ସେମାନେ ଥରକୁ ଥର ଅନୁରୋଧ କଲେ ବା (୨) ସେମାନେ ପଚାରିବାକୁ ଆରମ୍ଭ କଲେ । ସେମାନେ ଯୀଶୁଙ୍କ ସହିତ ବ୍ୟକ୍ତିଗତଭାବେ ଏକ ଆଭ୍ୟନ୍ତରୀଣ ସାକ୍ଷାତ କରିବାକୁ ଚାହିଁଲେ । ଦୃଶ୍ୟମାନ ଭାବରେ ଏହା ଯୀଶୁଙ୍କ ମୃତ୍ୟୁ ପୂର୍ବରୁ ଭବିଷ୍ୟତବାଣୀ ଗୁଡ଼ିକ ସଫଳତା ଉପରେ ଶେଷ ସୂଚନା ଥିଲା । (୨୩ ପଦ)

**୧୨ : ୨୨** ଫିଲପପ୍ (ଅଶ୍ୱମାନଙ୍କ ପ୍ରେମିକ) ଏବଂ ଆନ୍ଦ୍ରିୟ (ପୁରୁଷତ୍ୱ ବିଶିଷ୍ଟ) ଦୁଇଟି ମାତ୍ର ପ୍ରେରିତଙ୍କର ଏହି ଗ୍ରୀକ୍ ନାମ ଥିଲା । ସମ୍ଭବତଃ ଏହା ଏହି ଗ୍ରୀକ୍‌ମାନଙ୍କୁ (ଯଥା : ବିଜାତିମାନଙ୍କୁ) ସେମାନଙ୍କ ପାଖରେ ଯାଇ ଅନୁରୋଧ କରିବାକୁ ଅନୁମତି ଦେଲା ।

**୧୨ : ୨୩ ''ସମୟ ଉପସ୍ଥିତି''** ଏହା ସିଦ୍ଧ କାଳ ଅଟେ । ଯୋହନ ଅନେକ ସମୟରେ ''ଏହି ସମୟ'' ବ୍ୟବହାର କରିଅଛନ୍ତି ଯୀଶୁଙ୍କ କ୍ରୁଶାର୍ପଣ ଓ ପୁନରୁତ୍ଥାନ ପରି ତାହାଙ୍କ କାର୍ଯ୍ୟର ପରିବେଷିକ ଘଟଣାଗୁଡ଼ିକ ସମୟରେ (୧୨ : ୨୭, ୧୩ : ୧, ୧୭ : ୧) । ଯୀଶୁ ଜଣାଇଥିଲେ ଯେ, ସେ ଇସ୍ରାଏଲ୍‌ର ହଜିଯାଇଥିବା ମେଷମାନଙ୍କ ନିକଟକୁ ଆସିଥିଲେ (ମାଥିଉ ୧୫ : ୨୪) ବର୍ତ୍ତମାନ ତାହାଙ୍କ ସମ୍ବାଦ ବିଜାତିମାନଙ୍କୁ ପାଖରେ ପହଞ୍ଚିଛି ।

■ ''ମନୁଷ୍ୟପୁତ୍ର'' ଏହା ଏକ ଆରମିକ୍ ଖଣ୍ଡବାକ୍ୟ, ତାହା ସରଳ ଭାବେ ''ମାନବକୁ'' ବୁଝାଉଥିଲା (ଗୀତ ୮ : ୪, ଯିହିଜି ୨ : ୧) । ଯାହା ବି ହେଉ ଏହା ଦାନିଏଲ ୭ : ୧୩ରେ ଈଶ୍ୱରତ୍ୱର ଅନ୍ତର୍ନିହିତ ଅର୍ଥ ସହିତ ସଂଯୁକ୍ତ ହୋଇ ବ୍ୟବହୃତ ହୋଇଛି ଏହା ଯୀଶୁଙ୍କର ନିଜର ଦେଇଥିବା ନାମ ଯାହାର ଦୁଇଟି ସ୍ୱଭାବ, ମାନବ ଓ ଈଶ୍ୱରଙ୍କ ସ୍ୱଭାବ ଏକତ୍ର ତାହାଙ୍କ ବିଷୟରେ ପ୍ରକାଶ କରେ (୧ ଯୋହନ ୪ : ୧ - ୩)

■ ''ମହିମାନ୍ୱିତ ହେବା ନିମନ୍ତେ'' ଯୀଶୁଙ୍କ ମୃତ୍ୟୁ ସର୍ବଦା ''ତାହାଙ୍କ ମହିମାନ୍ୱିତ ହେବା'' କୁ ବୁଝାଇ ଥାଏ ଏହି 'ମହିମା' ଶବ୍ଦ ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ବ୍ୟବହୃତ ହୋଇଛି (୨୮ ପଦରେ ଦୁଇଥର, ୩୨ ଓ ୩୩ ପଦ) । ଏହା ପ୍ରାୟ ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବୁଝାଇବାକୁ ବ୍ୟବହୃତ ହୋଇଅଛି । (୧୩ : ୧, ୩୨, ୧୭ : ୧) । ତାହାଙ୍କ ମୃତ୍ୟୁ ଅନେକଙ୍କୁ ପ୍ରକୃତ ଜୀବନ ମଧ୍ୟକୁ ଆଣିଲା (ମାର୍କ ୧୦ : ୪୫)

■ ''ଯଦି'' ଏକ ମାଳାକୃତ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଏଥିରେ ଅଛି । ଏହି ପରିପ୍ରେକ୍ଷୀରେ ଯାହା ଆଭ୍ୟନ୍ତରୀଣ କାର୍ଯ୍ୟକୁ ବୁଝାଏ (୨୪, ୨୬, ୩୨, ୪୭ ପଦ)

**୧୨ : ୨୫ ''ଯେ ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରେ, ସେ ତାହା ହରାଇବ''** ଏହା ଏକ ଗ୍ରୀକ୍ ଶବ୍ଦର ଖେଳ ''ସାଇକେ'' ଯାହା ଏକ ମାନବର ବ୍ୟକ୍ତିତ୍ୱ ଓ ଜୀବନୀଶକ୍ତିର ସତ୍ତାକୁ ବୁଝାଏ (ମାଥିଉ ୧୦ : ୩୯, ୧୬ : ୨୪ - ୨୫, ମାର୍କ ୮ : ୩୪ - ୩୫, ଲୂକ୍ ୯:୨୩-୨୪) । କୌଣସି ବ୍ୟକ୍ତି ଥରେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କଲେ, ତାହାକୁ ନୂତନ ଜୀବନ ଦିଆଯାଏ । ଏହି ନୂତନ ଜୀବନ ସେବା କରିବା ନିମନ୍ତେ ଈଶ୍ୱରଙ୍କଠାରୁ ପୁରସ୍କାର । ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବିଶ୍ୱାସୀମାନେ ସେମାନଙ୍କ ନୂତନ ଜୀବନର ବେବର୍ତ୍ତା ଅଟନ୍ତି । ଆମ୍ଭେମାନେ ପାପ କରିବା ଦାସତ୍ୱରୁ ମୁକ୍ତ ହେଲୁ । ଈଶ୍ୱରଙ୍କ ଦାସମାନରେ ପରିଣତ ହେବାକୁ (ରୋମୀ ୬:୧- ୭:୬)

୧୦ ଅଧ୍ୟାୟର ମିଥ୍ୟା ମେଷପାଳକ ସେମାନଙ୍କ ଜୀବନ ସବୁକୁ ''ଦୌଡାଇବା'' ଦ୍ୱାରା ରକ୍ଷା କରିବାକୁ ଚେଷ୍ଟାକଲା । ମାତ୍ର ଯୀଶୁ ତାହାଙ୍କ ଜୀବନ ବା ପ୍ରାଣ ଦାନକଲେ । ତେଣୁ ସେପରି କାର୍ଯ୍ୟ ବିଶ୍ୱାସୀମାନେ ନିଶ୍ଚିତଭାବେ କରବାକୁ ହେବ (୨ କରନ୍ଥୀ ୫ : ୧୨ - ୧୫, ଗାଲାତୀ ୨ : ୨୦)

■ ''ହରାଇଥାଏ'' ଏହା ଏକ ବର୍ତ୍ତମାନ କାର୍ଯ୍ୟରତ ସୂଚନା । ଏହି ଶବ୍ଦ (ବିଶେଷ ପ୍ରସଙ୍ଗ ୧୦ : ୧୦ ରେ ଦେଖ)

ବୁଝାଏ ''ନଷ୍ଟ କରିବାକୁ'' ଆଉ ଏକ ଶବ୍ଦ ଦୁଇଟି ଅନ୍ତର୍ନିହିତ ଅର୍ଥ ସହ ଅଛି । ଏହା ''ଅନନ୍ତ ଜୀବନ'' ର ବିପରୀତ । ଯଦି ଜଣକର ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ନାହିଁ, ଏହାର କେବଳ ଏକମାତ୍ର ପ୍ରତିବଦଳ ଅଛି । ଏହା ବିନାଶ ଉଚ୍ଛିନ୍ନ ହେବା ନୁହେଁ ମାତ୍ର ଈଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସଂପର୍କର ବିଚ୍ଛିନ୍ନତା (ଯାହା ନରକର ବୈଶିଷ୍ଟ୍ୟ)

■ ''ଘୃଣାକରେ'' ଏହା ଏବଂ ହିବ୍ରୁ ତୁଳନାତ୍ମକ ଉକ୍ତି । ଈଶ୍ୱର, ଅଗ୍ରାଧିକାର ହେବା ଉଚିତ (ଯାକୁବଙ୍କ ସ୍ତ୍ରୀ (ପତ୍ନୀମାନେ) ଆଦି ୨୯ : ୩୦, ୩୧, ଦ୍ୱିତୀୟ ବିବରଣୀ ୨୧:୧୫, ଏଷୌ ଓ ଯାକୁବ, ମଲାଖି ୧ : ୨-୩, ରୋମୀ ୧୦ - ୧୩, ଜଣକ ପରବାର ଲୂକ୧୪:୨୬)

■ ''ଜୀବନ'' ଏହା ଏକ ଗ୍ରୀକ୍ ଶବ୍ଦ 'ଯୋଏ' । ଏହା ଯୋହନରେ ଅପରିବର୍ତ୍ତନୀୟ ଭାବେ ବ୍ୟବହୃତ ହୋଇଅଛି । (୧) ଆତ୍ମିକଜୀବନ (୨) ଅନନ୍ତ ଜୀବନ (୩) ନୂତନ ଜୀବନ ଓ (୪) ପୁନରୁତ୍ଥିତ ଜୀବନ ବୁଝାଇବାକୁ । ପ୍ରକୃତ ଜୀବନ ହେଉଛି ''ଅହଂ''ର ଅତ୍ୟାଚାରରୁ ମୁକ୍ତି । ଯାହା ପତନର ବିଶେଷତ୍ୱ ଅଟେ ।

୧୨ : ୨୬ ''ଯଦି'' ଏହା ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଆଭ୍ୟନ୍ତରୀଣ ଶକ୍ତିର କାର୍ଯ୍ୟକୁ ବୁଝାଏ ।

■ ''ସେ ମୋହର ଅନୁଗମନ କରୁ'' ଏହା ଏକ ବର୍ତ୍ତମାନ କାର୍ଯ୍ୟରତ ଜରୁରୀ ଆବଶ୍ୟକତା । ଯାହା ଏକ ଚାଲୁ ରହିଥିବା ସମ୍ପର୍କ ବିଷୟ କହେ (ଯୋହନ ୧୫) । ଏହା ଉଦ୍ୟମରେ ଲାଗିରହିବାର ଅବହେଳିତ ବାଇବଲ ସମ୍ବନ୍ଧୀୟ ବିଷୟ । (ବିଶେଷ ପ୍ରସଙ୍ଗ ଦେଖ ୮ : ୩୧ରେ ଚେଷ୍ଟାରେ ଲାଗିରହିବା ଆବଶ୍ୟକତା) । ଏହି ବିଷୟ ଅନେକ ସମୟରେ ଏକ ସର୍ବଭୌମ ଈଶ୍ୱର ଓ ମାନବର ସ୍ୱଇଚ୍ଛା ମଧ୍ୟରେ ପାରମାର୍ଥିକ ଗଭୀର ଚିନ୍ତା ଦ୍ୱାରା ଅବୁଝା ହୋଇଯାଇଥାଏ । ଯାହାବି ହେଉ ପରିତ୍ରାଣକୁ ଏକ ପ୍ରତିଜ୍ଞାତ ଅନୁଭୂତି ରୂପେ ଦେଖିବା ସର୍ବୋତ୍ତମ ଅଟେ । (ଈଶ୍ୱର ସର୍ବଦା ଆରମ୍ଭ କରନ୍ତି (୬ : ୪୪, ୬୫) ଏବଂ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି, ମାତ୍ର  ସେ ମଧ୍ୟ ମାନବ ଜାତିକୁ ତାହାଙ୍କ ଯାଚନୀୟ ବିଷୟକୁ ଅନୁତାପ ଓ ବିଶ୍ୱାସ ସହକାରେ ପ୍ରତ୍ୟୁତର ଦେବାଲାଗି ଦାବୀ କରନ୍ତି (ମାର୍କ ୧ : ୧୫, ପ୍ରେରିତ ୨୦ : ୨୧) ଉଭୟ ଏକ ପ୍ରାରମ୍ଭିକ ସିଦ୍ଧାନ୍ତ ଓ ଏକ ଜୀବନବ୍ୟାପୀ ଶିଷ୍ୟତ୍ୱ ଭାବରେ । ଉଦ୍ୟମରତ ରହିବା ହେଉଛି ଆମେ ତାଙ୍କୁ ଜାଣିଥିବାର ଚିହ୍ନ ଅଟେ (ମାଥିଉ ୧୦ : ୨୨, ୧୩ ; ୨୦ - ୨୧, ଗାଲାତୀ ୬ : ୯, ୧ଯୋହନ ୨ ; ୧୯, ପ୍ରକାଶିତ ୨ ; ୭, ୧୧, ୧୭, ୨୬, ୩ : ୫, ୧୨, ୨୧)

ଖ୍ରୀଷ୍ଟିୟ ମୂଳତତ୍ତ୍ୱ ବାଇବଲ ଉପରେ ନିର୍ଭରଶୀଳ ହୋଇସୁଦ୍ଧା ଅନେକ ସମୟରେ ଦ୍ୱନ୍ଦାତ୍ମକ ଚିନ୍ତାପୂର୍ଣ୍ଣ ହୋଇଆସେ । ପ୍ରାଚ୍ୟ ସାହିତ୍ୟରେ ଏହି ରୂପକ, ପରସ୍ପର ବିରୋଧୀ ଚିନ୍ତା ପଦ୍ଧତିମାନ ଦ୍ୱାରା ତାହାର ଚାରିତ୍ରିକ ଗୁଣ ଚିହ୍ନିତ କରେ । ଅନେକ ସମୟରେ ପାଶ୍ଚାତ୍ୟ ପାଠକଗଣ ଦ୍ୱନ୍ଦମୂଳକ ବିଷୟକୁ ହଁ / ନାଁ ପସନ୍ଦ ମଧ୍ୟକୁ ବଳପୂର୍ବକ ପ୍ରବେଶ କରାନ୍ତି । ଯେତେବେଳେ ସେମାନେ ଉଭୟ ବା ସତ୍ୟକୁ ବୁଝାଇଥାନ୍ତି (ପ୍ରତିନିଧିତ୍ୱ କରନ୍ତି)

ମୋର ମନ୍ତବ୍ୟକୁ ଉଦାହରଣ ଦେବାକୁ ମୁଁ ବାଇବଲ ଅନୁବାଦ ସେମିନାର ''ବାଇବଲ ସମ୍ବନ୍ଧୀୟ ଦ୍ୱନ୍ଦମାନ'' ରୁ ଏକ ବିଭାଗ ଅନ୍ତର୍ଗତ କରିଅଛି ।

''ବାଇବଲ ସମ୍ବନ୍ଧୀୟ ଦ୍ୱନ୍ଦମାନ''

୧ - ଈଶ୍ୱରଙ୍କ ବାକ୍ୟ ରୂପେ ବାଇବଲକୁ ପ୍ରେମ ଓ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ଭାବରେ ମୋତେ ବ୍ୟକ୍ତିଗତ ଭାବେ ଏହି ଅର୍ନ୍ତଦୃଷ୍ଟି ସର୍ବାଦୌ ସାହାଯ୍ୟ କରିଆସିଛି । ବାଇବଲକୁ ଗୁରୁତର ଭାବେ ନେବାକୁ ଚେଷ୍ଟା କରିବାରେ ଏହା ସୁସ୍ପଷ୍ଟ ହେଲା ଯେ, ବିଭିନ୍ନ ପାଠ୍ୟାଂଶ, ସତ୍ୟକୁ ମନୋନୀତ କରିବା ପଥ ପ୍ରକାଶ କରେ, ମାତ୍ର ବିଧି ବା ନିୟମାନୁସାରେ ନୁହେଁ । ଗୋଟିଏ ଈଶ୍ୱର ନିଶ୍ୱସିତ ପାଠ୍ୟାଂଶ ଅନ୍ୟ ଏକ ଈଶ୍ୱର ନିଶ୍ୱସିତ ପାଠ୍ୟାଂଶକୁ ବାତିଲ୍ ବା ନିନ୍ଦା (ମୂଲ୍ୟହ୍ରାସ) କରି ନପାରେ । ସତ୍ୟ ସମସ୍ତ ଧର୍ମଶାସ୍ତ୍ର ଜାଣିବାରେ ଆସେ (ସମସ୍ତ ଧର୍ମଶାସ୍ତ୍ର, କେବଳ କେତେକ ମାତ୍ର, ଈଶ୍ୱର ନିଶ୍ୱସିତ ନୁହେଁ ୨ ତୀମତୀ ୩ : ୧୬, ୧୭) ଗୋଟିଏ ମାତ୍ର ଖଣ୍ଡବାକ୍ୟ ବା ଉଦ୍ଧୃତ କରିବାଦ୍ୱାରା ନୁହେଁ (ପ୍ରମାଣ - ପାଠ୍ୟାଂଶ)

୨. ଅଧିକାଂଶ ବାଇବଲ ସତ୍ୟ (ପ୍ରାଚ୍ୟ ସାହିତ୍ୟ) ବିପରୀତ ଭାଷା ପ୍ରକାଶକ, ଦ୍ୱନ୍ଦମୂଳକ ଯୋଡ଼ିରେ ଉପସ୍ଥାପିତ ହୋଇଅଛି (ନୂତନ ନିୟମ ଲେଖକଗଣଙ୍କୁ ସ୍ମରଣ କର, ଲୂକଙ୍କ ବ୍ୟତୀତ ହିବ୍ରୁ ଚିନ୍ତାଶୀଳମାନେ, ସାଧାରଣ ଗ୍ରୀକ୍‌ରେ ଲେଖିଛନ୍ତି) ଜ୍ଞାନ ସାହିତ୍ୟ ଓ ପଦ୍ୟ ସାହିତ୍ୟ ସମାନ୍ତର ଧାଡ଼ିମାନଙ୍କରେ ସତ୍ୟ ପ୍ରକାଶ କରନ୍ତି । ପରସ୍ପର ବିରୋଧୀ ସମାନ୍ତରବାଦ ଦ୍ୱନ୍ଦ ମୂଳକ ରୂପେ କାର୍ଯ୍ୟ କରେ । ଏହି କୃତ୍ରିମ ସମାନ୍ତରବାଦ ସମାନ୍ତର ଖଣ୍ଡବାକ୍ୟଗୁଡ଼ିକ ରୂପେ କାର୍ଯ୍ୟକରେ । ଯେଉଁ ପ୍ରକାର ହେଲେବି ଉଭୟ ସମାନ ଭାବେ ସତ୍ୟ  । ଏହି ଦ୍ୱନ୍ଦମାନ (ବିପରୀତ ବିଷୟମାନ) ଆମ୍ଭମାନଙ୍କ ଆଦରଣୀୟ, ସରଳୀକୃତ ପରମ୍ପରାମାନଙ୍କ ନିମନ୍ତେ ବେଦନାଦାୟକ ଅଟେ ।

କ. ପୂର୍ବ ନିରୂପଣ ବନାମ୍ ମାନବର ସ୍ୱାଧୀନ ଇଚ୍ଛା

ଖ. ବିଶ୍ୱାସୀ ମାନଙ୍କ ନିରାପତ୍ତା ବନାମ ଉଦ୍ୟମରେ ଲାଗିରହିବା ଆବଶ୍ୟକତା

ଗ. ଆଦ୍ୟପାପ ବନାମ ସ୍ୱେଚ୍ଛାକୃତ ପାପ

ଘ. ଈଶ୍ୱର ରୂପେ ଯୀଶୁ ବନାମ ମାନବ ରୂପେ ଯୀଶୁ

ଙ. ଯୀଶୁ ପିତାଙ୍କ ସହିତ ସମାନ ବନାମ ଯୀଶୁ ପିତାଙ୍କ ଦାସ ସଦୃଶ

ଚ. ଈଶ୍ୱରଙ୍କ ବାକ୍ୟ ବାଇବଲ୍ ବନାମ ମାନବ ଲେଖକତ୍ୱ

ଛ. ପାପଶୂନ୍ୟତା (ସିଦ୍ଧାତାମତ, ରୋମୀ ୬) ବାନମ କମ ପାପ କରିବା

ଜ. ପ୍ରାଥମିକ ତତ୍କ୍ଷଣାତ୍ ଧାର୍ମିକ ଗଣନ ଏବଂ ପବିତ୍ରୀକରଣ ବନାମ କ୍ରମବିକାଶ ପବିତ୍ରୀକରଣ

ଝ. ବିଶ୍ୱାସ ଦ୍ୱାରା ଧାର୍ମିକ ଗଣନ (ରୋମୀ ୪) ବନାମ କାର୍ଯ୍ୟଦ୍ୱାରା ଧାର୍ମିକ ଗଣନର ନିଶ୍ଚୟତା (ଯାକୁବ ୨ : ୧୪ - ୨୬)

ଣ. ଖ୍ରୀଷ୍ଟିୟ ସ୍ୱାଧିନତା ବନାମ (ରୋମୀ ୧୪ : ୧ - ୨୩, ୧ କରନ୍ଥୀ ୮ : ୧ - ୧୩, ୧୦ : ୨୩ - ୩୩) ଖ୍ରୀଷ୍ଟିୟ ଦାୟିତ୍ୱ (ଗାଲାତୀ ୫ ; ୧୬ - ୨୧, ଏଫିସୀ ୪ ; ୧)

ଟ. ଈଶ୍ୱରଙ୍କ ଅସୀମ ସର୍ବୋତ୍କୃଷ୍ଟତା ବାନମ ତାହାଙ୍କ ସର୍ବବ୍ୟାପୀ ଗୁଣ

ଠ. ଈଶ୍ୱର ସର୍ବୋତ୍ତଭାବେ ଅଜଣା (ଈଶ୍ୱରଙ୍କୁ ଜାଣିବା ଅସମ୍ଭବ) ବନାମ ଧର୍ମଶାସ୍ତ୍ରରେ ଓ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପରିଚୟ ପାଇବା ସମ୍ଭବ

ଡ. ପରିତ୍ରାଣ ସକାଶେ ପାଉଲଙ୍କର ଅନେକ ରୂପକ ବା ଉପମାମାନ

(୧) ପ୍ରତିପାଳନ

(୨) ପବିତ୍ରୀକରଣ

(୩) ଧାର୍ମିକ ଗଣନ

(୪) ମୁକ୍ତି

(୫) ଗୌରବାନ୍ୱିତ ହେବା

(୬) ପୂର୍ବ ନିରୂପଣ ଭବିଷ୍ୟତ

(୭) ପୁନଃମିଳନ

ଢ. ବର୍ତ୍ତମାନର ଈଶ୍ୱରଙ୍କ ରାଜ୍ୟ ବନାମ ଭବିଷ୍ୟତ ଧ୍ୱଂସକରଣ

ଣ. ମନ ପରିବର୍ତ୍ତନ, ଈଶ୍ୱରଙ୍କ ଏକ ଦାନରୂପେ ବନାମ ପରିତ୍ରାଣ ନିମନ୍ତେ ଏକ ଅଧିକାରଯୁକ୍ତ ପ୍ରତ୍ୟୁତ୍ତର ରୂପେ (ମାର୍କ ୧ : ୧୫, ପ୍ରେରିତ ୨୦ : ୨୧)

ତ. ପୁରାତନ ନିୟମ ସର୍ବଦା ସ୍ଥାୟୀ ବନାମ ପୁରାତନ ନିୟମ ସମୟ ଚାଲିଯାଇଛି ଓ କାର୍ଯ୍ୟଯୋଗ୍ୟ ନୁହେଁ ଓ ବ୍ୟର୍ଥ (ମାଥିଉ ୩ : ୧୭ - ୧୯ ପଦମାନ ୫ : ୨୧ - ୪୮, ରୋମୀ ୭, ଗୋଲାପୀ ୩)

ଥ. ବିଶ୍ୱାସୀମାନେ ଦାସଗଣ / କ୍ରୀତଦାସ ଗଣ ବା ସନ୍ତାନଗଣ / ଉତ୍ତରାଧିକାରୀ ଗଣ

. ''ଆଉ ମୁଁ ଯେଉଁଠାରେ ଥାଏ, ମୋହର ସେବକ ମଧ ସେଠାରେ ରହିବ'' ଏହି ପ୍ରସଙ୍ଗ ପୁନରାବୃତ୍ତି ହୋଇଅଛି, ୧୪ : ୩, ୧୭ : ୨୪, ୨ କରନ୍ଥୀ ୫ : ୮, ଫିଲି ୧ ; ୨୩, ୧ ଥେସଲ ୪ ; ୧୭ରେ । ଖ୍ରୀଷ୍ଟଧର୍ମ ହେଉଛି ଈଶ୍ୱରଙ୍କ ସହିତ ମୁଖ୍ୟତଃ ଏକ ବ୍ୟକ୍ତିଗତ ସମ୍ପର୍କ । ଲକ୍ଷ୍ୟ ହେଉଛି ସମ୍ପର୍କ ମୂଳକ : ତାହାଙ୍କ ଉପସ୍ଥିତି ଓ ତାହାଙ୍କ ସହଭାଗିତା ।

ଆମ୍ଭେମାନେ ଈଶ୍ୱରଙ୍କ ସହିତ ସହଭାଗିତା ନିମନ୍ତେ ସୃଷ୍ଟି କରାଯାଇଥିଲୁ । (ଆଦି ୧ : ୨୬ - ୨୭୦) ।

ପରିତ୍ରାଣ ହେଉଛି ଏବନ ଉଦ୍ୟାନର ଭଗ୍ନ ସହଭାଗିତାର ପୁନରୁଦ୍ଧାର ଅଟେ । ଯୋହନ ଗୁରୁତ୍ୱ ଦିଅନ୍ତି ଯେ ଏହି ସହଭାଗିତା ବର୍ତ୍ତମାନ ପୁନରୁଦ୍ଧାର କରାଯାଇଅଛି ।

**ଏନ୍ଏସଡବି (ଆଧୁନିକିକରଣ) ପାଠ୍ୟାଂଶ ୧୨:୨୭-୩୬କ**

**''ଏବେ ମୋହର ପ୍ରାଣ ଉଦ୍‌ବିଗ୍ନ ହୋଇଅଛି, ଆଉ ମୁଁ କଅଣ କହିବି ? ପିତଃ ମୋତେ ଏହି ସମୟଠାରୁ ରକ୍ଷା କର । କିନ୍ତୁ ଏଥିସକାଶେ ତ ମୁଁ ଏହି ସମୟ ମଧ୍ୟକୁ ଆସିଅଛି । ୨୮ ପିତଃ ଆପଣାନାମ ମହିମାନ୍ୱିତ କର । ସେଥିରେ ଆକାଶରୁଏହି ବାଣୀ ହେଲା । ଆମ୍ଭେ ତାହା ମହିମାନ୍ୱିତ କରିଅଛୁ । ଆଉ ପୁନର୍ବାର ମହିମାନ୍ୱିତ କରିବା । ୨୯ ତେଣୁ ପାଖରେ ଠିଆ ହୋଇଥିବା ଲୋକ ସମୂହ ଏହା ଶୁଣି ମେଘଗର୍ଜନ ହେଲାବୋଲି କହିଲେ, ଅନ୍ୟମାନେ କହିଲେ, ଜଣେ ଦୂତ ଏହାଙ୍କୁ କଥା କହିଅଛନ୍ତି । ୩୦ ଯୀଶୁ ଉତ୍ତର ଦେଲେ ମୋ ନିମନ୍ତେ ଏହି ବାଣୀ ହୋଇନାହିଁ, ମାତ୍ର ତୁମ୍ଭମାନଙ୍କ ନିମନ୍ତେ ହୋଇଅଛି । ୩୧ ଏବେ ଏହି ଜଗତର ବିଚାର ଉପସ୍ଥିତ । ଏବେ ଏହି ଜଗତର ଅଧିପତିକୁ ବାହାରେ ପକାଯିବ । ୩୨ ଆଉ ମୁଁ ଯଦି ପୃଥିବୀରୁ ଉର୍ଦ୍ଧ୍ୱକୁ ଉତ୍ଥିତ ହେବି, ତାହାହେଲେ ସମସ୍ତଙ୍କୁ ଅପାଣା ନିକଟକୁ ଆକର୍ଷଣ କରିବି ୩୩ ସେ କେଉଁ ପ୍ରକାର ମୃତ୍ୟୁ ଭୋଗ କରିବାକୁ ଯାଉଅଛନ୍ତି, ସେଥିରେ ସୂଚନା ଦେଇ ଏହା କହିଲେ । ୩୪ ସେଥିରେ ଲୋକସମୂହ ତାହାଙ୍କୁ ଉତ୍ତର ଦେଲେ ଖ୍ରୀଷ୍ଟ ଚିରକାଳ ରହିବେ ବୋଲି ଆମ୍ଭେମାନେ ବ୍ୟବସ୍ଥାରୁ ଶୁଣିଅଛୁ । ତେବେ ମନୁଷ୍ୟପୁତ୍ର ଅବଶ୍ୟ ଉର୍ଦ୍ଧ୍ୱକୁ ଉତ୍ଥିତ ହେବେ ବୋଲି ତୁମ୍ଭେ କିପରି କୁହୁଅଛ ? ଏହି ମନୁଷ୍ୟପୁତ୍ର କିଏ ? ୩୫ ସେଥିରେ ଯୀଶୁ ସେମାନଙ୍କୁ କହିଲେ, ଆଉ ଅଳ୍ପ ମାତ୍ର ସମୟ ଜ୍ୟୋତିଃ ତୁମ୍ଭମାନଙ୍କ ମଧ୍ୟରେ ଅଛି । ଅନ୍ଧକାର ଯେପରି ତୁମ୍ଭମାନଙ୍କୁ ଗ୍ରାସ ନକରେ, ଏଥି ନିମନ୍ତେ ତୁମ୍ଭମାନଙ୍କ ନିକଟରେ ଜ୍ୟୋତି ଥାଉ ଥାଉ ଗମନାଗମନ କର । ଯେ ଅନ୍ଧକାରରେ ଗମନାଗମନ କରେ । ସେ କେଉଁଠାକୁ ଯାଉଅଛି ତାହା ଜାଣେ ନାହିଁ । ୩୬ ତୁମ୍ଭେମାନେ ଯେପରି ଜ୍ୟୋତିଃର ସନ୍ତାନ ହୁଅ, ସେଥିପାଇଁ ଜ୍ୟୋତିଃ ତୁମ୍ଭମାନଙ୍କ ନିକଟରେ ଥାଉ ଥାଉ ଜ୍ୟୋତିଃରେ ବିଶ୍ୱାସ କର । ଯୀଶୁ ଏହିସବୁ କଥା କହି ପ୍ରସ୍ଥାନ କଲେ ଓ ସେମାନଙ୍କଠାରୁ ଗୋପନରେ ରହିଲେ'' ।**

୧୨:୨୭ ମୋହର ପ୍ରାଣ ଉଦ୍‌ବିଗ୍ନ ହୋଇଅଛି'' ଏହା ଏକ ସିଦ୍ଧ ଆସ୍ତିବାଚକ ନିର୍ଦ୍ଦେଶ ଅଟେ । ବ୍ୟକ୍ତି (ପ୍ରତିନିଧି) (ପିତା, ଶୟତାନ, ପରିବେଷମାନ ଇତ୍ୟାଦି) ପ୍ରକାଶିତ ହୋଇନାହିଁ । ଏହା ଏକ ବଳିଷ୍ଠ ଶବ୍ଦ, ନୂତନ ନିୟମରେ ବିଭିନ୍ନ ବାଟରେ ବ୍ୟବହାର କରାଯାଇଅଛି ।

କ. ହେରୋଦଙ୍କ ଭୟ (ମାଥିଉ ୨ : ୩)

ଖ. ଶିଷ୍ୟମାନଙ୍କ ଭୟ (ମାଥିଉ ୧୪ : ୨୬)

ଗ. ଯୀଶୁଙ୍କ ଅସ୍ଥିରକୃତ ଚିନ୍ତା (ଯୋହନ ୧୨ : ୨୬, ୧୩ : ୨୧)

ଘ. ଯିରୁଶାଲମରେ ମଣ୍ଡଳୀ (ପ୍ରେରିତ ୧୫ : ୨୪)

ଙ. ମିଥ୍ୟା ଶିକ୍ଷକମାନଙ୍କର ବାଧାବିଘ୍ନ (ବିଭ୍ରାଟ) ଗାଲତୀୟ ମଣ୍ଡଳୀ ମଧ୍ୟରେ

ଏହା ଯୋହନଙ୍କ ପଥ, ଯୀଶୁଙ୍କ ମାନବୀୟ ସଂଘର୍ଷ ତାହାଙ୍କ ଆସନ୍ନ କ୍ରୁଶାପଣର ପ୍ରଗାଢ଼ ମାନସିକ ଆଘାତ ସହିତ ସମ୍ପୃକ୍ତ କରିବାରେ ଥିଲା । (ମାର୍କ ୧୪ : ୩୨) ଯୋହନ ଯୀଶୁଙ୍କ ଗଭୀର ଦୁଃଖ ଗେଥସିମନିରେ ଲିପିବଦ୍ଧ କରନ୍ତି ନାହିଁ ମାତ୍ର ଏହା ହେଉଛି ସମାନ ସମୟ ।

■ ''ମୋତେ ଏହି ସମୟଠାରୁ ରକ୍ଷାକର'' । ଏହି ମନ୍ତବ୍ୟର ଯଥାର୍ଥ ଅର୍ଥ ବିଷୟରେ ବହୁତ ଆଲୋଚନା ହୋଇଅଛି । ଏହା ଏକ ପ୍ରାର୍ଥନା କି ? (ମାଥିଉ ୨୬:୩୯) ଏହା କ'ଣ ଯାହା କରାଯିବା ଉଚିତ ନୁହେଁ ସେଠାରେ ଏକ ଅନପେକ୍ଷିତ ପ୍ରତିକ୍ରିୟା ? (ଏନ୍‌ଇଟି ବାଇବଲ)

■ ''କିନ୍ତୁ ଏଥିସକାଶେ ମୁଁ ଏହି ସମୟ ମଧ୍ୟକୁ ଆସିଅଛି'' ଯୀଶୁଙ୍କ ଜୀବନ ଏକ ସ୍ୱର୍ଗୀୟ ଯୋଜନା ଅନୁଯାୟୀ ଉନ୍ମୁକ୍ତ କରାଗଲା (ଲୂକ୍ ୨୬:୨୨, ପ୍ରେରିତ ୨:୨୩, ୩ : ୧୮, ୪:୨୮) ଯାହା ଯୀଶୁ ସମ୍ପୂର୍ଣ୍ଣ ରୂପେ ବୁଝିଥିଲେ (ମାଥିଉ ୨୦:୨୮, ମାର୍କ ୧୦: ୪୫)

୧୨ : ୨୮ ''ତୁମର ନାମ ମହିମାନ୍ୱିତକର'' ପିତା ୨୮ ପଦରେ ପ୍ରତ୍ୟୁତ୍ତର ଦିଅନ୍ତି । ଏହି 'ମହିମାନ୍ୱିତ' ଶବ୍ଦ ହେଉଛି ସେହି ରସ । ଏହା ବୁଝାଏ :

୧. ପୂର୍ବରୁ ସ୍ଥିତିଲାଭ କରିଥିବା ମହିମା (୧୭ : ୫)

୨. ଯୀଶୁଙ୍କ ପ୍ରତି ପିତାଙ୍କ ପ୍ରକାଶନ (୧୭ : ୬)

୩. ଏଠାରେ ସେହି ପଦ ଅଛି

୧୨ : ୨୯ ''ତେଣୁ ପାଖରେ ଠିଆ ହୋଇଥିବା ଲୋକସମୂହ ଏହା ଶୁଣିଲେ'' । ଯାହା ଘଟିଲା ଏଠାରେ ତାହାର ଦୁଇଟି ଅନୁବାଦ ଅଛି । ଏହା (୧) ମେଘ ଗର୍ଜନ ଥଲା । ପୁରାତନ ନିୟମରେ ଈଶ୍ୱର କଥା କହିବାରେ ଏହା ବ୍ୟବହାର କରୁଥିଲେ । (୨ଶାମୁ ୨୨ : ୧୪, ଆୟୁବ ୧୭ : ୪, ଗୀତ ୨୯ : ୩, ୧୮ : ୧୩, ୧୦୪ : ୭) ବା ୯୨) ଏକ ଦୂତ ତାହାଙ୍କ ସହିତ କଥା କହିଥିଲା । ଶାଉଲଙ୍କ ଅନୁଭବ ବିଷୟରେ ପ୍ରେରିତ ୯ : ୭, ୨୭ : ୯ରେ ଥିବା ଚେତାଶୂନ୍ୟ ବା ଅବାକ୍ ହେବା ସହିତ ଏହା ସମାନ ।

୧୨ : ୩୦ ''ଯୀଶୁ ଉତ୍ତର ଦେଲେ, ମୋ ନିମନ୍ତେ ଏହି ବାଣୀ ହୋଇନାହିଁ, ମାତ୍ର ତୁମ୍ଭମାନଙ୍କ ନିମନ୍ତେ ହୋଇଅଛି'' । ଏହି ଖଣ୍ଡବାକ୍ୟ ଏକ ଯିହୁଦୀ ଜାତିର ତୁଳନା । ଏହା ବୁଝାଏ । ଏହା ତାହାଙ୍କ ପାଇଁ କେବଳ ନଥିଲା ମାତ୍ର ବିଶେଷତଃ ପ୍ରଥମରେ ସେମାନଙ୍କ ପାଇଁଥିଲା (୧୧ : ୪୨ ପଦ)

୧୨ : ୩୧ ''ଏବେ ଏହି ଜଗତରେ ବିଚାର ଉପସ୍ଥିତ'' । ପରବର୍ତ୍ତୀ ବାକ୍ୟ ସହିତ ଏହା ସମାନ୍ତର ଭାବେ ଗଠିତ ହୋଇଛି (ଏବେ ଏହି ଜଗତର ଅଧିପତିକୁ ବାହାରେ ପକାଯିବ) ଯେଉଁ ସମୟରେ ଏହା ଘଟିବ ନିର୍ଦ୍ଦିଷ୍ଟ ଭାବେ କୁହାଯାଉନାହିଁ (ପରବର୍ତ୍ତୀ ବିଶେଷ ପ୍ରସଙ୍ଗ ଦେଖ)

ମୁଁ ଏଫ୍ ଏଫ୍ ବ୍ରୁସ୍‌ଙ୍କ ସହିତ ନିଶ୍ଚିତ ଏକମତ, ତାଙ୍କର ''ପ୍ରଶ୍ନଗୁଡ଼ିକର ଉତ୍ତର'' ୧୯୮ ପୃଷ୍ଠାରେ, ସେହି ୩୧ ପଦ ଆଉ ଏକ ଉଦାହରଣ ବା ଆଦର୍ଶ, ଯାହା ସି ଏଚ୍ ଡୋଡ ''ଶେଷକାଳ ଶିକ୍ଷା ଉପଲବ୍ଧି କରାଗଲା'' ବୋଲି ନାମ ଦେଲେ । ଯୋହନଙ୍କ ପାଇଁ, ଯୀଶୁ ବିଶ୍ୱାସୀମାନଙ୍କ ସକାଶେ ପରିତ୍ରାଣ ଓ ଅବିଶ୍ୱାସୀମାନଙ୍କ ନିମନ୍ତେ ବିଚାର ଏହି ଉଭୟ ବିଷୟ ଆଣି ସାରିଛନ୍ତି । ଏକ ବୁଝାମଣାରେ ଏହା ''ଭବିଷ୍ୟତ୍ ବିଷୟକ ସିଦ୍ଧ'' ନାମକ ଏକ ବ୍ୟାକରଣ ଆକୃତି ବିଶିଷ୍ଟ ବିଷୟ ସହିତ ସମାନ । ଏକ ଭବିଷ୍ୟତ ମାତ୍ର କୌଣସି ବିଷୟ ଏତେ ନିଶ୍ଚିତ ଯେ, ଏହା ଯେପରି ଘଟୁଅଛି ଏପରି ପ୍ରକାଶିତ ହୋଇଅଛି ।

■ ''ଜଗତର ଅଧିପତି'' ଏହା ଏକ ବ୍ୟକ୍ତିଗତ ମନ୍ଦ ଶକ୍ତିଶାଳୀ ଦଳକୁ ବୁଝାଏ (୪୦ : ୩୦, ୧୬ : ୧୧) ହିବ୍ରୁ ଭାଷାରେ ''ଶୟତାନ'' ବା ''ବିପକ୍ଷ'' (ଆୟୁବ ୧, ୨) ବୋଲି ପରିଚିତ ବା ଗ୍ରୀକ୍‌ରେ ''ମନ୍ଦ ଆତ୍ମା'' ଶଇତାନ ବା ''ଅପବାଦକ'' (ମାଥିଉ ୪ : ୧, ୫, ୮, ୧୧, ୧୩:୩୯, ୨୫ : ୪୧, ଯୋହନ ୬ : ୭୦, ୮ : ୪୪, ୧୩ : ୨, ୨ କରନ୍ଥୀ ୪ : ୪, ଏଫିସୀ ୨ : ୨) ଏହି ଦୁଇ ନାମ ମାଥିଉ ୪:୧୧ ଓ ଯୋହନ ୧୩ : ୨, ୨୭ ସହିତ ସମାନ । ସେ ସ୍ୱର୍ଗରୁ ବିତାଡ଼ିତ ତେଣୁ ସେ ଯୀଶୁଙ୍କ ଅନୁଗାମୀ ମାନଙ୍କୁ ଦୋଷାରୋପ / ଅପବାଦ କରି ପାରିବ ନାହିଁ ।

**ବିଶେଷ ପ୍ରସଙ୍ଗ : ବ୍ୟକ୍ତିଗତ ମନ୍ଦତା**

ଏହା ବିଭିନ୍ନ କାରଣରୁ ଏକ କଷ୍ଟକର ପ୍ରସଙ୍ଗ ଅଟେ ।

୧. ପୁରାତନ ନିୟମ, ଏକ ମୁଖ୍ୟ ଶତ୍ରୁ ଉତ୍ତମ ହେବା ପ୍ରକାଶ କରେନାହିଁ, କିନ୍ତୁ ଯିହୋବାଙ୍କର ଏକ ଦାସ, ଯେ ମାନବଜାତିକୁ ଏକ ପ୍ରତିବଦଳ ଦିଏ ଓ ଅଧାର୍ମିକତା ପାଇଁ ମାନବ ଜାତିକୁ ଦୋଷାରୋପକରେ (ଏବି ଡେଭିଡସନ, ପୁରାତନ ନିୟମ ପରାମର୍ଥଶିକ୍ଷା ୩୦୦ - ୩୦୬ ପୃଷ୍ଠା)

୨. ଈଶ୍ୱରଙ୍କ ଏକ ବ୍ୟକ୍ତିଗତ ମୁଖ୍ୟ ଶତ୍ରୁର ଚିନ୍ତାକଳ୍ପ ବା ଧାରଣା ଆଭ୍ୟନ୍ତରୀଣ ବାଇବଲ ସମ୍ବନ୍ଧୀୟ (ଅପ୍ରମାଣିତ) ସାହିତ୍ୟ, ପାରସ୍ୟ ଧର୍ମ (ଯୋରାଷ୍ଟିଆନ୍ ଧର୍ମ) ର ପ୍ରଭାବ ଅଧୀନରେ ବୃଦ୍ଧିଲାଭ କଲା । ଏହା ପ୍ରତି ବଦଳରେ, ଗୁରୁଧର୍ମୀ ଯିହୁଦୀଧର୍ମକୁ ବହୁତ ପ୍ରଭାବିତ କଲା ।

୩. ନୂତନ ନିୟମ, ପୁରାତନ ନିୟମ ପ୍ରସଙ୍ଗମାନଙ୍କୁ ଆଶ୍ଚର୍ଯ୍ୟରୂପେ ନିରାନନ୍ଦ ଭାବେ ବୃଦ୍ଧିକଲା । ମାତ୍ର ମନୋନୟନ ଓ ଭାଗବିଭାଗ କରି ଉନ୍ନତ କଲା ।

ଯଦି ଜଣେ ବାଇବଲର ପରମାର୍ଥ ଶିକ୍ଷାର ଦୃଷ୍ଟିକୋଣରୁ ମନ୍ଦତାର ଅଧ୍ୟୟନ କରିବାକୁ ଚେଷ୍ଟାକରେ (ପ୍ରତ୍ୟେକ ପୁସ୍ତକ ବା ଲେଖକ ବା ସାଧାରଣ ଅଧ୍ୟୟନ କରେ ଓ ବାହ୍ୟରେଖା ପୃଥକ୍ ରୂପେ ପ୍ରସ୍ତୁତ କରେ) ତେବେ ମନ୍ଦର ବଡ଼ ଭିନ୍ନ ଦୃଶ୍ୟ ପ୍ରକାଶିତ ହେବ ।

ଯଦି, ଯାହାବି ହେଉ ଜଣେ ମନ୍ଦତାର ଅଧ୍ୟୟନ କରିବାକୁ ଚେଷ୍ଟା କରେ ଏକ ବାଇବଲ ବିହୀନ ବା ଅତି ବାଇବଲୀୟ ବିଷୟର ଶିକ୍ଷା ଜଗତଧର୍ମମାନ ଓ ପ୍ରାଚ୍ୟ ଧର୍ମରୁ ମଧ୍ୟ, ତେବେ ନୂତନ ନିୟମର ଅଧିକ ଉନ୍ନତି, ପାରସ୍ୟର ଦ୍ୱୈତବାଦ ଓ ଗ୍ରେସିଓ - ରୋମାନ୍ ପ୍ରେତାତ୍ମାଧର୍ମରେ ଆଚ୍ଛାଦିତ ହୋଇଯିବ ।

ଯଦି ଜଣେ ପୂର୍ବ ଅନୁମାନ ଅନୁଯାୟୀ ଶାସ୍ତ୍ରର ଈଶ୍ୱରୀୟ ଅଧିକାର ନିକଟରେ ସମର୍ପିତ ହୁଏ, ତେବେ ନୂତନ ନିୟମର ଉନ୍ନତି, ଅଗ୍ରଗତି କରୁଥିବା ପରିପ୍ରକାଶ ରୂପେ ନିଶ୍ଚିତ ଭାବେ ଦେଖାଯିବ । ଖ୍ରୀଷ୍ଟିୟାନମାନେ ଯିହୁଦୀ କିମ୍ବଦନ୍ତୀ ବା ପରମ୍ପରା ବା ଇଂରାଜୀ ସାହିତ୍ୟ (ଦାନ୍ତେ, ମିଲଟନ) ବିଶ୍ୱାସକୁ ସୁସ୍ପଷ୍ଟ କରିବାକୁ ଅନୁମତି ଦେବା ବିରୁଦ୍ଧରେ ଜଗିରହିବା ଉଚିତ । ଏହି ପ୍ରକାଶିତ ଅଞ୍ଚଳରେ ନିଶ୍ଚିତଭାବେ ରହସ୍ୟ ଓ ଏକାଧିକ ବା ସନ୍ଦେହ ଜନକ ଅର୍ଥ ଅଛି । ଈଶ୍ୱର ସମସ୍ତ ପ୍ରକାର ମନ୍ଦତା, ଏହାର ଉତ୍ପତ୍ତି, ଏହାର ଉଦ୍ଦେଶ୍ୟ, ପ୍ରକାଶ କରିବାକୁ ପସନ୍ଦ କରି ନାହାନ୍ତି । ମାତ୍ର ସେ ଏହାର ପରାଜିତ ଅବସ୍ଥା ପ୍ରକାଶ କରିଅଛନ୍ତି ।

ପୁରାତନ ନିୟମରେ ଶୟତାନ ଶବ୍ଦ (ବିଡିବି ୯୬୬) ବା ଦୋଷାରୋପକାରୀ ତିନୋଟି ପୃଥକ ଦଳ ସହିତ ସମ୍ପୃକ୍ତ ଥିବା ଦେଖାଯାଏ ।

୧. ମାନବକୁ ଦୋଷାରୋପକାରୀ (୧ଶାମୁ ୨୯ : ୪ ୨ଶାମୁ ୧୯:୨୨, ୧ରାଜାବଳୀ ୧୧:୧୪, ୨୩, ୨୫, ଗୀତ ୧୦୯:୬)

୨. ଦୂତମାନଙ୍କ ଦୋଷାରୋପକାରୀ (ଗଣନା ୨୨ : ୨୨ - ୨୩, ଯିଶରୀୟ ୩ : ୧)

୩. ଭୌତିକ ଦୋଷାରୋପକାରୀ (୧ ବଂଶାବଳୀ ୨୧ : ୧, ୧ ରାଜବଳୀ ୨୬ : ୨୧, ଯିଶରୀୟ ୧୩ : ୨)

କେବଳ ପରବର୍ତ୍ତୀ ପୁରାତନ ଓ ନୂତନନିୟମ ମଧ୍ୟବର୍ତ୍ତୀ ସମୟରେ ଆଦିପୁସ୍ତକ ୩ର ସର୍ପକୁ ଶୟତାନ ସହିତ ସମାନ କରାଯାଇଅଛି (ଜ୍ଞାନର ପୁସ୍ତକ ୨ : ୨୩ - ୨୪; ୨ ହନକୋ ୩୧ : ୩) ଏବଂ ଏପରିକି ପରବର୍ତ୍ତୀ ସମୟରେ ଏହା ଏକ ଗୁରୁପୂଜା ପ୍ରତିବଦଳରେ ପରିଣତ ହେଲା । (ସୋଟ ୯ ଖ ଓ ସନହ ୨୬କ) । ''ଈଶ୍ୱରଙ୍କ ପୁତ୍ର'' ଆଦି ୬ ଅଧ୍ୟାୟର ମନ୍ଦ ଦୂତରେ ପରିଣତ ହେଲା ୧ ହନକ ୫୪:୬ରେ । ଗୁରୁପୂଜାର ପରମାର୍ଥ ଶିକ୍ଷାରେ ସେମାନେ ମନ୍ଦତାର ଉତ୍ପତ୍ତିସ୍ଥଳରେ ପରିଣତ ହେଲେ । ଏହା ମୁଁ ପ୍ରକାଶ କରେ ଏହାର ପରମାର୍ଥ ଶିକ୍ଷାର ଯଥାର୍ଥତା ସକାଶେ ନୁହେଁ, ମାତ୍ର ଏହାର ଉନ୍ନତି ବା ବୃଦ୍ଧି ଦର୍ଶାଇବାକୁ । ନୂତନ ନିୟମରେ ପୁରାତନ ନିୟମ କାର୍ଯ୍ୟସବୁ, ଦୂତମାନଙ୍କ ଗୁଣଗୁଡ଼ିକୁ ପ୍ରକାଶ କରେ, ମନ୍ଦତା ବ୍ୟକ୍ତିତ୍ୱକୁ ଆସେ (ଯଥା ଶୟତାନ ୨ କରନ୍ଥୀ ୧୧ : ୩ ପ୍ରକାଶିତ ୧୨ : ୯ରେ ।)

ବ୍ୟକ୍ତିତ୍ୱକୁ ଆସିଥିବା ମନ୍ଦତା ପୁରାତନ ନିୟମରୁ ସ୍ଥିର କରିବା କଷ୍ଟକର ଓ ଅସମ୍ଭବ (ତୁମର ମନର ଧାରଣା ଉପରେ ନିର୍ଭର କରୁଅଛି) ଏହାର ଗୋଟିଏ କାରଣ ହେଉଛି ଇସ୍ରାଏଲ୍‌ର ବଳିଷ୍ଠ ଏକେଶ୍ୱରବାଦ (୧ ରାଜାବଳୀ ୨୨ : ୨୦ - ୨୨ ଉପଦେଶକ ୭ : ୧୪, ଯିଶାୟ ୪୫ : ୭, ଆମୋସ ୩ : ୬) । ସମସ୍ତ କାରଣତତ୍ତ୍ୱ ଯିହୋବାଙ୍କ ଗୁଣକୁ ଦର୍ଶାଏ, ତାହାଙ୍କ ଅନନ୍ୟତା ଓ ପ୍ରାଧାନ୍ୟ ପ୍ରଦର୍ଶନ କରିବାକୁ (ଯିଶା ୪୩ : ୧୧; ୪୪ : ୬, ୮, ୨୪, ୪୫ : ୫ - ୬, ୧୪, ୧୮, ୨୧, ୨୨)

ସାମ୍ଭାବ୍ୟ ବିବରଣୀର ଉତ୍ପତ୍ତିସ୍ଥଳମାନ (୧) ଆୟୁବ ୧ - ୨, ଯେଉଁଠାରେ ଶୟତାନ ହେଉଛି ''ଈଶ୍ୱରଙ୍କ ପୁତ୍ରମାନଙ୍କ'' ମଧ୍ୟରୁ ଜଣେ (ଯଥା ଦୂତଗଣ ବା (୨) ଯିଶା ୧୪ । ଯିହିଜିକଲ ୨୮ ମଧ୍ୟପ୍ରାଚ୍ୟ ରାଜାମାନଙ୍କର ଗର୍ବ ଯେଉଁଠାରେ (ବାବିଲ ଓ ସୋର) ଶୟତାନର ଗର୍ବକୁ ବୁଝାଇବାକୁ ବ୍ୟବହାର କରାଯାଇଛି (୧ ତୀମଥି ୩ : ୬) ଏଥିପାଇଁ ମୋର ମିଶ୍ରିତ ଆବେଗମାନ ଅଛି । ଯିହିଜିକଲ ଏଦନ ଉଦ୍ୟାନ ରୂପକ (ଉପମା) ବ୍ୟବହାର କରନ୍ତି କେବଳ ସୋରର ରାଜାକୁ ଶୟତାନ ବୋଲି (ଯିହିନି ୨୮ : ୧୨ -

୧୪) କହନ୍ତି ନାହିଁ । ମିଶରର ରାଜାଙ୍କୁ ମଧ୍ୟ ସତ୍ ଅସଦ ଜ୍ଞାନିଦାୟକ ବୃକ୍ଷରୂପେ (ଯିହିଜିକଲ ୩୧) ପ୍ରକାଶ କରନ୍ତି । ଯାହାବି ହେଉ ଯିଶାୟ୧୪ : ୧୨ - ୧୪ ବିଶେଷତଃ ଗର୍ବଦ୍ୱାରା ଏକ ଦୂତର ବିଦ୍ରୋହ ବର୍ଣ୍ଣିତ । ଯଦି ଈଶ୍ୱର ଆମକୁ ଶୟତାନର ନିର୍ଦ୍ଦିଷ୍ଟ ସ୍ୱଭାବ ଓ ଉତ୍ପତ୍ତି ପ୍ରକାଶ କରିବାକୁ ଚାହାନ୍ତି, ଏହା ତାହା କରିବାର ଉପଯୁକ୍ତ ପଥ ଓ ସ୍ଥାନ ଅଟେ । ଆମ୍ଭେମାନେ ନିୟମିତ ସିଷ୍ଟମେଟିକ୍ ଥିଓଲଜିର ବିଷୟରେ ସତର୍କ ହେବା ଆବଶ୍ୟକ । ଛୋଟ ଓ ବଡ଼ ବିଭିନ୍ନ ନିୟମ ପୁସ୍ତକ, ଲେଖକଗଣ, ପୁସ୍ତକମାନ ଓ ଉତ୍ସଗୁଡ଼ିକରେ ଏକତ୍ର କରିବାକୁ ଯତ୍ନ କରିବା ଆବଶ୍ୟକ ।

ଆଲଫ୍ରେଡ ଏଡ୍ରେରସିମ୍ (ଜୀବନ ଏବଂ ଯୀଶୁଙ୍କ ସମୟରେ ମସିହ Vol୨ ପରଶିଷ୍ଟ XIII (ପି.ପି. ୭୪୮-୭୬୩) ଏବଂ XVI (ପି. ୭୭୦-୭୭୬) ପାରସିୟମାନଙ୍କ ଦ୍ୱିମତ ଏବଂ ଖଳ ଅନୁଧାନ ଦ୍ୱାରା ରାବାନିକାଲ ଜୁଡ଼ାଇ ଜମ୍ ମାନେ ଅତ୍ୟାଧିକ ପ୍ରଭାବିତ ହୋଇଛନ୍ତି ବୋଲି କୁହନ୍ତି । ଏହି ପରିସ୍ଥିତିରେ ରବିମାନେ ଉତ୍ତମ ମୂଳ ଭିତ୍ତି ନୁହଁନ୍ତି । ଯୀଶୁ ସିନାଗଗ୍‌ଠାରୁ ଶିକ୍ଷାକୁ ପ୍ରଚୁର ଭାବରେ ବିଭିନ୍ନ ସ୍ଥାନକୁ ପ୍ରସାରିତ କଲେ । ସେହି ରବିର୍ନିକାଲ ମାନଙ୍କ ଦେବଦୂତ ଅନୁଧାନର ଧାରଣା ଏବଂ ସିନିୟ ପର୍ବତଠାରେ ମଶାଙ୍କୁ ଦିଆଯାଇଥିବା ବ୍ୟବସ୍ଥା । ୟିହ ଚିନ୍ତାଧାରା ବର୍ତ୍ତମାନ ଦେବଦୂତମାନଙ୍କୁ ୟୋହବା ଏବଂ ମାନବ ଜାତି ନିମନ୍ତେ ଶତ୍ରୁ ପାଲଟି ଯାଇଚି । ପାରସିୟ ମାନଙ୍କର ଦୁଇଟି ଦେବତା ଅଛି ।

(ଜରାଷ୍ଟ୍ରିଆନ୍) ଦ୍ୱିମତ ଆଖିମାନ ଏବଂ ଅରମଜା, ଭଲ ଏବଂ ମନ୍ଦ, ବୁଡ଼ିଆରେ ମଧ୍ୟରେ ଏହି ଦ୍ୱିମତର ଧାରଣା ସୃଷ୍ଟି ହେଲା । ଏହା ହେଉଛି ୟୋହବା ଏବଂ ଶୟତାନ ନୂତନ ନିୟମରେ ନିଶ୍ଚିତ ଭାବରେ ଏହି ମନ୍ଦତା କ୍ରମାଗତ ଭାବରେ ପ୍ରକାଶିତ ହୋଇଛି । କିନ୍ତୁ ରବିମାନେ ଯେପରି ପୁଙ୍ଖାନୁପୁଙ୍ଖ ଭାବରେ କହିଥିଲେ ସେହିପରି ଦେଖାଯାଏ ନାହିଁ । ଏହି ପ୍ରବେଦର ସ୍ୱର୍ଗ ରାଜ୍ୟର ଯୁଦ୍ଧ ହେଉଛି ଏକ ଉତ୍ତମ ଉଦାହରଣ ଶୈତାନର ପତନ ତର୍କବିଜ୍ଞାନ ଅନୁଯାୟୀ ଆବଶ୍ୟକ ଅଟେ କିନ୍ତୁ ଏହାର କାରଣ ଦର୍ଶାଇ ଯାଇ ନାହିଁ । ଯଦିବା ଯାହା ଦିଆ ଯାଇଛି ତାହା ଆପକ୍ରିପା ପୁସ୍ତକରେ ଗୁଡ଼ାଇ ହୋଇଛି । (ସି.ଏଫ୍. ପ୍ରକାଶିତ ୧୨:୪,୭, ୧୨-୧୩) ଯଦିବା ଶୈତାନ ପରାଜୟ ପ୍ରତ୍ୱ ହୋଇ ପୃଥିବୀରେ ବନ୍ଦିତ୍ୱ କରାଯାଇଛି ତାହା ହେଲେ ମଧ୍ୟ ୟୋହାବା ଦାସ ଭାବେ କାର୍ଯ୍ୟ କରୁଛି (ସି.ଏଫ୍. ମାଥିଉ ୪:୧, ଲୁକ ୨୨:୩୧-୩୨, ୧ମ କରନ୍ଥୀ ୫:୫, ୧ମ ତୀମଥି ୧:୨୦)

ଏହି ପର୍ଯ୍ୟାୟରେ ଆମ୍ଭର ଜିଜ୍ଞାସାକୁ ଅଟକାଇବା ଆବଶ୍ୟକ ଅଟେ ସେଠାରେ ବ୍ୟକ୍ତିଗତ ଶକ୍ତିର ପରୀକ୍ଷା ଏବଂ ମନ୍ଦତା ରହିଛି । କିନ୍ତୁ ସେଠାରେ କେବଳ ଏକମାତ୍ର ପରମେଶ୍ୱର ଅଛନ୍ତି ଏବଂ ମାନବ ଜାତିଗଣ ସେମାନେ ବାଛିନେବାର କର୍ତ୍ତବ୍ୟ ନିଜର ରହିଛି । ପରିତ୍ରାଣ ପର୍ବରେ ଏବଂ ପଶ୍ଚାଦରେ ଆତ୍ମିକ ଯୁଦ୍ଧ ରହିଛି । କେବଳ ତ୍ରିଏକ ପରମେଶ୍ୱରଙ୍କ ଜରିଆରେ ହିଁ ବିଜୟୀ ମିଳିଥାଏ ମନ୍ଦତାର ପରାଜୟ ହୋଇଛି ଏବଂ ଘୁଞ୍ଚାଯାଇଛି ।

■ **ଘୁଞ୍ଚାଇ ଦିଆଯିବ :** ଏହା ଏକ ଭବିଷ୍ୟତର ସଂକେତପୂର୍ଣ୍ଣ ବାକ୍ୟ ଅଟେ । ସ୍ୱର୍ଗଠାରୁ ଶୈତାନ ଖସି ପଡ଼ିବା ବିଷୟ ବାଇବଲରେ ଉଚିତ ସମୟ ଜଣା ପଡ଼ି ନ ଥାଏ । ଯିହିଜିକଲ ୨୮ରେ ଏବଂ ଯିଶାୟ ୧୪ ଶଇତାନର ପତନ ବିଷୟରେ ଆଲୋଚନା କରାଯାଇଛି । ଭାବବାଦି ମାନଙ୍କ ବାକ୍ୟ ଗର୍ବି ବାବିଲନର ରାଜା ଏବଂ ପୟାର ବିଷୟକୁ ଆଲୋଚନା କରନ୍ତି । ସେମାନଙ୍କର ପାପମୟ ବିରକ୍ତି ଭାବ ଶୈତାନର ପରିଚୟ ଦେଇ ଥାଏ (ସି.ଏଫ୍. ଯିଶାୟ ୧୪:୧୨, ୧୫ ଯିହିଜିକଲ ୨୮:୧୬) ଯାହା ହେଉ ପଛେ ଯିଶୁ କହିଲେ ଶୈତାନ ପଡ଼ିବାର ମୁଁ ଦେଖିଲି (ସି.ଏଫ୍. ଲୁକ ୧୦:୧୮)

ପୁରାତନ ନିୟମ ମଧ୍ୟରେ ଶୈତାନର କ୍ରିୟା ବିକଶିତ ହେଶଇଛି । ପ୍ରଥମରେ ସେ ଜଣେ ସ୍ୱର୍ଗ ଦୂତ ଥିଲେ । କିନ୍ତୁଗର୍ବ ଯୋଗୁଁ ସେ ସଦା ପ୍ରଭୁଙ୍କର ଶତ୍ରୁ ହେଲେ । ସମାଲୋଚନାର ଉତ୍ତମ ଆଲୋଚନା ଏହି ଡ଼େବିଟ୍ ସାନଙ୍କ ପୁସ୍ତକ ପୁରାତନ ନିୟମର ଈଶ୍ୱରୀୟ ଶାସ୍ତ୍ରରେ ଦେଖିବାକୁ ମିଳେ ।

**ବିଶେଷ ଶୀର୍ଷ : ସ୍ୱର୍ଗ ରାଜ୍ୟର ଯୁଦ୍ଧ -**

ସମୟର ସାକ୍ଷାତକୁ ନେଇ ସେଠାରେ ଅନେକ ଆଲୋଚନା ମାନ ରହିଛି । ଲୁକ ୧୦:୧୮ ଏବଂ ଯୋଂହନ ୧୨:୩ ଯୀଶୁ ଉଲ୍ଲେଖ କରିଛନ୍ତି । କନ୍ତୁ କ୍ରମାଗତ ତାରିକକୁ ଦର୍ଶାଇବା ଏକ ଜଟିଳ ବିଷୟ ହୋଇଛି ।

୧. ଆଦି ପୁସ୍ତକ ପୂର୍ବରୁ ଆଦି (ସୃଷ୍ଟି ପୂର୍ବରୁ)

୨. ଆଦି ପୁସ୍ତକ ୧:୧ ଏବଂ ୧:୨ ମଧ୍ୟରେ (ବ୍ୟବଧାନର ସିଦ୍ଧାନ୍ତ)

୩. ପୁରାତନ ନିୟମର ଆୟୁବ ୧-୨ ପରବର୍ତ୍ତୀ (ସ୍ୱର୍ଗରେ ଶଇତାନ)

୪. ୧ମ ରାଜା ୨୨;୨୨୧, ପୁରାତନ ନିୟମ ପଶ୍ଚାତ (ସ୍ୱର୍ଗ ରାଜ୍ୟ ବୈଠକରେ ଶୈତାନ)

୫. ପୁରାତନ ନିୟମ ମଧ୍ୟରେ ଯିଖରିୟ ୩: (ସ୍ୱର୍ଗ ରାଜ୍ୟରେ ଶୈତାନ)

୬. ପୁରାତନ ନିୟମରେ ଯିଶାୟ ୧୪:୧୨ ଯିହିଜିକଲ ୨୮:୧୫ ଏବଂ ୨ୟ ଇନକ୍ ୨୯:୪-୫ (ପ୍ରାଚ୍ୟ ଦେଶର ରାଜାମାନଙ୍କ ଦଣ୍ଡ ବିଧି)

୭. ନୂତନ ନିୟମରେ ଯୀଶୁଙ୍କ ପରୀକ୍ଷା ପରେ (ସି.ଏଫ୍. ମାଥିଉ ୪)

୮. ନୂତନ ନିୟମରେ ୭୦ ଦିନର ଧର୍ମ ପ୍ରଚାର (ଶଇତାନକୁ ପଡ଼ିବାର ଦେଖିଲେ) ଲୁକ ୧୦:୧୮

୯. ନୂତନ ନିୟମରେ ଯିରୁଶାଲମ ମଧ୍ୟରେ ବିଜୟର ଧ୍ୱଜା (ଜଗତର ଅଧିପତିକୁ ବାହାରେ ପକାଯିବ ସି.ଏଫ୍.ଯୋହନ ୧୨:୩୧

୧୦. ନୂତନ ନିୟମରେ ଯୀଶୁଙ୍କ ପୁନରୁତ୍ଥାନ ସ୍ୱର୍ଗାରହଣ (ସି.ଏଫ୍. ଏଫି ୪:୮) କଲ ୨:୧୫)

୧୧. ଶେଷ ସମୟରେ ସି.ଏଫ୍. ପ୍ରକାଶିତ ୧୨:୭ ସ୍ୱର୍ଗରେ ଶିଶୁଙ୍କୁ ଖୋଜିବା ପାଇଁ ଝଡ଼ ବାତ୍ୟା ସୃଷ୍ଟି ହୋଇଥାଇ ପାରେ । ସାଧାରଣତଃ ଏଠାରେ ସଦାପ୍ରଭୁଙ୍କ ଏବଂ ଶୈତାନ ମଧ୍ୟରେ ଅନନ୍ତ କାଳୀନ ଯୁଦ୍ଧକୁ ଦେଖିବାକୁ ମିଳେ । ଏହି ଯୁଦ୍ଧ ଶୈତାନର ସମ୍ପୂର୍ଣ୍ଣ ପରାଜୟ ଏବଂ ନିକ୍ଷେପ, ପ୍ରକାଶିତ ୨୦ରେ ସେମାନଙ୍କୁ ବାହାରେ ପକାଇ ଦିଆଗଲା ।

**୧୨:୩୨ 'ଆଉ ମୁଁ ଯଦି ଉର୍ଦ୍ଧ୍ୱକୁ ଉଛିତ ହେବି"** - ଏହି ଏକ ତୃତୀୟ ସ୍ତରୀୟ ଚୁକ୍ତିନାମକ ବାକ୍ୟ ଅଟେ । ଏହାର ଅର୍ଥ ଏହା ଅଟେ ।

୧ - ଉର୍ଦ୍ଧ୍ୱକୁ ଉଠାଯିବା (ସି.ଏଫ୍. ୩:୧୪)

୨. କ୍ରୁଶାର୍ପିତ (ସି.ଏଫ୍. ୮:୨୮)

୩ - ଉନ୍ନତ (ସି.ଏଫ୍. ପ୍ରେରିତ ୨:୩୩, ୫:୩୧)

୪. ଅତିଶୟ ଉନ୍ନତ (ସି.ଏଫ୍. ଫିଲିପ ୨:୯)

ଅନେକ ଶବ୍ଦରେ ଯୋଡ଼ି ଏହି ବାକ୍ୟକୁ ଯୋହନଙ୍କ ସୁସମାଚାରରେ ଶ୍ରେଣୀଭୁକ୍ତ କରାଯାଛି ।

■ **'ମନୁଷ୍ୟ ସମସ୍ତେ ମୋର ନିକଟବର୍ତ୍ତୀ ହେବେ'** ବିଯୋବାଙ୍କ ପ୍ରେମର ପ୍ରତିଜ୍ଞା ପରୋକ୍ଷ ଭାବରେ ଇଶ୍ରାଏଲ ନିମନ୍ତେ ଦିଆଯାଇଛି । ତାହାକୁ ଯିରିମିୟ ୩୧:୩ଠାରେ ଦେଖାଯାଏ । ଏହି ବାକ୍ୟରେ 'ଏକ ନୂତନ ଆଜ୍ଞା' (ସି.ଏଫ୍. ଯିରିମି. ୩୧:୩୧-୩୪) ସଦାପ୍ରଭୁଙ୍କ ଲୋକମାନଙ୍କ ପ୍ରେମ ଦ୍ୱାରା ଏବଂ ସେମାନଙ୍କ କାର୍ଯ୍ୟ ନିମନ୍ତେ ଏହି ସମାନ ରୂପକ ଶବ୍ଦ ଯୋହନ ୬:୪୪, ଏବଂ ୬:୫୫ ଠାରେ ଉଲ୍ଲେଖ କରାଯାଇଛି

ଏଠାରେ 'ସମସ୍ତେ' ଜଗତବାସୀ ନିମନ୍ତେ ନିମନ୍ତ୍ରଣ ଏବଂ ମୁକ୍ତି ନିମନ୍ତେ ପ୍ରତିଜ୍ଞା (ସି.ଏଫ୍. ଆଦି ୩:୧୫, ୧୨:୩ ଯାତ୍ରା ୧୯:୫, ଯିଶା ୨:୨-୪ଯୋହ ୧:୯, ୧୨, ୨୯, ୩;୧୬, ୪:୪୨, ୧୦:୧୬, ୧ମ ତିମ ୨:୪, ୪:୧୦ ତିତସ ୨:୧୧, ୨ୟ ପିତର ୩:୯, ୧ମ ଯୋହନ ୨:୨, ୪:୧୪) ଏହ ପଦଗୁଡ଼ିକରେ ବିଶେଷ ଭିନ୍ନତା ଦେଖାଦିଏ । ଏହି ସମସ୍ତ ପୁଲିଙ୍ଗ ହୋଇପାରେ । ସେଥିରେ ଅନୁବାଦ କରାଯାଇଛି 'ସମସ୍ତ ନରଗଣ' ଏବଂ ପ୍ରାଚୀନ କାଳର ଗ୍ରୀକ୍ ହସ୍ତଲେଖାରେ ଦେଖିବାକୁ ମିଳିଥାଏ ।

ବି.ଏଏ ଏବଂ ଡବ୍ଲୁ ଯେତେବେଳେ ଉଭୟ ଲିଙ୍ଗକୁ ଅନୁବାଦି କରାଯାଇଥାଏ ସେଠାରେ 'ସମସ୍ତ ବିଷୟ' ମଧ୍ୟରେ ୬୬ ଏବଂ ପି. ଯଦି ଏହା ଉଭୟ ଲିଙ୍ଗ ହୋଇଥାଏ, ଜଗତବାସୀଙ୍କ ମୁକ୍ତି ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ କଲସି ୧:୧୬-୧୭, ତାହା ନଷ୍ଟିକ ମାନଙ୍କ ମିଥ୍ୟା ଶିକ୍ଷାରପରିଚୟ ଦେଇଥାଏ । ୟୁ.ବି.ଏସ ଏହା ପୁଂଲିଙ୍ଗ ଏ 'ବି' ସମସ୍ତ ନିର୍ଦ୍ଦିଷ୍ଟ

**୧୨:୩୩ 'ସେ କେଉଁ ପ୍ରକାର ମୃତ୍ୟୁଭୋଗ କରିବାକୁ ଯାଉଛନ୍ତି, ସେଥିରେ ସେ ସୂଚନା ଦେଇ ଏହା କହିଲେ'** । ଏହା ଅନ୍ୟ ଏକ ଯୋହନଙ୍କ ଦ୍ୱାରା ଜଡ଼ିତ ମନ୍ତବ୍ୟ ଅଟେ । ଏହି ବାକ୍ୟକୁ ଦ୍ୱି. ବିବରଣ ୨୧:୨୩ ସହ ଜଡ଼ିତ କରାଯାଇଛି । 'ବୃକ୍ଷରେ ଟଙ୍ଗା ହେବା' 'ଈଶ୍ୱରଙ୍କ ଅଭିଶାପ' ଧର୍ମଯାଜକମାନେ ଯୀଶୁଙ୍କୁ କୃଶାର୍ପିତ କରିବା ପାଇଁ ଚାହିଁଲେ, ପଥର ଦ୍ୱାରା ନୁହେଁ । ଆମ୍ଭ ନିମନ୍ତେ ଯୀଶୁ ଅଭିଶାପର ନିୟମକୁ ବହନ କଲେ । (ଗାଲାତୀୟ ୩:୧୩)

**୧୨:୩୯ 'ସେଥିରେ ଲୋକ ସମୂହ ତାହାଙ୍କୁ ଉତ୍ତର ଦେଲେ,** ଖ୍ରୀଷ୍ଟ ଚିରକାଳ ରହିବେ ବୋଲି' ପରୋକ୍ଷ ଭାବରେ ଉଲ୍ଲେଖ କରାଯାଇଛି ଗିତ ୮୯:୪,୨୯,୩୫,୩୭ ପୁରାତନ ନିୟମରେ ମସିହାଙ୍କ ଆଗମନକୁ ଚାହିଁ ରୁହନ୍ତି । ଏବଂ ପାଲାଷ୍ଟିଆନରେ ।ତହାଙ୍କ କର୍ତ୍ତୃତ୍ୱ ଏବଂ ପୃଥିବୀରେ ତାହାଙ୍କ ଶାନ୍ତି (ସି.ଏଫ୍. ଗୀତ ୧୧୦:୪, ଯିଶାୟ ୯:୭, ଯିହିଜି ୩୭:୨୫, ଦାନିଏଲ ୭:୧୪) 'ସଦାସର୍ବଦା' ବିଶେଷ ବିଷୟ ଦେଖନ୍ତୁ ୬:୫୮

■ **'ମନୁଷ୍ୟ ପୁତ୍ର'** ଲୋକ ସମୂହ, ନିଶ୍ଚିତ ରୂପେ ଯୀଶୁଙ୍କ ଶିକ୍ଷା, ପ୍ରଚାର ଶୁଣିଥିବେ (ସମ୍ଭାବନା ପଦ ୨୨-୨୪ରେ ଆଖ୍ୟା ଦିଆଯାଇଛି ଏବଂ ପଦ ୩୦-୩୨ ଏଠାରେ କ୍ରିୟାକୁ ଉଦ୍ରସ୍ତ କରାଯଇଛି) କାରଣ ସେମାନେ ତାହାଙ୍କର ଏକମାତ୍ର ନିଜର ନାମକକୁ ବ୍ୟବହାର କରନ୍ତି । କେବଳ ଏହି ସ୍ଥାନରେ ଅନ୍ୟମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି । ଏହା ଏକ ମୋହାନ ନାମ ନ ଥିଲା ।

**୧୨:୩୫ 'ଜ୍ୟୋତିଃ ଥାଉ ଥାଉ ଗମନାଗମନ କର'**

ଯୀଶୁ ତାହାଙ୍କ ବାକ୍ୟ ଶୁଣିବା ବ୍ୟକ୍ତିମାନଙ୍କୁ ନିବେଦନ କରନ୍ତି । ପୃଥବୀରେ ତାହାଙ୍କ ସମୟ ଅତିଶୟ କମ୍ ଥିଲା । ପୃଥିବୀ ପୃଷ୍ଠରେ ତାହାଙ୍କ ଶେଷ ସପ୍ତାହ ପ୍ରବେଶ କରିବାର ଥିଲା । ପୂର୍ବରୁ ନିର୍ଦ୍ଧାରିତ ସମୟ ଆଗତ ହେଲା (ପ. ୨୩) ଏହି ବାକ୍ୟର ଅର୍ଥ (ଯେରପି ଯୋହନଙ୍କ ଐତିହାସିକ ପରିସରରେ ଏବଂ ସ୍ଥିତି ସମ୍ବନ୍ଧୀୟ ପରିସର) ଯୀଶୁ ସୁସମାଚାରରେ ଯାହା କହିଲେ ସମସ୍ତ ବିଷୟ ସତ୍ୟ ଅଟେ ।

ଏହାକୁ ରୂପକ ଅର୍ଥରେ 'ଗମନ କରିବା' ଜୀବନଶୈଳୀ (ସି.ଏଫ୍. ଏଫିସି ୪:୧, ୧୭:୫:୨, ୧୫) ଏହା ଏକ ବର୍ତ୍ତମାନର କ୍ରିୟାଶୀଳ ବାକ୍ୟ ଅଟେ । ତାହାକୁ ଯୀଶୁ କ୍ରମାଗତ ଭାବେ ବିଶ୍ୱାସ ର ଲାଗି ରହିଥିବା ସମ୍ପର୍କ ବିଷୟକୁ ଗୁରୁତ୍ୱ ଦିଅନ୍ତି ଏବଂ ଶିଷ୍ୟତ୍ୱ କେବଳ ପ୍ରାଥମିକ ନିର୍ଣ୍ଣୟ ନୁହେଁ (ସି.ଏଫ୍. ପ. ୪୪-୪୬)

୧୨:୩୬ ଯୀଶୁ କହିଲେ ମୁଁ ପୃଥିବୀର ଜ୍ୟୋତିଃ ଏହି ବିଷୟକୁ ଯୋହନ ଅଧିକ ଗୁରୁତ୍ୱ ଦେଇଛନ୍ତି (ସି.ଏଫ୍. ୧:୪, ୫, ୭,୮, ୯. ୩:୧୯, ୨୦, ୨୧, ୫:୩୫, ୮:୧୨, ୯:୫, ୧୧:୯,୧୦, ୧୨:୩୫ ୩୬, ୪୬) ଯୁହୁଦୀ ମାନଙ୍କ ଜ୍ଞାନ ପୁସ୍ତକରେ ଏବଂ ମୃତ୍ୟୁ ସାଗରର ପୁସ୍ତକରେ ଅନ୍ଧକାର ଏବଂ ଜ୍ୟୋତିଃ ମଧରେ ଆତ୍ମିକ ଶତ୍ରୁତାକୁ ଅନ୍ତର କରନ୍ତି ।

**ଏନ୍ଏସ୍ବି : ୧୨:୩୬ - ୪୩**

**ଯୀଶୁ ଏହିସବୁ କଥା କହି ପ୍ରସ୍ଥାନ କଲେ ଓ ସେମାନଙ୍କଠାରୁ ଗୋପନରେ ରହିଲେ । କନ୍ତୁ ଯଦ୍ୟପି ସେ ସେମାନଙ୍କ ସାକ୍ଷାତରେ ଏତେ ଆଶ୍ଚର୍ଯ୍ୟ କର୍ମ କରିଥିଲେ, ତଥାପି ସେମାନେ ତାହାଙ୍କଠାରେ ବିଶ୍ୱାସ କରୁନଥଲେ । ଯେପରି ଭାବବାଦୀ ଯିଶାୟଙ୍କ ଦ୍ୱାରା ଉକ୍ତ ବାକ୍ୟ ସଫଳ ହୁଏ, ହେ ପ୍ରଭୁ କିଏ ଆମ୍ଭମାନଙ୍କ ସମ୍ବାଦ ବିଶ୍ୱାସ କରିଅଛି ? ଆଉ ପ୍ରଭୁଙ୍କ ବାହୁ କାହା ନିକଟରେ ପ୍ରକାଶିତ ହୋଇଛି ? ୩୯ ଏହି କାରଣରୁ ସେମାନଙ୍କ ବିଶ୍ୱାସ କରିପାରୁ ନ ଥିଲେ, ଯେଣୁ ଯଶା ପୁନଶ୍ଚ କହିଅଛନ୍ତି ?୪୦ ସେ ସେମାନଙ୍କର ଚକ୍ଷୁ ଅନ୍ଧ କରିଛନ୍ତି ଆଉ ସେମାନଙ୍କ ହୃଦୟ ଜଡ଼ କରିଅଛନ୍ତି, ଯେପରି ସେମାନେ ଆଖିରେ ଦେଖିବେ ନିହଁ ଓ ହୃଦୟରେ ବୁଝିବେ ନାହିଁ ପୁଣି ଫେରିବେ ନାହିଁ ଆଉ ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ । ୪୧ ଯିଶାୟ ଏହିସବୁ କହିଲେ କାରର ସେ ତାହାଙ୍କର ମହିମା ଦେଖିଲେ ଓ ତାହାଙ୍କ ବିଷୟରେ କଥା କହିଲେ । ୪୨. ତଥାପି ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକ ତାହାଙ୍କଠାରେ ବିଶ୍ୱାସ କଲେ କିନ୍ତୁ କାଳେ ସୋମନେ ସମଜ୍ଚୁତ ହୁଅନ୍ତି, ଏର୍ଥର୍ପା ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁ ନ ଥିଲେ । ୪୩ କାରଣ ସେମାନଙ୍କ ଈଶ୍ୱରଙ୍କଠାରେ ଗୌରବ ଅପେକ୍ଷା ବରଂ ମନୁଷ୍ୟମାନଙ୍କଠାରୁ ଗୌରବ ଭଲ ପାଇଲେ ।**

**୧୨:୩୭ କେତେ ଦୁଃଖ ଦାୟକ ସମାଲୋଚନା,** ଆତ୍ମିକ ଅନ୍ଧ ଭୟଙ୍କର ଅଟେ (ସି.ଏଫ୍. ୨ୟ କରନ୍ଥୀ ୪:୪) ଏହି ପଦକୁ କ୍ଷମା ପ୍ରାପ୍ତ ପାପ ନୁହେଁ ବୋଲି ଶ୍ରେଣୀଭୁକ୍ତ କରାଯାଇଛି ( ବିଶେଷ ବିଷୟ ଦେଖନ୍ତୁ ୫:୨୧)

**୧୨:୩୮ 'ଯେପରି ଭାବ ବାଦି ଯିଶାୟଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ'** ଏହି ପଦକୁ ଯଶାୟ ୫୩:୧ ଯନ୍ତ୍ରଣାର ଦାସଠାରୁ ଆସିଅଛି ।

୧୨:୩୯-୪୦ ଏହି ଗୁଡ଼ିକ ପଦ ପର୍ବ ଅଟେ । ସଦାପ୍ରଭୁ କ'ର ଲୋକମାନଙ୍କ ହୃଦୟ କଠିନ କରନ୍ତି ଯାହା ଫଳରେ ସେମାନେ ବାକ୍ୟ ପ୍ରତି ମନଯୋଗ କରନ୍ତି ନାହିଁ । ମୋର ଆଲୋଚନାକୁ ଯିଶାୟ ୬:୯-୧୦ ରୋମି ୧୧:୭ ଅନ୍ତର୍ଭୁକ୍ତ କରାଯାଇଛି ।

ଯିଶାୟ ୬:୯-୧୦ ଯିଶାୟଙ୍କ ସେବା କ୍ର୍ଯେ ଯିହବାଙ୍କ ପ୍ରକାମାନ ହୋଇଛି ତାଙ୍କ ପ୍ରତି ଉତ୍ତର ଯିହୁବାଙ୍କ ଉପରେ ଯିଶାୟଙ୍କ ଦ୍ୱାରା ପ୍ରକାଶିତ ହେଲା

୧. ଯିବା

୨. କହିବା

୩. ଶୁଣିବା

୪. ଜାଣି ପାରିବେ ନାହିଁ

୫. ଚାହିଁ ରହିବା

୬. ବୁଝି ପାରିବା ନାହିଁ

୭. ଏହି ସମଭବାନଶୀଳ ଲୋକମାନଙ୍କ ହୃଦୟ ବିଦୀର୍ଣ୍ଣ କରିବା

୮. ସେମାନଙ୍କର କାନ ଫିକା ପଡ଼ିଲା

୯. ସେମାନଙ୍କର ଆଖି କ୍ଷଣ ଅଟେ ।

ଆଜ୍ଞାସୂଚକ କ୍ରିୟା ପରିଣାମ ଦ୍ୱାରା ପରିଚାଳିତ ହେଲା । ତିନିଗୋଟି ଆଜ୍ଞା ସୂଚକ କ୍ରିୟା ପୂର୍ବରୁ ବ୍ୟବହୃତ ହୋଇଛି । ସେଗୁଡ଼ିକ ଦେଖିବା, ଶୁଣିବା, ଜାଣିପାରିବା ସଦା ପ୍ରଭୁ ଜାଣନ୍ତି (ତାହାଙ୍କ ଜ୍ଞାନ ଦ୍ୱାରା କିମ୍ବା ଆରମ୍ଭରୁ କଠିଣ କରିଥିବା ହୃଦୟଠାରୁ ଜାଣନ୍ତି ଯେ ସେମାନେ ଶୁଣିବେ ନାହିଁ କିମ୍ବା ଉଦ୍ଧାରପ୍ରାପ୍ତ ହେବେ ନାହିଁ ।

୧. ମନ ପରିବର୍ତ୍ତନ କରିବେ ନାହିଁ

୨. ସୁସ୍ଥତା ହେବେ ନାହିଁ

ଯିଶାୟ ପ୍ରଚାର କରିବେ, ଦେଖ ସେଥରେ କିଛି ଲୋକ ଶୁରିବେ କିନ୍ତୁ ଅଧିକାଂଶ ନିଜ ଜାତିର ଲୋକମାନେ ଶୁଣିବେ ।ର୍ନହି । (ସି.ଏଫ୍. ରୋମୀୟ ୧:୨୪, ୨୬, ୨୮, ଏଫି ୪:୧୯) କିମ୍ବା ଶୁଣିବେ ନାହିଁ (ସି.ଏଫ୍. ୨୯:୯,୧୦, ଦ୍ୱି. ବିବରଣୀ ୨୯:୪, ମାଥି ୧୩:୧୩ ରୋମି ୧୧:୮) ଏଠାରେ ଯିଶାୟ ଜଣେ ସୁସମାଚାରକ ନୁହେଁ ବରଂ ସେ ଭାବବାଦି ଅଟନ୍ତି, । ଯେର୍ଭମାନେ ଅବଜ୍ଞା କରନ୍ତି, ସେମାନଙ୍କ ଫଳାଫଳ (ସି.ଏଫ୍. ମାଥି ୧୩:୧୩, ମାର୍କ ୪:୧୨, ଲୁକ ୮:୧୦) ତାହାଙ୍କ ବାକ୍ୟର ଆାା ଭବିଏେତ ଦିନ ନିମନ୍ତେ ତାଙ୍କର ବର୍ତ୍ତମାନର ଦିନ ନିମନ୍ତେ ନୁହେଁ ।

**ରୋମିୟ ୧୧:୭, 'ଆଉ ଅବଶିଷ୍ଟ ମାନେ ଜଡ଼ କରାଗଲେ'** ଏହା ଏକ ସଂକେତ ସୂଚକ ବାକ୍ୟ ଅଟେ (ସି.ଏଫ୍. ୨ୟ କରନ୍ଥୀ ୩:୧୪) ସଦାପ୍ରଭୁ ସେମାନଙ୍କୁ ଜଡ଼ କଲେ (ସି.ଏଫ୍. ପଦ ୮-୧୦) ମନ୍ଦତା ଜଣକ ସେମାନଙ୍କୁ ଜଡ଼ କଲେ ୯ସି.ଏଫ୍. ୨ୟ କରନ୍ଥୀ ୪:୪) 'ଜଡ଼' ଏହା ଏକ ମେଡ଼ିକାଲ୍ର ଶବ୍ଦ ଅଟେ । ଯାହାକୁ ହୃଦୟ ହୀନ ବୋଲି କୁହନ୍ତି କିମ୍ବା ଅନ୍ଧତା (ସି.ଏଫ୍. ରୋମୀ ୧୧:୨୫,

୨ୟ କରନ୍ଥୀ ୩:୧୪, ଏଫି ୪:୧୮) ମାର୍କ ୬:୫୨ ପ୍ରେରିତ ମାନଙ୍କ ନିମନ୍ତେ ଏହି ଶବ୍ଦକୁ ବ୍ୟବହାର କରାଯାଇଛି । ଏହା ଭିନ୍ନ ଏକ ଗ୍ରୀକ୍ ଶବ୍ଦ ୯:୧୮, ତାହା ଦୟାର ବିପରୀତ ଶବ୍ଦ ଅଟେ (ସି.ଏଫ୍. ଏବ୍ରୀ ୩:୮, ୧୫, ୪:୭)

ଏହି ପଦ ଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଷ୍ଟ କରିଥାଏ ୧୧:୧-୬, କେତେକ ବଛା ଯାଇଥିବା ଲୋକମାନେ ତାହାଙ୍କ ଠାରେ ବିଶ୍ୱାସ କଲେ ଆଉ କେକେତ ବଛା ଯାଇ ନ ଥିବା ଲୋକମାନେ ଜଡ଼ କଲେ, ଯାହା ହେଉଛ ପଛେ ଏହି ପଦ ଅନ୍ୟ ସ୍ଥାନରେ ଲେଖା ଯାଇ ନ ଥିଲା । ଯେପରି ଈଶ୍ୱରୀୟ ଶାସ୍ତ୍ର କହିଥାଏ ସ୍ୱରକ୍ଷିତ ଈଶ୍ୱରୀୟ ଶାସ୍ତ୍ରର ସମାଲୋଚନାର ଏହା ଏକ ଅଂଶ ଅଟେ ।ଏହି ଶବ୍ଦର ସତ୍ୟତା ଏବଂ ୧୦ ଅଧ୍ୟାୟର ପୃଥିବୀର ଆହ୍ୱାନ ଉଭୟଙ୍କ ମଧ୍ୟରେ ଏକ ମାନମାଳିନ୍ୟ ବିଷୟ ଅଟେ । ଏଠାରେ ରହସ୍ୟମାନେ ଭରି ଉଠିଛି  କିନ୍ତୁ ସମାଧାନ ମଧ୍ୟ କରାଯାଇଛି । ଉଭୟଙ୍କ କଠିନତା ବିଷୟମାନ ସମାଧାନ କରାଯାଇଛି ।

**୧୨:୩୯ 'ଏହି କାରଣରୁ ସେମାନେ ବିଶ୍ୱାସ କରିପାରୁ ନ ଥିଲେ ।'** ସେମାନେ ଯୀଶୁଙ୍କଠାରେ ବିଶ୍ୱାସର ସଂପର୍କକୁ କ୍ରମାଗତ କରିପାରୁନଥିଲେ । ତାହାଙ୍କ ଆଶ୍ଚର୍ଯ୍ୟର ଶକ୍ତି ପାଖକୁ କଢ଼ାଇ ଆଣିଥିଲା । କିନ୍ତୁ ପରିତ୍ରାଣର ବିଶ୍ୱାସ ଦେଇ ମସିହ ଯେ ଯୀଶୁ ପାଖକୁ ପହଞ୍ଚାଇ ପାରି ନ ଥିଲେ । ଯୋହନ କୁହନ୍ତି ବିଶ୍ୱାସର ସ୍ତର ମାନ ରହିଛି । ସମସ୍ତେ ଉଦ୍ଧାର ପ୍ରାପ୍ତ ହୋଇ ପାରିବେ ନାହିଁ । ଦେଖନ୍ତୁ ୮:୩୧-୫୯

■ **'ପୁନର୍ବାର ଯିଶାୟ କହିଲେ** 'ଯିଶା ୬:୧୦, ୪୩:୮ ଏହା ଈଶ୍ୱରଙ୍କ ବାକ୍ୟ ପ୍ରତି ଯିହୁଦୀମାନେ ମନଯୋଗ କଲେ ନାହିଁ (ସି.ଏଫ୍. ଯିରି ୫:୨୧, ଜିହଜି ୧୨:୨, ଦ୍ୱି. ବିବ୨୯:୨-୪

୧୨:୪୦ ହୃଦୟ ବିଶେଷ ବିଷୟ ତଳେ ଦିଆଯାଇଛି ।

**ବିଶେଷ ଶୀର୍ଷ - ହୃଦୟ :**

ସେପଟୁଜେଣ୍ଟ ଗ୍ରୀକ୍ ଶବ୍ଦ କାରଡ଼ିଆ ବ୍ୟବହାର କରାଯାଇଛି ଏବଂ ନୂତନ ନିୟମ ଏବ୍ରୀ ଶବ୍ଦ ଲେବକ୍ ଅନେକ ଥର ଏହି ଶବ୍ଦକୁ ବ୍ୟବହାର କରାଯାଇଛି (ସି.ଏଫ୍. ଆରନ୍ଦିତ୍  ଗିଙ୍ଗିରିଚ୍ ଏବଂ ଡାଙ୍କେରେ)

୧. ଶାରୀରିକ ଜୀବନର ମୁଖ୍ୟ ବିଷୟ ଏକ ରୂପ ମନୁଷ୍ୟ ନିମନ୍ତେ (ସି.ଏଫ୍. ପ୍ରେରିତ ୧୪:୧୭ ୨ୟ କରନ୍ଥୀ ୩:୨-୩ ଯାକୁବ ୫:୫)

୨. ଆତ୍ମିକ ଜୀବନର କେନ୍ଦ୍ରସ୍ଥଳ

କ. ସଦାପ୍ରଭୁ ହୃଦୟକୁ ଜାଣନ୍ତି (ସି.ଏଫ୍. ଲୁକ ୧୬:୧୫ ରୋମୀ ୮:୨୭ ୧ମ କରନ୍ଥୀ ୧୪:୨୫ ୧ମ ଥେସଲନି ୨:୪ ପ୍ରକାଶିତ ୨:୨୩)

ଖ. ମାନବଜାତିର ଆତ୍ମିକ ଜୀବନକୁ ବ୍ୟବହାର କରନ୍ତି (ସି.ଏଫ୍. ମାଥିଉ ୧୫:୧୮-୧୯, ୧୮:୩୫ ରୋମୀ ୬:୧୭ ୧ମ ତୀମଥି ୧:୫, ୨ ତିମଥୀ ୨:୨୨ ୧ମ ପିତର ୧:୨୨)

୩. ଜୀବନର କେନ୍ଦ୍ରସ୍ଥଳୀ (ସି.ଏଫ୍. ମାଥିଉ ୧୩:୧୫, ୨୪, ୪୮, ପ୍ରେରିତ ୭:୨୩, ୧୬:୧୪, ୨୮:୨୭ ରୋମୀ ୧:୨୧, ୧୦:୬, ୧୬:୧୮ ୨ୟ କରନ୍ଥୀ ୪:୬ ଏଫି ୧:୧୮, ୪:୧୮ ଯାକୁବ ୧:୨୬ ୨ୟ ପିତର ୧:୪ ପ୍ରକାଶିତ ୧୮:୭ ହୃଦୟ ସମା ରୂପରେ ମନ ମଧ୍ୟରେ ରହିଥଏ ୨ୟ କରନ୍ଥୀ ୩:୧୪-୧୫ ଏବଂ ଫିଲିପ ୪:୭)

୪. ସ୍ୱେଚ୍ଛାକୃତର କେନ୍ଦ୍ରସ୍ଥଳ (ଉଦାହରଣ ଇଛା, ପ୍ରେରିତ ୫:୪, ୧୧:୨୩ ୧ମ କରନ୍ଥୀ ୪:୫ ୭:୩୭ ୨ୟ କରନ୍ଥୀ ୯:୭)

୫. ଭାବନାର କେନ୍ଦ୍ରସ୍ଥଳ (ସି.ଏଫ୍. ମାଥିଉ ୫:୨୮ ପ୍ରେରିତ ୨:୨୬, ୩୬ ୭:୫୪, ୨୧:୧୩ ରୋମୀ ୧:୨୪ ୨ୟ କରନ୍ଥୀ ୨:୪, ୭:୩ ଏଫି ୬:୨୨ ପିଲି ୧:୭)

୬. ଅଦ୍ୱିତୀୟ ସ୍ଥାନର ଆତ୍ମାଙ୍କ କାର୍ଯ୍ୟଗୁଡ଼ିକ (ସି.ଏଫ୍. ରୋମୀ ୫:୫ ୨ୟ କରନ୍ଥୀ ୧:୨୨ ଗାଲା ୪:୬ ଖ୍ରୀଷ୍ଟ ଆମର ହୃଦୟରେ ଏଫି ୩:୧୭)

୭. ସମ୍ପୂର୍ଣ୍ଣ ମନୁଷ୍ୟକୁ ପରିଚୟ ନିମନ୍ତେ ହୃଦୟକୁ ବ୍ୟବହାର କରାଯାଇ ଥାଏ (ସି.ଏଫ୍. ମାଥି ୨୨:୩୭, ୨ୟ ବିବରଣ ୬:୫) ଭାବନାଗୁଡ଼ିକ ଧାରଣା ହୃଦୟର କାର୍ଯ୍ୟଗୁଡ଼ିକ ବ୍ୟକ୍ତି ବିଶିଷ୍ଟ ମଧ୍ୟ ଦେଇ ପରିପ୍ରକାଶ ହୁଏ । ପୁରାତନ ନିୟମରେ ଏହି ଶବ୍ଦଗୁଡ଼ିକୁ ବ୍ୟବହୃତ ହୋଇଛି ।

କ - ଆଦି ୬:୬, ୮:୨୧ "ସଦାପ୍ରଭୁ ହୃଦୟରେ ଦୁଃଖ ପ୍ରକା କଲେ" ହେଶୟ ୧୧:୮-୯

ଖ - ଦ୍ୱି. ବିବରଣୀ ୪:୨୯, ୬:୫ ସମସ୍ତ ସମସ୍ତ ମନ ଓ ସମସ୍ତ ପ୍ରାଣ ସହିତ'

ଗ - ଦ୍ୱି. ବିବରଣ ୧୦:୧୬ 'ଆସୁଚି ହୃଦୟ' ଏବଂ ରୋମୀୟ ୨:୨୯

ଘ - ଜିହିଜିକଲ ୧୮:୩୧-୩୨ ଏକ ନୂତନ ହୃଦୟ

ଙ - ଯିହିଜିକଲ ୩୬:୨୪ ଏକ ନୂତନ ହୃଦୟ ଏକ କଠିନମୟ ହୃଦୟ

**୧୨:୪୧ 'ଯିଶାୟ ଏହିସବୁ କହିଲେ କାରଣ ସେ ତାହାଙ୍କର ମହିମା ଦେଖିଲେ'** ପୁରାତନ ନିୟମରେ ଭାବବାଦୀମାନେ ମସିହଙ୍କ ବିଷୟରେ ସତ୍ୟ ବୋଲି ଦୃଢ଼ ସମର୍ଥନ କରିଥିଲେ । (ସି.ଏଫ୍. ଲୁକ ୨୪:୨୭) ଦେଖନ୍ତୁ 'ମହିମା' ୧:୧୪

୧୨:୪୨ 'ତଥାପି ନେତାମାନଙ୍କ ମଧ୍ୟରୁ ସୁଧା ଅନେକେ ତାହାଙ୍କଠାରେ ବିଶ୍ୱାସ କଲେ' । ଯୀଶୁଙ୍କ ବାକ୍ୟ ଫଳ ଉତ୍ପାଦନ କର । (ସି.ଏଫ୍. ପ୍ରେରିତ ୬:୭) ୨:୨୩ ଦେଖନ୍ତୁ

■ **'ସେମାନେ ତାଙ୍କୁ ସ୍ୱୀକାର କଲେ ନାହିଁ'** ୯:୨୨-୨୩ ସ୍ୱୀକାର ବିଷୟ ଦେଖନ୍ତୁ ।

■ **'ସମାଜ ଗୃହରୁ ଚ୍ୟୁତ କରିବେ ବୋଲି ସେମାନେ ଭୟ କରୁଥିଲେ'** । (ସି.ଏଫ୍. ୯:୨୨, ୧୬:୨)

**୧୨:୪୩** ସତ୍ୟ ବିଶ୍ୱାସ ଦୁର୍ବଳ ହେବ ଏବଂ ଭୟ ଭୀତ ହୋଇ ଅସ୍ୱୀକାର କରିବେ । ଯୋହନ ବିଶ୍ୱାସୀମାନଙ୍କ ନିମନ୍ତେ ଏହା ବ୍ୟବହାର କରନ୍ତି । ପ୍ରଥମରେ ଭାବନାତ୍ମକ ଉତ୍ତର ଉଦ୍ଧାରପ୍ରାପ୍ତ ବିଶ୍ୱାସ ନିମନ୍ତେ ।

**ଏନ୍.ଏ.ଏସ୍.ବି. ୧୨:୪୪:୫୦**

**ଯୀଶୁ ଉଚ୍ଚ ସ୍ୱରରେ କହିଲେ, ଯେ ମୋ'ଠାରେ ବିଶ୍ୱାସ କରେ, ସେ ମୋ'ଠାରେ ବିଶ୍ୱାସ କରେ, ସେ ମୋ'ଠାରେ ବିଶ୍ୱାସ କରେ ନାହିଁ, ମାତ୍ର ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ । ଆଉ ଯେ ମତେ ଦର୍ଶନ କରେ ସେ ମୋହର ପ୍ରେରଣ କର୍ତ୍ତାଙ୍କୁ ଦର୍ଶନ କରେ । ଯେ କେହି ମୋ'ଠାରେ ବିଶ୍ୱାସ କରେ ସେ ପରି ଅନ୍ଧକାରରେ ବାସ ନ କରେ, ଏଥିପାଇଁ ମୁଁ ଜଗତକୁ ଜ୍ୟୋତି ହୋଇ ଆସିଅଛି । କେହି ଯଦି ମୋହର ବାକ୍ୟ ଶୁଣି ପାଳନ କରେ ନାହିଁ, ତାହା ହେଲେ ମୁଁ ତାହାର ବିଚାର କରେ ନାହିଁ । କାରଣ ମୁଁ ଜଗତର ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାଣ କରିବାକୁ ଆସିଅଛ । ୪୮ ଯେ ମତେ ଅଗ୍ରାହ୍ୟ କରେ ଓ ମାହର ବାକ୍ୟ ଗ୍ରହଣ କରେ ନାହିଁ । ତାହାର ବିଚାରକର୍ତ୍ତା ଅଛନ୍ତି; ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷ ଦିନରେ ତାହାର ବିଚାର କରିବ । ୪୯ କାରଣ ମୁଁ ଆପଣାଠାରୁ କହି ନାହିଁ, ମାତ୍ର ମୁଁ କଅଣ କହିବି ଓ କଅଣ ବ୍ୟକ୍ତ କରିବି ତାହା ମୋହର ପ୍ରେରଣା କର୍ତ୍ତା ପିତା ମୋତେ ଆଜ୍ଞା ଦେଇଅଛନ୍ତି । ୫୦ ପୁଣି ତାହାଙ୍କ ଆଜ୍ଞା ଯେ ଅନନ୍ତ ଜୀବନ ଏା ର୍ମୁ ଜାଣେ ଅତଏବ ମୁଁ ଯେ, ଯେ କଥା କହେ, ପିତା ମତେ ଯେପରି କହିଅଛନ୍ତି, ସେହିପରି କହେ ।**

୧୨:୪୪ : ଯେ ମୋଠାରେ ବିଶ୍ୱାସ କରେ ସେ ମୋଠାରେ ବିଶ୍ୱାସ କରେ ନାହିଁ ମାତ୍ର ମୋର ପ୍ରେରଣକର୍ତ୍ତାଙ୍କଂରେ ବିଶ୍ୱାସ କରେ । ବିଶ୍ୱାସର ଉଦ୍ଦେଶ୍ୟ ପିତାଙ୍କଠାରେ (ସି.ଏଫ୍. ୧ମ କରନ୍ଥୀ ୧୫:୨୫-୨୭) ପୁନରାବୃତ୍ତି ବିଷୟ ଅଟେ । (ସି.ଏଫ୍. ସି.ଏଫ୍. ମାଥିଉ ୧୦:୪୦, ୫:୨୪) ପୁତ୍ରଙ୍କୁ ଜାଣିବା ହେଉଛି ପିତାଙ୍କୁ ଜାଣିବା (ସି.ଏଫ୍. ୧ମ ଯୋହନ ୫:୧୦-୧୨)

୧୨:୪୫ ସଦାପ୍ରଭୁ କିପରି ଅଟନ୍ତି ? ଯୀଶୁଙ୍କୁ ଦେଖିବା ହେଉଛି ଈଶ୍ୱରଙ୍କୁ ଦେଖିବା (ସି.ଏଫ୍. ୧୪:୭-୧୦)

୧୨:୪୬ ପୃଥିବୀ ଅନ୍ଧକାର ଥିଲା ଆଦି ୩ (ସି.ଏଫ୍. ୬:୫, ୧୧-୧୨, ୮:୨୧ ଗୀତ ୧୪:୩ ଯଶା ୫୩:୬, ରୋମୀ ୩:୯-୨୩)

**୧୨:୪୭ 'ଯଦି କେହି ମୋର ବାକ୍ୟ ଶୁଣି ପାଳନ କରେ ନାହିଁ'** ଏହାଏକ ତୃତୀୟ ସ୍ତରୀୟ ଚୁକ୍ତି ନାମକ ବାକ୍ୟ ଅଟେ, ତାହା ଶକ୍ତିର କାର୍ଯ୍ୟ ବିଷୟରେ ହୋଇଥାଏ । କ୍ରମାଗତ ଆଜ୍ଞାକାରୀ ହେବା ଏହା ଏକ କ୍ରମାଗତ ବିଶ୍ୱାସର ସମ୍ପର୍କର ଚିହ୍ନ ଅଯେ । ବିଶେଷ ବିଷୟ ୧୯ ଯୋହନ ୫:୧୩ ଏହା ପରିବର୍ତ୍ତନ ଉପରେ ଆଧାରିତ ଏବଂ ଜୀବନର ପରିବର୍ତ୍ତ ଆଜ୍ଞାକାରୀ ହୋଇ ଏବଂ ଶୟନ ଶୀଳତା) (ବିଶେଷ ବିଷୟ ୮:୩, ଯାକୁବ ଏବଂ ୧ମ ଯୋହନ ପୁସ୍ତକରେ) ।

୧୨:୪୭-୪୮ କାରଣ ମୁଁ ଜଗତର ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାର କରିବାକୁ ଆସିଅଛି । ଯୀଶୁ ପ୍ରଥମେ ଆସିଲେ ଜଗତକୁ ଉଦ୍ଧାର କରିବା ନିମନ୍ତେ କିନ୍ତୁ ସତ୍ୟ ଏହା ଥିଲା ଯେ ତାଙ୍କ ଆସିବାର ମାନବକୁ ନିର୍ଣ୍ଣୟ କରିବାକୁ ପଡ଼ିଥାଏ ଯଦି ସେମାନେ ତାଙ୍କୁ ତିରସ୍କାର କରନ୍ତି, ତାହା ହେଲେ ବିଚାରିତ ହେବେ (ସି.ଏଫ୍. ଯୋହନ ୩:୧୭-୨୧)

୧୨:୪୯-୫୦ ଈଶ୍ୱରଙ୍କ ଅଧିକାର ସହିତ ଯୀଶୁ କହିଲେ, କିନ୍ତୁ ନିଜର ଅଧିକାର ଦ୍ୱାରା ନୁହେଁ

୧୨:୫୦

| | |
|---|---|
| **ଏନ୍ଏଏସ୍ବି, ଏନ୍କେ.ଜେ.ଭି :** | **ଅନନ୍ତ ଜୀବନକୁ ସେ ଆଜ୍ଞା ଦେଲେ** |
| **ଏନ୍ଆରଏସ୍ଭି, ଟିଇଭି, ଏନ୍.ଇଟି :** | **ତାଙ୍କ ଆଜ୍ଞା ଅନନ୍ତ ଜୀବନ ଆଣିଦିଏ** |
| **ଏନ୍ଜେ.ବି - :** | **ତାଙ୍କ ଆଜ୍ଞାର ଅର୍ଥ ଅନନ୍ତ ଜୀବନ ଅଟେ ।** |
| **ଆର୍.ଇ.ବି.** | **ତାଙ୍କ ଆଜ୍ଞାଗୁଡ଼ିକରେ ଅନନ୍ତ ଜୀବନ ଥାଏ** |
| **ଏନ୍.ଆଇ.ବି.** | **ତାଙ୍କର ଆଜ୍ଞା ଅନନ୍ତ ଜୀବନ ଆଡ଼େ କଢ଼େଇ ନେଇଥାଏ ।** |
| **ଏନ୍.ଇ.ଟି** | **ତାଙ୍କ ଆଜ୍ଞାର ଫଳାଫଳ ଅନନ୍ତ ଜୀବନ ଅଟେ ।** |

**ବିଶେଷ ବିଷୟ :** ଯୋହନଙ୍କ ଲେଖାରେ ଆଜ୍ଞାର ବ୍ୟବହାର

୧. ମଶାଙ୍କ ନିୟମକୁ ପୁସ୍ତକ ଥରେ ବ୍ୟବହାର କରାଯାଉଥିଲା ଯୋହନ ୮:୫

୨. ପିତାଙ୍କ ଠାରୁ ଯୀଶୁଙ୍କ ପର୍ଯ୍ୟନ୍ତ

କ - ପରିତ୍ରାଣର ବଳିଦାନ ଉପରେ ତାଙ୍କର ଅଧିକାର ଅଛି ।

ଖ - ପୃଥିବୀ ଯେପରି ଜାଣିବ ଯୀଶୁ ପିତାଙ୍କୁ ପ୍ରେମ କରନ୍ତି ଯେହନ ୧୪:୩୧

ଗ - ପିତାଙ୍କ ଆଜ୍ଞା ପ୍ରତି ଯୀଶୁ ଆଜ୍ଞାବହ ହେଲେ, ଯୋହନ ୧୫:୧୦

୩. ଯୀଶୁଙ୍କଠାରୁ ବିଶ୍ୱାସୀ ପର୍ଯ୍ୟନ୍ତ

କ. ତାଙ୍କ ପ୍ରେମରେ ରୁହନ୍ତୁ, ଯୋହନ ୧୪:୧୫, ୧୫:୧୦

ଖ. ସେ ଯେପରି ଅନ୍ୟମାନଙ୍କୁ ପ୍ରେମ କଲେ, ସେହିପରି ତୁମ୍ଭେମାନେ ପରସ୍ପର ପ୍ରତି ପ୍ରେମ କର ଯୋହନ ୧୩:୩୪, ୧୫:୧୨, ୧୭ ୧ମ ଯୋହନ ୨:୭-୮, ୩:୧୧, ୨୩, ୪:୭, ୨୭ ୨ୟ ଯୋହନ ୫

ଗ. ତାଙ୍କ ଆଜ୍ଞାଗୁଡ଼ିକ ପାଳନ କର (ଯୋହନ ୧୪:୧୫, ୧୫:୧୦, ୧୪ ୧ମ ଯୋହନ ୨:୩୪ ୩:୨୨, ୨୪; ୫:୧-୩ ୨ୟ ଯୋହନ ୬)

୪. ପିତାଙ୍କଠାରେ ବିଶ୍ୱାସୀ ପର୍ଯ୍ୟନ୍ତ

କ. ଯୀଶୁଙ୍କଠାରେ ବିଶ୍ୱାସ କର, ୧ମ ଯୋହନ ୩:୨୩ ଯୋହନ ୬:୨୯

ଖ. ପରସ୍ପର ପ୍ରତି ପ୍ରେମ କର ୧ମ ଯୋହନ ୩:୨୩

**ପ୍ରଶ୍ନର ଆଲୋଚନା**

ଏହା ଏକ ଧାରାବାହିକ ସାଥି ଅଟେ । ତାହାର ଅର୍ଥ ବାଇବଲକୁ ଅନୁବଦା କରିବା ଏହା ନିଜର ଦାୟୀତ୍ୱ ଅଟେ । ପ୍ରତ୍ୟେକ ଜ୍ୟୋତିର ଆଚରଣ କରନ୍ତୁ । ଅନୁବାଦ କରବାର ସମୟରେ ବାଇବଲ ଏବଂ ପବିତ୍ର ଆତ୍ମାଙ୍କୁ ମୁଖ୍ୟ ସ୍ଥାନ ଦିଅନ୍ତୁ । ଲେଖକଙ୍କ ଉପରେ ସମସ୍ତ ଭାର ଦେବା ଅନୁଚିତ ।

୧. ଲାଜାରଙ୍କ ଭଉଣୀ ମରିୟମ କାହିଁକି ଯୀଶୁଙ୍କ ପାଦ ପ୍ରାକ୍ଷାଳନ କଲେ ?

୨. ମାଥିଉ, ମାର୍କ, ଲୁକ ଏବଂ ଯୋହନ କାହିଁକି ସେମାନେ ଏହି ଘଯଣା ଟିକିଏ ଅଦେଖା କରିଛନ୍ତି ?

୩. ଜନ ସମୂହ ଖଜୁରୀ ଡାଳ ଧରି ଯୀଶୁଙ୍କୁ ଭେଟିଲେ ଏହାର ବିଶେଷତ୍ୱ କ'ଣ ତାହା ଗୀତ ୧୧୮ ଲିଖିତ ?

୪. ଗ୍ରୀକ୍‌ମାନଙ୍କ ନିବେଦନ ଯୀଶୁ କାହିଁକି ତାଙ୍କ ସହିତ କଥା ହେବା ପାଇଁ ଆଗ୍ରହ କଲେ ?

୫. ଯୀଶୁଙ୍କ ଆତ୍ମା କାହିଁକି ଗଭୀର ଭାବରେ ଦୁଃଖ ପ୍ରକାଶ କଲେ । ପ. ୨୭

୬. ବିଶ୍ୱାସୀମାନଙ୍କୁ ଯୋହନ କାହିଁକି ଅନେକ ସ୍ଥାନରେ ବ୍ୟବହାର କରିଥିଲେ ?

# ଯୋହନ - ୧୩

## ଆଧୁନିକ ଅନୁବାଦର ଅନୁଚ୍ଛେଦ ଅଂଶ

| ଯୁଏସବି-୪ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଶିଷ୍ୟମାନଙ୍କୁ ପାଦ | ଗୁରୁ ଦାସ ରୂପକୁ | ଶେଷଭଜନ ପାନ | ଶିଷ୍ୟମାନଙ୍କ ପାଦ | ପାଦ ପ୍ରକ୍ଷାଳନ କରିବା |
| ପକ୍ଷାଳନ କଲେ | ଗ୍ରହଣ କଲେ | ୧୩:୧-୧୧ | ଯୀଶୁ ପ୍ରକ୍ଷାଳନ କରିଥିଲେ | ୧୩:୧ |
| ୧୩:୧-୧୧ | ୧୩:୧-୧୧ | ୧୩:୧୨-୨୦ | ୧୩:୧ | ୧୩:୨-୫ |
| ୧୩:୧୨-୨୦ | ଆମ୍ଭେ ମଧ୍ୟ ସେବା | ୧୩:୨୧-୩୦ | ୧୩:୨-୬ | ୧୩:୬-୧୧ |
| ଯୀଶୁ ତାଙ୍କ | କରିବା ଜରୁରୀ | ୧୩:୩୧-୩୫ | ୧୩:୭ | ୧୩:୧୨-୧୬ |
| ବିଶ୍ୱାସଘାତ | ଅଟେ । | ୧୩:୩୬-୩୯ | ୧୩:୮କ | ୧୩:୧୭-୨୦ |
| ବିଷୟରେ | ୧୩:୧୨-୩୮ | | ୧୩:୮ଖ | ବିଶ୍ୱାସଘାତ ଯୀହୁଦା |
| ଆଗରୁ କହିଥିଲେ | ନୂତନ ଆଜ୍ଞା | | ୧୩:୯ | ବିଷୟକୁ ପୂର୍ବରୁ କହିଥିଲେ |
| ୧୩:୨୧-୩୦ | ୧୩:୩୧-୩୫ | | ୧୩:୧୦-୧୧ | ୧୩:୨୧-୩୦ |
| | ପିତରଙ୍କ ଅସ୍ୱୀକାର | | ୧୩:୧୨-୧୭ | |
| | ପୂର୍ବରୁ କହିଥିଲେ | | ୧୩:୧୮-୨୦ | ଶେଷ ବିଦାୟ |
| ନୂତନ ଆଜ୍ଞା | ୧୩:୩୬-୩୮ | | ଯୀଶୁ ତାଙ୍କର ବିଶ୍ୱାସ | |
| ୧୩:୩୧-୩୫ | | | ଘାତକ ବିଷୟ ପୂର୍ବରୁ | ୧୩:୩୧-୩୫ |
| ପିତରଙ୍କ ଅସ୍ୱୀକାର | | | ସେ କହିଥିଲେ | |
| ଆଗରୁ କୁହାଯାଇଥିଲା | | | ୧୩:୨୧ | ୧୩:୩୬-୩୮ |
| ୧୩:୩୬-୩୮ | | | ୧୩:୨୨-୨୪ | |
| | | | ୧୩:୨୫ | |
| | | | ୧୩:୨୬-୨୯ | |
| | | | ୧୩:୩୦ | |
| | | | ନୂତନ ନିୟମ | |
| | | | ୧୩:୩୧-୩୫ | |
| | | | ପିତରଙ୍କ ଅସ୍ୱୀକାର | |
| | | | ବିଷୟ ଯୀଶୁ ପୂର୍ବରୁ | |
| | | | କହିଥିଲେ | |
| | | | ୧୩:୩୬-କ | |
| | | | ୧୩:୩୬ଖ | |
| | | | ୧୩:୩୭ | |
| | | | ୧୩:୩୮ | |

## ଅଧ୍ୟୟନ ଚକ୍ର ତିନି

ଏହା ଏକ ଧାରାବାହିକ ସାଥି ଅଟେ । ଯାହାର ଅର୍ଥ ତୁମ୍ଭର ବାଇବଲକୁ ଅନୁବାଦ କରିବା ଏହା ତୁମ୍ଭର ଦାୟିତ୍ୱ ଅଟେ । ପ୍ରତ୍ୟେକ ଜ୍ୟୋତିର ଆଚରଣ କରିବା, ଅନୁବାଦ କରିବା ପାଇଁ ବାଇବଲ ଏବଂ ପବିତ୍ର ଆତ୍ମାଙ୍କୁ ମୁଖ୍ୟ ସ୍ଥାନ ଦେବା ଦରକାର ଅଟେ । ଲେଖକଙ୍କ ଉପରେ ସମସ୍ତ ବିଷୟ ତ୍ୟାଗ କରିବା ଅନୁଚିତ ଅଟେ ।

ସମସ୍ତ ଅଧ୍ୟାୟକୁ ଗୋଟିଏ ସ୍ତରରେ ଅଧ୍ୟୟନ କରନ୍ତୁ । ତୁମର ବିଷୟକୁ ଅନ୍ୟମାନଙ୍କ ପାଞ୍ଚଗୋଟି ଆଧୁନିକ ଅନୁବାଦ ସହ ତୁଳନା କରନ୍ତୁ । ଆଧ୍ୟାୟଗୁଡ଼ିକ ପ୍ରେରଣାର୍ଥ ନୁହେଁ । କନ୍ତୁ ମୁଖ୍ୟ ବିଷୟ ଏହା ଅଟେ - ଲେଖକଙ୍କ ମନକୁ ଅନୁସରଣ କରିବା, ତାହା ହେଉଛି ଅନୁବାଦର ହୃଦୟ ଅଟେ । ପ୍ରତ୍ୟେକ ଅଧ୍ୟାୟର କେବଳ ଗୋଟିଏ କର୍ତ୍ତା ଥାଏ ।

୧. ପ୍ରଥମ ଅନୁଚ୍ଛେଦ

୨. ଦ୍ୱିତୀୟ ଅନୁଚ୍ଛେଦ

୩. ତୃତୀୟ ଅନୁଚ୍ଛେଦ

୪. ଅନ୍ୟାନ୍ୟ

**ପୃଷ୍ଠଭୂମିର ଅନ୍ତର୍ଦ୍ଦୃଷ୍ଟି ସମ୍ପନ୍ନ**

କ - ଯୋହନଙ୍କ ସମୟରେ ୧୨ ଅଧ୍ୟାୟରେ ଯୀଶୁଙ୍କ ଆଶ୍ଚର୍ଯ୍ୟ କାର୍ଯ୍ର ଗୁଡ଼ିକ ସମାପ୍ତ କରିଥାଏ । ୧୩ ଅଧ୍ୟାୟରେ ଶେଷ ସପ୍ତାହର କାର୍ଯ୍ୟଗୁଡ଼ିକ ଉଲ୍ଲେଖ କରିଥାଏ ।

ଖ - ଏନଏଏସ୍‌ବି ବାଇବଲର ତଳେ ଦିଆଯାଇଥିବା ପଦଗୁଡ଼ିକ ଗ୍ରୀକ୍ ନାମ 'ଆଗାପେ' ନିତାନ୍ତ ସମାଲୋଚନା ପାଇଁ ଗ୍ରହଣୀୟ ଅଟେ ଏବଂ କ୍ରିୟା 'ଆଗାପାଓ' (ପ୍ରେମ) କେବଳ ୮ ଥର ସିଚଏସ ୧-୧୨, ଦେଖାଯାଏ । କିନ୍ତୁ ୩୧ ଥର ସିଏଚସି ୧୩-୧୭

**୧୮. ଯଦି ଜଗତ ତୁମ୍ଭମାନଙ୍କୁ ଘୃଣା କରେ, ତେବେ ତୁମ୍ଭମାନଙ୍କୁ ଘୃଣା କରିବା ପୂର୍ବେ ତାହା ଯେ ମତେ ଘୃଣା କରିଅଛି । ଏହା ଜାଣ ୧୪. ଯଦି ତୁମ୍ଭେମାନେ ଜଗତର ଉତ୍ପନ୍ନ ହୋଇ ଥାଆନ୍ତ, ତେବେ ଜଗତ ତୁମ୍ଭମାନଙ୍କୁ ଆପଣା ଲୋକ ଜାଣି ସ୍ନେହ କରନ୍ତା, କିନ୍ତୁ ତୁମ୍ଭେମାନେ ଜଗତର ଉତ୍ପନ୍ନ ହୋଇ ନାହିଁ । ବରଂ ମୁଁ ତୁମ୍ଭମାନଙ୍କ ଜଗତ ମଧ୍ୟରେ ମନନିତ କରିଅଛି । ଏଥି ନିମନ୍ତେ ଜଗତ ତୁମ୍ଭେମାନଙ୍କୁ ଘୃଣା କରେ । ୧୦. ଦାସ ଆପଣା କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ, ମୁଁ ତୁମ୍ଭମାନଙ୍କୁ ଏହି ଯେଉଁ ବାକ୍ୟ କହୁଅଛି, ତାହା ସ୍ମରଣ କର । ଯଦି ସେମାନେ ମୋହର ବାକ୍ୟ ପାଳନ କର ଅଛନ୍ତି, ତାହା ହେଲେ ତୁମ୍ଭମାନଙ୍କ ବାକ୍ୟ ମଧ ପାଳନ କରିବେ । ୨୧. କିନ୍ତୁ ସେମାନେ ମୋହର ପ୍ରେରଣାକର୍ତ୍ତାଙ୍କୁ ଜାଣି ଥିବାରୁ ମୋହର ନାମ ସକାଶେ ତୁମ୍ଭମାନଙ୍କ ପ୍ରତି ଏହି ସମସ୍ତ କରିବେ । ୨୨. ଯଦି ମୁଁ ଆସି ସେମାନଙ୍କ କହିନ ଥାନ୍ତି, ତାହା ହେଲେ ସେମାନଙ୍କ ପାପା ହୋଇନଥାନ୍ତା, କିନ୍ତୁ ଏବେ ସେମାନଙ୍କ ପାପ ବିଷୟରେ ସେମାନେ କୌଣସି ବାହାନ କରିପାରିନ୍ତି ନାହିଁ । ୨୩. ଯେ ମତେ ଘୃଣା କରେ, ସେ ମୋର ପିତାଙ୍କୁ ମଧ ଘୃଣା କରେ । ୨୪. ଯେଉଁ କର୍ମ ସବୁ ଆଉ କେହି କରି ନାହିଁ, ମୁଁ ଯଦି ସେହି ସବୁ ସେମାନଙ୍କ ମଧରେ କରିନଥାନ୍ତି, ତାହା ହେଲେ ସେମାନଙ୍କର ପାପ ହୋଇ ନ ଥାନ୍ତା, କିନ୍ତୁ ଏବେ ସେମାନେ ଦେଖି ଅଛନ୍ତି, ଆଉ ମତେ ଓ ମୋର ପିତା ଉଭୟଙ୍କୁ ଘୃଣା କରି ଅଛନ୍ତି । ୨୫. ମାତ୍ର ସେମାନେ ଅକାରଣରେ ମତେ ଘୃଣା କଲେ ସେମାନଙ୍କ ବ୍ୟବସ୍ଥାରେ ଲିଖିତ ଏହି ବାକ୍ୟ ଯେପରି ସଫଳ ହୁଏ ଏଥି ନିମନ୍ତେ ଏହି ପରି ଘଟୁଅଛି ।**

**୧୫ : ୧୮ "ଯଦି"** ଏହା ଏକ ପ୍ରଥମ ସ୍ତରୀୟ ଚୁକ୍ତି ନାମକ ବାକ୍ୟ ଅଟେ । ଲେଖକଙ୍କ ପକ୍ଷରୁ ଏହାକୁ ସତ୍ୟ ବୋଲି ମାନୁଛନ୍ତି । କିନ୍ତୁ ତାଙ୍କ ଆକ୍ଷରିକ ଉଦେଶ୍ୟକୁ, ଏହି ପତନ ଜଗତର ପ୍ରଣାଳି ଯୀଶୁଙ୍କ ଅନୁଗମନକାରିମାନଙ୍କୁ ଘୃଣା କରିଥାଏ ।

■ **"ଏହି ଜଗତ"** ଯୋହନ ଅନେକ ମାର୍ଗରେ ଏହାକୁ ବ୍ୟବହାର କରୁଛନ୍ତି ୧. ଗ୍ରହ ଯେପରି ସମସ୍ତ ମାନବଜାତି ନିମନ୍ତେ (୩:୧୬) ୨. ଯେପରି ମନୁଷ୍ୟ ସମାଜର ଗଠନ ଏବଂ ଈଶ୍ୱର ବାକ୍ୟ ବ୍ୟତିତ କାରୁକାର୍ଯ୍ୟ ( ୧୦ : ୮, ୧ମ ଯୋହନ ୨ : ୧୫-୧୭)

■ **"ତୁମକୁ ଘୃଣା କରେ"** ବର୍ତ୍ତମାନର ସଂକେତ କ୍ରିୟା ପୂର୍ଣ୍ଣ ବାକ୍ୟ ଅଟେ, ଜଗତ ସର୍ବଦା ତୁମକୁ ଘୃଣା କରିଥାଏ । (cf ପ ୨୦)

■ **"ତୁମେ ଜାଣ"** ଏହା ବର୍ତ୍ତମାନର କ୍ରିୟାଶିଳ ବାକ୍ୟ, ନୂତନ ନିୟମର ସତ୍ୟତା ବିଶ୍ୱାସିମାନଙ୍କୁ ଏହି ପତନ ଜଗତର କ୍ଳେଶକୁ ସହିବା ପାଇଁ ସାହାଯ୍ୟ କରେ ।

■ **" ତୁମ୍ଭମାନଙ୍କୁ ଘୃଣା କରିବା ପୂର୍ବେ, ତାହା ଯେ ମୋତେ ଘୃଣା କରିଅଛି"** ଏହା ସମ୍ପୂର୍ଣ୍ଣ ସିଦ୍ଧ ସର୍ବନାମ "ମୋତେ" ଗୁରୁତ୍ୱ ପୂର୍ଣ୍ଣ ( ୭ : ୭) । ତାଙ୍କରି ଲୋକଙ୍କ ପ୍ରତି, ମହିହ ପ୍ରତି ଈଶ୍ୱରଙ୍କ ପ୍ରତି ଯେ ଜଗତ ଘୃଣାକରିବ, ଏହି ବିଷୟକୁ ଏଠାରେ ପ୍ରକାଶ କରିଥାଏ । ( ୧୭ : ୧୪, ୧ମ ଯୋହ ୩ : ୧୩)

ଖ୍ରୀଷ୍ଟଙ୍କ ପ୍ରେମରେ ସମସ୍ତ ବିଶ୍ୱାସି ଏକ ଅଟନ୍ତି ଏବଂ ଖ୍ରୀଷ୍ଟଙ୍କ କ୍ଳେଶ ରେ ମଧ୍ୟ ସମସ୍ତ ବିଶ୍ୱାସିମାନେ ଏକ ଅଟନ୍ତି । ( ରୋମିୟ ୮ : ୧୭, ୨ୟ କରନ୍ତି ୧ : ୫, ୭

ଫିଲିମ୍ ୩ : ୧୦, ୧ମ ପିତର ୪ : ୧୩) ଯୀଶୁଙ୍କ ସହିତ ପରିଚୟ ହେବ, ଶାନ୍ତି, ଆନନ୍ଦ, ଏବଂ କ୍ଳେଶ, ମୃତ୍ୟୁ ମଧ୍ୟ ଆଣିଦିଏ ।

୧୫ : ୧୯ "ଯଦି" ଦ୍ୱିତୀୟ ସ୍ତରିୟ ଚୁକ୍ତି ନାମକ ବାକ୍ୟ ଅଟେ । ତାହାକୁ ସତ୍ୟର ବିପରିତ ବୋଲି କୁହାଯାଇଛି । ଏହାକୁ ଏଭଳି ଅନୁବାଦ କରାଯାଏ, ଯଦି ତୁମ୍ଭମାନେ ଜଗତରୁ ଉତ୍ପନ୍ନ ହୋଇ ଥାନ୍ତ । କିନ୍ତୁ ତୁମ୍ଭେମାନେ ତାହା ନୁହଁ, ସେଥିରେ ପୃଥିବୀ ତୁମକୁ ପ୍ରେମ କରିଥାଆନ୍ତା ।

କିନ୍ତୁ ତାହା କରେ ନାହିଁ ।

**୧୫ : ୨୦ "ସ୍ମରଣ କର"** ଏହା ଏକ ପ୍ରଶ୍ନ ଅଟେ ।

■ "ଦାସ ଆପଣା କର୍ତ୍ତା ଠାରୁ ଶ୍ରେଷ୍ଠ ନୁହେଁ" ଯେତେବେଳେ ଜଣେ ଲୋକ ଏହି ପଦକୁ ୧୩ : ୧୬ ସହିତ ବ୍ୟବହାର କରାଯାଇଛି । ଏହି ନିଶ୍ଚିତ ଯେ ଯୀଶୁ ଉପଦେଶ ଭାବରେ ଏହି କଥାକୁ ଅନ୍ୟ ଦିଗରେ କହିଛନ୍ତି ।

■ **"ଯଦି ସେମାନେ ମୋତେ ତାଡ଼ନା କରିଛନ୍ତି, ତାହାହେଲେ ତୁମ୍ଭମାନଙ୍କୁ ମଧ୍ୟ ତାଡ଼ନା କରିବେ"**

ଏଗୁଡ଼ିକ ଦୁଇଟି ପ୍ରଥମ ସ୍ତରୀୟ ଚୁକ୍ତି ନାମକ ବାକ୍ୟ ଅଟେ । ଲେଖକଙ୍କ ଦୃଷ୍ଟିରେ ଏହାକୁ ସତ୍ୟ ବୋଲି ମାନିନେଇଛନ୍ତି । "ତାଡନା" ଶବ୍ଦଟିର ଅର୍ଥ "ହିଂସ୍ର ଯନ୍ତ୍ର ପଛେରେ ଘଡ଼ାଇବ ।"

ପତନ ଜଗତରେ ତାହାଙ୍କ ଅନୁଗମନକାରୀଙ୍କ ତାଡନା ହେବ ଏହା ସତ୍ୟ ଅଟେ ।

(ମାଥି ୫ : ୧୦ - ୨, ଯୋହନ ୧୬ : ୧-୩, ୧୭ : ୧୪, ପ୍ରେରିତ ୧୪ : ୨୨, ରୋମିୟ ୫ : ୩-୪, ୨ୟ କରନି ୪:୧୬-୧୮, ୬:୩-୧୦, ୧୧ : ୨୩ : ୩୦, ଫିଲିପ ୧:୨୯, ୧ମ ଥେସଲ ୮:୩, ୨ୟ ତିମଥି ୩:୧୨, ଯାକୁବ ୧ : ୨-୪, ୧ମ ପିତର ୪:୧୨-୧୬)

ଯାହା ହେଉ ପଛେ କେତେକ ଲୋକ ପ୍ରେରିତମାନଙ୍କୁ ତିରଷ୍କାର କରିବେ, ବାକ୍ୟକୁ ସେମାନେ ତାଡ଼ନା ଦେବେ, କେତେକ ଲୋକ ଶୁଣି କରି ଉତ୍ତର ଦେବେ, ସେ ପ୍ରକୃତି ବିଷୟକୁ ପ୍ରମାଣିତ କରନ୍ତି ।

୧୫ : ୨୧ "ସେମାନେ ମୋ ପ୍ରେରଣାକର୍ତ୍ତାଙ୍କୁ ଜାଣି ନାହାନ୍ତି" ବାସ୍ତବରେ ଏହି ବାକ୍ୟ ପିତାଙ୍କୁ ଦର୍ଶାଏ । ଉଭୟ ଯିହୁଦି ଏବଂ ବିଜାତିମାନେ ଈଶ୍ୱରଭକ୍ତୁ ଜାଣି ନାହାନ୍ତି, ବାକ୍ୟ ଏଠାରେ ତାହା ଦର୍ଶାଏ । "ଜାଣିବା" ପୁରାତନ ନିୟମରେ ବ୍ୟାକ୍ତି ସଂପର୍କକୁ ବୁଝାଇଥାଏ । (cf ଆଦି ୪ :୧, ଯିରିମି ୧ : ୫) । ପତନ ଜଗତ ବିଶ୍ୱାସିମାନଙ୍କୁ ତାଡ଼ନା ଦେବ, ଏହାର କାରଣ ୧. ସେମାନେ ଯୀଶୁଙ୍କ ଠାରେ ଅଛନ୍ତି, ଯେଉଁମାନେ ତାଡ଼ନା କରନ୍ତି । ୧୧ ସେମାନେ ଈଶ୍ୱରଙ୍କୁ ଜାଣି ନାହାନ୍ତି ।

**୧୫ : ୨୨, "ଯଦି ମୁଁ ଆସି ନ ଥାନ୍ତି"** ଏହା ଅନ୍ୟ ଏକ ଦ୍ୱିତୀୟ ସ୍ତରୀୟ ଚୁକ୍ତିନାମକ ବାକ୍ୟ ଅଟେ । ତାହାର ଅର୍ଥ ସତ୍ୟର ବିପରିତ, ଏହାକୁ ଏହିପରି ଅନୁବାଦ କରାଯାଇଥାଏ ।

"ଯଦି ମୁଁ ଫେରି ଆସି ସେମାନଙ୍କୁ କହି ନ ଥାନ୍ତି । ଯାହାସବୁ ମୁଁ କଲି, ତାହା ହେଲେ ସେମାନେ ପାପ କରି ନ ଥାନ୍ତେ", ଜ୍ଞାନକୁ ଦାୟିତ୍ୱ ଦେଇ ଯଡ଼ିତ କରାଯାଇଛି । କ୍ଷମା ନଥିବା (ପାପ ୫ : ୨୧) ଏହି ପର୍ଯ୍ୟାୟରେ ଫଳ ହିନ ବୃକ୍ଷ, ଉଦାହରଣ - (ଯିହୁଦା ଏବଂ ଯିହୁଦିମାନେ) ଜ୍ଞାନ ନିମନ୍ତେ ଯଥେଷ୍ଟ ସୁଯୋଗ ଥିଲା, ତାହା ଠାରୁ ଅଧିକ କେବଳ ପ୍ରାକୃତିକ ପ୍ରକାଶ ମାନଥିଲା । (ଉଦାହରଣ - cf ଗୀତ ୧୯ : ୧ - ୬, ରୋମିୟ ୧ : ୧୮-୨୦, ୨ : ୧୪ - ୧୫)

**୧୫ : ୨୩,** ଯୀଶୁଙ୍କୁ କ୍ରମାଗତ ତାଡ଼ନା, ଈଶ୍ୱରଙ୍କୁ କ୍ରମାଗତ ତାଡନ୍ା (cf ପ୨୪, ୧ମ ଯୋହନ ୫ :୧)

**୧୫ : ୨୪ "ଯଦି"** ଏହା ଅନ୍ୟ ଏକ ଦ୍ୱିତୀୟ ସ୍ତରୀୟ ଚୁକ୍ତି ନାମକ ବାକ୍ୟ ଅଟେ । ତାହାର ଅର୍ଥ "ସତ୍ୟର ବିପରିତ ଅଟେ" ଏହାକୁ ଏଭଳି ଅନୁବାଦ କରାଯାଇପାରେ ।" ଯେଉଁ କାର୍ଯ୍ୟ କେହି କରିନଥିଲେ, ଯଦି ମୁଁ ସେହି କାର୍ଯ୍ୟ ସେମାନଙ୍କ ମଧ୍ୟରେ କରି ନ ଥାନ୍ତି । ତାହାହେଲେ ସେମାନେ ପାପ କରି ନ ଥାନ୍ତା, ଯାହା ସେମାନେ କରୁଛନ୍ତି । ଆଲୋକ ଦାୟିତ୍ୱକୁ ଆଣିଦିଏ (cf ୧:୫, ୮:୧୨, ୧୨ : ୩୫, ୪୬, ୧ମ ଯୋହନ ୧:୫, ୨:୮, ୯:୧୧ ମାଥିଉ ୬:୨୩)

■ **"ସେମାନେ ଦେଖିଛନ୍ତି, ଆଉ ମୋତେ ମୋହର ପିତା ଉଭୟଙ୍କୁ ଘୃଣା କରିଛନ୍ତି"**

ଏଗୁଡ଼ିକ ସମ୍ପୂର୍ଣ୍ଣ ସିଦ୍ଧ ଏବଂ ସଂକେତ ପୂର୍ଣ୍ଣ ବାକ୍ୟ ଅଟେ । ତାହା ଉତ୍ତମ ମନ ଭାବନାକୁ ଦର୍ଶାଇଥାଏ । ପିତାଙ୍କୁ ତିରଷ୍କାର କରିବା ହେଉଛି ପିତାଙ୍କ ତିରଷ୍କାର କରିବା ସହ ସମାନ (cf ୧ମ ଯୋହ ୫ : ୯ - ୧୩)

୧୫:୨୫, ଏହା ଏକ ଆଶ୍ଚର୍ଯ୍ୟଜନକର ଶବ୍ଦ ଅଟେ 'ବ୍ୟବସ୍ଥା' କିମ୍ବା "ତୋରାହ"

ଗୀତ ୩୫ : ୧୯, ୬୯ : ୪, ମୋଶାଙ୍କ ଦ୍ୱାରା ଏହି ଲେଖାର ପ୍ରୟୋଗ ହୋଇଛି । ଆଦିପୁସ୍ତକ ଠାରୁ ଦ୍ୱିତୀୟ ବିବରଣ ।

ଯିହୁଦୀମାନେ ଯୀଶୁଙ୍କୁ ତିରସ୍କାର କରିବାର ରହସ୍ୟମୟ, ଯେ ଗୁଣ ସଂପନ୍ନ ସ୍ୱଷ୍ଟ ପ୍ରକାଶ ଗୁଡ଼ିକ, ଅବାଧ୍ୟ ଅବିଶ୍ୱାସିମାନଙ୍କୁ ଦିଆଯାଉ ଥିଲା (cf ଯିଶା ୬ : ୯ - ୧୩, ଯିରି ୫ : ୨୧, ରୋମିୟ ୩ : ୯ - ୧୮)

**ଏନ୍ ଏ ଏସ୍ ବି -୧୫: ୨୬-୨୭**

**ପିତାଙ୍କ ନିକଟରୁ ମୁଁ ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବି, ପିତାଙ୍କର ବହିର୍ଗତ ସେହି ସତ୍ୟମୟ ଆତ୍ମା ଆସିଉର ମୋ ବିଷୟରେ ସାଧ୍ୟ ଦେବେ ୨୭ ଆଉ ତୁମ୍ଭେମାନେ ମଧ ସାକ୍ଷୀ, କାରର ତୁମ୍ଭେମାନେ ଅରମ୍ଭରୁ ମୋ ସହିତ ରହିଅଛ ।**

**୧୫:୨୬ "ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବ** ଉଭୟ ପିତା ଏବଂ ପୁତ୍ର ଆତ୍ମାଙ୍କୁ ପଠାଇବେ ସି.ଏଫ୍ ୪:୧୫, ୨୬ ୧୫:୨୬, ୧୬:୧୭ ତ୍ରିଏକ ପରମେଶ୍ୱରଙ୍କ କାର୍ଯ୍ୟ ଉଦ୍ଧାର କରିବାରେ ଜଡ଼ିତ ଅଛନ୍ତି ।

■ **"ସତ୍ୟ ମୟ ଆତ୍ମା"** ପବିତ୍ର ଆତ୍ମାଙ୍କୁ ପିତାଙ୍କ ପ୍ରକାଶକ ବୋଲି କୁହାଯାଏ (ସି.ଏଫ୍ ୧୪:୧୭, ୨୬, ୧୫:୨୬, ୧୬:୧୩)

■ **"ସେ ମୋ ବିଷୟରେ ସାକ୍ଷ୍ୟ ଦେବେ"** ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଯୀଶୁଙ୍କୁ ଦିକ୍ଷାକୁ ଏବଂ ଯୀଶୁଙ୍କ ବିଷୟରେ ସାକ୍ଷ୍ୟ ଦିଏ (ସି.ଏଫ୍ ୧୪:୨୬, ୧୬:୧୩-୧୫, ୧ମ ଯୋହନ ୫:୭)

■ **୧୫:୨୭ "ତୁମ୍ଭେମାନେ ମଧ ସାକ୍ଷୀ"** ତୁମ୍ଭେମାନେ ମଧ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ନୂତନ ନିୟମର ଲେଖକଙ୍କ ପ୍ରେରଣାକୁ ଦର୍ଶାଇଥାଏ (ପ୍ରେରିତ ଏବଂ ସେମାନଙ୍କ ସାଥୀଗଣ) ଯୀଶୁ ପୃଥିବୀ ଥିବା ସମୟରେ ଯେଉଁମାନେ ତାଙ୍କ ସହିତ ରହୁ ଥିଲେ (ସି.ଏଫ୍ ଲୁକ ୨୪:୪୮) ଯୀଶୁଙ୍କ ସାକ୍ଷୀ ହେବା ୧:୧୮, ଏବଂ ଆତ୍ମାଙ୍କ ବ୍ୟକ୍ତିତ୍ୱ ୧୪:୨୬

## ଆଲୋଚନାର ପ୍ରଶ୍ନଗୁଡ଼ିକ

ଏହା ଏକ ଧାରାବାହିକ ସାଥୀ ଅଟେ । ତାହାର ଅର୍ଥ ବାଇବଲକୁ ଅନୁବାଦ କରିବା ହେଉଛି ନିଜର ଦାୟିତ୍ୱ ଅଟେ ପ୍ରତ୍ୟେକଜ୍ୟୋତିରେ ଆଚରଣ କରିବାର ଅଛି । ଅନୁବାଦ ସମୟରେ ବାଇବଲକୁ ଏବଂ ପବିତ୍ର ଆତ୍ମା ମୁଖ୍ୟ ସ୍ଥଶନ ଦେବାର ଅଛି । ଲେଖକ ଉପରେ ସମସ୍ତ ବିଷୟକୁ ତ୍ୟାଗ ଦେବା ଅନୁଚତ ଅଟେ ।

ଆଲୋଚନା କରାଯାଇଥିବା ପ୍ରଶ୍ନଗୁଡ଼ିକ ଦ୍ୱାରା ବହିର ଥିବା ମୁଖ୍ୟ ଘଟଣାକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ । ଅର୍ଥକୁ ଖୋଜି ବାହାର କରିବା, କିଛି ନିଶ୍ଚି ନାହିଁ ।

୧ - ତାଙ୍କଠାରେ ରହିବ - କ'ଣ ଜଡ଼ିତ ରହିଥାଏ ।

୨ - ଯଦି କୌଣସି ବିଶ୍ୱାସୀ ତାଙ୍କଠାର ରହିବା ବନ୍ଦ କରିପାରେ ? ଯଦି ଗୋଟିଏ ବିଶ୍ୱାସୀର ଫଳ ନାହିଁ ।

୩ - ପ୍ରକୃତ ଶିଷ୍ୟତ୍ୱର ପ୍ରମାଣିତର ତାଲିକା

୪ - ଯଦି ତାଡ଼ନା ଖ୍ରୀଷ୍ଟିୟାନର ନିୟମ ଅଟେ । ବର୍ତ୍ତମାନ ଆମକୁ ଏହା କ'ଣ କହେ ?

୫ - ନିଜ ଶବ୍ଦରେ ପଦ ୬କୁ ବୁଝାଅ ।

# ଯୋହନ ୧୬

## ଆଧୁନିକ ଅନୁବାଦର ବିଭାଜନ ଅଂଶ

| ୟୁ ବି ଏସ୍ | ଏନ କେ ଜେଭି | ଏନ୍ ଆର ଏସ୍ ଭି | ଟିଇଭି | ଏନଜେ କି |
|---|---|---|---|---|
| ଜଗତ ଘୃଣା କରେ | ଆଗତ ତିରସ୍କାର | ଖ୍ରୀଷ୍ଟିୟାନର ସମ୍ପର୍କ ଜଗତ | ୧୫:୧୮-୧୬,୪କ | ଶିଷ୍ୟଗଣ ଏବଂ ଜଗତ |
| ୧୫:୧୮-୧୬୪କ | ୧୫:୨୬-୧୬କ | ନିମନ୍ତେ ୧୬:୧-୪କ | ପବିତ୍ରଆତ୍ମାଙ୍କ କାର୍ଯ୍ୟ | |
| ୧୫:୧୮-୬୪କ | | | | |
| | | ୧୬:୪-୧୧ | ୧୬:୪ଖ,୬-୧୧ | ପାରାକ୍ଲିକ୍‌ରେ ଆଗତ |
| ୧୬:୪ଖ-୧୧ | ପବିତ୍ର ଆତ୍ମାଙ୍କ କାର୍ଯ୍ୟ | ୧୬:୧୨-୧୫ | ୧୬:୧୨-୧୫ | |
| ୧୬:୧୨-୧୫ | ଦୁଃଖ ଆନନ୍ଦରେ | | ୧୬:୧୬ | ଯୀଶୁ ଶୀଘ୍ର ଆସିବେ |
| ଦୁଃଖ ଆନନ୍ଦରେ ପରିଣତ | ପରିଣତ ହେବା | | ୧୬:୧୭-୧୮ | |
| ୧୬:୧୬-୨୪ | ଯୀଶୁ ଖ୍ରୀଷ୍ଟ ଜଗତକୁ | ୧୬:୨୪-୮ | ୧୬:୧୯-୨୨ | ୧୬:୧୬ |
| | ଜୟ କଲେ | | | |
| ମୁଁ ବିଜୟ ଅଟେ | ୧୬:୨୫-୫୩ | ୧୬:୨୯-୩୩ | ଜଗତ ଉପରେ ବିଜୟୀ | |
| ୧୬:୨୫-୩୩ | ୧୬:୨୫-୫୩ | ୧୬:୨୯-୩୩ | ୧୬:୨୫-୨୮ | |
| | | | ୧୬:୨୯-୩୦ | ୧୬:୨୯-୩୩ |
| | | | ୧୬:୩୧-୩୩ | |

## ତୃତୀୟ ପଠନର ପୁନରାବୃତ୍ତି

ଲେଖକଙ୍କ ଉଦଦ୍ଦେଶ୍ୟକୁ ତଳେ ଅନୁଚ୍ଛେଦସ୍ତର ମଧ୍ୟରେ ଦିଆଯାଇଛି

ଧାରାବାହିକର ସାଥୀ ଅଟେ । ତାହାର ଅର୍ଥ ବାଇବଲକୁ ଅନୁବାଦ କରିବା ତୁମର ଦାୟିତ୍ୱ ଅଟେ । ପ୍ରତ୍ୟେକେ ଜ୍ୟୋତି ରଆଚରଣ କରିବାର ଅଛି । ଅନୁବାଦର ସମୟରେ ବାଇବଲ ଏବଂ ପବିତ୍ର ଆତ୍ମାଙ୍କୁ ମୁଖ୍ୟ ସଥଶନ ଦେବା ଦରକାର ଅଟେ । ଲେଖକଙ୍କ ଉପରେ ସମସ୍ତ ବିଷୟ ତ୍ୟାଗ କରିବା ଅନୁଚିତ ଅଟେ ।

ସମସ୍ତ ଅଧ୍ୟାୟକୁ ଏକାଠି କରି ପଢ଼ନ୍ତୁ କର୍ତ୍ତାକୁ ଚିହ୍ନଟ କର । ପାଞ୍ଚଟି ଆଧୁନିକ ଅନୁବାଦ ସହିତ ବିଭାଜନ କର୍ତ୍ତାର ଅଂଶକୁ ତୁଳନା କରନ୍ତୁ । ଅନୁଚ୍ଛଦ ପ୍ରେରଣାର୍ଥକ ନୁହଁ । ଲେଖକଙ୍କ ଉଦ୍ଦେଶ୍ୟକୁ ଅନୁସରଣ କରିବା ହେଉଛି ମୁଖ୍ୟ ଚାବିକାଠି । ତାହା ଅନୁବାଦର ହୃଦୟ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ କେବଳ ଗୋଟିଏ କର୍ତ୍ତା ଥାଏ ।

୧. ପ୍ରଥମ ଅନୁଚ୍ଛେଦ
୨. ଦ୍ୱିତୀୟ ଅନୁଚ୍ଛେଦ
୩. ତୃତୀୟ ଅନୁଚ୍ଛେଦ
୪ - ଅନ୍ୟାନ୍ୟ

## ଯୋହନ ୧୬:୧-୩୩ ଅନ୍ତରଦୃଷ୍ଟିର ପୃଷ୍ଠଭୂମି

କ. ଆକ୍ଷରିକ ପୃଷ୍ଠଭୂମି ଏଠାରେ ୧୫:୧୮-୧୬:୪କ ପର୍ଯ୍ୟନ୍ତ ଲମ୍ବିଛି । ଅଧ୍ୟାୟର ବିଭାଜନ ପ୍ରେରଣା ପ୍ରାପ୍ତ ନୁହେଁ । ଅନେକ ଅଧ୍ୟାୟ ରବତର୍ତୀ କାଳରେ ସଂଲଗ୍ନ କରାଯାଇଛି । ଯେପରି ଅନୁଚ୍ଛେଦ, ସ୍ୱରବର୍ଣ୍ଣ କମାଗୁଡ଼ିକ ଏବଂ ପଦଗୁଡ଼ିକର ବିଭାଜନ ଅଂଶ ।

ଖ - ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଆତ୍ମିକ ରୀତିରେ ପତନକାରୀଙ୍କୁ ବୁଝାଏ ପ. ୮:୧୧, ତାହାଙ୍କ କାର୍ଯ୍ୟ ଉଦାର ପ୍ରାପ୍ତ ହୋଇଥିବ । ପ. ୧୨-୧୫, ସାମୁଏଲ ଯେ ମିକଲାସ୍କିନ ନୂତନ ନିୟମର ପବିତ୍ର ଆତ୍ମା କାର୍ଯ୍ୟର ବିରଣୀ ଦିଅନ୍ତି । ନୂତନ ନିୟମର ଈଶ୍ୱର ଶାସ୍ତ୍ର ନୂତନ ନିୟମର ପବିତ୍ର କରଣ ଉପରେ, ଯେତେବେଳ ଏକତ୍ର ରୂପେ ସଜାଇ ଥାଏ ତଥାପି ଏହାର ମଧ୍ୟରେ ଭିନ୍ନତା ଅଛି । ପୁରାତନ ନିୟମ ପବିତ୍ର କରଣ ଦୃଷ୍ଟିରେ ପ୍ରଥମମରେ ଅଲଗା ହୋଇ ରହିବା ପବିତ୍ର ପରମେଶ୍ୱରଙ୍କ ଏବଂ ଦ୍ୱିତୀୟମତ୍ୱ ନୈତିକ ସ୍ଥିତି ଦୃଷ୍ଟିରୁ ଏବଂ ଈଶ୍ୱର ଭଳି ସମ୍ପର୍କ ସ୍ଥାପନ କରିବା । ପବିତ୍ର କରଣ କରିବାକାର୍ଯ୍ୟ ପବିତ୍ର ଆତ୍ମାଙ୍କର ଅଟେ । ପବିତ୍ର ଆତ୍ମା ମନୁଷ୍ୟ ମାନଙ୍କୁ ଖ୍ରୀଟେଙ୍କଂରେ ଏକତ୍ର କରେ । ଏବଂ ତାହା ଜୀବନର ଆତ୍ମିକତାକୁ ନବୀକରଣ କରେ । ନୂତନ ନିୟମରେ ପବିତ୍ର ଆତ୍ମାଙ୍କର ବାପ୍ତିସ୍ମ (୧ମ କରନ୍ଥୀ ୧୨:୧୩) ଆତ୍ମାକୁ ମୋହର ବା ବନ୍ଧ କରାଯାଇଛି (ଏଫି ୧:୧୩, ୧୪, ୪:୩୦) ପବିତ୍ର ଆତ୍ମାଙ୍କ ବାସ କରିବା (ଯୋହନ ୧୪:୧୭, ରୋମି ୫:୪, ୮:୯-୧୧ ୧ମ କରନ୍ଥୀ ୩:୧୬, ୬:୧୯, ୨ୟ ତୀମ ୧:୧୪) ପବିତ୍ର ଆତ୍ମାଙ୍କ ଦ୍ୱାରା ଶିକ୍ଷା (ଯୋହନ ୧୪:୨୬, ୧୬:୧୨-୧୫) ଆତ୍ମାକୁ ସମ୍ପୂର୍ଣ୍ଣକରଣୀ (ଏଫି ୫:୧୮) ଏବଂ ଆତ୍ମାଙ୍କ ଫଳ (ଗାଲାତୀୟ ୫:୨-୨୩) ପବିତ୍ରକରଣ ପ୍ରମାଣିତ ସହତ ଜଡ଼ିତ ଅଟେ ତାହା ଈଶ୍ରଙ୍କ ସମମୁଖରେ ଠିଆ ହୋଇଛି (ଏବ୍ରୀ ୧୦:୧୦) ଏବଂ ନୂତନତ୍ୱକୁ ଆଣିବା ପାଇଁ ଚିନ୍ତା କରୁଛନ୍ତି

ଗ. ପଦ ୧୬ ଯେରି ୧୩:୩୬, ୧୪:୫, ୮ ଏବଂ ୨୨ ପ୍ରେରିତଙ୍କ ଦ୍ୱାରା ଅନ୍ୟ ପ୍ରଶ୍ନଗୁଡ଼ିକ

ଘ. ଅନେକ ବିଶ୍ୱାସୀ ଏଠାରୁ ପାଠାଇ ଯାଆନ୍ତି ୧୪:୩୧ ସହିତ ୧୮:୧କୁ ଜଡ଼ିତ କରାଯାଇଛି । ଯୀଶୁ ସେଠାରେ ବ୍ୟାଖ୍ୟା କଲେ ଅଧ୍ୟାୟ ୧୫-୧୭ ଗେହସମନି ମାର୍ଗଠାରୁ ମନ୍ଦିର ପର୍ଯ୍ୟନ୍ତ ଏବଂ ଯିରୁଶାଲମର ମାର୍ଗ, ଉପରେ କଠୋରିରେ ନୁହେଁ

**ବାକ୍ୟ ଏବଂ ବାକ୍ୟାଂଶର ଅଧ୍ୟୟନ**

**ଏନ୍.ଏ.ଏସ୍.ବି ୧୬:୧-୪**

**୧ତୁମେମାନେ ଯେପରି ବିଘ୍ନ ନ ପାଅ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ଏ ସମସ୍ତ କଥା କହିଅଛି । ୨ସେମାନେ ତୁମ୍ଭମାନଙ୍କୁ ସମାଜଚ୍ୟୁତ କରିବେ, ହଁ ଏହିପରି ସମୟ ଆସୁଅଛି । ଯେତେବେଳେ ଯେ କେହି ତୁମ୍ଭମାନଙ୍କୁ ବଧ କରେ, ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉପାସନା ରୂପ ବଳି ଉତ୍ସର୍ଗ କରୁଅଛି ବୋଲି ମନେ କରିବ । ୩ଆଉ ସେମାନେ ଏହା ସବୁ କରିବେ, କାରଣ ସେମାନେ ପିତାଙ୍କୁ କିମ୍ବା ମୋତେ ଜାଣି ନାହାନ୍ତି । ୪ମାତ୍ର ଏ ସମସ୍ତ ଘଟିବାର ସମୟ ଉପସ୍ଥିତ ହେଲେ, ମୁଁ ଯେ ତୁମ୍ଭମାନଙ୍କୁ କହିଥିଲି, ଏହା ଯେପରି ତୁମ୍ଭେମାନେ ସ୍ମରଣ କର, ଏଥି ନିମନ୍ତେ ମୁଁ ଏସ ସବୁ କଥା ତୁମ୍ଭମାନଙ୍କୁ କହିଅଛି, ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବାରୁ ଆରମ୍ଭରୁ ଏହିସବୁ କଥା ତୁମ୍ଭମାନଙ୍କୁ କହିଲି ନାହିଁ ।**

**ଏନ୍ଏଏସ୍ବି - ତୁମ୍ଭେମାନେ ଯେପରି ବିଘ୍ନ ନ ପାଅ**
**ଏନ୍କେଜେମି - ତୁମ୍ଭେ ବିଘ୍ନ ପାଇବା ଉଚିତ ନୁହେଁ**
**ଏନ୍ଆରଏସଭି - ବିଘ୍ନ ପ୍ରାପ୍ତରୁ ରକ୍ଷା କରିବେ ।**
**ଟିଇଭି - ଯେପରି ତୁମ୍ଭର ବିଶ୍ୱାସକୁ ପରିତ୍ୟାଗ କରିବ ନାହିଁ ।**
**ଏନ୍ଜେବି - ଯେପରି ତୁମ୍ଭର ପତନ ନୁହଁ ।**

ଏହା ଏକ ଆଜ୍ଞା ସୂଚକ କର୍ତ୍ତା ଅଟେ । ଗ୍ରୀକ୍ ଶବ୍ଦ ଏହାର ଅର୍ଥ ବନ୍ୟଜନ୍ତୁକୁ ଫାନ୍ଦରେ ଧରିବା ଅଧିକାଂଶ ସମୟରେ ଏହାକୁ ପତନ ହୋଇଛନ୍ତି ବୋଲି ଅନୁବାଦ କରାଯାଏ । (ସି.ଏଫ୍. ମାଥି ୧୩:୨୧, ୨୪:୧୦, ମାର୍କ ୪:୧୭, ୧୪:୨୭, ୯) ଏହା ରୂପକ ଅର୍ଥରେ ଏହି ପର୍ଯ୍ୟାୟରେ ବିଶ୍ୱାସୀମାନଙ୍କୁ ଯୀହୁଦିମାନଙ୍କର ଘୃଣା କାର୍ଯ୍ୟ ଦ୍ୱାରା ଆଘାତ ଯେପରି ପ୍ରାପ୍ତ ନ ହୁଅନ୍ତି, ଧର୍ମ ଯାଜକମାନଙ୍କଠାରୁ ମଧ୍ୟ ସଚେତନ ରହିପାରିବେ ।

**୧୬:୨ "ସେମାନେ ତୁମ୍ଭମାନଙ୍କୁ ସମାଜଚ୍ୟୁତ କରିବେ"** ଜୁଡାଇମଜମ୍ଠାରୁ ବହିଷ୍କାର କରେଇବେ । (ସି.ଏଫ୍. ୯:୨୨, ୩୪, ୧୨:୪୨) ଯିହୁଦୀମାନଙ୍କ ଅସହଭାଗିର ପ୍ରକ୍ରିୟା ବିଷୟରେ ଅଜଣା ରହିଛି । ସେଠାରେ କ୍ଷଣକ ନିମନ୍ତେ ଏବଂ ସବୁଦିନ ନିମନ୍ତେ ମଧ୍ୟ ଶିନାଗଗର ସେବାଠାରୁ ବହିଷ୍କାର କରାଯାଉଥିଲା । ପରବର୍ତ୍ତୀ ସମୟରେ ଖ୍ରୀଷ୍ଟ ପର ୭୦ ଯିରୁଶାଲମର ପତନ ପରେ, ପାଲେଷ୍ଟାନ୍ରେ ଜାମିନିୟାଠାରେ ଧର୍ମଗୁରୁମାନେ ଗୋଟିଏ ଅଭିଶାପର ପ୍ରତିକ୍ରିୟାକୁ ତିଆରି କଲେ । ତାହା ଖ୍ରୀଷ୍ଟଙ୍କ ସହିତ ଜଡ଼ିତ ଥିଲା । ଯେଉଁମାନେ ସମାଜର ସେବାଠାରୁ ବହିଷକୃତ ହୋଇଲେ । ଶେଷ ପରିପ୍ରେକ୍ଷୀରେ ଏହା ଯୀଶୁଙ୍କ ଅନୁଗମନ କାରୀମାନ ଏବଂ ସ୍ଥାନୀୟ ଯିହୁଦୀମସମାଜର ଲୋକଙ୍କ ମଧ୍ୟରେ ଏକ ଫାଟକ ସୃଷ୍ଟି ହେଲା ।

■ "ଯେ କେହି ତୁମ୍ଭମାନଙ୍କୁ ବଧ କରେ, ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉପାସନାରୂପ ବଳି ଉତ୍ସର୍ଗ କରୁଅଛି ବୋଲି ମନେ କରିବ' ପ୍ରକୃତରେ ଏମାନେ ହେଉଛନ୍ତି ଯିହୁଦୀ ଧର୍ମଯାଜକଗଣ (ସି.ଏଫ୍. ଯିଶାୟ *୬୬:୫*, ମାଥିଉ ୫:୧୦-୧୨, ୧୦:୩୨) । ଶାଉଲ ତରସିସକୁ ଯିବା ଏକ ଉତ୍ତମ ଉଦା - ଧର୍ମ ଯାଜକଙ୍କଠାରୁ କବାଟ ହୋଇ ପାଉଲ ଅଗ୍ରସର ହୋଇ ଯାଉଥିଲେ । (ସି.ଏଫ୍. ପ୍ରେରିତ ୨୬:୯-୧ ଗାଲା ୧:୧୩- ୧୪)

**୧୬:୩ "ସେମାନେ ଏହା ସବୁ କରିବେ"** ନମ୍ରତା ଏବଂ ସମର୍ପଣ ମହାନ ଲୋକଙ୍କ ନିମନ୍ତେ ଜ୍ୟେଷ୍ଠ ନୁହେଁ । ମନ୍ଦ, ଭଲ୍ ଏବଂ ଅଦ୍ଭୁତ ଉଦ୍ଭାବନ ଅଧିକାଂଶ ସମୟରେ ଈଶ୍ୱରଙ୍କ ନାମରେ ଦେଖାଯାଏ ।

■ **'କାରଣ ସେମାନେ ପିତାଙ୍କୁ କିମ୍ବା ମତେ ଜାଣି ନାହାନ୍ତି ।** ଜାଣିବା ଶବ୍ଦ ଏହା ପୁରାତନ ନୀୟମରେ ଆତ୍ମିୟତା, ବ୍ୟକ୍ତିଗତ ସମ୍ପର୍କକୁ ବୁଝାଇ ଥାଏ । ସି.ଏଫ୍. ଆଦି ୪:୧, ଯିରି ୧:୫) । ଏହା ଯୀଶୁଙ୍କର ତିରସ୍କାରକୁ ଏବଂ ଶେଷରେ ଈଶ୍ୱରଙ୍କ ତିରସ୍କାରକୁ ବର୍ଣ୍ଣନା କରାଯାଇଛି । ସି.ଏଫ୍. ୮:୧୯, ୧୫:୨୧ ୧ମ ଯୋହନ ୫:୯-୧୨) ।

ଅଧିକାଂଶ ସମୟରେ ଯୋହନ ଆତ୍ମିକ ଅନ୍ଧ ଏବଂ ଜଗତର ତିରସ୍କାର ସତ୍ୟ ବୋଲି କୁହାଯାଇଛି । ସି.ଏଫ୍. ୧:୧୦, ୮:୧୯, ୫୫, ୧୫:୨୧, ୧୬:୩, ୧୭:୨୫) ଯାହାହେଉ ପଛେ ପୁତ୍ରଙ୍କ ଆସିବାର ଉଦ୍ଦେଶ୍ୟ ହୋଇଛି ପୃଥିବୀକୁ ରକ୍ଷା କରିବା (ସି.ଏଫ୍. ୩:୧୬) ଏବଂ ପିତାଙ୍କୁ ପ୍ରକାଶିତ କରିବା ଯେପରି ତାଙ୍କୁ ଜଗତ ଜାଣିବ (ସି.ଏଫ୍.୧୭:୨୩) ଖ୍ରୀଷ୍ଟ ମଧ୍ୟଦେଇ ।

୧୪:୪ ଯୀଶଙ୍କ ଭବିଷ୍ୟତ ବାଣିର ଅର୍ଥ ଏହା ଥିଲା । ଶିଷ୍ୟମାନଙ୍କୁ ତାଡ଼ନା ଏବଂ ତିରସ୍କାର ସମୟରେ ବିଶ୍ୱାସରେ, ଭରଷାରେ ଉତ୍ସାହିତ କରନ୍ତି । (ସି.ଏଫ୍. ୧୩:୧୯, ୧୪:୨୯) ।

ଆରମ୍ଭରୁ ଯୀଶୁଙ୍କର ପାରମ୍ପରିକ ସେବାକୁ ବୁଝାଏ ଏବଂ ୧୨ ଜଣଙ୍କ ବିଶେଷ ଡାକରାକୁ ଦର୍ଶାଇ ଥାଏ ।

**ଏନ୍.ଏ.ଏସ୍.ବି - ୧୬:୫-୧୧**

**୫. କିନ୍ତୁ ବର୍ତ୍ତମାନ ମୁଁ ମୋହର ପ୍ରେରଣ କର୍ତ୍ତାଙ୍କ ନିକଟକୁ ପ୍ରୟାଣ କରୁଅଛି, ଆଉ ତୁମ୍ଭେ କେଉଁ ସ୍ଥାନକୁ ଯାଉ ଅଛି ବୋଲି ତୁମ୍ଭମାନଙ୍କ ମଧ୍ୟରୁ କେହି ମୋତେ ପଚାରୁନାହଁ । ୬. ମାତ୍ର ମୁଁ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହି ଥିବାରୁ ତୁମ୍ଭମାନଙ୍କ ହୃଦୟ ଦୁଃଖରେ ପରିପୂର୍ଣ୍ଣ ହୋଇଅଛି । ୭. କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁ ଅଛି । ମୋହର ପ୍ରସ୍ଥାନ କରିବାର ତୁମ୍ଭମାନଙ୍କର ମଙ୍ଗଳ, କାରଣ ମୁଁ ପ୍ରସ୍ଥାନ କଲେ ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ । ମାତ୍ର ମୁଁ ଗଲେ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି । ୮. ସେ ଆସି ପାପ, ଧର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ । ୯. ପାପ ବିଷୟରେ - କାରଣ ସେମାନେ ମୋ ଠାରୁ ବିଶ୍ୱାସ କରନ୍ତି ନାହିଁ । ୧୦. ଧାର୍ମିକତା ବିଷୟରେ - କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ଓ ତୁମ୍ଭେମାନେ ମୋତେ ଆଉ ଦେଖିବ ନାହିଁ । ୧୧. ବିଷୟ ବିଷୟରେ - କରଣ ଏହି ଜଗତ ଅଧିପତି ବିଚାରିତ ହୋଇ ଅଛି ।**

**୧୬:୫ " ଆଉ ତୁମ୍ଭେ କେଉଁ ସ୍ଥାନକୁ ଯାଉଅଛ ବୋଲି ତୁମ୍ଭମାନଙ୍କ ମଧ୍ୟରୁ କେହି ମୋତେ ପଚାରୁ ନାହିଁ"** ଏହି ଅଧ୍ୟାୟର ୧୩:୩୩ରେ ପିତର ଏହି ପ୍ରଶ୍ନ ପଚାରି ଥିବେ । କିନ୍ତୁ ହଠାତ୍ ତାଙ୍କର ମନ ବିଚଳିତ ହୋଇ ଥିବ । ଯୀଶୁଙ୍କ ପ୍ରସ୍ଥାନ ବିଷୟର କଥା ଶୁଣି, ଏବଂ ସେଥିରେ ସେମାନଙ୍କର କ'ଣ ଘଟିବ ପ୍ରଶ୍ନ ଜାଗିଉଠି ଥିଲା । ସି.ଏଫ୍. ପ୍ରେରିତ ୧:୯-୧୧ । ଏହି ସ୍ଥାନରେ ଆମେ ମନେରଖିବା ଦରକାରୀ ସୁସମାଚାର ଗୁଡ଼ିକ ଆକ୍ଷରିକ ଅର୍ଥରେ ଲେଖାଯାଇ ନାହିଁ । ଶବ୍ଦ ଶବ୍ଦ ମଧ୍ୟରେ ଯୀଶୁଙ୍କ କଥାକୁ ପୁସ୍ତକରେ ଲେଖାଯାଇଛି । ଅନେକ ବର୍ଷ ପରେ ସେଗୁଡ଼ିକୁ ଈଶ୍ୱର ଶାସ୍ତିୟ ଉଦେଶ୍ୟରେ ସଂକ୍ଷିପ୍ତରେ ବିବରଣୀ କରାଯାଇଛି । ସୁସମାଚାର ଲେଖକମାନେ ଈଶ୍ୱରଙ୍କର ପ୍ରେରଣା ଅଧିନସ୍ତ ହୋଇ ଯୀଶୁଙ୍କ ଶବ୍ଦକୁ ଏକତ୍ର କରି ଏବଂ ମିଶ୍ରଣ କରି, ସଜାଇ ଲେଖିଛନ୍ତି । (ଗାରଡ଼ନ୍‌ଫି) ଏବଂ (ଡୁଆଗ୍ଲାଷ୍ ଷ୍ଟାଠ, ଲେଖି ଥିବା ପୁସ୍ତକ ବାଇବଲକୁ କିପରି ଅଧ୍ୟୟନ କରିବା ଏହାର ସମସ୍ତ ମୁଲ୍ୟ ଲଗାଇ) । ସେମାନଙ୍କର କୌଣସି ଅଧିକାର ନ ଥିଲା ଶବ୍ଦଗୁଡ଼ିକୁ ଯୀଶୁଙ୍କ କଥା, ଶିକ୍ଷା, ଏବଂ ସୁସମାଚାର ନିମନ୍ତେ ନିର୍ଦ୍ଦିଷ୍ଟ ଲୋକମାନଙ୍କ ପାଇଁ, ହୋଇପାରେ ସୁସମାଚାରରେ ଲେଖକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମାତ୍ରାରେ ବୁଝାଇଛନ୍ତି ।

**୧୬:୬ "ତୁମ୍ଭମାନଙ୍କ ହୃଦୟ ଦୁଃଖରେ ପରିପୂର୍ଣ୍ଣ ହୋଇ ଅଛି"** । ଏହା ଏକ ଶବ୍ଦ ସଂକେତପୂର୍ଣ୍ଣ ବାକ୍ୟ ଅଟେ । ଉପର କଠୋରିର ଅନୁଭବ ଏକ ଦୁଃଖରେ ପରିପୂର୍ଣ୍ଣ ହୋଇ ଥିଲା । ସି.ଏଫ୍. ୧୪:୧ ୧୬:୬, ୨୨) 'ହୃଦୟ' ଏହି ଶବ୍ଦ ଏବ୍ରିଭାଷାରେ ସମ୍ପୂର୍ଣ୍ଣ ବ୍ୟକ୍ତିକୁ ବୁଝାଏ । - ମନ, ଅନୁଭବ ଏବଂ ଇଚ୍ଛା, ହୃଦୟ ୧୨-୪୦

**୧୬:୭ "ମୋହର ପ୍ରସ୍ତାନ କରିବାରେ ତୁମ୍ଭମାନଙ୍କର ମଙ୍ଗଳ"** ଯୀଶୁଙ୍କ ସାରିରିକ ଶରୀର କେବଳ ଗୋଟିଏ ରଥର । ଗୋଟିଏ ସ୍ଥାନରେ ରହିପାରେ, ଉଭୟ ଶିକ୍ଷା ଏବଂ ସେବାକାର୍ଯ୍ୟର ପ୍ରଥମରେ । ଇସ୍ରାଏଲ୍‌ମାନଙ୍କ ଉପରେ କେନ୍ଦ୍ର କଲେ । ସି.ଏଫ୍. ମାଥି ୧୦:୬, ୧୫:୨୪) ଗୋଟିଏ ନୂତନ ଯୁଗରେ ପବିତ୍ର ଆତ୍ମାଙ୍କ ଆଗମନ ହେବା ଏହି ଘଟଣାର ବିସ୍ତାରିତ ସେବା କାର୍ଯ୍ୟ (ସି.ଏଫ୍. ୨:୧୧-୩:୧୩) ।

'ମଙ୍ଗଳ' ଏହି ଶବ୍ଦର ଅର୍ଥ 'ଉପଯୁକ୍ତ' ଏବଂ ୧୧:୫୦ ରେ ମଧ୍ୟ ବ୍ୟବହାର କରାଯାଇଛି । ଏବଂ ୧୮:୧୪ ରେ ଯୀଶୁଙ୍କର ମୃତ୍ୟୁ ସହିତ ଯୋଡ଼ିତ ଅଛି । ଏହି ବ୍ୟାକ୍ୟାଶଂରେ ପ୍ରସ୍ଥାନ କରିବା' ଯୀଶୁଙ୍କର ଶେଷ ସପ୍ତାହର ଘଟଣାକୁ ଜଡ଼ିତ କରାଯାଇ ଥାଏ ।

■ "କାରଣ ମୁଁ ପ୍ରସ୍ତାନ କଲେ ତୁମ୍ଭ ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବ ନାହିଁ । ସେଠାରେ ଦୁଇଟି ତୃତୀୟ ସ୍ତରୀୟ ଚୁକ୍ତି ନାମକ ବାକ୍ୟ ରହିଛି । ଏହି ପଦ ଶକ୍ତିର କାର୍ଯ୍ୟକୁ ଦର୍ଶାଏ । ଯୀଶୁ ପ୍ରସ୍ଥାନ କଲେ । ପବିତ୍ର ଆତ୍ମା ସମ୍ପୂର୍ଣ୍ଣ ରୂପେ ଅବତରଣ କରିବେ । 'ପାରାକ୍ଲିଟେସ୍' ଏହି ଶବ୍ଦକୁ ଓକିଲାତି, ସାନ୍ତ୍ୱନାକାରୀ ଏବଂ ସାହାଯ୍ୟକାରୀ ବୋଲି ଅନୁବାଦ କରାଯାଇପାରିବ । (ସି.ଏଫ୍. ୧୪:୬ ୨୬, ୧୫:୨୬) କେବଳ ଯୋହନଙ୍କ ପୁସ୍ତକରେ ଏହି ଶବ୍ଦ ଦେଖାଯାଏ। ଏହା ଗ୍ରୀକ୍ ସାହିତ୍ୟର ସୁରକ୍ଷା ଓକିଲାତି ପକ୍ଷରେ ବିର୍ଦ୍ଦିଷ୍ଟର ଆଶା ବୋଲି କୁହାଯାଏ । ପଦ ୮:୧୧ରେ ପବିତ୍ର ଆତ୍ମା ଜଗତ ନିମନ୍ତେ ଫୌଜଧାରୀ ଅଦାଲତରେ ମକଦ୍ଦମା ଚଲାନ୍ତି । ଯାହା ହେଉ ପଛେ ପଦ ୧୨-୧୫ରେ ପବିତ୍ର ଆତ୍ମା ବିଶ୍ୱାସୀମାନଙ୍କର ପକ୍ଷରେ ଓକିଲାତି କରିବାର ଦେଖାଯାଏ

"ପାରାକ୍ଲିଟସ୍' ଏହି ସମାନ ଶବ୍ଦ ୧ମ ଯୋହନ ୨:୧୦ରେ ପୁତ୍ରଙ୍କ ନିମନ୍ତେ ବ୍ୟବହାର କରାଯାଇଛି । ଗ୍ରୀକ୍‌ର ମୂଳ ଶବ୍ଦ ସାନ୍ତ୍ୱନା ବୋଲି ଅନୁବାଦ କରାଯାଇପାରେ । ଏହି ପକ୍ଷରେ ପିତାଙ୍କ ବିଷୟରେ କୁହାଯାଇଛି (୨ୟ କରନ୍ଥୀ ୧:୩-୧୧) ।

■ **"ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇବି"** ଉଭୟ ପିତା ଓ ପୁତ୍ରଙ୍କଠାରୁ ପବିତ୍ର ଆତ୍ମା ଆଗତ କରିଛନ୍ତି (ସି.ଏଫ୍. ୧୪:୨୦)

୧୬:୮ "ସେ ଆସି ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ" ଧ୍ୟାନ ଦିଅନ୍ତୁ ତିନିଟି ସ୍ଥାନରେ (ପାପ, ଧାର୍ମିକତା, ବିଚାର) ପବିତ୍ର ଆତ୍ମାଙ୍କ ସାକ୍ଷ୍ୟ ମାନବ ଜାତି ନିମନ୍ତେ ଆବଶ୍ୟକ ଉଦ୍ଧାରର କାର୍ଯ୍ୟ ଯୀଶୁ ଖ୍ରୀଷ୍ଟଙ୍କଠାରେ ଜଡ଼ିତ ଅଟି । "ବିଚାର" ଏହି ଶବ୍ଦ ଆଇନ ଅନୁଯାୟୀ ପରୀକ୍ଷାକୁ ବୁଝାଏ ।

ଜି.ବି. କାଇଟ ଭାଷା ଏବଂ ବାଇବଲର କଳ୍ପନା ତିନିଟି ବିଷୟରେ ତାଙ୍କର ଉତ୍ତମ ଶିକ୍ଷା ପ୍ରଦାନ କରିଚନ୍ତି। ପୃଥିବୀକୁ ସେଥିରେ ବିଶ୍ୱାସ

୧. ଯୀଶୁଙ୍କୁ ବିଚାର କରି ମୃତ୍ୟୁ ଦଣ୍ଡ ଦବୋ, ଏହା ଭୁଲ ହୋଇଛି

୨. ପାପରର ଅର୍ଥ ବିଷୟରେ ଏହା ଭୁଲ ହୋଇଛି

୩. ଧାର୍ମିକତାର ଅର୍ଥ ବିଷୟରେ, ଏହା ଭୁଲ ହୋଇଛି

୪. ବିଚାରର ଅର୍ଥ ବିଷୟରେ, ଏହା ଭୁଲ୍ ହୋଇଛି

ଯଦି ସେହିପରି ଅଟେ ସମ୍ପୂର୍ଣ୍ଣ ରୂପରେ ପବିତ୍ର ଆତ୍ମା, ଯୀଶୁଙ୍କ ମଧ ଦେଇ ସୁସମାଚାର ପ୍ରକାଶିତ ହୋଇଛି । ସେମାନଙ୍କ ଧାର୍ମିକର୍ମ ସେମାନଙ୍କୁ ରକ୍ଷା କରିପାରିବ ନାହିଁ । ଯେଉଁ ଯୀଶୁଙ୍କୁ  ତିରଷ୍କାର କରନ୍ତି । ବିଚାର ସେମାନଙ୍କୁ ଅପେକ୍ଷା କରିଛି । ପାପ ଏକ ଅବିଶ୍ୱାସ ଅଟେ । ଯୀଶୁ ହିଁ କେବଳ ମାର୍ଗ ଅଟନ୍ତି ଈଶ୍ୱରଙ୍କ ସହିତ ଜୀବନ ମଧ ଅଟନ୍ତି । "ଜଗତ" ଏହି ଶବ୍ଦ ମାନବକୁ ବୁଝାଏ । ପତନ ସମାଜର ଗଠନ ଏବଂ ଈଶ୍ୱର ବ୍ୟତୀତ କାରୁକାର୍ଯ୍ୟ ୧୪:୧୭

**୧୬:୯ "ପାପ ବିଷୟରେ - କାରଣ ସେମାନେ ମୋ'ଠାରେ ବିଶ୍ୱାସ କରନ୍ତି ନାହିଁ "** ସୁସମାଚାର ମନୁଷ୍ୟର ପାପକୁ ଜାଣିବାଠାରୁ ଆରମ୍ଭ ହୋଇଛି ଏବଂ ଈଶ୍ୱରଙ୍କ ଧାର୍ମିକତାର ଆବଶ୍ୟକତା ଅଟେ (ରୋମୀ ୩:୯-୧୮, ୨୩, ୬:୨୩ ଏଫି ୨:୧-୩) କାଲବରୀର ପରିତ୍ରାଣ ପକ୍ଷରେ ପାପ ଏକ ବାଧାର କାର ନୁହେଁ । କିନ୍ତୁ ମନୁଷ୍ୟର ଅବିଶ୍ୱାସ ଯୀଶୁ ଖ୍ରୀଷ୍ଟଙ୍କ କାର୍ଯ୍ୟ ଉପରେ (ସି.ଏଫ୍. ଯୋହନ ୩:୬-୨୧, ୮:୨୪, ୨୬) । ବିଶ୍ୱାସ ଏହି ଶବ୍ଦ ଏକ ବଧ ଶକ୍ତି ଏବଂ ଭାବନାତ୍ମକ ଉପାଦାନ କିନ୍ତୁ କାର୍ଯ୍ୟକ୍ରମ କିନ୍ତୁ ସେମାନଙ୍କର ବିଶ୍ୱାସର ମନ ପରିବର୍ତ୍ତନ ଦ୍ୱାରା ଈଶ୍ୱରଙ୍କ ପ୍ରତିଜ୍ଞା ଖ୍ରୀଷ୍ଟଙ୍କଠାରେ ପ୍ରାପ୍ତ ହୁଏ (ସି.ଏଫ୍. ରୋମୀ ୩:୨୧-୩୦)

**୧୬:୧୦ : "ଧାର୍ମିକତା ବିଷୟରେ"**

୧. କାଲବରୀଠାରେ ଯୀଶୁ ମୂଲ୍ୟ ଦେଇ ମୁକୁଳାଇଲେ ଏବଂ ପୁନରୁତ୍ଥାନ ଏକତାକୁ ଦର୍ଶାଏ (ସି.ଏଫ୍. ପ.. ୧୦)

୨. ଯେଉଁମାନେ ଭାବନ୍ତି ଯୀଶୁଙ୍କ ବିନା ସେମାନେ ତାଙ୍କ ନିକଟରେ ଉତ୍ତମ ଅଛନ୍ତି, ପ୍ରକୃତରେ ଖ୍ରୀଷ୍ଟ ହିଁ କେବଳ ଈଶ୍ୱରଙ୍କଠାରେ ଠିକ୍ ଥିଲେ  ସ୍ୱର୍ଗ ହାରଣରେ ଏହା ଦେଖିବାକୁ ମିଳିଥାଏ ।

**୧୬:୧୧ "ବିଚାର ବିଷୟରେ - କାରଣ ଏହି ଜଗତର ଅଧିପତି ବିଚାରିତ ହୋଇଅଛି" ।**

ଗୋଟିଏ ଦିନ ଆସୁଅଛି ସେତେବେଳେ ଉଭୟ ପତନ ସ୍ୱର୍ଗଦୂତ ଏବଂ ପାପୀ ମାନବ ଧାର୍ମିକ ଈଶ୍ୱରମ୍ମୁଖରେ ଠିଆ ହେବେ (ସି.ଏଫ୍. ଫିଲି ୨:୯-୧୧) ଯଦିବା ଶୟତାନର ପୃଥିବୀରେ ଶକ୍ତିଶାଳୀ ଅଟେ । (ସି.ଏଫ୍. ୨:୩୧, ୧୪:୩୦ ୨ୟ କରନ୍ଥୀ ୪:୪ ଏଫି ୨:୨ ୧ମ ଯୋହନ ୫:୧୯) ପୂର୍ବରୁ ସେ ପରାଜୟ ହୋଇଅଛି । ତାର ସନ୍ତାନଗଣ (ସି.ଏଫ୍. ୮:୪୪ ମାଥି ୧୩:୩୮ ୧ମ ଯୋହନ ୩:୮-୧୦) ଈଶ୍ୱରଙ୍କ କ୍ରୋଧରେ ପ୍ରଜ୍ୱଳିତ ହେବେ ।

**ଏନ୍ଏଏସ୍ବି ୧୬:୧୨-୧୫**

**୧୨ମୋହର ତୁମ୍ଭମାନଙ୍କୁ ଆଉରି ଅନେକ କଥା କହିବାର ଅଛି, ମାତ୍ର ତୁମ୍ଭେମାନେ ଏବେ ସହି ପାର ନାହିଁ । ୧୩ କିନ୍ତୁ ସେ ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହି ସବୁ କହିବେ ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ । ୧୪ ସେ ମତେ ଗୌରବାନ୍ୱିତ କରାଇବେ କାରର ସେ ମୋ' ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ । ୧୫ ଯାହା ଯାହା ପିତାଙ୍କର, ସେହିସବୁ ମୋହର ଏହି ହେତୁ ମୁଁ କହିଲା, ସେ ମୋହର ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ**

**୬:୧୨ "ମାତ୍ର ତୁମ୍ଭେମାନେ ଏବେ ସେହିସବୁ ସହିପାରେ ନାହିଁ"** ସହିବା ଏହି ଶବ୍ଦ ବନ୍ୟ ପଶୁ ଉପରେ ଚାଲିବା ବିଷୟରେ ବ୍ୟବହାର କରାଯାଉଥିଲା କେତେକ ବିଷୟ ସେମାନେ ବୁଝି ପାରୁ ନ ଥିଲେ

୧ - ଖ୍ରୀଷ୍ଟଙ୍କ କଷ୍ଟ

୨ - ଖ୍ରୀଷ୍ଟଙ୍କ ପୁନରୁତ୍ଥାନ

୩ - ଜଗତରେ ମଣ୍ଡଳୀର  ସେବାକାର୍ଯ୍ୟ

ଆଧୁନିକ ପାଠକମାନେ ଖ୍ରୀଷ୍ଟ ଜୀବନ ଶୈଳୀକୁ ଏକ ପରିବର୍ତ୍ତନର ସମୟ ବା କାଳ ବୋଲି ମନେ ପକାନ୍ତି । ପ୍ରେରିତମାନେ ଅନେକ ବିଷୟ ବୁଝି ପାରିଲେ ନାହିଁ, ଯେଉଁ ପର୍ଯ୍ୟନ୍ତ ଯୀଶୁଙ୍କର ପୁନରୁତ୍ଥାନ ହୋଇ ଶିଷ୍ୟମାନଙ୍କ ଦେଖା କଲେ ଏବଂ ପବିତ୍ର ଆତ୍ମା ସମ୍ପୂର୍ଣ୍ଣ ରୂପେ ପେଣ୍ଟିକଷ୍ଟ ଦିବସରେ ଅବତୀର୍ଣ୍ଣ କରିଛନ୍ତି ।

ଯାହାହେଉ ପଛେ ଆମକୁ ମନେରଖିବା ଉଚିତ ଅନେକ ବର୍ଷ ପରେ ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ଲକ୍ଷ୍ୟ କରି ପ୍ରଚାର ନିମନ୍ତେ, ଏହି ସୁସମାଚାର ଲେଖାଯାଇଥିଲା । ସେଥିଯୋଗୁଁ ପରବର୍ତ୍ତୀ ସମୟରେ ସେମାନେ ଗୋଟିଏ ପରିପକ୍ୱ ଈଶ୍ୱର ଶାସ୍ତ୍ରକୁ ପ୍ରକାଶ କଲେ

**୧୬:୧୩ "ସତ୍ୟମୟ ଆତ୍ମା"** "ସତ୍ୟ" (ଆଲେଥିୟା) ପୁରାତନ ନିୟମରେ ଏହି ଶବ୍ଦକୁ ବିଶ୍ୱାସଯୋଗ୍ୟ ରୂପରେ ବ୍ରବହାର କରୁଥିଲେ । ଦ୍ୱିତୀୟତଃ କେବଳ ସତ୍ୟତା ନିମନ୍ତେ ଯୀଶୁ କହିଲେ ମୁଁ ସତ୍ୟ ଅଟେ (୧୪:୬, ପବିତ୍ର ଆତ୍ମାଙ୍କୁ ଯୀଶୁଙ୍କର ପ୍ରକାଶକ ବୋଲି କହିଛନ୍ତି (ସି.ଏଫ୍. ୧୪:୧୭,୨୬, ୧୫:୨୬, ୧୬:୧୩-୧୪, ୧ମ ଯୋହନ ୪:୬, ୫:୭)

■ **"ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ"**

ପ୍ରତ୍ୟେକ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ସତ୍ୟତାକୁଦର୍ଶାଉ ନାହିଁ । କିନ୍ତୁ କେବଳ ଆତ୍ମିକ ସତ୍ୟତା ଏବଂ ଯୀଶୁଙ୍କର ଶିକ୍ଷାକୁ ବୁଝାଏ । ପ୍ରଥମରେ ଏହା ନୂତନ ନିୟମର ଲେଖକଙ୍କ ପ୍ରେରଣାକୁ ଦର୍ଶାଇଥାଏ । ବିଶେଷ ଭାବରେ ପବିତ୍ର ଆତ୍ମା ସେମାନଙ୍କୁ ଅଧିକାର ସହ ପରିଚାଳନା କଲା । ଦ୍ୱିତୀୟତଃ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ପରବର୍ତ୍ତୀର ମାନଙ୍କୁ ସୁସମାଚାର ଆଲୋକିତ କରିବା ଉଦେଦଶ୍ୟରେ ସଂଲଗ୍ନ କରାଯାଇଛି । ସତ୍ୟ :୫୫ ଆତ୍ମାଙ୍କ ବ୍ୟକ୍ତିତ୍ୱ ୧୪:୨୬

**ବିଶେଷ ଶୀର୍ଷ - ଆଲୋକନା**

ଅତୀତରେ ଈଶ୍ୱର ସମ୍ପୂର୍ଣ୍ଣ ରୂପରେ ମାନବ ଜାତି ନିକଟରେ ପ୍ରକାଶିତ କଲେ । ସେ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ମନୋନୀତ କରିନ୍ତି ଏବଂ ସେମାନେ ଏହି ସ୍ୱୟଂ ପ୍ରକାଶିତକୁ ସଂଗ୍ରହ କରି ବୁଝାଇବେ । ଈଶ୍ୱର ଏହାକୁ ପ୍ରେରଣା ବୋଲି କୁହାଯାଏ । ସେ ତାଙ୍କ ପବିତ୍ର ଆତ୍ମାଙ୍କୁ ପଠାଇନ୍ତି । ଯାହା ଫଳରେ ପାଠକମାନେ ତାଙ୍କ ବାକ୍ୟ ବୁଝି ପାରିବେ ଈଶ୍ୱର ଶାସ୍ତ୍ରରେ ଏହାକୁ ଆଲୋକନା କୁହାଯାଏ । ଯେତେବେଳେ ଆମ୍ଭେମାନେ ପବିତ୍ର ଆତ୍ମାଙ୍କୁ ଈଶ୍ୱରଙ୍କ ବାକ୍ୟ ବୁଝାଇବାରା ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ କରୁ ତାହା ହେଲେ ସମସ୍ୟା ଦେଖାଯାଏ। କାହିଁକି ସେଠାରେ ଏହାର ଅନୁବାଦ କରାଯାଇଛି ?

ପାଠକମାନଙ୍କ ପୂର୍ବ ନିର୍ଦ୍ଧାରିତ ଜ୍ଞାନ ଏହା ଏକ ସମସ୍ୟାର କାରଣ ଅଟେ । କିମ୍ବା ବ୍ୟକ୍ତିଗତ, ଅନୁଭବ ଅଧିକାଂଶ ସମୟରେ ବ୍ୟକ୍ତିଗତ ଉଦ୍ଦେଶ୍ୟକୁ ଲକ୍ଷ୍ୟ କରି , ବାଇବଲକୁ ବ୍ୟବହାର କରାଯାଇଛି । କିମ୍ବା ଏକ ଛାତ୍ର ଅଧିକାଂଶ ସମୟରେ ଈଶ୍ୱର ଶାସ୍ତ୍ରୀୟ ବୋଲି ବାଇବଲ ଉପରେ ରଖାଯାଇଛି । ସେଥିରେ ଏହା କେବଳ କଥା କହିଥାଏ

ନିର୍ଦ୍ଦିଷ୍ଟ ସ୍ଥାନର ଏବଂ ମନୋନୀତ ମାର୍ଗ, ଆଲୋକନକୁ କେବଳ ପ୍ରେରଣ ବୋଲି କୁହାଯାଇ ପାରେ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ପବିତ୍ର ଆତ୍ମା ପ୍ରତ୍ୟେକ ସ୍ଥାନରେ ସ୍କଲର୍ଡ ଅଟନ୍ତି । ବ୍ୟାଖ୍ୟାକୁ ସମ୍ପୂର୍ଣ୍ଣ ରୂପରେ ଅନୁବାଦ କରିବା ନାହିଁ । ଏହା ଏକ ବିଷେ ଚିନ୍ତା ତାହା ଲେଖକଙ୍କ ଉଦ୍ଦେଶ୍ୟର ସତ୍ୟକୁ ପ୍ରକାଶ କରେ । ବହିର ବାହ୍ୟ ସୀମାରେଖାକୁ ଚିହ୍ନିବା କିମ୍ବା ଆକ୍ଷରିକ ଲେଖାଗୁଡ଼ିକ୧ମ ଲେଖକଙ୍କ ପ୍ରେରଣାର୍ଥକ ଉଦେଦଶ୍ୟକୁ ବୁଝିବା ପାଇଁ ସାହାଯ୍ୟ କରେ । କୌଣସି ଅନୁବାଦକ ପ୍ରେରଣ ପ୍ରାପ୍ତ ନୁହଁନ୍ତି । ବାଇବଲ ସମ୍ବନ୍ଧୀୟ ଲୋକମାନଙ୍କ ପ୍ରଣାଳୀକୁ ଆମ୍ଭେମାନେ ପୁନର୍ବାର ତିଆରି କରିପାରିବା ନାହିଁ । ସେମାନଙ୍କ କାଳରେ କ'ଣ କହୁଥିଲେ, ତାହା ବୁଝିବା ପାଇଁ ଆମେ ଚେଷ୍ଟା କରିା ଉଚିତ ଏବଂ ସେଥିରେ ସେହି ସତ୍ୟକୁ ବତର୍ତମାନ ଯୁଗରେ ପ୍ରକାଶ କରିବା ସେଠାରେ ବାଇବଲର ଅଧିକାଂଶ ଅଂଶ ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୁକାଇତ ଥିଲା । ସର୍ବଦା ସେଠାରେ ଏହି ବିଷୟ ପ୍ରତି ରାଜି ନୁହଁନ୍ତି। କିନ୍ତୁ ଆମ୍ଭେମାନେ ମୁଖ୍ୟ ସତ୍ୟତାକୁ କେନ୍ଦ୍ର କରିବା ଉଚିତ ଲେଖକଙ୍କ ମୁଖ୍ୟ ଉଦେଶ୍ୟ ମଧ୍ୟରେ ରହି ଗୋଟିଏବ୍ୟକ୍ତି ସ୍ୱାଧୀନର ଅନୁବାଦ ଗ୍ରହଣ କରିବା ଉଚିତ ଅନୁବାଦକ ମାନେ ସର୍ବଦା ଜ୍ୟୋତିରେ ଆଚରଣ କରିବା ଉଚିତ । ବାଇବଲ ଏବଂ ପବିତ୍ର ଆତ୍ମାଙ୍କ ଆଲୋକରେ ସ୍ୱତନ୍ତ୍ର ଈଶ୍ୱର ଆମ୍ଭର ବୁଝିବାସତର ମଧ୍ୟରେ ବିଚାର କରିବେ ଏବଂ ସେହି ଶିକ୍ଷା ଦେଇ ଆମ୍ଭର ଜୀବନ ଶୈଳୀ କିପରି ରହିଛି ।

■ **"କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ ।"**

ଆଗତ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ଦର୍ଶାଇଥାଏ । କାଲବରି, ପୁନରୁତ୍ଥାନ, ସ୍ୱର୍ଗାରୋହଣ ଏବଂ ପେଣ୍ଟିକଷ୍ଟ । ଏହ ।ଆଗତ ଭବିଷ୍ୟବାଣୀର ସେବାକାର୍ଯ୍ୟକୁ ଦର୍ଶାଏ ନାହିଁ । (ପ୍ରେରିତ ୨:୧୦, ଭବିଷ୍ୟବାଣୀ ୪:୧୯)

ପିତାଙ୍କ ନିକଟରୁ ପବିତ୍ର ଆତ୍ମା ସତ୍ୟ ପ୍ରାପ୍ତ ହୋଇଥାଏ । ଯେପରି ଯୀଶୁ ପ୍ରାପ୍ତ ହୋଇ ବିଶ୍ୱାସୀମାନଙ୍କୁ ପ୍ରଦାନ କଲେ । ଏହା ପବିତ୍ର ଆତ୍ମାଙ୍କ ବିଶେଷ ବାକ୍ୟ ନ ଥିଲା । ତାହା ପିତାଙ୍କଠାରୁ ଆଗତ ହୋଇଛି । କିନ୍ତୁ କ୍ରିୟା ମୁଖ୍ୟ ହେଉଛନ୍ତି ପିତା ପରମେଶ୍ୱର ଅଟନ୍ତି (ସି.ଏଫ୍. ୧ମ କରନ୍ଥୀ ୧୫:୨୭-୨୮)

**୧୬:୧୪-୧୫ "ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ"** ପବିତ୍ର ଆତ୍ମାଙ୍କ ମୁଖ୍ୟ କାର୍ଯ୍ୟ ହେଉଛି ଗୌରବାନ୍ୱିତ କରିବା ଏବଂ ଯୀଶୁଙ୍କୁ ମସିହ ବୋଲି ସାକ୍ଷ୍ୟ ଦେବା (ସି.ଏଫ୍. ପ. ୧୫) ପବିତ୍ର ଆତମା ନିଜେ କେବେ ମଧ୍ୟ ପ୍ରଜ୍ୱଳିତ ହେବେ ନାହିଁ, ସର୍ବଦା ଯୀଶୁଙ୍କଠାରେ (ସି.ଏଫ୍. ୧୪:୨୬)

■ "ଯାହା ଯାହା ପିତାଙ୍କର, ସେସବୁ ମୋହର" ଆଶ୍ଚର୍ଯ୍ୟ ଜନକ ଦାବି ଅଟେ (ସି.ଏଫ୍. ୩:୩୫, ୫:୨୦, ୧୩:୩, ୧୨:୧୦, ମାଥି ୧୧:୨୭) ଏହା ଅନୁରୂପ ବସ୍ତୁ ନିମନ୍ତେ (ମାଥି ୨୮:୧୮, ଏଫି ୧:୨୦-୨୨, କଲସି ୨:୧୦, ୧ମ ପିତର ୩:୨୨)

ସେଠାରେ କାର୍ଯ୍ୟର ପ୍ରଣାଳୀମାନ ଅଛି । ଅସମାନତା ନୁହେଁ, ତ୍ରିଏକ ମଧ୍ୟରେ, ଯୀଶୁ ଯେପରି ପିତାଙ୍କ ପ୍ରକାଶ କଲେ, ପବିତ୍ର ଆତ୍ମା ଯୀଶୁଙ୍କୁ ପ୍ରକାଶ କରିଥାଏ ।

**ଏନ୍.ଏ.ଏସ୍.ବି. ୧୬:୧୬-୨୪**

**ଅଳ୍ପ ମାତ୍ର ସମୟ ରହିଲା, ତୁମେଭମାନେ ମୋତେ ଆଉ ଦେଖିବ ନାହିଁ, ପୁନର୍ବାର ଅଳ୍ପ ସମୟ ଉତ୍ତାରେ ତୁମ୍ଭେମାନେ ମୋତେ ଦେଖିବ ୧୭ ସ୍ରେରେ ତାହାଙ୍କ ଶିଷ୍ୟେମାନଙ୍କ ମଧ୍ୟରୁ କେହି କେହି ପରସ୍ପର କହିଲେ, ଅ୍ପ ମାତ୍ର ସମୟ ରହିଲା, ତୁମ୍ଭେମାନେ ମତେ ଦେଖିବ ନହିଁ, ପୁନର୍ବାର ଅଳ୍ପ ସମୟ ଉତ୍ତାରେ ତୁମ୍ଭେମାନେ ମତେ ଦେଖିବ ଓ ମୁଁ ପିତାଙ୍କ ନିକଟକୁ ଯାଉଅଛି, ଏହି ଯେଉଁ କଥା ସେ ଆମ୍ଭମାନଙ୍କୁ କହୁଅଛନ୍ତି, ଏହା କଅଣ ? ୧୮ ଏଣୁ ସମାନେ କହିଲେ, ଅଳ୍ପ ସମୟ ବୋଲି ଏ କଅଣ କହୁଅଛନ୍ତି ? ସେ କଅଣ କହୁଅଛନ୍ତି, ତୁମ୍ଭେମାନେ ବୁଝି ପାରୁ ନାହୁଁ । ୧୯ ସେମାନେ ତାହାଙ୍କୁ ପଚାରିବାକୁ ଇଚ୍ଛା କରୁଅଛନ୍ତି ବୋଲଇ ଯୀଶୁ ସେମାନଙ୍କୁ କହିଲେ, ଅଳ୍ପ ମାତ୍ର ସମୟ ରହିଲା, ତୁମ୍ଭେମାନେ ମତେ ଦେଖିବ ନାହିଁ, ପୁନର୍ବାର ଅଳ୍ପ ସମୟ ଉତ୍ତାରେ ତୁମ୍ଭେମାନେ ମତେ ଦେଖିବ, ମୁଁ ଏହି ଯେଉଁ କଥା କହିଲି, ସେ ବିଷୟ ଘେନି ତୁମ୍ଭେମାନେ କଣ ପରସ୍ପର ବାଦାନୁବାଦ କରୁଅଛ ? ୨୦ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ରୋଦନ ଓ ବିଳାପ କରିବ, କିନ୍ତୁ ଜଗତ ଆନନ୍ଦ କରିବ; ତୁମ୍ଭେମାନେ ଦୁଃଖିତ ହେବ, କିନ୍ତୁ ତୁମ୍ଭମାନଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ । ୨୧ ପ୍ରସବ ସମୟ ଉପସ୍ଥିତ ହେଲେ ସ୍ତ୍ରୀ ଲେଶକ ୍ଟଃଖ ପାଏ, କିନ୍ତୁ ସେ ସନ୍ତାନ ପ୍ରସବ କଲା ଉତତାରେ ଜଗତରେ ଜଣେ ମାନବ ଜନ୍ମ ଗ୍ରହଣ କଲା, ଏହି ଆନନ୍ଦ ଯୋଗୁଁ ଆଉ କଷ୍ଟ ସ୍ମରଣ କରେ ନାହିଁ । ୨୨ ସେହି ପରି ତୁମ୍ଭେମାନେ ବର୍ତ୍ତମାନ ଦୁଃଖ ପାଉଅଛ, କିନ୍ତୁ ମୁଁ ପୁନର୍ବାର ତୁମ୍ଭମାନଙ୍କୁ ଦର୍ଶନ ଦେବି, ଆଉ ତୁମ୍ଭମାନଙ୍କ ହୃଦୟ ଆନନ୍ଦିତ ହେବ ଓ କେହି ତୁମ୍ଭମାନଙ୍କଠାରୁ ତୁମ୍ଭମାନଙ୍କ ଆନନ୍ଦ ହରର କରିବ ନାହି ।୨୩ ସେଦିନ ତୁମ୍ଭେମାନେ ମତେ କିଛି ପଚାରିବ ନାହିଁ । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯଦି ତୁମ୍ଭେମାନେ ପିତାଙ୍କୁ କିଛିମାଗିବ, ତେବେ ସେ ମୋ ନାମରେ ତୁମ୍ଭମାନଙ୍କୁ ତାହା ଦେବେ । ୨୪ ଏ ପର୍ଯ୍ୟନ୍ତ ତୁମ୍ଭେମାନେ ମୋ ନାମରେ କିଛି ମାଗି ନାହିଁ, ମାଗ, ପୁରି ତୁମ୍ଭମାନଙ୍କର ଆନନ୍ଦ ପେଯରି ପୂର୍ଣ୍ଣ ହୁଏ ସେଥି ନିମନ୍ତେ ତୁମ୍ଭେମାନେ ତାହା ପାଇବ ।**

**୧୬:୧୬ "ଅଳ୍ପ ମାତ୍ର ସମୟ"** ଯୋହନଙ୍କ ସୁସମାଚାରରେ ଏହିବାକ୍ୟ ଅନେକ ସମୟ ଦେଖାଯାଏ (ସି.ଏଫ୍. ୭:୩୩, ୧୨:୩୫, ୧୩:୩୩, ୧୪:୧୯) ଏହି ବାକ୍ୟକୁ ଆଧାରିତ କରି ଅନେକ ସିଦ୍ଧାନ୍ତ ଖୋଯାଇଛି ।

୧ - ପୁନଃରୁତ୍ଥାନ ପରବର୍ତ୍ତୀ ଦୃଶ୍ୟ

୨ - ଦ୍ୱିତୀୟ ଆଗମନ

୩ - ଯୀଶୁ ପବିତ୍ର ଆତ୍ମା ଦ୍ୱାରା ଆସୁଛନ୍ତି ।

ଏହି ପର୍ଯ୍ୟାୟରେ ଏକମାତ୍ର କେବଳ ସମ୍ଭାବତଃ (ସି.ଏଫ୍. ପ. ୨୨) ଏହି ବାକ୍ୟ ଦ୍ୱାରା ଶିଷ୍ୟମାନେ ଦ୍ୱନ୍ଦ ହୋଇ ପଡ଼ିଥିଲେ ।

**୧୬:୧୭ "ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ କେହିକେହି ପରସ୍ପରକୁ କହିଲେ,** ଏହା ପୁଣି ଏକ ପ୍ରଶ୍ନ ଭଳି ଅଟେ । ୧୩:୩୬, ୧୪:୫, ୮:୨୨, ଯୀଶୁଙ୍କର ଏହି ପ୍ରଶ୍ନ ସେମାନଙ୍କ ନିମନ୍ତେ ଭରସା ଏବଂ ନିଜକୁ ସେମାନଙ୍କଠାରେ ପ୍ରକାଶ କରନ୍ତି । ଯୋହନଙ୍କ ସତ୍ୟତାର ପ୍ରକାଶକୁଏଠାରେ ବର୍ଣ୍ଣନା କରାଯାଇଛି । ୨୭ ଥର ଯୀଶୁଙ୍କ ସହିତ କଥା ହୋଇଥିବାର, ଯୋହନ ପୁସ୍ତକରେ ଲେଖାଯାଇଛି । ଯେଉଁ ସବୁ କଥା ଯୀଶୁ କହିଲେ ଅନ୍ୟମାନେ ତାହା ବୁଝି ପାରିଲେ ନାହିଁ। ଯୀଶୁ ଉର୍ଦ୍ଧ୍ୱରୁ ଆଗତ, ସେମାନେ ପୃଥିବୀଠାରୁ ଆଗତ ।

■ **"କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି"** ଯୀଶୁ ଏହି ବାକ୍ୟକୁ ୧୬:୫ କହିଲେ ଯେପରି ଅଳ୍ପ ସମୟ ପୂର୍ବରୁ ଯୀଶୁ କହିଲେ ୧।୬:୧୦ ବିଶେଷ ଏହା ମସିହାଙ୍କ ବିଷୟରେ ସୂଚିତ କରୁଛି (ସି.ଏଫ୍. ୧୩:୧୩, ୧୬:୨୮, ୧୭:୨୪)

■ **"ଆଉ ଦେଖିବ ନାହିଁ"** "ଦେଖିବା' ସେଠାରେ ଦୁଇଟି ଭିନ୍ନଭିନ୍ନ ଶବ୍ଦ ପଦ ୧୬ ଏବଂ ୧୭ ରେ ଦେଖାଯାଏ ସେମାନେ ସମାନ ରୂପ ଖୋଯାଆନ୍ତି । ତାହା ହେଲେ କେବଳ ଗୋଟିଏ ସମୟକୁ ଦର୍ଶାଇଛନ୍ତି ସମ୍ଭାବନା ଏହି ସମୟ କୃଶରେ ଯୀଶୁଙ୍କର ମୃତ୍ୟୁ ଏବଂ ପୁନରୁଥାନ ଆଗମନ ରହିଥିଲା ।

ଅନ୍ୟ ଦୁଇଟି ଶବ୍ଦର ପ୍ରକ୍ରିୟା ଏବଂ ବାକ୍ୟାଂଶ ଶାରୀରିକ ଏବଂ ଆତ୍ମିକ ଦିଗକୁ ସୂଚାଏ । ୧ କାଲବରୀ ଏବଂ ବିଶ୍ରାମ ଦିନର ପ୍ରଭାତ ସମୟ କିମ୍ବା (୨) ସ୍ୱର୍ଗାରତାର ସମୟ ଏବଂ ଦ୍ୱିତୀୟ ଆଗମନର ସମୟ ମଧ୍ୟରେ । ସତ୍ୟତା ଏହା ଅଟେ । ପ୍ରଥମ କ୍ରିୟା (ଥିଆରିୟ) ଉଭୟ ବର୍ତ୍ତମାନ କାଳର ବାକ୍ୟ ପ ୧୬ ଏବଂ ୧୭ ଏବଂ ଦ୍ୱିତୀୟ (ହାରାଓ) ଉଭୟ ଏହା ଭବିଷ୍ୟତ କାଳର ବାକ୍ୟ ପଦ ୧୬ ଏବଂ ୧୭ ସମାନ୍ତର ସିଦ୍ଧାନ୍ତ ଏହାକୁ ସହଯୋଗ କରିଥାଏ ।

୧୬:୧୮ "ଏଣୁ ସେମାନେ କହିଲେ" ଏହା ଏକ ଅସମ୍ପୂର୍ଣ୍ଣ କାଳ ତାହାର ଅର୍ଥ ଏହା ହୋଇ ପାରେ (୧) ସେମାନେ ପୁନଃ ପୁନଃ କହୁଥିଲେ (୨) ସେ କହିବାର ଆରମ୍ଭ କଲା ।

■ **"ସେ କ'ଣ କହୁଅଛନ୍ତି"** ଯେଉଁ ମାର୍କ ତାଙ୍କ ସଙ୍ଗରେ ଥିଲେ ସେମାନେ ତାହାଙ୍କଠାରୁ ଶୁଣିଲେ ଏବଂ ଆଶ୍ଚର୍ଯ୍ୟ କର୍ମ ଦେଖିଲେ । ଏହାକୁ ସେମାନେ ବର୍ସଦା ବୁଝିଲେ ନାହିଁ । (ସି.ଏଫ୍. ୮:୨୭, ୪୩, ୧୦:୬, ୧୨:୧୬, ୧୮:୪) ଏହି ପ୍ରକାରେ ପବିତ୍ର ଆତ୍ମାଙ୍କର ସେବାକାର୍ଯ୍ୟ ହ୍ରାସ ପାଇବ ।

**୧୬:୧୯ "ସେମାନେ ତାହାଙ୍କୁ ପଚାରିବାକୁ ଇଛା କଲେ"** ଯୀଶୁ ସର୍ବଦା ଲୋକମାନଙ୍କ ମନ ଭାବନାକୁ ବୁଝି ପାରୁ ଥିଷଲ (ସି.ଏଫ୍. ୨:୨୫, ୬:୬୧, ୬୪, ୧୩:୧୧) । ତାହାଙ୍କୁ ଜାଣିବା କଷ୍ଟକର ହୋଇ ପଡ଼ିଥିଲା । (୧) ତାହାଙ୍କ ଦୈବିକ ପ୍ରକୃତି (୨) ଲୋକମଙ୍କ ମଧ୍ୟରେ ଥିବା ପରିସ୍ଥିତିକୁ ବୁଝିବା (୩) ଉଭୟ ବିଷୟ ।

**୧୬:୨୦ ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି** ଏହା ଆକ୍ଷରିକ ରେ "ଆମେନ୍" "ଆମେନ୍" ଶବ୍ଦ ପୁରାତନ ନିୟମର (ଆମାନ୍, ଇମେତ୍, ଇମୁନା) ବିଶ୍ୱାସ ନିମନ୍ତେ (ସି.ଏଫ୍. ହବାକୁକ୍ ୨:୪) ପ୍ରଥମରେ ଏହା ଶବ୍ଦ ନିଶ୍ଚିତ ହେବାକୁ ବ୍ୟବହାର କରାଯାଉଥିଲା ପରବର୍ତ୍ତୀ ସମୟରେ ଈଶ୍ୱରଙ୍କର ବିଶ୍ୱାସନିମନ୍ତେ ସାଙ୍କେତିକ ଭାବରେ ବ୍ୟବହାର କରାଯାଉଥିଲା। ତାହା ବାଇବଲ ସମ୍ବନ୍ଧୀୟ ପୃଷ୍ଠଭୂମିର ଧାରଣା ବିଶ୍ୱାସ କିମ୍ବା ବିଶ୍ୱସତା । ଯୀଶୁଙ୍କ ଦ୍ୱାରା ହିଁ ଏହି ଶବ୍ଦର ବାକ୍ୟ ଆରମ୍ଭ ହେଲା ଏହା ଏକ ଗୁରୁତ୍ୱପୂର୍ଣ୍ଣ ରୂପକ ଶବ୍ଦ କରି ଦେଖାଯାଏ ଏବଂ ବିଶ୍ୱାସ ଯୋଗ୍ୟ ବାକ୍ୟ ଅଟେ । ଧ୍ୟାନରେ ଶୁଣନ୍ତୁ ।

■ **"ତୁମ୍ଭେମାନେ ରୋଦନ ଓ ବିଳାପ କରିବ** ଏହାରୁ ଯୀହୁଦିମାନେ ଦୁଃଖ ସମୟରେ ବଡ଼ ପାଟିରେ କ୍ରନ୍ଦନ କରୁଥିଲେ । ସି.ଏଫ୍. ୧୧:୩୧, ୩୩, ୦:୧୧ ଯୀଶୁ ତିନି ଥର ଏହି ଗୁରୁତ୍ୱପୂର୍ଣ୍ଣ ବହୁବଚନ ତୁମ୍ଭେମାନେ ବ୍ୟବହାର କରିଛନ୍ତି । ଯେତେବେଳେ ଶିଷ୍ୟମାନଙ୍କର ଦୁଃଖ ବିଷୟ କହୁଥିଲେ ୯ପ. ୨୦) । ଦୁଇ ଥର ଏବଂ (ପ. ୨୨) ନେତୃତ୍ୱର ଅର୍ଥ

୧. ଦାସତ୍ୱ

୨. ଜଗତର ତିରସ୍କାର

୩. ଗୁରୁଙ୍କୁ ପରି ତାଡ଼ନା ।

■ **"ତୁମ୍ଭେମାନେ ଦୁଃଖିତ ହେବ, କିନ୍ତୁ ତୁମ୍ଭମାନଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ"** ଶିଷ୍ୟମାନଙ୍କ ବହୁ ସମୟରେ ଏବଂ ବୁଝି ନ ପାରିବା ସମୟରେ ଯୀଶୁ ଶିଷ୍ୟମାନଙ୍କୁ କେତେ ବଡ଼ ମହାନ ପ୍ରତିଜ୍ଞା ଯୀଙ୍କର ମୁଖ୍ୟ ପ୍ରତିଜ୍ଞା ଶିଷ୍ୟମାନଙ୍କ ନିମନ୍ତେ ଦିଆଯାଇଥିଲା । ଯୀଶୁଙ୍କର ପୁନରୁତଥାନ ପରେ ସେ ଶିଷ୍ୟମାନଙ୍କୁ ଦେଖା ଦେଇ ବିଶ୍ରାମ ଦିନ ରାତ୍ରରେ ଉପର କୋଠରୀରେ ଶିଷ୍ୟମାନଙ୍କ ସହିତ ପ୍ରତିଜ୍ଞା ସଫଳ ହୋଇଥିଲା ।

୧ - ଯୀଶୁ ସେମାନଙ୍କୁ ପରିତ୍ୟାଗ କରିଲେ ନାହିଁ (ସି.ଏଫ୍. ୧୪:୧୮, ୧୬:୧୯, ୨୦:୧୯)

୨ - ଯୀଶୁ ସେମାନଙ୍କ ନିକଟକୁ ଆସିବେ (ସି.ଏଫ୍. ୧୪:୧୮, ୧୬:୧୬, ୧୯, ୨୦:୧୯)

୩ - ଯୀଶୁ ସେମାନଙ୍କୁ ଶାନ୍ତି ପ୍ରଦାନ କରିବେ (ସି.ଏଫ୍. ୧୬:୨୨, ୨୦;୧୯)

୪ - ଯୀଶୁ ସେମାନଙ୍କ ନିକଟକୁ ପବିତ୍ର ଆତ୍ମାଙ୍କୁ ପଠାଇବେ (ସି.ଏଫ୍. ୧୫:୨୬, ୨୦:୧୨)

**୧୬:୨୧ "ପ୍ରସବ ସମୟ ଉପସ୍ଥିତ ହେଲେ ସ୍ତ୍ରୀ ଲୋକ ଦୁଃଖ ପାଏ"** ପୁରତାନ ନିୟମ ଏବଂ ନୂତନ ନିୟମରେ ସ୍ତ୍ରୀ ଲୋ ସନ୍ତାନକୁ ଜନ୍ମ ଦେଉଥିଲେ । ସାଧାରଣତଃ ଏହା ହଠାତ୍ ଘଟିବା ବିଷୟରେ ଗୁରୁତ୍ୱ ଦିଏ ଏହା ଏକ ଅପହାର୍ଯ୍ୟ ଜନ୍ମ ଅଟେ । କିନ୍ତୁ ଏଠାରେ ଗୋଟିଏ ମାତାଙ୍କ ମନ ଭାବନାକୁ ପୂର୍ବ ଏବଂ ପରବର୍ତ୍ତୀ ସମୟକୁ କେନ୍ଦ୍ର କରାଇଛି । ଏହି ରୂପକାରକ ବାକ୍ୟ ଅଧିକାଂଶ ସମୟରେ ଜନ୍ମ ଦେବାର ବେଦନାକୁ ନୂତନ ଯୁଗରେ ଜଡ଼ିତ କରିଛନ୍ତି (ସି.ଏଫ୍. ଯିଶାୟ ୨୬:୧୭-୧୮, ୬୬:୭-୧୪, ମାର୍କ ୩:୧୮) ଯୀଶୁ ଶିଷ୍ୟମାନଙ୍କୁ ସଂକେତ କରି କହିଲେ, ଯେଉଁମାନେ କୃଶର ଆର ପାଖରେ ରହିଥିଲେ ପୁନରୁତଥାନ ଏବଂ ସ୍ୱର୍ଗାରୋହଣ ଯୀଶୁଙ୍କ ବାକ୍ୟକୁ ବୁଝି ପାରିଲେ ନାହିଁ ।

**୧୬:୨୩ "ସେହିଦିନ "** ଏହା ଅନ୍ୟଏକ ଆରୋବ୍ୟ ବାକ୍ୟ ଅଟେ । (ଯେପରି ସନ୍ତାନର ଜନ୍ମ ପ. ୨୧) ସାଧାରଣତଃ ତାହା ଆଗତ ନୂତନ ଯୁଗ ସହିତ ଜଡ଼ିତ ଅଛି (ସି.ଏଫ୍. ୧୪:୨୦, ୧୬:୨୫-୨୬)

■ **"ମତେ କିଛି ପଚାରିବ ନାହିଁ"** ସେଠାରେ ଦୁଇଟି ଭିନ୍ନଭିନ୍ନ ଶବ୍ଦ ପଚାରିବା କିମ୍ବା ମାଗିବା ଏହି ପଦରେ ବ୍ୟବହାର କରାଯାଇଛି (ସି.ଏଫ୍. ପ. ୨୬) ପ୍ରଥମ ପ୍ରଶ୍ନ ପଚାରିବ ଦର୍ଶାଇଥାଏ (ସି.ଏଫ୍. ୧୬:୫ ୧୯, ୩୦) ଏହି ପର୍ଯ୍ୟାୟର ଅଧ୍ୟାୟରେ ଯୀଶୁଙ୍କର ସମସ୍ତ ପ୍ରଶ୍ନକୁ ବର୍ଣ୍ଣନା କରୁଥିଲା । (ସି.ଏଫ୍. ୧୩:୩୬, ୧୪:୫୮, ୨୨, ୧୬:୧୭-୧୮) ଦ୍ୱିତୀୟ ଶବ୍ଦ ପବିତ୍ର ଆତ୍ମିକ ଆଗମନ ବିଷୟକୁ ଦର୍ଶାଏ । (ସି.ଏଫ୍. ୧୪:୧୬-୩୧, ୧୫:୨୬-୨୭, ୧୬:୧-୫) ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର କିଏ ଦେବ । ଯିରିମିୟ ୩୧:୩୧-୩୪ ରହିଥିବା ନୂତନ ପ୍ରତିଜ୍ଞାକୁ ଏହା ମତେ ମନେ ପକାଇ ଦିଏ । ସେଠାରେ ନୂତନ ଯୁଗରେ ବିଶ୍ୱାସସିମାନେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହେବେ ।

■ **ଏନ୍ ଏ ଏସ୍ ବି, ଯଦି ତୁମ୍ଭେମାନେ ପିତାଙ୍କୁ କିଛି ମାଗିବ, ତେବେ ମୋ ନାମରେ ସେ ତୁମ୍ଭମାନ ଦେବେ ।**

**ଏନ୍ କେ ଜେ ଭି, ମୋ ନାମରେ ପିତାଙ୍କୁ ଯାହା କିଛି ମାଗିବ ।**

**ଏନ୍ ଆର୍ ଏସଭି, ମୋ ନାମରେ ପିତାଙ୍କୁ ଯେକୌଣସି ବିଷୟ ମାଗିବ ।**

**ଟି ଇ ଭି, ମୋ ନାମରେ ପିତାଙ୍କୁ ଯାହା କିଛି ମାଗିବ, ସେ ତାହା ଦେବେ ।**

**ଏନ୍ ଜେ ବି, ମୋ ନାମରେ ପିତାଙ୍କ ଯାହ ସବୁ ମାଗିବ ସେ ପ୍ରଦାନ କରିବେ ।**

ଏହା ଏକ ସମ୍ପର୍କ ସମନ୍ଧିୟ ବାକ୍ୟ ଅଟେ । ଏହା ଏକ ଚୁକ୍ତି ନାମକ ବାକ୍ୟ ନୁହେଁ । ସାଧାରଣ ଭାବରେ ଆଖିକୁ ବନ୍ଦ କରି ପାରମ୍ପରିକ ହିସାବରେ ଯୀଶୁଙ୍କ ନାମନେଇ ମାଗିବ ନାହିଁ । କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ଚରିତ୍ର ଏବଂ ମନ ଆମ ମଧ୍ୟରେ ରଖିମାଗିବା ଉଚିତ୍ ସି.ଏଫ୍. ୧ମ ଯୋହନ ୫:୧୩ ଏହି ବାକ୍ୟର ହସ୍ତ ଲେଖାଗୁଡ଼ିକ ଭିନ୍ନତା ରହିଛି । "ମୋ ନାମରେ" 'ଏହା ମାଗିବା ଅର୍ଥରେ ଯିବା ଉଚିତ' କିମ୍ବା 'ଦେବା କିମ୍ବା ଉଭୟ ? ଏହି ପରି ପକ୍ଷରେ ମାଗିବାର, ସେଥିଯୋଗୁଁ ଏହା 'ମାଗିବା' ସହିତ ଯାଇଥାଏ । ପ୍ରକୃତରେ ପ୍ରତ୍ୟେକ ଜନିଷ ପିତାଙ୍କ ଠାରୁ ଯୀଶୁଙ୍କ ଦେଇ ମିଳିଥାଏ । ('ମୋ ନାମ') (ସି.ଏଫ୍. ୧୪:୧୩, ୧୪, ୧୬:୧୫, ୨୪, ୨୬) ସଦାପ୍ରଭୁଙ୍କର ନାମ ଯୋହନ ପୁସ୍ତକର ୧୪:୧୪ ରେ ଦେଖିବାକୁ ମିଳେ ।

**୧୬:୨୪, "ମାପ ଏବଂ ସେଥିରେ ତୁମେ ପାଇବ"** "ମାଗିବା" ବର୍ତ୍ତମାନର ଆଜ୍ଞା ସୂଚକ ବାକ୍ୟ ଅଟେ । ଏଠାରେ ବିଶ୍ୱାସିମାନଙ୍କ ନିରନ୍ତର ପ୍ରାର୍ଥନା ବିଷୟକୁ କେନ୍ଦ୍ରିତ କରାଯାଇଛି । ଗୋଟିଏ ଦୃଷ୍ଟିରେ ବିଶ୍ୱାସିମାନେ ଥରେ ହିଁ ମାଗିବା ଦରକାର ଅଟେ ।

ଅନ୍ୟ ଦୃଷ୍ଟିରେ ପ୍ରାର୍ଥନା ହୋଇଛି ସର୍ବଦା ତାହାଙ୍କ ଠାରେ ସଉଭାଗିତା କରିବା, ଏବଂ ଈଶ୍ୱରଙ୍କ ଠାରେ ଭରଷା ରଖିବା, ନିରନ୍ତର ମାଗିବା (ସି.ଏଫ୍. ମାଥିଉ ୭:୭-୮, ଲୁକ୍ ୧୧:୫-୩, ୧୮:୧-୧୮)

■ **"ପୁଣି ତୁମ୍ଭମାନଙ୍କର ଆନନ୍ଦ ଯେପରି ପରିପୂର୍ଣ୍ଣ ହୁଏ"** ଏହା ଏକ ସିଦ୍ଧ ବାକ୍ୟ ଅଟେ । (୧ମ ଯୋହନ ୧:୪) ପ୍ରାର୍ଥନା ଉତ୍ତର ଆମ୍ଭର ଆନନ୍ଦ ନିମନ୍ତେ । ଆନନ୍ଦ କରିବା ଯୀଶୁଙ୍କ ଅନୁଗମନକାରୀମାନଙ୍କ ଏକ ଚରିତ୍ର ଅଟେ (ସି.ଏଫ୍. ୧୫:୧୧, ୧୬:୨୦, ୨୧, ୨୪, ୧୭:୧୩)

**ଏନ୍. ଏ. ଏସ୍. ବି ୧୬:୨୫-୨୮**

**ମୁଁ ଆଉ ଉପମା ଦ୍ୱାରା ତୁମ୍ଭମାନଙ୍କୁ କହିବି ନାହିଁ । କିନ୍ତୁ ପିତାଙ୍କ ବିଷୟ ସ୍ପଷ୍ଟ ରୂପେ ତୁମ୍ଭମାନଙ୍କୁ ଜଣାଇବ । ୨୬. ସେ ଦିନ ତୁମ୍ଭେମାନେ ମୋ ନାମରେ ମାଗିବ, ଆଉ ମୁଁ ଯେ ତୁମ୍ଭମାନଙ୍କ ସପକ୍ଷରେ ପିତାଙ୍କୁ ଅନୁରଧ କରିବି, ଏହା ମୁଁ ତୁମ୍ଭମାନଙ୍କୁ କହୁ ନାହିଁ ୨୭. କାରଣ ପିତା ସ୍ୱୟଂ ତୁମ୍ଭମାନଙ୍କୁ ସ୍ନେହ କରନ୍ତି, ତେଣୁ ତୁମ୍ଭେମାନେ ମତେ ସ୍ନେହ କରିଅଛ, ଓ ମୁଁ ଯେ ଈଶ୍ୱରଙ୍କ ନିକଟରୁ ଆସି ଅଛି, ତାହା ତୁମ୍ଭେମାନେ ବିଶ୍ୱାସ କରିଅଛ । ୨୮. ମୁଁ ପିତାଙ୍କ ନିକଟରୁ ଜଗତକୁ ଆସିଅଛି; ପୁନର୍ବାର ମୁଁ ଜଗତକୁ ପରିତ୍ୟାଗ କରି ପିତାଙ୍କ ନିକଟକୁ ଯାଉଅଛି ।**

**୧୬:୨୫ "ସଂକେତ ପୂର୍ଣ୍ଣ ଭାଷା ଅଟେ"** ଯୀଶୁଙ୍କ ଶିକ୍ଷାରେ ଦୁଇଟି ସ୍ତର ରହିଥିଲା । ୧. ଏହା ବୁଝିବା ପାଇଁ ସାହାଯ୍ୟ କରିଥାଏ । ୧୧.ଏହା ବୁଝିବା ପାଇଁ ମନା କରିଥାଏ । (ସି.ଏଫ୍. ମାର୍କ ୪:୧୦-୧୧, ଯିଶା ୬:୯-୧୦ ଯିରିମି ୫:୨୧) ଶ୍ରୋତାମାନଙ୍କ ହୃଦୟର ଚାବିକାଠି ହେଉଛି ବୁଝିବାର ଫଳପ୍ରଦ ଯାହା ହେଉ ପଛେ ଉଦ୍ଧାର ପ୍ରାପ୍ତ ଲୋକମାନେ ମଧ ବୁଝି ପାରିଲେ ନାହିଁ । ଯେ ପର୍ଯ୍ୟନ୍ତ ଯୀଶୁଙ୍କର କ୍ରୁଶବିଦ୍ଧ ହୋଇନାହିଁ । (କ୍ରୁଶ ବିଦ୍ଧ, ପୁନରୁତ୍ଥାନ, ପୁନରୁତ୍ଥାନର ଦୃଶ୍ୟ, ସ୍ୱର୍ଗାରୋହଣ) ଏବଂପେଣ୍ଟିକଷ୍ଟ ଦିବସ)

ପୁନରୁତ୍ଥାନ ପରେ ଯୀଶୁ ଏମ୍ମଉ ସଡ଼କରେ ଦୁଇଗଣଙ୍କୁ ସାକ୍ଷାତ କଲେ । (ସି.ଏଫ୍. ଲୁକ ୨୪:୧୩-୩୫) ଏଠାରେ ଏହା ଟିପ୍ପଣୀ ଦିଏ, କିଭଳି ଭାବରେ ଯୀଶୁ ପ୍ରେରିମାନଙ୍କୁ ଶିକ୍ଷା ଦେଲେ (କ ପଦ ୨୫-୨୭, ୩୨) ସ୍ୱୟଂ ନିଜେ ପୁନରୁତ୍ଥାନରେ ଦେଖା ଦେଲେ । ପୁରାତନ ନିୟମରେ ଯୀଶୁଙ୍କ ସେବାକାର୍ଯ୍ୟକୁ ଘୋଡ଼ାଇ ରଖାଯାଇଥିଲା । ପ୍ରେରିତ ପୁସ୍ତକରେ ପିତରଙ୍କ ପ୍ରଚାର ଏକ ନମୁନା ଅଟେ ।

■ **"ସ୍ପଷ୍ଟ ରୂପେ ତୁମ୍ଭମାନଙ୍କୁ ଜଣାଇବି**

**୧୬:୨୬ ସେହିଦିନ ତୁମ୍ଭେମାନେ ମୋ ନାମରେ ମାଗିବ,** ଆଉ ମୁଁ ଯେ ତୁମ୍ଭମାନଙ୍କ ପକ୍ଷରେ ପିତାଙ୍କୁ ଅନୁରୋଧ କରିବି । ଏହି ପଦ ଏକ ମୂଲ୍ୟ ବାନ୍‌ସତ୍ୟକୁ ପ୍ରକାଶ କରେ । ଆଧୁନିକ ଯୁଗର ଅନେକ ଖ୍ରୀଷ୍ଟିୟାନ୍‌ମାନେ କହନ୍ତି । ସେମାନେ ସିଧାସଳଖ ପିତାଙ୍କ ନିକଟରେ ପହଞ୍ଚି ପାରିବେ ନାହିଁ । ବାଇବଲ ତାହା ଶିକ୍ଷା ଦିଏ

୧. ପବିତ୍ର ଆତ୍ମା ବିଶ୍ୱାସୀମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତି । (ସି.ଏଫ୍. ରୋମି ୮:୬ - ୨୭)

୨. ପୁତ୍ର ବିଶ୍ୱାସୀ ମାନଙ୍କ ନିମନ୍ତେ ମଧ୍ୟସ୍ଥ ପ୍ରାର୍ଥନା କରନ୍ତି (ସି.ଏଫ୍. ୧ମ ଯୋହନ ୨:୧)

୩. ଯୀଶୁଙ୍କ ଦ୍ୱାରା ବିଶ୍ୱାସୀମାନେ ପ୍ରାର୍ଥନା ଜରିଆରେ ସିଧା ସଳଖ ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବେ ।

୧୬:୨୭ "କାରଣ ପିତା ସ୍ୱୟଂ ତୁମ୍ଭମାନଙ୍କୁ ସ୍ନେହ କରନ୍ତି" ସେହ୍ନହ ଏହି ଶବ୍ଦ (ଫିଲିପ) ତାହା ୫:୨୦ ପିତାଙ୍କ ପ୍ରେମ ଯୀଶୁଙ୍କ ନିମନ୍ତେ ବ୍ୟବହାର କରାଯାଇଛି । ଯୋହନ ୩:୧୬ ଏକ ମହାନ ଶକ୍ତିଶାଳୀ ବାକ୍ୟ ଅଟେ । ଯୀଶୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଈଶ୍ୱର ସଙ୍କୋଚ ହୁଅନ୍ତି ନାହିଁ । ପ୍ରେମୀ ପିତା ତାହାଙ୍କ ପାଇଁ ଯୀଶୁ କାର୍ଯ୍ୟକୁ ସମାପ୍ତକଲେ । ସେମାନଙ୍କ ଉଦ୍ଧାର କାର୍ଯ୍ୟକୁ ସଫଳ ହେବା ନିମନ୍ତେ ।

■ ଏନ୍.ଏଏସ୍‌ବି                                                    ପିତାଙ୍କ ଠାରୁ
ଏନ୍‌କେଜେଭି ଏନ୍‌ଆର ଏସ୍‌ଭି  ଟିଇଘି ଏନ୍‌ଜେଭି                ଈଶ୍ୱରଙ୍କଠାରୁ

ସେଠାରେ ଗ୍ରୀକ୍‌ର ଦୁଇଟି ଭିନ୍ନ ଭିନ୍ନ ହସ୍ତଲେଖା ରହିଛି । ୧ - ଈଶ୍ୱର କିମ୍ବା ପିତା ଏବଂ ୨ - ଉପସ୍ଥିତି କିମ୍ବା ଅନୁପସ୍ଥିତି । ଈଶ୍ୱର ଦେଖାଯାଆନ୍ତି MSSP[5] N  ଏବଂ N MSSC[3]  ଈଶ୍ୱର ଦେଖାଯାହାନ୍ତି ଏବଂ ତକ୍ଲୁ ଏହା ଦେଖିବାକୁ କଠିନ ଏବଂ ଅସାଧାରଣ ବାକ୍ୟ ଗୁଡ଼ିକ ଏହା ସମାଲୋଚନା ପୁସ୍ତକର ଏକଭାଗ ଅଟେ । ଏହା ସବୁଠୁ କଠିନ କିମ୍ବା ଅସାଧାରଣ ପୁସ୍ତକ ହୋଇପାରେ ତାହା ସ୍ଥାୟୀ ମାନଙ୍କ ବେଦି ଅଟେ । ସମୁହିକ ବାଇବଲ ବାଇବଲ ସମାଜ ଗ୍ରୀକ୍ ନୂତନ ନିୟମ ସି ଉତ୍କୃଷ୍ଟ ନିର୍ଦ୍ଧାରଣ କରିଛନ୍ତି । ଯାହା ହେଉ ପଛେ ପିତା  ଏନ୍ ଦେଖାଯାଆନ୍ତି । ଏବଂ ବି. ସି. ଡି ଏବଂ ସି. ଏହି ପର୍ଯ୍ୟାୟରେ ପିତା ଉତ୍ତମ ସଂଲଗ୍ନ ଅଟନ୍ତି ।

■ **"ଯେଣୁ ତୁମ୍ଭେମାନେ ମୋତେ ସ୍ନେହ କରିଅଛ ଓ ମୁଁ ଯେ ଈଶ୍ୱରଙ୍କ ନିକଟରୁ ଆସିଅଛି, ତାହା ତୁମ୍ଭେମାନେ ବିଶ୍ୱାସ କରିଅଛ"** ଏହା ଦୁଇଟି ସିଦ୍ଧ ସଂକେତ ପୂର୍ଣ୍ଣ ବାକ୍ୟ ଅଟେ । ସ୍ନେହ ଏବଂ ବିଶ୍ୱାସ ପିତାଙ୍କ ସହଭାଗିତା ଯୀଶୁ ମଞ୍ଚ ତିଆରି କଲେ । ଏହି ବାକ୍ୟକୁ ବାରକ୍ଲେନିଓ୍ୱମ୍ୟାନ ଏବଂ ଇୟୁଜେନ୍ ନିଡ଼ା, ଯୋହନଙ୍କ ସୁସମାଚାର ବହୁତ ଭଲ ଭାବରେ ଏକ ବହି ଅନୁବାଦ କରିଛନ୍ତି ।

ଏହି ବାକ୍ୟଗୁଡ଼ିକରେ ଯୋହନଙ୍କ ଭାବନାକୁ ଦର୍ଶାଇଥାଏ, ସ୍ନେହ, ଆଜ୍ଞାକାରୀତା, ଏବଂ ବିଶ୍ୱାସ ସାଧାରଣତଃ ଏହା ମାର୍ଗ ପୁତ୍ରଙ୍କ ସହିତ ସଂପର୍କ ଗୋଟି, ବ୍ୟକ୍ତିଙ୍କର ବିଶ୍ୱାସ ନିମନ୍ତେ ଯୋହନ ବିଶ୍ୱାସକୁ ବ୍ୟବହାର କରନ୍ତି । ୨:୨୩

**୧୬:୨୮ "ମୁଁ ପିତାଙ୍କ ନିକଟରୁ ଜଗତକୁ ଆସିଅଛି... ପିତାଙ୍କ ନିକଟକୁ ଯାଉଅଛି"**

ଏହା ଏକ ଆଜ୍ଞାସୂଚକ ବାକ୍ୟ ଅଟେ, ଏକ ସିଦ୍ଧ କାଳ, ଯୀଶୁ ବେଥେଲିହମ୍‌ଠାରେ ଜନ୍ମ ଗ୍ରହଣ କଲେ, ଏବଂ ତାଙ୍କର ଆସିବାର ପରିଣାମ (ମୁଁ ତୁମ୍ଭମାନଙ୍କ ସହିତ ଅଛି - ସି.ଏଫ୍. ମାଥିଉ ୨୮:୨୦) ଯୀଶୁ ପିତାଙ୍କ ନିକଟରୁ ଆସିଲେ ଏହା ସତ୍ୟ ଅଟେ । (ସି.ଏଫ୍. ୨୭, ୩୦, ୮:୪୨, ୧୩:୩, ୧୭:୮)

୧ - ସେ ପୂର୍ବରୁ ଅଛନ୍ତି
୨ - ତାଙ୍କର ଈଶ୍ୱରତ୍ୱ
୩ - ପିତାଙ୍କଠାରୁ ତାଙ୍କର ସମ୍ପୂର୍ଣ୍ଣ ପ୍ରକାଶମାନ

■ **"ମୁଁ ଜଗତ ପରିତ୍ୟାଗ କରି ପିତାଙ୍କ ନିକଟକୁ ଯାଉଅଛି"** ଏହା ତାଙ୍କର ସ୍ୱର୍ଗାରଣ ବିଷୟକୁ ତତ୍ ସଙ୍ଗେ ସଙ୍ଗେ ସାହାଯ୍ୟକାରୀଙ୍କ ଆଗମନ ଏବଂ ଯୀଶୁଙ୍କର ମଧ୍ୟସ୍ଥ ପ୍ରାର୍ଥନା (ସି.ଏଫ୍. ଏବ୍ରି ୭:୨୫, ୯:୨୪, ୧ମ ଯୋହନ ୨:୧) ଯୋହନ ୧:୧ ଠାରେ ଯୀଶୁ ପୂର୍ବରୁ ଅଛନ୍ତି ବୋଲି ବିଶ୍ୱାସ କରନ୍ତି । ସେଥି ଯୋଗୁଁ ଯୀଶୁଙ୍କୁ ମହିମାନ୍ୱିତ କଲେ ଏବଂ ଏହି ପଦରେ ଶକ୍ତିକୁ ବିଶ୍ୱାସ କରାଯାଇଛି (ସି.ଏଫ୍. ୧୭:୫,୨୪)

**ଏନ୍.ଏ.ଏସ୍.ବି. ୧୬:୨୯-୩୩**

**ତାହାଙ୍କ ଶିଷ୍ୟମାନେ କହିଲେ, ଦେଖନ୍ତୁ ବର୍ତ୍ତମାନ ଅପାଣ ସ୍ୱଷ୍ଟ ରୂପରେ କହୁଛନ୍ତି ଓ ଉପମା କଥା ଆଉ କହୁନାହାନ୍ତି ୩୦ ଆପଣ ଯେ ସମସ୍ତ ବିଷୟ ଜାଣନ୍ତି, ପୁଣି କେହି ଆପଣଙ୍କୁ ପ୍ରଶ୍ନ କରିବାର ଯେ ପ୍ରୟୋଜନ ନାହିଁ । ତାହା ଏବେ ଆମ୍ଭେମାନେ ଜାଣିଲୁ, ଈଶ୍ୱରଙ୍କ ନିକଟରୁ ଆପଣ ଆସିଅଛନ୍ତି, ବୋଲି ଆମ୍ଭେମାନେ ଏହା ଦ୍ୱାରା ବିଶ୍ୱାସ କରିଅଛ । ୩୧ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ କଅଣ ଏବେ ବିଶ୍ୱାସ କରୁଅଛ ? ୩୨ ଦେଖ ସମୟ ଆସୁଅଛି ହଁ, ଆସିଲାଣି ଯେତେବେଳେ ତୁମ୍ଭେମାନେ ଛିନ୍ନ ଭିନ୍ନ ହୋଇ ପ୍ରତ୍ୟେକ ଆପଣା ଆପଣା ଘରକୁ ପଳାଇ ଯିବ । ଆଉ ମୋତେ ଏକାକି ପରିତ୍ୟାଗ କରିବ; ତଥାପି ମୁଁ ଏକାକୀ ନୁହେଁ କାରଣ ପିତା ମୋ ସାଙ୍ଗରେ ଅଛନ୍ତି । ୩୩ ତୁମ୍ଭେମାନେ ଯେପରି ମୋ ଠାରେ ଶାନ୍ତି ପ୍ରାପ୍ତ ହଅ । ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ଏହିସବୁ ବିଷୟ କହିଅଛି । ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଳେଶ ଅଛି । କିନ୍ତୁ ସାହସ ଧର, ମୁଁ ଜଗତକୁ ଜୟ କରିଅଛି ।**

**୧୬:୨୯ - "ସ୍ୱଷ୍ଟରୂପେ କହିଅଛନ୍ତି"** ସାହସ (ପାରହେସିୟା) ୭:୪

୧୬:୩୦, ଏହି ବାକ୍ୟକୁ ଯୀଶୁଙ୍କ ସହିତ ଦେଖିଲେ, ଶିଷ୍ୟମାନଙ୍କ ପ୍ରଶ୍ନ  ଯୀଶୁ ଜାଣିପାରିଲେ ପ ୧୯, ଏହିବାକ୍ୟରୁ ସେ ଜାଣିଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଶିଷ୍ୟମାନେ ଅସମ୍ପୂର୍ଣ୍ଣ ଅଟନ୍ତି । ସେମାନେ ଯୀଶୁଙ୍କୁ ଦେଖିଛନ୍ତି, ଶୁଣିଛନ୍ତି, ଏବଂ ଘଟଣା ସ୍ଥଳରେ ଶିଷ୍ୟମାନେ ରହୁଥିଲେ (ସି.ଏଫ୍. ପ. ୧୯) ପ୍ରକୃତ କାର୍ଯ୍ୟକୁ ଏହି ପରିପ୍ରେକ୍ଷୀରେ ବୁଝିପାରିଲେ କି ? ମୁଁ ଚିନ୍ତା କରେ ଏଠାରେ ପିତରଙ୍କ ଭାବନା ଉଚିତ ଥିଲା, କିନ୍ତୁ ଏହି ବାକ୍ୟକୁ ସୁସଜ୍ଜିତ କରାଯାଇଛି ।

**୧୬:୩୧ "ତୁମ୍ଭେମାନେ କଅଣ ଏବେ ବିଶ୍ୱାସ କରୁଅଛ"**? ଏହା ଏକ ପ୍ରଶ୍ନ କିମ୍ବା ବାକ୍ୟ ହୋଇପାରେ, ଆଧୁନିକ ଯୁଗର ଇଂରାଜୀ ଅନୁବାଦ ପୁସ୍ତକଗୁଡ଼ିକ ଏହା ଏକ ପ୍ରଶ୍ନ ବୋଲି ଆଖ୍ୟା ଦିଅନ୍ତି । କ୍ଳେଶ ସମୟ ପରିସ୍ଥିତିରେ ମଧ୍ୟ । ପ୍ରେରିତ ମାନଙ୍କ ବିଶ୍ୱାସ ଅସମ୍ପୂର୍ଣ୍ଣ ଥିଲା ।

ଆଧୁନିକ ଯୁଗର ବିଶ୍ୱାସୀମାନେ ପ୍ରାଥମିକ, କିନ୍ତୁ ଦୁର୍ବଳ ବିଶ୍ୱାସ ଦ୍ୱାରା, ଈଶ୍ୱର ସେମାନଙ୍କୁ ଗ୍ରହଣ କରିଅଛନ୍ତି । ସେମାନେ ଯଥାସାଧ୍ୟରେ ଯୀଶୁଙ୍କ ବାକ୍ୟ ପାଳନ କରିଛନ୍ତି, ଶିଷ୍ୟମାନଙ୍କ ବିଶ୍ୱାସ ଅଭାବ ଯୋଗୁଁ ଯୀଶୁଙ୍କ କ୍ଳେଶ ଏବଂ କ୍ରୁଶାର୍ପିତ ସମୟରେ ଶିଷ୍ୟମାନେ ତାଙ୍କୁ ଏକୁଟିଆ ଛାଡ଼ିଦେଲେ ।

**୧୬:୩୨ "ତୁମ୍ଭେମାନେ ଛିନ୍ନଭିନ୍ନ ହୋଇ ପ୍ରତ୍ୟେକ ଆପଣା ଆପଣା ଘରକୁ ପଳାଇଯିବ"**

ଯୀଶୁଙ୍କ କ୍ଲେଶ ଏବଂ କୃଶାର୍ପିତ ସମୟରେ କେବଳ ଯୋହନ ହିଁ ସେଠାରେ ଥିଲେ । (ସି.ଏଫ୍. ମାଥିଉ ୨୬:୩୧, ଯିଖରି ୧୩:୭) ଯୋହନ ୨୧:୧-୩ ଏଠାରେ ଦେଖିବାକୁ ମିଳିଥାଏ, ଅଧିକାଂଶ ଶିଷ୍ୟମାନେ ମାଛ ଧରିବା ପାଇଁ ଗଲେ ।

ଯୀଶୁ ମନୁଷ୍ୟ ସାଙ୍ଗସାଥୀ ମାନଙ୍କଠାରୁ ବଞ୍ଚିତ ହେଲେ (ସି.ଏଫ୍. ମାଥି ୨୬:୩୮, ୪୦:୪୧, ୪୩,୪୫) କିନ୍ତୁ କେବେ ହେଲେ ଦୈବିକ ସାଥିଙ୍କ ଠାରୁ ବଞ୍ଚିତ ହେବେ ନାହିଁ । ଯେତେବେଳେ ସେ ସମସ୍ତ ପାପ ଜଗତ ନିମନ୍ତେ ଜନ୍ମଗ୍ରହଣ କରିଥିଲେ । (ସି.ଏଫ୍. ମାଥି ୨୭:୪୫-୪୬)

**ଏନ୍ଏଏସବି "ତାଙ୍କ ନିଜ ଘରକୁ"**
**ଏନ୍କେଜେଭି "ତାଙ୍କ ନିଜ"**
**ଏନଆରଏସଭି "ତାଙ୍କ ଘରକୁ"**
**ଏନଜେବି "ନିଜ ମାର୍ଗରେ"**
**ଟିଇଭି "ତୁମ୍ଭର ନିଜ ମାର୍ଗ"**
**ଆରନି, ଏନଇଟି ଏନ୍ଆଇଭି - ତାଙ୍କ ନିଜ ଘରକୁ**

ଏନକେଜେଭି ଅନୁବାଦ ଆକ୍ଷରିକ ଅଟେ । ଅନେକ ଇଂରାଜୀ ଅନୁବାଦ ଏହା କୁହନ୍ତି, ଯେ ଜଣଙ୍କ ଘରକୁ ଦର୍ଶାଏ ବଲଟମ୍ୟାନ ଏହାକୁ "ଧନ" କିମ୍ବା ସଂଗୃହୀତ "ସଂପଦ" ବୋଲି ବିଶ୍ୱାସ କରନ୍ତି । ଯୀଶୁ ସୃଷ୍ଟିକର୍ତ୍ତା ଅଟନ୍ତି (୧:୩, ୧ମ କରନ୍ଥୀ ୮:୬, କଲସି ୧:୬, ଏବ୍ରି ୧:୨)

**୧୬:୩୩ "ମୋ ଠାରେ ଶାନ୍ତି ପ୍ରାପ୍ତ ହୁଅ"** ବର୍ତ୍ତମାନର କ୍ରିୟାଶୀଳ ବାକ୍ୟ ଅଟେ (ସି.ଏଫ୍. ୧୪:୨୭) ଉଭୟ ବାସ୍ତବ ଏବଂ ବ୍ୟକ୍ତିଗତ ଶାନ୍ତି ଯୀଶୁଙ୍କଠାରେ ମିଳିଥାଏ । ୧୪:୨୭

■ "ଜଗତରେ" ଯୋହନ ଏଠାରେ "ଜଗତ"କୁ ମାନବ ସମାଜର ସଂଗଠନକୁ ଦର୍ଶାଏ ଏବଂ ଈଶ୍ୱରଙ୍କ ବିନା କାର୍ଯ୍ୟ କରନ୍ତି । ଦେଖନ୍ତୁ ୧୪:୭

■ **"ତୁମ୍ଭମାନଙ୍କ କ୍ଲେଶ ଅଛି"** ଯୀଶୁଙ୍କୁ ଯେଉଁ ରୂପରେ ତାଡ଼ନା ହୋଇଥିଲେ, ସେମାନେ ମଧ ତାଡ଼ନା ପ୍ରାପ୍ତ ହେବେ (ସି.ଏଫ୍. ୧୫:୧୮-୨୫, ମାଥି ୫:୧୦-୧୨, ପ୍ରେରିତ ୧୪:୨୨, ୧ମ ଥେସଲି ୩:୩) ତାଡ଼ନା ଏକ ମାର୍ଗ ଅଟେ, ଏହା ଦ୍ୱାରା ଯୀଶୁଙ୍କର ପ୍ରକୃତ ଅନୁଗମନକାରୀଙ୍କ ପ୍ରକାଶିତ କରିଥାଏ ।

ଏହି ପ୍ରକାଶନର ଈଶ୍ୱର ଶାସ୍ତ୍ରୀୟ ଭିନ୍ନତା "କ୍ରୋଧ" ଏବଂ "ତାଡ଼ନା" ଅଛି । ଈଶ୍ୱରଙ୍କ କ୍ରୋଧ କେବେହେଲେ ବିଶ୍ୱାସୀମାନଙ୍କ ଉପରେ ପଡ଼ି ନଥାଏ । କିନ୍ତୁ ଅବିଶ୍ୱାସୀମାନଙ୍କ କ୍ରୋଧ ବିଶ୍ୱାସୀ ଉପରେ ପ୍ରଜ୍ୱଳିତ ହୋଇଥାଏ ।

ଏହି ଜଗତ ପ୍ରକାଶ କରେ, ଜଗତ ମଧ୍ୟରୁ ଶଇତାନର ସନ୍ତାଗଗଣ ଜଗତର ଜ୍ୟୋତି ଦ୍ୱାରା ଆକ୍ରମଣ ହୁଅନ୍ତି (ସି.ଏଫ୍. ୧:୧-୮, ୩:୧୭-୨୧)

■ **"ସାହସ ଧର"** ଏହା ବର୍ତ୍ତମାନର ଅଜ୍ଞା ସୂଚକ ବାକ୍ୟ (ସି.ଏଫ୍. ମାଥି ୯:୨,୨୨, ୧୪:୨୭, ୬:୫୦, ୧୦:୪୯ ପ୍ରେରି ୨୩:୧୧) । ଏହା ଯିହବାଙ୍କ ବାକ୍ୟ ଯିହଶୂୟ ନିମନ୍ତେ (ସି.ଏଫ୍. ଯିହଶୂୟ ୧:୬, ୯:୧୮, ୧୦:୨୫)

■ **"ମୁଁ ଜଗତକୁ ଜୟ କରିଅଛି"** ଏହା ଏକ ସିଦ୍ଧ ଏବଂ ସଂକେତ ବାକ୍ୟ ଅଟେ । ଖେଦଶମନି ଯିବା ପୂର୍ବରୁ ବିଜୟର ନିଶ୍ଚିତତା, କାଲବରୀ ପୂର୍ବରୁ, ଶୂନ୍ୟ କବର ସ୍ନାନ ପୂର୍ବରୁ (ସି.ଏଫ୍. ରୋମୀ ୮:୩୭ ୧ମ କରନ୍ଥୀ ୧୫:୫୭, ୨ୟ କରନ୍ଥୀ ୨:୧୪, ୪:୭-୧୫) । ଶେଷରେ ସେଠାରେ ଦ୍ୱିମତ ନୁହେଁ, ଈଶବର ନିୟନ୍ତ୍ରଣ କରନ୍ତି, ପ୍ରେମ ଏବଂ ଆଜ୍ଞାକାରୀ ହୋଇ ଯୀଶୁ ଯେପରି ବିଜୟ ଜୟ କଲେ । ବିଶ୍ୱାସୀମାନେ ମଧ ତାଙ୍କ ଦ୍ୱାରା ବିଜୟ ପ୍ରାପ୍ତ ହେବେ (ସି.ଏଫ୍. ୧ମ ଯୋହନ ୨:୧୩-୧୪, ୪:୪୫:୪-୫ ପ୍ରକାଶିତ ୩:୨୧, ୧୨:୧୧)

## ଆଲୋଚନାର ପ୍ରଶ୍ନଗୁଡ଼ିକ

ଏହା ଏକ ଧାରାବାହିକ ସାଥି ଅଟେ । ତାହାର ଅର୍ଥ ବାଇବଲକୁ ଅନୁବାଦ କରିବା ତୁମ୍ଭର ଦାୟିତ୍ୱ ଅଟେ । ପ୍ରତ୍ୟେକେ ଜ୍ୟୋତିର ଆଚରଣ କରିବା ଉଚିତ । ଅନୁବାଦ କରିବା ସମୟରେ ବାଇବଲ ଏବଂ ପବିତ୍ର ଆତ୍ମାଙ୍କୁ ମୁଖ୍ୟ ସ୍ଥାନ ଉଚିତ ଅଟେ । ଲେଖକଙ୍କ ଉପରେ ସମସ୍ତ ବିଷୟ ଅନୁଚିତ ଅଟେ ।

ଆଲୋଚନାର ପ୍ରଶ୍ନଗୁଡ଼ିକ ପୁସ୍ତକର ମୁଖ୍ୟ ଘଟଣାଗୁଡ଼ିକୁ ବୁଝିବାକୁ ସାହାଯ୍ୟ କରିଥଶଏ । ଏହାର ଅର୍ଥ ଭାବନାକୁ ଉତ୍ତୋଜିତ କରିବା ନିଶ୍ଚିତତା ନୁହେଁ ।

୧. ୧୫ ଏବଂ ୧୬ ଅଧ୍ୟାୟ ମଧ୍ୟରେ କ'ଣ ସମ୍ବନ୍ଧ ରିହଛି ?
୨. ପଦ ୫ କୁ ୧୩:୩୬ରେ ଥିବା ସମ୍ପର୍କକୁ କିରି ବୁଝିହେବ ?
୩. ପତନ ଜଗତରେ ପବିତ୍ର ଆତ୍ମାର ସେବାକାର୍ଯ୍ୟ କ'ଣ ?
୪. ବିଶ୍ୱାସୀମାନଙ୍କ ନିମନ୍ତେ ପବିତ୍ର ଆତ୍ମାଙ୍କ ସେବାକାର୍ଯ୍ୟ କ'ଣ ?
୫. ପଦ ୨୬-୨୭ ଆଧୁନିକ ସଂଗଠନ ଉଦ୍ଦେଶ୍ୟରେ କାହିଁକି ମୁଖ୍ୟ ସତ୍ୟତା ରୂପେ ବିବେଚିତ ହୋଇଛି ।

# ଯୋହନ - ୧୭

## ଆଧୁନିକ ଅନୁବାଦର ବିଭାଜନ ଅଙ୍ଗ

| ୟୁ ବି ଏସ୍ | ଏନ କେ ଜେଭି | ଏନ୍ ଆର ଏସ୍ ଭି | ଟିଇଭି | ଏନଜେ କି |
|---|---|---|---|---|
| ଯୀଶୁଙ୍କ ପ୍ରାର୍ଥନା ୧୭:୫ | ଯୀଶୁ ନିଜ ପାଇଁ ପ୍ରାର୍ଥନା କଲେ ୧୭-୫ | ଯୀଶୁ ମହାରାଜାଙ୍କ ପ୍ରାର୍ଥନା ୧୭:୧-୫ | ଶିଷ୍ୟମାନଙ୍କ ନିମନ୍ତେ ଯୀଶୁ ପ୍ରାର୍ଥନା କରନ୍ତି ୧୭:୧-୫ | ଯୀଶୁଙ୍କ ପ୍ରାର୍ଥନା ୧୭:୧-୨୩ |
| | ଶିଷ୍ୟମାନଙ୍କ ନିମନ୍ତେ ଯୀଶୁ ପ୍ରାର୍ଥନା କରନ୍ତି | ୧୭:୬ - ୧୯ | ୧୭:୬-୮ | |
| ୧୭:୬-୧୯ | ୧୭:୬-୧୯ | ୧୭:୨୦-୨୬ | ୧୭:୨୦-୨୩ | |
| ୧୭:୨୦-୨୬ | ବିଶ୍ୱାସୀମାନଙ୍କ ନିମନ୍ତେ ଯୀଶୁ ପ୍ରାର୍ଥନା କରନ୍ତି ୧୭:୨୦-୨୬ | ୧୭:୨୫-୨୬ | ୧୭:୨୪-୨୬ | ୧୭:୨୪-୨୬ |

### ତୃତୀୟ ପଠନର ପୁନରାବୃତ୍ତି

**ଅନୁଚ୍ଛେଦ ସ୍ତରରେ ତଳେ ଲେଖକଙ୍କ ଉଦ୍ଦେଶ୍ୟକୁ ଉଲ୍ଲେଖ କରାଯାଇଛି ।** ଏହା ଏକ ଧାରାବାହିକ ସାଥୀ ଅଟେ । ବାଇବଲକୁ ଅନୁବାଦ କରିବା ତୁମ୍ଭର ଦାୟୀତ୍ୱ ଅଟେ । ପ୍ରତ୍ୟେକେ ଜ୍ୟୋତିରେ ଆଚରଣ କରିବା ଉଚତ୍ତ । ଅନୁବାଦ ସମୟରେ ବାଇବଲ ଏବଂ ପବିତ୍ର ଆତ୍ମାଙ୍କୁ ମୁଖ୍ୟ ସ୍ଥାନ ଦେବା ଉଚିତ । ଲେଖକଙ୍କ ଉପରେ ସମସ୍ତ ବିଷୟ ତ୍ୟାଗ କରିବା ଅନୁଚିତ ।

ସମସ୍ତ ଅଧ୍ୟାକୁ ଗୋଟିଏ ଦୃଷ୍ଟିରେ ପଠନ କରନ୍ତୁ । କର୍ତ୍ତାର ଚିହ୍ନଟ କର । ପାଞ୍ଚଟି ଆଧୁନିକ ଅନୁବାଦ ସହିତ ତୁମଭର କର୍ତ୍ତର ବିଭାଜନ ଅଂଶକୁ ତୁଳନା କର । ଅନୁଚ୍ଛେଦ ଗୁଡ଼ିକରେ ପ୍ରରଣାର୍ଥକ ନୁହେଁ । କିନ୍ତୁ ଏହା ଲେଖକଙ୍କ ଉଦ୍ଦେଶ୍ୟକୁ ଅନୁକରଣ ରିବାର ମୁଢ଼ଖ୍ୟ ଚାବିକାଠି । ତାହା ଅନୁବାଦର ହୃଦୟ ଅଯେ । ପ୍ରତ୍ୟେକ ଅନୁଚ୍ଛେଦରେ କେବଳ ଗୋଟିଏ କର୍ତ୍ତା ଥାଏ

୧. ପ୍ରଥମ ଅନୁଚ୍ଛେଦ

୨. ଦ୍ୱିତୀୟ ଅନୁଚ୍ଛେଦ

୩. ତୃତୀୟ ଅନୁଚ୍ଛେଦ

୪. ଅନ୍ୟାନ୍ୟ

ପଦ ୧-୨୬ରେ ରହିଥିବା ପୃଷ୍ଠଭୂମିର ଅର୍ନ୍ତଦୃଷ୍ଟି

କ. ଐତିହାସିକ ପରିବେଶ

୧. ଏହି ଅଧ୍ୟାୟରେ ଯୀଶୁଙ୍କ ମହାଯାଜକର ପ୍ରାର୍ଥନା

କ. ନିଜ ପାଇଁ (ପଦ ୧-୫)

ଖ. ଶିଷ୍ୟମାନଙ୍କ ନିମନ୍ତେ ପଦ (୬-୧୯)

ଗ. ଭବିଷ୍ୟରେ ଅନୁଗମନକାରୀଙ୍କ ନିମନ୍ତେ (ପଦ ୨୦-୨୬) ଏହା ଭରସାକୁ ଆଣିଦିଏ, କାର୍ଯ୍ୟରୁ ଆହରିବା ପାଁଇ ନୁହେଁ ୧୬:୩୩

୨. ଯୀଶୁଙ୍କର ଏହା ଥିଲା ସବୁଠୁ ଲମ୍ବା ପ୍ରାର୍ଥନା

୩. ଏହି ଅଧ୍ୟାୟରେ କର୍ତ୍ତାକୁ ଶ୍ରେଣୀଭୁକ୍ତ କରିବା କଷ୍ଟ ବିଷୟ ଅଟେ । କାରଣ ସମାନ ବିଷୟ ବସ୍ତୁକୁ ବାରମ୍ଵାର ଲେଖାଯାଇଛି । ତାହାକୁ ଯୋହନଙ୍କ ଲେଖାରେ ଚରିତ୍ରଭୁକ୍ତ କରାଯାଇଛି  ଏହା ମଟା ବସ୍ତର ନମୁନନା ଅଟେ । ମୁଖ୍ୟ ଶବ୍ଦ ଗୁଡ଼ିକ ହେଲା "ମହିମା" ତାଙ୍କୁ "ଜାଣିବା" ପଠାଇଲେ "ନାମ"  "ଜଗତରେ" ଏବଂ "ଜଣେ"

୪. ପବିତ୍ର ଆତ୍ମାଙ୍କୁ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏହା ଅସାଧାରଣ କାରଣ ତାହାଙ୍କ ପ୍ରାଧାନ୍ୟତା ୧୪-୧୬ ଅଧ୍ୟାୟରେ ଦେଖିବାକୁ ମିଳେ ।

ଖ. ପଦ ୬-୧୯ ଶିଷ୍ୟମାନଙ୍କର ଚରିତ୍ର

୧. ସେମାନେ ନିଯୁକ୍ତପ୍ରାପ୍ତ

୨. ସେମାନେ ଆଜ୍ଞାକାରୀ

୩. ସେମାନେ ଈଶ୍ୱରଏବଂ ଖ୍ରୀଷ୍ଟଙ୍କୁ ଜାଣନ୍ତି

୪. ସେମାନେ ସତ୍ୟକୁ ଜାଣନ୍ତି

୫. ସେମାନେ ଯୀଶୁଙ୍କ ଜରିଆରେ ପ୍ରାର୍ଥନା କରନ୍ତି

୬. ସେମାନେ ଜଗତରେ ବାସ କରନ୍ତି

୭. ସେମାନେ ତାହାଙ୍କ ଶକ୍ତି ଦ୍ୱାରା ରକ୍ଷା ପାଆନ୍ତି

୮. ପିତା ଏବଂ ଯୀଶୁ ଯେ ପ୍ରକାର ଏକ ଅଟନ୍ତି, ସେମାନେ ମଧ୍ୟ ଏକ ଅଟନ୍ତି

୯. ଯୀଶୁଙ୍କ ଆନନ୍ଦ ସେମାନଙ୍କଠାରେ ଅଛି ।

୧୦ - ସେମାନେ ଏହି ଜଗତର ନୁହଁନ୍ତି

୧୧ - ସତ୍ୟ ଜରିଆରେ ସେମାନେ ଅର୍ପଣ କରନ୍ତି

୧୨. ଯୀଶୁଙ୍କୁ ଯେପରି ପଠାଯାଉଥିଲା ସେମାନଙ୍କୁ ମଧ୍ୟ ପଠାଯିବ

୧୩. ପିତା ଯେପରି ଯୀଶୁଙ୍କୁ ପ୍ରେମ କଲେ, ସେହିପରି ମୁଁ ପ୍ରେମ କରେ ।

ଗ. ଯୋହନ ପୁସ୍ତକରେ "ମହିମା" ଶବ୍ଦ

୧. ୨୫ ଗୋଟି ଏବ୍ରୀ ଶବ୍ଦ ଗ୍ରୀକ୍ ଶବ୍ଦ ବ୍ୟବହାର ଡକ୍ସାସେପଟୁଜେନ୍‌ରେ ଅନୁବାଦ କରାଯାଇଛି

ପୁରାତନ ନିୟମର ମୁଖ୍ୟ ଶବ୍ଦ ହାବାଡ୍, ତାହାର ଅର୍ଥ ଭିନ୍ନତା ଓଜନ "ବୋଝପ୍ରାପ୍ତ" "ଯୋଗ୍ୟତା" "ମାନ୍ୟତା" ଆଜର" କିମ୍ବା ଉଜ୍ଜ୍ୱଳତା, ସ୍ୱଚ୍ଛଳତା

୨. ଗ୍ରୀକ୍ ଶବ୍ଦ ଡକ୍ସା ଭାବନା କ୍ରିୟାଠାରୁ ଆସିଅଛି। ଏହାର ଅର୍ଥ ମାନ୍ୟତା ।

୩. ଯୋହନ ପୁସ୍ତକରେ ଅନକେ ରୂପକ ଶବ୍ଦ ଅଛି

କ. ଈଶ୍ୱରଙ୍କ ମହିମା (ସି.ଏଫ୍. ପଦ ୫:୨୪, ୧:୧୪, ୧୨:୪୦, ୧୨:୧୬)

ଖ. ପିତାଙ୍କ ପ୍ରକାଶିତ ଯୀଶୁଙ୍କ ଚିହ୍ନ, ଶିକ୍ଷା ଏବଂ ଉତ୍ତେଜନ ସପ୍ତାହର କାର୍ଯ୍ୟ (ସି.ଏଫ୍. ପଦ ୪:୧୦, ୨୨, ୧:୧୪, ୨:୧୧, ୭:୧୮, ୧୧:୪, ୪୦)

ଗ. କ୍ରୁଶର ବିଶେଷତଃ ସି.ଏଫ୍. ପଦ ୧,୪, ୭:୩୯, ୧୨:୧୨୩, ୧୩:୩୧) ସେଠାରେ କିଛି ପରିବତର୍ତନ ଦେଖିବାକୁ ମିଳିଥାଏ । ମୁଖ୍ୟ ସତ୍ୟତା ଏହା ଅଟେ ଯେ, ଆଦର୍ଶ ଈଶ୍ୱର ମନୁଷ୍ୟ ମଧ୍ୟରେ ପ୍ରକାଶିତ ହେଲେ, ଯୀଶୁ ଖ୍ରୀଷ୍ଟ ବାକ୍ୟ ଏବଂ କାର୍ଯ୍ୟ

**ଏନ୍.ଏସଏସ୍‌ବି ୧୭ : ୧- ୫**

**୧ ଯୀଶୁ ଏହି ସମସ୍ତ କଥା କହି ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କରି କହିଲେ, ପିତଃ ସମୟ ଉପସ୍ଥିତ ହେଲାଣି, ତୁମ୍ଭର ପୁତ୍ରଙ୍କୁ ମହିମାନ୍ୱିତ କର, ଯେପରି ପୁତ୍ର ତୁମ୍ଭକୁ ମହିମାନ୍ୱିତ କରନ୍ତି । ୨ ଯେ ପ୍ରକାର ତୁମ୍ଭେ ତାହାଙ୍କୁ ଯେଉଁ ଯେଉ ଲୋକମାନଙ୍କୁ ଦେଇଅଛ, ସେମାନଙ୍କୁ ଅନନ୍ତ ଜୀବନ ଦେବା ନିମନ୍ତେ ତାହାଙ୍କୁ ସମସ୍ତ ମର୍ତ୍ତ୍ୟ ଉପରେ ଅଧିକାର ଦେଲେ । ୩ ଆଉ ଏକ ମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଅଟେ । ୪ ତୁମ୍ଭେ ମତେ ଯେଉଁ କର୍ମ କରିବାକୁ ଦେଇଅଛ, ତାହା ମୁଁ ସମାପ୍ତ କରି ପୃଥିବୀରେ ତୁମ୍ଭକୁ ମହିମାନ୍ୱିତ କରିଅଛି । ୫ ଆଉ ଏବେ ହେ ପିତ, ଜଗତର ସୃଷ୍ଟି ପୂର୍ବେ ତୁମ୍ଭ ସହତ ମୋହର ଯେଉଁ ମହିମା ଥିଲା ତଦ୍ଦ୍ୱାରା ତୁମ୍ଭେ ମତେ ତୁମ୍ଭ ମହିମାନ୍ୱିତ କର ।**

**୧୭:୧ "ଯୀଶୁ ଏହି ସମସ୍ତ କହିଲେ"** ଉପର କୋଠରିର ବାର୍ତ୍ତାଳାପ ଅଧ୍ୟାୟ ୧୩-୧୬ଠାରେ ଦର୍ଶାଏ ।

■ **"ସ୍ୱର୍ଗ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି କଲେ"** ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସମୟରେ ଯିହୁଦୀମାନେ ଊର୍ଦ୍ଧ୍ୱକୁ ହାତ, ମୁଣ୍ଡ ଆଖି ଉଠାଇ ପ୍ରାର୍ଥନା କରୁଥିଲେ । ସି.ଏଫ୍. ୧୧:୪୧, ମାର୍କ ୭:୩୪, ଲୁକ ୧୮:୧୩ ଗୀତ ୧୨୩:୧) ଯୀଶୁ ଅଧିକାଂଶ ସମୟ ଏହି ପରି ପ୍ରାର୍ଥନା କଲେ ଲୁକଙ୍କ ପୁସ୍ତକରେ ସ୍ପଷ୍ଟ ରୂପେ ଏହା ଦେଖିବାକୁ ମିଳିଥାଏ (୩:୨୧, ୫:୧୬, ୬:୧୨, ୯:୧୮-୨୮, ୧୧:୧ ୨୨:୪୧-୪୫, ୨୩:୩୪)

■ **"ପିତା"** ଏହି ଶବ୍ଦ ଦ୍ୱାରା ଯୀଶୁ ଈଶ୍ୱରଙ୍କୁ ଦର୍ଶାଉଛନ୍ତ, ସି.ଏଫ୍. ୧୧:୪୧, ୧୨:୨୭, ୨୮, ଲୁକ ୨୨:୪୨, ୨୩:୩୪) ଯୀଶୁ ଆରାମିୟ ଭାଷାରେ କହିଲେ ଅରାମୀୟ ଶବ୍ଦ "ଆବା" ତାହାର ଅର୍ଥ ଗୃହରେ ଛୋଟ ଶିଶୁ ତାର ପିତାଙ୍କୁ ଆବା ବୋଲି ଡାକିଥାଏ (ମାର୍କ ୧୪:୩୬) ଏହା ଚକିତ କରିଥାଏ ପାରେ,

**"ସମୟ ଉପସ୍ଥିତ ହେଲାଣି"** ବାକ୍ୟ ଏଠାରେ ଏହା ଦର୍ଶାଏ, ଯୀଶୁ ଉଦ୍ଦେଶ୍ୟକୁ ଏବଂ ତାଙ୍କର ସେବାକର୍ଯ୍ୟର ସମୟକ ଜାଣିଥିଲେ (ସି.ଏଫ୍. ୨:୪,୭:୬, ୮:୩୦, ୮:୨୦, ୧୨:୮୩, ୧୩:୧) ଅଜଣା ପରିସ୍ଥିତି ତାଙ୍କ ଉପରେ ବକ୍‌ଜା କରେ ନାହିଁ ।

■ **"ଯେପରି ପୁତ୍ର ତୁମ୍ଭକୁମହିମାନ୍ୱିତ କରନ୍ତି "** ଏହା ଆଜ୍ଞା ସୂଚକ ବାକ୍ୟ ଅଟେ ଯୋହନଙ୍କ୍ ସ୍କରେ ଯେପରି ବାକ୍ୟ ଅଛି ସେହିପରି ଶବ୍ଦ ଯୀଶୁ ନିଜ ମୃତ୍ୟୁ ନିମନ୍ତେ ବ୍ୟବହାର କରନ୍ତି (ସି.ଏଫ୍. ୪:୭ : ୩୯, ୧୨:୨୩, ୧୩:୩୧-୩୨) ଏହି ଶବ୍ଦ ମଧ୍ୟ ଯୀଶୁ ପୂର୍ବରୁ ହିଁ ଈଶ୍ୱର ଥିଲେ ଏହାକୁ ଦର୍ଶାଏ (ସି.ଏଫ୍. ୧:୧୪ ଏବଂ ପଦ ୫:୨୪) ଯୀଶୁଙ୍କ କାର୍ଯ୍ର ପିତାଙ୍କ ମହିମା ପ୍ରକାଶ କରିବା । ପରସ୍ପର ସଂପର୍କକୁ ବୁଝାଇଥାଏ ।

୧:୧୪ ଏବଂ ପୃଷ୍ଠଭୂମିର ଅନ୍ତର୍ଦୃଷ୍ଟି ପୁତ୍ରଙ୍କ ନିମନ୍ତେ ଭିନ୍ନ ହସ୍ତ ଲେଖାର ପୁସ୍ତକଅଛି

୧ - ଏମ୍ ଏସ ଏସ୍ ପି ୬୦ ବ. ସି. ଡବ୍ଲୁ ପୁତ୍ରଙ୍କ ବିଶେଷଣ ଦେଖାଯାଏ

୨ - ଏମ୍ ଏସ୍ ଏସ ଏ. ଡି. ସି୨ ପୁତ୍ରଙ୍କୁ ସର୍ବନାମରେ ସହିତ ବ୍ୟବହାର କରିଛନ୍ତି ।

**୧୭:୨ "ଅନନ୍ତ ଜୀବନ ଦେବା ନିମନ୍ତେ ତାହାଙ୍କୁ ସମସ୍ତମର୍ତ୍ତ୍ୟ ଉପରେ ଅଧିକାର ଅଛି "** ଏକ 'କ୍ଷୁଦ୍ର ବଡ଼େଇଠାରୁ ମହାନ ଏକ ଅଟେ । ସି.ଏଫ୍. ଯୋହନ ୫:୨୭, ମାଥି ୧୧:୨୭ ୨୮:୧୮ ଲୁକ ୧୦:୨୨) ଅଧିକାର ଶବ୍ଦ ଗୋଟିଏ ଥର ସାମନ ରୂପେ ବ୍ୟବହାର କରାଯାଇଛି ୧:୧୨, ୫:୭୭, ୧୯:୧୦, ୧୧ "ଆଇନ ସମ୍ୱନ୍ଧୀୟ ଅଧିକାର" "ଅଧିକାର" "ଶକ୍ତି" ଏପରି ଭାବରେ ଅନୁବାଦ ରାଯାଇଛି ।

"ସମସ୍ତ ମର୍ତ୍ତ୍ୟ" ଏହା ଏକ ବଚନ (ଏବ୍ରୀ ଭାଷାରେ ମାନବଜାତିକୁ ବୁଝାଏ ସି.ଏଫ୍. ଅଦୀ ୬:୧୨, ଗୀତ ୬୫:୨, ୧୪୫:୨, ୧୪୫:୨୧, ଯିଶା ୪୦:୫, ୬୬:୩୩ ଯୋଏଲ ୨:୨୮)

■ **"ଯେଉଁ ଯେଉଁ ଲୋକମାନଙ୍କୁ ଦେଇଅଛ"** "ଯେଉଁ ଯେଉଁ ଶବ୍ଦ ଏଗୁଡ଼ିକ କ୍ଲିବଲିଙ୍ଗ ଏବଂ ଏକବଚନ (ସି.ଏଫ୍. ୭:୨୪) ତା ଶିଷ୍ୟ ଉରେ କେନ୍ଦ୍ର କରିଥାଏ ଖ୍ରୀଷ୍ଟଙ୍କ ଶରୀର ଉପରେ, କୌଣସି ବ୍ୟକ୍ତିକୁ ନାହିଁ । କ୍ରିୟ ସିଦ୍ଧ ସଂକେତପୂର୍ଣ ତାହା ସହ୍ୟ କରିବା ଉପହାର ବିଷୟରେ କହିଥାଏ । ଏହି ବାକ୍ୟ ଜ୍ଞାନ ଏବଂ ନିଯୁକ୍ତି ବିଷୟ ବୁଝଣାଏ ସି.ଏଫ୍. ପଦ ୯:୧୨, ୬:୩୭, ୩୯ ରୋମୀୟ ୮:୨୯-୩୦ ଏଫି ୧:୩-୧୪) ପୁରାତନ ନିୟମରେ ସେବାକାର୍ଯ୍ୟ ନିମନ୍ତେ ନିଯୁକ୍ତି ହେଉଥିଲା କିନ୍ତୁ ନୂତନ ନିୟମରେ ଆତ୍ମିକ ନିଶ୍ଚତତା ଏବଂ ଅନ୍ତ କାଳୀନ ପରିତ୍ରାଣ ନିମନ୍ତେ କରଯାଉଛି । ବିଶ୍ୱାସୀମାନେ ମଧ୍ୟ ସେବାକାର୍ଯ୍ୟ ନିମନ୍ତେ ଡାକଯାଇଛନ୍ତି । ନିଯୁକ୍ତି ନା କେବଳ ଏକ ଦୈବିକ କାର୍ଯ୍ୟ କିନ୍ତୁ ମାନ ଜାତିର ଦାୟିତ୍ୱର ପ୍ରତିଜ୍ଞା ଅଟେ । ଏହା ମୃତ୍ୟୁକୁ କେନ୍ଦ୍ର କରେ ନାହିଁ କିନ୍ତୁ ଜୀବନ, ବିଶବାସୀମାନେ ବିତ୍ରତା ନିମନ୍ତେ ବଛା ଯଶଇଛନ୍ତି (ସି.ଏଫ୍. ଏଫି ୧:୪)

କୌଣସି ସୁଯୋଗ ନିମନ୍ତେ ନୁହେଁ ଏହି ବାକ୍ୟ କୌଣସି କିଛି ଲୋକଙ୍କୁ ପିତା ଦେଇ ନାହାନ୍ତି ।

**ବିଶେଷ ବିଷୟ : ନିଯୁକ୍ତି**

ନିଯୁକ୍ତି ଏକ ଉତ୍ତମ ମତ ଅଟେ, ଯହା ହେଉ ପଛେ କୌଣସି ବ୍ୟକ୍ତିକୁ ପକ୍ଷ'ପାତି କରିବା ଡାକିନାହାନ୍ତି । କିନ୍ତୁ ଅନ୍ୟର ମୁକ୍ତିର ଏକ କାରଣ ହେବା ନିମନ୍ତେ । ପୁରାତନ ନିୟମରେ ପ୍ରଥମେ ଏହାକୁ ସେବାକାର୍ଯ୍ୟ ବ୍ୟବହାର କରାଯାଉଥିଲା । ନୂତନ ନିୟମରେ ପ୍ରଥମେ ପରିତ୍ରାଣ ନିମନ୍ତେ ବ୍ୟବହାର କରାଯାଇଛି ଦେଖା ଯାଉଥିବା ତିରସ୍କାର ଈଶ୍ୱରଙ୍କ ମହାନତା ଏବଂ ମନୁଷ୍ୟର ଇଚ୍ଛାକୁ ବାଇବଲ କେବେହେଲେ ମଧ୍ୟ ପୁନର୍ବାର ପରାମର୍ଶ କରି ନ ଥାଏ । କିନ୍ତୁ ଉଭୟଙ୍କୁ ସ୍ୱୀକାର କରିଥାଏ । ବାଇବଲ ଏକ ଉତ୍ତମ ଉଦାହରଣ ରୋମୀୟ ୯ ଅଧ୍ୟାୟରେ ସର୍ବଶକ୍ତିମାନ ଈଶ୍ୱରଙ୍କ ପସନ୍ଦ ଏବଂ ରୋମୀୟ ୧୦ ଅଧ୍ୟାୟରେ ମାନବ ଜାତିର ପ୍ରତିଉତ୍ତର (ସି.ଏଫ୍. ୧୦,୧୧, ୧୩)

ଏଫିସୀୟ ୧:୪ ଈଶ୍ୱରୀୟ ଶାସ୍ତ୍ରୀୟର ଏହା ଏକ ମୁଖ୍ୟ ଚାବିକାଠି ଅଟେ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ନିଯୁକ୍ତି ପ୍ରାପ୍ତ ମନୁଷ୍ୟ ଅଟନ୍ତି । ଏବଂ ତାହାଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି । ପତନ ମାନବର ଆବଶ୍ୟକତା ନିମନ୍ତେ ଯୀଶୁ ଈଶ୍ୱରଙ୍କ ଚକ୍ଷୁ ଅଟନ୍ତି । ଏଫିସୀୟା ୧:୪ ବୁଝିବା ପାଇଁ ସାହାଯ୍ୟ କରିଥାଏ ପୂର୍ବ ନିର୍ଦ୍ଧାରିତର ଉଦ୍ଦେଶ୍ୟ ସ୍ୱର୍ଗ ନୁହେଁ ବରଂ ପିତ୍ରତା ଅଟେ (ଖ୍ରୀଷ୍ଟଙ୍କ ପରି) ଅଧକାଂଶ ସମୟରେ ସୁସମାଚାରରେ ଥିବା ଆଶୀର୍ବାଦ ପ୍ରତି ଆମେ ଅଧିକ ପ୍ରଲୋଭିତ ହୋଇଥାଉ ଏବଂ ନିଜର ଦାୟିତ୍ୱକୁ ଭୁଲି ଯାଇଥାଉ ଈଶ୍ୱରଙ୍କ ନିଯୁକ୍ତ ଅନନ୍ତକାଳ ପର୍ଯ୍ୟନ୍ତ ।

> ଅନ୍ୟ ସତ୍ୟର ସଂପର୍କ ଦେଇ ମତ ଆସିଥାଏ । ଏକୁଟିଆ ଅସଂପର୍କୀୟ ସତ୍ୟତା ଦ୍ୱାରା ନୁହେଁ । ଏକ ଉତ୍ତମ ଅନୁରୂପତା ନକ୍ଷତ୍ର ମଣ୍ଡଳ ସହିତ ଏକୁଟିଆ ନକ୍ଷତ୍ର ଅଟେ । ଈଶ୍ୱର ପୂର୍ବିୟ ଠାରରେ ସତ୍ୟକୁ ଦେଖାନ୍ତି । ପଶ୍ଚିମ ପୁସ୍ତକଠାରେ ନୁହେଁ । ଉଭୟ ବିପରୀତ ସତ୍ୟତାର ମତ ଦ୍ୱାରା ଦ୍ୱନ୍ଦ ଘୁଞ୍ଚି ଯାଏ ନାହିଁ । ଈଶବର ସେ ସର୍ବବ୍ୟାପୀଙ୍କ ସହିତ ଈଶ୍ୱରଙ୍କ ଅନ୍ତର ନିହିତ ଗୁଣ ଉଦାହର ସୁରକ୍ଷା ସହତ ଧିରଜ ଯୀଶୁ ଯେପରି ପିତାଙ୍କ ସହିତ ସମାନ ଅଟନ୍ତି । ଯୀଶୁ ମଧ୍ୟ ପିତାଙ୍କର ସହଭାଗି ଥଲେ । ଖ୍ରୀଷ୍ଟିଆନ୍ ସ୍ୱାଧୀନତା ସହିତ ଖ୍ରୀଷ୍ଟିଆନ୍ର ଦାୟୀତ୍ୱର ପ୍ରତିଜ୍ଞା

ଈଶ୍ୱର ଶାସ୍ତ୍ରୀୟର "ପ୍ରତିଜ୍ଞା"ର ଧାରଣା ଈଶ୍ୱରଙ୍କ ମହାନତାକୁ ଏକତ୍ର କରେ । ବ୍ୟାପତା ମୂଳକ ସହିତ ଆରମ୍ଭ କରେ ଏବଂ କ୍ରମାଗତ ଭାବରେ ସ୍ୱୀକାର କରେ । ମାନ ଜାତିଠାରୁ ବିଶ୍ୱାସ ଉତ୍ତର ମିଳିଥାଏ (ସି.ଏଫ୍. ମାର୍କ ୧:୧୫, ୩:୧୬, ୧୯, ୨୦:୨୧) ପୁସକ୍ର ଗୋଟିଏ ପକ୍ଷରେ ବିରଢ଼ଧ ପରି ଏବଂ ଅନ୍ୟ ପକ୍ଷକୁ ମୂଲ୍ୟ ହ୍ରାସ କରିବା ସମୟରେ ନିତାନ୍ତ ସାବଧାନ ରହିବା ଦରକାର ଅଟେ । ନିଜର ପସନ୍ଦ ମତକୁ ବିଶ୍ୱାସ କରିବା ବେଳେ ସାବଧାନ ରହିବା ଦରକାର ଅଟେ ।

■ **"ସେମାନଙ୍କୁ ଅନନ୍ତ ଜୀବନ ଦେବା ନିମନ୍ତେ"** ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଦାନ, ଅନନ୍ତ ଜୀବନ ପ୍ରାପ୍ତ ହୋଇଥାଏ (ସି.ଏଫ୍. ୫:୨୧,୨୬; ୬:୪୦, ୪୭, ୧୦:୨୮, ୧ମ ଯୋହନ ୨:୨୫, ୫:୧୧) ଏହାର ଅର୍ଥ ଈଶ୍ୱରଙ୍କ ଜୀବନ" ନୂତନ ଯୁଗର ଜୀବନ ପୁନରୁତ୍ଥାନ ଜୀବନ ଏହା ଯଥେଷ୍ଟ ନୁହେଁ । କିନ୍ତୁ ଯୋଗ୍ୟତା (ସି.ଏଫ୍. ୧୦:୧୦)

**୧୭:୩ "ଅନନ୍ତ ଜୀବନ ଅଟେ"** ଯୋହନଙ୍କ ଦ୍ୱାରା ଅନନ୍ତ ଜୀବନକୁ ବ୍ୟାଖ୍ୟା କରାଯାଇଛି । ଏହି ପଦରେ ଦୁଇଟି ସତ୍ୟତାକୁ ପ୍ରକାଶ କରିଥାଏ । ଏକେଶ୍ୱର ବାଦ (ଦ୍ୱି. ବିବରଣ ୬:୪୪) ୨ - ଯୀଶୁ ହେଉଛନ୍ତି, ଦାଉଦଙ୍କ ଦୈବିକ ମସିହ (ସି.ଏଫ୍. ୨ୟ ଶାମୁୟେଲ ୭) ଅନନ୍ତ ଜୀବନକୁ ଭବିଷ୍ୟ ପାଇଁ ଗଚ୍ଛିତ କରାଯାଇନାହିଁ । କିନ୍ତୁ ଏହା ଖ୍ରୀଷ୍ଟଙ୍କଠାରୁ ପ୍ରାପ୍ତ ହୁଏ ।

■ **"ସେଥିରେ ସେମାନେ ତୁମ୍ଭକୁ ଜାଣି ପାରିବେ"** ଏହା ବର୍ତ୍ତମାନର କ୍ରିୟାଶୀଳ ବାକ୍ୟ ଅଟେ । ଏହା କେବଳ ଈଶ୍ୱରଙ୍କ ଧରଣା ଶକ୍ତି ବିଷୟରେ ଦର୍ଶାଇ ନ ଥାଏ । ସତ୍ୟକୁ ପ୍ରକାଶ କରିଥାଏ । କିନ୍ତୁ ଏହି ବାକ୍ୟକୁ ବ୍ୟକ୍ତିଗତ ସଂପର୍କକୁ ବୁଝାଏ । ଯାହା ହେଉ ପଛେ ଯୀଶୁ ହେଉଛନ୍ତି ମସିହ । ସତ୍ୟ ଈଶ୍ୱରଙ୍କ ସମ୍ପୂର୍ଣ୍ଣ ପ୍ରକାଶ ମାନ (ସି.ଏଫ୍. ୧:୧୨, ୧୪, କଲସି ୧:୫, ଏବ୍ରି ୧:୩) ଗୋଟିଏ ବ୍ୟକ୍ତି ନିଶ୍ଚୟ ରୂପରେ, ବିଶ୍ୱାସ ପ୍ରାପ୍ତ, ଅନୁତାନ, ଆଜ୍ଞାକାରୀତା ଏବଂ ତାଙ୍କଠାରେ ରହିବା ଉଚିତ ଅଟେ ।

■ **'ଏକମାତ୍ର ସତ୍ୟ ଈଶ୍ୱର'** ପୁରାତନ ନିୟମରେ କେବଳ ଏକମାତ୍ର ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସକରୁଥିଲେ (ସି.ଏଫ୍. ଯାତ୍ରା ୮:୧୦, ୯:୧୪ ଦ୍ୱି. ବିବ. ୪:୩୫, ୩୯, ୬:୪, ୩୩:୨୬, ୧ମ ଶାମୁଏଲ ୨:୨, ୨ୟ ଶାମୁ ୭:୨୨, ୧ମ ରାଜାବଳି ୮:୨୩, ଯିଶା ୩୭:୨୦, ୪୪:୬,୮ ୪୫:୬-୭, ୧୪,୧୮, ୨୧, ୨୨, ୪୬:୯ ଯୋହନ ୫:୪୪, ୧ମ କରନ୍ଥୀ ୮:୪,୬, ୧ମ ତିମଥି ୧:୧୭, ୨:୫, ଯିହୁଦା ପ. ୨୫) ପୁରାତନ ନିୟମରେ ହିଁ ଈଶ୍ୱରଙ୍କ ବିଶେଷତ୍ୱ ଏବଂ ଏକ ଈଶ୍ୱରକୁ ସ୍ପଷ୍ଟ କରାଯାଇଛି । କିନ୍ତୁ ପାର୍ବୀୟ ପୁରାତନ ଜଗତର ମତ ଏହାର ବିରୁଦ୍ଧାଚରଣ କରିଥାଏ । ସେଠାରେ କେବଳ ଏକ ଈଶ୍ୱର ଅଛନ୍ତି, କିନ୍ତୁ ଅନ୍ୟ ଆତ୍ମୀୟ ଲୋକମାନେ ମଧ୍ୟ ରହିଛନ୍ତି (ସି.ଏଫ୍. ଯାତ୍ରା ୧୫:୧୧ ଦ୍ୱି. ବିବ. ୩:୨୪, ଗୀତ ୮୬:୮, ୮୯:୬)

ସେହିପରି ଅର୍ଥରେ ପୁରାତନ ନିୟମର କେତେକ ଅଂଶରେ ହିନୋଥେଇଜିମ୍ ପ୍ରତିଫଳିତ ହୋଇଛି (ବହୁ ଈଶ୍ୱର (ଏଲୋହିମ) କିନ୍ତୁ ଇସ୍ରାଲେ ନିମନ୍ତେ କେବଳ ଏକ ଈଶ୍ୱର), ମୋଶା ଅନ୍ୟ ଆତ୍ମାମାନଂକ ଉପସ୍ଥିତିକୁ ଜାଣୁଥିଲେ । ଦେଶ ଗୁଡିକର ପ୍ରତିମାସମୂହ ଯେ ବାସ୍ତବରେ ସତ୍ୟ ବୋଲି କହିବା ଏହାର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ସେହି ମନ୍ଦ ଆତ୍ମା ଶାରୀରିକ ପ୍ରତିମା ଗୁଡିକରେ ଲୁକ୍କାୟିତ ଥିଲା (ସେଏଫ୍ ପ୍ର·କରିଟ ୧୦:୧୯-୨୦)

ଅନ୍ୟ ବିଶେଷଣ ହେଉଛି 'ସତ' (ଆଲେଥିନସ୍) । ଏହି ପଦ ଏବଂ ଏହାର ସର୍ଜୀତ ପଦଗୁଡିକ (ଆଲେଥେସ୍) ଅନେକ ସମୟରେ ଯୋହନଂକ ଲେଖାଗୁଡିକରେ ବ୍ୟବହୃତ ହୋଇଛି, ଯଦିଓ ସେମାନଂକର ଅର୍ଥ ସବୁ ବୁଝିବା କଠିନ । ସେଗୁଡିକର ବହୁ ପ୍ରକାର ଅନ୍ତନିହତ ଅର୍ଥ ରହିଛି (ଭାଷା କ୍ଷେତ୍ରରେ) । ପୁରାତନ ନିୟମର ତୁଳନାତ୍ମକ ପୃଷ୍ଠଭୂମି ତାହା ହେବ ଯାହଦାକି ବିଶ୍ୱାସଯୋଗ୍ୟ, ବିଶ୍ୱସ୍ତ, ଅନୁରକ୍ତ (ଏମେଥ୍ ଠାରୁ) ଗ୍ରୀକ୍ ପୃଷ୍ଠଭୂମି ତାହା ହେବ ଯାହାକି ଅନାବରଣୀୟ, ସୂର୍ଣ୍ଣ ରୂପେ ସ୍ପଷ୍ଟ । କେତେକ ଅର୍ଥରେ ସତ୍ୟ ହେଉଛି ଗୋଟିଏ ମିଥ୍ୟାର ବିପରୀତ (ତିତ ୧:୨) । ଇନସ୍ ଶବ୍ଦ ଗୋଟିଏ ଗ୍ରୀକ୍ ପଦ (ଆଲେଥିନସ୍)ରେ ଶେଷ ହୋଇଥିବା ସୂଚାଏ ଯେ ତାହା ଠାରୁ କୌଣସି ବିଷୟ ଗଠିତ ହୋଇଛି । ସମ୍ଭବତଃ ନିମ୍ନଲିଖିତ ବ୍ୟବହାରିକ ପ୍ରଣାଳୀଗୁଡିକ ଏହି ଶବ୍ଦ ଗୁଡିକ ପାଇଁ ଗୋଟିଏ ସାର୍ବଜନୀନ ଅନୁମାନ ଦେଇ ପାରିବ ।

**ବିଶେଷ ଶୀର୍ଷ : "ସତ୍ୟ" (ପଦ) ଯୋହନଂକ ଲେଖା ସମୂହରେ**

୧· ପିତା ଈଶ୍ୱର

କ· ଈଶ୍ୱର ସତ୍ୟ/ବିଶ୍ୱାସଯୋଗ୍ୟ ଅଟନ୍ତି (ସିଏଫ୍·ଯୋହନ ୩:୩୩, ୭:୧୮, ୨୮ଟ ୮:୨୬, ୧୭:୩, ରୋମି ୩:୪, ପ୍ର· ଥେସ୍ ୧:୯, ପ୍ର·ଯୋହନ ୫:୨୦, ପ୍ରକା· ୬:୧୦)

ଖ· ଈଶ୍ୱରଂକ ପଥ ସମୂହ ସତ୍ୟ (ସିଏଫ୍ ପ୍ରକା ୧୫:୩)

ଚ· ଏହିସବୁ ଭିନ୍ନ ତାଲିକା ଗୁଡିକରେ ବିଭିନ୍ନ ନାରୀମାନଂକ ମଧ୍ୟରେ ଥିବା ସଠିକ୍ ସର୍କ ଅନିଷ୍ଚିତ ଅଟେ । ସ୍ପଷ୍ଟଭାବେ ମଗଦଲୀନୀ ମରିୟମଂକର ଏଠାରେ ଉତ୍କୃଷ୍ଟ ଭୂମିକା ରହିଛି । ଯୀଶୁଂକ ଜୀବନୀ ଏବଂ କାର୍ଯ୍ୟର "ନାରୀ" ଉପରେ ଗୋଟିଏ ଉତ୍ତମ ସଂକ୍ଷିପ୍ତ ଲେଖା ଡିକ୍ସନାରୀ ଅଫ୍ ଜିସେସ୍ ଏଣ୍ ଦି ଗସ୍ପେଲସ ଆଭିପି ପ୍ରକାଶନ ଦ୍ୱାରା ପୃ: ୮୮୦-୮୮୬ ରେ ରହିଛି ।

**୧୯:୨୬ "ଶିଷ୍ୟ ଯାହାଂକୁ ସେ ପ୍ରେମ କଲେ"** ଯେହେତୁ ଯୋହନ ଏହି ସୁସମାଗ୍ରରରେ ତାହାଂକ ନାମ ଦ୍ୱାରା ଉଲ୍ଲିଖିତ ହୋଇନାହାନ୍ତି, ଅନେକେ ଗ୍ରହଣ କରନ୍ତି ଏହା ତାଂକର ନିଜକ୍ତ ପରିଚିତ କରାଇବା ମାର୍ଗ (ସିଫେ ୧୩:୨୩, ୧୯:୨୬, ୨୧:୭,୨୦) । ଏହି ପ୍ରତ୍ୟେକ ରେ ସେ ପଦ ଆଗାପେ, ବ୍ୟବହାର କରନ୍ତୁ, କିନ୍ତୁ ୨୦:୨ ପଦରେ ସେ ସେହି ସମାନ ପଦ ଫିଲିଓ ସହିତ ବ୍ୟବହାର କରନ୍ତି । ଏହି ପଦ ଗୁଡିକ ଯୋହନରେ ଏକାଥର୍ବୋଧକ, ୩:୩୫ ଥହଳନା କରନ୍ତୁ, ଆରାପେ ଓ ୫:୨୦, ଫିଲିଓ, ଯେଉଁଠାରେ ସେମାନେ ଉଭୟ ପୁତ୍ରଂକ ନିମନ୍ତେ ପିତାଂକ ସ୍ନେହ ଦର୍ଶାଉଛନ୍ତି ।

**୧୯:୨୭ ସେହି ସମୟରୁ, ସେହି ଶିଷ୍ୟ ତାଂକୁ ଆପଣା ଗୃହକୁ ଘେନି ଗଲେ"** ଏହାର ଅନିର୍ବାର୍ଯ୍ୟ ଅର୍ଥ ନୁହେଁ ଯେ ଯୋହନ ସେହିକ୍ଷଣି ମରିୟମଂକୁ ତାଂକ ଗୃହକୁ ନେଲେ, ଯଦିଓ ସତ୍ୟ ଦ୍ଵାରା ଏହା ଦର୍ଶାଯାଇ ପାରେ ଯେ ମାଥି ୨୭:୫୬ ଓ ମାର୍କ ୧୫:୪୦ ରେ ଅନ୍ୟ ନାରୀମାନଂକ ସହିତ ସେ ତାଲିକାଭୁକ୍ତ ହୋଇନାହାନ୍ତି । ଐତିହ ପରରା କୁହେ ଯେ ତାଂକର ମୃତ୍ୟୁ ପର୍ଯ୍ୟନ୍ତ ଯୋହନ ମରିୟମଂକର ଯତ୍ନ ନେଲେ ଏବଂ ତାହାପରେ ସେ ଏସିଆ ମାଇନର (ସ୍ଵତନ୍ତ୍ର ଭାବେ ଏଫିସିୟ) ଆଡେ ଗତି କଲେ ଯେଉଁଠାରେ ସେ ଲମ୍ବା ଓ ସଫଳିକୃତ କାର୍ଯ୍ୟ କଲେ । ଏହା ହେଉଛି

ଏଫିସିୟ ପ୍ରାଚୀନ ମାନଂକ ଅନୁରୋଧରେ ଯେ ଯୋହନ, ଜଣେ ବୃଦ୍ଧ ବ୍ୟକ୍ତି ଭାବେ, ତାହାଂକ ସ୍ମୃତି ସମୂହ ଦ୍ଵାରା ଯୀଶୁଂକ ଜୀବନୀ ଲେଖିଲେ (ଏହା ହେଉଛି, ଯୋହନଂକ ସୁସମାଗୃର) ।

> ଏନ୍ ଏ ଏସ୍ ୀ (ଆଧୁନିକରଣ) ଶାସ୍ତ୍ରାଂଶ : ୧୯:୨୮-୩୦
>
> ଏହାପରେ, ଯୀଶୁ, ଧର୍ମଶାସ୍ତ୍ରର ବାକ୍ୟ ସଫଳ କରିବା ପାଇଁ, ସମସ୍ତ ବିଷୟ ଏବେ ସମାପ୍ତ ହୋଇଅଛି ବୋଲି ଜାଣି, କହିଲେ, "ମୋତେ ତୃଷା ଲାଗୁଅଛି ।" ୨୯ସେଠାରେ ଅମ୍ଳର ସଂପୂର୍ଣ୍ଣ ଗୋଟିଏ ପାତ୍ର ଥିଲା, ତେଣୁ ସୋମନେ ଅମ୍ଳରସ ପରିପୂର୍ଣ୍ଣ ଗୋଟିଏ ସ୍ପଞ୍ଜ ଖଣ୍ଡିଏ ଏଜୋପନଳରେ ଲଗାଇ ତାହାଂକ ମୁଖ ପାଖକୁ ଦେଲେ । ୩୦ସେଥିରେ ଯୀଶୁ ସେହି ଅମ୍ଳରସ ପାନ କରି, କହିଲେ, "ସମାପ୍ତ ହେଲା ।" ଆଉ ସେ ମସ୍ତକ ଅବନତ କରି ପ୍ରାଣତ୍ୟାଗ କଲେ ।

**୧୯:୨୮ "ଯୀଶୁ ଧର୍ମଶାସ୍ତ୍ରର ବାକ୍ୟ ସଫଳ କରିବା ନିମନ୍ତେ, ସମସ୍ତ ବିଷୟ ଏବେ ସମାପ୍ତ ହୋଇଅଛି ବୋଲି ଜାଣି, କହିଲେ, "ମୋତେ ତୃଷା ଲାଗୁଅଛି"** ଏହି ଲିଖିତ ବାକ୍ୟ "ମୋତେ ତୃଷା ଲାଗୁଅଛି" ବାକ୍ୟାଂଶକୁ ଅବା "ସମସ୍ତ ବିଷୟ ଏବେ ସମାପ୍ତ ହୋଇଅଛି" ବାକ୍ୟାଂଶକୁ ବୁଝାଏ । ଏହାର ଶବ୍ଦ ବିନ୍ୟାସ ସନ୍ଦେହଜନକ । ଏହା ଐତିହ୍ୟ ପ୍ରଥା ମାର୍ଗରେ ନିଆଯାଇଅଛି, ତାପରେ "ମୋତେ ତୃଷା ଲାଗୁଅଛି" ଗୀତ ୬୯:୨୧ର ଏକ ନିର୍ଦ୍ଦେଶ ଅଟେ ।

**୧୯:୨୯ "ସେଠାରେ ଅମ୍ଳରସ ପରିପୂର୍ଣ୍ଣ ଗୋଟିଏ ପାତ୍ର ଥିଲା"** ଏହା ଏକ ଶସ୍ତା ଦାକ୍ଷାରସ, ଅମ୍ଳଦ୍ରାକ୍ଷାରସ ଥିଲା । ଏହା ଉଭୟ ସୈନ୍ୟମାନଂକ ଆଉ କୃର୍ଶାର୍ପିତ ଲୋକମାନଂକ ନିମନ୍ତେ ହୋଇଥାଇପାରେ । କୃଶାର୍ପଣ କାର୍ଯ୍ୟକୁ ଅଧିକ ସମୟ ପର୍ଯ୍ୟନ୍ତ ରଖିବା ନିମନ୍ତେ ସେମାନଂକୁ କମ୍ ମୂଲ୍ୟର ପାନୀୟ ପଦାର୍ଥ ଦିଆଯାଉଥିଲା ।

■ **"ଅମ୍ଳ ଦାକ୍ଷାରସ"** ଆୟରିକ ବାବେ ଏହା "ଅମ୍ଳ କରାଯାଇଥିବା ସେଓରସ" । ଏହା ଗରିବ ଲୋକମାନଂକର ପାନାୟ ତିଲା । ଲକ୍ଷ୍ୟ କରିବା ଯେ ଯୀଶୁ ସେହି ନିଶାଶକ୍ତ ଦାକ୍ଷାରସ ଗ୍ରହଣ କଲେ ନାହିଁ ଯାହା ଯିରୁଶାଲମର ନାରୀ ତାଂକୁ ଅର୍ପଣ କରିଥିଲା (ସିଫେ· ମାର୍କ ୧୫:୨୩, ମାଥି ୨୭:୩୪) । ସମ୍ଭବତଃ ସେ ଏହି ପାନୀୟ ଗ୍ରହଣ କରିବା କାରଣ ଗୀତ ୨୨:୧୫ କୁ ସଫଳ କରିବା ଥିଲା । ସେ କହିବା ନିମନ୍ତେ ପାଟି ଶୁଷ୍କ ହୋଇଥିଲା, ଆଉ ତାଂକୁ ଅଧିକ ଗୋଟିଏ ବିଷୟ କହିବାକୁ ଥିଲା ।'

■ "ସ୍ପଞ୍ଜର ଗୋଟିଏ ଏଜୋପନଳପପ ଅନେକେ ଏହା ନିସ୍ତାର ପର୍ବ ଉତ୍ସବରେ ବ୍ୟବହାର ହେଉଥିବା ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଭିଦର ସାଂକେତିକ ବ୍ୟବହାର ଭାବେ ଦେଖନ୍ତି (ସିଏଫ·ଯାତ୍ରା ୧୨:୨) । ଅନ୍ୟମାନେ ବିଶ୍ଵାସ କରନ୍ତି ଯେ ସେଠାରେ ଏହି ପଦର ପୁରାତନ ଲେଖକ ଦ୍ଵାରା ଦୁର୍ନିତୀ ହୋଇଥାଇପାରେ ଏବଂ ପ୍ରକୃତରେ ଏହାର ଅର୍ଥ "ବର୍ଚ୍ଛା", "ହାଲହକା ବର୍ଚ୍ଛା", କିମ୍ବା ଅସ୍ତ୍ର ଭାବେ ବ୍ୟବହୃତ "ବାଡିପପ ଥିଲା (ସିଫେ· ଏନ୍ ଇ ବି କିନ୍ତୁ ଆର୍ ଇ ବି ଏଜୋପନଳକୁ ଫେରିଆସେ) । ମାଥିଉ ୨୭:୪୮ ଓ ମାର୍କ ୧୫:୩୬ ରେ "ନଳ" ବ୍ୟବହୃତ ।

ଏଠାରେ ଅନେକେ ଲେଖା ପରିବର୍ତ୍ତନ ଦେଖିବାର କାରଣ ହେଉଛି ଏଜୋପ ଉଦ୍ଭିଦର ଅଧିକ ଲମ୍ବା କାଣ୍ଡ ନ ଥିଲା (କେବଳ ୨ ରୁ ୪ ଫୁଟ), କିନ୍ତୁ ଏହା ନିଶ୍ଚିତ ମନେ ରହିବା ଉଚିତ ଯେ କୃଶ ଗୁଡିକ ଭୂମି ପୃଷ୍ଠରୁ ଅଧିକ ଉଚ୍ଚକୁ ଉଠାଯାଉନଥିଲା । ଆମ୍ଭ ମାନଂକର ଉଚ୍ଚ କୃଶରେ ପାରାରିକ ଚିତ୍ରପଟ ଆମ୍ଭମାନଂକର ଭୁଲ ବୁଝାମଣା ହୋଇପାରେ ୩:୧୪ । ଯୀଶୁଂକର ପାଦ ଭୂମି ଠାରୁ ଗୋଟିଏ କିମ୍ବା ଦୁଇ ଫୁଟ ଭିତରେ ରହିଥାଇପାରେ । ୧୯:୩୦ "ସମାପ୍ତ ହେଲା" । ଏହା ଏକ ସୂର୍ଣ୍ଣ ବକ୍ତବ୍ୟ ସୂଚକ କର୍ମବାଚ୍ୟ ଅଟେ । ସମାନ୍ତର ସମାଗୃର ଗୁଡିକ ଟାରୁ ଆମ୍ଭେମାନେ ଶିଖିଲୁ ଯେ ସେ ଉଚ୍ଚ ସ୍ଵରରେ ଶବ୍ଦ କରି ଏହି କହିଲେ (ସିଏଫ୍·ମାର୍କ ୧୫:୩୭, ଲୂକ ୨୩:୪୬, ମାଥି ୨୭:୫୦) । ଏହା ଉଦ୍ଧାର କରିବାର କାର୍ଯ୍ୟ ସମାପ୍ତ ହୋଇଥିବା ଦର୍ଶାଏ । ଦେହି ପଦ (ଟେଲସ୍)ର ଗଠନ ମିସରୀୟ ପାଣ୍ଡୁଲିପି ଗୁଡିକ (ମୋଲ୍ଟନ ଓ ମିଲିଗାନ) ରେ "ପୂର୍ଣ୍ଣ ରୂପେ ପ୍ରାପ୍ତି" ପାଇଁ ଗୋଟିଏ ବ୍ୟବସାୟିକ ରୁଢ୍ୟାକ୍ତି ଥିଲା ।

■ **"ସେ ମସ୍ତକ ଅବନତ କରି ପ୍ରାଣ ତ୍ୟାଗ କଲେ"** ବାକ୍ୟାଂଶ "ତାହାଂକ ମସ୍ତକ ଅବନତ କଲେ" "ଶୋଇବାକୁ ଯାଉଥିବା" ବାକ୍ୟାଂଶର ଆକ୍ଷରିକ ଅର୍ଥ ଥିଲା । ଯୀଶୁଂକ ମୃତ୍ୟୁ ତାହାଂକ ନିମନ୍ତେ ଏକ ଶାନ୍ତ ମୂହୁର୍ତ୍ତ ଥିଲା । ଅନୁମାନ ହୁଏ ଯେ ମୃତ୍ୟୁରେ ଜଣେ ବ୍ୟକ୍ତିର ଆତ୍ମିକ ରୂପ - ଶାରିରୀକ ରୂପ ଠାରୁ ଅଲଗା ହୋଇଥାଏ । ଏହା ବିଶ୍ଵାସୀମାନଂକ ନିମନ୍ତେ ମୃତ୍ୟୁ ପୁନରୁଥାନ ଦିନ ମଧ୍ୟରେ ଗୋଟିଏ ଶରୀରର ମୁକ୍ତି ଅବସ୍ଥା ଦାବି କରିଥିବା ଭଳି ଦେଖାଯାଏ (ସିଫେ·ଦ୍ଵି·କର·୫, ପ୍ରଥେସ ୪:୧୩-୧୮, ଦେଖନ୍ତୁ ଉଇଲିୟମ ହେନଡ୍ରିକସନ, ଦି ବାଇବଲ ଅନ୍ ଦି ଲାଇଫ୍ ଆଫ୍ଟର) ।

ମାର୍କ ୧୫:୩୭ ଓ ଲୂକ ୨୩:୪୬ ସୁସମାଗ୍ରରରେ "ସେ ତାହାଂକ ଶେଷ ନିଶ୍ୱାସ ତ୍ୟାଗ କଲେ" ସମାନ୍ତର ରହିଛି । "ଆତ୍ମା" ଓ "ନିଶ୍ୱାସ ଛାଡିବା" ଶବ୍ଦର ଏବ୍ରୀ ଶବ୍ଦସମାନ ଅଟନ୍ତି । ତାହାଂକ ଶେଷ ନିଶ୍ୱାସ ତ୍ୟାଗ ତାହାଂକ ଆତ୍ମା ଶରୀର ତ୍ୟାଗ କରୁଥିବା ଭାବେ ମତ ଦିଆହୋଇଛି । (ସିଫେ·ଆଦି· ୨:୭)

**ଏନ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ ୧୯:୩୧-୩୭**

**୩୧ସେହିଦିନ ଆୟୋଜନ ଦିନ ଥିବାର, ଶରୀର ଗୁଡାକ ଯେପରି ବିଶ୍ରାମ ବାରରେ କ୍ରୁଶ ଉପରେ ନ ରହେ (କାରଣ ସେହି ବିଶ୍ରାମବାର ମହାଦିନ ଥିଲା), ସେଥିପାଇଁ, ସୋମନଂକ ଗୋଡ ଭଂଗାଯାଉ ଓ ସେମାନେ ଅନ୍ୟ ସ୍ଥାନକୁ ନିଆଯାଆନ୍ତୁ ବୋଲି ଯିହୁଦୀମାନେ ପିଲାତଂକୁ ଅନୁରୋଧ କଲେ । ୩୨ଅତଏବ ସୈନ୍ୟ ମାନେ ଆସି, ପ୍ରଥମ ଜଣକର ଗୋଡ ଓ ତାହା ସହିତ ଯେଉଁଜଣକ କ୍ରୁଶରେ ଚଢାଯାଇଥିଲା, ତାହାର ଗୋଡ ମଧ୍ୟ ଭାଂଗି ଦେଲେ । ୩୩ମାତ୍ର ସୋମନେ ଯୀଶୁଂକ ନିକଟକୁ ଆସି, ସେ ମରିଗଲେଣି ବୋଲି ଦେଖି, ତାହାଂକ ଗୋଡ ଭାଂଗିଲେ ନାହିଁ । ୩୪କିନ୍ତୁ ସୈନ୍ୟମାନଂକ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଂକ କକ୍ଷ ଦେଶ ବିନ୍ଧିଲା, ଆଉ ତତ୍କ୍ଷଣାତ୍ ରକ୍ତ ଓ ଜଳ ବାହାର ହେଲ । ୩୫ଯେ ଦେଖିଅଛି, ସେ ସାକ୍ଷ୍ୟ ଦେଇଅଛି, ଯେପରି ତୁମ୍ଭେମାନେ ମଧ୍ୟ ବିଶ୍ୱାସ କର, ପୁଣି, ତାହାର ସାକ୍ଷ୍ୟ ସତ୍ୟ, ଆଉ ସେ ଯେ ସତ୍ୟ କହୁଅଛି ଏହା ସେ ଜାଣନ୍ତି । ୩୬କାରଣ ଧର୍ମଶାସ୍ତ୍ରର ଦେହି ବାକ୍ୟ ସଫଳ ହେବା ନିମନ୍ତେ ଏ ସମସ୍ତ ବିଷୟ ଘଟିଲା, "ତାହାଂକର ଖଣ୍ଡେ ଅସ୍ଥି ଭଗ୍ନ ହେବ ନାହିଁ ।" ୩୭ପୁନର୍ବାର ଧର୍ମଶାସ୍ତ୍ରର ଆଉ ଗୋଟିଏ ବାକ୍ୟ କହେ, "ସେମାନେ ଯାହାକୁ ବିନ୍ଧ କଲେ ତାହାଂକ ପ୍ରତି ଦୃଷ୍ଟିପାତ କରିବେ ।"**

**୧୯:୩୧ "ଶରୀର ଗୁଡାକ ଯେପରି ବିଶ୍ରାମ ବାରରେ କ୍ରୁଶ ଉପରେ ନ ରହେ"** ଯିହୁଦୀମାନେ ମୃତ ଶରୀର ଗୁଡିକ ବିଧିମତେ ଭୂମିକୁ ଅପବିତ୍ର କରୁଥିବା ସମ୍ବନ୍ଧରେ ଅଧିକ ଚିନ୍ତିତ ଥିଲେ (ସିଏଫ୍·ଦି·ଦିବ ୨୧:୨୩), ସ୍ୱତନ୍ତ୍ର ବାବେ ନିସ୍ତାର ପର୍ବର ମହା ପବିତ୍ର ବିଶ୍ରାମଗାରରେ ।

- **"(କାରଣ ସେହି ବିଶ୍ରାମବାର ମହାଦିନ ଥିଲା)"** ଏହା ଦୁଇ ପ୍ରକାର ଭାବରେ ଅନୁବାଦ ହୋଇ ଆସୁଛି ।

୧· ଏହି ନିର୍ଦ୍ଧିଷ୍ଟ ବର୍ଷରେ ନିସ୍ତାର ପର୍ବର ଭୋଜ ଓ ବିଶ୍ରାମ ବାର ଏକା ସମୟରେ ଘଟୁଥିଲା (ଯିହୁଦୀମାନେ ଚନ୍ଦ୍ର ସମ୍ବନ୍ଧୀୟ କ୍ୟାଲେଣ୍ଡର ବ୍ୟବହାର କରୁଥିଲେ)

୨· ଖମୀର ଶୂନ୍ୟ ରୋଟୀର ପର୍ବ ଏହି ବର୍ଷରେ ବିଶ୍ରାମବାର ସହିତ ଏକା ସମୟରେ ଘଟୁଥିଲା ।

ନିସ୍ତାର ପର୍ବ ଓ ଖମୀର ଶୂନ୍ୟ ରୋଟୀ ର ପର୍ବରେ (ସିଏଫ·ଯାତ୍ରା ପୁସ୍ତକ ୧୨) ଆଠ ଦିନ ଉତ୍ସବ ହେଉଥିଲା ।

- **"ସେମାନଂକର ଗୋଡ ଗୁଡାକ ଯେପରି ଭଂଗା ହୁଏ, ଆଉ ଯେପରି ସେମାନେ ଅନ୍ୟ ସ୍ଥାନକୁ ନିଆଯାଆନ୍ତି"** ପ୍ରତୀୟମାନ ଭାବେ ଏହି ପରିସ୍ଥିତି ପୂର୍ବରହୁ ଘଟିଥିଲା । କ୍ରୁଶାର୍ପିତ ବ୍ୟକ୍ତିମାନଂକର ଗୋଡ ଗୁଡିକ ଭାଂଗିବା ନିମନ୍ତେ କାଠର ବୃହତ୍ ହାତୁଡି ବ୍ୟବହାର କରାଯାଉଥିଲା । ସାଧାରଣତଃ କ୍ରୁଶ ବିନ୍ଧକରଣରେ ମୃତ୍ୟୁର କାରଣ ହେଉଥିଲା ଶ୍ୱାସରୋଧ ପ୍ରକ୍ରିୟା । ପ୍ରାୟ ତତ୍କ୍ଷଣାତ୍ ଗୋଡ ଗୁଡିକ ଭାଂଗିଦେବା କାରଣ ଏହା ଯେପରି ସେହି ବ୍ୟକ୍ତି ତାହାର ଗୋଡ ଗୁଡିକ ଉପରୁ ଠେଲି ଦେଇ ନିଶ୍ୱାସ ନେଇ ନ ପାରିବ ।

**୧୯:୩୩ "ସେମାନେ ଦେଖିଲେ ଯେ ସେ ମରିଗଲେଣି, ସେମାନେ ତାହାଂକ ଗୋଡ ଭାଂଗିଲେ ନାହିଁ"** ଏହା ମଧ୍ୟ ପୂର୍ବରୁ ଲିଖିତ ଯାତ୍ରା ୧୨:୪୬, ଗଣ ୯:୧୨ ଓ ଗୀତ ୩୪:୨୦ ର ଭବିଷ୍ୟବାଣୀର ସଫଳତା ହୋଇପାରେ ।

**୧୯:୩୪ "ସୈନ୍ୟମାନଂକ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଂକ କକ୍ଷ ଦେଶ ବିନ୍ଧିଲା ଆଉ ତତ୍କ୍ଷଣାତ୍ ରକ୍ତ ଓ ଯଳ ବାହାର ହେଲା"** ଏହା ଏକ ପ୍ରତ୍ୟକ୍ଷ ସାକ୍ଷୀ ଚିକିତ୍ସା ବିବରଣୀ ଦର୍ଶାଏ ଯେ ସେ ପ୍ରକୃତରେ ମରିଥିଲେ ଆଉ ତାହା ଦ୍ୱାରା ମସୀହ ଯୀଶୁଂକର ମାନବ ପ୍ରକୃତି ସତ୍ୟ ବୋଲି ପ୍ରକାଶ କରୁଛି । ଯୋହନଂକ ସୁସମାଗ୍ରର ଯେପରି ମଧ୍ୟ ପ୍ରଥମ ଯୋହନ, ବିଶେଷ ଆଧ୍ୟାତ୍ମିକ ଜ୍ଞାନର ବିକାଶ ଦିନ ମାନଂକରେ ଲିଖିତ ଯାହା ଯୀଶୁଂକ ଈଶ୍ୱରତ୍ୱକୁ ସତ୍ୟ ବୋଲି ଗ୍ରହଣ କରୁଥିଲା କିନ୍ତୁ ଯୀଶୁଂକ ମାନବ ପ୍ରକୃତିକୁ ଅସ୍ୱୀକାର କଲା ।

**୧୯:୩୫** ଏହି ପଦ ଯୋହନଂକ ଦ୍ୱାରା ଏକ ମନ୍ତବ୍ୟ ଅଟେ, ଯିଏ ସମସ୍ତ ଘଟଣାବଳୀ (୧) ରାତ୍ର ବିଗୃର ସମୂହ (୨) ରୋମିୟ ବିଗୃର ଓ (୩) କ୍ରୁଶବିନ୍ଧକରଣ ର ଏକମାତ୍ର ପ୍ରତ୍ୟକ୍ଷ ସାକ୍ଷୀ ଥିଲେ । ଯୀଶୁଂକ ମୃତ୍ୟୁ ଉପରେ ଏହି ମନ୍ତବ୍ୟ ୨୦:୩୦-୩୧ ସହ ସମାନ୍ତର ଅଟେ, ଯାହା ସୁସମାଚାର ଧର୍ମ ମତବାଦ ପ୍ରଗୃର ଉଦ୍ଦେଶ୍ୟକୁ ଦର୍ଶାଉଅଛି (ସିଫେ ୨୧:୨୪) । ବିଶେଷ ଶୀର୍ଷ ଦେଖନ୍ତୁ, ଯୀଶୁଂକ ସାକ୍ଷୀମାନେ ୧:୮ ।

ଶେଷ ଖଣ୍ଡବାକ୍ୟର କ୍ରିୟା ପଦରେ ସେଠାରେ ବିଭିନ୍ନ ପ୍ରକାର ଗୋଟିଏ ଗ୍ରୀକ ପାଣ୍ଡୁଲିପି ରହିଛି । କେତେକ ଅଂଶ ବର୍ତ୍ତମାନ କାଳରେ ରହିଛି ପୁଣି ଆଉ କେତେକ ଆଓରିଷ୍ଟ କାଳରେ ରହିଛି । ଯଦି ଏହା ପ୍ରକୃତରେ ଏକ ଆଓରିଷ୍ଟ ଥିଲା, ଏହା ଅବିଶ୍ୱାସୀମାନଂକୁ ଲକ୍ଷ୍ୟ କରୁଛି ଯେପରି ୨୦:୩୦-୩୧ କରୁଛି । ସେ ଯାହା ହେଉ, ଯଦି ଏହା ବର୍ତ୍ତମାନ ଏହା ଅଗ୍ରଗାମୀ ଓ ବିକାଶଶୀଳ ବିଶ୍ୱାସକୁ ଲକ୍ଷ୍ୟ କରୁଛି । ଯୋହନଂକ ସୁସମାଚାର ଉଭୟ ଗୋଷ୍ଠୀ ଗୁଡିକୁ ପରିଗୃହିତ କରୁଥିବା ଭଳି ଜଣାଯାଏ ।

■ **"ସତ୍ୟ........ ସତ୍ୟତା"** ବିଶେଷ ଶୀର୍ଷ ୬:୫୫ ଓ ୧୭:୩ ରେ ଦେଖନ୍ତୁ ।

**୧୯:୩୬** ଏହା ଯାତ୍ରା ୧୨:୪୬, ଗଣ ୯:୧୨, କିମ୍ବା ଗୀତ ୩୪:୨୦ ରେ ଥିବା ନିସ୍ତାର ପର୍ବର ମେଷଶାବକ ସହ ସମାନ ଅର୍ଥବୋଧକ ହୋଇପାରେ । ଏହା ନିର୍ଭର କରେ କେଉଁ ବାକ୍ୟାଂଶ ନିର୍ଦ୍ଦେଶିତ ହେଉଛି (୧) ବର୍ଚ୍ଛାରେ ଭୂଷିତ କିମ୍ବା (୨) ଭଂଗା ଗଲେ । ଯୀଶୁ ନିଜେ ଏହି ସବୁ ଧର୍ମ ଶାସ୍ତ୍ରର ବାକ୍ୟ ସବୁ ପୁରାତନ ମଣ୍ଡଳୀକୁ ଦେଖାଇଲେ ଯେତେବେଳେ ପୁନରୁଥାନ ପରେ ସେ ଚାଳିଶି ଦିନ ପର୍ଯ୍ୟନ୍ତ ଏହି ଜଗତରେ ରହିଥିଲେ (ସିଏଫ·ଲୂକ ୨୪·୨୭, ପ୍ରେରିତ ୧:୨-୩) । ପୁରାତନ ମଣ୍ଡଳୀର (ପ୍ରେରିତରେ) ଶିକ୍ଷା ଗୁଡିକ ପୁରାତନ ନିୟମର ଭବିଷ୍ୟବାଣୀ ଗୁଡିକର ଏହି ସଫଳତା ସମୂହ ପ୍ରତିଫଳିତ କରୁଛି ଯାହା ଯୀଶୁ ସେମାନଂକୁ ଦେଖାଇଥିଲେ । ୧୯:୩୭ ଦେହା ଯିଖ ୧୨:୧୦ ଠାରୁ ଉଦ୍ଧୃତ ହୋଇଛି ଯାହା ମହା ପ୍ରତିଜ୍ଞା ଗୁଡିକରୁ ଗୋଟିଏ ଅଟେ ତାହା ହେଉଛି:

୧· ଗୋଟିଏ ଦିନ ଇସ୍ରାଏଲ ଯୀଶୁ, ମସୀହଂକ ନିକଟକୁ, ବିଶ୍ୱାସରେ ଫେରିବ (ସିଏଫ·ପ୍ରକା ୧:୭)

୨· ଅନେକ ଯିହୁଦୀମାନେ ଯେଉଁମାନେ ବିଶ୍ୱାସ କରିସାରିଛନ୍ତି ସେଠାରେ ଯୀଶୁଂକ ମୃତ୍ୟୁ ଉପରେ ଦାରୁଣ ଦୁଃଖ କରୁଥିଲେ ।

୩· ଏହା ରୋମିୟ ସୈନ୍ୟମାନଂକୁ ଦର୍ଶାଉଛି (ସିଏଫ୍·ମାଥି·୨୭-୫୪) ବିଜାୟୀତ ଜାତିମାନଂକୁ (ସିଏଫ୍ ୧:୩୨) ଉପସ୍ଥାପନ କରିବା ଦ୍ୱାରା ।

ଏହା ଆଗ୍ରହ ପୂର୍ଣ୍ଣ ଯେ ଏହି ଉଦ୍ଧୃତାଂଶ ସୂର୍ଣ୍ଣଭାବେ ମାସରେଟିକ୍ ଏବ୍ରୀ ଶାସ୍ତ୍ରାଂଶ ଠାରୁ ସେ...... ନୁହେଁ ସାଧାରଣତଃ ସୁସମାଚାର ଲେଖକମାନଂକ ଦ୍ୱାରା ଯାହା ଉଦ୍ଧୃତ ହୋଇଛି । ସେପ୍ଟୁଆଜିଣ୍ଟ ରେ "ପରିହାସ କଲେ" କିନ୍ତୁ ମାସରେଟିକ୍ରେ "ବାର୍ଚ୍ଛାରେ ବିନ୍ଧାଗଲେ" ରହିଛି ।

ଏନ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ ୧୯:୩୮-୪୨

**ଏହି ସମସ୍ତ ଘଟଣା ପରେ ହାରାମାଥିୟାର ଯୋଷେଫ, ଯୀଶୁଂକର ଯଣେ ଶିଷ୍ୟ, କିନ୍ତୁ ଯିହୁଦୀମାନଂକ ଭୟରେ ଗୁପ୍ତ ଭାବରେ ଥିଲେ, ସେ ଯୀଶୁଂକ ଶରୀର ଘେନିଯିବା ନିମନ୍ତେ ପିଲାତଂକୁ ଅନୁରୋଧ କଲେ, ସେଥିରେ ପିଲାତ ଅନୁମତି ଦେଲେ । ତେଣୁ ସେ ଆସି ତାହାଂକ ଶରୀର ଘେନିଗଲେ । ୩୯ଯେଉଁ ନିକଦିମ, ପ୍ରଥମେ ରାତ୍ରିକାଳରେ ତାହାଂକ ନିକଟକୁ ଆସିଥିଲେ, ସେ ମଧ୍ୟ ପ୍ରାୟ ପଚ୍ଚିଶ ସେ ଗନ୍ଧରସ ମିଶ୍ରିତ ଅଂଗୁରୁ ଘେନି ଆସିଲେ । ୪୦ସେମାନେ ଯୀଶୁଂକ ଶରୀର ଘେନି ଯିହୁଦୀମାନଂକର ସମାଧି ଦେବା ରୀତି ଅନୁସାରେ, ତାହା ସୁଗନ୍ଧି ଦ୍ରବ୍ୟ ସହିତ ସୂକ୍ଷ୍ମ ବସ୍ତ୍ରରେ ଗୁଡାଇଦେଲ । ୪୧ସେ ଯେଉଁ ସ୍ଥାନରେ କ୍ରୁଶରେ ଚଢାଯାଇଥିଲେ ସେ ସ୍ଥାନରେ ଗୋଟିଏ ଉଦ୍ୟାନ ଥିଲା, ଆଉ ସେହି ଉଦ୍ୟାନରେ ଗୋଟିଏ ନୂତନ ସମାଧି ଥିଲା । ଯେଉଁଥିରେ କେହି କେତେ ରଖାଯାଉନଥିଲା । ୪୨ଅତଏବ, ଯିହୁଦୀମାନଂକର ଆୟୋଜନ ଦିନ ହେତୁ, ସେମନେ ଯୀଶୁଂକୁ ସେହି ସ୍ଥାନରେ ରଖିଦେଲେ, ଯେହେତୁ ସେହି ସମାଧି ନିକଟରେ ଥିଲା ।**

**୧୯:୩୮-୩୯ "ଯୋଷେଫ .......... ନିକଦିମ"** ଏହି ଦୁଇଜଣ ଯିରୁଶାଲମ ଉଚ୍ଚ ନ୍ୟାୟାଳୟର ଧନବାନ, ପ୍ରଭାବଶାଳୀ ସଭ୍ୟ ଯୀଶୁଂକର ଗୁପ୍ତ ଶିଷ୍ୟମାନେ ଥିଲେ ଯେଉଁମାନେ ଏପରି ସଂକଟ ଓ ବିପଦ ପୂର୍ଣ୍ଣ ସମୟରେ ଜନସାଧାରଣ ସମ୍ମୁଖରେ ଗଲେ ।

**୧୯:୩୯ "ପ୍ରାୟ ପଚ୍ଚିଶ ସେର ଓଜନ ବିଶିଷ୍ଟ, ଗନ୍ଧରସ ମିଶ୍ରିତ ଅଗୁରୁ ଆଣିଲେ"** ପ୍ରଥମ ଶବାବ୍ଦୀ ଯିହୁଦୀ ଲୋକମାନଂକର ଏହା ଥିଲା ପରରାଗତ ଶବରେ ଲଗାଇବା ସୁଗନ୍ଧିତ ଦ୍ରବ୍ୟ । ପରିମାଣ କିଛି ମାତ୍ରାରେ ଅତ୍ୟଧିକ, ଅନେକେ ଏହାକୁ ଯୀଶୁ ଜଣେ ରାଜା ଭାବେ ସମାଧିସ୍ଥ ହେବାର ସଂକେତ ଭାବେ ଦେଖନ୍ତି (ସିଏଫ·ଦି·କର ୧୬:୧୪) । ଅଭିଷେକ ଉପରେ ବିଶେଷ ଶୀର୍ଷ ଦେଖନ୍ତୁ ୧୧:୨ ।

"ମିଶ୍ରଣ" ନିମନ୍ତେ ଗ୍ରୀକ ଶବ୍ଦ ହେଉଛି (ମିଗ୍ ମା), ଏମ୍ ଏସ୍ ଏସ ପି, ନେ, ଏ·ଡି·ଏଲ୍ ଆଉ ଅଧିକତମ ଗୀର୍ଜା ପରିଗୃଜକ ଓ ବ୍ୟକ୍ତିଗତ ବିବରଣୀ ଗୁଡିକରେ ଦେଖିବାକୁ ମିଳେ ଯାହା ଆଶ୍ଚର୍ଯ୍ୟଜନକ ବାବେ "ପୁଟୁଳି" (ଏଲିଗ୍ ମା) କୁ ଏମ୍·ଏସ୍·ଏନ୍·ଏନ୍·ବି ।ଡବଲ୍ୟୁ ଓ କେତେକ ମିସରିୟ ଗୀର୍ଜାର ବ୍ୟକ୍ତିଗତ ବିବରଣୀ ଗହଡିକରେ ପରିବର୍ତ୍ତିତ । ୟୁ ବି ଏସ୍ 'ମିଶ୍ରଣ'କୁ ଗୋଟିଏ 'ବ' ଶ୍ରେଣୀ (ପ୍ରାୟ ନିଶ୍ଚିତ) ପ୍ରଦାନ କରେ ।

**ବିଶେଷ ଶୀଷ : ଶବ ସତ୍କାର ସୁଗନ୍ଧି ଦ୍ରବ୍ୟ**

କ· ଗନ୍ଧରସ, ଆରବୀୟ ଗଛ ଗୁଡିକରୁ ଗୋଟିଏ ସୁଗନ୍ଧଯୁକ୍ତ ଅଠାଳିଅ ପଦାର୍ଥ

୧· ପୁରାତନ ନିୟମରେ ଏହି ସୁଗନ୍ଧିଦ୍ରବ୍ୟ ବିଷୟରେ ବାର ଥର, ଅଧିକତମ ଭାବେ ବିଜ୍ଞ କିତାରେ ଅତରଭାବେ ଉଲ୍ଲେଖ କରାଯାଇଛି ।

୨· ପଣ୍ଡିତ ମାନଂକ ଦ୍ୱାରା ଶିଶୁ ଯୀଶୁଂକ ନିକଟକୁ ଅଣାଯାଇଥିବା ଭେଟି ଗୁଡକ ମଧ୍ୟରୁ ଗୋଟିଏ ଥିଲା (ସିଫେ·ମାଥି ୨:୧୧)

୩· ଏହାର ପ୍ରତୀକ ବାଦ ଭେଦଜନକ ଅଟେ ।

କ· "ପବିତ୍ର ଅଭିଷେକ ତୈଳ" ରେ ବ୍ୟବହାର ହେଉଥିଲା (ଯାତ୍ରା ୩୦:୨୩-୨୫)

ଖ· ଜଣେ ରାଜାଂକ ନିମନ୍ତେ ଗୋଟିଏ ଭେଟି ଭାବରେ ବ୍ୟବହୃତ (ମାଥି ୨:୧୧)

ଗ· ଯୀଶୁଂକୁ ତାହାଂକୁ କବର ଦେବା ସମୟରେ ଅଭିଷେକ ନିମନ୍ତେ ବ୍ୟବହାର ହୋଇଥିଲା (ସିଏଫ·ଯୋହନ ୧୯:୩୯ ଓ ସାଂକେତିକ ଭାବେ ଯୋହନ ୧୧:୨) । ଏହା ତାଲମୁଦରେ ବର୍ଣ୍ଣିତ ଥିବା ଯିହୁଦୀୟ ରିତୀନିତୀ ଗୁଡିକ ଅନୁସାରେ ଥିଲା (ଏହା ହେଉଛି, ବେରାଖତ ୫୩)

ଖ· ଅଗୁରୁ, ସୁବାସ ପ୍ରକାର କାଠ

୧· ସୁବାସପୂର୍ଣ୍ଣ ଅତର ସହ ଜଡିତ (ସିଏଫ·ଗତ୨୪:୬, ଗୀତ ୪୫:୮, ହିତୋ ୭:୧୭, ପରମ ଗୀତ ୪:୧୪)

୨· ଏହା ଗନ୍ଧରସ ସହିତ ମିଶ୍ରିତ ହୋଇ, ମିସରିୟ ମାନଂକ ଦ୍ୱାରା ଶବ ସଂରକ୍ଷଣ ପ୍ରକ୍ରିୟାର ଏକ ଅଂଶ ଭାବେ ବ୍ୟବହାର ହେଉଥିଲା ।

୩· ନିକଦିମ ବହୁ ପରିମାଣରେ ଏହା ଯୀଶୁଂକୁ କବର ଦେବା ନିମନ୍ତେ ଆଣିଲେ ଆଉ ଏଥିରେ ତାହାଂକୁ ଅଭିଷିକ କଲେ (ସିଏଫ୍·ଯୋହନ ୧୯:୩୯) । ଏହା ତାଲମୁଦରେ ବର୍ଣ୍ଣିତ ଥିବା ଯିହୁଦୀୟ ରୀତିନୀତି ଅନୁସାରେ ହୋଇଥିଲା (ଏହା ହେଉଛି, ବେତ ସାଃ)

**୧୯:୪୦ "ସେଥିରେ ସେମାନେ ଯୀଶୁଂକ ଶରୀର ଘେନି ସୁଗନ୍ଧିଦ୍ରବ୍ୟ ସହିତ ସୁ ବସ୍ତ୍ରରେ ତାହା ଗୁଡାଇ ଦେଲେ"** ସୁଗନ୍ଧି ଦ୍ରବ୍ୟ ଗୁଡିକ ଦୁଇଟି ଉଦ୍ଦେଶ୍ୟ ନେଇ ବ୍ୟବହାର ହେଉଥିଲା ।

(୧) ଦୁର୍ଗନ୍ଧ କୁ ମାରିବା ପାଇଁ ଓ (୨) ଶବ ଗୁଡାଇବା କାର୍ଯ୍ୟ ଯେପରି ଠିକ୍ ଜାଗାରେ ଧରିପାରିବ ।

**୧୯:୪୧ "ସେ ଯେଉଁ ସ୍ଥାନରେ କ୍ରୁଶରେ ଚଢାଯାଇଥିଲେ ସେ ସ୍ଥାନରେ ଗୋଟିଏ ଉଦ୍ୟାନ ଥିଲା"** ଏହା ଅତି ଗୁରୁତ୍ୱପୂର୍ଣ୍ଣ ଯେ ଯାହା ସହିତ ଯୋଷେଫ ଆଉ ନିକ ଦିମ କାର୍ଯ୍ୟ କରିଥିଲେ ସେହି ତରବର ଅବସ୍ଥା ଆମ୍ଭେମାନେ ବୁଝିପାରୁ । ଯୀଶୁ ଅପରାହ୍ନ ୩·୦୦ ବେଳେ ମୃତ୍ୟୁବରଣ କଲେ ଆଉ ସନ୍ଧ୍ୟା ୬ ଭିତରେ କବର ପ୍ରାପ୍ତ ହେବା ନିଶ୍ଚିତ ଥିଲା, ଯାହା ଯିହୁଦୀୟ ନିସ୍ତାରପର୍ବ ବିଶ୍ରାମ ବାର ପ୍ରାରମ୍ଭ ସମୟଥିଲା ।

■ **"ଗୋଟିଏ ନୂତନ ସମାଧି ଯେଉଁଠାରେ କେହି କେବେ ରଖାଯାଇନଥିଲେ"** ଏହା ଗୋଟିଏ ସମାପ୍ତିସୂଚକ ବାରା ବାହୁଲ୍ୟ କ୍ରିୟା ବିଶେଷଣ କର୍ତ୍ତୃବାଚ୍ୟ ଅଟେ । ଆମ୍ଭେ ମାନେ ମାଥି ୨୭:୬ ଠାରୁ ଶିଖିଲୁ ଯେ ଏହା ଯୋଷେଫଂକର ନିଜ କବର ଥିଲା । ଏହା ଯିଶା ୫୩:୯ ର ସଫଳତା ଅଟେ ଯାହା ମାଥିଉ ୨୭:୫୭ ରେ ଉଦ୍ଧୃତ ।

**ପ୍ରଶ୍ନଗୁଡିକର ଆଲୋଚନା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଂକ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଂକର ଯେଉଁ ଆଲୋକ ଅଛି ଆମ୍ଭେ ମାନେ ସମସ୍ତେ ସେଥିରେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଂକ ନିକଟରେ ଛାଡିଦେବା ଉଚିତ୍ ନୁହେଁ ।

ଏହି ସମସ୍ତ ପ୍ରଶ୍ନ ଗୁଡିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକୁ ଏହି ପୁସ୍ତକ ମାଧ୍ୟମରେ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣଂକୁ ପ୍ରଦାନ କରାଯାଇଛି । ସେଗୁଡିକ ଅର୍ଥ ଚିନ୍ତା କରିବା ନିମନ୍ତେ ପ୍ରରୋଚକ ହୋଇପାରେ । ନିଷ୍ପତ୍ତିମୂଳକ ନୁହେଁ ।

୧· ସୈନ୍ୟମାନେ କାହିଁକି ଯୀଶୁଂକୁ ବେତ୍ରାଘାତ ଓ ପରିହାସ କଲେ?

୨· ପିଲାତଂକର ଯୀଶୁଂକୁ ମୁକ୍ତ କରି ଯିବାକୁ ଦେବା ଚେଷ୍ଟାର ପୁନରାବୃତ୍ତିର ମହତ୍ୱ କପଣ ଅଟେ?

୩·ପଦ ୧୫ରେ ଯିହୁଦୀୟ ଯାଜକଂକର ମନ୍ତବ୍ୟ ଅତି ବିସ୍ମୟକର କାହିଁକି?

୪·ସୁସମାଗୃର ଗୁଡିକ ମଧ୍ୟରେ କ୍ରୁଶ ବିଦ୍ଧକରଣର ବିବରଣୀ ସମୂହରେ ପ୍ରଭେଦ କାହିଁକି ରହିଛି?

୫·ଦ୍ୱିତୀୟ ବିବରଣୀ ୨୧:୨୩ ଯୀଶୁଂକ କ୍ରୁଶ ବିଦ୍ଧକରଣ ସହ କିପରି ସର୍କିତ?

## ଯୋହନ - ୨୦

### ଆଧୁନିକ ଅନୁବାଦର ବିଭାଜନ ଅଙ୍ଗ

| ୟୁ ବି ଏସ୍ | ଏନ କେ ଜେଭି | ଏନ୍ ଆର ଏସ୍ ଭି | ଟିଇଭି | ଏନଜେ କି |
|---|---|---|---|---|
| ଯୀଶୁଙ୍କ ପୁନରୁତ୍ଥାନ<br>୨୦:୧-୧୦ | ଶୂନ୍ୟ କବର<br>୨୦:୧-୧୦ | ପୁନରୁତ୍ଥାନ<br>୨୦:୧-୧୦ | ଶୂନ୍ୟ କବର<br>୧୦:୧-୧୦ | ଶୂନ୍ୟ କବର<br>୨୦:୧-୨<br>୨୦:୩-୧୦ |
| ମଗଦଲିନ୍ ମରିୟମଙ୍କୁ<br>ଯୀଶୁଙ୍କର ସାକ୍ଷାତ<br>୨୦:୧୧-୧୮ | ମଗଦଲିନ୍ ମରିୟମ<br>ଉତ୍ଥିତ ଯୀଶୁଙ୍କୁ ଦେଖିଲେ<br>୨୦:୧୧-୧୮ | ୨୦:୧୧-୧୩କ | ଯୀଶୁ ମଗଦଲିନ<br>ମରିୟମଙ୍କୁ ଦର୍ଶନ<br>ଦେଲେ<br>୨୦:୧୧-୧୩କ<br>୨୦:୧୪-୧୫କ<br>୨୦:୧୫ଖ<br>୨୦:୧୬କ<br>୨୦:୧୬ଖ<br>୨୦:୧୭<br>୨୦:୧୮ | ମଗଦଲିନ୍ ମରିୟମଙ୍କ<br>ସହିତ ସାକ୍ଷାତ କଲେ<br>୨୦:୧୧-୧୮ |
| ଯୀଶୁ ଶିଷ୍ୟମାନଙ୍କୁ<br>ସାକ୍ଷାତ କଲେ<br>୨୦:୧୯-୨୩ | ଶିଷ୍ୟମାନେ ପ୍ରେରିତ<br>ହେଲେ<br>୨୦:୧୯-୨୩ | ୨୦:୧୯-୨୩ | ଯୀଶୁ ଶିଷ୍ୟମାନଙ୍କୁ<br>ସାକ୍ଷାତ କଲେ<br>୨୦:୧୯-୨୩ | ଶିଷ୍ୟମାନଙ୍କୁ ଦର୍ଶନ<br>ଦେଲେ<br>୨୦:୧୯-୨୩ |
| ଯୀଶୁ ଏବଂ ଥୋମା<br>୨୦:୨୪-୨୯ | ଦେଖିବା ଏବଂ ବିଶ୍ୱାସ କରିବା<br>୨୦:୨୪-୨୯ | ୨୦:୨୪-୨୯ | ଯୀଶୁ ଏବଂ ଥୋମା<br>୨୦:୨୪-୨୫କ<br>୨୦:୨୫ଖ<br>୨୦:୨୬-୨୭<br>୨୦:୨୮<br>୨୦:୨୯ | ୨୦:୨୪-୨୯ |
| ପୁସ୍ତକର ଉଦ୍ଦେଶ୍ୟ<br>୨୦:୩୦-୩୧ | ଆମ୍ଭର ବିଶ୍ୱାସ ନିମନ୍ତେ<br>୨୦:୩୦-୩୧ | ୨୦:୩୦-୩୧ | ପୁସ୍ତକର ଉଦ୍ଦେଶ୍ୟ<br>୨୦:୩୦-୩୧ | ପ୍ରଥମ ପରିସମାପ୍ତି<br>୨୦:୩୦-୩୧ |

**ପଠନ ଚକ୍ର ତିନି (ଦେଖନ୍ତୁ ପୃ: ୫)**

ଅନୁଚ୍ଛେଦ ସ୍ତରରେ ପ୍ରଥମ ଲେଖକଂକ ଅଭିପ୍ରାୟ ଅନୁସରଣ କରିବା

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଂକ ନିଜ ତର୍ଜମା ନିମନ୍ତେ ଆପଣମାନେ ନିଜେ ଦାୟିତ୍ୱବାନ ଅଟନ୍ତି । ଆମ୍ଭ ମାନଂକ ଯେଉଁ ଆଲୋକ ଅଛି ଆମ୍ଭେମାନେ ସମସ୍ତେ ସେଥିରେ ଗମନ କରିବାକୁ ହେବ ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଂକ ନିକଟରେ ଛାଡିଦେବା ଉଚିତ୍ ନୁହେଁ ।

ନିରବଚ୍ଛିନ୍ନ ଭାବେ ଅଧ୍ୟାୟକ୍ତ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଂକ ବିଷୟଭାଗ ଗୁଡିକ ପାଂଚୋଟି ନୂତନ ତର୍ଜମା ସହିତ ମିଳାଅନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣାଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଂକର ଅଭିପ୍ରାୟ ଅନୁସରଣ କରିବାର ଗୃବି କାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧· ପ୍ରଥମ ଅନୁଚ୍ଛେଦ

୨· ଦ୍ୱିତୀୟ ଅନୁଚ୍ଛେଦ

୩· ତୃତୀୟ ଅନୁଚ୍ଛେଦ

ଇତ୍ୟାଦି

**ପଦ ୧ ଠାରୁ ୨୯ ପର୍ଯ୍ୟନ୍ତ ପଦ ଗୁଡିକର ପୂର୍ବାପର ଅନ୍ତଦୃଷ୍ଟିମାନ**

କ· ଅଧ୍ୟାୟ ୧୪-୧୭ ରେ ପ୍ରେରିତମାନଂକ ପ୍ରତି ଯୀଶୁ କରିଥିବା ପ୍ରତ୍ୟକ ପ୍ରତିଜ୍ଞା । ପ୍ରଥମ ପୁନରୁଥାନ ରବିବାର ସନ୍ଧ୍ୟାରେ ସଫଳିକୃତ ହୋଇଥିଲା ଲେଖା ୧୬:୨୦ ରେ ଦେଖନ୍ତୁ ।

ଖ· ସୁସମାଗୃର ବିବରଣୀ ସମୂହ ପୁନରୁଥାନର ପାରିପାର୍ଶ୍ୱିକ ଘଟଣାଗୁଡିକର ତଥ୍ୟରେ ପ୍ରଭେଦ ରହିଛି କାରଣ:-

୧· ସେମାନେ ପ୍ରତ୍ୟକ୍ଷ ସାକ୍ଷୀ ବିବରଣୀ ଗୁଡିକ

୨· ବିର୍ଷ ସମୂହ ବିତି ଗଲା

୩· ପ୍ରତ୍ୟକ ଗୋଟିଏ ମନୋନୀତ ଗୋଷ୍ଠୀଙ୍କ ଲକ୍ଷ୍ୟ କରି ଲେଖିଲେ ଏବଂ ଭିନ୍ନ ପ୍ରକାର ବିଷୟ ଗୁଡିକୁ ଗୁରୁତ୍ୱ ଦେଲେ (ସିଏଫ·ମାଥିଉ ୨୮, ମାର୍କ ୧୬, ଲୁକ ୨୪)

**ଶବ୍ଦ ଏବଂ ବାକ୍ୟାଂଶ ପଠନ**

ଏନ୍ ଏ ଏସ୍ ବି ( ଆଧୁନିକରଣ) ଶାସ୍ତ୍ରାଂଶ ୨୦:୧-୧୦

**୧ସପ୍ତାହର ପ୍ରଥମ ଦିନ ପ୍ରତ୍ୟୁଷରେ, ଅନ୍ଧକାର ଥାଉ ଥାଉ ମରଦଲୀନୀ ମରିୟମ ସମାଧି ନିକଟକୁ ଆସିଲେ, ଆଉ ସମାଧିର ପଥର ଘୁଂଚାଯାଇଥିବା ଦେଖିଲେ । ୨ତେଣୁ ସେ ଦୌଡି ଯାଇ ଶିମୋନ ପିତର ଓ ଯୀଶୁ ଯାହାଂକୁ ସ୍ନେହ କରୁଥିଲେ ସେହି ଅନ୍ୟ ଶିଷ୍ୟଂକ ନିକଟକୁ ଆସିଲେ ଆଉ ସେମାନଂକୁ କହିଲେ, "କେଉଁମାନେ ସମାଧିରୁ ପ୍ରଭୁଂକୁ ଘେନିଯାଉଛନ୍ତି, ପୁଣି ତାହାକୁ କେଉଁଠାରେ ରଖିଚଅଛନ୍ତି, ତାହା ଆମ୍ଭେମାନେ ଜାଣୁ ନାହୁଁ ସେଥିରେ ପିତର ଓ ସେହି ଅନ୍ୟ ଶିଷ୍ୟ ସମାଧି ନିକଟକୁ ଯିବା ପାଇଁ ବାହାରିଲେ । ୪ସୋମନେ ଦୁହେଁ ଏକା ସାଂଗେ ଦୌଡିବାକୁ ଲାଗିଲେ, ଆଉ ସେହି ଅନ୍ୟ ଶିଷ୍ୟ ପିତରଂକୁ ପଛରେ ପକାଇ ଆଗେ ସମାଧି ନିକଟରେ ପହଂଚିଲେ, ୫ପୁଣି ନଇଁପଡି ଭିତରକୁ ଗୃହିଁ, ସେ ସରୁଲୁଗା ସବୁ ପଡିଥିବା ଦେଖିଲେ, ତଥାପି ସେ ଭିତରେ ପ୍ରବେଶ କଲେ ନାହିଁ । ୬ପରେ ଶିମୋନ ପିତର ମଧ୍ୟ, ତାହାଂକ ପଛ ପଛ ଆସିଲେ, ଓ ସମାଧି ଭିତରେ ପ୍ରବେଶ କଲେ, ଓ ଦେଖିଲେ ଯେ ସରୁ ଲୁଗା ଗୁଡିକ ପଡିଅଛି, ୭ପୁଣି ତାହାଂକ ମୁଣ୍ଡରେ ଯେଉଁ ଗାମୁଛା ବନ୍ଧା ହୋଇଥିଲା, ତାହା ସରୁଗୁଗା ସହିତ ନଥିଲା, କିନ୍ତୁ ଅଲଗା ଗୋଟିଏ ସ୍ଥାନରେ ଗୁଡା ହୋଇ ରହିଛି । ୮ସେଥିରେ ଯେଉଁ ଅନ୍ୟ ଶିଷ୍ୟ ଆଗେ ସମାଧି ନିକଟକୁ ଆସିଥିଲେ, ସେ ମଧ୍ୟ ଭିତର ପ୍ରବେଶ କରି ଦେଖିଲେ ଓ ବିଶ୍ୱାସ କଲେ । ୯କାରଣ ମୃତ ମାନଂକ ମଦ୍ୟରୁ ତାହାଂକୁ ଯେ ଉତ୍ଥାନ କରିବାକୁ ହେବ, ଧର୍ମ ଶାସ୍ତ୍ରର ଏହି ବାକ୍ୟ ସେମାନେ ସେ ପର୍ଯ୍ୟନ୍ତ ବୁଝି ନଥିଲେ । ୧୦ପରେ ଶିଷମାନେ ପୁନର୍ବାର ସେମାନଂକ ଗୃହକୁ ଗୃଲିଗଲେ ।**

**୨୦:୧ "ସପ୍ତାହର ପ୍ରଥମ ଦିନରେ"** ଏହା ରବିବାର ଥିଲା, ନିସ୍ତାର ପର୍ବ ସପ୍ତାହର ମହାବିଶ୍ରାମବାର ର ପ୍ରତମ ପରବର୍ତ୍ତୀ ପ୍ରଥମ କାର୍ଯ୍ୟ ଦିବସ, ଯେବେ ମନ୍ଦିରରେ ପ୍ରଥମ ଫଳ ସବୁ ଉତ୍ସର୍ଗ କରାଯାଉଥିଲା । ମୃତମାନଂକ

ମଧ୍ୟରୁ ଯୀଶୁ ପ୍ରଥମ ଫଳ ଥିଲେ (ସିଏଫ·ପ୍ର·କର ୧୫:୨୩) । କ୍ରମାଗତ ତିନୋଟି ରବିବାର ରାତ୍ରିଗୁଡିକରେ ଯୀଶୀଂକର ଆର୍ବିଭାବ ହେବା ବିଶ୍ୱାସୀ ମାନଂକ ନିମନ୍ତେ ରବିବାର ଦିନ ଗୁଡିକରେ ଉପାସନା କରିବା ନିମନ୍ତେ ମଂଚ ସ୍ଥାପନ କଲା (ସିଏଫ·ପ·୧୯,୨୬ଟ ଲୁକ ୨୪:୩୬ ଠାରୁ ପ୍ରେରିତ ୨୦:୭, ପ୍ର·କର ୧୬:୨) ।

■ **"ମଗ୍ଦଲୀନୀ ମରିୟମ"** କେତେକ ନାରୀମାନଂକ ମଧ୍ୟରୁ ସେ ଜଣେ ଥିଲେ ଯେଉଁମାନେ ଯୀଶୁ ଆଉ ପ୍ରେରିତମାନଂକ ସଂଗେ ବୁଲୁଥିଲେ । ଗାଲିଲୀରେ ଯୀଶୁ ତାହାକୁ କେତେକ ମନ୍ଦ ଆତ୍ମାମାନଂକ ଠାରୁ ଉଦ୍ଧାର କରିଥିଲେ (ସିଏଫ·ମାର୍କ ୧୬:୯ ଓ ଲୁକ ୮:୨) । କୃଶ ବିଦ୍ଧକରଣ ସମୟରେ ସେ ଉପସ୍ଥିତ ଥିଲା । ୧୯:୨୫ ରେ ଲଖୋ ଦେଖନ୍ତୁ ।

ଯଦିଓ ଯୋହନଂକ ସୁସମାଗୃର ମରିୟମଂକ ପରିଦର୍ଶନର ଉଦ୍ଦେଶ୍ୟ ପ୍ରକାଶ କରୁନାହାନ୍ତି, ମାର୍କ ୧୬:୧ ଓ ଲୁକ ୨୩:୫୬ ଉଲ୍ଲେଖ କରେ ଯେ କେତେକ ନାରୀମାନେ (ସିଏଫ୍·ପ·୨) ଅତି ପ୍ରତୁଷ୍ୟରେ ସୁଗନ୍ଧି ଦ୍ରବ୍ୟ ସହିତ ଯୀଶୁଂକ ଶରୀର ପ୍ରଲେପ□ କରିବାକୁ ଆସିଥିଲେ । ପ୍ରତୀୟମାନ ଭାବେ ସେମାନେ ଯୋଷେଫ ଓ ନିକଦିମଂକ ପ୍ରଲେପ କରିଥିବା ବିଷୟ ଜାଣି ନଥିଲେ କିମ୍ବା ଏହା ପରିପୂରକ ବସ୍ତୁ ଆବଶ୍ୟକ କରେ ବୋଲି ଭାବିଲେ ।

■ **"ଅନ୍ଧକାର ଥାଉ ଥାଉ"** ପ୍ରତୀୟମାନ ଭାବେ ସେ ଆଉ ଅନ୍ୟମାନେ ଅନ୍ଧକାର ଥିବା ସମୟରେ ଗୃହ ତ୍ୟାଗ କରିଆସିଲେ, କିନ୍ତୁ ସୋମନେ ପହଂଚିବା ସମୟରେ ସକାଳ ହୋଇଯାଇଥିଲା (ସିଏଫ-ମାଥି ୨୮:୧), ମାର୍କ ୧୬:୨) ।

■ **"ସାମାଧିରୁ ଆଗରୁ ପଥର ଘୁଂଚାଯାଇଥିଲା"** ଆକ୍ଷରିକ ଭାବେ ଏହା ହେଉଛି "କାଢି ନିଆଯାଇଥିବା" (କ୍ରିୟା ସମାପ୍ତିସୂଚକ କ୍ରିୟା ବିଶେଷଣ କର୍ମବାଚ୍ୟ) ଏହାର ପଥର ଘରା ଠାରୁ ଅଟେ ୧ସିଏଫ୍-ମାଥି· ୨୮:୨) । ମନେ ରଖନ୍ତୁ ଯେ ପ୍ରତ୍ୟେକ୍ଷଦର୍ଶୀ ସାକ୍ଷୀ ମାନଂକୁ ସମାଧି ଭିତରେ ପ୍ରବେଶ କରିବା ପାଇଁ ପଥର ଘୁଂଚଯାଯାଇଥିଲା, ଯୀଶୁଂକୁ ବାହାର କରିବା ନିମନ୍ତେ ନୁହେଁ । ତାହାଂକ

ନୂତନ ପୁନରୁଥିତ ଶରୀର ତାହାଂକ ଜାଗତିକ ଶରୀର ଭାବେ କୌଣସି ଶାରିରୀକ ସୀମା ଗୁଡିକ ନଥିଲା । (ଏହା ହେଉଛି, ୨୦:୧୯ଙ ୨୬) ।

**୨୦:୨ "ସେଥିରେ ସେ ଦୌଡିଗଲେ"** ପ୍ରତୀୟମାନ ଯେ ଯୀଶୁ ସେଠାରେ ନଥିବା ବିଷୟ ଶିଷ୍ୟ ମାନଂକୁ କହିବା ପାଇଁ ସେ ଅତି ଶିଘ୍ର ସେହି ଶୂନ୍ୟ ସମାଧି ଛାଡିଥିଲେ (ସିଏଫ·ମାଥି· ୨୮:୫) ।

■ **"ଅନ୍ୟ ବିଷ୍ୟ ଯୀଶୁ ଯାହାଂକୁ ପ୍ରେମ କରୁଥିଲେ"** ପ୍ରେମ ପାଇଁ ଏହି ଗ୍ରୀକ୍ ଶବ୍ଦ ହେଉଛି ଫିଲିଓ ଯାହାର "ଭାତ୍ରା ସଦୃଶ ପ୍ରେମ" ର ଅନ୍ତର୍ନିହିତ ଅର୍ଥ ରହିଛି । ଯାହା ହେଲେ ମଧ୍ୟ କରନ୍ତି ଗ୍ରୀକରେ (ଖ୍ରୀ·ପୂ· ୩୦୦ ରହ ଖ୍ରୀଷ୍ଟାବ୍ଦ ୩୦୦) ଏହା ଆଗାପାଓ ସହିତ ସମାଅର୍ଥ ଭାବରେ ବ୍ୟବହାର ହୋଇ ଆସୁଥିଲା । ଉଲ୍ଲେଖ ହୋଇଥିବା ଶିଷ୍ୟ ଯୋହନ, ଏହି ସୁସମାଗୃରର ଲେଖକ ହୋଇଥିବା ଭାବେ ଦେଖାଯାଏ (ସିଏଫ·ପପ·୪-୮ ଓ ୧୩:୨୩) । ଏଠାରେ ସେ ପିତରଂକ ସହ ଜଡିତ ।

■ **"ସେମାନେ ପ୍ରଭୁଂକୁ ଘେନି ଯାଇଅଛନ୍ତି"** ଏହା ଏକ ଆଓରିଷ୍ଟ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ (ଏହା ହେଉଛି, ପୂର୍ଣ୍ଣ ହୋଇଥିବା କାର୍ଯ୍ୟ) । ଯୀଶୁ ଯାଇସାରିଥିଲେ । ମରିୟମଂକ ମନରେ, "ସେମାନେ" ଦର୍ଶାଉଛି ଯିହୁଦୀୟ ନେତା ମାନଂକୁ । ପ୍ରତୀୟମାନ ଯେ, ଉପର କୋଠରୀରେ ଉପସ୍ଥିତ ଥିବା ପ୍ରେରିତ ଆଉ ଶିଷ୍ୟମାନେ ପୁନରୁଥାନ ହୋଇଥିବା ବିଷୟରେ ଆଷ୍ଚର୍ଯ୍ୟନ୍ୱିତ ହୋଇଥିଲେ ।

■ **"ଆମ୍ଭେମାନେ"** ଏହା ମଗଦଲୀନା ମରିୟମ ଯାକୁବଂକ ମାତା ମରିୟମ, ସଲମି, ଯୋହନ ଆଉ ଅନ୍ୟ ନାରାମାନଂକୁ ଅନ୍ତର୍ଭୁକ୍ତ କରେ (ସିଏଫ୍·ମାଥି·୨୮:୧, ମାର୍କ ୧୬:୧, ଲୁକ ୨୪:୧୦) ।

**୨୦:୪ "ଅନ୍ୟ ଶିଷ୍ୟ ପିତରଂକୁ ପଛରେ ପକାଇ ଦୌଡିଯାଇ ଆଗେ ସମାଧି ନିକଟରେ ପହଂଚିଲେ"** ସମ୍ଭବତଃ ପ୍ରେରିତମାନଂକ ଠାରୁ ଯୋହନ ସବୁଠାରୁ ସାନ ଥିଲେ (ଏହା ହେଉଛି, ପରରା) ।

**୨୦:୫ "ନଇଁପଡି"** ଏହି ସମୟର ସମାଧିଗୁଡିକର ପ୍ରବେଶପଥ ୩/୪ ଫୁଟ ପର୍ଯ୍ୟନ୍ତ କମ୍ ଉଚ୍ଚଥିଲା । ଗୁା/ଭୁମି ଖୋଳାଯାଇ ତିଆରି ହୋଇଥିବା ସୈନ୍ୟ ମାନଂକ ଆଶ୍ରୟ ସ୍ଥାନକୁ ପ୍ରବେଶ କରିବା ପାଇଁ ବଠକୁ ତଳକୁ ନଇଁବାକୁ ପଡୁଥିଲା ୧ସିଏଫ·ପ·୧୧) ।

■ **"ଭିତରକୁ ଦେଖିବା"** ଆକ୍ଷରିକ ଭାବେ ଏହା "ବକ୍ର ଦୃଷ୍ଟିରେ ଚାହିଁବା ତେଣୁ ଦେଖିବା ଭାବେ" । ଏହାର କାରଣ ସକାଳ ଆଲୋକ ଓ ଅନ୍ଧକାର ସମାଧି ମଧ୍ୟରେ ଥିବା ତୁଳନାତ୍ମକ ପ୍ରଭେଦ ଥିଲା ।

■ **"ଗୁଡା ହୋଇଥିବା ସରୁ ଲୁଗାସବୁ ସେଠାରେ ପଡିଥିଲା"** କେଉଁଠାରେ ଓ କିପରି ଗୁଡାହୋଇଥିବା ଲୁଗା ପଡିଥିଲା । ତାହା ଗ୍ରୀକ୍ ପୁସ୍ତକ ନିର୍ଦ୍ଦିଷ୍ଟ ଭାବେ ପ୍ରକାଶ କରିନାହିଁ । ଯଦି ଶବ ଚୋରି ହୋଇଥିଲା ତେବେ ପଟି ଗୁଡିକ ମଧ୍ୟ ନିଆଯାଇଥାଆନ୍ତା କାରଣ ସୁଗନ୍ଧି ଦ୍ରବ୍ୟ ଗୁଡିକ ଗୋଟିଏ ଅଠା ଭାବରେ କାର୍ଯ୍ୟ କରୁଥିଲେ ।

**୨୦:୬ "ଶିମୋନ ପିତର"** ଶିମୋନ (କେଫା) ତାଂକ ଏବ୍ରୀ (ଅରାମିୟ) ନାମଥିଲା, ଆଉ ପିତର (ପେଟ୍ରସ୍) ତାହାଂକ ଗ୍ରୀକ ନାମ ଥିଲା । ଯୀଶୁଂକ ଦ୍ୱାରା ତାହାଂକୁ ଦିଆଯାଇଥିଲା । ଗ୍ରୀକରେ ଏହାର ଅର୍ଥ "ଗୋଟିଏ ପୃଥକୀକୃତ ପଥର ବା ମସୃଣ ପଥର ଖଣ୍ଡ" ଥିଲା (ସିଏଫ୍·ମାଥି ୧୬:୧୮) । ଅରାମୀୟ ଭାଷାରେ ପେଟ୍ରସ ଆଉ ପେଟ୍ରା ମଧ୍ୟରେ କୌଣସି ପ୍ରଭେଦ ନାହିଁ ।

**୨୦:୭ "ମୁହଁ ପୋଛିବା କପଡା"** ତାହାଂକ ମୁହଁ ଗୋଟିଏ ଅଲଗା ବସ୍ତ୍ର ସହ ଗୁଡା ଯାଇଥିଲା (ସିଏଫ ୧୧:୪୪) । ଏହା ସମ୍ଭବପର ଯେ ଏହି ମୁହଁ ପୋଛିବା କପଡା ବ୍ୟବହାର ହେଉଥିଲା (୧) ମୁହଁ ଉପରେ ରଖିବା (୨) ମୁହଁରେ ଆବୃତ କରିବା (ସିଏଫ୍·ଏନ୍‌ଜେବି) କିମ୍ବା (୩) ପାଟି ସ୍ଥାନରେ ସାମାନ୍ୟ ଭାବରେ ବାନ୍ଧିବା ପାଇଁ (ସିଏଫ୍·ଟିଇଭି) ।

■ **"ଅଲଗା ସ୍ଥାନରେ ଗୁଡା ହୋଇ ରହିଥିଲା"** ଏହା ଅନ୍ୟ ଏକ ସମାପ୍ତିବାଚକ କ୍ରିୟା ବିଶେଷଣ କର୍ତ୍ତୃବାଚ୍ୟ ଅଟେ ଯାହା ସୂଚିତ କରେ ଯେ ଏହା ଆଚ୍ଛାଦନ କରିବା ପାଇଁ ଜଣକ ଦ୍ୱାରା ବିଶେଷ ଯତ୍ନ ନିଆଯାଇଛି । ଏହା ପ୍ରତୀୟମାନ ଭାବେ ତାହା ଯାହା ଯୋହନଂକ ଦୃଷ୍ଟି ଆକର୍ଷଣ କରିପାରିଥିଲା ଆଉ ବିଶ୍ୱାସକୁ ବାହାର କରିଥିଲା (ପ·୮) ।

**୨୦:୮"ସେ ଦେଖିଲେ ଆଉ ବିଶ୍ୱାସ କଲେ"** ଯୋହନ ଶାରିରୀକ ପ୍ରମାଣ ଦେଖିଲେ ଓ ଓ ଯୀଶୁ ବଂଚିଥିବା ବିଶ୍ୱାସ କଲେ । ଅବା ସେ କଲେ (ସିଏଫ·ପ·୧୧ ଓ ୧୯)? ପୁନରୁଥାନର ବିଶ୍ୱାସ କରିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଧର୍ମତାତ୍ତ୍ୱିକ ପ୍ରସଂଗ ହେଉଛି ।

୧· ରୋମିୟ ୧୦:୯-୧୩

୨· ପ୍ର·କରନ୍ଥୀୟ ୧୫

ପ୍ର·କନଛିୟ ୧୫:୧୨-୧୯ ହେଉଛି ପରିଣାମଗୁଡିକର ଏକ ଉତ୍ତର ସଂକ୍ଷିପ୍ତ ବିବରଣ ଯଦି ଯୀଶୁ ପୁର୍ନଜୀବିତ ହୋଇନଥାଆନ୍ତେ । ପ୍ରେରିତ ପୁସ୍ତକରେ ପୁନରୁଥାନ ପୁରାତନ ପ୍ରେରିତିକ ପ୍ରଚାର ଗୁଡିକର ଏକ କେନ୍ଦ୍ରିୟ ସତ୍ୟ ଭାବେ ରହିଥିଲା ଯାହା କେରିଗମା ବୋଲି କୁହାଯାଉଥିଲା । ବିଶେଷ ଶୀର୍ଷ ୫:୩୯ ରେ ଦେଖନ୍ତୁ ।

**୨୦:୯ "ସେମାନେ ଧର୍ମଶାସ୍ତ୍ରକୁ ବୁଝିପାରି ନଥିଲେ"** ଏହା ଅନ୍ୟ ଏକ ସାଦକୀୟ ମନ୍ତବ୍ୟ ଲେଖକଂକ ଦ୍ୱାରା । ଏହା ଗୀତ ୧୬:୧୦ କୁ ଦର୍ଶାଇପାରେ, ଯାହା ପ୍ରେରିତ ୨:୨୭ ରେ ପେଣ୍ଟିକଷ୍ଟ ଦିବସରେ ପିତର ଉଲ୍ଲେଖ କରୁଛନ୍ତି । ଯେମିତି ହେଉ, ଏହା ଯିଶା ୫୩:୧୦-୧୨ ବା ହୋଶେ ୬:୨ କୁ ଦର୍ଶାଉଥିଲା । ଉଚ୍ଚ ପରିଷଦ ଯୀଶୁଂକର ତାହାଂକ ପୁନରୁଥାନ (ସିଏଫ ମାଥି· ୨୭:୬୨-୬୬) ବିଷୟରେ ଭବିଷତବାଣୀ ବୁଝିଲେ, ଯେତେବେଳେ ଶିଷ୍ୟମାନେ ବୁଝିଲେ ନାହିଁ କି କୌତୁହଳ ଜନକ ।

ଏହି ପଦ ସତ୍ୟକୁ ଦୃଢିଭୂତ କରିବା ପାଇଁ ଧର୍ମତତ୍ତ୍ୱଭାବେ କାର୍ଯ୍ୟ କରିଥାଇପାରେ । ତାହା ହେଉଛି ଶିଷ୍ୟମାନଂକ ଉପରେ ଆତ୍ମା ସେ ପର୍ଯ୍ୟନ୍ତ ସୂର୍ଣ୍ଣଭାବେ ଆସି ନଥିଲେ । ଯୀଶୁଂକ ବାକ୍ୟ ଓ କାର୍ଯ୍ୟ ସମୂହ ବୁଝିବାରେ ସାହାଯ୍ୟ କରିବାକୁ ଶିଷ୍ୟମାନଂକୁ ଆତ୍ମା, ଗୋଟିଏ ଥର ଦିଆହୋଇଛି (ସିଏଫ, ୨:୨୨, ୧୪:୨୬) ।

**୨୦:୧୦** "ଏହାର ଅର୍ଥ ହୋଇପାରେ (୧) ସୋମନେ ଗାଲିଲୀକୁ ଫେରିଗଲେ (ସିଏଫ·ମାଥି· ୨୦:୩୭ଟ ୨୮:୭, ୧୦,୧୬, ଯୋହନ ୨୧ ସୋମନଂ କୁ ଗାଲିଲୀ ସମୁଦ୍ରରେ ମାଛ ଧରୁଥିବା ଅବସ୍ଥାରେ ପାଉଛି ବା (୨) ସେମାନେ ଯିରୁଶାଲମରେ ସେମାନଂକର ବାସସ୍ଥାନକୁ ଫେରିଗଲେ । କାରଣ ଉପର କୋଠରୀରେ ପୁନରୁଥାନ ପରବର୍ତ୍ତୀ ବାସ୍ତା ଅନୁଭୂତି ଗୁଡିକ ନଂ: ୨ ଅଧିକ ଅସମ୍ଭବ ପର କରୁଛି ।"

---

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୨୦:୧୧-୧୮**

**୧୧କିନ୍ତୁ ମରିୟମ ରୋଦନ କରୁ କରହ ସମାଧି ବାହାରେ ଠିଆ ହୋଇ ରହିଲେ, ପୁଣି, ସେ ରୋଦନ କରୁଥିବା ସମୟରେ, ନଇଁପଡି ସମାଧି ଭିତରକୁ ଚାହିଁ, ୧୨ଯୀଶୁଂକ ଶରୀର ଯେଉଁ ସ୍ଥାନରେ ଧୁଆଯାଇଥିଲା, ସେଥିରେ ମୁଣ୍ଡ ପାଖରେ ଜଣେ ଓ ପାଦ ପାଖରେ ଜଣେ, ଏହିପରି ଦୁଇଜଣ ଶୁକ୍ଳବସ୍ତ୍ର ପରିହିତ ଦୂତଂକୁ ବସିଥିବା ଦେଖିଲେ । ୧୩ସେମାନେ ତାଂକୁ କହିଲେ, "ରୋ ନାରୀ, କାହିଁକି ରୋଦନ କରୁଅଛ?" ସେ ସେମାନଂକୁ କହିଲେ, "ସୋମନେ ମୋହର ପ୍ରଭୁଂକୁ ଘେନିଯାଇ ଅଛନ୍ତି, ଆଉ ତାହାଂକୁ କେଉଁ ସ୍ଥାନରେ ରଖିଅଛନ୍ତି ମୁ ଜାଣେ ନାହିଁ । ୧୪ସେ ଏହା କହିସାରି, ପଛକୁ ବୁଲି ପଡି ଯୀଶୁଂକୁ ସେଟାରେ ଠିଆ ହୋଇଥିବା ଦେଖିଲେ, ପୁଣି ସେ ଯେ ଯୀଶୁ ଏହା ସେ ଜାଣିଲେ ନାହିଁ । ୧୫ଯୀଶୁ ତାଂକୁ କହିଲେ "ରୋ ନାରୀ, ତୁମ୍ଭେ କାହିଁକି ରୋଦନ କରୁଅଛ? କାହାର ଅନ୍ୱେଷଣ କରୁଅଛି?" ସେ ତାହାଂକୁ ଉଦ୍ୟାନର ମାଳୀ ବୋଲି ମନେ କରି, ତାହାଂକୁ କହିଲେ, "ମହାଶୟ, ଆପଣ ଯଦି ତାହାଂକୁ ଘେନି ଯାଇ ଅଛନ୍ତି । ତାହାହେଲେ ତାହାଂକୁ କେଉଁ ସ୍ଥାନରେ ରଖିଅଛନ୍ତି ମୋତେ କୁହନ୍ତୁ, ଆଉ ମୁଁ ତାହାଂକୁ ଘେନିଯିବି । ୧୬ଯୀଶୁ ତାଂକୁ କହିଲେ, "ମରିୟମ" ସେ ବୁଲି ପଡି ଏବ୍ରୀ ଭାଷାରେ ତାହାଂକୁ କହିଲେ, "ରୋବ୍ ବୁନୀ" (ଅର୍ଥାତ୍, ହେଗୁରୁ) । ୧୭ଯୀଶୁ ତାଂକୁ କହିଲେ, "ମୋତେ ଧରିବା ବନ୍ଦ କରିଦିଅ, କାରଣ ମୁଁ ଏ ପର୍ଯ୍ୟନ୍ତ ପିତାଂକ ନିକଟକୁ ଆରୋହଣ କରି ନାହିଁ, କିନ୍ତୁ ମୋର ଭାଇ ମାନଂକ ନିକଟକୁ ଯାଇ ସେମାନଂକୁ କୁହ, "ମୁଁ ମୋହର ପିତା ଓ ତୁମ୍ଭମାନଂକର ପିତା, ମୋହର ଈଶ୍ୱର ଓ ତୁମ୍ଭ ମାନଂକ ଈଶ୍ୱରଂକ ନିକଟକୁ ଆରୋହଣ କରୁଅଛି । ୧୮ମଗଦଲୀନୀ ମରିୟମ ଆସି, "ମୁଁ ପ୍ରଭୁଂକୁ ଦେଖିଅଛି" ସେ ମୋତେ ଏହି ସବୁ ବିଷୟ କହିଅଛନ୍ତି ବୋଲି, ଶିଷ୍ୟ ମାନଂକୁ ସମ୍ବାଦ ଦେଲେ ।**

---

**୨୦:୧୧ "କାନ୍ଦୁଥିବା"** ଏହି ଆକ୍ଷରିକ ଭାବେ "ବିଳାପ କରୁଥିବା" ଅଟେ (ସିଏଫ୍·୧୧:୩୧) । ଏହା ଅସନ କାଳ ବାଚକ ଅଟେ, ଯାହା ଅତୀତ ସମୟରେ ଅବିରତ କାର୍ଯ୍ୟ ବିଷୟ କହୁଛି । ପଷ୍ଚାତ ଦେଶୀୟ ଶବସତ୍କାର ପ୍ରଥା ଗୁଡିକ ଲକ୍ଷଣ ସୂଚକ ଭାବେ ଅଧିକ ଆବେଗ ପୂର୍ଣ୍ଣ ଅଟନ୍ତି ।

**୨୦:୧୨ "ଦୁଇ ଜଣ ଦୂତ"** ଯୋହନ ଓ ଲୁକ (୨୪:୨୩) ଏକମତ ସେ ସେଠାରେ ଦୁଇ ଜଣ ଦୂତ ଥିଲେ ।

ମାଥିଉ, ସାଧାରଣତଃ ଯାହାର ସମସ୍ତ ବିଷୟ ଠାରୁ ଦୁଇଟି ଥାଏ (ସିଏଫ୍·୮:୨୮, ୯:୨୭ଟ ୨୦:୩୦), ଏଠାରେ କେବଳ ଜଣେ ଦୂତ ଅଛନ୍ତି । ଏହା ସୁସମାଗ୍ରହ ଗୁଡିକ ମଧ୍ୟରେ ଥିବା ବୁଝେଇ ହେଉନଥିବା ବିଭିନ୍ନତା ଗୁଡିକର ଗୋଟିଏ ଉଦାହରଣ ଅଟେ ।

ସୁସମାଗ୍ରହ ସମୂହ ହେଉଛନ୍ତି ପ୍ରତ୍ୟେକ୍ଷଦର୍ଶୀ ସାକ୍ଷୀ ବିବରଣୀ ଗୁଡିକ ଯାହା ସେମାନଂକର ନିଜ (ଅନୁପ୍ରେରିତ) ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଉଦ୍ଦେଶ୍ୟଗୁଡିକ ଆଉ କେନ୍ଦ୍ରିଭୂତ ଗୋଷ୍ଠୀ ଗୁଡିକ ନିମନ୍ତେ ମନୋନୀତ, ଗ୍ରହଣ କରିବା, ଆଉ ଯୀଶୁଂକର ବାକ୍ୟ ଓ କାର୍ଯ୍ୟ ସମୂହକୁ ଯୋଗ କରିବା ଥିଲା । ଆଧୁନିକ ପାଠକମାନେ ବେଳେ ପ୍ରଶ୍ନମାନ ପଗୃରନ୍ତି ଯେପରି କି (୧) ସୁସମାଗ୍ରହ ଗୁଡିକ ମଧ୍ୟରେ କେଉଂ ଗୋଟିଏ ଐତିହାସି ଭାବେ ସଠିକ୍ ଅଟେ ଅବା (୨) ଗୋଟିଏ ଘଟଣା ସମ୍ବନ୍ଧରେ ଅଧିକ ଐତିହାସିକ ତଥ୍ୟ ଖୋଜିବା କିମ୍ବା ଶିକ୍ଷା ଦେବା ତାହେଲେ ଜଣେ ନିର୍ଦ୍ଦିଷ୍ଟ ଅନୁପ୍ରେରିତ ସୁସମାଗ୍ରହ ଲେଖଂକ ଦ୍ୱାରା ଲିପିବଦ୍ଧ ହେଉଛି । ତର୍ଜମାକାରୀମାନେ ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ସୁସମାଗ୍ରହରେ ପ୍ରକୃତ ଲେଖଂକର ବ୍ୟକ୍ତି ହୋଇଥିବା ମନୋଭାବ ନିଷ୍ଚିତ ଅନୁସନ୍ଧାନ କରିବା ଆବଶ୍ୟକ । ସୁସମାଗ୍ରହ ବୁଝିବା ପାଇଁ ଆମ୍ଭେମାନେ ଅଧିକ ଐତିହାସି ତଥ୍ୟ ଆବଶ୍ୟକ କରୁନାହୁଁ ।

- **"ଶୁଭ୍ରତାରେ"** ଆତ୍ମିକ ରାଜ୍ୟ ଅବା ଆତ୍ମିକ ବ୍ୟକ୍ତିମାନେ ଶୁଭ୍ର ବସ୍ତ୍ର ପରିହିତ ହେବା ବର୍ଣ୍ଣନା କରାଯାଇଛି ।

୧· ଆକାର ପରିବର୍ତ୍ତନ ସମୟରେ ଯୀଶୁଂକ ବସ୍ତ୍ରସମୂହ-ମାଥି ୧୭:୨ଟ ମାର୍କ ୯:୩ଟ ଲୁକ ୯:୨୯

୨· ସମାଧିରେ ଦୂତମାନେ - ମାର୍ଥ ୨୮:୩, ମାର୍କ ୧୬:୫, ଲହକ ୨୪:୪, ଯୋହନ ୨୦:୧୨

୩· ଆରୋହଣ ସମୟରେ ଦୂତମାନେ-ପ୍ରେରିତ ୧:୧୦

୪· ମହିମାନ୍ୱିତ ଖ୍ରୀଷ୍ଟଙ୍କ ସହିତ ସାଧୁମାନେ - ପ୍ରକା ୩:୪-୫, ୧୮

୫· ଈଶ୍ୱରଂକର ସିଂହାସନ ଗ୍ରିପାଖରେ ପ୍ରାଚୀନ (ଦ୍ଧତ) ମାନେ - ପ୍ରକା ୪:୪

୬· ଈଶ୍ୱରଂକର ବେଦି ତଳେ ତାହାଂକ ସକାଶେ ହତ ଲୋକ - ପ୍ରକା ୬:୧୧

୭· ଉଦ୍ଧାର ପ୍ରାପ୍ତ ସମସ୍ତ ଲୋକ - ପ୍ରକା ୭:୯, ୧୩-୧୪ (ସିଏପ୍·ଦାନି ୧୨:୧୦)

୮· ସ୍ୱର୍ଗରେ (ଦୂତମାନଂକର) ବାହିନୀଗତ - ପ୍ରକା ୧୯:୧୪

୯· କ୍ଷମା ପାଇଁ ପୁରାତନ ନିୟମରେ ବ୍ୟବହୃତ ରୂପକ-ଗୀତ ୫୧:୭, ଯିଶା ୧:୧୮ (ଈଶ୍ୱରଂକ ପବିତ୍ରତାକୁ ପ୍ରତୀକ କରେ, ସିଏଫ·ଦାନି ୭:୯) ।

**୨୦:୧୪ "ସେ ଯେ ଯୀଶୁ ତାହା ଜାଣିଲେ ନାହିଁ"** ମରଦଲୀନୀ ମରିୟମ ଯୀଶୁଂକୁ ଚିହ୍ନିଲେ ନାହିଁ । ଏହାର ସାମ୍ଭାବ୍ୟ କାରଣ ଗୁଡିକ ହେଉଛି ।

ତାଂକ ଆଖିରେ ଲୁହ ଭରିଥିଲା ।

ସେ ଅନ୍ଧାକାର ମଧ୍ୟରୁ ଆଲୋକକୁ ଦେଖୁଥିଲେ ।

ଯୀଶୁଂକର ପରିଦୃଷ୍ଟ ହେବା କିଛି ମାତ୍ରରେ ଅଲଗା ଥିଲା (ସିଏଫ·ମାଥି· ୨୮:୧୭ ଓ ଲୁକ ୨୪:୧୬, ୩୭)

**୨୦:୧୫ "ମହାଶୟ"** ଏହା ହେଉଛି ଗ୍ରୀକ ଶବ୍ଦ କୁରିଅସ୍ ଏଠାରେ ଏହା ଧର୍ମତତ୍ତ୍ୱ ଅର୍ଥ ରେ ବ୍ୟବହୃତ ହୋଇନାହିଁ (ସିଏଫ ୧୨:୨୧) । ଏହା "ମହାଶୟ", "ଅଜଣା ବ୍ୟକ୍ତି", "ଶିକ୍ଷକ", "ମାଲିକି", "ସ୍ୱାମି", କିମ୍ବା "ପ୍ରଭୁ" ଭାବେ ଅର୍ଥ କରିପାରେ । ମରିୟମ ଭାବିଲେ ଯେ ସେ (୧) ଜଣେ ଉଦ୍ୟାନମାଳୀ ବା (୨) ଉଦ୍ୟାନର ମାଲିକଂକ ସହ କଥା ହେଉଥିଲେ ।

କିନ୍ତୁ ଏହା ଧର୍ମତତ୍ତ୍ୱ ସମ୍ବନ୍ଧୀୟ ବ୍ୟବହାରିକ ଲେଖା ୨୦:୨୮ ରେ ।

- **"ଯଦି"** ଏହା ଏକ ପ୍ରଥମ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ ଯାହା ବକ୍ତାଙ୍କର ବିବେଚନା ଠାରୁ ସତ୍ୟ ଭାବେ ଗ୍ରହଣୀୟ ହେଉଅଛି । କେହି ଜଣେ ଶବ ଚୋରି କରି ନେଇଥିବା ସେ ବିଶ୍ୱାସ କରୁଥିଲା ।

**୨୦:୧୬ "ମରିୟମ ........ ରାବବୂନୀ"** ମରିୟମ ଆକ୍ଷରିକ ଭାବେ ମିରିଆମ । ଏହି ଉଭୟ ପଦ ଗୁଡିକ ହେଉଛି ଅରାମିୟ ("ଏବ୍ରୀ" ଅର୍ଥାତ ଅରାମିୟ, ସିଏଫ୍ ୫:୨, ୧୯:୧୩, ୧୭:୨୦) । ପ୍ରତୀୟମାନ ଭାବେ ଯୀଶୁ ଏକ ପାର୍ଥକ୍ୟ ପ୍ରକାଶକ ଶୈଳୀରେ ତାଂକ ନାମ କହିଲେ । ସେ ନିଶ୍ଚିତ ବାବେ ସମାନ ସଦୃଶ ବିଷୟ କରିଥିବେ ଯେତେବେଳେ ସେ ଦୁଇଜଣ ଶିଷ୍ୟ ସହିତ ରମାୟୁ ପଥରେ ପ୍ରାର୍ଥନା କଲେ (ସିଏଫ·ଲୁକ ୨୪:୩୦-୩୧) "ରାବ୍ ବୂନୀ"ର ଶେଷରେ ଥିବା "ଆଇ" ଦର୍ଶାଇ ପାରେ "ମୋହର ଗୁରୁ", "ମୋହର ମାଲିକ" ଅବା "ମୋହର ଶିକ୍ଷକ"କୁ ।

**ବିଶେଷ ଶୀର୍ଷ: ଯୀଶୁଂକର ପୁନରୁଥାନ ପରବର୍ତ୍ତୀ ଆବିର୍ଭାବ ଗୁଡିକ**

ଯୀଶୁ ତାହାଂକ ପୁନରୁଥାନର ପ୍ରମାଣ ଦେବା ନିମନ୍ତେ କେତେକ ଲୋକମାନଂକ ନିକଟରେ ନିଜକୁ ଦେଖାଇଲେ ।

ସମାଧି ନିକଟରେ ନାରୀମାନଂକୁ, ମାଥି ୨୮:୯

ଏଗାର ଜଣ ଶିଷ୍ୟ ମାନଂକୁ, ମାଥି ୨୮:୧୬

ଶିମୋନ, ଲୁକ ୨୪:୩୪

ଦୁଇଜଣ ଲୋକ, ଲୁକ ୨୪:୧୫

ଶିଷ୍ୟ ମାନଂକୁ, ଲୁକ ୨୪:୩୬

ମଗଦଲୀନୀ ମରିୟମ, ଯୋହନ ୨୦:୧୫

ଦଶ ଜଣ ଶିଷ୍ୟମାନଂକୁ, ଯୋହନ ୨୦:୧୭

ଏଗାର ଜଣ ଶିଷ୍ୟ ମାନଂକୁ, ଯୋହନ ୨୦:୨୬

ସାତ ଜଣ ଶିଷ୍ୟମାନଂକୁ, ଯୋହନ ୨୧:୧

କେଫା (ପିତର), ପ୍ର·କର ୧୫:୫

ବାର ଜଣ (ପ୍ରେରିତମାନେ), ପ୍ର·କର· ୧୫:୫

ପାଂଚଶହ ଭାଇମାନଂକୁ, ପ୍ର·କର ୧୫:୬ (ମାଥ ୨୮:୧୬-୧୭)

ଯାକୁବ (ତାହାଂକ ଜାଗତିକ ପରିବା), ପ୍ର·କର ୧୫:୭

ସମସ୍ତ ପ୍ରେରିତମାନଂକୁ, ପ୍ର·କର ୧୫:୭

ପାଉଲ, ପ୍ର·କର ୧୫:୮ (ପ୍ରେରିତ -୯)

ଏହା ସ୍ପଷ୍ଟପେ, ଏଗୁଡିକ ମଧ୍ୟରୁ କେତେକ ସମାନ ଅର୍ବିଭାବକୁ ଦର୍ଶାଏ । ଯୀଶୁ ସୋମନଂକୁ ତାହାର ଜୀବିତ ଥିବା ବିଷୟ ନିଶ୍ଚିତ ଭାବେ ଯଣାଇବାକୁ ଗ୍ରହୁଁଥିଲେ ।

୨୦:୧୭

ଏନ୍ ଏ ଏସ୍ ବି  "ମୋତେ ଧରିବା ବନ୍ଦ କରିଦିଅ"

ଏନ୍ କେ ଜେ ଭି "ମୋତେ ଧର ନାହିଁ"

ଏନ୍ ଆର୍ ଏସ୍ ଭି "ମୋତେ ଧରି ରଖ ନାହିଁ"

ଟି ଇ ଭି "ମୋତେ ଧରି ରଖ ନାହିଁ"

ଏନ୍ ଜେ ବି "ମୋତେ ଧର ନାହିଁ"

**କେ ଜେ ଭି ରେ "ମୋତେ ସ୍ପର୍ଶ କର ନାହିଁ"** ଲେଖାଅଛି । ଏହା ଏକ ବର୍ତ୍ତମାନ କାଳ ସୂଚକ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ କ୍ରିୟା ଅଟେ । ଗୋଟିଏ ନାସ୍ତିବାଚକ କ୍ରିୟା ବିଶେଷଣ ସହିତ ଯାହାର ସାଧାରଣ ଅର୍ଥ ହେଉଛି ଗୋଟିଏ କାର୍ଯ୍ୟକୁ ବନ୍ଦ କରିବା ଯାହା ସମୟ ପୂର୍ବରୁ କାର୍ଯ୍ୟ ପ୍ରକ୍ରିୟାରେ ରହିଛି । ମରିୟମ ହଠାତ ତାହାଂକୁ ଧରି ପକାଇଥିଲେ ଆଉ ଧରି ରହିଥିଲେ । ଆରୋହଣ ପୂର୍ବରୁ ଯୀଶୁଂକ ଶରୀର ସ୍ପର୍ଶ କରିବା ବିଷୟରେ ଧର୍ମତତ୍ତ୍ୱ ଅନୁସାରେ ଏହାର କୌଣସି ନିହିତ ଅର୍ଥ ନାହିଁ । ଯୋହନ ୨୦:୨୭ ରେ ଯୀଶୁ ଥୋମାଂକୁ ତାହାଂକୁ ସ୍ପର୍ଶ କରିବା ପାଇଁ ଅନୁମତି ଦେଉଛନ୍ତି ପୁଣି ମାଥି ୨୮:୯ ରେ ସେ ନାରୀମାନଂକୁ ନିଜର ପାଦ ଧରିବା ନିମନ୍ତେ ଅନୁମତି ଦେଉଛନ୍ତି ।

■ **"ମୁଁ ଏପର୍ଯ୍ୟନ୍ତ ଆରୋହଣ କରିନାହିଁ"** ଏହା ସମାପ୍ତି କାଳର ବକ୍ତବ୍ୟ ସୂଚକ କର୍ତ୍ତବାଚ୍ୟ ଅଟେ । ଯୀଶୁ ସ୍ୱର୍ଗକୁ ଆରୋହଣ କରିବେ ନାହିଁ ଯେ ପର୍ଯ୍ୟନ୍ତ ତାହାଂକ ପୁନରୁଥାନ ପରେ ୪୦ ଦିନ ହୋଇନାହିଁ (ସିଏଫ଼·ପ୍ରେରିତ ୧:୯) ।

■ **"ମୋହର ଭାଇମାନଂକ ନିକଟକୁ ଯାଅ"** ପୁନରୁଥିତ ମହିମାନ୍ୱିତ ପ୍ରଭୁ, ଏହି ଭୀରୁ ମାନଂକୁ "ଭାଇମାନେ" ବୋଲି ଡାକୁଛନ୍ତି । (ସିଏଫ୍·ମାଥି·୧୨·୫୦) ।

■ **"ମୁଁ ଉର୍ଦ୍ଧ୍ୱକୁ ଯାଉଅଛି"** ଏହା ବର୍ତ୍ତମାନ କାଳ ଅଟେ । ବାସ୍ତବରେ ଏହା ୪୦ ଦିନ ପରବର୍ତ୍ତୀ ପର୍ଯ୍ୟନ୍ତ ଘଟିନଥିଲା ଯେତେବେଳେ ସେ ସେମାନଂକର ଉପସ୍ଥିତିରେ ଥିଲେ (ସିଏଫ଼·ଲୂକ ୨୪:୫୦-୫୨, ପ୍ରେରିତ ୧:୨-୩) । ଯୋହନ ନିରବଚ୍ଛିନ୍ନ ଭାବେ "ଉର୍ଦ୍ଧ୍ୱ" ଓ "ତଳ" ର ଦୈତବାଦ ସିଧାସଳଖ ଭାବେ ବ୍ୟବହାର କରୁଛନ୍ତି । ଯୀଶୁ ହେଉଛନ୍ତି ପିତାଂକ ଠାରୁ (ପୂର୍ବ-ବିଦ୍ୟମାନତା) ଆଉ ସେ ପିତାଂକ ନିକଟକୁ ଫେରୁଛନ୍ତି (ଗୌରବାନ୍ୱିତ) ।

"ମୋହର ପିତା ଓ ତୁମ୍ଭମାନଂକ ପିତା" କି ପ୍ରକାର ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ । ଯେମିତି ହେଉ, ନିଶ୍ଚିତ ଭାବେ ଏହା ମଧ୍ୟ କହିହେବ ଯେ ଏହା ଯୀଶୁଂକର ପୁତ୍ରତ୍ୱ ସହ ବିଶ୍ୱାସୀ ମାନଂକର ପୁତ୍ରତ୍ୱ ସମାନ ବୋଲି ଦର୍ଶାଏ ନାହିଁ । ସେ ହେଉଛନ୍ତି ପିତାଂକର ଅଦ୍ୱିତୀୟ ପୁତ୍ର (୩:୧୬), ସୂର୍ଣ୍ଣ ଈଶ୍ୱର ଓ ସୂର୍ଣ୍ଣ ମନୁଷ୍ୟ । କେବଳ ତାହାଂକ ଦ୍ୱାରା ବିଶ୍ୱାସୀମାନେ ପିରାବରର ସଦସ୍ୟ ହୋଇଛନ୍ତି । ସେ ହେଉଛନ୍ତି ଉଭୟ ପ୍ରଭୁ, ତ୍ରାଣକର୍ତ୍ତା ଓ ଭ୍ରାତା ।

୨୦:୧୮ ମରିୟମ ମଧ୍ୟ ଜଣେ ସାକ୍ଷୀ ଅଟନ୍ତି ।

ଏନ୍ ଏ ଏସ୍ ବି ( ଆଧୁନିକରଣ) ଶାସ୍ତ୍ରାଂଶ: ୨୦:୧୯-୨୩

**ସପ୍ତାହର ପ୍ରଥମ ଦିନ, ଯେତେବେଳେ ସନ୍ଧ୍ୟା ସମୟ ହୋଇଥିଲା, ଆଉ ଯିହୁଦୀମାନଂକ ଭୟରେ, ଯେତେବେଳେ ଶିଯମାନେ, ଥିବା ଗୃହର ଦ୍ୱାର ଗୁଡିକ ରୁଦ୍ଧ ଥିଲା, ସେତେବେଳେ ଯୀଶୁ ଆସି ମଧ୍ୟ ସ୍ଥଳରେ ଠିଆ ହୋଇ ସେମାନଂକୁ କହିଲେ, "ତୁମ୍ଭ ମାନଂକ ସହ ଶାନ୍ତି ହେଉ" । ୨୦ପୁଣି ସେ ଏହା କହି, ସେମାନଂକୁ ଆପଣା ହସ୍ତ ଓ କକ୍ଷଦେଶ ଦେଖାଇଲେ । ସେଥିରେ ଶିଷ୍ୟମାନେ ପ୍ରଭୁଂକୁ ଦେଖି ଆନନ୍ଦିତ ହେଲେ । ସେଥିରେ ୨୧ଯୀଶୁ ପୁନର୍ବାର ସେମାନଂକୁ କହିଲେ, "ତୁମ୍ଭମାନଂକ ସହ ଶାନ୍ତି ଥାଉ", ପିତା ଯେ ପ୍ରକାରେ ମୋତେ ପ୍ରେରଣ କରିଅଛନ୍ତି, ମୁଁ ମଧ୍ୟ ସେ ପ୍ରକାରେ ତୁମ୍ଭମାନଂକୁ ପ୍ରେରଣ କରୁଅଛି । ସେ ଯେତେବେଳେ ଏହା କହିସାରିଲେ, ୨୨ସେ ସୋମନଂକ ଉପରେ ପ୍ରଶ୍ୱାସ ଛାଡି ସେମାନଂକୁ କହିଲେ, "ପବିତ୍ର ଆତ୍ମାଂକୁ ଗ୍ରହଣ କର । ୨୩ତୁମ୍ଭେମାନେ ଯଦି କାହାରି "କ୍ଷମା କରିବ, ସୋମନଂକର "ୟମା ହେବ, ଯଦି କାହାର "।" କ୍ଷମା ନ କରିବ, ସୋମନଂକ " କ୍ଷମା ହେବ ନାହିଁ ।**

**୨୦:୨୯ "ସେହି ଦିନ ଯେତେବେଳେ ସନ୍ଧ୍ୟା ହୋଇଥିଲା"** ଯିହୁଦୀ ସମୟ ସୂର୍ଯ୍ୟାସ୍ତ କାଳରେ ଆରମ୍ଭ ଓ ଶେଷ ହୁଏ (ସିଏଫ଼·ଆଦି· ୧:୫), ଯାହା ଏଠାରେ ହେଉଛି ରିବାବର ସନ୍ଧ୍ୟା ୬:୦୦ ।

■ **"ସପ୍ତାହର ପ୍ରଥମ ଦିନ"** ଆମ୍ଭମାନଂକର ସୋମବାର ସଦୃଶ, ରବିବାର ଥିଲା ସେମାନଂକର ପ୍ରଥମ କାର୍ଯ୍ୟ ଦିବସ । ଯୀଶୁଂକ ପୁନରୁଥାନକୁ ସ୍ମୃତି ଭାବେ ରକ୍ଷା କରିବା ନିମନ୍ତେ ଗୀର୍ଜା ପାଇଁ ଏହା ସାକ୍ଷାତ କରିବା ଦିବସ ହେଲା । କ୍ରମାଗତ ତିନୋଟି ରବିବାର ରାତ୍ରି ଗୁଡିକରେ ଉପର କୋଠରୀରେ ଆବିର୍ଭାବ ହେବା ଦ୍ୱାରା ସେ ନିଜେ ଏହି ବିଧି ସ୍ଥାପନ କଲେ (ସିଏଫ୍ ପପ·୧୯, ୨୬, ଲୂକ ୨୪:୩୬ ଠାରୁ ପ୍ରେରିତ ୨୦:୭, ପ·କ·ର ୧୬:୨) ।

ପ୍ରଥମ ପିଢିର ବିଶ୍ୱାସୀମାନେ କ୍ରମାଗତ ଭାବେ ସ୍ଥାପିତ ଉତ୍ସବ ଦିନ ଗୁଡିକରେ ସ୍ଥାନୀୟ ପ୍ରାର୍ଥନା ଗୃହ ଓ ମନ୍ଦିରରେ ସେହି ବିଶ୍ରାମବାର ଗୁଡିକରେ ସାକ୍ଷାତ କରୁଥିଲେ । ଯେମିତି ହେଉ, ଗୁରୁମାନେ ଗୋଟିଏ "ଅଭିଶାପ ଶପଥ" ପ୍ରତିଷ୍ଠା କଲେ ଯାହା ପ୍ରାର୍ଥନା ଗୃହର ସଭ୍ୟ ମାନଂକୁ ଯୀଶୁଂକୁ ମସୀହ ଭାବେ ଅଗ୍ରାହ୍ୟ କରିବା ପାଇଁ ବାଧ୍ୟତାମୂଳକ କଲେ (ଖ୍ରୀଷ୍ଟାବ୍ଦ ୭୦ ପରେ) । ଏହି ପ୍ରସଂଗରେ ସେମାନେ ବିଶ୍ରାମବାରର କାର୍ଯ୍ୟ ସବୁ ଛାଡିଦେଲେ, କିନ୍ତୁ ଯୀଶୁଂକ ପୁନରୁଥାନର ସ୍ମୃତି ରକ୍ଷା ନିମନ୍ତେ, ପୁନରୁଥାନର ଦିବସ, ରବିବାର ଦିନରେ ଅନ୍ୟ ବିଶ୍ୱାସୀମାନଂକ ସହିତ ସାୟାତ କରିବା ଆରମ୍ଭ କଲେ ।

"ସମସ୍ତ ଦ୍ୱାର ରୁଦ୍ଧ ଥିଲା" ଏହା ଏକ ସମାପ୍ତି କାଳ ସୂଚକ କ୍ରିୟାଜ ବିଶେଷଣ କର୍ମବାଚ୍ୟ ଅଟେ । ବହୁବଚନ ଦର୍ଶାଏ ଯେ ଉଭୟ ଉପର ମହଲା ଓ ତଳମହଲା ଦ୍ୱାର ଗୁଡିକ ରୁଦ୍ଧ ଥିଲା । ଏହା (୧) ଯୀଶୁଂକ ଆବିର୍ଭାବକୁ ସୁସ୍ପଷ୍ଟ କରିବାକୁ ଅବା (୨) ସୋମନଂକର ଗିରଫ ହେବା ଭୟକୁ ଦେଖାଇବା ପାଇଁ ଉଲ୍ଲେଖ କରାଯାଇଛି ।

"ଶିଷ୍ୟମାନେ" ସେଠାରେ ଥୋମା ଉପସ୍ଥିତ ନଥିଲେ । ଏଗାରଜଣ ପ୍ରେରିତମାନଂକୁ ଛାଡ ଆହୁରି ମଧ୍ୟ ଅନ୍ୟ ଶିଷ୍ୟମାନେ ଉପସ୍ଥିତ ଥିଲେ (ସିଏଫ୍·ଲୁକ ୨୪:୩୩) ।

■ **"ତୁମ୍ଭ ମାନଂକ ସହ ଶାନ୍ତି ଥାଉ"** ଏହା ସୋମନଂକର ଅପ୍ରତ୍ୟାଶିତ ବିସ୍ମୟ, ଆଉ ସମ୍ଭବତଃ ଭୟକୁ ଦେଖାଉଛି । ଯୀଶୁ ସେମାନଂକୁ ଶାନ୍ତି ଦେବା ପାଇଁ ପ୍ରତିଜ୍ଞା କରିଥିଲେ (ସିଏଫ୍· ୧୪:୨୭, ୧୬:୩୩) । ଏହା ଏବ୍ରୀ ଆଭ୍ୟର୍ଥନାର ବିଦାୟକାଳୀନ ନମସ୍କାର କୁ ଦର୍ଶାଉଥିବା ସମ୍ଭବପର । ଯୀଶୁ ଏହା ତିନିଥର ପୁନରାବୃତ୍ତି କରୁଛନ୍ତି । (ପପ·୧୯, ୨୧,୨୬) ।୨୦:୨୦ "ସେମାନଂକୁ ତାହାଂକ ଉଭୟ ହସ୍ତ ଏବଂ ତାହାଂକ କକ୍ଷଦେଶ ଦେଖାଇଲ" ଅନ୍ୟ ସୁସମାଗୃର ଗହତିକ ଠାରୁ ଯୋହନ ପ୍ରତୀୟମାନ ଭାବେ ଯୀଶୁଂକର କକ୍ଷ ଦେଶର ବର୍ଚ୍ଛା ଘାତ ଉପରେ ଅଧିକ ଲକ୍ଷ୍ୟ ରଖୁଛନ୍ତି(ସିଏଫ·୧୯:୩୭ଟ ୨୦:୨୫) । ଲୁକ ୨୪:୩୯ ଓ ଗୀତ ୨୨:୧୬ ବ୍ୟତୀତ ତାହାଂକ ପାଦ ଗୁଡିକର ଉଲ୍ଲେଖ ହୋଇନାହିଁ । ଯୀଶୁଂକ ଗୌରବ ଯୁକ୍ତ ଶରୀର ତାହାଂକ କୃଶବିଦ୍ଧ ହେବାର ଚିହ୍ନଗୁଡିକ ଉଚ୍ଛେଦ କରେ ନାହିଁ ।(ସିଏଫ·ପ୍ର·କର·୧:୨୩ଟ ଗାଲା ୩:୧) ।

■ **"ପ୍ରଭୁ"** ଏହି ସଂଜ୍ଞା ଏଠାରେ ଏହାର ପୂର୍ଣ୍ଣ ଧର୍ମତତ୍ତ୍ୱ ଅର୍ଥରେ ବ୍ୟବହୃତ ହୋଇଛି ଯାହା ପୁରାତନ ନିୟମର ୟାହାବେକୁ ସର୍କ କରଅଛି (ସିଏଫ୍·ଯାତ୍ରା ୩:୧୪) । ପିତା ଈଶ୍ୱରଂକ ପୁରାତନ ନିୟମର ସଂଜ୍ଞା ଯୀଶୁଂକ ନିମନ୍ତେ ପ୍ରୟୋଗ କରିବା ଥିଲା । ନୂତନ ନିୟମ ଲେଖକ ମାନଂକ ଗୋଟିଏ ମାର୍ଗ ଯୀଶୁଂକ ସୂର୍ଣ୍ଣ ଈଶ୍ୱରତ୍ୱକୁ ସତ୍ୟ ଘୋଷଣା କରିବାକୁ ବିଶେଷ ଶୀର୍ଷକ ୩:୧୯ରେ ଦେଖନ୍ତୁ ।

**୨୦:୨୧ "ପିତା ଯେ ପ୍ରକାରେ ମୋତେ ପ୍ରେରଣ କରିଅଛନ୍ତି** "ଏହା ଏକ ସମାପ୍ତିକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ (ସିଏଫ·୧୭:୧୮) । ମଣ୍ଡଳୀର ଗୋଟିଏ ପବିତ୍ର କାର୍ଯ୍ୟ କରିବା ଅଧିକାର ରହିଛି (ସିଏଫ·ମାଥି·୨୮:୧୮-୨୦, ଲହକ ୨୪:୪୭, ପ୍ରେରିତ ୧:୮) । ବିଶ୍ୱାସୀମାନେ ମଧ୍ୟ ଗୋଟିଏ ଆତ୍ମୋତ୍ସର୍ଗ କାର୍ଯ୍ୟରେ ପ୍ରେରିତି ହୋଇଛନ୍ତି (ସିଫେ·ଦି·କର ୫:୧୪:୧୫, ପ୍ର·ଯୋହନ ୩:୧୬) ।

ଯୀଶୁ "ପ୍ରେରଣ କରିବା" ପଦ ନିମନ୍ତେ ଦୁଇଟି ଅଲଗା ପଦ ଗୁଡିକ ବ୍ୟବହାର କରୁଛନ୍ତି । ଯୋହନରେ ଏଗୁଡିକ ସମଅର୍ଥବୋଧକ ଅଟନ୍ତି । ଏହା ସ୍ପଷ୍ଟ ଭାବେ ୮ ଅଧ୍ୟାୟରେ ଦେଖାଯାଇଛି, ଯେଉଁଠାରେ ଯୀଶୁ ପିତାଂକ ଦ୍ୱାରା ଜଣେ ପ୍ରେରିତ ଭାବେ ପୋ ବ୍ୟବହୃତ ହୋଇଛି ୧ସିଏଫ·୮:୧୬ଟ୧୮,୨୬,୨୯), ତଥାପି ୮:୪୨ ପଦରେ ଆପୋଷ୍ଟେଲ ବ୍ୟବହୃତ ହୋଇଛି । ୫,୬ ଅଧ୍ୟାୟରେ ଏହି ସମାନ ବିଷୟ ହୋଇଥିବା ସତ୍ୟ ଅଟେ । ବିଶେଷ ଶୀର୍ଷ "ପ୍ରେରଣ କରିବା" (ଆପୋଷ୍ଟେଲ) ୫:୨୪ ରେ ଦେଖନ୍ତୁ ।

**୨୦:୨୨ "ସେମାନଂକ ଉପରେ ସେ ପ୍ରଶ୍ୱାସ ଛାଡିଲେ"** ଏହା "ପ୍ରଶ୍ୱାସ ଛାଡିଲେ" ପଦ ଉପରେ ଏକ ଶବ୍ଦ ଖେଳ ଅଟେ । ଏବ୍ରୀ ରୁଆକ ଓ ଗ୍ରୀକ୍ ନ୍ୟୁମା "ପ୍ରଶ୍ୱାସ", "ପବନ", କିମ୍ବା "ଆତ୍ମା" ଭାବେ ଅର୍ଥ କରିପାରେ । ଏହି ସମାନ କ୍ରିୟାପଦ ପୁରାତନ ନିୟମର ଆଦି ୨:୭ ପଦରେ ଈଶ୍ୱରଂକ ସୃଷ୍ଟି କାର୍ଯ୍ୟର ସେପ୍ଟୁଆଜିଣ୍ଟରେ ବ୍ୟବହାର ହୋଇଥିଲା ଆଉ ଯିହ ୩୭:୫,୯ ରେ ଇସ୍ରାଏଲ ପୁନର୍ବାର ସତେଜ କରିବା କାର୍ଯ୍ୟରେ ବ୍ୟବହଦୃତ । ବିଶେଷଣ ସୋମନଂକୁ କେବଳ ପ୍ରେରିତ ମାନଂକ ଛଡା ଗୋଟିଏ ବଡ ଗୋଷ୍ଠୀକୁ ଦର୍ଶାଉଛି (ସିଏଫ୍·ଲୁକ ୨୪:୩୩୩) ।

■ **"ପବିତ୍ର ଆତ୍ମାଂକୁ ଗ୍ରହଣ କର"** ଏହା ଏକ ଭାଓରିଷ୍ଟ ଅନୁଜ୍ଞାସୂଚକ କ୍ରିୟା କର୍ତ୍ତୃବାଚ୍ୟ ଅଟେ । ଏହା ପେଣ୍ଟିକଷ୍ଟ ଦିନରେ ଆତ୍ମାଂକ ଅବତରଣ ସହ କିପରି ସଂଯୋଗ କରେ ତାହା ଅନିଶ୍ଚିତ ଅଟେ । ଏହି ପ୍ରଥମର ଆବିର୍ଭାବ ସମୟରେ ଯୀଶୁ ସମସ୍ତ ବିଷୟ ଯାହା ସେ ଶିଷ୍ୟ ମାନଂକୁ ପ୍ରତିଜ୍ଞା କରିଥିଲେ ପୁରଣ କଲେ । ଏହା ଯୀଶୁଂକର ସେମାନଂକର ନୂତନ କାର୍ଯ୍ୟର ନିର୍ଦ୍ଧିଷ୍ଟ କର୍ତ୍ତବ୍ୟ ବିଷୟ ସେମାନଂକୁ ଯୋଗାଉଥିଲେ ଯେପରି ତାହାଂକ ବାପ୍ତିସ୍ମରେ ଆତ୍ମା ତାହାଂକୁ ଯୋଗାଇଥିଲେ ।

ଏହି ପଦ ଆତ୍ମାଂକ ପିତାଂକ ଠାରୁ ଅଗମନ ଅବା ପିତା ଓ ପୁତ୍ରଂକ ଠାରୁ ଆଗତ ପ୍ରଶ୍ନ ଉପରେ ପୁରାତନ ମଣ୍ଡଳୀର ବିବାଦ ନିମନ୍ତେ ବ୍ୟବହାର ହୋଇଥିଲା । ବାସ୍ତବରେ ତ୍ରିଏକ ଈଶ୍ୱରଂକର ସମସ୍ତ ତିନି ବ୍ୟକ୍ତି ଉଦ୍ଧାର କରିବାର ସମସ୍ତ କାର୍ଯ୍ୟରେ ସୃକ୍ତ ଅଟନ୍ତି ।

ଏଥିଓଲୋଜି ଅଫ୍ ଦି ନ୍ୟୁ ଟେଷ୍ଟାମେଣ୍ଟରେ, ଜର୍ଜ ଲାଡ ଏହି ଅଂଶର ସମ୍ଭାବ୍ୟ ତର୍ଜମା ଗହତିକର ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି ।

"ପେଣ୍ଟିକଷ୍ଟ ଦିନରେ ଆତ୍ମାଂକ ଆଗମନର ପ୍ରକାଶରେ ଏହି ଅଂଶ କେତେକ ସମସ୍ୟା ଉଥାପନ କରେ, ଯାହା ତିନୋଟି ମଧ୍ୟରୁ ଗୋଟିଏ ମାର୍ଗରେ ସମାଧାନ ହୋଇପାରିବ । ହୁଏତ ଯୋହନ ପେଣ୍ଟିକଷ୍ଟ ସମ୍ବନ୍ଧରେ ଜାଣିନଥିଲେ ଆଉ ଏହି କାହାଣୀକୁ ପ୍ରତିବଦଳ କରୁଛନ୍ତି, ସେଥି ସକାଶେ ଏହା ଯୋହନ ସମ୍ବନ୍ଧୀୟ ପେଣ୍ଟିକଷ୍ଟ ଫଳପ୍ରଦ ହେଉଛି, କିମ୍ବା ପ୍ରକୃତରେ ସେଠାରେ ଆତ୍ମାଂକର ଦୁଇଟି ଦାନ ଥିଲା, କିମ୍ବା ଯୀଶୁଂକର ଶିଷ୍ୟମାନଂକ ଉପରେ ପ୍ରଶ୍ୱାସ ଛାଡିବା ପେଣ୍ଟିକଷ୍ଟ ଦିନରେ ଆତ୍ମାଂକ ପ୍ରକୃତ ଆଗମନ ଗୋଟିଏ କାର୍ଯ୍ୟ ସିଦ୍ଧ ଉପଦେଶାତ୍ମକ ପ୍ରତିଶୃତ ବଦ୍ଧତା ଓ ପ୍ରତ୍ୟାଶା ଥିଲା" (ପୃ ୨୮୯) ।

ଏନ୍ ଇଟି ବାଇବଲରେ ପାଦଟୀକା ନଂ ୨ (ପୃ ୧୯୯୫) ପ୍ରକାଶ କରେ ଯେ ଏହା ଆଦି ୨:୭ (ଏଲ୍ ଏକ୍ସ ଏକ୍ସ)କୁ ସ୍ମରଣ କରାଏ । ଯେପରି ଆଦି ପୁସ୍ତକରେ ଶାରୀରିକ ଜୀବନ ଦିଆଯାଇଥିଲା ନୂତନ ନିୟମରେ ସେପରି ଅନନ୍ତ ଜୀବନ ଦିଆଯାଇଛି । "ଈଶ୍ୱରଂକର ପ୍ରଶ୍ୱାସ" ଉପରେ ଏହି ଗୁରୁତ୍ୱ ଯିହ·୩୭ ସହିତ ସମାନ୍ତର କରାହୋଇଛି, ଯେଉଁଠାରେ ୟାହୋବେ ଆତ୍ମାଂକ ପ୍ରଶ୍ୱାସ ଦ୍ୱାରା ତାହାଂକ ଲୋକମାନଂକ ପାଇଁ ନୂତନ ଜୀବନ ଆଣୁଛନ୍ତି ।

୨୦:୨୩ "ଯଦି ତୁମ୍ଭେମାନେ କାହାର ପାପ କ୍ଷମା କର" ଏହି ଦୁଇଟି ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ ଏକ ଶବ୍ଦ ସହିତ ଯାହା ସାଧାରଣରେ ଦ୍ୱିତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ସହିତ ବ୍ୟବହୃତ ହୋଇଛି, ଏକ ସହ ନୁହେଁ । ଏହି ମିଶ୍ରିତ ସର୍ତ୍ତ ସମ୍ଭାବ୍ୟ ବିଷୟକୁ ତୀବ୍ର କରେ ଯାହା ଉଭୟ ଯେଉଁମାନେ ସୁସମାଗୃର ବଣ୍ଟନ କରନ୍ତି ଏବଂ ଯେଉଁମାନେ ବିଶ୍ୱାସ ଦ୍ୱାରା ଉତ୍ତର ଦିଅନ୍ତି ସେମାନଂକୁ ସଂଯୋଗ କରେ । କେହି ଜଣେ ସୁସମାଗୃରର ଜ୍ଞାନ ସହିତ ପସନ୍ଦ କରନ୍ତି ଏହାକୁ ବାଣ୍ଟିବା ନିମନ୍ତେ ଆଉ କେହି ଜଣେ ଏହା ଶୁଣେ ଆଉ ଗ୍ରହଣ କରିବାକୁ ପସନ୍ଦ କରେ । ଉଭୟ ଭାବ ଗୁଡିକର ଆବଶ୍ୟକତା ରହିଛି । ଏହି ପଦ ଯଣେ ଧର୍ମଯାଜକକୁ ସ୍ୱେଚ୍ଛାଗୃରୀ ଅଧିକାର ପ୍ରଦାନ କରେ ନାହିଁ, କିନ୍ତୁ ବିଶ୍ୱାସ କରୁଥିବା ସାକ୍ଷୀମାନଂକୁ ଅତି ଉତ୍କୃଷ୍ଟ ଜୀବନ ଦାୟକ ଶକ୍ତି ପ୍ରଦାନ କରେ । ଯୀଶୁଂକ ଜୀବନ ସମୟରେ ସତୁରୀ ଜଣଂକ କାର୍ଯ୍ୟ ଭ୍ରମଣ ସମୟରେ ଏହି ଅଧିକାର ପ୍ରମାଣିତ ହୋଇଥିଲା ।

"ସେମାନଂକୁ ସେମାନଂକର ପାପ କ୍ଷମା କରାଯିବ" ଏହାର ବ୍ୟାକରଣ ସମ୍ବନ୍ଧୀୟ ଗଠନ ଏକ ସମାପ୍ତିକାଳର ବକ୍ତବ୍ୟ ସୂଚକ କର୍ମବାଚ୍ୟ ଅଟେ । କର୍ମବାଚ୍ୟ ଈଶ୍ୱରଂକ କ୍ଷମା, ସୁସମାଚାର ଘୋଷଣା ମାଧ୍ୟମରେ ସୂର୍ଣ୍ଣ ଭାବେ ସହଜଲଭ୍ୟ ହେବା ସୂଚିତ କରେ । ବିଶ୍ୱାସୀ ମାନଂକ ଠାରେ ସାମ୍ରାଜ୍ୟର ଗୃବିକାଠି ରହିଛି (ସିଏଫ·ମାଥି·୧୬:୧୯) ଯଦି ସେମାନେ ସେଗୁଡିକ କେବଳ ବ୍ୟବହାର କରନ୍ତି । ଏହି ପ୍ରତିଜ୍ଞା ବ୍ୟକ୍ତିଗତ ମାନଂକ ପାଇଁ ନୁହେଁ, ମଣ୍ଡଳୀ ନିମନ୍ତେ ଅଟେ । ଏହା ମାଥି ୧୮:୧୮ "ବନ୍ଧ କରିବା ଆଉ ଖୋଲିଦେବା" ସହ ଧର୍ମତତ୍ତ୍ୱ ଭାବେ ସମାନ ଅଟେ ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୨୦:୨୪-୨୫**

**କିନ୍ତୁ ଯୀଶୁ ଯେତେବେଳେ ଆସିଥିଲେ, ଦ୍ୱାଦଶଂକ ମଧ୍ୟରୁ ଜଣେ, ଥୋମା, ଯାହାଂକୁ ଦିଦୁମ କହନ୍ତି, ସେ ସେମାନଂକ ସାଂଗରେ ନଥିଲେ । ୨୫ଅତଏବ, ଅନ୍ୟ ଶିଷ୍ୟମାନେ ତାଂକୁ କହିଲେ, "ଆମ୍ଭେମାନେ ପ୍ରଭୁଂକୁ ଦେଖିଅଛୁ ।" କିନ୍ତୁ ସେ ସୋମନଂକୁ କହିଲେ, ତାହାଂକ ହାତରେ କଣ୍ଟାର ଚିହ୍ନସବୁ ନ ଦେଖିଲେ, ଆଉ ସେହିସବୁ ସ୍ଥାନରେ ମୋହର ଅଂଗୁଳି ନଦେଲେ, ଏବଂ ତାହାଂକ କକ୍ଷଦେଶରେ ମୋହର ହାତ ନଦେବା ଯାଏ, ମୁଁ କଦାପି ବିଶ୍ୱାସ କରିବି ନାହିଁ ।**

**୨୦:୨୪ "କିନ୍ତୁ ଦ୍ୱାଦଶଂକ ମଧ୍ୟରୁ ଜଣେ, ଥୋମା, ଯାହାଂକୁ ଦିଦୁମ କହନ୍ତି, ଯେତେବେଳେ ଯୀଶୁ ଆସିଥିଲେ ସେ ସେମାନଂକ ସାଂଗରେ ନଥିଲେ"** ଗ୍ରୀକ ଭାଷାରେ ଦିଦୁମର ଅର୍ଥ ହେଉଛି "ଯାଆଁଳା" (ସିଏଫ ୧୧:୧୬) । ଅନେକ ସମୟରେ ଲୋକମାନେ ଥୋମାଂକୁ ଜଣେ ସନ୍ଦେହୀ ଭାବେ ଡାକିବା ପାଇଁ ଏହି ଅଂଶକୁ ବ୍ୟବହାର କରିଛନ୍ତି, କିନ୍ତୁ ୧୧:୧୬ ପଦ ମନେ ରଖନ୍ତୁ । ଅନ୍ୟ କୌଣସି ସୁସମାଗୃର ଠାରୁ ଯୋହନଂକ ସୁସମାଗୃରରେ ଥୋମାଂକର ଆବିର୍ଭାବ ଅନେକ ସମୟରେ ହୋଇଛି (ସିଏଫ ୧୧:୧୬, ୧୪:୫, ୨୦:୨୪, ୨୬,୨୭,୨୮,୨୯ଟ ୨୧:୨୧) ।

**୨୦:୨୫ "ଯେ ପର୍ଯ୍ୟନ୍ତ ........ ମୁଁ ବିଶ୍ୱାସ କରିବି ନାହିଁ"** ଗୋଟିଏ ଦୃଢ ଯୁଗ୍ମ ନାସ୍ତିବାଚକ ସହିତ ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ, ଦୃଶ୍ୟ ଆଉ ସ୍ପର୍ଶ ବିନା "ମୁଁ ଏହା ନୁହେଁ, କେବେ ବିଶ୍ୱାସ କରିବି ନାହିଁ । ଯୀଶୁ ଏହି ଅନୁରୋଧକୁ ସମ୍ମାନ କଲେ । ଯୀଶୁ ଶିଷ୍ୟ ମାନଂକ ବିଶ୍ୱାସ ସହିତ (୧) ତାହାଂକ ଆଲୌକିକ କାର୍ଯ୍ୟଗୁଡିକ ଓ (୨) ତାହାଂକ ଭବିଷ୍ୟବାଣୀ ଗୁଡିକ ମଧ୍ୟ ଦେଇ କାର୍ଯ୍ୟ କଲେ । ଯୀଶୁଂକ ସମ୍ବାଦ ସୂର୍ଣ୍ଣ ଭାବେ ନୂତନ ଥିଲା, ସୁସମାଗୃରର ଘୋଷଣା ଗୁଡିକୁ ଆଉ ନିହିତାର୍ଥ ବିଷୟ ଗୁଡିକୁ ବୁଝିବାକୁ ଆଉ ବୋଧଗମ୍ୟ କରିବାକୁ ସେ ସେମାନଂକୁ ସମୟ ଅନୁମତି ଦେଲେ ।

"ମନରେ ଦୃଢ ଛାପ" ବିଶେଷ ଶୀର୍ଷ ତଳେ ଦେଖନ୍ତୁ ।

ବିଶେଷ ଶୀର୍ଷ : ଆକୃତି (ଟୁପସ୍)

ସମସ୍ୟା ହେଉଛି ଶବ୍ଦ ଥହପସ୍, ଯାହାର ବିଭିନ୍ନ ପ୍ରକାର ବ୍ୟବହାର ରହିଛି ।

୧· ମୋଲ୍ଟନ୍ ଆଉ ମିଲିଗାନ୍, ଦି ଭକାବୁଲାରି ଅଫ୍ ଦି ଗ୍ରୀକ୍ ନ୍ୟୁ ଟେଷ୍ଟାମେଣ୍ଟ, ପି ।୬୪୫

କ· ନକ୍ସା

ଖ· ଯୋଜନା

ଗ· ଲେଖିବାର ଆକୃତି ବା ଶୈଳୀ

ଘ· ଆଦେଶନାମା ଅବା ପଂକ ନିଷ୍ପତ୍ତି

ଙ· ଅଦାଲତର ନିଷ୍ପତ୍ତି ଅବା ନିର୍ଣ୍ଣୟ

ଚ· ଅନୁଷ୍ୟ ଶରୀରର ନମୁନା ସୁଷ୍ଟକାରୀ ଈଶ୍ୱରଂକ ନିମନ୍ତେ ଗୋଟିଏ ମାନତ ଦାନସ୍ୱୋର୍ଗ ଭାବେ

ଛ· ବ୍ୟବସ୍ଥାର ଆଦେଶଗୁଡିକ ମାନିବା ପାଇଁ ବାଧ୍ୟ କରିବାର ଅର୍ଥରେ କ୍ରିୟାପଦ ବ୍ୟବହୃତ

୨· ଲଭ ଆଉ ନିଦା, ଗ୍ରୀକ୍- ଇଂଗ୍ଲିସ୍, ଲେକ୍ସିକନ, ଭଲ·୨, **ପୃ·** ୨୪୯

କ· କ୍ଷତ ଚିହ୍ନ (ସିଏଫ· ଯୋହନ

ଖ· ପ୍ରତିମୂର୍ତ୍ତି (ସିଏଫ୍·ପ୍ରେରିତ

ଗ· ନମୁନା (ସିଏଫ·ଏବ୍ରୀ

ଘ· ଉଦାହରଣ (ସିଏଫ୍·ପ୍ର·କର

ଙ· ଆଦିରୂପ (ସିଏଫ୍·ରୋମି

ଚ଼ ପ୍ରକାର (ସିଏଫ୍·ପ୍ରେରିତ

ଛ· ବିଷୟବସ୍ତୁ (ସିଏଫ୍·ପ୍ରେରିତ

୩· ହରୋଲ୍ଡ କେ· ମୋଲଟନ, ଦିଅ ଆନଲିଟିକାଲ ଗ୍ରୀକ ଲେକ୍ସିକନ, ରିଭାଇଜଡ, ୪୧୧

କ· ଏକ ପ୍ରକାଶକ, କେ ପ୍ରଭାବ, ଏକ ଚିହ୍ନ (ସିଏଫ୍·ଯୋହନ ୨୦:୨୫)

ଖ· ଏକ ବର୍ଣ୍ଣନା

ଗ· ଏକ ପ୍ରତିମୂର୍ତ୍ତି (ସିଏଫ·ପ୍ରେରିତ ୭:୪୩)

ଘ· ଏକ ନିୟମ, ଚକ୍ରାନ୍ତ (ସିଏଫ୍·ରୋମି· ୬:୧୭)

ଙ· ଆକୃତି, ଧାରଣ କରିବା (ସିଏଫ·ପ୍ରେରିତ ୨୩:୨୫)

ଚ଼ ଏକ ଆକୃତି, ପ୍ରତିମୂର୍ତ୍ତି (ସିଏଫ·ପ୍ର·କର ୧୦:୬)

ଛ· ଏକ ଅନୁମାନିକ ଆକୃତି, ପ୍ରକାର ୧ସିଫେ·ରୋମି· ୫:୧୪, ପ୍ର·କର ୧୦:୧୧)

ଜ· ଏକ ନମୁନା ନକ୍ସା (ସିଏଫ·ପ୍ରେରିତ ୭:୪୪ଟ ଏବ୍ରୀ ୮:୫)

ଝ· ଏକ ନୈତିକ ନକ୍ସା (ସିଏଫ·ଫିସଲିପ·୩:୧୭ଟ ପ୍ର·ଥେସ ୧:୭ ଦ୍ରି·ଥେସ ୩:୯ ପ୍ର·ତିମ·୪:୧୨ଟ ପ୍ର·ପି୍ତ ୫:୩)

ଏହି ପରିପ୍ରେକ୍ଷିରେ ଉପର ନଂ:୧ ଉତ୍ତର ଦେଖାଯାଉଛି । ସୁସମାଗୃରର ଉଭୟ ଧର୍ମନୀତ ଆଉ ଜୀବନ ପ୍ରଣାଳୀ ନିହିତ ଅର୍ଥଗୁଡିକ ରହତ୍ରହି । ଖ୍ରୀଷ୍ଟଂକ ଠାରେ ପରିତ୍ରାଣର ମୁକ୍ତଦାନ ମଧ୍ୟ ଗୋଟିଏ ଖ୍ରୀଷ୍ଟ ସଦୃଶ ଜୀବନ ଦାବୀ କରେ ।

ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ: ୨୦:୨୬-୨୯

ଆଠ ଦିନ ପରେ ତାହାଂକ ଶିଷ୍ୟମାନେ ପୁନର୍ବାର ଭିତରେ ଥିଲେ, ଓ ଥୋମା ସେମାନଂକ ସାଂଗରେ ଥିଲେ । ଦ୍ୱାର ସବୁ ରୁଦ୍ଧ ଥିବା ସମୟରେ, ଯୀଶୁ ଆସିଲେ, ଏବଂ ମଧ୍ୟ ସ୍ଥଳରେ ଠିଆ ହୋଇ କହିଲେ, "ତୁମ୍ଭମାନଂକ ସହ ଶାନ୍ତି ଥାଉ" । ୨୭ପରେ ସେ ଥୋମାଂକୁ କହିଲେ, "ଏଆଡେ ଆଂଗୁଳି ବଢାଇ, ମୋହର ହାତ ଦେଖ, ଓ ହାତ ବଢାଇ ମୋହର କକ୍ଷ ଦେଶରେ ଦିଅ, ଅବିଶ୍ୱାସୀ ନ ହୋଇ ବିଶ୍ୱାସୀ ହୁଅ ।" ୨୮ଥୋମା ତାହାଂକୁ ଉତ୍ତର ଦେଇ କହିଲେ, "ମୋହର ପ୍ରଭୁ, ମୋହର ଈଶ୍ୱର ।" ୨୯ଯୀଶୁ ତାଂକୁ କହିଲେ, "ତୁମ୍ଭେ ମୋତେ ଦେଖିବାରୁ ବିଶ୍ୱାସ କରିଅଛ? ଯେଉଁମାନେ ନ ଦେଖି ବିଶ୍ୱାସ କରନ୍ତି, ସେମାନେ ଧନ୍ୟ ।"

**୨୦:୨୬ "ଆଠ ଦିନ ପରେ"** ଗୋଟିଏ ସପ୍ତାହ ପାଇଁ ଏହା ହେଉଛି ଏକ ଏବ୍ରୀ ରୁଢ୍ୟୋକ୍ତି । ଏହା ଅନ୍ୟ ଏକ ରବିବାର ସନ୍ଧ୍ୟା ଥିଲା । କ୍ରମାଗତ ଭାବେ ତିନୋଟି ରବିବାର ରାତ୍ରିରେ ଉପର କୋଠରୀରେ ଯୀଶୁ ଶିଷ୍ୟମାନଂକ ନିକଟରେ ଆବିର୍ଭାବ ହେଲେ ଆଉ ତାହାଫଳରେ ଖ୍ରୀଷ୍ଟିୟାନ ଉପାସନା ନିମନ୍ତେ ଗୋଟିଏ ଉଦାହରଣ ସ୍ଥାପନ କଲେ (ସମ୍ଭବତଃ ଯୋହନ ମାର୍କଂକ ଗୃହରେ) ପ·୧୯ ର ଲେଖା ଦେଖନ୍ତୁ ।

**୨୦:୨୭ "ଆଉ ଅବିଶ୍ୱାସୀ ନ ହୋଇ, ବିଶ୍ୱାସୀ ହୁଅ"** ଏହା ନାସ୍ତିବାଚକ କ୍ରିୟା ବିଶେଷଣ ସହିତ ଏକ ବର୍ତ୍ତମାନ କାଳ ମଧ୍ୟବର୍ତ୍ତୀ (ଆକୃତିରେ କର୍ମବାଚ୍ୟ କିନ୍ତୁ ଅର୍ଥରେ କ୍ରିୟାବାଚକ) ଅନୁଜ୍ଞା ସୂଚକ କ୍ରିୟା ଅଟେ ଯାହାର ସାଧାରଣ ଅର୍ଥ ପ୍ରକ୍ରିୟାରେ ଥିବା କାର୍ଯ୍ୟକୁ ବନ୍ଦ କରିବା । ସମସ୍ତ ବିଶ୍ୱାସୀମାନେ ହେଉଛନ୍ତି ସନ୍ଦେହ ଓ ବିଶ୍ୱାସର ବିଚିତ୍ର ମିଶ୍ରଣ ।

**୨୦:୨୮** ଧର୍ମତତ୍ତ୍ୱ ଭାବେ ଥୋମାଂକ ସ୍ୱୀକାରୋକ୍ତିପଦ ୧୭କୁ ସର୍ଜ କରିପାରେ । ଥୋମାଂକ ସ୍ୱୀକାରୋକ୍ତିରେ ପୁରାତନ ନିୟମର ଅଗ୍ରାଧିକାର ଥାଇପାରେ ଯେଉଁଠାରେ ଯେତେବେଳ ୟାହୋବେ ଏଲୋହିମ ସଜ୍ଞାଗୁଡିକ (ଏହା ହେଉଛି, ଆଦି ୨:୪) ଏକ ସଂଗରେ ପରିଦୃଷ୍ଟ ହେଲା, ସେହି ନାମ "ପ୍ରଭୁ ଇଶ୍ୱର" ଭାବେ ଅନୁବାଦିତ ହେଉଥିଲା । ଯୀଶୁ ତାହାଂକ ଇଶ୍ୱରତ୍ୱର ଏହି ଆଚମ୍ବିତଜନକ ଦୃଢ ଘୋଷଣାକୁ ସୂର୍ଣ୍ଣଭାବେ ଗ୍ରହଣ କରନ୍ତି ।

୧ ଅଧ୍ୟାୟ, ୧ ପଦ ଠାରୁ, ଯୋହନଂକ ସୁସମାଗୃର ନାଜରିତୀୟ ଯୀଶୁଂକ ଇଶ୍ୱରତ୍ୱକୁ ଘୋଷଣା କରେ ।

ଯୋହନରେ ଅନେକ ସମୟରେ ଯୀଶୁ ଇଶ୍ୱରତ୍ୱକୁ ଦାବି କରିଛନ୍ତି (ସିଏଫ-୮:୫୮, ୧୦:୩୦, ୧୪:୯, ୨୦:୨୮) ଆଉ ୧:୧ଟ ୧୪-୧୮ଟ ୫:୧୮ ରେ ଲେଖକ ତାହାଂକ ଇଶ୍ୱରତ୍ୱକୁ ଘୋଷଣା କରନ୍ତି । ଅନ୍ୟ ବାଇବଲ ସମ୍ବନ୍ଧୀୟ ଲୋଖକ ମାନେ ମଧ୍ୟ ସ୍ପଷ୍ଟ ଭାବେ ଘୋଷଣା କରନ୍ତି ଯେ ଯୀଶୁ ଐଶ୍ୱରିକ ଅଟନ୍ତି (ସିଏଫ୍·ପ୍ରେରିତ·୨୦:୨୮, ରୋମି ୯:୫ଟ ଫିଲି ୨:୬-୭, କଲ ୧:୧୫-୧୭, ଦି·ଥେସ ୧:୧୨, ତିତସ ୨:୧୩, ଏବ୍ରୀ ୧:୮, ଦ୍ୱି·ପିତ ୧:୧, ୧୧, ପ୍ର·ଯୋହନ ୫:୨୦) ।

**୨୦:୨୯** ଏହି ପ୍ରାରମ୍ଭିକ ବାକ୍ୟାଂଶ ଗୋଟିଏ ମନ୍ତବ୍ୟ କିମ୍ବା ଗୋଟିଏ ପ୍ରଶ୍ନ ହୋଇପାରେ ଯାହା ଗୋଟିଏ "ହଁ" ଉତ୍ତରର ଆଶା କରୁଛି । ବ୍ୟାକରଣ ସମ୍ବନ୍ଧୀୟ ଗଠନ ହେଉଛି ସନ୍ଦେହଜନକ । ଏହା ୧୭:୨୦ ର ଆଶିର୍ବାଦ ସହ ସମାନ ଅଟେ (ସିଏଫ·ପ୍ର·ପିତ ୧:୮) ।

**ଏନ୍ ଏ ଏସ ବି (ଆଧୁନିକରଣ) ଶାସ୍ତ୍ରାଂଶ ୨୦:୩୦-୩୧**

**୩୦ସେଥିରେ ଯୀଶୁ ଶିଷ୍ୟମାନଂକ ସାକ୍ଷାତରେ ଆହୁରି ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ, ୩୧କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଇଶ୍ୱରଂକ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଂକ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଛି ।**

**୨୦:୩୦** ନିଶ୍ଚିତ ଭାବେ ୩୦-୩୧ ପଦ ଗୁଡିକ ସୁସମାଗୃରର ବିଷୟବସ୍ତୁ ଆଉ ଉଦ୍ଦେଶ୍ୟ ଅଟନ୍ତି । ଏହା ଏକ ପ୍ରଗୃର କରିବା ପାଇଁ ଉଦ୍ଦିଷ୍ଟ ପତ୍ରିକା ଅଟେ । ସୁସମାଗୃର ଲେଖକମାନଂକର, ପ୍ରେରଣା ଦ୍ୱାରା, ଯୀଶୁଂକର କାର୍ଯ୍ୟ ସମୂହ ଆଉ ବାକ୍ୟ ମନୋନୀତ କରିବା, ସଜାଡିବା, ଆଉ ସଂକ୍ଷିପ୍ତ ବିବରଣ ଆକାରରେ ଗ୍ରହଣ କରି ନିୟୋଜିତ କରିବାକୁ ଇଶ୍ୱରଦତ୍ତ ସାମର୍ଥ୍ୟ ଥିଲା, ଆଉ ଯୀଶୁଂକ ସମ୍ବନ୍ଧୀୟ ମହାନ୍ ସତ୍ୟ ଗୁଡିକୁ ସ୍ପଷ୍ଟ ଭାବରେ ମନୋନୀତ ଶ୍ରୋତା ମାନଂକୁ, ଯିହୁଦୀ, ରୋମୀୟ ଏବଂ ବିଜାତୀୟ ମାନଂକୁ ଜଣାଇବା ପାଇଁ ଅଧିକାର ଥିଲା । ନୂତନ ନିୟମ ଏକ ଖ୍ରୀଷ୍ଟିୟାନ ଆନୁଷ୍ଠାନିକ ସଂକଳନ ନୁହେଁ ।

ଦି ଏକ୍ସପୋଜିଟରସ୍ ବାଇବଲ କମେଣ୍ଟାରୀ ର, "ଦି ଅଥୋରିଟି ଏଣ୍ଡ ଇନ୍ସ୍ପାରେଷନ ଅଫ୍ ଦି ବାଇବଲ" ରେ ନାମିତ ଲେଖା ପ୍ରାରମ୍ଭରେ, କାର୍ଲ ଏଫ·ଏଚ୍·ହେନରୀ କହନ୍ତି:

"ବାଇବଲ ଘଟଣାବଳୀ ଗୁଡିକର ଗୋଟିଏ ସୂର୍ଣ୍ଣ ସମୟାନୁକ୍ରମିକ ବିବରଣ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖେ ନାହିଁ, ଯଦିବା ଏହା ସୃଷ୍ଟି ବିବରଣ ସହ କିମ୍ବା ଅବତାର ଇତିହାସ ଅନ୍ତର୍ଭୁକ୍ତ କରି, ପରିତ୍ରାଣର ଇତିହାସ ସହ କାର୍ଯ୍ୟ ସାଦନ କରେ । କିନ୍ତୁ ବାଇବଲ ସମ୍ବନ୍ଧୀୟ ଲେଖାଗୁଡିକର ପ୍ରକାଶିତ ଉଦ୍ଦେଶ୍ୟ ଦେହଉଛି ମନୁଷ୍ୟକୁ ସେହି ସମସ୍ତ ଆବଶ୍ୟକୀୟ ଓ ଯଥେଷ୍ଟ ବିଷୟ ଦେବା, ଯାହା ତାଂକ ନିମନ୍ତେ ପରିତାଣ ଉଦ୍ଧାର ଆଉ ତାଂକ ଗଠକାରୀଂକର ଆଜ୍ଞାନୁବର୍ତ୍ତୀ ସେବା । ଯଦିଓ ବାଇବଲ ସମ୍ବନ୍ଧୀୟ ଲୋଖକମାନେ ଅନେକ ସମୟରେ ଇଶ୍ୱରଂକର ଗୋଟିଏ ରକ୍ଷା କରିବା କାର୍ଯ୍ୟକୁ ବିଭିନ୍ନ ଦୃଷ୍ଟିକୋଣ ଠାରୁ ଆଉ ବିଭିନ୍ନ ଉଦ୍ଦେଶ୍ୟ ଗୁଡିକ ନିମନ୍ତେ ଦର୍ଶାନ୍ତି, ସୋମନେ ଆମ୍ଭମାନଂକୁ ଯାହା କୁହନ୍ତି ତାହା ବିଶ୍ୱାସଯୋଗ୍ୟ ପୁଣି ସନ୍ତୋଷଜନକ । ମାଥିଉ ଯୀଶୁଂକ ସେବା କାର୍ଯ୍ୟର ପ୍ରଚୁର ବିବରଣୀ ଶିକ୍ଷାଦାନ ନିମନ୍ତେ ଗୋଟିଏ ପ୍ରଚଳିତ ବ୍ୟବହାର ଯୋଗ୍ୟ ବ୍ୟବସ୍ଥା ଭାବେ ଗଣନା କରୁଛନ୍ତି । ଲୁକ ମାର୍କ ସମାଗୃରରେ ଥିବା ବହୁତ ଉପାଦାନ ଗୁଡିକ ବାଦ୍ ଦେଇଛନ୍ତି ଯେଉଁଠାରେ ଏ ପର୍ଯ୍ୟନ୍ତ ଏକ କ୍ରମିକ ବିବରଣ ରହିଛି ଆଉ ତାହା ଆତ୍ମରକ୍ଷା ଉପାୟର ଧର୍ମଶିକ୍ଷା ପ୍ରଶ୍ନମାଳାର ପ୍ରବର୍ତ୍ତନା (ସିଏଫ: ୧:୪) । ଯୋହନ ଖୋଲା ଭାବରେ ସୁଦୂର ପ୍ରସାରୀ ଭିନ୍ନତା ବୁଝିବା ସାମର୍ଥ୍ୟ ଯାହା ଚତୁର୍ଥ ସମାଗୃରର ଭିତ୍ତି ହୋଇଛି ତାହା ଉପରେ ମନ୍ତବ୍ୟ ପ୍ରକାଶ କରନ୍ତି (୨୦:୩୦, ୩୧)" (ପିପି ୨୭-୨୮) ।

- **"ଯୀଶୁ ଶିଷ୍ୟମାନଂକ ସାୟାତରେ ଆହୁରି ଅନେକ ଅଦ୍ଭୁତ ଲକ୍ଷଣ ସାଧନ କଲେ"**

ଏହି ସବୁ "ଲକ୍ଷଣଗୁଡିକ" ଅନେକ ପ୍ରକାର ସଭାବେ ବୁଝାଯାଇ ପାରେ

୧· ଚିହ୍ନ ଗୁଡିକଯେ ସତ୍ୟ ଭାବେ ସେ ଜୀବିତ ଥିଲେ

କ· ସେମାନେ ତାହାଂକ କ୍ଷତ ସବୁ ସ୍ପର୍ଶ କରିବା

ଖ· ସେମାନଂକ ସହିତ ତାହାଂକ ଭୋଜନ କରିବା (ସିଏଫ·ଲୁକ ୨୪:୪୩)

୨· ଉପର କୋଠରୀରେ ସେମାନଂକର ଉପସ୍ଥିତିରେ ହୋଇଥିବା ଲିପିବଦ୍ଧ ହୋଇନଥିବା ଚିହ୍ନଗୁଡିକ

୩· ତାହାଂକ ଜୀବନର କାର୍ଯ୍ୟସବୁ (ଅତୀତକୁ ଲକ୍ଷ୍ୟ କରି) ସୁସମାଗ୍ରୃର ଗୁଡିକରେ ଲିପିବଦ୍ଧ କରିବାକୁ ସୋମନଂକୁ ପ୍ରସ୍ତୁତ କରିବାରେ ଗୋଟିଏ ନିର୍ଦ୍ଦେଶ(ସିଏଫ·ଲୁକ ୨୪:୪୬-୪୮)

**୨୦:୩୧**

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି,**

**ଟି ଇ ଭି, ଏନ୍ ଜେ ବି "ତୁମ୍ଭେମାନେ ଯେପରି ବିଶ୍ୱାସ କର"**

**ଏନ୍ ଆର୍ ଏସ୍ ଭି "ତୁମ୍ଭେମାନେ ଯେପରି ବିଶ୍ୱାସକୁ ଆସିପାର"**

କେତେକ ପୁରାତନ ଗ୍ରୀକ୍ ପାଣ୍ଡୁଲିପି ଗହଡିକ, ପି, ······ଟ ବି, ଆଉ ଅରିଗେନ୍ ଦ୍ୱାରା ବ୍ୟବହୃତ ଗ୍ରୀକ୍ ପୁସ୍ତକରେ ଏକ ବର୍ତ୍ତମାନକାଳ ସମ୍ଭାବନାର୍ଥକ କ୍ରିୟା ରହିଛି, ଯାହା ସୂଚିତ କରେ ଯେ ଯୋହନ ବିଶ୍ୱାସୀ ମାନଂକୁ ବିଶ୍ୱାସରେ ସ୍ଥାୟୀ ରହିବାକୁ ଉତ୍ସାହିତ କରିବାକୁ ଲେଖିଛନ୍ତି ।

ଅନ୍ୟ ଗ୍ରୀକ୍ ପାଣ୍ଡୁଲିପି ଗୁଡିକ (ହେଉଛି, ····· ଏ, ସି,ଡି, ଏଲ୍, ଏମ୍, ଡବଲ୍ୟୁ)ର ଏକ ଆଓରିଷ୍ଟ ସମ୍ଭାବନାର୍ଥକ କ୍ରିୟା ରହିଛି, ଯାହା ସୂଚିତ କରେ ଯେ ଯୋହନ ଅବିଶ୍ୱାସୀ ମାନଂକୁ ଲେଖୁଥିଲେ । ୟହ ବି ଏସ୍ ପୁସ୍ତକରେ ଆଓରିଷ୍ଟ ରଖେ କିନ୍ତୁ ଏହାକୁ ଏକ "ସ" ଶ୍ରେଣୀ ପ୍ରଦାନ କରେ (ନିଷ୍ପତି ନେବାରେ ଅସୁବିଧା) । ଏହା ପଦ ହେଉଛି ସୁସମାଗର୍ଭରର ପ୍ରକାଶ ହୋଇଥିବା ଉଦ୍ଦେଶ୍ୟ । ଯୋହନ, ଅନ୍ୟ ସୁସମାଗ୍ରୃର ଗହଡିକ ସଦୃଶ, ଏକ ପ୍ରଗ୍ରୃର କରିବା ପତ୍ରିକା ଅଟନ୍ତି ।

"ଖ୍ରୀଷ୍ଟ" ଏହା ହେଉଛି ଏବ୍ରୀ ପଦ "ମସୀହ" ର ଗ୍ରୀକ ଅନୁବାଦ ଯାହା ପ୍ରକୃତ ପର୍ଥରେ "ଜଣେ ଅଭିଷିକ୍ତ ବ୍ୟକ୍ତି" । ଏହା ପୁରାତନ ନିୟମର ଦାଉଦଂକ ସନ୍ତାନ ଯିଏ ଧାର୍ମିକତାର ନୂତନ ଯୁଗରେ ଆଣିବା ନିମନ୍ତେ ଭବିଷ୍ୟବାଣୀ ହୋଇଥିଲା । ନାଜରିତୀୟ ଯୀଶୁ (ସିଏଫ ୧:୪୫) ହେଉଛନ୍ତି ଯିହୁଦୀୟ ମସୀହ (ସିଏଫ· ୧୧·୨୭) ।

ଯୀଶୁଂକ ନିମନ୍ତେ ଏହି ଆଖ୍ୟା ସୁସମାଗ୍ରୃରରେ ପୂର୍ବରୁ ମିଳେ (ସିଏଫ୍ ୧:୪୧) । ଯାହା ହେଉ । ବିଜାତୀୟମାନଂକ ସମ୍ମୁଖରେ ଆଖ୍ୟା "ମସୀହ" ନୁହଁ କିନ୍ତୁ ଆଖ୍ୟା "ପ୍ରଭୁ" ଗୋଟିଏ ସାଧାରଣ ଆଖ୍ୟା ଭାବେ ଯୀଶୁଂକ ପାଇଁ ବ୍ୟବହୃତ (ସିଏଫ·ରୋମି· ୧୦:୯-୧୩, ଫିଲିପ ୨:୯-୧୧) ।

- **"ମସୀହ"** ର ଧାରଣାରେ ଭବିଷ୍ୟତ୍ ସମ୍ବନ୍ଧୀୟ ବିଷୟ ନିହିତ ରହିଥିଲା (୧) ଫାରୂସୀ ମାନଂକ ନିମନ୍ତେ ଏହା ରାଜନୈତିକ, ଜାତୀୟ ପ୍ରତ୍ୟାଶାଗୁଡିକ ଥିଲା ଆଉ (୨) ଜଗତର ସମାପ୍ତି ସମ୍ବନ୍ଧୀୟ ଯିହୁଦୀୟ ଉପନ୍ୟାସରେ ଏହା ଥିଲା ଜାଗତିକ, ବିଶ୍ୱବ୍ୟାପି ପ୍ରତ୍ୟାଶାଗୁଡିକ ।
- **"ଈଶ୍ୱରଂକ ପୁତ୍ର"** ଏହି ଆଖ୍ୟା ସଂକ୍ଷିପ୍ତ ସୁସମାଗ୍ରୃରରେ ମିତବ୍ୟୟୀ ଭାବରେ ବ୍ୟବହୃତ ହୋଇଛି (ବୋଧ ହୁଏ ବିଜାତୀୟମାନଂକ ଦ୍ୱାରା ସମ୍ଭାବ୍ୟ ଭୁଲ ବୁଝାମଣା କାରଣରୁ), କିନ୍ତୁ ଯୋହନରେ ପୂର୍ବରହ ବ୍ୟବହୃତ (ସିଏଫ୍ ୧:୧୪, ୩୪, ୪୯) । ଏହା ଯୀଶୁ ଆଉ ପିତାଂକ ମଧ୍ୟରେ ଥିବା ଅଦ୍ୱିତୀୟ ସର୍କକୁ ଦର୍ଶାଇବାର ଯୋହନଂକର ଏକ ମାର୍ଗ ଥିଲା (ଦୁଇଅସର ବ୍ୟବହାର) । ଯୋହନ ଏହି ପାରିପାରିକ ଉପମା କେତେକ ମାର୍ଗ ଗୁଡିକରେ ବ୍ୟବହାର କରନ୍ତି ।

୧· ଏକ ଆଖ୍ୟା

୨· "ଏକମାତ୍ର ଅଦ୍ୱିତୀୟ" ସମ୍ବନ୍ଧ ସହିତରେ (ମନୋଗେନେସ୍, ସିଏଫ୍· ୧:୧୮, ୩:୧୬, ପ୍ର ଂ·ଯୋହନ ୪:୯)

୩· "ପିତା" ଆଖ୍ୟାର ବ୍ୟବହାର ସହିତ ସଂଯୋଗରେ (ସିଏଫ୍ ୨୦:୧୭)

ବିଶେଷ ଶୀର୍ଷ ଦେଖନ୍ତି : ଈଶ୍ୱରଂକ ପୁତ୍ର ପ୍ର·ଯୋହନ ୩:୮ ରେ

**ପ୍ରଶ୍ନଗୁଡିକର ଆଲୋଚନା:-**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଂକ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଂକଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱ ପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଂକ ନିକଟରେ ଛାଡିଦେବା ଉଚିତ୍ ନୁହେଁ ।

ଏହି ସମସ୍ତ ପ୍ରଶ୍ନଗୁଡିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଏହି ପୁସ୍ତକ ମାଧ୍ୟମରେ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣଂକୁ ପ୍ରଦାନ କରାଯାଇଛି । ସେଗୁଡିକ ଅର୍ଥ ଚିନ୍ତା କିରବା ନିମନ୍ତେ ପ୍ରରୋଚକ ହୋଇପାରେ, ନିଷ୍ପତମୂଳକ ନୁହେଁ ।

୧· କିଏ ସମାଧିକୁ ଆସିଥିଲେ? କେତେବେଳେ? କାହିଁକି?

୨· ଶିଷ୍ୟମାନେ କାହିଁକ ପୁନରୁଥାନ ଆଶା କରି ନଥିଲେ? କଣ କେହି ଏହା ଆଶା କରିଥିଲା?

୩· କାହିଁକି ମରିୟମ ଯୀଶୁଂକୁ ଚିହ୍ନିଲା ନାହିଁ?

୪· ଯୀଶୁ ମରିୟମଂକୁ ତାହାଂକୁ ଧରି ନ ରହିବା ପାଇଁ କାହିଁକି କହିଲେ?

୫· ୨୨-୨୩ ପଦ ଗହଡିକ ତୁମ୍ଭମାନଂକ ନିଜ ଶବ୍ଦ ଗୁଡିକରେ ବର୍ଣ୍ଣନା କର ।

୬· ଥୋମାଂକୁ ଜଣେ ସନ୍ଦେହୀ କହିବା କଣ ନ୍ୟାୟ ସଂଗତ?

୭· ଶବ୍ଦ "ବିଶ୍ୱାସ" ବ୍ୟାଖ୍ୟା କର ଯେପରି ଯୀଶୁଂକ ସମୟରେ ଏହା ବୁଝାଯାଉଥିଲା, ଆମ୍ଭମାନଂକ ସମୟରେ ନୁହେଁ ।

# ଯୋହନ - ୨୧

## ଆଧୁନିକ ଅନୁବାଦର ବିଭାଜନ ଅଂଶ

| ୟୁ ବି ଏସ୍ | ଏନ କେ ଜେଭି | ଏନ୍ ଆର ଏସ୍ ଭି | ଟିଇଭି | ଏନଜେ ବି |
|---|---|---|---|---|
| ସାତଜଣ ଶିଷ୍ୟ ମାନଙ୍କଠାରେ ଯୀଶୁଙ୍କର ଆବିର୍ଭାବ | ସମୁଦ୍ର କୂଳରେ ପ୍ରାତଃ ଭୋଜନ | ଉପସଂହାର | ଯୀଶୁ ସାତଜଣ ଶିଷ୍ୟ ଦର୍ଶନ ଦେବା | ତିବିରିଆ ସମୁଦ୍ର କୂଳରେ ଦର୍ଶନ |
| ୨୧:୧-୧୪ | ୨୧:୧-୧୪ | ୨୧:୧-୩ | ୨୧:୧-୩ | ୨୧:୧-୩ |
| | | ୨୧:୪-୮ | ୨୧:୩ | ୨୧:୪-୮ |
| ଯୀଶୁ ଆଉ ପିତର | ଯୀଶୁ ପିତରଙ୍କୁ ପୁନରୁଦ୍ଧାର କରିବା | | | ୨୧:୧୧-୧୪<br>ଯୀଶୁ ଆଉ ପିତର |
| ୨୧:୧୫-୧୯ | ୨୧:୧୫-୧୯ | ୨୧:୧୫-୧୯ | ୨୧:୧୫ | ୨୧:୧୫-୧୯<br>୨୧:୧୫<br>୨୧:୧୫ଘ-୧୬ଖ<br>୨୧:୧୬ଗ<br>୨୧:୧୬ଘ-୧୭ଖ<br>୨୧:୧୭ଗ<br>୨୧:୧୭ଗ-୧୯ |
| ଯୀଶୁ ଓ ପ୍ରିୟ ଶିଷ୍ୟ | ପ୍ରିୟଶିଷ୍ୟ ଓ ତାଙ୍କ ପୁସ୍ତକ | | ଯୀଶୁ ଏବଂ ଅନ୍ୟ ଶିଷ୍ୟ | |
| ୨୧ :୨୦ - ୨୩ | ୨୧ : ୨୦ - ୨୫ | ୨୧ : ୨୦ - ୨୩ | ୨୧:୨୦-୨୧ | ୨୧:୨୦-୨୩ |
| | | | ୨୧ : ୨୨ | |
| | | | ୨୧ : ୨୩ | ଦ୍ୱିତୀୟ ସମାପ୍ତି |
| ୨୧ : ୨୪ | ୨୧ : ୨୪ - ୨୫ | ୨୧ : ୨୪ | ୨୧ : ୨୪<br>ସମାପ୍ତି | |
| ୨୧ : ୨୫ | | | ୨୧ : ୨୫ | ୨୧ : ୨୫ |

## ପଠନ ଚକ୍ର ତିନି

**ଅନୁଚ୍ଛେଦ ସ୍ତରରେ ପ୍ରଥମ ଲେଖକଙ୍କ ଅଭିପ୍ରାୟ ଅନୁସରଣ କରିବା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ ନୁହେଁ । ନିରବଚ୍ଛିନ୍ନ ଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକ ପାଞ୍ଚୋଟି ନୂତନ ତର୍ଜମା ସହ ମିଳାଅନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣା ଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ
୨. ଦ୍ୱିତୀୟ ଅନୁଚ୍ଛେଦ
୩. ତୃତୀୟ ଅନୁଚ୍ଛେଦ
୪. ଇତ୍ୟାଦି

ପଦ ୧ ଠାରୁ ୨୫ ପର୍ଯ୍ୟନ୍ତ ପଦଗୁଡ଼ିକର ପୂର୍ବାପର ଅର୍ନ୍ତଦୃଷ୍ଟିମାନ

କ. ଅଧ୍ୟାୟ ୨୧ ସମ୍ବନ୍ଧରେ ଏକ ସମ୍ମିଳିତ ହେବା ଭାବରେ ସେଠାରେ ବହୁତ ଆଲୋଚନା ରହିଛି କାରଣ ସୁସମାଚାର ୨୦:୩୧ ପଦରେ ସମାପ୍ତ ହେବାପରି ଦେଖାଯାଉଛି । ଯାହା ହେଉ, ସେଠାରେ ଗ୍ରୀକ୍ ପାଣ୍ଡୁଲିପି ନାହିଁ ଯାହା ୨୧ ଅଧ୍ୟାୟକୁ ବାଦ ଦିଏ ।

ଖ.୨୫ ପଦ ବେଳେ ବେଳେ ଏକ ପରବର୍ତ୍ତୀ ସମୟରେ ସଂଯୋଜିତ ଭାବେ ଭାବିବାକୁ ଦର୍ଶାଏ କାରଣ କେତେକ ପାଣ୍ଡୁଲିପିରେ ଯୋହନ ୭ : ୫୩ - ୮ : ୧୧ ପଦ ୨୪ ପରେ ଅର୍ନ୍ତନିବିଷ୍ଟ କରାଯାଇଛି । ମଧ୍ୟ ପୁରାତନ ପାଣ୍ଡୁଲିପି ସିନାଇଟିକସ୍‌ରେ, ପ୍ରକୃତ ଭାବରେ ଲେଖକ ୨୫ ପଦକୁ ବାଦ୍ ଦେଇଥିଲେ ପୁଣି ପଛକୁ ଯାଇ ଓ ଏହାକୁ ଅର୍ନ୍ତନିର୍ଦ୍ଧିଷ୍ଟ କରିବା ନିମନ୍ତେ ଏକ ଆଳଙ୍କାରିତକ କଲଫନ୍‌କୁ ଲିଭାଇବାକୁ ପଡ଼ିଥିଲା ।

ଗ. ଯଦିଓ ଏହା ଯୋହନ ସୁସମାଚାରର ଏକ ଅବିଚ୍ଛିନ୍ନ ଅଂଶ ନୁହେଁ, ୨୧ ଅଧ୍ୟାୟ ନିର୍ଦ୍ଦିଷ୍ଟ ଭାବରେ ପ୍ରେରିତଙ୍କ ହସ୍ତରୁ ଥିଲା । ଏହା ପୁରାତନ ମଣ୍ଡଳୀର ଦୁଇଟି ପ୍ରଶ୍ନଗୁଡ଼ିକର ଉତ୍ତର ଦିଏ :

୧. ପିତର କ'ଣ ପୁନଃ ସ୍ଥାପିତ ହୋଇଥିଲେ ?

୨. ଯୋହନଙ୍କ ଦୀର୍ଘ ଜବନ ସମ୍ପର୍କିତ ବିଖ୍ୟାତ କାହାଣୀ ବିଷୟରେ କ'ଣ ?

**ଶବ୍ଦ ଏବଂ ବାକ୍ୟାଂଶ ପଠନ**

**ଏନ୍ ଏଏ ସ୍‌ବି (ଆଧୁନୀକରଣ) ଶାସ୍ତ୍ରାଂଶ : ୨୧ : ୧ - ୩**

**୧. ଏହି ସମସ୍ତ ବିଷୟ ଉତ୍ତାରେ ଯୀଶୁ ପୁନର୍ବାର ତିବିରିୟା ସମୁଦ୍ର କୂଳରେ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ, ଆଉ ସେ ଏହି ପ୍ରକାରେ ଦର୍ଶନ ଦେଲେ । ୨. ଶିମୋନ ପିତର, ଥୋମା, ଯାହାଙ୍କୁ ଦିଦୁମ କହନ୍ତି, ଗାଲିଲୀର କାନ୍ନାନିବାସୀ ନିଥନିୟେଲ, ଜେବଦିଙ୍କ ପୁତ୍ରମାନେ, ଆଉ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଆଉ ଦୁଇଜଣ ଏକତ୍ର ଥିଲେ । ୩. ଶିମୋନ ପିତର ସେମାନଙ୍କୁ କହିଲେ, "ମୁଁ ମାଛ ଧରିବାକୁ ଯାଉଅଛି ।" ସେମାନେ ତାଙ୍କୁ କହିଲେ, "ଆମ୍ଭେମାନେ ମଧ୍ୟ ତୁମ୍ଭ ସାଙ୍ଗରେ ଯିବୁ ।" ସେମାନେ ବାହାରିଯାଇ ନୌକାରେ ଚଢ଼ିଲେ; ଆଉ ସେ ରାତିରେ କିଛି ଧରିପାରିଲେ ନାହିଁ ।**

**୨୧ : ୧ "ତିବିରିୟାର ସମୁଦ୍ର"** ତିବିରିୟ । ଗାଲିଲୀର ରୋମିୟ ପ୍ରଶାସନ ସମ୍ବନ୍ଧୀୟ ରାଜଧାନୀ ଥିଲା । ଜଳର ଏହି ପ୍ରଧାନ ଅଂଶ ମଧ୍ୟ "ଗାଲିଲୀର ସମୁଦ୍ର" (ସିଏଫ୍. ୬ : ୧) ଅବା "ଗେନ୍ନେସରତ୍ ର ହ୍ରଦ" (ସିଫେ୍. ମାର୍ଥି. ୧୪: ୩୪; ମାର୍କ ୬: ୩୪ ; ଲୁକ୫:୧)

ପୁଣି ପୁରାତନ ନିୟମରେ "ଚିନ୍ନେରେତ୍ ର ହ୍ରଦ" (ସିଏଫ୍. ଗଣା. ୩୪ : ୧୧; ଦ୍ୱି, ବିବ.୩ : ୧୭; ଯିହୋ. ୧୧ : ୨ ; ୧୨:୩; ୧୩ : ୨୭, ୧୯ : ୩୫; ପ୍ର. ରାଜା. ୧୫ : ୨୦) ଭାବେ ଜଣାଯାଏ ।

■ **"ଏହି ପ୍ରକାରେ ସେ ନିଜକୁ ପ୍ରକାଶ କଲେ"** ଏହି ପ୍ରକ୍ରିୟା ପଦର ଅର୍ନ୍ତନିହିତ ଅର୍ଥ "ସମ୍ପୂର୍ଣ୍ଣ ବା ସ୍ପଷ୍ଟଭାବେ ପ୍ରଦର୍ଶନ କରିବା" ରହିଛି (ସି.ଏଫ୍. ୧ : ୩୧; ୨ : ୧୧; ୭ : ୪; ୯ : ୩; ପ୍ର. ଯୋହନ ୧ : ୨; ୨ : ୨୮; ୩ : ୨; ୪ : ୯) । ସେଠାରେ ମାର୍ଥିଉ ରେ ଗାଲିଲୀରେ ଏକ ସାକ୍ଷାତ ରହିଛି ଯାହା ପର୍ବତ ଉପରେ ଘଟିତ (ସିଏଫ୍. ୧୬ : ୩୨; ୨୮ : ୭; ୧୦, ୧୬), ତାହା ହେଉଛି "ମହାନ ଆଦେଶ" ନିମନ୍ତେ ପଟ୍ଟଭୂମି । ଯୋହନରେ ଯୀଶୁ ତିବିରିୟା ସମୁଦ୍ରରେ ନିଜକୁ ପ୍ରକାଶ କଲେ । ଏହି ଆକସ୍ମିକ ସାକ୍ଷାତରେ ଯୀଶୁ ପୁରାତନ ମଣ୍ଡଳୀର ଆଗ୍ରହାନ୍ୱିତ ଥିବା ଦୁଇଟି ପ୍ରଶ୍ନଗୁଡ଼ିକ ସହ ବ୍ୟବହାର କରନ୍ତି ।

୧. ପିତର କ'ଣ ଜଣେ ନେତା ଭାବେ ପୁନଃସ୍ଥାପିତ ହୋଇଥିଲେ ?

୨. ଯୀଶୁଙ୍କ ଫେରିବା ପୂର୍ବରୁ ଯୋହାନ ମୃତ୍ୟୁ ବରଣ ନ କରିବାର ସେହି ବିଖ୍ୟାତ କାହାଣୀ ବିଷୟ କ'ଣ ?

**୨୧ : ୨ "ଥୋମା ଯାହାକୁ ଦିଦୁମ କହନ୍ତି"** ପ୍ରେରିତମାନଙ୍କ ନାମଗୁଡ଼ିକ ବିଷୟରେ ବିଶେଷ ଶୀର୍ଷ ୧ : ୪୫ ରେ ଦେଖନ୍ତୁ ।

ପ୍ରତୀୟମାନ ଭାବେ ଏଗାର ଜଣରୁ ସାତ ଜଣ ମାଛଧରିବାକୁ ଗଲେ ।

■ "ଜେବଦିଙ୍କ ପୁତ୍ରମାନେ" ଏହା ଯାକୁବ (ଯାକୁବ) ଆଉ ଯୋହନ (ଯୋହନନ୍, ସିଏଫ୍. ମାର୍ଥ ୪ : ୨୧)ଙ୍କୁ ଦର୍ଶାଉଛି । ଯାହନଙ୍କ ସୁସମାଚାରରେ ଯାକୁବ କିଅବା ଯୋହନ ନାମ ଦ୍ୱାରା ଉଲ୍ଲେଖିତ ହୋଇ ନାହାନ୍ତି ।

**୨୧: ୩** "ଶିମୋନ ପିତର ସେମାନଙ୍କୁ କହିଲେ, 'ମୁଁ ମାଛ ଧରିବାକୁ ଯାଉଅଛି" ଏହା ହେଉଛି ବର୍ତ୍ତମାନ କାଳ । ଏହି ମାଛ ଧରିବା ଭ୍ରମଣ ସମ୍ପର୍କରେ ସେଠାରେ କେତେକ ତତ୍ତ୍ୱସମୂହ ରହିଛି ।

୧. ଏହା ଯୀଶୁଙ୍କ ସାକ୍ଷତ କରିବାର ନିରୂପିତ ସମୟକୁ ଅତିବାହିତ କରିବା ପର୍ଯ୍ୟନ୍ତ ଏକ ବିଶ୍ରାମ ଭ୍ରମଣ ଥିଲା (ସିଏଫ୍. ମାଥି. ୨୬ : ୩୨; ୨୮ : ୭, ୧୦)

୨. ଏହା ଟଙ୍କା ସଂଗ୍ରହ କରିବା ଉଦ୍ଦେଶ୍ୟ ନିମନ୍ତେ ଥିଲା ।

୩. ଏହା ପିତରଙ୍କ ମାଛ ଧରିବା ବୃତ୍ତିର ଏକ ପୁନଃ ଉତ୍ତେଜନା ଥିଲା ଏହି ଅଧ୍ୟାୟ ଲୁକ ୫ ଅଧ୍ୟାୟ ସହ ଅତି ସମାନ ଅଟେ ।

■ **"ସେହି ରାତିରେ ସେମାନେ କିଛି ଧରିପାଲେ ନାହିଁ"** ଦୃଷ୍ଟି ଦେବା ଯେ ଏହି ବ୍ୟକ୍ତିମାନେ, ଯେଉଁମାନେ ରୋଗୀକୁ ସୁସ୍ଥ କରିବା ଓ ମନ୍ଦ ଅତ୍ମାମାନଙ୍କୁ ତଡ଼ି ଦେବାକୁ ସମର୍ଥ ଥିଲେ ସବୁଦରକାର ସମୟରେ ସମସ୍ତ ଉଦ୍ଦେଶ୍ୟ ପାଇଁ ସେମାନଙ୍କ ଠାରେ ଆଲୌକିକ ଶକ୍ତି ନଥିଲା । ମାଛ ଧରିବା ପାଇଁ ଏହି କ୍ରିୟାପଦ ନୂତନ ନିୟମରେ ଆଉ କେଉଁଠି ମଧ୍ୟ ବ୍ୟବହୃତ ହୋଇ ନାହିଁ । ସାଧାରଣ ଭାବେ ଜଣେ ବ୍ୟକ୍ତିକୁ ଗିରଫ କରିବାରେ ଏହା ବ୍ୟବହାର ହୋଇଛି ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୨୧ : ୪ - ୮**

**୪. କିନ୍ତୁ ଯେତେବେଳେ ପାହାନ୍ତା ହୋଇ ଆସୁଥିଲା, ଯୀଶୁ କୂଳରେ ଠିଆ ହେଲେ; ତଥାପି ସେ ଯୀଶୁ ବୋଲି ଶିଷ୍ୟମାନେ ଜାଣିଲେ ନାହିଁ । ୫. ସେଥିରେ ଯୀଶୁ ସେମାନଙ୍କୁ କହିଲେ, "ପିଲାମାନେ, ତୁମ୍ଭମାନଙ୍କ ପାଖରେ କିଛି ମାଛ ଅଛି କି ?" ସେମାନେ ତାହାଙ୍କୁ ଉତ୍ତର ଦେଲେ, "ନାହିଁ' । ୬. ସେ ସେମାନଙ୍କୁ କହିଲେ, "ନୌକାର ଡାହାଣ ପାଖରେ ଜାଲ ପକାଅ, ଆଉ ତୁମ୍ଭେମାନେ ଧରି ପାଇବ । ସେଥିରେ ସେମାନେ ଜାଲ ପକାଇଲେ, ତତ୍‌ପରେ ସେମାନେ ତାହା ଟାଣିବାକୁ ପାରିଲେ ନାହିଁ କାରଣ ବହୁ ସଂଖ୍ୟାରେ ମାଛ ପଡ଼ିଲା । ୭. ସେଥିରେ ଯୀଶୁ ଯେଉଁ ଶିଷ୍ୟଙ୍କୁ ପ୍ରେମ କରୁଥିଲେ ସେ ପିତରଙ୍କୁ କହିଲେ, "ଏ ତ ପ୍ରଭୁ ।" ସେଥିରେ ଶିମୋନ ପିତର ଏତ ପ୍ରଭୁ ବୋଲି ଶୁଣି, ସେ ନିଜର ଅଙ୍ଗରଖା ପିନ୍ଧିଲେ (କାରଣ କାର୍ଯ୍ୟ ନିମନ୍ତେ ସେ ଫୁଙ୍ଗୁଳା ଥିଲେ), ଆଉ ସମୁଦ୍ରକୁ ଡେଇଁ ପଡ଼ିଲେ । ୮. କିନ୍ତୁ ଅନ୍ୟ ଶିଷ୍ୟମାନେ ମାଛରେ ଭର୍ତ୍ତି ହୋଇଥିବା ଜାଲ ଟାଣି, ସାନ ନାହାରେ ଆସିଲେ, କାରଣ ସେମାନେ ସ୍ଥଳରୁ ଅଧିକ ଦୂରରେ ନଥିଲେ, କେବଳ ପ୍ରାୟ ଶହେ ଗଜ ଦୂରରେ ଥିଲେ ।**

୨୧:୪ "ତଥାପି ସେ ଯୀଶୁ ଶଷ୍ୟମାନେ ଜାଣିଲେ ନାହିଁ "ଯୀଶୁଙ୍କୁ ଚିହ୍ନିବାର ଏହି ଅସମର୍ଥତା ର ସେଠାରେ କେତେକ ମତବାଦଗୁଡ଼ିକ ରହିଛି ।

୧. ସେଠାରେ ଅଧିକ ଅନ୍ଧାର ଥିଲା

୨. ସେ ସେମାନଙ୍କ ଠାରୁ ଅଧିକ ଦୂରରେ ଥିଲେ

୩. ସେମାନେ ବହୁତ ଶ୍ରାନ୍ତ ହୋଇଥିଲେ

୪. ଯୀଶୁ କିଛି ମାତ୍ରାରେ ଭିନ୍ନ ଦେଖାଯାଉଥିଲେ (ସିଏଫ୍. ଯୋହନ ୨୧:୧୨; ମାର୍ଥ. ୨୮ : ୧୬ - ୧୭; ଲୁକ ୨୪ : ୧୩ ଠାରୁ)

୫. ତାହାଙ୍କୁ ଚିହ୍ନଟ କରିବା ଠାରୁ ସେମାନେ ଅଲୌକିକ ଭାବରେ ନିବାରିତ ହୋଇଥିଲେ (ସିଏଫ୍. ଲୁକ୍. ୨୪ : ୧୬)

**୨୧ : ୫ "ପିଲାମାନେ"** ଏହା ଉପମାଭାବରେ ବ୍ୟବହୃତ ହୋଇଛି । ନୂତନ ନିୟମରେ "ଛୋଟ ପିଲାମାନଙ୍କ" ପାଇଁ ସେଠାରେ ଦୁଇଟି ପଦଗୁଡ଼ିକର ସାଧାରଣଭାବେ ବ୍ୟବହୃତ ହୋଇଛି । ଏହି ଗୋଟିକ (ପାଇଡିଅନ୍) ଅତିକମ୍ ବ୍ୟବହୃତ ହୋଇଛି ଓ ଅଧିକ ସାଧାରଣ ଗୋଟିକ (ଟେକ୍‌ନିଅନ୍) ଠାରୁ ଭିନ୍ନ ଅଟେ ଯାହା ଯୋହନ ଓ ପ୍ର. ଯୋହନରେ ବ୍ୟବହୃତ । ଏହି ପଦ ସୁସମାଚାରର କେବଳ ୪ : ୪୯; ୧୬ : ୨୧ ରେ, ଓ ଏଠାରେ ପରିଦୃଷ୍ଟ ହୁଏ । ଏହି ପଦଗୁଡ଼ିକ ପ୍ର. ଯୋହନ ଯେ, ପିଡ଼ିଅନ୍ ୨ : ୧୩, ୧୮ ରେ, କିନ୍ତୁ ଟେକ୍‌ନିଅନ୍ ୨ : ୧, ୧୨, ୨୮ ଏକାର୍ଥ ଜୋଧନ ଭାବେ ବ୍ୟବହୃତ ହେବ । ପରି ଦେଖାଯାଆନ୍ତି ।

■ **"ତୁମ୍ଭମାନଙ୍କ ଠାରେ କିଛି ମାଛ ନାହିଁ"** ଏହି ପଦ "ମାଛ' (ପ୍ରସ୍‌ପାଗିଅନ୍) ବାସ୍ତବରେ କୌଣସି ପ୍ରକାର ଖାଦ୍ୟକୁ ସୂଚିତ କରେ ଯାହା ରୁଟି ସହିତ ଖିଆଯାଏ, କିନ୍ତୁ ଏହି ପରିପ୍ରେକ୍ଷିରେ, "ମାଛ" ଦାବି କରାଯାଇଛି । ଏହି ପ୍ରଶ୍ନ ଏକ "ନାହିଁ' ଉତ୍ତର ଉପେକ୍ଷା କରେ ।

**୨୧ : ୬** ଯୀଶୁ ସେ ସମାନ ଶୈଳିରେ ଅଭିନୟ କରୁଥିଲେ ଯେପରି ସେ ଯେତେବେଳେ ପ୍ରଥମେ ସେମାନଙ୍କୁ ସେ ଆହ୍ୱାନ କରିଥିଲେ, ଲୁକ ୫ : ୧ - ୧୧ । ଏହି ଅଧ୍ୟାୟର ଏକ ବୈଶିଷ୍ଟ୍ୟ ମୂଳକ ଭାବେ (ପ. ୧୫ ରେ ଲେଖା ଦେଖନ୍ତୁ) ନୌକା ନିମନ୍ତେ ଦୁଇଟି ଭିନ୍ନ ଗ୍ରୀକ୍ ପଦଗୁଡ଼ିକ ବ୍ୟବହୃତ ହୋଇଛି, ପ. ୩ ଓ ପ. ୬ ରେ ପ୍ଲୋଇଅନ୍ ଏବଂ ପ. ୮ରେ ପ୍ଲୋୟାରେନ୍ (ଛୋଟ ନାହା) । ଯୋହନ ଏହି ଅଧ୍ୟାୟରେ ଅନେକ ସମୟରେ ତାଙ୍କର ସାହିତ୍ୟିକ ବିଭିନ୍ନତା ଦର୍ଶାଇଛନ୍ତି ।

**୨୧ : ୭ "ସେଥିରେ ଯୀଶୁ ଯେଉଁ ଶିଷ୍ୟଙ୍କୁ ପ୍ରେମ କରୁଥିଲେ ସେ"** ଏହ ସୁସମାଚାରର ଲେଖକ, ପ୍ରେରିତ ଯୋହାନଙ୍କୁ ବୁଝାଏ (ସିଏଫ୍. ୧୩:୨୩; ୨୦:୨; ୩, ୮:୨୧:୨୦) । ସୁସମାଚାରରେ ଯୋହନ କେବେ ନାମତ ହୋଇ ନାହାଁନ୍ତି ।

■ **ଏନ୍ ଏ ଏସ୍ ବି "ସେ ତାଙ୍କର ଅଙ୍ଗରଖା ପିନ୍ଧିଲେ (କାରଣ କାର୍ଯ୍ୟ ସକାଶେ ସେ ପୁଙ୍ଗୁଳା ଥିଲେ)**

**ଏନ୍ କେ ଜେଭି "ତାଙ୍କର ଅଙ୍ଗରଖା ପିନ୍ଧିଲେ (କାରଣ ସେ ତାହା ଖୋଲିଦେଇଥିଲେ)"**

**ଏନ୍ ଆର୍ ଏସ୍ ଭି "ସେ କିଛି ବସ୍ତ୍ର ପିନ୍ଧିଲେ, କାରଣ ସେ ଉଲଗ୍ନ ଥିଲେ"**

**ଟି ଇ ଭି "ସେ ତାଙ୍କର ଅଙ୍ଗରଖା ତାଙ୍କ ଚାରିପଟେ ଗୁଡ଼ାଇ ଦେଲେ (କାରଣ ସେ ତାଙ୍କର ବସ୍ତ୍ର ସବୁ କାଢ଼ିନେଇ ଥିଲେ)"**

**ଏନ୍ ଜେ ବି "ପିତର ତାଙ୍କର ଅଙ୍ଗରଖା ତାଙ୍କ ଚାରିପଟେ ବାନ୍ଧିଲେ (କାରଣ ତାଙ୍କ ଉପରେ କିଛି ନ ଥିଲା ।)"**

ପ୍ରଥମ ଶତାବ୍ଦୀରେ ପଲେଷ୍ଟିୟ ଲୋକମାନେ ଲମ୍ବା ବାହ୍ୟ ପୋଷାକ ଓ ଶରୀରରେ ଲାଗିରହୁଥିବା ଲମ୍ବା ଭିତର ବସ୍ତ୍ର ପରିଧାନ କରୁଥିଲେ । ପିତର ତାଙ୍କର ବାହ୍ୟ ପୋଷାକ କାଢ଼ିଦେଇଥିଲେ ଏବଂ ତାଙ୍କର ଭିତର ବସ୍ତ୍ର କଟି ପର୍ଯ୍ୟନ୍ତ ଗୁଡ଼ାଇ ଦେଇଥିଲେ ।

■ **"ଏ ତ ପ୍ରଭୁ"** ପଦ କୁରିଅସ୍ ଏକ ଗ୍ରୀକ ପାଦ, "ଶ୍ରୀମାନ୍," "ଆଜ୍ଞା", "ଗୁରୁ", "ମାଲିକ୍", ଅବା "ପ୍ରଭୁ" ନିମନ୍ତେ ଥିଲା । କେତେକ ପ୍ରସଙ୍ଗରେ ଏହା ସାଧାରଣ ଭାବେ ଏକ ଭଦ୍ର ସମ୍ବୋଧନ ଅଟେ, କିନ୍ତୁ ଅନ୍ୟତ୍ର ଏହା ଯୀଶୁଙ୍କ ଦେବତ୍ୱ ନିମନ୍ତେ ଏକ ଧର୍ମ ତତ୍ତ୍ୱ ସମ୍ବନ୍ଧୀୟ ସତ୍ୟୋକ୍ତି ଅଟେ । ଏହି ପରିପ୍ରେକ୍ଷିରେ ଏହି ମାଛ ଧରିବା ବ୍ୟକ୍ତିମାନେ କୂଳରେ ଥିବା ଏହି ବ୍ୟକ୍ତିଙ୍କୁ ଗୌରବାନ୍ୱିତ, ପୁନରୁଥିତ ପ୍ରଭୁ ଭାବରେ ଚିହ୍ନି ପାରିଲେ ।

ଏହି ଅନୁବାଦର ପ୍ରାରମ୍ଭ ପୁରାତନ ନିୟମର ବ୍ୟବହାର ପ୍ରଣାଳୀ ଠାରୁ ଆସିଛି, ଯେଉଁ ଠାରେ ଯାହଓ୍ୱେ ପ୍ରଭୁ ଭାବରେ ଅନୁବାଦିତ । ଏହା ଘଟିତ ହେଲା କାରଣ ଯିହୁଦୀମାନେ ଦେବତ୍ୱ ନିମନ୍ତେ ଏହି ଚୁକ୍ତି ବନ୍ଧ ନାମକୁ ଉଚ୍ଚାରଣ କରିବାକୁ ଭୟ କରୁଥିଲେ, ତେଣୁ ସେମାନେ ଅନ୍ୟ ଏକ ଏବ୍ରୀ ପଦ, ଅଡ଼ନାଇ ପ୍ରତିସ୍ଥାପନ କରିଥିଲେ, ଯାହା କୁରିଅସ୍ ର ଅନୁରୂପ ଅଟେ । ୩ : ୧୯ ରେ ବିଶେଷ ଶୀର୍ଷ ଦେଖନ୍ତୁ ।

ଫିଲିପିୟ ୨ : ୯ - ୧୧ ରେ ପ୍ରଭୁ ଆଖ୍ୟା ହେଉଛି ସମସ୍ତ ନାମର ଉଚ୍ଚରେ ।

"ଯୀଶୁ ହିଁ ପ୍ରଭୁ", ପୁରାତନ ମଣ୍ଡଳୀର ବାପ୍ତିସ୍ମ ସମୟର ଘୋଷଣାର ଏହା ଥିଲା ଏକ ଅଂଶ (ସିଏଫ୍. ରୋମି. ୧୦ : ୯ - ୧୩)

**୨୧ : ୮ " ଅନ୍ୟ ଶିଷ୍ୟ"** ପ୍ରତୀୟମାନ ଭାବେ ଅଭ୍ୟନ୍ତର ଗୋଷ୍ଠୀ ସମସ୍ତେ ପିତର ଯୋହନଙ୍କ ସହିତ ଖର୍ଚ୍ଚ ନିମନ୍ତେ କିଛି ଟଙ୍କା ପାଇବାକୁ ଏକ ମାଛ ଧରିବା ପଶ୍ଚାତ୍ ଗମନରେ ଯାଇଥିଲେ (ସେମାନେ ଯୀଶୁଙ୍କ ସହିତ ଭ୍ରମଣ କରୁଥିବା ନାରୀମାନଙ୍କ ଉପରେ ଆହୁରି ନିର୍ଭର କରି ପାରୁ ନ ଥିଲେ) ।

■ **"ମାଛରେ ପୂର୍ଣ୍ଣ ଜାଲ"** ଏବେ ମଧ୍ୟ ଏହି ବିଳମ୍ବିତ ସମୟରେ ଏ ପର୍ଯ୍ୟନ୍ତ ଯୀଶୁ

୧. ସେମାନଙ୍କର ବିଶ୍ୱାସ ଗଠନ କରୁଛନ୍ତି

୨. ସେମାନଙ୍କର ଆବଶ୍ୟକ ସବୁ ଯୋଗାଉଛନ୍ତି

୩. (ପ୍ରକୃତି ଉପରେ) ତାହାଙ୍କ ପୁନରୁତ୍ଥାନ ଓ ଅଧିକାର ଅନୁମୋଦନ କରୁଛନ୍ତି

**ଏନ୍ ଏ ଏସ୍ ବି (ଆଧୁନିକକରଣ) ଶାସ୍ତ୍ରାଂଶ : ୨୧ : ୯ - ୧୪**

**୯ ସେଥିରେ ସେମାନେ ଯେତେବେଳେ କୂଳରେ ଓହ୍ଲାଇଲେ, ସେମାନେ ଅଙ୍ଗାରର ନିଆଁ ପୁଣି ତାହା ଉପରେ ଭଜା ମାଛ ଓ ରୋଟି ଥୁଆ ହୋଇଥିବା ଦେଖିଲେ । ୧୦. ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଏବେ ଯେଉଁ ମାଛ ଧରି ଅଛ ସେଥିରୁ କିଛି ଆଣ ।" ୧୧ ଶିମୋନ ପିତର ଯାଇ ଏକଶ ତେପନ, ବଡ଼ ବଡ଼ ମାଛରେ ଭର୍ତ୍ତି ହୋଇଥିବା ଜାଲ, କୂଳକୁ ଟାଣି ଆଣିଲେ, ଆଉ ଏତେ ମାଛ ସେଥିରେ ଥିଲେ ସୁଦ୍ଧା, ଜାଲ ଛିଣ୍ଡିଲା ନାହିଁ । ୧୨. ଯୀଶୁ ସେମାନଙ୍କୁ କହିଲେ, ଆସିଭୋଜନ କର" । ଶିଷ୍ୟମାନଙ୍କ ମଧ୍ୟରୁ କେହି ହେଲେ "ତୁମ୍ଭେ କିଏ ? ତାହାଙ୍କୁ ପଚାରିବାକୁ ସାହସ କରୁ ନ ଥିଲେ, କାରଣ ସେ ଯେ ପ୍ରଭୁ ବୋଲି ସେମାନେ ଜାଣି ଥିଲେ । ୧୩. ଯୀଶୁ ଆସି ରୋଟି ଘେନି ସେମାନଙ୍କୁ ଦେଲେ, ଆଉ ସେହି ପ୍ରକାର ମାଛ ମଧ୍ୟ ଦେଲେ । ୧୪. ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହେଲା ଉତ୍ତାରେ, ଯୀଶୁ ଶିଷ୍ୟମାନଙ୍କୁ ଏହି ତୃତୀୟ ଥର ଦର୍ଶନ ଦେଲେ ।**

**୨୧ : ୯ "ଅଙ୍ଗାରର ନିଆଁ ପୁଣି ତାହା ଉପରେ ଭଜା ମାଛ ଆଉ ରୋଟି ଥୁଆ ହୋଇଥିଲା ।"**

ଏହି ପ୍ରାତଃକାଳୀନ ଭୋଜନ ର ଉଦ୍ଦେଶ୍ୟ ସହଭାଗିତା ନିମନ୍ତେ ଓ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପ୍ରତିଫଳନ ନିମନ୍ତେ ଥିଲା । ଧର୍ମତତ୍ତ୍ୱ ସମ୍ବନ୍ଧୀୟ ନିହିତ ଅର୍ଥଗୁଡ଼ିକ ହେଲା

୧. ଏହି ବିଭାଗ ଅନ୍ୟ ଏକ ଅଙ୍ଗାରର ନିଆଁର ଏକ ପରିବେଶରେ ପିତରଙ୍କ ଅସ୍ୱୀକାର ସହିତ ବ୍ୟବହାର କରେ (ସି ଏଫ୍. ୧୮ : ୧୮) । ଏହି ପଦ ଏଠାରେ ଆଉ ସେଠାରେ ଦେଖିବାକୁ ମିଳେ ।

୨. ଯୋହନଙ୍କ ସୁସମାଚାର ଏବଂ ପ୍ର.ଯୋହନ ବୋଷ୍ଟି ସିଜମ୍‌ର ଭିନ୍ନମତ ବିଶ୍ୱାସକୁ ପ୍ରତିରୋଧ କରିବାକୁ ଲେଖାଯାଇଛି ଯାହା ମସିହ, ଯୀଶୁଙ୍କର ସତ୍ୟ ମାନବିକତାକୁ ଅସ୍ୱୀକାର କରେ । ଯୀଶୁ ସେମାନଙ୍କ ସହ ଖାଇଲେ ।

୨୧:୧୦ ଏହି ଅନୁଚ୍ଛେଦରେ ମାଛ ପାଇଁ ସେଠାରେ ଦୁଇଟି ଭିନ୍ନ ପଦଗୁଡ଼ିକ ରହିଛି :

(୧) ୯, ୧୦ ଓ ୧୩ ପଦଗୁଡ଼ିକରେ ପଦ ହେଉଛି ଅପ୍‌ସାରିଅ, ଯାହାର ଅର୍ଥ ଛୋଟ ମାଛ ଆଉ (୨) ୬, ୮ ଓ ୧୧ ପଦଗୁଡ଼ିକକରେ ପଦ ହେଉଛି ଇଚ୍‌ତସ୍, ଯାହାର ଅର୍ଥ ବଡ଼ ମାଛ । ଏହି ପରିପ୍ରେକ୍ଷିରେ ସେମାନେ ଅଦଳବଦଳ ଭାବେ ବ୍ୟବହୃତ ହେବା ଦେଖାଯାଏ ।

**୨୧ : ୧୧ "ଏକ ଶହ ତେପନ"** ପ୍ରସଙ୍ଗରେ ଏହି ସଂଖ୍ୟା ନିମନ୍ତେ ସେଠାରେ ସାଙ୍କେତିକ ପ୍ରୟୋଜନୀୟତା ନ ଥିବା ପରି ଦେଖାଯାଏ, ଏହା ସରଳ ଭାବେ ଏକ ପ୍ରତ୍ୟକ୍ଷ ସାକ୍ଷୀ ବିବରଣୀ ଅଟେ । ଯାହା ହେଲେ ମଧ୍ୟ, ସମସ୍ତ ସଂଖ୍ୟା ଓ ବିବରଣୀ ସମୂହକୁ ରୂପକ ଉପାଖ୍ୟାନ କରିବାକୁ ପୁରାତନ ମଣ୍ଡଳୀର ଅନପଯୁକ୍ତ ପ୍ରବଣତା ଏହି ପଦକୁ ଅର୍ଥ କରିବାରେ ବାଧ୍ୟ କଲା :

୧. ସିରିଲ୍ ପ୍ରକାଶ କଲେ ଯେ ୧୦୦ ସଂଖ୍ୟା ବିଜାତୀୟମାନଙ୍କୁ ସୂଚିତ କରେ ଓ ୫୦ ଯିହୁଦୀମାନଙ୍କୁ ସୂଚିତ କରେ ଏବଂ ୩ ତ୍ରିଏକ ଈଶ୍ୱରଙ୍କୁ ସୂଚିତ କରେ ।

୨. ଆଗୋଷ୍ଟିନ୍ ସାବ୍ୟସ୍ତ କଲେ ଯେ ଏହି ସଂଖ୍ୟା ଦଶ ଆଜ୍ଞା ଓ ଆତ୍ମାଙ୍କର ସାତୋଟି ଦାନଗୁଡ଼ିକ ଦର୍ଶାଏ, ଯାହା ସଂଖ୍ୟା ସତରକୁ ସମାନ କରେ । ଯଦି ଆପଣ ପ୍ରତ୍ୟେକ ସଂଖ୍ୟା ୧, ୨, ୩, ୪ ମଧଦେଇ ୧୭ ପର୍ଯ୍ୟନ୍ତ ମିଶାଇ ନିର୍ଣ୍ଣୟ କରିବେ । ଆପଣ ୧୫୩ ସଂଖ୍ୟା ପାଇବେ । ଅଗୋଷ୍ଟିନ୍ କହିଲେ ଏହି ଥିଲା ମୋଟ ସଂଖ୍ୟା ଯେଉଁମାନେ ବ୍ୟବସ୍ଥା ଓ ଅନୁଗ୍ରହ ଦ୍ୱାରା ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ ।

୩. ଯେରୋମ୍ କହିଲେ, ସେଠାରେ ୧୫୩ ଟି ବିଭିନ୍ନ ଜାତିର ମାଛ, ସେଥି ସକାଶେ, ଏହା ସମସ୍ତ ଜାତି ଖ୍ରୀଷ୍ଟଙ୍କ ନିକଟକୁ ଆସିବାର ସାଙ୍କେତିକ ଅଟେ । ଅନୁବାଦର ଏହି ରୂପକାକାର ପଦ୍ଧତି ଅନୁବାଦକଙ୍କର ଚତୁରତା ବିଷୟ କହୁଛି ଆଉ ପ୍ରକୃତ, ଅନୁପ୍ରେରିତ ଲେଖକଙ୍କ ଅଭିପ୍ରାୟ ନୁହେଁ !

■ **"ଆଉ ସେଥିରେ ଏତେ ମାଛ ଥିଲେ ସୁଦ୍ଧା, ଜାଲ ଛିଣ୍ଡିଲା ନାହିଁ"** ଏହା ହୋଇପାରେ ଏକ ସାଧାରଣରେ ପ୍ରତ୍ୟକ୍ଷସାକ୍ଷୀ ବିବରତା କିମ୍ବା ଏକ ଇଙ୍ଗିତ ଦେବା ଅଲୌକିକ ଘଟଣା ଅଟେ ।

**୨୧:୧୪ "ଯୀଶୁ ଶିଷ୍ୟମାନଙ୍କୁ ଏହି ତୃତୀୟ ଥର ଦର୍ଶନ ଦେଲେ"** ଏହା ନିଶ୍ଚିତଭାବେ ୨୦ ଅଧ୍ୟାୟରେ ଦୁଇଟି ବିବରଣୀ ଏଥିରେ ସଂଯୁକ୍ତ ହୋଇଥିବା ଦର୍ଶାଏ ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୨୧ : ୧୫ - ୧୯**

**୧୫. ସେମାନେ ଭୋଜନ କଲା ଉତ୍ତାରେ, ଯୀଶୁ ଶିମୋନ ପିତରଙ୍କୁ ପଚାରିଲେ, "ହେ ଯୋହନଙ୍କ ପୁତ୍ର, ଶିମୋନ, ତୁମ୍ଭେ କଅଣ ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛ ? ୧୬. ସେ ତାହାଙ୍କୁ କହିଲେ, "ହଁ, ପ୍ରଭୁ; ମୁଁ ଯେ ଆପଣଙ୍କ ସ୍ନେହ କରୁଅଛି, ତାହା ଆପଣ ଜାଣନ୍ତି ।" ସେ ତାଙ୍କୁ କହିଲେ, "ମୋହର ମେଷଶାବକମାନଙ୍କୁ ଚରାଅ ।" ସେ ପୁନର୍ବାର ଦ୍ୱିତୀୟ ଥର ତାଙ୍କୁ ପଚାରିଲେ, "ହେ ଯୋହନଙ୍କ ପୁତ୍ର, ଶିମୋନ, ତୁମ୍ଭେ କଅଣ ମୋତେ ପ୍ରେମ କରୁଅଛ ? ସେ ତାହାଙ୍କୁ କହିଲେ, ହଁ, ପ୍ରଭୁ; ମୁଁ ଯେ ଆପଣଙ୍କୁ ସ୍ନେହ କରୁଅଚି, ତାହା ଆପଣ ଜାଣନ୍ତି ।" ସେ ତାଙ୍କୁ କହିଲେ, "ମୋହର ମେଷମାନଙ୍କୁ ପ୍ରତିପାଳନ କର ।" ୧୭. ସେ ତୃତୀୟ ଥର ତାଙ୍କୁ ପଚାରିଲେ, "ହେ ଯୋହନଙ୍କ ପୁତ୍ର, ଶିମୋନ, ତୁମ୍ଭେ କଅଣ ମୋତେ ସ୍ନେହ କରୁଅଛ ?" "ତୁମ୍ଭେ କ'ଣ ମୋତେ ସ୍ନେହ କରୁଅଛ ?" ସେ ତୃତୀୟ ଥର ଏହା ତାଙ୍କୁ କହିବାରୁ ପିତର ଦୁଃଖିତ ହେଲେ ଆଉ ସେ ତାହାଙ୍କୁ କହିଲେ, "ପ୍ରଭୋ, ଆପଣ ସମସ୍ତ ବିଷୟ ଜାଣନ୍ତି; ମୁଁ ଯେ ଆପଣଙ୍କୁ ସ୍ନେହ କରୁଅଛି, ତାହା ଆପଣ ଜାଣନ୍ତି ।" ଯୀଶୁ ତାଙ୍କୁ କହିଲେ, "ମୋହର ମେଷମାନଙ୍କୁ ଚରାଅ । ୧୮. ସତ୍ୟ, ସତ୍ୟ, ମୁଁ ତୁମ୍ଭକୁ କହୁଅଛି, ତୁମ୍ଭେମାନେ ଯୁବକ ଥିବା ସମୟରେ, ତୁମ୍ଭେ ଆପଣା କଟୀ ବନ୍ଧନ କରି ଯେଉଁ ଆଡ଼େ ଇଚ୍ଛା, ସେହି ଆଡ଼େ ଭ୍ରମଣ କରୁଥିଲ; କିନ୍ତୁ ତୁମ୍ଭେ ବୃଦ୍ଧ ହେଲେ, ଆପଣା ହସ୍ତ ବିସ୍ତାର କରିବ ଓ ଅନ୍ୟ ଜଣେ ତୁମ୍ଭର କଟୀବନ୍ଧନ କରି, ଯେଉଁ ଆଡ଼େ ତୁମ୍ଭର ଇଚ୍ଛା ନଥିବ, ସେ ଆଡ଼େ ତୁମ୍ଭକୁ ଘେନି ଯିବ ।" ୧୯. ସେ କେଉଁ ପ୍ରକାର ଏହା କହିଲା ଉତ୍ତାରେ, ସେ ତାଙ୍କୁ କହିଲେ, "ମୋହର ଅନୁଗାମୀ ହୁଅ !**

୨୧ : ୧୫ "ହେ ଯୋହନଙ୍କ ପୁତ୍ର, ଶିମୋନ" ଦୃଷ୍ଟି ଦେବା ଯେ ଯୀଶୁ ତାଙ୍କୁ "ଶିମୋନ ପିତର ବୋଲି ଡାକିଲେ ନାହିଁ, ଏହି ମନୁଷ୍ୟ ଯାହା କିଛି ହେଲେ ମଧ୍ୟ ଏକ ପଥର ଥିଲେ" ଶିମୋନଙ୍କ ପିତାଙ୍କ ନାମ ସମ୍ପର୍କିତ ସେଠାରେ ଏକ ପାଣ୍ଡୁଲିପି ବିଭିନ୍ନ ପ୍ରକାରର ରହିଛି ।

୧. ଯୋହନ - N[୧], ବି, ସି, ଡି, ଏଲ୍, ଡବ୍ଲ୍ୟୁ

୨. ଯୋହନ - ଏ, ସି[୨]

୩. ବାଦ୍ ଦେବା - N

ୟୁବିଏସ୍ ୧ : ୪୨ ଅନୁସରଣ କରି ଏକ "ବି" ବିବେଚନା କରି (ପ୍ରାୟ ନିର୍ଦ୍ଦିଷ୍ଟ) = ୧ ବାଛିବାକୁ ଦେଉଛି ।

. "ପ୍ରେମ ..... ପ୍ରେମ ....... ପ୍ରେମ" ସେଠାରେ ଏକ ସୁସ୍ପଷ୍ଟ ତିନି ସ୍ତରୀୟ ପୁନରାବୃତ୍ତି ରହିଛି ଯାହା ମହାଯାଜକଙ୍କ ପ୍ରାସାଦରେ ପିତରଙ୍କର ତିନିସ୍ତରୀୟ ଅସ୍ୱୀକାର ଗୁଡ଼ିକ ସହ ସମ୍ପର୍କିତ ଥିବା ପରି ଦେଖାଯାଏ (ସିଏଫ୍. ୧୮ : ୧୭, ୨୫, ୨୭) ଏହି ପୁରା ବିଭାଗରେ ସେଠାରେ ସମାନ୍ତର ଏବଂ ତୁଳନାତ୍ମକ ପ୍ରଭେଦଗୁଡ଼ିକର ଏକ ବିଭିନ୍ନ ପ୍ରକାର ରହିଛି ।

୧. ପ୍ରେମ (ଫିଲିଓ) ବନାମ ପ୍ରେମ (ଆଗାପେ)

୨. ମେଷଶାବକ ବନାମ ମେଷ

୩. ଜାଣିବା (ଗିନୋସ୍କୋ) ବନାମ ଜାଣିବା (ଅଇଡ଼ା)

ଏହା ସାହିତ୍ୟକ ବିଭିନ୍ନତାକୁ କିଅବା ଏହି ପଦଗୁଡ଼ିକ ମଧ୍ୟରେ ସେଠାରେ ଯଦି ଏକ ଉଦ୍ଦେଶ୍ୟମୂଳକ ପ୍ରଭେଦ ରହିଥିବା ଦର୍ଶାଉଛି ସେ ବିଷୟରେ ସେଠାରେ ଅନେକ ଆଲୋଚନା କରାହିଛି । ବେଳେ ବେଳେ ଯୋହନ ବିଭିନ୍ନ ଭାବେ ବ୍ୟବହାର କରନ୍ତି, ବିଶେଷତଃ ଏହି ଅଧ୍ୟାୟରେ ("ପିଲାମାନେ", "ନୌକା", ଓ "ମାଛ' ନିମନ୍ତେ ଦୁଇଟି ପଦ ଗୁଡ଼କ) । ଏହି ପରିପ୍ରେକ୍ଷିରେ ଗ୍ରୀକ୍ ଶବ୍ଦ ଆଗେପେ ଓ ଫିଲିଓ ମଧ୍ୟରେ ସେଠାରେ କେତେକ ପାର୍ଥକ୍ୟ ଥିବା ଦେଖାଯାଏ, କିନ୍ତୁ ଏହା ଘୁଞ୍ଚାଯାଇ ପାରିବ ନାହିଁ କାରଣ କୋଇନେ ଗ୍ରୀକ୍‌ରେ ସେମାନେ ସମାର୍ଥବୋଧକ ଅଟନ୍ତି (ସିଏଫ୍. ୩ : ୩୫; ୫:୨୦; ୧୧ : ୩, ୫) ।

■ **"ତୁମ୍ଭେ କଅଣ ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛ"** ଏହି ପ୍ରଶ୍ନର ଅଭିପ୍ରାୟ ନିମନ୍ତେ ଯେପରି ଶବ୍ଦର ବିନ୍ୟାସ ସନ୍ଦେହ ଜନକ । କେତେକ ପ୍ରକାଶ କରନ୍ତି ଯେ ଏହା ଦର୍ଶାଅ ।

୧. ମାଛ ଧରିବା ଏକ ବୃତ୍ତି ଭାବେ

୨. ପିତରଙ୍କର ଯିଶୁଙ୍କୁ ଅନ୍ୟଶିଷ୍ୟମାନଙ୍କ ଠାରୁ ଅଧିକ ପ୍ରେମ କରିବା ର ପୂର୍ବବର୍ତ୍ତୀ ମନ୍ତବ୍ୟଗୁଡ଼ିକୁ (ସିଏଫ୍. ମାର୍ଥ. ୨୬ : ୩୩; ମାର୍କ ୧୪ : ୨୯ ଓ ଯୋହନ ୧୩ : ୩୩)

୩. ପ୍ରଥମ ଜଣକ ସମସ୍ତଙ୍କର ଦାସ ହେବା ଉଚିତ (ସିଏଫ୍. ଲୁକ ୯ : ୪୬ - ୪୮; ୨୨ : ୨୪ - ୨୭)

■ **"ମୋହର ମେଷଶାବକମାନଙ୍କ ଚରାଅ"** ଏହା ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ କର୍ତ୍ତୃବାଚ୍ୟ ଅଟେ । ଏହି ସମସ୍ତ ତିନୋଟି ମନ୍ତବ୍ୟଗୁଡ଼ିକର ବ୍ୟାକରଣ ନିୟମ ଅନୁଯାୟୀ ଗଠନ ସମାନ ଅଟେ (ସିଏଫ୍. ୧୬ ଓ ୧୭ ପଦଗୁଡ଼ିକ), କିନ୍ତୁ ମାତ୍ରାରେ ଶବ୍ଦ ବ୍ୟବହାର ଭିନ୍ନ ଅଟେ (ମୋହର ମେଷମାନଙ୍କୁ ପ୍ରତିପାଳନ କର ଓ ମୋହର ମେଷମାନଙ୍କୁ ଚରାଅ) ।

**୨୧ : ୧୭ "ପ୍ରଭୋ, ଆପଣ ସମସ୍ତ ବିଷୟ ଜାଣନ୍ତି"** ପିତର ଅଧିକ ଦ୍ରୁତଭାବେ କଥା ନ ହେବାକୁ ଶିଖୁଛନ୍ତି । ସେ ଉତ୍ତମ ଧର୍ମତତ୍ତ୍ୱ ପ୍ରକାଶ କରୁଛନ୍ତି (ସିଏଫ୍. ୨ : ୨୫; ୬ : ୬୧, ୬୪; ୧୩ : ୧୧; ୧୬ : ୩୦) ।

■ **"ମୁଁ ଯେ ଆପଣଙ୍କୁ ସ୍ନେହ କରୁଅଛି, ତାହା ଆପଣ ଜାଣନ୍ତି"** ପ.୧୬ (ଅଇଡ଼ା) ଓ ପ ୧୭ (ଅଇଡ଼ା ଓ (ଗିନୋସ୍କୋ) ମଧ୍ୟରେ ସେଠାରେ ଗ୍ରୀକ୍ ପଦ "ଜାଣିବା" ପାଇଁ ଗୋଟିଏ ବଦଳ ଅଛି । ଏହାର ସଠିକ୍ କାରଣ ଅନିଦର୍ଦ୍ଦିଷ୍ଟ ଅଟେ ଆଉ ସରଳ ଭାବରେ ବିଭିନ୍ନତା ସମ୍ପୃକ୍ତ ହୋଇଥାଇପାରେ ।

**୨୧ : ୧୮ "ଆପଣା ହସ୍ତ ବିସ୍ତାର କର"** ଏହା (୧) ପୁରାତନ ମଣ୍ଡଳୀରେ ଓ (୨) "କ୍ରୁଶବିଦ୍ଧକରଣ" ପାଇଁ ଗ୍ରୀକ ସାହିତ୍ୟରେ ବ୍ୟବହୃତ ଏକ ବୈଷୟିକ ରୁଢ଼ୋକ୍ତି ହୋଇପାରେ ।

**୨୧ : ୧୯ "ସେ କେଉଁ ପ୍ରକାର ମୃତ୍ୟୁ ଭୋଗ ଦ୍ୱାରା ଈଶ୍ୱରଙ୍କୁ ଗୌରବାନ୍ୱିତ କରିବେ,** ଏହାର ସୂଚନା ଦେଇ" ପ୍ରଥା ପ୍ରକାଶ କରେ ଯେ ପିତର ଉପରୁତଳ ଅବସ୍ଥିତିରେ କ୍ରୁଶାର୍ପଣ ଦ୍ୱାରା ମୃତ୍ୟୁ ଭୋଗ କଲେ । ଏକ୍ଲେସିଆଷ୍ଟିକାଲ୍ ହିସ୍ଟୋରି, ଭଲ୍ ୩ : ୧ରେ, ୟୁସିଜିଅସ୍ କହନ୍ତି, "ପିତର ପଣ୍ଟିଅସ୍, ଗାଲାତୀୟ, ବିଥିନିଆ, କାପାଡ଼ୋସିଆ ଆଉ ଏସିଆ ରେ ଡାଇଆସପରା ଯିହୁଦୀମାନଙ୍କୁ ପ୍ରଚାର କରିବାକୁ ଥିବା ବିଶ୍ୱାସ କରାଯାଉଥିଲା । ରୋମ୍‌କୁ ଯିବା ପରେ ନିଜ ଅନୁରୋଧରେ ସେ ମୁଣ୍ଡ ତଳପଟେ କରି କ୍ରୁଶାର୍ପିତ ହୋଇଥିଲେ ।"

୧ : ୧୪ ରେ ଲେଖା ଦେଖନ୍ତୁ ।

■ **"ମୋହର ଅନୁଗାମୀ ହୁଅ"** ଏହା ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ କର୍ତ୍ତୃବାଚ୍ୟ ଅଟେ, ଯେପରି ପ. ୨୨ ଅଟେ । ଏହା ନେତୃତ୍ୱ ନିମନ୍ତେ ପିତରଙ୍କ ଆହ୍ୱାନର ନବୀନକରଣ ଓ ପୁନଃ ଘୋଷଣା ସହ ସମ୍ପର୍କିତ ଅଟେ (ସିଏଫ୍. ମାଥି. ୪ : ୧୯ - ୨୦) ।

| |
|---|
| **ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୨୧ : ୨୦ - ୨୩**<br>**୨୦. ପିତର, ବୁଲିପଡ଼ି, ଯୀଶୁ ଯେଉଁ ଶିଷ୍ୟଙ୍କୁ ପ୍ରେମ କରୁଥିଲେ ତାଙ୍କୁ ସେମାନଙ୍କ ପଛରେ ଆସୁଥିବା ଦେଖିଲେ; ମଧ ଯେଉଁ ଜଣକ ରାତ୍ରି ଭୋଜ ସମୟରେ ତାହାଙ୍କ ବକ୍ଷସ୍ଥଳରେ ଆଉଜି ପଡି "ପ୍ରଭୋ, ଆପଣଙ୍କୁ କିଏ ଶତ୍ରୁ ହସ୍ତରେ ସମର୍ପଣ କରିବ" ? ବୋଲି ପଚାରିଥିଲେ । "୨୧. ପିତର ତାଙ୍କୁ ଦେଖି ଯୀଶୁଙ୍କୁ ପଚାରିଲେ, "ପ୍ରଭୋ, ଏହି ମନୁଷ୍ୟ ବିଷୟରେ କ'ଣ ?" ୨୨. ଯୀଶୁ ତାଙ୍କୁ କହିଲେ, "ମୋହର ଆଗମନ ପର୍ଯ୍ୟନ୍ତ ସେ ରହୁ ବୋଲି ଯଦି ମୁଁ ଇଚ୍ଛା କଲେ, ତାହାହେଲେ ସେଥିରେ ତୁମ୍ଭର କ'ଣ ଅଛି ? ତୁମ୍ଭେ ମୋହର ଅନୁଗାମୀ ହୁଅ !" ୨୩. ସେଥିରେ ସେହି ଶିଷ୍ୟ ଯେ ମରିବ ନାହିଁ ଏହି କଥା ଭାଇମାନଙ୍କ ମଧ୍ୟରେ ବ୍ୟାପିଗଲା; ମାତ୍ର ସେ ମରିବ ନାହିଁ ବୋଲି ଯୀଶୁ ତାଙ୍କୁ କହି ନ ଥିଲେ, କିନ୍ତୁ କେବଳ, "ମୋହର ଆଗମନ ପର୍ଯ୍ୟନ୍ତ ସେ ରହୁ ବୋଲି ଯଦି ମୁଁ ଇଚ୍ଛା କରେ, ତାହା ହେଲେ ସେଥିରେ ତୁମ୍ଭର କ'ଣ ଅଛି ? ବୋଲି କହିଥିଲେ ।** |

**୨୧:୨୦ "ଯୀଶୁ ଯେଉଁ ଶିଷ୍ୟଙ୍କୁ ପ୍ରେମ କରୁଥିଲେ"** ଏହା ୧୩ : ୨୫ ରେ ମିଳିଥିବା ବିବରଣୀକୁ ଦର୍ଶାଏ । ସେ କାହିଁକି ଏହି ରହସ୍ୟମୟ ଶୈଳୀରେ ଚିହ୍ନିତ କରାଗଲେ ତାହା ଅନିର୍ଦ୍ଦିଷ୍ଟ ଅଟେ (ସି ଏଫ୍. ୧୩ : ୨୩; ୧୯ : ୨୬; ୨୦ : ୨; ୨୧ : ୭, ୨୦) ସାମ୍ଭବ୍ୟ ମତବାଦଗୁଡ଼ିକ ହେଲା

୧. ପ୍ରଥମ ଶତାବ୍ଦୀର ପରମ୍ପରାଗତ ଯିହୁଦୀୟ ଲେଖାଗୁଡ଼ିକ ଲେଖକଙ୍କୁ ନାମ ଦ୍ୱାରା ଉଲ୍ଲେଖ କରୁ ନଥିଲେ ।

୨. ଯୋହନ ଯେତେବେଳେ ଯୀଶୁଙ୍କର ଅନୁଗାମୀ ହେଲେ ସେ ବେଶ୍ ତରୁଣ ଥିଲେ ।

୩. ଯୋହନ କେବଳ ଜଣେ ପ୍ରେରିତ ଯିଏ ବିଚାର ଓ କ୍ରୁଶାର୍ପଣ ସମୟରେ ଯୀଶୁଙ୍କ ସହିତ ରହିଥିଲେ ।

୨୧:୨୨ "ଯୀଶୁ ତାଙ୍କୁ କହିଲେ, "ମୋହର ଆଗମନ ପର୍ଯ୍ୟନ୍ତ ସେ ରହୁ ବୋଲି ଯଦି ମୁଁ ଇଚ୍ଛା କରେ, ସେଥିରେ ତୁମ୍ଭର କ'ଣ ଅଛି ?" ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଆମ୍ଭେମାନେ ନିଶ୍ଚିତ ଭାବେ ମନେ ରଖିବା ଉଚିତ ଯେ ଆମ୍ଭେମାନେ ଆମ୍ଭମାନଙ୍କ ନିଜର ଦାନ ଓ ସେବାକାର୍ଯ୍ୟଗୁଡ଼ିକ ସହିତ ବ୍ୟବହାର କିରିବାକୁ ହେବ ଏବଂ ଅନ୍ୟ ମାନଙ୍କ ନିମନ୍ତେ ଈଶ୍ୱର କ'ଣ ଯୋଜନା କରିଛନ୍ତି ତାହା ସହିତ ଆଗ୍ରହୀ ହେବା ପାଇଁ ନୁହେଁ !୨୧ ଅଧ୍ୟାୟକୁ ସଂଯୋଗ କରିବାର ଏକ ସାମ୍ଭବ୍ୟ କାରଣ ଏହି ପ୍ରକୃତ ପ୍ରସଙ୍ଗ ଉପରେ ଭୁଲ୍ ବୁଝାମଣାର ଉତ୍ତର ଦେବାକୁ ଥିଲା । ପ୍ରତୀୟମାନ ଭାବେ ସେଠାରେ ପୂର୍ବରୁ ଏକ ଶୁଣାକଥା (ସମ୍ଭବତଃ ନୋଷ୍ଟିକ୍) ଥିଲା ଯେ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ଯୋହନଙ୍କୁ ବଞ୍ଚିବାକୁ ଥିଲା (ଯୋହନ ପାରୋସିଆ ବିଷୟ କହନ୍ତି, ସିଏଫ୍. ୧୪:୨୩; ପ୍ର. ଯୋହନ ୩:୨) ।

■ **"ମୋହର ଅନୁଗାମୀ ହୁଅ"** ଏହା ଯୋହନଙ୍କ ସୁସମାଚାରର ବ୍ୟକ୍ତିଗତ ନିମନ୍ତ୍ରଣର ପ୍ରାୟ ସଂକ୍ଷିପ୍ତ ବିବରଣୀ ଦିଏ (ସିଏଫ୍. ୧ : ୪୩; ୧୦: ୨୭; ୧୨ : ୨୬; ୨୧ : ୧୯, ୨୨) । ଏହା ସୁସମାଚାରର ବ୍ୟକ୍ତିଗତ ଦୃଷ୍ଟିକୋଣକୁ ଗୁରୁତ୍ୱ ରୋପ କରେ, ଯେତେବେଳେ "ତାହା ବିଶ୍ୱାସ କର" ସୁସମାଚାରର ଉପାଦାନ ଦୃଷ୍ଟିକୋଣକୁ ଗୁରୁତ୍ୱାରୋପ କରେ ।

| |
|---|
| **ଏନ୍ ଏ ଏସ୍ ବି (ଆଧୁନିକତା) ଶାସ୍ତ୍ରାଂଶ : ୨୧ : ୨୪**<br>**୨୪ ଏ ସେହି ଶିଷ୍ୟ ଯେ ଏହି ସମସ୍ତ ବିଷୟରେ ସାକ୍ଷ୍ୟ ହେଉଅଛନ୍ତି ଓ ଏହି ସମସ୍ତ ଲେଖିଅଛନ୍ତି, ଆଉ ସେହି ସାକ୍ଷ୍ୟ ଯେ ସତ୍ୟ ତାହା ଆମ୍ଭେମାନେ ଜାଣୁ ।** |

୨୧:୨୪ "ଏହି ସମସ୍ତ ବିଷୟ ଲେଖିଛନ୍ତି" କ'ଣ ଏହା (୧) ପଦ ୨୦ - ୨୩ ଯାଏ; (୨) ୨୧ ଅଧ୍ୟାୟ; ଅବା (୩) ସମ୍ପୂର୍ଣ୍ଣ ସୁସମାଚାରକୁ ଦର୍ଶାଏ ? ଉତ୍ତର ଅନିଶ୍ଚିତ ଅଟେ ।

■ "ଆମ୍ଭେମାନେ ଜାଣୁ ଯେ ତାଙ୍କ ସାକ୍ଷ୍ୟ ସତ୍ୟ ଅଟେ" ସର୍ବନାମ "ଆମ୍ଭେମାନେ" ଦ୍ୱାରା ଦର୍ଶାଯାଇଥିବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅନିଶ୍ଚିତ ଅଟେ । ଏହା ସୁସ୍ପଷ୍ଟ ଯେ ଅନ୍ୟମାନେ ଯୋହନଙ୍କ ସୁସମାଚାରର ସତ୍ୟତାର ଦୃଢ଼ ଘୋଷଣାକୁ ଅଣାଯାଇଥିଲେ । ଏହା ହୁଏତ ଏଫିସିୟ ବରିଷ୍ଠମାନଙ୍କୁ ଦର୍ଶାଏ । ଏହା ଥିଲା ସେହି ସ୍ଥାନ ଯେଉଁଠାରେ ଯୋହନ ବାସ କଲେ, ସେବା କାର୍ଯ୍ୟ କଲେ, ଏବଂ ମୃତ୍ୟୁ ଭୋଗ କଲେ । ପୁରାତନ ପ୍ରଥା ସ୍ପଷ୍ଟ କରେ ଯେ ଅନ୍ୟ ସମସ୍ତ ପ୍ରେରିତମାନେ ମୃତ୍ୟୁବରଣ କରିବା ଓ ଯୀଶୁଙ୍କ ବିଷୟ ବୃଦ୍ଧି ହେଉଥିବା ଭିନ୍ନ ମତବାଦଗୁଡ଼ିକ ସକାଶୁ ଏଫିସିୟ ବରିଷ୍ଠମାନେ ବୟବୃଦ୍ଧ ଯୋହନଙ୍କୁ ତାଙ୍କ ନିଜର ସୁସମାଚାର ଲେଖିବା ନିମନ୍ତେ ପ୍ରସ୍ତାବନା ଦେଲେ । ବିଶେଷ ଶୀର୍ଷ ଦେଖନ୍ତୁ : ୧ : ୮ ରେ ଯୀଶୁଙ୍କ ସାକ୍ଷୀ ସମୂହ ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତାଂଶ : ୨୧ : ୨୫**

**୨୫. ପୁଣି ଯୀଶୁ ଆହୁରି ଅନେକ ଅନେକ କର୍ମ ମଧ୍ୟ କରିଥିଲେ, ସେହି ସବୁ ଯଦି ଗୋଟି ଗୋଟି କରି ଲେଖା ଯାଆନ୍ତା, ତାହା ହେଲେ ଏତେ ପୁସ୍ତକ ଲେଖା ହୁଅନ୍ତା ଯେ, ମୋହର ବିଚାରରେ ସମୁଦାୟ ଜଗତରେ ସୁଦ୍ଧା ସେହିସବୁ ରଖିବା ନିମନ୍ତେ ସ୍ଥାନ ହୁଅନ୍ତା ନାହିଁ ।**

୨୧ : ୨୫ ଦୁଇଟି କାରଣ ଯୋଗୁ ପଦ ୨୫ ତର୍କବିତର୍କ ମଧ୍ୟରେ ରହି ଆସିଛି : (୧) କେତେକ ପାଣ୍ଡୁଲିପିଗୁଡ଼ିକରେ ଯୋହନ ୭: ୫୩ - ୮ : ୧୧ ୨୪ ଓ ୨୫ ପଦଗୁଡ଼ିକ ମଧ୍ୟରେ ଅନ୍ତର୍ନିବିଷ୍ଟ କରାଗଲା (୨) ପାଣ୍ଡୁଲିପି ସିନାଇଟିକସ୍‌ରେ (N) ଲେଖାନକଲକାରୀ ବ୍ୟକ୍ତି ଏକ ଆଳଙ୍କାରିକ କଲୋଫୋନ୍‌କୁ ଲିଭାଇ ଦେଲେ ଓ ପରେ ପ ୨୫ ଅନ୍ତର୍ନିବିଷ୍ଟ କଲେ । ଏହା ବ୍ରିଟିସ୍ ପଦ ନିର୍ଦ୍ଦିଷ୍ଟ ଭାବରେ ଆମ୍ଭମାନଙ୍କୁ ଜଣାଏ ଯେ ସୁସମାଚାର ଲେଖକମାନେ ସେମାନଙ୍କ ଲିପିବଦ୍ଧ ବିଷୟଗୁଡ଼ିକରେ ଚୟନମୂଳକ ଥିଲେ । ସମ୍ବାଦ ଅନୁବାଦ ସମ୍ବନ୍ଧୀୟ ପ୍ରଶ୍ନ ହେଉଛି ସବୁ ସମୟରେ ପଚାରିବାକୁ, "ସେମାନେ କାହିଁକି ଏହା ସେମାନଙ୍କ ନିଜ ମାର୍ଗରେ ଉଲ୍ଲେଖ କଲେ ଆଉ ଚାରୋଟି ସୁସମାଚାରକୁ ଜଡ଼ିତ କରିବାକୁ ତ୍ୱରାନ୍ୱିତ ହେଲେ ନାହିଁ ?" ଦେଖନ୍ତୁ ଗର୍ଡ଼ନ୍ ଫି ଓ ଡୋରାସ୍ ସ୍ଟୁଆର୍ଟ, ହାଓ ଟୁ ରିଡ୍ ଦି ବାଇବଲ ଫର୍ ଅଲ୍ ଇଟ୍‌ସ ୱର୍ଥ)

**ପ୍ରଶ୍ନଗୁଡ଼ିକର ଆଲୋଚନା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟନ ପ୍ରଦର୍ଶନ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟୀତ୍ୱବାନ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିଟରେ ଛାଡ଼ିଦେବା ଉଚିତ ନୁହେଁ ।

ଏହି ସମସ୍ତ ପ୍ରଶ୍ନଗୁଡ଼ିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଏହି ପୁସ୍ତକ ମାଧ୍ୟମରେ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣଙ୍କୁ ପ୍ରଦାନ କରାଯାଇଛି । ସେଗୁଡ଼ିକ ଅର୍ଥ ଚିନ୍ତା କରିବା ନିମନ୍ତେ ପ୍ରରୋଚକ ହୋଇପାରେ, ନିଷ୍ପତ୍ତିମୂଳକ ନୁହେଁ ।

୧. ଯୋହନ ୨୧ କିପରି ଲୂକ ୫ ସହ ସମାନ ଅଟେ ?

୨. ଶିଷ୍ୟମାନେ କାହିଁକି ତତ୍‌କ୍ଷଣାତ୍ ଯୀଶୁଙ୍କୁ ଚିହ୍ନିପାରିଲେ ନାହିଁ ?

୩. ସେ କେଉଁ ଶିଷ୍ୟ ଯାହାଙ୍କୁ ଯୀଶୁ ଭଲ ପାଉଥିଲେ ?

୪. କାହିଁକି ଯୀଶୁ ପିତରଙ୍କୁ ତାହାଙ୍କୁ ପ୍ରତି ତାଙ୍କ ପ୍ରେମ ସମ୍ପର୍କରେ ତିନି ଥର ପଚାରିଲେ ?

୫. ସେ ପୁନର୍ବାର ଆସିବା ପର୍ଯ୍ୟନ୍ତ ଯୋହନ ବଞ୍ଚିବ ବୋଲି ଯୀଶୁ କ'ଣ ସତ କହିଥିଲେ ?

୬. ପଦ ୨୪ରେ କେଉଁ, ଜଣକୁ ଦର୍ଶାଗଲା ?

୭. ପଦ ୨୫ କ'ଣ ପ୍ରଥମରୁ ବିଦ୍ୟମାନ ?

# ପ୍ରଥମ ଯୋହନ

## ପ୍ରଥମ ଯୋହନଙ୍କୁ ପରିଚୟ ପ୍ରଦାନ

## ପୁସ୍ତକର ଅଦ୍ୱିତୀୟ

କ. ଯୋହନଙ୍କ ପ୍ରଥମ ପୁସ୍ତକ ଏକ ବ୍ୟକ୍ତିଗତ ପତ୍ର ନୁହେଁ କି ଅବା ଗୋଟିଏ ମଣ୍ଡଳୀକୁ ଲିଖିତ ପତ୍ର ନୁହେଁ ସମାନ ଭାବରେ ଏହା ଏକ "କେନ୍ଦ୍ରଠାରୁ ଉତ୍ସାହ ପୂର୍ଣ୍ଣ କର୍ତ୍ତବ୍ୟ ସ୍ମାରକପତ୍ର" (ଏକୀଭୂତ ପତ୍ର)

୧. ଏହାର ପରମ୍ପରାଗତ ପରିଚୟ ନାହିଁ (କାହାଠାରୁ, କାହା ନିକଟକୁ) ।

୨. ଏହାର ବ୍ୟକ୍ତିଗତ ଆଭ୍ୟର୍ଥନା ଅବା ସମାପ୍ତି ସମ୍ବାଦ ନାହିଁ ।

ଖ. ସେଠାରେ ବ୍ୟକ୍ତିଗତ ନାମଗୁଡ଼ିକ ଉଲ୍ଲେଖ ହୋଇନାହିଁ । ଅନେକ ମଣ୍ଡଳୀକୁ ଲିଖିତ ପୁସ୍ତକ ଗୁଡ଼ିକରେ ବ୍ୟତୀତ ଏହା ବହୁମାତ୍ରାରେ ଅସାଧାରଣ ଅଟେ, ଯେପରି ଏଫିସିୟ ଓ ଯାକୁବ । ନୂତନ ନିୟମର ଏକାମାତ୍ର ହେଉଛି ଏବ୍ରୀ ଯାହା ଲେଖକଙ୍କ ନାମକୁ ଅର୍ନ୍ତଭୁକ୍ତ କରେ ନାହିଁ । ସେ ଯାହା ହେଉ, ଏହା ସୁସ୍ପଷ୍ଟ ଅଟେ ଯେ ପ୍ରଥମ ଯୋହନ ମଣ୍ଡଳୀ ମଧ୍ୟରେ ଭ୍ରାନ୍ତ ଶିକ୍ଷକମାନଙ୍କ (ନୋଷ୍ଟିକ୍) ଦ୍ୱାରା ବିଶ୍ୱାସୀମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେମାନଙ୍କୁ ଲେଖାଯାଇଥିଲା ।

ଗ. ଏହି ପତ୍ର ଏକ ଶକ୍ତିଶାଳୀ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପୁସ୍ତକ ଅଟେ ।

୧. ଯୀଶୁଙ୍କର କେନ୍ଦ୍ରୀଭୂତତା

କ. ସମ୍ପୂର୍ଣ୍ଣ ଈଶ୍ୱର ଓ ସମ୍ପୂର୍ଣ୍ଣ ମନୁଷ୍ୟ

ଖ. ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ପିରତ୍ରାଣ ଆସେ, ଏକ ରହସ୍ୟମୟ ଅନୁଭୂତ ଅବା ଗୁପ୍ତ ଜ୍ଞାନ ନୁହେଁ (ଭ୍ରାନ୍ତଶିକ୍ଷକ)

୨. ଏକ ଖ୍ରୀଷ୍ଟିୟାନ ଜୀବନ ଧାରା ପାଇଁ ଦାବି (ପ୍ରକୃତ ଖ୍ରୀଷ୍ଟଧର୍ମୀର ତିନୋଟି ମାନ)

କ. ଭ୍ରାତୃ ସମାନ ପ୍ରେମ

ଖ. ଆଜ୍ଞାନୁବର୍ତ୍ତିତା

ଗ. ପତିତ ଜଗତ ପ୍ରଣାଳୀର ପ୍ରତ୍ୟାଖ୍ୟାନ

୩. ନାଜରିତୀୟ ଯୀଶୁଙ୍କ ଉପରେ ବିଶ୍ୱାସ ଦ୍ୱାରା ଅନନ୍ତ ପରିତ୍ରାଣର ନିଶ୍ଚିନ୍ତତା ("ଜାଣିବା" ୨୭ଥର ବ୍ୟବହୃତ ହୋଇଅଛି)

୪. ମିଥ୍ୟା ଶିକ୍ଷକମାନଙ୍କୁ କିପରି ଚିହ୍ନିବା ?

ଘ. ଯୋହନଙ୍କ ଲେଖାସମୂହ (ବିଶେଷତଃ ପ୍ରଥମ ଯୋହନ) ଯେ କୌଣସି ନୂତନ ନିୟମ ଲେଖକଙ୍କର ଅତିକମ୍ ଜଟିଳ କଇନେ ଗ୍ରୀକ୍ ଅଟେ, ତଥାପି ତାଙ୍କ ପୁସ୍ତକଗୁଡ଼ିକ, ଯୀଶୁ ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ଗଭୀର ଜ୍ଞାନ ଓ ଅନନ୍ତ ସତ୍ୟ ଗୁଡ଼ିକର ଗଭୀରତା ମାପିବା, ଯେପରି ଅନ୍ୟ କେହି ନୁହେଁ (ଏହା ହେଉଛି, ଈଶ୍ୱର ହେଉଛନ୍ତି ଆଲୋକ, ୧:୫; ଈଶ୍ୱର ହିଁ ପ୍ରେମ, ୪:୮, ୧୬; ଈଶ୍ୱର ହିଁ ଆତ୍ମା, ଯୋହନ ୪:୨୪)

ଙ. ଏହା ସମ୍ଭବ ଯେ ପ୍ରଥମ ଯୋହନଙ୍କ ସୁସମାଚାର ନିମନ୍ତେ ଏକ ଆବୃତ ପତ୍ର ହେବା ଅର୍ଥ ଥିଲା । ପ୍ରଥମ ଶତାବ୍ଦୀର ନେଷ୍ଟିକ ଭିନ୍ନ ମତବାଦ ଉଭୟ ପୁସ୍ତକଗୁଡ଼ିକ ପାଇଁ ପୃଷ୍ଠଭୂମି ଗଠନ କରେ । ସୁସମାଚାରର ଏକ ଧର୍ମ ପ୍ରଚାର ଉଦ୍ୟମ ରହିଛି । ଯେତେବେଳେ ପ୍ରଥମ ଯୋହନ ବିଶ୍ୱାସୀମାନଙ୍କ ନିମନ୍ତେ ଲିଖିତ ଅଟେ (ଏହା ହେଉଛି, ଶିଷ୍ୟତ୍ୱ) ।

ପ୍ରତିଷ୍ଠାବାଦ ଟୀକାକାର ୱେଷ୍ଟକେଟ୍ ପ୍ରକାଶ କଲେ ଯେ ସୁସମାଚାର ଯୀଶୁଙ୍କର ଈଶ୍ୱରତ୍ୱକୁ ସତ୍ୟ ବୋଲି ଘୋଷଣା କରେ, ଯେତେବେଳେ ପ୍ରଥମ ଯୋହନ ତାହାଙ୍କର ମାନବିକତାକୁ ଘୋଷଣା କରେ । ଏହି ପୁସ୍ତକଗୁଡ଼ିକ ଏକ ସଙ୍ଗେ ଗମନ କରନ୍ତି ।

ଚ. ଯୋହନ କଳା ଓ ଧଳା (ଦ୍ୱୈତଭାବ) ପଦଗୁଡ଼ିକରେ ଲେଖନ୍ତି । ଏହା ମୃତ ସାଗର ଗ୍ରନ୍ଥଗୁଡ଼ିକ ଓ ନୋଷ୍ଟିକ ଶିକ୍ଷକମାନଙ୍କର ପ୍ରକାଶକ ଅଟେ । ପ୍ରଥମ ଯୋହନର ସଂଗଠିତ ଓ ସାହିତ୍ୟିକ ଦୈତବାଦ ହେଉଛି ଉଭୟ ମୌଖିକ (ଆଲୋକ ବନାମ ଅନ୍ଧାର) ଓ ଉନ୍ନତ ଶୈଳୀ (ଏକ ନାସ୍ତିବାଚକ ମନ୍ତବ୍ୟ ଏକ ଅସ୍ତିବାଚକ ମନ୍ତବ୍ୟ ଦ୍ୱାରା ଅନୁଧାବିତ) ଏହା ଯୋହନଙ୍କ ସୁସମାଚାର ଠାରୁ ଭିନ୍ନ ଅଟେ, ଯାହା ଏକ ସିଧା ସଳଖ ଦୈତବାଦକୁ ନିୟୋଜନ କରେ (ଯୀଶୁ ଉର୍ଦ୍ଧରୁ ବନାମ ସମସ୍ତ ମାନବ ତଳେ) ।

ଛ. ଯୋହନଙ୍କ ବିଷୟର ପୁନଃ ପୁନଃ ବ୍ୟବହାର କାରଣ ଯୋଗୁଁ ପ୍ରଥମ ଯୋହନ କୁ ସଂକ୍ଷିପ୍ତ ବିବରଣ କରିବା ଅତି କଷ୍ଟକର ଅଟେ । ଏହି ପୁସ୍ତକ ସତ୍ୟଗୁଡ଼ିକର ପୁନରାବୃତ୍ତି ଢାଞ୍ଚାରେ ଏକତ୍ରୀକୃତ ଭାବେ ରଚିତ ହୋଇଥିବା ଏକ କାରୁକାର୍ଯ୍ୟ ରଚିତ ଗଳ୍ପ ଅଟେ (ସିଏଫ୍. ବଲ୍ ହେନ୍ଡ୍ରିକ୍ସ୍, ଟେପେଷ୍ଟ୍ରିଇସ୍ ଅଫ୍ଟ୍ରୁଥ୍, ଦି ଲେଟେରସ୍ ଅଫ୍ ଯୋନ୍) ।

ଲେଖକ

କ. ପ୍ରଥମ ଯୋହନର ଲେଖକତ୍ୱ ହେଉଛି ଯୋହନ ସମ୍ବନ୍ଧୀୟ ସଂଗୃହୀତ ରଚନାବାଳୀର ଲେଖକତ୍ୱ ଉପରେ ଆଲୋଚନାର ଅଂଶ – ସୁସମାଚାର, ପ୍ରଥମ ଯୋହନ, ଦ୍ୱିତୀୟ ଯୋହନ, ତୃତୀୟ ଯୋହନ ଓ ପ୍ରକାଶିକ ବାକ୍ୟ ।

ଖ. ସେଠାରେ ଦୁଇଟି ମୌଳିକ ଅବସ୍ଥିତି ରହିଛି

୧. ପରମ୍ପରାଗତ

କ. ପୁରାତନ ମଣ୍ଡଳୀ ଅଭିଭାବକମାନଙ୍କ ମଧ୍ୟରେ ପରମ୍ପରା ବିବାଦହୀନ ଥିଲା ଯେ, ଯୋହନ, ପ୍ରିୟ ପେରିତ, ପ୍ରଥମ ଯୋହନର ଲେଖକ ଥିଲେ ।

ଖ. ପୁରାତନ ମଣ୍ଡଳୀ ତଥ୍ୟ ସମୂହର ସଂକ୍ଷିପ୍ତ ଟିପ୍ପଣୀ

(୧) ରୋମ୍‌ର କ୍ଲେମେଣ୍ଟ (ଖ୍ରୀଷ୍ଟାବ୍ଦ ୯୦) ପ୍ରଥମ ଯୋହାନର ସୂଚନା ଗଠନ କରନ୍ତି ।

(୨) ସ୍ମିର୍ଣ୍ଣାର ପାଲିକାର୍ପ, ଫିଲିପିୟ ୭ (ଖ୍ରୀଷ୍ଟାବ୍ଦ ୧୧୦ - ୧୪୦) ପ୍ରଥମ ଯୋହନ ର ନକଲ କରନ୍ତି ।

(୩) ଜୋଷ୍ଟିନ୍ ମାର୍ଟିର୍‌ଙ୍କ, ଡାଇଲଷ୍ଯୁ ୧୨୩ : ୯ (ଖ୍ରୀଷ୍ଟାବ୍ଦ ୧୫୦ - ୧୬୦) ପ୍ରଥମ ଯୋହନ ନକଲ କରେ

(୪) ପ୍ରଥମ ଯୋହନ ନିମନ୍ତେ ସୂଚନା ସମୂହ ଯେଉଁ ଲେଖାଗୁଡ଼ିକରେ ତିଆରି ହେଲା ତାହା ହେଉଛି

(କ) ଆଣ୍ଟିଅଖ୍‌ର ଇଗ୍‌ନାସିଅସ୍ (ତାଙ୍କ ଲେଖାଗୁଡ଼ିକର ତାରିଖ ଅନିଶ୍ଚିତ ଅଟେ, କିନ୍ତୁ ଖ୍ରୀଷ୍ଟାବ୍ଦ ୧୦୦ ପୂର୍ବରେ)

(ଖ) ହେଇରାପଲିସର ପାପିଅସ୍ (ଖ୍ରୀଷ୍ଟାବ୍ଦ ୫୦ - ୬୦ ମଧ୍ୟରେ ଜନ୍ମ ଓ ଖ୍ରୀଷ୍ଟାବ୍ଦ ୧୫୫ ବେଳକୁ ଶହୀଦ ହୋଇଥିଲେ)

(୫) ଲୋୟନ୍‌ସ୍‌ର ଇରେନିଅସ୍ (ଖ୍ରୀଷ୍ଟାବ୍ଦ ୧୩୦ - ୨୦୨) ପ୍ରଥମ ଯୋହନ କୁ ପ୍ରେରିତ ଯୋହନ ଭାବେ ଆରୋପ କରନ୍ତି । ତେର୍ତୁଲିଆନ୍, ଏକ ପୂର୍ବ ପକ୍ଷ ସମର୍ଥକ ଯିଏ ଭିନ୍ନ ମତଗୁଡ଼ିକ ବିରୁଦ୍ଧରେ ୫୦ଟି ପୁସ୍ତକ ଲେଖିଥିଲେ, ବେଳେବେଳେ ପ୍ରଥମ ଯୋହନ ନକଲ କଲେ ।

(୬) ଅନ୍ୟ ପୂର୍ବ ଲେଖାସମୂହ ଯେଉଁଗୁଡ଼ିକ ପ୍ରେରିତ ଯୋହନଙ୍କ ଲେଖକତ୍ୱ ଆରୋପ କରନ୍ତି ସେମାନେ ହେଲେ କ୍ଲେମେଣ୍ଟ, ଅରିଟୋନ୍, ଓ ଡାଇଓନିସିଅସ୍, ମସ୍ତ ତିନିଜଣ ଆଲେକ୍‌ଜାଣ୍ଡ୍ରିଆର, ମୁରେଟୋରିଆନ୍ ପ୍ରାଗ୍‌ମେଣ୍ଟ (ଖ୍ରୀଷ୍ଟାବ୍ଦ ୧୮୦ - ୨୦୦), ଓ ୟୁସିବିଅସ୍ (ତୃତୀୟ ଶତାବ୍ଦୀ) ।

(୭) ଜେରମ୍ (ଚତୁର୍ଥ ଶତାବ୍ଦୀର ଦ୍ୱିତୀୟ ଅର୍ଦ୍ଧେକ) ଯୋହନଙ୍କ ଲେଖକତ୍ୱକୁ ଦୃଢ଼ ଭାବେ ଘୋଷଣା କଲେ, କିନ୍ତୁ ସ୍ୱୀକାର କଲେ ଯେ ତାଙ୍କ ସମୟରେ କେତେକଙ୍କ ଦ୍ୱାରା ଏହା ଅସ୍ୱୀକାର କରାଯାଇଥିଲା ।

(୮) ମୋପ୍‌ସୁଏଷ୍ଟିଆର ଥିଅଡୋର, ଆଣ୍ଟିଅଖ୍‌ର ବିଶ୍ୱପ୍ ଖ୍ରୀଷ୍ଟାବ୍ଦ ୩୨୯ ଠାରୁ ୪୨୮, ଯୋହନଙ୍କ ଲେଖକତ୍ୱକୁ ଅସ୍ୱୀକାର କଲେ ।

ଗ. ଯଦି ଯୋହନ, ତାହା ହେଲେ ପ୍ରେରିତ ଯୋହନଙ୍କ ସମ୍ବନ୍ଧରେ ଆମ୍ଭେମାନେ କଅଣ ଜାଣୁ ?

(୧) ସେ ଜେବଦି ଓ ସଲୋମିଙ୍କ ପୁତ୍ର ଥିଲେ

(୨) ସେ ତାଙ୍କ ଭାଇ, ଯାକୁବ ସହିତ ଗାଲିଲୀ ସମୁଦ୍ରରେ ଜଣେ ଧୀବର ଥିଲେ (ସମ୍ଭବତଃ କେତେକ ନୌକା ଅଧିକାର କରିଥିଲେ ।)

(୩) ତାଙ୍କ ମାତା, ଯୀଶୁଙ୍କର ମାତା ମରିୟମ୍‌ଙ୍କର ଜଣେ ଭଗୀନି ଥିବା କେତେକ ବିଶ୍ୱାସ କରନ୍ତି (ସିଏଫ୍. ଯୋହନ ୧୯ : ୨୫; ମାର୍କ ୧୫ : ୨୦)

(୪) ପ୍ରତୀୟମାନ ଭାବେ ସେ ସମ୍ପତ୍ତିଶାଳୀ ଥିଲେ କାରଣ

(କ) ଭଡ଼ାଟିଆବାସମାନେ ଥିଲେ । ସିଏ ଏଫ୍ ମାର୍କ ୧:୨୦ ।

(ଖ) କେତେକ ନୌକାଗୁଡ଼ିକ ଥିଲା ।

(ଗ) ଯିରୁଶାଲୋମରେ ଏକ ବାସଗୃହ (ସିଏଫ୍. ମାଥି. ୨୦ : ୨୦) ଥିଲା

(୫) ଯିରୁଶାଲୋମରେ ମହାଯାଜକଙ୍କ ଗୃହକୁ ଯୋହନଙ୍କର ପ୍ରବେଶ ଅଧିକାର ଥିଲା, ଯାହା ସେ ଜଣେ କିଛି ପ୍ରତିଷ୍ଠାର ବ୍ୟକ୍ତି ଥିବା ଦର୍ଶାଏ (ସିଏଫ୍. ଯୋହନ ୧୮ : ୧୫ - ୧୯)

(୬) ସେ ଥିଲେ ଯୋହନ ଯାହାଙ୍କ ଯତ୍ନରେ ମରିୟମ୍, ଯୀଶୁଙ୍କର ମାତା, ସମର୍ପିତ ହୋଇଥିଲେ ।

ଘ. ପୁରାତନ ମଣ୍ଡଳୀ ପ୍ରଥା ସର୍ବସମ୍ମତ ଭାବେ ସାକ୍ଷ୍ୟ ଦେଲା ଯେ ଯୋହନ ଅନ୍ୟ ସମସ୍ତ ପେରିତମାନଙ୍କ ଠାରୁ ଅଧିକ କାଳ ବଞ୍ଚିଲେ, ଆଉ ଯିରୁଶାଲମ୍‌ରେ ମରିୟମଙ୍କ ମୃତ୍ୟୁ ପରେ ସେ ଏସିଆ ମାଇନର୍‌କୁ ଗତି କଲେ ଓ ଏଫିସସ୍, ସେହି ସ୍ଥାନର ବୃହତ୍ ସହରରେ ପ୍ରତିଷ୍ଠିତ ହେଲେ । ଏହି ସହର ଠାରୁ ସେ ପାଟ୍ମସ୍ ର ଦ୍ୱୀପକୁ (ସମୁଦ୍ର ଉପକୂଳର ପ୍ରାୟ ଦୂରରେ) ନିର୍ବାସିତ ହେଲ ପୁଣି କିଛି ସମୟ ପରେ ମୁକ୍ତ ହେଲେ ଆଉ ଏଫିସସ୍‌କୁ ଫେରିଲେ (ୟୁସିବିଅସ୍ ପୋଲିକାର୍ପ, ପାପିୟାସ୍ ଓ ଇରେନିଆସ୍‌ଙ୍କ ଠାରୁ ନକଲ କରନ୍ତି) ।

୨. ଆଧୁନିକ ଜ୍ଞାନୀ

କ. ଆଧୁନିକ ବିଦ୍ୱାନ୍‌ମାନଙ୍କର ଅଧିକାଂଶ ପରିମାଣରେ ଯୋହନ ସମ୍ବନ୍ଧୀୟ ସମସ୍ତ ଲେଖାଗୁଡ଼ିକ ମଧ୍ୟରେ ଥିବା ସମାନତା ଚିହ୍ନନ୍ତି ବିଶେଷତଃ ବାକ୍ୟାଂଶରେ, ଶବ୍ଦ ବ୍ୟବହାର ଓ ବ୍ୟାକରଣ ସମ୍ବନ୍ଧୀୟ ଗଠନରେ । ଏହାର ଏକ ଉତ୍ତମ ଉଦାହରଣ ହେଉଛି ସୁସ୍ପଷ୍ଟ ହେଉଥିବା ପ୍ରଭେଦ ଯାହା ଏହିସବୁ ଲେଖାଗୁଡ଼ିକର ଚରିତ୍ର ଚିତ୍ରଣ କଲା : ଜୀବନ ବନାମ ମୃତ୍ୟୁ, ସତ୍ୟ ବନାମ ମିଥ୍ୟାଚରଣ । ଏହି ସମାନ ସ୍ପଷ୍ଟ ଦ୍ୱିଭାଗ ବିଭାଜନ ସେହି ସମୟର ଅନ୍ୟ ଲେଖାମାନଙ୍କରେ ଦେଖାଯାଇପାରେ, ମୃତସାଗର ଗ୍ରନ୍ଥଗୁଡ଼ିକ ଓ ପ୍ରାରମ୍ଭିକ ନୋଷ୍ଟିକ୍ ଲେଖା ସମୂହ ।

ଖ. ପରମ୍ପରା ଗତ ଭାବେ ଯୋହନର ଆରୋପିତ ହୋଇଥିବା ପାଞ୍ଚୋଟି ପୁସ୍ତକଗୁଡ଼ିକ ମଧ୍ୟରେ ଥିବା ପାରସ୍ପାରିକ ସମ୍ପର୍କ ବିଷୟରେ ସେଠାରେ କେତେକ ତତ୍ତ୍ୱସମୂହ ରହିଆସିଛି । କେତେକ ଗୋଷ୍ଠୀମାନେ ଜଣେ ବ୍ୟକ୍ତି, ଦୁଇ ଲୋକ, ତିନି ଲୋକ, ଓ ସେହିପରି ଅନ୍ୟମାନଙ୍କ ଲେଖକତ୍ୱକୁ ପ୍ରକାଶ କରନ୍ତି । ଏହା ଲାଗେ ଯେପରି ସର୍ବାଧିକ ସମ୍ଭବପର ସ୍ଥିତି ହେଉଛି ଯେ ଯୋହନ ସମ୍ବନ୍ଧୀୟ ସମସ୍ତ ଲେଖାଗୁଡ଼ିକ ଜଣେ ମନୁଷ୍ୟର ଭାବନା ଗୁଡ଼ିକର ଫଳାଫଳ ଅଟନ୍ତି, ଯଦିଓ ସମ୍ଭବତଃ ତାଙ୍କ କେତେକ ଶିଷ୍ୟମାନଙ୍କ ଦ୍ୱାରା ଲିଖିତ ।

ଗ. ମୋର ବ୍ୟକ୍ତିଗତ ବିଶ୍ୱାସ ଅଟେ ଯେ ଯୋହନ, ଜଣେ ବୟସ୍କ ପେରିତ, ଏଫିସସ୍‌ରେ ତାଙ୍କ ସେବା କାର୍ଯ୍ୟର ଶେଷସମୟ ଆଡ଼କୁ ସମସ୍ତ ପାଞ୍ଚୋଟି ପୁସ୍ତକଗୁଡ଼ିକ ଲେଖିଲେ ।

୩. ଲେଖକତ୍ୱ ର ପ୍ରସଙ୍ଗ ହେଉଛି ଅର୍ଥ ତର୍ଜମା କରିବାର ଏକ ପ୍ରସଙ୍ଗ, ପେରଣା ନୁହେଁ । ଚରମଭାବେ ଧର୍ମଶାସ୍ତ୍ରରେ ଲେଖକ ହେଉଛନ୍ତି ଈଶ୍ୱର ।

**ତାରିଖ -**

ସ୍ପଷ୍ଟଭାବେ ଏହା ଲେଖକତ୍ୱ  ସହ ସଂଯୁକ୍ତ

କ. ଯଦି ପେରିତ ଯୋହନ ଏହିସବୁ ପତ୍ରଗୁଡ଼ିକ ଲେଖିଛନ୍ତି, ବିଶେଷତଃ ପ୍ରଥମ ଯୋହନ, ତେବେ ଆମ୍ଭେମାନେ ପ୍ରଥମ ଶତାବ୍ଦୀର କେତେକ ସମୟରେ ଶେଷ ସମୟ ବିଷୟରେ କଥା ହେଉଅଛୁ । ଏହା ନୋଷ୍ଟିକ୍‌ର ମିଥ୍ୟା ଧର୍ମତତ୍ତ୍ୱ / ଦର୍ଶନ ଶାସ୍ତ୍ର ପ୍ରଣାଳୀଗୁଡ଼ିକର ବିକାଶ ନିମନ୍ତେ ସମୟ ଦେବ ଓ ପ୍ରଥମ ଯୋହନର ଭାଷା ଓ ଶବ୍ଦ ବ୍ୟବହାରରେ ମଧ୍ୟ ଉପଯୁକ୍ତ ହେବ ("ଛୋଟ ପିଲାମାନେ"), ଯାହା ଜଣେ ବୃଦ୍ଧ ବ୍ୟକ୍ତି ବିଶ୍ୱାସୀମାନଙ୍କର ଗୋଟିଏ ଯୁବକଗୋଷ୍ଠୀ ସହ କଥା ହେଉଥିବା ଦର୍ଶାଇବା ପରି ଦେଖାଯାଏ । ଜେରୋମ୍ କହନ୍ତି ଯୀଶୁଙ୍କର କୃଶବିଦ୍ଧ ପରେ ଯୋହନ ୬୮ ବର୍ଷ ବଞ୍ଚିଲେ । ଏହା ଏହି ପରମ୍ପରା ସହିତ ଉପଯୁକ୍ତ ହେଉଥିବା ପରି ଦେଖାଯାଏ ।

ଖ. ଏ.ଟି.ରୋବର୍ଟସନ୍ ଭାବନ୍ତି ପ୍ରଥମ ଯୋହନ ଖ୍ରୀଷ୍ଟାବ୍ଦ ୮୫-୯୫ ମଧ୍ୟରେ ଲିଖିତ, ଯେତେବେଳେ ଖ୍ରୀଷ୍ଟାବ୍ଦ ୯୫ ପୂର୍ବରୁ ସୁସମାଚାର ଲିଖିତ ଥିଲା ।

ଗ. ଆଇ, ହୱାର୍ଡ଼ ମାର୍ଶାଲ ଙ୍କ ଦ୍ୱାରା ଦିନ୍ୟୁ ଇଣ୍ଟର୍‌ନ୍ୟାସ୍‌ନାଲ୍ କମେଣ୍ଟପରି ପ୍ରିରିଜ୍ ଅନ୍ ପୀଷ୍ଟ ଯୋନ ଘୋଷଣା କରେ ଯେ ଖ୍ରୀଷ୍ଟାବ୍ଦ ୬୦ - ୧୦୦ ମଧ୍ୟରେ ଏକ ତାରିଖ ହେଉଛି ଏତେ ନିକଟରେ ସେତେ ଆଧୁନିକ ଜ୍ଞାନୀଶିକ୍ଷା ଆସି ଯୋହନ ସମ୍ବନ୍ଧୀୟ ଲେଖାଗୁଡ଼ିକର ତାରିଖ ନିର୍ଦ୍ଧାରିତ କରିବାକୁ ଇଚ୍ଛା କରିବେ ।

**ଗ୍ରହଣକାରୀ**

କ. ପରମ୍ପରା ପ୍ରକାଶ କରେ ଯେ ଏହି ପୁସ୍ତାକ ଏସିଆ ମାଇନର୍ ର (ପାଶ୍ଚାତ୍ୟ ତୁର୍କି) ରୋମୀୟ ପ୍ରଦେଶକୁ ଲେଖାଯାଇଥିଲା, ଏଫିସସ୍ ସହିତ ଏହାର ବଡ଼ ମହାନଗର ସ୍ଥାନ ଭାବେ ।

ଖ. ଏହିପତ୍ର ଏସିଆ ମାଇନର୍‌ରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ମଣ୍ଡଳୀଗୁଡ଼ିକ ଯେଉଁମାନେ ଭ୍ରାନ୍ତ ଶିକ୍ଷକମାନଙ୍କ ସହିତ (କଲସୀୟ ଓ ଏଫିସିୟ) ସମସ୍ୟାକୁ ଅନୁଭବ କରୁଥିଲେ ସେମାନଙ୍କୁ ପ୍ରେରିତ ହେବା ପରି ଜଣାଯାଏ, ନିର୍ଦ୍ଦିଷ୍ଟ ଭାବରେ

୧. ଡସେଟିକ୍ ନୋଷ୍ଟିକ୍‌ସ୍ ଯେଉଁମାନେ ଖ୍ରୀଷ୍ଟଙ୍କ ମାନବିକତାକୁ ଅସ୍ୱୀକାର କଲେ, କିନ୍ତୁ ତାହାଙ୍କ ଈଶ୍ୱରଙ୍କୁ ଘୋଷଣା କଲେ ।

୨. ଆଷ୍ଟିନୋମିଆନ୍ ନୋଷ୍ଟିକ୍‌ସ୍ ଯେଉଁମାନେ ନୈତିକତା / ନୈତିକ ଆଚରଣ ଠାରୁ ଧର୍ମତତ୍ତ୍ୱକୁ ଅଲଗା କରିଦେଲେ

ଗ. ଅଗୋଷ୍ଟିନ୍ (ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀ) କହନ୍ତି ଏହା ପାର୍ଥିଆନ୍‌ମାନଙ୍କ (ବାବିଲୋନ) ନିକଟକୁ ଲେଖା ହୋଇଥିଲା । କାସିଓଡ୍ରୋସ୍ ଦ୍ୱାରା ସେ ସମର୍ଥିତ ଅଟନ୍ତି (ପୂର୍ବ ଖ୍ରୀଷ୍ଟାବ୍ଦ ଷଷ୍ଠଶତାବ୍ଦୀ) । ଏହା ସମ୍ଭବତଃ ବାକ୍ୟାଂଶ "ନିର୍ବାଚିତ ମହିଳା", ଓ ବାକ୍ୟାଂଶ, "ସେ ଯିଏ ବାବିଲୋନ୍‌ରେ ଅଛନ୍ତି", ଯାହା ପ୍ରଥମ ପିତର ୫ : ୧୩ ଓ ଦ୍ୱିତୀୟ ଯୋହନ ୧ ରେ ବ୍ୟବହୃତ ବାକ୍ୟାଂଶର ଅସ୍ପଷ୍ଟତା ଠାରୁ ଆସିଲା ।

ଘ. ମରେଟୋରିଆନ୍ ଫ୍ରାଂଗମେଣ୍ଟ, ଖ୍ରୀଷ୍ଟାବ୍ଦ ୧୮୦ - ୨୦୦ ମଧ୍ୟରେ ରୋମରେ ନୂତନ ନିୟମ ପୁସ୍ତକଗୁଡ଼ିକର ଏକ ପୂର୍ବ ଲିଖିତ ଧର୍ମଗ୍ରନ୍ଥ ନିୟମ ତାଲିକା, ଘୋଷଣା କରେ ଯେ ଏହି ପତ୍ର "ତାଙ୍କ ସହୋଯୋଗୀ ଶିଷ୍ୟ ଓ ବିଶ୍ୱପମାନଙ୍କ ଅନୁରୋଧ ପରେ" (ଏସିଆ ମାଇନର୍‌ରେ) ଲିଖିତ ।

**ଭିନ୍ନ ମତବାଦ**

କ. ପତ୍ର ନିଜେ ସ୍ପଷ୍ଟ ଭାବରେ ଭ୍ରାନ୍ତ ଶିକ୍ଷାର ପ୍ରକାର ବିରୁଦ୍ଧରେ ଗୋଟିଏ ପ୍ରତିକ୍ରିୟା ଅଟେ (ଏହା ହେଉଛି, "ଆମେ ଯଦି କହୁ ...." ୧ : ୬ ଠାରୁ ଓ "ସେ ଯିଏ କହନ୍ତି ........ " ୨ : ୯; ୪ : ୨୦ (ଗାଳିବର୍ଷଣ) ।

ଖ. ପ୍ରଥମ ଯୋହନର ଆଭ୍ୟନ୍ତରୀଣ ତଥ୍ୟ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷାର କେତେକ ମୌଳିକ ନୀତିଗୁଡ଼ିକ ଶିକ୍ଷା କରି ପାରିବା ।

୧. ଯୀଶୁଖ୍ରୀଷ୍ଟଙ୍କ ଅବତାରର ଅସ୍ୱୀକୃତି

୨. ପରିତ୍ରାଣ କାର୍ଯ୍ୟରେ ଯୀଶୁଖ୍ରୀଷ୍ଟଙ୍କର କେନ୍ଦ୍ରୀଭୂତ ଭାବର ଅସ୍ୱୀକୃତି

୩. ଏକ ଉପଯୁକ୍ତ ଖ୍ରୀଷ୍ଟିୟୋନ ଜୀବନ ଶୈଳିର ଅଭାବ

୪. ଜ୍ଞାନ (ବେଳେ ବେଳେ ଗୁପ୍ତ) ଉପରେ ଏକ ପ୍ରାଧାନ୍ୟତା ।

୫. ଏକାଧିକାର ପ୍ରବଣତା ଦିଗରେ ପକ୍ଷପାତ

ଗ. ପ୍ରଥମ ଶତାବ୍ଦୀର ପଟ୍ଟଭୂମି

ପ୍ରଥମ ଶତାବ୍ଦୀର ରୋମିୟ ଜଗତର ପୂର୍ବୀୟ ଓ ପାଶ୍ଚାତ୍ୟ ଧର୍ମଗୁଡ଼ିକ ମଧ୍ୟରେ ଏକ ବିଶ୍ୱାସ ସଂଗ୍ରହର ସମୟ ଥିଲା । ଗ୍ରୀକ୍ ଓ ରୋମୀୟ ମନ୍ଦିର ଗୁଡ଼ିକର ଦେବ ଦେବୀମାନେ ଖରାପ ଖ୍ୟାତି ସମ୍ପନ୍ନ ଥିଲେ । ରହସ୍ୟ ଧର୍ମଗୁଡ଼ିକ ଅତି ଜନପ୍ରିୟ ଥିଲେ କାରଣ ସେମାନଙ୍କର ଦେବତାଙ୍କ ସହ ଓ ଗୁପ୍ତ ଜ୍ଞାନ ସହ ବ୍ୟକ୍ତିଗତ ସମ୍ପର୍କ ଉପରେ ଗୁରୁତ୍ୱ ଦେବା ଥିଲା । ପାର୍ଥିବ ଗ୍ରୀକ୍ ଦର୍ଶନଶାସ୍ତ୍ର ଜନପ୍ରିୟ ଥିଲା ଏବଂ ଅନ୍ୟ ଜାଗତିକ ମତଗୁଡ଼ିକ ସହିତ ମିଶ୍ରିତ ହେଉଥିଲା । ବିଶ୍ୱାସ ସଂଗ୍ରହ ଧର୍ମର ଏହି ଜଗତ ମଧ୍ୟକୁ ଖ୍ରୀଷ୍ଟିୟୋନ ବିଶ୍ୱାସର ଏକାଧିକାର ପ୍ରବଣତା ଆସିଲା (ଈଶ୍ୱରଙ୍କ ନିକଟକୁ ଯୀଶୁ ହିଁ ଏକମାତ୍ର ପଥ, ସିଏଫ୍. ଯୋହନ ୧୪ : ୬) । ଭ୍ରାନ୍ତଶିକ୍ଷାର ସଠିକ୍ ପୃଷ୍ଠଭୂମି ଯାହା କିଛି ହେଲେ ମଧ୍ୟ, ଖ୍ରୀଷ୍ଟିୟ ଧର୍ମର ପ୍ରତୀୟମାନ ସଂକୀର୍ଣ୍ଣତାକୁ ସମ୍ଭବପର କରି ଗଠନ କରିବାକୁ ଓ ଏକ ପ୍ରଶସ୍ତ ଗ୍ରୀକ - ରୋମିୟ ଶ୍ରୋତାଙ୍କ ନିକଟରେ ବୈଦ୍ଧିକଭାବରେ ଗ୍ରହଣ ଯୋଗ୍ୟ କରିବାକୁ ଏହା ଏକ ପଦକ୍ଷେପ ଥିଲା ।

ଘ. କେଉଁ ଗୋଷ୍ଠୀର ନୋଷ୍ଟିକ୍‌ମାନଙ୍କୁ ଯୋହନ ସମ୍ବୋଧନ କରୁଛନ୍ତି ତାହାର ସାମ୍ଭବ୍ୟ ଚୟନ ଗୁଡ଼ିକ

୧. ପ୍ରାରମ୍ଭିକ ନୋଷ୍ଟିସିଜମ୍

କ. ପ୍ରଥମ ଶତାବ୍ଦୀର ପ୍ରାରମ୍ଭିକ ନୋଷ୍ଟିସିଜମ୍‌ର ମୌଳିକ ଶିକ୍ଷାକଗୁଡ଼ିକ ଆତ୍ମା ଓ ଭୌତିକ ପଦାର୍ଥ ମଧ୍ୟରେ ଥିବା ଜୀବ ସତ୍ତାବିଦ୍ୟା ସମ୍ବନ୍ଧୀୟ (ଅନନ୍ତ) ଦୈବବାଦ ଉପରେ ଏକ ପ୍ରାଧାନ୍ୟତା ଦେଇ ଆସୁଥିବା ପରି ବୋଧ ହୁଏ । ଆତ୍ମା (ଉଚ୍ଚ ଈଶ୍ୱର) ଉତ୍ତମ ବୋଲି ବିବେଚନା କରାଯାଉଥିଲା, ଯେତେବେଳେ ଭୌତିକ ପଦାର୍ଥ ସ୍ୱାଭାବିକ ଭାବେ ମନ୍ଦ ଥିଲା । ଏହି ଦ୍ୱିଅଂଶ ବିଭାଜନ ପ୍ଲେଟଙ୍କର ଆଦର୍ଶ ବନାମ ଭୌତିକ, ସ୍ୱର୍ଗୀୟ ବନାମ ଜାଗତିକ, ଅଦୃଶ୍ୟ ବନାମ ଦୃଶ୍ୟ ଏକାପରି ଦେଖାଯାଏ । ପାରିତ୍ରାଣ ନିମନ୍ତେ ଆବଶ୍ୟକ ଗୁପ୍ତଜ୍ଞାନର ଗୁରୁତବତା ଉପରେ (ଗୁପ୍ତଶବ୍ଦ ଓ ଗୁପ୍ତସଙ୍କେତ ଗୁଡ଼ିକ ଯାହା ଗୋଟିଏ ଆତ୍ମାକୁ ଦେବଦୂତ ସଦୃଶ(ଏଇଅନ୍‌ସ) ପରିସର ମଧ୍ୟଦେଇ ଉଚ୍ଚ ଈଶ୍ୱରଙ୍କ ନିକଟକୁ ଆଗେଇ ଯିବା ପାଇଁ ଅନୁମତି ଦିଏ) ସେଠାରେ ମଧ୍ୟ ଏକ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।

ଖ. ସେଠାରେ ପ୍ରାଥମିକ ନୋଷ୍ଟିସିଜମ୍‌ର ଦୁଇଟି ଆକୃତି ରହିଛି ଯାହା ପ୍ରତୀୟମାନ ଭାବେ ପ୍ରଥମ ଯୋହନର ପୃଷ୍ଠଭୂମି ହୋଇଥାଇ ପାରେ ।

(୧) ଡୋସେଟିକ୍ ନୋଷ୍ଟିସିଜମ୍‌ର ଯାହା ଯୀଶୁଙ୍କର ସତ୍ୟ ମାନବିକତାକୁ ଅସ୍ୱୀକାର କରେ କାରଣ ଭୌତିକ ପଦାର୍ଥ ମନ୍ଦ ଅଟେ ।

(୨) ସେରିଛିଆନ୍ ନୋଷ୍ଟିସିଜମ୍, ଯାହା ଖ୍ରୀଷ୍ଟଙ୍କୁ ଅନେକ ଏଇଅନ୍‌ସ ମଧ୍ୟରୁ ଜଣେ ଅବା ଉତ୍ତମ ଉଚ୍ଚ ଦେବତା ଓ ମନ୍ଦ ପଦାର୍ଥ ମଧ୍ୟରେ ଦେବଦୂତ ସ୍ତର ସହ ଚିହ୍ନଟ କରେ । ଏହି "ଖ୍ରୀଷ୍ଟ ଆତ୍ମା" ମନୁଷ୍ୟ ଯୀଶୁଙ୍କ ବାପ୍ତିସ୍ମ ସମୟରେ ତାଙ୍କ ମଧ୍ୟରେ ବାସ କରିଥିଲା ଏବଂ ତାଙ୍କ କ୍ରୁଶବିଦ୍ଧ ହେବା ପୂର୍ବରୁ ତାଙ୍କୁ ଛାଡ଼ି ଗଲା ।

(୩) ଏହି ଦୁଇ ଗୋଷ୍ଠୀଗୁଡ଼ିକ ମଧ୍ୟରୁ କେତେକ ସନ୍ୟାସବ୍ରତ ଅଭ୍ୟାସ କରୁଥିଲେ (ଯଦି ଶରୀର ଏହା ଚାହେଁ, ଏହା ମନ୍ଦ ଅଟେ । ଆଉ ଅନ୍ୟମାନେ ଆଣ୍ଟିନୋମିଆନିଜମ୍ ଅଭ୍ୟାସ କରୁଥିଲେ (ଯଦି ଶରୀର ଏହା ଚାହେଁ, ଏହା ଦିଅ । ପ୍ରଥମ ଶତାବ୍ଦୀରେ ହୋଇଥିବା ନୋଷ୍ଟିସିଜମ୍‌ର ବିକଶିତ ପ୍ରଣାଳୀର ସେଠାରେ କୌଣସି ଲିଖିତ ତଥ୍ୟ ନାହିଁ । ଏହା ଦ୍ୱିତୀୟ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ନଥିଲା ସେହି ଲିଖିତ ପ୍ରମାଣ ପତ୍ର ତଥ୍ୟ ରହିଥିଲା । "ନୋଷ୍ଟିସିଜମ୍" ସମ୍ବନ୍ଧରେ ଅଧିକ ତଥ୍ୟ ନିମନ୍ତେ ଦେଖନ୍ତୁ

(କ) ହାନ୍‌ସ୍ ଯୋନାସ୍‌ଙ୍କ ଦ୍ୱାରା ଦିନୋଷ୍ଟିକ ରେଲିଜିଅନ୍, ବିକନ୍ ପ୍ରେସ୍ ଦ୍ୱାରା ପ୍ରକାଶିତ ।

(ଖ) ଏଲାଇନେ ପେଗେଲ୍‌ଙ୍କ ଦ୍ୱାରା ଦିନୋଷ୍ଟିକ୍ ଗସ୍‌ପେଲସ୍, ରାଣ୍ଡମ୍ ହାଇସ୍ ଦ୍ୱାରା ପ୍ରକାଶିତ ।

(ଗ) ଆଣ୍ଡ୍ର୍ୟୁ ହେଲ୍ମବାଲ୍ଡଙ୍କ ଦ୍ୱାରା ଦି ନାଗ୍ ହମ୍ମାଦି ନୋଷ୍ଟିକ୍ ଟେକ୍ସଟ୍ ଏଣ୍ଡ୍ ଦି ବାଇବଲ

୨. ଇଗ୍‌ନାସିଆସ୍ ତାଙ୍କ ଟୁ ଦି ସ୍ମିର୍‌ନାଇଆନ୍‌ସ iv - v ଲେଖାଗୁଡ଼ିକରେ ଭ୍ରାନ୍ତ ଶିକ୍ଷାର ଅନ୍ୟ ଏକ ସାମ୍ଭବ୍ୟ ତଥ୍ୟ ପୁସ୍ତକ ଉପସ୍ଥାପନ କରନ୍ତି । ସେମାନେ ଯୀଶୁଙ୍କର ଅବତାର ହେବାକୁ ଅସ୍ୱୀକାର କରିଲେ ଓ ଆଣ୍ଟିନୋମିଆନ୍ ଜୀବନ ଶୈଳୀରେ ବାସ କଲେ ।

୩. ତଥାପି ଭ୍ରାନ୍ତ ଶିକ୍ଷାର ଅନ୍ୟ ଏକ ସମ୍ଭବତଃ କମ୍ ଆଶାପଦ ତଥ୍ୟ ପୁସ୍ତକ ହେଉଛି ଆଣ୍ଟିଅଖ୍‌ର ମିଆଣ୍ଡର, ଯିଏ ଇରେନିଅସ୍‌ର ଲେଖାଗୁଡ଼ିକ, ଏଗେଇନ୍‌ଷ୍ଟ ହେରେସିସ୍ XXIII ଠାରୁ ଜଣାଯାଆନ୍ତି । ସେ ସମିରୋଣୀୟ ଶିମୋନଙ୍କର ଜଣେ ଅନୁଗାମୀ ଓ ଜଣେ ଗୁପ୍ତଜ୍ଞାନର ପ୍ରବକ୍ତା ଥିଲେ ।

ଙ. ଆଜିର ଭ୍ରାନ୍ତ ଶିକ୍ଷା

୧. ଆଜି ଯେତେବେଳେ ଲୋକମାନେ ଖ୍ରୀଷ୍ଟିୟାନ ସତ୍ୟତାକୁ ଅନ୍ୟ ଚିନ୍ତାଧାରର ପ୍ରଣାଳୀ ସହିତ ମିଳିତ କରିବାକୁ ଚେଷ୍ଟିତ ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆମ୍ଭମାନଙ୍କ ସହିତ ଉପସ୍ଥିତ ଅଟେ ।

୨. ଆଜି ଯେତେବେଳେ ଲୋକମାନେ "ସତ୍ୟ" ଧର୍ମନୀତିକୁ ବ୍ୟକ୍ତିଗତ ସମ୍ପର୍କ ଓ ଜବୀନ ଶୈଳୀ ବିଶ୍ୱାସର ବର୍ଜନତାକୁ ଗୁରୁତ୍ୱ ଦିଅନ୍ତି ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆମ୍ଭମାନଙ୍କ ସହ ଉପସ୍ଥିତ ଅଟେ ।

୩. ଆଜି ଯେତେବେଳେ ଲୋକମାନେ ଖ୍ରୀଷ୍ଟିୟ ଧର୍ମକୁ ଏକ ବୁଦ୍ଧିସମ୍ପନ୍ନ ଏକମାତ୍ର ବିଶିଷ୍ଟ ଶ୍ରେଣୀରେ ପରିଣତ କରୁଛନ୍ତି ଏହି ଭ୍ରାନ୍ତଶିକ୍ଷାର ଆତ୍ମା ଆମ୍ଭମାନଙ୍କ ସହ ଉପସ୍ଥିତ ଅଟେ ।

୪. ଆଜି ଯେତେବେଳେ ଲୋକମାନେ ସନ୍ୟାସୀ ବ୍ରତଧାରୀ ଅବା ଆଣ୍ଟିନୋମିଆନିଜମ୍‌କୁ ଅବଲମ୍ବନ କରୁଛନ୍ତି ଏହି ଭ୍ରାନ୍ତ ଶିକ୍ଷାର ଆତ୍ମା ଆମ୍ଭମାନଙ୍କ ସହ ଉପସ୍ଥିତ ଅଟେ ।

**ଉଦ୍ଦେଶ୍ୟ**

କ. ବିଶ୍ୱାସୀମାନଙ୍କ ନିମନ୍ତେ ଏହାର ଗୋଟିଏ ଉପଯୋଗୀ କେନ୍ଦ୍ରସ୍ଥଳ ରହିଛି

୧. ସେମାନଙ୍କୁ ଆନନ୍ଦ ଦେବାକୁ (ସିଏଫ୍. ୧ : ୪)

୨. ଈଶ୍ୱରଯୁକ୍ତ ଜୀବନ ଯାପନ କରିବା ନିମନ୍ତେ ସେମାନଙ୍କୁ ଉତ୍ସାହ ଦେବାକୁ (ସିଏଫ୍. ୧ : ୭; ୨ : ୧)

୩. ପରସ୍ପରକୁ ପ୍ରେମ କରିବାକୁ (ସିଏଫ୍. ୪ : ୭ - ୨୧) ଆଉ ଜଗତକୁ ନୁହେଁ (ସିଏଫ୍ ୨ : ୧୫ - ୧୭) ଏ ବିଷୟରେ ସେମାନଙ୍କୁ ଆଦେଶ ଦେବାକୁ (ଆଉ ସେମାନଙ୍କ ମନେ ପକାଇ ଦେବାକୁ)

୪. ସେମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ସେମାନଙ୍କର ପରିତ୍ରାଣର ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ଦେବାକୁ (ସିଏଫ୍. ୫ : ୧୩)

ଖ. ବିଶ୍ୱାସୀମାନଙ୍କ ନିମନ୍ତେ ଏହାର ଗୋଟିଏ ମତବାଦ ସମ୍ବନ୍ଧୀୟ କେନ୍ଦ୍ରସ୍ଥଳ ରହିଛି

୧. ଯୀଶୁଙ୍କର ଦେବତ୍ୱ ଓ ମାନବିକତାକୁ ଅଲଗା କରୁଥିବାର ଭୁଲ ଧାରଣା ପ୍ରମାଣିତ କରିବା ।

୨. ଈଶ୍ୱରଯୁକ୍ତ ଜୀବନଯାପନର ଆଧ୍ୟାତ୍ମିକତାକୁ ଏକ ବୌଦ୍ଧିକତା ବିହିନ ଜୀବନରେ ଅଲଗା କରୁଥିବା ଭୁଲ୍ ଧାରଣା ପ୍ରମାଣିତ କରିବା ।

୩. ଅନ୍ୟମାନଙ୍କ ଠାରୁ ବିଚ୍ଛିନ୍ନ ହୋଇ ବଞ୍ଚିବାରେ ଜଣେ ବ୍ୟକ୍ତି ରକ୍ଷା ପ୍ରାପ୍ତ ହୋଇ ପାରିବ ସେହି ଭୁଲ ଧାରଣା ପ୍ରମାଣିତ କରିବ ।

**ପଠନ ଚକ୍ର ଏକ**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ  ହେବ ।

ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱ ପୂର୍ଣ୍ଣ ଅଟନ୍ତି। । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ ନୁହେଁ ।

ଗୋଟିଏ ସ୍ଥାନରେ ବାଇବଲ ସମ୍ବନ୍ଧୀୟ ପୁସ୍ତକ ସମ୍ପୂର୍ଣ୍ଣ ପାଠ କରନ୍ତୁ । ନିଜ ଶବ୍ଦ ଗୁଡ଼ିକରେ ସମ୍ପୂର୍ଣ୍ଣ ପୁସ୍ତକର କେନ୍ଦ୍ରିତ ବିଷୟବସ୍ତୁ ପ୍ରକାଶ କରନ୍ତୁ ।

୧. ସମ୍ପୂର୍ଣ୍ଣ ପୁସ୍ତକର ବିଷୟ ବସ୍ତୁ

୨. ଉପନ୍ୟାସର ପ୍ରକାର (ବିଶେଷ ପ୍ରକାର ସାହିତ୍ୟ)

**ପଠନ ଚକ୍ର ଦୁଇ**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟୀତ୍ୱବାନ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତବପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ରକାରଙ୍କ ନିକଟରେ ଛାଡ଼ିଦେବା ଉଚିତ ନୁହେଁ ।

ଗୋଟିଏ ସ୍ଥାନରେ ବାଇବଲ ସମ୍ବନ୍ଧୀୟ ପୁସ୍ତକ ଦ୍ୱିତୀୟ ଥର ସମ୍ପୂର୍ଣ୍ଣ ପାଠ କରନ୍ତୁ । ମୁଖ୍ୟ ବିଷୟବସ୍ତୁଗୁଡ଼ିକ ସଂକ୍ଷିପ୍ତ ବିବରଣୀ କରନ୍ତୁ ଓ ବିଷୟବସ୍ତୁକୁ ଗୋଟିଏ ବାକ୍ୟରେ ପ୍ରକାଶ କରନ୍ତୁ ।

୧. ପ୍ରଥମ ସାହିତ୍ୟିକ ଏକକର ବିଷୟ

୨. ଦ୍ୱିତୀୟ ସାହିତ୍ୟିକ ଏକକର ବିଷୟ

୩. ତୃତୀୟ ସାହିତ୍ୟିକ ଏକକର ବିଷୟ

୪. ଚତୁର୍ଥ ସାହିତ୍ୟିକ ଏକକର ବିଷୟ

୫. ଇତ୍ୟାଦି

# ପ୍ରଥମ ଯୋହନ ୧:୧ - ୨:୨

## ଆଧୁନିକ ଅନୁବାଦଗୁଡ଼ିକର ଅନୁଚ୍ଛେଦ ବିଭାଗଗୁଡ଼ିକ

| ୟୁ ବି ଏସ୍ | ଏନ୍ କେ ଜେହି | ଏନ୍ ଆର୍ ଏସ୍ ଭି | ଟିଇଭି | ଏନ୍ ଜେ ବି |
|---|---|---|---|---|
| ଜୀବନ୍ତ ବାକ୍ୟ | ଯାହା ଶୁଣାଯାଇଛି | | | ଅବତାରିତ ବାକ୍ୟ |
| | ଦେଖାଯାଇଛି ଓ | | | ଓ ପିତା ଆଉ ପୁତ୍ରଙ୍କ |
| | ସ୍ପର୍ଶ କରଯାଇଛି | ଭୂମିକା | ଜୀବନ୍ତ ବାକ୍ୟ | ସହିତ ଅଂଶୀ ହେବା |
| ୧ : ୧ - ୪ | ୧ : ୧ - ୪ | ୧ : ୧ - ୪ | ୧ : ୧ - ୪ | ୧ : ୧ - ୪ |
| ଈଶ୍ୱର ହିଁ ଜ୍ୟୋତିଃ | ତାହାଙ୍କ ସହ | ପାପ ପ୍ରତି | | |
| | ସହଭାଗିତାର ଭିତ୍ତି | ଠିକ୍ ମନୋଭାବ | ଈଶ୍ୱର ହିଁ ଜ୍ୟୋତିଃ | ଜ୍ୟୋତିଃରେ ଗମନ କରିବାକୁ |
| ୧ : ୫ - ୧୦ | ୧ : ୫ - ୨ : ୨ | ୧ : ୫ - ୧୦ | (୧ : ୫ - ୨ : ୨୮) | ୧ : ୫ - ୭ |
| | | | | ପ୍ରଥମ ସର୍ତ୍ତ ପାପ ସହ |
| | | | | ଖଣ୍ଡନ କରିବ । |
| ୧ : ୮ - ୧୦ | ୧ : ୮ - ୨ : ୨ | | | |

## ପଠନ ଚକ୍ର ତିନି

ଅନୁଚ୍ଛେଦ ସ୍ତରରେ ପ୍ରକୃତ ଲେଖକଙ୍କ ଅଭିପ୍ରାୟ ଅନୁସରଣ କରିବା

ଏହା  ଏ କ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ୍ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ, ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ ନୁହେଁ ।

ନିରବଚ୍ଛିନ୍ନ ଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟ ବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକ ପାଞ୍ଚୋଟି ନୂତନ ତର୍ଜମା ସହ ମିଳାଅନ୍ତୁ । ବାକ୍ୟ ଭାଗକରିବା ପ୍ରେରଣାଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ

୨. ଦ୍ୱିତୀୟ ଅନୁଚ୍ଛେଦ

୩. ତୃତୀୟ ଅନୁଚ୍ଛେଦ

୪. ଇତ୍ୟାଦି

ଯଦିଓ ସେମାନେ ପ୍ରେରଣାଦାୟୀ ନୁହଁନ୍ତି, ଅନୁଚ୍ଛେଦ ବିଭାଗଗୁଡ଼ିକ ପ୍ରକୃତ ଲେଖକଙ୍କର ଅଭିପ୍ରାୟ ବୁଝିବା ଓ ଅନୁସରଣ କରିବା ପାଇଁ ଚାବିକାଠି ଅଟେ । ପ୍ରତ୍ୟେକ ଆଧୁନିକ ଅନୁବାଦ ପ୍ରଥମ ଅଧ୍ୟାୟରେ ଅନୁଚ୍ଛେଦଗୁଡ଼ିକ ଭାଗ ଓ ସଂକ୍ଷିପ୍ତ କରାଯାଇଛି । ପ୍ରତ୍ୟେକ ଅନୁଚ୍ଛେଦର କେବଳ ଗୋଟିଏ କେନ୍ଦ୍ରୀୟ ବିଷୟ, ସତ୍ୟତା, ଅବା ଚିନ୍ତାଧାରା ରହିଛି । ପ୍ରତ୍ୟେକ ସଂସ୍କରଣ ସେହି ବିଷୟକୁ ଏହାର ସ୍ୱତନ୍ତ୍ର ମାର୍ଗରେ ସମ୍ପୂର୍ଣ୍ଣ କରନ୍ତି । ଆପଣ ଯେତେବେଳେ ଅଂଶ ପାଠ କରନ୍ତି, ନିଜକୁ ପଚାରନ୍ତୁ ବିଷୟ ଓ ପଦ ବିଭାଗଗୁଡ଼ିକର କେଉଁ ଅନୁବାଦ ଆପଣଙ୍କୁ ବୁଝିବା ନିମନ୍ତେ ଉପଯୁକ୍ତ ଅଟେ ।

ପ୍ରତ୍ୟେକ ଅଧ୍ୟାୟରେ ନିଶ୍ଚିତ ଭାବେ ଆମ୍ଭେମାନେ ପ୍ରଥମେ ବାଇବଲ ପଢ଼ିବା ଏବଂ ଏହାର ବିଷୟଗୁଡ଼ିକୁ (ଅନୁଚ୍ଛେଦଗୁଡ଼ିକ) ଚିହ୍ନିବାକୁ ଚେଷ୍ଟା କରିବା, ତାପରେ ଆଧୁନିକ ସଂସ୍କରଣ ସହିତ ଆମ୍ଭମାନଙ୍କର ବୁଝାମଣାକୁ ତୁଳନା କରିବା । କେବଳ ଯେତେବେଳେ ଆମ୍ଭେମାନେ ପ୍ରକୃତ ଲେଖକଙ୍କର ତର୍କଜ୍ଞାନ ଓ ଉପସ୍ଥାପନା ଅନୁସରଣ କରିବା ଦ୍ୱାରା ତାଙ୍କ ଅଭିପ୍ରାୟ ବୁଝିପାରିବା ଆମ୍ଭେମାନେ ସତ୍ୟ ଭାବେ ବାଇବଲକୁ ବୁଝିପାରିବା । ପ୍ରକୃତ ଲେଖକ କେବଳ ଅନୁପ୍ରେରିତ ଅଟନ୍ତି - ସମ୍ବାଦକୁ ପରିବର୍ତ୍ତନ କିମ୍ବା ଅର୍ଥ ବଦଳାଇବାକୁ ପାଠକଙ୍କର ଅଧିକାର ନାହିଁ । ସେମାନଙ୍କର ସମୟରେ ଏବଂ ସେମାନଙ୍କର ଜୀବନଗୁଡ଼ିକରେ ଅନୁପ୍ରେରିତ ସତ୍ୟକୁ ପ୍ରୟୋଗ କରିବାକୁ ବାଇବଲ ପାଠକମାନଙ୍କର ଦାୟିତ୍ୱ ରହିଛି ।

ଲକ୍ଷ୍ୟ କରନ୍ତୁ ଯେ ସମସ୍ତ କାରିଗରି ପଦଗୁଡ଼ିକ ଓ ସାଙ୍କେତିକ ସଂକ୍ଷିପ୍ତ ଅକ୍ଷରଗୁଡ଼ିକ ପରିଶିଷ୍ଟ ଏକ, ଦୁଇ ଓ ତିନିରେ ସମ୍ପୂର୍ଣ୍ଣ ଭାବେ ବ୍ୟାଖ୍ୟଶ କରାଯାଇଛି ।

ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପୃଷ୍ଠପଟ

କ. ଏହି ଉଦ୍ଧୃତାଂଶ ଯୋହନଙ୍କ ସୁସମାଚାରର (୧ : ୧ - ୧୮, ଶାରିରିକ ସୃଷ୍ଟି ପୂର୍ବରୁ) ମୁଖବନ୍ଧ ସହ ସମ୍ପର୍କିତ ଅଟେ, ଯାହା ଆଦି ୧ : ୧ (ଶାରୀରିକ ସୃଷ୍ଟି) ସହ ସମ୍ପର୍କିତ ଅଟେ । ଯେମିତି ହେଉ, ଏଠାରେ ଏହା ଯୀଶୁଙ୍କ ଜନ ସେବାକାର୍ଯ୍ୟର ପ୍ରାରମ୍ଭକୁ ଦର୍ଶାଏ ।

ଖ. ଗୁରୁତ୍ୱ ହେଉଛି

୧. ଯୀଶୁ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ମାନବିକତା ଉପରେ

କ. ବିଶେଷତାଗୁଡ଼ିକ ମାନବ ଚେତନାଗୁଡ଼ିକ ସହ ସମ୍ପର୍କିତ : ଦୃଶ୍ୟ, ଶବ୍ଦ, ସ୍ପର୍ଶ (ସିଏଫ୍. ୧,୩ ପଦଗୁଡ଼ିକ) ଯୀଶୁ ସତ୍ୟଭାବେ ମନୁଷ୍ୟ ଓ ଶରୀର ଧାରୀ ଥିଲେ ।

ଖ. ଯୀଶୁଙ୍କର ପୂର୍ଣ୍ଣ ଆଖ୍ୟାଗୁଡ଼ିକ

(୧) ଜୀବନ୍ତ ବାକ୍ୟ (ସିଏଫ୍. ପ.୧)

(୨) ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ (ସିଏଫ୍. ପ.୩)

୨. ନାଜରିତର ଯୀଶୁଙ୍କର ଈଶ୍ୱରତ୍ୱ ଉପରେ

କ. ପୂର୍ବ ବିଦ୍ୟମାନତା (୧,୨)

ଖ. ଅବତାର ଗ୍ରହଣ (୨)

ଏହି ସତ୍ୟତାଗୁଡ଼ିକ ନୋଷ୍ଟିକ୍ ମିଥ୍ୟା ଶିକ୍ଷକମାନଙ୍କର ଜାଗତିକ ଚିନ୍ତା ବିରୁଦ୍ଧରେ ପରିଚାଳିତ ହେଲା ।

**ଶବ୍ଦ ବିନ୍ୟାସ**

କ. ୧ - ୪ ପଦଗୁଡ଼ିକ

୧. ୧ - ୩କ ପଦଗୁଡ଼ିକ ଗ୍ରୀକ୍‌ରେ ଗୋଟିଏ ବାକ୍ୟ ଗଠନ କରେ ।

୨. ପ. ୨ରେ ମୁଖ୍ୟ କ୍ରିୟା ପଦ ହେଉଛି "ପ୍ରଚାର କରିବା" । ପ୍ରେରିତିକ ପ୍ରଚାରର ଉପାଦାନ ଉପରେ ଗୁରୁତ୍ୱ ଦିଆଯାଇଛି ।

୩. ସେଠାରେ ପ. ୧ରେ ଚାରୋଟି ସମ୍ବନ୍ଧ ପ୍ରକାଶକ ବାକ୍ୟାଂଶ ରହିଛି ଯେଉଁଗୁଡ଼ିକ ଗୁରୁତବ ଦେବା ପାଇଁ ସେମାନଙ୍କର ବାକ୍ୟାଂଶ ଗୁଡ଼ିକରେ ସମ୍ମୁଖରେ ସ୍ଥାନ ଦିଆଯାଇଛି ।

କ. "ପ୍ରାରମ୍ଭରୁ କ'ଣ ଥିଲା"

ଖ. "ଆମ୍ଭେମାନେ କ'ଣ ଶୁଣି ଅଛୁ"

ଗ. "ଆମ୍ଭମାନଙ୍କ ସ୍ୱଚକ୍ଷୁରେ ଆମ୍ଭେମାନେ କ'ଣ ଦେଖିଅଛୁ"

ଘ. "ଆମ୍ଭେମାନେ କ'ଣ ଦେଖିଅଛୁ ଏବଂ ଆମ୍ଭମାନଙ୍କ ସ୍ୱହସ୍ତରେ ସ୍ପର୍ଶ ରକିଅଛୁ"

୪. ଖ୍ରୀଷ୍ଟଙ୍କ ଅବତାର ସମ୍ବନ୍ଧରେ ୨ ପଦ ଏକ ଭାବ ପ୍ରକାଶକ ଶବ୍ଦ ହେବା ପରି ଦେଖାଯାଏ । ସତ୍ୟ ଯେ ଏହା ଅତି ଅଖାଡୁଆ ବ୍ୟାକରଣ ଅନୁଯାୟୀ ଏହା ନିମନ୍ତେ ଧ୍ୟାନ ଆକର୍ଷଣ କରେ !

୫. ୩ ଓ ୪ ପଦଗୁଡ଼ିକ ଯୋହନଙ୍କ ପ୍ରେରିତିକ ଘୋଷଣା : ସହଭାଗିତା ଓ ଆନନ୍ଦ ର ଉଦ୍ଦେଶ୍ୟଗୁଡ଼ିକୁ ଅର୍ଥ ଦିଏ । ପ୍ରେରିତିକ ପ୍ରତ୍ୟେକ୍ଷାସାକ୍ଷୀ ବିବରଣୀଗୁଡ଼ିକ ସିଦ୍ଧ ବୋଲି ଘୋଷଣା କରିବା ନିମନ୍ତେ ପୁରାତନ ମଣ୍ଡଳୀର ଗୋଟିଏ ମାନଦଣ୍ଡ ଥିଲା ।

୬. ୧ ପଦରେ କ୍ରିୟାପଦର କାଳଗୁଡ଼ିକର ପ୍ରବାହ ଲକ୍ଷ୍ୟ କରନ୍ତୁ

କ. ଅସମ୍ପନ୍ନ କାଳ (ପୂର୍ବ ବିଦ୍ୟମାନ)

ଖ. ସମାପ୍ତିବାଚକ, ସମାପ୍ତି ବାଚକ କାଳ (ଆଦେଶ ହୋଇଥିବା ସତ୍ୟତା)

ଗ. ଆଓରିଷଟ, ଆଓରିଷ୍ଟ (ସ୍ୱତନ୍ତ୍ର ଉଦାହରଣମାନ)

ଖ. ୧ : ୫ - ୨ : ୨ ପଦଗୁଡ଼ିକ

୧. ୧ : ୫ - ୨ ୨ : ୨ ରେ ସର୍ବନାମଗୁଡ଼ିକ ଅତି ସନ୍ଦେହଜନକ ଅଟନ୍ତି । କିନ୍ତୁ ମୁଁ ଭାବେ ପ.୫ ବ୍ୟତୀତ ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ, ପିତାଙ୍କୁ ଦର୍ଶାନ୍ତି (ଏଫି. ୧ : ୩ - ୧୪ ସଦୃଶ)

୨. ସମସ୍ତ "ଯଦିଗୁଡ଼ିକ" ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟସମୂହ ଅଟନ୍ତି ଯେଉଁଗୁଡ଼ିକ ଅନ୍ତର୍ନିହିତ କାର୍ଯ୍ୟ ପ୍ରକ୍ରିୟା ବିଷୟ କହନ୍ତି ।

୩. ସେଠାରେ ଗୋଟିଏ ଉଲ୍ଲେଖଯୋଗ୍ୟ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ବିଭିନ୍ନତା ରହିଛି

କ. କ୍ରିୟାପଦ କାଳଗୁଡ଼ିକର ବର୍ତ୍ତମାନ କାଳ ବନାମ "ପାପ" କୁ ସୂଚିତ କରି ଆଓରିଷ୍ଟ ମଧ୍ୟରେ ।

ଖ. ଏକବଚନ ଓ ବହୁବଚନ, "ପାପ" ବନାମ "ପାପ ସମୂହ" ମଧ୍ୟରେ ଭ୍ରାନ୍ତ ମତ ପ୍ରଜକ୍ତ ।

କ. ଭ୍ରାନ୍ତ ମତ ପ୍ରବକ୍ତାମାନଙ୍କର ମିଥ୍ୟା ଦାବିଗୁଡ଼ିକ .. ୧:୬, ୮, ୧୦; ୨ : ୪, ୬, ୯ ରେ ଦେଖାଯାଇପାରେ ।

ଖ. ୫ - ୧୦ ପଦଗୁଡ଼ିକ ଈଶ୍ୱରଙ୍କ ଅନୁସରଣ କରିବା (ନୈତିକତା) ଠାରୁ ଈଶ୍ୱରଙ୍କୁ ଜାଣିବା (ଧର୍ମତତ୍ତ୍ୱ)କୁ ଅଲଗା କରିବାର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପଦକ୍ଷେପକୁ ସମ୍ପର୍କ କରେ ।

ଏହା ଜ୍ଞାନ ଉପରେ ଏକ ଅତ୍ୟଧିକ ନୋଷ୍ଟିକର ବେଶୀ ଗୁରୁତ୍ୱ ଦେବାକୁ ଉପସ୍ଥାପନ କରେ । ସେସମସ୍ତେ ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ସେମାନଙ୍କ ଜୀବନଧାରାରେ ତାହାଙ୍କ ବିଶେଷତ୍ୱଗୁଡ଼ିକ ପ୍ରକାଶ କରିବେ ।

ଗ. ୧ : ୮ - ୨ : ୨ ପଦଗୁଡ଼ିକ ନିଶ୍ଚିତ ଭାବେ ୩ : ୬ - ୯ ସହିତ ସନ୍ତୁଳିତ ଭାବେ ଅବସ୍ଥିତ । ସେମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସେମାନେ ସମ୍ଭବତଃ ଦୁଇଟି ଭିନ୍ନ ତୃଟିଗୁଡ଼ିକୁ ଭୁଲ୍ ପ୍ରମାଣିତ କରନ୍ତି :

୧. ଧର୍ମତତ୍ତ୍ୱ ସମ୍ବନ୍ଧୀୟ ତ୍ରୁଟି (ପାପ ନାହିଁ)

୨. ନୈତିକ ତ୍ରୁଟି (ପାପ ବିଷୟବସ୍ତୁ ନୁହେଁ)

ଘ. ପ୍ରଥମ ଯୋହନ ୨ : ୧ - ୨ ପାପକୁ ଅଧିକ ସାମାନ୍ୟ ଭାବରେ ନେବା (ଆଣ୍ଟିନୋମିଆନିଜମ୍) ଓ ଖ୍ରୀଷ୍ଟିୟାନ୍ ସମାଲୋଚନାମୂଳକ, ସାଂସ୍କୃତିକ ନିୟମ ପ୍ରତି ଅନୁରକ୍ତ, କିମ୍ବା ସୈନ୍ୟାସିବ୍ରତର ପୁନଃ ପୁନଃ ସଂଘଟିତ ସମସ୍ୟା ମଧ୍ୟରେ ଏକ ପଦକ୍ଷେପ ନିଆଯାଇ ଥିବା ସନ୍ତୁଳନ ସମସ୍ୟା ମଧ୍ୟରେ ଏକ ପଦକ୍ଷେପ ନିଆଯାଇ ଥିବା ସନ୍ତୁଳନ ଅଟେ ।

**ଶବ୍ଦ ଏବଂ ବାକ୍ୟାଂଶ ପଠନ**

**ଏନ୍.ଏ.ଏସ୍.ବି. (ଆଧୁନିକରଣ) ଶାସ୍ତ୍ରାଂଶ ୧:୧-୪**

**୧ ଆଦ୍ୟରୁ ଯାହା ଥିଲା, ଯାହା ଆମ୍ଭେମାନେ ଶୁଣିଅଛୁ, ଯାହା ସ୍ୱଚକ୍ଷୁରେ ଦେଖିଅଛୁ, ଯାହା ଆମ୍ଭେମାନେ ନିରୀକ୍ଷଣ କରିଅଛୁ ଓ ସ୍ୱହସ୍ତରେ ସ୍ପର୍ଶ କରିଅଛୁ, ସେହି ଜୀବନ ବାକ୍ୟ ସମ୍ବନ୍ଧରେ ଓ ସେହି ଜୀବନ ପ୍ରକାଶିତ ହେଲେ, ଆଉ ଆମ୍ଭେମାନେ ଦେଖିଅଛୁ ଓ ସାକ୍ଷ୍ୟ ଦେଉଅଛୁ, ଆଉ ଯେଉଁ ଅନନ୍ତ ଜୀବନ ପିତାଙ୍କ ସଙ୍ଗରେ ଥିଲେ ଓ ଆମ୍ଭେମାନଙ୍କ ନିକଟରେ ପ୍ରକାଶିତ ହେଲେ ଏ ତାହା ବିଷୟରେ ତୁମ୍ଭମାନଙ୍କୁ ଜଣାଉଅଛୁ ୩ ଯାହା ଆମ୍ଭେମାନେ ଦେଖିଅଛୁ ଓ ଶୁଣିଅଛୁ ତାହା ତୁମ୍ଭମାନଙ୍କୁ ମଧ୍ୟ ଜଣାଉଅଛୁ, ଯେପରି ତୁମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ସହିତ ସହଭାଗୀ ହୋଇପାର; ଆଉ ଆମ୍ଭମାନଙ୍କର ସହଭାଗିତା ପିତା ଓ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ସହିତ ଅଛି । ଆମ୍ଭମାନଙ୍କ ଆନନ୍ଦ ଯେପରି ପରିପୂର୍ଣ୍ଣ ହୁଏ, ଏଥି ନିମନ୍ତେ ଆମ୍ଭେ ଏହି ସବୁ ଲେଖୁଅଛୁ ।**

୧:୧ "ଯାହା" ପୁସ୍ତକ ଗୋଟିଏ କ୍ଲୀବ ସର୍ବନାମ ସହ ଆରମ୍ଭ ହୋଇଛି । ଏହା ଈଶ୍ୱରଙ୍କ ସମ୍ବାଦର ଯୁଗ୍ମ ପାର୍ଶ୍ୱଗୁଡ଼ିକ ବିଷୟରେ କୁହେ ଯେଉଁଗୁଡ଼ିକ ହେଲା

୧. ଯୀଶୁଙ୍କ ସମ୍ବନ୍ଧରେ ସମ୍ବାଦ

୨. ଯୀଶୁଙ୍କର ନିଜ ବ୍ୟକ୍ତିତ୍ୱ ବିଷୟରେ (ସିଏଫ୍ ୧:୮,୧୦; ୨:୨୦, ୨୪; ୩:୧୧, ୧୪)

ସୁସମାଚାର ହେଉଛି ଏକ ସମ୍ବାଦ, ଜଣେ ବ୍ୟକ୍ତି ଓଏକ ଜୀବନ ଶୈଳୀ

■ "ଥିଲା" ଏହାଏକ ଅସମାନ୍ନ କାଳ ବକ୍ତବ୍ୟ ସୂଚକ ଅଟେ । ଏହା ଯୀଶୁଙ୍କ ପୂର୍ବ ବିଦ୍ୟମାନତା (ଏହା ହେଉଛି, ଯୋହନଙ୍କ ଲେଖା ସମୂହରେ ଏହା ଏକ ପୁନଃରାବର୍ତ୍ତନ ବିଷୟବସ୍ତୁ ଅଟେ, ସିଏଫ ପ.୨; ଯୋହନ ୧:୧, ୧୫; ୩:୧୩; ୮:୫୭-୫୮; ୧୭:୫) ବିଷୟ ପ୍ରକାଶ କରେ । ଏହା ତାହାଙ୍କ ଈଶ୍ୱରତ୍ୱ ପ୍ରକାଶ କରିବାର ଗୋଟିଏ ମାର୍ଗ ଥିଲା । ଯୀଶୁ ପିତାଙ୍କୁ ପ୍ରକାଶ କରନ୍ତି କାରଣ ଆରମ୍ଭଠାରୁ ସେ ପିତାଙ୍କ ସହିତ ରହି ଆସିଛନ୍ତି ।

■ "ଆଦ୍ୟରୁ" ଆଦିପୁସ୍ତକ ୧ ଓ ଯୋହନ ୧ ସହ ଏହା ଏକ ସୁସ୍ପଷ୍ଟ ପରୋକ୍ଷ ଭାବେ ସୂଚନା ଅଟେ, କିନ୍ତୁ ଏଠାରେ ଏହା ଯୀଶୁଙ୍କର ଜନ ସେବାକାର୍ଯ୍ୟର ଆରମ୍ଭ ବିଷୟକୁ ଦର୍ଶାଉଛି (ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୧:୧ରେ ଆର୍କ) । ଯୀଶଉଙ୍କର ଆଗମନ ହେବା "ଯୋହଜନା ଖ'' ନ ଥିଲା । ସୁସମାଚାର ସବୁବେଳେ ଈଶ୍ୱରଙ୍କ ଉଦ୍ଧାର କାର୍ଯ୍ୟର ଯୋଜନା ଥିଲଶ (ସିଐଫ ଆଦି ୩:୧୫; ପ୍ରେରିତ ୨:୨୩; ୩:୧୮; ୪:୨୮; ୧୩:୨୯) । ଏହି ପରିପ୍ରେକ୍ଷୀରେ ଏହି ବାକ୍ୟାଂଶ ଦ୍ୱାଦଶ ପ୍ରେରିତମାନଙ୍କର ଯୀଶୁଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତର ଆରମ୍ଭକୁ ଦର୍ଶାଉଛି ।

ଯୋହନ "ଆଦ୍ୟ" (ଆର୍କ)ର ଧାରଣା ବେଳେ ବେଳେ ବ୍ୟବହାର କରନ୍ତି । ମୌଳିକ ଭାବରେ ଅଧିକତମ ଘଟଣାଗୁଡ଼ିକ ଦୁଇଟି ଶ୍ରେଣୀରେ ବିଭକ୍ତି।

୧. ସୃଷ୍ଟି ଠାରୁ

 କ. ଯୋହନ ୧:୧,୨ (ଆରମ୍ଭରେ ଯୀଶୁ)

ଖ. ଯୋହନ ୮:୪୪; ପ୍ର.ରାଜା. ୩:୮ (ଶଇତାନ ହତ୍ୟାକାରୀ ଓ ମିଥ୍ୟାବାଦୀ ଆରମ୍ଭରୁ)

ଗ. ପ୍ରକା ୩:୧୪. ୨୧:୬, ୧୨ (ଯୀଶୁ ଆରମ୍ଭ ଓ ଶେଷ)

୨. ଯୀଶୁଙ୍କର ଅବତାର ଗ୍ରହଣ ଓ ସେବାକାର୍ଯ୍ୟ ସମୟଠାରୁ

କ. ଯୋହନ ୮:୨୫; ୧୬:୪; ପ୍ର.ଯୋହନ ୨:୭ (ଦୁଇଥର) ୩:୧୧; ଦ୍ୱି.ଯୋହନ ୫,୬ (ଯୀଶୁଙ୍କର ଶିକ୍ଷା ସମୂହ)

ଖ. ଯୋହନ ୧୫:୨୭; ୧:୪ (ଯୀଶୁଙ୍କ ସହିତ)

ଗ. ପ୍ର.ଯୋହନ ୧:୧ (ଯୀଶୁଙ୍କର ଜନ ସେବାକାର୍ଯ୍ୟର ଆରମ୍ଭଠାରୁ)

ଘ. ପ୍ର.ଯୋହନ ୨:୧୩, ୨୪ (ଦୁଇଥର) (ଯୀଶୁଙ୍କଠାରେ ସେମାନଙ୍କର ବିଶ୍ୱାସଠାରୁ)

ଙ. ଯୋହନ ୬:୬୪ (ଯୀଶୁଙ୍କୁ ସେମାନଙ୍କର ପ୍ରତ୍ୟାଖ୍ୟାନ ଠାରୁ)

୩. ପରିସ୍ଥିତି ୨କୁ ପକ୍ଷ ସମର୍ଥନ କରେ

**ବିଶେଷ ଶୀର୍ଷ : ଯୋହନ ୧ ପ୍ରଥମ ଯୋହନ ୧ ସହ ତୁଳନା କରାଗଲା**

| ସୁସମାଚାର | ପତ୍ର |
|---|---|
| ୧. ଆଦ୍ୟରେ (୧:୧,୨) | ୧. ଆଦ୍ୟଠାରୁ (୧:୧) |
| ୨. ବାକ୍ୟ (ଲୋଗସ୍) ୧:୧ | ୨. ବାକ୍ୟ (ଲୋଗସ୍) ୧:୧) |
| ୩. ଜୀବନ (ଯୋଏ) ୧:୪ | ୩. ଜୀବନ (ଯୋଏ) (୧:୧,୨) |
| ୪. ଯୀଶୁଙ୍କଠାରେ ଜ୍ୟୋତିଃ (୧:୪) | ୪. ଈଶ୍ୱରଙ୍କଠାରେ ଜ୍ୟୋତିଃ (୧:୫) |
| ୫. ଜ୍ୟୋତିଃ ପ୍ରକାଶିତ (୧:୪) | ୫. ଜ୍ୟୋତିଃ ପ୍ରକାଶିତ (୧:୫) |
| ୬. ଅନ୍ଧକାର (୧:୫) | ୬. ଅନ୍ଧକାର (୧:୫) |
| ୭. ଜ୍ୟୋତିଃର ସାକ୍ଷୀ (୧:୬-୮) | ୭. ଜ୍ୟୋତିଃର ସାକ୍ଷୀ (୧:୩,୫) |
| ୮. ମନୁଷ୍ୟମାନେ ଈଶ୍ୱରଙ୍କ ନିକଟକୁ ଅଣାଗଲେ (୧:୭, ୧୨-୧୩) | ୮. ମନୁଷ୍ୟମାନେ ଈଶ୍ୱରଙ୍କ ନିକଟକୁ ଅଣାଗଲେ (୧:୩) |
| ୯. ତାହାଙ୍କ ଗୌରବ ଦେଖିଲେ (୧:୧୪) | ୯. ତାହାଙ୍କ ଗୌରବ ଦେଖିଲେ (୧:୧-୩) |

■ **"ଆମ୍ଭେମାନେ"** ଏହା ସମଷ୍ଟିକୃତକୁ ସୂଚିତ କରେ ତଥାପି ପ୍ରେରିତମାନଙ୍କର ବ୍ୟକ୍ତିଗତ ସାକ୍ଷ୍ୟକୁ ସୂଚାଏ (ତାହା ହେଉଛି, ଏନ୍‌ଟି ଲେଖକମାନେ)। ଏହି ସାମୂହିତ ସାକ୍ଷ୍ୟ ହେଉଛି ପ୍ର.ଯୋହନର ଗୋଟିଏ ବିଶେଷତ୍ୱ। ଏହା ସମୁଦାୟ ୫୦ ଥର ବ୍ୟବହୃତ ହୋଇ।

କେତେକ ଏହି ମୁଦାୟ ସର୍ବନାମକୁ "ଯୋହନଙ୍କ ପରମ୍ପରା"ର ସେ ସମସ୍ତଙ୍କୁ ନିର୍ଦ୍ଦେଶ କରୁଥିବା ଭାବେ ଦେଖନ୍ତି । ଏହା ଯୋହନଙ୍କଦ୍ୱିତୀୟ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଗୁରୁତର ଧାରଣାର ଅଭିଭାବକ କିମ୍ବା ଶିକ୍ଷକମାନଙ୍କୁ ସୂଚାଇ ପାରେ ।

■ **"ଶୁଣିଅଛୁ ... ଦେଖିଅଛୁ"** ଏଗୁଡ଼ିକ ଉଭୟ ସମାପ୍ତି କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ଯାହା ସ୍ଥାୟୀ ପରିଣାମଗୁଡ଼ିକୁ ଗୁରୁତ୍ୱ ଦିଏ । ଯୋହନ ୧,୩ ପଦଗୁଡ଼ିକରେ ଥିବା ପାଞ୍ଚଟି ଚେତନା ଶକ୍ତି ସହିତ ସମ୍ପର୍କିତ ତାଙ୍କର କ୍ରିୟା ବିଶେଷଣଗୁଡ଼ିକର ପୁନଃପୁନଃ ବ୍ୟବହାର ଦ୍ୱାରା ଯୀଶୁଙ୍କର ମାନବିକତାକୁ ଦାବି କରୁଥିଲେ । ସେ ସେହି ଉପାୟରେ ନାଜରିତ୍‌ର ଯୀଶୁଙ୍କର ଜୀବନ ଓ ଶିକ୍ଷାର ଜଣେ ପ୍ରତ୍ୟକ୍ଷ ସାକ୍ଷୀ ହେବା ଦାବି କରନ୍ତି ।

■ **"ନିରିକ୍ଷଣ କରିଅଛୁ... ଓ ସ୍ପର୍ଶ କରିଅଛୁ"** ଏଗୁଡ଼ିକ ଉଭୟ ଆଓରିଷ୍ଟ ବକ୍ତବ୍ୟ ସୂଚକ ଅଟନ୍ତି ଯାହା ସ୍ୱତନ୍ତ୍ର ଘଟଣାଗୁଡ଼ିକୁ ଗୁରୁତ୍ୱ ଦିଏ । "ଦୃଷ୍ଟିପାତ କଲୁ" ଅର୍ଥ "ନିକଟରୁ ନିରୀକ୍ଷଣ କରିବା" (ସିଏଫ୍ ଯୋହନ ୧:୧୪) "ସ୍ପର୍ଶ କଲୁ" ଅର୍ଥ "ଅନୁଭବ ଦ୍ୱାରା ନିକଟରୁ ପରୀକ୍ଷା କରିଅଛୁ" (ସିଏଫ ଯୋହନ ୨୦:୨୦, ୨୭; ଲୁକ ୨୪:୩୯)

**"ସ୍ପର୍ଶ କଲେ"** କିମ୍ବା "ହାତରେ ସ୍ପର୍ଶ କଲେ" ନିମନ୍ତେ ଗ୍ରୀକ୍ ପଦ (ସେଲାଫିଅ) ନୂତନ ନିୟମର ଦୁଇଟି ପଦଗୁଡ଼ିକରେ କେବଳ ମିଳେ : ଏଠାରେ ଏବଂ ଲୁକ ୨୪:୩୯ । ଲୁକରେ ଏହା ଯୀଶୁଙ୍କ ସହିତ ପୁନରୁଥାନ ପରେ ସାକ୍ଷାତରେ ବ୍ୟବହୃତ ହୋଇଛି । ପ୍ରଥମ ଯୋହନ ଏହାକୁ ସେହି ସମାନ ଅର୍ଥରେବ୍ୟବହାର କରେ ।

■ **"ଜୀବନ୍ତ ବାକ୍ୟ"** ପଦ ଲୋଗସ୍‌ର ବ୍ୟବହାର ଗ୍ରୀକ୍ ଭ୍ରାନ୍ତ ଶିକ୍ଷକମାନଙ୍କର ଧ୍ୟାନକୁ ଆକର୍ଷଣ କରିବାକୁ ପରିବେଷଣ କରାଗଲା । ଯେପରି ଯୋହନଙ୍କ ସୁସମାଚାରକୁ ମୁଖବନ୍ଧରେ (ସି.ଏଫ ୧:୧) ଗ୍ରୀକ୍ ଦର୍ଶନ ଶାସ୍ତ୍ରରେ ଏହି ଶବ୍ଦ ବିସ୍ତୃତ ଭାବେ ବ୍ୟବହୃତ)। ଏବ୍ରୀ ଜୀବନରେ ମଧ୍ୟ ଏହାର ଏକ ସ୍ୱତନ୍ତ୍ର ପୃଷ୍ଠଭୂମି ଥିଲା (ସିଏଫ ପ୍ରଥମ ଯୋହନକୁ ପରିଚୟ ପ୍ରଦାନ ସି) । ଏଠାରେ ଏହି ଖଣ୍ଡ ବାକ୍ୟ ଉଭୟ ସୁସମାଚାରର ଉପାଦାନ ଓ ସୁସାଚାରର ବ୍ୟକ୍ତିତ୍ୱକୁ ଦର୍ଶାଉଛି ।

୧:୨ ଏହି ପଦ "ଜୀବନ"କୁ ଅର୍ଥ ଦେବାରେ ଏକ ଉପବାକ୍ୟ ଅଟେ ।

■ **"ଜୀବନ"** (ଯୋଏ) (ପ୨ ଦୁଇଥର) ଯୋହନଙ୍କ ଲେଖା ସମୂହରେ ଆତ୍ମିକ ଜୀବନ, ପୁନରୁଥାନ ଜୀବନ, ନୂତନ କାଳ ଜୀବନ, କିମ୍ବା ଈଶ୍ୱରଙ୍କ ଜୀବନ ନିମନ୍ତେ ଅପରିବର୍ତ୍ତନୀୟ ଭାବେ ବ୍ୟବହୃତ ହୋଇଛି (ସିଏଫ ଯୋହନ ୧:୪, ୩:୧୫, ୩୬ (ଦୁଇଥର); ୪:୧୪, ୩୬; ୫:୨୪ (ଦୁଇଥର); ୨୬ (ଦୁଇଥର), ୨୯, ୩୯, ୪୦; ୬:୨୭, ୩୩, ୩୫, ୪୦, ୪୭, ୪୮, ୫୧, ୫୩, ୫୪, ୬୩, ୬୮; ୮:୧୨, ୧୦:୧୦, ୨୮; ୧୧:୨୫; ୧୨:୫,୫୦; ୧୪:୬; ୧୭:୨,୩; ୨୦:୩୧; ପ୍ର. ଯୋହନ ୧:୧,୨; ୨:୨୫; ୩:୧୪-୧୫; ୫:୧୧, ୧୨, ୧୩, ୧୬, ୨୦) । ଯୀଶୁ ନିଜକୁ "ଜୀବନ" ବୋଲି ଦାବି କଲେ (ସିଏଫ ଯୋହନ ୧୪:୬)

■ **"ପ୍ରକାଶିତ ହେଲେ"** ଏହି କ୍ରିୟାପଦ ଏହି ପଦରେ ଦୁଇଥର ବ୍ୟବହୃତ ହୋଇଛି ଆଉ ଉଭୟ ହେଉଛନ୍ତି ଆଓରିଷ୍ଟ ବକ୍ତବ୍ୟ ସୂଚକ କର୍ମବାଚ୍ୟ । କର୍ମବାଚ୍ୟ କ୍ରିୟା ବେଳେ ବେଳେ ପିତା ଈଶ୍ୱରଙ୍କର ପ୍ରତିନିଧିତ୍ୱ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଛି । ଏହି ପଦ (ଫାନେରୁ) "ଯାହା ପୂର୍ବରୁ ଉପସ୍ଥିତ ଥିଲା ତାହା ଆଲୋକ ମଧ୍ୟକୁ ଆଣିବାକୁ" କୁ ସୂଚିତ କରୁଛି । ଏହା ଯୋହନଙ୍କ ସହ ଏକ ଆଦରଣୀୟ ପଦ ଥିଲା (ସିଏଫ ଯୋହନ ୧:୩୧; ୩:୨୧; ୯:୩; ୧୨:୬; ପ୍ର. ଯୋହନ ୧:୨ (ଦୁଇଥର); ୨:୧୯; ୩:୫, ୮, ୧୦; ୪:୯) । ଆଓରିଷ୍ଟ କାଳ ଅବତାରକୁ ଗୁରୁତ୍ୱ ଦିଏ (ସିଏଫ୍ ଯୋହନ ୧:୧୪), ଯାହା ଭ୍ରାନ୍ତ ଶିକ୍ଷକମାନେ ଅସ୍ୱୀକାର କଲେ ।

■ **"ସାକ୍ଷ୍ୟ ଦେବା"** ଏହା ଯୋହନଙ୍କର ବ୍ୟକ୍ତିଗତ ଅନୁଭୂତିକୁ ଦର୍ଶାଏ (ଏହା ହେଉଛି, ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ)। ଏହି ପଦ ବେଳେ ବେଳେ ବିଚାରାଳୟ ମକଦ୍ଦମାରେ ସାକ୍ଷ୍ୟ ଦେବା ପାଇଁ ବ୍ୟବହୃତ ହେଉଥିଲା। ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୧:୮ରେ ଯୀଶୁଙ୍କ ସାକ୍ଷୀ ମାନେ ।

■ **"ଘୋଷଣା କରିବା"** ଏହା ଯୋହନଙ୍କର ବିଶ୍ୱାସଯୋଗ୍ୟ ସାକ୍ଷ୍ୟକୁ ଦର୍ଶାଏ (ଏହା ହେଉଛି ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ) ଯାହା ତାଙ୍କ ପ୍ରଚାର ଏବଂ ଲେଖାରେ ପ୍ରକାଶିତ ଏବଂ ଉଲ୍ଲଖିତ । ଏହା ଭିତ୍ତି ୧-୩ର ମୁଖ୍ୟ କ୍ରିୟାପଦ ଅଟେ । ଏହା ଦୁଇଥର ପୁନରାବୃତ୍ତି ହୋଇଛି (ପ. ୨ ଓ ପ. ୩)

■ **"ପିତାଙ୍କ ସଙ୍ଗରେ ଥିଲା"** ପ.୧ ସଦୃଶ, ଏହା ଯୀଶୁଙ୍କ ପୂର୍ବ -ବିଦ୍ୟମାନତାର ଏକ ଦୃଢ଼ ଘୋଷଣା ଅଟେ । ଶବ୍ଦଗୁଡ଼ିକର ପ୍ରକାଶ ଯୋହନ ୧:୧ ସଦୃଶ ଅଟେ। ଈଶ୍ୱରତ୍ୱ ଜଣେ ମନୁଷ୍ୟ ରୂପ ଧାରଣ କରି ଆସିବା (ସିଏଫ୍ ଯୋହନ ୧:୧୪) । ଯୀଶୁଙ୍କୁ ଜାଣିବା ହେଉଛି ଈଶ୍ୱରଙ୍କୁ ଜାରବା (ସିଏଫ ଯୋହନ ୧୪:୮-୧୧) ଏହା ଯୋହନଙ୍କ ଉର୍ଦ୍ଧ୍ୱଧାର ଦ୍ୱିତ୍ୟବାଦର ଏକ ଉଦାହରଣ ଅଟେ ।

୧:୩ **"ଯାହା ଆମ୍ଭେମାନେ ଦେଖିଅଛୁ ଓ ଶୁଣିଅଛୁ ତାହା ତୁମ୍ଭମାନଙ୍କୁ ମଧ ଜଣାଉଅଛୁ"** ଏହା ପଞ୍ଚମ ସମ୍ବନ୍ଧ ପ୍ରକାକ ବାକ୍ୟ ଟେ, ଯାହା ପ.୨ର ବାକ୍ୟାଂଶ ପରେ ୨.୧ର ଚିନ୍ତାଧାରାକୁ ପୁନର୍ବାର ଆରମ୍ଭ କରେ । ଏହା ପ.୧ରେ ମିଳିଥିବା ଅନୁଭୂତିର କ୍ରିୟାପଦଗୁଡ଼ିକୁ ପୁନରାବୃତ୍ତି କରେ ।

■ **"ଆମ୍ଭେମାନେ ତୁମ୍ଭମାନଙ୍କ ମଧ ଜଣାଉଅଛୁ"।** ଏହା ଭିତ୍ତି ୧-୩ର ମୁଖ୍ୟ କୟା ପଦ ଅଟେ । ଏହା ଏକ ବର୍ତ୍ତମାନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ଈଶ୍ୱରଙ୍କୁ ଜାଣିବା ତାହାଙ୍କ ପିଲାମାନଙ୍କ ସହିତ ଗୋଟିଏ ସହଭାିତା ଚାହେଁ!

■ **"ଯେପରି ତୁମ୍ଭେମାନେ ମଧ ଆମ୍ଭମାନଙ୍କ ସହ ସହଭାଗୀ ହୋଇପାର"** ଏହା ବର୍ତ୍ତମାନ କାଳ ସମ୍ଭବନାର୍ଥକ କର୍ତ୍ତୃବାଚ୍ୟ ସହ ଏକ ଉଦ୍ଦେଶ୍ୟମୂଳକ ଖଣ୍ଡବାକ୍ୟ (ହିନା) ଅଟେ । ସୁସମାଚାରର ପ୍ରକାଶ ହୋଇଥିବା ଉଦ୍ଦେଶ୍ୟ ଥିଲା ଯେ ସେ ଯେଉଁମାନେ ଯୀଶୁଙ୍କୁ କେବେ ଶୁଣି କିମ୍ବା ଦେଖି ନ ଥିଲେ ପ୍ରେରିତିକ ସାକ୍ଷ୍ୟ ଦ୍ୱାରା ଯେପରି ଉଦ୍ଧାର ପ୍ରାପ୍ତ ହୋଇ ପାରିବେ (ସିଏଫ ଯୋହନ ୧୭:୨୦; ୨୦:୨୯-୩୧) । ଏହା ହେଉଛି ପ୍ରକାଶ ଯୋଗ୍ୟ ଅନୁଗ୍ରହରେ ସେହି ସହଭାଗିତା ଯାହା "ଆନନ୍ଦ" "ଶାନ୍ତି" ଓ "ନିର୍ଭର ପ୍ରତିଶ୍ରୁତି" ଆଣେ ! ମଣ୍ଡଳୀ ହେଉଛି ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ, ବିଶ୍ୱାସୀମାନଙ୍କର ଏକ ଶରୀର ! ସୁସମାଚାର ହେଉଛି ସମଗ୍ର ଜଗତ ନିମନ୍ତେ ।

**ବିଶେଷ ଶୀର୍ଷ : କଇନୋନିଆ**

ପଦ "ସହଭାଗୀତା" (କଇନୋନିଆ) ଅର୍ଥ

୧. ଜଣେ ବ୍ୟକ୍ତି ସହ ଘନିଷ୍ଠ ସଂଶ୍ଳିଷ୍ଟତା

କ. ପୁତ୍ରଙ୍କ ସହ (ସି.ଏଫ୍ ପ୍ର. ଯୋହନ ୧:୬; ପ୍ର. କରି ୧:୯)

ଖ. ଆତମାଙ୍କ ସହ (ସିଏଫ ଦ୍ୱି କର ୧୩:୧୩; ଫିଲିପ ୨:୧)

ଗ. ପିତା ଓ ପୁତ୍ରଙ୍କ ସହ (ସିଏଫ ପ୍ର. ଯୋହନ ୧:୩)

ଘ. ଅନ୍ୟ ଚୁକ୍ତିବଦ୍ଧ ଭାଇ ଓ ଭଉଣୀମାନଙ୍କ ସହ (ସିଏଫ ପ୍ର. ଯୋହନ ୧:୭; ପ୍ରେରିତ ୨:୪୨; ଗାଲା ୨:୯; ଫିଲିମୋନ ୧୭)

୨. ବିଷୟ ଓ ଗୋଷ୍ଠୀଗୁଡ଼ିକ ସହ ଘନିଷ୍ଠ ସଂଶ୍ଳିଷ୍ଟତା

କ. ସୁସମାଚାର ସହ (ସି.ଏଫ ଫିଲିପ ୧:୫; ଫିଲିମୋନ ୬)

ଖ. ଖ୍ରୀଷ୍ଟଙ୍କ ରକ୍ତ ସହ (ସିଏଫ ପ୍ର. କର ୧୦:୧୬)

ଗ. ଅନ୍ଧକାର ସହ ନୁହେଁ (ସିଏଫ୍ ଦ୍ୱି. କର :୧୪)

ଘ. ଦୁଃଖଭୋଗ ସହ (ସିଏଫ୍ ଫିଲିପ ୩:୧୦; ୪:୧୪; ପ୍ର.ପିତ ୪:୧୩)

୩. ଉଦାର ରୀତିରେ କରାଯାଇଥିବା ଉପହାର ଓ ଦାନ (ସିଏଫ ରୋମୀ ୧୨:୧୩; ୧୫:୨୬; ଦ୍ୱି କର ୮:୪; ୯:୧୩; ଫିଲିପ ୪:୧୫; ଏବ୍ରୀ ୧୩:୧୭)

୪. ଖ୍ରୀଷ୍ଟଙ୍କ ମଧ ଦେଇ ଈଶ୍ୱରଙ୍କ ଅନୁଗ୍ରହର ଦାନ, ଯାହା ତାହାଙ୍କ ଓ ତାଙ୍କ ଭାଇ ଓ ଭଉଣୀମାନଙ୍କ ସହିତ ମନୁଷ୍ୟ ଜାତିର ସହଭାଗିତା ପୁନଃସ୍ଥାପିତ କରେ

ଏହା ସମସ୍ତର ସମ୍ପର୍କ (ମନୁଷ୍ୟ ମନୁଷ୍ୟ ମଧରେ) ଯାହା ଉର୍ଦ୍ଧ୍ୱଧାର ସମ୍ପର୍କ (ମନୁଷ୍ୟଠାରୁ ସୃଷ୍ଟିକର୍ତ୍ତା) ଦ୍ୱାରା ଅଣାଯାଇଛି ସେ ବିଷୟ ପ୍ରକାଶ କରେ । ଏହା ମଧ ଖ୍ରୀଷ୍ଟିୟାନ ଗୋଷ୍ଠୀର ଆନନ୍ଦ ଓ ଆବଶ୍ୟକତାକୁ ଗୁରୁତ୍ୱାରୋପ କରେ । କ୍ରିୟାପଦର କାଳ ଗୋଷ୍ଠୀର ଏହି ଅନୁଭୂତିର ଆରମ୍ଭ ଓ ଚଳିତାବସ୍ଥାକୁ ଗୁରୁତ୍ୱ ଦିଏ (ସିଏଫ ୧:୩ (ଦୁଇଥର) ୬,୭) । ଖ୍ରୀଷ୍ଟଧର୍ମ ହେଉଛି ସଂଘବଦ୍ଧ ।

**ବିଶେଷ ଶୀର୍ଷ : ଖ୍ରୀଷ୍ଟ ଧର୍ମ ହେଉଛି ସଂଘବଦ୍ଧ**

କ. ପାଉଲ ଓ ପିତରଙ୍କ ବହୁବଚନ ଉପମାଗୁଡ଼ିକ

୧. ଶରୀର

୨. କ୍ଷେତ୍ର

୩. ଗୃହ

ଖ. ପଦ "ସାଧୁ" ସବୁବେଳେ ବହୁବଚନ ଅଟେ (ଫିଲିପ ୪:୨୧ ବ୍ୟତୀତ, କିନ୍ତୁ ତଥାପି ସେଠାରେ ଏହା ମଧ୍ୟ ସଂଘବଦ୍ଧ ଅଟେ)

ଗ. "ବିଶ୍ୱାସୀର ପୌରହିତ୍ୟ" ଉପରେ ମାର୍ଟିନ ଲୁଥରଙ୍କ ଧର୍ମ ସଂସ୍କାର ଗୁରୁତ୍ୱ ସତ୍ୟ ଭାବରେ ବାଇବଲ ସମ୍ବନ୍ଧୀୟ ନୁହେଁ । ଏହା ହେଉଛି ବିଶ୍ୱାସୀମାନଙ୍କର ପୌରହିତ୍ୟ (ସି.ଏଫ ଯାତ୍ର ୧୯:୬; ପ୍ର. ପିତ ୨:୫, ୯; ପ୍ରକା. ୧:)

ଘ. ପ୍ରତ୍ୟେକ ବିଶ୍ୱାସୀର ସାଧାରଣ ଭଲ ନିମନ୍ତେ ଦାନ ଦିଆଯାଇଛି (ସି.ଏଫ୍. ପ୍ର. କର ୧୨:୭)

ଙ. ସଂଘବଦ୍ଧ ଭାବେ କେବଳ ଈଶ୍ୱରଙ୍କ ଲୋକମାନେ ଫଳପ୍ରଦ ହୋଇପାରିବେ । ସେବାକାର୍ଯ୍ୟ ହେଉଛି ସଂଘବଦ୍ଧ (ସିଏଫ ଏଫି ୪:୧୧-୧୨)

■ **"ପିତାଙ୍କ ସଙ୍ଗରେ... ତାହାଙ୍କ ପୁତ୍ରଙ୍କ ସଙ୍ଗରେ"** ଅବ୍ୟୟ ପଦ ଓ ନିଶ୍ଚିତ ବିଶେଷ୍ୟ (ଡି.ଏ.)ରେ ଏହି ବାକ୍ୟାଂଶଗୁଡ଼ିକ ବ୍ୟାକରଣ ନିୟମ ଅନୁସାରେ ଅନୁରୂପ ଅଟନ୍ତି । ଏହି ଯୀଶୁଙ୍କର ଈଶ୍ୱରତ୍ୱ ଓ ସମାନତାକୁ ଘୋଷଣା କରେ (ସିଏଫ୍ ଯୋହନ ୫:୧୮; ୧୦:୩୩; ୧୯:୭) । ପୁତ୍ରଙ୍କ ଅବତାର ଈଶ୍ୱର) ବିନା ପିତାଙ୍କୁ (ଉଚ୍ଚ ଈଶ୍ୱର) ପାଇବା ଅସମ୍ଭବ ଅଟେ ଯେପରି ଭ୍ରାନ୍ତ ଶିକ୍ଷକମାନେ ସୂଚିତ କଲେ (ସିଏଫ ପ୍ର. ଯୋହନ ୨:୨୩; ୫:୧୦-୧୨)

ପିତା ଓ ପୁତ୍ରଙ୍କ ସହିତ ଏହି ସହଭାଗିତା ଯୋହନ ୧୪:୨୩ର ବାକ୍ୟାଂଶର ପାରସ୍ପାରିକ ସ୍ଥାୟୀ ଉପସ୍ଥିତ ସହ ବହୁତ ସମାନ ଅଟେ ।

**୧:୪ "ଆମ୍ଭେମାନେ ଏହି ସବୁ ଲେଖୁଅଛୁ"** ଏହା ସମଗ୍ର ପୁସ୍ତକ କିମ୍ବା ସ୍ୱତନ୍ତ୍ର ଭାବେ ଭିଭି. ୧-୩କୁ ଦର୍ଶାଇ ପାରେ । ଏହି ସମାନ ଅସ୍ପଷ୍ଟତା ୨:୧ରେ ଦେଖାଯାଇଛି । ଏଠାରେ ଲେଖକ ତାଙ୍କ ଉଦ୍ଦେଶ୍ୟଗୁଡ଼ିକରୁ ଗୋଟିଏ ପ୍ରକାଶ କରନ୍ତି (ସି.ଏଫ. ୨:୧)

■ **"ଆମ୍ଭମାନଙ୍କର ଆନନ୍ଦ ଯେପରି ପରିପୂର୍ଣ୍ଣ ହୋଇପାରିବ"** ଏହା ଏକ ବାଗ୍‌ବାହୁଲ୍ୟ ବ୍ୟବହୃତ ସମ୍ପନ୍ନକାଳ ସୂଚକ ସମ୍ଭାବନାର୍ଥକ କର୍ମବାଚ୍ୟ ଅଟେ (ସି.ଏଫ୍ ଯୋହନ ୧୫:୧୧; ୧୬:୨୦, ୨୨, ୨୪; ୧୭:୧୩; ଦ୍ୱି ଯୋହନ ୧୨: ତୃ ଯୋହନ ୪) । ବିଶ୍ୱାସୀମାନଙ୍କର ଆନନ୍ଦ ପିତା, ପୁତ୍ର ଓ ଆତ୍ମାଙ୍କ ସହ ସହଭାଗିତା ଦ୍ୱାରା ପରିପୂର୍ଣ୍ଣ କରାଗଲା । ଭ୍ରାନ୍ତ ଶିକ୍ଷକମାନଙ୍କର ବ୍ୟାଘାତର ଆଲୋକରେ ଏହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଉପଦାନ ଥିଲା । ଏହି ପୁସ୍ତକ ଲେଖିବାରେ ଯୋହନଙ୍କ ପ୍ରକାଶ କରିଥିବା ଉଦ୍ଦଶ୍ୟଗଉଡ଼ିକ ହେଲା

୧. ୧. ପିତାଙ୍କ ସହ ଓ ତାହାଙ୍କ ପୁତ୍ରଙ୍କ ସହ ସହଭାଗିତା

୨. ଆନନ୍ଦ

୩. ନିର୍ଭର ପ୍ରତିଶ୍ରୁତି

୪. ନାସ୍ତିବାଚକ ଅଂଶରେ, ନୋଷ୍ଟିକ୍ ଶିକ୍ଷକମାନଙ୍କର ମିଥ୍ୟା ଧର୍ମତତ୍ତ୍ୱ ବିରୁଦ୍ଧରେ ବିଶ୍ୱାସୀମାନଙ୍କୁ ସରଞ୍ଜାମ ଯୋଗାଇବ । ତାଙ୍କର ଉଦ୍ଦେଶ୍ୟ ଥିଲା ଏହି ପଦରେ ସେଠାରେ ଏକ ଗ୍ରୀକ୍ ବିଭିନ୍ନତା ରହିଛି

୧. "ଆମ୍ଭମାନଙ୍କର ଆନନ୍ଦ", ଏମ୍‌ଏସ୍‌ଏସ୍ ଏନ୍. ବି.ଏଲ; ଏନଏଏସ୍‌ବି, ଏନ୍‌ଆରଏସଭି, ଏନଜେବି, ଆରଇବି, ଏନ୍‌ଆଇଭି

୨. "ତୁମ୍ଭମାନଙ୍କର ଆନନ୍ଦ" ଏମ୍‌ଏସ୍‌ଏସ୍‌ଏ, ଏନ୍‌କେଜେଭି ମଧ୍ୟରେ ୟୁବିଏସ୍ ୧ କୁ ପସନ୍ଦ କରେ 'ଆମ୍ଭମାନଙ୍କର' ପ୍ରେରିତିକ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ କିମ୍ବା ବିଶ୍ୱାସୀମାନଙ୍କୁ ଦର୍ଶାଏ କି ? ଖ୍ରୀଷ୍ଟିୟାନ ପ୍ରତିଶ୍ରୁତି ପ୍ରତି ପ୍ରଥମ ଯୋହନର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଗ୍ରହଣ କରିବାର ବାଧ୍ୟତାର କାରଣ ସକାଶୁ, ମୁଁ ଗ୍ରହଣ କରେ ଯେ ଏହା ସମସ୍ତ ବିଶ୍ୱାସୀମାନଙ୍କୁ ନିର୍ଦ୍ଦେଶିତ ହୋଇଛି ।

**ଏନ୍.ଏଏସ୍‌ବି. (ଆଧୁନିକରଣ) ଶାସ୍ତ୍ରାଂଶ : ୧:୫-୨:୨**

**୫ ଆମ୍ଭେମାନେ ତାହାଙ୍କଠାରୁ ଏହି ସମ୍ବାଦ ଶୁଣିଅଛୁ ଓ ତୁମ୍ଭମାନଙ୍କୁ ଜଣାଉଅଛୁ ଯେ ଈଶ୍ୱର ଜ୍ୟୋତିଃ ସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ । ତାହାଙ୍କ ସହିତ ଆମ୍ଭେମାନଙ୍କର ସହଭାଗିତା ଅଛି କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ, ଆମ୍ଭେମାନେ ମିଥ୍ୟାବାଦୀ ଆଉ ସତ୍ୟ ଆଚରର କରୁ ନ ଥାଉ; କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷକାର କରେ । ଆମ୍ଭମାନଙ୍କର ପାପ ନାହିଁ ବୋଲି ଯଦି ହକୁ, ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ ପୁଣି ଆମ୍ଭମାନଙ୍କଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣା ପାପ ୍ବୀକାର କରୁ, ତବେ ସେ ଆମଭମାନଙ୍କ ପାପ କ୍ଷମା କରିବାକୁ ଓ ସମସ୍ ଅର୍ଧମରୁ ଆମ୍ଭମାନଙ୍କୁ ପରିଷ୍କାର କରିାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି । ଯଦି ଆମ୍ଭେମାନେ କହୁ ଯେ ଆମ୍ଭେମାନେ ପାପ କରିନାହୁଁ, ତାହା ହେଲେ ଆମ୍ଭେମାନେ ତାହାଙ୍କୁ ମିଥ୍ୟାବଦୀ କରୁ ଆଉ ତାହାଙ୍କ ବାକ୍ୟ ଆମ୍ଭମାନଙ୍କରେ ନାହିଁ । ୨:୧ ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସବୁ ଲେଖୁଅଛି । କିନ୍ତୁ ଯଦି କେହି ପାପ କରେ, ତାହା ହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ; ଆଉ ସେ ଆମ୍ଭମାନଙ୍କର ପାପ ନିମନ୍ତେ; ଆଉ କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି ।**

**୧:୫ "ଯେଉଁ ସମ୍ବାଦ ଆମ୍ଭେମାନେ ଶୁଣିଅଛୁ"** ସର୍ବନାମ "ଆମ୍ଭେମାନେ" ଯୋହନ ଓ ଅନ୍ୟ ପ୍ରତ୍ୟକ୍ଷ ସାକ୍ଷୀ ଶ୍ରୋତା ପୁଣି ଯୀଶୁଙ୍କ ଜଗତରେ ବଞ୍ଚିବା ସମୟରେ ତାହାଙ୍କର ଅନୁଗାମୀମାନଙ୍କୁ ଦର୍ଶାଉଛି। ୨:୧ରେ ଯୋହନ ସଳଖ ଭାବରେ ତାଙ୍କର ପାଠକମାନଙ୍କୁ ("ତୁମ୍ଭେମାନେ") କହୁଛନ୍ତି, ସମ୍ଭବତଃ ଏସିଆ ମାଇନର ର ମଣ୍ଡଳୀଗୁଡ଼ିକୁ ଦର୍ଶାଉଛନ୍ତି ।

କ୍ରିୟାପଦ "ଶୁଣିଅଛୁ" ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ଏହା ୧:୧-୪ ଥିବା ଶାରୀରିକ ଚେତନାଗୁଡ଼ିକୁ ସମ୍ପର୍କ କରୁଥିବା ସୁପଷ୍ଟ ପୌନଃପୁନିକ ପଦକୁ ପ୍ରତିଫଳତ କରୁଛି। ଏକ ଅର୍ଥରେ ଏହି ପ୍ରେରିତ ଯୋହନ ଯୀଶୁଙ୍କର ଶିକ୍ଷାଅଧିବେଶନଗୁଡ଼ିକରେ ତାଙ୍କର ବ୍ୟକ୍ତିଗତ ଉପସ୍ଥିତିକୁ ଦୃଢ଼ ଭାବେ କହୁଛନ୍ତି । ଯୋହନ ଯୀଶୁଙ୍କର ପ୍ରକଟିତ ସତ୍ୟ ଓ ଜ୍ଞାନକୁ ଅତିକ୍ରମ କରୁଛନ୍ତି, ତାଙ୍କ ନିଜର ନୁହେଁ । ସେପରି ଏହା ସମ୍ଭବ ଅଟେ ଯେ ସୁସମାଚାରର ଅସାଧାରଣ ମନ୍ତବ୍ୟଗୁଡ଼ିକ "ଆମ୍ଭେ" ଯୀଶୁଙ୍କ ଗୋପନୀୟ ଶିକ୍ଷାଗୁଡ଼ିକ ଯୋହନଙ୍କର ସ୍ମୃତି ସ୍ୱରୂପ ଥିଲା ।

■ **"ତାହାଙ୍କଠାରୁ"** ୧:୫-୨୨ ର ସମଗ୍ର ବିଭାଗରେ "ତାହାଙ୍କଠାରୁ" ହେଉଛି ଏକମାତ୍ର ସର୍ବନାମ ଯାହା ଯୀଶୁଙ୍କୁ ଦର୍ଶାଏ । ଯୀଶୁ ପିତାଙ୍କୁ ପ୍ରକାଶ କରିବାକୁ ଆସିଲେ (ସିଏଫ ଯୋହନ ୧:୧୮) । ଧର୍ମତତ୍ତ୍ୱ ଅନୁସାରେ କହିବାକୁ ଗଲେ, ଯୀଶୁ ତିନୋଟି ଉଦଦ୍ଦେଶ୍ୟ ନିମନ୍ତେ ଆସିଲେ ।

୧. ପିତାଙ୍କୁ ପ୍ରକାଶ କରିବାକୁ (ସିଏଫ ୧:୫)

୨. ବିଶ୍ୱାସୀମାନଙ୍କୁ ଅନୁସରଣ କରିବାର ଏକ ଉଦାହରଣ ଦେବାକୁ (ସିଏଫ ୧:୭)

୩. ପାପପୂର୍ଣ୍ଣ ମନୁଷ୍ୟ ଜାତିର ପକ୍ଷରେ ମରିବାକୁ (ସି.ଏଫ୍ ୧:୭; ୨:୨)

■ **"ଈଶ୍ୱର ଜ୍ୟୋତିଃ ଅଟନ୍ତି"** ସେଠାରେ ଆର୍ଟିକଲ୍ ନାହିଁ । ଏହା ଈଶ୍ୱରଙ୍କ ପ୍ରକୃତିର ପ୍ରକାଶ ଯୋଗ୍ୟ ଓ ନୈତିକ ଭାବଗୁଡ଼ିକୁ ଗୁରୁତ୍ୱ ଦେଉଅଛି (ସିଏଫ ଗୀତ ୨୭:୧; ଯିଶା ୬୦:୨୦; ମୀଖା ୭:୮; ପ୍ର.ତିମ ୬:୧୬; ଯାକୁବ ୧:୧୭) । ନୋଷ୍ଟିକ୍ ମିଥ୍ୟା ଶିକ୍ଷକମାନେ ଘୋଷଣା କଲେ ଯେ ଜ୍ୟୋତିଃ ଜ୍ଞାନକୁ ଦର୍ଶାଉଥିଲା, କିନ୍ତୁ ଯୋହନ ଘୋଷଣା କରନ୍ତି ଯେ ଏହା ନୈତିକ ପବିତ୍ରତାକୁ ମଧ୍ୟ ଦର୍ଶାଏ । "ଜ୍ୟୋତିଃ" ଓ "ଅନ୍ଧାର" ସାଧାରଣ ପଦଗୁଡ଼ିକ ଥିଲେ (ଏକ ନୈତିକ ଦ୍ୱୈତବାଦ ବ୍ୟବହାର କରୁଥିବା ଏହି ପଦଗୁଡ଼ିକ ମୃତସାଗର ଗ୍ରନ୍ଥସମୂହ ଓ ପୁରାତନ ନୋଷ୍ଟିସିଜମ୍‌ରେ ମଧ୍ୟ ଦେଖିବାକୁ ମିଳେ)। ଏହା ଭଲ ଓ ମନ୍ଦ (ଏହା ହେଉଛି, ଯେହନ ୧:୫; ୮:୧୨; ୧୨:୪୬) ମଧ୍ୟରେ ଥିବା ଦ୍ୱୈତବାଦ ସହ ଜଡ଼ିତ ପୁଣି ସମ୍ଭବତଃ ଆତ୍ମା ବନାମ ପଦାର୍ଥର ନୋଷ୍ଟିକ ଦ୍ୱୈତବାଦ । ଈଶ୍ୱରତ୍ୱ ସମ୍ବନ୍ଧରେ ଯୋହନଙ୍କ ଏହା ଗୋଟିଏ ସରଳ ତଥାପି ତୀବ୍ର ଭାବେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଘୋଷଣା ଅଟେ । ଅନ୍ୟ ଗୁଡ଼ିକ ହେଲା (୧) "ଈଶ୍ୱର ପ୍ରେମ ଅଟନ୍ତି" (ସିଏଫ ୪:୮,୧) ଓ (୨) "ଈଶ୍ୱର ଆତ୍ମା ଅଟନ୍ତି" (ସି.ଏଫ୍ ଯୋହନ ୪:୨୪) । ଯୀଶୁଙ୍କ ସଦୃଶ (ସିଏଫ ଯୋହନ ୮:୧୨; ୯:୫), ଈଶ୍ୱରଙ୍କ ପରିବାର, ତାହାଙ୍କ ଚରିତ୍ର ପ୍ରତିଫଳନ କରିବା ଉଚିତ (ସିଏଫ ମାଥି ୫:୧୪) ପ୍ରେମ, କ୍ଷମା ଓ ପବିତ୍ରତାର ଏହି ପରିବର୍ତ୍ତିତ ଓ ପରିବର୍ତ୍ତନଶୀଳ ଜୀବନ ଏକ ସତ୍ୟ ଧର୍ମ ପରିବର୍ତ୍ତନର ତଥ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ ।

■ **"ତାହାଙ୍କ ଠାରେ ଅନ୍ଧକାରର ଲେଶ ନାହିଁ"** ପ୍ରାଧାନ୍ୟତା ଦେବା ନିମନ୍ତେ ଏହା ଏକ ଯୁଗ୍ମ ନାସ୍ତିବାଚକ ଅଟେ । ଏହା ଈଶବରଙ୍କ ଅପରିବର୍ତ୍ତନୀୟ ପବିତ୍ର ଚରିତ୍ରର ଏକ ଦୃଢ଼ୋକ୍ତି ଅଟେ (ସି.ଫ ପ୍ର. ତିମ ୬:୧; ଯାକୁବ ୧:୧୭; ଗୀତ ୧୦୨:୨୭; ମଲା ୩:୬)

**୧:୬ "ଆମ୍ଭେମାନେ ଯଦି କହୁ"** ଏହା କେତେକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଗୁଡ଼ିକର ସର୍ବପ୍ରଥମ ଅଟେ ଯାହା ମିଥ୍ୟା ଶିକ୍ଷକମାନଙ୍କର ଦାବିଗୁଡ଼ିକୁ ଦର୍ଶାଏ (ସିଏଫ ୧:୮, ୧୦; :୪, ୬,୯) । ଭ୍ରାନ୍ତ ଶିକ୍ଷକମାନଙ୍କର ଘୋଷଣାଗୁଡ଼ିକୁ ଚିହ୍ନଟ କରିବାକୁ ଏହି ସବୁ ମନ୍ତବ୍ୟଗୁଡ଼ିକ ଏକମାତ୍ର ପଥ ଅଟନ୍ତି । ସେମାନେ ପୁରାତନ (ପ୍ରାରମ୍ଭିକ) ନୋଷ୍ଟିକମାନେ ହୋଇଥିବା ପରି ଦେଖାଯାଆନ୍ତି ।

ଏକ ତଥାକଥିତ ଆପତ୍ତିକାରୀର ସାହିତ୍ୟିକ ପ୍ରୟୋଗ କୌଶଳକୁ ଗାଳିପୂର୍ଣ୍ଣ ସମାଲୋଚନା କୁହାଯାଏ । ଏକ ପ୍ରଶ୍ନ / ଉତ୍ତର ପଦ୍ଧତିରେ ସତ୍ୟତାକୁ ଉପସ୍ଥାପନ କରିବାରେ ଏହା ଏକ ମାର୍ଗ ଥିଲା। ମଲାଖି (ସିଏଫ ୧:୨,୬, ୭, ୧୨; ୨:୧୪, ୧୭; ୩:୭, ୧୪) ଓ ରୋମୀୟ (ସିଏଫ ୨:୩, ୧୭, ୨୧-୨୩; ୩:୧, ୩, ୭-୮, ୯, ୩୧; ୪:୧; :୧; ୭:୭) ରେ ଏହା ସ୍ପଷ୍ଟ ଭାବେ ଦେଖାଯାଇ ପାରେ ।

■ **"ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି"** ଭ୍ରାନ୍ତ ମତବାଦୀମାନେ ଦାବି କଲେ ଯେ ସହଭାଗିତା କେବଳ ଜ୍ଞାନ ଉପରେ ଆଧାରିତ ଥିଲା ଏହା ପ୍ଲାଟୋଙ୍କ ଠାରୁ ଗ୍ରୀକ୍ ଦର୍ଶନ ଶାସ୍ତ୍ରର ଏକ ଦୃଷ୍ଟିକୋଣ ଥିଲା। ଯେମିତି ହେଉ, ଯୋହନ ସ୍ପଷ୍ଟ ଭାବେ କହନ୍ତି ଯେ ଖ୍ରୀଷ୍ଟିୟାନମାନେ ନିଶ୍ଚିତ ଭାବେ ଖ୍ରୀଷ୍ଟ ସଦୃଶ ଜୀବନ ଯାପନ କରିବା ଉଚିତ (ସି ଏଫ ପ.୭; ଲେବୀ ୧୯:୨; ୨୦:୭; ମାଥି ୫:୪୮) । ବିଶେଷ ଶୀର୍ଷ ୧:୩ରେ ଦେଖନ୍ତୁ

■ **"ତଥାପି ଅନ୍ଧକାରରେ ଆଚରଣ କରୁ"** "ଚାଲିବା" ହେଉଛି ଏକ ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ । ଏହା ଏକ ବାଇବଲ ସମ୍ବନ୍ଧୀୟ ଉପମା ଗୋଟିଏ ନୈତିକ ଜୀବନ ଶୈଳୀର ବ୍ୟକ୍ତ କରୁଛି (ସିଏଫ ଏଫି ୪:୧, ୧୭; ୫:୨, ୧୫) । ଈଶ୍ୱର ଜ୍ୟୋତିଃ ଅଟନ୍ତି ଅନ୍ଧକାର ବିନା। ତାହାଙ୍କ ସନ୍ତାନମାନେ ତାହାଙ୍କ ସଦୃଶ ହେବା ଉଚିତ (ସିଏଫ୍ ମାଥି ୫:୪୮)

■ **"ଆମ୍ଭେମାନେ ମିଥ୍ୟାବାଦୀ ଓ ସତ୍ୟ ଆଚରଣ କରୁ ନ ଥାଉ"** ଏଗୁଡ଼ିକ ଉଭୟ ବର୍ତ୍ତମାନ କାଳ କ୍ରିୟାପଦ ଗୁଡ଼ିକ ଅଟନ୍ତି। ଯୋହନ ଅନେକ ପ୍ରକାରର ଧର୍ମଗତ ଲୋକମାନଙ୍କୁ ମିଥ୍ୟାବାଦୀ ମାନେ ବୋଲି ଡାକନ୍ତି (ସିଏଫ ୧:୧୦; ୨:୪, ୨୦; ୪:୧୦; ଯିଶା ୨୯:୧୩) ଜୀବନ ଶୈଳୀ କାର୍ଯ୍ୟଗୁଡ଼ିକ ସତ୍ୟ ଭାବେ ହୃଦୟକୁ ପ୍ରକାଶ କରନ୍ତି (ସିଏଫ ମାଥି ୭) । ବିଶେଷ ଶୀର୍ଷ ଦେଖନ୍ତୁ : ଯେହନଙ୍କ ଲେଖାଗୁଡ଼ିକ ଯୋହନ ୬:୫୫ ରେ ସତ୍ୟତା ।

**୧:୭ "କିନ୍ତୁ ଯଦି ଆମ୍ଭେମାନେ ଜ୍ୟୋତିଃରେ ଆଚରଣ କରୁ"** ଏହା ଅନ୍ୟ ଏକ ବର୍ତ୍ତମାନ କାଳ ଯାହା କ୍ରମାଗତ କାର୍ଯ୍ୟକୁ ଗୁରୁତ୍ୱରୋପ କରେ । "ଚାଲିବା" ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଏକ ନୂତନ ନିୟମର ଉପମା ଅଟେ (ତାହା ହେଉଛି, ଏଫି ୪:୧, ୧୭; ୫:୨, ୧୫)।

ଲକ୍ଷ୍ୟ କରନ୍ତୁ "ଚାଲିବା" ଓ ବର୍ତ୍ତମାନ କାଳ କ୍ରିୟା ପଦଗୁଡ଼ିକ କେତେଥର ଖ୍ରୀଷ୍ଟିୟାନ ଜୀବନ ସହ ସମ୍ପର୍କିତ ଅଟନ୍ତି। ସତ୍ୟ ହେଉଛି କୌଣସି ବିଷୟ ଆମ୍ଭେମାନେ ଯାପନ କରୁ, ଠିକ୍ କୌଣସି ବିଷୟ ନୁହେଁ ଯାହା ଆମ୍ଭେମାନେ ଜାଣୁ । ଯୋହନରେ ସତ୍ୟତା ହେଉଛି ଏକ ଧାରଣା ଉପକରଣ । ଯୋହନ ୬:୫୫ ଓ ୧୭:୩ରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ **"ଯେପରି ସେ ଜ୍ୟୋତିନିର୍ବାସୀ ଅଟନ୍ତି"** ବିଶ୍ୱାସୀମାନେ ଈଶ୍ୱରଙ୍କ ସଦୃଶ ଭାବିବା ଓ ବଞ୍ଚିବା ଆବଶ୍ୟକ । (ସିଏଫ ମାଥି ୫:୪୮) ଆମ୍ଭମାନଙ୍କୁ ହଜିଥିବା ଜଗତରେ ତାହାଙ୍କର ଚରିତ୍ର ପ୍ରତିଫଳନ କରିବାକୁ ହେବ । ପରିତ୍ରାଣ ହେଉଛି ମନୁଷ୍ୟ ଜାତି ନିକଟରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ସଂରକ୍ଷଣ କରିବା (ଏହା ହେଉଛି ଆଦି ୧:୨୬, ୨୭), ଯାହା ଆଦିପୁସ୍ତକ ୩ର ପତନରେ ନଷ୍ଟ ହୋଇଥିଲା ।

■ **"ପରସ୍ପର ସହିତ ଆମ୍ଭମାନଙ୍କର ସହଭାଗିତା ଅଛି"** ପଦ "ସହଭାଗିତା" ହେଉଛି ଗ୍ରୀକ୍ ପବକଇନୋନିଆ, ଯାହାର ଅର୍ଥ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏକ ସଂଯୁକ୍ତ ଭାବେ ଅଂଶଗ୍ରହଣ (ବିଶେଷ ଶୀର୍ଷ ଦେଖନ୍ତୁ ୧:୩ରେ) । ଖ୍ରୀଷ୍ଟ ଧର୍ମ ବିଶ୍ୱାସୀମାନଙ୍କର ଯୀଶୁଙ୍କ ଜୀବନରେ ଅଂଶ ପ୍ରଦାନ କରିବା ଉପରେ ଆଧାରିତ । ଯଦି ଆମ୍ଭେମାନେ କ୍ଷମାରେ ତାହାଙ୍କ ଜୀବନ ଗ୍ରହଣ କରୁ, ଆମ୍ଭେମାନେ ନିଶ୍ଚିତ ଭାବେ ତାହାଙ୍କ ପ୍ରେମର ସେବାକାର୍ଯ୍ୟ ଗ୍ରହଣ କରିବା (ସିଏଫ ପ୍ର. ଯୋହନ ୩:୧୬)। ଈଶ୍ୱରଙ୍କୁ ଜାଣିବା ଭାବାତ୍ମକ ସତ୍ୟ ନୁହେଁ, କିନ୍ତୁ ସହଭାଗୀତା ଓ ୀତା ଓ ଈଶ୍ୱରଯୁକ୍ତ ଜୀବନ ଯାପନ ଆରମ୍ଭ କରିବା । ଖ୍ରୀଷ୍ଟ ଧର୍ମର ଲକ୍ଷ୍ୟ କେବଳ ସ୍ୱର୍ଗ ନୁହେଁ ଯେତେବେଳେ ଆମ୍ଭେମାନେ ମୃତ୍ୟୁଭୋଗ କରୁ, କିନ୍ତୁ ବର୍ତ୍ତମାନ ଖ୍ରୀଷ୍ଟ ସାଦୃଶ୍ୟ ହେବା । ନୋଷ୍ଟିକ୍ ଭିନ୍ନ ମତବାଦୀମାନଙ୍କର ଏକାଧିକାର ପ୍ରବଣତା ପ୍ରତି ଏକ ପକ୍ଷପାତ ଥିଲା । ଯାହା ହେଲେ ମଧ୍ୟ, ଯେତେବେଳେ ଜଣେ ଠିକ୍ ଭାବରେ ଈଶ୍ୱରଙ୍କ ସହିତ ସମ୍ପର୍କିତ ସେ ତାହାର ଖ୍ରୀଷ୍ଟିୟାନ ବନ୍ଧୁ ସହ ମଧ୍ୟ ିକ୍ ଭାବରେ ଜଡ଼ିତ ହେବ । ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ପ୍ରେମର ଅଭାବ ଈଶ୍ୱରଙ୍କ ସହ ଆମ୍ଭମାନଙ୍କ ସମ୍ପର୍କରେ ଥିବା ସମସ୍ୟାର ଏକ ଉଜ୍ଜ୍ୱଳ ଚିହ୍ନ ଅଟେ (ସି.ଏଫ ୪:୨୦-୨୧ ଆଉ ମଧ୍ୟ ମାଥି ୫:୭; ୬;୧୪-୧୫; ୧୮:୨୧-୩୫)

■ **"ଯୀଶୁଙ୍କର ରକ୍ତ"** ଏହା ଯୀଶୁଙ୍କର ଉତ୍ସର୍ଗୀକୃତ ମୃତ୍ୟୁକୁ ଦର୍ଶାଉଛି (ସି.ଏଫ୍ ଯିଶା ୫୨:୧୩-୫୩:୧୨; ମାର୍କ ୧୦:୪୫; ଦ୍ୱି. କର ୫:୨୧)। ୨:୨ "ଆମ୍ଭମାନଙ୍କର ପାପ ନିମନ୍ତେ ଭୁଲ ସୁଧାରିବା ବଳି ଉତ୍ସର୍ଗ (ପ୍ରାୟଶ୍ଚିତ ସ୍ୱରୂପ) ସହ ଏହା ଅତି ସମାନ ଅଟେ । ବାପ୍ତିଜକ ଯୋହନ ଙ୍କ "ଏହି ଦେଖ ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହି ନେଇ ଯାଆନ୍ତି" (ସି.ଏଫ ଯୋହନ ୧:୨୯)ର ଏହା ହେଉଛି ଗ୍ରହଣ କରିବାର ବାଧ୍ୟତା । ଦୋଷୀର ପରେ ଜଣେ ନିର୍ଦ୍ଦୋଷ ମୃତ୍ୟୁ ଭୋଗ କଲେ !

ପୁରାତନ ନୋଷ୍ଟିକ୍‌ମାନେ ଯୀଶୁଙ୍କର ମାନବିକତାକୁ ଅସ୍ୱୀକାର କଲେ। ଯୋହନଙ୍କ"ରକ୍ତ"ର ବ୍ୟବହାର ଯୀଶୁଙ୍କ ସତ୍ୟ ମାନବିକତାକୁ ଦୃଢ଼ୀଭୂତ କରେ । ସେଠାରେ ନାମ ସହ ସମ୍ପର୍କିତ ଏକ ପରିବର୍ତ୍ତନଶୀଳ ଗ୍ରୀକ୍ ପାଣ୍ଡୁଲିପି ରହିଛି ।

୧. ଯୀଶୁ - ଏନ୍.ଏଏସ୍‌ବି., ଏନ୍‌ଆରଏସ୍‌ଭି, ଏନ୍‌ଜେବି., ଆରଇବି, ଏନ୍‌ଇଟି

୨. କ୍ରାଷ୍ଟ - ଏମ୍ ଏସ୍ ଏସ୍ ବ.ସି.

୩. ଯୀଶୁ ଖ୍ରୀଷ୍ଟ - ଏନକେଜେଭି

ଏହା ବାର୍ଟ ଡି ଏର୍‌ମାନ, ଦିଅ ଅର୍ଥଡକ୍ସ କରପ୍ସନ୍ ଅଫ୍ ସ୍କ୍ରିପ୍‌ଚର, ପି. ୧୫୩ ଦ୍ୱାରା ବ୍ୟବହୃତ ଏକ ଉଦାହରଣ, ସାମ୍ପ୍ରତିକ ଭିନ୍ନ ମତବାଦୀମାନଙ୍କୁ ମିଥ୍ୟା ପ୍ରମାଣିତ କରିବାକୁ କିପରି ପୁରାତନ ନକଲକାରୀକାରୀମାନେ ଶାସ୍ତ୍ରକୁ ଅଧିକ ସ୍ୱତନ୍ତ୍ର କରି ତିଆରି କରିବାକୁ ଚେଷ୍ଟା କରିଥିଲେ ତାହା ଦେଖାଇବାକୁ । ଏମ୍‌ଏସ୍ ଏସ୍ ଭିନ୍ନତା ମଧ୍ୟସ୍ଥି କରିବାକୁ ୩ ପସନ୍ଦ କରିବା ଏକ ଉଦ୍ୟମ ଥିଲା ।

■ **"ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ପଦ "ପାପ" ଆର୍ଟିକଲ୍ ବିନା ଏକବଚନ ଅଟେ । ଏହା ପ୍ରତ୍ୟେକ ପ୍ରକାର ପାପକୁ ସୂଚିତ କରେ । ଲକ୍ଷ୍ୟ କରନ୍ତୁ ଏହି ପଦ ଗୋଟିଏ ଥର ପରିଷ୍କାର କରିବା (ପରିତ୍ରାଣ ପ.୭) ଉପରେ ଦୃଷ୍ଟି ରଖୁ ନାହିଁ, ମାତ୍ର ଏକ ଚାଲୁ ରହିଥିବା ପରିଷ୍କାର ଉପରେ (ଖ୍ରୀଷ୍ଟିୟାନ ଜୀବନ ପ.୯) ଉଭୟ ଖ୍ରୀଷ୍ଟିୟାନ ଅଭିଜ୍ଞତାର ଅଂଶ ଅଟନ୍ତି (ସି.ଏଫ୍ ଯୋହନ ୧୩:୧୦)

**୧:୮ "ଯଦି ଆମ୍ଭେମାନେ କହୁ ଯେ ଆମ୍ଭମାନଙ୍କର ପାପ ନାହିଁ'** ଏହା ଅନ୍ୟ ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଏକ ପତିତ ଜଗତରେ ପାପ ହେଉଛି ଆତ୍ମିକ ବାସ୍ତବତା, ବିଶ୍ୱାସୀମାନଙ୍କ ନିମନ୍ତେ ମଳଧ (ସି.ଏଫ ରୋମୀୟ ୭) । ଯୋହନଙ୍କ ସୁସମାଚାର ବେଳେ ବେଳେ ଏହି ପ୍ରସଙ୍ଗ ସମ୍ବୋଧନ କରେ (ସିଏଫ୍ ୯:୪୧, ୧୫:୨୨, ୨୪; ୧୯:୧୧) । ଏହି ପଦ ସମସ୍ତ ପୁରାତନ ଓ ଆଧୁନିକ ଦାବିଗୁଡ଼ିକ ଅଗ୍ରାହ୍ୟ କରେ ଯାହା ବ୍ୟକ୍ତିଗତ ନୈତିକ ଦାୟୀତ୍ୱ ଭାରକୁ ଅସ୍ୱୀକାର କରେ ।

■ **"ଆମ୍ଭେମାନେ ଆପଣାକୁ ପ୍ରବଞ୍ଚନା କରୁଅଛୁ"** ଏହି ଗ୍ରୀକ୍ ବାକ୍ୟାଂଶ ବ୍ୟକ୍ତିଗତ, ସତ୍ୟତାର ଇଚ୍ଛାପୂର୍ଣ୍ଣ ବର୍ଜନକୁ ଦର୍ଶାଏ, ଅଜ୍ଞତାକୁ ନୁହେଁ ।

■ **"ଆମ୍ଭମାନଙ୍କଠାରେ ସତ୍ୟତା ନାହିଁ"** ଏକ ପବିତ୍ର ଈଶ୍ୱରଙ୍କ ଦ୍ୱାରା ଗ୍ରହଣ କରି ସ୍ୱୀକାର କରିବାର ମାର୍ଗ ପ୍ରତିବାଦ ନୁହେଁ, କିନ୍ତୁ ଆମ୍ଭମାନଙ୍କ ପାପକୁ ଚିହ୍ନିବା ଓ ଖ୍ରୀଷ୍ଟଙ୍କଠାରେ ତାହାଙ୍କର ଯୋଗାଣକୁ ଗ୍ରହଣ କରିବା (ସିଏଫ ରୋମି ୩:୨୧-୩୧) । "ସତ୍ୟ" ଯୀଶୁଙ୍କ ବିଷୟରେ ସମ୍ବା କିମ୍ବା ଯୀଶୁଙ୍କର ବ୍ୟକ୍ତିତ୍ୱକୁ ଦର୍ଶାଇ ପାରେ (ସିଏଫ ଯୋହନ ୧୪:୬) । ଯୋହନ ୬:୫୫ ଓ ୧୭:୩ରେ ବିଶେଷ ଶୀର୍ଷ ଗୁଡ଼ିକୁ ଦେଖନ୍ତୁ।

**୧:୮,୯ "ଯଦି"** ଏହି ଉଭୟଗୁଡ଼ିକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଗୁଡ଼ିକ ଅଟନ୍ତି ଯାହାର ଅର୍ଥ ଅନ୍ତର୍ନିହିତ ଶକ୍ତିର କାର୍ଯ୍ୟ।

**୧:୯ "ସ୍ୱୀକାର କରୁ"** "କହିବାକୁ" ଓ "ସମାନ" ଠାରୁ ଏହା ଏକ ଯୌଗିକ ଗ୍ରୀକ୍ ପଦ ଅଟେ । ବିଶ୍ୱାସୀମାନେ ଈଶ୍ୱରଙ୍କ ସହ ସ୍ଥାୟୀ ଭାବେ ସମ୍ମତ ଯେ ସେମାନେ ତାହାଙ୍କ ପବିତ୍ରତାକୁ ଲଂଘନ କରିଛନ୍ତି (ସିଏଫ ରୋମି ୩:୩୨) । ଏହା ହେଉଛି ବର୍ତ୍ତମାନ କାଳ, ଯାହା କ୍ରମାଗତ କାର୍ଯ୍ୟକୁ ସୂଚିତ କରେ । ସ୍ୱୀକାରୋକ୍ତି ସୂଚାଏ

୧. ପାପଗୁଡ଼ିକର ଏକ ସ୍ୱତନ୍ତ୍ର ନାମ (ପ.୯)

୨. ପାପଗୁଡ଼ିକର ଏକ ସର୍ବସାଧାରଣରେ ସ୍ୱୀକାରୋକ୍ତି (ସିଏଫ ମାଥି ୧୦:୩୨; ଯାକୁବ ୫:୧୬)

୩. ସ୍ୱତନ୍ତ୍ର ପାପଗୁଡ଼ିକଠାରୁ ବିମୁଖ ହେବାକୁ (ସି.ଏଫ ମାଥି ୩:୬; ମାର୍କ ୧:୫; ପ୍ରେରିତ ୧୯:୧୮; ଯାକୁବ ୫:୧୬)

ପ୍ରଥମ ଯୋହନ ଏହି ପଦକୁ କେତେକ ପରିମାଣରେ ବାର ବାର ବ୍ୟବହାର କରନ୍ତି (ସିଏଫ ୧:୯; ୪:୨,୩,୧୫; ଦ୍ୱି. ଯୋହନ ୭) । ଯୀଶୁଙ୍କ ମୃତ୍ୟୁଭୋଗ କରିବାର ଅର୍ଥ ହେଉଛି କ୍ଷମା, କିନ୍ତୁ ରକ୍ଷାପ୍ରାପ୍ତ ହେବାକୁ ପାପପୂର୍ଣ୍ଣ ମାନବଜାତି ଉତ୍ତର ଦେବା ଓ ବିଶ୍ୱାସରେ କ୍ରମାଗତ ଉତ୍ତର ଦେବା ଆବଶ୍ୟକ (ସିଏଫ ଯୋହନ ୧;୧୨; ୩:୧୬)। ବିଶେଷ ଶୀର୍ଷ ଦେଖନ୍ତୁ ; ସ୍ୱୀକାର ଯୋହନ ୯:୨୨-୨୩ରେ ।

■ **"ଆମ୍ଭମାନଙ୍କର ସମସ୍ତ ପାପ"** ବହୁବଚନକୁ ଲକ୍ଷ୍ୟ କରନ୍ତୁ । ଏହା ପାପର ସ୍ୱତନ୍ତ୍ର କାର୍ଯ୍ୟଗୁଡ଼ିକୁ ଦର୍ଶାଏ ।

■ **"ସେ ବିଶ୍ୱସ୍ତ ଅଟନ୍ତି"** ଏହା ପିତା ଈଶ୍ୱରଙ୍କୁ ଦର୍ଶାଏ (ସିଏଫ ଦ୍ୱି. ବିବ. ୭:୯; ୩୨:୪; ଗୀତ ୩୬:୫; ୪୦:୧୦; ୮୯:୧,୨,୫,୮; ୯୨:୨; ୧୧୯:୯୦; ଯିଶା ୪୯:୭; ରୋମି ୩:୩; ପ୍ରଥିମ କର ୧:୯; ୧୦:୧୩; ଦ୍ୱି.କର ୧:୧୮; ପ୍ର.ଥେସ ୫:୨୪; ଦ୍ୱି.ତିମ ୨:୧୩) । ପିତା ଈଶ୍ୱରଙ୍କର ଅପରିବର୍ତ୍ତନୀୟ, ଦୟାପୂର୍ଣ୍ଣ, ବିଶ୍ୱସ୍ତ ଚରିତ୍ର ହେଉଛି ଆମ୍ଭମାନଙ୍କର ସୁନିଶ୍ଚିତ ପ୍ରତ୍ୟାଶା। ଏହି ବାକ୍ୟାଂଶ ଈଶ୍ୱରଙ୍କ ବାକ୍ୟ ପ୍ରତି ତାହାଙ୍କ ବିଶ୍ୱସ୍ତତାକୁ ସୁସ୍ପଷ୍ଟ କରେ (ସି.ଏଫ ଏବ୍ରୀ ୧୦:୨୩; ୧୧:୧୧)। ଏହା ଯିରି ୩୧:୩୪ରେ କରିଥିବା ଈଶ୍ୱରଙ୍କ ନୂତନ ଚୁକ୍ତିବଦ୍ଧ ପ୍ରତିଜ୍ଞାକୁ ମଧ୍ୟ ଦର୍ଶାଇ ପାରେ । ଯାହା ସମସ୍ତ ପାପରୁ କ୍ଷମା ପ୍ରତିଜ୍ଞା କଲା।

■ **"ନ୍ୟାୟବାନ"** ଏକ ପବିତ୍ର ଈଶ୍ୱର ଅପବିତ୍ର ଲୋକମାନଙ୍କୁ ମୁକ୍ତ ଭାବେ କ୍ଷମା  କରୁଥିବା ସହ ସମ୍ପର୍କିତ ଏକ ପରିପ୍ରେକ୍ଷୀରେ ଏହି ପଦ ଉଲ୍ଲେଖଯୋଗ୍ୟ ଅଟେ। ଯେମିତି ହେଉ, ଧର୍ମତତ୍ତ୍ୱ ଅନୁସାରେ ଏହା ନିର୍ଭୁଲ ଅଟେ କାରଣ ଆମ୍ଭମାନଙ୍କର ପାପ ସବୁ ଆନ୍ତରିକ ଭାବରେ ଅଗ୍ରହଣ କରନ୍ତି, ତଥାପି ଖ୍ରୀଷ୍ଟଙ୍କ ପ୍ରତିସ୍ଥାପନକାରୀ ମୃତ୍ୟୁଭୋଗରେ ସେ ଆମ୍ଭମାନଙ୍କୁ କ୍ଷମାର ଉପାୟ ଯୋଗାଇଛନ୍ତି (ସିଏଫ ରୋମି ୩:୨୧-୩୧)। ବିଶେଷ ଶୀର୍ଷ ୨;୨୯ରେ ଦେଖନ୍ତୁ।

■ **"କ୍ଷମା... ପରିଷ୍କାର କରିବାକୁ"** ଏଗୁଡ଼ିକ ଉଭୟ ହେଉଛନ୍ତି ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ । ଏହି ପ୍ରସଙ୍ଗରେ ଏହି ଦୁଇଟି ପଦଗୁଡ଼ିକ ଏକାର୍ଥବୋଧକ ଅଟନ୍ତି; ସେମାନେ ହଜିଥିବା ଲୋକର ପରିତ୍ରାଣ ଓ ଈଶ୍ୱରଙ୍କ ସହ ସହଭାଗିତା ପାଇଁ କ୍ରମାଗତ ଭାବେ ପରିଷ୍କାର ହେବା ଆବଶ୍ୟକତା ଉଭୟକୁ ଦର୍ଶାନ୍ତି (ସିଏଫ ଯିଶା ୧;୧୮; ୩୮:୧୭; ୪୩:୨୫; ୪୪:୨୨; ଗୀତ ୧୦୩:୩, ୧୧-୧୩; ମିଖା ୭:୧୯) । ମିଥ୍ୟା ଶିକ୍ଷକମାନେ ଯେଉଁମାନେ ସୁସମାଚାର ଅଗ୍ରାହ୍ୟ କଲେ ପରିତ୍ରାଣ ଆବଶ୍ୟକ କରୁଥିଲେ । ଯେଉଁ ବିଶ୍ୱାସୀମାନେ ପାପର କାର୍ଯ୍ୟ ଗୁଡ଼ିକୁ କ୍ରମାଗତ କରନ୍ତି ସେମାନେ ସହଭାଗିତାର ପୁନଃସ୍ଥାପନ ଆବଶ୍ୟକ କରନ୍ତି । ଯୋହନ ପ୍ରଥମ ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଭାବେ ଓ ଦ୍ୱିତୀୟ ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ ଭାବେ ସମ୍ବୋଧନ କରୁଥିବା ପରି ମନେ ହୁଏ ।

**୧:୧୦ "ଯଦି ଆମ୍ଭେମାନେ କହୁ"** ୧:୬ରେ ଲେଖା ଦେଖନ୍ତୁ

. "ଆମ୍ଭେମାନେ ପାପ କରିନାହୁଁ" ଏହା ଏକ ସମ୍ପନ୍ନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ଯାହା ଦର୍ଶାଉଛି ଯେ ଜଣେ ଅତୀତରେ କିଅବା ବର୍ତ୍ତମାନରେ କେବେ ମଧ୍ୟ ପାପ କରି ନାହିଁ । ପଦ "ପାପ କରିବା" ଏକ ବଚନ ଅଟେ ଓ ସାଧାରଣରେ ପାପକୁ ଦର୍ଶାଉଛି । ଗ୍ରୀକ୍ ପଦର ଅର୍ଥ ହେଉଛି "ମାନ ରଖିବାକୁ ବିଫଳ ହେବା"। ଏହା ଅର୍ଥ କରେ ଯେ ପାପ ହେଉଛି ଈଶ୍ୱରଙ୍କ ବାକ୍ୟରେ ପ୍ରକାଶିତ ବିଷୟଗୁଡ଼ିକ ଉଭୟ କାର୍ଯ୍ୟ ଭାର ଅର୍ପଣ କରିବା ଓ କାଢ଼ି ବାହାର କରିଦେବା। ମିଥ୍ୟା ଶିକ୍ଷକମାନେ ଦାବି କଲେ ଯେ ପରିତ୍ରାଣ କେବଳ ଜ୍ଞାନ ସହ ସମ୍ପର୍କିତ ଜୀବନ ସହ ନୁହେଁ।

■ **"ଆମ୍ଭେମାନେ ତାହାଙ୍କୁ ମିଥ୍ୟାବାଦୀ କରୁ"** ସମସ୍ତ ମାନବଜାତିର ପାପପୂର୍ଣ୍ଣତା ଉପରେ ସୁସମାଚାର ଆଧାରିତ ଅଟେ (ସିଏଫ ରୋମୀ ୩:୯-୧୮,୨୩; ୫:୧, ୧୧:୩୨) । ଈଶ୍ୱରଙ୍କୁ ଛାଡ଼ି (ସି.ଏଫ୍. ରୋମୀ ୩:୪) ଯେଉଁମାନେ ପାପଶୂନ୍ୟତା ଦାବି କରନ୍ତି, ମିଥ୍ୟା କହନ୍ତି।

■ **"ତାହାଙ୍କ ବାକ୍ୟ ଆମ୍ଭମାନଙ୍କଠାରେ ନାହିଁ"** ଏହା ପଦ ଲୋଗସ୍‌ର ଯୁଗ୍ମ ରୂପକୁ ସମ୍ପୃକ୍ତ କରେ, ଏକ ସମ୍ବାଦ  ଓ ଏକ ବ୍ୟକ୍ତି ଉଭୟ ଭାବେ (ସି.ଏଫ ୧:୧,୮; ଯୋହନ ୧୪:୬) । ଅନେକ ସମୟରେ ଯୋହନ ଏହାକୁ "ସତ୍ୟ" ଭାବେ ଦର୍ଶାନ୍ତି ।

୨:୧ "ମୋହର ଛୋଟ ବତ୍ସମାନେ" ପ୍ରଥମ ଯୋହନରେ "ପିଲାମାନଙ୍କ" ନିମନ୍ତେ ଯୋହନ ଦୁଇଟି ଭିନ୍ନ ସ୍ନେହସୂଚକ ପଦଗୁଡ଼ିକ ବ୍ୟବହାର କରନ୍ତି ।

୧. ଟେକ୍‌ନିଅନ୍ (ସିଏଫ ୨:୧, ୧୨,୨୮; ୩:୭,୧୮; ୪:୪; ୫:୨୧; ଯୋହନ ୧୩:୧୩)

୨. ପାଇଡ଼ିଅନ୍ (ସିଏଫ ୨:୧୪, ୧୮)

ସେମାନେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଅନିଚ୍ଛାକୃତ ପ୍ରଭେଦଗୁଡ଼ିକ ସହ ଏକାର୍ଥବୋଧକ ଅଟନ୍ତି । ଏହି ସବୁ ସ୍ନେହ ପ୍ରଦର୍ଶକ ପଦଗୁଡ଼ିକ ସମ୍ଭବତଃ ଲେଖିବା ସମୟରେ ଯୋହନଙ୍କର ଆଗୁଆ ବୟସଠାରୁ ଆସିଛି ।

ଯୋହନ ୧୩:୩୩ରେ ଶିଷ୍ୟମାନଙ୍କୁ ଦର୍ଶାଇବାକୁ ଯୀଶୁ "ପିଲାମାନେ" ପଦ ବ୍ୟବହୃତ କରିଛନ୍ତି ।

■ **"ମୁଁ ଏହି ସମସ୍ତ ବିଷୟ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି ଯେପରି ତୁମ୍ଭେମାନେ ଯେପରି ପାପ ନ କର"** ଏହା ଏକ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ । ବର୍ତ୍ତମାନ କାଳ ମଧ୍ୟରେ ଯୋହନ ନିର୍ଦ୍ଦିଷ୍ଟ ପ୍ରଭେଦ ତିଆରି କରୁଛନ୍ତି, ପାପ କରିବାର ଏକ କ୍ରମାନ୍ୱୟ ଅଭ୍ୟାସଗତ ଜୀବନ ଧାରା (ସି.ଏଫ ୩:୬,୯) ଓ ଜୀବନ ନିମନ୍ତେ କଷ୍ଟ ଭୋଗୁଥିବା ଓ ପ୍ରଲୋଭିତ ହେଉଥିବା ଖ୍ରୀଷ୍ଟିୟାନମାନଙ୍କ ଦ୍ୱାରା କରାଯାଉଥିବା ପାପର ବ୍ୟକ୍ତିଗତ କାର୍ଯ୍ୟଗୁଡ଼ିକ ଦୁଇଟି ପ୍ରାନ୍ତଗୁଡ଼ିକରେ ମଧ୍ୟରେ ସନ୍ତୁଳନ ଆଣିବାକୁ ସେ ଚେଷ୍ଟା କରୁଛନ୍ତି ।

୧. ପାପକୁ ଅତି ସାମାନ୍ୟ ଭାବେ ନେବା (ସି.ଏଫ ରେମୀ ୬:୧ ପ୍ର. ଯେହନ ୧:୮-୧୦; ୩;୬-୯; ୫:୧୬)

୨. ବ୍ୟକ୍ତିଗତ ପାପ ଉପରେ ଖ୍ରୀଷ୍ଟିୟାନ କଠୋରତା ଓ ଭଙ୍ଗ ପ୍ରବଣତା

ଏହି ଦୁଇଟି ପ୍ରାନ୍ତଗୁଡ଼ିକ ସମ୍ଭବତ। ନୋଷ୍ଟିକ୍ ଶିକ୍ଷାଗୁଡ଼ିକର ଦୁଇ ଭିନ୍ନ ବିଦ୍ୟାଳୟଗୁଡ଼ିକୁ ପ୍ରତିଫଳନ କରେ । ଗୋଟିଏ ଗୋଷ୍ଠୀ ଅନୁଭବ କଲା ଯେ ପରିତ୍ରାଣ ଏକ ବୁଦ୍ଧି ସମ୍ପନ୍ନ ବିଷୟବସ୍ତୁ : ଜଣେ କିପରି ବଞ୍ଚିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ନ ଥିଲା କାରଣ ଶରୀର ମନ୍ଦ ଥିଲା । ନୋଷ୍ଟିକ୍‌ର ଅନ୍ୟ ଗୋଷ୍ଠୀ ମଧ୍ୟ ଶରୀର ମନ୍ଦ ଥିଲା ବୋଲି ବିଶ୍ୱାସ କଲେ ଓ ସେଥି ସକାସେ ଏହାର ଅଭିଳାଷଗୁଡ଼ିକରେ ସୀମିତ ହେବାକୁ ଥିଲା ।

■ **"ଆଉ ଯଦି କେହି ପାପ କରେ"** ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଯାହା ଅନ୍ତର୍ନିହିତ ଶକ୍ତିର କାର୍ଯ୍ୟ ବିଷୟ କହୁଛି । ଏପରି ଯେ ଖ୍ରୀଷ୍ଟିୟାନମାନେ ମଧ୍ୟ ପାପ କରନ୍ତି (ସି.ଏଫ୍ ରୋମୀୟ ୭)

"ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି" ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ ଯାହା ଆମ୍ଭମାନଙ୍କର ବର୍ଗୀୟ ସପକ୍ଷବାଦୀ (ପାରକ୍ଲିଟସ୍) ଭାବେ ଯୀଶୁଙ୍କର କ୍ରମାଗତ ମଧ୍ୟସ୍ଥତାକୁ ଦର୍ଶାଏ । ଏହା ଜଣେ ପ୍ରତିରକ୍ଷାକାରୀ ଓକିଲ ନିମନ୍ତେ ଏକ ଆଇନ ସଙ୍ଗତ ପଦ କିମ୍ବା "ସାହାଯ୍ୟ ନିମନ୍ତେ ପକ୍ଷରେ ଡକାଯାଇଥିବା ବ୍ୟକ୍ତି' (ପାରା ଠାରୁ ପାଖରେ ଓକାଲିଓ ଡାକିବାକୁ) । ଯୋହନଙ୍କ ସୁସମାଚାରରେ ଉପର କୋଠରୀ ଆଳାପରେ, ପବିତ୍ର ଆତ୍ମା, ଆମ୍ଭମାନଙ୍କର ଜାଗତିକ, ସ୍ଥାୟୀ ଭାବେ ଉପସ୍ଥିତ ସପକ୍ଷବାଦୀ ନିମନ୍ତେ ଏହା ବ୍ୟବହୃତ ହୋଇଛି (ସିଏଫ ଯୋହନ ୧୪:୧୬, ୨୫, ୧୫:୨୬, ୧୬:୭) ।

ଯେମିତି ହେଉ, ଯୀଶୁଙ୍କ ନିମନ୍ତେ ଏହା ହେଉଛି ପଦର ଏକମାତ୍ର ବ୍ୟବହାର (ଯଦିଓ ଯୋହନ ୧୪:୧୬; ରୋମୀ ୮:୩୪; ଏବ୍ରୀ ୪:୧୪-୧୬; ୭:୨୫; ୯:୨୪ ରେ ଏହା ସୂଚିତ ହୋଇଛି । ରୋମୀ ୮:୩୪ରେ ପାଉଲ ଏହି ସମାନ ଚିନ୍ତାଧାରାକୁ ଖ୍ରୀଷ୍ଟଙ୍କର ମଧ୍ୟସ୍ଥି କାର୍ଯ୍ୟ ନିମନ୍ତ ବ୍ୟବହୃତ କରିଛନ୍ତି । ଆମ୍ଭମାନଙ୍କର ସ୍ୱର୍ଗରେ (ଯୀଶୁ) ଏକ ଓ ଆମ୍ଭମାନଙ୍କ ସହିତରେ (ପବିତ୍ର ଆତ୍ମା) ଏକ ସପକ୍ଷବାଦୀ ଅଛନ୍ତି, ଯେଉଁ ଉଭୟଙ୍କୁ ପ୍ରେମିକ ପିତା ତାହାଙ୍କ ବଦଳରେ ପ୍ରେରଣ କଲେ ।

■ **"ଧାର୍ମିକ ଯୀଶୁଖ୍ରୀଷ୍ଟ"** ୧:୯ରେ ଏହି ଚରିତ୍ର ଚିତ୍ରଣ ପିତା ଈଶ୍ୱରଙ୍କ ପାଇଁ ବ୍ୟବହୃତ ହୋଇଛି । ଯୀଶୁଙ୍କ ଈଶ୍ୱରତ୍ୱ ସତ୍ୟ ଭାବେ ଘୋଷଣା କରିବାକୁ ନୂତନ ନିୟମର ଲେଖକମାନେ କେତେକ ସାହିତ୍ୟିକ କୌଶଳଗୁଡ଼ିକ ବ୍ୟବହାର କରନ୍ତି ।

୧. ଈଶ୍ୱରଙ୍କ ପାଇଁ ବ୍ୟବହୃତ ଆଖ୍ୟାଗୁଡ଼ିକ ଯୀଶୁଙ୍କ ନିମନ୍ତେ ବ୍ୟବହାର କରିବା

୨. ଯୀଶୁଙ୍କ ଦ୍ୱାରା କରାଯାଇଥିବା ଈଶ୍ୱରଙ୍କ କାର୍ଯ୍ୟସମୂହ ଘୋଷଣା କରିବା

୩. ବ୍ୟାକରଣ ନିୟମ ଅନୁସାରେ ଉଭୟଙ୍କୁ ଦର୍ଶାଉଥିବା ସମାନ୍ତର ବାକ୍ୟାଂଶଗୁଡ଼ିକ ବ୍ୟବହାର କରିବା (କ୍ରିୟାପଦଗୁଡ଼ିକର କର୍ମ ଓ ଅବ୍ୟୟ ପଦଗୁଡ଼ିକ)

ଏହା ଖ୍ରୀଷ୍ଟଙ୍କର ପାପଶୂନ୍ୟତା (ପବିତ୍ରତା, ଈଶ୍ୱର ସାଦୃଶ୍ୟ) ବିଷୟ ବ୍ୟକ୍ତ କରେ (ସିଏଫ ୩:୫; ଦ୍ୱି. କର ୫:୨୧; ଏବ୍ରୀ ୨:୧୮; ୪:୧୫; ୭:୨୬; ପ୍ର. ପିତ. ୨:୨୨) । ଲୋକମାନଙ୍କ ନିକଟକୁ "ଧାର୍ମିକତା" ଆଣିବା ନିମନ୍ତେ ସେ ପିତାଙ୍କର ଉପାୟ ଥିଲେ।

**୨: ୨**

| | |
|---|---|
| **ଏନ୍‌ଏଏସ୍‌ବି, ଏନ୍‌କେଜେଭି** | **"ଆମ୍ଭମାନଙ୍କ ପାପ ନିମନ୍ତେ ସେ ନିଜେ ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି"** |
| **ଏନ୍‌ଆରଏସଭି** | **"ଆମ୍ଭମାନଙ୍କ ପାପ ନିମନ୍ତେ ସେ ପ୍ରାୟଶ୍ଚିତ ବଳି ସ୍ୱରୂପ ଅଟନ୍ତି"** |
| **ଟିଇଭି** | **"ଖ୍ରୀଷ୍ଟ ନିଜେ ହେଉଛନ୍ତି ଉପାୟ ଯାହା ଦ୍ୱାରା ଆମ୍ଭମାନଙ୍କର ପାପ କ୍ଷମା ହୋଇଛି ।"** |
| **ଏନ୍.ଜେ.ବି, ଆରଏସଭି** | **"ଆମ୍ଭମାନଙ୍କ ପାପ ପ୍ରାୟଶ୍ଚିତ କରିବାକୁ ସେ ବଳି ସ୍ୱରୂପ ଅଟନ୍ତି ।"** |

ପଦ ହିଲାମସ୍ ସେପ୍‌ଟୁଆଜିଣ୍ଟରେ ଅନୁଗ୍ରହ ସିଂହାସନ ବା ପ୍ରାୟଶ୍ଚିତର ସ୍ଥାନ ବୋଲି କୁହାଯାଉଥିବା ନିୟମ ସିନ୍ଦୁକର ଆବରଣ ନିମନ୍ତେ ବ୍ୟବହୃତ ହୋଇଛି । ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କର ଅପରାଧ ସ୍ଥାନରେ ଯୀଶୁ ନିଜକରୁ ରଖିଲେ (ସି.ଏଫ୍ ୪:୧୦; ରୋମି ୩:୨୫)

ଗ୍ରୀକ୍ ରୋମୀୟ ଜଗତରେ ଏହି ଶବ୍ଦ ମୂଲ୍ୟ ଦିଆଯାଇଥିବା ଉପାୟ ଦ୍ୱାର ଏକ ବିଚ୍ଛେଦ ହୋଇଥିବା ଦେବତ୍ୱ ସହ ସହଭାଗିତାର ପୁନଃ ସ୍ଥାପନର ଧାରଣା ବହନ କଲା, କିନ୍ତୁ ସେପ୍‌ଟୁଆଜିଣ୍ଟରେ ଶବ୍ଦର ଏହି ଅର୍ଥ ନାହିଁ (ମନେ ରଖନ୍ତୁ ଏନ୍‌ଟି ଲେଖକମାନେ (ଲୁକ ବ୍ୟତୀତ) ଏବ୍ରୀ ଭାବୁକ ମାନେ ଥିଲେ, କଇନେ ଗ୍ରୀକ୍‌ରେ ଲେଖୁଥିଲେ) । ଏହା "ଅନୁଗ୍ରହ ସିଂହାସନ" ଅନୁବାଦ କରିବାକୁ ସେପଟୁ ଆଜି ଓ ଏବ୍ରୀ ୯:୫ରେ ବ୍ୟବହୃତ, ଯାହା ପବିତ୍ରମାନଙ୍କୁ ଠାରୁ ପବିତ୍ରରେ ଅବସ୍ଥିତ ଥିବା ନିୟମ ସିନ୍ଦୁକର ଆବରଣ ଥିଲା, ସେହି ସ୍ଥାନ ଯେଉଁଠାରେ ପଶ୍ଚାତାପ ଦିନରେ ଜାତିର ସପକ୍ଷରେ ପ୍ରାୟଶ୍ଚିତ କରାଯାଉଥିଲା (ସିଏଫ ଲେବୀୟ ୧୬)

ଏହି ପଦ ଗୋଟିଏ ମାର୍ଗ ଯାହା ପାପ ପ୍ରତି ଈଶ୍ୱରଙ୍କ ଘୃଣା କମ୍ କରେ ନାହିଁ, କିନ୍ତୁ ପାପୀ ମାନଙ୍କ ପ୍ରତି ତାହାଙ୍କ ସୁନିଶ୍ଚିତ ଉଦ୍ଧାର କରିବା ମନୋଭାବକୁ ସତ୍ୟ ଭାବେ ପ୍ରକାଶ କରେ ତାହା ମଧ୍ୟରେ ବିଚାର କରିବା ଆବଶ୍ୟକ । ଜେମସ ଷ୍ଟ୍ୱୋର୍ଟଙ୍କ ଏ ମ୍ୟାନ୍ ଇନ୍ ଖ୍ରାଇଷ୍ଟ, ପିପି ୨୧୪-୨୨୪ ରେ ଏକ ଉତ୍ତମ ଆଲୋଚନା ପ୍ରାପ୍ତ ହୋଇଛି । ପଦକୁ ଅନୁବାଦ କରିବା ହିଁ ଏହାକୁ ସମ୍ପାଦନ କରିବାର ଗୋଟିଏ ମାର୍ଗ ଯେହେତୁ ଏହା ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ କାର୍ଯ୍ୟ ପ୍ରତିଫଳନ କରେ; "ଏକ ପ୍ରାୟଶ୍ଚିତାର୍ଥକ ବଳି ଉତ୍ସର୍ଗ" କିମ୍ବା "ପ୍ରାୟଶ୍ଚିତାର୍ଥକକ ଶକ୍ତି ସହିତ" ।

ଏହି ଉତ୍ସର୍ଗୀକୃତ ପଦ କିପରି ବୁଝିବାକୁ ହେବ ତାହା ଉପରେ ଆଧୁନିକ ଇଂରାଜୀ ଅନୁବାଦଗୁଡ଼ିକ ଭିନ୍ନ ଅଟନ୍ତି । ପଦ "ଶାନ୍ତିକରଣ" ସୂଚିତ କରେ ଯେ ଯୀଶୁ ଈଶ୍ୱରଙ୍କ କ୍ରୋଧକୁ ଶାନ୍ତ କଲେ (ସିଏଫ ରୋମି ୧:୧୮; ୫:୯; ଏଫି ୫:୬; କଲ ୩:୬) । ମାନବ ଜାତିର ପାପ ଦ୍ୱାରା ଈଶ୍ୱରଙ୍କ ପବିତ୍ରତା ଅପମାନିତ ହୋଇଛି ଏହା ଯୀଶୁଙ୍କର ସେବାକାର୍ଯ୍ୟ ମଧ୍ୟରେ ବ୍ୟବହାର କରିଛି (ସି.ଏଫ ରୋମି ୩:୨୫; ଦ୍ୱି. କର ୫:୨୧; ଏବ୍ରୀ ୨:୧୭) ।

କେତେକ ବିଦ୍ୱାନମାନେ (ଆଇଇସିଏଚ୍ ଡଡ୍) ଅନୁଭବ କରନ୍ତି ଯିହୋବେଙ୍କ ପାଇଁ ଗୋଟିଏ ଭିନ୍ନ ଧର୍ମୀ (ଗ୍ରୀକ୍ ) ଧାରଣା (ଗୋଟିଏ ଦେବତାର କ୍ରୋଧକୁ ଶାନ୍ତ କରିବା) ପ୍ରୟୋଗ କରିବା ଉଚିତ ନୁହେଁ, ସେଥି ସକାଶେ, ସେମାନେ "ପ୍ରାୟଶ୍ଚିତ" ପସନ୍ଦ କଲେ ଯେଉଁଥି ପାଇଁ ଯୀଶୁଙ୍କ ସେବାକାର୍ଯ୍ୟ ଈଶ୍ୱରଙ୍କ ଛାମୁରେ ମନୁଷ୍ୟ ଜାତିର ଅପରାଧ (ସିଏଫ ୧:୨୯; ୩:୧୬) ସହିତ ବ୍ୟବହାର କଲା ଓ ପାପ ବିରୁଦ୍ଧରେ ଈଶ୍ୱରଙ୍କ କ୍ରୋଧ ସହ ନୁହେଁ । ଯାହା ହେଉ, ବାଇବଲ ଅନୁସାରେ ଉଭୟ ସତ୍ୟ ଅଟନ୍ତି)

. "ଆମ୍ଭମାନଙ୍କ ସମସ୍ତ ପାପ; କେବଳ ଆମ୍ଭମାନଙ୍କର ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ" ଏହା ଅପରିମିତ ପ୍ରାୟଶ୍ଚିତର ସାମ୍ରବ୍ୟକୁ ଦର୍ଶାଏ (ସିଏଫ ୪:୧୪; ଯୋହନ ୧:୨୯; ୩:୧୬, ୧୭; ୧୨:୪୭; ରୋମି ୫:୧୮; ପ୍ର. ତିମ ୪:୧୦; ତିତସ ୨:୧୧; ଏବ୍ରୀ ୨:୯; ୭:୨୫) । ଯୀଶୁ ପାପ ଓ ସମଗ୍ର ଜଗତର ସମସ୍ତ ପାପ ପାଇଁ ମୃତ୍ୟୁ ଭୋଗ କଲେ (ସିଏଫ ଆଦି ୩:୧୫) । କେବଳ ଗୋଟିଏ ବିଷୟ ଯାହା ସମଗ୍ର ଜଗତକୁ ଉଦ୍ଧାର ପାଇବା ଠାରୁ ଦମନ କରେ ହେଉଛି ଅବିଶ୍ୱାସ, ମାତ୍ର ପାପ ନୁହେଁ । ଯେମିତି ହେଉ, ମ ମନୁଷ୍ୟମାନେ ଅନୁତାପ, ଆଜ୍ଞାବହ, ବିଶ୍ୱାସ ଓ ଅଧ୍ୟବସାୟ ଦ୍ୱାରା ଉତ୍ତର ଦେବା ଓ କ୍ରମାଗତ ଭାବେ ଉତ୍ତର ଦେବା ଆବଶ୍ୟକ ।

**ପ୍ରଶ୍ନଗୁଡ଼ିକର ଆଲୋଚନା :**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି । ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କ ଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତ ଗମନ କରିବାକୁ ହେବ । ଆପଣ, ବାଇବଲ, ଓ ପବିତ୍ରଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ସମସ୍ତ ପ୍ରଶ୍ନଗୁଡ଼ିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟ ଦେଇ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣମାଙ୍କୁ ପ୍ରଦତ୍ତ ହୋଇଛି । ସେଗୁଡ଼ିକ ଅର୍ଥ ଚିନ୍ତା କରିବାରେ ପ୍ରରୋଚକ ହୋଇପାରେ, ନିଷ୍ପତ୍ତିମୂଳକ ନୁହେଁ ।

୧. ଯୋହନ କାହିଁକି ପାଞ୍ଚୋଟି ଚେତନାଗୁଡ଼ିକ ଜଡ଼ିତ କରି ଅନେକ କ୍ରିୟାପଦଗୁଡ଼ିକ ବ୍ୟବହାର କରନ୍ତି ?

୨. ଭି.ଭି. ୭ ଓ ୯ ରେ ମିଳିଥିବା ଉତ୍ସର୍ଗୀକୃତ ପଦଗୁଡ଼ିକର ତାଲିକା ପ୍ରସ୍ତୁତ କର।

୩. ଯୋହନ ଯେଉଁ ଭ୍ରାନ୍ତ ଶିକ୍ଷକମାନଙ୍କ ବିଶ୍ୱାସଗୁଡ଼ିକୁ ବିରୋଧ କରୁଛନ୍ତି ସେଗୁଡ଼ିକ ବର୍ଣ୍ଣନା କର ।

୪. ପ. ୯ କିପରି ଉଭୟ ନୋଷ୍ଟିକ୍ ଓ ବିଶ୍ୱାସୀମାନଙ୍କୁ ଜଡ଼ିତ କରେ ?

୫. "ଦୋଷ ସ୍ୱୀକାର"କୁ ବର୍ଣ୍ଣନା ଓ ସଂଜ୍ଞା ପ୍ରଦାନ କର ।

# ପ୍ରଥମ ଯୋହନ ୨:୩-୨୭

**ଆଧୁନିକ ଅନୁବାଦଗୁଡ଼ିକର ଅନୁଚ୍ଛେଦ ବିଭାଗଗୁଡ଼ିକ**

| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆର୍‌ଏସ୍‌ଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଖ୍ରୀଷ୍ଟ ଆମ୍ଭମାନଙ୍କର ସପକ୍ଷବାଦୀ | ତାହାଙ୍କ ସହିତ ସହଭାଗୀତାର ଆଧାର (୧:୫- ୨:୨) | ଆଜ୍ଞାବହ | ଖ୍ରୀଷ୍ଟ ଆମ୍ଭମାନଙ୍କର ସାହାଯ୍ୟକାରୀ | ଜ୍ୟୋତିରେ ଆଚରଣ କରିବାକୁ (୧:୫-୨:୨୮) ପ୍ରଥମ ସର୍ତ୍ତ : ପାପ ସହ ଖଣ୍ଡନ (୧:୮-୨:୩) |
| ୨:୧-୬ | ତାହାଙ୍କୁ ଜାଣିବାର ପରୀକ୍ଷା | ୨:୧-୨ | ୨:୧-୨ | ଦ୍ୱିତୀୟ ସର୍ତ୍ତ : ଆଜ୍ଞାଗୁଡ଼ିକ ପାଳନ କରିବା; ତନ୍ତ୍ର ଭାବେ ପ୍ରେମ |
| ନୂତନ ଆଜ୍ଞା | ୨:୩-୧୧ | ୨:୩-୬ ପରସ୍ପର ପ୍ରତି ପ୍ରେମ | ୨:୩-୬ ନୂତନ ଆଜ୍ଞା | ୨:୩-୧୧ |
| ୨:୭-୧୪ | | ୨:୭-୧୧ | ୨:୭-୮ | |
| | ସେମାନଙ୍କର ଆଧ୍ୟାତ୍ମିକ ପରିସ୍ଥିତି | ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସହିତ ସତ୍ୟ ସମ୍ପର୍କ | ୨:୯-୧୧ | ତୃତୀୟ ସର୍ତ୍ତ : ଜଗତଠାରୁ ବିଚ୍ଛିନ୍ନତା |
| | ୨:୧୨-୧୪ | ୨:୧୨-୧୪ | ୨:୧୨-୧୩ | ୨:୧୨-୧୭ |
| | ଜଗତକୁ ପ୍ରେମ କର ନାହିଁ | ଜଗତର ସତ୍ୟ ନିରୂପଣ | ୨:୧୨-୧୩ | ୨:୧୨-୧୭ |
| ୨:୧୫-୧୭ ଖ୍ରୀଷ୍ଟ ବିରୋଧୀ | ୨:୧୫-୧୭ ଶେଷ ସମୟର | ୨:୧୫-୧୭ ସତ୍ୟ ବିଶ୍ୱାସ ସହ | ଖ୍ରୀଷ୍ଟଙ୍କର ଶତ୍ରୁ ଖ୍ରୀଷ୍ଟଙ୍କର ଶତ୍ରୁ | ଚତୁର୍ଥ ସର୍ତ୍ତ : ଖ୍ରୀଷ୍ଟ ବିରୋଧୀ ବିରୋଧୀମାନଙ୍କ ବିରୁଦ୍ଧରେ ସାବଧାନ ହେବା |
| ୨:୧୮-୨୫ | ୨:୧୮-୨୩ | ୨:୧୮-୨୫ | ୨:୧୮-୧୯ ୨:୨୦-୨୧ ୨:୨୨-୨୩ | ୨:୧୮-୨୮ |
| | ସତ୍ୟ ତୁମ୍ଭମାନଙ୍କୁ ଆବୋରି ରଖୁ ୨:୨୪-୨୭ | | ୨:୨୪-୨୫ | |
| ୨:୧୬-୨୭ | ୨:୨୬-୨୭ | | | ୨:୨୬-୨୭ |

## ପଠନ ଚକ୍ର ତିନି

ଅନୁଚ୍ଛେଦ ସ୍ତରର ପ୍ରକୃତ ଲୋକଙ୍କ ଅଭିପ୍ରାୟ ଅନୁସରଣ

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ୍ ଅଟନ୍ତି ।

ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭ ସମସ୍ତଙ୍କୁ ଗମନ କରିବାକୁ ହେବ । ଆପଣ ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ତ୍ୱର୍ଣ୍ଣ ଅଟନ୍ତି। ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ି ଦେବା ଉଚିତ ନୁହେଁ ।

ନିରବଚ୍ଛିନ୍ନ ଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକ ପାଞ୍ଚଟି ଆଧୁନିକ ଅନୁବାଦଗୁଡ଼ିକ ସହ ତୁଳନା କରନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣାଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ଜର୍ତମା କରିବାର ମନୋଭବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦର ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ

୨. ଦ୍ୱିତୀୟ ଅନୁଚ୍ଛେଦ

୩. ତୃତୀୟ ଅନୁଚ୍ଛେଦ

୪. ଇତ୍ୟାଦି

୨:୩-୨୭ କୁ ପୂର୍ବାପର ଅର୍ନ୍ତଦୃଷ୍ଟି

କ. ପ୍ରଥମ ଯୋହନକୁ ସଂକ୍ଷିପ୍ତ ବିବରଣୀ କରିବା ଅତି କଷ୍ଟକର ଅଟେ କାରଣ ହେଉଛି ଏହାର ପୌନପୁନିଃକ ବିଷୟବସ୍ତୁ । ଯେମିତି ହେଉ, ଅଧିକତମ ଟୀକାକାରମାନେ ସମ୍ମତ ଯେ ୨ ଅଧ୍ୟାୟ ୧ ଅଧ୍ୟାୟର ବିଷୟବସ୍ତୁଗୁଡ଼ିକ କ୍ରମଗତ କରେ, ଯେଉଁଗୁଡ଼ିକ ଈଶ୍ୱରଙ୍କ ସହିତି ସହଭାଗିତାର ଉଭୟ ଅସ୍ତିବାଚକ ଓ ନାସ୍ତିବାଚକ ବୈଶିଷ୍ଟ୍ୟ ଅଟନ୍ତି ।

ଖ. ଅଧ୍ୟାୟ ୧ ଓ ୨ ମଧ୍ୟରେ ସେଠାରେ ଏକ ଗଠନ ସମ୍ବନ୍ଧୀୟ ସମାନ୍ତର ରହିଛି । ଯୋହନ ନୋଷ୍ଟିକ୍‌ମାନଙ୍କର ମିଥ୍ୟା ଘୋଷଣାଗୁଡ଼ିକ ସହ ତୁଳନାତ୍ମକ ସମ୍ବାଦ ଉପସ୍ଥାପନ କରନ୍ତି ।

| ଅଧ୍ୟାୟ - ୧ | ଅଧ୍ୟାୟ - ୨ |
|---|---|
| ୧. ଯଦି ଆମ୍ଭେମାନେ କହୁ (ଭିଭି. ୬-୭) | ୧. ଯେ କହେ (ଭିଭି ୪-୫) |
| ୨. ଯଦି ଆମ୍ଭେମାନେ କହୁ (ଭିଭି ୮-୯ | ୨. ଯେ କହେ (ଭି. ୬) |
| ୩. ଯଦି ଆମ୍ଭେମାନେ କହୁ (ଭି. ୧୦) | ୩. ଯେ କହେ (ଭିଭି. ୮-୧୧) |

ଗ. ଏହି ପ୍ରସଙ୍ଗ କେତେକ ପରୀକ୍ଷା ଓ ପ୍ରମାଣଗୁଡ଼ିକର ତାଲିକା କରେ ଯାହା ଜଣେ ସତ୍ୟ ବିଶ୍ୱାସୀ ହେବା ପ୍ରକାଶ କରେ (୨;୩-୨୫)

୧. ପାପ ସ୍ୱୀକାର କରିବାର ଇଚ୍ଛା ଶକ୍ତି (ପ୍ରାରମ୍ଭିକ ଭାବେ ଓ କ୍ରମାଗତ ଭାବେ (୧:୫; ୨;୨୨)
୨. ଆଜ୍ଞା ପାଳନ କରିବାର ଜୀବନ ଧାରା (୨:୩-୬)
୩. ପ୍ରେମ କରିବାର ଜୀବନଧାରା (୨:୭-୧୧)
୪. ମନ୍ଦ ଉପରେ ବିଜୟ ଲାଭ କରିବା (୨:୧୨-୧୪)
୫. ଜଗତକୁ ପ୍ରତ୍ୟାହାର କରିବା (୨:୧୫-୧୭)
୬ ଅଧ୍ୟବସାୟ (୨:୧୯)
୭. ସଠିକ୍ ଧର୍ମନୀତି (୨;୨୦-୨୪; ୪:୧-୩)

ଘ. ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସ୍ୱତନ୍ତ୍ର ଧାରଣା ସମୂହ (୨:୧୮-୧୯)

୧. "ଶେଷ ସମୟ" (ଭି. ୧୮)

କ. ଏହି ବାକ୍ୟାଂଶ ଓ ସମାନ ବାକ୍ୟଂଶଗୁଡ଼ିକ, ଯେପରି "ଶେଷ ଦିନଗୁଡ଼ିକ" ବେଥଲିହିମରେ ଯୀଶୁଙ୍କର ଜନ୍ମ ସମୟ କାଳଠାରୁ ତାହାଙ୍କ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ଦର୍ଶାଏ । ରାଜ୍ୟ ଆସିଚି, କିନ୍ତୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ସମାପନ ହୋଇ ନାହିଁ ।

ଖ. ବାଇବଲ ମଧ୍ୟବର୍ତ୍ତୀ ସମୟ କାଳୀନ ଇସ୍ରାୟେଲର ଲୋକମାନେ ଦୁଇ ଯୁଗରେ ବିଶ୍ୱାସ କରିବା ଆରମ୍ଭ କଲେ, ସାମ୍ପ୍ରତିକ ମନ୍ଦ ଯୁଗ ଓ ଆତ୍ମାଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାର୍ମିକତାର ଯୁଗ, ଯାହା ସେ ପର୍ଯ୍ୟନ୍ତ ଭବିଷ୍ୟତ ଥିଲା । ଯାହା ପୁରାତନ ନିୟମ ସ୍ପଷ୍ଟ ଭାବେ ପ୍ରକାଶ କଲା ନାହିଁ ତାହା ଥିଲା ମସିହଙ୍କର ଦୁଇଟି ଆମନ, ପ୍ରଥମ ତ୍ରାଣକର୍ତ୍ତା ଭାବେ ଓ ଦ୍ୱିତୀୟ ସମାପନକାରୀ ଭାବେ । ଏହି ଦୁଇ ଯୁଗଗୁଡ଼ିକ ଆଂଶିକ ଭାବେ ଆବୃତ । ବିଶେଷ ଶୀର୍ଷ ୨:୧୭ରେ ଦେଖନ୍ତୁ ।

ଗ. ଏହା ହେଉଛି ପଦ "ସମୟ" (କାଇରସ୍)ର ଉପମା ସମ୍ବନ୍ଧୀୟ ବ୍ୟବହାର ସମୟର ଏକ ଅନିର୍ଦ୍ଦିଷ୍ଟ ହୋଇଥିବା କାଳ ଭାବେ (ସି.ଏଫ୍ ଯୋହନ ୪:୨୧, ୨୩; ୫:୨୫, ୨୮; ୧୬:୨)

୨. "ଖ୍ରୀଷ୍ଟ ବିରୋଧୀ" (ଭି. ୧୮)

କ. ପଦ "ଖ୍ରୀଷ୍ଟବିରୋଧୀ" କେବଳ ଯୋହନ ବ୍ୟବହାର କରନ୍ତି (ସି.ଏଫ୍ ୨:୧୮, ୨୨; ୪:୩; ଦ୍ୱି. ଯୋହନ ୭) । ଲକ୍ଷ୍ୟ କରନ୍ତୁ ୨:୧୮ରେ ଏହାଉଭୟ ବହୁବଚନ ଓ ଏକବଚନ ଅଟେ (ସିଏଫ ଦ୍ୱି ଯୋହନ ୭)

୧. ଅନ୍ୟ ବାଇବଲ ସମ୍ବନ୍ଧୀୟ ଲେଖକମାନଙ୍କର ସମାନ ଶେଷ ସମୟ ବ୍ୟକ୍ତି ବିଷୟରେ ସେଠାରେ ତଥ୍ୟ ନିର୍ଦ୍ଦୋଗୁଡ଼ିକ ରହିଛି ।

କ. ଦାନିୟେଲ - "ଚତୁର୍ଥ ପଶୁ" (ସି.ଏଫ ୭: ୭-୮, ୨୩-୨୬; ୯:୨୪-୨୭)

ଖ. ଯୀଶୁ - "ଜନ ଶୂନ୍ୟତାର ଅଶ୍ରଦ୍ଧା" (ସଏଫ ମାର୍କ ୧୩; ମାଥି ୨୪

ଗ. ଯୋହନ - "ସମୁଦ୍ରରୁ ଉଠି ଆସୁଥିବା ପଶୁ" (ସିଏଫ ପ୍ରକା ୧୩)

ଘ. ପାଉଲ - "ପାପୀ ମନୁଷ୍ୟ" (ସି.ଏଫ୍. ଦ୍ୱି. ଥେସ ୨)

୨. ଜଗତରେ ସବୁ ସମୟରେ ଉପସ୍ଥିତ ଥିବା ପୁନରାବୃତ୍ତିକ ଆତ୍ମା କିମ୍ବା ମନୋଭାବ ଓ ଭବିଷ୍ୟତ ସମ୍ବନ୍ଧୀୟ ବ୍ୟକ୍ତି ମଧ୍ୟରେ ଯୋହନ ମଧ୍ୟ ଏକ ପ୍ରଭେଦ ଗଠନ କରନ୍ତି (ସି ଏଫ :୧୮; ୪:୩; ଦ୍ୱି. ଯୋହନ ୭; ମାର୍କ ୧୩:୬,୨୨; ମାଥି ୨୪:୫,୨୪)

୩. ଅବ୍ୟୟ ପଦ "ବିରୋଧୀ" ଗ୍ରୀକ୍‌ରେ (୧) ବିରୁଦ୍ଧରେ ଅବା (୨) ବଦଳରେ କୁ ଅର୍ଥ କରିପାରେ। ଏହା ଯେପରି ପ. ୧୮ରେ ଏକବଚନ ଓ ବହୁବଚନ ଉଭୟ ଭାବେ ବ୍ୟବହାର ହୋଇଛି ସେପରି ଅର୍ଥବୋଧକ ଅଟେ । ଇତିହାସ ସେଗୁଡ଼ିକ ସହ ପରିପୂର୍ଣ୍ଣ ଯେଉଁମାନେ ଈଶ୍ୱର ଓ ତାହାଙ୍କ ଖ୍ରୀଷ୍ଟଙ୍କୁ ପ୍ରତିରୋଧ କରିଛନ୍ତି । (୧ ବ୍ୟବହାର)

କ) ଆଣ୍ଟିଓଖସ୍ ଚତୁର୍ଥର ଆବିର୍ଭାବ ହେବା (ଦାନିୟେଲ ୮ର କ୍ଷୁଦ୍ରାକାର ଶୃଙ୍ଗ ୧୧:୩୬-୪୫)

ଖ) ନେର ଓ ଡମିସିଆନ୍ (ଦେବତ୍ୱ ଦାବି କଲେ କିନ୍ତୁ ମସିହତ୍ୱ ନୁହେଁ)

ଗ) ସାମ୍ୟବାଦ ନାସ୍ତିକତା

ଘ) ଧର୍ମ ନିରପେକ୍ଷ ମାନିକ ମତବାଦ

କିନ୍ତୁ ଏହା ଯେଉଁମାନେ ଖ୍ରୀଷ୍ଟଙ୍କ ବିରୋଧୀ ନଥିଲେ, କିନ୍ତୁ ଖ୍ରୀଷ୍ଟ ହେବା ଭାବେ ଦାବି କରୁଥିଲେ ସେମାନଙ୍କ ଦ୍ୱାରା ମଧ୍ୟ ଅନୁରୂପ ହୋଇ (୨ ବ୍ୟବହାର)

କ) ମାର୍କ ୧୩:୬, ୨୨ ଓ ମାଥି ୨୪:୫, ୨୪ର ଭ୍ରାନ୍ତ ଶିକ୍ଷକମାନେ

ଖ) ଆଧୁନିକ ଧର୍ମପ୍ରଥା ନେତାମାନେ

ଗ) ଖ୍ରୀଷ୍ଟ ବିରୋଧୀ (ଦାନି ୭:୮; ୯:୨୩-୨୬, ୨୪-୭; ଦ୍ୱି. ଥେସ ୨:୩; ଓ ପ୍ରକା. ୧୩)

୪. ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ଯୁଗରେ ଉଭୟ ଭ୍ରାନ୍ତ ଶିକ୍ଷକମାନଙ୍କୁ ଯେଉଁମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରନ୍ତି ଓ ମିଥ୍ୟା ମସିହମାନଙ୍କୁ ଯେଉଁ ଖ୍ରୀଷ୍ଟ ବୋଲି ନିଜକୁ ଦାବି କରନ୍ତି ସେମାନଙ୍କୁ ଅନୁଭବ କରିବେ । ସେ ଯାହା ହେଉ, ଗୋଟିଏ ଦିନ, ସୋଷ ଦିନ, ମନ୍ଦର ଏକ ସ୍ୱତନ୍ତ୍ର ଅବତାର (ସେ ହେଉଛି ଖ୍ରୀଷ୍ଟୋରୀ) ଉଭୟ ବିଷୟ କରିବ ।

୩. "ତୁମ୍ଭମାନଙ୍କଠାରେ ରହୁ" (ଭି.ଭି. ୧୯, ୧୪, ୨୭, ୨୮)

କ. ଅତି ଆଧୁନିକ ସୁସମାଚାର ପ୍ରଚାରକମାନେ ଖ୍ରୀଷ୍ଟଙ୍କଠାରେ ନିର୍ଭର / ବିଶ୍ୱାସ /ଭ ରସା କରିବାକୁ ଏକ ବ୍ୟକ୍ତିଗତ ପ୍ରାରମ୍ଭିକ ନିଷ୍ପତ୍ତିର ନିମନ୍ତେ ଅବାଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି, ଆଉ ଏହା ନିଶ୍ଚିତ ଭାବେ ସତ୍ୟ ଅଟେ । ଯାହା ହେ, ବାଇବଲର ଗୁରୁତ୍ୱ ପ୍ରଦାନ ନିଷ୍ପତ୍ତି ଉପରେ ନୁହେଁ, କିନ୍ତୁ ଶିଷ୍ୟତ୍ୱ ଉପରେ ଅଟେ (ସି.ଏଫ ମାଥି ୨୮:୧୯-୨୦)

ଖ. ବିଶ୍ୱାସୀର ସୁରକ୍ଷାର ଧର୍ମନୀତି ନିଶ୍ଚିତ ଅଧ୍ୟବସାୟର ଧର୍ମନୀତି ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ । ବିଶେଷ ଶୀର୍ଷ ଦେଖନ୍ତୁ ଯୋହନ ୮:୩୧ରେ ପରିଶ୍ରମ କରିବାର ଆବଶ୍ୟକତା । ଏହା କିଅବା / କିମ୍ବା ର ଏକ ବାଛିବା ନୁହେଁ, କିନ୍ତୁ ଏକ ଉଭର ଓ ବାଇବଲ ସମ୍ବନ୍ଧୀୟ ବାସ୍ତବତା ଅଟେ । ବାସ୍ତବରେ "ରହିଥାଉ" ହେଉଛି ଏକ ବାଇବଲ ସମ୍ବନ୍ଧୀୟ ସତର୍କବାଣୀ (ସିଏଫ ଯୋହନ ୧୫)

ଗ. ରହିଥାଉ ଉପରେ ଅନ୍ୟ ବାକ୍ୟାଂଶଷଗୁଡ଼ିକ ହେଲା ମାଥି ୧୦:୨୨; ୧୩:୧-୯, ୧୮-୨୩; ମାର୍କ ୧୩:୧୩, ଯୋହନ ୮:୩୧; ୧୫:୧-୨୭; ପ୍ର. କର ୧୫:୨; ଗାଲା ୬:୧; ପ୍ରକା. ୨:୨,୭,୧୧, ୧୭, ୨୬; ୩:୫, ୧୨, ୨୧; ୨୧:୭ । ବିଶେଷ ଶୀର୍ଷ ଦେଖନ୍ତୁ, "ରହିଥାଉ" ୨:୧୦ରେ

**ଶବ୍ଦ ଓ ବାକ୍ୟାଂଶ ପଠନ**

**ଏନ୍‌ଏଏସ୍‌ବି (ଆଧୁନିକରଣ) ଶାସ୍ତାଂଶ ୨:୩-୬**

**"ଯଦି ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରୁ, ତେବେ ତଦ୍ୱାରା ଜ୍ଞାତ ହେଉ ଯେ ଆମ୍ଭେମାନେ ତାହାଙ୍କୁ ଜାଣିଅଛଉ । ୪ତାହାଙ୍କ ଆଜ୍ଞା ପାଳନ ନ କରି "ତାହାଙ୍କୁ ଜାଣି ଅଛି" ବୋଲି ଯେ କହେ, ସେ ମିଥ୍ୟାବାଦୀ ଓ ତାହାଠାରେ ସତ୍ୟ ନାହଁ । ୫ କିନ୍ତୁ ଯେକେହି ତାହାଙ୍କ ବାକ୍ୟ ପାଳନ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ ପ୍ରକୃତ ଭାବେ ସିଦ୍ଧ ହୋଇ ଅଛି । ଏହା ଦ୍ୱାରା ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ତାହାଙ୍କଠାରେ ଅଛୁ ୬ ଯେ ତାହାଙ୍କଠାରେ ରହେ ବୋଲି କହେ ତାହାର ତାହାଙ୍କ ପରି ଆଚରଣ କରିବା ମଧ୍ୟ କର୍ତ୍ତବ୍ୟ ।**

୨:୩ "ଏହା ଦ୍ୱାରା ଆମ୍ଭେମାନେ ଜ୍ଞାତ ହେଉ ଯେ ଆମ୍ଭେମାନେ ତାହାଙ୍କୁ ଜାଣିବାକୁ ଆସିଅଛୁ" ଆକ୍ଷରିକ ଭାବେ ଏହା "ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ତାହାଙ୍କୁ ଜାଣିଅଛୁ" ଏହା ହେଉଛି ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଦ୍ୱାରା ଅନୁଗତ ଗୁରୁତ୍ୱ ଦିଏ ଯେ ଏହି ମାନସିକ ଆଘାତପ୍ରାପ୍ତ ମଣ୍ଡଳୀଗୁଡ଼ିକର ଖ୍ରୀଷ୍ଟିୟାନମାନେ ନୋଷ୍ଟିକ୍ ମିଥ୍ୟା ଶିକ୍ଷାଗୁଡ଼ିକର ତଥ୍ୟ ସାହାଯ୍ୟରେ ସେମାନଙ୍କର ପରିତ୍ରାଣ ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ପାଇପାରିବେ ।

ଶବ୍ଦ "ଜାଣିବା" ଏହାର ବ୍ୟକ୍ତିଗତ ସମ୍ପର୍କର ଏବ୍ରୀ ଅର୍ଥରେ ବ୍ୟବହୃତ ହୋଇଛି (ସିଏଫ ଆଦି ୪:୧, ଯିରି ୧:୫) ଆଉ ଏହାର ଗ୍ରୀକ୍ ଅର୍ଥ ଅଜ୍ଞାତ ବିଷୟ ଓ କେହି ଜଣକ ସମ୍ବନ୍ଧରେ ସତ୍ୟ ଘଟଣାଗୁଡ଼ିକ । ସୁସମାଚାର ହେଉଛି ସତ୍ୟର ବ୍ୟକ୍ତି ଓ ଶରୀର ଉଭୟ । ଏହି ବାକ୍ୟାଂଶ ରେ ପ୍ରଧାନ୍ୟତା ଗୁଡ଼ିକ ହେଲା

୧. ଆମ୍ଭେମାନେ ଈଶ୍ୱରଙ୍କୁ ଜାଣିପାରିବା

୨. ଆମ୍ଭେମାନେ ଜାଣିପାରିବା ଆମ୍ଭମାନଙ୍କ ଜୀବନଗୁଡ଼ିକ ନିମନ୍ତେ ସେ କ'ଣ ଚାହାନ୍ତି

୩. ଆମ୍ଭେମାନେ ଜାଣିପାରିବା ଯେ ଆମ୍ଭେମାନେ ଜାଣୁ

ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କ ସମ୍ପର୍କର ପ୍ରତିଶ୍ରୁତିମାନଙ୍କରୁ ଗୋଟିଏ ଆମ୍ଭମାନଙ୍କର କାର୍ଯ୍ୟଗୁଡ଼ିକ ଓ ଧାରାଣାଗୁଡ଼ିକ ଦ୍ୱାରା ପ୍ରକାଶିତ ହୋଇଛି (ସିଏଫ ମାଥି ୭; ଯାକୁବ ପ୍ର.ପିତର) । ଏହା ହେଉଛି ପ୍ରଥମ ଯୋହନର ଏକ ପୌନପୁନିକ ବିଷୟବସ୍ତୁ (ସି.ଏଫ୍. ୨:୩୫; ୩:୨୪; ୪:୧୩; ୫:୨,୧୩) ।

ଯୋହନଙ୍କ ଲେଖାସମୂହ "ଜାଣିବା" (ଗିନୋସ୍କ ଓ ଅଇଡ଼ା) ନିମନ୍ତେ ଦୁଇଟି ଗ୍ରୀକ୍ ଶବ୍ଦଗୁଡ଼ିକ ଅନେକ ସମୟରେ (ପ୍ରଥମ ଯୋହନର ପାଞ୍ଚଟି ଅଧ୍ୟାୟରେ ୨୭ ଥର) ଓ ଏକାର୍ଥବୋଧକ ଭାବେ ବ୍ୟବହାର କରନ୍ତି । କଇନେ ଗ୍ରୀକ୍‌ରେ ଏହି ପଦଗୁଡ଼ିକ ମଧ୍ୟରେବୁଝି ହେଉଥିବା ଭାଷାର୍ଥବିଷୟକ ପ୍ରଭେଦ ସେଠାରେ ନ ଥିବା ପରି ପ୍ରତୀୟମାନ ହୁଏ । ପସନ୍ଦ ସୌଖୀନ ଯୁକ୍ତ ଆଟେ । ଏହା ମଧ୍ୟ ଉତ୍ସାହଜନକ ଯେ ଯୋହନ ପ୍ରବଳ ହୋଇଥିବା ପଦ ଏପିଗିନୋସ୍କୋ ବ୍ୟବହାର କରିନାହାନ୍ତି ।

ଯୋହନ ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବାକୁ ସେହିପରି ଭିନ୍ନ ମତବାଦକୁ ମିଥ୍ୟା ପ୍ରମାଣିତ କରିବାକୁ ଲେଖୁଛନ୍ତି । ଯୋହନଙ୍କ ସୁସମାଚାର ଓ ପ୍ରଥମ ଯୋହନ ନୂତନ ନିୟମରେ ଅନ୍ୟ କୌଣସି ପୁସ୍ତକଗୁଡ଼ିକ ଠାରୁ ଅଧିକ ପଦଗୁଡ଼ିକ ଜାଣିବା ନିମନ୍ତେ ବ୍ୟବହାର କରନ୍ତି । ସୁସମାଚାରର ଜ୍ଞାନ ଉପରେ ଆଧାରିତ ପ୍ରତିଶ୍ରୁତିର ଏକ ପୁସ୍ତକ ଅଟେ ପ୍ରଥମ ଯୋହନ ପୁଣି ପ୍ରେମ ଜୀବନ ଧରା ଓ ଆଜ୍ଞାବହ ସହବ୍ୟାପକ (ସି.ଏଫ ଯାକୁବ ପୁସ୍ତକ)।

■ **"ଯଦି"** ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ ଯାହର ଅର୍ଥ ଅନ୍ତର୍ନିହିତ ଶକ୍ତିର କାର୍ଯ୍ୟ ।

■ **"ଆମ୍ଭେମାନେ ତାହାଙ୍କ ଆଜ୍ଞା ସବୁ ପାଳନ କରୁ"** ଲକ୍ଷ୍ୟ କରନ୍ତୁ ସର୍ତ୍ତମୂଳକ ଉପାଦାନ (ବାର୍ତ୍ତାମାନକା ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ) । ଈଶ୍ୱରଙ୍କର ପ୍ରସ୍ତାବ ଅନୁସାରେ ନୂତନ ଚୁକ୍ତି ଅସର୍ତ୍ତମୂଳକ ଅଟେ କିନ୍ତୁ ମନୁଷ୍ୟଜାତିର ଅନୁତପନ୍ତ ବିଶ୍ୱାସ ଓ ଆଜ୍ଞାବହ ଉତ୍ତର ନିମନ୍ତେ ସର୍ତ୍ତମୂଳକ (ସି.ଏଫ୍. ୨:୩-୫; ୩:୨୨, ୨୪, ୫:୨,୩; ଯୋହନ ୮:୫୧-୫୨; ୧୪:୧୫; ୨୧,୨୩; ୧୫:୧୦; ପ୍ରକା ୨:୨୬; ୩:୮,୧୦; ୧୨:୧୭, ୧୪:୧୨) । ପ୍ରକୃତ ଧର୍ମ ପରିବର୍ତ୍ତନ ପାଇଁ ତଥ୍ୟଗୁଡ଼ିକରୁ ଗୋଟିଏ ହେଉଛି ଜ୍ୟୋତିଃକୁ ଆଜ୍ଞାନୁବର୍ତ୍ତିତା (ଉଭୟ ଯୀଶୁ ଓ ସୁସମାଚାର, ସିଏଫ ଲୁକ ୬:୪୬) । ଏପରିକି ପୁରାତନ ନିୟମରେ ମଧ୍ୟ ଉତ୍ସର୍ଗୀକୃତ ରୀତିଠାରୁ ଆଜ୍ଞାନୁବର୍ତ୍ତିତା ଅଧକ ଉତ୍ତମ ଥିଲା (ସିଏଫ ପ୍ର.ଶାମୁ ୧୫:୨୨; ଯିରି ୭:୨୨-୨୩) । ଆଜ୍ଞାନୁବର୍ତ୍ତିତା ପରିତ୍ରାଣ ଆଣେ ।ନହିଁ କିମ୍ୱା ସୁରକ୍ଷା ଦିଏ ନାହିଁ; କିନ୍ତୁ ଏହା ପରିତ୍ରାଣର ପ୍ରମାଣ ଦିଏ । ଏହା ଭିତ୍ତି ନୁହେଁ (ସିଏଫ ଏଫିସ ୨:୮-୯), ମାତ୍ର ଫଳ ଅଟେ (ସିଏଫ୍ ଏଫିସ ୨:୧୦)

**୨:୪ "ଯେ କହେ"** ଯୋହନଙ୍କ ଗାଳିପୂର୍ଣ୍ଣ ସମାଲୋଚନା ପଦ୍ଧତି ନିମନ୍ତେ ଏହା ଲିଖିତ ବିଷୟ ଚିହ୍ନଟ କରୁଥିବା ବ୍ୟକ୍ତି ଅଟେ ।

■ **"ମୁଁ ତାହାଙ୍କୁ ଜାଣି ଆସିଛି"** ଏହା ମିଥ୍ୟା ଶିକ୍ଷକମାନଙ୍କର କେତେକ ଘୋଷଣାଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ (ସି.ଏଫ ୧:୬,୮, ୧୦; ୨:୪,୬,୯) । ଏହା ମଲାଖି, ରୋମୀୟ, ଓ ଯାକୁବ ସହ ସମାନ ଏକ ଗାଳିପୂର୍ଣ୍ଣ ସମାଲୋଚନା ("ଯେ କହେ") ଅଟେ । ମିଥ୍ୟା ଶଷିକ୍ଷକମାନେ ଈଶ୍ୱରଙ୍କୁ ଜାଣିଥିବା (ସମ୍ପନ୍ନକାଳ) ଭାବେ ଦାବି କରୁଥିଲେ, କିନ୍ତୁ ଈଶ୍ୱର ଯୁକ୍ତ ଜୀବନ ଯାପନ ଠାରୁ ପରିତ୍ରାଣକୁ ଅଲଗା କରିବାକୁ ଚେଷ୍ଟା କରୁଥିଲେ । ସୋମନେ ପବିତ୍ରୀକରଣଠାରୁ ଯଥାର୍ଥତାକୁ ଅଲଗା କରୁଥିଲେ । ସେମାନେ ଈଶ୍ୱରଙ୍କର ଉଚ୍ଚତର (ଏହା ହେଉଛି ଗୁପ୍ତ) ଜ୍ଞାନ ଦାବି କରୁଥିଲେ, କିନ୍ତୁ ସେମାନଙ୍କ ଜୀବନ ଧାରାଗୁଡ଼ିକ ସେମାନଙ୍କର ପ୍ରକୃତ ଧାରଣାଗୁଡ଼ିକୁ ପ୍ରକାଶ କଲା ।

■ "ଆଉ ତାହାଙ୍କ ଆଜ୍ଞା ସବୁ ପାଳନ କରେ ନାହିଁ" ଏହା ବର୍ତ୍ତମାନ କାଳ କର୍ତ୍ତୃବାଚ୍ୟ କୃଦନ୍ତ ବିଶେଷଣ ଅଟେ ଯାହା ଅଭ୍ୟାସଗତ ଜୀବନଧାରାର କାର୍ଯ୍ୟ ବିଷୟ କୁହେ । ଆମ୍ଭମାନଙ୍କର ଜୀବନଗୁଡ଼ିକ ଆମ୍ଭମାନଙ୍କର ଆଧାତ୍ମିକ ଅବସ୍ଥାରୁ ଶିଖିବା ପ୍ରକ୍ରିୟା ପ୍ରକାଶ କରେ (ସି.ଏଫ ମାଥିଉ ୭) ପଦ ୪ ନାସ୍ତିବାଚକ ଭାବେ ସତ୍ୟ ବ୍ୟକ୍ତ କରେ, ଯେତବେଳେ ପଦ ୫ ସେହି ସମାନ ସତ୍ୟ ଅସ୍ତିବାଚକ ଭାବେ ବ୍ୟକ୍ତ କରେ ।

■ **"ମିଥ୍ୟାବାଦୀ ଅଟେ"** ଜିଦ୍‌ଖୋର ପ୍ରତାରଣାଠାରୁ ଅଧିକ ମନ୍ଦ ସେଠାରେ କିଛି ନାହିଁ । ଆଜ୍ଞାନୁବର୍ତ୍ତିତା ହେଉଛି ଧର୍ମ ପରିବର୍ତ୍ତନର ପ୍ରକୃତ ପ୍ରମାଣ । ସେମାନଙ୍କର ଫଳ ଦ୍ୱାରା ତୁମ୍ଭେମାନେ ସେମାନଙ୍କୁ ଜାଣିବ (ସିଏଫ ମାଥି ୭)

ଯୋହନ କେତେକ ଧର୍ମଗତ ଲୋକମାନଙ୍କୁ (ଶିକ୍ଷକମାନେ, ପ୍ରଚାରକମାନେ) ମିତ୍ୟାବାଦୀ ବୋଲି କହୁଛନ୍ତି (ସିଏଫ୍. ୧:୬, ୧୦; ୨:୪,୨୦; ୪:୨୦) । ସେମାନେ ଧର୍ମଗତ କିନ୍ତୁ ଈଶ୍ୱରଙ୍କ ସହିତ ଠିକ୍ ନୁହଁନ୍ତି ।

**୨:୫ "ମାତ୍ର ଯେ କେହି ତାହାଙ୍କ ବାକ୍ୟ ପାଳନ କରେ"** ଏହା ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ ଯାହା ଅଭ୍ୟାସଗତ ଜୀବନଧାରା କାର୍ଯ୍ୟ ବିଷୟ କହୁଛି । ୟୁବିଏସ୍‌ର ଲେଖକମାନେ ଏ ହେଣ୍ଡବୁକ୍ ଅନ୍ ଦି ଲେଟର୍ସ ଅଫ୍ ଯୋନ୍ (ହାସ୍, ଯୋଙ୍ଗି ଓ ସ୍ୱେଲେନ୍ ଗ୍ରିବେଲ୍) ଏହି ଗ୍ରୀକ୍ ଗଠନ ଉପରେ ଏକ କୌତୁହଳ ଜନକ ମନ୍ତବ୍ୟ ଦାନ କରନ୍ତି : "ଗ୍ରୀକ୍ କ୍ଷୁଦ୍ରତମ ଅବା "ଆନ୍" କିମ୍ବା "ଇଆନ୍" ସହିତ ଏକ ସମ୍ବନ୍ଧବାଚକ ସର୍ବନାମ ଆଉ ୩:୧୭, ୨୨; ୪:୧୫; ୫:୧୫; ତୃ. ଯୋହନ ୫ରେ ସମ୍ଭାବନାର୍ଥକ ଘଟଣାଗୁଡ଼ିକରେ ଅନୁଗାମୀ କ୍ରିୟାପଦ । ଏହା ସାଧାରଣ ଭାବେ ଘଟିତ ଅବସ୍ଥାଗୁଡ଼ିକ ବ୍ୟକ୍ତ କରିବା ପରି ବୋଧହୁଏ" (ପି. ୪୦) । ଆଜ୍ଞାନୁବର୍ତ୍ତିତା ହେଉଛି ବିଶ୍ୱାସ ଚୁକ୍ତିର ଏକ ଗୁରୁତର ପାର୍ଶ୍ୱ । ପ୍ରଥମ ଯୋହନ ଓ ଯାକୁବର ଏହା ହେଉଛି କେନ୍ଦ୍ରସ୍ଥ ସମ୍ବାଦ । ଜଣେ କହିପାରିବ ନାହିଁ ଯେ ସେ ଈଶ୍ୱରଙ୍କୁ ଜାଣନ୍ତି ଏବଂ ତଥାପି ପାପ ଜୀବନ ଧାରା ଦ୍ୱାରା ଜୀବନ୍ତ ବାକ୍ୟ ଓ ଲିଖିତ ବାକ୍ୟ ଉଭୟକୁ ଅଗ୍ରାହ୍ୟ କରେ (ସି.ଏଫ୍. ୩:୬,୯)

■ **"ତାହାଠାରେ ଈଶ୍ୱରଙ୍କ ପ୍ରେମ ପ୍ରକୃତ ଭାବେ ସିଦ୍ଧ ହୋଇଅଛି'** ଏହା ଏକ ସମ୍ପନ୍ନ କାଳ ବକ୍ତବ୍ୟସୂଚକ କର୍ମବାଚ୍ୟ ଅଟେ ଯାହା ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ବିଷୟ କହୁଛି (ସି.ଏଫ୍. ୪:୧୨,୧୭, ୧୮) । ଏହା ଅନିର୍ଦ୍ଦିଷ୍ଟ ଅଟେ, ବ୍ୟାକରଣ ନିୟମ ଅନୁସାରେ କହୁଥିଲେ, ମ୍ବନ୍ଧସୂଚକ ପଦ କହୁଥିବା ବିଷୟ

୧. ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରେମ (ସି.ଏଫ୍. ୪:୧୨)
୨. ଈଶ୍ୱରଙ୍କ ନିମନ୍ତେ ଆମ୍ଭମାନଙ୍କର ପ୍ରେମ (ସି.ଏଫ୍. ୫:୩)
୩. ଆମ୍ଭମାନଙ୍କ ହୃଦୟଗୁଡ଼ିକରେ ସାଧାରଣରେ ଈଶ୍ୱରଙ୍କ ନ୍ୟାର୍ଯ୍ୟ ପ୍ରେମ

ପଦ "ସିଦ୍ଧ' (ଟେଲସ ସି.ଏଫ ୪:୧୨, ୧୭, ୧୮) ର ଅର୍ଥ ପରିପକ୍ୱ, ସମ୍ପୂର୍ଣ୍ଣ, କିମ୍ବା ଏକ ଦାୟିତ୍ୱ ଦିଆ ହୋଇଥିବା କାର୍ଯ୍ୟ ନିମନ୍ତେ ପୂର୍ଣ୍ଣ ଭାବେ ତାଲିମ ପ୍ରାପ୍ତ ( ସି.ଏଫ୍. ଏଫିସ ୪:୧୨) ପାପ ବିନା ନୁହେଁ (ସି.ଏଫ୍. ୧:୮-୧୦)

■ **"ଏତଦ୍ୱାରା ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ତାହାଙ୍କଠାରେ ଅଛୁ"** ଏଠାରେ ପୁନର୍ବାର ଈଶ୍ୱରଙ୍କ ସହିତ ବିଶ୍ୱାସୀମାନଙ୍କର ସମ୍ପର୍କରେ ବିଶ୍ୱାସ ନିର୍ଭରତା ପାଇବାକୁ ସେମାନଙ୍କର ସାମର୍ଥ୍ୟ ଉପରେ ଗୁରୁତ୍ୱ ଦିଅଯାଇଛି ।ଅ ।ମ୍ଭମାନଙ୍କର ତାହାଙ୍କଠାରେ ଥିବା ର ଭାବ (ରହିଥିବା ସି.ଏଫ୍. ପ.୬) ଯୋହନଙ୍କ ଲେଖାଗୁଡ଼ିକର ପୌନପୁନିକ ବିଷୟ ବସ୍ତୁ ଅଟେ (ସି.ଏଫ୍. ଯୋହନ ୧୪:୨୦, ୨୩; ୧୫:୪-୧୦, ୧୭:୨୧, ୨୩, ୨୬; ପ୍ର. ଯୋହନ ୨:୨୪-୨୮; ୩:୬, ୨୪; ୪:୧୩,୧୬)

**୨:୬ "ରୁହେ"** ବିଶେଷଶୀର୍ଷ ୨:୧୦ରେ ଦେଖନ୍ତୁ । ନୂତନ ନିୟମ ମଧ୍ୟ ପ୍ରକାଶ କରେ ଯେ ପିତା ଆମ୍ଭମାନଙ୍କର ଠାରେ ରୁହନ୍ତି (ସି.ଏଫ୍. ପ୍ର. ଯୋହନ ୫:୨୦) ଆଉ ତେଣୁ ଉଭୟ ପିତା ଓ ପୁତ୍ର ଆମ୍ଭମାନଙ୍କଠାରେ ରୁହନ୍ତି (ସି.ଏଫ୍. ଯୋହନ ୧୪:୨୩ ଓ ୧୭:୨୧) । ଲକ୍ଷ୍ୟ କରନ୍ତୁ ଯେ ସମାନ ଖଣ୍ଡ ବାକ୍ୟଯେ ଯାହା ପ୍ରତିଶ୍ରୁତିକୁ ଗୁରୁତ୍ୱ ଦେଉଛି ତାହାର ଆବଶ୍ୟକ ନିମନ୍ତେ, "କର୍ତ୍ତବ୍ୟ"ର ଓ ସୂଚିତ ହୋଇଥିବା ସତର୍କବାଣୀ (ସି.ଏଫ୍. ୨:୬, ବର୍ତ୍ତମାନ କାଳ କର୍ତ୍ତନିରପେକ୍ଷ କ୍ରିୟା, "ତାହାଙ୍କଠାରେ ରୁହେ") । ସୁସମାଚାର ଅଧିକାର ଓ କର୍ତ୍ତବ୍ୟଗୁଡ଼ିକ ସହତ ଏକ ସର୍ତ୍ତମୂଳକ ଚୁକ୍ତି ଅଟେ !

■ **"ତାହାର ତାହାଙ୍କ ପରି ଆଚରଣ କରିବା ମଧ୍ୟ କର୍ତ୍ତବ୍ୟ"** ବିଶ୍ୱାସ ଜୀବନ ଧାରା ସଦୃଶ "ପ୍ରକୃତ ବିଶ୍ୱାସ" ଉପରେ ଏହା ଅନ୍ୟ ଏକ ପ୍ରାଧାନ୍ୟତା ଦେବ । (ସି.ଏଫ୍. ୨:୧୪-୨୬) । ବଶ୍ୱାସ କେବଳ ଏକ ନିଷ୍ପତ୍ତି ନୁହେଁ, କିନ୍ତୁ ଯୀଶୁଙ୍କ ସହିତ ଏକ କ୍ରମାଗତ ବ୍ୟକ୍ତିଗତ ସମ୍ପର୍କ ଯାହା ପ୍ରକୃତ ଭାବରେ ଦୈନନ୍ଦିନ ଖ୍ରଷ୍ଟ ସଦୃଶ ଜୀବନ ଯାପନରେ ବହିର୍ଗତ ହୁଏ । ଅନନ୍ତ ଜୀବନର ଦୃଶ୍ୟମାନ ବୈଶିଷ୍ଟ୍ୟମାନ ରହିଛି । ଏହା ୧:୭ ସହ ସମାନ୍ତର । ଖ୍ରୀଷ୍ଟ ଧର୍ମର ଲକ୍ଷ୍ୟ ଠିକ୍ ସ୍ୱର୍ଗ ନୁହେଁ ଯେତେବେଳେ ଆମ୍ଭେମାନେ ମୃତ୍ୟୁ ଭୋଗ କରୁ, କିନ୍ତୁ ବର୍ତ୍ତମାନ ଖୀଷ୍ଟଙ୍କ ସାଦୃଶ୍ୟ ହେବା (ସି.ଏଫ୍. ରୋମୀ ୮:୨୯-୩୦; ଦ୍ୱି. କର ୩;୧୮; ଗାଲା ୪:୧୯; ଏଫିସ ୧:୪; ପ୍ର ଥେସ ୩:୧୩; ୪:୩; ପ୍ର. ପିତ ୧:୧୫) । ଆମ୍ଭେମାନେ ସେବା କରିବାକୁ ରକ୍ଷା ପ୍ରାପ୍ତ ହୋଇଅଛୁ । ସେ ଯେପରି ପ୍ରଚାର କାର୍ଯ୍ୟରେ ପ୍ରେରିତ ହେଲେ ଆମ୍ଭେମାନେ ସେହିପରିପ୍ରେରିତ ହୋଇ ଅଛୁ । ସେ ଯେପରି ଅନ୍ୟମାନଙ୍କ ନିମନ୍ତେ ତାହାଙ୍କ ଜୀବନ ଦେଲେ, ତେଣୁ ଆମ୍ଭେମାନେ ମଧ୍ୟ ଆପଣମାନଙ୍କୁ ଦାସ ମାନଙ୍କ ଭାବେ ଦେଖିବା ଆବଶ୍ୟକ (ସି.ଏଫ୍. ପ୍ର ଯୋହନ ୩:୧୬)

"ସେ" ସାହିତ୍ୟିକ ଭାବେ "ସେହି ଜଣକ" ଅଟେ, ଯାହା "ଯୀଶୁ"ଙ୍କ ନିମନ୍ତେ ଯୋହନଙ୍କ ଲେଖାସମୂହରେ ଏକ ସାଧାରଣ ରୂଢ଼ୋକ୍ତି (ସି.ଏଫ୍. ଯୋହନ ୨:୨୧; ୧୯:୩୫; ପ୍ର. ଯୋହନ ୨:୬; ୩:୩, ୫,୭,୧୬; ୪:୧୭) । ଅନେକ ସମୟରେ ଏହା ଅପମାନ ସୂଚକ ମାର୍ଗରେ ବ୍ୟବହୃତ ହୋଇଛି (ସି.ଏଫ୍. ଯୋହନ ୭:୧୧; ୯:୧୨, ୨୮; ୧୯:୨୧) ।

ଯଦି "ସେହି ଜଣକ" ଯୀଶୁଙ୍କୁ ଦର୍ଶାଏ, ତାହାହେଲ ୬କର "ତାହାଙ୍କଠାରେ" କାହାକୁ ଦର୍ଶାଉଛି ? ଅନେକ ସମୟରେ ଯୋହନ ଇଚ୍ଛାକୃତ ଦ୍ୱୈର୍ଥତା ବ୍ୟବହୃତ କରିଛନ୍ତି ଏହା ପିତା (ସି.ଏଫ୍. ଯୋହନ ୧୫;୧-୨, ୯-୧୦) ବା ପୁତ୍ରଙ୍କୁ (ସି.ଏଫ୍. ଯୋହନ ୧୫:୪-୬) ଦର୍ଶାଇପାରେ । ଏହି ସମାନ ଦ୍ୱୈର୍ଥତା ପ.୨୦ର "ପବିତ୍ର ଜଣକ"ରେ ଦୃଷ୍ଟାନ୍ତ ଦିଆଯାଇପାରିବ ।

**ଏନ୍ଏଏସ୍‌ବି (ଆଧୁନିକରଣ) ଶାସ୍ତ୍ରାଂଶ ୨:୭-୧୧**

**ହେ ପ୍ରିୟମାନେ, ମୁଁ ତୁମ୍ଭମାନଙ୍କ ନିକଟକୁ କୌଣସି ନୂତନ ଆଜ୍ଞା ଲେଖୁନାହିଁ, ମାତ୍ର ଆରମ୍ଭରୁ ଯେଉଁ ପୁରାତନ ଆଜ୍ଞା ତୁମ୍ଭେମାନେ ପାଇଅଛ; ଯେଉଁ ବାକ୍ୟ ତୁମ୍ଭେମାନେ ଶୁଣିଅ ଛ ତାହା ହିଁ ସେହି ପରୁରାତନ ଆଜ୍ଞା । ପୁନଶ୍ଚ ମୁଁ ନୂତନ ଆଜ୍ଞା ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, ଯାହା ତହାଙ୍କଠାରେ ଓ ତୁମ୍ଭମାନଙ୍କ ଠାରେ ସତ୍ୟ ଭାବେ ପ୍ରକାଶ ଅଛି, କାରଣ ଅନ୍ଧାକର ଘୁଞ୍ଚା ଯାଉଅଛି ଓ ସତ୍ୟ ଜ୍ୟୋତିଃ ପ୍ରକାଶିତ ହେଲାଣି  ୯ଯେ ଆପଣା ଭାଇକୁ ଘୃଣା କରି କହେ ଯେ ସେ ଜ୍ୟୋତିରେ ଅଛି ସେ ଏପର୍ଯ୍ୟନ୍ତ ସୁଦ୍ଧା ଅନ୍ଧକାରରେ ଅଛି । ୧୦ଯେ ଆଣା ଭାଇକୁ ପ୍ରେମ କରେ ସେ ଜ୍ୟୋତିରେ ରହେ ପୁଣି ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ । ୧୧କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ ସେ ଅନ୍ଧକାରରେ ଅଛି ଏବଂ ଅନ୍ଧକାରରେ  ଭ୍ରମଣ କରି କୁଆଡ଼େ ଯାଉଅଛି ତାହା ଜଣେ ନାହିଁ କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି ।**

**୨: ୭ "ହେ ପ୍ରିୟମାନେ"** ଅନେକ ସମୟରେ ଯୋହନ ତାଙ୍କର ପାଠକମାନଙ୍କୁ ସ୍ନେହସୂଚକକ ପଦଗୁଡ଼ିକ ଦ୍ୱାରା ଡାକନ୍ତି (ସି.ଏଫ୍. ୨:୧) ଏହି ପଦ ସାଧାରଣତଃ ଯୀଶୁଙ୍କୁ ତାହାଙ୍କ ବାପ୍ତିସ୍ମ (ସି.ଏଫ୍. ମାଥି ୩:୧୭) ଓ ଆକାର ପରିବର୍ତ୍ତନ (ସି.ଏଫ୍. ମାଥି ୧୭:୫) ସମୟରେ ଦର୍ଶାଇବାକୁ ପିତାଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା । ଯୋହନଙ୍କ ପତ୍ରଗୁଡ଼କରେ ପରିତ୍ରାଣପ୍ରାପ୍ତ ବ୍ୟକ୍ତିର ଏହା ଏକ ସାଧାରଣ ଉପାଧି ଅଟେ (ସି.ଏଫ୍. ୩:୨-୧; ୪:୧,୭,୧୧; ଓ ତୃତୀୟ ଯୋହନ ୧,୨,୫,୧୧) ।

ଟେକ୍ସଟସ ରେସିପ୍‌ଟସ୍‌ର "ଭାଇମାନେ" ରହିଛି (ଏମଏସଏସକେ. ଏଲ୍, ଏନ୍‌କେଜେଭି) କିନ୍ତୁ ପ୍ରଥମ ଯୋହନ ଏହାକୁ କେବଳ ୩:୧୩ରେ ବ୍ୟବହାର କରେ  । "ଭାଇମାନେ" ଅନ୍‌ସିଆଲ୍ ଗ୍ରୀକ୍ ପାଣ୍ଡୁଲିପି ଦ୍ୱାରା ସମର୍ଥିତ ହୋଇଛି (ଏନ୍ ଏବି.ସିପି. ଓ ଉଲ୍‌ଗେଟ୍ ପେଷିତା ଓ ଆମେରିକୀୟ ସଂସ୍କରଣ ଗୁଡ଼ିକ (ଦେଖନ୍ତୁ ବ୍ରୁସ ମେଟ୍ ଗେର୍ , ଟେକ୍ସଟୁଆଲ୍ କମେଣ୍ଟାରୀ ଅନ୍ ଦି ଗ୍ରୀକ ନ୍ୟୁ ଟେଷ୍ଟାମେଣ୍ଟ ପି. ୭୦୮)

■ "ମୁଁ ତୁମ୍ଭମାନଙ୍କ ନିକଟକୁ କୌଣସି ନୂତନ ଆଜ୍ଞା ଲେଖୁନାହିଁ, ମାତ୍ର ଏକ ପୁରାତନ ଆଜ୍ଞା" ଯୋହନଙ୍କ ଲେଖା ସମୂହର ଏହା ହେଉଛି ବୈଶିଷ୍ଟ୍ୟ (ସି.ଏଫ୍. ଯୋହନ ୧୩;୩୪; ୧୫:୧୨, ୧୭) । ଆଜ୍ଞା ସମୟ ଅନୁସାରେ ନୂତନ ନ ଥିଲା, ମାତ୍ର ଗୁଣ ଅନୁସାରେ ନୂତନ ଥିଲା । ବିଶ୍ୱାସୀମାନେ ପରସ୍ପରକୁ ପ୍ରେମ କରିବାକୁ ଆଜ୍ଞା ପ୍ରାପ୍ତ ହୋଇଛନ୍ତି ଯେପରି ଯୀଶୁ ସେମାନଙ୍କୁ ପ୍ରେମ କଲେ (ସିଏଫ ଯୋହନ ୧୩;୩୪)

"ପୁରାତନ ଆଜ୍ଞା" ଦୁଇଟିଅ ର୍ଥଗୁଡ଼ିକରେ ବୁଝା ଯାଇ ପାରେ

୧. ମୋଶାଙ୍କର ବ୍ୟବସ୍ଥା (ଏହା ହେଉଛି ଲେବି ୧୯:୮)

୨. ଯୋହନଙ୍କ ସମାଚାରରେ ଉଲ୍ଲିଖିତ ହୋଇଥିବା ଯୀଶୁଙ୍କର ଶିକ୍ଷା ସମୂହ (ତାହା ହେଉଛି, ଯେଂହନ ୧୩:୩୪; ୧୫:୧୨, ୧୭)

■ "ପୁରାତନ ଆଜ୍ଞା" ୨:୩ରେ ଶବ୍ଦ "ଆଜ୍ଞା" ବହୁବଚନ ଅଟେ, କିନ୍ତୁ ଏଠାରେ ଏହା ଏକବଚନ ଅଟେ । ବୋଧହୁଏ ଯେ ପ୍ରେମ ଅନ୍ୟ ସମସ୍ତ ଆଜ୍ଞାଗୁଡ଼ିକ ସଫଳ କରିବା ପରି ଏହା ସୂଚିତ କରେ (ସି.ଏଫ୍. ଗାଲା ୫:୨୨; ପ୍ର. କର ୧୩:୧୩) । ସୁସମାଚାରର ଅଧିକାର ହେଉଛି ପ୍ରେମ ।

■ **"ଆରମ୍ଭରୁ ଯାହା ତୁମ୍ଭେମାନେ ପାଇଅଛ "** ଏହା ଏକ ଅସମ୍ପନ୍ନ କାଳବକ୍ତ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ ଯାହା ସୁସମାଚାର ସମ୍ବାଦ ସହିତ ଶ୍ରୋତାମାନଙ୍କର ପ୍ରଥମ ସାକ୍ଷାତକୁ ଦର୍ଶାଏ (ସି.ଏଫ୍. ପ. ୨୪; ୧:୧; ୩:୧୧; ଦ୍ୱି ଯୋହନ ୫-୬)

■ **"ଶୁଣିଅଛ"** ଟେକ୍ସଟସ ରିସିପ୍‌ଟସ୍ ବାକାଂଶ "ଆରମ୍ଭଠାରୁ" ଯୋଗ କରେ (ପଦର ପୂର୍ବ ଅଂଶରେ ବ୍ୟବହୃତ) ।

୨:୮ "ଯାହା ତାହାଙ୍କଠାରେ ସତ୍ୟ" ଏହି ସର୍ବନାମର ଲିଙ୍ଗ ପ.୭ରେ ସ୍ତ୍ରୀଲିଙ୍ଗଠାରୁ ପରିବର୍ତ୍ତନ ହେଉଛି, ଯାହା "ଆଜ୍ଞା"କୁ କ୍ଲିବ ଲିଙ୍ଗ ସହ ଅନୁରୂପ କରେ, ଯାହା ସମଗ୍ର ସୁସମାଚାରକୁ ସମ୍ବୋଧନ କରେ । ସର୍ବନାମରେ ଏକ ସମାନ ପରିବର୍ତ୍ତନ ଏଫିସ ୨;୮-୯ରେ ଦେଖିବାକୁ ମିଳେ ।

■ "ଅନ୍ଧକାର ଅତିକ୍ରମ କରୁଅଛି" ଏହା ବର୍ତ୍ତମାନ କାଳ ମଧ୍ୟବର୍ତ୍ତୀ ବକ୍ତବ୍ୟସୂଚକ (ଏ.ଟି ରୋବାର୍ଟସନ୍‌ଙ୍କ ୱାର୍ଡ଼ ପିକଚରସ ଇନ ଦି ନ୍ୟୁ ଟେଷ୍ଟାମେଣ୍ଟେ ପି. ୨୧୨ ଅନୁସାରେ) ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କୁ ଜାଣନ୍ତି ସେମାନଙ୍କ ପାଇଁ, ନୂତନ ଯୁଗ ଉଦୟ ହୋଇଛି ଓ ସେମାନଙ୍କର ହୃଦୟ ଓ ମନ ମଧ୍ୟରେ କ୍ରମାଗତ ଉଦୟ ହେଉଛି (ତାହା ହେଉଛି ଉପଲବ୍ଧ ହୋଇଥିବା ଭବିଷ୍ୟତ)

■ "ସତ୍ୟ ଜ୍ୟୋତଃ ପ୍ରକାଶିତ ହେଲାଣି" ଯୀଶୁ ଜଗତର ଜ୍ୟୋତିଃ (ସି.ଏଫ୍. ଯୋହନ ୧:୪-୫,୯; ୮:୧୨) ଯାହା ସତ୍ୟ ପ୍ରକାଶିତ ବାକ୍ୟ ଓ ନୈତିକ ବିଶୁଦ୍ଧତା ନିମନ୍ତେ ବାଇବଲ ସମ୍ବନ୍ଧୀୟ ଏକ ଉପମା ଅଟେ । ୧:୫ ଓ ୧:୭ରେଲେଖା ଦେଖନ୍ତୁ । ନୂତନ ଯୁଗ ଉଦିତ ହୋଇଛି ।

**୨:୯ ତଥାପି ତାହାର ଭାଇକୁ ଘୃଣା କରେ'** ଏହା ବର୍ତ୍ତମାନ କାଳ କୃଦନ୍ତ ବିଶେଷ କର୍ତ୍ତୃବାଚ୍ୟ ଯାହା ଏକ ପ୍ରତଷ୍ଠିତ ଅଗ୍ରଗତି କରୁଥିବା ମନୋଭାବ ବିଷୟ କହୁଛି । ଘୃଣା ଅନ୍ଧାକାରର ଏକ ପ୍ରମାଣ ଅଟେ (ସି.ଏଫ୍. ମାଥି ୫:୨୧-୨୬) ।

**୨:୧୦ "ଯେ ତାହାର ଭାଇକୁ ପ୍ରେମ କରେ ସେ ଜ୍ୟୋତିଃରେ ରହେ'** ବର୍ତ୍ତମାନ କାଳ କ୍ରିୟ ପଦଗୁଡ଼ିକ ଏହି ପ୍ରସଙ୍ଗକୁ ପ୍ରଭୁତ୍ୱ କରନ୍ତି । ପ୍ରେମ ହେଉଛି ବିଶ୍ୱାସୀର ପରିତ୍ରାଣ ଓ ବ୍ୟକ୍ତିଗତ ସମ୍ପର୍କ ସହ ସତ୍ୟ ଓ ଜ୍ୟୋତିଃର ଜ୍ଞାନର ପ୍ରମାଣ । ଏହା ହେଉଛି ନୂତନ ଯୁଗ, ତଥାପି ପୁରାନ ଆଜ୍ଞା (ସି.ଏଫ୍. ୩:୧୧, ୨୪; ୪:୭, ୧୧, ୨୧) ।

**ବିଶେଷ ଶୀର୍ଷ : ଯୋହନଙ୍କ ଲେଖାସମୂହରେ "ରହିବା"**

ପିତା ଈଶ୍ୱର ଓ ପୁତ୍ର ଯୀଶୁଙ୍କ ମଧରେ ଯୋହନଙ୍କ ସୁସମାଚାର ଏକ ସ୍ୱତନ୍ତ୍ର ସମ୍ପର୍କ ବିଷୟ ବର୍ଣ୍ଣନା କରେ । ଏହା ବଶବର୍ତ୍ତୀକରଣ ଓ ଦମନ ତା ଉପରେ ଆଧାରିତ ପାରସ୍ପରିକ ଘନିଷ୍ଠତା ଅଯେ । ପୁରା ସୁସମାଚାର ମଧରେ, ପିତା ଯାହା କହୁଛନ୍ତି ଯୀଶୁ ଶୁଣି ତାହା ସେ କହନ୍ତି, ପିତା ଯାହା କରୁଛନ୍ତି ଦେଖି ସେ ତାହା କରନ୍ତି । ଯୀଶୁ ତାହାଙ୍କ ନିଜ ଅନୁସାରେ କାର୍ଯ୍ୟ କରନ୍ତି ନାହଁ, ମାତ୍ର ପିତାଙ୍କ ଇଛା ଅନୁସାରେ, ଏହି ଅନ୍ତରଙ୍ଗ ସହଭାଗିତା ଓ ସେବକତ୍ୱ କାର୍ଯ୍ୟ ଯୀଶୁ ଓ ତାହାଙ୍କ ଅନୁଗାମୀ ମାନଙ୍କ ମଧରେ ସମ୍ପର୍କ ନିମନ୍ତେ ଆଦର୍ଶ ସ୍ଥାପନ କରେ । ଏହି ଅନ୍ତରଙ୍ଗ ସଂଗଠନ ଏକ ବ୍ୟକ୍ତିର (ଯେପରି ପୂର୍ବୀୟ ରହସବାଦ ବିଶ୍ୱାସରେ) ମନୋଯୋଗ ନ ଥିଲା, କିନ୍ତୁ ଏକ ନୀତି ସମ୍ବନ୍ଧୀୟ ଆଚରଣ, ନୈତିକ ଅନୁକରଣର ଜୀବନଧାରା । ସହଭାଗିତା (୧) ବୋଧଶକ୍ତି ସଂକ୍ରାନ୍ତ (ଈଶ୍ୱରଙ୍କ ବାକ୍ୟ ଯେପରି ସୁସମାଚାର ର ଜଗତ ଦୃଶ୍ୟ); (୨) ସମ୍ପର୍କ ସମ୍ବନ୍ଧୀୟ (ଯୀଶୁ ଥିଲେ ଈଶ୍ୱରଙ୍କ ପ୍ରତିଜ୍ଞାତ ମସିହ ତାହାଙ୍କ ଠାରେ ଭରସା ଓ ତାଙ୍କ ଉପରେ ନିର୍ଭର କରିବାକୁ) ; ଓ ୯୩) ନିୟମ ସମୂହର ଆଚରଣ ଈଶ୍ୱରଯୁକ୍ତ ବିଶ୍ୱାସୀମାନଙ୍କଠାରେ ତାହାଙ୍କ ଚରିତ୍ର ପୁନଃ ଉପସ୍ଥାପିତ) ।

ଯୀଶୁ ଆଦର୍ଶବ୍ୟକ୍ତି, ପ୍ରକୃତ ଇସ୍ରାୟେଲୀୟ, ମାନବିକତାର ମାନ ଅଟନ୍ତି । ଆଦମ ଯାହା ହେବା ଉଚିତ ଥିଲା, ଓ ହୋଇ ପାରିଥାଆନ୍ତା ତାହା ସେ ପ୍ରକାଶ କରନ୍ତି (ମୁନଷ୍ୟ ଭାବେ କହିବା) । ଅବିକଳ ଭାବେ ଯୀଶୁ ହେଉଛନ୍ତି"ଈଶ୍ୱରଙ୍କ ପ୍ରତିମୂର୍ତ୍ତି" । (୧) ଈଶ୍ୱରଙ୍କୁ ପ୍ରକାଶ କରିବା (୨) ଆମ୍ଭମାନଙ୍କ ବଦଳରେ ମୃତ୍ୟୁଭୋଗ କରିବା (ପ୍ରତି ସ୍ଥାପନ ଯୋଗ୍ୟ ପ୍ରାୟଶ୍ଚିତ); ଓ (୩) ଅନୁସରଣ କରିବାକୁ ମନୁଷ୍ୟମାନଙ୍କୁ ଏକ ଉଦାହରଣ ପ୍ରଦାନ କରିବା ଦ୍ୱାରା ମନୁଷ୍ୟ ଜାତି ନିକଟରେ ପତିତ ହୋଇଥିବା ପ୍ରତିମୂର୍ତ୍ତିକୁ ସେ ପୁନସ୍ଥାପନ କରନ୍ତି । ପଦ "ରହିବା" (ମେନ) ଖ୍ରୀଷ୍ଟ ସଦୃଶ୍ୟ ହେବାର ଲକ୍ଷ୍ୟ (ସି.ଏଫ୍. ରୋମୀ ୮:୨୯) ପତିତର ପୁନରୁଦ୍ଧାର (ସି.ଏଫ୍. ଆଦି ୩) କୁ ଦର୍ଶାଉଛି ।

ଈଶ୍ୱରଙ୍କର ଏହି ପୁନର୍ମିଳନ ଓ ମନୁଷ୍ୟ ଜାତି, ତାହାଙ୍କର ଅବିକଳ ସୃଷ୍ଟି, ସହଭାଗିତାର ଉଦ୍ଦେଶ୍ୟ ପାଇଁ ହେଉଛି ପ୍ରେରିତ ପାଉଲଙ୍କର "ଖ୍ରୀଷ୍ଟଙ୍କଠାରେ' ଓ ପ୍ରେରିତ ଯୋହନଙ୍କର "ମୋଠାରେ ରୁହେ"

ଯୋହନଙ୍କର ବ୍ୟବହାର ପ୍ରଣାଳୀ ଲକ୍ଷ୍ୟ କରନ୍ତୁ :

୧. ପିତା ଓ ପୁତ୍ରଙ୍କ ମଧରେ ରହିବା
- କ. ପୁତ୍ରଙ୍କ ଠାରେ ପିତା (ଯୋହନ ୧୦:୩୮; ୧୪:୧୦,୧୧,୨୦; ୧୭:୨୧,୨୩)
- ଖ. ପିତାଙ୍କଠାରେ ପୁତ୍ର (ଯୋହନ ୧୦:୩୮, ୧୪:୧୦, ୧୧, ୦; ୧୭:୨୧)

୨. ଈଶ୍ୱରତ୍ୱ ଓ ବିଶ୍ୱାସୀ ମଧରେ ରହିବା
- କ. ବିଶ୍ୱାସୀଠାରେ ପିତା (ଯୋହନ ୧୪:୨୦,୨୩; ପ୍ର.ଯୋହନ ୩:୨୪; ୪:୧୨-୧୩, ୧୫)
- ଖ. ପିତାଙ୍କଠାରେ ବିଶ୍ୱାସୀ (ଯୋହନ ୧୪:୨୦, ୨୩; ୧୭:୨୧; ପ୍ର. ଯୋହନ ୨: ୨୪, ୨୭; ୪:୧୩,୧୬)
- ଗ. ବିଶ୍ୱାସୀଠାରେ ପୁତ୍ର (ଯୋହନ ୬:୫୬, ୧୪:୨୦, ୨୩; ୧୫:୪, ୫, ୭; ପ୍ର. ଯୋହନ ୨:୬,୨୪,୨୭,୨୮)

୩. ରହିବା ନିମନ୍ତେ ଅନ୍ୟ ଉପାଦାନଗୁଡ଼ିକ (ଅସ୍ତିବାଚକ)
- କ. ଈଶ୍ୱରଙ୍କ ବାକ୍ୟ
  - ୧) ନାସ୍ତିସୂଚକ ଭାବେ (ଯୋହନ ୫:୩୮; ୮:୩୭; ପ୍ର. ଯୋହନ ୧:୧୦; ଦ୍ୱି. ଯୋହନ ୯)
  - ୨) ଅସ୍ତିସୂଚକ ଭାବେ (ଯୋହନ ୮:୩୧, ୧୫:୨; ପ୍ର. ଯୋହନ ୨:୧୪, ୨୪; ଦ୍ୱି. ଯୋହନ ୯)
- ଖ. ଈଶ୍ୱରଙ୍କ ପ୍ରେମ (ଯୋହନ ୧୫:୯-୧୦; ୧୭:୨୬; ପ୍ର. ଯୋହନ ୩:୧୭, ୪:୧୬)
- ଗ. ଈଶ୍ୱରଙ୍କ ଆତ୍ମା
  - ୧) ପୁତ୍ରଙ୍କ ଉପରେ (ଯୋହନ ୧:୩୨)
  - ୨) ବିଶ୍ୱାସୀଠାରେ (ଯୋହନ ୧୪:୧୭)
- ଘ. ରହିବା ହେଉଛି ଆଜ୍ଞାନୁବର୍ତ୍ତିତା (ଯୋହନ ୧୫:୧୦; ପ୍ର. ଯୋହନ ୩:୨୪)
- ଙ. ଜ୍ୟୋତିରେ ରହିବା ହେଉଛି ପ୍ରେମ (ପ୍ର. ଯୋହନ ୨:୧୦)
- ଚ. ଈଶ୍ୱରଙ୍କ ଇଛା ସାଧନ କରିବା ହେଉଛି ରିହବା (ପ୍ର,. ଯୋହନ ୨:୧୭)
- ଛ. ଅଭିଷେକ ହେଉଛି ରହିଥିବା (ପ୍ର ଯୋହନ ୨:୨୭)

ଜ. ସତ୍ୟତା ରହିଥାଏ (ଦ୍ୱି. ଯୋହନ ୨)
ଝ. ପୁତ୍ର ରହନ୍ତି (ଯୋହନ ୮;୩୫; ୧୨;୩୪)
୪. ରହିବା ନିମନ୍ତେ ଅନ୍ୟ ଉପାଦାନଗୁଡ଼ିକ (ନାସ୍ତିବାଚକ)
କ. ଈଶ୍ୱରଙ୍କ କ୍ରୋଧ ରହିଥାଏ (ଯୋହନ ୩:୩୬)
ଖ. ଅନ୍ଧକାରରେ ରହେ (ଯୋହନ ୧୨:୪୬)
ଗ. ଦୂରରେ ଫୋପଡ଼ା ଯାଇ ... ଯିବା (ରହିବା ନୁହେଁ ) (ଯୋହନ ୧୫:୬)
ଘ. ପାପ କରୁଥିବା (ରହିବା ନୁହେଁ) ପ୍ରେ. ଯେହନ ୩:୬)
ଙ. ପ୍ରେମ କରୁ ନ ଥିବା (ରହିବା ନୁହେଁ) ପ୍ର. ଯୋହନ ୩:୧୪)
ଚ. ହତ୍ୟାକାରୀ (ଅନନ୍ତ ଜୀବନରେ ରହିବା ନୁହେଁ (ପ୍ର ଯୋହନ ୩:୧୫)
ଛ. ମୃତ୍ୟୁରେ (ପ୍ର. ଯୋହନ ୩;୧୪)

■ **ଏନ୍.ଏଏସ୍.ବି. ଏନ୍‌କେଜେଭି "ପୁଣି ତାହାଠାରେ ଝୁଣ୍ଟିବା ପାଇଁ କାରଣ ନାହିଁ"**

| | |
|---|---|
| **ଏନ୍ ଆର ଏସ୍ ଭି** | **"ଏହିପରି ଜଣେ ବ୍ୟକ୍ତିଠାରେ ଝୁଣ୍ଟିବା ପାଇଁ କାରଣ ନାହିଁ"** |
| **ଟିଇଭି** | **"ଆମ୍ଭମାନଙ୍କଠାରେ କାହିଛି ନାହିଁ ଯାହା କେହି ଜଣେ ପାପ କରିବା ପାଇଁ କାରଣ ହେବ"** |
| **ଏନଜେବି** | **"ତାହାକୁ ପତନରେ ପକାଇବା ପାଁଇ ତାହାଠାର କିଛି ନାହିଁ"** |

ସେଠାରେ ଏହି ପଦର ଦୁଇଟି ସାମ୍ଭବ୍ୟ ଅନୁବାଦଗୁଡ଼ିକ ରହିଛି

୧. ଯେଉଁ ବିଶ୍ୱାସୀ ପ୍ରେମରେ ଆଚର କରେ ବ୍ୟକ୍ତିଗତ ଭାବେ ଝୁଣ୍ଟିବ ନାହିଁ (ସି.ଏଫ୍. .ପ. ୧)

୨. ଯେଉଁ ବିଶ୍ୱାସୀ ପ୍ରେମରେ ଆଚରଣ କରେ ସେ ଅନ୍ୟମାନେ ଝୁଣ୍ଟିବା ନିମନ୍ତେ କାରଣ ହେବ ।ନହିଁ (ସି.ଏଫ୍. ମା ୧୮:୬; ରୋମୀ ୧୪:୧୩; ପ୍ର. କରି ୮:୧୩)

ଉଭୟ ସତ୍ୟ ଅଟନ୍ତି । ସୁସମାଚାର ବିଶ୍ୱାସୀ ଓ ଅନ୍ୟମାନଙ୍କର ଉପକାର କରେ (ଉଭୟ ଅନ୍ୟ ବିଶ୍ୱାସୀ ଓ ହଜିଥିବା ମାନଙ୍କୁ)

ପୁରାତନ ନିୟମରେ "ଝୁଣ୍ଟିବା" ବିଶ୍ୱାସର ବିପରୀତ ଅଟେ (କେବେହେଲେ ତ୍ରୁଟି କରୁ ନ ଥିବା, ସ୍ଥିର ମନୋଭାବ) । ଈଶ୍ୱରଙ୍କ ଇଚ୍ଛା ଓ ଆଜ୍ଞାଗୁଡ଼ିକୁ ଗୋଟିଏ ସଷ୍ଟ ପଥ ବା ମାର୍ଗ ଦ୍ୱାର ଦୃଷ୍ଟାନ୍ତ ଦିଆଯାଉଥିଲା । ଏହିପରି ଭାବେ "ଚାଲିବା"' ଜୀବନଧାରା ନିମନ୍ତେ ଏକ ଉପମା ହୋଇପାରେ ।

ବିଶେଷ ଶୀର୍ଷ ଦେଖନ୍ତୁ : ଭରସା, ବିଶ୍ୱାସ ଓ ବିଶ୍ୱସ୍ତତା ପୁରାତନ ନିୟମରେ ଯୋହନ ୧:୧୪ରେ ।

୨:୧୧ "କିନ୍ତୁ ଯେ ଅପାଣା ଭାଇକୁ ଘୃଣା କରେ ସେ ଅନ୍ଧକାରରେ ଅଛି ଓ ଅନ୍ଧକାରରେ ଆଚରଣ କରେ" ଏକ ବର୍ତ୍ତମାନ କାଳ ବ୍ୟକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ (ଗମନ କରେ) ଦ୍ୱାରା ଅନୁଗତ ସେଠାରେ ଏକ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ରହିଛି (ଘୃଣା କରେ) । ଘୃଣା ଅବିଶ୍ୱାସର ଏକ ଚିହ୍ନ ଅଟେ (ସି.ଏଫ୍. ୩:୧୫; ୪:୨୦) । ଜ୍ୟୋତିଃ ଓ ଅନ୍ଧକାର, ପ୍ରେମ ଓ ଘୃଣା ଏକ ବ୍ୟକ୍ତିଠାରେ ପରିପୃଷ୍ଟ ହୋଇପାରେ ନାହିଁ । ଯୋହନଙ୍କର କାଳ କିମ୍ବା ଧଳା ମନ୍ତବ୍ୟଗୁଡ଼ିକର ଏହା ଉେଛି ପ୍ରକାରଗତ ଉଦାହରଣ ସଦୃଶ । ସେ ଆଦର୍ଶ ବ୍ୟକ୍ତ କରନ୍ତି । ଅନକେ ସମୟରେ, ଯେମିତି ହେଉ, ବିଶ୍ୱାସୀମାନେ ପକ୍ଷପାତ, ଅପ୍ରେମ ଓ ଅବହେଳା ସହିତ କଷ୍ଟ ଭୋଗନ୍ତି । ସୁସମାଚାର ଏକ ମୁହୂର୍ତ୍ତକ ମଧ୍ୟରେ ପରିବର୍ତ୍ତନ ଓ ପ୍ରଗତିଶୀଳ ପରିବର୍ତ୍ତନ ଆଣେ ।

■ **"ଅନ୍ଧକାର ତାହାର ଚକ୍ଷୁଦ୍ୱୟ ଅନ୍ଧ କରିଅଛି"** ଏହା ବିଶ୍ୱାସୀମାନଙ୍କର ରହିଯାଇଥିବା ପାପ ପ୍ରକୃତିକୁ ( ଦ୍ୱି. ପିତ ୧:୫-୯), କିଅବା ଶୟତାନ୍‌ର କାର୍ଯ୍ୟଗୁଡ଼ିକୁ (ସି.ଏଫ୍. ଦ୍ୱି. କରି ୪:୪) ଦର୍ଶାଇ ପାରେ । ସେଠାରେ ମନୁଷ୍ୟ ଜାତିର ତିନେଟି ଶତ୍ରୁମାନେ ଅଛନ୍ତି (୧) ପିତି ଜଗତ ପ୍ରଣାଳୀ; (୨) ବ୍ୟକ୍ତିଗତ ଦୂତ ସଦୃଶ ପ୍ରଲୋଭନକାରୀ, ଶୟତାନ; ଓ (୩) ଆମ୍ଭମାନଙ୍କର ନିଜର ପତିତ, ଆଦମ ସଦୃଶ ପ୍ରକୃତି (ସି.ଏଫ୍. ୨:୨-୩, ୧୬; ଯାକୁବ ୪)

**ଏନ୍ଏଏସ୍‌ବି (ଆଧୁନିକରଣ) ଶାସ୍ତାଂଶ ୨:୧୨-୧୪**

**ବତ୍ସଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କର ପାପ କ୍ଷମା ହୋଇଛି । ୧୩ହେ ପିତୃଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ଯେ ଆଦ୍ୟରୁଅ ଛନ୍ତି ତୁମ୍ଭେମାନେ ତାହାଙ୍କୁ ଜାଣିଅଛ । ହେ ଯୁବକମାନେ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତୁମ୍ଭେମାନେ ପାପତ୍ମାକୁ ଜୟ କରିଅଛ ।୧୪ ବତ୍ସଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଅଛି, କାରଣ ତୁମ୍ଭେମାନେ ପିତାଙ୍କୁ ଜାଣଅଛ । ହେ ପିତୃଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ଯେ ଆଦ୍ୟରୁ ଅଛନ୍ତି ତୁମ୍ଭେମାନେ ତାହାଙ୍କୁ ଜାଣିଅଛ । ହେ ଯୁବକମାନେ ତୁମ୍ଭମାନଙ୍କ ନିକଟକୁ ଲେଖିଅଛି, କାରଣ ତୁମ୍ଭେମାନେ ବଳବାନ, ପୁଣି ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ ରହିଛି ଓ ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ ।**

୨:୧୨-୧୪ ଏହି ପଦଗୁଡ଼ିକରେ ସମସ୍ତ କ୍ରିୟାପଦଗୁଡ଼ିକ (ମୁଁ ଲେଖୁଅଛି (ଏନ୍‌ଏଏସ୍‌ବି ୧୯୭୦), "ମୁଁ ଲେଖିଅଛି" (ଏନ୍‌ଏଏସ୍‌ବି ୯୯୫), ୟୁବିଏସ ୪ଦ୍ୱିତୀୟ ମନୋନୟନ ଏକ "ଏ" ଶ୍ରେଣୀୟ ମାନ ପ୍ରଦାନ କରେ (ନିର୍ଦ୍ଦିଷ୍ଟ) ବ୍ୟତୀତ) ସମ୍ପନ୍ନ ସୂଚକ କାଳ ଅଟନ୍ତି, ଯାହା ଅତୀତର କାର୍ଯ୍ୟ ଜଣେ ବ୍ୟକ୍ତିର ଏକ ଅଗ୍ରଗତି କରୁଥିବା ଅବସ୍ଥାରେ ପ୍ରତିଫଳିତ ହୁଏ । ଯେପରି ପୂର୍ବବର୍ତ୍ତୀ ପ୍ରସଙ୍ଗ ମିଥ୍ୟା ଶିକ୍ଷକମାନଙ୍କ ସମ୍‌ବୋଧନ କଲା .ହି ପ୍ରସଙ୍ଗ ବିଶ୍ୱାସୀମାନଙ୍କୁ ସମେବାଧନ କରେ । ସେଠାରେ ବିଶ୍ୱାସୀମାନଙ୍କୁ ତିନୋଟି ଭିନ୍ନ ଆଖ୍ୟାଗୁଡ଼ିକ ପ୍ରଦାନ କରାଯାଇଛି : "ବତ୍ସଗଣ" "ପିତୃଗଣ" ଓ "ଯୁବକଗଣ" ନିର୍ଭର ପ୍ରତିଶ୍ରୁତି ଜୀବନ ଧାରା ତଥ୍ୟଗୁଡ଼ିକର ପ୍ରସଙ୍ଗରେ ଏହି ଅନୁଚ୍ଛେଦ ଚିକ୍‌କଣ ଭାବରେ ଉପଯୁକ୍ତ ହେଉନାହିଁ । ଏହା ସମ୍ଭବ ଯେ ଆମ୍ଭେମାନେ ତିନୋଟି ଗୋଷ୍ଠୀ ଗୁଡ଼ିକ ସହିତ ବ୍ୟବହାର କରୁନାହୁଁ କିନ୍ତୁ ସମସ୍ତ ଖ୍ରୀଷ୍ଟିୟାନ ମାନଙ୍କର ପ୍ରତିଷ୍ଠିତ ପରିସ୍ଥିତି ବର୍ଣ୍ଣନା କରୁଥିବା ସାହିତ୍ୟିକ ଉପକରଣ ।

ସେଠାରେ ବିଶ୍ୱାସୀମାନେ ଜାଣିଥିବା ଚାରୋଟି ବିଷୟଗୁଡ଼ିକର ତାଲିକା ପ୍ରସ୍ତୁତ ହୋଇଛି ।

୧. ସେମାନଙ୍କର ସବୁ ପାପ କ୍ଷମା ହୋଇଛ (ପ. ୧୨)

୨. ଖ୍ରୀଷ୍ଟଙ୍କ ମଧ୍ୟ ଦେଇ ସେମାନେ ମନ୍ଦ ଆତ୍ମା ଉପରେ ଜୟଲାଭ କରିଛନ୍ତି (ପ. ୧୩)

୩. ସେମାନେ "ଜାଣନ୍ତି" ସେମାନଙ୍କର ପିତା (ପ. ୧୪) ଓ ପୁତ୍ର (ଭିଭି ୧୩-୧୪) ଉଭୟଙ୍କ ସହିତ ସହଭାଗିତା ଅଛି ।

୪. ଈଶ୍ୱରଙ୍କ ବାକ୍ୟରେ ସେମାନେ ବଳବାନ ଅଟନ୍ତି (ପ. ୧୫)

ବ୍ୟାକରଣ ନିୟମ ଅନୁସାରେ ଏହି ତାଲିକା (୧) ବାକ୍ୟାଂଶ "ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି" ଓ (୨) ଛଅଗୋଟି, ହୋଟି (କାରଣ) ଖଣ୍ଡବାକ୍ୟଗୁଡ଼ିକରେ ବ୍ୟକ୍ତ ହୋଇଛି ।

. **୨:୧୨ "କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ସମସ୍ତ ପାପ କ୍ଷମା କରାଯାଇଛି"** ଯୀଶୁଙ୍କର ସେବାକାର୍ଯ୍ୟ କ୍ଷମା ନିମନ୍ତେ ମନୁଷ୍ୟ ଜାତିର ଏକମାତ୍ର ଆଶା (ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ମବାଚ୍ୟ) । ଏବ୍ରୀ ବୁଝାମଣାରେ, ନାମ ଚରିତ୍ର ଓ ବ୍ୟକ୍ତିତ୍ୱକୁ ସମତୁଲ କରେ (ସିଏଫ ୩:୨୩; ତୃ. ଯୋହନ ୭; ରୋମୀ ୧୦:୯-୧୩; ଫିଲିପ ୨: ୬-୧୧)

ଭିଭି. ୧୨-୧୪ରେ ସେଠାରେ ଛଅଗୋଟି ହୋଟି ଖଣ୍ଡବାକ୍ୟ ଗୁଡ଼ିକର ଅନୁକ୍ରମ ରହିଚି । ସେମାନେ ଉଦ୍ଦେଶ୍ୟମୂଳକ ଖଣ୍ଡ ବାକ୍ୟ (ଏନ୍‌ଏଏସ୍‌ବି. ଏଆର ଏସ୍‌ଭି, ଏନ୍‌ଜେବି, "କାରଣ" କିମ୍ବା ସରଳ ଭାବେ ସତ୍ୟ ଘଟଣାର ମନ୍ତବ୍ୟଗୁଡ଼ିକୁ ପରିଚୟ ଦେବାକୁ ଏକ ସାହିତ୍ୟିକ ମାର୍ଗ (ଏନ୍‌ଇଟି "ତାହା") ହୋଇ ପାରେ ।

**୨:୧୩ "ଯେ ଆଦ୍ୟରୁ ରହିଛନ୍ତି ତାହାଙ୍କୁ " ପ୍ରଥମ ଯୋହନରେ ସର୍ବନାମ ଗୁଡ଼ିକ ଅନେକାର୍ଥକ ଏବଂ ପିତା ଈଶ୍ୱର କିମ୍ବା ପୁତ୍ର ଈଶ୍ୱରଙ୍କୁ ଦର୍ଶାଇ ପାରେ ।** ପ୍ରସଙ୍ଗରେ ଏହି ଗୋଟିଏକ ଯୀଶଙ୍କୁ ଦର୍ଶାଏ । ଏହା ପୂର୍ବ ବିଦ୍ୟମାନତାର ମନ୍ତବ୍ୟ ଅଟେ ଓ ସେହି ଉପାୟରେ, ତାହାଙ୍କର ଈଶ୍ୱରତ୍ୱ (ସି.ଏଫ୍. ଯୋହନ ୧:୧,୧୫; ୩:୧୩; ୮:୪୮-୫୯; ୧୭:୫, ୨୪; ଦ୍ୱି. କର ୮:୯; ଫିଲିପ ୨:୬-୭; କଲ ୧;୧୭; ଏବ୍ରୀ ୧:୩)

■ **"ତୁମ୍ଭେମାନେ ଜୟ କରିଅଛ"** ପ୍ରଥମ ଯୋହନରେ ଏହା ପୌନପୁନିଃକ ପ୍ରତିଜ୍ଞା ଓ ସତର୍କ କରିବା (ସି.ଏଫ୍. ୨:୧୪, ୪:୪; ୫:୪-୫, ୧୮-୧୯) ଏହା ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟରେ ବ୍ୟକ୍ତ ହୋଇଛି ଯାହା ଗୋଟିଏ କାର୍ଯ୍ୟଧାରାର ଉନ୍ନତି ବିଷୟରେ କହେ । ଏଠାରେ ପୁନର୍ବାର, ଯୋହନ କଳା ଓ ଧଳା ପଦଗୁଡ଼ିକରେ ଲେଖନ୍ତି (ଯୋହନଙ୍କ ସୁସମାଚାରର ଏହି ଉପଲବଧ୍ଧ ହୋଇଥିବା ଭିଷ୍ୟତ୍ ବିଷୟର ବିଜୟ ଅତି ସ୍ମରଣୀୟ ଅଟେ) । ବିଶ୍ୱାସୀମାନେ ବିଜୟୀ ଅଟନ୍ତି, ତଥାପି "ପୂର୍ବରୁ ଉପସ୍ଥିତ କିନ୍ତୁ ଏ ପର୍ଯ୍ୟନ୍ତ ନୁହେଁ" ଈଶ୍ୱରଙ୍କ ରାଜ୍ୟର ମାନସିକ ଉଦ୍‌ବେଗ କାରଣ ସକାଶୁ ସେମାନେ ପାପ, ପ୍ରଲୋଭନ, ନିର୍ଯ୍ୟାତନା ଓ ମୃତ୍ୟୁ ସହିତ ଏ ପର୍ଯ୍ୟନ୍ତ ସଂଘର୍ଷ କରନ୍ତି ।

. ପାପାତ୍ମା - ଏହା ଶୟତାନ୍ ନିମନ୍ତେ ଏକ ନିର୍ଦ୍ଦେଶ ଯିଏ ପ. ୧୪ରେ ପୁନର୍ବା ଉଲ୍ଲେଖ ହୋଇଛି । ପଦ ୧୩ ଓ ୧୪ ସମାନ୍ତର ଅଟନ୍ତି । ଯୋହନ ୧୨:୩୧ରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ "କାରଣ ତୁମ୍ଭେମାନେ ପିତାଙ୍କୁ ଜାଣ" "ଜାଣିବା" ପଦର ବାଇବଲ ସମ୍ବନ୍ଧୀୟ ଧାରଣା ଅନ୍ତରଙ୍ଗ ବ୍ୟକ୍ତିଗତ ସମ୍ପର୍କର ଏବ୍ରୀ ଅର୍ଥ (ସି.ଏଫ୍. ୪:୧; ଯିରି ୧:୫) ଓ "ସତ୍ୟ ଘଯଣା ଗୁଡ଼ିକ ବିଷୟ"ର ଗ୍ରୀକ୍ ଧରାଣାକୁ ଅନ୍ତର୍ଭୁକ୍ତ କରେ । ସୁସମାଚାର ହେଉଛି ଉଭୟ ସ୍ୱାଗତ କରିବାକୁ ଏକ ବ୍ୟକ୍ତି (ଯୀଶୁ), ଗ୍ରହଣ କରିବା ଓ ତାହା ଉପରେ କାର୍ଯ୍ୟ କରିବାକୁ ଏକ ସମ୍ବାଦ (ଧର୍ମନୀତି) ବଞ୍ଚିବା ପାଇଁ ଏକ ଜୀବନ ।

**ବିଶେଷ ଶୀର୍ଷ : ଜାଣିବା ମୁଖ୍ୟତଃ (ଦ୍ୱିତୀୟ ବିବରଣୀକୁ ଏକ ଦୃଷ୍ଟାନ୍ତ ଭାବେ ବ୍ୟବହାର କରି)**

ଏବ୍ରୀ ଶବ୍ଦ "ଜାଣିବା" (ବିଡ଼ିବି ୩୯୩)ର କ୍ୱାଆଲ୍‌ରେ କେତେକ ଅର୍ଥଗୁଡ଼ିକ ରହିଛି (ଭାଷାର୍ଥ ବିଷୟକ କ୍ଷେତ୍ରରେ)

୧. ଭଲ ଓ ମନ୍ଦ ବୁଝିବାକୁ - ଆଦି ୩:୨୨; ଦ୍ୱି. ବିବ ୧;୩୯; ଯିଶା ୭:୧୪-୧୫; ଯୂନୁସ ୪:୧୧)

୨. ବୁଝାମଣା ଦ୍ୱାରା ଜାଣିବାକୁ - ଦ୍ୱି. ବିବ. ୯:,୩,୬; ୧୮:୨୧

୩. ଅନୁଭୂତି ଦ୍ୱାରା ଜାଣିବାକୁ - ଦ୍ୱି. ବିବ. ୩:୧୯; ୪:୩୫, ୮:୨,୩,୫; ୧୧:୨; ୨୦:୨୦; ୩୧:୧୩; ଯିହୋ ୨୩:୧୪

୪. ଅନୁଧ୍ୟାନ କରିବାକୁ - ଦ୍ୱି. ବିବ. ୪:୩୯; ୧୧:୨; ୨୯:୧୬

୫. ବ୍ୟକ୍ତିଗତ ଭାବେ ଜାଣିବାକୁ

କ. ଜଣେ ବ୍ୟକ୍ତି - ଆଦି ୨୯:୫; ଯାତ୍ରା ୧:୮; ଦ୍ୱି. ବିବ ୨୨:୨୨; ୩୩;୯

ଖ. ଜଣେ ଦେବତା - ଦ୍ୱି. ବିବ. ୧୧:୨୮; ୧୩:, ୬, ୧୩; ୨୮:୬୪; ୨୯:୨୬; ୩୨:୧୭

ଗ. ଯାହୋବେ - ଦ୍ୱି. ବିବ ୪;୩୫, ୩୯; ୭:୯; ୨୯:୬ ଯିଶା ୧:୩; ୫୬: ୧୦୧୧

ଘ. ଯୌନ ସମ୍ପର୍କ ସମ୍ବନ୍ଧରେ - ଆଦି ୪:୧, ୧୭,୨୫; ୨୪:୧୬; ୩୮:୨୬

୬. ଅର୍ଜିତ ଦକ୍ଷତା ବା ଜ୍ଞାନ - ଯିଶା ୨୯:୧୧, ୧୨; ଆମୋଷ ୫:୧୬

୭. ଜ୍ଞାନୀ ହେବା - ଦ୍ୱି. ବିବ ୨୯:୪; ହିତୋ ୧;୨; ୪:୧; ଯିଶା ୨୯:୨୪

୮. ଈଶ୍ୱରଙ୍କ ଜ୍ଞାନ

କ. ମୋଶାଙ୍କର - ଦ୍ୱି. ବିବ ୩୪:୧୦

ଖ. ଇସ୍ରାଏଲର ଦ୍ୱି. ବିବ. ୩୧:୨୧, ୨୭,୨୯

**୨:୧୪ "ତୁମ୍ଭେମାନେ ବଳବାନ ଅଟ"** ଲକ୍ଷ୍ୟ କରନ୍ତୁ ଯେ ସେମାନଙ୍କର ବଳ ଈଶ୍ୱରଙ୍କ ବାକ୍ୟରେ ରହିବା ଉପରେ ଆଧାରିତ ଅଟେ । ଏହା ଏଫିସ ୬:୧୦-୧୮ରେ ପାଉଲଙ୍କ ସାବଧାନ ବାଣୀ ସମୂହ ସହିତ ସମାନ ଅଟେ । ରହିଥିବା ବାକ୍ୟ ହେଉଛି ସୁସମାଚାର । ଏହା ଉଭୟ ଭାବନା ସମ୍ବନ୍ଧୀୟ ଓ ବ୍ୟକ୍ତିଗତ, ଈଶ୍ୱର ଆରମ୍ଭ କଲେ ଓ ବ୍ୟକ୍ତିଗତ ଭାବରେ ଗ୍ରହଣ କଲେ, ଉଭୟ ଏକ ନିଷଷ୍ପତ୍ତି ଓ ଏକ ଶିଷ୍ୟତ୍ୱ, ଉଭୟ ସତ୍ୟତା ଓ ବିଶ୍ୱାସଯୋଗ୍ୟତା ଅଟେ ।

■ **"ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ ରହିଛି"** ଏହା ଈଶ୍ୱରଙ୍କ ବାକ୍ୟ (ସୁସମାଚାର, ସି.ଏଫ୍. ପ. ୨୪)ର ଧାରଣାକୁ ବ୍ୟକ୍ତିତ୍ୱରେ ପ୍ରକାଶ କରେ । ଏହା ଯୋହନ ୧୫ ସହ ଏକ ପରୋକ୍ଷ ଭାବେ ଉଲ୍ଲେଖ ଅଟେ । ଯୋହନ ୫:୩୮ ଓ ୮:୩୭ରେ ଏହା ନକରାତ୍ମକ ଅର୍ଥରେ ବ୍ୟବହୃତ ହୋଇଛି ।

■ "ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ" ପ୍ରକୃତ ସାଧୁମାନଙ୍କର ଅଧ୍ୟବାସାୟ ଉପରେ ଏହା ଏକ ଗୁରୁତ୍ୱ ପ୍ରଦାନ ଅଟେ । ଏହା ପୁନର୍ବାର ଭିଭି. ୧୭, ୧୯, ୨୪, ୨୭, ୨୮; ୫:୧୮; ଦ୍ୱି. ଯୋହନ ୯ ରେ ମିଳେ। ବିଶ୍ୱାସୀର ନିରାପତ୍ତାର ଧର୍ମନୀତି ସତ୍ୟତା ସହିତ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ଯେ ଯେଉଁମାନେ ପ୍ରକୃତରେ ଉଦ୍ଧାର ପ୍ରାପ୍ତ ସେମାନେ ଶେଷ ପର୍ଯ୍ୟନ୍ତ ତିଷ୍ଠି ରହିବେ (ସି.ଏଫ୍. ପ୍ରକା. ୨:୭,୧୧, ୧୭, ୨୬; ୩:୫, ୧୨, ୨୧) । ବିଶେଷ ଶୀର୍ଷ ଦେଖନ୍ତୁ : ଯେହନ ୮:୩୧ରେ କଠିନ ପରିଶ୍ରମ ନିମନ୍ତେ ଆବଶ୍ୟକତା । ଏହା ବର୍ତ୍ତମାନ ପାପ ଶୂନ୍ୟତାକୁ ସୂଚିତ କରେ ନାହିଁ, ଯଦି ଓ ତାହା ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟରେ ଏକ ତାତ୍ତ୍ୱିକ ସମ୍ଭବପରତା ଅଟେ (ସି.ଏଫ୍. ରୋମୀୟ ୬) ।

**ଏନ୍‌ଏଏସ୍‌ବି (ଆଧୁନିକରଣ) ଶାସ୍ତ୍ରାଂଶ ୨:୧୫-୧୭**

**୧୫ ଗତ କିମ୍ବା ସେଥିରେ ଥିବା ବିଷୟବସ୍ତୁକୁ ପ୍ରେମ କର ନାହିଁ । ଯଦି କେହି ଜଗତକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । ୧୬କାରଣ ଶାରୀରିକ ଅଭିଳାଷ ଓ ଚକ୍ଷୁର ଅଲଭିଳାଷ ଓ ଲୌକିକ ଗର୍ବ, ଏହି ସମସ୍ତ ପିତାଙ୍କଠାରୁ ନୁହେଁ, ମାତ୍ର ଜଗତରୁ ଉତ୍ପନ୍ନ ହୋଇଥାଏ । ୧୭ ଜଗତ ଓ ମଧ୍ୟ ଏହାର ଅଭିଳାଷଗୁଡ଼ିକ ଦୂରକୁ ଅତିକ୍ରମ କରୁଛନ୍ତି; କିନ୍ତୁ ଯେ ଈଶ୍ୱରଙ୍କ ଇଚ୍ଛାକୁ ପାଳନ କରେ ସେ ଅବିରତ ବଞ୍ଚିଥିବ ।**

**୨:୧୫ "ପ୍ରେମ କରେ ନାହିଁ"** ଏକ ନାସ୍ତିବାଚକ କୃଦନ୍ତ ବିଶେଷଣ ସହିତ ଏହା ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ କ୍ରିୟା କର୍ତ୍ତୃବାଚ୍ୟ ଅଟେ, ଯାହାର ଅର୍ଥ ପୂର୍ବରୁ ଅଗ୍ରଗତି କରୁଥିବା ଏକ କାର୍ଯ୍ୟକୁ ବନ୍ଦ କରିବା । ଜଗତ ନିମନ୍ତେ ପ୍ରେମ ନୋଷ୍ଟିକ ମିଥ୍ୟା ଶିକ୍ଷକମାନଙ୍କର ଗୋଟିଏ ଗୋଷ୍ଠୀର ଚିରିତ୍ର ଚିତ୍ରଣ କରୁଥିଲା ।

. "ଜଗତ" ନୂତନ ନିୟମରେ ଏହି ପଦ ଦୁଇଟି ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି : (୧) ପ୍ରାକୃତିକ ଗ୍ରହ ଓ କିମ୍ବା ସ୍ୱୟଷ୍ଟ ବିଶ୍ୱ (ସି.ଏଫ୍. ଯୋହନ ୩;୧୬; ୧୬; ୩୩; ପ୍ର. ଯେହନ ୪:୧୪) ଓ (୨) ମାନବ ସମାଜ ଗଠିତ ଓ ଈଶ୍ୱରଙ୍କ ବ୍ୟତୀତ କାର୍ଯ୍ୟରତ (ସି.ଏଫ୍. ୨:୧୫-୧୭; ୩;୧,୧୩; ୪:୪୫; ୫:୪-୫, ୧୯) । ପ୍ରଥମଟି ପ୍ରାରମ୍ଭିକ ପ୍ରାକୃତିକ ସୃଷ୍ଟି (ସି.ଏଫ୍. ଆଦି ପୁସ୍ତକ ୧-୨) ଓ ଦ୍ୱିତୀୟଟି ପତିତ ସୃଷ୍ଟିକୁ ଦର୍ଶାଏ (ସି.ଏଫ୍. ଆଦି ପୁସ୍ତକ ୩) ବିଶେଷ ଶୀର୍ଷ ଦେଖନ୍ତୁ : ୧୪:୧୭ରେ କସ୍‌ମସ୍)

**ବିଶେଷ ଶୀର୍ଷ : ମଣିଷ ସରକାର**

I. ଭୂମିକା :

କ. ସଂଜ୍ଞା – ସରକାର ହେଉଛି ମାନବ ଜାତିକୁ ଯୋଗାଇବା ଓ ଅନୁଭବ ହୋଇଥିବା ଆବଶ୍ୟକତାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏହା ଦ୍ୱାରା ଗଠନ କରିବା (ଏହା ହେଉଛି ଆଦି ପୁସ୍ତକ ୪ ଓ ୧୧) । ମନୁଷ୍ୟମାନେ ସାମାଜିକ ବ୍ୟକ୍ତି ଅଟନ୍ତି (ଏପରି ଯେ ପତନ ପୂର୍ବରୁ (ସିଏଫ ଆଦି ୨:୧୮) । ପରିବାରଗୁଡ଼ିକ, ଗୋଷ୍ଠୀଗୁଡ଼ିକ, ଜାତିଗୁଡ଼ିକ, ଆମ୍ଭମାନଙ୍କୁ ସମାଜ ପ୍ରଦାନ କରନ୍ତି ।

ଖ. ଉଦ୍ଦେଶ୍ୟ – ଈଶ୍ୱର ଇଛା କରିଅଛନ୍ତି ଯେ ଅରାଜକତା ନିମନ୍ତେ ଆଦେଶ ଗ୍ରହଣୀୟ ଅଟେ ।

୧. ମୋଶାଙ୍କର ଆଇନସମୂହ, ବିଶେଷ ଭାବରେ ଦଶ ଆଜ୍ଞା, ସମାଜରେ ମନୁଷ୍ୟ ଜାତି ପାଇଁ ଈଶ୍ୱରଙ୍କ ଇଛା । ଏହା ଉପାସନା ଓ ଜୀବନ ସନ୍ତୁଳନ କରେ ।

୨. ଶାସ୍ତ୍ରରେ ସରକାରର କୌଣସି ଆକୃତି ଅବା ଗଠନକୁ ସମର୍ଥନ କରାଯାଇ ନାହିଁ, ଯଦିଓ ପ୍ରାଚୀନ ଇସ୍ରାୟେଲର ଧର୍ମଶାସନ ସ୍ୱର୍ଗର ପୂର୍ବ ବ୍ୟବସ୍ଥିତ ଗଠନ ଅଟେ । ଗଣତନ୍ତ୍ର ଶାସନ କିଅବା ପୁଞ୍ଜିବାଦ ବାଇବଲ ସମ୍ବନ୍ଧୀୟ ସତ୍ୟ ନୁହେଁ । ଖ୍ରୀଷ୍ଟିୟାନ ମାନେ ନିଜକୁ ଯେକୌଣସି ସରକାରୀ ପ୍ରଣାଳୀରେ ପାଇଲେ ମଧ୍ୟ ସେମାନେ ଉପଯୁକ୍ତ ଭାବରେ କାର୍ଯ୍ୟ କରିବାକୁ ହେବ । ଖ୍ରୀଷ୍ଟିୟାନ୍‌ର ଉଦ୍ଦେଶ୍ୟ ହେଉଛି ପ୍ରଚାର ଓ ସେବାକାର୍ଯ୍ୟ । ବିପ୍ଳବ ନୁହେଁ । ସମସ୍ତ ସରକାର ଗୁଡ଼ିକ କ୍ଷଣସ୍ଥାୟୀ ଅଟନ୍ତି ।

ଗ. ମାନବ ସରକାରର ଆରମ୍ଭ

୧. ରୋମାନ୍ କ୍ୟାଥଲିକ୍‌ର ନୀତି ସମୂହ ଦୃଢ଼ ଭାବେ ଘୋଷଣା କଲେ ଯେ ମାନବ ସରକାର ଏପରିକି ପତନ ପୂର୍ବରୁ ମଧ୍ୟ, ଏକ ସ୍ୱାଭାବିକ ଆବଶ୍ୟକ ଅଟେ । ଏହି ଧାରଣା ପ୍ରଥମେ ଆରିଷ୍ଟୋଟଲ ନିଶ୍ଚିତ କରିବା ପରି ବୋଧ ହୁଏ । ସେ କହନ୍ତି, "ମନୁଷ୍ୟ ଏକ ରାଜନୈତିକ ପ୍ରାଣୀ ଅଟେ" ଓ ଏହା ଦାବରା ସେ ଅର୍ଥ କଲେ ଯେ ସରକାର" ଉତ୍ତମ ଜୀବନର ଉନ୍ନତି ସାଧନ ନିମନ୍ତେ ପରିଦୃଷ୍ଟ ଅଟେ ।" ।

୨. ପ୍ରୋଟେଷ୍ଟାଣ୍ଟ ଧର୍ମ ନୀତି ସମୂହ, ବିଶେଷ ଭାବରେ ମାର୍ଟିନ ଲୁଥର୍ ଦୃଢ଼ ଭାବେ ଘୋଷଣା କଲେ ଯେ ମାନବ ସରକାର ପତନରେ ଅବିଚ୍ଛେଦ୍ୟ ଅଟେ । ସେ ଏହାକୁ "ଈଶ୍ୱରଙ୍କ ବାମ ହାତର ରାଜ୍ୟ" କହନ୍ତି । ସେ କହିଲେ ଯେ "ମନ୍ଦ ବ୍ୟକ୍ତିକୁ ନିୟନ୍ତର କରିବାର ଈଶ୍ୱର ଙ୍କ ମାର୍ଗ ହେଉଛି ମନ୍ଦ ବ୍ୟକ୍ତିକୁ ନିୟନ୍ତ୍ରଣରେ ପକାଇବା ।"

୩. କାର୍ଲ ମାର୍କ୍ସ ଘୋଷଣା କଲେ ଯେ ସରକାର ହେଉଛି ଉପାୟ ଯାହା ଦ୍ୱାରା କେତେକ ବିଶିଷଟ ଗୋଷ୍ଠୀ ଜନସାଧାରଣକୁ ନିୟନ୍ତ୍ରଣ ମଧ୍ୟରେ ରଖନ୍ତି । ତାଙ୍କ ପାଇଁ ସରକାର ଓ ଧର୍ମ ଏକ ସମାନ ଭୂମିକାରେ ଅଭିନୟ କରନ୍ତି ।

II. ବାଇବଲ ସମ୍ବନ୍ଧୀୟ ଉପାଦାନ :

କ. ପୁରାତନ ନିୟମ

୧. ଇସ୍ରାୟେଲ ହେଉଛି ପଦ୍ଧତି ଯାହା ସ୍ୱର୍ଗରେ ବିନିଯୋଗ କରାଯିବ । ପ୍ରାଚୀନ ଇସ୍ରାଏଲ୍‌ରେ ଯାହୋଓ୍ୱେ ରାଜା ଥିଲେ । ଧର୍ମଶାସନ ହେଉଛି ଏକ ପଦ ଈଶ୍ୱରଙ୍କ ପ୍ରତ୍ୟେକ୍ଷ ଶାସନ ବର୍ଣ୍ଣନା କରିକୁ ବ୍ୟବହୃତ ହୋଇଛି (ସି.ଏଫ୍. ପ୍ର. ଶାମୁ ୮:୪-୯)

୨. ମାନବ ସରକାର ଠାରେ ଈଶ୍ୱରଙ୍କ ସାର୍ବଭୌମତ୍ୱ ସ୍ପଷ୍ଟ ଭାବରେ ତାହାଙ୍କୁ ନିଯୁକ୍ତ କରିବାରେ ଦେଖାଯାଇ ପାରେ ।

■ **"ଜଗତ ଆମ୍ଭମାନଙ୍କୁ ଜାଣି ନାହିଁ"** ପଦ "ଜଗତ" ଧର୍ମତତ୍ତ୍ୱ ଅନୁସାରେ ସମାନ୍ତର ଭାବରେ ବ୍ୟବହୃତ ହୋଇଛି ଯେପରି ୨:୧୫-୧୭ । ଜଗତ ଗଠିତ ମାନବ ସମାଜ ଓ ଈଶ୍ୱରଙ୍କବ୍ୟତୀତ କାର୍ଯ୍ୟରତ ଥିବା ସୂଚତତ କରେ (ସି.ଏଫ୍. ଯୋହନ ୧୫:୮-୧୯; ୧୭:୧୪-୧୫) । ଜଗତ ଦ୍ୱାରା ନିର୍ଯାତନା ଓ ଅଗ୍ରାହ୍ୟ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କ ସ୍ଥିତିର ଅନ୍ୟ ଏକ ପ୍ରମାଣ ଅଟେ (ସି.ଏଫ୍. ମାଥି ୫:୧୦-୧୬)

■ **"କାରଣ ଏହା ତାହାଙ୍କୁ ଜାଣେ ନାହିଁ"** ଏହା ପ୍ରତୀୟମାନ ଭାବେ ପିତା ଈଶବରଙ୍କୁ ନିର୍ଦ୍ଦେଶ କରେ କାରର ଯୋହନ ସୁସମାଚାରରେ ଯୀଶୁ ବାରମ୍ବାର କହନ୍ତି ଯେ ଜଗତ ତାହାଙ୍କୁ ଜାଣେ ନାହିଁ । (ସି.ଏଫ୍. ଯୋହନ ୮:୧୯, ୫୫; ୧୫:୧୮,୨୧;୧୬:୩) । ପ୍ରଥମ ଯୋହନ ରେ ସର୍ବନାମଗୁଡ଼ିକ ଏକାଧିକାର୍ଥବୋଧକ ଅଟନ୍ତି (୨;୨୮ରେ ଲେଖା ଦେଖନ୍ତୁ) ଏହି ପରିପ୍ରେକ୍ଷୀରେ ବ୍ୟାକରଣ ନିୟମ ସମ୍ବନ୍ଧୀୟ ପୂର୍ବ ପରିଚୟ ହେଉଛନ୍ତି ପିତା, କିନ୍ତୁ ପ. ୨ରେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ନିର୍ଦ୍ଦେଶ ହେଉଛନ୍ତି ପୁତ୍ର । ଯେମିତି ହେଉ, ଯୋହନରେ ଏହା ଉଦେଦଶ୍ୟ ମୂଳକ ଅନେକାର୍ଥକ ହୋଇପାରେ କାରଣ ଯୀଶୁଙ୍କୁ ଦେଖିବା ଅର୍ଥ ପିତାଙ୍କୁ ଦେଖିବା ଅଟେ (ସି.ଏଫ୍. ଯୋହନ ୧୨;୪୫; ୧୪:୯)

**୩:୨ "ଆମ୍ଭେମାନେ କଅଣ ହେବା ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ"** ଏହା ଶେଷ ସମୟର ସମସ୍ତ ଘଟଣାଗୁଡ଼ିକ (ସି.ଏଫ୍. ପ୍ରେରିତ ୧:୭) କିମ୍ବା ପୁରୁହିତ ଶରୀର ସଂକ୍ ପ୍ରକୃତି (ସି.ଏଫ୍. ପ୍ର. କର ୧୫:୩୫-୪୯) ବର୍ଣ୍ଣନା କରିବାରେ ଯୋହନର ଅସମର୍ଥତା ବିଷୟ କହୁଛି । ଏହା ମଦ୍ୟ ଦେଖାଏ ଯେ ୨:୨୭ର ଅର୍ଥ ପ୍ରତ୍ୟେକ ସ୍ଥଳରେ ଜ୍ଞାନ ବ୍ୟାପକ ନୁହେଁ । ମଧ ଏହି ଗଯଣାର ଯୀଶୁଙ୍କ ଜ୍ଞାନ ସିମୀତ ଥିଲା ଯେତେବେଳେ ସେ ଅବତାର ଗ୍ରହଣ କଲେ (ସି.ଏଫ୍. ମାଥି ୨୦:୩୬; ମାର୍କ ୧୩:୨୨)

■ "ସେ ଯେତେବେଳେ ପ୍ରକାଶିତ ହେବେଁ ପଦ "ଯେତେବେଳେ" ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟର ପରିଚୟ ଦିଏ । ଏଠାରେ ଏହା ବ୍ୟବହୃତ ହୋଇଛି ଦ୍ୱିତୀୟ ଆଗମନକୁ ପ୍ରଶ୍ନ କରିବାକୁ ନୁହେଁ, କିନ୍ତୁ ଏହାର ଅନିର୍ଦ୍ଦିଷ୍ଟ ତାରିଖ ବ୍ୟକ୍ତ କରିବାକୁ । ଯୋହନ, ବର୍ତ୍ତମାନ ଯଦିଓ ପୂର୍ଣ୍ଣ ପରିତ୍ରାଣକୁ ଗୁରୁତ୍ୱ ପ୍ରଦାନ କରନ୍ତି, ଏକ ଦ୍ୱିତୀୟ ଆଗମନକୁ ମଧ୍ୟ ଆଶା କରନ୍ତି ।

■ **"ଆମ୍ଭେମାନେ ତାହାଙ୍କ ସଦୃଶ ହେବା"** ଏହା ଆମ୍ଭମାନଙ୍କର ଖ୍ରଇଟ୍‌ଟେ ସଦୃଶତାର ସମ୍ପୂର୍ଣ୍ଣତାକୁ ଅନ୍ତର୍ଭୁକ୍ତ କରେ (ସି.ଏଫ୍. ଦ୍ୱି. କର ୩;୧୮; ଏଫିସ ୪:୧୩; ଫିଲିପ ୩:୨୧; ଓ କଲ ୩:୪) । ଅନେକ ସମୟରେ ଏହାକୁ "ମହିମାନ୍ୱିତ" କୁହାଯାଏ (ସି.ଏଫ୍. ରୋମି ୮:୨୮-୦) । ଏହା ଆମ୍ଭମାନଙ୍କ ପରିତ୍ରାଣର ଶୀର୍ଷସ୍ଥାନ ଅଟେ । ଏହି ଶେଷ ସମୟ ସମ୍ବନ୍ଧୀୟ ପରିବର୍ତ୍ତନ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ତାହାଙ୍କ ତକ ସାଦୃଶ୍ୟରେ ନିର୍ମିତ ମନୁଷ୍ୟମାନଙ୍କର ପୂର୍ଣ୍ଣ ପୁନରୁଦ୍ଧାର ସହ ସମ୍ପର୍କିତ ଅଟେ (ସି.ଏଫ୍. ଆଦି ୧;୨୬; ୫:୧, ୩; ୯:୬) ଈଶବରଙ୍କ ସହିତ ଅନ୍ତରଙ୍ଗ ସହଭାଗିତା ପୁନର୍ବାର ସମ୍ଭବ ଅଟେ ।

■ **"କାରଣ ସେ ଯେପରି ଅଟନ୍ତି ସେହିପରି ଆମ୍ଭେମାନେ ତାହାଙ୍କୁ ଦର୍ଶନ କରିବା"** ଈଶ୍ୱରଙ୍କୁ ଦର୍ଶନ କରିବା ନିମନ୍ତେ ଆୟୁବ ପ୍ରବଳ ଇଚ୍ଛା କରିଥିଲେ (ସି.ଏଫ୍. ଆୟୁବ ୧୯:୨୫-୨୭) । ଯୀଶୁ ଆମ୍ଭମାନଙ୍କୁ କହିଲେ ଯେ ଶୁଦ୍ଧଚିତ୍ତ ଲୋକ ଈଶ୍ୱରଙ୍କୁ ଦର୍ଶନ କରିବେ (ସି.ଏଫ୍. ମାଥି ୫:୮) । ତାହାଙ୍କ ପରିପୂର୍ଣ୍ଣତାରେ ତାହାଙ୍କୁ ଦର୍ଶନ କରିବା ଅର୍ଥ କରେ ଯେ ଆମ୍ଭେମାନେ ତାହାଙ୍କ ସାଦୃଶ୍ୟରେ ପରିବର୍ତ୍ତିତ ହେବା (ସି.ଏଫ୍. ପ୍ର. କର ୧୩:୧୨) । ଏହା ଦ୍ୱିତୀୟ ଆଗମନ ସମୟରେ ବିଶବାସୀରେ (ସି.ଏଫ୍. ରେମୀ ୮;୨୯) ମହିମାନ୍ୱିତକୁ ଦର୍ଶଏ । ଯଦି "ଯଥାର୍ଥତା"ର ଅର୍ଥ ପାପରଦଣ୍ଡରୁ ସ୍ୱାଧୀନତା ଓ "ପବିତ୍ରକରଣ" ଅର୍ଥ ପାପର ଶକ୍ତିଠାରୁ ସ୍ୱାଧୀନତା ଅଟେ, ତାହା ହେଲେ "ମହିମାନ୍ୱିତ"ର ଅର୍ଥ ପାପର ଉପସ୍ଥିତିଠାରୁ ସ୍ୱାଧୀନତା ଅଟେ ।

୩: "ପ୍ରତ୍ୟେକେ" ଗ୍ରୀକ୍ ପଦ ପାସ ୨:୨୯ଠାରୁ ୩:୧୦ ଯାଏ ସାତ ଥର ପରିଦୃଷ୍ଟ ହୁ, । ସେଠାରେ ବ୍ୟତିକ୍ରମ ମାନ ନାହିଁ । ସ୍ପଷ୍ଟ, କଳା ଅବା ଧଳା ବିଭାଗଗୁଡ଼ିକରେ ଯୋହନ ସତ୍ୟ ଉପସ୍ଥାପନ କରନ୍ତି । ଜଣେ ଈଶ୍ୱରଙ୍କ ସନ୍ତାନ ଅଟେ କିଅବା ଶୟତାନର ସନ୍ତାନ (ସି.ଏଫ୍. ୨:୨୯; ୩:୩,୪, ୬ (ଦୁଇଥର) ୯, ୧୦)

■ **"ଏହି ଆଶା"** ପାଉଲଙ୍କଠାରେ ଶହି ପଦ ଅନେକ ସମୟରେ ପୁନରୁଥାନ ଦିବସକୁ ଦର୍ଶାଏ (ସି.ଏଫ୍. ପ୍ରେରିତ ୨୩:୬; ୨୪:୧୫; ୨୬:୬-୭; ରୋମି ୮:୨୦-୨୫; ପ୍ର.ଥେସ ୨:୧୯; ତିତସ ୨:୧୩; ପ୍ର. ପିତ ୧:୩, ୨୧) । ଏହା ଘଟଣାର ନିର୍ଦ୍ଦିଷ୍ଟତାକୁ ବ୍ୟକ୍ତ କରେ, କିନ୍ନୁତ ଏକ ଏକାଧିକାର୍ଥକ ସମୟ ଉପାଦାନ ସହିତ ।

ଅନ୍ୟ ନୂତନ ନିୟମ ଲେଖକମାନଙ୍କ ପରି ଯୋହନ ଦ୍ୱିତୀୟ ଆଗମନର "ଆଶା" ବିଷୟରେ ପୁନଃ ପୁନଃ ଭାବେ କହନ୍ତି ନାହିଁ । ତାହାଙ୍କେ ଲଖା ସମୂହରେ ଏହା ପଦର କେବଳ ବ୍ୟବହାର ଅଯେ । ସେ ବର୍ତ୍ତମାନ ଖ୍ରୀଯେଙ୍କଠରେ "ରହିବା"ର ଉପକାରଗୁଡ଼ିକ ଓ କୃତଜ୍ଞ ଜନିତ କର୍ତ୍ତବ୍ୟଗୁଡ଼ିକ ଉପରେ ଲକ୍ଷ୍ୟ କରନ୍ତି । ଯାହା ହେଲେ ମସଦ୍ୟ ଏହା ଦର୍ଶାଉଥିବା କୁ ନୁହେଁ ଯେ ସେ ମନ୍ଦର ଏକ ଶେଷସମୟ ବିଚାର (ସି.ଏଫ୍. ୨;୧୮) ଓ ବିଶ୍ୱାସୀର ଶେଷ ସମୟରେ ମହିମାନ୍ୱିତ (ସି.ଏଫ୍. ୩:୧-୩) ହେବା ଆଶା କରୁ ନ ଥିଲେ ।

■ **"ନିଜକୁ ପବିତ୍ର କରେ, ଠିକ୍ ଯେପରି ସେ ପବିତ୍ର ଅଟନ୍ତି"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ବିତ୍ରତା ମହତ୍ୱପୂର୍ଣ୍ଣ ଅଟେ (ସି.ଏଫ୍. ମାଥି ୫:୮; ୪୮) ଆମ୍ଭେମାନେ ପବିତ୍ରୀକରଣ ପ୍ରକ୍ରିୟାରେ ସହଯୋଗ କରିବା ଆବଶ୍ୟକ (ସି.ଏଫ୍. ଦ୍ୱିକ. କର ୭;୧; ଯାକୁବ ୪:୮; ପ୍ର. ପିତ ୧:୨୨; ଦ୍ୱି. ପିତ ୩:୧୩, ୧୪) ଠିକ୍ ଯେପରି ଯୋହନ ୧:୧୨ ଯଥାର୍ଥତାର ପ୍ରକ୍ରିୟାରେ ଆମଭମାନଙ୍କର ସହଯୋଗ ବିଷୟ ବ୍ୟକ୍ତ କରେ । ଆମ୍ଭମାନଙ୍କର ପରିତ୍ରାଣରେ ଈଶ୍ୱରଙ୍କ ଅଂଶ (ସାର୍ବଭୌମତ୍ୱ) ଓ ଆମ୍ଭମାନଙ୍କର ଅଂଶ (ମନୁଷ୍ୟର ସ୍ୱାଧୀନ ଇଚ୍ଛା) ମଧ୍ୟରେ ଏହି ସମାନ ମାନସିକ ଉଦ୍‌ବେଗ ଯିହଜି ୧୮:୩୧ ସହିତ ୩୬:୨୬-୨୭କୁ ତୁଳନା କରିବା ଦ୍ୱାରା ସ୍ପଷ୍ଟ ଭାବରେ ଦେଖାଯାଇପାରେ । ସର୍ବଦା ଈଶ୍ୱର ପ୍ରାଥମିକ ପଦକ୍ଷେପ ନିଅନ୍ତି (ସି.ଏଫ୍. ଯୋହନ ୬:୪୪,୬୫) କିନ୍ତୁ ସେ ଦାବି କରିଅଛନ୍ତି ଯେ ଚୁକ୍ତିବଦ୍ଧ ଲୋକମାନେ ପ୍ରଶଥମିକ ଅନୁତପ ଓ ବିଶ୍ୱାସ ଦ୍ୱାରା ଉତ୍ତର ଦେବା ଆବଶ୍ୟକ ତତ୍ ସଙ୍ଗେ ସଙ୍ଗେ ଅନୁତାପ, ବିଶ୍ୱାସ, ଆଜଜ୍ଞାନୁବର୍ତ୍ତୀ କାର୍ଯ୍ୟ, ପୂଜା ଆରାଧନା ଓ ଅଧ୍ୟବସାୟ କ୍ରମାଗତ କରିବା ଆବଶ୍ୟକ ।ଏହା ଯେହନ ୧୭ରେ ଯୀଶୁଙ୍କର ମହାଯାଜକ ଭାବେ ପ୍ରାର୍ଥନାର ପରୋ ଭାବରେ ଇଙ୍ଗିତ ହୋଇପାରେ ବିଶେଷ ଭାବରେ ଭିଭି ୧୭,୧୯ । ସେ ନିଜକୁ ପବିତ୍ରୀକୃତ କରନ୍ତି ତାହାଙ୍କ ଅନୁଗାମୀମାନେ ସେମାନଙ୍କୁ ପବିତ୍ରୀକୃତ କରନ୍ତି । ଏହା କିଛି ମାତ୍ରାରେ ଆଶ୍ଚର୍ଯ୍ୟ ପ୍ରଦ ଅଟେ ଯେ ସମାନ ମୌଳିକ ମୂଳର ବିଭିନ୍ନ ଆକୃତିଗୁଡ଼ିକ ବ୍ୟବହୃତ ହେଶଇଛି ।

୧. ଯୋହନ ୧୭:୧୭,୧୯ - ହାଗିଆଜୋ (ହାଗିଅସ, ସି.ଏଫ୍. ଯୋହନ ୧୦:୩୬)

୨. ପ୍ରଥମ ଯୋହନ ୩:୩ ହାଗ୍ନିଜୋ (ହାଗ୍‌ନୋସ୍ ସି.ଏଫ୍. ଯେହନ ୧୧:୫୫)

୩:୪-୧୦କୁ ପୂର୍ବାପର ସମ୍ପର୍କିତ ଅନ୍ତଦୃଷ୍ଟିମାନ

କ. ଖ୍ରୀଷ୍ଟିୟାନ ନିଖୁଣତାର ବିଶ୍ୱାସ (ସି.ଏଫ୍. ରୋମିୟ ୬) ବେଳେ ବେଳେ ସମଗ୍ର ପବିତ୍ରୀକରଣ କୁହାଯାଏ ଓ ଖ୍ରୀଷ୍ଟିୟାନ୍‌ର କ୍ରମାଗତ ପାପ କରିବା (ସି.ଏଫ୍. ରୋମୀୟ ୭) ମଧ୍ୟରେ ଏହି ଅଂଶ ବାଦାନୁବାଦର କେନ୍ଦ୍ର ହୋଇ ରହିଛି ।

ଖ. ଏହିଂ ଅଂଶର ଆମ୍ଭମାନଙ୍କର ବ୍ୟାଖ୍ୟା ପ୍ରଭାବିତ କରିବାକୁ ଆମ୍ଭେମାନେ ଆମ୍ଭମାନଙ୍କର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ପକ୍ଷପାତ ଅନୁମତି ନ ଦେବା ଆବଶ୍ୟକ । ଆମ୍ଭେମାନେ ଅନ୍ୟ ଅଂଶଗୁଡ଼ିକୁ ମଧ୍ୟ ଏହି ଅଂଶ ଉପରେପ୍ରଭାବପକାଇବାକୁ ଅନୁମତି ନ ଦବୋ ଆବଶ୍ୟକ ଯେ ପର୍ଯ୍ୟନ୍ତ ଏହି ଅଂଶରେ ଆମ୍ଭମାନଙ୍କର ସ୍ୱାଧୀନତା ପଠନ ସମ୍ପୂର୍ଣ୍ଣ ହୁଏ ଓ ଯାହା ୩ ଅଧ୍ୟାୟ ଓ ପ୍ରଥମ ଯୋହନର ସମଗ୍ର ପୁସ୍ତକ ଉଭୟରେ ଯୋହନ କହୁଥିଲେ ତାହା ଆମ୍ଭେମାନେ ନିର୍ଣ୍ଣୟ କରିଅଛୁ ।

ଗ. ଏହି ଅଂଶ ସ୍ପଷ୍ଟ ଭାବରେ ଲକ୍ଷ୍ୟକୁ ଉପସ୍ଥାପନ କରେ ଯାହା ସମସ୍ତ ବିଶ୍ୱାସୀମାନଙ୍କର ଅଭିଳାଷ, ପାପଠାରୁ ପୂର୍ଣ୍ଣ ଉଦ୍ଧାର । ଏହି ସମାନ ଧାରଣା ରୋମିୟ ୬ରେ ଉପସ୍ଥାପିତ । ଖ୍ରୀଷ୍ଟଙ୍କ ଶକ୍ତି ମଧ୍ୟ ଦେଇ ପାପଶୂନ୍ୟ ଜୀବନ ଯାପନ ନିମନ୍ତେ ଆମ୍ଭମାନଙ୍କଠାରେ ଅର୍ନ୍ତନିହିତ ଶକ୍ତି ରହିଛି ।

ଘ. ଏହି ଅଧ୍ୟାଂଶ ଯେମିତି ହେଉ, ପ୍ରଥମ ଯୋହନର ସମଗ୍ର ପୁସ୍ତକର ବ୍ୟାପକ ପ୍ରସଙ୍ଗକୁ ନିଶ୍ଚିତ ଉପଯୁକ୍ତ ।

୧. ୧:୮-୨:୨ (ଖ୍ରୀଷ୍ଟିୟାନମାନେ ଏ ପର୍ଯ୍ୟନ୍ତ ପାପ କରନ୍ତି) ନିମନ୍ତେ ବିନା ଅନୁଧ୍ୟାନରେ ଏହି ଅଧ୍ୟାଂ ତର୍ଜମା କରିବାକୁ ମୂର୍ଖତା ହେବ ।

୨. ପ୍ରଥମ ଯୋହନର ମୋଟ ଉଦ୍ଦେଶ୍ୟ ଯେପରି ଖଣ୍ଡନ କରି ଏହି ଅଧ୍ୟାଂଶକୁ ଏହିପରି ଏକ ପଦ୍ଧତିରେ ତର୍ଜମା କରିବାକୁ, ପରିତ୍ରାଣର ନିର୍ଭର ପ୍ରତିଶ୍ରୁତି ବିରୁଦ୍ଧରେ ଭ୍ରାନ୍ତ ଶିକ୍ଷକମାନଙ୍କର ଦାବିଗୁଡ଼ିକ ମଧ୍ୟ ମୂର୍ଖତା ହେବ ।

୩.ଏହି ଅଧ୍ୟାଂଶ ନିଶ୍ଚିତରେ ଭ୍ରାନ୍ତ ଶିକ୍ଷକମାନଙ୍କର ପାପଶୂନ୍ୟତା କିମ୍ବା ପାପର ଗୁରୁତ୍ୱହୀନତାର ଦାବିଗୁଡ଼ିକ ସହ ସମ୍ପର୍କିତ ଅଟେ । ସମ୍ଭବତଃ ୧:୮-୨:୨ ଭ୍ରାନ୍ତ ଶିକ୍ଷକମାନଙ୍କର ଗୋଟିଏ ଚରମ ସଦ୍ ବ୍ୟବହାର କରେ, ଯେତେବେଳେ ୩:୧-୧୦ ଅନ୍ୟ ଗୋଟିକ ସହ ବ୍ୟବହାର କରେ । ମନେ ରଖନ୍ତୁ ଯେ ନୂତନ ନିୟମର ପତ୍ରଗୁଡ଼ିକ ତର୍ଜମା କରିବା ଫୋନ୍‌ରେ କଥଣବାର୍ତ୍ତାର ଏକ ଅଧା ଅଂଶ ଶୁଣିବା ସଦୃଶ ଅଟେ ।

ଙ. ଏହି ଦୁଇଟି ଅଧ୍ୟାଂଶ ଗୁଡ଼ିକ ମଧ୍ୟରେଏକଦ୍ୱନ୍ଦ୍ୱାତ୍ମକ ସମ୍ପର୍କ ରହିଛି । ଖ୍ରୀଟ୍ଟିୟାନ ଜୀବନରେ ପାପ ନୂତନ ନିୟମରେ ଏକେ ନୀନୁନିକ ସମସ୍ୟା (ରୋମୀୟ ୭) । ଏହା ସମାନ ଦ୍ୱନ୍ଦାତ୍ମକ ଯୁକ୍ତିର ମାନସିକ ଉଦ୍‌ବେଗ ଗଠନ କରେ ଯେପରି ଭାଗ୍ୟ ଓ ସ୍ୱାଧୀନ ଇଚ୍ଛା ବା ନିରାପତ୍ତା ଓ ଅଧ୍ୟବସାୟ । ସ୍ୱବିରୋଧୀ ସତ୍ୟ ଏକ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସନ୍ତାନଳ ଯୋଗାଏ ଓ ଚରମ ଅବସ୍ଥିତିକୁ ଆକ୍ରମଣ କରେ । ପାପର ସୀମାନେ ଭ୍ରାନ୍ତ ଶିକ୍ଷକମାନେ ଦୁଇଟି ଭୁଲ ଉପସ୍ଥାପନ କରିଥିଲେ ।

ଚ. ଏହି ସମଗ୍ର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଅଲୋଚନା ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରେ ବିଭିନ୍ନତାର ଭୁଲ ବୁଝାମଣା ଉପେର ଆଧାରିତ

୧. ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କର ସ୍ଥାନ

୨. ଦୈନନ୍ଦିନ ଜୀବନରେ ଅନୁଭୂତି ସମ୍ପନ୍ନଭାବେ ସେହି ସ୍ଥାନ ସଫଳ କରିବାକୁ ଆମ୍ଭମାନଙ୍କର ଦୃଢ଼ ଚେଷ୍ଟା କରିବା

୩. ଗୋଟିଏଦିନ ଆମ୍ଭମାନଙ୍କର ସେହି ବିଜୟୀ ହୋର ପ୍ରତିଜ୍ଞା ।

ଖ୍ରୀଷଟଙ୍କଠାରେ ପାପର ଦଣ୍ଡ (ଯଥାର୍ଥତା)ରୁ ଆମ୍ଭେମାନେ ମୁକ୍ତ ଅଯଉ, ତଥି ପାପର ଶକ୍ତି (ଅଗ୍ରଗାମୀ ପିତ୍ରୀକରଣ) ସହ ଆମ୍ଭେମାନେ ଏ ପର୍ଯ୍ୟନ୍ତ ସଂଘର୍ଷ କରୁ ପୁଣି ଗୋଟିଏ ଦିନ ଏହାର ଉପସ୍ଥିତି (ମହିମାନ୍ୱିତ)ରୁ ଆମ୍ଭେମାନେ ମୁକ୍ତ ହେବା । ସମଗ୍ର ଭାବେ ଏହି ପୁସ୍ତକ ଆମ୍ଭମାନଙ୍କର ପାପ ସ୍ୱୀକାର କରିବାର ପ୍ରାଧାନ୍ୟ ଓ ପାପଶୂନ୍ୟତା ଦିଗରେ ଦୃଢ଼ ଚେଷ୍ଟା କରିବାକୁ ଶିକ୍ଷା ଦିଏ ।

ଛ. ଅନ୍ୟ ଏକ ଚୟନ ଯୋହନଙ୍କର ସାହିତ୍ୟିକବାଦଠାରୁ ଆସେ । ସେ କଳା ଓ ଧଳା ବିଭାଗଗୁଡ଼ିକରେ (ମୃତ ସାଗର ଗ୍ରନ୍ଥରେ ମଧ୍ୟ ମିଳିଛି ।) ଲେଖିଛନ୍ତ । ତାଙ୍କ ପାଇଁ ଯେଉଁ ବ୍ୟକ୍ତିଖ୍ରୀଷ୍ଟଙ୍କଠାରେ ଥିଲା ଓ ସେହି ଉପାୟ ଧାର୍ମିକ ଅବା ଶୟତାନଠାରେ ଓ ସେହି ଉପାରେ ପାପପୂର୍ଣ୍ଣ । ସେଠାରେ ତୃତୀୟ ବିଭାଗ ନ ଥିଲା । ଏହା୍ାନ୍ତବର୍ତ୍ତୀ, ସଂସ୍କୃତିକ, ସାମୟିକ ଭାବେ, କେବଳ ଅନ୍ତ୍ୟେଷ୍ଟିକ୍ରିୟା, କେବଳ ପୁରୁଥାନ ପର୍ବ ଖ୍ରୀଷ୍ଟ୍ୟ ଧର୍ମ ପାଇଁ ଏକ "ନିଦ୍ରାରୁ ଜାଗ୍ରତ ଆହ୍ୱାନ" ଭାବେ ବ୍ୟବହାର ହୁଏ ।

ଜ. ଏହି କଷ୍ଟକର ବିଷୟବସ୍ତୁ ଉପରେ କେତେକ ନିର୍ଦ୍ଦେଶାବଳୀ

୧. ଏହି ଅଧ୍ୟାଂଶର ସାତୋଟି ପ୍ରଥାଗତ ତର୍ଜମାଗୁଡ଼ିକ ନିମନ୍ତେ ଏର୍ଡ଼ମେନ୍‌ଙ୍କ ଦ୍ୱାରା ପ୍ରକାଶିତ, ଜନ୍ ଆର୍.ଡବ୍ଲ୍ୟୁ ସ୍ଟଟ ଦ୍ୱାରା ଲିଖିତ "ଦି ଏପିଷ୍ଟଲ୍ ଅଫ୍ ଜନ୍" ଦି ଟେଣ୍ଡାଲେ ନ୍ୟୁ ଟେଷ୍ଟାମେଣ୍ଟ କମେଣ୍ଟରିକଜ୍‌ରେ ଦେଖନ୍ତୁ (ପି. ୧୩୦-୧୩୬) ।

୨. ସର୍ବଶ୍ରେଷ୍ଠତାର ଅବସ୍ଥିତି ଉପରେ ଏକ ଉତ୍ତମ ବ୍ୟବହାର ନିମନ୍ତେ ବିକନ୍ ହିଲ୍ ପ୍ରେସ୍ ଦ୍ୱାରା ପ୍ରକାଶିତ, ଏଚ ଓରଲନ୍ ୱିଲିଙ୍କ ଖ୍ରୀଟ୍ଟିୟାନ ଥିଓଲୋଜି, ଭଲ୍, , ପି. ... ଦେଖୁ ।

୩. ଖ୍ରୀଟ୍ଟିୟାନ ଜୀବନରେ କ୍ରମାଗତ ପାପରଧର୍ମନୀତି ଉପରେଏକ ଉତ୍ତମ ବ୍ୟବହାର ନିମନ୍ତେ ଦି ପ୍ରେସବିଟେରିଆନ୍ ଏଣ୍ଡ ରିଫରମଡ଼ପବନଲିସଡ଼ କମ୍ପାନୀ ଦ୍ୱାରା ପ୍ରକାଶିତ ବି ବି ୱାରଫିଲ୍ଡଙ୍କ "ପେରଫେକ୍‌ସନିଜନ୍" ଦେଖନ୍ତୁ ।

**ଶବ୍ଦ ଓ ବାକ୍ୟାଂଶ ପଠନ**

**ଏନ୍‌ଏଏସ୍‌ବି (ଆଧୁନିକରଣ) ଶାସ୍ତ୍ରାଂଶ : ୩:୪-୧୦**

**ପ୍ରତ୍ୟେକେ ଯେ ପାପ କରେ ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ; କାରଣ ବ୍ୟବସ୍ଥା ଲଂଘନ ହିଁ ପାପ । ତୁମ୍ଭେମାନେ ଜାଣ ଯେ ସେ ପାପ ବୋହି ନେଇ ଯିବା ନିମନ୍ତେ ପ୍ରକାଶିତ ହେଲେ; ଆଉ ତାହାଙ୍କଠାରେ ପାପ ନାହିଁ । ପ୍ରତ୍ୟେକେ ଯେ ତାହାଙ୍କଠାରେ ରହେ ପାପ କରେ ନାହିଁ; ପ୍ରତ୍ୟେକେ ଯେ ପାପ କରେ ସେ ତାହାଙ୍କୁ ଦେଖି ନାହିଁ କିଅବା ତାହାଙ୍କୁ ଜାଣି ନାହିଁ । ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରୁ; ଯେ କେହି ଧର୍ମାଚରଣ କରେ ସେ ଧାର୍ମିକ, ଠିକ୍ ଯେପରି ସେ ଧାର୍ମିକ, ପ୍ରତ୍ୟେକେ ଯେ ପାପ କରେ ସେ ଶୟତାନଠାରୁ ଜାତ; କାରର ଶୟତାନ ଆରମ୍ଭରୁ ପାପ କରିଆସିଅଛି ।ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟ ନିମନ୍ତେ, ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଷଳ । ପ୍ରତ୍ୟେକେ ଯେ ଈଶ୍ୱରଙ୍କଠାରୁ ଜାତ ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହଠାରେ ରହେ ; ଆଉ ସେ ପାପ କରିପାରେ ନାହିଁ, କାରର ସେ ଈଶ୍ୱରଙ୍କଠାରୁ ଜାତ । ଏତଦ୍ୱାରା ଈଶ୍ୱରଙ୍କ ସନ୍ତାନ ଓ ଶୟତାନର ସନ୍ତାନମାନେ ସୁସ୍ପଷ୍ଟ ଅଟନ୍ତି, ପ୍ରତ୍ୟେକେ ଯେ ଧର୍ମାଚରଣ କରେ ।ହିଁ, କିଅବା ତାହାର ଭାଇକୁ ପ୍ରେମ କରେ ନାହିଁ ସେ ଈଶ୍ୱରଙ୍କ ଠାରୁ ଜାତ ନୁହେଁ ।**

୩:୪

**ଏନ୍‌ଏସ୍‌ବି** **"ପ୍ରତ୍ୟେକେ ଯେ ପାପ ଅଭ୍ୟାସ କରେ ମଧ୍ୟ ବ୍ୟବସ୍ଥା ଲଂଘନ ଅଭ୍ୟାସ କରେ"**

**ଏନ୍‌କେଜେମି** **"ଯେ କେହି ପାପ କରେ ବ୍ୟବସ୍ଥା ମଧ୍ୟ ଲଂଘନ କରେ"**

**ଏନ୍‌ଆରଏସ୍‌ଭି** **"ପ୍ରତ୍ୟେକେ ଯେ ପାପ କରେ ବ୍ୟସ୍ଥା ଲଂଘନର ଦୋଷୀ ଅଟେ"**

**ଟିଇଭି** **"ଯେକେହି ପାପ କରେ ଈଶ୍ୱରଙ୍କ ନିୟମ ଭଙ୍ଗ କରିବାର ଦୋଷୀ ଅଟେ"**

**ଏନ୍‌ଜେବି** **"ଯେ କେହି ପାପ କରେ ଅନିଷ୍ଟ ପ୍ରି ଭାବେ କାର୍ଯ୍ୟ କରେ"**

ଏଠାରେ ଓ ପ.୬ରେ ସର୍ବନାମ "ପ୍ରତ୍ୟେକେ" ସମ୍ମୁଖରେ ରହିଛି । ଏହି ପ୍ରସଙ୍ଗ ସମସ୍ତ ମାନବକୁ ସମ୍ପୃକ୍ତ କରେ ।

ଏହା ଏକ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଓ ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ ଏହା ଉଲ୍ଲେଖଯୋଗ୍ୟ ଅଟେ ଏହି ସବୁ ବର୍ତ୍ତମାନ କାଳ କ୍ରିୟାପଦଗୁଡ଼ିକ ୨:୧-୨ରେ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟକୁ ତୁଳନାରେ ଅଭ୍ୟାସଗତ, କ୍ରମାଗତ, ଜୀବନଧାରା କାର୍ଯ୍ୟ ଗୁରୁତ୍ୱ ପ୍ରଦାନ କରେ । ଯେମିତି ହେଉ, ଏହି ଅଧ୍ୟାଂଶ ୧;୭-୧୦ ସହ ୨:୬-୯ ତୁଳନା କରିବା)ର ଧର୍ମତତ୍ତ୍ୱ ମଧ୍ୟ ସମସ୍ୟା ଏକ କ୍ରିୟାପଦ କାଳ ଦ୍ୱାରା ପୂର୍ଣ୍ଣ ଭାବେ ସମାଧାନ କରାଯାଇ ପାରେ ନାହିଁ । ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷକମାନଙ୍କର ଦୁଇ ପ୍ରକାରର ଐତିହାସିକ ପଟ୍ଟଭୂମି ଓ ପୁସ୍ତକର ମୋଟ ପ୍ରସଙ୍ଗ ଦ୍ୱାରା ଏହା ସମାଧାନ ହୋଇଛି ।

ଏହି ଅଧ୍ୟାଂଶର ଅନ୍ୟ ଏକ ପ୍ରଭେଦ ସୂଚକ ହେଉଛି ପଦ "ବ୍ୟବସ୍ଥା ବିହୀନ"ର ଏହାର ବ୍ୟବହାର । ଏହା ନିୟମ (ମୋଶାଙ୍କ ବ୍ୟବସ୍ଥା ଅବା ସାମାଜିକ ଢାଞ୍ଚା)ର ଭାଙ୍ଗିବା ବିଷୟ କୁହେ ନାହିଁ ଯେତେ ପରିମାଣରେ ବିଦ୍ରୋହର ମନୋଭାବ ବିଷୟ ନୁହେଁ । ଦ୍ୱିତୀୟ ଥେସ ୨:୩,୭ରେ ଖ୍ରୀଷ୍ଟାରୀକୁ ବ୍ୟାଖ୍ୟା କରିବାକୁ ଏହି ସମାନ ଶବ୍ଦ ବ୍ୟବହୃତ ହୋଇଛି । ଏହା ପାପର (ସି.ଏଫ୍. ଯେହନ ୯:୪୧; ରୋମି ୧୪:୨୩; ଯାକୁବ ୪:୧୭; ପ୍ର.. ଯେହନ ୫:୧୭), ଖ୍ରୀଷ୍ଟ ସାଦୃଶ୍ୟତାର ନବିରୀତ (ସି.ଏଫ୍. ପ.୫) ନିୟମ ଅବା ଆଦର୍ଶର ଲଂଘନ କେବଳ ନୁହେଁର ପୂର୍ଣ୍ଣ ସଂଜ୍ଞା ହୋଇପାରେ ।

**୩:୫ "ସେ ପ୍ରକାଶିତ ହେଲେ"** ଏହା ଏକାଓରିଷ୍ଟ ବକ୍ତବ୍ୟସୂଚକ କର୍ମବାଚ୍ୟ ଅଟେ ଯାହା ଯୀଉଙ୍କର ଅବତାର ଗ୍ରହଣ ବିଷୟ ବ୍ୟକ୍ତ କରେ (ସି.ଏଫ୍. ପ. ୮; ଦ୍ୱି. ତିମ ୧;୧୦) । ସମାନ କ୍ରିୟାପଦ, ଫାନେରୁ, ପ.୨ରେ ତାହାଙ୍କ ଦ୍ୱିତୀୟ ଆଗମନ ବିଷୟରେ ଦୁଇଥର ବ୍ୟବହୃତ ହୋଇଛି । ସେ ପ୍ରଥମେ ତ୍ରାଣକତ୍ରାର୍ତ ଭାବେ ଆସିଲେ (ସି.ଏଫ୍. ମାର୍କ ୧୦:୪୫; ଯୋହନ ୩:୧୬; ଦ୍ୱି. କର ୫:୨୧) ମାତ୍ର ସମ୍ପୂର୍ଣ୍ଣ ସମାପନକାରୀ ଭାବେ ସେ ଫେରି ଆସିବେ । ତାହାଙ୍କ ଅଧ୍ୟୟନ ପ୍ରଦର୍ଶକ ଦି ଲେଟର୍ସ ଅଫ ଯୋନ୍‌ରେ, ମୋହର ଆଦରଣୀୟ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ, ବିଲ୍ ହେଣ୍ଡ୍ରିକସ କହନ୍ତି :

"ଖ୍ରୀଷ୍ଟଙ୍କ ଆଗମନ ଉଦ୍ଦେଶ୍ୟର ମନ୍ତବ୍ୟଗୁଡ଼କ ମଧ୍ୟରୁ ଦୁଇଟି ଅତ୍ୟଧିକ ବିଚକ୍ଷଣ ଏହି ପଦ ଓ ପଦ ୮ରେ ମିଳେ । ସମସ୍ତ ପାପ ବୋହି ନେଇ ଯିବା ପାଇଁ ସେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହେଲେ (୩:୫) ଓ ଶୟତାନର କାର୍ଯ୍ୟ ସକଳ ବିନା। କରିବାକୁ ସେ ପ୍ରକାଶିତ ହେଲେ (୩;୮) ଅନ୍ୟ ସ୍ଥାନରେ ଲୁକ ଉଲ୍ଲେଖ କଲେ ଯେ ଯେଉଁମାନେ ହଜିଅଛନ୍ତି ସେମାନଙ୍କୁ ଖୋଜିବା ଓ ରକ୍ଷା କରିବାକୁ ଆସିବାରେ ଯୀଶଙ୍କ ଉଦେଦଶ୍ୟ ଥିଲା (ଲୁକ ୧୯:୧୦) । ଯୋହନଙ୍କ ସୁସମାଚାର ପ୍ରକାଶ କରେ ଯେ ଯୀଶୁ ଆସିଲେ ଯେପରି ତାହଶଙ୍କ ମେଷମାନେ୍ରୁର ଜୀବନ ପାଇ ପାରିବେ (ଯେହନ ୧୦;୧୦) ଯୀଶୁଙ୍କ ନାମର ତାହାଙ୍କ ତର୍ଜମାରେ ମାଥିଉ ଯୀଶୁଙ୍କୁ ଆଗମନର ଉଦ୍ଦେଶ୍ୟ ସୂଚିତ କଲେ; ତାହାଙ୍କ ଲୋକମାନଙ୍କୁ ସେମାନଙ୍କର ପାପରୁ ସେ ଉଦ୍ଧାର କରିବେ (ମାଥି ୧:୨୧) । ଏହି ସମସ୍ତ ଅଭିବ୍ୟକତିଗୁଡ଼ିକରେ ମୌଳି ସତ୍ୟ ହେଉଛି ଯେ ଯୀଶୁ ଖ୍ରୀଷ୍ଟ ମନୁଷ୍ୟ ନିମନ୍ତେ କିଛି ଉଲ୍ଲେଖଯୋଗ୍ୟ ବିଷୟ କରିଅଛନ୍ତି ଯାହା ମନୁଷ୍ୟ ନିଜ ନିମନ୍ତେ କରି ପାରି ନ ଥାଆନ୍ତା (ପିପି ୭୯-୮୦)

■ **"ସମସ୍ତ ପାପ ବୋହି ନେଇ ଯିବାକୁ"** ଏହା ଏକ ଆଓରିଷ୍ଟ ସମ୍ଭାବନାର୍ଥକ ଅଟେ । କାର୍ଯ୍ୟ ମନୁଷ୍ୟର ଉତ୍ତର ଉପରେ ନିର୍ଭର କରେ (ଏହା ହେଉଛି, ଅନୁତାପ ଓ ବିଶ୍ୱାସ) । ଏହି ମନ୍ତବ୍ୟର ପୃଷ୍ଠଭୂମି ଦୁଇଟି ସମ୍ଭାବ୍ୟ ଉତ୍ସଗୁଡ଼ିକ ସହ ସମ୍ପର୍କିତ ଅଟେ ।

୧. ପ୍ରାୟଶ୍ଚିତର ଦିନ (ସି.ଏଫ୍. ଲେବୀୟ ପୁସ୍ତକ ୧୬) ଯେଉଁଠାରେ ସାଙ୍କେତିକ ଭାବରେ ଅନ୍ୟମାନଙ୍କ ନିମନ୍ତେ ଦୋଷୀ ଦୁଇଟି ଛେଳି ମଧ୍ୟରୁ ଗୋଟିଏ ଇସ୍ରାୟେଲର ତମ୍ବରୁ ପାପ ବୋହି ନେଇ ଯାଉଥିଲା (ସି.ଏଫ୍. ଯୋହନ ୧:୨୯ରେ ବାପ୍ତିଜକ ଯୋହନଙ୍କ ବ୍ୟବହାର)

୨. କ୍ରୁଶ ଉପରେ ଯୀଶୁ ଯାହା କଲେ ତାହାର ଏକ ନିର୍ଦ୍ଦେଶ (ସି.ଏଫ୍. ଯିଶା ୫୩:୧୧-୧୨; ଯୋହନ ୧:୨୯; ଏବ୍ରୀ ୯:୨୮; ପ୍ର. ପିତ. ୨:୨୪)

■ **"ଆଉ ତାହାଙ୍କଠାରେ ପାପ ନାହିଁ"** ଏହା ଏକ ବତର୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ଆମ୍ଭମାନଙ୍କ ପକ୍ଷରେ ତାହାଙ୍କ ଭାରାକ୍ରାନ୍ତ, ପ୍ରତିସ୍ଥାପନକାରୀ ପ୍ରାୟଶ୍ଚିତ (ଯିଶାଇୟ ୫୩) ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କର ପାପଶୂନ୍ୟତା (ସି.ଏଫ୍. ଯୋନ ୮:୪୬; ଦ୍ୱିକ.କର ୫:୨୧; ଏବ୍ରୀ ୪:୧୫; ୭:୨୬; ପ୍ର. ପିତ ୧:୧୯; ୨:୨୨) ଆଧାର ଅଟେ ।

ଲକ୍ଷ୍ୟ କରନ୍ତୁ ଯେ ପ. ୫ର ପ୍ରଥମ ଅଂଶରେ "ପାପ" ବହୁବଚନ ଓ ଶେଷ ଅଂଶରେ ଏକ ବଚନ ଅଟେ । ପ୍ରଥମଟି ପାପର କାର୍ଯ୍ୟଗୁଡ଼ିକ ଓ ଦ୍ୱିତୀୟଟି ତାହାଙ୍କ ଧାର୍ମିକ ଚରିତ୍ରକୁ ଦର୍ଶାଏ । ଲକ୍ଷ୍ୟ ହେଉଛି ତାହା ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କର ପରିସ୍ଥିତିଗତ ପବିତ୍ରୀକରଣ ଓ ପ୍ରଗତିଶୀଳ ବିତ୍ରୀକରଣ ଉଭୟର ଅଂଶୀ ହେବେ । ଖ୍ରୀଷଟ ଓ ତାହାଙ୍କ ଅନୁଗାମୀମାନଙ୍କ ନିମନ୍ତେ ପାପ ଏକ ବିପରୀତ ବିଷୟ ଅଟେ ।

**ବିଶେଷ ଶୀର୍ଷ : ଶୁଚିକରଣ**

ନୂତନ ନିୟମ ଦୃଢ଼ ଭାବେ କହେ ଯେ ପାପୀମାନେ ଯେତେବେଳେ ଅନୁତାପ ଓ ବିଶ୍ୱାସରେ ଯୀଶୁଙ୍କ ନିକଟକୁ ଫେରନ୍ତି, ସେମାନେ ସେହି ମୁହୂର୍ତ୍ତରେ ଯଥାର୍ଥ ଭାବେ ପ୍ରମାଣିତ ଓ ପବିତ୍ରୀକୃତ ହୋଇଥାଆନ୍ତି । ଖ୍ରୀଷ୍ଟଙ୍କଠାରେ ଏହା ସେମାନଙ୍କର ନୂତନ ଅବସ୍ଥିତି ଅଟେ । ତାହାଙ୍କର ଧାର୍ମିକତା ସେମାନଙ୍କୁ ଆରୋପିତ ହୋଇଥାଏ । (ସି.ଏଫ୍. ରୋମିୟ ୪) । ସୋମନେ ସଠିକ୍ ଓ ପବିତ୍ର ବୋଲି ଘୋଷିତ ହୁଅନ୍ତି (ଈଶ୍ୱରଙ୍କ ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟ)

କିନ୍ତୁ ନୂତନ ନିୟମ ମଧ୍ୟ ବିଶ୍ୱାସୀମାନଙ୍କର ପବିତ୍ରତା ଓ ପବିତ୍ରୀକରଣ ଉପରେ ଯୁକ୍ତି କରେ । ଏହା ଯୀଶୁଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟରେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଏକ ଅବସ୍ଥିତି ଦୈନନ୍ଦିନ ଜୀବନରେ ମନୋଭାବ ଓ କାର୍ଯସମୂହରେ ଖ୍ରୀଷ୍ଟ ସାଦୃଶ୍ୟ ହେବା ନିମନ୍ତେ ଏକ ଆହ୍ୱାନ ଉଭୟ ଅଯେ । ଯେପରି ପରିତ୍ରାଣ ଏକ ମୁକ୍ତ ଉପହାର ଓ ସମସ୍ତ ବିଷୟ ଜୀବନଧାରାର ମୂଲ୍ୟ ଅଟେ, ସେହିପରି ମଧ୍ୟ, ପବିତ୍ରୀକରଣ ଅଟେ ।

| ପ୍ରାରମ୍ଭିକ ଉତ୍ତର | ଏକ ପ୍ରଗତିଶୀଳ ଖ୍ରୀଷ୍ଟ ସାଦୃଶ୍ୟତା |
|---|---|
| ପ୍ରେରିତ ୨୦:୨୩; ୨୬:୧୮ | ରୋମୀୟ ୬:୧୯ |
| ରୋମୀୟ ୧୫:୧୬ | ଦ୍ୱିତୀୟ କରିନ୍ଥୀୟ ୭:୧ |
| ପ୍ରଥମ କରିନ୍ଥୀୟ ୧:୨-୩; ୬:୧୧ | ଏଫିସୀୟ ୧:୪; ୨;୧୦ |
| ଦ୍ୱିତୀୟ ଥେସଲନିକିୟ ୨:୧୩ | ପ୍ରଥମ ଥେସଲନିକିୟ ୩:୧୩; ୪:୩-୪,୭; ୫:୨୩ |
| ଏବ୍ରୀ ୨:୧୧ ୧୦:୧୦,୧୪; ୧୩:୧୨ | ପ୍ରଥମ ତିମଥି ୨:୧୫ |
| ପ୍ରଥମ ପିତର ୧:୧୨ | ଦ୍ୱିତୀୟ ତିମଥି ୨:୨୧ |
| | ଏବ୍ରୀ ୧୨:୧୪ |
| | ପ୍ରଥମ ପିତର ୧:୧୫-୧୬ |

**୩:୬ "ଯେ ତାହାଙ୍କଠାରେ ରୁହେ ସେ ପାପ କରେ ନାହିଁ"** ୩:୪ ସଦୃଶ, ଏହା ଅନ୍ୟ ଏକ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଓ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ଏହି ଅଧ୍ୟାଂଶ ୧:୮-୨:୨ ଓ ୫:୧୬ ସହିତ ପ୍ରଭେଦ ପ୍ରଦର୍ଶନ କରିବା ଆବଶ୍ୟକ ।

■ **"ଯେ ପାପ କରେ ସେ ତାହାଙ୍କୁ ଦେଖି ନାହିଁ କିମ୍ବା ତାହଙ୍କୁ ଜାଣେ ନାହିଁ"** ଦୁଇଟି ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟର ଆନୁଗତ୍ୟ ଦ୍ୱାର ଏହି ପଦର ଗୋଟିଏ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ରହିଛି । ସ୍ପଷ୍ଟ ଭାବେ ପ୍ରତୀୟମାନେ ଅବିରତ ପାପ କରିବା ପ୍ରକାଶ କରେ ଯେ ଜଣେ ବ୍ୟକ୍ତିଖ୍ରୀଷ୍ଟଙ୍କୁ ଜାଣି ।ନହିଁ ଓ କେବେ ମଧ୍ୟ ଖ୍ରୀଷ୍ଟଙ୍କୁ ଜାଣି ନାହିଁ । ପାପା କରୁଥିବା ଖ୍ରୀଷ୍ଟିୟାନ ମାନେ

୧. ଖ୍ରୀଷ୍ଟଙ୍କର ପ୍ରଚାର କାର୍ଯ୍ୟ ବିଫଳ କରନ୍ତି

୨. ଖ୍ରୀଷ୍ଟ ସାଦୃଶ୍ୟତାର ଲକ୍ଷ୍ୟ ବିଫଳ କରନ୍ତି

୩. ଜଣେ ଲୋକର ଆତ୍ମିକ ଆରମ୍ଭ ପ୍ରକାଶ କରନ୍ତି ( ସି.ଏଫ୍. ଯୋହନ ୮:୪୪)

**୩:୭ "ନିଶ୍ଚିତ ହୁଅ କେହି ଯେପରି ତୁମକୁ ଭ୍ରାନ୍ତ ନ କରୁ"** ଏହା ନାସ୍ତିବାଚକ କୃଦନ୍ତ ବିଶେଷଣ ସହତ ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ କର୍ତ୍ତୃବାଚ୍ୟ ଅଟେ, ସାଧାରଣତଃ ଯାହାର ଅର୍ଥ ଅଗ୍ରଗତି କରୁଥିବା ଏକ କାର୍ଯ୍ୟକୁ ବନ୍ଦ କରିବା । ଭ୍ରାନ୍ତ ଶିକ୍ଷକମାନଙ୍କର (ସି.ଏଫ୍. ୨:୨୬) ଉପସ୍ଥିତି ପ୍ରଥମ ଯୋହନ ସମ୍ପୂର୍ଣ୍ଣ ଭାବେ ଓ ପଦଗୁଡ଼ିକ ୧:୭-୧୦ ଓ ୩:୪-୧୦ ନିର୍ଦ୍ଦିଷ୍ଟ ଭାବରେ ଏକ ଉପଯୁକ୍ତ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ବୁଝାମଣା ନିମନ୍ତେ ଐତିହାସିକ ପରିସ୍ଥିତି ସ୍ଥାପନ କରେ ।

■ "ଯେ ଧାର୍ମିକତା ଆଚରଣ ଅଭ୍ୟାସ କରେ ସେ ଧାର୍ମିକ ଅଟେ" ସାଧାରଣ ପ୍ରସଙ୍ଗଠାରୁ ଏହି ପଦକୁ ପୃଥକ କରାଯାଇ ପାରେ ନାହିଁ ଓ ପକ୍ଷପାତ ଓ ଏକ ଧର୍ମନୈତିକ ଅବସ୍ଥିତିକୁ ନିନ୍ଦା କରିବାକୁ ବ୍ୟବହଡତ ହୋଇ ପାରିବ ନାହିଁ (ଧର୍ମାଚରଣ କାର୍ଯ୍ୟ କରିବା) । ନୂତନ ନିୟମ ସୁସ୍ପଷ୍ଟ ଅଟେ ଯେ ମନୁଷ୍ୟମାନେ ସେମାନଙ୍କର ବ୍ୟକ୍ତିଗତ ଶ୍ରେଷ୍ଠତା ଦ୍ୱାରା ପବିତ୍ର ଈଶ୍ୱରଙ୍କ ନିକଟକୁ ଆସି ପାରିବେ ନାହିଁ । ମନୁଷ୍ୟମାନେ ନିଜ ଚେଷ୍ଟା ଦ୍ୱାରା ଉଦ୍ଧାରପାପ୍ତ ହୁଅନ୍ତି ନାହିଁ । ଯେମିତି ହେଉ, ଖ୍ରୀଷ୍ଟଙ୍କ ସମ୍ପାଦିତ କାର୍ଯ୍ୟରେ ପରିତ୍ରାଣର ଈଶ୍ୱରଙ୍କ ପ୍ରସ୍ତାବକୁ ମନୁଷ୍ୟମାନେ ଉତ୍ତର ଦେବା ଆବଶ୍ୟକ । ଆମ୍ଭମାନଙ୍କର ଚେଷ୍ଟା ସମୂହ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣେ ନାହିଁ । ସେମାନେ ଦେଖାଯାନ୍ତି ଯେ ଆମ୍ଭେମାନେ ତାହାଙ୍କୁ ଭେଟି ଅଛୁ । ସେମାନେ ପରିତ୍ରାଣ ପରେ ଆମ୍ଭମାନଙ୍କର ଆତ୍ମିକ ପରିସ୍ଥିତି (ସି.ଏଫ୍. ପ୍ରକା. ୨୨:୧୧) ଓ ପରିପ୍ୱତା ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତି । ଉତ୍ତମ କାର୍ଯ୍ୟ ସମୂହ "ଦ୍ୱାରା" ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ହୋଇ ନାହୁଁ, ମାତ୍ର ଉତ୍ତମ କାର୍ଯ୍ଯ ସମୂହ "ପ୍ରତି" । ଖ୍ରୀଷ୍ଟଙ୍କଠାରେ ଈଶ୍ୱର ମୁକ୍ତ ଉପହାରର ଲକ୍ଷ୍ୟ ଖ୍ରୀଷ୍ଟ ସମାନ ଅନୁଗାମୀ ମାନେ ଅଟେ (ସିଏଫଏଫି ୨:୮-୯,୧୦) । ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଈଶ୍ୱରଙ୍କର ସର୍ବୋତ୍ତମ ଇଚ୍ଛା କେବଳ ସ୍ୱର୍ଗ ନୁହେଁ ଯେତେବେଳେ ସେ ମୃତ୍ୟୁବରଣ କରେ (ଅଦାଲତ ସମ୍ବନ୍ଧୀୟ ଯଥାର୍ଥତା) ମାତ୍ର ବର୍ତ୍ତମାନ ଖ୍ରୀଷ୍ଟ ସାଦୃଶ୍ୟତା (ଜାଗତିକ ପିତ୍ରୀକରଣ) (ସି.ଏଫ୍. ମାଥି ୫:୪୮; ରୋମୀ ୮:୨୮-୨୯; ଗାଲା ୪:୧୯) । ଧର୍ମାଚରଣ ତା ଉପରେ ଏକ ଶବ୍ଦ ପଠନ ନିମନ୍ତେ ୨:୨୯ରେ ବିଶେଷ ଶୀର୍ଷ ଦେଖନ୍ତୁ ।

୩:୮ **"ଯେ ପାପ ଅଭ୍ୟାସ କରେ ସେ ଶୟତାନରୁ ଜାତ"** ଏହା ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଅଟେ । ଈଶ୍ୱରଙ୍କ ସନ୍ତାନମାନେ ସେମାନଙ୍କ ବଞ୍ଚିବା ଦ୍ୱାରା ଜଣା ଯାଆନ୍ତି, ଯେପରି ଶୟତାନର ସନ୍ତାନମାନେ ଅଟନ୍ତି (ସି.ଏଫ୍. ୩:୧୦; ମାଥି ୭:୧୩; ଏଫିସ ୨:୧-୩)

■ **"କାରଣ ଶୟତାନ ଆରମ୍ଭରୁ ପାପ କରିଆସୁଛଅଛି"** ଏହା ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ ଶୟତାନ ଆରମ୍ଭରୁ ଅବିରତ ଭାବେ ପାପ କରୁଛି (ସି.ଏଫ୍. ଯୋହନ ୮:୪୪) । ଏହା ସୃଷ୍ଟି କିମ୍ବା ଦୃଢ଼ ସମ୍ବନ୍ଧୀୟ ବିଦ୍ରୋହକୁ ଦର୍ଶାଉଛି କି ?

ଧର୍ମତତ୍ତ୍ୱ ଅନୁସାରେ ଶୟତାନ ଈଶ୍ୱରଙ୍କ ବିରୁଦ୍ଧରେ କେତେବେଳେ ବିଦ୍ରୋହ କଲା ଏହା ନିର୍ଣ୍ଣୟ କରିବା କଷ୍ଟକର ଅଟେ। ଆୟୁବ ୧-୨; ଯିଖରିୟ ୩ ଓ ପ୍ରଥମ ରାଜାବଳୀ ୨;୧୯-୨୩ ଦେଖାଇବା ପରି ମନେ ହୁଏ ଯେ ଶୟତାନ ଈଶ୍ୱରଙ୍କ ଜଣେ ଦାସ ସ ଦୂତ ସମ୍ବନ୍ଧୀୟ ପରିଷଦର ଜରେ ସଦସ୍ୟ ଅଟେ । ଏହା ସମ୍ଭବ (କିନ୍ତୁ ସମ୍ଭବ ନୁହେଁ) ଅଟେ ଯେ ପୂର୍ବୀୟ ରାଜାମାନଙ୍କ (ବାବିଲୋନ୍‌ର ଯିଶା ୧୪:୧୩-୧୪ କିମ୍ବା ସୋରର, ଯିହଜି ୨୮:୧୨-୧୬) ଗର୍ବ, ଅହଙ୍କର ଓ ଉଚ୍ଚାଭିଳାଷ ଶୟତାନ ବିଦ୍ରୋହକୁ ଘୋଷଣା କରୁଥିଲେ (ପ୍ରତୀୟମାନ ଭାବେ ଏକ ଆବୃତକାରୀ କିରୁବ, ଯିହଜି ୨୮:୧୪,୧୬) ଯେମିତି ହେଉ, ଲୁକ ୧୦:୧୮ରେ ଯୀଶୁ କହିଲେ ଶୟତାନ ବିଜୁଳି ସଦୃଶ ସ୍ୱର୍ଗରୁ ତଳକୁ ଖସିବା ସେ ଦେଖିଲେ, କିନ୍ତୁ ଏହା ସିଠିକ ଭାବେ କେତେବେଳେ ତାହା ଆମ୍ଭମାନଙ୍କୁ କୁହେ ନାହିଁ । ପ୍ରକାଶିତ ବାକ୍ୟର ଅଭାବ କାରଣ ସକାଶୁ ମନ୍ଦର ଆରମ୍ଭ ଓ ବିକାଶ ଏକ ଅନିର୍ଦ୍ଦିଷ୍ଟ ଭାବେ ରହିବା ଆବଶ୍ୟକ । ପୃଥକୀକୃତ, ଏକାଧିକ ଅର୍ଥ ଥିବା, ଆଳଙ୍କାରିକ ଅଂଶଗୁଡ଼ିକ ସୁଶୃଙ୍ଖଳ ଓ ଦୃଢ଼ କରିବାରେ ଯତ୍ନବାନ ହେବା! ଶୟତାନର ଦାସଠାରୁ ବିରକ୍ତିକର ଶତ୍ରୁର ପୁରାତନ ନିୟମର୍ କାଶର ଅତ୍ୟୁତ୍ତମ ଆଲୋଚନା ହେଉଛି ଏ.ବି.ଡେଭିଡ୍‌ସନ୍‌ଙ୍କ ଅଲ୍‌ଡ ଟେଷ୍ଟାମେଣ୍ଟ ଥିଓଲୋଜି, ଟିଏଣ୍ଡଟି କ୍ଲାର୍କ ଦ୍ୱାରା ପ୍ରକାଶିତ ପି.ପି. ୩୦୦-୩୦୬ । ବିଶେଷ ଶୀର୍ଷ ଦେକନ୍ତୁ : ଯୋହନ ୧୨:୩୧ରେ ବ୍ୟକ୍ତିଗତ ମନ୍ଦ ।

**ବିଶେଷ ଶୀର୍ଷ : ଈଶ୍ୱରଙ୍କ ପୁତ୍ର**

ଯୀଶୁଙ୍କ ନିମନ୍ତେ ନୂତନ ନିୟମ ଆଖ୍ୟାଗୁଡ଼ିକରୁ ଏହା ଗୋଟିଏ ମୁଖ୍ୟ ଆଖ୍ୟା ଅଟେ । ନିଶ୍ଚିତ ଭାବେ ଏହାର ଦୈବିକ ଅର୍ନ୍ତନିହିତ ଅର୍ଥ ରହିଛି । ଏହା ଯୀଶୁଙ୍କୁ "ପୁତ୍ର" ବା "ମୋହର ପୁତ୍ର" ଭାବେ ଓ ଈଶ୍ୱରଙ୍କୁ "ପିତା" ଭାବେ ଅନ୍ତର୍ଭୁକ୍ତ କଲା । ନୂତନ ନିୟମରେ ଏହା ୧୨୪ ଥର ଉପରେ ଘଟିତ ଅଟେ । ଯୀଶୁଙ୍କର ମନୁଷ୍ୟ ପୁତ୍ର ଭାବେ ସ୍ୱୟଂ ଆଖ୍ୟା ଦାନର ମଧ ଦାନି ୭:୧୩-୧୪ଠାରୁ ଦୈବିକ ଅନର୍ନ୍ତନିତ ଅର୍ଥ ରହିଛି ।

ପୁରାତନ ନିୟମରେ "ପୁତ୍ର"ର ଉପାଧି ଚାରୋଟି ସ୍ୱତନ୍ତ୍ର ଗୋଷ୍ଠୀମାନଙ୍କୁ ଦର୍ଶାଏ ।

୧. ଦୂତଗଣ (ସାଧାରଣ ଭାବେ ବହୁବଚନରେ, ସିଏଫ ଆଦି ୬:୨; ଆୟୁବ ୧:୬; ୨:୧)

୨. ଇସ୍ରାଏଲର ରାଜା (ସି.ଏଫ୍. ଦ୍ୱି. ଶାମୁ ୭:୧୪; ଗୀତ ୨:୭; ୮୯:୨୬-୨୭)

୩. ସମଗ୍ର ଭାବେ ଇସ୍ରାୟେଲ ଜାତିକୁ (ସି.ଏଫ୍. ଯାତ୍ରା ୪:୨୨-୨୩; ଦ୍ୱି. ବିବ. ୧୪:୧; ହୋଶେ ୧୧:୧; ମଲା ୨:୧୦)

୪. ଇସ୍ରାୟେଲିୟ ବିଚାରକର୍ତ୍ତାମାନଙ୍କୁ (ସି.ଏଫ୍. ୮୨:୬)

ଏହା ହେଉଛି ଦ୍ୱିତୀୟ ବ୍ୟବହାର ଯାହା ଯୀଶୁଙ୍କୁ ଜଡ଼ିତ କରେ । ଏହିପରି ଭାବେ "ଦାଉଦ ସନ୍ତାନ" ଓ "ଈଶ୍ୱରଙ୍କ ସନ୍ତାନ୨ ଉଭୟ ଦ୍ୱିତୀୟ ଶାମୁୟେଲ ୭; ଗୀତସଂହିତା ୨ ଓ ୮୯ କୁ ସମ୍ପର୍କିତ କରେ । ପୁରାତନ ନିୟମରେ ଇସ୍ରାଏଲର "ଅଭିଷିକ୍ତ କାର୍ଯ୍ୟାଳୟ" ଗୁଡ଼ିକ ମଧ୍ୟରୁ ଗୋଷ ସମୟରେ ଆଗମନକାରୀ ରାଜା ବ୍ୟତୀତ, "ଈଶ୍ୱରଙ୍କ ପୁତ୍ର" ମସିହ ବିଷୟ ସ୍ୱତନ୍ତ୍ର ଭାବେ ବ୍ୟବହୃତ ହୋଇ ନାହିଁ । ଯେମିତି ହେଉ, ମୃତ ସାଗର ଗ୍ରନ୍ଥ ଗୁଡ଼ିକରେ ମସୀହ ସମ୍ବନ୍ଧୀୟ ଇଙ୍ଗିତ ସହିତ ଅଶଖ୍ୟା ସାଧାରଣ ଅଟେ (ଡିକ୍‌ସିନାରୀ ଅଫ୍ ଜିସେସ୍ ଏଣ୍ଡ ଗସ୍‌ପେଲସ, ପି. ୭୭୦ରେ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଖନ୍ତୁ) । ଯିହୁଦୀୟମାନଙ୍କର ଭବିଷ୍ୟତ୍‌କାଳୀନ ସମାପ୍ତି କାର୍ଯ୍ୟ ଗୁଡ଼ିକର ବାଇବଲର ଦୁଇଟି ନିୟମ ମଧ୍ୟରେ ମଧ "ଈଶ୍ୱରଙ୍କ ପୁତ୍ର" ଏକ ମସୀହ ସମ୍ବନ୍ଧୀୟ ଆଖ୍ୟା ଅଟେ (ସି.ଏଫ୍. ଦ୍ୱିତୀୟ ଏସଡ୍ରାସ୍ ୭:୮; ୧୩:୩୨, ୩୭, ୫୨; ୪:୯ ଓ ପ୍ରଥମ ହନୋକ ୧୦୫ : ୨) ।

ଏହାର ନୂତନ ନିୟମ ପୃଷ୍ଠଭୂମି ଯେପରି ଏହା ଯୀଶୁଙ୍କୁ ଦର୍ଶାଏ କେତେକ ବିଭାଗଗୁଡ଼ିକ ଦ୍ୱାରା ଉତ୍ତମ ଭାବେ ସଂକ୍ଷିପ୍ତରେ ବର୍ଣ୍ଣନା ହୋଇଛି ।

୧. ତାହାଙ୍କର ପୂର୍ବ ବିଦ୍ୟମାନତା (ସି.ଏଫ୍. ଷଯାହନ ୧:୧-୧୮)

୨. ତାହାଙ୍କର ଅସାଧାରଣ (କୁମାରୀ) ଜନ୍ମ (ସି.ଏଫ୍. ମାଥି ୧:୨୩; ଲୁକ ୧:୩୧-୩୫)

୩. ତାହାଙ୍କ ବାପ୍ତିସ୍ମ (ସି.ଏଫ୍. ମାଥି ୩:୧୭; ମାର୍କ ୧;୧୧; ଲୁକ ୩:୨୨ । ସ୍ୱର୍ଗରୁ ଈଶ୍ୱରଙ୍କ ବାଣୀ ଗୀତସଂହିତା ୨ର ଚମତ୍କାର ରାଜା ସହିତ ଯିଶାଇୟ ୫୩ର ଦୁଃଖ ଭୋଗି ଦାସକୁ ଏକୀଭୂତ କରେ) ।

୪. ଶଇତାନ୍‌ଠାରୁ ତାହାଙ୍କର ପରୀକ୍ଷା (ସି.ଏଫ୍. ମାଥି ୪:୧-୧୧; ମାର୍କ ୧:୧୨, ୧୩; ଲୁକ ୪:୧-୧୩ । ସେ ତାହାଙ୍କର ପୁତ୍ରତ୍ୱ ସନ୍ଦେହ କରିବାକୁ କିମ୍ବା ଯେକୌଣସି ମତେ କୃଶଠାରୁ ବିଭିନ୍ନ ଉପାୟ ଦ୍ୱାରା ଏହାର ଉଦ୍ଦେଶ୍ୟସମ୍ପାଦନ କରିବାକୁ ପରୀକ୍ଷିତ ହେଲେ)

୫. ଅଗ୍ରହଣୀୟ ସ୍ୱୀକାରକାରୀମାନଙ୍କ ଦ୍ୱାରା ତାହାଙ୍କ ସତ୍ୟତା ଘୋଷଣା କରିବା

କ. ମନ୍ଦ ଆତ୍ମାମାନେ (ସି.ଏଫ୍. ମାର୍କ ୧:୨୩-୨୫; ଲୁକ ୪:୩୧-୩୭, ୪୧; ମାର୍କ ୩:୧୧-୧୨; ୫;୭)

ଖ. ଅବିଶ୍ୱାସୀମାନେ (ସି.ଏଫ୍. ମାଥି ୨୭:୪୩; ମାର୍କ ୧୪:୬୧; ଯୋହନ ୧୯:୭)
୬. ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କ ସତ୍ୟାତା ଘୋଷଣା କରିବା
କ. ମାଥି ୧୪:୩୩; ୧୬:୧୬
ଖ. ଯୋହନ ୧:୩୪, ୪୯; ୬:୬୯; ୧୧:୨୭
୭. ତାହାଙ୍କର ନିଜ ଘୋଷଣା
କ. ମାଥିଉ ୧୧:୨୫-୨୭
ଖ. ଯୋହନ ୧୦:୩୬
୮. ଈଶ୍ୱରଙ୍କୁ ପିତା ଭାବେ ପାରିବାରିକ ଉପମାର ତାହାଙ୍କର ବ୍ୟବହାର
କ. ଈଶ୍ୱରଙ୍କ ପାଇଁ "ଆହେ"ର ତାହାଙ୍କର ବ୍ୟବହାର
(୧) ମାର୍କ ୧୪:୩୬
(୨) ରୋମୀୟ ୮:୧୫
(୩) ଗାଲାତୀୟ ୪:୬
ଖ. ଦେବତ୍ୱ ସହ ତାହାଙ୍କ ସମ୍ପର୍କ ବର୍ଣ୍ଣନା କରିବାକୁ ପିତା (ପାତର)ଙ୍କର ତାହାଙ୍କ ପୌନପୁନିକ ବ୍ୟବହାର
ସଂକ୍ଷିପ୍ତ ବିବରଣରେ, ଯେଉଁମାନେ ପୁରାତନ ନିୟମ ଓ ଏହାର ପ୍ରତିଜ୍ଞା ସମୂହ ଓ ବିଭାଗଗୁଡ଼ିକ ଜାଣନ୍ତି ସେମାନଙ୍କ ନିମନ୍ତେ "ଈଶ୍ୱରଙ୍କ ପୁତ୍ର" ଆଖ୍ୟାର ଧର୍ମତତ୍ତ୍ୱ ସମ୍ବନ୍ଧୀୟ ମହତ୍ ଅର୍ଥ ରହିଛି, କିନ୍ତୁ ନୂତନ ନିୟମ ଲେଖକମାନେ ବଜାତୀୟମାନଙ୍କ ସହିତ ଏହାର ବ୍ୟବହାର ସମ୍ବନ୍ଧରେ ଉଦ୍‌ବିଗ୍ନ ଥିଲେ ସେମାନଙ୍କର ଭିନ୍ନ ଧର୍ମ ପୃଷ୍ଠଭୂମି ସକାଶୁ ଯେଉଁ "ଦେବତାମାନେ ଶକ୍ତିଶାଳୀ ଓ କାଳ୍ପନିକ ଅବସ୍ଥିତି ଭାବେ ସନ୍ତାନସନ୍ତି ଫଳ ସହିତ ସ୍ତ୍ରୀ ଗ୍ରହଣ କରୁଥିଲେ ।

■ **"ପ୍ରକାଶିତ ହେଲେ"** ଏହା ଏକ ଗ୍ରୀକ୍ ପଦ ଫାନେରୁ, ଯାହାର ଅର୍ଥ "ଆଲୋକକୁ ଆଣିବା ସେଥିରେ ଯେପରି ସ୍ପଷ୍ଟ କରି ବେହ ।" ପଦ ୫ ଓ ୮ ଗୁଡ଼ିକ ସମାନ୍ତର ଅଟନ୍ତି ଓ ଉଭୟ ପଦକୁ କର୍ମବାଚ୍ୟରେ ବ୍ୟବହାର କରନ୍ତି, ଯାହା ଖ୍ରୀଷ୍ଟଙ୍କର ତାହାଙ୍କର ଅବତାରରେ ପ୍ରକୃତ ଭାବେ ପ୍ରକାଶିତ ହେବା ବିଷୟ କୁହେ (ସି.ଏଫ୍. ୧:୨) ଭ୍ରାନ୍ତ ଶିକ୍ଷକମାନଙ୍କ ସହିତ ସମସ୍ୟା ନ ଥିଲା ଯେ ସେମାନଙ୍କ ନିମନ୍ତେ ସୁସମାଚାର ଅସ୍ପଷ୍ଟ ଥିଲା, କିନ୍ତୁ ସେମାନଙ୍କର ନିଜ ଧର୍ମତତ୍ତ୍ୱ / ଦର୍ଶନ ଶାସ୍ତ୍ରର କାର୍ଯ୍ୟ ତାଲିକା ଥିଲା ।

■ **"ଶୟତାନର କାର୍ଯ୍ୟ ସମୂହ ବିନାଶ କରିବାକୁ"** ଠିକ୍ ସମୟ ଓ ଶରୀରରେ ଯୀଶୁଙ୍କ ପ୍ରକାଶ ହେବାର ଦୃଶ୍ୟ ଥିଲା "ବିନାଶ କରିବା"କୁ (ଲୁଆର ଆଓରିଟ୍ ସମ୍ଭାବନନାର୍ଥକ କର୍ତ୍ତୃବାଚ୍ୟ) ଯାହାର ଅର୍ଥ "ନିୟନ୍ତ୍ରଣରୁମୁକ୍ତ", "ବ୍ଧନ ଖୋଲିବା" ଅବା "ବିନାଶ କରିବା"କୁ । ଯୀଶୁ ଏହା ସେହି କାଲବରୀରେ କଲେ, କିନ୍ତୁ ମନୁଷ୍ୟମାନେ ବିଶ୍ୱାସରେ ତାହାଙ୍କୁ ଗ୍ରହଣ କରିବା ଦ୍ୱାରା (ସି.ଏଫ୍. ଯୋହନ ୧:୧୨; ୩:୧୬) ତାହାଙ୍କ ସମାପ୍ତ ହୋଇଥିବା କାର୍ଯ୍ୟ ଓ ମୁକ୍ତଦାନ (ସି.ଏଫ୍. ରୋମି ୩:୨୪; ୬:୨୩; ଏଫିସ ୨:୮) ଉତ୍ତର ଦେବା ଆବଶ୍ୟକ ।

ନୂତନ ନିୟମର "ପୂର୍ବରୁ ଉପସ୍ଥିତ କିନ୍ତୁ ଏ ପର୍ଯ୍ୟନ୍ତ ନୁହେଁ"ର ମାନସିକ ଉଦ୍‌ବେଗ ମଧ୍ୟମନ୍ତାର ଧ୍ୱଂସ ସାଧନ ସହ ସଂପୃକ୍ତ ଅଟେ । ଶୟତାନ ପରାଜିତ ହୋଇଛି, ମାତ୍ର ଈଶ୍ୱରଙ୍କ ରାଜ୍ୟର ପୂର୍ଣ୍ଣ ସମାପନ ହେବା ପର୍ଯ୍ୟନ୍ତ ସେ ଜଗତରେ ସ୍ଥିର ଭାବେ କାର୍ଯ୍ୟରତ ଅଟେ ।

୩;୯ "ଯେଉଁ ଜଣ ଈଶ୍ୱରଙ୍କଠାରୁ ଜାତ" ଏହା ଏକ ସମ୍ପନ୍ନକାଳ କୃଦନ୍ତ ବିଶେଷତା କର୍ମବାଚ୍ୟ ଅଟେ । (ସି.ଏଫ୍. ପ.୯ଗ, ୨:୨୯; ଓ ୫:୧୮ରେ ସମାନ୍ତର) ଯାହା ଜଣେ ବାହ୍ୟ ଅଭିକର୍ତ୍ତା (ଈଶ୍ୱର) ଦ୍ୱାରା ଉପସ୍ଥାପିତ ପ୍ରତିଷ୍ଠିତ ପରିସ୍ଥିତି ବିଷୟ ବ୍ୟକ୍ତ କରେ ।

■ "ପାପ ଅଭ୍ୟାସ କରେ ନାହିଁ" ୨:୧ ସହିତ ପ୍ରଭେଦରେ ଏହାଏକ ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ ଯେଉଁଠାରେ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଦୁଇ ଥର ବ୍ୟବହୃତ ହେଶଇଛି । ଏହି ମନ୍ତବ୍ୟର ମହତ୍ତ୍ୱପୂର୍ଣ୍ଣତା ବିଷୟରେ ସେଠାରେ ଦୁଇଟି ମତବାଦ ରହିଛି ।

୧. ଏହା ନୋଷ୍ଟକ୍ ଭ୍ରାନ୍ତ ଶିକ୍ଷକମାନଙ୍କ ବିବରଣୀ ଦିଏ, ବିଶେଷ ଭାବେ ସେହି ବିବାଦ ଯାହା ପରିତ୍ରାଣକୁ ବୌଦ୍ଧିକ ଧାରାରଗୁଡ଼ିକକୁ ହ୍ରାସ କଲା, ସେହି ଉପାୟରେ ଗୋଟିଏ ନୈତିକ ଆରର ଜୀବନ ଧାରାର ଆବଶ୍ୟକତାକୁ ଅପସାରଣ କଲା ।

୨. ବର୍ତ୍ତମାନ କାଳ କ୍ରିୟାପଦ କ୍ରମାଗତ, ଅଭ୍ୟାସଗତ, ପାପପୂର୍ଣ୍ଣ କାର୍ଯ୍ୟକାଳପ (ସି.ଏଫ୍. ରୋମି ୬:୧) କୁ ଗୁରୁତ୍ୱ ଆରୋପ କରେ । ପାପରୁ ଦୂରୀକୃତ କାର୍ଯ୍ୟ ସମୂହକୁ ନୁହେଁ (ସି.ଏଫ୍. ରୋମି ୬:୧୫)

ଏହି ଧର୍ମତତ୍ତ୍ୱ ସମ୍ବନ୍ଧୀୟ ବିଭିନ୍ନତା ରୋମୀୟ ୬( ଖ୍ରୀଟେଙ୍କଠାରେ ପାପଶୂନ୍ୟତାର ଅନର୍ନ୍ତନିହିତ ଶକ୍ତି ଓ ରୋମୀୟ ୭(ପାପ କମ୍ କରବାରେ ବିଶ୍ୱାସୀମାନଙ୍କର କ୍ରମାଗତ ଚେଷ୍ଟା)ରେ ସ୍ପଷ୍ଟ ଭାବେ ବିଦିତ ଅଯେ ।

ଐତିହାସିକ ଉପାୟ ୧ ଉତ୍ତମ ବୋଧହୁଏ, କିନ୍ତୁ ଆଜି ସହ ଏହି ସତ୍ୟ ପ୍ରୟୋଗ କରିବା ଆବଶ୍ୟକତା ସହିତ ଏକ ସ୍ଥିର ଭାବେ ପରିତ୍ୟକକତ, ଯାହା ୨ ସମ୍ବୋଧନ କରେ ।ୱାଲଟେର କେଇସର, ପିଟର ଡେଭିଡ଼ସ ଏଫ ଏଫ ବ୍ରୁସ ଓମୋନ ଫ୍ରେଡ଼ ବ୍ରାକ୍ ବାରା ହାର୍ଡ଼ ସେଇଙ୍ଗସ ଅଫ୍ ଦି ବାଇବଲରେ ଏହି କଷ୍ଟକର ପଦର ସେଠାରେ ଉତ୍ତମ ଆଲୋଚନା ରହିଛି, ପିପି ୭୩୬-୭୩୯

. "କାରଣ ତାହାଙ୍କର ବୀଜ ତାହାଠାରେ ରହିଛି" ଏହା ଏକ ବର୍ତ୍ତମାନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ ଗ୍ରୀକ୍ ବାକ୍ୟାଂଶ, "ତାହାଙ୍କ ବୀଜ"ର ସଠିକ୍ ଅର୍ଥ ନିମନ୍ତେ ସେଠାରେ କେତେକ ମତବାଦ ରହିଆସିଛି

୧. ଅଗୋଷ୍ଟିନ୍ ଓ ଲୁଥର କହିଲେ ଏହା ଈଶ୍ୱରଙ୍କ ବାକ୍ୟକୁ ଦର୍ଶାଏ (ସି.ଏଫ୍. ଲୁକ ୮:୧୧; ଯୋହନ ୫:୩୮; ଯାକୁବ ୧:୧୮; ପ୍ର. ପିତ ୧:୨୩)

୨. କାଲ୍‌ଭିନ୍ କହିଲେ ଏହା ପବିତ୍ର ଆତ୍ମାକୁ ନିର୍ଦ୍ଦେଶ କରେ (ସି.ଏଫ୍. ଯୋହନ ୩:୫,୬,୮; ପ୍ର. ଯୋହନ ୩:୨୪; ୪;୪ ୧୩)

୩. ଅନ୍ୟମାନେ କହିଲେ ଏହା ଦୈବିକ ପ୍ରକୃତି ଅବା ନୂତନ ବ୍ୟକ୍ତିତ୍ୱକୁ ନିର୍ଦ୍ଦେଶ କରେ (ସି.ଏଫ୍. ଦ୍ୱି. ପିତ ୧:୪; ଏଫି ୪:୨୪)

୪. ସମ୍ଭବତଃ ଏହା "ଅବ୍ରାହମାଙ୍କ ବୀଜ" ଭାବେ ନିଜେ ଖ୍ରୀଷ୍ଟଙ୍କୁ ନିର୍ଦ୍ଦେଶ କରେ (ସି.ଏଫ ଲୁକ ୧:୫୫; ଯୋହନ ୮:୩୩, ୩୭; ଗାଲା ୩:୧୬)

୫. କେତେକ କହନ୍ତି ଏହା "ଈଶ୍ୱରଙ୍କଠାରୁ ଜାତ" ବାକ୍ୟାଂଶ ସହିତ ଏକାର୍ଥବୋଧକ ଅଟେ ।

୬. ପ୍ରତୀୟମାନେ ଭାବେ ଏହା ସମସ୍ତ ମନୁଷ୍ୟମାନଙ୍କଠାରେ ଦୈବିକ ଆଲୋକ ବିଚ୍ଛୁରଣ ବିଷୟ କହିବା ନିମନ୍ତେ ନୋଷ୍ଟିକ୍‌ମାନଙ୍କ ଦ୍ୱାରା ବ୍ୟବହୃତ ଏ ପଦ ଥିଲା ।

ଏହି ସମସ୍ତ ମତବାଦଗୁଡ଼ିକ ମଧ୍ୟରୁ ସମ୍ଭବତଃ ୪ ସଂଖ୍ୟା ଉତ୍ତମ ପ୍ରାସଙ୍ଗିକଚୟନ ଅଟେ, କିନ୍ତୁ ଯୋହନ ପ୍ରାଥମିକ ନୋଷ୍ଟିକ୍‌ମାନଙ୍କୁ (ତାହା ହେଉଛି ୬) ମିଥ୍ୟା ପ୍ରମାଣିତ କରିବାକୁ ତାଙ୍କର ବ୍ୟବହୃତ ଶବ୍ଦ ପସନ୍ଦ କରନ୍ତି ।

୩:୧୦ ଏହା ୪-୯ ପଦଗୁଡ଼ିକର ଏକସଂକ୍ଷିପ୍ତ ବିବରଣ ଅଟେ । ଏହା ଦୁଇଟି ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଓ ଦୁଇଟି ବର୍ତ୍ତମାନ କାଳ କୃଦନ୍ତ ବିଶେଷ କର୍ତ୍ତୃବାଚ୍ୟ ବହନ କରେ, ଯାହା ପ୍ରକ୍ରିୟା ରତ କାର୍ଯ୍ୟକୁ ନିର୍ଦ୍ଦେଶ କରେ । ଧର୍ମତତ୍ତ୍ୱ ଅନୁସାରେ ଏହା ପର୍ବତ ଉପରେ ଉପଦେଶରେ ଯୀଶୁଙ୍କ ମନ୍ତବ୍ୟ ସହ ସମାନ୍ତର ଅଟେ । (ସି.ଏଫ୍. ମାଥି ୭:୧୬-୨୦)

ଜଣେ କିପରି ଜୀବନ କାଟେ ତାହା ତାହାର ହୃଦୟ, ତାହାର ଆତ୍ମିକ ସ୍ଥିତି ପ୍ରକାଶ କରେ ।

୨:୨୯ ନିମନତ ଏହା ନାସ୍ତିବାଚକ ପ୍ରତିମୂର୍ତ୍ତି ଅଟେ ।

■ **"ଈଶ୍ୱରଙ୍କ ସନ୍ତାନ, ... ଶଇତାନର ସନ୍ତାନ"** ଏହାଯୋହନଙ୍କର ଏବ୍ରୀ ଓ ଆରବୀୟ ପୃଷ୍ଠଭୂମି ଦେଖାଏ । ଏବ୍ରୀ, ବିନା ବିଶେଷଣଗୁଡ଼ିକରେ ଏକ ୁରାତନ ଭାଷା ହୋଇ, ବ୍ୟକ୍ତିକୁ ବର୍ଣ୍ଣନା କରିବାର ଗୋଟିଏ ମାର୍ଗ ଭାବେ... "...ଙ୍କ ପୁତ୍ର" ବ୍ୟବହୃତ କଲା ।

**ଏନ୍‌ଏଏସ୍‌ବି (ଆଧୁନିକରଣ) ଶାସ୍ତ୍ରାଠ ୩:୧୧-୧୨**

**୧୧କାରଣ ଆମ୍ଭମାନଙ୍କର ଯେ ପରସ୍ପରକୁ ପ୍ରେମ କରିବା କର୍ତ୍ତବ୍ୟ, ଏହି ସମ୍ବାଦ ତୁମ୍ଭେମାନେ ଆଦ୍ୟରୁ ଶୁଣିଅଛ; ୧୨ କୟିନ ସଦୃଶ ନୁହେଁ, ଯେ ପାପାତ୍ମା ମଧ୍ୟରୁ ଜଣେ ଓ ତାହା ଭାଇକୁ ବଧ କରିଥିଲା । ଆଉ କେଉଁ କାରଣ ନିମନ୍ତେ ସେ ତାହାକୁ ବଧ କଲା ? କାରଣ ତାହାର କାର୍ଯ୍ୟ ପାପମୟ ଓ ତାହାର ଭାଇର କାର୍ଯ୍ୟ ଧର୍ମମୟ ଥିଲା ।**

**୩:୧୧ "ସମ୍ବାଦ"** ଏହି ଗ୍ରୀକ୍ ପଦ (ଆଗେଲିଆ, ସାଧାରଣରେ ଆଞ୍ଜେଲିଆ ଭାବେ ଅନୁବାଦିତ) କେବଳ ପ୍ର. ଯୋହନ ୧:୫ ଓ ୩:୧୧ ରେ ବ୍ୟବହୃତ ହେଣଇଛି । ପ୍ରଥମ ବ୍ୟବହାର ଧର୍ମନୀତିକ ହେବା ପରି ବୋଧ ହୁଏ, ଯେତେବେଳେ ଦ୍ୱିତୀୟଟି ନୈତିକ ସମ୍ବନ୍ଧୀୟ ଅଟେ । ଏହା ଖ୍ରୀଷ୍ଟଧର୍ମର ଏହି ଦୁଇଟି ଭାବ ମଧ୍ୟରେ ଯୋହନଙ୍କର ସନ୍ତୁଳନ ସହ ରଖିବା ଅଟେ (ସିଏଫ ୧:୮,୧୦; ୨:୨୦, ୨୪; ୩:୧୪)

■ **"ଆଦ୍ୟରୁ ତୁମ୍ଭମାନେ ଶୁଣିଅଛ"** ଏହିବାକ୍ୟାଂଶ ଏକ ସାହିତ୍ୟିକ ଉପକରଣ ଅଟେ ଯାହା ଯୀଶୁଙ୍କୁ ଈଶ୍ୱରଙ୍କ ଜୀନ୍ତ ବାକ୍ୟ (ସି.ଏଫ୍. ଯୋହନ ୧;୧)ଽ ଓ ଈଶ୍ୱରଙ୍କ ବାକ୍ୟ ପ୍ରକାଶ କରିବା ଉଭୟ ଭାବେ ବର୍ଣ୍ଣନା କରେ (ସି.ଏଫ୍. ୧:୧; ୨;୭, ୧୩, ୧୪) ୨୪; ଦ୍ୱି. ଯୋହନ ୫,୬)

■ **"ଆମ୍ଭମାନଙ୍କୁ ପରସ୍ପରକୁ ପ୍ରେମ କରିବା କର୍ତ୍ତବ୍ୟ"** ଏହା ହେଉଛି ପ୍ରମାଣ ଯାହା ଦ୍ୱାରା ବିଶ୍ୱାସୀମାନେ ଜାଣନ୍ତି ଯେ ସେମାନେ ପ୍ରକୃତରେ ଉଦ୍ଧାରପ୍ରାପ୍ତ ହୋଇଛନ୍ତି (ସି.ଏଫ୍. ଭିଭି. ୧୦, ୧୪) ଏହା ଯୀଶୁଙ୍କ ବାକ୍ୟ ସମୂହ (ସି.ଏଫ୍. ଯୋହନ ୧୩:୩୪-୩୫; ୧୫:୧୨, ୧୭; ପ୍ର. ଯୋହନ ୩;୨୩; ୪:୭-୮, ୧୧-୧୨, ୧୯-୨୧) ପ୍ରତିଫଳନ କରେ ।

■ **"କୟିନ"** କୟନିନଙ୍କ ଜୀବନ ବିବରଣୀ ଆଦି ପୁସ୍କ ୪ରେ ଉଲ୍ଲିଖିତ ଅଟେ । ସଠିକ୍ ନିର୍ଦ୍ଦେଶ ହେଉଛି ଆଦି ପୁସ୍ତକ ୪:୪ (ସି.ଏଫ୍. ଏବ୍ରୀ ୧୧;୪) ଯେଉଁଠାରେ କୟିନ ଓ ହେବଲଙ୍କ ଉତ୍ସର୍ଗଗୁଡ଼ିକ ପ୍ରଦେ କରାଯାଇଥିଲା କୟିନଙ୍କ କାର୍ଯ୍ୟ ସମୂହ ମାନବ ଜାତିର ପତନର ପ୍ରଭାବ ପ୍ରକାଶ କରେ (ସି.ଏଫ୍. ଅରାଦି ୪:୭; ୬:୫,୧୧-୧୨, ୧୩ଖ) ଉଭୟ ଯିହୁଦୀ ଓ ଖ୍ରୀଷ୍ଟିୟାନ ପ୍ରଥାରେ (ସି.ଏଫ୍. ଏବ୍ରୀ ୧୧:୪; ଯିହୁଦା ୧୧) କୟିନ ଅନୈତିକ ବିଦ୍ରୋହର ଏକ ଦୃଷ୍ଟାନ୍ତ ଅଟେ ।

■ **"ଯିଏ ପାପତ୍ମାରୁ ଜଣେ ଥିଲେ"** ଏହି ବ୍ୟାକରଣ ସମ୍ବନ୍ଧୀୟ ଗଠନ ପୁଲିଙ୍ଗ ଏକବଚନ (ମନ୍ଦ ବ୍ୟକ୍ତି, ସି.ଏଫ୍. ପ. ୧୦) କିମ୍ବା କ୍ଲୀବ ଲିଙ୍ଗ ଏକବଚନ (ମନ୍ଦର) ହୋଇଥାଇପାରେ । ଏହି ସମାନ ବ୍ୟାକରଣ ସମ୍ବନ୍ଧୀୟ ଅନେକାର୍ଥକ ମାଥି ୫:୩୭; ୬:୧୩; ୧୩:୧୯, ୩୮; ଯୋହନ ୧୭:୧୫; ଦ୍ୱି ଥେସ ୩:୩; ପ୍ର ଯୋହନ ୨:୧୩, ୧୪; ୩:୧୨; ଓ ୫:୧୮-୧୯ ରେ ମିଳିଛି । କେତେକ ପରିସ୍ଥିତିଗୁଡ଼ିକରେ ପ୍ରସଙ୍ଗ ସ୍ପଷ୍ଟ ଭାବରେ ଶଇତାନକୁ ନିର୍ଦ୍ଦେଶ କରେ (ସି.ଏଫ୍. ମାଥି ୫:୩୭; ୧୩:୩୮; ଯୋହନ ୧୭:୧୫)

**ଏନ୍‌ଏସ୍‌ବି (ଆଧୁନିକରଣ) ଶାସ୍ତାଂଶ ୩:୧୩-୨୨**

**୧୩ ଭାଇମାନେ, ଯଦି ଜଗତ ତୁମ୍ଭମାନଙ୍କୁ ଘୃଣା କରେ, ତେବେ ଆଶ୍ଚର୍ଯ୍ୟାନ୍ୱିତ ହୁଅ ନାହିଁ । ୧୪ ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ମୃତ୍ୟୁକୁ ଅତିକ୍ରମ କରିଜୀବନରେ ପବେଶ କରିଅଛୁ, କାରଣ ଆମ୍ଭେମାନେ ଭାଇମାନଙ୍କୁ ପ୍ରେମ କରୁଅଛୁ । ଯେ ପ୍ରେମ କରେ ନାହିଁ ସେ ମୃତ୍ୟୁ ଅଧିନରେ ଥାଏ । ୧୫ ପ୍ରତ୍ୟୋକେ ଯେ ଆପଣା ଭାଇକୁ ଘୃଣା କରେ ସେ ଏକ ନରଘାତକ; ଆଉ ତୁମ୍ଭେମାନେ ଜାଣ ଯେ ନରଘାତକ ଠାରେ ଅନନ୍ତ ଜୀବନ ରହି ନ ଥାଏ । ୧୬ ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ଦାନ କଲେ, ଏହା ଦ୍ୱାରା ଆମ୍ଭେମାନେ ପ୍ରେମ ଜାଣୁ; ଆଉ ଭାଇମାନଙ୍କ ନିମନ୍ତେ ଆମ୍ଭେମାନେ ଆପଣାମାନଙ୍କର ପ୍ରାଣ ଦାନ କରିବା ଉଚିତ । ୧୭ କିନ୍ତୁ ଯାହାଠାରେ ଜଗତର ଉତ୍ତମ ଦ୍ରବ୍ୟ ସବୁ ରହିଛି, ଆୁ ଆପଣା ଭାଇକୁ ଅଭାବଗ୍ରସତ ଦେଖି ତାହା ବିରୁଦ୍ଧରେ ଆପଣା ହୃଦୟ ରୁଦ୍ଧ କରେ, ତାହାଂରରେ ଈଶବରପ୍ରେମ କିପରି ରହିପାରେ ? ୧୮ ବତ୍ସଗଣ, ଆସ ଆମ୍ଭେମାନେ ବାକ୍ୟ କିମ୍ବା ଜିହ୍ୱାରେ ପ୍ରେମ ନକରିବା, ମାତ୍ର କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରିବା । ୧୯ ଏହାଦ୍ୱାରା ଆମ୍ଭେମାନେ ଜାଣିବା ଯେ ଆମ୍ଭେମାନେ ସତ୍ୟର ସନ୍ତାନ ଅଟୁ, ଆଉ ତାହାଙ୍କ ସମ୍ମୁଖରେ ଆମ୍ଭମାନଙ୍କ ହୃଦୟକୁ ନିର୍ଭର ପ୍ରତିଶ୍ରୁତି ଦେବା । ୨୦ ଯେଉଁଠାରେ ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀକରେ; କାରଣ ଈଶ୍ୱର ଆମ୍ଭମାନଙ୍କ ହୃଦୟଠାରୁ ମହାନ୍ ଅଟନ୍ତି ଓ ସମସ୍ତ ବିଷୟ ଜାଣନ୍ତି । ୨୧ ପ୍ରିୟମାନେ, ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କ ଦୋଷୀ ନକରେ ତାହାହେଲେ ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କର ସାହସ ଅଛି; ୨୨ ଆଉ ଆମ୍ଭେ ଯାହାଯାହା ମାଗୁ ତାହାଙ୍କଠାରୁ ଆମ୍ଭେମାନେ ସେହି ସବୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କ ଆଜ୍ଞାପାଳନ କରୁ ପୁଣି ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ ତାହା କରିଥାଉ ।**

**୩:୧୩ "ଆଶ୍ଚର୍ଯ୍ୟାନ୍ୱିତ ହୁଅନାହିଁ"** ଏହା ଏକ ନାସ୍ତିବାଚକ କୃଦନ୍ତ ବିଶେଷଣ ସହିତ ଏକ ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ ଯାହା ବେଳେ ବେଳେ ପୂର୍ବରୁ ପ୍ରକ୍ରିୟାରେ ଥିବା ଏକ କାର୍ଯ୍ୟକୁ ବନ୍ଦ କରିବା ଅର୍ଥ କରେ (ସିଏଫ. ପ୍ର. ପିତ ୪:୧୨-୧୬) । ଏହା ଏକ ନିରପେକ୍ଷ ଜଗତ ନୁହେଁ; ଏହା ସେହି ଜଗତ ନୁହେଁ ଯାହା ଏପରି ହେବ ବୋଲି ଈଶ୍ୱର ମନସ୍ଥ କରିଥିଲେ ।

■ **"ଯଦି"** ଏହା ଏକ ପ୍ରଥମ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ ଯାହା ଲେକକଙ୍କ ବିବେଚନାଠାରୁ କିମ୍ବା ତାହାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ନିମନ୍ତେ ସତ୍ୟ ହେବା ପରି ଛଳନାମୟ ଅଟେ ।

■ **"ଜଗତ ତୁମ୍ଭମାନଙ୍କୁ ଘୃଣା କରେ"** ଏହା ଯୀଶୁଙ୍କୁ ଘୃଣା କଲା; ଏହା ତାହାଙ୍କ ଅନୁଗାମୀମାନଙ୍କୁ ଘୃଣା କରିବ । ନୂତନ ନିୟମରେ ଏହା ଏକ ସାଧାରଣ ବିଷୟବସ୍ତୁ (ସିଏଫ. ଯୋହନ ୧୫:୧୮; ୧୭:୧୪; ମାଥି ୫:୧୦-୧୧; ଦ୍ୱି.ତିମ ୩:୧୨) ଓ ଅନ୍ୟ ଏକ ପ୍ରମାଣ ଯେ ଜଣେ ବ୍ୟକ୍ତି ବିଶ୍ୱାସୀ ଅଟେ ।

**୩:୧୪ "ଆମ୍ଭେମାନେ ଜାଣୁ"** ଏହା ଏକ ସମ୍ପନ୍ନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ (ଅଇଡ଼ାର ଗଠନ ସମ୍ପନ୍ନ କାଳ ସୂଚକ, କିନ୍ତୁ ଅର୍ଥ ବର୍ତ୍ତମାନ କାଳ ସୂଚକ) । ଏହା ଅନ୍ୟ ଏକ ସାଧାରଣ ବିଷୟବସ୍ତୁ ଅଟେ । ଈଶ୍ୱରଙ୍କ ସନ୍ତାନମାନଙ୍କର ସାହସ (୧) ମନର ପରିବର୍ତ୍ତନ ଓ (୨) କାର୍ଯ୍ୟର ପରିବର୍ତ୍ତନକୁ ଜଡ଼ିତ ଅଟେ, ଯାହା ଗ୍ରୀକ୍ ଓ ଏବ୍ରୀରେ ପଦ "ଅନୁତାପ କିରବା" ର ଅର୍ଥସମୂହ ଅଟନ୍ତି ।

■ **"ଆମ୍ଭେମାନେ ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛୁ"** ଏହା ଅନ୍ୟ ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ (ସିଏଫ. ଯୋହନ ୫:୨୪) । ମୃତ୍ୟୁଠାରୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିବାର ପ୍ରମାଣ ସମୂହରୁ ଗୋଟିଏ ହେଉଛି (ଏହା ହେଉଛି, ଖ୍ରୀଷ୍ଟିୟାନ ପ୍ରତିଶ୍ରୁତି, ଯୋହନ ୬:୩୭ରେ ବିଶେଷ ଶୀର୍ଷ ଦେଖନ୍ତୁ) ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ । ଅନ୍ୟଟି ହେଉଛି ଯେ ଜଗତ ଆମ୍ଭମାନଙ୍କୁ ଘୃଣା କରେ ।

■ **"କାରଣ ଆମ୍ଭେମାନେ ଭାଇମାନଙ୍କୁ ପ୍ରେମ କରୁଅଛୁ"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ପ୍ରେମ ଈଶ୍ୱରଙ୍କ ଏକ ମହତ ବୈଶିଷ୍ଟ୍ୟ ଅଟେ (ସିଏଫ୍ ଯୋହନ ୧୩:୩୪-୩୫; ୧୫:୧୨, ୧୭; ଦ୍ୱି.ଯୋହନ ୫; ପ୍ର.କର ୧୩; ଗାଲା ୫:୨୨) କାରଣ ଏହା ଈଶ୍ୱରଙ୍କର ନିଜ ବୈଶିଷ୍ଟ୍ୟ (ସିଏଫ ୪:୭-୨୧) ଅଟେ । ପ୍ରେମ ଈଶ୍ୱରଙ୍କ ସହିତ ମନୁଷ୍ୟ ସମ୍ପର୍କର ଆଧାର ନୁହେଁ, ମାତ୍ର ଫଳାଫଳ ଅଟେ । ପ୍ରେମ ପରିତ୍ରାଣର ଆଧାର ନୁହେଁ, ମାତ୍ର ଏହାର ଅନ୍ୟ ଏକ ପ୍ରମାଣ ଅଟେ ।

■ **"ଯେ ପ୍ରେମ କରେ ନାହିଁ ସେ ମୃତ୍ୟୁ ଅଧିନରେ ରହିଥାଏ"** ଏହା ଏକ ବର୍ତ୍ତମାନକାଳ କୃଦନ୍ତ ବିଶେଷଣ ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ କ୍ରିୟାପଦ ସହିତ ବିଶେଷ୍ୟ ଭାବେ ବ୍ୟବହୃତ ହୋଇଛି । ଯେପରି ବିଶ୍ୱାସୀମାନେ କ୍ରମାଗତ ପ୍ରେମରେ ରହନ୍ତି, ଅବିଶ୍ୱାସୀମାନେ ଘୃଣାରେ ରୁହନ୍ତି । ପ୍ରେମ ସଦୃଶ, ଘୃଣା ଜଣକର ଆତ୍ମିକ ସ୍ଥିତିର ଏକ ପ୍ରମାଣ ଅଟେ । ମନେରଖନ୍ତୁ ଯୋହନଙ୍କର ସୁସ୍ପଷ୍ଟ, ଦ୍ୱୈତଭାବ ବିଭାଗଗୁଡ଼ିକ ଜଣେ ପ୍ରେମରେ ରହିଥିବା କିମ୍ବା ଘୃଣାରେ ରହିଥିବା । ମଧ୍ୟବର୍ତ୍ତୀ ସ୍ଥାନ ନାହିଁ ।

**୩:୧୫ "ପ୍ରତ୍ୟେକେ"** ଯୋହନ ଏହି ପଦ (ପାସ) ୨:୨୯ ଠାରୁ ୮ ଥର ବ୍ୟବହୃତ କରିଛନ୍ତି । ଏହାର ମହତ୍ୱପୂର୍ଣ୍ଣତା ହେଉଛି ଯେ ଯୋହନ ଯାହା କହୁଛନ୍ତି ସେସବୁ ନିମନ୍ତେ ସେଠାରେ ବ୍ୟତିକ୍ରମ ନାହିଁ । ସେଠାରେ କେବଳ ଦୁଇ ପ୍ରକାର ଲୋକମାନେ ପ୍ରେମାକରୀ ଓ ଘୃଣାକାରୀ ମାନେ ଅଛନ୍ତି । ଯୋହନ ଜୀବନକୁ କଳା ଓ ଧଳା ପଦଗୁଡ଼ିକରେ ଦେଖନ୍ତି, ରଙ୍ଗୀନ ନୁହେଁ ।

■ **"ପ୍ରତ୍ୟେକେ ଯେ ତାହାର ଭାଇକୁ ଘୃଣା କରେ ସେ ନରଘାତକ"** ଏହା ଏକ ବର୍ତ୍ତମାନକାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଅଟେ (ଏହା ହେଉଛି, କ୍ରମାଗତ ଭାବେ, ପ୍ରତିଷ୍ଠିତ ଘୃଣା) । ପାପ ପ୍ରଥମେ ଜୀବନ ଚିନ୍ତାରେ ଘଟିତ ହୁଏ । ପର୍ବତ ଉପରେ ଉପଦେଶରେ ଯୀଶୁ ଶିକ୍ଷାଦେଲେ ଯେ ଘୃଣା ନରହତ୍ୟା ସହ ସମତୁଲ୍ୟ ଯେପରି କାମୁକତା ବ୍ୟଭିଚାର ସହ ସମତୁଲ୍ୟ ଅଟେ (ସିଏଫ୍. ମାର୍ଥ ୫:୨୧-୨୨) ।

■ **"ଆଉ ତୁମ୍ଭେମାନେ ଜାଣ ଯେ ନରଘାତକ ଠାରେ ଅନନ୍ତ ଜୀବନ ରହି ନଥାଏ"** ଏହା କହୁନାହିଁ ଯେ କେହି ଜଣେ ନରହତ୍ୟା କରି ଖ୍ରୀଷ୍ଟିୟାନ ହୋଇପାରିବ ନାହିଁ । ପାପ କ୍ଷମା ଯୋଗ୍ୟ ଅଟେ, ମାତ୍ର ଜୀବନ ଧାରା କାର୍ଯ୍ୟ ସମୂହ ହୃଦୟକୁ ପ୍ରକାଶ କରେ । ଏହା କହୁଅଛି ଯେ ଜଣେ ଯେ ଅଭ୍ୟାସଗତ ଭାବେ ଘୃଣା କରେ ସେ ଖ୍ରୀଷ୍ଟିୟାନ ହୋଇ ପାରିବ ନାହିଁ । ପ୍ରେମ ଓ ଘୃଣା ପରସ୍ପରଭାବେ ବର୍ଜନଶୀଳ ଅଟନ୍ତି ! ଘୃଣା ଜୀବନ ନେଇଥାଏ, ମାତ୍ର ପ୍ରେମ ଏହାର ଜୀବନ ଦାନ କରିଥାଏ ।

୩:୧୬ "ଆମ୍ଭେମାନେ ଜାଣୁ" ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ୧୫ ପ.ରେ ବ୍ୟବହୃତ ଗ୍ରୀକ୍ ପଦ ହେଉଛି **ଆଇଡା**; ଏଠାରେ ଏହା **ଗିନୋସ୍କ** ଅଟେ । ଯୋହନଙ୍କ ଲେଖା ସମୂହରେ ଏଗୁଡ଼ିକ ଏକାର୍ଥବୋଧକ ଭାବେ ବ୍ୟବହୃତ ଅଟନ୍ତି ।

■ **"ଏହାଦ୍ୱାରା ପ୍ରେମ"** ପ୍ରେମ କ'ଣ ସଦୃଶ ଅଟେ ତାହାର ଚରମ ଉଦାହରଣ ଯୀଶୁ ଦେଖାଇ ଅଛନ୍ତି । ବିଶ୍ୱାସୀମାନେ ତାହାଙ୍କ ଉଦାହରଣ ଅନୁକରଣ କରିବାକୁ ହେବ (ସିଏଫ୍. ଦ୍ୱି.କର. ୫:୧୪-୧୫) ।

■ **"ଆମ୍ଭମାନଙ୍କ ନିମନ୍ତେ ସେ ଆପଣା ଜୀବନ ଦାନ କଲେ"** ଏହା ଏକ ଆଓରିଷ୍ଟ କାଳ ଅଟେ ଯୀଶୁଙ୍କ ନିଜ ବାକ୍ୟ ସମୂହ ବ୍ୟବହାର କରି କାଲବରୀକୁ ନିର୍ଦ୍ଦେଶ କରୁଛି (ସିଏଫ୍. ଯୋହନ ୧୦:୧୧, ୧୫, ୧୭, ୧୮; ୧୫:୧୩) ।

■ **"ଆମ୍ଭେମାନେ କରିବା ଉଚିତ"** ବିଶ୍ୱାସୀମାନେ ଯୀଶୁଙ୍କ ଉଦାହରଣ ଦ୍ୱାରା ବାଧ୍ୟ ଅଟନ୍ତି (ସିଏଫ୍. ୨:୬; ୪:୧୧) ।

■ **"ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କ ଜୀବନ ଦାନ କରିବାକୁ"** ଖ୍ରୀଷ୍ଟ ହେଉଛନ୍ତି ଉଦାହରଣ । ଯେପରି ଅନ୍ୟମାନଙ୍କ ନିମନ୍ତେ ସେ ଆପଣା ଜୀବନ ଦାନ କଲେ, ଯଦି ଆବଶ୍ୟକ ଖ୍ରୀଷ୍ଟିୟାନମାନେ ଭାଇମାନଙ୍କ ନିମନ୍ତେ ସେମାନଙ୍କର ଜୀବନ ଦେବାକୁ ହେବ । ଆତ୍ମଭାବୁକତା ନିମନ୍ତେ ମୃତ୍ୟୁ ହେଉଛି

୧. ପତନର ଏକ ବିପରୀତ

୨. ଈଶ୍ୱରଙ୍କ ପ୍ରତିମୂର୍ତ୍ତିର ପୁନରୁଦ୍ଧାର

୩. ଏକୀଭୂତ ଉତ୍ତମତା ନିମନ୍ତେ ଜୀବନ ଯାପନ କରିବା (ସିଏଫ୍. ଦ୍ୱି. କର. ୫:୧୪-୧୫; ଫିଲିପି ୨;୫-୧୧; ଗାଲା ୨:୨୦; ପ୍ର.ପିତ ୨:୨୧) ।

୩:୧୭ "ମାତ୍ର ଯାହଠାରେ ଜଗତର ଉତ୍ତମ ବିଷୟ ରହିଛି ଆଉ ଆପଣା ଭାଇକୁ ଆବଶ୍ୟକତାରେ ଦେଖେ" ଏଗୁଡ଼ିକ ବର୍ତ୍ତମାନ କାଳ ସମ୍ଭାବନାର୍ଥକ କ୍ରିୟାପଦ ଗୁଡ଼ିକ ଅଟନ୍ତି । ପ. ୧୬ରେ ଜଣକର ଜୀବନ ଦାନ କରିବା ବର୍ତ୍ତମାନ ଜଣକର ଭାଇର ଅର୍ନ୍ତନିହିତ ଶକ୍ତି, ବ୍ୟବହାରିକ ସାହାଯ୍ୟର ଆଗ୍ରହରେ ରଖାହୋଇଛି । ଏହି ପଦଗୁଡ଼ିକ ଅତ୍ୟଧିକ ଭାବେ ଯାକୁବଙ୍କ ସଦୃଶ ଧାରଣା ଦିଏ (ସିଏଫ୍. ଯାକୁବ ୨:୧୫,୧୬) ।

"ପୁଣି ତାହା ବିରୁଦ୍ଧରେ ଆପଣା ହୃଦୟ ବନ୍ଦକରେ" ଏହା ଏକ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ । ପଦ ହୃଦୟ ସାହିତ୍ୟିକ ଭାବେ "ଅନ୍ତବୁଜୁଳି" ଭାବପ୍ରବଣ ନିମନ୍ତେ ଏକ ଏବ୍ରୀ ରୂଢ଼ୋକ୍ତି । ପୁନର୍ବାର ଆମ୍ଭମାନଙ୍କର କାର୍ଯ୍ୟ ସମୂହ ପିତାଙ୍କୁ ପ୍ରକାଶ କରେ ।

■ **"ଈଶ୍ୱରଙ୍କ ପ୍ରେମ"** ପୁନର୍ବାର ଏହା କ'ଣ କର୍ମକାରକ ବା ସମ୍ବନ୍ଧସୂଚକ ସମ୍ଭାବନାର୍ଥକ ଅବା ଉଦ୍ଦେଶ୍ୟପୂର୍ଣ୍ଣ ଅନେକାର୍ଥକ ଅଟେ ?

୧. ଈଶ୍ୱରଙ୍କ ନିମନ୍ତେ ପ୍ରେମ

୨. ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରେମ

୩. ଉଭୟ

ଯୋହନଙ୍କ ଲେଖା ସମୂହକୁ ସଂଖ୍ୟା ୩ ଉପଯୁକ୍ତ ଅଟେ ।

**୩:୧୮ "ଆସ ଆମ୍ଭେମାନେ ବାକ୍ୟରେ କିମ୍ବା ଜିହ୍ୱା ସହିତ ପ୍ରେମ ନକରୁ"** କାର୍ଯ୍ୟ ସମୂହ ବାକ୍ୟଠାରୁ ଉଚ୍ଚସ୍ୱରରେ ବ୍ୟକ୍ତ କରେ (ସିଏଫ୍. ମାର୍ଥ ୭:୨୪; ଯାକୁବ ୧:୨୨-୨୫; ୨:୧୪-୨୬) ।

. "ମାତ୍ର କର୍ମ ଓ ସତ୍ୟତାରେ" ପଦ ସତ୍ୟତା ହେଉଛି ଆଶ୍ଚର୍ଯ୍ୟଜନକ । ଜଣେ "କର୍ମ"ର ସମାର୍ଥକ ଶବ୍ଦ "କାର୍ଯ୍ୟ" ଆଶା କରିଥାଇପାରେ । ପଦ ପ୍ରକୃତ **(ଏନ୍‌ଜେବି)** କିମ୍ବା ସତ୍ୟ **(ଟିଇଭି)** ଅର୍ଥ କରିବାପରି ବୋଧ ହୁଏ, ୧:୫ ଓ ୩:୧୧ ରେ "ସମ୍ବାଦ" ର ବ୍ୟବହାର ସଦୃଶ ଯାହା ଉଭୟ ଧର୍ମନୀତି ଓ ଜୀବନଧାରାକୁ ଗୁରୁତ୍ୱ ଆରୋପ କରେ, ତେଣୁ ମଧ୍ୟ "ସତ୍ୟତା" କର୍ମ ଓ ଧାରଣା ଗୁଡ଼ିକ ଉଭୟ ଆତ୍ମତ୍ୟାଗି ପ୍ରେମ (ଈଶ୍ୱରଙ୍କ ପ୍ରେମ) ଦ୍ୱାରା ଉଦ୍ଦେଶ୍ୟ ପ୍ରଣୋଦିତ ହେବା ଆବଶ୍ୟକ ପୁଣି କେବଳ ଦେଖାଇବା କର୍ମଗୁଡ଼ିକ ନୁହେଁ ଯାହା ଯୋଗାଇବାକାରୀ କିମ୍ବା ପ୍ରଦାନକାରୀର ସ୍ୱାଭିମାନକୁ ସନ୍ତୁଷ୍ଟ କରେ ।

୩:୧୯ "ଏହା ଦ୍ୱାରା ଆମ୍ଭେମାନେ ଜାଣିବା" ଏହା ପୂର୍ବରେ ଉଲ୍ଲିଖିତ ପ୍ରେମମୟ କାର୍ଯ୍ୟଗୁଡ଼ିକ ଦର୍ଶାଏ । ଏହା ଏକ ବର୍ତ୍ତମାନ କାଳ ମଧ୍ୟବର୍ତ୍ତୀ (କ୍ରିୟା) ବକ୍ତବ୍ୟ ସୂଚକ ଅଟେ, ଯାହା ଜଣକର ପ୍ରକୃତ ଧର୍ମ ପରିବର୍ତ୍ତନର ଅନ୍ୟ ଏକ ପ୍ରମାଣ ଅଟେ ।

■ **"ଯେ ଆମ୍ଭେମାନେ ସତ୍ୟଠାରୁ ଜାତ"** ବିଶ୍ୱାସୀମାନଙ୍କର ପ୍ରେମମୟ ଜୀବନଧାରା ଦୁଇଟି ବିଷୟ ଦେଖାଏ (୧) ସେମାନେ ସତ୍ୟର ପକ୍ଷରେ ଅଛନ୍ତି ଓ (୨) ସେମାନଙ୍କର ବିବେକ ସବୁ ସ୍ୱଷ୍ଟ ଅଟେ । ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୬:୫୫ ରେ ସତ୍ୟ ।

୩:୧୯-୨୦ ଏହି ଦୁଇଟି ପଦଗୁଡ଼ିକର ଗ୍ରୀକ୍ ଅଂଶ କିପରି ଅନୁବାଦ କରିବାକୁ ହେବ ସେ ବିଷୟରେ ସେଠାରେ ଅତ୍ୟଧିକ ଆଲୋଚନା ରହିଛି । ଗୋଟିଏ ସମ୍ଭାବ୍ୟ ତର୍ଜମା ଈଶ୍ୱରଙ୍କ ବିଚାରକୁ ଗୁରୁତ୍ୱ ପ୍ରଦାନ କରେ, ଯେତେବେଳେ ଅନ୍ୟଟି ଈଶ୍ୱରଙ୍କ କରୁଣାକୁ ଗୁରୁତ୍ୱ ଦିଏ । ପ୍ରସଙ୍ଗ କାରଣରୁ ଦ୍ୱିତୀୟ ଚୟନ ଅଧିକ ଉପଯୁକ୍ତ ବୋଧ ହୁଏ ।

୩:୨୦-୨୧ ଏହି ଉଭୟ ପଦଗୁଡ଼ିକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ସମୂହ ଅଟନ୍ତି ।

୩:୨୦

| | |
|---|---|
| ଏନ୍ ଏ ଏସ୍ ବି | **"ଯେ କୌଣସିଠାରେ ଆମ୍ଭମାନଙ୍କର ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ"** |
| ଏନ୍ କେ ଜେ ଭି | **"କାରଣ ଯଦି ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ"** |
| ଏନ୍ ଆର୍ ଏସ୍ ଭି | **"ଯେ କୌଣସି ସମୟରେ ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ"** |
| ଟି ଇ ଭି | **"ଯଦି ଆମ୍ଭମାନଙ୍କର ବିବେକ ଆମ୍ଭମାନଙ୍କୁ ଦୋଷୀ କରେ"** |
| ଏନ୍ ଜେ ବି | **"ଯଦିଓ ଆମ୍ଭମାନଙ୍କର ନିଜ ଅନୁଭୂତିମାନ ଆମ୍ଭମାନଙ୍କୁ ଦୋଷୀ କରେ"** |

ସମସ୍ତ ବିଶ୍ୱାସୀମାନେ ମାନ ପର୍ଯ୍ୟନ୍ତ ନ ବଞ୍ଚିବା ଉପରେ ଆଭ୍ୟନ୍ତରୀଣ ଦୁଃଖର ଅନୁଧ୍ୟାନ କରିଛନ୍ତି ଯାହା ସେମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା ବୋଲି ସେମାନେ ଜାଣନ୍ତି (ତାହା ହେଉଛି ରୋମିୟ ୭) । ବିବେକର ସେହି କଷ୍ଟ ସବୁ ଈଶ୍ୱରଙ୍କ ଆତ୍ମା (ଅନୁତାପ କରାଇବାକୁ) କିମ୍ବା ଶଇତାନ (ଆତ୍ମବିନାଶ କିମ୍ବା ସାକ୍ଷ୍ୟର କ୍ଷୟର କାରଣ) ଠାରୁ ହୋଇପାରେ । ସେଠାରେ ଉଭୟ ଉପଯୁକ୍ତ ଓ ଅନୁପଯୁକ୍ତ ଦୋଷ ରହିଛି । ବିଶ୍ୱାସୀମାନେ ଈଶ୍ୱରଙ୍କ ପୁସ୍ତକ ପଢ଼ିବା ଦ୍ୱାରା ଭିନ୍ନତା ଜାଣନ୍ତି (କିମ୍ବା ତାହାଙ୍କ ସମ୍ବାଦବାହକମାନଙ୍କୁ ଶୁଣିବା) ଯୋହନ ଯେଉଁ ବିଶ୍ୱାସୀମାନେ ପ୍ରେମର ମାନ ଦ୍ୱାରା ବଞ୍ଚୁଛନ୍ତି ମାତ୍ର ତଥାପି ପାପ ସହ ସଂଘର୍ଷ କରୁଛନ୍ତି ସେମାନଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଛନ୍ତି (ଉଭୟ ଭାରାର୍ପିତ ଓ ଅପ୍ରସ୍ତୁତ କାର୍ଯ୍ୟ) । ବିଶେଷ ଶୀର୍ଷ ଦେଖନ୍ତୁ ଯୋହନ ୧୨:୪୦ରେ ହୃଦୟ ।

■ **"ଆଉ ସମସ୍ତ ବିଷୟଗୁଡ଼ିକ ଜାଣନ୍ତି"** ଈଶ୍ୱର ଆମ୍ଭମାନଙ୍କର ପ୍ରକୃତ ଧାରଣା ସବୁ ଜାଣନ୍ତି (ସିଏଫ୍. ପ୍ର. ଶାମୁ. ୨:୭; ୧୬:୭; ପ୍ର.ରାଜା. ୮:୩୯; ପ୍ର.ବଂଶା ୨୮:୯; ଦ୍ୱି.ବଂଶା ୬:୩୦; ଗୀତ ୭:୯; ୪୪:୨୧; ହିତୋ ୧୫:୧୧; ୨୦;୨୭; ୨୧;୨; ଯିରି ୧୧:୨୦; ୧୭:୯-୧୦; ୨୦:୧୨; ଲୂକ ୧୬:୧୫; ପ୍ରେରିତ ୧:୨୪; ୧୫:୮; ରୋମି ୮:୨୬, ୨୭) ।

୩:୨୧ "ଯଦି ଆମ୍ଭମାନଙ୍କର ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ ନାହିଁ" ଏହା ଏକ ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ । ଖ୍ରୀଷ୍ଟିୟାନମାନେ ଏପର୍ଯ୍ୟନ୍ତ ପାପ ଓ ସ୍ୱାର୍ଥ ସହ ସଂଘର୍ଷ କରନ୍ତି (ସିଏଫ୍ ୨:୧; ୫:୧୬-୧୭) । ସେମାନେ ଏ ପର୍ଯ୍ୟନ୍ତ ପ୍ରଲୋଭନର ସମ୍ମୁଖୀନ ହୁଅନ୍ତି ଓ ସ୍ୱତନ୍ତ୍ର ପରିସ୍ଥିତିରେ ଅନୁପଯୁକ୍ତ ଭାବେ କାର୍ଯ୍ୟ କରନ୍ତି । ଅନେକ ସମୟରେ ସେମାନଙ୍କର ବିବେକ ସେମାନଙ୍କୁ ଦୋଷୀ କରେ । ଯେପରି ଏକ ମେଥଡ଼ିଷ୍ଟ ସ୍ତୁତି (ଅଜଣା ଲେଖକ ଓ ଆଖ୍ୟା) ପ୍ରକାଶ କରେ :

"ଆଉ ହେ ପ୍ରଭୁ, କାହାର ମଧ୍ୟ ସମ୍ପୂର୍ଣ୍ଣ ବିଶ୍ରାମ ନାହିଁ
କାରଣ କେହି ସମଗ୍ର ଭାବେ ପାପରୁ ମୁକ୍ତ ନୁହେଁ;
ପୁଣି ଯେଉଁମାନେ ଦୁର୍ବଳ ନିଜ ଭିତରେ ଭୁଲ୍‌ର ଅତ୍ୟଧିକ ସଚେତ
ସେମାନେ ଉତ୍ତମ ଭାବରେ ତୁମ୍ଭଙ୍କୁ ସେବା କରିବେ ।"

ସୁସମାଚାରର ଏକ ଜ୍ଞାନ ଯୀଶୁଙ୍କ ସହିତ ଏକ ମଧୁର ସହଭାଗିତା ଆତ୍ମାଙ୍କର ପଥ ପ୍ରଦର୍ଶନକୁ ଆତ୍ମ ସମର୍ପଣତା ଓ ପିତାଙ୍କର ସର୍ବଜ୍ଞତା ଧୂଳିର ଆମ୍ଭମାନଙ୍କର ହୃଦୟ ଶାନ୍ତ କରେ (ସିଏଫ୍ ଗୀତ ୧୦୩:୮-୧୪) ।

"ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କର ସାହସ ଅଛି" ଏହା ଈଶ୍ୱରଙ୍କ ସାନିଧ୍ୟକୁ ଖୋଲା ଓ ସ୍ୱାଧୀନ ପ୍ରବେଶ ଅଧିକାର ବିଷୟ ବ୍ୟକ୍ତ କରେ । ଯୋହନଙ୍କର ଏହା ଅନେକ ସମୟରେ ପୁନରାବୃତ୍ତି ହେବା ପଦ ଓ ଧାରଣା ଅଟେ (ସିଏଫ୍ ୨:୨୮; ୩:୨୧; ୪:୧୭; ୫:୧୪; ଏବ୍ରୀ ୩:୬; ୧୦:୩୫, ୨:୨୮ରେ ବିଶେଷ ଶୀର୍ଷ ଦେଖନ୍ତୁ) । ଏହି ବାକ୍ୟାଂଶ ନିର୍ଭର ପ୍ରତିଶ୍ରୁତି ଦୁଇଟି ଉପକାର ଗୁଡ଼ିକର ପରିଚୟ ପ୍ରଦାନ କରେ ।

୧. ଈଶ୍ୱରଙ୍କ ସମ୍ମୁଖରେ ବିଶ୍ୱାସୀମାନଙ୍କର ଉତ୍କୃଷ୍ଟ ସାହସ ରହିଛି
୨. ସେମାନେ ଯାହା କିଛି ମାଗନ୍ତି ତାହାଙ୍କଠାରୁ ପାଆନ୍ତି

**୩:୨୨ "ଆମ୍ଭେମାନେ ଯାହା କିଛି ମାଗୁ ତାହାଙ୍କଠାରୁ ଗ୍ରହଣ କରିଥାଉ"** ଏହା ଏକ ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଓ ଏକ ବର୍ତ୍ତମାନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ଏହା ମାଥିଉ ୭:୭, ୧୮, ୧୯, ଯୋହନ ୯:୩୧; ୧୪:୧୩-୧୪; ୧୫:୭, ୧୬, ୨୩; ମାର୍କ ୧୧:୨୪; ଲୂକ ୧୧:୯-୧୦ରେ ଯୀଶୁଙ୍କର ମନ୍ତବ୍ୟଗୁଡ଼ିକ ପ୍ରତିଫଳନ କରେ । ଏହି ସବୁ ଶାସ୍ତ୍ରାଂଶର ପ୍ରତିଜ୍ଞାଗୁଡ଼ିକ ପ୍ରାର୍ଥନାରେ ବିଶ୍ୱାସୀମାନଙ୍କର ଅନୁଭୂତି ଠାରୁ ଅତି ଭିନ୍ନ ଅଟନ୍ତି । ଏହି ପଦ ଅପରିମିତ ଉତ୍ତରପ୍ରାପ୍ତ ପ୍ରାର୍ଥନାର ପ୍ରତିଜ୍ଞା ପରି ବୋଧ ହୁଏ । ଏହିଠାରେ ଅନ୍ୟ ପ୍ରଯୁଜ୍ୟ ଅଂଶଗୁଡ଼ିକର ଏକ ତୁଳନା । ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସନ୍ତୁଳନ ଆଣିବାରେ ସାହାଯ୍ୟ କରେ ।

**ବିଶେଷ ଶୀର୍ଷ : ପ୍ରାର୍ଥନା, ପ୍ରଚୁର ତଥାପି ସୀମିତ**

କ. ସଂକ୍ଷିପ୍ତ ସୁସମାଚାର ସମୂହ

୧. ବିଶ୍ୱାସୀମାନେ ପ୍ରାର୍ଥନାରେ ଅଧ୍ୟବସାୟ ନିମନ୍ତେ ଉତ୍ସାହିତ କରାଯାଇଛନ୍ତି ଆଉ ଈଶ୍ୱର "ଉତ୍ତମ ବସ୍ତୁ" (ମାଥିଉ) କିମ୍ବା "ତାହାଙ୍କ ଆତ୍ମା" (ଲୂକ) ମାଥି ୭:୭-୧୧; ଲୂକ ୧୧:୫-୧୩) ଯୋଗାଇବେ ।

୨. ମଣ୍ଡଳୀ ଶୃଙ୍ଖଳା ପ୍ରସଙ୍ଗରେ ବିଶ୍ୱାସୀମାନେ (ଦୁଇ) ପ୍ରାର୍ଥନାରେ ଏକୀଭୂତ ହେବାକୁ ଉତ୍ସାହିତ କରାଯାଆନ୍ତି (ମାଥି ୧୮:୧୯)

୩. ଯିହୁଦୀ ଧର୍ମର ବିଚାର ପ୍ରସଙ୍ଗରେ ବିଶ୍ୱାସୀମାନେ ସନ୍ଦେହବିନା ବିଶ୍ୱାସରେ ମାଗୁଥିଲେ (ମାଥି ୨୧:୨୨; ମାର୍କ ୧୧:୨୩-୨୪)

୪. ଦୁଇଟି ଉପଦେଶାତ୍ମକ କାହାଣୀ (. ୧-୮, ଦୁଷ୍ଟ ବିଚାରକର୍ତ୍ତା ଓ .. ୯-୧୪, ଫାରୁଶୀ ଓ ପାପୀ)ର ପ୍ରସଙ୍ଗରେ ବିଶ୍ୱାସୀମାନେ ଈଶ୍ୱର ବିହୀନ ବିଚାରକର୍ତ୍ତା ଓ ଆତ୍ମଧାର୍ମିକ ଫାରୁଶୀଠାରୁ ଭିନ୍ନ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଇଛନ୍ତି । ନମ୍ର ଓ ଅନୁତପ୍ତକୁ ଈଶ୍ୱର ଶୁଣନ୍ତି (ଲୂକ ୧୮:୧-୧୪)

ଖ. ଯୋହନଙ୍କ ଲେଖା ସମୂହ

୧. ଯୀଶୁ ସୁସ୍ଥ କରିଥିବା ଜନ୍ମରୁ ଅନ୍ଧ ଲୋକର ପ୍ରସଙ୍ଗରେ, ଫାରୁଶୀମାନଙ୍କର ପ୍ରକୃତ ଅନ୍ଧତା ପ୍ରକାଶିତ ହୋଇଛି । ଯୀଶୁଙ୍କର ପ୍ରାର୍ଥନା ସମୂହ (ଯେପରି କେହି ଜଣକର) ଉତ୍ତର ପ୍ରାପ୍ତ ଅଟନ୍ତି କାରଣ ସେ ଈଶ୍ୱରଙ୍କୁ ଜାଣିଥିଲେ ଓ ସେହିପରି ଭାବରେ ଜୀବନ କାଟୁଥିଲେ (ଯୋହନ ୯:୩୧) ।

୨. ଯୋହନଙ୍କ ଉପର କୋଠରୀ ବିବରଣ (ଯୋହନ ୧୩-୧୭)

କ. ୧୪:୧୨-୧୪ - ବିଶ୍ୱାସମୟ ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ବିଶ୍ୱାସୀମାନଙ୍କଠାରୁ ଆସିବା ଦ୍ୱାରା

୨) ଯୀଶୁଙ୍କ ନାମରେ ମାଗିବା ଦ୍ୱାରା

୩) ପିତା ମହିମାନ୍ୱିତ ହୁଅନ୍ତି ବୋଲି ଇଚ୍ଛା କରିବା ଦ୍ୱାରା

୪) ଆଜ୍ଞା ସମୂହ ପାଳନ କରିବା ଦ୍ୱାରା (ପ. ୧୫)

ଖ. ୧୫:୭-୧୦ - ବିଶ୍ୱାସୀମାନଙ୍କର ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ଯୀଶୁଙ୍କଠାରେ ରହିବା ଦ୍ୱାରା

୨) ସେମାନଙ୍କଠାରେ ତାହାଙ୍କ ବାକ୍ୟ ରହିବା ଦ୍ୱାରା

୩) ପିତା ମହିମାନ୍ୱିତ ହୁଅନ୍ତୁ ବୋଲି ଇଚ୍ଛା କରିବା ଦ୍ୱାରା

୪) ଅତ୍ୟଧିକ ଫଳ ଉତ୍ପାଦନ କରିବା ଦ୍ୱାରା

୫) ଆଜ୍ଞା ସମୂହ ପାଳନ କରିବା ଦ୍ୱାରା (ପ.୧୦)

ଗ. ୧୫:୧୫-୧୩ - ବିଶ୍ୱାସୀମାନଙ୍କର ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ସେମାନଙ୍କର ନିର୍ବାଚନ ଦ୍ୱାରା

୨) ସେମାନଙ୍କର ଫଳ ଫଳିବା ଦ୍ୱାରା

୩) ଯୀଶୁଙ୍କ ନାମରେ ଯାଚିବା ଦ୍ୱାରା

୪) ପରସ୍ପରକୁ ପ୍ରେମ କରିବାର ଆଜ୍ଞା ପାଳନ କରିବା ଦ୍ୱାରା

ଘ. ୧୬:୨୩-୨୪ - ବିଶ୍ୱାସୀମାନଙ୍କର ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ଯୀଶୁଙ୍କ ନାମରେ ଯାଚିବା ଦ୍ୱାରା

୨) ଆନନ୍ଦ ଯେପରି ପୂର୍ଣ୍ଣ କରାଯିବ ତାହା ଇଚ୍ଛା କରିବା ଦ୍ୱାରା

୩. ଯୋହନଙ୍କ ପ୍ରଥମ ପତ୍ର (ପ୍ରଥମ ଯୋହନ)

କ. ୩:୨୨-୨୪ - ବିଶ୍ୱାସୀମାନଙ୍କର ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ତାହାଙ୍କ ଆଜ୍ଞା ସମୂହ ପାଳନ କରିବା ଦ୍ୱାରା (.. ୨୨, ୨୪)

୨) ଉପଯୁକ୍ତ ଭାବରେ ଜୀବନ ଅତିବାହିତ କରିବା ଦ୍ୱାରା

୩) ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା

୪) ପରସ୍ପରକୁ ପ୍ରେମ କରିବା ଦ୍ୱାରା

୫) ତାହାଙ୍କଠାରେ ଓ ସେ ଆମ୍ଭମାନଙ୍କଠାରେ ରହିବା ଦ୍ୱାରା

୬) ଆତ୍ମାଙ୍କର ଦାନ ରଖିବା ଦ୍ୱାରା

ଖ. ୫:୧୪-୧୭ ବିଶ୍ୱାସୀମାନଙ୍କର ପ୍ରାର୍ଥନା ବର୍ଣ୍ଣିତ ହୁଏ

୧) ଈଶ୍ୱରଙ୍କଠାରେ ସାହସ ଦ୍ୱାରା

୨) ତାହାଙ୍କ ଇଚ୍ଛା ଅନୁସାରେ

୩) ପରସ୍ପର ନିମନ୍ତେ ବିଶ୍ୱାସୀମାନଙ୍କର ପ୍ରାର୍ଥନା

ଗ. ଯାକୁବ

୧. ୧:୫-୭ - ବିଭିନ୍ନ ପ୍ରକାର ବିଚାରଗୁଡ଼ିକ ସହ ବିଶ୍ୱାସୀମାନଙ୍କ ସମ୍ମୁଖୀନତା ହେବ । ବିନା ସନ୍ଦେହରେ ଜ୍ଞାନ ନିମନ୍ତେ ଯାଚିବାକୁ ଡାକୁଥିବ ।

୨. ୪:୨-୩ - ବିଶ୍ୱାସୀମାନେ ଉପଯୁକ୍ତ ଧାରଣା ସହିତ ମାଗିବା ଆବଶ୍ୟକ

୩. ୫:୧୩-୧୮ - ବିଶ୍ୱାସୀମାନଙ୍କର ଶାରୀରିକ ସମସ୍ୟା ସହିତ ସମ୍ମୁଖୀନତା ଉତ୍ସାହଜନକ ଅଟନ୍ତି ।

କ. ପ୍ରାଚୀନମାନଙ୍କୁ ପ୍ରାର୍ଥନା କରିବାକୁ ପଚାରିବା

ଖ. ବିଶ୍ୱାସରେ ପ୍ରାର୍ଥନା କରିବା ଉଦ୍ଧାର କରିବ

ଗ. ସେମାନଙ୍କର ପାପସବୁ କ୍ଷମା କରିବାକୁ ପଚାରିବା

ଘ. ପରସ୍ପର ନିକଟରେ ପାପ ସ୍ୱୀକାର କରିବା ଓ ପରସ୍ପର ନିମନ୍ତେ ପ୍ରାର୍ଥନା କରିବା (ପ୍ର. ଯୋହନ ୫:୧୬ ସହ ସମାନ)

ଫଳପ୍ରଦ ପ୍ରାର୍ଥନା ନିମନ୍ତେ ଚାବିକାଠି ହେଉଛି ଖ୍ରୀଷ୍ଟ ସାଦୃଶ୍ୟତା । ଯୀଶୁଙ୍କ ନାମରେ ପ୍ରାର୍ଥନା କରିବାର ଅର୍ଥ ହେଉଛି ଏହା । ଅନେକ ଖ୍ରୀଷ୍ଟୀୟାନମାନଙ୍କ ନିମନ୍ତେ ଈଶ୍ୱର ଯେଉଁ ଅତ୍ୟନ୍ତ ଖରାପ ବିଷୟ କରିପାରନ୍ତି ତାହା ହେଉଛି ସେମାନଙ୍କର ସ୍ୱାର୍ଥପର ପ୍ରାର୍ଥନାଗୁଡ଼ିକର ଉତ୍ତର ଦେବା । ଗୋଟିଏ ଅର୍ଥରେ ସମସ୍ତ ପ୍ରାର୍ଥନା ଉତ୍ତର ପ୍ରାପ୍ତ ହୋଇଛି । ପ୍ରାର୍ଥନାର ଅଧିକ ମୂଲ୍ୟବାନ ଭାବ ହେଉଛି ଯେ ଈଶ୍ୱରଙ୍କ ସହିତ, ଈଶ୍ୱରଙ୍କୁ ଭରସାକରି ବିଶ୍ୱାସୀର ସମୟ କ୍ଷେପଣ କରିବା ।

■ **"କାରଣ ଆମ୍ଭେମାନେ ତାହାଙ୍କ ଆଜ୍ଞା ସମୂହ ପାଳନ କରୁ ଏବଂ ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ ତାହା କରୁ"** ଏହି ପ୍ରସଙ୍ଗରେ ଉତ୍ତରପ୍ରାପ୍ତ ପ୍ରାର୍ଥନା ନିମନ୍ତେ ଦୁଇଟି ଆବଶ୍ୟକତା ଲକ୍ଷ୍ୟ କରନ୍ତୁ ।

୧. ଆଜ୍ଞା ପାଳନ

୨. ଈଶ୍ୱରଙ୍କୁ ସନ୍ତୁଷ୍ଟ କରୁଥିବା ବିଷୟକୁ ଅଭ୍ୟାସ କରିବା (ସିଏଫ୍. ଯୋହନ ୮:୨୯)

ଯୋହନଙ୍କ ପୁସ୍ତକ ହେଉଛି ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନଯାପନ ଓ ସେବାକାର୍ଯ୍ୟ କିପରି କରିବାକୁ ହେବ" ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୩:୨୩-୨୪**

**୨୩ ତାହାଙ୍କର ଆଜ୍ଞା ଏହି ଯେ ଆମ୍ଭେମାନେ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନାମରେ ବିଶ୍ୱାସ କରିବା ଯେପରି ସେ ଆମ୍ଭମାନଙ୍କୁ ଆଜ୍ଞା ଦେଇ ଅଛନ୍ତି, ସେହିପରି ପରସ୍ପରକୁ ପ୍ରେମ କରିବା । ୨୪ ଯେ ତାହାଙ୍କ ଆଜ୍ଞା ପାଳନ କରେ ସେ ତାହାଙ୍କ ଠାରେ ରହେ ଓ ସେ ତାହାଠାରେ ରହନ୍ତି । ସେ ଆମ୍ଭମାନଙ୍କୁ ଯେଉଁ ଆତ୍ମା ଦାନ କରିଅଛନ୍ତି, ତାହା ଦ୍ୱାରା ଆମ୍ଭେମାନେ ଜାଣୁ ଯେ ସେ ଆମ୍ଭମାନଙ୍କଠାରେ ରହନ୍ତି ।**

**୩:୨୩ "ତାହାଙ୍କର ଆଜ୍ଞା ଏହି ....... ଯେ ଆମ୍ଭେମାନେ ବିଶ୍ୱାସ କରିବା ..... ଓ ପ୍ରେମ କରିବା"** ଲକ୍ଷ୍ୟକରନ୍ତୁ ପଦ "ଆଜ୍ଞା" ଦୁଇଟି ଭାବ ସହିତ ଏକବଚନ ଅଟେ । ପ୍ରଥମ ଭାବ ହେଉଛି ବ୍ୟକ୍ତିଗତ ବିଶ୍ୱାସ; କ୍ରିୟାପଦ, "ବିଶ୍ୱାସ କରିବା", ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ (ସିଏଫ୍. ଯୋହନ ୬:୨୯, ୪୦) । ଦ୍ୱିତୀୟ ଭାବ ହେଉଛି ନୈତିକ ସମ୍ବନ୍ଧୀୟ; କ୍ରିୟାପଦ, ପ୍ରେମ, ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ (ସିଏଫ୍ ୩:୧୧; ୪:୭) । ସୁସମାଚାର ହେଉଛି ବିଶ୍ୱାସ କରିବା ନିମନ୍ତେ ଏକ ସମ୍ବାଦ, ଗ୍ରହଣ କରିବା ନିମନ୍ତେ ଜଣେ ବ୍ୟକ୍ତି ଓ ବଞ୍ଚିବା ନିମନ୍ତେ ଏକ ଜୀବନ ଧାରା !

■ **"ଯେ ଆମ୍ଭେମାନେ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବିଶ୍ୱାସ କରିବା"** ବାଇବଲ ସମ୍ବନ୍ଧୀୟ ବିଶ୍ୱାସ ବୁଝିବାରେ "ବିଶ୍ୱାସ କରିବା"ର ଧାରଣା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ପୁରାତନ ନିୟମ ପଦ ଅମାନ "ଆନୁଗତ୍ୟ", "ଭରସାଯୋଗ୍ୟତା" "ନିର୍ଭର ଯୋଗ୍ୟତା" କିମ୍ବା "ବିଶ୍ୱସ୍ତତା" କୁ ପ୍ରତିଫଳିତ କରେ (ପ୍ରଥମ ଯୋହନ ୨:୧୦ରେ ପୁରାତନ ନିୟମ ଶବ୍ଦ ଉପରେ ବିଶେଷ ଶୀର୍ଷ ଦେଖନ୍ତୁ) । ନୂତନ ନିୟମରେ ଗ୍ରୀକ୍ ପଦ (ପିଷ୍ଟିୟୁ) ତିନୋଟି ଭିନ୍ନ ଇଂରାଜୀ ପଦଗୁଡ଼ିକ : ବିଶ୍ୱାସ, ବିଶ୍ୱାସ କିମ୍ବା ଭରସା ଦ୍ୱାରା ଅନୁବାଦିତ ହୋଇଛି (ଯୋହନ ୨:୩୩ରେ ଗ୍ରୀକ୍ ଶବ୍ଦ ଉପରେ ବିଶେଷ ଶୀର୍ଷ ଦେଖନ୍ତୁ । ପଦ ଯେପରି ଈଶ୍ୱରଙ୍କ ଉପରେ ସେହିପରି ଖ୍ରୀଷ୍ଟିୟାନ ର ଭରସାଯୋଗ୍ୟତା ଉପରେ ଅତି ଅଧିକ ପ୍ରତିଫଳନ କରେ ନାହିଁ । ଏହା ତାହାଙ୍କର ଚରିତ୍ର, ପ୍ରକାଶନ ଓ ପ୍ରତିଜ୍ଞାସମୂହ ଅଟେ, ପତିତ ମନୁଷ୍ୟମାନଙ୍କର ଏପରି କି ଉଦ୍ଧାରପ୍ରାପ୍ତ ପତିତ ମନୁଷ୍ୟମାନଙ୍କର ଆନୁଗତ୍ୟ କିମ୍ବା ବିଶ୍ୱସ୍ତତା ନୁହେଁ ଯାହା ଅଟଳ ମୂଳଦୁଆ ଗଠନ କରେ !

"ନାମ"ରେ ବିଶ୍ୱାସ କରିବା କିମ୍ବା "ନାମ"ରେ ପ୍ରାର୍ଥନା କରିବାର ଧାରଣା ପାଖ ପୂର୍ବୀୟ ବୁଝାମଣା ଯାହା ନାମ ଜଣେ ବ୍ୟକ୍ତିକୁ ଉପସ୍ଥାପନ କରିବା ପ୍ରତିଫଳନ କରେ ।

୧. ମାଥି ୧:୨୧, ୨୩, ୨୫; ୨:୨୨; ୧୦:୨୨; ୧୨:୨୧; ୧୮:୫, ୨୦; ୧୯:୨୯; ୨୪:୫, ୯; ଯୋହନ ୧:୧୨; ୨:୨୩; ୩:୧୮; ୧୪:୨୬; ୧୫:୨୧; ୧୭:୬; ୨୦:୩୧ ରେ ଯୀଶୁ

■ ମାଥି ୬:୯; ୨୧:୯; ୨୩:୨୯; ଯୋହନ ୫:୪୩; ୧୦:୨୫; ୧୨:୧୩; ୧୭:୧୨ ରେ ପିତା

୩. ମାଥି. ୨୮:୧୯ ରେ ତ୍ରିକେ ଈଶ୍ୱର

ଏହି ପଦ ଉପରେ ଏକ ସଂକ୍ଷିପ୍ତ ବୈଷୟିକ ଲେଖା । ତାଙ୍କର ୱାର୍ଡ଼ ପିକ୍ଚରସ୍ ଇନ୍ ଦି ନ୍ୟୁ ଟେଷ୍ଟାମେଣ୍ଟ (ପି. ୨୨୮) ରେ, ଏ.ଟି. ରୋବର୍ଟସନ୍ କ୍ରିୟା ପଦ "ବିଶ୍ୱାସ କରିବ ।" ସହ ସମ୍ପର୍କିତ ଏକ ଗ୍ରୀକ୍ ପାଣ୍ଡୁଲିପି ସମସ୍ୟା ଉଲ୍ଲେଖ କରନ୍ତି । ଗ୍ରୀକ୍ ଅନ୍ସିଆଲ୍ ପାଣ୍ଡୁଲିପିଗୁଡ଼ିକ ବି, କେ, ଓ ଏଲ୍ର ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ରହିଛି । ଯେତେବେଳେ .. ଓ ସିର ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ରହିଛି । ଉଭୟ ଯୋହନଙ୍କର ପ୍ରସଙ୍ଗ ଓ ଲେଖାକୁ ଉପଯୁକ୍ତ ଅଟେ ।

୩:୨୪ "ଯେ ପାଳନ କରେ ସେ ...... ରହେ ...." ଏଗୁଡ଼ିକ ଉଭୟ ବର୍ତ୍ତମାନ କାଳ ସୂଚକ ଅଟନ୍ତି । ଆଜ୍ଞା ପାଳନ କରିବା ରହିବା ସହ ଜଡ଼ିତ ଅଟେ । ପ୍ରେମ କରିବା ହେଉଛି ପ୍ରମାଣ ଯେ ଆମ୍ଭେମାନେ ଈଶ୍ୱରଙ୍କଠାରେ ଓ ଈଶ୍ୱର ଆମ୍ଭମାନଙ୍କଠାରେ ଅଛନ୍ତି (ସିଏଫ୍ ୪:୧୨,

୧୫-୧୬; ଯୋହନ ୧୪:୨୩; ୧୫:୧୦) । ୨:୧୦ ରେ ରହିବା ଉପରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ "ସେ ଆମ୍ଭମାନଙ୍କୁ ଦାନ କରିଥିବା ଆତ୍ମାଙ୍କ ଦ୍ୱାରା" ପ୍ରକୃତ ବିଶ୍ୱାସୀମାନଙ୍କୁ ମୂଲ୍ୟାଙ୍କନ କରିବାକୁ ଯୋହନ ନିଶ୍ଚିତ ପ୍ରମାଣ ଗୁଡ଼ିକ ବ୍ୟବହାର କରନ୍ତି (ସିଏଫ୍ ରୋମି ୪:୧୩; ୮:୧୪-୧୬; ୨:୩-୨୭ ର ପୂର୍ବାପର ସମ୍ପର୍କିତ ଅର୍ନ୍ତଦୃଷ୍ଟିମାନ ଦେଖନ୍ତୁ) । ଦୁଇଟି ପବିତ୍ର ଆତ୍ମାଙ୍କ ସହ ସମ୍ପୃକ୍ତ ଅଟନ୍ତି ।

୧. ଯୀଶୁଙ୍କୁ ସ୍ୱୀକାର କରିବା (ସିଏଫ୍. ରୋମି ୧୦:୯-୧୩; ପ୍ର.କର ୧୨:୩)

୨. ଖ୍ରୀଷ୍ଟ ସଦୃଶ ଜୀବନ କାଟିବା (ସିଏଫ୍ ଯୋହନ ୧୫; ଗାଲା ୫:୨୨; ଯାକୁବ ୨:୧୪-୨୬)

**ପ୍ରଶ୍ନଗୁଡ଼ିକର ଆଲୋଚନା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ୍ ନୁହେଁ ।

ଏହି ସମସ୍ତ ପ୍ରଶ୍ନ ଗୁଡ଼ିକର ଆଲୋଚନା ପୁସ୍ତକର ଏହି ବିଭାଗିୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟଦେଇ ଚିନ୍ତା କରିବାରେ ସାହାଯ୍ୟ ନିମନ୍ତେ ଆପଣମାନଙ୍କୁ ପ୍ରଦତ୍ତ ହୋଇଛି । ସେଗୁଡ଼ିକ ଅର୍ଥ ଚିନ୍ତା କରିବାରେ ପ୍ରରୋଚକ ହୋଇପାରେ, ସିଦ୍ଧାନ୍ତ ମୂଳକ ନୁହେଁ ।

୧. ୧୧-୨୪ ପଦଗୁଡ଼ିକର ଏକୀଭୂତ କରୁଥିବା ବିଷୟବସ୍ତୁ କଣ ଅଟେ ? (ସିଏଫ୍ ଯୋହନ ୨:୭-୧୧) ?

୨. ୧୬ ଓ ୧୭ ପଦଗୁଡ଼ିକର ସମ୍ପର୍କ ବ୍ୟାଖ୍ୟା କର । ଆମ୍ଭମାନଙ୍କର ଜୀବନ ଦାନ କରିବା ଆବଶ୍ୟକ ସମୟରେ ଆମ୍ଭମାନଙ୍କ ଭାଇମାନଙ୍କୁ ସାହାଯ୍ୟ କରିବା ସହ କିପରି ତୁଳନାତ୍ମକ ହେବ ?

୪. ୧୯-୨୦ ପଦଗୁଡ଼ିକ କ'ଣ ଇଶ୍ୱରଙ୍କ ବିଚାରର ନିୟମ ନିଷ୍ଠତା କିମ୍ବା ଇଶ୍ୱରଙ୍କ ମହତ ସହାନୁଭୂତି ଯାହା ଆମ୍ଭମାନଙ୍କର ଭୟସବୁ ଶାନ୍ତ କରେ ତାହା ଉପରେ ଜୋର୍ ଦିଏ କି ?

୫. ୨୨ ପଦରେ ପ୍ରାର୍ଥନା ବିଷୟରେ ଯୋହନଙ୍କ ମନ୍ତବ୍ୟ ଆମ୍ଭମାନଙ୍କ ଦୈନିକ ଅନୁଭୂତି ସହ କିପରି ଜଡ଼ିତ କରିପାରିବା ?

୬. ଖ୍ରୀଷ୍ଟିୟାନମାନଙ୍କର ମାନିବାର ଆବଶ୍ୟକତା ଓ ପାପ ସ୍ୱୀକାର କରିବା ଓ ପାପଶୂନ୍ୟ ଶ୍ରେଷ୍ଠତାର ଯୋହନଙ୍କ ମନ୍ତବ୍ୟ ଉପରେ ତାଙ୍କର ପ୍ରତୀୟମାନ ହେଉଥିବା ଦ୍ୱନ୍ଦ୍ୱାତ୍ମକ ପ୍ରାଧାନ୍ୟତାକୁ ଜଣେ କିପରି ପୁର୍ନମିଳନ କରିବ ?

୭. ଯୋହନ ଜୀବନଧାରା ଉପରେ କାହିଁକି ଏପରି ଏକ ଭାରୀ ପ୍ରାଧାନ୍ୟତା ଗଢୁଛନ୍ତି ?

୮. "ପୁନର୍ଜନ୍ମ" ହେବାରେ ଅର୍ନ୍ତଭୁକ୍ତ ଥିବା ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସତ୍ୟତା ଗୁଡ଼ିକୁ ପ୍ରତିପାଦନ କର ।

୯. ଦୈନିକ ଖ୍ରୀଷ୍ଟିୟାନ ଜୀବନକୁ ଏହି ଅଂଶ କିପରି ଜଡ଼ିତ କରେ ?

# ୧ମ ଯୋହନ ୪

## ଆଧୁନିକ ଅନୁବାଦଗୁଡ଼ିକର ଅନୁଚ୍ଛେଦ ବିଭାଗମାନ

| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆରଏସଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଈଶ୍ୱରଙ୍କ ଆତ୍ମା ଓ ଖ୍ରୀଷ୍ଟାରୀର ଆତ୍ମା | ସତ୍ୟର ଆତ୍ମା ଓ ଭୁଲ୍‌ର ଆତ୍ମା | ସତ୍ୟ ଓ ଭୁଲ୍‌ର ଅର୍ନ୍ତଦୃଷ୍ଟି | ସତ୍ୟ ଆତ୍ମା ଓ ମିଥ୍ୟା ଆତ୍ମା | ତୃତୀୟ ସର୍ଗ : ଖ୍ରୀଷ୍ଟାରୀ ଓ ଜଗତ ବିରୁଦ୍ଧରେ ଜାଗି ରହିବା |
| | ୩:୨୪-୪:୬ | | | |
| ୪:୧-୬ | | ୪:୧-୬ | ୪:୧-୩ | ୪:୧-୬ |
| | | | ୪:୪-୬ | ପ୍ରେମ ଓ ବିଶ୍ୱାସର ଉତ୍ସ (୪:୭ - ୫:୧୩) |
| ଈଶ୍ୱର ହିଁ ପ୍ରେମ | ପ୍ରେମ ମଧ୍ୟ ଦେଇ ଈଶ୍ୱରଙ୍କୁ ଜାଣିବା | ପ୍ରେମର ଧନ୍ୟତା | ଈଶ୍ୱର ହିଁ ପ୍ରେମ | ପ୍ରେମର ଉତ୍ସ |
| ୪:୭-୧୨ | ୪:୭-୧୧ | ୪:୭-୧୨ | ୪:୭-୧୦ | ୪:୭-୫:୪ |
| | ପ୍ରେମ ମଧ୍ୟ ଦେଇ ଈଶ୍ୱରଙ୍କୁ ଦେଖିବା | | ୪:୧୧-୧୨ | |
| | ୪:୧୨-୧୬ | | | |
| ୪:୧୩-୧୬କ | | ୪:୧୩-୧୬କ | ୪:୧୩-୧୬କ | |
| ୪:୧୬ଖ-୨୧ | ପ୍ରେମର ସମ୍ପୂର୍ଣ୍ଣ ସମାପନ | ୪:୧୬ଖ-୨୧ | ୪:୧୬ଖ-୧୮ | |
| | ୪:୧୭-୧୯ | | | |
| | ବିଶ୍ୱାସ ଦ୍ୱାରା ଆଜ୍ଞାପାଳନ କରିବା | | ୪:୧୯-୨୧ | |
| | ୪:୨୦-୫:୫ | | | |

## ପଠନ ଚକ୍ର ତିନି (ପି. ଭି. ଦେଖନ୍ତୁ)

ଅନୁଚ୍ଛେଦ ସ୍ତରରେ ପ୍ରକୃତ ଲେଖକଙ୍କ ଅଭିପ୍ରାୟ ଅନୁସରଣ କରିବା

ଏହା ଧାରାବାହିକ ଭାବେ ବର୍ଣ୍ଣିତ ଏକ ଅଧ୍ୟୟନ ପ୍ରଦର୍ଶକ ଅଟେ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣ ଦାୟିତ୍ୱବାନ୍ ଅଟନ୍ତି । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଅପାଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ି ଦେବା ଉଚିତ ନୁହେଁ ।

ନିରବଚ୍ଛିନ୍ନ ଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକ ପାଞ୍ଚଟି ନୂତନ ତର୍ଜମା ସହ ମିଳାଅନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣାଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କ ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ
୨. ଦ୍ୱିତୀୟ ଅନୁଚ୍ଛେଦ
୩. ତୃତୀୟ ଅନୁଚ୍ଛେଦ
୪. ଇତ୍ୟାଦି

### ୪:୨-୨୧ କୁ ପୂର୍ବାପର ସମ୍ପର୍କିତ ଅର୍ନ୍ତଦୃଷଟିମାନ

କ. ଯେଉଁମାନେ ଈଶ୍ୱରଙ୍କ ନିମନ୍ତେ କହିବାକୁ ଦାବି କରନ୍ତି ସେମାନଙ୍କୁ ଖ୍ରୀଷ୍ଟିୟାନ ମାନେ କିପରି ମୂଲାଙ୍କନ ଓ ସଠିକ୍ ନିର୍ଣ୍ଣୟ କରିବା ଉପରେ ଯୋହନ ୪ ଏକ ଅତି ବିଶେଷ ଜ୍ଞାନ ସମ୍ପନ୍ନ ସାହିତ୍ୟିକ ବିଭାଗ ଅଟେ । ଏହି ଅଂଶ ସମ୍ପର୍କିତ ଅଟେ ।

୧. ଖ୍ରୀଷ୍ଟାରୀ କୁହାଯାଉଥିବା ଏହି ମିଥ୍ୟା ଭବିଷ୍ୟତ୍‌ବକ୍ତାମାନଙ୍କୁ (ସି.ଏଫ୍. ୨:୧୮-୨୫)

୨. ସେମାନଙ୍କୁ ଯେଉଁମାନେ ପ୍ରତାରଣା କରିବାକୁ ଚେଷ୍ଟା କରନ୍ତି (ସି.ଏଫ୍. ୨:୨୬; ୩:୭)

■ ସମ୍ଭବତଃ ସେମାନଙ୍କୁ ଯେଉଁମାନେ ସ୍ୱତନ୍ତ୍ର ଆତ୍ମିକ ସତ୍ୟତାଗୁଡ଼ିକର ଜ୍ଞାନ ଦାବି କରନ୍ତି (ସି.ଏଫ୍. ୩:୨୪)

ପ୍ରାରମ୍ଭିକ ଖ୍ରୀଷ୍ଟିୟାନମାନଙ୍କର ବିପଜ୍ଜନକ ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବୁଝିବାକୁ ଜଣେ ଉପଲବ୍ଧି କରିବା ଆବଶ୍ୟକ ଯେ ଈଶ୍ୱରଙ୍କ ନିମନ୍ତେ କହିବା ପାଇଁ ଅନେକେ ଦାବି କଲେ (ସି.ଏଫ୍. ୧ କର ୧୨:୧୦; ୧୪:୨୯; ୧ମ ଥେସ ୫:୨୦-୨୧; ୧ମ ଯୋହନ ୪:୧-୬) । ସେଠାରେ ସମ୍ପୂର୍ଣ୍ଣ ଓ ପ୍ରାପ୍ତବ୍ୟ ନୂତନ ନିୟମ ନ ଥିଲା । ଆତ୍ମିକ ଅର୍ନ୍ତଦୃଷ୍ଟି ଉଭୟ ଧର୍ମନୈତିକ ଓ ସାମାଜିକ ପରୀକ୍ଷାମାନ ଅର୍ନ୍ତଭୁକ୍ତ କରିଥିଲଶ (ସି.ଏଫ୍. ଯାକୁବ ୩:୧-୧୨) ।

ଖ. ୧ମ ଯୋହନକୁ ସଂକ୍ଷିପ୍ତ ବିବରଣୀ କରିବାକୁ ଅତିଶୟ ଭାବରେ କଷ୍ଟ ଅଟେ କାରଣ ବିଷୟବସ୍ତୁଗୁଡ଼ିକର ପୌନପୁନିକ ପଦ୍ଧତି ସକାଶୁ । ୪ ଅଧ୍ୟାୟରେ ଏହା ନିଶ୍ଚିତ ଭାବରେ ସତ୍ୟ ଅଟେ । ଏହିପରି ପ୍ରତୀୟମାନ ହୁଏ ଯେ ଏହି ଅଧ୍ୟାୟ ପୂର୍ବତନ ଅଧ୍ୟାୟଗୁଡ଼ିକରେ ଶିକ୍ଷା ଦିଆଯାଇଥିବା ସତ୍ୟଗୁଡ଼ିକୁ ବିଶେଷ ଭାବରେ ବିଶ୍ୱାସୀମାନଙ୍କର ପରସ୍ପରକୁ ପ୍ରେମ କରିବାର ଆବଶ୍ୟକତାକୁ ପୁନର୍ବାର ଜୋର୍ ଦିଆଯାଇଛି (ସି.ଏଫ୍. ଭିଭି. ୭-୨୧; ୨:୭-୧୨ ଓ ୩:୧୧-୨୪)

ଗ. ଯୋହନ ଭ୍ରାନ୍ତ ଶିକ୍ଷକମାନଙ୍କୁ ପ୍ରତିରୋଧ କରିବାକୁ ଓ ପ୍ରକୃତ ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବାକୁ ଉଭୟ ଲେଖୁଅଛନ୍ତି । କେତେକ ପରୀକ୍ଷା ସମୂହ ବ୍ୟବହାର କରିବା ଦ୍ୱାରା ସେ ଏହା କରନ୍ତି :

୧. ଧର୍ମନୀତି ସମ୍ବନ୍ଧୀୟ ପରୀକ୍ଷା (ଯୀଶୁଙ୍କ ଠାରେ ବିଶ୍ୱାସ, ସି.ଏଫ୍. ୧ମ ଯୋହନ ୨:୧୮-୨୫; ୪:୧-୬, ୧୪-୧୬; ୫:୧, ୫,୧୦)

୨. ଜୀବନ ଧାରା ପରୀକ୍ଷା (ଆଜ୍ଞା ପାଳନ ରିବା, ସି.ଏଫ୍. ୧ମ ଯୋହନ ୨:୩-୬; ୩:୧-୧୦, ୨୨-୨୪)

୩. ସାମାଜିକ ରୀକ୍ଷା (ପ୍ରେମ କରିବା, ସି.ଏଫ୍. ୧ମ ଯୋହନ ୨:୬-୧୧; ୩:୧୧-୧୮; ୪:୭-୧୨, ୧୬-୨୧; ୫:୧-୨)

ଶାସ୍ତ୍ରର ବିଭିନ୍ନ ଅଂଶଗୁଡ଼ିକ ଭିନ୍ନ ଭ୍ରାନ୍ତ ଶିକ୍ଷକମାନଙ୍କୁ ବର୍ଣ୍ଣନା କରେ । ୧ମ ଯୋହନ ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷକମାନଙ୍କର ଭ୍ରାନ୍ତ ଶିକ୍ଷାକୁ ସମ୍ବୋଧନ କରେ । ପ୍ରଥମ ଯୋହନକୁ ପରିଚୟ ପ୍ରଦାନରେ, ଭ୍ରାନ୍ତ ଶିକ୍ଷା ଦେଖନ୍ତୁ । ନୂତନ ନିୟମର ଅନ୍ୟ ଅଂଶଗୁଡ଼ିକ ଅନ୍ୟ ଅସତ୍ୟଗୁଡ଼ିକୁ ସମ୍ବୋଧନ କରେ (ସି.ଏଫ୍. ଯୋହନ ୧:୧୩; ରୋମି ୧୦:୯-୧୩; ୧ମ କର ୧୨:୩) । ଯେଉଁ ଭୁଲ୍ ସମ୍ବୋଧିତ ହୋଇଛି ତାହା ନିରୂପଣ କରିବାକୁ ପ୍ରତ୍ୟେକ ପ୍ରସଙ୍ଗ ଅଲଗା ଭାବରେ ପଠନ କରାଯିବା ଆବଶକ ଅଟେ । କେତେକ ମୂଳ ତଥ୍ୟା ପୁସ୍ତକଗୁଡ଼ିକଠାରୁ ସେଠାରେ ଭୁଲ୍ ଥିଲା ।

୧. ଯିହୁଦୀୟ ଆଇନସମ୍ମତ ବ୍ୟକ୍ତିମାନେ

୨. ଗ୍ରୀକ୍ ଦର୍ଶନ ଶାସ୍ତ୍ରଜ୍ଞମାନେ

୩. ଗ୍ରୀକ୍ ଆର୍ଟିନୋମିଆନ୍ ମାନେ

୪. ଯେଉଁମାନେ ସ୍ୱତନ୍ତ୍ର ଆତ୍ମିକ ପ୍ରକାଶିତ ଜ୍ଞାନ କିମ୍ବା ଅନୁଭୂତିମାନ ଦାବି କଲେ

**ଶବ୍ଦ ଓ ବାକ୍ୟାଂଶ ପଠନ**

**ଏନ୍ଏଏସ୍‌ବି (ଆଧୁନିକରଣ) ଶାସ୍ତାଂଶ : ୪:୧-୬**

**୧ହେ ପ୍ରିୟମାନେ, ପ୍ରତ୍ୟେକ ଆତ୍ମାଙ୍କୁ ବିଶ୍ୱାସ କର ନାହିଁ, ମାତ୍ର ଆତ୍ମାମାନେ ଈଶ୍ୱରଙ୍କଠାରୁ ଆଗତ କି ନାହିଁ ଏହା ପରୀକ୍ଷା କରି ଦେଖ, କାରର ଜଗତରେ ଅନେକ ଭଣ୍ଡ ଭାବବାବଦୀ ବାହାରିଅଛନ୍ତି । ୨ ଏହା ଦ୍ୱାରା ତୁମ୍ଭେମାନେ ଈଶ୍ୱରଙ୍କ ଆତ୍ମାଙ୍କୁ ଚିହ୍ନି ପାରିବ : ପ୍ରତ୍ୟେକ ଆତ୍ମା ଯେ ସ୍ୱୀକାର କରେ ଯେ ଯୀଶୁ ଖ୍ରୀଷ୍ଟ ଦେହବନ୍ତ ହୋଇ ଆସିଛନ୍ତି ସେ ଈଶ୍ୱରଙ୍କଠାରୁ ଆଗତ; ୩ ଆଉ ପ୍ରତ୍ୟେକ ଆତ୍ମା ଯେ ଯୀଶୁଙ୍କୁ ସ୍ୱୀକାର କରେ ନାହିଁ ସେ ଈଶ୍ୱରଙ୍କଠାରୁ ନୁହେଁ ଏହା ଖ୍ରୀଷ୍ଟାରୀର ଆତ୍ମା, ଯେ ଆସୁଅଚି ବୋଲି ତୁମ୍ଭେମାନେ ଶୁଣିଅଛ, ପୁଣି ତାହା ଏବେ ହେଁ ଜଗତରେ ଉପସ୍ଥିତ ଅଛି । ୪ ହେ ପିଲାମାନେ, ତୁମ୍ଭେମାନେ ଈଶ୍ୱରଙ୍କଠାରୁ ଜାତ, ଆଉ ତୁମ୍ଭେମବାନେ ସେମାନଙ୍କୁ ଜୟ କରିଅଛ; କାରଣ ଯେ ତୁମ୍ଭମାନଙ୍କଠାରେ ଅଛନ୍ତି ସେ ଜଗତରେ ଯେ ଅଛି ତାହାଠାରୁ ମହାନ୍ ଅଟନ୍ତି । ୫ ସେମାନେ ଜଗତରୁ ଉତ୍ପନ୍ନ; ତେଣୁ ସେମାନେ ଜାଗତିକ କଥା କହନ୍ତି, ଆଉ ଜଗତ ସେମାନଙ୍କ କଥା ଶୁଣେ। ୬ ଆମ୍ଭେମାନେ ଈଶ୍ୱରଙ୍କଠାରୁ ଜାତ; ଯେ ଈଶ୍ୱରଙ୍କୁ ଜାଣେ ସେ ଆମ୍ଭମାନଙ୍କ କଥା ଶୁଣେ; ଯେ ଈଶ୍ୱରଙ୍କ ଠାରୁ ଜାତ ନୁହେଁ ସେ ଆମ୍ଭମାନଙ୍କ କଥା ଶୁଣେ ନାହିଁ । ଏହା ଦ୍ୱାରା ଆମ୍ଭେମାନେ ସତ୍ୟମୟ ଆତ୍ମା ଓ ମିଥ୍ୟାର ଆତ୍ମାକୁ ଚିହ୍ନୁ ।**

୪:୧ "ବିଶ୍ୱାସ କର ନାହିଁ" ଗୋଟିଏ ନାସ୍ତିବାଚକ କ୍ଷୁଦ୍ର ଅଂଶ ସହିତ ଏହା ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ ଅଟେ । ସାଧାରଣ ଭାବେ ଯାହାର ଅର୍ଥ ପୂର୍ବରୁ ପ୍ରକ୍ରିୟା ରତ ଥିବା ଏକ କାର୍ଯ୍ୟକୁ ବନ୍ଦ କରିବା । ଖ୍ରୀଷ୍ଟିୟାନମାନଙ୍କର ପ୍ରବୃତ୍ତି ହେଉଛି ଦୃଢ଼ ବ୍ୟକ୍ତିତ୍ୱମାନଙ୍କୁ, ଯୁକ୍ତି ଯୁକ୍ତ ତର୍କବିତର୍କ, କିମ୍ବା ଅଲୌକିକ ଘଟଣାଗୁଡ଼ିକ ଈଶ୍ୱରଙ୍କଠାରୁ ଆଗତ ଭାବେ ଗହଣ କରିବା ପ୍ରତୀୟମାନେ ଭାବେ ଭ୍ରାନ୍ତ ଶିକ୍ଷକମାନେ (୧) ଈଶ୍ୱରଙ୍କ ନିମନ୍ତେ କଥା କହୁଥିବା ଭାବେ ଅବା(୨) ଈଶ୍ୱରଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାଶିତ ଜ୍ଞାନ ପାଇଥିବା ଭାବେ ଦାବି କରୁଥିଲେ ।

**ବିଶେଷ ଶୀର୍ଷ : ଖ୍ରୀଷ୍ଟିୟାନମାନେ ପରସ୍ପରକୁ ବିଚାର କରିବା ଉଚିତ କି ?**

ଏହି ଆଲୋଚ୍ୟ ବଷୟ ଦୁଇଟି ମାର୍ଗ ସହିତରେ ବିଚାର କରାଯିବା ଆବଶ୍ୟକ ।

୧. ପରସ୍ପରକୁ ବିଚାର ନ କରିବା ନିମନ୍ତେ ବିଶ୍ୱାସୀମାନେ ସତର୍କ କରାଯାଇଛନ୍ତି (ସି.ଏଫ୍. ମାଥି ୭:୧-୫; ଲୁକ ୬:୩୭, ୪୨; ରୋମି ୨:୧-୧୧; ଯାକୁବ ୪:୧୧-୧୨)

୨. ନେତାମାନଙ୍କୁ ମୂଲ୍ୟାଙ୍କନ କରିବାକୁ ବିଶ୍ୱାସୀମାନଙ୍କୁ ନିର୍ଣ୍ଣୟ କରାଯାଇ (ସି.ଏଫ୍. ମାଥି ୭:୬, ୧୫-୧୬; ୧ମ କର. ୧୪:୨୯; ପ୍ର.ଥେସ ୫:୨୧; ୧ମ ତିମ ୩:୧-୧୩; ଓ ୧ମ ଯୋହନ ୪:୧-୬)

ସଠିକ୍ ମୂଲ୍ୟ ନିରୂପଣ କରିବା ନିମନ୍ତେ କେତେକ ନୀତି ସାହାଯ୍ୟକାରୀ ହୋଇ ପାରେ

୧. ମୂଲ୍ୟ ନିରୂପଣ ସୂତ୍ରୋକ୍ତିର ଉଦ୍ଦେଶ୍ୟ ନିମନ୍ତେ ହେବା ଉଚିତ (ସି.ଏଫ୍. ୧ମ ଯୋହନ ୪;୧ - "ପରୀକ୍ଷା" ଅନୁମୋଦନ ଦିଗକୁ ଏକ ମତ ସହିତ)

୨. ମୂଲ୍ୟ ନିରୂପଣ ନମ୍ର ମନୋଭାବ ଓ କୋମଳତାରେ କରାଯିବା ଉଚିତ (ସି.ଏଫ୍. ଗାଲା ୬:୧)

୩. ମୂଲ୍ୟ ନିରୂପଣ ବ୍ୟକ୍ତିଗତ ପକ୍ଷପାତ ଆଲୋଚ୍ୟ ବିଷୟଗୁଡ଼ିକ ଉପରେ ନ ହେବା ଆବଶ୍ୟକ (ସି.ଏଫ୍. ରୋମି ୧୪:୧-୨୩; ୧ମ କର. ୮:୧-୧୩; ୧୦:୨୩-୩୩)

୪. ମୂଲ୍ୟ ନିରୂପଣ ମଣ୍ଡଳୀ ମଧ୍ୟରୁ କିମ୍ବା ସଂଗଠନ ମଧ୍ୟରୁ ଯେଉଁମାନଙ୍କ "ସମାଲୋଚନା ନିମନ୍ତେ ସୁଯୋଗ ନାହିଁ" ସେହି ନେତାମାନଙ୍କୁ ଚିହ୍ନଟ କରିବା ଉଚିତ (ସି.ଏଫ୍. ୧ମ ତିମଥି ୩) ।

■ **"ପ୍ରତ୍ୟେକ ଆତ୍ମା"** ଜଣେ ମନୁଷ୍ୟ ବ୍ୟକ୍ତିର ଅର୍ଥରେ ଆତ୍ମା ବ୍ୟବହୃତ ହୋଇଛି । ୪:୬ରେ ଲେଖା ଦେଖନ୍ତୁ । ଏହା ଈଶ୍ୱରଙ୍କଠାରୁ ଏକ ତଥାକଥିତ ସମ୍ବାଦକୁ ଦର୍ଶାଏ । ଭ୍ରାନ୍ତ ଶିକ୍ଷା ମଣ୍ଡଳୀ ମଧ୍ୟରୁ ଆସେ (ସି.ଏଫ୍. ୨:୧୯) ଭ୍ରାନ୍ତ ଶିକ୍ଷକମାନେ ଈଶ୍ୱରଙ୍କ ପାଇଁ କଥା କହିବା ଭାବେ ଦାବି କରୁଥିଲେ । ଯୋହନ ଦୃଢ଼ ଭାବେ କହନ୍ତି ଯେ ମନୁଷ୍ୟର କହିବା ଓ କାର୍ଯ୍ୟ କରିବା ପଛରେ ସେଠାରେ ଦୁଇଟି ଆତ୍ମିକ ଉତ୍ସମାନ ରହିଛନ୍ତି, ଈଶ୍ୱର ଓ ଶୟତାନ ।

■ **"ମାତ୍ର ଆତ୍ମାମାନଙ୍କୁ ପରୀକ୍ଷା କର "** ଏହା ଏକ ବର୍ତ୍ତମାନ କାଳ ଅନୁଜ୍ଞା ସୂଚକ କର୍ତ୍ତୃବାଚ୍ୟ ଅଟେ । ଯେପରି ପ୍ରାର୍ଥନା, ସୁସମାଚାର ପ୍ରଚାର ଓ ଦାନ କରିବା, ପ୍ରତ୍ୟେକ ବିଶ୍ୱାସୀମାନଙ୍କ ନିମନ୍ତେ ଏହା ଏକ ଆତ୍ମିକ ଦାନ (ସି.ଏଫ୍. ୧ମ କର. ୧୨;୧୦; ୧୪:୨୯) ଓ ଏକ ଆବଶ୍ୟକତା ଉଭୟ ଅଟେ ।

ଏହି ଗ୍ରୀକ୍ ଶବ୍ଦ ଡକିମାଜୋର "ସମର୍ଥନ ଦିଗରେ ଏକ ମତ ସହିତ ପରୀକ୍ଷା କରିବାକୁ"ର ଅର୍ନ୍ତନିହିତ ଅର୍ଥ ରହିଛି । ବିଶ୍ୱାସୀମାନେ ଅନ୍ୟମାନଙ୍କ ନିମନ୍ତେ ଉତ୍ତମ ଚିନ୍ତା କରିବା ଆବଶ୍ୟକ ନ ହେଲେ ଅତ୍ୟନ୍ତ ଖରାପ ପ୍ରମାଣିତ ହୋଇଛି (ସି.ଏଫ୍. ୧ମ କର ୧୩:୪-୭; ୧ମ ଥେସ ୫:୨୦-୨୧)

**ବିଶେଷ ଶୀର୍ଷ : ପରୀକ୍ଷା କରିବା ନିମନ୍ତେ ଗ୍ରୀକ୍ ପଦସମୂହ ଓ ସେମାନଙ୍କର ଅର୍ନ୍ତନିହତ ଅର୍ଥସମୂହ**

ସେଠାରେ ଦୁଇଟି ଗ୍ରୀକ୍ ଦ ରହିଛି ଯାହାର ଜଣକୁ ପରୀକ୍ଷା କରିବାର ଉଦ୍ଦେଶ୍ୟ ପାଇଁ ଧାରଣା ରହିଛି ।

୧. ଡକିମାଜୋ, ଡକିମିଅନ୍, ଡକିମାସିଆ

ଏହି ପଦ ଅଗ୍ନି ଦ୍ୱାରା କୌଣସି ବିଷୟ (ଏହା ହେଉଛି, ରୂପପ ଭାବରେ କେହି ଜଣେ) ର ବିଶୁଦ୍ଧତା ପରୀକ୍ଷା କରିବା ନିମନ୍ତେ ଏକ ଧାତୁ ବୈଜ୍ଞାନିକ ପଦ ଅଟେ । ଅଗ୍ନି ପ୍ରକୃତ ଧାତୁ ପଦାର୍ଥ ପ୍ରକାଶ କରେ ଓ ଧାତୁର ମଇଳା ଦଗ୍ଧ କରି ପକାଏ (ଏହା ହେଉଛି ବିଶୁଦ୍ଧ କରିବା) । ଏହି ଶାରୀରିକ ପ୍ରକ୍ରିୟା ଈଶ୍ୱର କିମ୍ବା ଶଇତାନ ଓ ମନୁଷ୍ୟମାନଙ୍କର ଅନ୍ୟମାନଙ୍କୁ ପରୀକ୍ଷା କରିବା ନିମନ୍ତେ ଏକ ଶକ୍ତିଶାଳୀ ରୂଢ଼ୋକ୍ତି ହେଲା । ଏହି ପଦ ଗ୍ରହଣ କରିବାର ସ୍ୱୀକୃତି ଦିଗରେ ଏକ ମତ ସହତ ପରୀକ୍ଷା କରିବାର ଏକ ଅସ୍ତିବାଚକ ଅର୍ଥରେ କେବଳ ବ୍ୟବହୃତ ଅଟେ ।

ନୂତନ ନିୟମରେ ପରୀକ୍ଷା ନିମନ୍ତେ ଏହା ବ୍ୟବହୃତ ଅଟେ

କ. ବଳଦ - ଲୁକ ୧୪:୧୯

ଖ. ଆମ୍ଭମାନଙ୍କୁ - ୧ମ କର. ୧୧:୨୮

ଗ. ଆମ୍ଭମାନଙ୍କର ବିଶ୍ୱାସ - ଯାକୁବ ୧:୩

ଘ. ଏପରି ଈଶ୍ୱର ମଧ୍ୟ ଏବ୍ରୀ ୩;୯

ଏହି ପରୀକ୍ଷାଗୁଡ଼ିକର ଫଳାଫଳମାନେ ଅସ୍ତିବାଚକ ହେବା ଭାବେ ଗ୍ରହଣ କରାଗଲା । (ସି.ଏଫ୍. ରୋମି ୧:୨୮; ୧୪:୨୨; ୧୬:୧୦; ୨ୟ କର ୧୦:୧୮; ୧୩:୩; ଫିଲିପ ୨:୨୭; ୧ମ ପିତ ୧:୭) ସେଥି ସକାଶେ, ପଦ କେହି ଜଣେ ପରୀକ୍ଷିତ ଓ ପ୍ରମାଣିତ ହୋଇଥିବାର ଧାରଣା ଅବଗତ କରାଏ

କ. ପ୍ରୟୋଜନୀୟ ହେବାକୁ

ଖ. ଉତ୍ତମ ହେବାକୁ

ଗ. ଅକୃତ୍ରିମ ହେବାକୁ
ଘ. ବହୁମୂଲ୍ୟ ହେବାକୁ
ଙ. ସମ୍ମାନିତ ହେବାକୁ

୨. ପେଇରାଜୋ, ପେିରାସ୍‌ମସ୍

ଏହି ପଦର ଅନେକ ସମୟରେ ତ୍ରୁଟି ପାଇବା ଓ ପ୍ରତ୍ୟାଖ୍ୟାନର ଉଦ୍ଦେଶ୍ୟ ନିମନ୍ତେ ପରୀକ୍ଷାର ଅର୍ନ୍ତନିହତ ଅର୍ଥ ରହିଛି । ଅନେକ ସମୟରେ ଏହା ପ୍ରାନ୍ତରରେ ଯୀଶୁଙ୍କର ପରୀକ୍ଷା ସହ ସଂଯୋଗରେ ବ୍ୟବହୃତ ହୋଇଛି ।

କ. ଏହା ଯୀଶୁଙ୍କୁ ଫାନ୍ଦରେ ପକାଇବା ଉଦ୍ୟମକୁ ଅବଗତ କରାଏ (ସି.ଏଫ୍. ମାଥି ୪:୧; ୧୬:୧; ୧୯:୩; ୨୨:୧୮; ୩୫; ମାର୍କ ୧:୧୩; ଲୁକ ୪:୩୮, ଏବ୍ରୀ ୨:୧୮) ।

ଖ. ଏହି ଦ (ଯିଇରାଜୋନ୍) ମାଥି ୪:୩; ୧ମ ଥେସ ୩:୫ରେ ଶଇତାନ ପାଇଁ ଆଖ୍ୟା ଭାବେ ବ୍ୟବହୃତ ହୋଇଛି ।

ଗ. ଈଶ୍ୱରଙ୍କୁ ପରୀକ୍ଷା ନ କରିବାକୁ ଆମ୍ଭମାନଙ୍କୁ ସତର୍କ କରାଇବାରେ ଏହା ଯୀଶୁଙ୍କ ଦ୍ୱାରା ବ୍ୟବହୃତ ଅଟେ (ସି.ଏଫ୍. ମାଥି ୧୪:୭; ଲୁକ ୪:୧୨) (ଅବା ଖ୍ରୀଷ୍ଟ ସି.ଏଫ୍. ୧ମ କରି. ୧୦:୯) । ଏହା କୌଣସି ବିଷୟ କରିବାର ଉଦ୍ୟମ ଯାହା ବିଫଳ ହୋଇଛି ତାହାକୁ ମଧ୍ୟ ନିର୍ଦ୍ଦୋ କରେ (ସି.ଏଫ୍. ପ୍ରେରିତ ୯:୨୦; ୨୦:୨୧; ଏବ୍ରୀ ୧୧:୨୯) । ଏହା ବିଶ୍ୱାସୀମାନଙ୍କର ପ୍ରଲୋଭନ ଓ ପରୀକ୍ଷାଗୁଡ଼ିକ ସହିତ ସଂଯୋଗରେ ମଧ୍ୟ ବ୍ୟବହୃତ ଅଟେ । (ସି.ଏଫ୍. ୧ମ କର. ୭:୫; ୧୦:୯, ୧୩; ଗାଲା ୬:୧; ୧ମ ଥେସ ୩:୫; ଏବ୍ରୀ ୨:୧୮; ଯାକୁବ ୧:୨,୧୩,୧୪; ୧ମ ପିତ ୪:୧୨; ୨ୟ ପିତ ୨:୯) । ଈଶ୍ୱର ମାନବ ଜାତିର ତିନିଜଣ ଶତ୍ରୁ (ସେମାନେ ହେଲେ ଜଗତ, ଶରୀର ଓ ଶଇତାନ)ଙ୍କୁ ଏକ ସ୍ୱତନ୍ତ୍ର ସମୟ ଓ ସ୍ଥାନରେ ପ୍ରକାଶିତ ହେବାକୁ ଅନୁମତି ଦିଅନ୍ତି ।

■ **"କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରି ସାରିଛନ୍ତି"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ (ସି.ଏଫ୍. ଯିରି ୧୪:୧୪; ୨୩:୨୧; ୨୯:୮; ମାଥି ୭:୧୫; ୨୪:୧୧,୨୪; ପ୍ରେରିତ ୨୦:୨୮-୩୦; ୨ୟ ପିତ ୨:୧; ୧ମ ଯୋହନ ୨:୧୮-୧୯, ୨୪; ୩:୭ ୨ୟ ଯେହନ ୭) । ସେମାନେ ମଣ୍ଡଳୀ (ଗୃହ ମଣ୍ଡଳୀ ସମୂହ) ପରିତ୍ୟାଗ କରିଛନ୍ତି । ତଥାପି ସେମାନେ ଈଶବରଙ୍କ ନିମନ୍ତେ କଥା କହିବା ଅବିରତ ଦାବି କରନ୍ତି ତାହା ହେଉଛି ନିହିତାର୍ଥ ବିଷୟ ।

ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୪:୧୯ ରେ ନୂତନ ନିୟମ ଭବିଷ୍ୟବାଣୀ

**୪:୨ "ଏହା ଦ୍ୱାରା ତୁମ୍ଭେମାନେ ଈଶ୍ୱରଙ୍କ ଆତ୍ମା ଚିହ୍ନ"** ଏହି ବ୍ୟାକରଣ ସମ୍ବନ୍ଧୀୟ ଗଠନ ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ (ଏକ ମନ୍ତବ୍ୟ) ଅଟେ କିଅବା ଏକ ବର୍ତ୍ତମାନ କାଳ ଅନୁଜ୍ଞାସୂଚକ କର୍ତ୍ତୃବାଚ୍ୟ (ଏକ ଆଦେଶ) ଅଟେ । ୨:୨୭ ର "ରହିବା" ଓ ୨:୨୯ର "ଜାଣିବା"ରେ ଗଠନର ଏହି ସମାନ ଅନେକାର୍ଥକା ରହିଛି । ପବିତ୍ର ଆତ୍ମା ସବୁ ସମୟରେ ଯୀଶୁଙ୍କୁ ଶ୍ରେଷ୍ଠ କରନ୍ତି (ସି.ଏଫ୍. ଯୋହନ ୧୪:୨୬, ୧୫:୨୬; ୧୬:୧୩-୧୫) ଏହି ସମାନ ପରୀକ୍ଷା ପାଉଲଙ୍କର ଲେଖା ସମୂହ ୧ମ କର ୧୨:୩ରେ ଦେଖା ଯାଇ ପାରିବ ।

■ **"ପ୍ରତ୍ୟେକ ଆତ୍ମା ସେ ସ୍ୱୀକାର କରେ"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ ଯାହା ଗୋଟିଏ କ୍ରମାଗତ କରୁଥିବା ବୃତ୍ତିକୁ ସୂଚିତ କରେ, ବିଶ୍ୱାସର ଅତୀତ ଘୋଷଣା କୁ ନୁହେଁ । ଗ୍ରୀକ୍ ପଦ "ସ୍ୱୀକାର" "ସମାନ" ଓ "କହିବାକୁ" ଠାରୁ "ସମାନ ବିଷୟ କହିବାକୁ" ଅର୍ଥ କରୁଥିବା ଏକ ଯୌଗିକ ପଦ ଅଯେ । ୧ମ ଯୋହନରେ ଏହା ଏକ ପୌନପୁନିଃକ ବିଷୟ ଅଟେ (ସି.ଏଫ୍. ୧ମ ଯୋହନ ୧:୯; ୨:୨୩; ୪:୨-୩; ୪:୧୫; ଯୋହନ ୯:୨୨; ୨ୟ ଯୋହନ ୭) ଏହି ପଦ ଜଣକର ଦୃଢ଼ ଘୋଷଣା ବିଷୟ ଓ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରତି_ତିଶ୍ରୁତି ବଦ୍ଧତାର ସ୍ୱତନ୍ତ୍ର, ଜନସାଧାରଣ, ସ୍ପଷ୍ଟ କଣ୍ଠରେ ସ୍ୱୀକାରକୁ ସୂଚିତ କରେ । ଯୋହନ ୯:୨୨ରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ **"ଯୀଶୁ ଖ୍ରୀଷ୍ଟ ଦେହବନ୍ତୁ ହୋଇ ଆସିଛନ୍ତି ସେ ଈଶ୍ୱରଙ୍କଠାରୁ ଆଗତ"** ଏହା ଏକ ସମ୍ପନ୍ନକାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଅଟେ । ଏହି ପୁସ୍ତକରେ ଯୋହନ ଯେଉଁମାନଙ୍କୁ ପ୍ରତିରୋଧ କରୁଥିଲେ ସେହି ଭ୍ରାନ୍ତ ଶିକ୍ଷକ (ଏହା ହେଉଛି, ନୋଷ୍ଟିକସ) ମାନଙ୍କ ନିମନ୍ତେ ଏହା ଅପରିହାର୍ଯ୍ୟ ଧର୍ମନୀତି ସମ୍ବନ୍ଧୀୟ ପରୀକ୍ଷା ଅଟେ । ଏହାର ମୌଳିକ ଦୃଢ଼ ସତ୍ୟତା ହେଉଛି ଯେ ଯୀଶୁ ପୂର୍ଣ୍ଣ ଭାବେ ମନୁଷ୍ୟ (ଏହା ହେଉଛି ମାଂସ ରୂପ ଶରୀର, ଯାହାନୋଷ୍ଟିକ୍‌ମାନେ ଅଗ୍ରାହ୍ୟ କଲେ) ତତ୍ ସଙ୍ଗେ ସଙ୍ଗେ ପୂର୍ଣ୍ଣ ଭାବେ ଈଶ୍ୱର ଅଟନ୍ତି (ସି.ଏଫ୍. ୧:୧-୪; ୨ୟ ଯୋହନ ୭; ଯୋହନ ୧:୧୪; ୧ମ ତିମ ୩:୧୬) । ସମ୍ପନ୍ନ କାଳ ସତ ବୋଲି କହେ ଯେ ଯୀଶୁଙ୍କର ମାନବ ପ୍ରକୃତି ସ୍ୱଳ୍ପକାଳ ସ୍ଥାୟୀ ନ ଥିଲା, ମାତ୍ର ସମ୍ପୂର୍ଣ୍ଣ ସ୍ଥାୟୀ ଥିଲା । ଏହା ଏକ ଛୋଟ ଆଲୋଚ୍ୟ ବିଷୟ ନ ଥିଲଶ । ଯୀଶୁ ପ୍ରକୃତ ଭାବରେ ମାନବଜାତି ସହିତ ଏକ ଓ ଈଶ୍ୱରଙ୍କ ସତ ଏକ ଅଟନ୍ତି ।

**୪:୩ "ପ୍ରତ୍ୟେକ ଆତ୍ମା ଯାହା ଯୀଶୁଙ୍କୁ ସ୍ୱୀକାର କରେ ନାହିଁ"** ଧର୍ମତତ୍ତ୍ୱ ଅନୁସାରେ ଏହା ଉଦ୍‌ବେଗପୂର୍ଣ୍ଣ ଅଟେ ଯେ ନୂତନ ନିୟମର ପୁରାତନ ଲାଟିନ୍ ସଂସ୍କରଣ ଓ ରୋମୀୟ ଧର୍ମାଧ୍ୟକ୍ଷ ଲେଖକମାନେ କ୍ଲେମେଣ୍ଟ, ଆଲେକ୍‌ଜାଣ୍ଡ୍ରିଆର ଅରିଗେନ୍, ଇରେନିଅସ୍ ଓ ଟେଟୁଲିଆନ୍‌ଙ୍କରେ ଲିୟୁର (ଅସଂଯୁକ୍ତ କରେ) ରହିଛି, ଯାହା ପ୍ରତୀୟମାନ ଭାବେ "ଯୀଶୁଙ୍କୁ ଅଲଗା କରେ" ଗୋଟିଏ ମନୁଷ୍ୟ ଆତ୍ମାରେ ଓ ଗୋଟିଏ ଅଲଗା ଦୈବିକ ଆତ୍ମାରେ ଯାହା ତେଣୁ ଦ୍ୱିତୀୟ ଶତାବ୍ଦୀ ନୋଷ୍ଟିକ ଲେକା ସମୂହ ଚଚିତ୍ର ଚିତ୍ରଣ କଲା ତାହା ସୂଚିତ କରେ । କିନ୍ତୁ

ଏହା ଏକ ଶାସ୍ତ୍ର ସମ୍ବନ୍ଧୀୟ ସଂଯୋଜକ ଯାହା ଭ୍ରାନ୍ତ ଶିକ୍ଷା ସହିତ ପ୍ରାରମ୍ଭିକ ମଣ୍ଡଳୀର ଜୀବନ ଓ ମରଣ ସଂଘର୍ଷକୁ ପ୍ରତିଫଳନ କରେ (ଦେଖନ୍ତୁ ବାର୍ଟ ରେହାର୍ଟ, ଦି ଅର୍ଥଡୋକ୍ସ କରପ୍ଷନ୍ ଅଫ୍ ସ୍କ୍ରିପଚର, ପିପି ୧୨୫ - ୧୩୫) ।

■ **"ଖ୍ରୀଷ୍ଟାରୀର ଆତ୍ମା"** ଏଠାରେ ପଦ (ସିଏଫ ୨:୧୮-୨୫) ଖ୍ରୀଷ୍ଟଙ୍କର ଜଣେ ଅଗ୍ରାହ୍ୟକାରୀ ଭାବେ ବ୍ୟବହୃତ ହୋଇଛି । ତାହାଙ୍କ ସ୍ଥିତି ଜବରଦଖଲ କରିବାର ଏକ ଉଦ୍ୟମ ନୁହେଁ ।

■ **"ଯେ ଆସୁଅଛି ବୋଲି ତୁମ୍ଭେମାନେ ଶୁଣିଅଛ, ଆଉ ବର୍ତ୍ତମାନ ତାହା ଜଗତରେ ଉପସ୍ଥିତ ଅଟେ"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ ଯାହା ସୂଚିତ କରେ ଯେ ସେମାନଙ୍କ ସହିତ ଏହି ବିଷୟ ଯୋହନ ପୂର୍ବରୁ ଆଲୋଚନା କରିଥିଲେ ଆଉ ଏହାର ପ୍ରଯୁଜ୍ୟତା ଅବଶିଷ୍ଟ ରହିଲା । ଗ୍ରୀକ୍‌ରେ ସର୍ବନାମ "ଏହା" କ୍ଲୀବଲିଙ୍ଗ "ଆତ୍ମା"କୁ ଅନୁରୂପ କରେ । ୨:୧୮ ସଦୃଶ, ଏହି ବାକ୍ୟାଂଶ ପ୍ରତିଫଳିତ କରେ ଯେ ଖ୍ରୀଷ୍ଟାରୀମାନଙ୍କର ଆତ୍ମା ଉଭୟ ଉପସ୍ଥିତ ଅଟେ ଓ ଆସିବ । ଆଦିପୁସ୍ତକ ୩ର ପାପାତ୍ମାଠାରୁ ଶେଷ ସମୟ ଖ୍ରୀଷ୍ଟାରୀ ଓ ପାପର ଅବତାରର ସ୍ପଷ୍ଟ ପ୍ରକାଶନ ପର୍ଯ୍ୟନ୍ତ, ଯୁଗ ଯୁଗ ମଧ୍ୟଦେଇ ଏହି ନୋଷ୍ଟିକ ଭ୍ରାନ୍ତ ଶିକ୍ଷକମାନେ ଭ୍ରାନ୍ତ ତଥ୍ୟ, ଭ୍ରାନ୍ତ ଜୀବନଶୈଳୀ ଓ ଭ୍ରାନ୍ତ ବୃତ୍ତିଗୁଡ଼ିକର ଏକ ଅନୁକ୍ରମ ଗଠନ କରନ୍ତି (ଏହା ହେଉଛି, ୨ୟ ଥେସଲନିକୀୟ ୨ ; ପ୍ରକାଶିତ ବାକ୍ୟ ୧୩) ।

**୪:୪-୬ "ତୁମ୍ଭେମାନେ ...... ସେମାନେ ...... ଆମ୍ଭେମାନେ"** ଏହି ସମସ୍ତ ସର୍ବନାମଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେଠାରେ ତିନୋଟି ଗୋଷ୍ଠୀ ସମ୍ବୋଧିତ ହୋଇଛନ୍ତି ।

୧. ପ୍ରକୃତ ବିଶ୍ୱାସୀମାନେ (ଯୋହନ ଓ ତାଙ୍କ ପାଠକମାନେ)

୨. ଭ୍ରାନ୍ତ ବିଶ୍ୱାସୀମାନେ (ନୋଷ୍ଟିକ ଶିକ୍ଷକମାନେ ଓ ସେମାନଙ୍କର ଅନୁଗାମୀ)

୩. ଯୋହନଙ୍କର ପ୍ରଚାରକ ଦଳ କିମ୍ବା ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଗୋଷ୍ଠୀ

ଏହି ସମାନ ପ୍ରକାରର ତ୍ରିମୂର୍ତ୍ତି ଏବ୍ରୀ ୬ ଓ ୧୦ ରେ ଦେଖାଯାଇଛି ।

**୪:୪ "ସେମାନଙ୍କୁ ଜୟ କରିଅଛୁ"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ଏହା ଧର୍ମନୀତି ସମ୍ବନ୍ଧୀୟ ବିବାଦ ଓ ବିଜୟୀ ଖ୍ରୀଷ୍ଟିୟାନ ଜୀବନ ଉଭୟ ନିମନ୍ତେ ଏକ ନିର୍ଦ୍ଦେଶ ହେବାପରି ମନେହୁଏ । ସେମାନଙ୍କ ଓ ଆମ୍ଭମାନଙ୍କ ନିମନ୍ତେ ଉତ୍ସାହନର କି ପ୍ରଶଂସନୀୟ ବାକ୍ୟ !

ଯୋହନ ପାପ ଓ ଶଇତାନ ଉପରେ ଖ୍ରୀଷ୍ଟିୟାନର ବିଜୟ ସହ ଚିନ୍ତିତ । ୧ମ ଯୋହନରେ ସେ ଏହି ପଦ (**ନିକାଓ**) କୁ ୬ଥର ବ୍ୟବହାର କରନ୍ତି (ସିଏଫ ୨:୧୩, ୧୪; ୪:୪; ୫:୪,୫) ପ୍ରକାଶିତ ବାକ୍ୟରେ ୧୧ଥର, ଓ ସୁସମାଚାରରେ ଥରେ (ସିଏଫ ୧୬:୩୩) । "ବିଜୟ" ନିମନ୍ତେ ଏହି ପଦ ଲୂକ (ସିଏଫ. ୧୧:୨୨)ରେ କେବଳ ଥରେ ଓ ପାଉଲଙ୍କ ଲେଖାସମୂହ (ସିଏଫ୍. ରୋମି ୩:୪; ୧୨:୨୧)ରେ ଦୁଇଥର ବ୍ୟବହୃତ ହୋଇଥିଲା ।

■ **"କାରଣ ଯେ ଆମ୍ଭମାନଙ୍କଠାରେ ଅଛନ୍ତି ସେ ଜଗତରେ ଯେ ଅଛି ତାହାଠାରୁ ମହାନ୍ ଅଟନ୍ତି"** ଏହା ସ୍ଥାୟୀଭାବରେ ଉପସ୍ଥିତ ପିତାଙ୍କ ନିମନ୍ତେ ଏକ ନିର୍ଦ୍ଦେଶ ହେବାପରି ବୋଧହୁଏ (ସଏଫ୍ ଯୋହନ ୧୪:୨୩; ୨ୟ କର. ୬:୧୬) । ନୂତନ ନିୟମ (୧) ସ୍ଥାୟୀ ଭାବରେ ଉପସ୍ଥିତ ପୁତ୍ର (ସିଏଫ୍. ମାଥି ୨୮:୨୦; କଲ ୧:୨୭) ଓ (୨) ସ୍ଥାୟୀ ଭାବରେ ଉପସ୍ଥିତ ପବିତ୍ର ଆତ୍ମାଙ୍କୁ (ସିଏଫ୍. ରୋମି ୮:୯; ୨ୟ କର. ୩:୧୬; ଗାଲା ୪:୬; ଫିଲିପ ୧:୧୯; ୧ମ ପିତ୍ର ୧:୧୧) । ଯୋହନ ୧୪:୧୫ ରେ ବିଶେଷ ଶୀର୍ଷ ଦେଖନ୍ତୁ ।

**ବାକ୍ୟାଂଶ "ସେ ଯେ ଜଗତରେ ଅଛି"** ଶଇତାନକୁ ସୂଚିତ କରେ (ସିଏଫ୍ . ଯୋହନ ୧୨:୩୧; ୧୪:୩୦; ୧୬:୧୧; ୨ୟ କର. ୪:୪; ଏଫିସ. ୨:୨; ୧ମ ଯୋହନ ୫:୧୯) ଓ ତାହାର ଅନୁଗାମୀମାନଙ୍କୁ । ୧ମ ଯୋହନରେ ପଦ "ଜଗତ" ର ସବୁ ସମୟରେ ନାସ୍ତିବାଚକ ଅନ୍ତର୍ନିହିତ ଅର୍ଥ ରହିଛି (ତାହା ହେଉଛି ମାନବ ସମାଜ ଗଠିତ ଓ ଈଶ୍ୱରଙ୍କ ବ୍ୟତୀତ କାର୍ଯ୍ୟରତ ଅଟେ, ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୧୪:୧୭ ରେ **କସ୍ମସ୍** ।

**୪:୫ "ସେମାନେ ଜଗତଠାରୁ ଜାତ"** ଏହା ମୂଳ ତଥ୍ୟର ଏକ ଆବ୍‌ଲାଟିଭ୍ ଅଟେ । ପଦ "ଜଗତ" ଏଠାରେ ପତିତ ମାନବ ସମାଜ ଏହାର ସମସ୍ତ ଆବଶ୍ୟକତାକୁ ଈଶ୍ୱରଙ୍କ ବ୍ୟତୀତ ପାଇବାକୁ ଚେଷ୍ଟା କରୁଥିବା ଅର୍ଥରେ ବ୍ୟବହୃତ ହୋଇଛି (ସିଏଫ୍ ୨:୧୫-୧୭) । ଏହା ପତିତ ମାନବିକତାର ସାମୂହିକ ସ୍ୱାଧୀନ ଆତ୍ମାକୁ ଦର୍ଶାଏ ! ଏହାର ଏକ ଦୃଷ୍ଟାନ୍ତ କୟିନ ଅଟେ (ସିଏଫ୍. ୩:୧୨) । ଅନ୍ୟ ଦୃଷ୍ଟାନ୍ତଗୁଡ଼ିକ (୧) ଏଲିୟ ଓ ବାଲ୍ ଦେବୀର ଭବିଷ୍ୟ ବକ୍ତାମାନେ (୧ମ ରାଜାବଳୀ ୧୮) ଓ (୨) ଯିରିମିୟ ବନାମ ହନାନିୟ (ଯିରିମିୟ ୨୮) ହୋଇପାରେ ।

■ **"ଜଗତ ସେମାନଙ୍କ କଥା ଶୁଣେ"** ଖ୍ରୀଷ୍ଟିୟାନ ଶିକ୍ଷକ ବନାମ ଭ୍ରାନ୍ତ ଶିକ୍ଷକମାନଙ୍କର ଅନ୍ୟ ଏକ ପ୍ରମାଣ ହେଉଛି ଯେଉଁମାନେ ସେମାନଙ୍କ କଥା ଶୁଣନ୍ତି (ସିଏଫ୍. ଯୋହନ ୧୫:୧୯; ୧ମ ତିମ ୪:୧) ।

**୪:୬ "ଯେ ଈଶ୍ୱରଙ୍କୁ ଜାଣେ ସେ ଆମ୍ଭମାନଙ୍କ କଥା ଶୁଣେ"** ଏହା ଏକ ବର୍ତ୍ତମାନ କାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଅଟେ । ପ୍ରକୃତ ବିଶ୍ୱାସୀମାନେ ପ୍ରେରିତିକ ସତ୍ୟକୁ ଶୁଣିବା ଓ ଉତ୍ତର ଦେବାକୁ ବନ୍ଦ କରନ୍ତି ନାହିଁ ! ବିଶ୍ୱାସୀମାନେ ପ୍ରଚାରକ / ଶିକ୍ଷକମାନଙ୍କ ସମ୍ବାଦର ବିଷୟବସ୍ତୁ ଓ ଯେଉଁମାନେ ସେମାନଙ୍କୁ ଶୁଣନ୍ତି ଓ ଉତ୍ତର ଦିଅନ୍ତି ଏହି ଉଭୟ ଦ୍ୱାରା ପ୍ରକୃତ ପ୍ରଚାରକ ଓ ଶିକ୍ଷକମାନଙ୍କୁ ଚିହ୍ନଟ କରିପାରିବେ ।

■ "ଏହା ଦ୍ୱାରା ଆମ୍ଭେମାନେ ସତ୍ୟମୟ ଆତ୍ମା ଓ ମିଥ୍ୟା ଆତ୍ମାକୁ ଚିହ୍ନିପାରୁ" ଏହା ପବିତ୍ର ଆତ୍ମାଙ୍କୁ (ସିଏଫ୍. ଯୋହନ ୧୪:୧୭; ୧୫:୨୬; ୧୬:୧୩; ୧ମ ଯୋହନ ୪:୬; ୫:୭) ଓ ମନ୍ଦ ଆତ୍ମା, ଶଇତାନକୁ ନିର୍ଦ୍ଦେଶ କରିପାରେ । ବିଶ୍ୱାସୀମାନେ ସମ୍ବାଦର ଉତ୍ସକୁ

ବୁଝିବାକୁ ସମର୍ଥ ହେବା ଆବଶ୍ୟକ । ଅନେକ ସମୟରେ ସେମାନେ ଉଭୟ ଈଶ୍ୱରଙ୍କ ନାମରେ ଦିଆଯାଆନ୍ତି, ମନେକର ଭାବେ ଈଶ୍ୱରଙ୍କ ବକ୍ତାମାନଙ୍କ ଦ୍ୱାରା । ଜଣେ ଯୀଶୁ ଓ ଖ୍ରୀଷ୍ଟ ସାଦୃଶ୍ୟତାକୁ ଉନ୍ନିତ କରେ ଓ ଜଣେ ମାନବ ଅନୁଧାନ ଓ ବ୍ୟକ୍ତିଗତ ସ୍ୱାଧୀନତାକୁ ଉନ୍ନୀତ କରେ ।

ରୋବର୍ଟ ଗାର୍ଡ଼ଲଷ୍ଟୋନ୍‌ଙ୍କର, **ସିନୋନିମସ୍ ଅଫ୍ ଦି ଅଲଡ୍ ଟେଷ୍ଟାମେଣ୍ଟ** ରେ, ନୂତନ ନିୟମରେ ପଦ "ଆତ୍ମା" ର ବ୍ୟବହାର ବିଷୟରେ ଏକ ଉଦ୍‌ବେଗଜନକ ଆଲୋଚନା ରହିଛି ।

୧. ମନ୍ଦ ଆତ୍ମାଗୁଡ଼ିକ
୨. ମାନବ ଆତ୍ମା
୩. ପବିତ୍ର ଆତ୍ମା
୪. ମାନବ ଆତ୍ମାଗୁଡ଼ିକରେ ଓ ମଧ୍ୟଦେଇ ଆତ୍ମା ଉତ୍ପାଦନ କରୁଥିବା ବିଷୟଗୁଡ଼ିକ
   କ. 'ଦାସତ୍ୱର ଏକ ଆତ୍ମା ନୁହେଁ ବନାମ ଗ୍ରହଣକାରୀ ଆତ୍ମା' - ରୋମି ୮:୧୫
   ଖ. 'କୋମଳତାର ଏକ ଆତ୍ମା' - ୧ମ କର. ୪:୨୧
   ଗ. 'ବିଶ୍ୱାସକର ଏକ ଆତ୍ମା' - ୨ୟ କର. ୪:୧୩
   ଘ. 'ତାହାଙ୍କର ଜ୍ଞାନରେ ଅଭିଜ୍ଞତା ଓ ପ୍ରକାଶିତ ଜ୍ଞାନର ଏକ ଆତ୍ମା' - ଏଫିସ ୧:୧୭
   ଙ. 'ଭୀରୁତାର ଏକ ଆତ୍ମା ନୁହେଁ, ମାତ୍ର ଶକ୍ତି, ପ୍ରେମ ଓ ଶୃଙ୍ଖଳାର ଆତ୍ମା' ୨ୟ ତିମ ୧:୭
   ଚ. 'ଭ୍ରାନ୍ତ ଆତ୍ମା ବନାମ ସତ୍ୟର ଆତ୍ମା' - ୧ମ ଯୋହନ ୪:୬ (ପିପି. ୬୧ - ୬୩) ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୪:୭-୧୪**

**୭ ହେ ପ୍ରିୟମାନେ, ଆସ ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ, କାରଣ ପ୍ରେମ ଈଶ୍ୱରଙ୍କ ଠାରୁ ଜାତ; ଆଉ ପ୍ରତ୍ୟେକ ଯେ ପ୍ରେମକରେ ସେ ଈଶ୍ୱରଙ୍କଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ । ୮ ଯେ ପ୍ରେମ କରେ ନାହିଁ ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱରତ ପ୍ରେମ । ୯ ଏହା ଦ୍ୱାରା ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପରେ ପ୍ରକାଶିତ ହେଲା ଯେ ଈଶ୍ୱର ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ବଞ୍ଚିପାରିବା । ୧୦ ଏହିଠାରେ ପ୍ରେମ ହେଉଛି, ଯେ ଆମ୍ଭେମାନେ ଈଶ୍ୱରଙ୍କୁ ପ୍ରେମକରୁ ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମକଲେ ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ ହେବାକୁ ପଠାଇଲେ । ୧୧ ହେ ପ୍ରିୟମାନେ, ଯଦି ଈଶ୍ୱର ଆମ୍ଭମାନଙ୍କୁ ଏପରି ପ୍ରେମ କଲେ, ତେବେ ଆମ୍ଭେମାନେ ମଧ୍ୟ ପରସ୍ପରକୁ ପ୍ରେମ କରିବା ଉଚିତ୍ । ୧୨ କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ ; ଯଦି ଆମ୍ଭେମାନେ ପରସ୍ପରକୁ ପ୍ରେମକରୁ, ତାହାହେଲେ ଈଶ୍ୱର ଆମ୍ଭମାନଙ୍କଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କଠାରେ ସିଦ୍ଧ ହୋଇଅଛି । ୧୩ ଏହା ଦ୍ୱାରା ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ତାହାଙ୍କଠାରେ ଅଛୁ ଓ ସେ ଆମ୍ଭମାନଙ୍କଠାରେ ଅଛନ୍ତି, କାରଣ ସେ ଆମ୍ଭମାନଙ୍କୁ ଆପଣା ଆତ୍ମାଙ୍କୁ ଦାନ କରି ଅଛନ୍ତି । ୧୪ ପିତା ଯେ ପୁତ୍ରଙ୍କୁ ଜଗତର ତ୍ରାଣକର୍ତ୍ତା ହେବା ନିମନ୍ତେ ପ୍ରେରଣ କରି ଅଛନ୍ତି ତାହା ଆମ୍ଭେମାନେ ଦେଖିଅଛୁ ଓ ସାକ୍ଷ୍ୟ ଦେଇଅଛୁ ।**

**୪:୭ "ଆସ ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ"** ଏହା ଏକ ବର୍ତ୍ତମାନ କାଳ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ । ଜୀବନଧାରା, ପ୍ରତିଦିନ ପ୍ରେମ କରିବା ସମସ୍ତ ବିଶ୍ୱାସୀମାନଙ୍କର ଗୋଟିଏ ସାଧାରଣ ବୈଶିଷ୍ଟ୍ୟ ଅଟେ (ସିଏଫ୍. ୧ମ କର. ୧୩; ଗାଲା ୫:୨୨) । ଯୋହନଙ୍କ ଲେଖାସମୂହରେ ଏହା ଏକ ପୌନଃପୁନିକ ବିଷୟ ଓ ନୈତିକ ସମ୍ବନ୍ଧୀୟ ପରୀକ୍ଷାର ଅପରିହାର୍ଯ୍ୟ ଉପାଦାନ ଅଟେ (ସିଏଫ୍. ଯୋହନ ୧୩:୩୪; ୧୫:୧୨, ୧୭; ୧ମ ଯୋହନ ୨:୭-୧୧; ୩:୧୧, ୨୩; ୨ୟ ଯୋହନ ୫; ପୂର୍ବାପର ସମ୍ପର୍କିତ ଅର୍ନ୍ତଦୃଷ୍ଟିମାନ ଦେଖନ୍ତୁ ସି) । ସମ୍ଭାବନାର୍ଥକ ଭଙ୍ଗୀ ଏକ ସମ୍ଭାବ୍ୟ ଘଟଣା ପ୍ରକାଶ କରେ ।

■ **"କାରଣ ପ୍ରେମ ଈଶ୍ୱରଙ୍କ ଠାରୁ ଜାତ"** ପ୍ରେମର ଉତ୍ସ ଈଶ୍ୱର ଅଟନ୍ତି, ମାନବ ଉଦାରତା, ଦୟା କିମ୍ବା ଭାବପବଣ ନୁହେଁ (ସଏଫ୍. ପ. ୧୬) । ପ୍ରାଥମିକ ଭାବେ ଏହା ଭାବପ୍ରବଣତା ନୁହେଁ କିନ୍ତୁ ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ (ଏହା ହେଉଛି, ଆମ୍ଭମାନଙ୍କ ସ୍ଥାନରେ ମରିବାକୁ ପିତା ପୁତ୍ରଙ୍କୁ ପଠାଇବା, ସିଏଫ୍. ପ. ୧୦; ଯୋହନ ୩:୧୬) ।

■ **"ପ୍ରତ୍ୟେକ ଯେ ପ୍ରେମକରେ ସେ ଈଶ୍ୱରଙ୍କ ଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ"** କ୍ରିୟାପଦ ଗୁଡ଼ିକ ସମ୍ପନ୍ନକାଳ କର୍ତ୍ତବାଚ୍ୟ ଓ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟନ୍ତି । ଜଣେ ବିଶ୍ୱାସୀ ହେବା ନିମନ୍ତେ ଯୋହନଙ୍କର ଅତି ପ୍ରିୟ ପଦଗୁଡ଼ିକ ଶାରୀରିକ ଜନ୍ମ ସହିତ ସମ୍ପର୍କିତ ଅଟନ୍ତି (ସିଏଫ୍ ୨:୨୯; ୩:୯; ୫:୧; ୪:୧୮; ଯୋହନ ୩:୩, ୭, ୩୧; ୧୯:୧୧) ।

ପଦ "ଜାଣିବା" କ୍ରମାଗତ ଅନ୍ତରଙ୍ଗ ସହଭାଗିତାର ଏବ୍ରୀ ଅର୍ଥ ପ୍ରତିଫଳନ କରେ (ସିଏଫ୍. ଆଦି ୪:୧; ଯିରି ୧:୫) । ଏହା ଯୋହନର ଏକ ପୌନପୁନିଃକ ବିଷୟ, ଯାହା ସତସ୍ତରୀ ଥର ବ୍ୟବହୃତ ହୋଇଛି । ଯୋହନ ୧:୧୦ରେ ବିଶେଷ ଶୀର୍ଷ ଦେଖନ୍ତୁ ।

**୪:୮ "ଯେ ପ୍ରେମକରେ ନାହିଁ ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ"** ଜୀବନଧାରା ପ୍ରେମ ଈଶ୍ୱରଙ୍କୁ ଜାଣିବାର ପ୍ରକୃତ ପରୀକ୍ଷା ଅଟେ ।

ଯୋହନଙ୍କର ସୁଦୂର ପ୍ରସାରୀ ସରଳ ମନ୍ତବ୍ୟ ସମୂହ ମଧ୍ୟରୁ ଏହା ଗୋଟିଏ "ଈଶ୍ୱର ତ ପ୍ରେମ" ଈଶ୍ୱର ଜ୍ୟୋତିଃ" (ସିଏଫ୍. ୧:୫) ଓ "ଈଶ୍ୱର ଆତ୍ମା" (ସିଏଫ୍. ଯୋହନ ୪:୨୪)କୁ ଅନୁରୂପ କରେ । ଈଶ୍ୱରଙ୍କ ପ୍ରେମ ଓ ଈଶ୍ୱରଙ୍କ କ୍ରୋଧରେ ପ୍ରଭେଦ ଦେଖାଇବା ଉତ୍ତମ ମାର୍ଗଗୁଡ଼ିକରୁ ଗୋଟିଏ ହେଉଛି ଦ୍ୱି. ବିବ. ୫:୯ ସହିତ ୫:୧୦ ଓ ୭:୯ କୁ ତୁଳନା କରିବା ।

**୪:୯ "ଏହା ଦ୍ୱାରା ଇଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କଠାରେ ପ୍ରକାଶିତ ହେଲା"** ଏହା ଏକ ଆଓରିଷ୍ଟ ବକ୍ତବ୍ୟସୂଚକ କର୍ମବାଚ୍ୟ ଅଟେ (ସିଏଫ୍. ଯୋହନ ୩:୧୬; ୨ୟ କର ୯:୧୫; ରୋମି ୮:୩୨) । ଆମ୍ଭମାନଙ୍କ ସ୍ଥାନରେ ମରିବାକୁ ଆପଣାର ଏକମାତ୍ର ପୁତ୍ରକୁ ପ୍ରେରଣ କରିବା ଦ୍ୱାରା ଇଶ୍ୱର ଆମ୍ଭମାନଙ୍କୁ ସ୍ପଷ୍ଟଭାବରେ ଦେଖାଇଛନ୍ତି ଯେ ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି । ପ୍ରେମ କରିବା ଏକ କାର୍ଯ୍ୟ ଅଟେ, କେବଳ ଏକ ଅନୁଭୂତି ନୁହେଁ । ବିଶ୍ୱାସୀମାନେ ସେମାନଙ୍କର ଦୈନିକ ଜୀବନରେ ଏହା ଅନୁକରଣ କରିବା ଆବଶ୍ୟକ ଅଟେ (ସିଏଫ୍. ୧ମ ଯୋହନ ୩:୧୬) । ଇଶ୍ୱରଙ୍କୁ ଜାଣିବା ହେଉଛି ପ୍ରେମ କରିବା ଯେପରି ସେ ପ୍ରେମ କରନ୍ତି ।

■ **"ଇଶ୍ୱର ଆପଣାର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ"** ଏହା ଏକ ସମ୍ପନ୍ନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ; ଦେହବନ୍ତ ହେବା ଓ ଏହାର ଫଳାଫଳମାନ ଅବଶିଷ୍ଟ ରହିଛି ! ଇଶ୍ୱରଙ୍କ ସମସ୍ତ ଉପକାର ଖ୍ରୀଷ୍ଟଙ୍କ ମଧ୍ୟଦେଇ ଆସେ ।

ପଦ "ଏକମାତ୍ର ଅଦ୍ୱିତୀୟ" ହେଉଛି ମନୋଗେନେସ୍, ଯାହା "ଅଦ୍ୱିତୀୟ" "ଏକ ଜାତିର ଗୋଟିଏ"କୁ ସୂଚିତ କରେ ଯେପରି ସ୍ତ୍ରୀପୁରୁଷ ପାରିବାରିକ ସମ୍ପର୍କ ପ୍ରଜନନ ସେପରି ଅଦ୍ୱିତୀୟ ନୁହେଁ । କୁମାରୀ ଜନ୍ମ କରିବା ଇଶ୍ୱର ଓ ମରିୟମ୍ ନିମନ୍ତେ ଏକ ସ୍ତ୍ରୀପୁରୁଷ ପାରିବାରିକ ସମ୍ପର୍କର ଅନୁଭୂତି ନ ଥିଲା । ଯୀଶୁଙ୍କୁ ନିର୍ଦ୍ଦେଶ କରି ଏହି ପଦକୁ ଯୋହନ ଅନେକ ଥର ବ୍ୟବହାର କରନ୍ତି (ସିଏଫ୍. ଯୋହନ ୧:୧୪, ୧୮; ୩:୧୬, ୧୮; ୧ମ ଯୋହନ ୪:୯) । ଯୋହନ ୩:୧୬ରେ ଅତିରିକ୍ତ ଲେଖା ଦେଖନ୍ତୁ । ଏକ ଅସାଧାରଣ (ଜୀବସତ୍ତା ବିଦ୍ୟା ସମ୍ବନ୍ଧୀୟ) ଅର୍ଥରେ ଯୀଶୁ ଇଶ୍ୱରଙ୍କ ପୁତ୍ର ଅଟନ୍ତି । ବିଶ୍ୱାସୀମାନେ ଇଶ୍ୱରଙ୍କ ସନ୍ତାନ କେବଳ ଏହି ବ୍ୟୁତ୍ପାଦିତ ଅର୍ଥରେ ଅଟନ୍ତି ।

. "ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ବଞ୍ଚିପାରିବା" ଏହା ଏକ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ ଯାହା ଗୋଟିଏ ଅପ୍ରତ୍ୟାଶିତ ପରସ୍ଥିତିକୁ ସୂଚିତ କରେ, ଏକ ବିଶ୍ୱାସ ଉତ୍ତର ଆବଶ୍ୟକ ଅଟେ । ଦେହବନ୍ତ ହେବାର ଉଦ୍ଦେଶ୍ୟ ଅନନ୍ତ ଜୀବନ ଓ ଭରପୁର ଜୀବନ ଥିଲା (ସିଏଫ୍. ଯୋହନ ୧୦:୧୦) ।

**୪:୧୦ "ଏହିଠାରେ ପ୍ରେମ ହେଉଛି"** ଯୀଶୁଙ୍କର ଜୀବନ ଓ ମରଣରେ ଇଶ୍ୱରଙ୍କ ପ୍ରେମ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି (ସିଏଫ୍. ରୋମି. ୫:୬, ୮) । ଯୀଶୁଙ୍କୁ ଜାଣିବା ଇଶ୍ୱରଙ୍କୁ ଜାଣିବା ଅଟେ । ଇଶ୍ୱରଙ୍କୁ ଜାଣିବା ହେଉଛି ପ୍ରେମ କରିବା !

■ **"ନୁହେଁ ଯେ ଇଶ୍ୱରଙ୍କୁ ଆମ୍ଭେମାନେ ପ୍ରେମ କଲୁ"** ଜଗତର ଧର୍ମଗୁଡ଼ିକ ମଧ୍ୟରେ ନୂତନ ନିୟମ ଅସାଧାରଣ ଅଟେ । ପ୍ରକାରଗତ ଭାବେ ଧର୍ମ ହେଉଛି ମାନବଜାତି ଇଶ୍ୱରଙ୍କୁ ଅନ୍ୱେଷଣ କରିବା, କିନ୍ତୁ ଖ୍ରୀଷ୍ଟଧର୍ମ ହେଉଛି ପତିତ ମାନବ ଜାତିକୁ ଇଶ୍ୱର ଅନ୍ୱେଷଣ କରିବା ! ଉତ୍କୃଷ୍ଟ ସତ୍ୟ ହେଉଛି ଇଶ୍ୱରଙ୍କ ନିମନ୍ତେ ଆମ୍ଭମାନଙ୍କର ପ୍ରେମ ନୁହେଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ତାହାଙ୍କ ପ୍ରେମ । ଆମ୍ଭମାନଙ୍କ ପାପ ଓ ସ୍ୱାର୍ଥ, ଆମ୍ଭମାନଙ୍କର ବିଦ୍ରୋହ ଓ ଗର୍ବ ମଧ୍ୟଦେଇ ସେ ଆମ୍ଭମାନଙ୍କୁ ଆବଶ୍ୟକ କରିଛନ୍ତି । ଖ୍ରୀଷ୍ଟଧର୍ମର ଗୌରବାନ୍ୱିତ ସତ୍ୟ ହେଉଛି ଯେ ଇଶ୍ୱର ପତିତ ମାନବଜାତିକୁ ପ୍ରେମ କରନ୍ତି ଓ ଏକ ଜୀବନ ପରିବର୍ତ୍ତନ ଯୋଗାଯୋଗ ସଂଚାଳନ ଓ ଚାଲୁ ରଖିଛନ୍ତି ।

କ୍ରିୟାପଦର ଗଠନ ସହ ସମ୍ପୃକ୍ତ ଏକ ବିଭିନ୍ନତା ସେଠାରେ ରହିଛି ।

୧. ପ୍ରେମ ଅଛି ଓ କ୍ରମାଗତ କର, ସମ୍ପନ୍ନକାଳ - ଏମ୍ ଏସ୍ ବି

୨. ପ୍ରେମ କଲେ, ଆଓରିଷ୍ଟ - ଏମ୍ ଏସ୍ .

ୟୁବିଏସ୍ କେବ "ବି"ମାନ ସମ୍ପନ୍ନ କାଳକୁ ଦିଏ (ପ୍ରାୟ ନିର୍ଦ୍ଦିଷ୍ଟ) ।

■ **"ଆମ୍ଭମାନଙ୍କ ପାପ ନିମନ୍ତେ ପ୍ରାୟଶ୍ଚିତ ସ୍ୱରୂପ ହେବାକୁ ଆପଣା ପୁତ୍ରଙ୍କୁ ପ୍ରେରଣ କଲେ"** ୨:୨ରେ ଲେଖା ଦେଖନ୍ତୁ ।

**୪:୧୧ "ଯଦି"** ଏହା ଏକ ପ୍ରଥମ ଶ୍ରେଣୀୟ ସର୍ତ୍ତମୂଳକ ବାକ୍ୟ ଅଟେ ଯାହା ଲେଖକଙ୍କ ବିବେଚନାରୁ କିମ୍ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ସତ୍ୟ ହେବା ଭାବେ ଛଳନାତ୍ମକ ଅଟେ । ଇଶ୍ୱର ଆମ୍ଭମାନଙ୍କୁ ପ୍ରେମ କରନ୍ତି (ସିଏଫ୍. ରୋମି ୮:୩୧) ।

■ **"ଇଶ୍ୱର ଆମ୍ଭମାନଙ୍କୁ ଏପରି ପ୍ରେମ କଲେ"** "ଏପରି" ଏଠାରେ "ଏହିପରି ଏକ ଶୈଳୀରେ" ଭାବେ ବୁଝିବା ଉଚିତ ଅଟେ, ଯେପରି ଯୋହନ ୩:୧୬ ରେ ।

■ **"ଆମ୍ଭେମାନେ ମଧ୍ୟ ପରସ୍ପରକୁ ପ୍ରେମ କରିବା ଆବଶ୍ୟକ"** କାରଣ ସେ ଆମ୍ଭମାନଙ୍କୁ ପ୍ରେମ କରିଅଛନ୍ତି ଆମ୍ଭେମାନେ ପରସ୍ପରକୁ ପ୍ରେମ କରିବା ଆବଶ୍ୟକ (ସିଏଫ୍ ୨:୬; ୩:୧୬; ୪:୧) । ଆବଶ୍ୟକତାର ଏହି ମନ୍ତବ୍ୟ ଭ୍ରାନ୍ତ ଶିକ୍ଷକମାନଙ୍କର ବାଧାଜନକ କାର୍ଯ୍ୟ ସମୂହ ଓ ମନୋଭାବକୁ ପ୍ରତିଫଳନ କରେ ।

**୪:୧୨ "କେହି କେବେ ଇଶ୍ୱରଙ୍କୁ ଦେଖି ନାହିଁ"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ ମଧ୍ୟବର୍ତ୍ତୀ (କ୍ରିୟା) । ଏହି ଶବ୍ଦ "କେହି ଜଣକ ଉପରେ କିମ୍ବା କୌଣସି ବସ୍ତୁକୁ ପ୍ରଗାଢ଼ ଭାବରେ ସ୍ଥିର ଦୃଷ୍ଟିରେ ଚାହିଁବା"କୁ ସୂଚିତ କରେ (ସିଏଫ୍. ଯାତ୍ରା ୩୩:୨୦-୨୩; ଯୋହନ ୧:୧୮; ୫:୩୭; ୬:୪୬; ୧ମ ତିମ ୬:୧୬) । ଏହା ସମ୍ଭବ ଅଟେ ଯେ ଭ୍ରାନ୍ତ ଶିକ୍ଷକମାନେ, ପୂର୍ବୀୟ ରହସ୍ୟବାଦ ଧର୍ମଗୁଡ଼ିକ ଦ୍ୱାରା କିଛି ପରିମାଣରେ ପ୍ରଭାବିତ ହୋଇଥିଲେ, ଯେଉଁମାନେ ଇଶ୍ୱରଙ୍କଠାରୁ କିମ୍ବା ଇଶ୍ୱରଙ୍କ ବିଷୟରେ କୌଣସି ପ୍ରକାର ସ୍ୱପ୍ନ ବା ଦୃଶ୍ୟ ଦାବି କରୁଥିଲେ । ଯୀଶୁ ପିତାଙ୍କୁ ପୂର୍ଣ୍ଣଭାବରେ ପ୍ରକାଶ କରିବାକୁ ଆସିଲେ । ତାହାଙ୍କୁ ସ୍ଥିର ଦୃଷ୍ଟିରେ ଦେଖିବା ଦ୍ୱାରା ଆମ୍ଭେମାନେ ଇଶ୍ୱରଙ୍କୁ ଜାଣୁ !

■ **"ଯଦି"** ଏହା ତୃତୀୟ ଶ୍ରେଣୀୟ ସର୍ତ୍ତମୂଳକ ଅଟେ ଯାହାର ଅର୍ଥ ଅର୍ନ୍ତନିହିତ ଶକ୍ତିର କାର୍ଯ୍ୟ ।

■ **"ଇଶ୍ୱର ଆମ୍ଭମାନଙ୍କଠାରେ ରୁହନ୍ତି"** ୨:୧୦ରେ ରହିବା ଉପରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ **"ତାହାଙ୍କ ପ୍ରେମ ଆମ୍ଭମାନଙ୍କଠାରେ ସିଦ୍ଧ ହୋଇଅଛି"** ଏହା ଏକ ବାଗ୍‌ବାହୁଲ୍ୟ ସମ୍ପନ୍ନକାଳ ସୂଚକ କୃଦନ୍ତ ବିଶେଷଣ କର୍ମବାଚ୍ୟ ଅଟେ । ପ୍ରେମ କରୁଥିବା ଖ୍ରୀଷ୍ଟିୟାନମାନେ  ଇଶ୍ୱରଙ୍କର ସିଦ୍ଧ ହୋଇଥିବା ପ୍ରେମରେ ରହିଥିବାର ଏକ ପ୍ରମାଣ ଅଟନ୍ତି (ସିଏଫ୍ ୨:୫; ୪:୧୭) ।

**୪:୧୩ "ସେ ଆମ୍ଭମାନଙ୍କୁ ଆପଣା ଆତ୍ମାଦାନ କରିଅଛନ୍ତି"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ । ସ୍ଥାୟୀଭାବେ ଉପସ୍ଥିତ ପବିତ୍ର ଆତ୍ମା (ସିଏଫ୍ ୩:୨୪; ରୋମି ୮:୯) ଓ ତାହାଙ୍କ ରୂପାନ୍ତରିତ କରୁଥିବା ପ୍ରଭାବ ଆମ୍ଭମାନଙ୍କର ପ୍ରକୃତ ପରିତ୍ରାଣର ପ୍ରମାଣ ଅଟନ୍ତି (ସିଏଫ୍. ରୋମି ୮:୧୬) । ଏହିପରି ମନେହୁଏ ଯେ ୧୩ ପ. ହେଉଛି ଆତ୍ମାଙ୍କର ଅର୍ନ୍ତନିହିତ ସାକ୍ଷୀ, ଯେତେବେଳେ ୧୪ ପ. ରେ ପ୍ରେରିତିକ ସାକ୍ଷ୍ୟର ବାସ୍ତବିକ ସାକ୍ଷୀ ଅଟେ । ଭିଭି ୧୩-୧୪ରେ ତ୍ରିଏକ ଈଶ୍ୱରଙ୍କ ତିନୋଟି ବ୍ୟକ୍ତିତ୍ୱ ସ୍ୱଷ୍ଟ ଭାବରେ ପ୍ରକାଶିତ । ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୧୪:୨୬ରେ ତ୍ରିଏକ ଈଶ୍ୱର ।

**୪:୧୪ "ଆମ୍ଭେମାନେ ଦେଖିଅଛୁ ଓ ସାକ୍ଷ୍ୟ ଦେଇଅଛୁ"** କ୍ରିୟାପଦଗୁଡ଼ିକ ସମ୍ପନ୍ନକାଳ ବକ୍ତବ୍ୟ ସୂଚକ ମଧ୍ୟବର୍ତ୍ତୀ (କ୍ରିୟା) ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ସହିତ ଜଡ଼ିତ ଅଟନ୍ତି । ଠିକ୍ ୧:୧-୩ ସଦୃଶ ଏହା ଖ୍ରୀଷ୍ଟଙ୍କର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଯୋହନଙ୍କ ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ବିଷୟ ପ୍ରକାଶ କରେ ।

ପଦ "ଦେଖିଛି" ହେଉଛି ସେହି ସମାନ ଗ୍ରୀକ୍ ଶବ୍ଦ ଯେପରି ୧୨ ପ.ରେ ଯାହାର ଅର୍ଥ "ବିଷୟକୁ ପ୍ରଗାଢ଼ ଭାବରେ ସ୍ଥିର ଦୃଷ୍ଟିରେ ଚାହିଁବା" ଅଟେ । ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନ ୧:୮ ରେ ଯୀଶୁଙ୍କ ନିମନ୍ତେ ସାକ୍ଷୀ ସମୂହ ।

■ **"ଯେ ପିତା ପୁତ୍ରଙ୍କୁ ପ୍ରେରଣ କଲେ"** ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ସତ୍ୟ ଯେ ପିତା ଈଶ୍ୱର ପୁତ୍ର ଈଶ୍ୱରଙ୍କୁ ଜଗତକୁ ପ୍ରେରଣ କଲେ (ସିଏଫ୍. ଯୋହନ ୩:୧୬) ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷା ଆତ୍ମା (ଉତ୍ତମ) ଓ ପଦାର୍ଥ (ମନ୍ଦ) ମଧ୍ୟରେ ତଥାକଥିତ ଦୈବବାଦ ବିଷୟ ଖଣ୍ଡନ କରେ । ଯୀଶୁ ପ୍ରକୃତଭାବେ ଦୈବିକ ଥିଲେ ଓ ଆଦି ପୁସ୍ତକ ୩ର ଅଭିଶାପ (ସିଏଫ୍. ଗାଲା ୩:୧୩)ରୁ ଆମ୍ଭମାନଙ୍କୁ ଓ ପାପର ଏକ ମନ୍ଦ ଜଗତକୁ ଉଦ୍ଧାର କରିବାକୁ ଏଥି ମଧ୍ୟକୁ ପ୍ରେରିତ ହେଲେ । (ସିଏଫ୍. ରୋମିୟ ୮:୧୮-୨୫) ।

■ **"ଜଗତର ତ୍ରାଣକର୍ତ୍ତା ହେବା ନିମନ୍ତେ"** ସତ୍ୟ ଯେ ପିତା ପରିତ୍ରାଣ କରିବାର ଉପାୟ ଭାବେ ଯୀଶୁଙ୍କୁ ବ୍ୟବହାର କରିବାକୁ ପସନ୍ଦ କରିବା, ଦୂତ ସମ୍ବନ୍ଧୀୟ ସ୍ତର ସହିତ ଜଡ଼ିତ ସ୍ୱତନ୍ତ୍ର, ଗୁପ୍ତଜ୍ଞାନ ଦ୍ୱାରା ପରିତ୍ରାଣ ଆହରଣ କରାଯିବା ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷାକୁ ମିଥ୍ୟା ପ୍ରମାଣିତ କରେ । ସେମାନେ ଏହି ଦ୍ୱତ ସମ୍ବନ୍ଧୀୟ ସ୍ତରଗୁଡ଼ିକୁ **ଏଇଅନ୍‌ସ୍** କିମ୍ବା ଉଚ୍ଚ ଈଶ୍ୱର ଓ ଅପେକ୍ଷାକୃତ ଛୋଟ ଈଶ୍ୱର ଯିଏ ପୂର୍ବବିଦ୍ୟମାନ ବସ୍ତୁଗୁଡ଼ିକଠାରୁ ଜଗତ ଗଠନ କଲେ ସେମାନଙ୍କ ମଧ୍ୟରେ ଦୂତ ସମ୍ବନ୍ଧୀୟ କ୍ଷମତାର ରାଜ୍ୟ ବୋଲି କହୁଥିଲେ ।

"ଜଗତର ତ୍ରାଣକର୍ତ୍ତା" ବାକ୍ୟାଂଶ (୧) ଦେବତାମାନଙ୍କ ନିମନ୍ତେ ଏକ ଆଖ୍ୟା (ତାହା ହେଉଛି, ଗ୍ରୀସ୍‌ର ଦେବତା (ଜିଉସ୍) ଓ (୨) ରୋମିୟ କାଇସରଙ୍କ ନିମନ୍ତେ ଏକ ସାଧାରଣ ଆଖ୍ୟା ଥିଲା । ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ କେବଳ ଯୀଶୁ ଏହି ଆଖ୍ୟା ବହନ କରିପାରନ୍ତି (ସିଏଫ୍. ଯୋହନ ୪:୪୨; ୧ମ ତିମ ୨:୪; ୪:୧୦) । ସଠିକ୍ ଭାବରେ ଏହା ଏସିଆ ମାଇନର୍‌ରେ ସ୍ଥାନୀୟ କାଇସ୍‌ର ଭକ୍ତଙ୍କ ଦ୍ୱାରା ତାଡ଼ନା ନିମନ୍ତେ କାରଣ ହେଲା ।

ଲକ୍ଷ୍ୟ କରନ୍ତୁ ଏହା ସମସ୍ତ ସମଷ୍ଟିଗତ ଅଟେ । ସେ ସମସ୍ତ (କେତେକ ନୁହେଁ) ଙ୍କର ତ୍ରାଣକର୍ତ୍ତା ଅଟନ୍ତି ଯଦି ସେମାନେ କେବଳ ଉତ୍ତର ଦିଅନ୍ତି (ସିଏଫ୍. ଯୋହନ ୧:୧୨; ୩:୧୬; ରୋମି ୫:୮; ୧୦:୯-୧୩) ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୪:୧୫-୨୧**

**୧୫ ଯେ କେହି ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରେ, ଈଶ୍ୱର ତାହାଠାରେ ରହନ୍ତି ଓ ସେ ଈଶ୍ୱରଙ୍କଠାରେ ରହେ । ୧୬ ଆମ୍ଭମାନଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ଯେଉଁ ପ୍ରେମ ଅଛି ତାହା ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ, ଆଉ ଯେ ପ୍ରେମରେ ରହେ ସେ ଈଶ୍ୱରଙ୍କ ଠାରେ ରହେ, ପୁଣି ଈଶ୍ୱର ତାହାଠାରେ ରହନ୍ତି । ୧୭ ଏହାଦ୍ୱାରା ଆମ୍ଭମାନଙ୍କଠାରେ ପ୍ରେମସିଦ୍ଧ ହୋଇଅଛି, ଯେପରି ବିଚାର ଦିନରେ ଆମ୍ଭେମାନେ ସାହସ ପ୍ରାପ୍ତ ହୋଇପାରିବା; କାରଣ ସେ ଯେପରି, ଆମ୍ଭେମାନେ ମଧ୍ୟ ସେହିପରି ଏ ଜଗତରେ ଅଛୁ । ୧୮ ପ୍ରେମରେ ଭୟ ନଥାଏ; କାରଣ ସିଦ୍ଧ ପ୍ରେମ ଭୟକୁ ଦୂରକରେ, କାରଣ ଭୟ ଦଣ୍ଡ ସହିତ ସଂଯୁକ୍ତ, ଆଉ ଯେ ଭୟକରେ ସେ ପ୍ରେମରେ ସିଦ୍ଧ ନୁହେଁ । ୧୯ ଆମ୍ଭେମାନେ ପ୍ରେମ କରୁ, କାରଣ ସେ ପ୍ରଥମେ ଆମ୍ଭମାନଙ୍କୁ ପ୍ରେମକଲେ । ୨୦ କେହି ଯଦି କୁହେ. "ମୁଁ ଈଶ୍ୱରଙ୍କୁ ପ୍ରେମ କରେ" ଆଉ ତାହାର ଭାଇକୁ ଘୃଣା କରେ, ସେ ମିଥ୍ୟାବାଦୀ ଅଟେ; କାରଣ ସେ ଯେ ତାହାର ଭାଇକୁ ଦେଖିଅଛି, ମାତ୍ର ପ୍ରେମକରେ ନାହିଁ, ତାହାହେଲେ ଯେଉଁ ଈଶ୍ୱରଙ୍କୁ ସେ ଦେଖିନାହିଁ ତାହାଙ୍କୁ ପ୍ରେମ କରିପାରିବ ନାହିଁ । ୨୧ ଆଉ ତାହାଙ୍କଠାରୁ ଆମ୍ଭେମାନେ ଏହି ଆଜ୍ଞା ପାଇଅଛୁ, ଯେ ଈଶ୍ୱରଙ୍କୁ ପ୍ରେମକରେ ସେ ଆପଣା ଭାଇକୁ ମଧ୍ୟ ପ୍ରେମକରିବା ଉଚିତ୍ ।**

**୪:୧୫ "ଯେ କେହି ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରେ"** ଏହା ଏକ ଆଓରିଷ୍ଟ ସମ୍ଭାବନାର୍ଥକ କର୍ତ୍ତୃବାଚ୍ୟ ଅଟେ । "ସ୍ୱୀକାର କରିବା" ନିମନ୍ତେ ପ. ୨ରେ ଲେଖା ଦେଖନ୍ତୁ । ଜଣେ ପ୍ରକୃତ ଖ୍ରୀଷ୍ଟିୟାନର ଯୋହନଙ୍କ ତିନିଗୋଟି ପରୀକ୍ଷା ମଧ୍ୟରୁ ଗୋଟିଏ ହେଉଛି ଯୀଶୁଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟ ସମ୍ପର୍କରେ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସତ୍ୟତା (ସିଏଫ୍. ୨:୨୨-୨୩; ୪:୧-୬; ୫:୧, ୫) । ୧ମ ଯୋହନ ଓ ଯାକୁବରେ ଜୀବନଧାରା ପ୍ରେମ ଓ ଆଜ୍ଞା ପାଳନ ସହିତ ଏହା ମଧ୍ୟ ଅନୁରୂପ ହେଲା । ଖ୍ରୀଷ୍ଟ ଧର୍ମ ଏକ ବ୍ୟକ୍ତି, ବିଶ୍ୱାସର ଏକ ଶରୀର ଓ ଏକ ଜୀବନଧାରା ଅଟେ । ପୂର୍ବାପରି ସମ୍ପର୍କିତ ଅନ୍ତଦୃଷ୍ଟିମାନ ଦେଖନ୍ତୁ, ସି ।

ସମଷ୍ଟିଗତ ପଦ "ଯେକେହି" ଈଶ୍ୱରଙ୍କ ନିକଟକୁ ଆସିବାକୁ ଯେକେହି ଓ ପ୍ରତ୍ୟେକଙ୍କ ନିମନ୍ତେ ତାହାଙ୍କର ମହାନ୍ ନିମନ୍ତ୍ରଣ ଅଟେ । ସମସ୍ତ ମନୁଷ୍ୟମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ଅଟନ୍ତି (ସିଏଫ୍.ଆଦି ୧:୨୬-୨୭; ୫:୩; ୯:୬) । ଯୀଶୁଙ୍କର ମୃତ୍ୟୁ ଭୋଗ ପାପର ସମସ୍ୟା ସହିତ ବ୍ୟବହାର କଲା (ସିଏଫ୍ ଯୋହନ ୩:୧୬) । ସମସ୍ତେ ଉଦ୍ଧାର ପ୍ରାପ୍ତ ହୋଇପାରିବେ ଯଦି ସେମାନେ ଅନୁତାପ,

ବିଶ୍ୱାସ, ଆଜ୍ଞାପାଳନ, ସେବାକରିବା ଓ ଅଧ୍ୟବସାୟର ଚୁକ୍ତିବଦ୍ଧ କର୍ତ୍ତବ୍ୟଗୁଡ଼ିକୁ ଉତ୍ତର ଦେବେ । ସମସ୍ତଙ୍କ ନିମନ୍ତେ ଇଶ୍ୱରଙ୍କ ଶବ୍ଦ ହେଉଛି "ଆସ" (ସିଏଫ୍. ଯିଶାଇୟ ୫୫) ।

**ବିଶେଷ ଶୀର୍ଷ : ବବ୍‌ଙ୍କର ପ୍ରଚାର ସମ୍ବନ୍ଧୀୟ ପକ୍ଷପାତ ସମୂହ**

ପାଠକ ତୁମ୍ଭମାନଙ୍କ ନିକଟରେ ମୁଁ ସ୍ୱୀକାର କରିବା ଆବଶ୍ୟକ ଯେ ଏହି ପ୍ରସଙ୍ଗରେ ମୁଁ ପକ୍ଷପାତୀ ଅଟେ । ମୋର ସୁଶୃଙ୍ଖଳ ଧର୍ମତତ୍ତ୍ୱ କାଲ୍‌ଭିନ୍ ସମ୍ବନ୍ଧୀୟ କିମ୍ବା ବିଧାତାଙ୍କ ବିଧିବିଧାନ ସମ୍ବନ୍ଧୀୟ ନୁହେଁ, ମାତ୍ର ଏହା ମହାନ୍ ଆଦେଶ ସୁସମାଚାର ପ୍ରଚାର କାର୍ଯ୍ୟ ଅଟେ (ସିଏଫ୍. ମାର୍ଥ ୨୮:୧୮-୨୦; ଲୁକ୍ ୨୪:୪୬-୪୭; ପ୍ରେରିତ ୧:୮) । ମୁଁ ବିଶ୍ୱାସକରେ ସମସ୍ତ ମାନବଜାତିର ଉଦ୍ଧାର ନିମନ୍ତେ ଇଶ୍ୱରଙ୍କଠାରେ ଏକ ଅନନ୍ତକାଳୀନ ଯୋଜନା ଥିଲା (ଇ.ଜି, ଆଦି. ୩:୧୫; ୧୨:୩; ଯାତ୍ରା ୧୯:୫-୬; ଯିରି ୩୧:୩୧-୩୪; ଯିହିଜିକଲ ୧୮; ୩୬ :୨୨-୩୯; ପ୍ରେରିତ ୨:୨୩; ୩:୧୮; ୪:୨୮; ୧୩:୨୯; ରୋମି ୩:୯-୧୮, ୧୯-୨୦, ୨୧-୨୩) । ସେମାନେ ସମସ୍ତେ ଯେଉଁମାନେ ତାହାଙ୍କ ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ସୃଷ୍ଟ (ସିଏଫ୍ ଆଦି ୧:୨୬-୨୭) । ଚୁକ୍ତିଗୁଡ଼ିକ ଖ୍ରୀଷ୍ଟଙ୍କଠାରେ ଏକୀଭୂତ ଅଟନ୍ତି (ସିଏଫ୍ ଗାଲା ୩:୨୮-୨୯; କଲ. ୩:୧୧) । ଯୀଶୁ ଈଶ୍ୱରଙ୍କର ରହସ୍ୟ, ଗୁପ୍ତ ଥିଲେ ମାତ୍ର ବର୍ତ୍ତମାନ ପ୍ରକାଶିତ ହୋଇଛନ୍ତି (ସିଏଫ୍. ଏଫିସ. ୨:୧୧-୩:୧୩) । ନୂତନ ନିୟମ ସୁସମାଚାର ଶାସ୍ତ୍ର ନିମନ୍ତେ ଚାବିକାଠି ଅଟନ୍ତି, ଇସ୍ରାଏଲ୍ ନୁହେଁ ।

ଏହି ପୂର୍ବ ବୁଝାମଣା ଶାସ୍ତ୍ରର ମୋହର ସମସ୍ତ ତର୍ଜମାଗୁଡ଼ିକୁ ରଙ୍ଗ ବଳେ । ମୁଁ ସମସ୍ତ ଅଂଶ ଗୁଡ଼ିକୁ ଏହାଦ୍ୱାରା ପାଠ କରେ । ଏହା ନିଶ୍ଚିତଭାବେ ଏକ ପକ୍ଷପାତ (ସମସ୍ତ ତର୍ଜମାକାରୀମାନଙ୍କଠାରୁ ସେଗୁଡ଼ିକ ରହିଛି) ଅଟେ, ମାତ୍ର ଏହା ଶାସ୍ତ୍ର ଅନୁସାରେ ପରିଜ୍ଞାତ ଏକ ପୂର୍ବାନୁମାନ ଅଟେ ।

■ **"ଈଶ୍ୱର ତାହାଠାରେ ରହନ୍ତି ଓ ସେ ଈଶ୍ୱରଙ୍କଠାରେ ରହେ"** ଏହା ମାନବଜାତି ସହିତ ଈଶ୍ୱରଙ୍କ ସମ୍ପର୍କର ଚୁକ୍ତି ସମ୍ବନ୍ଧୀୟ ଗଠନ ପ୍ରତିଫଳିତ କରେ । ସବୁ ସମୟରେ ଈଶ୍ୱର ପ୍ରଥମ ପଦକ୍ଷେପ ନିଅନ୍ତି, କାର୍ଯ୍ୟ ତାଲିକା ସ୍ଥାପନ କରନ୍ତି ଓ ଚୁକ୍ତି ନିମନ୍ତେ ଆଧାର ଯୋଗାଇଥାନ୍ତି, କିନ୍ତୁ ପ୍ରାଥମିକଭାବେ ଉତ୍ତର ଦେବା ଓ ଉତ୍ତର କ୍ରମାଗତ କରିବା ମନୁଷ୍ୟମାନଙ୍କର ଦାୟୀତ୍ୱ ରହିଛି ।

ରହିବା ହେଉଛି ଏକ ଚୁକ୍ତିଗତ ଆବଶ୍ୟକତା, କିନ୍ତୁ ଏକ ଉତ୍କୃଷ୍ଟ ପ୍ରତିଜ୍ଞା ମଧ୍ୟ ଅଟେ (ସିଏଫ୍. ଯୋହନ ୧୫) । କଳ୍ପନା କରନ୍ତୁ ଯେ ବିଶ୍ୱର ସୃଷ୍ଟିକର୍ତ୍ତା, ଇସ୍ରାଏଲ୍‌ର ପବିତ୍ର ବ୍ୟକ୍ତି, ପତିତ ମନୁଷ୍ୟମାନଙ୍କ (ସିଏଫ୍.ଯୋହନ ୧୪:୨୩) ସହିତ ରହନ୍ତି (ସ୍ଥାୟୀଭାବରେ ଉପସ୍ଥିତ) ! ୨:୧୦ରେ ରହନ୍ତି ଉପରେ ବିଶେଷ ଶୀର୍ଷ ଦେଖନ୍ତୁ ।

**୪:୧୬ "ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ"** ଏହି ଉଭୟ କ୍ରିୟାପଦଗୁଡ଼ିକ ସମ୍ପନ୍ନକାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟନ୍ତି । ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରେମର ବିଶ୍ୱାସୀମାନଙ୍କର ସାହସିକ ବିଶ୍ୱାସ ପ୍ରତିଶ୍ରୁତି, ସେମାନଙ୍କ ସମ୍ପର୍କର ଆଧାର ଅଟେ, ବିଦ୍ୟମାନ ପରିସ୍ଥିତିଗୁଡ଼ିକ ନୁହେଁ । ବିଶେଷ ଶୀର୍ଷ ଦେଖନ୍ତୁ : ୫:୧୩ ରେ ନିର୍ଭର ପ୍ରତିଶୃତି ।

■ **"ଆମ୍ଭମାନଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ଯାହା ଅଛି"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ ଅଟେ । ଈଶ୍ୱରଙ୍କ କ୍ରମାଗତ କରୁଥିବା ପ୍ରେମ ବ୍ୟକ୍ତ କରୁଛି ।

■ **"ଈଶ୍ୱର ତ ପ୍ରେମ"** ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟ ପୁନରାବୃତ୍ତି ହୋଇଛି (ସିଏଫ୍. ପ. ୮) ।

**୪:୧୭ "ଏହାଦ୍ୱାରା ପ୍ରେମ ସିଦ୍ଧ ହୋଇଅଛି"** ଏହା ଗ୍ରୀକ୍ ଶବ୍ଦ **ଟେଲସ୍** ଠାରୁ ଅଟେ (ସିଏଫ. ପ. ୧୨) । ଏହା ପୂର୍ଣ୍ଣତା, ପରିପକ୍ୱତା ଓ ସମ୍ପାଦନକୁ ସୂଚିତ କରେ, ପାପଶୂନ୍ୟତାକୁ ନୁହେଁ ।

■ **"ଆମ୍ଭମାନଙ୍କଠାରେ"** ଏହି ଅବ୍ୟୟ ପଦ (ମେଟା) "ଆମ୍ଭମାନଙ୍କଠାରେ" (ଟିଇଭି, ଏନ୍‌ଜେବି) "ଆମ୍ଭମାନଙ୍କ ମଧ୍ୟରେ" (ଏନ୍‌କେଜେଭି, ଏନ୍ ଆର୍ ଏସ୍ ଭି, ଏନ୍ ଆଇ ଭି, ଆର ଇ ବି) କିମ୍ବା "ଆମ୍ଭମାନଙ୍କ ସହିତ" (ଏନ୍ ଏ ଏସ୍ ବି) ଭାବେ ବୁଝାଯାଇପାରେ ।

■ **"ଯେପରି ଆମ୍ଭେମାନେ ସାହସ ପ୍ରାପ୍ତ ହୋଇପାରିବା"** ପ୍ରକୃତଭାବେ ଏହି ପଦ ଅର୍ଥ କରେ ବକ୍ତୃତାର ସ୍ୱାଧୀନତା । ଯୋହନ ଏହାକୁ ବ୍ୟାପକ ଭାବରେ ବ୍ୟବହାର କରନ୍ତି (ସିଏଫ୍ ୨:୨୮; ୩:୨୧; ୫:୧୪) । ଏହା ଏକ ପବିତ୍ର ଈଶ୍ୱରଙ୍କ ପାଖକୁ ଯିବାରେ ଆମ୍ଭମାନଙ୍କର ସାହସ ବିଷୟ ବ୍ୟକ୍ତ କରେ (ସିଏଫ୍. ଏବ୍ରୀ ୩:୬; ୧୦:୩୫) । ବିଶେଷ ଶୀର୍ଷ ଦେଖନ୍ତୁ ୨:୨୮ରେ ।

■ **"ବିଚାର ଦିନରେ, କାରଣ ସେ ଯେପରି ସେହିପରି ଆମ୍ଭେମାନେ ଏହି ଜଗତରେ ଅଛୁ"** ଖ୍ରୀଷ୍ଟିୟାନମାନେ ଯୀଶୁ ଯେପରି ପ୍ରେମକଲେ ସେହିପରି ପ୍ରେମ କରିବା ଉଚିତ (ସିଏଫ୍. ୩:୧୬; ୪:୧୧) । ସେମାନେ ଆଗ୍ରାହ୍ୟ ଓ ତାଡ଼ିତ ହୋଇପାରନ୍ତି ଯେପରି ସେ ହୋଇଥିଲେ, କିନ୍ତୁ ପିତା ଓ ଆତ୍ମାଙ୍କ ଦ୍ୱାରା ସେମାନେ ମଧ୍ୟ ପ୍ରେମ ଓ ସାହାଯ୍ୟ କରାଗଲେ ଯେପରି ସେ କରାଗଲେ ! ଗୋଟିଏ ଦିନ ସମସ୍ତ ମନୁଷ୍ୟମାନେ ଜୀବନର ଦାନ ନିମନ୍ତେ ଈଶ୍ୱରଙ୍କୁ ଏକ ବିବରଣୀ ଦେବେ (ସିଏଫ୍. ମାର୍ଥ ୨୫:୩୧-୪୬; ୨ୟ କର. ୫:୧୦; ପ୍ରକା ୨୦:୧୧-୧୫) । ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି ସେମାନଙ୍କ ନିମନ୍ତେ ବିଚାର ଦିନ ଭୟ ଧାରଣ କରେ ନାହିଁ ।

**୪:୮ "ପ୍ରେମରେ ଭୟ ନଥାଏ"** ଯେତେବେଳେ ଈଶ୍ୱରଙ୍କୁ ଆମ୍ଭେମାନେ ପିତାଭାବେ ଜାଣିଥାଉ, ଆମ୍ଭେମାନେ ତାହାଙ୍କୁ ବିଚାରକ ଭାବେ ଅଧିକ ସମୟ ଭୟ କରି ନଥାଉ । ଯଦି ସମସ୍ତ ନୁହେଁ, ଅଧିକତମ, ଖ୍ରୀଷ୍ଟଧର୍ମକୁ ଧର୍ମ ପରିବର୍ତ୍ତନ ଗୁଡ଼ିକରେ ଭୟ ଅନ୍ତର୍ଭୁକ୍ତ ବିଚାରର ଭୟ, ଦୋଷୀ କରାଯିବାର ଭୟ, ନରକର ଭୟ । ଯେମିତି ହେଉ, ଉଦ୍ଧାରପ୍ରାପ୍ତ ମନୁଷ୍ୟମାନଙ୍କ ଜୀବନରେ ଏକ ଉତ୍କୃଷ୍ଟ ବିଷୟ ଘଟେ : ଯାହା ଭୟ ସହିତ ଆରମ୍ଭ ହୁଏ ନିର୍ଭୟ ସହିତ ଶେଷ ହୁଏ !

■ **"ଭୟ ଦଣ୍ଡ ସହ ସମ୍ପୃକ୍ତ"** ଏହା ଏକ ବିରଳ ଶବ୍ଦ କେବଳ ଏଠାରେ ଓ ମାଥି ୨୫:୪୬ (୨ୟ ପିତର ୨:୯ ରେ କ୍ରିୟାପଦର ଗଠନ)ରେ ବ୍ୟବହୃତ ହୋଇଛି, ଯାହା ମଧ୍ୟ ଏକ ଆଗମନ ସମ୍ବନ୍ଧୀୟ ସ୍ଥାପନା । ବର୍ତ୍ତମାନ କାଳ କ୍ରିୟାପଦ ସୂଚିତ କରେ ଯେ ଇଶ୍ୱରଙ୍କ କ୍ରୋଧର ଭୟ ଉଭୟ ସମୟ ସମ୍ବନ୍ଧୀୟ (ଠିକ୍ ସମୟରେ) ଓ ଶେଷ ଦିନଗୁଡ଼ିକ ସମ୍ବନ୍ଧୀୟ (ସମୟର ଶେଷ ମୁହୂର୍ତ୍ତରେ) ଅଟେ । ମନୁଷ୍ୟମାନେ ଇଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ (ସିଏଫ୍. ଆଦି ୧:୨୬-୨୭) ଯାହା ବ୍ୟକ୍ତିତ୍ୱ, ଜ୍ଞାନ, ଚୟନ ଓ ପରିଣାମଗୁଡ଼ିକର ଭାବକୁ ଅନ୍ତର୍ଭୁକ୍ତ କରେ । ଏହା ଏକ ନୈତିକ ଆଚରଣର ବିଶ୍ୱ ଅଟେ । ମନୁଷ୍ୟମାନେ ଇଶ୍ୱରଙ୍କ ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗନ୍ତି ନାହିଁ ; ଇଶ୍ୱରଙ୍କ ବ୍ୟବସ୍ଥାଗୁଡ଼ିକ ଉପରେ ସେମାନେ ନିଜକୁ ଭାଙ୍ଗନ୍ତି ।

**୪:୧୯ "ଆମ୍ଭେମାନେ ପ୍ରେମକରୁ"** ଏହା ଏକ ବର୍ତ୍ତମାନ କାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ ଅଟେ ।

ଏନ୍ କେ ଜେ ଭି "ଆମ୍ଭେମାନେ ପ୍ରେମକରୁ" ପରେ ଏକ ସଳଖ କର୍ମପଦ ସଂଯୋଗ କରେ । ସଳଖ କର୍ମପଦ ନିମନ୍ତେ ପାଣ୍ଡୁଲିପି ଚୟନଗୁଡ଼ିକ ହେଲା :

୧. ଗୋଟିଏ ଅନ୍‌ସିଆଲ୍ ଗ୍ରୀକ୍ ପାଣ୍ଡୁଲିପି (X)ରେ "ଇଶ୍ୱର" (ଟନ୍ ଥିଅନ୍) ଯୋଗ କରାଯାଇଛି

୨. Ψ ରେ "ତାହାଙ୍କୁ" (ଥାଓଟନ୍) ଯୋଗ ହୋଇଛି (କେ ଜେ ଭି)

୩. ଭଲ୍‌ଗେଟ୍‌ରେ "ପରସ୍ପରକୁ" ଯୋଗ ହୋଇଛି

ଏହି ସଳଖ କର୍ମପଦଗୁଡ଼ିକ ପରବର୍ତ୍ତୀ ସଂଯୋଜନା ହୋଇପାରେ । ୟୁବିଏସ୍ କ୍ରିୟାପଦକୁ କେବଳ ଏକ 'ଏ'ମାନ (ନିର୍ଦ୍ଦିଷ୍ଟ) ପ୍ରଦାନ କରେ ।

■ **"କାରଣ ପ୍ରଥମେ ସେ ଆମ୍ଭମାନଙ୍କୁ ପ୍ରେମ କଲେ"** ଏହା ୧୦ ପ.ର ପୁନରାବୃତ୍ତି ଗୁରୁତ୍ୱପ୍ରଦାନ ଅଟେ । ସବୁ ସମୟରେ ଇଶ୍ୱର ପ୍ରାଥମିକ ପଦକ୍ଷେପ ନିଅନ୍ତି (ସିଏଫ୍. ଯୋହନ ୬:୪୪, ୪୫) କିନ୍ତୁ ପତିତ ମାନବ ଜାତି ଉତ୍ତର ଦେବା ଆବଶ୍ୟକ (ସିଏଫ୍. ଯୋହନ ୧:୧୨; ୩:୧୬) । ବିଶ୍ୱାସୀମାନେ ତାହାଙ୍କ ଭରସା ଯୋଗ୍ୟତାରେ ଭରସା କରନ୍ତି ଓ ତାହାଙ୍କ ବିଶ୍ୱସ୍ତତାରେ ବିଶ୍ୱାସ ରଖନ୍ତି । ତ୍ରିକେ ଇଶ୍ୱରଙ୍କର ପ୍ରେମମୟ, କର୍ମମୟ, ବିଶ୍ୱସ୍ତ ଚରିତ୍ର ଉଦ୍ଧାର ପ୍ରାପ୍ତ ମାନବ ଜାତିର ପ୍ରତ୍ୟାଶା ଓ ନିର୍ଭର ପ୍ରତିଶ୍ରୁତି ଅଟେ ।

୪:୨୦ "ଯଦି କେହି ଜଣେ କହେ" ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଅଟେ ଯାହାର ଅର୍ଥ ଅନ୍ତର୍ନିହିତ ଶକ୍ତିର କାର୍ଯ୍ୟ । ଗୋଟିଏ ବିଷୟ ଗଠନ କରିବା ଉଦ୍ଦେଶ୍ୟରେ ଭ୍ରାନ୍ତ ଶିକ୍ଷକମାନଙ୍କର ମନ୍ତବ୍ୟ ଗୁଡ଼ିକୁ ଯୋହନ ଉଦ୍ଧୃତ କରିବାର ଏହା ଅନ୍ୟ ଏକ ଉଦାହରଣ ଅଟେ (ସିଏଫ୍ ୧:୬, ୮, ୧୦; ୨:୪, ୬) । ଏହି ସାହିତ୍ୟିକ କୌଶଳକୁ ଗାଳିପୂର୍ଣ୍ଣ ସମାଲୋଚନା କୁହାଯାଏ (ସିଏଫ୍. ମଲାଖି, ରୋମିୟ ଓ ଯାକୁବ) ।

■ **"ମୁଁ ଇଶ୍ୱରଙ୍କୁ ପ୍ରେମକରେ, ପୁଣି ଆପଣା ଭାଇକୁ ଘୃଣା କରେ"** ଆମ୍ଭମାନଙ୍କର ଜୀବନଧାରା ପ୍ରେମ ସ୍ପଷ୍ଟଭାବରେ ପ୍ରକାଶ କରେ ଆମ୍ଭେମାନେ ଖ୍ରୀଷ୍ଟିୟାନ କି ନୁହେଁ (ସିଏଫ୍. ମାର୍କ ୧୨:୨୮-୩୪) । ମତଭେଦ ସମ୍ଭବ ଅଟେ, କିନ୍ତୁ ସ୍ଥାୟୀ ଭାବରେ ସ୍ଥାପିତ ଘୃଣା ନୁହେଁ (ବର୍ତ୍ତମାନ କାଳ) । ବିଶେଷ ଶୀର୍ଷ ଦେଖନ୍ତୁ : ଯୋହ ୪:୪ ରେ ଜାତିବାଦ ।

■ **"ସେ ମିଥ୍ୟାବାଦୀ ଅଟେ"** କେତେକ "ତଥାକଥିତ" ବିଶ୍ୱାସୀମାନଙ୍କୁ ଯୋହନ ମିଥ୍ୟାବାଦୀ ବୋଲି କହନ୍ତି (ସିଏଫ୍ ୨:୪, ୨୨; ୪:୨୦) । ଯୋହନ ମଧ୍ୟ ପ୍ରକାଶ କରନ୍ତି ଯେ ଯେଉଁମାନେ ଭ୍ରାନ୍ତ ସତ୍ୟଗୁଡ଼ିକ ପ୍ରଚାର କରନ୍ତି ଇଶ୍ୱରଙ୍କୁ ଜଣେ ମିଥ୍ୟାବାଦୀ କରନ୍ତି (ସିଏଫ୍. ୧:୬, ୧୦; ୫:୧୦) । ନିଶ୍ଚିତ ଭାବରେ ସେଠାରେ ସ୍ୱାର୍ଥ ପ୍ରତାରିତ ଧର୍ମତତ୍ତ୍ୱବିତ୍‌ମାନେ ଅଛନ୍ତି ।

୪:୨୧ "ଏହି ପଦ ଅଧ୍ୟାୟର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରେ ! ପ୍ରେମ ହେଉଛି ପ୍ରକୃତ ବିଶ୍ୱାସୀର ନନ୍-କାଉଣ୍ଟର ଫେଇଟେବୁଲ ପ୍ରମାଣ । ଘୃଣା ହେଉଛି ସଇତାନର ସନ୍ତାନର ପ୍ରମାଣ । ଭ୍ରାନ୍ତ ଶିକ୍ଷକମାନେ ପଲକୁ ଭାଗ କରୁଥିଲେ ଓ ମତଭେଦ କାରଣ ହେଉଥିଲେ ।

■ **"ଭାଇ"** ଏହା ମାନିନେବା ଆବଶ୍ୟକ ଯେ ପଦ "ଭାଇ" ଏକାଧିକାର୍ଥ ବୋଧକ ଅଟେ । ଏହାର ଅର୍ଥ "ଖ୍ରୀଷ୍ଟିୟାନ ବନ୍ଧୁ" କିମ୍ବା "ମନୁଷ୍ୟ ବନ୍ଧୁ" ହୋଇଥାଇପାରେ । ଯେମିତି ହେଉ, ବିଶ୍ୱାସୀମାନଙ୍କ ପାଇଁ ଯୋହନଙ୍କ "ଭାଇ" ର ପୌନପୁନିଃକ ବ୍ୟବହାର ସୂଚିତ କରେ ପ୍ରଥମ ଅର୍ଥକୁ (ସିଏଫ୍ ୧ମ ତିମ ୪:୧୦) ।

**ପ୍ରଶ୍ନଗୁଡ଼ିକର ଆଲୋଚନା**

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲ୍‌ର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ୍ ନୁହେଁ ।

ଏହି ସମସ୍ତ ପ୍ରଶ୍ନଗୁଡ଼ିକର ଆଲୋଚନା ପୁସ୍ତକର ଏହି ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟଦେଇ ଚିନ୍ତାକରିବାରେ ସାହାଯ୍ୟ ନିମନ୍ତେ ଆପଣମାନଙ୍କୁ ପ୍ରଦତ୍ତ ହୋଇଛି । ଅର୍ଥଚିନ୍ତା କରିବାରେ ସେମାନେ ପ୍ରରୋଚକ ହୋଇପାରନ୍ତି, ନିଷ୍ପତିମୂଳକ ନୁହେଁ ।

୧. ବାସ୍ତବିକ୍ ଖ୍ରୀଷ୍ଟ ଧର୍ମର ତିନୋଟି ମୁଖ୍ୟ ପରୀକ୍ଷାଗୁଡ଼ିକର ତାଲିକା କର ।

୨. ଜଣେ କିପରି ଜାଣିବ ବାସ୍ତବରେ କିଏ ଇଶ୍ୱରଙ୍କ ନିମନ୍ତେ କଥା କହୁଛି ?

୩. ସତ୍ୟର ଦୁଇଟି ଉତ୍ସଗୁଡ଼ିକର ତାଲିକା ପ୍ରସ୍ତୁତ କର (କର୍ତ୍ତୃପଦ ଓ କର୍ମପଦ)

୪. "ଜଗତର ତ୍ରାଣକର୍ତ୍ତା" ଆଖ୍ୟା ବିଷୟରେ ମହତ୍ତ୍ୱପୂର୍ଣ୍ଣତା କ'ଣ ଅଟେ ?

୫. କାର୍ଯ୍ୟଗୁଡ଼ିକର ତାଲିକା କର ଯାହା ମିଥ୍ୟାବାଦୀମାନଙ୍କୁ ପ୍ରକାଶ କରେ (ତାହା ହେଉଛି, ଭ୍ରାନ୍ତ ବିଶ୍ୱାସୀମାନେ) ।

# ୧ମ ଯୋହନ ୫

| ଆଧୁନିକ ଅନୁବାଦଗୁଡ଼ିକର ଅନୁଚ୍ଛେଦ ବିଭାଗମାନ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆର୍‌ଏସ୍‌ଭି | ଟିଇଭି | ଏନ୍‌ଜେବି |
| ବିଶ୍ୱାସ ହେଉଛି ଜଗତକୁ ଜୟ କରିବା | ବିଶ୍ୱାସ ଦ୍ୱାରା ଆଜ୍ଞା ପାଳନ କରିବା | ବିଜୟୀ ବିଶ୍ୱାସ | ଜଗତ ଉପରେ ଆମ୍ଭମାନଙ୍କର ବିଜୟ | |
| | ୪:୨୦- ୫:୫ | | | |
| ୫:୧-୫ | | ୫:୧-୫ | ୫:୧-୫ | ବିଶ୍ୱାସର ଉତ୍ସ |
| ପୁତ୍ରଙ୍କ ବିଷୟରେ ସାକ୍ଷୀ | ଈଶ୍ୱରଙ୍କ ସାକ୍ଷୀର ନିଶ୍ଚିତତା | | ଯୀଶୁଙ୍କ ବିଷୟରେ ସାକ୍ଷୀ | |
| ୫:୬-୧୨ | ୫:୬-୧୩ | ୫:୬-୧୨ | ୫:୬-୧୨ | |
| ଅନନ୍ତ ଜୀବନର ଜ୍ଞାନ | | ସମାପ୍ତି | ଅନନ୍ତ ଜୀବନ | |
| ୫:୧୩-୧୫ | ପ୍ରାର୍ଥନାରେ ସହାନୁଭୂତି ଓ ସାହସ | ୫:୧୩ | ୫:୧୩-୧୫ | ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା |
| ୫:୧୪-୧୭ | ୫:୧୪-୧୭ | | ୫:୧୪-୧୭ | |
| ୫:୧୬-୧୭ | ସତ୍ୟକୁ ଜାଣିବା ମିଥ୍ୟାକୁ ଅଗ୍ରାହ୍ୟ କରିବା | | ୫:୧୬-୧୭ | ପତ୍ରର ସଂକ୍ଷିପ୍ତ ବିବରଣୀ |
| ୫:୧୮-୨୧ | ୫:୧୮-୨୧ | ୫:୧୮-୨୦ | ୫:୧୮ | ୫:୧୮-୨୧ |
| | | | ୫:୧୯ | |
| | | | ୫:୨୦ | |
| | | ୫:୨୧ | ୫:୨୧ | |

## ପଠନ ଚକ୍ର ତିନି

ଅନୁଚ୍ଛେଦ ସ୍ତରରେ ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବା

ଏହା ଏକ ଧାରାବାହିକ ଭାବେ ବର୍ଣ୍ଣିତ ଅଧ୍ୟୟନ ପ୍ରଦର୍ଶକ, ଯାହାର ଅର୍ଥ ହେଉଛି ବାଇବଲର ଆପଣଙ୍କ ନିଜ ତର୍ଜମା ନିମନ୍ତେ ଆପଣମାନେ ଦାୟିତ୍ୱବାନ ଅଟନ୍ତି । ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଆମ୍ଭେମାନେ ସମସ୍ତେ ଗମନ କରିବାକୁ ହେବ । ଆପଣ, ବାଇବଲ୍ ଓ ପବିତ୍ର ଆତ୍ମା ସମସ୍ତେ ତର୍ଜମା କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଆପଣ ଏହାକୁ ଭାଷ୍ୟକାରଙ୍କ ନିକଟରେ ଛାଡ଼ିଦେବା ଉଚିତ୍ ନୁହେଁ ।

ନିରବଚ୍ଛିନ୍ନଭାବେ ଅଧ୍ୟାୟକୁ ପାଠ କରନ୍ତୁ । ବିଷୟବସ୍ତୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ଭାଗଗୁଡ଼ିକୁ ପାଞ୍ଚୋଟି ନୂତନ ତର୍ଜମା ସହ ମିଳାଅନ୍ତୁ । ବାକ୍ୟ ଭାଗ କରିବା ପ୍ରେରଣା ଦାୟୀ ନୁହେଁ, କିନ୍ତୁ ଏହା ପ୍ରକୃତ ଲେଖକଙ୍କର ଅଭିପ୍ରାୟ ଅନୁସରଣ କରିବାର ଚାବିକାଠି, ଯାହା ତର୍ଜମା କରିବାର ମନୋଭାବ ଅଟେ । ପ୍ରତ୍ୟେକ ଅନୁଚ୍ଛେଦରେ ଗୋଟିଏ ଏବଂ କେବଳ ଗୋଟିଏ ବିଷୟବସ୍ତୁ ରହିଛି ।

୧. ପ୍ରଥମ ଅନୁଚ୍ଛେଦ
୨. ଦ୍ୱିତୀୟ ଅନୁଚ୍ଛେଦ
୩. ତୃତୀୟ ଅନୁଚ୍ଛେଦ
୪. ଇତ୍ୟାଦି

**ଶବ୍ଦ ଓ ବାକ୍ୟାଂଶ ପଠନ**

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତ୍ରାଂଶ : ୫:୧-୪**

**୧ ଯେକେହି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କରେ ସେ ଈଶ୍ୱରଙ୍କଠାରୁ ଜାତ, ଆଉ ଯେକେହି ପିତାଙ୍କୁ ପ୍ରେମ କରେ ସେ ତାହାଙ୍କଠାରୁ ଜାତ ସନ୍ତାନକୁ ମଧ୍ୟ ପ୍ରେମ କରେ । ୨ ଏହାଦ୍ୱାରା ଆମ୍ଭେମାନେ ଜାଣୁ ଯେ ଯେତେବେଳେ ଆମ୍ଭେମାନେ ଈଶ୍ୱରଙ୍କୁ ପ୍ରେମ କରୁ ଓ ତାହାଙ୍କ ଆଜ୍ଞା ପାଳନ କରୁ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରୁ । ୩ କାରଣ ଏହା ଈଶ୍ୱରଙ୍କ ପ୍ରେମ ଅଟେ, ଯେ ଆମ୍ଭେ ତାହାଙ୍କ ଆଜ୍ଞା ପାଳନ କରୁ ; ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ । କାରଣ ଯାହାକିଛି ଈଶ୍ୱରଙ୍କ ଠାରୁ ଜାତ ଜଗତକୁ ଜୟ କରେ; ଆଉ ଯାହା ଜଗତକୁ ଜୟ କରିଅଛି ତାହା ବିଜୟ ଆମ୍ଭମାନଙ୍କର ବିଶ୍ୱାସ ।**

**୫:୧ "ଯେକେହି"** (ଦୁଇଥର) ୧ମ ଯୋହନରେ ପଦ **ପାସ** ବାରମ୍ବାର ବ୍ୟବହୃତ ହୋଇଛି (ସିଏଫ୍. ୨:୨୯; ୩:୩, ୪, ୬ (ଦୁଇଥର) ୯, ୧୦; ୪:୭; ୫:୧) । ଯୋହନଙ୍କର କଳା କିମ୍ବା ଧଳା ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଶ୍ରେଣୀ ଗୁଡ଼ିକରୁ କେହି ମଧ୍ୟ ବର୍ହିଭୁତ କରାଯାଇ ନାହାନ୍ତି । ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଏହା ଈଶ୍ୱରଙ୍କର ବିଶ୍ୱବ୍ୟାପି ନିମନ୍ତ୍ରଣ ଅଟେ (ସିଏଫ୍. ଯୋହନ ୧:୧୨; ୩:୧୬; ୧ମ ତିମ ୨:୪; ୨ୟ ପିତ. ୩:୯) । ରୋମି ୧୦:୯-୧୩ରେ ପାଉଲଙ୍କର ମହାନ୍ ନିମନ୍ତ୍ରଣ ସହିତ ଏହା ସମାନ ଅଟେ ।

■ **"ବିଶ୍ୱାସ କରେ"** ଏହା ଏକ ବର୍ତ୍ତମାନକାଳ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଅଟେ । ଏହା ହେଉଛି ଗ୍ରୀକ୍ ଶବ୍ଦ (ବିଶେଷ୍ୟ - ପିସ୍‌ଟିସ୍ କ୍ରିୟାପଦ - ପିସ୍‌ଟିୟୁ) ଯାହା "ବିଶ୍ୱାସ" "ଭରସା" କିମ୍ବା "ନିର୍ଭର" ଭାବେ ଅନୁବାଦ ହୋଇପାରେ । ଯାହା ହେଲେ ମଧ୍ୟ ୧ମ ଯୋହନ ଓପାଳକୀୟ ଚିଠାଗୁଡ଼ିକରେ (୧ମ ୨ୟ ତିମଥି ଓ ତିତସ) ଏହା ଅନେକ ସମୟରେ ଧର୍ମନୀତି ସମ୍ବନ୍ଧୀୟ ବିଷୟ ବସ୍ତୁର ଅର୍ଥରେ ବ୍ୟବହୃତ ହୋଇଛି (ସିଏଫ୍. ଯିହୁଦା ପଦ ୩, ୨୦) । ସୁସମାଚାର ସମୂହ ଓ ପାଉଲରେ ଏହା ବ୍ୟକ୍ତିଗତ ଭରସା ଓ ଉତ୍ସର୍ଗତା ନିମନ୍ତେ ବ୍ୟବହୃତ ହୋଇଛି । ସୁସମାଚାର ହେଉଛି ଉଭୟ ସତ୍ୟଗୁଡ଼ିକୁ ବିଶ୍ୱାସ କରିବା ଓ ଭରସା କରିବାକୁ ଜଣେ ବ୍ୟକ୍ତି ଓ ପ୍ରେମର ଏକ ଜୀବନ ଓ ବଞ୍ଚିବା ନିମନ୍ତେ ସେବା ଯେପରି ୧ମ ଯୋହନ ଓ ଯାକୁବ ସ୍ପଷ୍ଟ କରନ୍ତି । ଯୋହନ ୨:୨୩ରେ ବିଶେଷ ଶୀର୍ଷ ଦେଖନ୍ତୁ ।

■ **"ଯେ ଯୀଶୁ ଖ୍ରୀଷ୍ଟ ଅଟନ୍ତି"** ଭ୍ରାନ୍ତ ଶିକ୍ଷକମାନଙ୍କ ଭୁଲ୍‌ର ଉପାଦାନ ମନୁଷ୍ୟ ଯୀଶୁଙ୍କର କାର୍ଯ୍ୟ ଓ ବ୍ୟକ୍ତିତ୍ୱ ଚାରିପଟେ କେନ୍ଦ୍ରିଭୂତ ଅଟେ, ଯେ ମଧ୍ୟ ସମ୍ପୂର୍ଣ୍ଣ ଦେବତ୍ୱ ଥିଲେ (ସିଏଫ୍. ପ. ୫) । ନାଜରିତର ଯୀଶୁ ପ୍ରତିଜ୍ଞାତ ମସୀହ ଅଟନ୍ତି ! ବିସ୍ମୟକର ଭାବରେ ମସିହ (ଏହା ହେଉଛି ପୁରାତନ ନିୟମଠାରୁ) ମଧ୍ୟ ପବିତ୍ର ଅଟନ୍ତି । ଏହି ବାକ୍ୟାଂଶ, ସଂଯୋଜିତ ବାକ୍ୟାଂଶ "ଈଶ୍ୱରଙ୍କ ପୁତ୍ର" (ସିଏଫ୍ ୪:୧୫; ୫:୫) ସହିତ ଏକ ଶପଥ ଥିଲା, ସମ୍ଭବତଃ ବାପ୍ତିସ୍ମ ସମୟରେ (ସିଏଫ୍. ୨:୨୨) । ନିଶ୍ଚିତଭାବେ ଯୀଶୁଙ୍କ ମସିହତ୍ୱର ଏହି ଦୃଢ଼ ଘୋଷଣା ଏକ ପୁରାତନ ନିୟମ ପୃଷ୍ଠଭୂମି ସହିତ ଲୋକମାନଙ୍କୁ ବର୍ଣ୍ଣନା କରେ (ଏହା ହେଉଛି ଯିହୁଦିମାନେ, ଅଣଯିହୁଦି ଓ ଈଶ୍ୱର ଭୟକାରୀମାନେ) ।

■ "ଈଶ୍ୱରଙ୍କଠାରୁ ଜାତ" ଏହା ଏକ ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ମବାଚ୍ୟ ଅଟେ ଯାହା ଜଣକୁ ଗୋଟିଏ ସ୍ଥାୟୀ ସ୍ଥିତି ମଧ୍ୟକୁ ଆଣିବାରେ ଜଣେ ବାହ୍ୟ ପ୍ରତିନିଧି (ଈଶ୍ୱର, ସିଏଫ୍ ପଦ ୪, ୧୮; ୨:୨୯) ଦ୍ୱାରା ପ୍ରଯୋଜିତ, ଏକ କାର୍ଯ୍ୟର ଶୀର୍ଷସ୍ଥାନକୁ ଗୁରୁତ୍ୱ ପ୍ରଦାନ କରେ ।

■ **ଏନ୍ ଏ ଏସ୍ ବି "ସନ୍ତାନକୁ ପ୍ରେମକରେ ତାହାଙ୍କଠାରୁ ଜାତ"**

**ଏନ୍ କେ ଜେ ଭି "ତାହାକୁ ପ୍ରେମକରେ ଯେ ତାହାଙ୍କଠାରୁ ଜାତ"**

**ଏନ୍ ଆର ଏସ୍ ଭି "ପିତାମାତାକୁ ପ୍ରେମକରେ ସନ୍ତାନକୁ ପ୍ରେମକରେ"**

**ଟି ଇ ଭି "ପିତାଙ୍କୁ ପ୍ରେମକରେ ତାହାଙ୍କ ସନ୍ତାନକୁ ମଧ୍ୟ ପ୍ରେମକରେ"**

**ଏନ୍ ଜେ ବି "ପିତାଙ୍କୁ ପ୍ରେମ କରେ ପୁତ୍ରଙ୍କୁ ପ୍ରେମ କରେ"**

ଏହି ବାକ୍ୟାଂଶ ସମ୍ଭବତଃ ପିତା ଯୀଶୁଙ୍କୁ କରୁଥିବା ପ୍ରେମକୁ ନିର୍ଦ୍ଦେଶ କରେ କାରଣ ଏଠାରେ (୧) ଏକବଚନ ; (୨) ଆଓରିଷ୍ଟ କାଳ; ଓ (୩) ଧର୍ମତତ୍ତ୍ୱ ଅନୁସାରେ ପିତାଙ୍କଠାରୁ ଯୀଶୁଙ୍କୁ ଅଲଗା କରିବାକୁ ଭ୍ରାନ୍ତ ଶିକ୍ଷକମାନଙ୍କର ଚେଷ୍ଟା ବ୍ୟବହାର ହୋଇଛି । ଯେମିତି ହେଉ, ଏହା ଖ୍ରୀଷ୍ଟିୟାନମାନଙ୍କର ପରସ୍ପରକୁ ପ୍ରେମ କରିବାର (ସିଏଫ୍. ପ. ୨) ପୌନପୁନିଃକ ବିଷୟ ସମ୍ପୃକ୍ତ କାରଣ ଆମ୍ଭମାନଙ୍କର ଏକ ପିତା ଅଛନ୍ତି ।

**୫:୨ ୩** ପଦ ସହିତ, ଏହିପଦ, ୧ମ ଯୋହନର ମୁଖ୍ୟ ବିଷୟଗୁଡ଼ିକରୁ ଗୋଟିଏକୁ ପୁନରାବୃତି କରେ । ପ୍ରେମ କରିବା, ଈଶ୍ୱରଙ୍କ ପ୍ରେମ, କ୍ରମାଗତ ପ୍ରେମ କରିବା (ସିଏଫ୍. ୨:୭-୧୧; ୪:୭-୨୧) ଓ ଆଜ୍ଞାପାଳନ କରିବା (ସିଏଫ୍. ୨:୩-୬) ଦ୍ୱାରା ବ୍ୟକ୍ତ ହୋଇଛି । ଜଣେ ପ୍ରକୃତ ବିଶ୍ୱାସୀର ପ୍ରମାଣଗୁଡ଼ିକ ଲକ୍ଷ୍ୟ କରନ୍ତୁ ।

୧. ଈଶ୍ୱରଙ୍କୁ ପ୍ରେମକରେ

୨. ଈଶ୍ୱରଙ୍କ ସନ୍ତାନକୁ ପ୍ରେମ କରେ (ପ. ୧)

୩. ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରେ (ପ. ୧)

୪. ପାଳନ କରେ (.. ୨, ୩)

୫. ଜୟଲାଭ କରେ (.. ୪-୫)

**୫:୩ "କାରଣ ଏହା ଈଶ୍ୱରଙ୍କ ପ୍ରେମ ଅଟେ ଯେ ଆମ୍ଭେମାନେ ତାହାଙ୍କ ଆଜ୍ଞାସବୁ ପାଳନ କରୁ"** ସମ୍ବନ୍ଧସୂଚକ ପଦ କର୍ମପଦ କିମ୍ବା କର୍ତ୍ତୃପଦ କିମ୍ବା ଏକ ସମ୍ମିଳନ ହୋଇଥାଇପାରେ । ପ୍ରେମ ଈଶ୍ୱରଙ୍କ ଭାଗ ଓ ଆମ୍ଭମାନଙ୍କ ଭାଗ ଉଭୟରୁ ଭାବପ୍ରବଣ ହେବା ନୁହେଁ କିନ୍ତୁ କାର୍ଯ୍ୟ ଅଭ୍ୟସ୍ତ ଅଟେ । ଆଜ୍ଞାପାଳନ କରିବା ହେଉଛି ଗୁରୁତର (ସିଏଫ୍. ୨:୩-୪; ୩:୨୨, ୨୪; ଯୋହନ ୧୪:୧୫, ୨୧, ୨୩; ୧୫:୧୦; ୨ୟ ଯୋହନ ୬; ପ୍ରକା ୧୨:୧୭; ୧୪:୧୨) ।

■ **"ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ"** ନୂତନ ଚୁକ୍ତି ପତ୍ରର ଦାୟିତ୍ୱଗୁଡ଼ିକ ରହିଛି (ସିଏଫ୍. ମାର୍ଥ ୧୧:୨୯-୩୦, ଯେଉଁଠାରେ ଯୀଶୁ ଶବ୍ଦ "ଯୁଆଳି" ବ୍ୟବହାର କରନ୍ତି; ଗୁରୁମାନେ ଏହାକୁ ମୋଶାଙ୍କର ବ୍ୟବସ୍ଥା ନିମନ୍ତେ ବ୍ୟବହୃତ କରିଛନ୍ତି, ମାର୍ଥ ୨୩:୪) । ସେମାନେ ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କ ସମ୍ପର୍କଠାରୁ ନିର୍ଗତ, କିନ୍ତୁ ସେହି ସମ୍ପର୍କର ଆଧାର ଗଠନ କରନ୍ତି ନାହିଁ, ଯାହା ଈଶ୍ୱରଙ୍କ ଅନୁଗ୍ରହ ଉପରେ ଆଧାରିତ ଅଟେ, ମନୁଷ୍ୟର ଉତ୍ତମ କାର୍ଯ୍ୟଶୈଳି କିମ୍ବା ସଦ୍‌ଗୁଣ ନୁହେଁ (ସିଏଫ୍. ଏଫିସ ୨:୮୯, ୧୦) । ଯୀଶୁଙ୍କର ନିୟମ ସମୂହ ଭ୍ରାନ୍ତ ଶିକ୍ଷକମାନଙ୍କଠାରୁ ଅତି ଭିନ୍ନ ଅଟେ, ଯେଉଁମାନଙ୍କର କିଛି ନିୟମ ନଥିଲା (ଆଣ୍ଟିନୋମିଆନ୍) କି ଅବା ଅତ୍ୟଧିକ ନିୟମ (ଆଇନ୍ ପ୍ରିୟବ୍ୟକ୍ତି) ଥିଲା ! ମୁଁ ସ୍ୱୀକାର କରିବା ଆବଶ୍ୟକ ଯେ ଈଶ୍ୱରଙ୍କ ଲୋକମାନଙ୍କୁ ସେବା କରିବା ଦ୍ୱାରା ଦୀର୍ଘ ସମୟ ମୁଁ ତାହାଙ୍କ ସେବା କରେ ଆଉ ମୁଁ ସ୍ୱାଧୀନତା ଓ ଆଇନ ଅନୁରକ୍ତିର ଦୁଇଟି ଚରମଗୁଡ଼ିକୁ ଅଧିକରୁ ଅଧିକ ଭୟ କରେ ।

ବିଶେଷ ଶୀର୍ଷ ଦେଖନ୍ତୁ : ଯୋହନଙ୍କ ଲେଖା ସମୂହରେ ଯୋହନ ୧୨:୫୦ରେ ଶବ୍ଦ ଆଜ୍ଞା ର ବ୍ୟବହାର ।

**୫:୪**

**ଏନ୍ ଏ ଏସ୍ ବି, ଏନ୍ କେ ଜେଭି, ଏନ୍ ଆର୍ ଏସ୍ ଭି** **"କାରଣ ଯାହାକିଛି ଇଶ୍ୱରଙ୍କ ଠାରୁ ଜାତ"**

**ଟି ଇ ଭି, ଏନ୍ ଜେ ବି** **"ପ୍ରତ୍ୟେକ ଇଶ୍ୱରଙ୍କ ସନ୍ତାନ ହେଲେ"**

ଗୁରୁତ୍ୱ ଦେବା ପାଇଁ ଗ୍ରୀକ୍ ପୁସ୍ତକ ପ୍ରଥମେ ଶବ୍ଦ "ସମସ୍ତ" (ପାସ) ରଖେ, ଯେପରି ପ. ୧ରେ । କ୍ଲୀବଲିଙ୍ଗ ଏକବଚନ (ପାନ୍) ବ୍ୟବହୃତ ହୋଇଛି ଯାହାର ଅନୁ ବା "ଯାହାକିଛି" ଭାବେ ହୋଇଛି । ଯେମିତି ହେଉ, ପ୍ରସଙ୍ଗ ଏକ ବ୍ୟକ୍ତିଗତ ଅର୍ନ୍ତନିହିତ ଅର୍ଥ (ଏହା ହେଉଛି ପ୍ରଜାତି ଅର୍ଥ) ଆଗ୍ରହ କରେ କାରଣ ଏହା "ଜାତ" ର ସମ୍ପନ୍ନକାଳ କୃଦନ୍ତ ବିଶେଷଣ କର୍ମବାଚ୍ୟ ସହିତ ମିଳିତ ଅଟେ । ଏହା ହେଉଛି ଜଣେ ଯେ ଯୀଶୁଙ୍କଠାରେ ବିଶ୍ୱାସ କରେ ଓ ଇଶ୍ୱରଙ୍କଠାରୁ ଜାତ ହୋଇଛି ଜଗତକୁ ଜୟଲାଭ କରେ (ସିଏଫ୍. ୪:୪; ୨:୧, ୩, ୧୪) ।

■ **"ଜଗତକୁ ଜୟ କରେ"** "ଜୟକରେ" ହେଉଛି **ନିକାଓ** (ସିଏଫ୍ ୨:୧୩, ୧୪; ୪:୪; ୫:୪, ୫)ର ବର୍ତ୍ତମାନ କାଳ ବକ୍ତବ୍ୟ ସୂଚକ କର୍ତ୍ତୃବାଚ୍ୟ । ସମାନ ମୂଳ ଶବ୍ଦ ପ. ୪ରେ ଅଧିକ ଦୁଇଥର ବ୍ୟବହୃତ ହୋଇଛି ।

୧. ବିଶେଷ୍ୟ ପଦ, "ବିଜୟ" **ନାଇକ୍**

୨. ଆଓରିଷ୍ଟ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ **ନିକାଓ** "ଜୟକରିଅଛି"

ଯୋହନ ଜଗତକୁ ପରାସ୍ତ କରି ସାରିଛନ୍ତି (ସମ୍ପନ୍ନକାଳ ବକ୍ତବ୍ୟସୂଚକ କର୍ତ୍ତୃବାଚ୍ୟ, ସିଏଫ୍. ଯୋହନ ୧୬:୩୩) । କାରଣ ବିଶ୍ୱାସୀମାନେ ତାହାଙ୍କ ସହିତ ମିଳନରେ ରହନ୍ତି । ସେମାନଙ୍କର ମଧ୍ୟ ଜଗତକୁ ଜୟ କରିବାର ଶକ୍ତି ରହିଛି (ସିଏଫ୍. ୨:୧୩-୧୪; ୪:୪) ।

ଏଠାରେ ପଦ "ଜଗତ"ର ଅର୍ଥ "ମାନବ ସମାଜ ଗଠିତ ଓ ଇଶ୍ୱରଙ୍କ ବିନା କାର୍ଯ୍ୟରତ ଅଟେ" ସ୍ୱାଧୀନତାର ଏକ ମନୋଭାବ ପତନର ଉପାଦାନ ଓ ମାନବ ବିଦ୍ରୋହ ଅଟେ (ସିଏଫ୍. ଆଦିପୁସ୍ତକ ୩) । ବିଶେଷ ଶୀର୍ଷ ଦେଖନ୍ତୁ ଯୋହନ ୧୪:୧୭ରେ ।

■ **"ବିଜୟ"** ଏହା କ୍ରିୟାପଦ "ଜୟ କରିଅଛି"ର ବିଶେଷ୍ୟ ଆକୃତି ଅଟେ (ନିକସ୍) । ପ. ୪ର ଶେଷରେ ସମାନ ମୂଳପଦର ଆଓରିଷ୍ଟ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ବ୍ୟବହୃତ ହୋଇଛି । ତାପରେ ପୁନର୍ବାର ୫ ପ. ରେ **ନିକସ୍** ର ଅନ୍ୟ ଏକ କୃଦନ୍ତ ବିଶେଷଣ ଆକୃତି ବ୍ୟବହୃତ ହୋଇଛି । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ଠାରେ ଓ ମଧ୍ୟଦେଇ ଜଗତଉପରେ ଜୟଲାଭ କରି ଓ ଜୟଲାଭରେ କ୍ରମାଗତ କାରୀ ହେବେ । ଶବ୍ଦ "ନାଇକ୍" ବିଜୟର ଦେବୀ ନିମନ୍ତେ ଗ୍ରୀକ୍ ନାମ ଅଟେ, ଯାହା ଆଜି ଟେନିସ୍ ଜୋତାର ବିନିର୍ମାଣକାରୀ ଭାବେ ଅତି ପ୍ରଚଳିତ ।

■ **"ଆମ୍ଭମାନଙ୍କର ବିଶ୍ୱାସ"** ଯୋହନଙ୍କର ସମସ୍ତ ଲେଖା ସମୂହରେ ପଦ "ବିଶ୍ୱାସ" (ପିସ୍ଟିସ୍)ର ବିଶେଷ୍ୟ ରୂପର ଏହା ଏକମାତ୍ର ବ୍ୟବହାର ଅଟେ ! ସମ୍ଭବତଃ ଯୋହନ "ସଠିକ୍ ଧର୍ମତତ୍ତ୍ୱ" ଉପରେ (ବିଶ୍ୱାସଗୁଡ଼ିକର ଏକ ଶୃଙ୍ଖଳ ଭାବେ) ଅତ୍ୟଧିକ ଗୁରୁତ୍ୱ ବନାମ ଦୈନିକ ଖ୍ରୀଷ୍ଟ ସାଦୃଶ୍ୟତା ବିଷୟରେ ଚିନ୍ତିତ ଥିଲେ । କ୍ରିୟାପଦ (ପିଷ୍ଟେୟ) ଯୋହନଙ୍କ ଦ୍ୱାରା ବ୍ୟାପକ ଭାବରେ ବ୍ୟବହୃତ । ଆମ୍ଭମାନଙ୍କ ବିଶ୍ୱାସ ବିଜୟତା ଆଣିଥାଏ କାରଣ

୧. ଏହା ଯୀଶୁଙ୍କ ବିଜୟ ସହ ଜଡ଼ିତ ଅଟେ

୨. ଏହା ଇଶ୍ୱରଙ୍କ ସହିତ ଆମ୍ଭମାନଙ୍କର ନୂତ ସମ୍ପର୍କ ସହ ଜଡ଼ିତ ଅଟେ

୩. ଏହା ସ୍ଥାୟୀଭାବରେ ଉପସ୍ଥିତ ପବିତ୍ର ଆତ୍ମାଙ୍କ ଶକ୍ତି ସହ ଜଡ଼ିତ ଅଟେ ଯୋହନ ୧:୭; ୨:୨୩; ଓ ୧ମ ଯୋହନ ୨:୧୦ ରେ ବିଶେଷ ଶୀର୍ଷ ଦେଖନ୍ତୁ ।

**ଏନ୍ ଏ ଏସ୍ ବି (ଆଧୁନିକରଣ) ଶାସ୍ତାଂଶ : ୫:୫-୧୨**

**୫ ଜଗତକୁ ଯେ ଜୟ କରେ ସେ କିଏ, ମାତ୍ର ଯୀଶୁ ଯେ ଇଶ୍ୱରଙ୍କ ପୁତ୍ର ଏହା ଯେ ବିଶ୍ୱାସ କରେ ସେ ? ୬ ଏ ସେହି ଯେ ଜଳ ଓ ରକ୍ତ ଦେଇ ଆସିଲେ, ଯୀଶୁଖ୍ରୀଷ୍ଟ; କେବଳ ଜଳ ଦେଇ ନୁହେଁ, ମାତ୍ର ଜଳ ଓ ରକ୍ତ ସହିତ । ଆଉ ଆତ୍ମା ଏହା ସାକ୍ଷ୍ୟ ଦିଅନ୍ତି, କାରଣ ଆତ୍ମା ସତ୍ୟ ଅଟନ୍ତି । ୮ କାରଣ ସେଠାରେ ତିନିଜଣ ସାକ୍ଷ୍ୟ ଦିଅନ୍ତି : ଆତ୍ମା, ଜଳ ଓ ରକ୍ତ ; ଆଉ ଏହି ତିନିର ସାକ୍ଷ୍ୟ ଏକ । ୯ ଯଦି ଆମ୍ଭେମାନେ ମନୁଷ୍ୟର ସାକ୍ଷ୍ୟ ଗ୍ରହଣ କରୁ, ଇଶ୍ୱରଙ୍କ ସାକ୍ଷ୍ୟ ତାହାଠାରୁ ଶ୍ରେଷ୍ଠ; କାରଣ ଇଶ୍ୱରଙ୍କ ସାକ୍ଷ୍ୟ ଏହା ଯେ ସେ ଆପଣା ପୁତ୍ର ସମ୍ବନ୍ଧରେ ସାକ୍ଷ୍ୟ ଦେଇ ଅଛନ୍ତି । ୧୦ ଯେ ଇଶ୍ୱରଙ୍କ ପୁତ୍ରଠାରେ ବିଶ୍ୱାସ କରେ ତାହାଠାରେ ଏହି ସାକ୍ଷ୍ୟ ରହିଅଛି ; ଯେ ଇଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ ସେ ତାହଙ୍କୁ ମିଥ୍ୟାବାଦୀ କହିଛି, କାରଣ ଆପଣା ପୁତ୍ରଙ୍କ ବିଷୟରେ ଇଶ୍ୱର ଦେଇଥିବା ସାକ୍ଷ୍ୟ ସେ ବିଶ୍ୱାସ କରିନାହିଁ । ୧୧ ଆଉ ସାକ୍ଷ୍ୟ ଏହା ଯେ ଇଶ୍ୱର ଆମ୍ଭମାନଙ୍କୁ ଅନନ୍ତଜୀବନ ଦେଇଅଛନ୍ତି, ପୁଣି ଏହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି । ୧୨ ଯେ ପୁତ୍ରଙ୍କୁ ପାଇଅଛି ସେ ଜୀବନ ପାଇଅଛି; ଯେ ଇଶ୍ୱରଙ୍କ ପୁତ୍ରଙ୍କୁ ପାଇନାହିଁ ତାହାଠାରେ ଜୀବନ ନାହିଁ ।**

**୫:୫ "ଯୀଶୁ ଇଶ୍ୱରଙ୍କ ପୁତ୍ର ଅଟନ୍ତି"** ଏହି ପଦ ଆମ୍ଭମାନଙ୍କ ବିଶ୍ୱାସର ବିଷୟବସ୍ତୁ, ଯାହା ୪ ପ. ରେ ଉଲ୍ଲିଖିତ ହୋଇଛି ତାହାକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରେ । ଆମ୍ଭମାନଙ୍କର ବିଜୟ ଯୀଶୁଙ୍କଠାରେ ଭରସାର ଆମ୍ଭମାନଙ୍କର ବୃତ୍ତି / ସ୍ୱୀକାରୋକ୍ତି ଯେ ପୂର୍ଣ୍ଣଭାବେ ମନୁଷ୍ୟ ଓ ପୂର୍ଣ୍ଣ ଭାବେ ଇଶ୍ୱର (ସିଏଫ୍ ୪:୧-୬) ଉଭୟ ଅଟନ୍ତି । ଲକ୍ଷ୍ୟ କରନ୍ତୁ ଯେ ବିଶ୍ୱାସୀମାନେ ଦୃଢ଼ଭାବେ କହନ୍ତି ଯେ ଯୀଶୁ (୧) ମସିହ (ପ. ୧); (୨) ଇଶ୍ୱରଙ୍କ ସନ୍ତାନ (ପ. ୧) ; (୩) ଇଶ୍ୱରଙ୍କ ପୁତ୍ର (ପ ୫, ୧୦) ; ଓ (୪) ଜୀବନ (ସିଏଫ୍. ୧:୨; ୫:୨୦) ଅଟନ୍ତି । ୨:୨୩ରେ ବିଶେଷ ଶୀର୍ଷ ଦେଖନ୍ତୁ, ଯାହା କ୍ରିୟାପଦ "ବିଶ୍ୱାସ କରିବା" ସହ ଜଡ଼ିତ ସମସ୍ତ **ହଟି** ଖଣ୍ଡବାକ୍ୟଗୁଡ଼ିକର ତାଲିକା କରେ ।

■ "ଇଶ୍ୱରଙ୍କ ପୁତ୍ର" ୩:୮ ରେ ବିଶେଷ ଶୀର୍ଷ ଦେଖନ୍ତୁ

୫:୬ "ସେ ଏହି ଅଟନ୍ତି ଯେ ଆସିଲେ" ଏହା ଏକ ଆଓରିଷ୍ଟ କୃଦନ୍ତ ବିଶେଷଣ କର୍ତ୍ତୃବାଚ୍ୟ ଯାହା ଅବତାର ଗ୍ରହଣ (ଯୀଶୁ ଉଭୟ ମନୁଷ୍ୟ ଓ ଇଶ୍ୱର ଭାବେ) ଓ ତାହାଙ୍କ ଉତ୍ସର୍ଗୀକୃତ ମୃତ୍ୟୁଭୋଗ, ଯେଉଁ ଉଭୟଗୁଡ଼ିକୁ ଭ୍ରାନ୍ତ ଶିକ୍ଷକମାନେ ଆଗ୍ରହ୍ୟ କଲେ ।

■ " ଜଳ ଓ ରକ୍ତ ଦ୍ୱାରା" ଏହିପରି ପ୍ରତୀୟମାନ ହୁଏ ଯେ "ଜଳ" ଯୀଶୁଙ୍କର ଶାରୀରିକ ଜନ୍ମକୁ (ସିଏଫ୍. ଯୋହନ ୩:୧-୯) ଓ "ରକ୍ତ" ତାହାଙ୍କ ଶାରୀରିକ ମୃତ୍ୟୁକୁ ନିର୍ଦ୍ଦେଶ କରେ । ଯୀଶୁଙ୍କର ପ୍ରକୃତ ମାନବିକତାର ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷକମାନଙ୍କ ପ୍ରତ୍ୟାଖ୍ୟାନର ପ୍ରସଙ୍ଗରେ, ଏହି ଦୁଇଟି ଅନୁଭୂତି ତାହାଙ୍କ ମାନବିକତା ସଂକ୍ଷିପ୍ତ ବିବରଣ କରେ ଓ ପ୍ରକାଶ କରେ ।

ନୋଷ୍ଟିକ୍ ଭ୍ରାନ୍ତ ଶିକ୍ଷକମାନଙ୍କ (ସେରିନ୍ଥୁସ୍) ସହ ଜଡ଼ିତ ଅନ୍ୟ ଚୟନ ହେଉଛି ଯେ "ଜଳ" ଯୀଶୁଙ୍କ ବାପ୍ତିସ୍ମକୁ ନିର୍ଦ୍ଦେଶ କରେ । ସେମାନେ ଦୃଢ଼ଭାବେ କହିଲେ ଯେ ତାହାଙ୍କ ବାପ୍ତିସ୍ମରେ (ଜଳ) "ଖ୍ରୀଷ୍ଟ ଆତ୍ମା" ମନୁଷ୍ୟ ଯୀଶୁଙ୍କ ଉପରେ ଆସିଲା ଓ କୃଶ ଉପରେ ମନୁଷ୍ୟ ଯୀଶୁଙ୍କ ମୃତ୍ୟୁ ପୂର୍ବରୁ ତାହାଙ୍କୁ ପରିତ୍ୟାଗ କଲା (ରକ୍ତ, ଏନ୍ ଏ ଏସ୍ ବି ପଠନ ବାଇବଲ୍‌ରେ ଏକ ଉତ୍ତମ ସଂକ୍ଷିପ୍ତ ବିବରଣ ଦେଖନ୍ତୁ ପି. ୧୮୩୫) ।

ଯୀଶୁଙ୍କ ମୃତ୍ୟୁ ଏହି ଖଣ୍ଡ ବାକ୍ୟକୁ ତୃତୀୟ ଥର ସ୍ୱାଧୀନତା ଭାବରେ ବର୍ଣ୍ଣନା କରାଯାଏ । ବର୍ଚ୍ଛାର କାରଣ ହେତୁ "ରକ୍ତ ଏବଂ ଜଳ" (ଯହନ - ୧୯.୩୪) ବହି ଥାଏ । ମିଥ୍ୟା ଶିକ୍ଷକମାନେ ଯୀଶୁଙ୍କ ମୃତ୍ୟୁ ଅନ୍ୟମାନଙ୍କ ନିମନ୍ତେ ଅନେକ - ନିନ୍ଦନୀୟ ଭାବରେ ପ୍ରକାଶ କରିଥିଲେ ।

■ "ଏହା ଆତ୍ମା ଯିଏ ପ୍ରକାଶ କରିଥାଏ ।" ପବିତ୍ର ଆତ୍ମାଙ୍କ କାର୍ଯ୍ୟ ସୁସମାଚାରକୁ ପ୍ରକଟ କରିଥାଏ । ତ୍ରିଏକ ମଧ୍ୟରେ ସେ ଅନ୍ୟ ୧ମ ସେ ପାପ ବିଷୟରେ ପ୍ରମାଣ କରେ, ଯୀଶୁଙ୍କ ନିକଟବର୍ତ୍ତୀ କରେ, ଯୀଶୁଙ୍କ ନାମରେ ବାପ୍ତିସ୍ମ ଏବଂ ଯୀଶୁ ଠାରେ ବିଶ୍ୱାସି (ଯୋହନ ୧୬:୭-୧୫) ସର୍ବଦା ପବିତ୍ର ଆତ୍ମା ଖ୍ରୀଷ୍ଟ ଯୀଶୁଙ୍କ ନିମନ୍ତେ ସାକ୍ଷ୍ୟ ଦିଏ, ନିଜ ପାଇଁ ନୁହେଁ (ଯୋହନ ୧୫ : ୨୬) ।

■ "ପବିତ୍ର ଆତ୍ମା ସତ୍ୟ ଅଟନ୍ତି" (ଯୋହନ ୧୪ : ୧୭; ୧୫ : ୨୬; ୧୬ : ୧୩ : ପ୍ରଥମ ଯୋହନ ୪ : ୬) ଏଠାରେ ବିଶେଷ ବିସୟ ମାନ ଦେଖାଯାଏ, ଯୋହ ୬ : ୫୫ ଏବଂ ୧୭ : ୩

୫ : ୭ ଇଂରାଜୀ ଅନୁବାଦ ଦ୍ୱାରା ପଦ ୬, ୭, ପରେ କେତେକ ସନ୍ଦେହ ଦେଖାଯାଏ, ଏବଂ ୮ ପଦ ଏହା ଆରମ୍ଭ ଓ ଶେଷ, ଏହି ବାକ୍ୟର ୭ ପଦ KJV ରେ ତାହା ଦେଖାଯାଏ, "ସ୍ୱର୍ଗରେ ପିତା, ବାକ୍ୟ, ପବିତ୍ର ଆତ୍ମା, ଏମାନେ ତିନି ଏକ ଅଟନ୍ତି, ।" ପୁରାତନ ଯୀହୁଦୀମାନଙ୍କ ହସ୍ତଲେଖା ନୂତନ ନିୟମ ଆଲେକ୍ ଜେଣ୍ଡାରିନସ୍‌ରେ ତିନି ବ୍ୟକ୍ତି ଏକ ଅଟନ୍ତି, ତାହା ଏଠାରେ ସ୍ପଷ୍ଟ ନୁହେଁ । (କ) ବାଟିକାନସ୍, (ଖ) ସାଇନାଇଟିକସ୍, (ଗ) ବିଞ୍ଚାନ୍‌ଟାଇନ୍ ପରିବାର ହସ୍ତ ଲେଖାରେ ମଧ୍ୟ ନାହିଁ, ଏହା କେବଳ ୪ଗୋଟି ବିଳମ୍ବିତ ମାଇସ୍କୁଲ୍ ଠାରେ ଦେଖାଯାଏ ।

୧. ହସ୍ତ ଲେଖା ୬୧ତାରିଖ ୧୬ ତମ ଶତାବ୍ଦୀ ।

୨. ହସ୍ତ ଲେଖା ୮୮ ତାରିଖ ୧୨ ତମ ଶତାବ୍ଦୀ, ପରବର୍ତ୍ତୀ କାଳରେ ଏହାକୁ ଧାଡ଼ି ଧାଡ଼ି କରି ଲେଖା ଗଲା ।

୩. ହସ୍ତ ଲେଖା ୬୨୯ ତାରିଖ ୧୪ ତମ କିମ୍ବା ୧୫ ତମ ଶତାବ୍ଦୀ

୪. ହସ୍ତ ଲେଖା ୬୩୫, ତାରିଖ ୧୧ତମ ଶତାବ୍ଦୀ ଯେଉଁ ଠାରେ ପରବର୍ତ୍ତୀ ମୟରେ ଧାଡ଼ି ଧାଡ଼ି କରି ତହିଁ ମଧ୍ୟରେ ଲେଖାଗଲା ।

ପ୍ରାଚୀନ କାଳର ଧର୍ମ ଜାଯକଙ୍କ ଦ୍ୱାରା ଏହି ସବୁ ପଦକୁ କୌଣସି ନକିଲି କରାଯାଇ ନାହିଁ । ସେମାନଙ୍କର ଆନୁଷ୍ଠାନିକ ଆଲୋଚନା ତ୍ରିଏକ ପରମେଶ୍ୱର ବିଶୟରେ ମଧ୍ୟ ଏହା ବିଚାର କରାଯାଇ ନାହିଁ । ସମସ୍ତ ପ୍ରାଚିନ ବହି ଠାରୁ ଏହାକୁ ଅନୁପସ୍ଥିତ କରାଯାଇଛି । କେବଳ ଗୋଟିଏ ବିଳମ୍ବିତ ଲାଟିନ୍ ହସ୍ତ ଲେଖାର ପରିବାର ଛଡ଼ା, ଏହା ପୁରାତନ ଲାଟିନ୍‌ରେ କିମ୍ୱା ଜେରମ୍‌ବଲଗେଟେ୍ ମଧ୍ୟରେ ନାହିଁ । ପ୍ରଥମ ଥର ସ୍ପେନ୍‌ର ପ୍ରିସ୍କିଲିଆନ୍ ପ୍ରଚଳିତ ମତ ବିରଧୀଙ୍କ ଦ୍ୱାରା ଏହା ପ୍ରକାଶି ପଞ୍ଚତମ ଶତାବ୍ଦୀରେ କରି ଥିଲେ, ଯାହାଙ୍କର ମୃତ୍ୟୁ ଖ୍ରୀଷ୍ଟାବ୍ଦ ୩୮୫ ହୋଇ ଥିଲା । ଲାଟିନ୍‌ର ଧର୍ମ ଜାଯକଙ୍କ ଉତ୍ତର ଆଫ୍ରିକା, ଏବଂ ଇଟାଲି ମଧ୍ୟରେ ଏହାର ନକାଲି କରାଗଲା । ସାଧାରଣତ ଏହି ଅଂଶ (୧ ଯୋହନ) ଠାରୁ ଅନୁକରଣ କରାଯାଇ ନାହିଁ । ବାଇବଲ ସମ୍ବନ୍ଧିୟ ଅନୁଷ୍ଠାନିକ ମତହେଲା ଏକ ପରମେଶ୍ୱର (ମୋନଥିଜମ୍) କିନ୍ତୁ ତିନି ଗୋଟି ବ୍ୟକ୍ତିତ୍ୱରେ ପ୍ରକାଶ ମାନ ହୋଇଛନ୍ତି, (ପିତା, ପୁତ୍ର, ଏବଂ ପବିତ୍ର ଆତ୍ମା) ଏହାର ତିରସ୍କାର ଦ୍ୱାରା ତାକୁ କିଛି ପ୍ରଭାବିତ କରି ନାହିଁ । ଯଦ୍ୟପି ଏହା ସତ୍ୟ ଅଟେ ଯେ କେବେ ବି ବାଇବଲରେ ତ୍ରିଏକ ଶବ୍ଦ ବ୍ୟବହାର କରାଯାଏ ନାହିଁ । ବାଇବଲର ଅନେକ ପଦ ପର୍ବରେ ଦେଖାଯାଏ, ତିନି ବ୍ୟକ୍ତି ଈଶ୍ୱରତ୍ୱ ଭାବରେ ସମାନ କାର୍ଯ୍ୟ କରନ୍ତି ।

୧. ଯୀଶୁ ବାପ୍ତିଜିତ । (ମାଥିଉ ୩ : ୧୬ - ୧୭)

୨. ମହାନ ଆଦେଶ । (ମାଥିଉ ୨୮ : ୧୯)

୩. ପବିତ୍ର ଆତ୍ମାଙ୍କ ପ୍ରେରଣା । (ଯୋହନ : ୧୪.୨୬ )

୪. ପେଷ୍ଟକଷ୍ଟ ଦିବସରେ ପିତରଙ୍କର ପ୍ରଚାର । (ପ୍ରେରିତ ୨ : ୩୨ - ୩୪)

୫. ଶରୀର ଏବଂ ଆତ୍ମା ସମନ୍ଧରେ ପାଉଲଙ୍କ ଆଲୋଚନା । (ରୋମ ୮ : ୭ - ୧୦)

୬. ଆତ୍ମୀଳ ଦାନ ସମ୍ବନ୍ଧରେ ପାଉଲଙ୍କର ଆଲୋଚନା । (୧ କରନ୍ତି ୧୨ : ୪ - ୬)

୭. ଯାତ୍ରା ନିମନ୍ତେ ପାଉଲଙ୍କ ଜଯନା । (୨ କରନ୍ତି ୧ : ୨୧ - ୨୨)

୮. ପାଉଲଙ୍କ ଆଶୀର୍ବାଦ । (୨ କରନ୍ତି ୧୩ : ୧୪)

୯. ସମ୍ପୂର୍ଣ୍ଣକାଳ ସମ୍ବନ୍ଧରେ ପାଉଲଙ୍କ ଆଉଚନା । (ଗାଲାତୀୟ ୪ : ୪ - ୬)

୧୦. ପିତାଙ୍କ ନିକଟରେ ପାଉଲଙ୍କ ପ୍ରଶଂସାନୀ ପ୍ରାର୍ଥନା । (ଏଫିସିୟ ୧ :୩ - ୧୪)

୧୧. ପୁରାତନ ପ୍ରେମ ଠାରୁ ବଞ୍ଚିତ ବିଜାତିଙ୍କ ସମ୍ବନ୍ଧରେ ପାଉଲଙ୍କ ଆଲୋଚନା (ଏଫିସିୟ ୨ : ୧୮)

୧୨. ଏକ ଈଶ୍ୱର, ସମ୍ବନ୍ଧରେ ପାଉଲଙ୍କର ଆଲୋଚନା (ଏଫିସିୟ ୪ : ୪ - ୬)

୧୩. ଈଶ୍ୱରଙ୍କ ଦୟା ସମ୍ବନ୍ଧରେ ପାଉଲଙ୍କ ଆଲୋଚନା । (ତିତସ୍ ୩ : ୪ - ୬)

୧୪. ପିତରଙ୍କ ପରିଚୟ । (୧ ପିତର ୧ : ୨)

ତ୍ରିଏକ ସମ୍ବନ୍ଧିୟ ବିଶେଷ ଆଲୋଚନା । ଯୋହନ ୧୪ : ୨୬ ରେ ଉଲ୍ଲେଖ କରାଯାଇଛି ।

**୫:୮ "ଜଳ ଆତ୍ମା ଏବଂ ରକ୍ତ ସେମାନେ ତିନି ଗୋଟି ପରସ୍ପର ସହମତି ଅଟନ୍ତି"** । ଏହି ଘଟଣାକୁ ପ୍ରମାଣ କରିବା ନିମନ୍ତେ, ପୁରାତନ ନିୟମ ଠାରୁ ଗୋଟିବା ତିନିଟି ସାକ୍ଷି ଆବଶ୍ୟକତା ଥିଲା । (୨ ବିବରଣୀ ୧୭:୬, ୧୯:୧୫). ଏଠାରେ ଯୀଶୁଙ୍କ ଐତିହାସିକ ଘଟଣା ଓ ଜୀବନମାନ ତାହାଙ୍କ ସମ୍ପୂର୍ଣ୍ଣ ମନୁଷ୍ୟତ୍ୱକୁ ଏବଂ ଈଶ୍ୱରତ୍ୱର ସାକ୍ଷ୍ୟ ଦେଉ ଥାଏ । ଏହି ପଦରେ ଜଳ ଏବଂ ରକ୍ତକୁ ପୁନରର୍ବାର ପବିତ୍ର ଆତ୍ମାଙ୍କ ସହିତ ଜଡ଼ିତ କରାଯାଇଛି । ଏହି ଶବ୍ଦ :- ଜଳ ଓ ରକ୍ତକୁ ୬ ପଦରେ ଉଲ୍ଲେଖ କରାଯାଇଛି । ପବିତ୍ର ଆତ୍ମା ଯୀଶୁଙ୍କ ବାପ୍ତିସ୍ମ ବୋଲି ଦର୍ଶାଯାଇଥାଏ । କାରଣ ଏହା ଉର୍ଦ୍ଧ୍ୱର ଆଗତ ହୋଇଛି । ସେଠାରେ ଏହି ଐତିହାସିକ ତିନି ବ୍ୟକ୍ତି ବିଶିଷ୍ଟ ପରସ୍ପରର ପ୍ରତି ନିଧୀତ୍ୱକୁ କେନ୍ଦ୍ର କରି କେତେକ ବ୍ୟକ୍ତି ଏହି ସତ୍ୟତାକୁ ଅଗ୍ରାହ୍ୟ କରନ୍ତି । ସେମାନେ ମିଥ୍ୟା ଶିକ୍ଷକଙ୍କ ସଂପୃକ୍ତ ହୋଇ ଯୀଶୁଙ୍କୁ ଓ ତାଙ୍କ ମାନବତ୍ୱଙ୍କୁ ତ୍ରିରସ୍କାର କରନ୍ତି ।

**୫ : ୯ "ଯଦି"** ପ୍ରଥମତଃ ଏହି ବାକ୍ୟ ସର୍ତ୍ତ ମୂଳକ ଅଟେ । ଯାହା ସତ୍ୟତାକୁ ଲେଖଙ୍କ ଠାରୁ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ଅଟେ । କିମ୍ଵା ତାହାଙ୍କ ଆକ୍ଷରିକ ଉଦ୍ଦେଶ୍ୟ ଯୋହନ ମଣ୍ଡଳିକୁ ପତ୍ର ଲେଖିଥିଲେ । ଯେଉଁ ସମୟରେ ମଣ୍ଡଳି ମଧ୍ୟରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର ନାସ୍ତିବାଚକ ମାନଙ୍କ ଦ୍ୱାରା ପ୍ରବାହିତ ହୋଇ ଥିଲା ।

■ **"ଆମେ ଯଦି ମନୁଷ୍ୟର ସାକ୍ଷ୍ୟକୁ ଗ୍ରହଣ କରିଥାଉ, ପରମେଶ୍ୱରଙ୍କର ସାକ୍ଷ୍ୟ ଯେ କେତେ ମହାନ୍ ଅଟ"** ଈଶ୍ୱର ସମ୍ବନ୍ଧିୟ ସାକ୍ଷ୍ୟ ତଳ ବାକ୍ୟରେ ଦର୍ଶାଯାଇଛି ।

୧. ପବିତ୍ର ଆତ୍ମାଙ୍କ ସାକ୍ଷ୍ୟ ।

୨. ପୃଥିବୀରେ ଯୀଶୁ ଜୀବନ ଏବଂ ମୃତ୍ୟୁ ବିଷୟରେ ପ୍ରେରିତ ମାନଙ୍କର ସାକ୍ଷ୍ୟ ।

■ **"ସେ ନିଜ ପୁତ୍ର ସମ୍ବନ୍ଧରେ ସାକ୍ଷ୍ୟ ଦେଇଛନ୍ତି"** ଏହା ସମ୍ପୂର୍ଣ୍ଣ କାର୍ଯ୍ୟକୁ ପ୍ରକାଶିତ କରି ଥାଏ । ପୂର୍ବରୁ ସେ ଚରଣ ସିମାରେ ପହଞ୍ଚିଲେ ଏବଂ ବାସ କଲେ । ଯୀଶୁଙ୍କ ବାପ୍ତିସ୍ମ ସମାଚାର ପରମେଶ୍ୱରଙ୍କ କହିଥିବା ବାଣି ପୂର୍ଣ୍ଣ ହୋଇଥିଲା । (cf. ମାଥିଉ ୩ : ୧୭)

ତାହାଙ୍କ ରୂପାନ୍ତରିତ କରଣ (ମାଥିଉ ୧୭ :୫ ଯୋହନ ୫ : ୩୨, ୩୭ : ୮ : ୧୮)

ଉବୟ ବାକ୍ୟ ଧ୍ୟାନ ଦିଅନ୍ତୁ । (ଉଦା :- ଯୋହନ ସୁସମାଚାର)

ବିଶେଷ ବିଷୟ ଯୋହନ ପୁସ୍ତକରେ ଯୀଶୁଙ୍କ ସାକ୍ଷ୍ୟ ଯୋହନ ୧ : ୮

**୫ : ୧୦ "ସେ ନିଜ ନିଜର ସାକ୍ଷ୍ୟ ଅଟନ୍ତି"** ଏହି ବାକ୍ୟକୁ ଦୁଇଟି ଉପାୟ ମଧ୍ୟରେ ଅନୁବାଦ କରାଯାଇ ପାରେ ।

୧. ବିଶ୍ୱାସି ମଧ୍ୟରେ ପବିତ୍ର ଆତ୍ମାଙ୍କ ଅନ୍ତରସ୍ଥ ସାକ୍ଷ୍ୟ, (ରୋମୀ ୮ : ୧)

୨. ସତ୍ୟର ସୁସମାଚାର । (ପ୍ରକାଶିତ ୬ : ୧୦, ୧୨ : ୧୭, ୧୪ : ୧୦)

ବିଶେଷ ବିସୟ ଦେଖିବା :- ଯୀଶୁଙ୍କର ସାକ୍ଷି ହେବା (ଯୋହନ ୧ : ୧୮)

■ **"ତାଙ୍କୁ ମିଥ୍ୟା ଆରୋପ କରିଛନ୍ତି"** । ଏହା ଅନ୍ୟ ଏକ ସିଦ୍ଧ ସଂକେତ ପୂର୍ଣ୍ଣ ବାକ୍ୟ :- ଯେତେ ଲୋକ ପ୍ରେରିତମାନଙ୍କ ସାକ୍ଷ୍ୟରେ ଯୀଶୁଙ୍କୁ ଆଶ୍ରୟ କଲେ । ସେମାନେ ସମସ୍ତେ ଈଶ୍ୱରଙ୍କୁ ଆଶ୍ରୟ କଲେ । (୧୨) କାରଣ ସେମାନେ ସଦାପ୍ରଭୁଙ୍କୁ ମିଥ୍ୟା ଆରୋପ କଲେ ।

■ **"କାରଣ ସେ ବିଶ୍ୱାସ କଲେ ନାହିଁ"** । ଏହା ଅନ୍ୟ ଏକ ସଂମ୍ପୁର୍ଣ୍ଣ ସଂକେତ ପୂର୍ଣ୍ଣ ବାକ୍ୟ ଯେଉଁ ଥିରେ କି ଅସୃଷ୍ଟି କରିବାର ସମାଧାନ ବିଷୟରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

**୫ : ୧୧ - ୧୨ "ସଦାପ୍ରଭୁ ଆମ୍ଭଙ୍କୁ ଅନନ୍ତ ଜୀବନ ପ୍ରଧାନ କରିଛନ୍ତି"** :- ଏଠାରେ ପୂର୍ବ କାର୍ଯ୍ୟ ସଂମ୍ପୂର୍ଣ୍ଣ କାର୍ଯ୍ୟ ବିଷୟରେ ଉଲ୍ଲେଖିତ ହୋଇଛି । (ଯୋହ- ୩:୧୬) ଯୋହନ । ୭:୩ ଅନନ୍ତ ବିଷୟରେ ବର୍ଣ୍ଣନା କରାଯାଇଛି । ଅନ୍ୟ କେତେକ ସ୍ଥାନରେ ଏହି ବାକ୍ୟ ଯୀଶୁଙ୍କ ଯୋନ୍ତିତ କରାଯାଇଛି । (୧ : ୨ ୫ ; ୨୦) ଅନ୍ୟ ପକ୍ଷରେ ଏହା ସଦାପ୍ରଭୁଙ୍କର ଦାନ ଅଟେ । (୨ : ୨୫ ୫ : ୧୧ ଯୋହ ୧୦ : ୨୦) ଯାହା ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାର ପ୍ରାପ୍ତ ହୋଇଛୁ । (୫:୧୩ ଯୋହ : ୩ : ୧୬) ପୁତ୍ରଙ୍କ ଠାରେ ବିଶ୍ୱାସ ବିନା ପିତାଙ୍କ ସହିତ ବନ୍ଧୁତ୍ୱ କରାଯାଏ ନାହିଁ ।

**ଏନ୍. ଏ. ଏଶ୍. ବି ୧ ଯୋହନ : ୫ : ୧୩ - ୧୫**

ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ ତୁମ୍ଭେମାନେ ଯେପରି ଜାଣ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି । ୧୪ ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ୧୫ ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହାକିଛି ପ୍ରାର୍ଥନା କରୁ, ତାହାହେଲେ ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଚାମୁରେ ଯାହା କିଛି ପ୍ରାର୍ଥନା କରିଅଛ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।

■ **୫ : ୧୩ "ନାମରେ ବିଶ୍ୱାସ"** :- ଏଠାରେ ବିଶ୍ୱାସ କ୍ରମାଗତ ଉପରେ ଗୁରୁତ୍ୱ ଦିଆଯାଇଅଛି, ଏହା ଏକ କୌତୁକ ନୁହେଁ କିମ୍ବା ରହସ୍ୟମାନ ଭାବରେ ଏହି ନାମକୁ ବ୍ୟବହାର କରାଯାଇଛି । (ଯେପରି ଯିହୁଦିମାନଙ୍କ ରହସ୍ୟ ମାନ ଗୁଡ଼ିକ ସଦାପ୍ରଭୁଙ୍କ ନାମ ଗୁଡ଼ିକ କାବାଲାହା) କିନ୍ତୁ ପୁରାତନ ନିୟମରେ ଏହି ନାମକୁ ବ୍ୟକ୍ତି ବଦଳରେ ବ୍ୟବହାର କରାଯାଇଛି । ଦେଖନ୍ତୁ :- ଯୋହନ ୨ : ୧୩

